ଘାସଫୁଲ

ଷୋଡ଼ଶ ବର୍ଷ ଚତୁର୍ଥ ସଂଖ୍ୟା ପାର୍ବଣ - ୨୦୨୫
16th Year 4th Issue Parban -2025

ପ୍ରତିଷ୍ଠାତା ସମ୍ପାଦକ: **ବିଷ୍ଣୁ ସେଠୀ**

ସଂପାଦିକା : **ଉର୍ମିଳାରାଣୀ ପାଣିଗ୍ରାହୀ**
ଅତିଥି ସଂପାଦକ : **ସୂର୍ଯ୍ୟବଂଶୀ ସୂରଜ**

ସୃଜନୀ ସମ୍ପାଦକ : **ଅଭୟ ଦ୍ୱିବେଦୀ**

ନିର୍ବାହୀ ସଂପାଦକ: **ବ୍ୟୋମକେଶ ସେନାପତି**
କଳା-ସଂପାଦକ : **ଚୂଡ଼ାମଣି ଦାସ**

ଅକ୍ଷର ସଜ୍ଜା : **ମା' ସନ୍ତୋଷୀ କମ୍ପ୍ୟୁଟର**
ମୁଦ୍ରଣ : **ରିକି ପ୍ରମୋଟର**



ଅହ୍ୟ ପ୍ରଭୃତିମେ ନାମ ଦୁର୍ଗେତି ଖ୍ୟାତିମେଷ୍ୟତି
ଦୁର୍ଗଦୈତସ୍ୟ ସମରେ ପାତନାବତି ଦୁର୍ଗମାତ୍
ଯେ ମାଂ ଦୁର୍ଗାଂ ଶରଣାଃ ନ ତେଷାଂ ଦୁର୍ଗତି କ୍ୱଚିତ୍ ।

ଯୋଗାଯୋଗ : କୁଆଁସ, ଭଦ୍ରକ - ୭୫୬୧୦୦
ମୋ: ୯୪୩୭୧୯୩୫୦, ୯୯୩୭୬୧୧୨୮
E-mail: ghasaphula02@gmail.com

ମୂଲ୍ୟ
୧୦୦ଟଙ୍କା ମାତ୍ର



ଝିଅ

(୧)

ଅଂଧାର ରାତିରେ ଯିବୁନି ଲୋ ଝିଅ
ମାଉଁସ ରାକ୍ଷାସ ଜଗିଛି;
ଜାମୁକୋଳି ଗଛ ପାଖ ଯିବୁନି ଲୋ ଝିଅ
ନଈରେ କୁମ୍ଭୀର ଜଗିଛି ॥
[ଫାଳେ ଅଂଧାର ଓ
ଫାଳେ ଆଲୁଅର ମଧ୍ୟବିନ୍ଦୁରେ
ରାସ୍ତାକଡ଼ ଫେରିବାଲା ଡ୍ରେସ୍‌ପରି
ଝୁଲୁଥାଏ ଛିଣ୍ଡା ଫ୍ରକ୍‌ଟିଏ
ପାଦଚଲା ଜଙ୍ଗଲୀ ରାସ୍ତାରେ ॥]

(୨)

ଫିଜିକ୍ସ ସାରେ ଯେତେ ସାକୁଲେଇଲେ
ପାଖକୁ ଏକାକୀ ନ ଯିବୁ ;
ବହିପାଠ ସିଏ ପଢ଼ାଉ ପଢ଼ାଉ
କରି ଦେଇଥିବେ କାବୁ ।
[ଦେବଦେବୀଙ୍କୁ ସାକ୍ଷୀରଖି
କେବେକେବେ ବିବାହିତ ମଣିଷ ବି ପିନ୍ଧାଏ
ଅର୍କ ନୂଆ ଅଦ । ସିଂଥିରେ
ଫୁଟ୍‌ପାଥର ରେଂଚାଏ ସିନ୍ଦୂର ॥]

(୩)

ରାସ୍ତାଘାଟରେ ଗଲାବେଳେ ଝିଅ
ଚାହିଁବୁନି କେବେ କଣେଇ;
ଚାହିଁଥିବୁ ଯେଣେ ଫସିଯିବୁ ତେଣେ
ସବୁସୁଖ ଯିବ ଅଣେଇ ॥
[ଆଇନା ସାମ୍ନାରେ ପଚାରି ପଚାରି
ଥକିଯାଏ ନିଜ ଆଖି
'ସତେ ମୁଁ କେତେ ଯେ ସୁନ୍ଦରୀ'
ରାସ୍ତା କିନ୍ତୁ ସବୁ ଜାଣିଶୁଣି
ନୀରବ ରହିଲା ପୋଲିସ ସାମ୍ନାରେ ॥]

(୪)

ଯେଉଁ କାଠ ଶୁଖି ଶୁଖି ଥିଲେ
ନିଆଁ ଛୁଇଁଦେଲେ ଜଳଇ;
ବଢ଼ିଲା ଝିଅ ତ ଘିଅ କାଠ ପରି
ବଉଁଶ, ବୟସ କି ମାନଇ ॥
[କାଠ ଘିଅ ଅପେକ୍ଷାରେ ଥାଏ
ଜଳି ଜଳି ଯିବା ପାଇଁ
ଘିଅ କିନ୍ତୁ କାଠକୁ ମନା କରୁଥାଏ
ଥରଥର କଣ୍ଠ ଓ ହାତରେ
ଜଳିଜଳି
ତାକୁ ନ ଜାଳନ୍ତୁ କେହି ॥]

(କବିଙ୍କର ସଦ୍ୟତମ ପ୍ରକାଶିତ 'ଆଲୋମୟ ଅପ୍ସରା' ସଙ୍କଳନରୁ ସଂଗୃହୀତ)



ଉର୍ମିଳାରାଣୀ ପାଣିଗ୍ରାହୀ

ଜୀବନରେ ଯନ୍ତ୍ରଣାର ଉପଶମ ହେଉ

ମା ଆସୁଛନ୍ତି । ବର୍ଷରେ ଥରେ । ମା'ଙ୍କୁ ସ୍ୱାଗତ କରିବା ପାଇଁ ପ୍ରକୃତି ନାନା ରଙ୍ଗରେ ନିଜକୁ ସଜେଇଲାଣି । ଚାରିଆଡ଼େ ଆନନ୍ଦ ଉଲ୍ଲାସ । କିନ୍ତୁ ତାହାରି ଭିତରେ ଅସହାୟ ବୁଭୁକ୍ଷୁର ଚିତ୍କାର, ଯୁଦ୍ଧର ଘନଘଟା ଆକ୍ରମଣରେ ଜୀବନ୍ତ ଦଗ୍ଧ ହେଉଥିବା ଶିଶୁଙ୍କର ଆର୍ତ୍ତନାଦ ପ୍ରାଣରେ କରୁଣ ଶିହରଣ ସୃଷ୍ଟି କରୁଛି ।

ମହାନ ଦାର୍ଶନିକ ବର୍ଟାଣ୍ଡ ରସେଲ 'ଆତ୍ମଜୀବନୀ'ର ମୁଖବନ୍ଧରେ ଏହି ମର୍ମରେ 'ମୋ ଜୀବନର ସାରମର୍ମ' ଶୀର୍ଷକରେ ଉଲ୍ଲେଖ କରିଛନ୍ତି – 'ପ୍ରେମ-ଆକାଂକ୍ଷା, ଜ୍ଞାନ-ଅନ୍ୱେଷା ଏବଂ ମାନବଜାତିର ଦୁଃଖ ପାଇଁ ଅସହ୍ୟ କରୁଣା : ଏହି ତିନୋଟି ସରଳ ଅଥଚ ଅତ୍ୟନ୍ତ ଶକ୍ତିଶାଳୀ ଆବେଗ ମୋ ଜୀବନକୁ ପରିଚାଳିତ କରିଛି । ଏହି ଭାବାବେଗ ମହାବାତ୍ୟା ପରି ମୋତେ ବାରମ୍ବାର ଦୋହଲାଇ ଦେଇ ଯନ୍ତ୍ରଣାର ମହାସାଗର ଓ ହତାଶାର ଚରମସୀମାରେ ପହଞ୍ଚାଇ ଦେଇଛି ।

ମୁଁ ପ୍ରଥମେ ପ୍ରେମର ସନ୍ଧାନ କରିଛି ; କାରଣ କିଛି ମୁହୂର୍ତ୍ତର ପ୍ରେମାନନ୍ଦ ଅବଶିଷ୍ଟ ସାରା ଜୀବନରେ ସାର୍ଥକତା ଭରିଦିଏ । ଋଷି ଓ କବିମାନେ ଯେଉଁ ରହସ୍ୟମୟ ସ୍ୱର୍ଗର ପରିକଳ୍ପନା କରିଛନ୍ତି, ପ୍ରେମର ମହାମିଳନରେ ତାହାର ଦର୍ଶନ ସମ୍ଭବ ହୁଏ । ମାନବ ଜୀବନ ପାଇଁ ଅବାସ୍ତବ ମନେହେଉଥିଲେ ହେଁ, କିଛି ମାତ୍ରାରେ ମୁଁ ଏହାର ଝଲକ ଦେଖିଛି । ମୋ ଜୀବନ ଚରିତାର୍ଥ ହୋଇଛି ।

ସମାନ ଆଗ୍ରହରେ ମୁଁ ଜ୍ଞାନର ସନ୍ଧାନ କରିଛି । ମଣିଷର ହୃଦୟକୁ ବୁଝିବା ପାଇଁ ପ୍ରୟାସ କରିଛି । ତାରାମାନେ ରାତିରେ କାହିଁକି ଚମକନ୍ତି ତାହା ଜାଣିବାକୁ ଚାହିଁଛି । ଯେଉଁ ପାଇଥାଗୋରିଆ ଶକ୍ତି , ସଂଖ୍ୟାର ପ୍ରବାହକୁ ପ୍ରଭାବିତ କରିଥାଏ, ତାହାର ଅନ୍ୱେଷା କରିଛି । ଏଥିରୁ ଆଦୌ ବେଶୀ ନୁହେଁ, ମାତ୍ର କାଣିଚାଏ ହାସଲ କରିଛି । ମୋ ଜୀବନ

ଧନ୍ୟ ହୋଇଛି ।

ପ୍ରେମ ଏବଂ ଜ୍ଞାନ ଯଥାସମ୍ଭବ ମୋତେ ସ୍ୱର୍ଗକୁ ବାଟ କଢ଼େଇଛନ୍ତି । କିନ୍ତୁ ଅନୁକମ୍ପା ପୁଣି ମୋତେ ସଂସାରକୁ ଟାଣି ଆଣିଛି । ଯନ୍ତ୍ରଣା ଆତୁର କ୍ରନ୍ଦନର ପ୍ରତିଧ୍ୱନି ମୋ ହୃଦୟକୁ ବିଗଳିତ କରିଛି । ଦୁର୍ଭିକ୍ଷ ପ୍ରପୀଡିତ ଶିଶୁ, ଦୁର୍ବଳ ଉପରେ ଶକ୍ତିଶାଳୀର ଅତ୍ୟାଚାର,ଅସହାୟ ବୃଦ୍ଧ ପିତାମାତାଙ୍କୁ ବୋଝ ମଣୁଥିବା ସନ୍ତାନ, ନିଃସଙ୍ଗତା, ଦାରିଦ୍ର୍ୟ ଓ ଯନ୍ତ୍ରଣାର ସାମଗ୍ରୀକ ଚିତ୍ର -ଜୀବନକୁ ସର୍ବଦା ପରିହାସ କରିଛି । ଏହା ଦୂର କରିବା ପାଇଁ ସତତ ପ୍ରୟାସ କରିଛି, କିନ୍ତୁ ପାରିନାହିଁ । ତେଣୁ ମୁଁ ମଧ୍ୟ ଯନ୍ତ୍ରଣାରେ ଆତୁର ହୋଇଛି ।'

ଏହା କେବଳ ଶାନ୍ତିର ଜନକ ବର୍ଟାଣ୍ଡ ରସେଲଙ୍କ ଜୀବନର ଉକ୍ତି ନୁହେଁ; ଏହା ହେଉଛି ମାନବଜାତିର ଭାଗ୍ୟ । ଏହି ପରିପ୍ରେକ୍ଷୀରେ ଶକ୍ତିମୟୀ ମା ସ୍ମରଣକୁ ଆସନ୍ତି । ତାଙ୍କରି କୃପାରେ ମଣିଷର ସଦ୍‌ବୁଦ୍ଧି ଜାଗ୍ରତ ହେଉ, ଜୀବନରେ ଯନ୍ତ୍ରଣାର ଉପଶମ ହେଉ, ଏତିକି ପ୍ରାର୍ଥନା ।

ଏହି ପାର୍ବଣ ସଂଖ୍ୟା 'ଘାସଫୁଲ' ଅନେକ ଦୃଷ୍ଟିରୁ ସ୍ୱତନ୍ତ୍ର । ଏଥିରେ ଦୁଇଟି କ୍ଲାସିକ ଇଂରାଜୀ ପୁସ୍ତକର ଓଡ଼ିଆ ମର୍ମାନୁବାଦ ରହିଛି । ନୋବେଲ ବିଜେତା ହରମାନ୍ ହେସ୍‌ଙ୍କ ବିଶ୍ୱବିଦିତ ଉପନ୍ୟାସ 'ସିଦ୍ଧାର୍ଥ' ଏବଂ ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ଓଡ଼ିଶାରେ ଦେଶୀୟ ରାଜ୍ୟ ସମ୍ମିଶ୍ରଣର ମୌଳିକ ଐତିହାସିକ ଦସ୍ତାବିଜ୍ 'Beginning of the End' । ଆଶା, ପାଠକମହଲରେ ଏହା ଆଦୃତି ଲାଭ କରିବ ।

'ଘାସଫୁଲ' ପତ୍ରିକା ହେଉଛି କବି ବିଷ୍ଣୁବାବୁଙ୍କ ପ୍ରାଣର ମହକ । ଅତୀନ୍ଦ୍ରିୟ ଶୂନ୍ୟଭୂମିରେ ସେ ଏହି ମହକରେ ଆହ୍ଲାଦିତ ହେଉଥିବେ । ସେପ୍ଟେମ୍ବର ୧୯ ତାରିଖ ପୁଣ୍ୟତିଥିରେ ବିଷ୍ଣୁବାବୁଙ୍କ କବିତା ସଂକଳନ 'ଆଲୋମୟ ଅପ୍ସରା' ଲୋକାର୍ପିତ ହେବ । ପ୍ରତି ବର୍ଷ ସେହି ପାବନ ତିଥିରେ 'ଘାସଫୁଲ' ପାର୍ବଣ ସଂଖ୍ୟା ପ୍ରକାଶ ପାଇବ । ପ୍ରତିଷ୍ଠାତାଙ୍କ ଉଦ୍ଦେଶ୍ୟରେ ତାହା ହେବ 'ଘାସଫୁଲ'ର ବିନମ୍ର ଶ୍ରଦ୍ଧାଞ୍ଜଳି ।

ପାର୍ବଣ ସଂଖ୍ୟା ପାଇଁ ବହୁ ଉପାଦେୟ ଲେଖା ପାଇଛୁ । କିନ୍ତୁ ସୀମିତ କଳେବର ଦୃଷ୍ଟିରୁ ସବୁଗୁଡ଼ିକୁ ସ୍ଥାନିତ କରିବା ସମ୍ଭବ ହୋଇନାହିଁ । ସେଥିପାଇଁ କ୍ଷମା ପ୍ରାର୍ଥନା କରୁଛି । ପରବର୍ତ୍ତୀ ସଂଖ୍ୟାରେ ସେଗୁଡିକ ପ୍ରକାଶ ପାଇବ ।

ସମସ୍ତଙ୍କୁ ଶାରଦୀୟ ଅଭିନନ୍ଦନ ଜ୍ଞାପନ କରୁଛି ।

ଉର୍ମିଳା ରାଣୀ ପାଣିଗ୍ରାହୀ

❐



ଅଭୟ ଦ୍ୱିବେଦୀ

'ହେ ମା ! ମୋତେ ମନୁଷ୍ୟ କର'

ସ୍ୱାମୀ ବିବେକାନନ୍ଦଙ୍କ ରଚିତ 'ସ୍ୱଦେଶ ମନ୍ତ୍ର'ର ଅନ୍ତିମ ବାକ୍ୟ ହେଉଛି - 'ହେ ଗୌରୀନାଥ, ହେ ଜଗଦମ୍ବେ ! ମୋତେ ମନୁଷତ୍ୱ ଦିଅ । ମା ! ମୋର ଦୁର୍ବଳତା, କାପୁରୁଷତା ଦୂର କର । ମୋତେ ମନୁଷ୍ୟ କର ।'

ସନ୍ତାନ ମା'ଙ୍କୁ ଆକୁଳ ସ୍ୱରରେ ପ୍ରାର୍ଥନା କରୁଛି - ମୋର ସମସ୍ତ ଦୁର୍ବଳତା ଦୂର କରି ମୋତେ ମନୁଷ୍ୟ କର । ଏହାର ଦୁଇଟି ଅର୍ଥ - ସନ୍ତାନର ପ୍ରଚଣ୍ଡ ବିଶ୍ୱାସ, ମା ତା ପାଖରେ ଅନବରତ ଅଛନ୍ତି, ତା'ର ଭକ୍ତିପୂତ ପ୍ରାର୍ଥନା ଶୁଣୁଛନ୍ତି ଏବଂ ମା'ଙ୍କ ଆଶିଷରୁ ଜୀବନର ଯାବତୀୟ ଦୁର୍ବଳତା ଦୂର ହେଲେ ସେ ମଣିଷ ହେବ । ସମୁଦ୍ର ବେଳାରେ ବାଲିରେ ଘର ତିଆରି କରୁଥିବା ବାଳୁତଟିର ବିଶ୍ୱାସ, ଉତ୍ତାଳ ତରଙ୍ଗ ଗର୍ଜନ କରି ତା ଆଡକୁ ମାଡ଼ି ଆସିଲେ, ମା' ତାକୁ କୋଳେଇ ନେବ । ଝାଡିଝୁଡି ସଫା କରିଦେବ । ଉଜୁଡି ଯାଇଥିବା ବାଲିଘର ଓ ତରଙ୍ଗର ଧର୍ମ ସଂପର୍କରେ ପଦୁଟିଏ କହିଦେଲେ, ସେ ଆଶ୍ୱସ୍ତ ହୋଇଯିବ । ତା'ର ସମସ୍ତ ଦୁର୍ବଳତା ଦୂର ହୋଇଯିବ ।

କିନ୍ତୁ ସଂସାର ଜଂଜାଳରେ ବାନ୍ଧି ହୋଇ ଅଣନିଶ୍ୱାସୀ ହୋଇଯାଉଥିବା ଆମମାନଙ୍କର ମା'ଙ୍କ ଉପରେ କେତେ ବା' ବିଶ୍ୱାସ ରହିଛି ! ପ୍ରତି ମୁହୂର୍ତ୍ତରେ ଅବିଶ୍ୱାସ । ବିଶ୍ୱାସ ଥାପିବାକୁ ଯାଉଥିବାବେଳେ ପରାକ୍ରମୀ 'ଅହଂ' ବାଟ ଓଗାଳିଥାଏ । ଅବିଦ୍ୟାର ବିନ୍ଦୁଟିଏ ଜଳ, ମହାସାଗର ପାଲଟିଯାଏ । ପ୍ରତି ମୁହୂର୍ତ୍ତରେ ମା ଆଶ୍ୱାସନା ଦେଉଛନ୍ତି - ମୁଁ ତୋ ପାଖରେ ଅଛି । ଦେଖ ରାତି ପାହି ପାହି ଆସୁଛି । ତଥାପି ସଂଶୟର ବଳୟକୁ ଏଡେଇବା ସମ୍ଭବ ହୁଏନି । ଅହଂ ପୁଣି ପ୍ରଶ୍ନ କରେ - କିଏ ବିଶ୍ୱାସର ଯୋଗ୍ୟ ? ଏକ ଅପରିଚିତ ଇଲାକାର ଧ୍ୱନି ନା ନିକଟତମ ଘନିଷ୍ଠ ବାସ୍ତବତା ? ଅଜ୍ଞେୟ ମା ନା ନିଜେ ବ୍ୟକ୍ତି ?

ଅହଂ ବିଶ୍ୱାସକୁ ଅସ୍ୱୀକାର କରେ । ବିଚାରକୁ ଦିଗ୍‌ଭ୍ରଷ୍ଟ କରି ଚିନ୍ତା ଓ ଚେତନା

ଉପରେ ଅଜ୍ଞାନ କୁହୁଡିର ଆସ୍ତରଣ ଢ଼ାଙ୍କିଦିଏ । ସମର୍ପଣ ଭାବକୁ ଦୁର୍ବଳ ଏବଂ ପରାସ୍ତ ବ୍ୟକ୍ତିର ଲକ୍ଷଣ ବୋଲି ଚିହ୍ନେଇ ଦିଏ ।

ଯିଏ ଯାବତୀୟ କର୍ମ ବନ୍ଧନ ଓ ତା'ର ଆକର୍ଷଣକୁ , ମନପ୍ରାଣ ଶରୀରର ପ୍ରବଳ ପ୍ରଲୋଭନକୁ, ଅହଂର ଆସ୍ଫାଳନକୁ ପ୍ରତିରୋଧ କରି ନିଜକୁ ଓ ନିଜର ସମସ୍ତ ଅର୍ଜନକୁ ସମର୍ପଣ କରିଦିଏ, ସେ କିପରି ଦୁର୍ବଳ ହୋଇପାରେ ? ଅର୍ପଣ କରିଦେବା ପାଇଁ ଯେଉଁ ସାହସ, ଶକ୍ତି , ଦୃଢ଼ତା ଓ ସଂକଳ୍ପର ପ୍ରୟୋଜନ, ତାହା ହୀନବଳର ଲକ୍ଷଣ ନୁହେଁ । ସମର୍ପଣ ଭାବର ସ୍ଥିରତା ହେଉଛି ଆକର୍ଷଣ ବିକର୍ଷଣର ସନ୍ତୁଳନ । ତାହା ଲୋଭ ନୁହେଁ କି ତ୍ୟାଗ ନୁହେଁ । ଲୋଭ ହେଲେ ନିମ୍ନପ୍ରାଣ, ତ୍ୟାଗ ହେଲେ କୃଚ୍ଛ ସଂଯମ । ସମର୍ପଣ ହେଉଛି ନିର୍ଲିପ୍ତତା, ଚରମ ଯୋଗ ସାମର୍ଥ୍ୟ । ସମର୍ପଣ ହେଉଛି ପରମ ନିଶ୍ଚଳତା ଓ ଶାନ୍ତି ଉପଲବ୍ଧିର ଚରମ ସ୍ଥିତି । ନିଜକୁ ସମର୍ପି ଦେବାର ଅସାଧାରଣ କ୍ଷମତା । ଏହି କ୍ଷମତା ହାସଲ କରିପାରିଲେ ପ୍ରାଣ ଏବଂ ମନର ସ୍ୱତନ୍ତ୍ର ଅଭିରୁଚିଗୁଡିକର ଶାନ୍ତିଭଙ୍ଗ କରିବାର ଆଉ କୌଣସି ସାମର୍ଥ୍ୟ ରହେନାହିଁ ।

ନିମ୍ନତର ଜୀବନର ବିକାଶ ନିମନ୍ତେ ଅହଂ ଅପରିହାର୍ଯ୍ୟ । କାରଣ ତାହା ହିଁ ହେଉଛି ଜଡ ମଧ୍ୟରୁ ଏକ ଚେତନାସଂପନ୍ନ ବ୍ୟକ୍ତିସତ୍ତାକୁ ସୃଷ୍ଟି କରିବାରେ ପ୍ରମୁଖ ସାଧନ । ତାହା ପ୍ରକୃତିର କ୍ରିୟା ଓ ପ୍ରକୃତିର ସଂସ୍କାର । ଏହି ଅହଂବୋଧ ମାନସିକ, ପ୍ରାଣିକ ଏବଂ ଦେହଗତ ପରିପୂର୍ଣ୍ଣତା ଓ ପରିତର୍ପଣକୁ ହିଁ ଜୀବନର ଅସଲ ଉଦ୍ଦେଶ୍ୟ ବୋଲି ବୁଝାଇଥାଏ । କିନ୍ତୁ ଉଚ୍ଚତର ଦିବ୍ୟ ଜୀବନର ଭୂମିକୁ ଉଠିବା ପାଇଁ ପ୍ରୟାସ କରିବା ମାତ୍ରେ ଅହଂର ସାମର୍ଥ୍ୟକୁ ହୁଗୁଳା କରିବାକୁ ପଡ଼ିଥାଏ । ଅହଂଗତ ଜଗତର ପାଚେରୀକୁ ଭାଙ୍ଗି ଦେବାକୁ ପଡ଼େ । ଯେଉଁ ବ୍ୟାପ୍ତତର ଓ ବିଶ୍ୱଗତ ସତ୍ତା , ଏହି ସବୁ କ୍ଷୁଦ୍ରତର ଅହଂକୁ ଧାରଣ କରି ରଖିଛି, ତାହାରି ମଧ୍ୟରେ ବିଲୀନ ହେବାକୁ ପଡ଼ିଥାଏ । ବ୍ୟକ୍ତି ଏବଂ ବିଶ୍ୱ ସେହି ଉଚ୍ଚତର ଓ ବ୍ୟାପ୍ତତର ପରମସତ୍ତାର ଗୋଟିଏ ଗୋଟିଏ ବିଭବ ହୋଇଥିବାରୁ ସେଗୁଡିକର ପରିପୂର୍ଣ୍ଣତା ଲାଗି ସେହି ସର୍ବୋଚ୍ଚ ସତ୍ତା ମଧ୍ୟରେ ସ୍ଥାନ ଅବଶ୍ୟ ରହିଥାଏ । ସେହି ପ୍ରକ୍ରିୟାରେ ବ୍ୟକ୍ତି ଆପଣା ଅହଂର ସୀମା ଅତିକ୍ରମ କରି ଅଜ୍ଞାନ, ଅସମର୍ଥତା,ସୌଷମ୍ୟହୀନତା ଏବଂ ଦୁଃଖ ଭିତରୁ ମୁକୁଳି ଆସିଲେ, ପରମ ଦିବ୍ୟ ଚେତନାକୁ ଆବିଷ୍କାର କରିବାର ମାର୍ଗ ପରିଷ୍କାର ହୋଇଯାଏ ।

ରତରତ ସଂଜବେଳେ ବ୍ୟକ୍ତିଟିଏ ବିଶ୍ରାମ ନେବାକୁ ଯାଉଛି, ଏହି ସମୟରେ ନିର୍ଦ୍ଦେଶ ଆସିଲା - ତୋତେ ଆଜି ରାତି ଭିତରେ ପର୍ବତର ଶିଖରରେ ପହଞ୍ଚିବାକୁ ହେବ । କୋଟି କୋଟି ବ୍ରହ୍ମାଣ୍ଡ ମଧ୍ୟରେ କାହାରି ପକ୍ଷେ ଏ ନିର୍ଦ୍ଦେଶ ଅମାନ୍ୟ ସମ୍ଭବ ନୁହେଁ । ସେ ତ ଛାର ମଣିଷଟିଏ । ଅନ୍ଧାର କିଟିକିଟି ରାତିରେ ଜଙ୍ଗଲ ରାସ୍ତାରେ ସେ କେମିତି ଏତେ ଦୂର ଯିବ ଏହା ଚିନ୍ତା କରିବା ମାତ୍ରେ, ତା ମନ ପ୍ରାଣ ସଙ୍କୁଚିତ ହୋଇଗଲା । ଚାରିଆଡ଼ ଅନ୍ଧାର ଦିଶିଲା । ସେହି ମୁହୂର୍ତ୍ତରେ ମନ ଭିତରେ ଏକ ଉପାୟ ଆସିଲା । ଯାତ୍ରା

ଆରମ୍ଭ ପୂର୍ବରୁ ଯୋଡ ହସ୍ତରେ ବିନତି କଲା - ହେ ପରମ ପାବନ ଅବାରିତ କରୁଣାର ମନ୍ଦାକିନୀ ! ମୋତେ ସହାୟ ହୁଅ । ମୋତେ କରୁଣା କର । ମୋ ସହିତ ରୁହ । ତୁମେ ଯଦି ମୋ ସାଥେ ସାଥେ ରହିବ,ଏ ଦୁର୍ବାର ଘନୀଭୂତ ତମିସ୍ରା ଭେଦ କରି ମୁଁ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବି । ତଥାସ୍ତୁ - ଏହିଭଳି ଆଶ୍ୱାସନା ଶୁଣିବା ମାତ୍ରେ ତା ମନପ୍ରାଣ ପୁଲକିତ ହୋଇଗଲା ।

ବ୍ୟକ୍ତିଟି ନିର୍ବିଘ୍ନରେ ଚାଲିଛି । ମନରେ ଅସୁମାରୀ ସାହସ । କେତେ ସମୟ ବିତିଗଲାଣି ଜଣା ନାହିଁ । ସିନ୍ଦୂରା ଫାଟିବାର ମୁହୂର୍ତ୍ତରେ ଦେଖିଲା - ସେ ପର୍ବତ ଶିଖରରେ ଉପନୀତ ହୋଇ ସାରିଛି । ଗଭୀର ସ୍ନେହ ଓ ଆଶ୍ୱାସନାରେ ତା ମନ ପ୍ରାଣ ଶିହରି ଉଠିଲା ।

ଅନ୍ଧାର ପରଦା ହଟିଯିବା ପରେ ପର୍ବତ ଶିଖରରୁ ପାଦଚଲା ରାସ୍ତାଟିଏ ଦୃଶ୍ୟମାନ ହେଲା । ଯାହା ଦେଖିଲା - ଉଦ୍‌ବେଗ୍ ଓ ଉତ୍‌କଣ୍ଠାରେ ପ୍ରାଣ ବ୍ୟାକୁଳ ହୋଇ ଉଠିଲା । ରାସ୍ତା ଆରମ୍ଭରୁ ଚାରୋଟି ପାଦ ଚିହ୍ନ ସ୍ପଷ୍ଟ ଦିଶୁଥିଲା । କିନ୍ତୁ ମଝିରେ ମଝିରେ ଦୁଇଟି ପାଦ ଚିହ୍ନ ଦେଖିବାକୁ ପାଇଲା । ଗ୍ଲାନିଜନିତ ଅସହାୟ ସ୍ୱରରେ କହିଲା - ହେ ମାତେ ! ତୁମେ ମୋତେ ଠକି ଦେଲ । ପଥ ଯେଉଁଠି ଦୁର୍ଗମ ଓ କଣ୍ଟକିତ,ଯେଉଁଠି ମୁଁ ତୁମକୁ ବେଶି ଚାହୁଁଥିଲି, ସେଇଠି ମୋତେ ଛାଡି ଚାଲିଗଲ !


ଯେଉଁ ମୁହୂର୍ତ୍ତରେ ସନ୍ଦେହ ଓ ଅବିଶ୍ୱାସର ପରଦା ଛାଇ ହୋଇଯାଏ, ସେତିକିବେଳେ ବିପରୀତ ମେରୁ କଂପିତ ହୁଏ ଏବଂ ସେ ଉତ୍ତର ଦିଅନ୍ତି । ଅନନ୍ତ ବ୍ୟାପ୍ତିମୟ ଆଲୋକ, ଧ୍ୱନିରେ ଉଦ୍‌ଭାସିତ ହୋଇ କହିଲେ -ନା ପୁତ୍ର ! ମୁଁ ତୋତେ କେବେ ଛାଡ଼ିନାହିଁ । ତୁ ଯେଉଁଠି ଦୁଇଟି ପାଦ ଦେଖୁଛୁ, ତାହା ମୋର । ତୁ ସେଇ ପଥରେ ଚାଲିଥିଲେ , କ୍ଷତବିକ୍ଷତ ହୋଇ ଯନ୍ତ୍ରଣାରେ ଚିତ୍କାର କରିଥାନ୍ତୁ । ସେଇଥିପାଇଁ ମୁଁ ତୋତେ କାନ୍ଧରେ ବସେଇଥିଲି ।

ଅନନ୍ତ ଦିଗ୍‌ବଳୟରୁ ଭାସି ଆସୁଥିବା ଏ କରୁଣାର ବାଣୀ ଚାରିଆଡେ ପରିବ୍ୟାପ୍ତ ହୋଇଗଲା । ଆକାଶବତ୍, ବାୟୁବତ୍ । ପ୍ରଚଣ୍ଡ ତା'ର ଶକ୍ତି । ସମସ୍ତ ସଂଶୟ, ଦ୍ୱନ୍ଦ୍ୱ, ହତାଶା କୁହୁଡ଼ି ପରି ଅପସାରିତ ହୋଇଗଲା । ଚାରିଆଡେ କରୁଣାର ବର୍ଷା । ସବୁଆଡେ ପରିପୂର୍ଣ୍ଣ ଭାବ । ସେଥିରେ ଅତିସିକ୍ତ କେବଳ ନତଜାନୁ ନିରବ ସମର୍ପଣ ବ୍ୟତିରେକେ ଆଉ କ'ଣ ବା କରିହୁଏ ? ସେତେବେଳେ ଆବିଷ୍କାର କରିହୁଏ; ଆମେ ଏକ ମୁକ୍ତ, କୋମଳ ଓ ବ୍ୟାପ୍ତିଯୁକ୍ତ ଇନ୍ଦ୍ରିୟଉର୍ଦ୍ଧ୍ୱଗତ ସାମର୍ଥ୍ୟର ଅଧିକାରୀ । ଆମେ ଆଉ ପ୍ରୀତିକର ବସ୍ତୁଜନିତ ଆନନ୍ଦ ବା ଅପ୍ରୀତିକର ବସ୍ତୁଜନିତ ଆନନ୍ଦ ସହିତ ବାନ୍ଧି ହୋଇ ରହିନାହୁଁ । ବରଂ ସେହି ପରମ କାରୁଣିକ ସତ୍ତା ସହିତ ରହିଥିବା ଯାବତୀୟ ସମ୍ବନ୍ଧକୁ ନେଇ ପୁଲକିତ ହୋଇଯାଉ । ସେତେବେଳେ ସକଳ ବସ୍ତୁକୁ ଶୁଦ୍ଧ ଜ୍ଞାନର ସକଳ ସ୍ୱଚ୍ଛତା ଦ୍ୱାରା ଅନୁଭବ କରିହୁଏ । ସମସ୍ତ ସଂବେଗ, ଚୈତ୍ୟ-ମନୋଗତ ଭୂମିର ପରିପୂର୍ଣ୍ଣତା ମଧ୍ୟକୁ ଉତ୍ତୋଳିତ ହୋଇଯାଏ ।

କୃପାର ସ୍ୱରୂପ କ'ଣ ? ସ୍ଥୂଳ ଭାଷାରେ - କୃପାର ପ୍ରଥମ ପରଶରେ ଗଭୀର ପୁଲକ-ବିସ୍ମୟ ସହିତ ଜ୍ଞାନର ଉଦୟ ହୁଏ । ଏହି ଦିବ୍ୟ କୃପା ମନୋମୟ ସତ୍ତାଟିକୁ ଏପରି ଏକ ସ୍ୱଚ୍ଛ ଦର୍ପଣରେ ପରିଣତ କରିଦିଏ, ଯାହା ମଧ୍ୟରେ ଦିବ୍ୟତାର ପ୍ରତିଫଳନ ସମ୍ଭବ ହୁଏ ; ଏପରି ଏକ ପ୍ରତିରୋଧହୀନ ପ୍ରବାହ ପଥରେ ପରିଣତ କରିଦିଏ, ଯାହା ମଧ୍ୟକୁ ଓ ଯାହାର ମଧ୍ୟ ଦେଇ ଦିବ୍ୟ କରୁଣା ଅଜାଡ଼ି ହୋଇ ପଡ଼େ ; ଏପରି ଏକ ସୂକ୍ଷ୍ମୀଭୂତ ଉପାଦାନରେ ପରିଣତ କରିଦିଏ କି ଦିବ୍ୟ ପ୍ରକୃତି ଆପଣା ହାତରେ ଏହି ମନୋମୟ ସତ୍ତାଟିକୁ ଗ୍ରହଣ କରି ଦିବ୍ୟ ଉଦ୍ଦେଶ୍ୟର ସାଧନ ଲାଗି ବ୍ୟବହାର କରିପାରେ । ସେତେବେଳେ ଆମେ ସେହି ଦିବ୍ୟ ସତ୍ତାକୁ ଆମରି ଭିତରେ ଆମ ସତ୍ତାର ଅଧିକାରୀ ରୂପେ ଅନୁଭବ କରୁ । ଆମର ସକଳ ଚେତନା ତାଙ୍କରି ଚେତନାରେ ପରିଣତ ହୋଇଯାଏ । ସକଳ ଜଗତ ତଥା ପ୍ରକୃତି କେବଳ ତତ୍‌ରୂପ ହୋଇ ପରିଦୃଷ୍ଟ ହେବାକୁ ଲାଗେ । ସେତେବେଳେ ବ୍ୟକ୍ତି, କ୍ରିୟାଶୀଳ ଏକତାର ପରିପୂର୍ଣ୍ଣତା ଓ ଆନନ୍ଦର ସର୍ବୋଚ୍ଚ ଉପଲବ୍ଧିରେ ରୂପାନ୍ତରିତ ହୋଇଯାଏ ଏବଂ ଜଗତ ଓ ଜୀବନ ଭିତରେ ଥିବା ସମସ୍ତ ପାର୍ଥକ୍ୟ ଦୂରୀଭୂତ ହୋଇଯାଏ ।

ଆମର ସକଳ ଜ୍ଞାନ ତଥା ସକଳ କୌଶଳ ଓ କ୍ରିୟାତ୍ମକତା ସେହି ପରମ କାରୁଣିକ ଶକ୍ତିଙ୍କ ଦ୍ୱାରା ପରିପୂର୍ଣ୍ଣ ହେଉଥାଏ । ସେହି ଶକ୍ତି ହେଉଛନ୍ତି ମାହେଶ୍ୱରୀ; ପରମ ଜ୍ଞାନର ଅଧିଷ୍ଠାତ୍ରୀ ଦେବୀ , ଯାବତୀୟ ଦୃଷ୍ଟି ଓ ସତ୍ୟର ପ୍ରଶସ୍ତତା ଏବଂ ଆଧ୍ୟାତ୍ମିକ ସଂକଳ୍ପର ଯଥାର୍ଥତା । ସେଇ ହେଉଛନ୍ତି ମହାଦୁର୍ଗା -ସକଳ ଶକ୍ତିମତ୍ତା, ଅଧ୍ୟାତ୍ମ ସାମର୍ଥ୍ୟ ଏବଂ ସକଳ ତପଶ୍ଚର୍ଯ୍ୟାର କଠୋରତମ ସାଧନା । ସେଇ ହେଉଛନ୍ତି ମହାଲକ୍ଷ୍ମୀ -ପରମ ପ୍ରେମ ଓ ଆନନ୍ଦର ଅଧିଶ୍ୱରୀ ଦେବୀ । ସେଇ ହେଉଛନ୍ତି ମହା ସରସ୍ୱତୀ - ଦିବ୍ୟ କୌଶଳ ଓ ପରମ ଚିଦ୍‌ଗତତାର ଅନନ୍ୟ ଯୋଗ , ଯେଉଁ ଯୋଗକୁ 'କର୍ମସୁ କୌଶଳମ୍' ଭାବେ ଅଭିହିତ କରାଯାଇଛି ।

ମା'ଙ୍କ କୃପାରୁ ସେହି ପରମ କାରୁଣିକ ଶକ୍ତି ଧରାପୃଷ୍ଠରେ ଉପଲବ୍ଧ ହେଉ, ଫଳରେ ଜଗତ ଓ ଜୀବନର ଯାବତୀୟ ଦୁର୍ବଳତା - ବିଭେଦଜନିତ ହିଂସା, ଦ୍ୱେଷ, କ୍ରୁରତା ଓ ଯୁଦ୍ଧର ବିଭୀଷିକା ଦୂର ହୋଇ ଅଭେଦଜ୍ଞାନଜନିତ ଶ୍ରଦ୍ଧା,ପ୍ରେମ ଓ ଆତ୍ମୀୟତା ବୃଦ୍ଧି ପାଉ । ପାର୍ବଣ ଅବସରରେ 'ଘାସଫୁଲ' ପରିବାର ତରଫରୁ ମା'ଙ୍କୁ ଏତିକି ବିନତି ।



❐

ସୂଚିପତ୍ର

କ୍ରମାଙ୍କ	ବିଷୟ	ଲେଖକ	ପୃଷ୍ଠା
୦୧.	ପ୍ରତିଷ୍ଠାତାଙ୍କ ପୃଷ୍ଠା	ବିଷ୍ଣୁ ସେଠୀ	୦୩
୦୨.	ସମ୍ପାଦିକାଙ୍କ ପୃଷ୍ଠା	ଉର୍ମିଳାରାଣୀ ପାଣିଗ୍ରାହୀ	୦୫
୦୩.	ସୃଜନୀ ସମ୍ପାଦକଙ୍କ ପୃଷ୍ଠା	ଅଭୟ ଦ୍ୱିବେଦୀ	୦୭
୦୪.	ଅତିଥି ସମ୍ପାଦକଙ୍କ ପୃଷ୍ଠା	ସୂର୍ଯ୍ୟବଂଶୀ ସୂରଜ	୫୦୯

ପାର୍ବଣ ସ୍ୱତନ୍ତ୍ର

୦୫.	ଶକ୍ତି ପୂଜା ଓ ସାତ କୁଆଁରୀ...	ଡକ୍ଟର ତ୍ରିନାଥ ପଟ୍ଟନାୟକ	୧୫
୦୬.	ଦୁର୍ଗତିନାଶିନୀ ମା' ଦୁର୍ଗା	ରବୀନ୍ଦ୍ର କୁମାର ବେହୁରିଆ	୨୦

ପ୍ରଥମ ଉପନ୍ୟାସ

୦୭.	ସିଦ୍ଧାର୍ଥ	ଡ. ଶୁଭ୍ର ପ୍ରକାଶ ଦାସ	୨୭

ଫିଚର ପାର୍ବଣ

୦୮.	ଧୂଳିମାଟିର ସନ୍ଥ....	ଗୋପୀନାଥ ମହାନ୍ତି	୧୨୧
୦୯.	ଓଡ଼ିଶାର ପୂର୍ଣ୍ଣାଙ୍ଗ ଇତିହାସ....	ପଦ୍ମଶ୍ରୀ ଅନନ୍ତର୍ଯ୍ୟାମୀ ମିଶ୍ର	୧୩୬
୧୦.	ମାଦଳା ପାଞ୍ଜି	ଡ. କୃଷ୍ଣଚନ୍ଦ୍ର ଷଡ଼ଙ୍ଗୀ	୧୪୫
୧୧.	ଚିତ୍ର ଓ ଚରିତ୍ର	ତପନ ମିଶ୍ର	୧୫୦
୧୨.	ଓଡ଼ିଆ ହତ୍ୟାର କରୁଣ	ଡକ୍ଟର ସୁବ୍ରତ କୁମାର ପୃଷ୍ଟି	୧୬୦
୧୩.	ହରପ୍ପା ସଂସ୍କୃତି	ଡକ୍ଟର ସୋମା ଚାନ୍ଦ	୧୮୦
୧୪.	ବିଶ୍ୱାସ ଅବିଶ୍ୱାସ ଅନ୍ଧବିଶ୍ୱାସ	ଦୀପଙ୍କର ଦାସ	୧୯୦
୧୫.	ଛିଣ୍ଡା ବହିର ଅଛିଣ୍ଡା ପାଠ	ବିକ୍ରମ ପରିଜା	୧୯୬

ଫିଚର ସ୍ୱତନ୍ତ୍ର

16. BEGINNING OF THE END ଡ. ହରେକୃଷ୍ଣ ମହତାବ ୨୦୫

ଅନୁବାଦ: ଗୋସ୍ୱାମୀ ଗୋଲାମ ଦେବତା

କାହାଣୀ ପାର୍ବଣ

୧୭.	ରୁମ୍ ନମ୍ବର ନଅ	ନରେନ୍ଦ୍ର ମୋଦୀ	୨୪୩
୧୮.	ରାଜକନ୍ୟା	ନିତ୍ୟାନନ୍ଦ ମହାପାତ୍ର	୨୬୨
୧୯.	ଆରଣ୍ୟକ	ମନୋଜ ଦାସ	୨୬୭
୨୦.	ସୀମା ରେଖା	ସୁରେନ୍ଦ୍ର ମହାନ୍ତି	୨୭୫
୨୧.	ଚିତ୍ର ପ୍ରତିମା	ଡକ୍ଟର ଅରବିନ୍ଦ ରାୟ	୨୮୬
୨୨.	ଗୋଟିଏ ଭଲ ଦିନ	କ୍ଷୀରୋଦ ଦାସ	୩୦୨
୨୩.	ତାଳଗଛର ଛାଇ	ଡକ୍ଟର ଚିନ୍ମୟୀ ମହାପାତ୍ର	୩୧୫
୨୪.	ଲୁଣିଆଭୂତ	ଶରତ କୁମାର ନାୟକ	୩୨୫
୨୫.	ପାଷାଣୀ ଅହଲ୍ୟା	ସୁଧାକର ନନ୍ଦ	୩୩୫
୨୬.	ସ୍ମୃତି ଦୁଇ କପ ଚା'	ପୂର୍ଣ୍ଣଚନ୍ଦ୍ର ବହଳୀ	୩୪୦
୨୭.	ଅପସରି ଗଲେ	ବାସୁଦେବ ବାରିକ	୩୪୫
୨୮.	କାଠପେଡ଼ି	ପ୍ରଜ୍ଞା ପରିମିତା ଆଚାର୍ଯ୍ୟ ଦ୍ୱିବେଦୀ	୩୫୪
୨୯.	ନଦୀର ଦୁଇଟି ପାର୍ଶ୍ୱ	ନିମାଇଁ ମିଶ୍ର	୩୫୯

ପ୍ରବନ୍ଧ ପାର୍ବଣ

୩୦.	ରୂପ ସୃଷ୍ଟିରେ ଭାଷାର ଭୂମିକା	ଡ. ଦାଶରଥି ଦାସ	୩୬୪
୩୧.	କାନ୍ତକବି ଲକ୍ଷ୍ମୀକାନ୍ତ...	ପ୍ରଫେସର ବିଜୟାନନ୍ଦ ସିଂହ	୩୭୦
୩୨.	ଓଡ଼ିଆ ଜାତୀୟବାଦୀ...	ଡ. ଶଶଧର ଦାସ	୩୭୬
୩୩.	ମୂଳଟି ଅଟଇ ବିଶ୍ୱାସ	ଜ୍ଞାନରଞ୍ଜନ ନାୟକ	୩୮୪
୩୪.	କାଠଗଡ଼ାର ଊର୍ଦ୍ଧ୍ୱରେ ...	ଡ. କାଳୀପଦ ପଣ୍ଡା	୩୮୯
୩୫.	ଯେବେ ଗୋବିନ୍ଦେ ...	ହରମୋହନ କୁଅଁର	୩୯୨
୩୬.	ସମନ୍ୱିତ ସଂସ୍କୃତିର ସ୍ଥଳୀ: ଭଦ୍ରକ	ଶେଖ୍ ମହମ୍ମଦ ଫାରୁକ୍	୩୯୬
୩୭.	ସନାତନ ଓ ସନାତନୀ	ବସନ୍ତ କୁମାର ରାଉତ	୪୦୧

ପୁସ୍ତକ ସମୀକ୍ଷା

୩୮.	ନିଃସ୍ୱ ମାଟିର ସ୍ୱର...	ବିଭୂତି ଭୂଷଣ ସେନାପତି	୪୦୩
୩୯.	'ଘାସଫୁଲ'ର ବି ବାସ୍ନା ଅଛି....	ପବିତ୍ର ପାଣିଗ୍ରାହୀ	୪୦୮
୪୦.	'ଗୋଧୂଳି ଗପ'	କିଶୋର ପାଣିଗ୍ରାହୀ	୪୧୦

କବିତା ପାର୍ବଣ

୪୧.	ତୁମେ ତ ଜାଣିଲ ନାହିଁ	ଗୋଦାବରୀଶ ମହାପାତ୍ର	୪୧୫
୪୨.	ହୃଦୟ କ'ଣ କାନ୍‌ଭାସ	ପଦ୍ମଶ୍ରୀ ପ୍ରତିଭା ଶତପଥୀ	୪୧୬
୪୩.	ମନ: କଳ୍ପବଟ	ନିତ୍ୟାନନ୍ଦ ନାୟକ	୪୧୮
୪୪.	ଦୃଶ୍ୟଟିଏ : ମହା ନାଟକର	ଅଶ୍ୱିନୀ କୁମାର ମିଶ୍ର	୪୧୯
୪୫.	ନିଃସର୍ତ୍ତ	ଫନୀ ମହାନ୍ତି	୪୨୧
୪୬.	ମରଣରେ ତୋତେ....	ଧନଞ୍ଜୟ ସ୍ୱାଇଁ	୪୨୩
୪୭.	ମା'	ଡ. ଶୁଭେନ୍ଦୁ ମେହେର	୪୨୪
୪୮.	ମୁଁ ନିଜକୁ ଶିଖେଇ ଦେଲି	ଡ. ରାମଚନ୍ଦ୍ର ପଲାଇ	୪୨୬
୪୯.	ଦେବୀ	ବସନ୍ତ ମୁଦୁଲି	୪୨୭
୫୦.	ପତ୍ରଟିଏ ଖସିଲେ	ସୁଚିତ୍ରା ପାଣିଗ୍ରାହୀ	୪୨୯
୫୧.	ଆଜି ପାଇଁ ଅବସୋସ ନାହିଁ	ସୁକାନ୍ତି ମହାପାତ୍ର	୪୩୧
୫୨.	ପ୍ରତିଶୋଧ	ଅଧ୍ୟାପିକା ଡ. ମମତା ସାହୁ	୪୩୨
୫୩.	ଆଶ୍ଚର୍ଯ୍ୟ ଅଭିସାର	ଭାଗ୍ୟଲିପି ମଲ୍ଲ	୪୩୩
୫୪.	ଅନେକ ନଦୀର ସୁଅ	ସେନାପତି ପ୍ରଦ୍ୟୁମ୍ନ କେଶରୀ	୪୩୪
୫୫.	ତାରାଫୁଲ	ଶଚୀକାନ୍ତ ପଣ୍ଡା	୪୩୫
୫୬.	ମୁଠାଏ ମୂର୍ଚ୍ଛନା	ଦେବାଶିଷ ଚକ୍ରବର୍ତ୍ତୀ	୪୩୬
୫୭.	ତୋ ପାଇଁ ଦୁଇଟି କବିତା	ବିପ୍ଳବ ରଂଜନ ପତି	୪୩୭
୫୮.	ଫୁଲ	ଡ. ଭରତ ଚନ୍ଦ୍ର ଦାଶ	୪୩୮
୫୯.	ସେ ଆସନ୍ତି	ମନୋରଞ୍ଜନ ମହାନ୍ତି	୪୩୯
୬୦.	ମାଧ୍ୟାରୁ ମାଧବାବୁ	ଅଶୋକ କୁମାର ନାୟକ	୪୪୦
୬୧.	ଯୁଦ୍ଧରୁ ଫେରିବା ପରେ	ଡ. ଅନିଲ୍ ନନ୍ଦ	୪୪୧
୬୨.	ସେ କିଏ	ଚିନ୍ତାମଣି ମିଶ୍ର	୪୪୨
୬୩.	କୋଟି କୈବଲ୍ୟନାଥ	ସୁରଭି ଦ୍ୱିବେଦୀ	୪୪୩
୬୪.	ମା' ଦୁର୍ଗତିନାଶିନୀ	ଶୁଭବ୍ରତ ମହାପାତ୍ର	୪୪୪
୬୫.	ପାର୍ବଣ ମହିମା	ପୁଷ୍ପାଞ୍ଜଳି ପଣ୍ଡା	୪୪୫
୬୬.	ଦୁର୍ଗତି ନାଶିନୀ	ପ୍ରମୋଦ ରାୟ	୪୪୬
୬୭.	ପାର୍ବଣର ଋତୁ ଶରତ	ରମାକାନ୍ତ ପାଳ	୪୪୮
୬୮.	ଦଶଭୂଜା ମା ଆସିଛି	ଶଶିକାନ୍ତ ବେହେରା	୪୪୯

୬୯.	"ଶକ୍ତିମୟୀ "ମା"	ସଞ୍ଜୁକ୍ତା ଶରଣ	୪୫୦
୭୦.	ଦେବୀ ମା'	ସଂଯୁକ୍ତା ବଳ	୪୫୧
୭୧.	ଜୟ ଦେବୀ ମା' ଦୁର୍ଗା	ବେଣୁଧର ସେଠ୍	୪୫୨
୭୨.	ଭାରତର ହାତ	ଶ୍ରୀକାନ୍ତ ଜେନା	୪୫୪
୭୩.	ତାରୁଣ୍ୟର ଆଦ୍ୟ ପାଦେ	ଜ୍ୟୋତି ପ୍ରକାଶ କର	୪୫୬
୭୪.	ବୟସ ବଢିଲେ	ସୁରଞ୍ଜନ ପାତ୍ର	୪୫୭
୭୫.	ବାପା ଏକ ବରଗଛ	ସନ୍ତୋଷିନୀ ଦାଶ	୪୫୮
୭୬.	ପହଲଗାମ	ଆଶୁତୋଷ କରଣ	୪୫୯
୭୭.	ମଲା ନଈର ଗୀତ	ଶ୍ରୀମତୀ ବସନ୍ତ ମିଶ୍ର	୪୬୦
୭୮.	ଅନୁଭବ	ରଘୁନାଥ ପାତ୍ର	୪୬୧
୭୯.	କବିର ନିଦ	ରବି କୁମାର ମହାନ୍ତି	୪୬୨
୮୦.	କାହା ସ୍ୱାର୍ଥରେ ପୁରୁଷ	ଦୀନବଂଧୁ ବେଜ	୪୬୪
୮୧.	ପଶାପାଲି	ପ୍ରିୟନାଥ ପାଣି	୪୬୫
୮୨.	ଓଡ଼ିଆର ସ୍ୱାଭିମାନ	ରମାକାନ୍ତ ବେହେରା	୪୬୬
୮୩.	ଯାଆଲୋ ମାଧବୀ ଶାଶୁଘର....	ପ୍ରଶାନ୍ତ କୁମାର ଦାଶ	୪୬୮
୮୪.	ମୃତ୍ୟୁ ମନ୍ତ୍ର	ମାତୃପ୍ରସାଦ ଶତୁଜିତ୍	୪୬୯
୮୫.	ଅତିକ୍ରମିତ : ଅତଏବ	ବଳରାମ ପୂଜାରୀ	୪୭୦
୮୬.	ଉକ୍‌ଳିକା	ସୁବାସ ଚନ୍ଦ୍ର ସାହାଣୀ	୪୭୨
୮୭.	ବନ୍ଧୁ ପାଇଁ କବିତା ଟିଏ ...	ଡା. ମନୋରଞ୍ଜନ ଦାଶ	୪୭୩
୮୮.	ଗାଆଁ	ସୁଜିତ କୁମାର ମିଶ୍ର	୪୭୪
୮୯.	ମୋ ଗାଆଁ	ଦେବେନ୍ଦ୍ରନାଥ ମହାଳିକ	୪୭୫
୯୦.	ଆମ ଗାଁ ରାସ୍ତା	ଉମାକାନ୍ତ ରାଉତ(ଅରୂପ)	୪୭୬
୯୧.	ଖାଲି ଯୁଦ୍ଧ	ଶାନ୍ତନୁ କୁମାର ରାଉତ	୪୭୭
୯୨.	ଜୀବନ	ସୁଶାନ୍ତ କୁମାର ନାୟକ	୪୭୮
୯୩.	ରିମ୍‌ଝିମ୍ ଭିଜା ବର୍ଷା	ରୁବିଲତା ଦାସ	୪୭୯
୯୪.	ସାବିତ୍ରୀ - ଲୁହବିନ୍ଦୁରେ ସିନ୍ଦୂର	କାମଦେବ ମହାରଣା	୪୮୦
୯୫.	ଆହ୍ୱାନ	ରସାନନ୍ଦ ମହାପାତ୍ର	୪୮୨
୯୬.	ଅତୀତ ହେବା ଆଗରୁ	ସୁରେଶ କୁମାର ନାୟକ	୪୮୪
୯୭.	ଘୁଙ୍ଗୁର	ଐଶ୍ୱର୍ଯ୍ୟା ପ୍ରଧାନ	୪୮୬
୯୮.	ବର୍ଷା	ଦମୟନ୍ତୀ ରାଉତ	୪୮୭

୯୯. ବର୍ଷା ନା ବର୍ଷା ପରି !	ରାଜେଶ ପୂଜାରୀ	୪୮୮
୧୦୦. ବିଚିତ୍ର ବର୍ଣ୍ଣା	ସୁଧାକର ଧନୀ	୪୮୯
୧୦୧. ଇସ୍ତାହାର	ବିଶ୍ୱଜିତ ଦାସ	୪୯୦
୧୦୨. 'ହୃଦୟେଶ୍ୱର'	ସତ୍ୟବ୍ରତ ସାହୁ	୪୯୧
୧୦୩. ଅଭିମାନ	ଆଶିଷ୍ମ ମହାପାତ୍ର	୪୯୨
୧୦୪. ଆ ଯିବା....	ନିରୁପମା ବେହେରା	୪୯୩
୧୦୫. ବିଷାଦ ବେପଥୁ	ଅନୀତା ପାଣି	୪୯୪
୧୦୬. ସ୍ମୃତି	ରବି ଶତପଥୀ	୪୯୫
୧୦୭. ହେଲେ ମୁଁ ନାଚାର	ପବନ କୁମାର ନାୟକ	୪୯୬
୧୦୮. ଶିକ୍ଷକ	ସ୍ଥିତିପ୍ରଜ୍ଞା ସ୍ୱାଇଁ	୪୯୭
୧୦୯. ଜହ୍ନ ଜଳୁଛି	ସତ୍ୟବ୍ରତ ସ୍ୱାଇଁ	୪୯୮
୧୧୦. ଗୀତରେ ଗଣିତ	ଅମର ନାଥ ବାରିକ୍	୪୯୯
୧୧୧. ସତ୍ୟପାଠ	ବ୍ରଜ ନାୟକ	୫୦୦
୧୧୨. କର୍ମବୀର	ବସନ୍ତ କୁମାର ପାତ୍ର	୫୦୧
୧୧୩. ହୀରାଖଣ୍ଡର ଦ୍ୱିତୀୟ ପୃଷ୍ଠା	ହରେଶ ନାଏକ	୫୦୨
୧୧୪. କାନ୍ତକବି ଜୟଗାନ	ସୁବ୍ରତ ମିଶ୍ର	୫୦୩
୧୧୫. ଏମିତି କିଛି କଥା ନାହିଁ	ପ୍ରତିଭା ପରିଡ଼ା	୫୦୪
୧୧୬. ଘାସଫୁଲ ...	ନୀଳମଣି ଚାନ୍ଦ	୫୦୫
୧୧୭. ବିଷ୍ଣୁ ସେଠୀଙ୍କ ସ୍ମରଣେ	ବିଜୟ କୁମାର ଜେନା	୫୦୬
୧୧୮. ଅପରେସନ୍ "ସିନ୍ଦୂର"	ଆଦିକନ୍ଦ ରାମ	୫୦୭

❐

ପାର୍ବଣ ସ୍ୱତନ୍ତ୍ର

ଶକ୍ତି ପୂଜା ଓ ସାତ କୁଆଁରୀ ସାଧିକା

ଡକ୍ଟର ତ୍ରିନାଥ ପଟ୍ଟନାୟକ



ଓଡ଼ିଶାରେ ବହୁ ସାଧକ ଶକ୍ତି ଆରାଧନା ଫଳରେ ନାନାବିଧ ଅଲୌକିକତା ସୃଷ୍ଟି କରିପାରିଛନ୍ତି । ଓଡିଶାର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ସ୍ୱୟଂ ତନ୍ତ୍ରର ଦେବତା । ତନ୍ତ୍ର ପୀଠ ଉପରେ ଉପବେଶନ କରିଛନ୍ତି । ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ବିଭିନ୍ନ ତନ୍ତ୍ରପୀଠ ଓ ଦେବୀଦେବତା ରାଜ୍ୟର କୋଣେ କୋଣେ ପ୍ରତିଷ୍ଠା ଲାଭ କରିଛନ୍ତି । ଝଙ୍କଡର ଶାରଳା, କାକଟପୁରର ମଙ୍ଗଳା, ଶ୍ରୀକ୍ଷେତ୍ରର ବିମଳା, କଟକର ଚଣ୍ଡୀ, କୋଣାର୍କର ରାମଚଣ୍ଡୀ, ବାଙ୍କିର ଚର୍ଚ୍ଚିକା, ଯାଜପୁରର ବିରଜା, ତାଳଚେରର ହିଙ୍ଗୁଳା, ସମ୍ବଲପୁରର ସମଲେଶ୍ୱର, ପାଟଣାଗଡର ପାଟଣେଶ୍ୱରୀ, ଭୁବନେଶ୍ୱରର ଗୌରୀ, ବାଣପୁରର ଭଗବତୀ, କେନ୍ଦୁଝରର ତାରିଣୀ, ଗଞ୍ଜାମର ତାରାତାରିଣୀ ଓ ଆଠଗଡ ନିକଟସ୍ଥ ଭଟ୍ଟାରିକା ପ୍ରଭୃତି ଶକ୍ତିପୀଠ ସାଧକମାନଙ୍କର ପ୍ରକୃଷ୍ଟ ସିଦ୍ଧି ସାଧନାର କ୍ଷେତ୍ର ।

ପଶ୍ଚିମ ଓଡିଶାର ପ୍ରଧାନ ଶକ୍ତିପୀଠ ହେଉଛି ସୋନପୁର । ଏଠାରେ ବହୁ ସାଧକ ସାଧିକା ଅଲୌକିକ ତନ୍ତ୍ର ସାଧନ କରିଛନ୍ତି । ଏହି ପୀଠରେ ସମଲେଶ୍ୱରୀ, ଭଗବତୀ, ଷ୍ଟମ୍ଭେଶ୍ୱର, ବୁଢୀମା, ଶୀତଳା, ମଙ୍ଗଳା ଏବଂ ସୁରେଶ୍ୱରୀ ପ୍ରଭୃତି ଶକ୍ତି ସ୍ୱରୂପିଣୀଙ୍କର ସମାବେଶ ହୋଇଛି ।

ପଶ୍ଚିମ ଓଡିଶାରେ ଯେଉଁ ଅଞ୍ଚଳକୁ କୋଶଳ ବୋଲି କୁହାଯାଉଛି, ଚୌହାନବଂଶୀୟ ରାଜାମାନେ ସେଠାରେ ରାଜତ୍ୱ କରୁଥିଲେ । ସେହି ରାଜ୍ୟର ରାଜଧାନୀ ଥିଲା ପାଟଣାଗଡ । ଏହାର ଅନ୍ୟ ନାମ କୁଆଁରୀପାଟଣା, କାହିଁକି ନା କୋଶଳରେ ମହାମାୟୀ ଶ୍ରୀଦୁର୍ଗାଙ୍କୁ କୁମାରୀ ରୂପେ ପୂଜା କରାଯାଉଥିଲା । ଏହି ଅଞ୍ଚଳର ବିଭିନ୍ନ ଅନୁନ୍ନତ ଜାତିର ସାତ ଜଣ କୁମାରୀ ଦୁର୍ଗାଙ୍କୁ ପୂଜା କରି ଅଲୌକିକ ସିଦ୍ଧି ପ୍ରାପ୍ତ ହୋଇଥିଲେ । ସେମାନଙ୍କ ଶକ୍ତି ପ୍ରଦର୍ଶନରେ ସାରା ଜଗତ ସ୍ତବ୍ଧ ହୋଇ ଯାଉଥିଲା । ସେମାନେ ଥିଲେ ରକ୍ତ ମାଂସଧାରୀ ମାନବୀ ମାତ୍ର ଦୈବୀ ଶକ୍ତିସମ୍ପନ୍ନା । ସାଧାରଣ ଜନତା ଶ୍ରଦ୍ଧାରେ ସେହି ସାତଜଣକୁ ଦେବୀ ରୂପେ ଗ୍ରହଣ କରୁଥିଲେ ।

ସେହି ସାତଜଣ ସାଧିକା ହେଲେ ଜ୍ଞାନ ଦେଈ ମାଲୁଣୀ, ନିତେଇ ଧୋବଣୀ, ଲୁହକୁଟି ଲୁହୁରାଣୀ, ସୁକୁଟି ଚମାରୁଣୀ, ପତର ସଉରୁଣୀ, ଗାଙ୍ଗୀ ଗଉଡୁଣୀ ଏବଂ ଶୁଆ

ତେଲୁଣୀ । ତନ୍ତ୍ର ଶାସ୍ତ୍ରମାନଙ୍କରେ ଉଲ୍ଲେଖ ଅଛି ନିମ୍ନ ଜାତିର ନାରୀମାନଙ୍କର ଭୂମିକା ତନ୍ତ୍ର ସାଧନାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ । ଏହି ତନ୍ତ୍ର ସାଧିକାମାନଙ୍କର ଗୁରୁଥିଲେ ଧନ୍ୱନ୍ତରୀ ନାମକ ଜଣେ ତନ୍ତ୍ର ବିଶାରଦ ତଥା ବୌଦ୍ଧଧର୍ମୀ । ତଥାପି ତାଙ୍କର ହିନ୍ଦୁ କୌଳଶାସ୍ତ୍ର ଉପରେ ପ୍ରଚଣ୍ଡ ଜ୍ଞାନ ଓ ସିଦ୍ଧି ଥିଲା । ଧନ୍ୱନ୍ତରୀଙ୍କର ନିର୍ଦ୍ଦେଶ ତଥା କୌଳଶାସ୍ତ୍ର ଉପରେ ପ୍ରଚଣ୍ଡଜ୍ଞାନ ଓ ସିଦ୍ଧିଥିଲା । ଧନ୍ୱନ୍ତରୀଙ୍କର ନିର୍ଦ୍ଦେଶ ତଥା ମାର୍ଗଦର୍ଶନରେ ଏହି ସାତଜଣ କୁଆଁରୀ ପାରଦର୍ଶିତା ପ୍ରଦର୍ଶନ କରିଥିଲେ ।

ବାମମାର୍ଗ ବା ତନ୍ତ୍ରୋକ୍ତ କୌଳଧର୍ମ ଅନୁସାରେ ପଞ୍ଚମକାର ପୂଜାରେ ନାରୀମାନଙ୍କର ମୁଖ୍ୟ ଭୂମିକା ରହିଛି । ସେଥିପାଇଁ ତନ୍ତ୍ରଶାସ୍ତ୍ର କୁହେ- କୁଳନାୟିକା ତନ୍ତ୍ରସାଧନରେ ନିତ୍ୟାନ୍ତ ଆବଶ୍ୟକ । ଏହିମାନେ ହିଁ କୁଳନାୟିକା ହୋଇପାରିବେ-

ଓଡିଶାର ଏହି ସପ୍ତ କୁମାରୀ ସାଧିକା କୁଳନାୟିକା ଥିଲେ । ସେମାନେ ମନ୍ତ୍ରଦ୍ରଷ୍ଟା । ଶାବରୀତନ୍ତର ସ୍ରଷ୍ଟା । ବହୁ ସିଦ୍ଧିମନ୍ତ୍ର ସେମାନଙ୍କ ମୁଖରୁ ଆପେ ଆପେ ପ୍ରକାଶ ପାଇଛି । ସେହି ମନ୍ତ୍ର ବଳରେ ଜନସମାଜର ସେବା କରିଛନ୍ତି । ମନ୍ତ୍ର ବଳରେ ରୋଗ ଦୂର କରିଛନ୍ତି । କୃଷିବାଣିଜ୍ୟରେ ସାହାଯ୍ୟ କରିଛନ୍ତି । ହିଂସ୍ର ଜୀବଜନ୍ତୁଙ୍କୁ କରାୟତ କରିପାରିଛନ୍ତି । ସମାଜରେ ଥିବା ଖଳ ପ୍ରକୃତିର ବ୍ୟକ୍ତି ବିଶେଷଙ୍କୁ ଉଚିତ୍ ଶିକ୍ଷା ଦେଇ ଉଚିତ୍ ବାଟରେ ଆଣି ପାରିଛନ୍ତି । ଏଭଳିକି ଉତ୍କଳୀୟ ଶାସନ କ୍ଷେତ୍ରରେ ମଧ୍ୟ ପ୍ରବେଶ କରି ରାଜା ମହାରାଜାଙ୍କୁ ସାହାଯ୍ୟ କରିବା ସହିତ ରାଜତନ୍ତ୍ରକୁ ନିୟନ୍ତ୍ରଣ କରିପାରିଛନ୍ତି ।

ସେମାନଙ୍କର ସଂକ୍ଷିପ୍ତ ପରିଚୟ ଏଠାରେ ପ୍ରଦାନ କରାଗଲା ।

ଜ୍ଞାନଦେଇ ମାଲୁଣୀ- ଜଣେ ମାଳୀଘର କୁମାରୀ ଝିଅ ଜ୍ଞାନ ଦେଇ । ତାଙ୍କର ଅନ୍ୟ ନାମ ମଦନା ସୁନ୍ଦରୀ । ଏହି ଦେବୀଙ୍କର ତନ୍ତ୍ରଶକ୍ତି କରାମତି କବି ପ୍ରତାପ ରାୟଙ୍କ ଲିଖିତ 'ଶଶୀସେଣ' କାବ୍ୟରୁ ଦେଖିବାକୁ ମିଳେ । ତନ୍ତ୍ର ବଳରେ ସେ ଅବିବାହିତ ଅହିମାଣିକ୍ୟକୁ ଫୁଲ ଶୁଘାଂଇ ମେଣ୍ଟା କରିଦେଇଥିଲେ । ଦିନରେ କଳାଫୁଲ ଶୁଘାଂଇ ମେଣ୍ଟା କରି ଦେଉଥିଲାବେଳେ ରାତିରେ ଧଳାଫୁଲ ଶୁଘାଂଇ ପୁରୁଷରେ ପରିଣତ କରାଇ ଦେଉଥିଲେ । ତନ୍ତ୍ର ବିଦ୍ୟା ଓ ମନ୍ତ୍ର ବିଦ୍ୟା ପ୍ରୟୋଗରେ ଜ୍ଞାନ ଦେଇ ଧୁରିଣା ଥିଲେ । ତନ୍ତ୍ରର ଦେବତା ତନ୍ତ୍ର ଶିରୋମଣି ଶ୍ରୀଜଗନ୍ନାଥଙ୍କ ପରମ ସେବିକା ଥିଲେ ଜ୍ଞାନଦେଇ । ପ୍ରତିବର୍ଷ ରଥଯାତ୍ରାକୁ ପୁରୀ ଆସି କିଛି ଦିନ ପୁରୀରେ ବାସ କରୁଥିଲେ ଓ ବହୁ ଅଲୌକିକତା ଦେଖାଉଥିଲେ ।

ଜ୍ଞାନଦେଇ ବହୁମନ୍ତ୍ରର ସ୍ରଷ୍ଟା ଥିଲେ । ବଶୀକରଣ ନିମନ୍ତେ ଫୁଲମନ୍ତ୍ର ପ୍ରୟୋଗ କରିପାରୁଥିଲେ -

ଲୁହୁ କୁଟୀ ଲୁହୁରୁଣୀ- ସାତଜଣ କୁଆଁରୀ ସାଧିକାମାନଙ୍କ ମଧ୍ୟରେ ଜ୍ଞାନଦେଇ ସବୁଠାରୁ ଶ୍ରେଷ୍ଠ , ଦ୍ୱିତୀୟ ସ୍ଥାନରେ ଲୁହୁରୁଣୀଙ୍କ ସ୍ଥାନ । ସେ ଇଚ୍ଛାଧାରୀ ଥିବା ଯୋଗୁଁ ଅନ୍ୟମାନଙ୍କୁ ନିଜ ତନ୍ତ୍ର ବିଦ୍ୟା ବଳରେ ପରାସ୍ତ କରିଦେଇ ପାରୁଥିଲେ । ବହୁ ତନ୍ତ୍ର ସାଧକ ତାଙ୍କ ଠାରୁ ପରାସ୍ତ ହୋଇଛନ୍ତି । ଏଣୁ ଗୁଣିଆମାନେ ଲୁହୁକୁଟୀଙ୍କୁ ନିଜର ଗୁରୁ ରୂପେ ଗ୍ରହଣ କରୁଥିଲେ ।

ଲୁହୁକୁଟୀ କମାର ଜାତିର କୁମାରୀ କନ୍ୟା । ଅନିନ୍ଦ୍ୟ ସୁନ୍ଦରୀ ସେ ଥିଲେ । ପୂର୍ଣ୍ଣ ଯୌବନା । ଶ୍ୟାମଳ ତନୁଲତା ହୃଷ୍ଟପୁଷ୍ଟ ଶରୀର । ଆଖି ଦୁଇଟି ସତେ ଯେମିତି ଜ୍ୱଳନ୍ତ ଅଗ୍ନିପିଣ୍ଡ । ମଥାରେ ଲାଲ ରଙ୍ଗର ସିନ୍ଦୂର ଟିପା । ସବୁବେଳେ ଲାଲ୍ ଶାଢୀ ପରିଧାନ କରିଥାନ୍ତି । ପ୍ରବଳ ବୁଦ୍ଧିମତୀ । ଲୁହୁକୁଟୀଙ୍କର ତନ୍ତ୍ର ବିଦ୍ୟା ସାରା ଜଗତ ବିଖ୍ୟାତ । ସେ ଗାରୁଡିମନ୍ତ୍ର ବଳରେ ଅସାଧ୍ୟ ସାଧନ କରି ପାରୁଥିଲେ ।

ନିତେଇ ଧୋବଣୀ- ରଜକ ଜାତିର ଏ ଅପୂର୍ବ ସୁନ୍ଦରୀ ଥିଲେ ନିତେଇ । ଅବିବାହିତ ଅବସ୍ଥାରେ ତନ୍ତ୍ର ସାଧନା କରିଥିଲେ । କୋଶଳରୁ ଆସି ଯାଜପୁର ଓ ପରେ ପୁରୀ ନିକଟରେ ବସବାସ କରୁଥିଲେ । ଶ୍ରୀଜଗନ୍ନାଥଙ୍କର ପରମ ଭକ୍ତ ଓ ପ୍ରଭୁଙ୍କ ଠାରୁ ସାଧନାର ପ୍ରେରଣା ପାଉଥିଲେ । ନିତେଇଙ୍କ ରୂପ ଯୌବନରେ ବିମୁଗ୍ଧ ହୋଇ ବହୁ ପୁରୁଷ ପ୍ରେମ ଭିକ୍ଷା କରିଛନ୍ତି ଓ ପରାଭବ ମଧ୍ୟ ପାଇଛନ୍ତି ।

ବିପୁଳ ନିତମ୍ବ କୁଟୀଳ ବେଣୀ, ମଦ କଳକଳ କଣ୍ଠ ଭାଷେଣୀ, ଘନ ଜଘନୀ ପୃଥୁତର ସ୍ତନୀ, କ୍ଷୀଣୋଦରୀ କୃଶତନୁ ସୁନ୍ଦରୀ ହେଉଛନ୍ତି ନିତେଇ ।

ମାଦଳା ପାଞ୍ଜିରେ ଉଲ୍ଲେଖ ଅଛି ନିତେଇ ଧୋବଣୀଙ୍କ ସହିତ ଚୋଡଗଙ୍ଗଦେବଙ୍କର ପ୍ରଥମ ସାକ୍ଷାତ ଯାଜପୁର ଠାରେ ହୋଇଥିଲା । "ଏଥକୁ ସେ ନେତେଇ ଧୋବଣୀକୁ ଦେଖିଲେ ଭାତ ରାନ୍ଧୁଅଛି । ଗୋଡ ଗୋଟିଏ ଜାଲୁଅଛି । ଏହା ଡାକ ଶୁଣି କୋଳପୁଅକୁ ଚୁଲିରେ ଦେଇ ଏହାକୁ କଥା କହିଲା ।" ଚୋଡଗଙ୍ଗଙ୍କ ମାତା ରାଜସୁନ୍ଦରୀଙ୍କ ସଙ୍ଗାତ ଥିଲେ ଏହି ସାଧିକା । ଆଉ ମଧ୍ୟ ମାଦଳାପାଞ୍ଜିରେ ଉଲ୍ଲେଖ ଅଛି । ନିତେଇ ଧୋବଣୀ ତନ୍ତ୍ରବଳରେ ସୁବର୍ଣ୍ଣ କେଶରୀଙ୍କୁ ହରାଇ ଚୋଡଗଙ୍ଗକୁ ରାଜା କରାଇଥିଲେ । "ସିଦ୍ଧରାଜାକୁ ଉଚ୍ଛନ୍ନ କରାଇ ରାଜା କଲା ।"

ନିତେଇଧୋବଣୀ କାଉଁରୀ ବିଦ୍ୟାବଳରେ ଅସାଧ୍ୟ ସାଧନ କରୁଥିଲେ । ପ୍ରବାଦ ଅଛି ,କାଉଁରୀକାମଚଣ୍ଡୀ ଦେଶର କିମିଆଁ ଜାଣିଥିବା ପିତେଇ ପତ୍ର ସଉରୁଣୀ ଗୋଟିଏ ବରଗଛରେ ଚଢି ମନ୍ତ୍ରବଳରେ ସେ ବରଗଛକୁ ଉଡାଇ ଆଣି ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଆସୁଥିଲା । ପୁରୀ ନିକଟସ୍ଥ ଚାରିବଳା ଗ୍ରାମ ନିକଟରେ ସେ ବରଗଛ ଉଡିଯିବା ସମୟରେ ତାର ଛାଇ ପୋଖରୀରେ ପଡିଲା । କାଉଁରୀ ବିଦ୍ୟା ଜାଣିଥିବା ନିତେଇ ଧୋବଣୀ ସେହି ପୋଖରୀ ତୁଠରେ ଲୁଗା କାଚୁଥିଲେ । ସେ ଗଛର ଛାଇ ଦେଖି କିମିଆଁ ବଳରେ ଉକ୍ତ ଗଛକୁ ବନ୍ଧନ କରି ସେହି ସ୍ଥାନରେ ଅଟକାଇ ଦେଲେ । ସେହି ଦିନ ଠାରୁ ସେହି ଗଛଟି ସେହି ଠାରେ ରହିଲା । ସେହି ଗଛଟି ଏ ପର୍ଯ୍ୟନ୍ତ କାଉଁରୀବର ନାମରେ ଅଭିହିତ ହୋଇ ରହିଛି । *(ପୂର୍ଣ୍ଣଚନ୍ଦ୍ର ଭାଷାକୋଷ)*

ସୁକୁଟୀ ଚମାରୁଣୀ- ଚମାର ଜାତିର ସୁନ୍ଦରୀ କୁଆଁରୀ କନ୍ୟା ସୁକୁଟୀ । ସେ କ୍ଷୀଣାଙ୍ଗୀ । ଏଣୁ ଲୋକେ ସୁକୁଟୀ ବୋଲି ଡାକନ୍ତି । ସେ ପରୋପକାରିଣୀ, ଦୟାବତୀ ତଥା ନରମ ପ୍ରକୃତିର । ସେ ସହଜରେ ଅନ୍ୟକୁ ବଶ କରିଦେଇ ପାରୁଥିଲେ । ତାଙ୍କ

କଥାରୁ ସହଜରେ କେହି ବାହାରିଯାଇ ପାରୁନଥିଲେ । ହଜିବା ଜିନିଷ ଖୋଜି ବାହାର କରିଦେବା, ଚୋର ଧରିବା, ଅସାଧ ରୋଗରୁ ରୋଗୀକୁ ମୁକ୍ତି କରାଇବା ସୁକୁଟୀର କାମ । ଗୋରଚନା ମିଶ୍ରିତ ଏକ ଅଞ୍ଜନ ସିଦ୍ଧି ସେ ଜାଣିଥିଲେ ତାକୁ ମଥା ଉପରେ ବୋଳି ନିଜେ ତ କେଉଁ ଆଡେ ଅଦୃଶ୍ୟ ହୋଇ ଯାଉଥିଲେ ଅନ୍ୟକୁ ମଧ୍ୟ ସେ ଚାହିଁଲେ ସେ ଅଞ୍ଜନ ବଳରେ ଅଦୃଶ୍ୟ କରାଇ ଦେଉଥିଲେ । ଶୂନ୍ୟେ ଶୂନ୍ୟେ ଆକାଶ ମାର୍ଗରେ ଉଡି ଯାଉଥିଲେ । ମା ଦୁର୍ଗାଙ୍କ କୃପାରୁ ଆକାଶ ଗମନ ବିଦ୍ୟା ସିଦ୍ଧିଥିଲା । ଶକ୍ତି ଉପାସିକା ହେଲେ ସୁଦ୍ଧା ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରବଳ ଉକ୍ତି ଓ ସମର୍ପଣ ଭାବ ଥିଲା । ଜଳ ଉପରେ ସେ ମଧ୍ୟ ଅକ୍ଲେଶରେ ଚାଲିଯାଇ ପାରୁଥିଲେ । ଏଣୁ ରାଜଦରବାରରେ ସୁକୁଟୀର ସମ୍ମାନ ଥିଲା ।

ଟିକାଇମା ପତର ସଉରୁଣୀ- ଶବର ଜାତିର କୁଆଁରୀ କନ୍ୟା ଟିକାଇମା । ଅତ୍ୟନ୍ତ ସୁନ୍ଦରୀ, ହୃଷ୍ଟପୁଷ୍ଟ ଶରୀର । ପତ୍ରକୁ ସିଲାଇ କରି ବସ୍ତ୍ର ରୂପେ ପରିଧାନ କରିଥାନ୍ତି । ତାଙ୍କୁ ଲୋକେ ଶ୍ରଦ୍ଧାରେ ପର୍ଣ୍ଣଶବରୀ ବୋଲି କହିଥାନ୍ତି । ସେ ପୂର୍ବଜନ୍ମ ପ୍ରଭାବର ଜ୍ଞାନୀ ଓ ପଣ୍ଡିତା । ଜାତି ଅନୁଯାୟୀ ସରଳ କପଟ ହୀନା ମାତ୍ର ରାଗିଗଲେ କ୍ଷଣକରେ ଉଗ୍ରରୂପ ଧାରଣ କରିଥାନ୍ତି । ସାଧାରଣ ଲୋକେ ଡାକିଥାନ୍ତି ପତ୍ରପିନ୍ଧି ! ପତ୍ର ସଉରୁଣୀ ଆଜ୍ଞା ଦେଲେ- ବଡ ବଡ ଉଚ୍ଚ ବୃକ୍ଷ ଆପେ ଆପେ ତଳକୁ ନଇଁ ଆସି ଫଳ ଫୁଲ ପତ୍ର ଦେଇଥାନ୍ତି । ପତ୍ର ସଉରୁଣୀ ଭବିଷ୍ୟକଥା କହି ଦେଇ ପାରନ୍ତି । ବିପଦ ଥିଲେ ମନ୍ତ୍ର ଯନ୍ତ୍ର ବଳରେ ସମାଧାନ ମଧ୍ୟ କରାଇ ଦିଅନ୍ତି । ତାଙ୍କୁ ପ୍ରତିକାର ବିଧାନ ଜଣା । ବାକ୍ ସିଦ୍ଧିଥିବା ଯୋଗୁଁ ଯାହାକୁ ଯାହା କହୁଥିଲେ ତାହା ନିଶ୍ଚିତ ରୂପେ ଫଳି ଯାଉଥିଲା । ଶକ୍ତି ସାଧିକା । ମା ଦୁର୍ଗା ତଥା ସମଲେଇଙ୍କ କରୁଣା ତାଙ୍କ ପ୍ରତି ଥିଲା । ଶ୍ରୀ ଜଗନ୍ନାଥଙ୍କର ପରମ ଭକ୍ତ । ପ୍ରତିବର୍ଷ ରଥଯାତ୍ରାକୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ପୁରୀ ଆସି ବଡଦାଣ୍ଡରେ ବହୁ କୌତୁକ ବିଦ୍ୟା ପ୍ରଦର୍ଶନ କରନ୍ତି । ସାତ ଜଣ ଯାକ କୁମାରୀ ସାଧିକ ଏକତ୍ର ହୋଇ ହସଖୁସି କରନ୍ତି ।

ଗାଙ୍ଗୀ ଗଉଡୁଣୀ- ଗୋପାଳ ଘରର କୁଆଁରୀ ଝିଅ ଗାଙ୍ଗୀ । ଖାଣ୍ଡି ଓଡିଆଣି । ବଳାଗଣ୍ଠି ଉପରକୁ ଲୁଗା ପିନ୍ଧେ । ମୁଣ୍ଡରେ ବାଙ୍କ ଖୋସା । ଗାଙ୍ଗୀ ଗାରେଡି ଶାସ୍ତ୍ରରେ ନିପୁଣା । ଗୋରୁ ଗାଈ ଛେଳି ମେଣ୍ଢା ଆଦି ଗୃହପାଳିତ ପ୍ରତ୍ୟେକ ପଶୁପକ୍ଷୀଙ୍କର ଚିକିତ୍ସା ଗାଙ୍ଗୀ କରି ଜାଣନ୍ତି । ମଣିଷ ପଶୁ ପକ୍ଷୀ ସମସ୍ତଙ୍କୁ ଝାଡି ଫୁଙ୍କି ଭଲ କରି ଦିଅନ୍ତି । ଦୁଷ୍ଟ ଗୁଣିଆମାନେ ଗୁଣି କରି ଗାଈର କ୍ଷୀର ହରଣ କରି ନେଉଥିଲେ କିମ୍ବା କ୍ଷୀରକୁ ରକ୍ତରେ ପରିଣତ କରି ଦେଉଥିଲେ, ବାଣପେଶୀ ଗାଈର ଗର୍ଭନଷ୍ଟ କରି ଦେଉଥିଲେ । ଗାଙ୍ଗୀଙ୍କ ନିକଟରେ ଏଭଳି ଅଭିଯୋଗ ପହଞ୍ଚିଲେ ସଙ୍ଗେ ସଙ୍ଗେ ତାର ପ୍ରତିକାର କରୁଥିଲେ । ଦୂବ ସୋରିଷ ମନ୍ତ୍ରୁରାଇ ଗାଈ ଉପରକୁ ଛାଡି ଦେଉଥିଲେ ! ସଙ୍ଗେ ସଙ୍ଗେ ଗାଈ ଠିକ୍ ହୋଇ ଯାଉଥିଲା । ଯିଏ ଏପରି ଅପକର୍ମ କରି ଥାଏ, ତା ଉପରକୁ ନେଉଟାଣି ବାଣ ମାରୁଥିଲେ ।

ସେ ରକ୍ତବାନ୍ତି କରି ପକାଉଥିଲା ।

ଚୋର ଧରିବାରେ ଗାଙ୍ଗୀ ପାରଙ୍ଗମ ଥିଲେ । କଉଡି ଦୁଇଟିକୁ ସିନ୍ଦୂର ଲଗାଇ ଫିଙ୍ଗି ଦେଲେ ସେ ଶୂନ୍ୟେ ଶୂନ୍ୟେ ଉଡିଯାଇ ଚୋରକୁ ଧରି ଆଣୁଥିଲା । ଗାଙ୍ଗୀ ମଧ୍ୟ ସିଦ୍ଧମନ୍ତ୍ରର ସ୍ରଷ୍ଟା ଥିଲେ ।

ଶୁଆ ତେଲୁଣୀ– ତେଲି ଘରର କୁଆଁରୀ କନ୍ୟା ଶୁଆ । ଗାରେଡି ବିଦ୍ୟାରେ ଧୁରନ୍ଧର । ମା ସମଲେଇ ଓ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ଅସାଧ୍ୟ ସାଧନ କରିପାରନ୍ତି । ବହୁ ଅଲୌକିକ ଘଟଣା ଘଟାଇ ଲୋକମାନଙ୍କୁ ଆଶ୍ଚର୍ଯ୍ୟ କରାଇ ଦିଅନ୍ତି ଶୁଆ । ଶୂନ୍ୟରେ ଦୋଳି ଝୁଲାଇ ଦେଇପାରନ୍ତି । ଯଦି କିଏ ଅତିଥି ଘରକୁ ଆସୁଥିଲେ, ତାଙ୍କର ତେଲ ମାଖିବା ଆବଶ୍ୟକ ପଡୁଥିଲା ତେବେ ଶୁଆ ସଙ୍ଗେ ସଙ୍ଗେ ଗିନାରେ ପାଣି ଗିନାଏ ମନ୍ତ୍ରୁରାଇ ପଠାଇ ଦେଉଥିଲେ । ଗିନାରେ ଅତିଥି ହାତ ବୁଡାଇବା ସଙ୍ଗେ ସଙ୍ଗେ ପାଣି ତେଲରେ ପରିଣତ ହୋଇ ଯାଉଥିଲା ।

ଶୁଆ ମଧ୍ୟ ଜଣେ ଉତ୍ତମ ଜ୍ୟୋତିଷ ଥିଲେ । କୌଣସି ଦ୍ରବ୍ୟ ହଜିଗଲେ, ଚୋରୀ ହୋଇଗଲେ ସେ ଗଣନା କରି କହି ଦେଇପାରୁଥିଲେ । କେଉଁ ଦିଗକୁ ଗଲେ ଶିକାର ମିଳିବ ସେ କଥା ଶିକାରୀମାନଙ୍କୁ ବତାଇ ଦେଉଥିଲେ । ଯେଉଁମାନେ ଗ୍ରହ ଦୋଷରେ ଘାରି ଦେଉଥିଲେ , ଗ୍ରହଦୋଷ ନିବାରଣ ନିମନ୍ତେ ଶାନ୍ତିକର୍ମ ବିଧାନ ସେ କରାଉଥିଲେ । ମନ୍ତ୍ର ବଳରେ ବ୍ୟାଘ୍ର, ସର୍ପ ତଥା ହିଂସ୍ର ଜନ୍ତୁମାନଙ୍କୁ ସ୍ତମ୍ଭନ କରିଦେଇ ପାରୁଥିଲେ ।

ଏହି ସପ୍ତକୁମାରୀ ତନ୍ତ୍ର ଓ ଶାକ୍ତ ପରମ୍ପରାର ଜଣେ ଜଣେ ଦିଗ୍‌ଦର୍ଶିକା । ଶ୍ରୀଦୁର୍ଗାଙ୍କର ଅନନ୍ୟ ଶକ୍ତି ଏମାନଙ୍କ ଠାରେ ସଞ୍ଚରି ଯାଇଥିଲେ । ଲୋକେ ଏମାନଙ୍କୁ ଜୀବନ୍ତ ଦେବୀ ରୂପେ ସ୍ୱୀକାର କରୁଥିଲେ । ନିତେଇ ଧୋବଣୀଙ୍କ ପୁରୀ ସ୍ଥିତ ମାର୍କେଣ୍ଡେଶ୍ୱର ପୋଖରୀର ପୂର୍ବ ଦକ୍ଷିଣ ଦିଗ କୋଣରେ ନିତେଇ ଧୋବଣୀ, ଚୋଡ଼ଗଙ୍ଗଦେବଙ୍କ ମୂର୍ତ୍ତିସବୁ ପୂଜା କରାଯାଉଛି । ମାତ୍ର ଏମାନେ କେବେ ହେଲେ ଦେବୀର ସମ୍ମାନ ନେବା ପାଇଁ ଚାହିଁ ନାହାନ୍ତି । ସେମାନେ ସାଧାରଣ ମଣିଷ ସହିତ ମଣିଷ ହୋଇ ସମାଜର ସୁଖଦୁଃଖରେ ସାମିଲ ହେବା ନିମନ୍ତେ ଚେଷ୍ଟା କରିଛନ୍ତି । ଏମାନେ ଅଜସ୍ର ମନ୍ତ୍ର ରଚନା କରିଯାଇଛନ୍ତି । ସେ ସବୁ ଓଡିଶା ଘରେ ଘରେ ତାଳପତ୍ର ପୋଥିମାନଙ୍କରେ ଅଛି । ତନ୍ତ୍ରଶାସ୍ତ୍ର ଗୋପନୀୟ ଭାବି ଲୋକେ ସେହି ତାଳପତ୍ର ପୋଥିଗୁଡିକୁ ଗବେଷକମାନଙ୍କୁ ଦେଖାଉନାହାନ୍ତି । ଫଳରେ ଏ ଅମୂଲ୍ୟ ତନ୍ତ୍ର ସାହିତ୍ୟ ଦିନେ ଲୋପ ପାଇଯିବ । ରାଜ୍ୟ ସଂଗ୍ରାହାଳୟରେ କେତେକ ତନ୍ତ୍ର ପୋଥି ରେ ଏମାନଙ୍କ ମନ୍ତ୍ର ଦେଖିବାକୁ ମିଳେ । ସେ ସବୁ ଏକତ୍ର କରାଯାଇ ପ୍ରକାଶ କରାଗଲେ ଓଡିଶାର ପ୍ରାଚୀନ ତନ୍ତ୍ର ସାହିତ୍ୟ ସୁରକ୍ଷିତ ହୋଇପାରନ୍ତା ଓ ଏହି ସାତତନ୍ତ୍ର ସାଧ୍‌କାଙ୍କୁ ସମସ୍ତେ ଚିହ୍ନି ପାରନ୍ତେ ।

❐

ଦୁର୍ଗତିନାଶିନୀ ମା' ଦୁର୍ଗା

ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆ



ମୋ : ୯୬୬୮୪୮୩୦୫

ଭାରତୀୟ ଶକ୍ତି ଉପାସନାର ସଂସ୍କୃତି ଓ ପରମ୍ପରାରେ ବିଭିନ୍ନ ଦେବୀପୂଜା ସ୍ୱୀକୃତ ହୋଇଥିଲେ ହେଁ ସର୍ବତୋଭାବେ ଦୁର୍ଗା ପୂଜାର ସ୍ୱାତନ୍ତ୍ର୍ୟ ଅନୁଭୂତ ହୁଏ । ତୈତ୍ତରୀୟ ଆରଣ୍ୟକରେ ବର୍ଣ୍ଣିତ ଦୁର୍ଗା ଗାୟତ୍ରୀରୁ ଦୁର୍ଗାନାମରେ ସର୍ବପ୍ରଥମ ଉଲ୍ଲେଖ ଦୃଷ୍ଟିଗୋଚର ହୁଏ । ଅଧିକନ୍ତୁ ସେଥିରେ ତପଃ ପ୍ରଜ୍ୱଳିତ ରୂପା ଶକ୍ତିରୂପେ ବର୍ଣ୍ଣନା କରାଯାଇ କୁହାଯାଇଛି :-

'ତାମଗ୍ନିବର୍ଣ୍ଣା ତପସା ଜ୍ୱଳନ୍ତାଂ
ବୈରୋଚନାଂ କର୍ମଫଳେଷୁ ଜୁଷ୍ଟାମ୍ ।
ଦୁର୍ଗାଦେବାଂ ଶରଣମହଂ
ପ୍ରପଦ୍ୟେ ସୁତରସି ତରସେ ନମଃ ।'

ଦୁର୍ଗା ଶବ୍ଦର ବ୍ୟୁତ୍ପତ୍ତି ପୁରାଣ ଶାସ୍ତ୍ରମାନଙ୍କରେ ବିଭିନ୍ନ ଅର୍ଥରେ ଅବତାରଣା କରାଯାଇଛି ।

ଦୁର୍ଗ+ଆ=ଦୁର୍ଗା । ଦୁର୍ଗ ଶବ୍ଦର ଆଭିଧାନିକ ଅର୍ଥ ହେଉଛି:- ଦୁର୍ଗନାମକ ଦୈତ୍ୟ, ମହାବିଘ୍ନ, ମହାଭୟ, ଭବବନ୍ଧ, ରୋଗ, ଦୁଃଖ, ଶୋକ, ନରକ, କୁକର୍ମ, ଜନ୍ମ, ଯମଦଣ୍ଡ ଏବଂ 'ଆ' ହେଉଛି ହନ୍ତୁବାଚକ । ଏହି ସମସ୍ତ ଅମଙ୍ଗଳ ଓ ଅଶୁଭକୁ ଯେ ବିନାଶ କରନ୍ତି, ସେ ହିଁ ଦୁର୍ଗା ।

'ଶବ୍ଦ କଳ୍ପଦ୍ରୁମ'ରେ ଉଲ୍ଲେଖ ଅଛି :-

'ଦୁର୍ଗୋ ଦୈତ୍ୟେ, ମହାବିଘ୍ନୋ, ଭବବନ୍ଧେ କୁକର୍ମଣି
ଶୋକେ ଦୁଃଖେଚ ନରକେ ଯମଦଣ୍ଡେ ଚ ଜନ୍ମନି
ମହାଭୟେଽତି ରୋଗେ ଚାପ୍ୟାଶବ୍ଦୋ ହନ୍ତବାଚକ
ଏତାନ୍ ହେନ୍ତ୍ୟେବ ଯା ଦେବୀ ସା ଦୁର୍ଗା ପରିକୀର୍ତ୍ତିତା ।'

ସର୍ବକଲ୍ୟାଣମୟୀ, ଦୁର୍ଗତିନାଶିନୀ, ଶାନ୍ତି ପ୍ରଦାୟିନୀ ଦେବୀ ଦୁର୍ଗାଙ୍କୁ ମଧ୍ୟ ନିମ୍ନ ଭାବରେ ବନ୍ଦନା କରାଯାଇଛି :-

'ପାପ ବିନାଶିନୀ ଦୁଷ୍ଟ ବିନାଶିନୀ ଘର୍ଘର ନାଦିନୀ ହାସରତେ
ଘଣ୍ଟବିନୋଦିନୀ ଡମ୍ବରୁବାଦିନୀ ନୃତ୍ୟ ବିନାଶିନୀ ନୃତ୍ୟରତେ ।
କୁଙ୍କୁମ ମର୍ଦ୍ଦିନୀ କଞ୍ଜ ସୁଲୋଚନା ମନ୍ଥର ଗାମିନୀ ଗାନରତେ
ଦୁର୍ଗତି ତାରିଣୀ ଭାବିନୀ ମାନିନୀ ପାଳିନୀ ଦାନିନୀ ଦୁର୍ଗାମାତେ ।'

ଶକ୍ତି ସ୍ୱରୂପିଣୀ ତଥା ଶକ୍ତିର ଅଧିଷ୍ଠାତ୍ରୀ ମା' ଦୁର୍ଗାଙ୍କ ଉଦ୍ଦେଶ୍ୟରେ କୁହାଯାଇଛି ଯେ :- 'ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା ।' ମହାଭାରତରେ ବିରାଟ ପର୍ବରେ ଦେବୀଙ୍କୁ ଦୁର୍ଗତି ନାଶିନୀ ରୂପେ ଅବତାରଣା କରାଯାଇଛି । 'ଦୁର୍ଗାତ୍ ତାରୟସେ ଦୁର୍ଗେ ତସ୍ମାତ୍ ଦୁର୍ଗାସ୍ୱତାଜନୈଃ ।' ସ୍କନ୍ଦ ପୁରାଣରେ ଉଲ୍ଲେଖ ଅଛି ଯେ, ଦୁର୍ଗାସୁରର ନିଧନ ପରେ ଦେବୀ ନିଜର ଦୁର୍ଗା ନାମକରଣର ତାତ୍ପର୍ଯ୍ୟ ବ୍ୟାଖନ କରି କହିଛନ୍ତି :-

ଅହ୍ୟ ପ୍ରଭୃତିମେ ନାମ ଦୁର୍ଗେତି ଖ୍ୟାତିମେଷ୍ୟତି
ଦୁର୍ଗଦୈତସ୍ୟ ସମରେ ପାତନାବତି ଦୁର୍ଗମାତ୍
ଯେ ମାଂ ଦୁର୍ଗାଂ ଶରଣାଃ ନ ତେଷାଂ ଦୁର୍ଗତି କ୍ୱଚିତ୍ ।

ମାର୍କଣ୍ଡେୟ ପୁରାଣରେ ଦେବୀ ଚଣ୍ଡିକା ଭବିଷ୍ୟତରେ ଦୁର୍ଗମାସୁରକୁ ମାରି ଦୁର୍ଗା ନାମରେ ପୂଜିତ ହେବାର ପ୍ରତିଶ୍ରୁତି ଦେଇ କହିଛନ୍ତି :-

'ତତ୍ରୈବ ଚ ବଧିଷ୍ୟାମି ଦୁର୍ଗମାଖ୍ୟଂ ମହାସୁରମ୍
ଦୁର୍ଗାଦେବୀତି ବିଖ୍ୟାତଂ ତନ୍ମେ ନାମ ଭବିଷ୍ୟତି ।'

ସେ ପୁଣି ସର୍ବଭୂତରେ ମାତୃ, ଦୟା, କ୍ଷମା, ଶାନ୍ତି, ମୁକ୍ତି, ବିଦ୍ୟା, ଅବିଦ୍ୟା, ପରା ଓ ଅପରା ଇତ୍ୟାଦି ସର୍ବରୂପରେ ପର୍ଯ୍ୟବସିତା । ସେ ପ୍ରକୃତି ସ୍ୱରୂପିଣୀ, ସର୍ବ ମନ୍ତ୍ରରେ ଜନନୀ, ସର୍ବ ଜ୍ଞାନରେ ଜ୍ଞାନ, ସର୍ବଶୂନ୍ୟର ସାକ୍ଷୀ ଏବଂ ଚେତନାର ଅଗ୍ରସ୍ଥ । ତାଙ୍କ ସ୍ଥିତି ବିନା ପୁରୁଷ ଅଚଳ ହୋଇଯାଏ । ଶିବ ଶବରେ ପରିଣତ ହୁଅନ୍ତି । ଏଣୁ ପୁରୁଷ ଓ ପ୍ରକୃତି ପରି, ଶିବ ଓ ଶକ୍ତି ଏକାନ୍ତଭାବେ ପରସ୍ପରର ପରିପୂରକ । ଶିବ ଶକ୍ତି ସଂଯୁକ୍ତ ହେଲେ ହେଁ, ଅ, ଉ, ମ, ର ମିଶ୍ରଣରେ ଓଁକାର ଧ୍ୱନି ଉତ୍ପନ୍ନ ହୁଏ । ସେଇ ଧ୍ୱନିରୁ ପଞ୍ଚଭୂତ, ପଞ୍ଚେନ୍ଦ୍ରିୟ, ପଞ୍ଚତନ୍ମାତ୍ର ଏବଂ ପଞ୍ଚବର୍ଣ୍ଣର ସୃଷ୍ଟି ହୁଏ । ଶକ୍ତି ହିଁ ବ୍ରହ୍ମର ଅବ୍ୟକ୍ତ ରୂପକୁ ବ୍ୟକ୍ତ କରି ସଚରାଚର ବିଶ୍ୱକୁ ପ୍ରକାଶିତ କରେ । ଏଣୁ ଗୀତାରେ କୁହାଯାଇଛି :-

'ମାୟାଧକ୍ଷେଣ ପ୍ରକୃତଃ ସୂୟତେ ସରୋଚରମ୍' (ଗୀତା- ୧୦/୯)

ଓଡ଼ିଶାରେ ଦେବୀ ଉପାସନା ପରମ୍ପରା ବହୁ ପ୍ରାଚୀନ କାଳରୁ ପ୍ରଚଳିତ ହୋଇଆସିଛି । ତେଣୁ ଓଡ଼ିଆ ସାହିତ୍ୟରେ ଦେବୀ ଉପାସନାର ଏକ ବଳିଷ୍ଠଧାରା ଲକ୍ଷ୍ୟ କରିହୁଏ । ଓଡ଼ିଶାର ସାଂସ୍କୃତିକ ଧାରାରେ ଦେବୀ ଉପାସନା ଏକ ବିଶିଷ୍ଟ ବିଭବ କହିଲେ ଅତ୍ୟୁକ୍ତି ହେବ ନାହିଁ । ମାତୃ ଉପାସନାର ଶାଶ୍ୱତ କ୍ଷେତ୍ର ହେଉଛି ଉଡ୍ଡୀୟାନ ପୀଠ ବା ଓଡ଼ିଶା । ହଜାର ହଜାର ବର୍ଷ ଧରି ଓଡ଼ିଶାର ଲୋକମାନସର ଆଧ୍ୟାତ୍ମିକ ଚେତନାରେ ଶକ୍ତି ବା ଦେବୀ ମୁଖ୍ୟସ୍ଥାନ ଗ୍ରହଣ କରିଛନ୍ତି । ସୁତରାଂ ଭାରତ ତଥା ଓଡ଼ିଶାରେ ହଜାର ହଜାର ବର୍ଷ ଧରି ଦେବୀ ପୂଜା ପ୍ରଚଳନ ଥିବାର ପ୍ରମାଣ ରହିଆସିଛି । ଶିବ ଏବଂ ଶକ୍ତି ଏକ ଓ ଅଭିନ୍ନ । ଶିବ ଆଦି ଦେବତା, ଆଦିମାତା ଓ ଆଦିଶକ୍ତି । ତେଣୁ ଶିବ ଉପାସନା ସହିତ ସମତାଳରେ ଶକ୍ତି ଉପାସନା ଏ ଦେଶରେ ପ୍ରଚଳିତ ।

ପ୍ରାକ୍‌ଯୁଗୀୟ ମହେଞ୍ଜୋଦାରୁ ଓ ହରପ୍ପା ସଭ୍ୟତା ଗଢି ଉଠିଥିବା ସିନ୍ଧୁ ଉପତ୍ୟକା ହେଉଛି ଦେବୀ ଉପାସନା ଓ ମାତୃପୂଜାର ପ୍ରଥମ ନିଦର୍ଶନ । ମହେଞ୍ଜୋଦାରୁ ଠାରୁ ପ୍ରାପ୍ତ ହୋଇଥିବା ମାତୃକା ମୂର୍ତ୍ତି ପ୍ରମାଣ କରୁଅଛି ଯେ, ଏକଦା ସିନ୍ଧୁ ସଭ୍ୟତାରେ ମାତୃ ଉପାସନା ପ୍ରଚଳିତ ଥିଲା । ବୈଦିକ ଯୁଗରେ ମୂର୍ତ୍ତିପୂଜା ପ୍ରଚଳନ ନଥିଲା । ଆର୍ଯ୍ୟ ଋଷିଗଣ ଦେବତାଙ୍କ ଉଦ୍ଦେଶ୍ୟରେ ହୋମାଗ୍ନିରେ ଘୃତାହୂତି ପ୍ରଦାନ କରୁଥିଲେ । ଋଗ୍‌ବେଦର ସୂଚିତ ହୋଇଥିବା ପ୍ରଧାନ ଦେବତାମାନେ ହେଉଛନ୍ତି :- ଇନ୍ଦ୍ର, ଅଗ୍ନି, ବରୁଣ, ରୁଦ୍ର ଓ ପ୍ରଜାପତି ଇତ୍ୟାଦି । ସେହିପରି ଋଗ୍‌ବେଦରେ ସ୍ୱୀକୃତି ପାଇଥିବା ଦେବୀମାନେ ହେଲେ - ଉଷା, ସରସ୍ୱତୀ ଓ ପୃଥ୍ୱୀ ।

ଖ୍ରୀଷ୍ଟୀୟ ପ୍ରଥମ ଶତବ୍ଦୀବେଳକୁ ଭାରତ ତଥା ଓଡ଼ିଶାରେ 'ମହାଯାନ' 'ବୌଦ୍ଧଧର୍ମ' ବିକାଶର ପର୍ବ । ମହାଯାନୀ ବୌଦ୍ଧମାନେ ମୂର୍ତ୍ତିପୂଜାର ପକ୍ଷପାତୀ ଥିଲେ । ସେମାନେ ପଞ୍ଚିଧାନୀ ବୁଦ୍ଧଙ୍କୁ ପୂଜା କରୁଥିଲେ । ବୌଦ୍ଧମାନଙ୍କର ପ୍ରଥମ ଉପାସିତା ଦେବୀ ହେଉଛନ୍ତି ସୌମ୍ୟାମୂର୍ତ୍ତି ତାରା । ମହାଯାନୀ ବୌଦ୍ଧମାନେ ତାଙ୍କୁ ତ୍ରାଣକର୍ତ୍ତା ଭାବରେ ଉପାସନା କରୁଥିଲେ । ଏହାପରେ ପଞ୍ଚଧ୍ୟାନୀ ବୁଦ୍ଧଙ୍କର ପଞ୍ଚଶକ୍ତି ପରିକଳ୍ପନା କରାଗଲା । କେତେକ ଗବେଷକଙ୍କ ମତରେ କାଳକ୍ରମେ ବୁଦ୍ଧ ହିନ୍ଦୁ ସଂସ୍କୃତିରେ ଶିବରୂପେ ଉପାସିତ ହେଲେ । ତେଣୁ ସେହି କ୍ରମରେ ବୁଦ୍ଧଙ୍କର ଶକ୍ତିମାନେ ପରବର୍ତ୍ତୀ କାଳରେ ଅମ୍ବିକା, ଉମା, ପାର୍ବତୀ, ଦୁର୍ଗା, କାଳୀ ଭାବରେ ପରିକୀର୍ତ୍ତିତା ହେଲେ । ଏହା ଅବଶ୍ୟ ଗଭୀର ଗବେଷଣା ସାପେକ୍ଷ, କିନ୍ତୁ ଏହା ସତ୍ୟ ଯେ ବୌଦ୍ଧତନ୍ତ୍ରର ଦେବୀ ଉପବାସୀ ବୁଦ୍ଧଙ୍କର ଶକ୍ତି ଚାମୁଣ୍ଡା ସୌମ୍ୟା ନୁହନ୍ତି, ଚାମୁଣ୍ଡା ହିନ୍ଦୁମାନଙ୍କ ଦ୍ୱାରା ପୂଜା ପାଇଆସୁଛନ୍ତି । ତାରାଙ୍କ ପରି ଚାମୁଣ୍ଡା ସୌମ୍ୟା ନୁହନ୍ତି, ଚାମୁଣ୍ଡା ଭୟଙ୍କର ମୂର୍ତ୍ତି । ପୁରାଣ ଯୁଗ ବେଳକୁ ଦେବୀ 'ଚଣ୍ଡୀ' ନାମରେ ପରିଚିତ ଲାଭ କରି ସାରିଲେଣି । ମାର୍କଣ୍ଡେୟ ପୁରାଣରେ ରହିଥିବା ଦେବୀ ମାହାତ୍ମ୍ୟ (୮୧ ଅଧ୍ୟାୟ ଠାରୁ ୯୩ ଅଧ୍ୟାୟ ପର୍ଯ୍ୟନ୍ତ) ୧୩ ଗୋଟି ଅଧ୍ୟାୟ ଯାହା ଶ୍ରୀଶ୍ରୀ ଚଣ୍ଡୀ ନାମରେ ଖ୍ୟାତ । ୧୩ଗୋଟି ଅଧ୍ୟାୟରେ ସାତଶହ ମନ୍ତ୍ର ଥିବାରୁ ଏହାକୁ 'ଦୁର୍ଗା ସପ୍ତଶତୀ' କୁହାଯାଏ । ଚଣ୍ଡୀରେ ତିନୋଟି ଚରିତ ରହିଛି । ପ୍ରଥମ ଚରିତରେ ମଧୁକୈଟଭ ବଧ ବର୍ଣ୍ଣନା ବ୍ରହ୍ମାଙ୍କ ଆରାଧନାରେ ଯୋଗନିଦ୍ରା ରୂପିଣୀ ମହାଶକ୍ତି ମହାକାଳୀ ହେଲେ ଏବଂ ତାଙ୍କ କୃପାବଳରେ ଭଗବାନ ବିଷ୍ଣୁ ମଧୁକୈଟଭଙ୍କୁ ବଧ କଲେ ।

ମଧ୍ୟମ ଚରିତରେ ମହିଷାସୁର ନିଧନ ପ୍ରସଙ୍ଗ ବର୍ଣ୍ଣିତ । ମାର୍କଣ୍ଡେୟ ପୁରାଣ ଅନ୍ତର୍ଗତ ଦେବୀ ମାହାତ୍ମ୍ୟ ବର୍ଣ୍ଣନା ଅନୁସାରେ ବୈରସରୁ ସୁପାର୍ଶ୍ୱ ଋଷିଙ୍କ ପୁତ୍ର ସିନ୍ଧୁଦ୍ୱୀପଙ୍କ ଏବଂ ଅସୁରରାଜ ବିପ୍ରଚିତ୍ତର କନ୍ୟା ମହିଷ୍ମତିର ଗର୍ଭରୁ ଜନ୍ମ ନେଇଥିଲା ଦୁର୍ଦ୍ଦାନ୍ତ ମହିଷାସୁର । ସମୟର ଆବର୍ତ୍ତନରେ କ୍ରମେ ମହିଷାସୁର ଯୌବନରେ ପଦାର୍ପଣ କଲା । କଠୋର ତପସ୍ୟାପୂର୍ବକ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରି ଅଭୂତପୂର୍ବ ଯାଚଞ୍ଚା କଲା

ମହିଷାସୁର । ପରବର୍ତ୍ତୀ ପ୍ରଳୟ ପର୍ଯ୍ୟନ୍ତ ଅମର ରହିବାକୁ ନିଜର ଇଚ୍ଛା ଉପସ୍ଥାପନା କଲା ସେ । ତଥାସ୍ତୁ କହି ବ୍ରହ୍ମା ବର ପ୍ରଦାନ କଲେ ସତ, ମାତ୍ର ତାଙ୍କ ମୁଖରେ ଇଷତ ହାସ୍ୟ ଆବିଷ୍କାର କରିବା ପରେ ସଂଶୟାବିଷ୍ଟ ହୋଇପଡ଼ିଲା ମହିଷାସୁର । ମୃଦୁହାସ୍ୟର କାରଣ ଜିଜ୍ଞାସା କରନ୍ତେ ମହାକବି ସାରଳା ଦାସଙ୍କ ଲେଖନୀରେ ବ୍ରହ୍ମା ଉତ୍ତର ଦେଲେ :-

'କିନ୍ତୁ ମର୍ତ୍ତ୍ୟରେ ଜନ୍ମିଣ ଅମର କେ ନାହିଁ,
ଦେବତା ହୋଇଲେ ମଧ ଅବଶ୍ୟ ମରଇ ।
ଏହି କଥା ଗୋଟି ତୁହି ରଖିଥାଅ ମନେ,
ରମଣୀ ହସ୍ତରେ ବଧ ହୋଇବୁ ତୁ ଦିନେ ।' (ଚଣ୍ଡୀ ପୁରାଣ)

ଏକ ଅବଳାନାରୀ ଯେ ତା'ର ମୃତ୍ୟୁର କାରଣ ହେବ; ସେଥିପ୍ରତି ଆଦୌ ଗୁରୁତ୍ୱ ନ ଦେଇ ସେ ପୁନଶ୍ଚ ବ୍ରହ୍ମାଙ୍କୁ ନିବେଦନ କଲା :-

'ଯେବେ ସ୍ତିରୀ ହାତରେ ହୋଇବି ନିଧନ,
ଚାହିଁଥିବି ମୁଁ ତାହାର ସ୍ତନ ଯଉବନ ।'

ତପସ୍ୟାରେ ସିଦ୍ଧିଲାଭ ତଥା ବ୍ରହ୍ମାବରରେ ବଳୀୟାନ ହୋଇ ମହିଷାସୁର ତ୍ରି-ଭୁବନରେ ଉତ୍ପାତ ଆରମ୍ଭ କଲା । ସେ ଚଣ୍ଡ, ମୁଣ୍ଡ, ଅନ୍ଧକ, ଅସିଲୋମା, ରକ୍ତବୀର୍ଯ୍ୟ, ଭବାୟୁଧ, ଉଗ୍ରାସ୍ୟ, ଉଦଗ୍ର, କାଳମୋଚନ, ଉଗ୍ରବୀର୍ଯ୍ୟ, ଶୁମ୍ଭ, ନିଶୁମ୍ଭ, ଧୁମ୍ରଲୋଚନ ଓ ଅଗଣିତ ଆସୁରିକ ପ୍ରକୃତିର ସେନାପତିମାନଙ୍କ ସହାୟତାରେ ତ୍ରିପୁର ବିଜୟ ପାଇଁ ଯୁଦ୍ଧ ଅଭିଯାନ କଲା । ମଧମ ଚରିତରେ ବର୍ଣ୍ଣନା କରାଯାଇଛି ଯେ, ବିଷ୍ଣୁ କ୍ରୋଧାନ୍ୱିତ ହେବାରୁ ତାଙ୍କର ମୁଖରୁ ତେଜ ନିର୍ଗତ ହେଲା । ଏହାପରେ ବ୍ରହ୍ମା, ଶିବ, ଇନ୍ଦ୍ରାଦି ଦେବଗଣଙ୍କ ଠାରୁ ତେଜମାନ ନିର୍ଗତ ହୋଇ କାତ୍ୟାୟନଙ୍କ ଆଶ୍ରମରେ ସେହି ସମସ୍ତ ତେଜରୁ ମହାଶକ୍ତି ମହାଲକ୍ଷ୍ମୀ ଆବିର୍ଭୂତା ହେଲେ ଓ ମହିଷାସୁରକୁ ନିଧନ କରିଥିଲେ । ଏହି ମହାଲକ୍ଷ୍ମୀ ଶରତକାଳରେ ଦୁର୍ଗା ନାମରେ ପୂଜିତା ହୋଇଥାନ୍ତି । ଉତ୍ତର ଚରିତରେ ଶୁମ୍ଭ-ନିଶୁମ୍ଭ ବଧ ବର୍ଣ୍ଣିତ ଦେବୀ କୌଶିକୀ ମୂର୍ତ୍ତିରେ ଆବିର୍ଭୂତା ହୋଇ ଏହି ଦାନବକୁ ହତ୍ୟା କରିଥିଲେ ।

ଏହି ଦେବୀଙ୍କୁ ମହାସରସ୍ୱତୀ କୁହାଯାଇଛି । ସୁତରାଂ ଚଣ୍ଡୀର ପ୍ରଥମ ଚରିତର ଅଧିଷ୍ଠାତ୍ରୀଦେବୀ ମହାକାଳିକା, ମଧମ ଚରିତର ଦେବୀ ମହାଲକ୍ଷ୍ମୀ ଓ ଉତ୍ତର ଚରିତର ଦେବୀ ମହାସରସ୍ୱତୀ । ମାର୍କଣ୍ଡେୟ ପୁରାଣରେ ଦେବୀଙ୍କୁ ବ୍ରହ୍ମାଣ୍ଡର ସ୍ରଷ୍ଟା, ରକ୍ଷାକାରିଣୀ ଓ ବିଲୟକର୍ତ୍ତ୍ରୀ ଭାବରେ ବର୍ଣ୍ଣନା କରାଯାଇଛି ।

ଅମରକୋଷର ରଚୟିତା ଅମର ସିଂହଙ୍କ ସମୟ ଅର୍ଥାତ୍ ଚତୁର୍ଥ / ପଞ୍ଚମ ଶତାବ୍ଦୀ ବେଳକୁ ଦେବୀଙ୍କର ନିମ୍ନ ସତର ଗୋଟି ନାମ ପ୍ରତିପାଦିତ ହୋଇ ସାରିଲାଣି ।

'ଉମା କାତ୍ୟାୟନୀ ଗୌରୀ କାଳୀ ହୈମବତୀଶ୍ୱରୀ
ଶିବା ଭବାନୀ ରୁଦ୍ରାଣୀ ସର୍ବାଣୀ ସର୍ବମଙ୍ଗଳା

ଅପର୍ଣ୍ଣା ପାର୍ବତୀ ଦୁର୍ଗା ମୃଡାନୀ ଚଣ୍ଡିକାମ୍ବିକା ।' (ପ୍ରଥମ କାଣ୍ଡ, ସ୍ୱର୍ଗବର୍ଗଃ ।)

'ମାର୍କଣ୍ଡେୟ ପୁରାଣ' ଅନ୍ତର୍ଗତ ଦେବୀ ମାହାତ୍ମ୍ୟର କବଚ ସ୍ତୋତ୍ରରେ ନବ ଦୁର୍ଗାଙ୍କର ନାମ ଉଲ୍ଲେଖ ରହିଛି । ଯଥା :-

'ପ୍ରଥମଂ ଶୈଳ ପୁତ୍ରୀତି ଦ୍ୱିତୀୟଂ ବ୍ରହ୍ମଚାରିଣୀ
ତୃତୀୟଂ ଚଣ୍ଡ ଘଣ୍ଟେତି କୁଷ୍ମାଣ୍ଡେତି ଚତୁର୍ଥକମ୍
ପଞ୍ଚମଂ ସ୍କନ୍ଦମାତେତି ଷଷ୍ଠଂ କାତ୍ୟାୟନୀ ତଥା
ସପ୍ତମଂ କାଳରାତ୍ରିତି ମହାଗୌରୀତିଚାଷ୍ଟମମ୍
ନବମଂ ସିଦ୍ଧିଦାତ୍ରୀ ଚ ନବଦୁର୍ଗା ପ୍ରକୀର୍ତ୍ତିତାଃ ।

ଶକ୍ତି ରୂପିଣୀ ମା' ଦୁର୍ଗା ଅସଂଖ୍ୟା ନାମରେ ନାମିତା ଓ ପୂଜିତା । କେତେଗୋଟି ଉଲ୍ଲେଖଯୋଗ୍ୟ ରୂପ ହେଉଛି:- ଚଣ୍ଡିକା, ଅମ୍ବିକା, ନାରାୟଣୀ, ଭଗବତୀ, ଦୁର୍ଗା, ବନଦୁର୍ଗା, ବୈଷ୍ଣବୀ, ମହାମାୟା, ଚାମୁଣ୍ଡା, ଗୌରୀ, ମାହେଶ୍ୱରୀ, ପରମେଶ୍ୱରୀ, ପାର୍ବତୀ, ଜଗଦ୍ଧାତ୍ରୀ, ବ୍ରହ୍ମାଣୀ, ଅମ୍ବା, ବିମଳା, ରଣଚଣ୍ଡୀ, ଦକ୍ଷିଣକାଳୀ, କାମାକ୍ଷା, ଶ୍ୟାମାକାଳୀ, ମଙ୍ଗଳା, କାଳୀ, ଭଦ୍ରକାଳୀ, ଭୈରବୀ ଇତ୍ୟାଦି । ସେ ବହୁରୂପା । ଅଦୈତ, ଦ୍ୱୈତ, ତ୍ରୈତ ଓ ଅନେକତ୍ୱ । ଅଦ୍ୱୈତ ବା ଐକ୍ୟ ରୂପରେ ସେ ପରମାଶକ୍ତି ସନାତନୀ । ଦୁର୍ଗା ବା ଭବାନୀ ହୋଇ ପରମେଶ୍ୱରଙ୍କ ଅନନ୍ତ ଲୀଳାକୁ ପରିପୂର୍ଣ୍ଣ କରିବାରେ ସଫଳ ହୋଇଥାନ୍ତି । ସେ ଏକାକ୍ଷର 'ଓଁ'କାର ବୀଜ ସଂଭୂତା ଏବଂ 'ଓଁ' କାରର ସର୍ବମୟ କର୍ତ୍ତ୍ରୀ । ସେ ଦ୍ୱୈତ ରୂପରେ ବିବର୍ଣ୍ଣ ଏବଂ ଦ୍ୱୈତ ଗୁଣଯୁକ୍ତା । ସେ କାଳୀ ଏବଂ ସେ ହିଁ ଗୌରୀ । ନିର୍ମଳ ଶରୀର, ଗୌରବର୍ଣ୍ଣ କାନ୍ତିଯୁକ୍ତା ଜଗଜ୍ଜନନୀ ଉମା, ଗୌରୀ, ପାର୍ବତୀ, ନାରାୟଣୀ ଭାବରେ ଜଗତର ପାଳନକର୍ତ୍ତ୍ରୀ ଏବଂ କାଳୀ ରୂପରେ କୃଷ୍ଣବର୍ଣ୍ଣ ଧାରଣ କରି ପ୍ରଳୟ ରଚନା କରନ୍ତି । ପୁଣ୍ୟାତ୍ମାମାନଙ୍କ ହୃଦୟରେ ଲକ୍ଷ୍ମୀରୂପେ, ପାପାତ୍ମାମାନଙ୍କ ହୃଦୟରେ ଅଲକ୍ଷ୍ମୀ ରୂପେ ବିରାଜମାନ କରନ୍ତି ଏବଂ ଶତ୍ରୁ ସମ୍ମୁଖରେ ଭୟଙ୍କର ରୂପ ହେଲାବେଳେ ଭକ୍ତ ସମ୍ମୁଖରେ ବରଦାଭାବେ ଦୃଶ୍ୟ ହୁଅନ୍ତି । ତ୍ରୈତ ଭାବରେ ମା' ତ୍ରିନୟନ । ତ୍ର୍ୟମ୍ବକେ ତ୍ରିଶକ୍ତିସଂପନ୍ନା । ସୃଜନ କାଳରେ ସେ ମହାସରସ୍ୱତୀ, ପାଳନ କାଳରେ ମହାଲକ୍ଷ୍ମୀ ଓ ବିନାଶ କାଳରେ ମହାକାଳୀ ଭାବେ ପ୍ରକଟିତ ହୁଅନ୍ତି । ସତ୍ତ୍ୱ, ରଜ, ତମ- ତ୍ରିଗୁଣ ବିକାଶ କରି ସୃଷ୍ଟି-ସ୍ଥିତି-ପ୍ରଳୟର ରଚନା କରିଥାନ୍ତି ।

ଦୁର୍ଗତିନାଶିନୀ ଜଗଜ୍ଜନନୀ ଶ୍ରୀ ଦୁର୍ଗାଙ୍କର ଧ୍ୟାନ ନିମ୍ନମତେ କରାଯାଇଛି :-

'ଓଁ ଜଟାଜୁଟ ସମାଯୁକ୍ତ ମର୍ଦ୍ଦେନ୍ଦୁ କୃତ ଶେଖରାଂ
ଲୋଚନ ତ୍ରୟ ସଂଯୁକ୍ତା ପୂର୍ଣ୍ଣେନ୍ଦୁ ସଦୃଶ୍ୟାନନାମ୍ ।
ତପ୍ତକାଞ୍ଚନ ବର୍ଣ୍ଣାଭାଂ ସୁପ୍ରତିଷ୍ଠାଂ ସୁଲୋଚନମ୍

ନବଯୌବନ ସମ୍ପନ୍ନାଂ ସର୍ବଭରଣ ଭୂଷିତାମ୍ ।
ସୁଚାରୁ ଦଶନାଂ ତଦ୍ଧୁ ପାନୋନ୍ନତ ପୟୋଧରାଂ
ତ୍ରିଭଙ୍ଗ ସ୍ଥାନ ସଂସ୍ଥାନାଂ ମହିଷାସୁର ମର୍ଦ୍ଦିନାମ୍ ।'

ଶାକ୍ତ ଉପନିଷଦରେ କୁହାଯାଇଛି :- 'ଶକ୍ତି ହିଁ ପ୍ରକୃତି' ଓ ପୁରୁଷର ଜନନୀ ଓ ବ୍ରହ୍ମା ସ୍ୱୟଂ ଭଗବାନ କୃଷ୍ଣ, ମର୍ଯ୍ୟାଦା ପୁରୁଷ ପ୍ରଭୁ ରାମଚନ୍ଦ୍ର ଆଦ୍ୟାଶକ୍ତିଙ୍କୁ ଆରାଧନା କରୁଥିବା ପ୍ରମାଣ ପୁରାଣମାନଙ୍କରେ ବିଦ୍ୟମାନ । ପ୍ରଭୁ ଶ୍ରୀରାମଚନ୍ଦ୍ର ଦେବୀଙ୍କୁ ଜାଗ୍ରତ କରାଇ ୧୦୮ ନୀଳପଦ୍ମରେ ପୂଜା କରି ସଫଳକାମୀ ହୋଇଥିବାରୁ ଏହା 'ଅକାଳ ବୋଧନ' ପୂଜାରୂପେ ପ୍ରସିଦ୍ଧ । ନାରଦଙ୍କ ପରାମର୍ଶରେ ରାମଚନ୍ଦ୍ର ଦେବୀଙ୍କୁ ବୋଧନ କରି କିସ୍କିନ୍ଧ୍ୟା ପର୍ବତରେ ପ୍ରଥମେ ଆରାଧନା କରି ଅଷ୍ଟମୀ ତିଥିରେ ଦେବୀଙ୍କ ଦର୍ଶନ ଲାଭ କରିଥିଲେ । ଏହି ପବିତ୍ର ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ସମଗ୍ର ଭାରତରେ ଆଶ୍ୱିନ ଶୁକ୍ଳ ପ୍ରତିପଦଠାରୁ ନବମୀ ପର୍ଯ୍ୟନ୍ତ ନବରାତ୍ର ଦୁର୍ଗାପୂଜାର ପରମ୍ପରା ଅଦ୍ୟାବଧି ପ୍ରଚଳିତ ହୋଇଆସୁଛି ।

ଦେବୀପୂଜାର ପ୍ରଧାନ ନିଦର୍ଶନ ହେଉଛି ଦଶହରା ବା ବିଜୟାଦଶମୀ । ଏହାକୁ ଶାରଦୀୟ ଦୁର୍ଗାପୂଜା କୁହାଯାଏ । ଭାରତ ତଥା ଓଡ଼ିଶାରେ ସର୍ବତ୍ର ଶାରଦୀୟ ଦୁର୍ଗାପୂଜା ପାଳନ କରାଯାଉଛି । ଏହାକୁ ସାର୍ବଜନୀନ ଦୁର୍ଗାପୂଜା କୁହାଯାଏ । ପ୍ରକାଶଥାଉକି, ଆଶ୍ୱିନ ଶ୍ରବଣାଯୁକ୍ତ ଦଶମୀ 'ବିଜୟା ଦଶମୀ' ନାମରେ ଖ୍ୟାତ । ଏ ସମ୍ପର୍କୀୟ ଶାସ୍ତ୍ରୀୟ ପ୍ରମାଣ ପ୍ରଣିଧାନଯୋଗ୍ୟ ।

'ଆଶ୍ୱିନ ଦଶମୀ ଯୁକ୍ତା ଶ୍ରବଣେନ ସମନ୍ୱିତା,
ବିଜୟା ଦଶମୀ ପ୍ରୋକ୍ତା ସାଚୈବାତ୍ୟନତ ଦୁର୍ଲଭା ।'

ଦୁର୍ଗାପୂଜା ଏକ ସାର୍ବଜନୀନ ଉତ୍ସବ । ଶାନ୍ତି, ମୈତ୍ରୀ ଓ ସଂପ୍ରୀତିର ପ୍ରତୀକ ଏ ଶାରଦୀୟ ଉତ୍ସବ । ବୈଦିକ, ପୌରାଣିକ ଓ ଲୌକିକ ଆଦି ରୀତି ପଦ୍ଧତି ସମ୍ମିଳିତ ହୋଇ ଦୁର୍ଗାପୂଜାକୁ ସାର୍ବଜନୀନ ଉତ୍ସବରେ ପରିଣତ କରିଅଛି । କିନ୍ତୁ ସମୟଚକ୍ର ଆଜି ଏକ ପ୍ରକାର ସ୍ଥାଣୁତ୍ୱ ଓ ଅବକ୍ଷୟ ଏହି ଐତିହାସିକ ଐକ୍ୟରେ ଘୋର ଅନ୍ତରାୟ ସୃଷ୍ଟି କରିଛି । ଆଜି ସ୍ୱାର୍ଥ, ଦ୍ୱେଷ, ଶୋଷଣ ଓ ଲାଭଖୋର ମନୋବୃତ୍ତି ଦ୍ୱାରା ସମାଜ କଳୁଷିତ ହୋଇପଡିଛି । ପୂଜା-ପାର୍ବଣର ଅନ୍ତରାଳରେ ବିଦ୍ୟମାନ ଧର୍ମପ୍ରାଣତା ଆଜି ସୁଦୂର ପରାହତ । କେତେକ ନିରୀହ ଲୋକଙ୍କ ନିର୍ମମ ହତ୍ୟାର କାରଣ ହୋଇ ପଡ଼ିଛି । ସଂକୀର୍ଣ୍ଣ ରାଜନୀତି ଦ୍ୱାରା ପ୍ରୋତ୍ସାହିତ ଯୁବ ସଂପ୍ରଦାୟ ଏହାଦ୍ୱାରା ଜୀବନକୁ ଅତି ମାମୁଲି ଭାବିବା ସହ କେତେକ ହୀନଭାବ ଜୀବନର ଆଦର୍ଶ ବୋଲି ଭାବୁଛନ୍ତି । ସମାଜ ଜୀବନରେ ମାନବିକ ମୂଲ୍ୟବୋଧର ସଂକଟ ଦେଖା ଦେଇଛି । ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଭାରତର ସାମାଜିକ ସ୍ଥିତିକୁ ବିପନ୍ନ କରିଛି । ଜାତିଆଣାଭାବ, ଭେଦଭାବ ପ୍ରଥା, ସଂରକ୍ଷଣ ବ୍ୟବସ୍ଥା,

ବେକାରମାନଙ୍କ ସଂଖ୍ୟାବୃଦ୍ଧି ଆଦି ଯୋଗୁଁ ସାମାଜିକ ସ୍ଥିରତା ରକ୍ଷା କରିବା ସମ୍ଭବପର ହୋଇପାରୁ ନାହିଁ । ଦାରିଦ୍ର୍ୟ, ଧାର୍ମିକ ସଂଘର୍ଷ ଯୋଗୁଁ ସାମାଜିକ ବୈଷମ୍ୟ ସୃଷ୍ଟି ହେଉଥିବାରୁ ଦେଶର ପ୍ରଗତି ବାଧାପ୍ରାପ୍ତ ହେଉଛି । ରାଜନୈତିକ ଅସ୍ଥିରତା ଦେଶ ପ୍ରଗତିର ପରିପନ୍ଥୀ । ବିଚ୍ଛିନ୍ନତାବାଦ ଭାରତର ସାର୍ବଭୌମତ୍ୱ କ୍ଷେତ୍ରରେ ଅନ୍ୟ ଏକ ସମସ୍ୟାର ରୂପ ନେଇ ମୁଣ୍ଡ ଟେକିଛି । ବିଭିନ୍ନ ଯୋଜନାର କାର୍ଯ୍ୟକାରିତାର ଅଭାବ ଯୋଗୁଁ ଦାରିଦ୍ର୍ୟ ବୃଦ୍ଧି ପାଉଛି ଓ ବେକାର ସମସ୍ୟା ସୃଷ୍ଟି ହେଉଛି । ଗୁଣାତ୍ମକ ଶିକ୍ଷାର ଅଭାବରୁ ଶ୍ରେଣୀ ସଂଘର୍ଷ ତଥା ସ୍ୱାବଲମ୍ବନଶୀଳତାର ଅଭାବ ଦେଖାଯାଉଛି । ସଂପ୍ରତି ଦେଶର ଆର୍ଥିକ ଦୁର୍ଗତି ସଙ୍ଗେ ସଙ୍ଗେ ମାନବୀୟ ଚରିତ୍ର ଜାତୀୟ ସଂହତି ଭାଙ୍ଗି ପଡ଼ିଲାଣି ।

ଏ ରାଜ୍ୟକୁ ଅପସଂସ୍କୃତିରୁ ରକ୍ଷାକରିବା ପାଇଁ ସମୟ ଆସିଛି । ନିଜର ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ପୁନର୍ବିନ୍ୟାସରେ ଏ ରାଜ୍ୟକୁ ସୁଫଳା, ଶସ୍ୟଶାମଳା କରିବାକୁ ପଡ଼ିବ । ମାତୃ ସ୍ୱରୂପିଣୀ କରୁଣାମୟୀ ଜନନୀର ଆବହାନରେ ସମସ୍ତେ ଆଜି ମୁହ୍ୟମାନ । ଶକ୍ତିସ୍ୱରୂପିଣୀ ମା' ଦୁର୍ଗା ଆମକୁ ଏହି ଶକ୍ତି ଦିଅନ୍ତୁ : ଏହି ରାଜ୍ୟର ପ୍ରଗତିକୁ ଶୀର୍ଷ ସ୍ଥାନକୁ ନେବାକୁ ଆମ ଶରୀରରେ ଉତ୍ସାହ ଓ ମନରେ ସଂବିତ୍ ସୃଷ୍ଟିହେଉ । କରୁଣାମୟୀ ମା' ସମସ୍ତ ଦୁର୍ଗତିରୁ ଏ ଜାତିକୁ, ଏ ଦେଶକୁ ରକ୍ଷା କରନ୍ତୁ, ଏତିକି ପ୍ରାର୍ଥନା ।

ସହାୟକ ଗ୍ରନ୍ଥ ସୂଚୀ :-

୧. ମହାପାତ୍ର, ପ୍ରେମାନନ୍ଦ । ମଧୁର ଭାରତୀ । ଅକ୍ଟୋବର-ଡ଼ିସେମ୍ବର, ୨୦୧୩ । ପୃ-୧-୨

୨. ସାହୁ, ପଙ୍କଜ, ଚିହ୍ନାମୁହଁ । ଭଦ୍ରକ, ୨୦୦୪ । ପୃ-୬-୮

୩. ସାହୁ, କୃପାସାଗର । ସଂପାଦକୀୟ : ପ୍ରତିବେଶୀ । କଲିକତା, ୧୯୯୭ ।


୪. ମହାନ୍ତି, ରଶ୍ମିରଞ୍ଜନ । ସୁଶାସନ । Vol - 9, Issue - 48, Oct-7-13, 2005.

୫. ପତି, ଙ୍କାରଞ୍ଜନ । ଦିଗଶ୍ରୀ । ଯାଜପୁର, ୨୦୦୬ । ପୃ.୧୦-୬


୬. ସ୍ୱାଇଁ, ଚନ୍ଦ୍ରମଣି । ଅଦ୍ୱିତୀୟା । ଗଞ୍ଜାମ, ହିଞ୍ଜିଳିକାଟୁ, ତୃତୀୟ ସଂଖ୍ୟା, ଅକ୍ଟୋବର-ଡ଼ିସେମ୍ବର, ୨୦୦୬ । ପୃ. ୪୭-୮ ।

❐

ସିଦ୍ଧାର୍ଥ



ମୂଳ ରଚନା- ହରମାନ ହେସ୍



ଡ. ଶୁଭ୍ର ପ୍ରକାଶ ଦାସ
ମହେନ୍ଦ୍ର ଭବନ, ଭଦ୍ରକ
ମୋ: ୯୪୩୭୧ ୯୦୯୬୯

ସିଦ୍ଧାର୍ଥ କହିଚାଲିଛନ୍ତି - 'ଏ ସଂସାର ଅପୂର୍ଣ୍ଣ ନୁହେଁ କିମ୍ବା ପରିପୂର୍ଣ୍ଣତା ଆଡକୁ ଅଗ୍ରସର ହେଉନାହିଁ । ପ୍ରତି ମୁହୂର୍ତ୍ତରେ ଏ ଜଗତ ପରିପୂର୍ଣ୍ଣ ଓ ସ୍ୱୟଂସଂପୂର୍ଣ୍ଣ । ପ୍ରତିଟି ଶିଶୁ ମଧ୍ୟରେ ଜଣେ ବୃଦ୍ଧ ସଂଗୁପ୍ତ ସ୍ଥିତିରେ ବିଦ୍ୟମାନ, ଜନ୍ମ ସହିତ ମୃତ୍ୟୁ ଫେଣ୍ଟା ଫେଣ୍ଟି ହୋଇ ରହିଛି, ଜଣେ ଡକାୟତ ଅନ୍ତରରେ ପରମ କାରୁଣିକ ବୁଦ୍ଧ ବିରାଜମାନ ଅଛନ୍ତି । ଗଭୀର ଧ୍ୟାନରେ ଆମେ ସମୟର ପରିଧି ମଧ୍ୟରୁ ନିଜକୁ ମୁକ୍ତ କରିଦେଲେ, ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଏକ ନିରନ୍ତର ପ୍ରକ୍ରିୟା ଭାବେ ଆମ ପାଇଁ ଜଳ ଜଳ ହୋଇ ଉଭାହୋଇ ଉଠିବ । ଆମେ ଅନୁଭବ କରିବା ଏ ଜଗତ ବ୍ରହ୍ମମୟ ଏବଂ ଜଗତ ହିଁ ବ୍ରହ୍ମର ସ୍ୱରୂପ ।'

ଜୀବନକୁ ଅନ୍ୱେଷଣ କରାଯାଏନି, ଅନୁଭବ କରିହୁଏ ।

ବିଡମ୍ବନା, ଆମେ ଏ ଜଗତ ଓ ଜୀବନକୁ ଖଣ୍ଡ ଖଣ୍ଡ ବିଭକ୍ତ କରି ଦାର୍ଶନିକ ତତ୍ତ୍ୱରେ ତଉଲି ଥାଉଁ । କିନ୍ତୁ ପରିପୂର୍ଣ୍ଣ ଜୀବନରେ, ସ୍ଥୂଳତମ ଜଡ଼ ଓ ସୂକ୍ଷ୍ମତମ ଚୈତନ୍ୟ ମଧ୍ୟରେ ସ୍ୱତଃ ସମନ୍ୱୟ ପ୍ରତିଷ୍ଠା ହୋଇଥାଏ । ସେହି ଜୀବନରେ ଗାଁ ଦାଣ୍ଡର ଧୂଳିଖେଳ ଯେତିକି ମହତ୍ତ୍ୱ ରଖେ, ଅନନ୍ତର ଅନ୍ୱେଷଣ ନିମନ୍ତେ ଅତୀନ୍ଦ୍ରିୟ ଶୂନ୍ୟଭୂମିକୁ ଅଭିସାର ସମତୁଲ ମର୍ଯ୍ୟାଦା ଦାବୀ କରେ । ଜୀବନ-ମୃତ୍ୟୁର ନୈରାଶ୍ୟବୋଧ ଓ ଉତ୍ତରଣର ବିସ୍ମୟ ଆନନ୍ଦ, ପରିଚିତ ପୃଥିବୀର ସଂକୀର୍ଣ୍ଣ ସୀମାବଦ୍ଧତା ଓ ଅନ୍ତହୀନ ଆଲୋକର ଉଜ୍ଜଳ ସମ୍ଭାବନା - ପରସ୍ପର ବିରୋଧୀ ଏହି ଦୁଇ ପରିଧି ମଧ୍ୟରେ ବ୍ୟକ୍ତି ଅନବରତ ସଂଚରଣ କରି ଶୁଦ୍ଧପୁତ, ଶୁଦ୍ଧସ୍ନାତ ହେଉଥାଏ ।

ବୌଦ୍ଧ ଧର୍ମର 'ନିର୍ବାଣ' ଏବଂ ସନାତନ ଧର୍ମର 'ମୋକ୍ଷ' ଅଭିନ୍ନ ମନେ ହେଉଥିଲେ ହେଁ, ଭିନ୍ନ । ସଂସାରକୁ ପରିହାର କଲେ ନିର୍ବାଣ ସମ୍ଭବ ଏବଂ ସଂସାର ସହିତ ସମନ୍ୱିତ ହୋଇଗଲେ ମୋକ୍ଷ ପ୍ରାପ୍ତି - ଏହା ହିଁ ଉପନ୍ୟାସର ସାରମର୍ମ ।

- ସମ୍ପାଦିକା

ପ୍ରଥମ ଭାଗ

ବ୍ରାହ୍ମଣ ବାଳକ

ସୁଦର୍ଶନ ବ୍ରାହ୍ମଣ ବାଳକ ସିଦ୍ଧାର୍ଥ ପ୍ରିୟବନ୍ଧୁ ଗୋବିନ୍ଦ ସାଥିରେ ବଡ଼ ହୋଇଛି । ଗୃହ ପ୍ରାଙ୍ଗଣରେ, ରୌଦ୍ରାଲୋକିତ ନଦୀତଟରେ, ଶାଳ ଓ ଡିମିରି ଗଛର ଛାଇରେ ଦୁହେଁ ଘୂରିବୁଲିଛନ୍ତି । ସ୍ନାନ, ଯଜ୍ଞ ଓ ଅନ୍ୟାନ୍ୟ କର୍ମ ପାଇଁ ନଦୀକୂଳକୁ ବାରମ୍ବାର ଯିବା ଦ୍ୱାରା ସିଦ୍ଧାର୍ଥର ପ୍ରଶସ୍ତ କାନ୍ଧ ବାଦାମୀ ରଙ୍ଗ ପାଲଟି ଯାଇଛି । ଆମ୍ବ ବଗିଚାରେ ଖେଳିବା ସମୟରେ, ମା'ଙ୍କ ଗୀତ ଓ ପିତାଙ୍କ ଅଧ୍ୟାପନା ଶୁଣିବାବେଳେ ଓ ମନୀଷୀମାନଙ୍କ ସାହଚର୍ଯ୍ୟରେ ଆସି ଆଖି ଆଗରେ ରହସ୍ୟର ଛାୟା ଭାସିଉଠିଛି । ଇତିମଧ୍ୟରେ ସିଦ୍ଧାର୍ଥ ପଣ୍ଡିତମାନଙ୍କ ଆଲୋଚନାରେ ଯୋଗ ଦେଲେଣି । ତେଣୁ ଗୋବିନ୍ଦ ସହ ତାଙ୍କର ବେଶ ତର୍କ ହୁଏ ଏବଂ ସେ ଅଭ୍ୟାସ କରନ୍ତି ଏକାଗ୍ର ଚିନ୍ତା ଓ ଧ୍ୟାନ । ସେ ଶିକ୍ଷାଲାଭ କରିଛନ୍ତି କିପରି ନୀରବରେ ଓଁ ଉଚ୍ଚାରଣ କରିବାକୁ ହୁଏ । ପ୍ରାଣଖୋଲା ନିଶ୍ୱାସ ତ୍ୟାଗ କରିବା ସମୟରେ ବିଶୁଦ୍ଧ ଆତ୍ମାର ପ୍ରଭାବରେ ତାଙ୍କର ଲଲାଟ ଦୀପ୍ତିମୟ ହୋଇଉଠେ । ଯେଉଁ ଆତ୍ମା ଅବିନଶ୍ୱର ନିଖିଳ ବିଶ୍ୱରେ ପରିବ୍ୟାପ୍ତ, ତାଙ୍କୁ ନିଜ ସତ୍ତାର ଗଭୀର କୋଣରେ ଉପଲବ୍ଧି କରିବାର କ୍ଷମତା ମଧ୍ୟ ସିଦ୍ଧାର୍ଥ ଧୀରେ ଧୀରେ ଲାଭ କଲେଣି ।

ପୁତ୍ରର ଧୀଶକ୍ତି ଓ ଜ୍ଞାନତୃଷ୍ଣା ଦେଖି ପିତାଙ୍କ ମନ ଆନନ୍ଦରେ ଭରିଉଠେ । ସେ ସ୍ୱପ୍ନ ଦେଖନ୍ତି, ପୁଅ ଦିନେ ବଡ଼ ପଣ୍ଡିତ ହେବ, ପୁରୋହିତ ହେବ, ଶ୍ରେଷ୍ଠ ବ୍ରାହ୍ମଣର ଖ୍ୟାତି ଲାଭ କରିବ । ପୁଅର ଚାଲିଚଳଣ, ବସିବା, ଉଠିବା ଦେଖି ମା'ଙ୍କ ମନ ଗର୍ବରେ ଫୁଲିଉଠେ । ସବଳ, ସୁଦର୍ଶନ, ସୁକୁମାର ପୁତ୍ରର ସୁନ୍ଦର ଭଙ୍ଗୀର ପ୍ରଣାମରେ ତାଙ୍କ ପ୍ରାଣ ପୂରି ଉଠେ ।

ସିଦ୍ଧାର୍ଥ ଯେତେବେଳେ ଜନପଦ ମଧ୍ୟରେ ଚାଲିଚାଲି ଯାଆନ୍ତି, ତାଙ୍କ ଉନ୍ନତ ଲଲାଟ, ଦୀପ୍ତିମନ୍ତ ଆଖି ଓ ସୁନ୍ଦର ସ୍ୱାସ୍ଥ୍ୟକୁ ଦେଖି ବ୍ରାହ୍ମଣ କୁମାରୀମାନଙ୍କ ହୃଦୟରେ ପ୍ରେମର ଢେଉ ଖେଳିଉଠେ ।

କିନ୍ତୁ ପ୍ରିୟ ବନ୍ଧୁ ଗୋବିନ୍ଦ ଭଳି କେହି ସିଦ୍ଧାର୍ଥକୁ ଏତେ ବେଶୀ ଭଲପାଆନ୍ତି ନାହିଁ । ସେ ସିଦ୍ଧାର୍ଥଙ୍କ ଆଖି ଓ ସ୍ପଷ୍ଟ ମଧୁର କଣ୍ଠସ୍ୱରକୁ ଭଲପାଏ । ତାର ଚାଲି, ଅଙ୍ଗଭଙ୍ଗୀର ମାଧୁର୍ଯ୍ୟକୁ ଭଲପାଏ । ତାକୁ ସବୁଠାରୁ ଅଧିକ ମୁଗ୍ଧ କରେ ସିଦ୍ଧାର୍ଥର ମେଧା, ସ୍ପଷ୍ଟ ଚିନ୍ତା,

ଦୃଢ଼ ସଂକଳ୍ପ ଓ ଜୀବନର ମହତ ଲକ୍ଷ୍ୟ । ଗୋବିନ୍ଦ ଜାଣେ ସିଦ୍ଧାର୍ଥର ଜୀବନ ଅନ୍ୟ ସାଧାରଣ ବ୍ରାହ୍ମଣମାନଙ୍କ ଭଳି ହେବ ନାହିଁ । ଯାନ୍ତ୍ରିକ ଯଜ୍ଞାଦି କାର୍ଯ୍ୟ ସମାପନ ଦ୍ୱାରା ଜୀବନ ଅତିବାହିତ କରିବା ଉଦ୍ଦେଶ୍ୟ ନୁହେଁ । ମନ୍ତ୍ରତନ୍ତ୍ରର ଅର୍ଥଲୋଭୀ ବ୍ୟବସାୟୀ, ଅଯୋଗ୍ୟ ଦାମ୍ଭିକ ବକ୍ତା ବା ଦୁର୍ନୀତିପରାୟଣ ଶଠ ପୁରୋହିତ ହୋଇ ପାରିବ ନାହିଁ । ଅଥବା ଗୋଠ ଭିତରେ ଗୋଟିଏ ନିର୍ବୋଧ ମେଣ୍ଢା ଭଳି ସେ ବଞ୍ଚିବ ନାହିଁ । ଗୋବିନ୍ଦ ନିଜେ ମଧ୍ୟ ଏହି ପଥରେ ଚାଲିବାକୁ ଚାହେଁ ନାହିଁ । ଶହଶହ ବ୍ରାହ୍ମଣମାନଙ୍କ ମଧ୍ୟରେ ସେ ଆଉ ଜଣେ ପରିଚୟବିହୀନ ହୋଇ ରହିବାକୁ ଚାହେଁନାହିଁ । ତାର ପ୍ରିୟ ବନ୍ଧୁ ମହତ ହୃଦୟବାନ ସିଦ୍ଧାର୍ଥର ଅନୁଗାମୀ ହେବ । ଯଦି ସାଧନାରେ ସେ ଦେବତ୍ୱ ଲାଭ କରେ, ଯଦି ଜ୍ୟୋତିର୍ମୟ ପ୍ରଭୁଙ୍କ ଦର୍ଶନ ଲାଭ ହୁଏ, ତେବେ ଗୋବିନ୍ଦ ତାହା ଅନୁସରଣ କରିବ । ଅନୁଗମନ କରିବ ବନ୍ଧୁ, ସାଥି, ଭୃତ୍ୟ ଓ ଦେହରକ୍ଷୀ ଭାବରେ; ଛାୟା ଭଳି ସାଥିରେ ରହିବ ।

ଏହିଭଳି ଭାବରେ ସମସ୍ତେ ସିଦ୍ଧାର୍ଥକୁ ଭଲପାଆନ୍ତି । ସେ ମଧ୍ୟ ସମସ୍ତଙ୍କୁ ସୁଖ ଓ ଆନନ୍ଦ ପ୍ରଦାନ କରନ୍ତି ।

କିନ୍ତୁ ସିଦ୍ଧାର୍ଥଙ୍କ ମନରେ ପ୍ରକୃତ ସୁଖ ନାହିଁ । ସେ ସମସ୍ତଙ୍କର ପ୍ରିୟ; ସମସ୍ତଙ୍କର ଆନନ୍ଦର ଉତ୍ସ । ପାଚିଲା ଡିମ୍ବିରି ଫଳ ଭର୍ତ୍ତି ବଗିଚା ଭିତରେ ସେ ଘୁରିବୁଲନ୍ତି, କୁଞ୍ଜର ନୀଳାଭ ଛାୟାତଳେ ବସି ଧ୍ୟାନ କରନ୍ତି, ପ୍ରାୟଶ୍ଚିତ୍ତ ପାଇଁ ପୂର୍ଣ୍ଣ ସଲିଳରେ ସ୍ନାନ କରନ୍ତି ଓ ବଗିଚାର ଗଭୀର ଛାଇରେ ବିନୀତ ମଧୁର ଭଙ୍ଗୀରେ ନୈବେଦ୍ୟ ନିବେଦନ କରନ୍ତି । କିନ୍ତୁ ହୃଦୟରେ ଆନନ୍ଦର ଅନୁଭୂତି ନାହିଁ । ନଈ, ରାତି ଆକାଶର ଅସଂଖ୍ୟ ତାରା, ସୂର୍ଯ୍ୟକିରଣ ଏସବୁ ତାଙ୍କ ମନରେ ଚାଞ୍ଚଲ୍ୟ ସୃଷ୍ଟି କରେ, ସ୍ୱପ୍ନ ଜାଗରୁକ କରେ । ଯଜ୍ଞବେଦୀର ଧୂମ୍ର କୁଣ୍ଡଳୀ, ଋଗବେଦର ଶ୍ଲୋକ, ପ୍ରାଚୀନକାଳର ବ୍ରାହ୍ମଣମାନଙ୍କ ଶିକ୍ଷା ମନକୁ ଆନ୍ଦୋଳିତ କରେ । କିନ୍ତୁ ସେ ସ୍ୱପ୍ନ ଦେଖନ୍ତି ଅନ୍ୟ ଏକ ଜଗତର ।

ସିଦ୍ଧାର୍ଥ ଅନୁଭବ କରିପାରୁଛନ୍ତି ତାଙ୍କ ମନ ମଧ୍ୟରେ ଗୋଟିଏ ଅତୃପ୍ତ ବୀଜ ଅଙ୍କୁରିତ ହେଉଛି । ସେ ଉପଲବ୍ଧ କରିପାରୁଛନ୍ତି ପିତାମାତାଙ୍କ ସ୍ନେହ ଓ ବନ୍ଧୁ ଗୋବିନ୍ଦର ଭଲପାଇବା ତାକୁ ଚିରଦିନ ଆନନ୍ଦ ଦେବନାହିଁ । କେବଳ ଏତିକିରେ ହିଁ ସେ ସୁଖୀ ହେବନାହିଁ । ଏହି ସଂଶୟ ଦେଖା ଦେବା ପରେ ସେ ସୁପଣ୍ଡିତ ପିତା ଓ ଅନ୍ୟାନ୍ୟ ବିଜ୍ଞ ବ୍ରାହ୍ମଣ ଆଚାର୍ଯ୍ୟମାନଙ୍କ ନିକଟରୁ ବିପୁଳ ଜ୍ଞାନ ଆହରଣ କରିଛନ୍ତି । ସେମାନେ ସିଦ୍ଧାର୍ଥର ଅପେକ୍ଷାରତ ଜାହାଜରେ ଜ୍ଞାନର ଭଣ୍ଡାର ତୋଳି ଦେଇଛନ୍ତି । କିନ୍ତୁ ଜାହାଜ ପୂର୍ଣ୍ଣ ହୋଇନାହିଁ, ବୁଦ୍ଧିର ତୃପ୍ତି ନାହିଁ, ଆତ୍ମାର ଶାନ୍ତି ନାହିଁ । ମନର ଚଞ୍ଚଳତା ଦୂର ହୋଇନାହିଁ । ପୁଣ୍ୟ ସଲିଳରେ ଅବଗାହନ ନିଶ୍ଚୟ ଭଲ, କିନ୍ତୁ କେବଳ ଜଳ ମାଧ୍ୟମରେ ତ ପାପ ଧୋଇ ହେବନାହିଁ । ହୃଦୟର ଗୁରୁଭାର ତ ଲାଘବ କରିହେବ ନାହିଁ । ଦେବତାମାନଙ୍କ

ଉଦ୍ଦେଶ୍ୟରେ ଯଜ୍ଞ ଅନୁଷ୍ଠାନ କରିବା, ସେମାନଙ୍କୁ ପ୍ରାର୍ଥନା କରିବା ଉତ୍ତମ । କିନ୍ତୁ ତାହା ହିଁ କ'ଣ ଯଥେଷ୍ଟ ? ଦେବତାମାନଙ୍କ ବିଷୟରେ କିଏ କ'ଣ ବା ଜାଣେ ? ସତରେ କ'ଣ ପ୍ରଜାପତି ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି କରିଛନ୍ତି ? ଅଥବା ଏକମାତ୍ର ପରମାତ୍ମା, ପରମ ବ୍ରହ୍ମଙ୍କ ସୃଷ୍ଟି ଏହି ଜଗତ, ତୁମ ମୋ ଭଳି ଯେଉଁମାନେ ଅସ୍ଥାୟୀ ଓ ମୃତ୍ୟୁପଥଯାତ୍ରୀ, ସେମାନଙ୍କ ଅପକୃତି ଦ୍ୱାରା ଦେବତାଗଣ ସୃଷ୍ଟି ହୋଇଛନ୍ତି ? ତେବେ ଦେବତାମାନଙ୍କୁ ପୂଜା କରି ଲାଭ କ'ଣ ? ଏହା କ'ଣ ଉଚିତ ଓ ଯୁକ୍ତିସଂଗତ ? ଯେଉଁ ପରମାତ୍ମା ଏକ ଓ ଅଦ୍ୱିତୀୟ, ତାଙ୍କ ବ୍ୟତିରେକେ ଅନ୍ୟ କାହାରି ଉଦ୍ଦେଶ୍ୟରେ ଯଜ୍ଞ ଆୟୋଜନ କାହିଁକି ? ଆଉ କିଏ ବା ଶ୍ରଦ୍ଧାର ଅର୍ଘ୍ୟ ଲାଭ କରିପାରିବେ ? ଆମ ଅନ୍ତରର ଗଭୀରତମ ଅମର ସତ୍ତାରେ ଯଦି ପରମାତ୍ମାଙ୍କ ସାକ୍ଷାତ ନ ମିଳେ, ତେବେ ଈଶ୍ୱର କେଉଁଠି ଅଛନ୍ତି ? କେଉଁଠି ତାଙ୍କର ଶାଶ୍ୱତ ଅନୁଭବର ସ୍ପନ୍ଦନ ଅନୁଭବ କରିହେବ ? କେଉଁଠି ସେହି ଅନ୍ତର୍ନିଗୂଢ଼ ବ୍ୟକ୍ତିସତ୍ତା ? ଜ୍ଞାନୀଜନେ କହନ୍ତି, ଅସ୍ଥିଚର୍ମରେ ଆତ୍ମା ନାହିଁ, ଚିନ୍ତା - ଚେତନାରେ ମଧ୍ୟ ନାହିଁ । ତେବେ ଅଛି କେଉଁଠି ? ଆତ୍ମାକୁ ଉପଲବ୍ଧ କରିବା ପାଇଁ ଅନ୍ୟ କେଉଁ ସଫଳତାର ପଥ ଅଛି କି ? କେହି ତ ପଥ ନିର୍ଦ୍ଦେଶ କରୁନାହାନ୍ତି । ପିତା, ଆଚାର୍ଯ୍ୟ ଓ ବିଜ୍ଞଜନେ କେହି ତାହା ଜାଣିନାହାନ୍ତି । ପବିତ୍ର ସ୍ତୋତ୍ରରେ ମଧ୍ୟ କୌଣସି ଉତ୍ତର ନାହିଁ । ବ୍ରାହ୍ମଣମାନେ ସକଳ ବିଦ୍ୟା ଆହରଣ କରିଛନ୍ତି, ସେମାନଙ୍କ ଶାସ୍ତ୍ରରେ ସବୁକିଛି ଉଲ୍ଲେଖ ହୋଇଛି । ସୃଷ୍ଟିର ରହସ୍ୟ, ଭାଷାର ଜନ୍ମ, ଖାଦ୍ୟ, ନିଶ୍ୱାସ - ପ୍ରଶ୍ୱାସ, ପଞ୍ଚେନ୍ଦ୍ରିୟଙ୍କର ଅବସ୍ଥାନ, ଦେବତାମାନଙ୍କର ଲୀଳା, ସବୁକିଛି ସେମାନେ ଆଲୋଚନା କରିଛନ୍ତି । ସେମାନଙ୍କର କରାୟତ୍ତ ବିଦ୍ୟା ସଂଖ୍ୟାତୀତ । କିନ୍ତୁ ଯଦି ସବୁଠାରୁ ପ୍ରୟୋଜନୀୟ ଜ୍ଞାନର ସନ୍ଧାନ ନ ମିଳେ, ତେବେ ଏସବୁର ମୂଲ୍ୟ କ'ଣ ?

ବିଭିନ୍ନ ଶାସ୍ତ୍ରରେ ବିଶେଷତଃ ଶାମବେଦୀୟ ଉପନିଷଦର ଅନେକ ଶ୍ଲୋକରେ ଏହି ଅନ୍ତରିସ୍ଥ ସତ୍ତାର ଉଲ୍ଲେଖ ଅଛି । ଏହି ଗ୍ରନ୍ଥର ଉପଦେଶ; ଆମ୍ରେ ବେଦଂ ସର୍ବମ୍ । ଉପନିଷଦରେ ବର୍ଣ୍ଣିତ ଅଛି - ନିଦ୍ରାକାଳରେ ଆମେ ଅନ୍ତର୍ନିହିତ ଆତ୍ମା ମଧ୍ୟରେ ବାସ କରୁ; ଦେହ ଶୋଇପଡ଼େ, ଆତ୍ମା ଜାଗିଉଠେ । ଏହି ଶ୍ଲୋକ ମଧ୍ୟରେ ଭରି ରହିଛି ଆଶ୍ଚର୍ଯ୍ୟ ଜ୍ଞାନ । ଋଷିମାନଙ୍କର ସାଧନାଲବ୍ଧ ଜ୍ଞାନ ଏଥିରେ ବ୍ୟକ୍ତ ହୋଇଛି ମନୋରମ ଭାଷାରେ । ମହୁମାଛିର ସଂଗୃହିତ ମହୁଭଳି ବିଶୁଦ୍ଧ । ପୁରୁଷାନୁକ୍ରମେ ବ୍ରାହ୍ମଣମାନେ ଯେଉଁ ବିପୁଳ ଜ୍ଞାନ ସଂଗ୍ରହ ଓ ସଂରକ୍ଷଣ କରିଛନ୍ତି ତାହାକୁ ସହଜରେ ଅଗ୍ରାହ୍ୟ କରିହେବ ନାହିଁ । କିନ୍ତୁ ସେହି ବ୍ରାହ୍ମଣ, ପୁରୋହିତ ଓ ପଣ୍ଡିତମାନଙ୍କର ଦଳ କେଉଁଠି ଯେଉଁମାନେ କେବଳ ପୁସ୍ତକର ପୃଷ୍ଠାରେ ସୁଗଭୀର ଜ୍ଞାନରାଶି ସଞ୍ଚୟ କରିନାହାନ୍ତି ବରଂ ଜୀବନରେ ମଧ୍ୟ ଉପଲବ୍ଧ କରିଛନ୍ତି ? ଏମିତି ଦୀକ୍ଷା କେଉଁ ବ୍ୟକ୍ତିଙ୍କ ନିକଟରେ ମିଳିପାରିବ ଯିଏ କି ନିଦ୍ରା ମାଧ୍ୟମରେ ଆତ୍ମାକୁ ଲାଭ କରି ତାକୁ ଜାଗରଣରେ, ଜୀବନରେ, ବାକ୍ୟରେ ଓ କର୍ମରେ

ଆୟତ୍ତ କରିଥିବେ ? ସିଦ୍ଧାର୍ଥ ବହୁ ଯୋଗ୍ୟ ବ୍ରାହ୍ମଣଙ୍କୁ ଦେଖିଛନ୍ତି । ନିଜର ପିତା ମଧ୍ୟ ଧର୍ମପରାୟଣ, ବିଦ୍ୱାନ ଓ ସର୍ବୋତ୍ତମ ସମ୍ମାନର ଯୋଗ୍ୟ । ତାଙ୍କ ବ୍ୟବହାର ଶାନ୍ତ ଓ ମହତ । ତାଙ୍କ ସମ୍ମୁଖରେ ମନ ଶ୍ରଦ୍ଧାନତ ହୋଇଯାଏ । ସେ ସତ୍ ପଥରେ ଚାଲନ୍ତି । ତାଙ୍କର ଉଚ୍ଚାରଣ ବିଜ୍ଞଜନୋଚିତ । କେତେ ସୂକ୍ଷ୍ମ ଓ ମହତ ଚିନ୍ତାରେ ତାଙ୍କ ମସ୍ତିଷ୍କ ପୂର୍ଣ୍ଣ । କିନ୍ତୁ ଏତେ ସବୁ ଜାଣି ମଧ୍ୟ ସେ କାହିଁକି ଅତୃପ୍ତ ତତ୍ତ୍ୱାନୁସନ୍ଧାନୀ ନୁହନ୍ତି ? ଅତୃପ୍ତ ତୃଷ୍ଣା ବହନ କରି କାହିଁକି ନିୟତ ପବିତ୍ର ସଲିଳ ଓ ଯଜ୍ଞଭୂମିକୁ ଯାଆନ୍ତି ନାହିଁ ? ନିଜର ଗଭୀର ସତ୍ତା ମଧ୍ୟରେ ସବୁକିଛିର ମୂଳ କାରଣ ରହିଛି । ତାହା ଆୟତ୍ତ କରିବାକୁ ହେବ । ଏହା ବ୍ୟତୀତ ଅନ୍ୟ ସବୁକିଛି ଭ୍ରାନ୍ତି ଓ ଅନିଶ୍ଚୟ ।

ଏହା ହିଁ ଥିଲା ସିଦ୍ଧାର୍ଥଙ୍କର ଭାବନା, ଆକାଙ୍କ୍ଷା ଓ ଦୁଃଖ ।

ସେ ସବୁବେଳେ ମନେ ମନେ ଉପନିଷଦର ଏହି ଶ୍ଲୋକ ଆବୃତ୍ତି କରନ୍ତି; ବ୍ରହ୍ମ ହିଁ ସତ୍ୟ । ଯେଉଁ ବ୍ୟକ୍ତି ଏହା ଜାଣନ୍ତି ସେ ବ୍ରହ୍ମଲୋକକୁ ଗମନ କରନ୍ତି । ଅନେକ ସମୟରେ ଏହି ବ୍ରହ୍ମଲୋକ ଖୁବ ନିକଟରେ ମନେହୁଏ, କିନ୍ତୁ ସେ କେବେ ସେଠାରେ ପହଞ୍ଚି ପାରିନାହାନ୍ତି, ତେଣୁ ତାଙ୍କର ଚରମ ତୃଷ୍ଣା ମେଣ୍ଟିପାରିନାହିଁ । ସିଦ୍ଧାର୍ଥ ଯେଉଁ ପଣ୍ଡିତମାନଙ୍କୁ ଜାଣେ, ଯେଉଁମାନଙ୍କର ଶିକ୍ଷା ତାଙ୍କୁ ଭଲ ଲାଗେ, ସେମାନେ କେହି ବ୍ରହ୍ମଲୋକରେ ପହଞ୍ଚିପାରିନାହାନ୍ତି । ସେମାନଙ୍କର ଅନନ୍ତ ତୃଷ୍ଣା ସମ୍ପୂର୍ଣ୍ଣ ରୂପେ ତୃପ୍ତ ହୋଇ ନାହିଁ ।

ସିଦ୍ଧାର୍ଥ କହିଲେ, 'ଗୋବିନ୍ଦ, ଚାଲ ସେହି ବଟବୃକ୍ଷ ତଳେ ବସି ଧ୍ୟାନ କରିବା ।'

ବଟବୃକ୍ଷ ତଳେ ଦୁହେଁ କୋଡ଼ିଏ ପାଦ ବ୍ୟବଧାନରେ ବସିଲେ । ଗୋବିନ୍ଦ 'ଓଁ' ଉଚ୍ଚାରଣ କରିବା ପରେ ସିଦ୍ଧାର୍ଥ ଧିରେ ଧିରେ ଆବୃତ୍ତି କରିବାକୁ ଲାଗିଲେ;

ଓଁ ହେଉଛି ଧନୁ; ଜୀବାତ୍ମା ହେଉଛି ତୀର ଏବଂ ବ୍ରହ୍ମ ହେଉଛନ୍ତି
ଲକ୍ଷ୍ୟ । ନିର୍ଭୁଲ ଭାବରେ ଲକ୍ଷ୍ୟଭେଦ କରିପାରିଲେ ତୀର ଓ ଲକ୍ଷ୍ୟର
ମିଳନ ସମ୍ଭବ । ଅର୍ଥାତ୍ ଜୀବାତ୍ମା ବ୍ରହ୍ମ ସହ ଏକାତ୍ମ ହେବ ।

ସାଧାରଣ ରୀତି ଅନୁଯାୟୀ ଧ୍ୟାନର ସମୟ ଉତ୍ତୀର୍ଣ୍ଣ ହୋଇଯାଇଛି । ଗୋବିନ୍ଦ ଉଠି ଠିଆହେଲା । ବର୍ତ୍ତମାନ ସନ୍ଧ୍ୟା । ଆହ୍ନିକ ସମୟ ଉପସ୍ଥିତ । ସେ ସିଦ୍ଧାର୍ଥକୁ ଡାକିଲା, କିନ୍ତୁ କୌଣସି ଉତ୍ତର ନାହିଁ । ସିଦ୍ଧାର୍ଥ ତନ୍ମୟ ହୋଇ ବହୁଦୂରର କେଉଁ ଏକ ଲକ୍ଷ୍ୟକୁ ଅପଲକ ଦୃଷ୍ଟିରେ ଚାହିଁ ରହିଛନ୍ତି । ଦାନ୍ତ ଫାଙ୍କରେ ଜିଭର ଅଗ୍ରଭାଗ ସାମାନ୍ୟ ଦୃଶ୍ୟମାନ । ଅବିଚଳିତ ସ୍ଥିରମୂର୍ତ୍ତି - ମନେହୁଏ ଶ୍ୱାସ ପ୍ରଶ୍ୱାସ ବନ୍ଦ ହୋଇଯିବ । ସିଦ୍ଧାର୍ଥ ଧ୍ୟାନମଗ୍ନ ହୋଇ କେବଳ ଭାବୁଛନ୍ତି : ଓଁ, ଆତ୍ମାର ଲକ୍ଷ୍ୟ କେବଳ ବ୍ରହ୍ମ ।

ଥରେ ତିନିଜଣ ସାଧୁ ସେହି ନଗରରେ ଉପସ୍ଥିତ ହୋଇଥିଲେ । ସମସ୍ତେ କୃଶକାୟ, ଶ୍ରାନ୍ତ ସନ୍ନ୍ୟାସୀ । ଚେହେରା ଦେଖି ଜାଣିହେବ ନାହିଁ ବୃଦ୍ଧ ଅବା ଯୁବକ ।

ସେମାନଙ୍କ ଉଲଗ୍ନପ୍ରାୟ ଧୂଳି ଧୂସରିତ ରକ୍ତାଭ ଦେହ ସୂର୍ଯ୍ୟକିରଣରେ ଝଲସି ଉଠୁଛି । ସେମାନେ ନିଃସଙ୍ଗ, ଅଦ୍ଭୁତ - ଶରୀରରୁ ସଦାବେଳେ ରୁକ୍ଷ ସ୍ୱଭାବ ଫୁଟି ବାହାରୁଛି । ମାନବ ପୃଥିବୀରେ ସେମାନେ ସତେ ଯେମିତି କ୍ଷୁଧାର୍ତ୍ତ ଶୃଗାଳ । ସେମାନଙ୍କ ଚାରିପଟରେ ଆତ୍ମା କ୍ଷୟକାରୀ ସେବାର ବ୍ରତ ଓ ନିର୍ଦ୍ଦୟ ଆତ୍ମନିଗ୍ରହର ଆଦର୍ଶ ।

ସନ୍ଧ୍ୟାରେ ଧ୍ୟାନ ଭଙ୍ଗ ହେବାରୁ ସିଦ୍ଧାର୍ଥ କହିଲେ, 'ବନ୍ଧୁ ! କାଲି ସକାଳେ ସିଦ୍ଧାର୍ଥ ସନ୍ନ୍ୟାସୀମାନଙ୍କ ସହ ଯୋଗ ଦେବ; ସେ ସନ୍ନ୍ୟାସବ୍ରତ ଗ୍ରହଣ କରିବ ।'

ସିଦ୍ଧାର୍ଥର କଥା ଶୁଣି ଗୋବିନ୍ଦର ମୁଖମଣ୍ଡଳ ବିବର୍ଣ୍ଣ ହୋଇଉଠିଲା । ସେ ବନ୍ଧୁର ସଂକଳ୍ପବଦ୍ଧ ମୁହଁରେ ସିଦ୍ଧାନ୍ତର ରେଖା ପାଠ କରିପାରିଲା । ଜ୍ୟା-ମୁକ୍ତ ତୀର ଭଳି ତାକୁ ଆଉ ଫେରାଇ ଆଣିହେବ ନାହିଁ । ଗୋବିନ୍ଦ ସ୍ପଷ୍ଟ ଭାବରେ ଅନୁଭବ କଲା ଯେ ଏବେ ସିଦ୍ଧାର୍ଥର ନୂତନ ଯାତ୍ରା ଆରମ୍ଭ ହୋଇଯାଇଛି । ଭାଗ୍ୟର ପଟ୍ଟପରିବର୍ତ୍ତନ ଆରମ୍ଭ ହେବାକୁ ଯାଉଛି । ସିଦ୍ଧାର୍ଥ ସହିତ ସେ ମଧ୍ୟ ନୂତନ ଯାତ୍ରାର ପଥିକ ହେବ ।

ସେ କହିଉଠିଲା, 'କିନ୍ତୁ ତୁମ ବାପା କ'ଣ ଅନୁମତି ଦେବେ ?'

ସଦ୍ୟ ନିଦ ଭାଙ୍ଗିଥିବା ଆଖିରେ ସିଦ୍ଧାର୍ଥ ଗୋବିନ୍ଦକୁ ଚାହିଁଲେ । ବୁଝିପାରିଲେ ବନ୍ଧୁଙ୍କ ମନୋଭାବ । ଆଶଙ୍କା ଓ ଆତ୍ମସମର୍ପଣର ଇଙ୍ଗିତକୁ ଜାଣିପାରିଲେ ।

ଧିରେ ଧିରେ କହିଲେ, 'ଗୋବିନ୍ଦ, ଏ ବିଷୟରେ ମୁଁ ଆଉ ବୃଥା ବାକ୍ୟ ବ୍ୟୟ କରିବି ନାହିଁ । କାଲି ସକାଳେ ମୁଁ ସନ୍ନ୍ୟାସ ଗ୍ରହଣ କରିବି ।

ପିତା ଯେଉଁ କୋଠରୀରେ ଆସନ ଉପରେ ବସି ଜପ କରନ୍ତି ସିଦ୍ଧାର୍ଥ ସେଠାକୁ ଗଲେ । ତାର ଉପସ୍ଥିତି ନ ଜାଣିବା ପର୍ଯ୍ୟନ୍ତ ସେ ପିତାଙ୍କ ପଛରେ ଠିଆହୋଇ ରହିଲେ । କିଛି ସମୟ ପରେ ପିତା ପଚାରିଲେ, 'କିଏ, ସିଦ୍ଧାର୍ଥ ! କ'ଣ କହିବାକୁ ଚାହଁ କୁହ ।'

ସିଦ୍ଧାର୍ଥ ଉତ୍ତର ଦେଲେ, 'ପିତା, ଆପଣଙ୍କ ଅନୁମତି ପାଇଲେ ମୁଁ କାଲି ସକାଳେ ସନ୍ନ୍ୟାସୀମାନଙ୍କ ଦଳରେ ଯୋଗ ଦେବି । ମୁଁ ସନ୍ନ୍ୟାସ ଅବଲମ୍ବନ କରିବାକୁ ଚାହେଁ । ମୋର ବିଶ୍ୱାସ, ଆପଣ ସମ୍ମତି ଦେବେ ।'

ପିତୃଦେବ ବହୁକ୍ଷଣ ନୀରବରେ ବସିରହିଲେ । ରାତିର ଆକାଶରେ ତାରାଗୁଡ଼ିକ ଛୋଟ ଝରକା ବାଟେ ଦୃଶ୍ୟମାନ । ପୁତ୍ର ନିଜ ବୁକୁ ଉପରେ ଦୁଇ ବାହୁ ସ୍ଥାପନ କରି ସ୍ଥିର ଭାବରେ ଦଣ୍ଡାୟମାନ । ପିତା ପ୍ରସ୍ତର ମୂର୍ତ୍ତି ଭଳି କୁଶାସନ ଉପରେ ବସିଥାନ୍ତି । ଆକାଶରେ ତାରାମାନେ ଦଳଦଳ ହୋଇ ନିଜ ପଥରେ ବିଚରଣ କରୁଛନ୍ତି । ଅନେକ ସମୟ ପରେ ପିତା କହିଲେ, 'ମୋର ହୃଦୟ ଭିତରେ ଅସନ୍ତୋଷର ବହ୍ନି । କିନ୍ତୁ କ୍ରୂର ଓ ଉତ୍ତେଜିତ ବାକ୍ୟ ଉଚ୍ଚାରଣ କରିବା ବ୍ରାହ୍ମଣ ପକ୍ଷରେ ଶୋଭନୀୟ ନୁହେଁ । ତୁମ ମୁହଁରୁ ଦ୍ୱିତୀୟ ଥର ଏହା ଶୁଣିବାକୁ ଚାହେଁନା ।'

ବ୍ରାହ୍ମଣ ଆସନ ତ୍ୟାଗ କରି ଉଠିଲେ । ସିଦ୍ଧାର୍ଥ ପୂର୍ବଭଳି ନିଶ୍ଚଳ ।

ପିତା ପଚାରିଲେ, 'ପୁଣି କ'ଣ ପାଇଁ ଅପେକ୍ଷା କରୁଛ ?'

ସିଦ୍ଧାର୍ଥ ବିନୀତ ଭାବରେ ଉତ୍ତର ଦେଲେ, 'ଆପଣ ତାହା ଜାଣନ୍ତି ।'

ପିତା ରାଗି ଚ୍ଛଲିଗଲେ । ଶୋଇବା ସମୟ ହେଲାଣି । ସେ ବିଛଣାରେ ଶୋଇପଡ଼ିଲେ ।

ଘଣ୍ଟାଏ ପରେ ମଧ୍ୟ ନିଦ ହେଲାନାହିଁ । ସେ ଶଯ୍ୟାତ୍ୟାଗ କରି କିଛି ସମୟ ପରେ କୋଠରୀ ବାହାରକୁ ଆସିଲେ । ଝରକା ବାଟେ ଦେଖିଲେ ପୁତ୍ର ସେହିଭଳି ଦଣ୍ଡାୟମାନ । ତାର ଧଳା ଲୁଗା ଖଣ୍ଡିକ ଅନ୍ଧାରରେ ସ୍ପଷ୍ଟ ଦିଶୁଥାଏ । ଅନ୍ତରରେ ବେଦନା ଅନୁଭବ କରି ସେ ନିଜ କୋଠରୀକୁ ଫେରିଆସିଲେ ।

ପୁଣି ଘଣ୍ଟାଏ ବିତିଗଲା । ଆଖିରେ ନିଦ ନାହିଁ । ବ୍ରାହ୍ମଣ ବାହାରକୁ ଆସି ଦେଖିଲେ ଆକାଶରୁ ଚନ୍ଦ୍ରକିରଣ ଝରିପଡୁଛି । ଝରକା ବାଟେ ଦେଖିଲେ ସିଦ୍ଧାର୍ଥ ପୂର୍ବଭଳି ନିଶ୍ଚଳ ହୋଇ ଠିଆହୋଇଛି । ତା' ଗୋଡ଼ ପାଖରେ ଜହ୍ନ ଆଲୁଅ । ବ୍ୟଥିତ ହୃଦୟରେ ପିତା ପୁଣି ଶଯ୍ୟା ନିକଟକୁ ଆସିଲେ ।

ଆହୁରି ଘଣ୍ଟାଏ ବିତିଗଲା; ଆଖିରେ ନିଦ ନାହିଁ । ପୁଣି ବିଛଣାରୁ ଉଠି ଇତସ୍ତତଃ ହେବାକୁ ଲାଗିଲେ । ଝରକାରେ ଦେଖିଲେ କେତେବେଳେ ଚନ୍ଦ୍ରାଲୋକରେ, କେତେବେଳେ ତାରା ଆଲୁଅରେ, କେତେବେଳେ ବା ଅନ୍ଧାରରେ ସିଦ୍ଧାର୍ଥ ସେହି ଗୋଟିଏ ଭଙ୍ଗୀରେ ଠିଆ ହୋଇ ରହିଛି । ପ୍ରତି ଘଣ୍ଟାରେ ଆସି ଦେଖନ୍ତି ସିଦ୍ଧାର୍ଥର ନୀରବ, ନିଶ୍ଚଳ ମୂର୍ତ୍ତି । ତାଙ୍କ ହୃଦୟ କ୍ରୋଧରେ ଭରିଉଠେ । ମନ ଭାରାକ୍ରାନ୍ତ ହୋଇଆସେ ଭୟ ଓ ବେଦନାରେ ।

ରାତ୍ରିର ଶେଷ ପ୍ରହରରେ ପିତା ପୁଣି ଥରେ କୋଠରୀ ଭିତରକୁ ଆସି ଦେଖିଲେ ପୁତ୍ର ପୂର୍ବଭଳି ଠିଆ ହୋଇ ରହିଛି । ସେ ଯେମିତି ଇତି ମଧ୍ୟରେ ଡେଙ୍ଗା ହୋଇଯାଇଛି । ସେ ଯେମିତି ଚିରପରିଚିତ ସିଦ୍ଧାର୍ଥ ନୁହେଁ - ଅନ୍ୟ କେହି ।

ପଚାରିଲେ, 'ସିଦ୍ଧାର୍ଥ, କାହିଁକି ଅପେକ୍ଷା କରିଛ ?'

'ଆପଣ ତ ତାହା ଜାଣନ୍ତି ।'

'ସକାଳ ହେବ, ତା'ପରେ ଦ୍ୱିପ୍ରହର, ସନ୍ଧ୍ୟା । ତଥାପି ଠିଆହୋଇ ରହିବ ?

'ମୁଁ ଠିଆ ହୋଇ ଅପେକ୍ଷା କରିବି ।'

'ସିଦ୍ଧାର୍ଥ, ତୁମେ କ୍ଲାନ୍ତ ହୋଇଯିବ ।'

'ହଁ, ହେବି ।'

'ତୁମେ ଶୋଇ ପଡ଼ିବ, ସିଦ୍ଧାର୍ଥ ।'

'ନା, ନିଦ ଆସିବ ନାହିଁ ।'

'ତୁମର ମୃତ୍ୟୁ ମଧ୍ୟ ହୋଇପାରେ ।'

‘ହୋଇପାରେ ।’

‘ମୃତ୍ୟୁ କ’ଣ ପିତୃ ଆଦେଶ ଅପେକ୍ଷା ଅଧିକ ବରଣୀୟ ?’

‘ସିଦ୍ଧାର୍ଥ କେବେ ବି ପିତାଙ୍କର ଅବାଧ୍ୟ ହୋଇନାହିଁ ।’

‘ତେବେ ତୁମର ସଂକଳ୍ପ ତ୍ୟାଗ କର ।’

‘ପିତା ଯାହା ଆଦେଶ କରିବେ ସିଦ୍ଧାର୍ଥ ତାହା ହିଁ କରିବ ।’

ପ୍ରଭାତର ପ୍ରଥମ କିରଣରେ ପିତା ଦେଖିଲେ ସିଦ୍ଧାର୍ଥର ଆଖିରେ ସାମାନ୍ୟ କମ୍ପନ; କିନ୍ତୁ ମୁଖମଣ୍ଡଳ ଦୃଢ଼ ସଂକଳ୍ପବଦ୍ଧ । ଚକ୍ଷୁର ଦୃଷ୍ଟି ବହୁ ଦୂରରେ ନିବଦ୍ଧ । ପିତା ଜାଣିପାରିଲେ, ଏ ସନ୍ତାନକୁ ଆଉ ଘରେ ବାନ୍ଧି ରଖି ହେବନାହିଁ । ସେ ଇତିମଧ୍ୟରେ ସମସ୍ତଙ୍କୁ ତ୍ୟାଗ କରି ବହୁ ଦୂରକୁ ଚଲିଯାଇଛି ।

ପୁତ୍ର କାନ୍ଧରେ ହାତ ରଖି ପିତା କହିଲେ, ‘ଠିକ୍ ଅଛି । ତୁମେ ବଣକୁ ଯାଅ, ସନ୍ନ୍ୟାସ ଗ୍ରହଣ କର । ବନ ମଧ୍ୟରେ ଯଦି ସେହି ପରମାନନ୍ଦ ଲାଭ କର, ତେବେ ମୋ ଭାଗ ମୋତେ ଦେଇଯିବ । ଯଦି ଲାଭ ନ କର, ତେବେ ଫେରିଆସିବ; ଆମେ ଦୁହେଁ ପୁଣି ସାଥି ହୋଇ ଦେବତାଙ୍କର ପୂଜା କରିବା । ଯାଅ, ମା’ଙ୍କୁ ପ୍ରଣାମ କର । ତାଙ୍କୁ କୁହ କେଉଁଠାକୁ ଯାଉଛ । ମୋର ସ୍ନାନ ସମୟ ହେଲାଣି ।’

ପିତା ବାହାରକୁ ଚାଲିଗଲେ । ଦୀର୍ଘସମୟ ଏକ ଭଙ୍ଗୀରେ ଠିଆ ହେବା ପରେ ପ୍ରଥମ ପଦକ୍ଷେପରେ ତା’ ଦେହ ସାମାନ୍ୟ କମ୍ପିଉଠିଲା । ନିଜକୁ ସଂଯତ କରି ପିତାଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇ ସେ ମା’ଙ୍କ ନିକଟକୁ ଗଲେ ।

ବଡ଼ିଭୋରର ଆବଛା ଅନ୍ଧକାରରେ ଧିରେ ଧିରେ ପାଦ ପକାଇ ନିଦ୍ରିତ ନଗରୀ ତ୍ୟାଗ କରି ଆଗେଇ ଗଲେ ସିଦ୍ଧାର୍ଥ । ନଗରୀର ଶେଷ କୁଟୀରରୁ ଗୋଟିଏ ଛାୟା ଆସି ସଙ୍ଗ ଦେଲା । ସେ ଛାଇ ଗୋବିନ୍ଦର ।

ମୃଦୁ ହସି ସିଦ୍ଧାର୍ଥ କହିଲେ, ‘ତୁମେ ଆସିଛ ଦେଖୁଛି ।’

‘ହଁ, ମୁଁ ଆସିଲି ।’ ଗୋବିନ୍ଦ ଉତ୍ତର ଦେଲା ।

ସାଧୁମାନଙ୍କ ଗହଣରେ

ସେଦିନ ଦ୍ୱିପ୍ରହରରେ ସେମାନେ ସାଧୁମାନଙ୍କ ସନ୍ଧାନ ପାଇଲେ । ଆନୁଗତ୍ୟ ସ୍ୱୀକାର କରି ଦଳରେ ଯୋଗ ଦେବାକୁ ଅନୁରୋଧ କଲେ । ଅନୁରୋଧ ମଞ୍ଜୁର ହେଲା ।

ଗୋଟିଏ କୌପିନ ଓ ଗେରୁଆ ଲୁଗା ରଖି ସିଦ୍ଧାର୍ଥ ଅନ୍ୟାନ୍ୟ ପୋଷାକ

ଜଣେ ଦରିଦ୍ର ବ୍ରାହ୍ମଣକୁ ଦାନ କରିଦେଲେ । ବର୍ତ୍ତମାନ ଦିନରେ ଗୋଟିଏ ଓଳି ଖାଆନ୍ତି, ସେ ଖାଦ୍ୟରେ ନିଆଁର ଝାସ ଲାଗି ନ ଥିବ । ତା'ପରେ ଆରମ୍ଭ ହେଲା ଉପବାସ । ପ୍ରଥମେ ଚଉଦ ଦିନ । କ୍ରମେ ବଢ଼ି ବଢ଼ି ହେଲା ଅଠେଇଶ ଦିନ । ସିଦ୍ଧାର୍ଥର ଦେହରୁ ମାଂସ ନିଶିହ୍ନ ହେବାକୁ ଆରମ୍ଭ ହେଲା । ବଡ଼ ବଡ଼ ଆଖିରୁ କେତେ ଅଦ୍ଭୁତ ଧରଣର ଛାଇ ଭାସି ଉଠିଲା । ନଖଗୁଡ଼ିକ ଦୀର୍ଘ ଓ ଗାଲରେ ଶୁଖିଲା କଣ୍ଟା ଭଳି ଦାଢ଼ି । ସମ୍ମୁଖରେ ନାରୀମାନଙ୍କୁ ଦେଖିଲେ ଦୃଷ୍ଟି ବରଫ ଭଳି ଶୀତଳ ହୋଇଉଠେ । ସୁସଜ୍ଜିତ ନରନାରୀପୂର୍ଣ୍ଣ ନଗର ପଥରେ ଗଲାବେଳେ ଓଠ ଅବଜ୍ଞାରେ କୁଞ୍ଚିତ ହୋଇଯାଏ । ସିଦ୍ଧାର୍ଥ ଦେଖିଲେ ବ୍ୟବସାୟୀମାନେ କିଣାବିକା କରୁଛନ୍ତି, ବୈଦ୍ୟ ରୋଗୀଙ୍କର ଚିକିତ୍ସା କରୁଛନ୍ତି, ଗଣିକାମାନେ ଦେହର ପସରା ମେଲାଇ ବସିଛନ୍ତି, ପୁରୋହିତ ବୀଜ ବପନର ଶୁଭଦିନ ଗଣନା କରୁଛନ୍ତି । ପ୍ରେମିକ ପ୍ରେମ ନିବେଦନ କରୁଛି, ମା' ସନ୍ତାନର ଯତ୍ନ ନେଉଛି - କିନ୍ତୁ ଏସବୁ ଦେଖିଲା ଭଳି ଦୃଶ୍ୟ ନୁହେଁ । ଏଥିମଧ୍ୟରୁ କୌଣସି ଗୋଟିଏ ମଧ୍ୟ ସତ୍ୟ ନୁହେଁ - ମିଥ୍ୟାର ଉତ୍କଟ ଗନ୍ଧରେ ଏଗୁଡ଼ିକ ଦୂଷିତ । ଆନନ୍ଦ ଓ ସୌନ୍ଦର୍ଯ୍ୟ ହେଉଛି କେବଳ ଇନ୍ଦ୍ରିୟର ମାୟା । ସବୁକିଛି ଦିନେ ନିଶିହ୍ନ ହୋଇଯିବ । ସଂସାର ବିଷମୟ, ଏ ଜୀବନ କେବଳ ବେଦନା ।

ସିଦ୍ଧାର୍ଥଙ୍କ ଏକମାତ୍ର ଲକ୍ଷ୍ୟ - ଶୂନ୍ୟ ହୋଇଯିବା; ତୃଷ୍ଣା, ଆକାଙ୍କ୍ଷା, ସ୍ୱପ୍ନ, ଆନନ୍ଦ ଓ ବେଦନାରୁ ମୁକ୍ତି ପାଇବା; ଅହଂକୁ ହତ୍ୟା କରିବା । ଅହଂ ଯେତେବେଳେ ପରାଜିତ ଓ ମୃତ, ଯେବେ ବିକ୍ଷୋଭ ଓ ଆକାଙ୍କ୍ଷା ଶାନ୍ତ , ସେତେବେଳେ ସେହି ଅହଂମୁକ୍ତ ଅନ୍ତରରେ ଗୋପନ ସତ୍ତା ଜାଗିଉଠିବ ।

ପ୍ରଚଣ୍ଡ ଖରାରେ ସିଦ୍ଧାର୍ଥ ନୀରବରେ ଠିଆହୋଇ ରହନ୍ତି, କଷ୍ଟ ଓ ତୃଷ୍ଣାରେ ବୁକୁ ଫାଟିଯାଏ; ତଥାପି ତୃଷ୍ଣା ଓ ବେଦନାର ଅନୁଭୂତି ଲୋପ ନ ପାଇବା ପର୍ଯ୍ୟନ୍ତ ସେ ସେଇମିତି ଠିଆହୋଇ ଥାଆନ୍ତି । ବର୍ଷାରେ ମଧ୍ୟ ଠିଆହୁଅନ୍ତି; ମୁଣ୍ଡରୁ ପାଣି ବୋହିଯାଏ ଗୋଡ଼ ପର୍ଯ୍ୟନ୍ତ । ପ୍ରବଳ ଥଣ୍ଡାରେ ମଧ୍ୟ ସନ୍ନ୍ୟାସୀ ସିଦ୍ଧାର୍ଥ ଠିଆହୁଅନ୍ତି; ଯେତେ ପର୍ଯ୍ୟନ୍ତ ଗୋଡ଼ ହାତ ଶୀତରେ ଜଡ଼ ନ ହୁଏ । କଣ୍ଟା ଆସନରେ ବସିବାକୁ ଅଭ୍ୟାସ କରନ୍ତି; ବ୍ୟଥା ଓ ଘା ହୁଏ, ଛିନ୍ନ ଚମଡ଼ାରୁ ରକ୍ତ ଝରିଯାଏ; କିନ୍ତୁ ସିଦ୍ଧାର୍ଥ ନିଶ୍ଚଳ ହୋଇ ବସିରୁହନ୍ତି । ରକ୍ତ ଝରିବା ବନ୍ଦ ନ ହେବା ପର୍ଯ୍ୟନ୍ତ, କଣ୍ଟକିତ ଅନୁଭୂତି ଓ ବେଦନାବୋଧ ଦୂର ନ ହେବା ପର୍ଯ୍ୟନ୍ତ ସେ ସେଇମିତି ଆସନ ଉପରେ ବସିଥାଆନ୍ତି ।

ସିଦ୍ଧାର୍ଥ ପ୍ରାଣାୟମ ଅଭ୍ୟାସ କଲେ । କ୍ରମଶଃ ଶ୍ୱାସ ରୋଧ କରୁକରୁ ବହୁକ୍ଷଣ ବିନା ନିଶ୍ୱାସରେ ନିଜକୁ ସ୍ଥିର ରଖିପାରିଲେ । ପବନ ଗ୍ରହଣ ସମୟରେ ହୃତ୍‌ସ୍ପନ୍ଦନ ବନ୍ଦ ରହିପାରେ ସେହି ସାଧନା ମଧ୍ୟ କଲେ ।

ବୟୋଜ୍ୟେଷ୍ଠ ସାଧୁଙ୍କ ଉପଦେଶ ଅନୁଯାୟୀ ସିଦ୍ଧାର୍ଥ ଧ୍ୟାନ ଓ ଆତ୍ମନିର୍ଗ୍ରହ

ଶିକ୍ଷା କଲେ । ଗୋଟିଏ ବାଉଁଶ ବଣ ଉପରେ ବଗଟିଏ ଉଡ଼ିଯାଉଛି । ସିଦ୍ଧାର୍ଥର ଆତ୍ମା ପ୍ରବେଶ କଲା ସେହି ବଗ ଶରୀର ମଧ୍ୟରେ । କେତେ ଜଙ୍ଗଲ ପାହାଡ଼ ଉପରେ ଉଡ଼ିଗଲା, ବଗ ହୋଇ ମାଛ ଖାଇଲା, ବଗର କ୍ଷୁଧାରେ କାତର ହେଲା । ବଗର ଭାଷା ବ୍ୟବହାର କଲା । ତାପରେ ବଗ ଭଳି ମୃତ୍ୟୁ ମଧ୍ୟ ହେଲା । ନଇକୂଳ ବାଲି ଉପରେ ପଡ଼ିଥିଲା ଗୋଟିଏ ମୃତ ଶୃଗାଳ । ସିଦ୍ଧାର୍ଥର ଆତ୍ମା ପ୍ରବେଶ କଲା ସେଇ ମୃତଦେହରେ । ଦେହ ଫୁଲି ପଚିବାକୁ ଲାଗିଲା । ଚିତାବାଘ ଆସି ମାଂସକୁ ଟିକିଟିକି କରି ଖାଇବାକୁ ଲାଗିଲା । ଶାଗୁଣାମାନଙ୍କ ଧାରୁଆ ଥଣ୍ଟରେ ସେ ଖଣ୍ଡବିଖଣ୍ଡିତ ହେଲା । ଶେଷରେ କଙ୍କାଳଟି ଧୂଳିରେ ମିଶିଗଲା । ମୃତ୍ୟୁ, ପଚନ ଓ ଧୂଳି ମାଧ୍ୟମରେ ସିଦ୍ଧାର୍ଥଙ୍କ ଆତ୍ମା ଫେରିଆସିଲା ଜୀବନଚକ୍ରର ବେଦନାପୂର୍ଣ୍ଣ ଅନୁଭୂତି ଲାଭ କରି । ସେ ଇନ୍ଦ୍ରିୟ ଦମନ କରିଛନ୍ତି, ବିଭିନ୍ନ ରୂପ ଧାରଣ କରି ପୁଣି ଫେରିଆସିଛନ୍ତି । ଜନ୍ତୁ, ଶବ, ପଥର, କାଠ ଓ ପାଣିର ରୂପ ନେଇଛନ୍ତି ସିଦ୍ଧାର୍ଥ । ପୁଣି ପ୍ରତିଥର ନିଜ ସତ୍ତା ମଧ୍ୟରେ ଜାଗ୍ରତ ହୋଇଛନ୍ତି । ଜୀବନଚକ୍ରର ଦୋଳିରେ ଝୁଲିଝୁଲି ସେ ଫେରିଆସିଛନ୍ତି ନିଜ ସତ୍ତାକୁ । ତୃଷ୍ଣା ହେଲେ ତୃଷ୍ଣାକୁ ଦମନ କରିଛନ୍ତି । ପୁଣି ଜାଗି ଉଠିଛି ନୂଆ ବାସନା ।

ସାଧୁମାନଙ୍କ ନିକଟରୁ ସିଦ୍ଧାର୍ଥ ଅନେକ ଶିକ୍ଷାଲାଭ କରିଛନ୍ତି । ସତ୍ତାକୁ ଲୋପ କରିବାର ଉପାୟ ଶିଖିଛନ୍ତି । ବେଦନା, କ୍ଷୁଧା, ତୃଷ୍ଣା ଓ କ୍ଲାନ୍ତି ଦ୍ୱାରା ଆତ୍ମାକୁ କଷ୍ଟ ଦେଇଛନ୍ତି । ସ୍ୱେଚ୍ଛାରେ କ୍ଲେଶ ଗ୍ରହଣ କରି ପୁଣି ଧ୍ୟାନ ସାହାଯ୍ୟରେ ସତ୍ତାକୁ ଲୋପ କରିବା ପାଇଁ ଚେଷ୍ଟା କରିଛନ୍ତି । ମନ ଆକାଶରୁ ସବୁ ଚିତ୍ର ପୋଛିଦେଇ ଶୂନ୍ୟତା ମଧ୍ୟରେ ମନକୁ ପୂର୍ଣ୍ଣ କରିବା ପାଇଁ ଚାହିଁଛନ୍ତି । ଏହିପରି ସେ ବିଭିନ୍ନ ପଥ ଅବଲମ୍ବନ କରି ବହୁବାର ଆପଣା ସତ୍ତାକୁ ହଜାଇ ଦେଇ ଶେଷରେ ସେ ନିଜ ଭିତରକୁ ଫେରିଆସିଛନ୍ତି । ଯଦିଓ ବହୁବାର ସେ ଆପଣା ସତ୍ତାଠାରୁ ଦୂରେଇ ଯାଇ ଜୀବଜନ୍ତୁ ଓ ପଥର ମଧ୍ୟରେ ବାସ କରିଛନ୍ତି, କିନ୍ତୁ ଫେରି ଆସିବା ହିଁ ଅବଶ୍ୟମ୍ଭାବୀ ।

ଗୋବିନ୍ଦ ଛାଇ ଭଳି ସିଦ୍ଧାର୍ଥ ପାଖରେ ଥାଏ । ଯେତିକି ବାର୍ତ୍ତାଳାପ ଆବଶ୍ୟକ ସେତିକି କଥା କହେ । ଗ୍ରାମକୁ ଯାଇ ନିଜ ପାଇଁ ଓ ଆଚାର୍ଯ୍ୟମାନଙ୍କ ପାଇଁ ଭିକ୍ଷା କରେ । ଦିନେ ସିଦ୍ଧାର୍ଥ ପଚାରିଲେ, 'ତୁମେ କ'ଣ ଭାବୁଛ, ଗୋବିନ୍ଦ ? ଆମେ ଲକ୍ଷ୍ୟସ୍ଥଳ ଦିଗକୁ ସାମାନ୍ୟ ଅଗ୍ରସର ହୋଇଛୁ ?'

ଗୋବିନ୍ଦ ଉତ୍ତର ଦେଲା - ଆମେ ବହୁତ କିଛି ଶିଖିଛୁ , ଏବେ ମଧ୍ୟ ଶିଖୁଛୁ । ତୁମେ ଜଣେ ବିରାଟ ତପସ୍ୱୀ ହେବ । ପ୍ରତ୍ୟେକ ପାଠ ଖୁବ୍ ଶୀଘ୍ର ଆହରଣ କରିଛ । ସାଧୁମାନେ ପ୍ରାୟତଃ ତୁମ ଗୁଣାବଳୀ ଆଲୋଚନା କରନ୍ତି । ସିଦ୍ଧାର୍ଥ, ତୁମେ ନିଶ୍ଚୟ ଋଷିତ୍ୱ ଲାଭ କରିବ ।

ସିଦ୍ଧାର୍ଥ କହିଲେ, 'ନା, ବନ୍ଧୁ, ମୋର ସେମିତି ମନେ ହୁଏ ନାହିଁ । ମୁଁ

ସନ୍ନ୍ୟାସୀମାନଙ୍କ ଠାରୁ ଯାହା ଯାହା ଶିଖିଛି, ତାହା ଅନାୟାସରେ ଶିଖିପାରିଥାନ୍ତି କୌଣସି ପାନ୍ଥଶାଳାରେ, ଗଣିକାଳୟରେ, ମଜୁରିଆ ବା ପଶା ଖେଳାଳିଙ୍କ ସାନ୍ନିଧ୍ୟରେ ।'

ଗୋବିନ୍ଦ କହିଲା, 'ତୁମେ ଥଟ୍ଟା କରୁଛ । ସେସବୁ ହତଭାଗ୍ୟମାନଙ୍କ ପାଖରୁ ତୁମେ ତପସ୍ୟା ଓ ପ୍ରାଣାୟାମ କେମିତି ଶିଖିବ ?'

ସିଦ୍ଧାର୍ଥ ମୃଦୁକଣ୍ଠରେ ପଚାରିଲେ, 'ତପସ୍ୟା କ'ଣ ? ଦେହକୁ ତ୍ୟାଗ କରିବାର ଅର୍ଥ କ'ଣ ? ଉପବାସ ଓ ପ୍ରାଣାୟାମ ଦ୍ୱାରା କ'ଣ ହୁଏ ? ଏଗୁଡ଼ିକ କେବଳ ନିଜ ଠାରୁ ପଳାୟନ କରିବାର ଉପାୟ, ଅହଂର ଯାତନାରୁ ସାମୟିକ ପଳାୟନ,କ୍ଷଣସ୍ଥାୟୀ ଉପଶମକାରୀ । ଏହି ପଳାୟନ ପାଇଁ ତ ବଳଦ ଗାଡ଼ିର ମାଲିକ ଦେଶୀ ମଦ ପାନ କରେ । ସେତେବେଳେ ସେ ଜୀବନର ଯାତନା ଭୁଲିଯାଏ । ଅହଂ ଅନୁଭବ କରେ ନାହିଁ । ସିଦ୍ଧାର୍ଥ ଓ ଗୋବିନ୍ଦ କଠୋର ସାଧନା ଦ୍ୱାରା ଯେଉଁ ସାମୟିକ ମୁକ୍ତି ପାଆନ୍ତି, ସେହି ଦରିଦ୍ର ଲୋକଟି ମଧ୍ୟ ମଦପାତ୍ରରୁ ପାଇଥାଏ ।'

ଗୋବିନ୍ଦ ବୁଝାଇଲା, 'ବନ୍ଧୁ, ତୁମେ ଭଲ ଭାବରେ ଜାଣ ଯେ ସିଦ୍ଧାର୍ଥ ବଳଦ ଗାଡ଼ିର ମାଲିକ ନୁହେଁ ଏବଂ ସାଧୁମାନେ ମଦ୍ୟପ ନୁହନ୍ତି । ସୁରାର ପ୍ରଭାବରେ ଜୀବନକୁ କିଛି ସମୟ ପାଇଁ ଏଡ଼ାଇ ହେବ । କିନ୍ତୁ ସେହି ସ୍ୱପ୍ନ ଜଗତରୁ ଫେରିବାକୁ ହେବ ପୃଥିବୀକୁ । ଏ ଉପାୟରେ ନୂତନ ବିଦ୍ୟା ଲାଭ ହୁଏ ନାହିଁ, ଜୀବନ ସିଡ଼ିରେ ଗୋଟିଏ ପାହାଚ ମଧ୍ୟ ଚଢ଼ିବା ସମ୍ଭବ ନୁହେଁ ।'

ସିଦ୍ଧାର୍ଥ ସାମାନ୍ୟ ହସି ଉତ୍ତର ଦେଲେ, 'ମୁଁ ତ କେବେ ମଦ ପିଇନାହିଁ । କିନ୍ତୁ ତପସ୍ୟା ଦ୍ୱାରା ମୁଁ ଯେଉଁ ସାମାନ୍ୟ ପରିତ୍ରାଣ ଲାଭ କରେ, ଜାଣିପାରେ ଯେ ଜ୍ଞାନ ଓ ମୋକ୍ଷ ହେଉଛି ଗର୍ଭସ୍ଥ ଭ୍ରୂଣ ପରି ଦୁର୍ଲ୍ଲଭ ।'

ଆଉ ଦିନେ ଭିକ୍ଷା ପାଇଁ ଗଲାବେଳେ ସିଦ୍ଧାର୍ଥ ପଚାରିଲେ, 'ଆମେ କ'ଣ ସଠିକ୍ ପଥରେ ଚାଲିଛୁ ? ଆମେ କେଉଁ ଜ୍ଞାନ ଲାଭ କରିଛୁ ? ସତରେ ମୋକ୍ଷ ଆଡ଼କୁ ଅଗ୍ରସର ହୋଇଛୁ ? ଯେଉଁ ଚକ୍ରରୁ ମୁକ୍ତିଲାଭ ପାଇଁ ଗୃହତ୍ୟାଗ କରିଛୁ, ସେହି ଚକ୍ରରେ ହିଁ ଘୁରି ବୁଲୁଛୁ ?

ଗାବିନ୍ଦ ଆଶ୍ୱାସନା ଦେଇ କହିଲା, 'ଆମେ ଅନେକ କିଛି ଶିଖିଲୁଣି, ସିଦ୍ଧାର୍ଥ । ଆହୁରି କେତେ କ'ଣ ଶିଖିବାର ଅଛି । ଗୋଲକ ଧନ୍ଦାରୁ ବାହାରି ଆସି ଆମେ ଉପରକୁ ଯାଉଛୁ । ଇତିମଧ୍ୟରେ ଅନେକ ପାହାଚ ଅତିକ୍ରମ କଲେଣି ।'

ସିଦ୍ଧାର୍ଥ ପଚାରିଲେ, 'ଆମର ଶ୍ରଦ୍ଧେୟ ବୟୋଜ୍ୟେଷ୍ଠ ଆଚାର୍ଯ୍ୟଙ୍କର ବୟସ କେତେ ହେବ ?'

'ପ୍ରାୟ ଷାଠିଏ ବର୍ଷ ।'

'ଷାଠିଏ ବର୍ଷ ବୟସରେ ମଧ୍ୟ ସେ ନିର୍ବାଣ ଲାଭ କରିନାହାନ୍ତି । ତାପରେ

ବୟସ ବଢ଼ି ସତୁରୀ ହେବ । ସତୁରୀ ପରେ ଅଶି । ଆମେ ମଧ୍ୟ ତାଙ୍କ ଭଳି ବୃଦ୍ଧ ହେବୁ । କେତେ ତପସ୍ୟା କରିବୁ । କିନ୍ତୁ ନିର୍ବାଣ ଲାଭ କରିବୁ ନାହିଁ । ଗୋବିନ୍ଦ, ମୋର ବିଶ୍ୱାସ କେହି ବି ନିର୍ମାଣ ଲାଭ କରିପାରିବେ ନାହିଁ । ଆମେ କେବଳ କେତେଗୁଡ଼ିଏ ଛଳନା ଶିଖିଛୁ, ତଦ୍ଦ୍ୱାରା ନିଜକୁ ପ୍ରତାରଣା କରୁଛୁ । କେତେବେଳେ କେମିତି ସାମାନ୍ୟ ସାନ୍ତ୍ୱନା ମିଳୁଛି, କିନ୍ତୁ ଅସଲ ନିର୍ବାଣର ସନ୍ଧାନ ନାହିଁ ।'

ଗୋବିନ୍ଦ କହି ଉଠିଲା, 'ନା, ନା, ଏତେ ଭୟଙ୍କର କଥା କୁହନାହିଁ, ସିଦ୍ଧାର୍ଥ । ଏତେ ପଣ୍ଡିତ, ବ୍ରାହ୍ମଣ, ଶ୍ରମଣ, ସାଧୁ ସନ୍ନ୍ୟାସୀ ସମସ୍ତେ ସାଧନା କରୁଛନ୍ତି । କେହି କ'ଣ ସେହି ପଥର ସନ୍ଧାନ ପାଇବେ ନାହିଁ ?

ବିଦ୍ରୂପ ଓ ବେଦନା ଭରା କଣ୍ଠରେ ସିଦ୍ଧାର୍ଥ କହିଲେ, 'ଗୋବିନ୍ଦ, ତୁମ ବନ୍ଧୁ ତୁମକୁ ଯେଉଁ ପଥରେ ନେଇ ଚାଲିଛନ୍ତି, ତାହା ତୁମକୁ ତ୍ୟାଗ କରିବାକୁ ପଡ଼ିବ । ମୋର ଅନେକ ଜିଜ୍ଞାସା, ଅନେକ ତୃଷ୍ଣା । ସନ୍ନ୍ୟାସୀମାନଙ୍କ ପଥ ଅନୁସରଣ କରି ସେ ତୃଷ୍ଣା ତୃପ୍ତ ହୋଇନାହିଁ । ଜ୍ଞାନର ତୃଷ୍ଣା ମୋତେ ସର୍ବଦା ବ୍ୟାକୁଳ କରୁଛି । କେତେ ବର୍ଷ ହେବ ମୁଁ ବ୍ରାହ୍ମଣମାନଙ୍କୁ ପ୍ରଶ୍ନ କରୁଛି । ପବିତ୍ର ବେଦର ଶ୍ଲୋକରେ ମୁଁ ପ୍ରଶ୍ନର ଉତ୍ତର ଖୋଜୁଛି । କିନ୍ତୁ ଆମେ କିଛି ମଧ୍ୟ ଶିଖିପାରିନାହୁଁ । ମୋର ମନେ ହୁଏ, ପ୍ରତ୍ୟେକ ବସ୍ତୁର ମୂଳ ସତ୍ତାରେ ଏମିତି କିଛି ଅଛି ଯାହାର ଜ୍ଞାନ ଆହରଣ ଅସମ୍ଭବ । ମୋର ଓ ତୁମ ମଧ୍ୟରେ ଏବଂ ସର୍ବତ୍ର ଆମେ ପରମାତ୍ମାଙ୍କ ଅସ୍ତିତ୍ୱ ଅନୁଭବ କରୁ । କିନ୍ତୁ ଆତ୍ମାର ସ୍ୱରୂପ ସେଥିରୁ ବୁଝିହୁଏ ନାହିଁ । ମୋର ବିଶ୍ୱାସ, ଜ୍ଞାନର ସବୁଠାରୁ ବଡ଼ଶତ୍ରୁ ହେଉଛନ୍ତି ପଣ୍ଡିତ ବ୍ୟକ୍ତି ଓ ପାଣ୍ଡିତ୍ୟ ।

ଗୋବିନ୍ଦ ଅସହାୟ ଭାବରେ ଉତ୍ତର ଦେଲା, 'ଏସବୁ କହି ଦୁଃଖ ଦିଅନାହିଁ । ତୁମ ବାକ୍ୟ ଯଦି ସତ୍ୟ , ତେବେ ପବିତ୍ର ଆରାଧନା ବ୍ୟର୍ଥ ହୋଇଯିବ । ବ୍ରାହ୍ମଣ ଓ ପଣ୍ଡିତମାନଙ୍କ ପ୍ରତି ଶ୍ରଦ୍ଧା ମଧ୍ୟ ଲୋପପାଇଯିବ । ଜ୍ଞାନ ଯଦି ସତ୍ୟ ନ ହୁଏ, ତେବେ ସଂସାରର ଉତ୍ସକୁ ଚିହ୍ନିବି କେମିତି ?' ତା'ପରେ ଗୋବିନ୍ଦ ଗୁଣୁଗୁଣୁ ହୋଇ ଉପନିଷଦର ଗୋଟିଏ ଶ୍ଲୋକ ଆବୃତ୍ତି କଲା :

ଆତ୍ମାରେ ଶୁଚିଶୁଭ୍ର ମନ ଯାହାର ବୁଡ଼ିଛି
ସେ ହିଁ ପାଏ ସୁଖର ସନ୍ଧାନ ଯାହା ଭାଷାରେ ନୁହେଁ ସମ୍ଭବ ॥

କାଳକ୍ରମେ ସନ୍ନ୍ୟାସୀମାନଙ୍କ ସାନ୍ନିଧ୍ୟରେ ଦୁଇବନ୍ଧୁ ପ୍ରାୟ ତିନିବର୍ଷ ଅତିବାହିତ କଲେଣି । ସେତେବେଳେ ସେମାନେ ଏକ ଜନଶ୍ରୁତି ଶୁଣିବାକୁ ପାଇଲେ; ଗୌତମ ବୁଦ୍ଧ ନାମକ ଜଣେ ମହାତ୍ମାଙ୍କର ଆବିର୍ଭାବ ହୋଇଛି । ସେ ପୃଥିବୀର ସକଳ ଦୁଃଖ ଜୟ କରିଛନ୍ତି ଓ ଜୀବନ - ମୃତ୍ୟୁର ଚକ୍ରାକାର ଗତିକୁ ରୁଦ୍ଧ କରିଛନ୍ତି । ଦେଶର ବିଭିନ୍ନ ସ୍ଥାନରେ ସେ ଶିଷ୍ୟମାନଙ୍କ ଗହଣରେ ଧର୍ମୋପଦେଶ ପ୍ରଦାନ କରୁଛନ୍ତି । ତାଙ୍କର କୌଣସି

ଗୃହ, ସଂସାର ବା ସମ୍ପଦ ନାହିଁ। ପରିଧାନରେ କେବଳ ଗୈରିକ ବସ୍ତ୍ର। କିନ୍ତୁ ଉନ୍ନତ ଲଲାଟ ସେହି ମହାତ୍ମାଙ୍କ ପାଦତଳେ କେତେ ରାଜା ଓ ବ୍ରାହ୍ମଣ ଲୋଟି ପଡୁଛନ୍ତି ଶିଷ୍ୟତ୍ୱ ଗ୍ରହଣ କରିବା ପାଇଁ।

ଏହି ଜନଶ୍ରୁତି ସର୍ବତ୍ର କାନରେ ବାଜୁଛି। ଦୁଇ ତରୁଣ ବନ୍ଧୁ ମଧ୍ୟ ଶୁଣନ୍ତି। ସେ ନା କେତେବେଳେ ନିନ୍ଦାରେ ମଳିନ, ନା ପ୍ରଶଂସାରେ ଉଜ୍ଜ୍ୱଳ।

କୌଣସି ଦେଶରେ ଯେତେବେଳେ ମହାମାରୀ ହୁଏ, ସେତେବେଳେ ପ୍ରାୟତଃ ଜନଶ୍ରୁତି ଶୁଣାଯାଏ ଯେ ଜଣେ ବିଜ୍ଞ ମହାପୁରୁଷଙ୍କର ଆବିର୍ଭାବ ହୋଇ; ତାଙ୍କର ସ୍ପର୍ଶ ଓ ବାଣୀରେ ରୋଗୀ ନିରାମୟ ହୁଏ। ଅନେକେ ଏହି କାହାଣୀ ବିଶ୍ୱାସ କରନ୍ତି, ଅନେକେ ସନ୍ଦେହ ମଧ୍ୟ କରନ୍ତି। ଠିକ୍ ସେହି ଶାକ୍ୟବଂଶର ଗୌତମ ବୁଦ୍ଧଙ୍କର ଆବିର୍ଭାବ ସମ୍ବାଦ ସର୍ବତ୍ର ପ୍ରଚାରିତ। ଭକ୍ତମାନେ କହନ୍ତି, ତାଙ୍କର ଜ୍ଞାନ ପ୍ରଗାଢ଼। ସେ ପୂର୍ବ ଜନ୍ମର ବୃତ୍ତାନ୍ତ ସ୍ମରଣ କରିପାରନ୍ତି। ସେ ନିର୍ବାଣର ସକଳ ମନ୍ତ୍ର ଆୟତ୍ତ କରିଛନ୍ତି। ତାଙ୍କୁ ଆଉ ଜନ୍ମ-ମୃତ୍ୟୁର ବିବର୍ତ୍ତନ ସ୍ପର୍ଶ କରିବ ନାହିଁ। ବିଭିନ୍ନ ଜନ୍ମରେ ବିଭିନ୍ନ ଆକାର ଗ୍ରହଣ କରିବାକୁ ପଡ଼ିବ ନାହିଁ। ଅନେକ ବିସ୍ମୟକର ଅବିଶ୍ୱାସ୍ୟ କାହାଣୀ ମଧ୍ୟ ତାଙ୍କ ବିଷୟରେ ଶୁଣାଯାଏ। କିନ୍ତୁ ତାଙ୍କର ଶତ୍ରୁମାନେ କହନ୍ତି ଯେ ଗୌତମ ପ୍ରତାରକ; ବିଳାସ ବ୍ୟସନରେ ତାଙ୍କ ଜୀବନ ଅତିବାହିତ; ତାଙ୍କର ବିଦ୍ୟା ନାହିଁ; ତପସ୍ୟାର ରୀତିନୀତି ଓ ଦୈହିକ କାମନାକୁ ଜୟ କରିବାର ଉପାୟ ତାଙ୍କୁ ଜଣାନାହିଁ।

ବୁଦ୍ଧଙ୍କ ସମ୍ବନ୍ଧିତ ଜନଶ୍ରୁତି ମଧ୍ୟରେ ଏକ ଆକର୍ଷଣ ଥିଲା। କଣ୍ଟକିତ ପୃଥିବୀର କଠୋର ଜୀବନରେ ବୋଧହୁଏ ଏକ ନୂତନ ଆଶା ସଞ୍ଚାର ହେଲା। ଏକ ନୂତନ ବାଣୀ ଶୁଭିଲା - ଯେଉଁ ବାଣୀରେ ଅଛି ଶାନ୍ତି ଓ ସାନ୍ତ୍ୱନା। ଭାରତବର୍ଷର କୋଣ ଅନୁକୋଣରେ ତରୁଣମାନେ ତାଙ୍କ ବାଣୀ ଶୁଣୁଥିଲେ। ଯେଉଁ ପଦଯାତ୍ରୀମାନେ ବୁଦ୍ଧଙ୍କର କୌଣସି ସମ୍ବାଦ ବହନ କରନ୍ତି ସେମାନଙ୍କୁ ଆଦରର ସହିତ ଆପ୍ୟାୟିତ କରାଯାଉଥିଲା।

ଅନ୍ୟ ସନ୍ନ୍ୟାସୀମାନଙ୍କ ସହ ସିଦ୍ଧାର୍ଥ ଓ ଗୋବିନ୍ଦ ମଧ୍ୟ କିଛି କିଛି ଖବର ଶୁଣିବାକୁ ପାଇଲେ। ଦିନେ ସିଦ୍ଧାର୍ଥକୁ ଗୋବିନ୍ଦ କହିଲା, 'ଆଜି ମୁଁ ଗ୍ରାମକୁ ଯାଇଥିଲି। ଜଣେ ବ୍ରାହ୍ମଣ କୁମାର କହିଲେ ସେ ମଗଧରୁ ଆସିଛନ୍ତି। ସ୍ୱଚକ୍ଷୁରେ ବୁଦ୍ଧଙ୍କୁ ଦେଖିଛନ୍ତି। ତାଙ୍କ ଉପଦେଶ ଶୁଣିଛନ୍ତି। ମୋ ମନରେ ମଧ୍ୟ ଆକାଙ୍କ୍ଷା ଜାଗ୍ରତ ହେଲା, ଆମେ ଯଦି ବୁଦ୍ଧଙ୍କୁ ଦେଖିପାରନ୍ତେ, ତାଙ୍କ ଉପଦେଶ ଶୁଣିପାରନ୍ତେ। ଚାଲ ଯିବା।'

ସିଦ୍ଧାର୍ଥ ଉତ୍ତର ଦେଲେ, 'ମୁଁ ତ ଭାବିଥିଲି ଗୋବିନ୍ଦ ଚିରଦିନ ସାଧୁମାନଙ୍କ ସହ ବାସ କରିବ। ସେମାନଙ୍କ ପ୍ରଦତ୍ତ ଶିକ୍ଷା ସେ ଅଭ୍ୟାସ କରିବ ଷାଠିଏ ବା ସତୁରୀ ବର୍ଷ ପର୍ଯ୍ୟନ୍ତ। ଏବେ ତୁମେ କିନ୍ତୁ ଚାହୁଁଛ ବୁଦ୍ଧଙ୍କ ନିକଟକୁ ଯିବାକୁ।'

ଗୋବିନ୍ଦ କହିଲା, 'ମୋତେ ବିଦ୍ରୂପ କରି ତୁମେ କୌତୁକ ଅନୁଭବ କରିବାକୁ

ଚାହଁ। କିନ୍ତୁ ତମେ ହିଁ ତ ମୋତେ କହିଛ ସନ୍ନ୍ୟାସୀମାନଙ୍କ ସହ ଅଧିକ କାଳ ରହିବ ନାହିଁ।'

ସିଦ୍ଧାର୍ଥ ହସି ହସି କହିଲେ, 'ତୁମେ ଠିକ୍ କହିଛ, ଗୋବିନ୍ଦ। ମୁଁ ଯାହା କହିଥିଲି ତୁମେ ବେଶ ମନେ ରଖିଛ। ମୁଁ କହିଥିଲି ଗୁରୁବାକ୍ୟରେ ମୋର ଆଉ ବିଶ୍ୱାସ ନାହିଁ; ବିଦ୍ୟା ଓ ଉପଦେଶରେ ମୋର ଆସ୍ଥା ନାହିଁ। ନୂଆ ଉପଦେଶ ଶୁଣିବାକୁ ମୁଁ ମଧ୍ୟ ପ୍ରସ୍ତୁତ।'

ସେହିଦିନ ସିଦ୍ଧାର୍ଥ ବୟୋବୃଦ୍ଧ ସନ୍ନ୍ୟାସୀଙ୍କୁ ସେମାନଙ୍କର ଚାଲିଯିବା ସିଦ୍ଧାନ୍ତ ଜଣାଇଲେ। ସିଦ୍ଧାର୍ଥ ବିନୟ ସହକାରେ ନିବେଦନ କଲାପରେ ବୃଦ୍ଧ ସନ୍ନ୍ୟାସୀ କ୍ରୋଧାନ୍ୱିତ ହୋଇ କଠୋର ଭାଷାରେ ତିରସ୍କାର କଲେ।

ଗୋବିନ୍ଦ ଶଙ୍କିତ ହେଲା। କିନ୍ତୁ ସିଦ୍ଧାର୍ଥ ତା କାନରେ ଫୁସ୍‌ଫୁସ୍ ହୋଇ କହିଲା, 'ଏହି ବୃଦ୍ଧଙ୍କ ନିକଟରୁ ଯାହା ଯାହା ଲାଭ କରିଛି, ଆଜି ତାହାର ସାମାନ୍ୟ ପ୍ରମାଣ ଦେବି।'

ସିଦ୍ଧାର୍ଥ ଏକାଗ୍ରଚିତ୍ତରେ ସନ୍ନ୍ୟାସୀଙ୍କ ସମ୍ମୁଖରେ ଛିଡ଼ାହୋଇ ରହିଲେ; ଆଖିର ଦୃଷ୍ଟିରେ ବୃଦ୍ଧଙ୍କୁ ବନ୍ଧନ କରିଦେଲେ। ବୃଦ୍ଧ ସନ୍ନ୍ୟାସୀ ସମ୍ମୋହିତ ହୋଇ ପଡ଼ିଲେ। ତାଙ୍କର ଇଚ୍ଛାଶକ୍ତି ଲୋପ ପାଇଗଲା, ପାଟିରୁ କଥା ବାହାରିଲା ନାହିଁ। ସିଦ୍ଧାର୍ଥ ନୀରବରେ ତାଙ୍କୁ ଆଦେଶ ପାଳନ କରିବା ପାଇଁ ନିର୍ଦ୍ଦେଶ ଦେଲା। ବୃଦ୍ଧ ବାକ୍‌ଶୂନ୍ୟ ହୋଇ ଚାହିଁ ରହିଥାନ୍ତି। ଦେହରେ କମ୍ପନ ନାହିଁ, ଦୁଇ ବାହୁ ଝୁଲିପଡ଼ିଛି। ସିଦ୍ଧାର୍ଥର ଯାଦୁରେ ସେ ଶକ୍ତିହୀନ। ସେ ସିଦ୍ଧାର୍ଥକୁ ଆଶୀର୍ବାଦ ଦେଲେ ଓ ଶୁଭଯାତ୍ରା ପାଇଁ କାମନା କଲେ। ଦୁଇ ବନ୍ଧୁ ତାଙ୍କୁ ଧନ୍ୟବାଦ ଜଣାଇ ନୂତନ ଗନ୍ତବ୍ୟକୁ ବାହାରି ପଡ଼ିଲେ।

ପଥ ମଧ୍ୟରେ ଗୋବିନ୍ଦ କହିଲା, 'ତୁମେ ସନ୍ନ୍ୟାସୀମାନଙ୍କ ନିକଟରୁ ମୋ ଧାରଣାରୁ ଅଧିକ ଶିକ୍ଷାଲାଭ କରିଛ। ଜଣେ ବୃଦ୍ଧ ସାଧୁଙ୍କୁ ଏପରି ସମ୍ମୋହିତ କରିବା ବେଶ କଠିଣ କାର୍ଯ୍ୟ। ମୁଁ ଭାବୁଛି, ତୁମେ ଚାହିଁଲେ ପାଣି ଉପରେ ଚାଲିବା କୌଶଳ ମଧ୍ୟ ଅନାୟାସ ଶିଖିପାରିବ।'

'ମୁଁ ସେସବୁ ଚାତୁରୀ ଶିଖିବାକୁ ଚାହେଁନାହିଁ। ସେସବୁ ଯାଦୁ ବୃଦ୍ଧ ସନ୍ନ୍ୟାସୀମାନେ ବରଂ କରନ୍ତୁ।'

ଗୌତମ ବୁଦ୍ଧଙ୍କ ସାନ୍ନିଧ

ଶାବତୀ ନଗରରେ ପ୍ରତ୍ୟେକ ବ୍ୟକ୍ତି ଗୌତମ ବୁଦ୍ଧଙ୍କୁ ଜାଣନ୍ତି । ଗୌତମଙ୍କର ଭିକ୍ଷାର୍ଥୀ ଶିଷ୍ୟ ଯେଉଁ ଗୃହକୁ ଯାଆନ୍ତି, ସେମାନଙ୍କର ଭିକ୍ଷାପାତ୍ର ପୂର୍ଣ୍ଣ ହୋଇଯାଏ । ନଗର ନିକଟସ୍ଥ ଜେତବନ ଉଦ୍ୟାନ ବୁଦ୍ଧଙ୍କର ପ୍ରିୟ ବାସସ୍ଥାନ । ବୁଦ୍ଧଙ୍କର ଅତ୍ୟନ୍ତ ଅନୁରକ୍ତ ଭକ୍ତ ଧନୀ ବଣିକ ଅନାଥପିଣ୍ଡି, ଗୌତମ ଓ ତାଙ୍କ ଶିଷ୍ୟମାନଙ୍କୁ ଏହି ଉଦ୍ୟାନ ଉତ୍ସର୍ଗ କରିଛନ୍ତି ।

ଦୁଇବନ୍ଧୁ ସିଦ୍ଧାର୍ଥ ଓ ଗୋବିନ୍ଦ ଏହି ନଗରୀରେ ଆସି ପହଞ୍ଚିଲେ । ଯେଉଁ ଗୃହ ସମ୍ମୁଖରେ ପ୍ରଥମେ ଠିଆହେଲେ, ସେ ଘରର ଗୃହିଣୀ ସେମାନଙ୍କୁ ଖାଦ୍ୟ ଆଣିଦେଲେ । ଆହାର ପରେ ସିଦ୍ଧାର୍ଥ ତାଙ୍କୁ ପଚାରିଲେ, 'ବୁଦ୍ଧଙ୍କର ନିବାସ ସମ୍ପର୍କରେ ଆମକୁ ଧାରଣା ଦେଲେ ବିଶେଷ ଉପକୃତ ହେବୁ । ତାଙ୍କୁ ଦେଖିବା ପାଇଁ ଓ ତାଙ୍କ ଉପଦେଶ ଶୁଣିବା ପାଇଁ ଆମେ ଦୁଇ ଶ୍ରମଣ ଅରଣ୍ୟରୁ ଏଠାକୁ ଆସିଛୁ ।'

ମହିଳା କହିଲେ, 'ହେ ଅରଣ୍ୟବାସୀ ସନ୍ନ୍ୟାସୀ ! ଆପଣମାନେ ସଠିକ ସ୍ଥାନକୁ ଆସିଛନ୍ତି । ବୁଦ୍ଧଦେବ ବର୍ତ୍ତମାନ କିଛିଦିନ ପାଇଁ ଜେତବନ ଉଦ୍ୟାନରେ ଅବସ୍ଥାନ କରିବେ । ଦେଶ ଦେଶାନ୍ତରରୁ ଆସିଥିବା ଅଗଣିତ ଭକ୍ତଙ୍କ ଆଶ୍ରୟ ପାଇଁ ସେଠାରେ ଯଥେଷ୍ଟ ସ୍ଥାନ ଅଛି । ଆପଣମାନେ ମଧ୍ୟ ସେଠାରେ ରାତ୍ରିଯାପନ କରନ୍ତୁ ।'

ଗୋବିନ୍ଦ ଉତ୍‌ଫୁଲ୍ଲିତ ହୋଇ ପଚାରିଲା, 'ଆମେ ତେବେ ଲକ୍ଷ୍ୟସ୍ଥଳରେ ପହଞ୍ଚି ଯାଇଛୁ । କିନ୍ତୁ ଆପଣ କ'ଣ ବୁଦ୍ଧଙ୍କୁ ଦେଖିଛନ୍ତି ? ସ୍ୱଚକ୍ଷୁରେ ?'

ମହିଳା ଉତ୍ତର ଦେଲେ, 'ବହୁଥର ଦେଖିଛି । ସେ ନୀରବରେ ଏହି ପଥରେ ଚାଲି ଚାଲି ଯାଆନ୍ତି । ଦେହରେ ଗେରୁଆ ବସନ, ହାତରେ ଭିକ୍ଷାପାତ୍ର, ନୀରବରେ ପୁଣି ଜେତବନକୁ ଫେରି ଯାଆନ୍ତି ।'

ଗୋବିନ୍ଦ ମୁଗ୍ଧ ହୋଇ ଶୁଣିଲା । ଆହୁରି ଶୁଣିବାର ଇଚ୍ଛା ଥିଲା । କିନ୍ତୁ ସିଦ୍ଧାର୍ଥ ମନେପକାଇ ଦେଲେ ଯିବା ସମୟ ହୋଇଛି । ଦୁହେଁ ସେଠାରୁ ଉଠି ଆସିଲେ ।

ପଥ ଜାଣିବା ଦରକାର ନାହିଁ । ଅଜସ୍ର ବୌଦ୍ଧ ଭିକ୍ଷୁ ଓ ପର୍ଯ୍ୟଟକ ଜେତବନ ଆଡ଼କୁ ଚାଲିଛନ୍ତି । ଦୁଇବନ୍ଧୁ ସେହି ଜନସ୍ରୋତରେ ମିଶିଗଲେ । ଜେତବନରେ ରାତିରେ ପହଞ୍ଚିବା ବେଳକୁ ଦଳ ଦଳ ଅତିଥି ଅବିରାମ ଆସୁଥାନ୍ତି । ସେଠାରେ ଆଶ୍ରୟ ଲାଭ କରି ବନବାସରେ ଅଭ୍ୟସ୍ତ ଦୁଇବନ୍ଧୁ କୃତାର୍ଥ ହେଲେ ।

ପରଦିନ ସକାଳେ ଚତୁର୍ଦ୍ଦିଗର ଦୃଶ୍ୟ ଦେଖି ଦୁହେଁ ବିସ୍ମିତ ହେଲେ । ବିପୁଳ ସଂଖ୍ୟକ ଭକ୍ତ ସେଠାରେ ରାତ୍ରି ଯାପନ କରିଛନ୍ତି । ସୁନ୍ଦର ଉଦ୍ୟାନ ପଥରେ ଅସଂଖ୍ୟ

ଗେରୁଆଧାରୀ ଭିକ୍ଷୁ ବିଚରଣ କରୁଛନ୍ତି । କେତେକ ଧ୍ୟାନମଗ୍ନ । କେହି କେହି ଧାର୍ମିକ ଆଲୋଚନାରେ ମତ୍ତ । ଉଦ୍ୟାନଟି ଯେପରି ଗୋଟିଏ ଅଭିନବ ନଗର ଓ ନାଗରିକମାନେ ହେଉଛନ୍ତି ମହୁ ଅନ୍ୱେଷଣକାରୀ ମହୁମାଛି । ଅଧିକାଂଶ ଭିକ୍ଷୁ ଭିକ୍ଷାପାତ୍ର ନେଇ ନଗରକୁ ବାହାରିଲେ ଦିନର ଏକମାତ୍ର ଆହାର ସଂଗ୍ରହ କରିବା ପାଇଁ । ବୁଦ୍ଧ ନିଜେ ମଧ୍ୟ ସକାଳେ ଭିକ୍ଷା କରିବା ପାଇଁ ଯାଆନ୍ତି ।

ସିଦ୍ଧାର୍ଥ ପ୍ରଥମ ଦେଖାରେ ହିଁ ତାଙ୍କୁ ଚିହ୍ନିପାରିଲା ସତେ ଯେମିତି କେଉଁ ଦେବତା ତାଙ୍କୁ ଚିହ୍ନାଇଦେଲେ । ସିଦ୍ଧାର୍ଥ ତାଙ୍କୁ ଭିକ୍ଷାପାତ୍ର ସହ ଦେଖିଲା; ଦେହରେ ଗେରୁଆ ଲୁଗାଟିଏ, ମୁହଁରେ ଅହଙ୍କାରବିହୀନ ବିନମ୍ର ଶାନ୍ତି ।

ସିଦ୍ଧାର୍ଥ ଗଭୀର ଆଗ୍ରହ ସହ ତାଙ୍କୁ ଲକ୍ଷ୍ୟ କରିବାକୁ ଲାଗିଲେ । ଶହଶହ ଭିକ୍ଷୁଙ୍କ ମଧ୍ୟରେ ତାଙ୍କୁ ଅଲଗା ଚିହ୍ନିବାର କୌଣସି ବୈଶିଷ୍ଟ୍ୟ ହଠାତ୍ ଜଣାପଡ଼େ ନାହିଁ । ତଥାପି ଦୁହେଁ ତାଙ୍କୁ ଅନାୟାସରେ ଚିହ୍ନିପାରି ଅନୁସରଣ କଲେ ।

ଚିନ୍ତାମଗ୍ନ ବୁଦ୍ଧ ଧିରେ ଧିରେ ଆଗେଇ ଚାଲିଛନ୍ତି । ତାଙ୍କର ଶାନ୍ତ ମୁଖମଣ୍ଡଳରେ କୌଣସି ସୁଖ ବା ଦୁଃଖର ରେଖା ନ ଥିଲା । ତାଙ୍କ ଅନ୍ତରରେ ବୋଧହୁଏ ଏକ ମୃଦୁ ହସର ଉତ୍ସ ଥିଲା । ଏହି ଗୋପନ ହସର ଉତ୍ସକୁ ନେଇ ସେ ପ୍ରଶାନ୍ତ ମନରେ ଚାଲିଛନ୍ତି । ଅନ୍ୟ ଭିକ୍ଷୁମାନଙ୍କ ଭଳି ତାଙ୍କର ମଧ୍ୟ ଗେରୁଆ ବସନ, କୌଣସି ପାର୍ଥକ୍ୟ ନାହିଁ । ଶାନ୍ତ ମୁଖମଣ୍ଡଳ ଓ ପଦକ୍ଷେପ, ଆନତ ଦୃଷ୍ଟି, ଝୁଲିପଡ଼ିଥିବା ଦୁଇ ବାହୁ ଓ ପ୍ରତ୍ୟେକ ଆଙ୍ଗୁଳିରୁ ସ୍ଫୁରିତ ହେଉଛି ଅନାସକ୍ତର ବାର୍ତ୍ତା, ସେ ଯେପରି ଏକ ନିର୍ମଳ ଉଜ୍ଜ୍ୱଳ ଜ୍ୟୋତିଶିଖା ।

ଦୁଇ ସନ୍ନ୍ୟାସୀ ବନ୍ଧୁ, ସିଦ୍ଧାର୍ଥ ଓ ଗୋବିନ୍ଦ ତାଙ୍କ ଶାନ୍ତ ଆଚରଣ ଦେଖି ମୁଗ୍ଧ । ସେ ଆଚରଣରେ କୌଣସି କପଟତା ନାହିଁ, ଅଛି କେବଳ ମନୋରମ ପ୍ରଶାନ୍ତି ।

ଗୋବିନ୍ଦ ମନକୁ ମନ କହିଲା, 'ଆଜି ତାଙ୍କ ମୁହଁରୁ ଉପଦେଶ ଶୁଣିବି ।'

ସିଦ୍ଧାର୍ଥ କୌଣସି ଉତ୍ତର ଦେଲେ ନାହିଁ । ଉପଦେଶ ବିଷୟରେ ତାଙ୍କର ବିଶେଷ କୌତୁହଳ ନାହିଁ । ଉପଦେଶରୁ ସେ କିଛି ନୂତନ ଶିକ୍ଷା ଲାଭ କରିବେ ଏହା ମଧ୍ୟ ଆଶା ନାହିଁ । ବିଭିନ୍ନ ଲୋକଙ୍କ ମୁହଁରୁ ସେ ଶୁଣିଛନ୍ତି ବୁଦ୍ଧଙ୍କ ଉପଦେଶର ସାରମର୍ମ । ଦୁହେଁ ଅପଲକ ନୟନରେ ଚାହିଁଥାନ୍ତି ବୁଦ୍ଧଙ୍କୁ । ତାଙ୍କ ଶରୀର ଯେମିତି ଏକ ଜୀବନ୍ତ ଜ୍ଞାନଧାରା । ଏହିଁ ମାନବ ହିଁ ବୁଦ୍ଧ, ପ୍ରକୃତରେ ଧାର୍ମିକ । କୌଣସି ତ୍ରୁଟି ନାହିଁ । ସିଦ୍ଧାର୍ଥ କୌଣସି ମନୁଷ୍ୟକୁ ଏତେ ଶ୍ରଦ୍ଧା କରି ନ ଥିଲେ, ଭଲପାଇ ନ ଥିଲେ ।

ଦୁଇ ବନ୍ଧୁ ଶେଷରେ ବୁଦ୍ଧଙ୍କ ପଛେ ପଛେ ନଗରରୁ ଫେରି ଜେତବନରେ ଆସି ପହଞ୍ଚିଲେ । ଶିଷ୍ୟମାନଙ୍କ ଗହଣରେ ବୁଦ୍ଧ ଖାଇବାକୁ ବସିଲେ । ଖାଦ୍ୟର ପରିମାଣ ଦେଖି ସିଦ୍ଧାର୍ଥ ଆଶ୍ଚର୍ଯ୍ୟ ହୋଇଗଲା । ସେତିକି ଖାଦ୍ୟ ବୋଧହୁଏ ଗୋଟିଏ ଚଢ଼େଇ

ପାଇଁ ମଧ୍ୟ ନିଅ । ତାପରେ ବୁଦ୍ଧ ଗୋଟିଏ ଆମ୍ବଗଛର ଛାଇରେ ବସିଲେ ।

ଦ୍ୱିପ୍ରହର ବେଳା । ଦିନର ଉତ୍ତାପ କମିଯାଇଛି । ସମସ୍ତେ ଆସି ଅପେକ୍ଷା କଲେ ଉପଦେଶ ଶୁଣିବାକୁ । ବୁଦ୍ଧଙ୍କର କଣ୍ଠସ୍ୱର ଶୁଣିବାର ପ୍ରଥମ ସୁଯୋଗ ପାଇଲେ ସିଦ୍ଧାର୍ଥ ଓ ଗୋବିନ୍ଦ । ଶାନ୍ତିର ପ୍ରଲେପ ମିଶ୍ରିତ ପରିଷ୍କାର କଣ୍ଠ । ଗୌତମ ଦୁଃଖର କାରଣ ସମ୍ପର୍କରେ କହିଲେ ଓ ଦୁଃଖରୁ ମୁକ୍ତିର ଉପାୟ ମଧ୍ୟ ବର୍ଣ୍ଣନା କଲେ । ଜୀବନ କେବଳ ବେଦନାରେ ପରିପୂର୍ଣ୍ଣ । କିନ୍ତୁ ବୁଦ୍ଧଙ୍କ ପଥ ଅନୁସରଣ କଲେ ମୁକ୍ତି ଲାଭ ସମ୍ଭବ ହେବ ।

ଧର୍ମଚକ୍ର ସମ୍ବନ୍ଧରେ ବୁଦ୍ଧ ଶିକ୍ଷା ଦେଲେ । ଅଷ୍ଟ ଆର୍ଯ୍ୟମାର୍ଗ ବ୍ୟାଖ୍ୟା କଲେ । ବିଭିନ୍ନ ଉଦାହରଣ ମାଧ୍ୟମରେ ସେ ବିସ୍ତୃତ ଭାବରେ ସାବଲୀଳ ଭଙ୍ଗୀରେ ଆଲୋଚନା କରିବା ସମୟରେ ଶ୍ରୋତାଙ୍କ ମନ ମଧ୍ୟରେ ଉପଦେଶଗୁଡ଼ିକ ଆକାଶର ନକ୍ଷତ୍ରମାନଙ୍କ ଭଳି ରେଖାପାତ କରୁଥାନ୍ତି ।

ଆଲୋଚନା ଶେଷ ବେଳକୁ ରାତି ହୋଇଯାଇଥାଏ । ଉପସ୍ଥିତ ଶ୍ରୋତାମାନଙ୍କ ମଧ୍ୟରୁ ଅନେକେ ଆଗେଇ ଆସି ତାଙ୍କୁ ଅନୁରୋଧ କଲେ ଦଳଭୁକ୍ତ କରିବାକୁ । ବୁଦ୍ଧ ସେମାନଙ୍କୁ ଗ୍ରହଣ କରି କହିଲେ, 'ତୁମେମାନେ ମନଯୋଗ ସହକାରେ ମୋ କଥା ଶୁଣିଛ । ଏଠାରେ ଯୋଗ ଦେଇ ଦୁଃଖ ଜୟ କର, ନୂତନ ଯାତ୍ରାରମ୍ଭ କର ।'

ଗୋବିନ୍ଦ ମଧ୍ୟ ସାମାନ୍ୟ ଲାଜରେ ସମ୍ମୁଖକୁ ଯାଇ କହିଲା, 'ମୁଁ ମଧ୍ୟ ଭଗବାନ ବୁଦ୍ଧଙ୍କର ଶିଷ୍ୟତ୍ୱ ଗ୍ରହଣ କରିବାକୁ ଚାହେଁ ।' ତାର ଆବେଦନ ଗୃହୀତ ହେବାରୁ ମନ ଆନନ୍ଦରେ ଭରିଗଲା ।

ବୁଦ୍ଧ ଚାଲିଗଲା ପରେ ଗୋବିନ୍ଦ ବ୍ୟଗ୍ର ହୋଇ ସିଦ୍ଧାର୍ଥକୁ ପଚାରିଲା, 'ସିଦ୍ଧାର୍ଥ, ତୁମକୁ ତିରସ୍କାର କରିବା ମୋର ଶୋଭା ପାଏନାହିଁ । ଆମେ ଦୁହେଁ ତାଙ୍କ ଉପଦେଶ ଶୁଣିଛୁ, ମୁଁ ଏହି ନୂତନ ଧର୍ମର ଦୀକ୍ଷା ନେଇଛି । କିନ୍ତୁ ବନ୍ଧୁ, ତୁମେ କ'ଣ ଏହି ପଥ ଅନୁସରଣ କରିବ ନାହିଁ ? ଆହୁରି ଅଧିକ ଅପେକ୍ଷା କରିବ ?

ସିଦ୍ଧାର୍ଥ ଯେପରି ନିଦରୁ ଉଠି ଗୋବିନ୍ଦ ଆଡ଼କୁ ଚାହିଁ ରହିଲେ । ତାପରେ ଧିରେ ଧିରେ କହିଲେ, 'ବନ୍ଧୁ, ତୁମେ ତୁମର ନୂତନ ପଥ ବାଛିନେଇଛ । ମୋର ଆଜନ୍ମ ବନ୍ଧୁ ହୋଇ ମୋ ସାଥିରେ ଚାଲିଛ । କେତେଥର ଭାବିଛି ତୁମେ କେବେ ଏକାକୀ ସ୍ୱପଥରେ ଆଗେଇ ଯିବ । ଆଜି ତୁମେ ସାବାଳକ ହୋଇଛ, ନିଜ ପଥ ଖୋଜି ପାଇଛ । ଏହି ପଥର ଶେଷ ପର୍ଯ୍ୟନ୍ତ ଅପେକ୍ଷା କରିବ । ମୋର ଆଶା, ତୁମେ ମୋକ୍ଷ ଲାଭ କରିବ ।'

ସିଦ୍ଧାର୍ଥ ବାକ୍ୟ ବୁଝି ନପାରି ଗୋବିନ୍ଦ ଅଧୈର୍ଯ୍ୟ ଭାବରେ ପୁଣି ପଚାରିଲା, 'ବୁଦ୍ଧଦେବଙ୍କ ଆନୁଗତ୍ୟ ସ୍ୱୀକାର ନ କରି ଉପାୟ ନାହିଁ । ମୁଁ ତୁମ ମୁହଁରୁ ଏହା ଶୁଣିବାକୁ ଚାହୁଁଛି ।'

ଗୋବିନ୍ଦ କାନ୍ଧରେ ହାତ ରଖି ସିଦ୍ଧାର୍ଥ କହିଲେ, 'ମୋ ଶୁଭ କାମନା ତୁମେ ଶୁଣିଛ । ପୁଣି କହୁଛି, ନୂତନ ପଥରେ ଶେଷ ପର୍ଯ୍ୟନ୍ତ ପହଞ୍ଚିବ, ଯେମିତି ମୋକ୍ଷ ଲାଭ କରିବ ।' ଗୋବିନ୍ଦ ହଠାତ୍ ବୁଝିପାରିଲେ ବନ୍ଧୁ ତାକୁ ଛାଡ଼ି ଚାଲିଯାଉଛି । ତାର ସଂଯମର ବନ୍ଧ ଭାଙ୍ଗିଗଲା । ଅଶ୍ରୁରୁଦ୍ଧ କଣ୍ଠରେ ସେ ଡାକିଉଠିଲା, 'ସିଦ୍ଧାର୍ଥ !'

ମମତାଭରା କଣ୍ଠରେ ସିଦ୍ଧାର୍ଥ କହିଲେ, 'ଗୋବିନ୍ଦ, ଭୁଲନାହିଁ ଯେ ତୁମେ ବର୍ତ୍ତମାନ ଜଣେ ବୌଦ୍ଧଭିକ୍ଷୁ । ତୁମେ ପିତାମାତା, ଗୃହ ତ୍ୟାଗ କରିଛ । ବଂଶ ପରିଚୟ, ସମ୍ପତ୍ତି, ଆକାଙ୍କ୍ଷା ସବୁକିଛି ତ୍ୟାଗ କରିଛ । ବୁଦ୍ଧଙ୍କର ତାହା ହିଁ ଉପଦେଶ । ଗୋବିନ୍ଦ, କାଲି ସକାଳେ ମୁଁ ତୁମକୁ ଛାଡ଼ି ଚାଲିଯିବି ।'

ଦୁଇବନ୍ଧୁ ବହୁକ୍ଷଣ ଉଦ୍ୟାନରେ ବୁଲିବା ପରେ ଶୋଇବାକୁ ଗଲେ । କିନ୍ତୁ କାହାରି ଆଖିରେ ନିଦ ନାହିଁ । ଗୋବିନ୍ଦ ବାରମ୍ବାର ସିଦ୍ଧାର୍ଥଠାରୁ ଜାଣିବାକୁ ଚାହିଁଲା । କାହିଁକି ସେ ବୁଦ୍ଧଙ୍କର ଅନୁଗାମୀ ହେବ ନାହିଁ । ତାଙ୍କ ଶିକ୍ଷାରେ କ'ଣ ତ୍ରୁଟି ଅଛି ? କିନ୍ତୁ କିଛି ଲାଭ ହେଲାନାହିଁ । ସିଦ୍ଧାର୍ଥର କେବଳ ଗୋଟିଏ ଉତ୍ତର; 'ତୁମେ ନିଶ୍ଚିତ ରୁହ, ଗୋବିନ୍ଦ ! ତଥାଗତଙ୍କ ଶିକ୍ଷା ଅତି ଉତ୍ତମ । ତାଙ୍କର କ'ଣ ତ୍ରୁଟି ମୁଁ କେମିତି ବାହାର କରିବି ?

ପରଦିନ ସକାଳେ ଜଣେ ବୌଦ୍ଧଭିକ୍ଷୁ ନବଦୀକ୍ଷିତମାନଙ୍କୁ ଡାକି ଗେରୁଆ ବସ୍ତ୍ର ଦାନ କଲେ ଓ ବୌଦ୍ଧ ଶିଷ୍ୟମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ ଧାରଣା ଦେଲେ । ଗୋବିନ୍ଦ ଶେଷଥର ପାଇଁ ବାଲ୍ୟବନ୍ଧୁକୁ ଆଲିଙ୍ଗନ କରି ନିଜକୁ ଦୂରେଇ ନେଲା, ଆହୁରି ଦୂରକୁ ।

ସିଦ୍ଧାର୍ଥ ଗଭୀର ଚିନ୍ତାରେ ମଗ୍ନ ହୋଇ ଇତସ୍ତତଃ ବୁଲୁବୁଲୁ ବୁଦ୍ଧଙ୍କ ସମ୍ମୁଖରେ ଆସି ପହଞ୍ଚିଗଲେ । କି କରୁଣାମୟ ସେ ମୁଖମଣ୍ଡଳ । ସିଦ୍ଧାର୍ଥ ଭକ୍ତିପୂତ ପ୍ରଣାମ ଜଣାଇ ତାଙ୍କ ସହ କେଇପଦ କଥା ହେବା ପାଇଁ ଅନୁମତି ମାଗିଲେ । ବୁଦ୍ଧ ସମ୍ମତି ଜଣାଇଲେ ।

ସିଦ୍ଧାର୍ଥ କହିଲେ, 'ଗତକାଲି ଆପଣଙ୍କର ଉପଦେଶ ଶୁଣିବାର ସୌଭାଗ୍ୟ ହୋଇଥିଲା । ବହୁଦୂରରୁ ଆମେ ଦୁଇବନ୍ଧୁ ଆସିଛୁ । ସେ ଆପଣଙ୍କର ଶିଷ୍ୟତ୍ୱ ଗ୍ରହଣ କରିଛି ଓ ଏଠାରେ ବାସ କରିବ । ମୁଁ ପୁଣି କେଉଁ ଏକ ତୀର୍ଥ ପଥରେ ଯାତ୍ରା କରିବି ।'

ବୁଦ୍ଧ ମଧୁର କଣ୍ଠରେ କହିଲେ, 'ତୁମର ଯାହା ଇଚ୍ଛା ।'

ସିଦ୍ଧାର୍ଥ ପୁଣି କହିଲେ, 'ଏହା ମୋର ଧୃଷ୍ଟତା । ତଥାପି ମୋ ମନରେ ଯେଉଁ କେତେକ ପ୍ରଶ୍ନ ଅଛି ଆପଣଙ୍କୁ ନ ଜଣାଇ ରହିପାରୁନାହିଁ । ଦୟାକରି ଶୁଣିବେ କି ?'

ବୁଦ୍ଧ ପୂର୍ବଭଳି ନୀରବରେ ସମ୍ମତି ଦେଲେ ।

ସିଦ୍ଧାର୍ଥ କହିଲେ, 'ହେ ମହାନ ! ଆପଣଙ୍କ ବାଣୀ ମୋତେ ପ୍ରଧାନତଃ ଗୋଟିଏ କାରଣରୁ ମୁଗ୍ଧ କରିଛି । ଆପଣ ଯାହା କହନ୍ତି ତାହା ସମ୍ପୂର୍ଣ୍ଣରୂପେ ସ୍ପଷ୍ଟ ଓ ପ୍ରମାଣିତ । ଆପଣ ଦେଖାଇଛନ୍ତି, ଏହି ଜଗତ ଗୋଟିଏ କର୍ମ-କାରଣର ଅନନ୍ତ ଶୃଙ୍ଖଳ; ଏମିତି

ସୁନ୍ଦର ବ୍ୟାଖ୍ୟା ଆଉ କେହି କରିନାହାନ୍ତି । ଏମିତି ଅକାଟ୍ୟ ପ୍ରମାଣ ମଧ୍ୟ କେହି ଦେଇ ନାହାନ୍ତି । ହେ ଦେବର୍ଷି, ଆପଣଙ୍କ ବାଣୀରେ ସବୁଠାରୁ ବଡ଼ ହେଉଛି ଜଗତର ଐକ୍ୟବୋଧ । ଜଗତର ପ୍ରତ୍ୟେକ ଘଟଣା ପରସ୍ପର ସହ ସଂଯୁକ୍ତ, କେହି ବିଚ୍ଛିନ୍ନ ନୁହନ୍ତି । ସବୁର ମୂଳରେ ଅଛି ଏକ ଆଦି କାରଣ । ଜୀବନ ଓ ମୃତ୍ୟୁ ଏବଂ ସାନବଡ଼ ପ୍ରତ୍ୟେକ ଘଟଣାକୁ ନେଇ ପ୍ରବହମାନ ନଦୀ ଭଳି ଏହି ଜଗତ ବହିଚାଲିଛି । କାହାର ପୃଥକ ସତ୍ତା ନାହିଁ, ସବୁକିଛି ଏକ ଓ ଅଭିନ୍ନ, ବିଶ୍ୱବ୍ରହ୍ମାଣ୍ଡର ଏହି ଅଖଣ୍ଡ ରୂପ କେବଳ ଆପଣଙ୍କ ନିକଟରୁ ହିଁ ମୁଁ ପାଇଛି । କିନ୍ତୁ ଗୋଟିଏ ସ୍ଥାନରେ ଏହି ଅଖଣ୍ଡତାର ଆଦର୍ଶ ବ୍ୟାହତ ହୋଇଛି । ଗୋଟିଏ ସାମାନ୍ୟ ଛିଦ୍ର ମାଧ୍ୟମରେ ଏମିତି କିଛି ଏହି ଐକାନୁଭୂତିର ଜଗତରେ ପ୍ରବେଶ କରିଛି ଯାହାର କୌଣସି ପ୍ରମାଣ ନାହିଁ, ଯାହା ସମ୍ପୂର୍ଣ୍ଣ ନୂତନ ଓ ଅପରିଚିତ । ସଂସାରର ଊର୍ଦ୍ଧ୍ୱକୁ ଉଠିବା ପାଇଁ ଓ ନିର୍ବାଣ ଲାଭ ନିମନ୍ତେ ଆପଣଙ୍କ ମତବାଦ ସ୍ପଷ୍ଟ ମନେହୁଏ ନାହିଁ । ମୋତେ କ୍ଷମା କରିବେ, ଏହି ସାମାନ୍ୟ ତ୍ରୁଟି ଯୋଗୁଁ ଆପଣଙ୍କ ଅଖଣ୍ଡ ଜଗତର ବିଧି ପୂର୍ଣ୍ଣାଙ୍ଗ ମନେହୁଏ ନାହିଁ ।'

ଗୌତମ ନୀରବରେ ସିଦ୍ଧାର୍ଥର କଥା ସବୁ ଶୁଣିଲେ । ତାପରେ ପ୍ରସନ୍ନ କଣ୍ଠରେ କହିଲେ, 'ହେ ବ୍ରାହ୍ମଣ କୁମାର, ତୁମେ ମୋ ଉପଦେଶ ସଠିକ୍ ଶୁଣିଛ । ତୁମର ଗଭୀର ଚିନ୍ତାଧାରା ପ୍ରଶଂସନୀୟ । ଆଉ ଥରେ ଭଲ ଭାବରେ ଦେଖ । ତୁମ ଭଳି ଜ୍ଞାନପିପାସୁମାନଙ୍କୁ ଶବ୍ଦଚାତୁରୀ ଓ ଅସଂଖ୍ୟ ମତବାଦର ମୂଲ୍ୟହୀନତା ବିଷୟରେ ଚେତାଇ ଦେବାକୁ ଚାହେଁ । କୌଣସି ମତାମତ ସୁନ୍ଦର ବା କୁତ୍ସିତ ହୋଇପାରେ, ଚାତୁର୍ଯ୍ୟପୂର୍ଣ୍ଣ ବା ବୁଦ୍ଧିହୀନ ହୋଇପାରେ । ଯେକୌଣସି ମତକୁ ଗ୍ରହଣ କରିବା ବା ତ୍ୟାଗ କରିବା ବ୍ୟକ୍ତିଙ୍କର ନିଜସ୍ୱ ବ୍ୟାପାର । ତୁମେ ଯାହା ଶୁଣିଛ ତାହା ମୋର ଏକମାତ୍ର ମତ ନୁହେଁ । ଜଗତକୁ ବ୍ୟାଖ୍ୟା କରିବା ମଧ୍ୟ ମୋର ଉଦ୍ଦେଶ୍ୟ ନୁହେଁ । ମୋର ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ଭିନ୍ନ । ଦୁଃଖ ନିକଟରୁ ମୁକ୍ତିର ପଥ ଖୋଜିପାଇବା ମୋର ଲକ୍ଷ୍ୟ । ଗୌତମ ତାହା ହିଁ କେବଳ ଶିକ୍ଷା ଦିଅନ୍ତି ।

ସିଦ୍ଧାର୍ଥ କହି ଉଠିଲେ, 'ହେ ମହାତ୍ମନ ! ମୋ ଉପରେ ରୁଷ୍ଟ ହେବେ ନାହିଁ । ଆପଣଙ୍କ ବାଣୀ ସମ୍ପର୍କରେ ତର୍କ କରିବାକୁ ମୁଁ ଚାହେଁନାହିଁ । ଆପଣ ଯଥାର୍ଥରେ କହିଛନ୍ତି, ମତାମତର କୌଣସି ମୂଲ୍ୟ ନାହିଁ । ଆପଣଙ୍କ ଉଦ୍ଦେଶ୍ୟ ସମ୍ପର୍କରେ ମୋର ସାମାନ୍ୟତମ ସନ୍ଦେହ ନାହିଁ । ଆପଣ ବୁଦ୍ଧତ୍ୱ ଲାଭ କରିଛନ୍ତି ଓ ଯେଉଁ ସୁଉଚ୍ଚ ଶିଖରରେ ପହଞ୍ଚିଛନ୍ତି ସେଠାରେ ପହଞ୍ଚିବା ପାଇଁ ଅଗଣିତ ବ୍ରାହ୍ମଣ ସାଧନା କରୁଛନ୍ତି । ଆପଣ ନିଜ ପଥ ନିଜେ ହିଁ ସୃଷ୍ଟି କରିଛନ୍ତି; ତାପରେ ସ୍ୱଉପାର୍ଜିତ ଜ୍ଞାନର ଆଲୋକରେ ସହସା ଆପଣଙ୍କ ପଥର ରେଖା ଉଦ୍‌ଭାସିତ ହୋଇ ଉଠିଛି । ହେ ମହାଭିକ୍ଷୁ, ଆପଣ ଉପଦେଶ ଓ ବାଣୀରୁ କିଛି ଶିକ୍ଷାଲାଭ କରିନାହାନ୍ତି । ନିଜସ୍ୱ ଚିନ୍ତା ଓ ଧ୍ୟାନ ଦ୍ୱାରା ହିଁ ଆପଣ ବୁଦ୍ଧତ୍ୱ ପ୍ରାପ୍ତ କରିଛନ୍ତି । ହେ ମହାଭାଗ, ଆପଣଙ୍କ ବୁଦ୍ଧତ୍ୱ ପ୍ରାପ୍ତି ସମୟରେ କ'ଣ ଘଟିଥିଲା ତାହା ଅନ୍ୟକୁ

ବୁଝାଇହେବ ନାହିଁ। ଆପଣଙ୍କ ବାଣୀ ଶୁଣିବା ପରଠାରୁ ମୁଁ ଏହାହିଁ ଭାବୁଛି। ତେଣୁ ମୁଁ ପୁନର୍ବାର ଯାତ୍ରା ଆରମ୍ଭ କରିବି, ଆପଣଙ୍କ ଠାରୁ କୌଣସି ଉତ୍ତମର ଅନୁସନ୍ଧାନରେ ନୁହେଁ। କାରଣ ମୁଁ ଜାଣେ ଆପଣଙ୍କ ବାଣୀ ଅପେକ୍ଷା ଉତ୍ତମ ବାଣୀ ମଧ୍ୟ ନାହିଁ। ମୁଁ ଏକାକୀ ଲକ୍ଷ୍ୟସ୍ଥଳରେ ପହଞ୍ଚିବି ଅଥବା ମୃତ୍ୟୁପଥ ଗ୍ରହଣ କରିବି - ଏହି ସଂକଳ୍ପ ନେଇ ପଥ ଅତିକ୍ରମ କରିବି। କିନ୍ତୁ ଆଜିର ଦିନଟି ମୋର ସର୍ବଦା ମନେ ରହିବ; ଜଣେ ମହାପୁରୁଷଙ୍କୁ ସାକ୍ଷାତ କରିବାର ସୌଭାଗ୍ୟ ମୋର ଘଟିଥିଲା।

ବୁଦ୍ଧ ତଳକୁ ଚାହିଁଥାନ୍ତି, ତାଙ୍କ ମୁଖମଣ୍ଡଳରେ ଗଭୀର ପ୍ରଶାନ୍ତି। ମୃଦୁସ୍ୱରରେ ସେ କହିଲେ, 'ମୋର ବିଶ୍ୱାସ, ତୁମ ଯୁକ୍ତିରେ କୌଣସି ତ୍ରୁଟି ନାହିଁ। ମୁଁ କାମନା କରୁଛି, ତୁମେ ସିଦ୍ଧି ଲାଭ କର। କିନ୍ତୁ ତୁମେ ତ ଦେଖୁଛ। ଏଠାରେ କେତେ ଜିଜ୍ଞାସୁ ଅଛନ୍ତି ଓ ମୋର ଶିଷ୍ୟତ୍ୱ ଗ୍ରହଣ କରୁଛନ୍ତି। ହେ ବିଦେଶୀ ସନ୍ନ୍ୟାସୀ, ତୁମେ କ'ଣ ଭାବୁଛ ଯେ ଯଦି ସେମାନେ ମୋର ବାଣୀ ଗ୍ରହଣ ନ କରି ସାଂସାରିକ ଜୀବନର କାମନା ବାସନା ମଧ୍ୟକୁ ଫେରିଯାଆନ୍ତି, ତେବେ ସେଥିରେ ସେମାନଙ୍କର ମଙ୍ଗଳ ହେବ?

ସିଦ୍ଧାର୍ଥ କହିଉଠିଲେ, 'ତାହା ମୁଁ କଦାପି ଚିନ୍ତା କରିନାହିଁ। ସେମାନେ ସମସ୍ତେ ଆପଣଙ୍କ ଶିଷ୍ୟତ୍ୱ ଗ୍ରହଣ କରି ସିଦ୍ଧି ଲାଭ କରନ୍ତୁ। ଅନ୍ୟମାନଙ୍କ ଜୀବନ ସଂକ୍ରାନ୍ତରେ ବିଚାର କରିବାର ଅଧିକାର ମୋର ନାହିଁ। କିନ୍ତୁ ମୋ ଜୀବନର ବିଚାର ମୁଁ ନିଜେ ହିଁ କରିବାକୁ ଚାହେଁ। ପଥ ଗ୍ରହଣ ଓ ବର୍ଜନ କରିବାର ଅଧିକାର ମୋର ହିଁ ରହିବ। ଆମେ ଗୃହତ୍ୟାଗୀମାନେ ଅହଂରୁ ମୁକ୍ତି ଚାହୁଁ। ଆପଣଙ୍କ ଶିଷ୍ୟତ୍ୱ ଗ୍ରହଣ କଲେ କେବଳ ବାହ୍ୟିକ ମୁକ୍ତି ହୁଏତ ପାଇବି। ଆପଣଙ୍କ ଶିକ୍ଷା ଦ୍ୱାରା ମୋର ଅହଂ ହୁଏତ ନୂତନ ଶକ୍ତି ପ୍ରଦର୍ଶନ କରିବ; ଆପଣଙ୍କର ଓ ଭିକ୍ଷୁସମାଜ ପ୍ରତି ମୋର ଆନୁଗତ୍ୟ ମଧ୍ୟରେ ବଞ୍ଚିବାର ଶକ୍ତି ମଧ୍ୟ ପାଇପାରେ।'

ବୁଦ୍ଧଙ୍କ ମୁଖମଣ୍ଡଳରେ ଶାନ୍ତ ଜ୍ୟୋତି ସହ କ୍ଷୀଣ ହସଟିଏ ଦେଖାଦେଲା। ସ୍ଥିର ଦୃଷ୍ଟିରେ ସେ କିଛିକ୍ଷଣ ସିଦ୍ଧାର୍ଥକୁ ଚାହିଁରହି ଏକ ଅଲକ୍ଷ୍ୟ ଭଙ୍ଗୀରେ ବିଦାୟ ଇଙ୍ଗିତ କଲେ। ବିଦାୟ ନେବା ପୂର୍ବରୁ କହିଲେ, ହେ ସନ୍ନ୍ୟାସୀ, ତୁମ ବୁଦ୍ଧି ତୀକ୍ଷ୍ଣ; ଚମତ୍କାର ଭାବରେ କଥା କହିବାର କୌଶଳ ମଧ୍ୟ ତୁମେ ଜାଣିଛ। କିନ୍ତୁ ଅତିବୁଦ୍ଧି ଠାରୁ ସାବଧାନ ରହିବ।'

ବୁଦ୍ଧ ଧିରେ ଧିରେ ଆଗେଇ ଗଲେ; ସିଦ୍ଧାର୍ଥ ମନରେ ଅଙ୍କା ହୋଇ ରହିଗଲା ତାଙ୍କର ସ୍ଥିର ଦୃଷ୍ଟି ଓ କ୍ଷୀଣ ହସ।

ସିଦ୍ଧାର୍ଥ ଭାବିବାକୁ ଲାଗିଲେ, ଏମିତି ଚାହାଣୀ ଓ ହସ, ଏମିତି ବସିବା ଓ ଚାଲିବା, ସେ ଆଉ କାହାରି ନିକଟରେ ଦେଖିନାହାନ୍ତି। ସିଦ୍ଧାର୍ଥଙ୍କର ମଧ୍ୟ ଇଚ୍ଛା ହେଲା, ସେମିତି ସବୁକିଛି ତାଙ୍କର ମଧ୍ୟ ହେବ; ସେହିପରି ଗୁଣୀ, ମୁକ୍ତ ଓ ସଂଯମୀ; ଶିଶୁଭଳି

ସରଳ ଓ ରହସ୍ୟମୟ । କିନ୍ତୁ ଅହଂକୁ ଜୟ କରି ନ ପାରିଲେ ଏହା ସମ୍ଭବ ନୁହେଁ, ଏମିତି ହସ ଆସିବ ନାହିଁ । ମୁଁ ଅହଂକୁ ଜୟ କରିବି ।

'କେବଳ ଜଣେ ବ୍ୟକ୍ତିଙ୍କୁ ଦେଖିଲି ଯାହାଙ୍କ ସମ୍ମୁଖରେ ମୋର ଚକ୍ଷୁ ନତ ହୋଇଯାଏ । କେବଳ ଜଣେ -' ମନେ ମନେ କହିଲେ ସିଦ୍ଧାର୍ଥ । 'ଆଉ କାହାରି ଆଗରେ ମୋର ଦୃଷ୍ଟି ନତ ହୋଇନାହିଁ । ତାଙ୍କର ଧର୍ମଶିକ୍ଷା ମୋତେ ଆକୃଷ୍ଟ କରିପାରିନାହିଁ । ସୁତରାଂ ଅନ୍ୟ କୌଣସି ଧର୍ମୋପଦେଶ ମଧ୍ୟ ଆକୃଷ୍ଟ କରିପାରିବ ନାହିଁ ।'

ସିଦ୍ଧାର୍ଥ ଭାବିଲେ, ବୁଦ୍ଧ ମୋର ସବୁ କିଛି ଛଡ଼ାଇ ନେଇଛନ୍ତି । କିନ୍ତୁ ହରଣ କରି ମଧ୍ୟ ଗୋଟିଏ ମୂଲ୍ୟବାନ ପଦାର୍ଥ ଫେରାଇଛନ୍ତି । ସେ ଅପହରଣ କରିଛନ୍ତି ମୋର ବନ୍ଧୁ ଗୋବିନ୍ଦକୁ । ମୋ ଉପରେ ଗୋବିନ୍ଦର ଆସ୍ଥା ଥିଲା; ବର୍ତ୍ତମାନ ସେ ବୁଦ୍ଧଙ୍କ ଉପରେ ଆଶ୍ରୟ କରିବ । ଦିନେ ଗୋବିନ୍ଦ ଥିଲା ମୋର ଛାୟା; ଏବେ ସେ ବୁଦ୍ଧଙ୍କର ଛାୟା । କିନ୍ତୁ ସେ ମୋତେ ଫେରାଇ ଦେଇଛନ୍ତି ସିଦ୍ଧାର୍ଥକୁ, ମୋ ନିଜକୁ ।

ଜ୍ଞାନୋଦୟ

ବୁଦ୍ଧଙ୍କ ସହିତ ଗୋବିନ୍ଦ ସେହି ଜେତବନରେ ରହିଗଲା । ଉଦ୍ୟାନ ଛାଡ଼ି ଚାଲିଗଲାବେଳେ ସିଦ୍ଧାର୍ଥଙ୍କର ମନେ ହେଲା ସେ ତାଙ୍କ ଅତୀତ ଜୀବନକୁ ସେହି ଉଦ୍ୟାନରେ ଛାଡ଼ିଯାଉଛନ୍ତି । ସେ ଧିରେ ଧିରେ ଆଗକୁ ବଢ଼ିଚାଲିଛନ୍ତି, ମନରେ ଅଜସ୍ର ମୂଲ୍ୟହୀନ ଚିନ୍ତା । ଶେଷରେ ସେ ବିଶୃଙ୍ଖଳ ଚିନ୍ତାର କାରଣ ଜାଣିପାରିଲେ । ଯେଉଁଠି କାରଣ, ସେଇଠି ଚିନ୍ତା ସାର୍ଥକ । ଚିନ୍ତା ସାହାଯ୍ୟରେ ଜ୍ଞାନ , ଅନୁଭୂତିରେ ପରିଣତ ହୁଏ ଓ ଆଉ ହଜିଯାଏ ନାହିଁ ।

ସିଦ୍ଧାର୍ଥ ଚାଲୁଚାଲୁ ଭାବୁଥାନ୍ତି ସେ ଏବେ ଯୁବକ ନୁହେଁ । ସେ ଜଣେ ପୂର୍ଣ୍ଣବୟସ୍କ ପୁରୁଷ । ସେ ଜାଣିପାରୁଛନ୍ତି ସାପର ପୁରୁଣା ଚମଡ଼ା ଛାଡ଼ିଗଲା ପରି କ'ଣ ଗୋଟାଏ ତାଙ୍କୁ ତ୍ୟାଗ କରି ଚାଲିଯାଇଛି । ଯୌବନର ସେହି ସମୟରେ କ'ଣ ତାକୁ ଆଚ୍ଛନ୍ନ କରି ରଖିଥିଲା । କିନ୍ତୁ ଆଜି ସେ ଦିନ ଆଉ ନାହିଁ । ବୁଦ୍ଧଙ୍କ ଭଳି ଜ୍ଞାନୀ, ଶ୍ରେଷ୍ଠ, ପୁଣ୍ୟାତ୍ମାଙ୍କୁ ମଧ୍ୟ ସେ ଗୁରୁ ଭାବରେ ସ୍ୱୀକାର କରିପାରିଲେ ନାହିଁ । ତେଣୁ ସେ ଦୂରକୁ ଚାଲିଯାଉଛନ୍ତି ।

ଦୀର୍ଘ ପଥ ଚାଲିଚାଲି ସେ ନିଜକୁ ପ୍ରଶ୍ନ କରୁଥାନ୍ତି, ଗୁରୁଙ୍କ ନିକଟରୁ କ'ଣ

ଶିକ୍ଷାଲାଭ କରିବାକୁ ଚାହୁଁଥିଲ ତୁମେ ? ହୁଏତ ସେମାନେ ତୁମକୁ ଅନେକ ଶିକ୍ଷା ଦେଇଛନ୍ତି । କିନ୍ତୁ କ'ଣ ଦେଇପାରିନାହାନ୍ତି ? ଅହଂକୁ ବୁଝିବା ପାଇଁ ଚାହୁଁଥିଲି, ତାର ଧର୍ମ ଓ ପ୍ରକୃତି ଜାଣିବା ପାଇଁ ଚାହୁଁଥିଲି । ମୁକ୍ତି ଚାହୁଁଥିଲି ଅହଂ ପାଖରୁ, କିନ୍ତୁ ପାରିନାହିଁ । ମୁଁ କେବଳ ଆତ୍ମସତ୍ତା ସହିତ ପ୍ରତାରଣା କରିଛି, ଆତ୍ମଗୋପନ ନାଁରେ ନିଜ ମୁହଁକୁ ଢାଙ୍କିରଖିଛି । ମୁଁ ଏବେ ଯେମିତି ବଞ୍ଚିଛି, ସଂସାର ସହିତ ଏକ ହୋଇ ମଧ୍ୟ ଅଲଗା; ମୋର ଅସ୍ତିତ୍ୱ ବିଚ୍ଛିନ୍ନ । ଏହି ପୃଥିବୀରେ ମୁଁ ସବୁଠାରେ ଚିହ୍ନେ ନିଜକୁ, ସିଦ୍ଧାର୍ଥକୁ ।

ଏହି ଚିନ୍ତା ମୁଣ୍ଡକୁ ପଶିବା ପରେ ଆଉ ଗୋଟିଏ ଭାବନା ତାଙ୍କୁ ଘେରିଗଲା । ନିଜକୁ ନ ଜାଣିବାର କାରଣ କ'ଣ ? ସେ ଭାବିଲେ, ଗୋଟିଏ କାରଣ ଅଛି । ତାହା ହେଲା; ମୁଁ ନିଜକୁ ଭୟ କରୁଛି । ନିଜ ପାଖରୁ ସର୍ବଦା ଦୌଡ଼ି ପଳାଇଛି । ମୁଁ ଆତ୍ମା ଓ ବ୍ରହ୍ମଙ୍କୁ ଖୋଜିଛି । ଆତ୍ମା, ଜୀବନ, ପରମବ୍ରହ୍ମ ଓ ଅନ୍ତରସ୍ଥ ଅଜଣା ଉତ୍ସକୁ ଖୋଜିବାକୁ ଯାଇ ନିଜକୁ କ୍ଷୟ କରିଛି । ମୁଁ ନିଜର ଅସ୍ତିତ୍ୱକୁ ତିଳେ ତିଳେ ଅଗ୍ରାହ୍ୟ କରିଛି ଏବଂ ତଦ୍ଦ୍ୱାରା ପଥ ମଝିରେ ନିଜକୁ ହଜାଇ ଦେଇଛି ।

ସିଦ୍ଧାର୍ଥ ମୁହଁ ତୋଳି ଆକାଶକୁ ଚାହିଁଲେ । ପ୍ରସନ୍ନ ହସରେ ତାଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ହୋଇ ଉଠିଲା । ଦୀର୍ଘ ସ୍ୱପ୍ନ ଦେଖିବା ପରେ ଜାଗରଣର ପ୍ରବଳ ଅନୁଭୂତି ଯେପରି ସର୍ବାଙ୍ଗରେ କମ୍ପନ ଆଣିଦେଇଛି । ଆଉ ଦ୍ୱିଧାର ପ୍ରଶ୍ନ ନାହିଁ; ସେ ଦ୍ରୁତ ଚାଲିବାକୁ ଆରମ୍ଭ କଲେ । ଏଥର ଲକ୍ଷ୍ୟ ନିଶ୍ଚିତ ।

ମନେ ମନେ ଭାବିଲେ, 'ନା, ଆଉ ସିଦ୍ଧାର୍ଥ ନିକଟରୁ ମୁକ୍ତି ଆଶା କରିବି ନାହିଁ । ଆତ୍ମା କଥା ଭୁଲିଯିବି, ସଂସାରର ଦୁଃଖ କଷ୍ଟ କଥା ଭୁଲିଯିବି । ନିଜକୁ ତିଳେ ତିଳେ କ୍ଷୟ କରି ସେହି ଧ୍ୱଂସସ୍ତୂପରୁ କୌଣସି ଗୋପନ ଆବିଷ୍କାର କରିବାକୁ ଚାହିଁବି ନାହିଁ । ଋଗବେଦ, ଅଥର୍ବବେଦ ପଢ଼ିବା ବନ୍ଦ କରିବି । କୌଣସି ଧର୍ମୋପଦେଶ ଶୁଣିବି ନାହିଁ । ସନ୍ନ୍ୟାସବ୍ରତ ଉପରେ ଆଉ ଆସ୍ଥା ନାହିଁ । ବର୍ତ୍ତମାନ ଠାରୁ କେବଳ ମୋର ବ୍ୟକ୍ତିଗତ ଅଭିଜ୍ଞତା ମୋତେ ଶିକ୍ଷା ଦେବ, ମୁଁ ନିଜେ ହିଁ ହେବି ନିଜର ଛାତ୍ର । ସିଦ୍ଧାର୍ଥର ସବୁ ରହସ୍ୟ ମୁଁ ନିଜ ଠାରୁ ଶିଖିବି ।'

ଭାବୁ ଭାବୁ ସେ ଚତୁର୍ଦ୍ଦିଗକୁ ଏପରି ଚାହିଁଲେ, ସତେ ଯେମିତି ପ୍ରଥମଥର ପାଇଁ ପୃଥିବୀକୁ ଦେଖୁଛନ୍ତି । ପୃଥିବୀ କେତେ ସୁନ୍ଦର ଓ ରହସ୍ୟମୟ, କିନ୍ତୁ ସିଦ୍ଧାର୍ଥ ନିକଟରେ ଅପରିଚିତ । କେତେ ରଙ୍ଗର ସମାହାର - ନୀଳ, ସବୁଜ, ହଳଦିଆ; ଆକାଶ, ନଦୀ, ଜଙ୍ଗଲ, ପର୍ବତ - ସବୁକିଛି ଅପୂର୍ବ ସୁନ୍ଦର, ମନମୁଗ୍ଧକର । ଏହି ଦୃଶ୍ୟ ଦେଖି ଦେଖି ସଦ୍ୟ ଜାଗରିତ ସିଦ୍ଧାର୍ଥ ପଥ ଚାଲୁଥାନ୍ତି ଓ ନିଜ ନିକଟକୁ ଫେରିଯାଉଥାନ୍ତି । ଏଇ ସମାହାର ସତେ ଯେମିତି ସେ ପ୍ରଥମ ଥର ଦେଖିଲେ । ପ୍ରକୃତିର ଏହି ସୌନ୍ଦର୍ଯ୍ୟ ମାୟାର କୁହୁକ ନୁହଁ, ବିଶ୍ୱର ଅର୍ଥହୀନ ବିଚିତ୍ର ପ୍ରକାଶ ନୁହଁ । ପଣ୍ଡିତ ବ୍ରାହ୍ମଣମାନେ ଏହି ବୈଚିତ୍ର୍ୟକୁ

ଅବଜ୍ଞା କରନ୍ତି । ସେମାନେ ସନ୍ଧାନ କରନ୍ତି ଅଭିନ୍ନତା । ଅଥଚ ପରମ ବ୍ରହ୍ମଙ୍କର ଅଭିପ୍ରାୟ ଅନୁସାରେ ହିଁ ସୃଷ୍ଟିର ବିଚିତ୍ର ରୂପ ଦୃଶ୍ୟମାନ । ଆମେ ଦେଖୁଁ ନଦୀ, ଆକାଶ ଓ ଜଙ୍ଗଲ । ପରମ ଶିଳ୍ପୀଙ୍କ ଇଚ୍ଛାନୁସାରେ ଆସିଛି ବିଭିନ୍ନ ରଙ୍ଗ । ସୁତରାଂ ବାହାରର ବୈଚିତ୍ର୍ୟ ମଧ୍ୟରେ ଅଛି ଅଭିନ୍ନ ଯୋଗସୂତ୍ର । ସୃଷ୍ଟିକର୍ତ୍ତାଙ୍କ ଅଭିପ୍ରାୟ ଯୋଗୁଁ ହିଁ ଏହା ସମ୍ଭବ ହୋଇଛି ।

ଦ୍ରୁତ ଚାଲୁଚାଲୁ ସିଦ୍ଧାର୍ଥ ଭାବୁଥାନ୍ତି, ମୁଁ କେତେ ନିର୍ବୋଧ ଥିଲି । କେବଳ ଗୋଟିଏ ପ୍ରକାରର ବାଣୀ ଶୁଣୁଥିଲି, ଅନ୍ୟ କିଛି ଶୁଣୁ ନ ଥିଲି । ବଧିର ଭାବରେ ଜୀବନ ଅତିବାହିତ କରିଛି । କେହି ଯଦି ବହି ପଢ଼ିବାକୁ ଚାହେଁ, ତେବେ ସେ ଅକ୍ଷର ସହ ଯତିଚିହ୍ନ ଗୁଡ଼ିକୁ ମଧ୍ୟ ଧ୍ୟାନ ଦେଇ ପଢ଼ିବ । ସେ କହିପାରିବ ନାହିଁ ଏଗୁଡ଼ିକ ମାୟା, ମୂଲ୍ୟହୀନ ଖୋଳପା । ସେ ଧାଡ଼ିଧାଡ଼ି ଅକ୍ଷରଗୁଡ଼ିକୁ ସଯତ୍ନରେ ପଢ଼େ ଓ ଅଙ୍କାବଙ୍କା ଗାରଗୁଡ଼ିକର ଅର୍ଥ ମଧ୍ୟ ବୁଝିବାକୁ ଚେଷ୍ଟାକରେ । କିନ୍ତୁ ମୁଁ ଏହି ପୃଥିବୀର ଓ ମୋ ଜୀବନର ବହି ପଢ଼ିବାକୁ ଯାଇ ଅକ୍ଷରଗୁଡ଼ିକୁ ଉପେକ୍ଷା କରିଛି । ସଙ୍କେତ ଚିହ୍ନଗୁଡ଼ିକୁ ଅଗ୍ରାହ୍ୟ କରିଛି । ମୋ ସମ୍ମୁଖର ଏହି ସୁନ୍ଦର ଦୃଶ୍ୟମାନ ପୃଥିବୀକୁ ମୁଁ ଏକ ମାୟା ଭାବି ଫୁତ୍‌କାର କରିଛି । ନିଜ ଚକ୍ଷୁ ଓ ଜିହ୍ୱାକୁ ମଧ୍ୟ ବିଶ୍ୱାସ କରିନାହିଁ । ବର୍ତ୍ତମାନ ମୁଁ ଜାଗ୍ରତ, ମୋର ଭ୍ରମ ଭାଙ୍ଗିଯାଇଛି । ମୋର ଗଭୀର ନିଦ୍ରା ଏବେ ଭଗ୍ନ । ଆଜି ହିଁ ଜନ୍ମ ହେଲା ସିଦ୍ଧାର୍ଥର ।

ଏସବୁ ଭାବୁଭାବୁ ସେ ହଠାତ୍ ଭୟରେ ଚମକି ଠିଆ ହୋଇ ପଡ଼ିଲେ । ଗୋଟିଏ ଝଲକ ଆଲୋକ ଭଳି ସବୁକିଛି ପରିଷ୍କାର ହୋଇଗଲା । ସଦ୍ୟଜାତ ଶିଶୁ ଭଳି ଏକ ନୂତନ ଜୀବନ ଆରମ୍ଭ କରିବାକୁ ହେବ । ସକାଳେ ଜେତବନରେ ବୁଦ୍ଧଙ୍କ ନିକଟରୁ ବିଦାୟ ନେବା ପରେ ମନ ଚାହୁଁଥିଲା ଏତେ ଦିନର ସନ୍ନ୍ୟାସବ୍ରତ ପରେ ସେ ପିତାମାତାଙ୍କ ନିକଟକୁ ଫେରିଯିବେ । ଏପରି ଚିନ୍ତା ଅବଶ୍ୟ ସ୍ୱାଭାବିକ । କିନ୍ତୁ ସାପ ଦେଖିଲା ଭଳି ସେ ଚମକି ପଡ଼ି ହଠାତ ଠିଆ ହୋଇଗଲେ । ଭାବିଲେ, ମୁଁ ଯାହା ଥିଲି ବର୍ତ୍ତମାନ ତାହା ନୁହେଁ; ବର୍ତ୍ତମାନ ମୁଁ ସନ୍ନ୍ୟାସୀ ବା ବ୍ରାହ୍ମଣ ନୁହେଁ । ଘରକୁ ଫେରି କ'ଣ କରିବି ? ପୁଣି ଅଧ୍ୟୟନ ? ଯଜ୍ଞ ବା ତପସ୍ୟା ? ସେସବୁ ମୋ ପାଇଁ ଶେଷ ହୋଇ ଯାଇଛି ।

ସିଦ୍ଧାର୍ଥ ସ୍ଥିର ହୋଇ ଠିଆ ହୋଇଥାନ୍ତି; ତାଙ୍କ ସର୍ବାଙ୍ଗ ଶୀତଳ ହୋଇଯାଇଛି । ସେ ବୁଝିପାରିଲେ, ଏତେ ବଡ଼ ପୃଥିବୀରେ ସେ କେତେ ନିଃସଙ୍ଗ, ଏକାକୀ । ତ୍ରସ୍ତ ଚଢ଼େଇ ବା ଠେକୁଆ ଭଳି ତାଙ୍କ ହୃଦୟ କମ୍ପି ଉଠିଲା । ବର୍ଷ ବର୍ଷର ଗୃହହୀନ ଜୀବନ ଯାପନ କାଳରେ ସେ ଯାହା ଅନୁଭବ କରି ନ ଥିଲେ, ଏବେ ତାହା ତାକୁ ଚିନ୍ତାଗ୍ରସ୍ତ କରୁଛି । ଗଭୀର ଧ୍ୟାନସ୍ଥ ହୋଇ ମଧ୍ୟ ସେ ଭାବୁଥିଲେ ସେ ପିତାଙ୍କର ପୁତ୍ର, ଧାର୍ମିକ, ଉଚ୍ଚ ବ୍ରାହ୍ମଣ ବଂଶରେ ଜନ୍ମ । ବର୍ତ୍ତମାନ ସେ କେବଳ ସିଦ୍ଧାର୍ଥ । ଅନ୍ୟ କୌଣସି ପରିଚୟ ନାହିଁ । ଗୋବିନ୍ଦ ବର୍ତ୍ତମାନ ଜଣେ ଭିକ୍ଷୁ, ହଜାର ହଜାର ଗୈରିକ ବସନଧାରୀ ଭିକ୍ଷୁମାନଙ୍କ

ମଧ୍ୟରୁ ଜଣେ, ସେ ସେମାନଙ୍କ ଭାଷାରେ ଆଳାପ କରେ । କିନ୍ତୁ ସିଦ୍ଧାର୍ଥ କେଉଁ ଦଳର ? କେଉଁମାନଙ୍କର ଭାଷା ସେ ଆପଣାଇବ ?

ସିଦ୍ଧାର୍ଥଙ୍କ ଆଖି ଆଗରେ ପୃଥିବୀ ଯେମିତି ହଜିଯାଇଛି । ସେ କେବଳ ସଙ୍ଗବିହୀନ ଧ୍ରୁବତାରା ଭଳି ଦଣ୍ଡାୟମାନ । ହତାଶାର ଶୀତଳ ପ୍ରବାହରେ ସେ ଅଭିଭୂତ ହୋଇ ପଡ଼ିଲେ । ତଥାପି ସେ ବର୍ତ୍ତମାନ ଶକ୍ତ ଭାବରେ ସଳଖ ହୋଇ ଠିଆ ହୋଇପାରିଛନ୍ତି । ଏପରି ପୂର୍ବରୁ କେବେ ହୋଇନାହିଁ । ଉଦୟନର ଏହି ଶେଷ କମ୍ପନ, ନବଜନ୍ମର ଏହି ଶେଷ ବେଦନା । ହଠାତ୍ ସେ ଦ୍ରୁତ ଚାଲିବାକୁ ଆରମ୍ଭ କଲେ । ଗୃହ ଅଭିମୁଖେ ନୁହଁ, ପଛକୁ ନୁହଁ, କେବଳ ଆଗକୁ ।

ଦ୍ୱିତୀୟ ଭାଗ

କମଳା

ପଥ ଚାଲୁଚାଲୁ ପ୍ରତି ପଦକ୍ଷେପରେ ସିଦ୍ଧାର୍ଥ ଚତୁର୍ଦ୍ଦିଗର ପୃଥିବୀକୁ ନୂତନ ଭାବରେ ଦେଖୁଛନ୍ତି । କି ମନୋହର ଏହି ସୌନ୍ଦର୍ଯ୍ୟ । ପର୍ବତ ଓ ଜଙ୍ଗଲ ଉପରେ ସୂର୍ଯ୍ୟୋଦୟ ହୁଏ, ପୁଣି ନଈକୂଳ ପାଖ ଧାଡ଼ିଧାଡ଼ି ତାଳଗଛ ପଛରେ ସୂର୍ଯ୍ୟାସ୍ତ ହୁଏ । ରାତିରେ ମାଳମାଳ ତାରା ଓ ତାଙ୍କ ମଝିରେ ପତଳା ଜହ୍ନଟିଏ ଡଙ୍ଗାଭଳି ଆକାଶରେ ଭାସୁଥାଏ । ସିଦ୍ଧାର୍ଥ ସବୁକିଛି ନୂଆନୂଆ ଦେଖୁଛନ୍ତି - ଗଛପତ୍ର, ପଶୁ, ମେଘ, ପାହାଡ଼, ଇନ୍ଦ୍ରଧନୁ, ଫୁଲ, ନଦୀ, ପତ୍ର ଉପରେ କାକର, ଦୂର ପର୍ବତର ଅଗ୍ରଭାଗ, ଧାନ କ୍ଷେତର ଢ଼ଉ - ଏସବୁର ସୌନ୍ଦର୍ଯ୍ୟସୁଧା ପାନ କରୁଛନ୍ତି । ଚଢ଼େଇର ଗୀତ ଓ ମହୁମାଛିର ଗୁଣୁଗୁଣୁ - ଏସବୁକୁ ମନ ଦେଇ ଶୁଣୁଛନ୍ତି । ଏଗୁଡ଼ିକ ପୂର୍ବରୁ ଥିଲା ଓ ଚିରଦିନ ରହିବ । କିନ୍ତୁ ସିଦ୍ଧାର୍ଥ ପାଇଁ ଏସବୁ ମୂଲ୍ୟହୀନ ଥିଲା । ସେ ସନ୍ଦେହ ଚକ୍ଷୁରେ ସେମାନଙ୍କୁ ଦେଖୁଥିଲେ କାରଣ ସେ ଭାବୁଥିଲେ, ସେମାନେ ଚିରନ୍ତନ ସତ୍ୟ ନୁହନ୍ତି; ସତ୍ୟ ଅଛି ଦୃଶ୍ୟଜଗତର ଉପରେ । କିନ୍ତୁ ବର୍ତ୍ତମାନ ତାଙ୍କ ସତୃଷ୍ଣ ନୟନ ଏହି ଜଗତକୁ ଆନନ୍ଦରେ ଚାହିଁ ରହିଲା । ଏବେ ଠାରୁ ସେ ଆଉ ପ୍ରକୃତ ସତ୍ତାର ସନ୍ଧାନରେ ସମୟ ନଷ୍ଟ କରିବାକୁ ଚାହିଁବେନାହିଁ; ଆଖି ଆଗରେ ଥିବା ଏହି ସୁନ୍ଦର ଉଜ୍ଜ୍ୱଳ ଜଗତକୁ ଅଗ୍ରାହ୍ୟ କରି କେଉଁ ଅପରିଚିତ

ଜଗତର ମୋହ ପଛରେ ଦୌଡ଼ିବେ ନାହିଁ ।

ଶିଶୁସୁଲଭ ଆଖିରେ ଏହି ପୃଥିବୀ କେତେ ସୁନ୍ଦର ଦିଶେ, କିନ୍ତୁ ତତ୍ତ୍ୱ ଦ୍ୱାରା ବିଚାର କଲେ ସେହି ସୌନ୍ଦର୍ଯ୍ୟ କର୍ପୂର ଭଳି ଉଡ଼ିଯାଏ । ଚନ୍ଦ୍ର, ତାରା, ନଦୀତଟ, ବଣ, ପାହାଡ଼, ଫୁଲ, ପ୍ରଜାପତି କେତେ ସୁନ୍ଦର । ଏସବୁକୁ ମନ ଖୋଲି ଗ୍ରହଣ କଲେ ଜୀବନ କେତେ ସହଜ, ସରଳ ହୋଇଉଠେ । ତେଣୁ ଯାହା ଅପ୍ରାପ୍ୟ ତା ପାଇଁ ଦୀର୍ଘଶ୍ୱାସ ତ୍ୟାଗ କରି ଲାଭ କ'ଣ ? ଦିନ ରାତି କେତେ ଶୀଘ୍ର ଅତିବାହିତ ହୋଇଯାଏ । ରତ୍ନପୂର୍ଣ୍ଣ ପାଲଟଣା ବୋଇତ ଭଳି ପ୍ରହର ଗୁଡ଼ିକ ଦୂରକୁ ଚାଲିଯାଏ । ସିଦ୍ଧାର୍ଥ ଏସବୁ ପୂର୍ବରୁ କେବେ ଦେଖିନଥିଲେ । ଆଜି କିନ୍ତୁ ଦେଖୁଛନ୍ତି ଡେଙ୍ଗା ଡେଙ୍ଗା ଗଛରେ ମାଙ୍କଡ଼ ଦଳ ଆନନ୍ଦରେ ଡେଇଁ ପଡୁଛନ୍ତି । ବାଟ ଚାଲୁଚାଲୁ ଦୁଇ ମେଣ୍ଢାଙ୍କର ରତିକ୍ରୀଡ଼ା ନଜରରେ ପଡିଲା । ତାପରେ ଦେଖିଲେ ପଥପାର୍ଶ୍ୱ ଗୋଟିଏ ପୋଖରୀରେ ଖୁସିରେ ଡେଇଁ ମାଛଟିଏ ଘୁରି ବୁଲୁଛି । ତା କାତି ରୂପାଭଳି ଚିକ୍‌ଚିକ୍ କରୁଛି ।

ଏସବୁ ଦୃଶ୍ୟ ଚିରଦିନ ଥିଲା ଓ ରହିଛି । କେବଳ ସିଦ୍ଧାର୍ଥ ନ ଥିଲା । ଆଜି ସେ ଫେରି ଆସିଛି ସଂସାର ଭିତରକୁ । ସେ ଆଜି ଗଛପତ୍ର, ପଶୁପକ୍ଷୀ, ସୂର୍ଯ୍ୟଚନ୍ଦ୍ରମାନଙ୍କ ସହ ଆତ୍ମୀୟତାରେ ଆବଦ୍ଧ ।

ପଥ ଚାଲୁଚାଲୁ ପୁଣି ମନେ ପଡ଼ିଲା ଜେତବନ କଥା; ବୁଦ୍ଧଙ୍କର ବାଣୀ, ଗୋବିନ୍ଦ ସହ ବିଚ୍ଛେଦ ଇତ୍ୟାଦି । ସେ ବୁଦ୍ଧଦେବଙ୍କୁ ଯାହା ଯାହା କହିଥିଲା ତାହା ଭୁଲିନାହିଁ । ସମ୍ପୂର୍ଣ୍ଣ ଅର୍ଥ ନ ବୁଝି ସେ ଯାହା କହିଥିଲା ସେଗୁଡ଼ିକ ବର୍ତ୍ତମାନ ସ୍ପଷ୍ଟ ହେବାକୁ ଲାଗିଛି । ବୁଦ୍ଧ ନିଜ ସାଧନା ଦ୍ୱାରା ଯେଉଁ ପ୍ରଜ୍ଞା ଲାଭ କରିଛନ୍ତି ତାହା କାହାକୁ ଶିଖାଇ ହୁଏ ନାହିଁ । ବୁଦ୍ଧତ୍ୱ ପ୍ରାପ୍ତିର ଶୁଭମୁହୂର୍ତ୍ତରେ ଶାକ୍ୟମୁନିଙ୍କର ଯେଉଁ ଅଭିଜ୍ଞତା ହୋଇଛି ତାହା କାହାକୁ ବୁଝାଇ ହୁଏ ନାହିଁ । ସେହି ଦୁର୍ଲଭ ଅଭିଜ୍ଞତା ଲାଭ କରିବାର ସଂକଳ୍ପ ନେଇ ସିଦ୍ଧାର୍ଥ ନୂତନ ଯାତ୍ରା ଆରମ୍ଭ କରିଛି । ଅନ୍ୟର ଜୀବନରୁ କିଛି ଶିଖିହୁଏ ନାହିଁ । ନିଜ ଜୀବନକୁ କ୍ଷୟ କରି ଅଭିଜ୍ଞତା ଅର୍ଜନ କରିବାକୁ ପଡ଼େ । ବହୁଦିନରୁ ସିଦ୍ଧାର୍ଥ ଜାଣେ ଯେ ତାର ଅନ୍ତରବାସୀ ଆତ୍ମା ଶାଶ୍ୱତ ବ୍ରହ୍ମଙ୍କର ଅଂଶ । କିନ୍ତୁ ନିଜର ସତ୍ତାକୁ ସେ କେବେ ପ୍ରକୃତ ଭାବରେ ଉପଲବ୍ଧି କରିପାରିନାହିଁ ।

ବୁଦ୍ଧତ୍ୱଲାଭର ଶୁଭକ୍ଷଣରେ ଗୌତମ ବୋଧିବୃକ୍ଷ ତଳେ କାହିଁକି ବସିଥିଲେ ? ତାଙ୍କର ଅନ୍ତରବାସୀ ଆତ୍ମା ତାଙ୍କୁ ସେଠାରେ ବିଶ୍ରାମ ନେବା ପାଇଁ ଆଦେଶ କରିଥିଲା । ଗୌତମ ସେହି ଆଦେଶ ଶିରୋଧାର୍ଯ୍ୟ କଲେ । ଦେହର କଷ୍ଟ, ନିଦ୍ରା, ସ୍ୱପ୍ନ, ଆହାର ସବୁକିଛି ତ୍ୟାଗ କଲେ । ବିବେକର ନିର୍ଦ୍ଦେଶ କେବଳ ଶୁଣିବି । ଏହା ହିଁ ଉତ୍ତମ ପଥ ।

ସେଦିନ ସୂର୍ଯ୍ୟାସ୍ତ ବେଳକୁ ସିଦ୍ଧାର୍ଥ ଜଣେ ନାଉରିଆର କୁଡ଼ିଆରେ ଆଶ୍ରୟ ନେଲେ । ରାତିରେ ସ୍ୱପ୍ନ ଦେଖିଲେ, ଗେରୁଆ ଲୁଗା ପିନ୍ଧି ଗୋବିନ୍ଦ ଠିଆ ହୋଇଛି ।

ବିଷର୍ଣ୍ଣ କଣ୍ଠରେ ଗୋବିନ୍ଦ ପଚାରିଲା, 'ମୋତେ ଛାଡ଼ି ଆସିଲ କାହିଁକି ?' ସିଦ୍ଧାର୍ଥ ଗୋବିନ୍ଦର ଦୁଇ ହାତକୁ ଧରି ଚୁମ୍ବନ ଦେଲେ । କିନ୍ତୁ ଗୋବିନ୍ଦ ହଠାତ କେଉଁଠି ଉଭେଇ ଗଲା ଓ ତାର ବାହୁରେ ଆବଦ୍ଧ ହେଲା ଜଣେ ନାରୀ । ତାର ଅନ୍ତର୍ବାସର ଅନ୍ତରାଳରୁ ଦେଖା ଦେଲା ପରିପୂର୍ଣ୍ଣ ସ୍ତନ । ସିଦ୍ଧାର୍ଥ ସେହି ଅପରିଚିତାର ବୁକୁରୁ ପାନ କଲା ପୀୟୂଷଧାରା । ନାରୀ ଓ ପୁରୁଷ, ସୂର୍ଯ୍ୟ ଓ ଜଙ୍ଗଲ, ପ୍ରାଣ ଓ ପୁଷ୍ପ ସବୁ ଆନନ୍ଦର ସ୍ୱାଦ ଏକ ହୋଇଗଲା । ନିଦ ଭାଙ୍ଗିଲା ପରେ ଦେଖିଲା ବାହାରେ ନଦୀର ସ୍ରୋତଧାରା ।

ସିଦ୍ଧାର୍ଥ ନାଉରିଆକୁ ଅନୁରୋଧ କଲେ ନଦୀ ପାର କରିବାକୁ । ସେ ସିଦ୍ଧାର୍ଥକୁ ବାଉଁଶ ଭେଳାରେ ଆରପାରିରେ ପହଞ୍ଚାଇ ଦେଲା । ସକାଳ ସୂର୍ଯ୍ୟର ରକ୍ତିମ କିରଣରେ ନଦୀଜଳ ଚିକ୍‌ଚିକ୍ କରୁଥାଏ ।

ସିଦ୍ଧାର୍ଥ କହିଲେ, 'କେତେ ସୁନ୍ଦର ନଈ !'

ନାଉରିଆ କହିଲା, 'ହଁ, ସତରେ ସୁନ୍ଦର ନଈ । ମୁଁ ଜଗତରେ ଆଉ କାହାକୁ ଏତେ ଭଲପାଏ ନାହିଁ । ତାର କୁଳୁକୁଳୁ ଗୀତ ଶୁଣେ, ତାକୁ ସବୁବେଳେ ଚାହିଁରହେ । ଏଇ ନଈ ସବୁବେଳେ ମୋତେ କିଛି ନା କିଛି ଶିଖାଏ । ନଈଠାରୁ କେତେ କ'ଣ ଶିଖିବାର ଅଛି ।'

ଆରପଟେ ଓହ୍ଲାଇ ସିଦ୍ଧାର୍ଥ କହିଲେ, 'ଭାଇ, ତୁମକୁ ବହୁତ ଧନ୍ୟବାଦ । କିନ୍ତୁ ଭଡ଼ା ଦେବାପାଇଁ ପଇସା ନାହିଁ । ଉପହାର ଦେଲା ଭଳି ମଧ୍ୟ ମୋର କିଛି ନାହିଁ । ମୁଁ ବ୍ରାହ୍ମଣପୁତ୍ର, ସନ୍ନ୍ୟାସୀ ।'

ନାଉରିଆ ହସିହସି କହିଲା, 'ତା ମୁଁ ବୁଝିପାରୁଛି । ମୁଁ ତୁମ ପାଖରୁ କୌଣସି ଭଡ଼ା ବା ଉପହାର ଆଶା କରିନାହିଁ । ପରେ କେବେ ସୁବିଧା ହେଲେ ଦେଇଦେବ ।'

ସିଦ୍ଧାର୍ଥ ଶାନ୍ତ ଭାବରେ ପଚାରିଲା, 'ତୁମେ କ'ଣ ଭାବୁଛ ମୁଁ ପୁଣି ଆସିବି ?'

'ନିଶ୍ଚୟ । ଏଇ ନଈଠାରୁ ମୁଁ ଶିଖିଛି ସବୁକିଛି ଫେରିଆସେ । ତୁମେ ମଧ୍ୟ ଦିନେ ଫେରିଆସିବ । ଏବେ ମୁଁ ଯାଉଛି । ତୁମ ବନ୍ଧୁତ୍ୱ ଦେଇ ଭଡ଼ା ମେଣ୍ଟାଇଦିଅ । ଯେତେବେଳେ ଦେବତାଙ୍କୁ ପ୍ରାର୍ଥନା କରିବ ମୋ ପାଇଁ ମଧ୍ୟ ଅଳ୍ପ ପ୍ରାର୍ଥନା କରିବ ।'

ହସି ହସି ଦୁହେଁ ବିଦାୟ ନେଲେ । ନାଉରିଆର ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ସିଦ୍ଧାର୍ଥକୁ ବେଶ୍ ଭଲ ଲାଗିଲା । ଗୋବିନ୍ଦ କଥା ମନେ ପଡ଼ିବାରୁ ତା ମୁହଁରେ ହସ ଫୁଟି ଉଠିଲା ।

ମଧ୍ୟାହ୍ନ ପରେ ସିଦ୍ଧାର୍ଥ ଗୋଟିଏ ଗ୍ରାମରେ ପହଞ୍ଚିଲେ । ଦୁଇପଟେ ଛୋଟ ଛୋଟ ମାଟି ଘର, ମଝିରେ ସଂକୀର୍ଣ୍ଣ ଗଳି । ଛୋଟ ପିଲାମାନେ ପାଟିତୁଣ୍ଡ କରି ଆନନ୍ଦରେ ଖେଳୁଥାନ୍ତି । ଅଚିହ୍ନା ସନ୍ନ୍ୟାସୀକୁ ଦେଖି ସେମାନେ ଡରରେ ପଳାଇଗଲେ । ଗ୍ରାମ ଶେଷରେ ସାନ ନଈଟିଏ ଅଙ୍କାବଙ୍କା ହୋଇ ବହିଯାଉଛି । ପାଣିଧାର ନିକଟରେ ତରୁଣୀଟିଏ ବସି ଲୁଗା ସଫା କରୁଥିଲା । ସିଦ୍ଧାର୍ଥ ତରୁଣୀକୁ ସ୍ୱାଗତ ସମ୍ଭାଷଣ କରିବାରୁ ସେ ହସିହସି

ପ୍ରଣାମ ଜଣାଇଲା । ନଗର ଆଉ କେତେ ଦୂର ବୋଲି ପଚାରିବାରୁ ତରୁଣୀ ଜଣକ ସିଦ୍ଧାର୍ଥ ନିକଟକୁ ଆସି ମଧୁର ମୁଖମଣ୍ଡଳରେ ରସସିକ୍ତ ଅଧରର ପ୍ରଲୋଭନ ଦେଖାଇ ବାକ୍ୟାଳାପ ଆରମ୍ଭ କଲା, ଭୋଜନ କରିଛ କି ନାହିଁ ଇତ୍ୟାଦି । ତାପରେ ପ୍ରଶ୍ନ କଲା, ସନ୍ନ୍ୟାସୀମାନଙ୍କୁ ନାରୀସଙ୍ଗ ବିହୀନ ଶଯ୍ୟାରେ ଏକାକୀ ଜଙ୍ଗଲରେ କଟାଇବାକୁ ହୁଏ - ଏହା କ'ଣ ସତ ? ତାପରେ ଅତି ନିକଟକୁ ଆସି ନିଜ ବାମ ପାଦ ସିଦ୍ଧାର୍ଥର ଡାହାଣ ପାଦ ଉପରେ ରଖିଲା ଏବଂ ମନମୁଗ୍ଧକର ଇଙ୍ଗିତ କଲା, ଯେଉଁ ଇଙ୍ଗିତ ଦେଖି ସିଦ୍ଧାର୍ଥର ରକ୍ତ ଚଞ୍ଚଳ ହୋଇ ଉଠିଲା । ମନେ ପଡ଼ିଗଲା ଗତ ରାତ୍ରିର ସ୍ୱପ୍ନ । ସେ ନତ ହୋଇ ତରୁଣୀର ବୁକୁ ଉପରେ ଗୋଟିଏ ଚୁମ୍ବନ ଆଙ୍କିଦେଲା । ଦେଖିଲା ତରୁଣୀର ଅର୍ଦ୍ଧନିମୀଳିତ ଚକ୍ଷୁରେ କାମନାର ନିମନ୍ତ୍ରଣ ।

କାମନାର ତାଡ଼ନାରେ ସିଦ୍ଧାର୍ଥର ରକ୍ତପ୍ରବାହ ଚଞ୍ଚଳ ହୋଇ ଉଠିଲା, ସୁପ୍ତ ପୌରୁଷ ଜାଗ୍ରତ ହେଲା । କିନ୍ତୁ ମନ ସମ୍ପୂର୍ଣ୍ଣ ପ୍ରସ୍ତୁତ ନୁହେଁ । କେବେ ନାରୀ ସ୍ପର୍ଶ କରିନାହିଁ । ତେଣୁ ଏହି ଦ୍ୱିଧା । ସେହି ଦ୍ୱିଧାର ସଂକୀର୍ଣ୍ଣ ମୁହୂର୍ତ୍ତରେ ଅନ୍ତରାତ୍ମାର ଆଦେଶ ଶୁଣିପାରିଲା, ନା, ବର୍ତ୍ତମାନ ନୁହେଁ ।

ତରୁଣୀର ଉଜ୍ଜ୍ୱଳ ମୁଖମଣ୍ଡଳରୁ ସକଳ ସମ୍ମୋହନ ଅପସରି ଗଲା । ତାର ଗାଲରେ କୋମଳ ସ୍ପର୍ଶ କରି ସିଦ୍ଧାର୍ଥ ଦ୍ରୁତପଦରେ ପ୍ରସ୍ଥାନ କଲା । ଅଚିହ୍ନା ପଥିକର ଅଜଣା ପଥ ଆଡ଼କୁ ତରୁଣୀ ଚାହିଁ ରହିଲା ।

ସନ୍ଧ୍ୟା ହେବା ପୂର୍ବରୁ ସିଦ୍ଧାର୍ଥ ନଗରରେ ପହଞ୍ଚିଲା । ମନେ ମନେ ସେ ବେଶ୍ ଖୁସି । ଜନମାନବଙ୍କ ସାନ୍ନିଧ୍ୟରେ ସେ ଏବେ ବାସ କରିବ । ଦୀର୍ଘସମୟ ସେ ବାସ କରିଛି ଲୋକାଳୟ ବାହାରେ ।

ସହର ଉପକଣ୍ଠରେ ଗୋଟିଏ ମନୋରମ ଉଦ୍ୟାନ ପାଖରେ ଗଲାବେଳେ ସିଦ୍ଧାର୍ଥ ଛୋଟ ଶୋଭାଯାତ୍ରା ଦେଖିଲା । କେତେଜଣ ଚାକର ଚାକରାଣୀ ମୁଣ୍ଡରେ ନାନାବିଧ ଦ୍ରବ୍ୟ ନେଇ ଚାଲିଛନ୍ତି । ମଝିରେ ସେମାନଙ୍କ ମାଲିକାଣୀ ଗୋଟିଏ ଚଉଦୋଳାରେ ଲାଲ ରଙ୍ଗର ଗଦିରେ ବସିଛନ୍ତି, ତାଙ୍କ ମୁଣ୍ଡ ଉପରେ ରଙ୍ଗୀନ ଚାନ୍ଦୁଆ । ସୁନ୍ଦର ବୁଦ୍ଧିଦୀପ୍ତ ମୁଖମଣ୍ଡଳ ସହ ଘନ କେଶରାଶି, ରକ୍ତିମ ଅଧର, ଗଭୀର କଳା ଆଖିରୁ ମନମୋହିନୀ ଚାହାଣୀ ଓ ଉପରେ ସୂକ୍ଷ୍ମ ଭ୍ରୁ । ସବୁଜ ରଙ୍ଗର ଶାଢ଼ୀରେ ସୁନେଲୀ ଧଡ଼ି, କୋମଳ ଗ୍ରୀବା, ମସୃଣ ବାହୁଯୁଗଳ ଓ ମଣିବନ୍ଧରେ ସ୍ୱର୍ଣ୍ଣ ଅଳଙ୍କାର ।

ସିଦ୍ଧାର୍ଥର ମନ ଉତ୍‌ଫୁଲ୍ଲିତ ହୋଇ ଉଠିଲା । ତା' ଶରୀର ନିକଟରେ ଚଉଦୋଳା ପହଁଚିବାରୁ ସେ ରୂପସୀ ନାରୀଙ୍କୁ ଅଭିବାଦନ କଲା, ରମଣୀଙ୍କ ଚକ୍ଷୁ ସହ ନିଜ ଦୃଷ୍ଟିର ପଲକ ନିମିଷେକେ ପାଇଁ ମିଳନ ହେଲା । ପବନରେ ପ୍ରସାରିତ ହେଲା ଅଜଣା ସୁଗନ୍ଧିତ ସୁବାସ । ମୁହୂର୍ତ୍ତକ ପାଇଁ ରମଣୀ ସିଦ୍ଧାର୍ଥର ଅଭିବାଦନ ଗ୍ରହଣ କଲେ । ତାପରେ ଚଉଦୋଳ

ଉଦ୍ୟାନ ଭିତରେ ଅଦୃଶ୍ୟ ହୋଇଗଲା ।

ସିଦ୍ଧାର୍ଥ ମନେ ମନେ ଭାବିଲେ, 'ମୁଁ ଠିକ୍ ସମୟରେ ଏହି ସହରରେ ଆସି ପହଞ୍ଚିଛି । ତାଙ୍କର ପ୍ରବଳ ଇଚ୍ଛା ହେଲା ତତ୍‌କ୍ଷଣାତ ଉଦ୍ୟାନ ଭିତରକୁ ପ୍ରବେଶ କରିବାକୁ । କିନ୍ତୁ ମନେପଡ଼ିଗଲା ଭୃତ୍ୟମାନେ କିପରି ତାକୁ ଅବଜ୍ଞା ସହ ଅଗ୍ରାହ୍ୟ କରିଛନ୍ତି ।'

ସେ ହସି ହସି ଭାବିଲେ, 'ମୁଁ ବର୍ତ୍ତମାନ ଜଣେ ସନ୍ନ୍ୟାସୀ, ଭିକ୍ଷୁକ । ଏହି ବେଶରେ ଉଦ୍ୟାନ ଭିତରକୁ ଯିବା ଉଚିତ ନୁହେଁ ।' ନିଜର ନିର୍ବୋଧ ଆକାଙ୍କ୍ଷା କଥା ଭାବି ସିଦ୍ଧାର୍ଥ ମନେ ମନେ ହସି ଉଠିଲେ ।

ପଥରେ ଜଣେ ବ୍ୟକ୍ତିଙ୍କ ଠାରୁ ପଚାରି ବୁଝିଲେ ସେହି ରମଣୀଙ୍କ ନାମ କମଳା - ଧନୀ ବିନୋଦିନୀ ବାରାଙ୍ଗନା । ଏହି ଉଦ୍ୟାନ ସହିତ ତାଙ୍କର ଅନ୍ୟାନ୍ୟ ଗୃହ ମଧ୍ୟ ଅଛି । ସିଦ୍ଧାର୍ଥ ସହରର ବିଭିନ୍ନ ସ୍ଥାନ ଘୁରି ଦେଖୁଥାନ୍ତି । ନଦୀକୂଳର ପଥର ଘାଟରେ କିଛି ସମୟ ବସି ରହିଲେ ।

ସନ୍ଧ୍ୟାରେ ଜଣେ ବାରିକ ସହ ଦେଖାହେଲା । ଦୁଇଜଣ ସାଙ୍ଗ ହୋଇ ବିଷ୍ଣୁ ମନ୍ଦିରକୁ ଗଲେ । ଲକ୍ଷ୍ମୀ ଓ ବିଷ୍ଣୁଙ୍କର କାହାଣୀ କହି ସିଦ୍ଧାର୍ଥ ବାରିକ ସହ ନିଜର ହୋଇଗଲା । ରାତିରେ ନଈ ଘାଟରେ ଦୁହେଁ ଶୋଇ ପଡ଼ିଲେ । ପରଦିନ ବଡ଼ି ଭୋରରୁ ଅନ୍ୟ କେହି ଗରାଖ ଆସିବା ପୂର୍ବରୁ ବାରିକ ସିଦ୍ଧାର୍ଥଙ୍କର ଦାଢ଼ି କାଟି , ପରିଷ୍କାର କରି ସୁଗନ୍ଧିତ ତେଲରେ କେଶ ବିନ୍ୟାସ କରିଦେଲା । ନଦୀରୁ ସ୍ନାନ କରି ସିଦ୍ଧାର୍ଥ ଉଠିଲା ବେଳକୁ ଜଣେ ନୂଆ ପୁରୁଷ ହୋଇଯାଇଛି ।

ଦ୍ୱିପ୍ରହରର ଶେଷ ବେଳକୁ ସିଦ୍ଧାର୍ଥ ସେହି ଉଦ୍ୟାନର ପ୍ରବେଶ ପଥରେ ଠିଆ ହୋଇ ରହିଲେ । ପୂର୍ବଦିନ ଭଳି କମଳା ଚଉଦୋଳାରେ ଆସି ଉଦ୍ୟାନ ଭିତରକୁ ଗଲା । ସିଦ୍ଧାର୍ଥ ସମ୍ଭାଷଣ କଲେ ଓ କମଳା ମଧ୍ୟ ଅଭିବାଦନ କଲା । ଶେଷରେ ଆସୁଥିବା ଜଣେ ଭୃତ୍ୟକୁ ସିଦ୍ଧାର୍ଥ ଡାକି କହିଲେ, 'ତୁମ ମାଲିକାଣୀଙ୍କୁ କୁହ ଜଣେ ବ୍ରାହ୍ମଣ ଯୁବକ ସାକ୍ଷାତ କରିବା ପାଇଁ ଅପେକ୍ଷା କରିଛି ।' ଭୃତ୍ୟ ଟିକିଏ ପରେ ଆସି ସିଦ୍ଧାର୍ଥକୁ ଲତାପୁଷ୍ପ ଆଚ୍ଛାଦିତ ମଣ୍ଡପ ନିକଟରେ ପହଞ୍ଚାଇ ଦେଲା ।

ମଣ୍ଡପର ପଲଙ୍କ ଉପରେ କମଳା ଅର୍ଦ୍ଧଶାୟିତ ଭାବରେ ବସିଥାଏ । କହିଲା, 'କାଲି ତୁମେ ମୋତେ ଦ୍ୱାର ନିକଟରେ ନମସ୍କାର କରିଥିଲ, ନା ?'

'ହଁ, କାଲି ମୁଁ ହିଁ ଅଭିବାଦନ କରିଥିଲି ।'

'କିନ୍ତୁ କାଲି ତ ତୁମ ମୁହଁରେ ଦାଢ଼ି ଥିଲା, ମୁଣ୍ଡରେ କେଶ ଜଟ ପାଲଟି ଯାଇଥିଲା । ସତେ ନା ?'

'ତୁମେ ଟିକିନିଖି ଦେଖିଛ । ତୁମର ନଜର ବେଶ ତୀକ୍ଷ୍ଣ । କାଲି ଯେଉଁ ବ୍ରାହ୍ମଣ କୁମାରକୁ ଦେଖିଥିଲ ସେ ସିଦ୍ଧାର୍ଥ ସନ୍ନ୍ୟାସ ଗ୍ରହଣ ପାଇଁ ଗୃହତ୍ୟାଗ କରିଥିଲା ଓ ତିନିବର୍ଷ

ବନବାସୀ ହୋଇଥିଲା । ବର୍ତ୍ତମାନ ମୁଁ ସନ୍ନ୍ୟାସ ତ୍ୟାଗ କରି ଏହି ନଗରକୁ ଆସିଛି । ନଗର ମଧ୍ୟକୁ ପ୍ରବେଶ କରିବା ପୂର୍ବରୁ ସର୍ବପ୍ରଥମେ ତୁମ ସହିତ ମୋର ସାକ୍ଷାତ । କମଳା, ମୁଁ ତୁମକୁ କହିବାକୁ ଆସିଛି ଯେ ତୁମେ ହିଁ ମୋ ଜୀବନରେ ପ୍ରଥମ ନାରୀ ଯାହା ସହିତ ମୁଁ ମୁହଁକୁ ଚାହିଁ ସିଧାସଳଖ କଥା ହେଉଛି । ସୁନ୍ଦରୀ ରମଣୀଙ୍କୁ ଦେଖିଲେ ମୁଁ ଆଉ କେବେ ନତମସ୍ତକ ତପସ୍ୱୀଙ୍କ ଭଳି ତଳକୁ ଚାହିଁବି ନାହିଁ ।'

କମଳା ହାତରେ ମୟୂର ପୁଚ୍ଛ ଲାଗିଥିବା ସୁବର୍ଣ୍ଣ ପଙ୍ଖା । ତାକୁ ଦୋହଲାଇ ସାମାନ୍ୟ ହସି ସେ ପଚାରିଲା, 'କେବଳ ଏତିକି କହିବା ପାଇଁ ଆସିଛ, ସିଦ୍ଧାର୍ଥ ?'

'ହଁ, ଏତକ କହିବା ପାଇଁ ଆସିଛି ଓ ଆସିଛି ତୁମର ଅପୂର୍ବ ସୌନ୍ଦର୍ଯ୍ୟ ପାଇଁ ଅଭିନନ୍ଦନ ଜଣାଇବାକୁ । କମଳା, ମୋ ଉପରେ ରାଗିବ ନାହିଁ, ମୁଁ ଚାହେଁ ତୁମେ ମୋତେ ବନ୍ଧୁ ଭାବରେ ଗ୍ରହଣ କର ଏବଂ ତୁମେ ହେବ ମୋର ଗୁରୁ । ତୁମେ ଯେଉଁ ବିଦ୍ୟାରେ ପାରଦର୍ଶିନୀ ମୁଁ ସେହି ବିଦ୍ୟା କିଛି ଜାଣେ ନାହିଁ ।'

'ମୁଁ କେବେ ସ୍ୱପ୍ନରେ ମଧ୍ୟ ଭାବିନାହିଁ ଯେ ଅରଣ୍ୟରୁ କେଉଁ ସନ୍ନ୍ୟାସୀ ଆସି ମୋର ଛାତ୍ର ହେବ । ମୁଣ୍ଡରେ ଜଟା ଓ ପୁରୁଣା କୌପିନ ପିନ୍ଧି ମୋ ସାମନାକୁ କେହି ଆସି ନାହାଁନ୍ତି । ବ୍ରାହ୍ମଣ କୁମାର ଓ ଅନ୍ୟାନ୍ୟ ଯୁବକମାନେ ମୋ ପାଖକୁ ଆସନ୍ତି ସୌଖିନ ଲୁଗା ପିନ୍ଧି, ଗୋଡ଼ରେ ମୂଲ୍ୟବାନ ଜୋତା, କେଶରେ ସୁଗନ୍ଧିତ ତୈଳ ଓ ପେଟିକା ମଧ୍ୟରେ ପ୍ରଚୁର ଅର୍ଥ ସହ । ସନ୍ନ୍ୟାସୀ, ତରୁଣମାନେ ଏହିପରି ହିଁ ଆସନ୍ତି ।'

ସିଦ୍ଧାର୍ଥ ଉତ୍ତର ଦେଲେ, 'ମୁଁ ଇତି ମଧ୍ୟରେ ତୁମ ନିକଟରୁ ଅନେକ କିଛି ଶିକ୍ଷା ଲାଭ କରିଛି । କାଲି ଯାହା ଶିଖିଥିଲି ତାରି ଫଳରେ ଦାଢ଼ି କାଟିଛି, ମୁଣ୍ଡରେ ତେଲ ଲଗାଇଛି, କେଶ ସଜାଡ଼ିଛି । ମୂଲ୍ୟବାନ ବସ୍ତ୍ର, ଜୋତା ଓ ଅର୍ଥ ଦୁଷ୍ପ୍ରାପ୍ୟ ନୁହେଁ । ଏସବୁ ଅପେକ୍ଷା ବହୁ ଦରକାରୀ ପଦାର୍ଥ ମୁଁ ଲାଭ କରିଛି । ଗତକାଲି ଯାହା ସଂକଳ୍ପ କରିଥିଲି ତାହା ପାଇବି ନାହିଁ କାହିଁକି ? ତୁମକୁ ଦେଖି ମୁଁ ସ୍ଥିର କରିଛି ତୁମର ବନ୍ଧୁତା ଲାଭ କରିବି ଓ ତୁମଠାରୁ ଶିଖିବି ପ୍ରେମବିଦ୍ୟାର କଳା । କମଳା, ତୁମେ ଦେଖିବ ମୁଁ ତୁମର ସୁଯୋଗ୍ୟ ଛାତ୍ର ହେବି । '

କମଳା ହସି ହସି କହିଲା, 'ନା, ନା, ତୁମେ ଏବେ ବି ଯଥେଷ୍ଟ ଯୋଗ୍ୟତା ଅର୍ଜନ କରିନାହଁ । ତୁମର ଦରକାର ସୌଖିନ ଲୁଗାପଟା, ଦାମୀ ଜୋତା, ପ୍ରଚୁର ଅର୍ଥ ଓ କମଳା ପାଇଁ ନାନାବିଧ ଉପହାର । କ'ଣ ଅରଣ୍ୟାବାସୀ ସନ୍ନ୍ୟାସୀ, ଜାଣି ପାରିଲ ତ ?'

'ଭଲ ଭାବରେ ବୁଝିପାରୁଛି । ତୁମ କଥା ନ ବୁଝିବାର କୌଣସି କାରଣ ନାହିଁ । କମଳା, ତୁମ ମୁଖମଣ୍ଡଳ ଦେଖିଲେ କଟା ହୋଇଥିବା ବିମ୍ବଫଳ ପରି ମନେହୁଏ । ଦେଖ, ମୋ ମୁହଁ ମଧ୍ୟ ରକ୍ତିମ ଓ ସରସ । ତୁମ ମୁହଁ ସହିତ ମୋ ମୁହଁଟି ବେଶ ମାନିବ । କିନ୍ତୁ ସତ କୁହ, କମଳା, ଯେଉଁ ଅରଣ୍ୟ ନିବାସୀ ସନ୍ନ୍ୟାସୀ ତୁମ ନିକଟରୁ ପ୍ରେମ ବିଦ୍ୟା

ଗ୍ରହଣ କରିବାକୁ ଆସିଛି, ତାକୁ ଦେଖି ତୁମର ଭୟ ହେଉନାହିଁ ?

'ଜଙ୍ଗଲରୁ ଆସିଥିବା ଜଣେ ନିର୍ବୋଧ ସନ୍ନ୍ୟାସୀକୁ ଡରିବାର କ'ଣ ଅଛି ? ସେଠାରେ ତାର ସାଙ୍ଗ ଥିଲେ ଶୃଗାଳ, ନାରୀମାନଙ୍କୁ ସେ କ'ଣ ଜାଣିବ ?

ସିଦ୍ଧାର୍ଥ ଉତ୍ତର ଦେଲା, 'ତୁମେ ଜାଣିନାହଁ ସନ୍ନ୍ୟାସୀମାନେ କେତେ ନିର୍ଭୀକ ଓ କଠିଣ । ହେ ସୁନ୍ଦରୀ, ସେ ତୁମ ଉପରେ ବଳ ପ୍ରୟୋଗ କରିପାରେ, ତୁମର ଧନରତ୍ନ ଲୁଣ୍ଠନ କରିପାରେ, ତୁମକୁ ଆଘାତ ମଧ୍ୟ କରିପାରେ ।'

'ନା, ସନ୍ନ୍ୟାସୀ, ମୋର ସେ ଭୟ ନାହିଁ । ତୁମେ କେବେ ଭାବିଛ କି ଜଣେ ଦସ୍ୟୁ ବଳ ପ୍ରୟୋଗ କରି ତୁମର ଜ୍ଞାନ, ଧର୍ମ ଓ ଧ୍ୟାନର ଶକ୍ତି ଲୁଣ୍ଠନ କରିପାରିବ ? ସେପରି ହେବ ନାହିଁ । କାରଣ, ଏହି ଗୁଣଗୁଡ଼ିକ ଅଧିକାରୀର ବ୍ୟକ୍ତିଗତ ସମ୍ପତ୍ତି । ସନ୍ନ୍ୟାସୀର ଇଚ୍ଛା ହେଲେ ମଧ୍ୟ ସବୁତକ ସୁଧା ଆଦାୟ କରିପାରିବ ନାହିଁ । ମୋର ଏହି ସୁନ୍ଦର ସରସ ରକ୍ତିମ ଓଷ୍ଠାଧାର ଦେଖୁଛ, ସୁଧାରେ ପରିପୂର୍ଣ୍ଣ । କିନ୍ତୁ ବଳ ପ୍ରୟୋଗ କଲେ ଠୋପାଏ ମହୁ ମଧ୍ୟ ମିଳିବ ନାହିଁ । ସିଦ୍ଧାର୍ଥ, ତୁମେ ଜଣେ ପ୍ରକୃତ ଶିଷ୍ୟ । ତେଣୁ ଏହି ତତ୍ତ୍ୱଟି ମନେ ରଖ । ଜାଣିରଖ ଯେ ମନୁଷ୍ୟ ଭିକ୍ଷା କରି ପ୍ରେମ ପାଇପାରେ, ଅର୍ଥ ଦେଇ କିଣିପାରେ, ଉପହାର ଭାବରେ ଲାଭ କରିପାରେ, ଏପରିକି ପଥପ୍ରାନ୍ତରେ ଅକସ୍ମାତ ପ୍ରେମର ସାକ୍ଷାତ ମଧ୍ୟ ମିଳିପାରେ - କିନ୍ତୁ ଚୋରି ଦ୍ୱାରା ପ୍ରେମ ଲାଭ କରିହୁଏ ନାହିଁ । ତୁମେ ଭୁଲ ବୁଝିଛ । ତୁମ ଭଳି ସୁନ୍ଦର ଯୁବକ ଭୁଲ ବୁଝିଲେ ଦୁଃଖର ବିଷୟ ହେବ ।'

ସିଦ୍ଧାର୍ଥ ଭୁଲ ସ୍ୱୀକାର କରି କହିଲା, 'ତୁମେ ଠିକ୍ କହିଛ, କମଳା । ଆମ ଦୁହିଁଙ୍କ ଅଧରରୁ ଯେମିତି ଠୋପାଏ ସୁଧା ନଷ୍ଟ ନ ହୁଏ । ଆଜି ମୋ ପାଖରେ ମୂଲ୍ୟବାନ ବେଶଭୁଷା, ଯୋତା ବା ଅର୍ଥ ନାହିଁ । ମୁଁ ଯେଉଁ ଦିନ ଏସବୁ ସଂଗ୍ରହ କରି ପାରିବି ସେହି ଦିନ ତୁମ ପାଖକୁ ଫେରି ଆସିବି । କିନ୍ତୁ କମଳା, ମୋତେ ଗୋଟିଏ ପରାମର୍ଶ ଦେବ ?'

'ପରାମର୍ଶ ? ହଁ, ନିଶ୍ଚୟ । ଜଙ୍ଗଲର ପଶୁମାନଙ୍କ ମଧ୍ୟରୁ ଯେଉଁ ଦରିଦ୍ର, ଅନଭିଜ୍ଞ ସନ୍ନ୍ୟାସୀ ଲୋକାଳୟକୁ ଆସିଛି, ତାକୁ ସ୍ୱେଚ୍ଛାରେ ପରାମର୍ଶ ଦେବି ।'

'କମଳା, ତେବେ ସେହି ତିନୋଟି ପଦାର୍ଥ କେମିତି ଶୀଘ୍ର ଲାଭ କରିବି ?'

'ଅନେକ ଏହି ପ୍ରଶ୍ନ କରନ୍ତି । ତୁମେ ଯେଉଁ ବିଦ୍ୟା ଜାଣିଛ ତାହା ଦ୍ୱାରା ହିଁ ଅର୍ଥ ଉପାର୍ଜନ କରିବ ଓ ପୋଷାକ, ଯୋତା କିଣିବ । ଦରିଦ୍ର ବ୍ୟକ୍ତିର ଅନ୍ୟ ଉପାୟ ନାହିଁ ।'

'ମୁଁ ଧ୍ୟାନ କରିପାରେ, ଅପେକ୍ଷା କରିପାରେ ଓ ଉପବାସ ରହିପାରେ ।'

'ଆଉ କିଛି ?'

'ନା । ହଁ, ହଁ, ମୁଁ କବିତା ଲେଖିପାରେ । ମୋର କବିତା ବିନିମୟରେ ମୋତେ ଗୋଟିଏ ଚୁମ୍ବନ ଦେବ ?'

‘ଯଦି ତୁମ କବିତା ଭଲ ଲାଗିବ ତେବେ ଦେଇପାରେ । କବିତାର ନାଁ ?’

ମୁହୂର୍ତ୍ତେ ଭାବି ସିଦ୍ଧାର୍ଥ ଆରମ୍ଭ କଲା :

ସୁନ୍ଦରୀ କମଳା କୁଞ୍ଜବନରେ
ସନ୍ନ୍ୟାସୀ ଆସି ପ୍ରବେଶ ପଥରେ ।
ପଦ୍ମ ଫୁଲ ଦେଖି ସ୍ୱାଗତ ଜଣାଏ
କମଳା ହସି ହସି ଗ୍ରହଣ କରେ ।
ସନ୍ନ୍ୟାସୀ ଭାବିଲା ‘ଏହା ହିଁ ଉତ୍ତମ,
ଦେବତାଙ୍କୁ ନ ଦେଇ ବଳୀ
ସୁନ୍ଦରୀ କମଳାକୁ ଆମ୍ବଳୀ ଦିଏ ।’

କବିତା ଶୁଣି କମଳା ଜୋରରେ ସୁନା ବଳା ଝଣଝଣ କରି ଖୁସିରେ ତାଳି ଦ୍ୱାରା ସ୍ୱାଗତ କଲା ।

‘ହେ ପିଙ୍ଗଳ ବର୍ଣ୍ଣ ସନ୍ନ୍ୟାସୀ, ତୁମ କବିତା ବେଶ ସୁନ୍ଦର । ଏହି କବିତା ବିନିମୟରେ ମୁଁ ତୁମକୁ ଗୋଟିଏ ଚୁମ୍ବନ ଅବଶ୍ୟ ଦେଇପାରେ ।’

ଆଖିର ଇଙ୍ଗିତରେ ସେ ସିଦ୍ଧାର୍ଥକୁ ସମ୍ମୋହିତ କରି ପାଖକୁ ଆଣିଲା । ଦୁହିଁଙ୍କ ମୁଖମଣ୍ଡଳ ପରସ୍ପରର ନିକଟବର୍ତ୍ତୀ । କମଳାର ଓଷ୍ଠାଧରକୁ ସିଦ୍ଧାର୍ଥ ସ୍ପର୍ଶ କଲେ । ସିଦ୍ଧାର୍ଥ ଆଶ୍ଚର୍ଯ୍ୟ ହେଲେ ଯେ କମଳାର ଗୋଟିଏ ମାତ୍ର ଚୁମ୍ବନ ତାଙ୍କୁ କେତେ ଶିକ୍ଷା ଦେଇଛି । ପ୍ରେମ ବିଦ୍ୟାରେ ସେ କେତେ ପାରଦର୍ଶିନୀ । କମଳା ତାଙ୍କୁ ଅଭିଭୂତ କରିଛି, ଅନ୍ତରରେ ବିତୃଷ୍ଣା ମଧ୍ୟ ଉଦ୍ରେକ କରିଛି ଓ ପ୍ରଲୁବ୍ଧ ମଧ୍ୟ କରିଛି । ସେ ଭାବି ନଥିଲା କମଳାର ସେହି ଗୋଟିଏ ଦୀର୍ଘ ଚୁମ୍ବନ ପରେ ମଧ୍ୟ ଅପେକ୍ଷା କରିଥିଲା ଆହୁରି ଅନେକ ସ୍ପର୍ଶ । ପ୍ରତ୍ୟେକ ଚୁମ୍ବନର ଅନୁଭୂତି ନୂତନ ଓ ସ୍ୱାଦ ଭିନ୍ନ । ସିଦ୍ଧାର୍ଥ ସାମାନ୍ୟ ଦୂରକୁ ଅପସରି ଗଲା, ତାର ନିଶ୍ୱାସ ପ୍ରଖର । ହଠାତ୍ ପରିପୂର୍ଣ୍ଣ ଜ୍ଞାନ ଲାଭ କରିଥିବା ଶିଶୁ ପରି ସେ ଚମକି ଉଠିଲା ।

କମଳା କହିଲା, ‘ତୁମ କବିତା ମୋତେ ବହୁତ ଭଲ ଲାଗିଲା । ଯଦି ମୋର ପ୍ରଚୁର ଅର୍ଥ ଥାଆନ୍ତା ତେବେ ମୁଁ ତୁମ କବିତାର ମୂଲ୍ୟ ଦେଇଥାନ୍ତି । କିନ୍ତୁ ତୁମେ ଯେଉଁ ପରିମାଣର ଅର୍ଥ ଚାହୁଁଛ, କବିତା ଲେଖି ତାହା ଉପାର୍ଜନ କରିପାରିବ ନାହିଁ । କମଳାର ବନ୍ଧୁତ୍ୱ ପାଇବାକୁ ହେଲେ ତୁମକୁ ବହୁତ ଉପାର୍ଜନ କରିବାକୁ ପଡ଼ିବ ।’

‘କମଳା, ତୁମର ଚୁମ୍ବନ ଅପୂର୍ବ ।’ ଅସ୍ପଷ୍ଟ ଭାବରେ କହିଲେ ସିଦ୍ଧାର୍ଥ ।

‘ହଁ, ସେଥିପାଇଁ ତ ମୁଁ ମୂଲ୍ୟବାନ ସାଜସଜ୍ଜା ଓ ଅଳଙ୍କାରର ଅଧିକାରିଣୀ । କିନ୍ତୁ ତୁମେ ବର୍ତ୍ତମାନ କ’ଣ କରିବ ? ଧ୍ୟାନ, ଉପବାସ ଓ କବିତା ଲେଖିବା ଛଡ଼ା କ’ଣ ଜାଣିଛ ?’

‘ମୁଁ ଯଜ୍ଞ ସଂଗୀତ ଜାଣେ, କିନ୍ତୁ ସେ ଗୀତ ଆଉ ଗାନ କରିବି ନାହିଁ । ଯାଦୁମନ୍ତ୍ର

ଜାଣେ, ସେ ମନ୍ତ୍ର ମଧ୍ୟ ପ୍ରୟୋଗ କରିବି ନାହିଁ । ମୁଁ ଶାସ୍ତ୍ର ମଧ୍ୟ ଅଧ୍ୟୟନ କରିଛି ।'

କମଳା ବାଧା ଦେଇ କହିଲା, 'ରୁହ । ତୁମେ ପଢ଼ିପାର, ଲେଖିପାର ?'

'ହଁ । ଅନେକେ ଲେଖି ପାରନ୍ତି ।'

'ଅନେକେ ମଧ୍ୟ ଜାଣନ୍ତି ନାହିଁ । ମୁଁ ତ ଜାଣେନାହିଁ । ତୁମେ ପାଠ ପଢ଼ିଛ, ବେଶ ଭଲ କଥା । ତୁମ ମନ୍ତ୍ର ବିଦ୍ୟା ମଧ୍ୟ କାମରେ ଲାଗିପାରେ ।'

ଠିକ୍ ସେହି ସମୟରେ ଜଣେ ଭୃତ୍ୟ ଆସି କମଳା କାନରେ କ'ଣ କହିଲା । ସେ ବ୍ୟସ୍ତ ହୋଇ ସିଦ୍ଧାର୍ଥକୁ କହିଲା, 'ମୋର ଜଣେ ଅତିଥି ଆସିଛନ୍ତି । ତୁମେ ଶୀଘ୍ର ଏଠାରୁ ଚାଲିଯାଅ, କେହି ଯେମିତି ଦେଖି ନ ପାରନ୍ତି । କାଲି ପୁଣି ଦେଖା ହେବ ।'

ସେହି ବ୍ୟସ୍ତତା ମଧ୍ୟରେ ସିଦ୍ଧାର୍ଥକୁ ନୂତନ ବସ୍ତ୍ର ଦେବାପାଇଁ କମଳା ଭୃତ୍ୟକୁ କହିଲା । କିଛି ବୁଝିବା ପୂର୍ବରୁ ଭୃତ୍ୟ ସିଦ୍ଧାର୍ଥକୁ ଉଦ୍ୟାନର ଅଙ୍କାବଙ୍କା ପଥରେ ନେଇ ଗୋଟିଏ ଗୃହରେ ନୂତନ ବସ୍ତ୍ରଟିଏ ଦେଲା ଓ ଭୃତ୍ୟର ନିର୍ଦ୍ଦେଶରେ ସେ ଗୋପନ ପଥ ଅନୁସରଣ କରି ଉଦ୍ୟାନ ବାହାରର ରାଜପଥରେ ପହଞ୍ଚିଲା ।

ହାତରେ ନୂଆ ଲୁଗା ଧରି ସିଦ୍ଧାର୍ଥ ଆସିଲା ନଗରର ଏକ ପାଠୁଶାଳା ନିକଟକୁ । ପଥିକମାନଙ୍କର ଭିଡ଼ ଲାଗିଥାଏ । ଗୋଟିଏ କୋଣରେ ସିଦ୍ଧାର୍ଥ ନୀରବରେ ଠିଆ ହୋଇ ଖାଦ୍ୟ ପାଇଁ ପ୍ରାର୍ଥନା କଲା । ସେତେବେଳ ପର୍ଯ୍ୟନ୍ତ ଦେହରେ କୌପୀନ ପିନ୍ଧିଥାଏ । କେହି ଜଣେ ତାକୁ ଖାଦ୍ୟ ଦେଇଗଲା । ସିଦ୍ଧାର୍ଥ ଭାବିଲା, ହୁଏତ କାଲିଠାରୁ ଆଉ ସେ ଭିକ୍ଷା କରିବ ନାହିଁ ।

ହଠାତ୍ ଆତ୍ମସନ୍ଧାନବୋଧ ଜାଗିଉଠିଲା । ସେ ତ ବର୍ତ୍ତମାନ ସନ୍ନ୍ୟାସୀ ନୁହେଁ, ତେଣୁ ଭିକ୍ଷା କରିବା ଶୋଭନୀୟ ନୁହେଁ । ଖାଦ୍ୟଗୁଡ଼ିକୁ କୁକୁରକୁ ଦେଇ ସେ ଅନାହାରରେ ରହିଲା ।

ନଗରରେ ବୁଲିବା ସମୟରେ ଚିନ୍ତା ଉଦ୍ରେକ ହେଲା, ଏଠାକାର ଜୀବନଯାତ୍ରା ବେଶ୍ ସରଳ । କୌଣସି ଜଟିଳତା ନାହିଁ । ସନ୍ନ୍ୟାସୀ ଜୀବନ ବରଂ ବେଶ ଜଟିଳ ଓ କ୍ଲାନ୍ତିକର । ନିରାଶାରେ ପରିପୂର୍ଣ୍ଣ । କମଳା ଚୁମ୍ବନଶିକ୍ଷାର ପ୍ରଥମ ଅଧ୍ୟାୟ ଭଳି ଏଠି ଜୀବନ ସ୍ୱଚ୍ଛନ୍ଦମୟ । ବର୍ତ୍ତମାନ ମୁଁ ଚାହେଁ ସୁନ୍ଦର ପୋଷାକ ଓ ଅର୍ଥ । ଏଗୁଡ଼ିକ ସଂଗ୍ରହ କରିବା ବିଶେଷ କଷ୍ଟକର ନୁହେଁ, ଏଥିପାଇଁ ରାତି ଉଜାଗର ହେବା ଦରକାର ନାହିଁ ।

ପରଦିନ ସେ ନଗର ମଧ୍ୟରେ ଥିବା କମଳା ଘରେ ପହଞ୍ଚିଗଲେ ।

ଦୂରରୁ କମଳା ଦେଖି ଡାକି କହିଲା, 'ଆସ, ତୁମ ପାଇଁ ଭଲ ଖବର ଅଛି । କାମସ୍ୱାମୀ ତୁମ ପାଇଁ ଅପେକ୍ଷା କରିଛି । ନାଁ ଶୁଣିଛ ? ଏହି ନଗରର ସୁବଠାରୁ ଧନୀ ବ୍ୟକ୍ତି । ତାକୁ ପ୍ରସନ୍ନ କର, ତମକୁ କାମ ମିଳିଯିବ । ତୁମର ଯେଉଁ ସବୁ ଦକ୍ଷତା ଅଛି କଥାବାର୍ତ୍ତା ଛଳରେ ଜଣାଇଦିଅ । ମୁଁ ଲୋକ ପଠାଇ ତୁମ ବିଷୟରେ କହିଛି । କାମସ୍ୱାମୀର

ପ୍ରବଳ ପ୍ରତିପତ୍ତି, ତାର ବନ୍ଧୁତ୍ୱ କାମନା କର । କିନ୍ତୁ ଅତ୍ୟଧିକ ବିନୟୀ ହେବ ନାହିଁ । ମୁଁ ଚାହେଁନା ଯେ ତୁମେ ତାର ଅନୁଗତ ଭୃତ୍ୟ ହୋଇ ରୁହ । ତାର ସମକକ୍ଷ ହୋଇ ରହିବ । ନହେଲେ ମୁଁ ଅସନ୍ତୁଷ୍ଟ ହେବି । କାମସ୍ୱାମୀର ବୟସ ବଢ଼ିବା ସାଙ୍ଗରେ ସେ ଅଳସୁଆ ହୋଇ ପଡୁଛି । ତେଣୁ ତାକୁ ସନ୍ତୁଷ୍ଟ କଲେ ସେ ତୁମ ଉପରେ ଅଧିକ ନିର୍ଭର କରିବ ।'

ସିଦ୍ଧାର୍ଥ ହସି ହସି ଧନ୍ୟବାଦ ଜ୍ଞାପନ କଲେ । ସେ ଅଭୁକ୍ତ ଥିବାରୁ କମଳା ଅତି ଯତ୍ନରେ ଖାଦ୍ୟ ପରଷି ଆପ୍ୟାୟିତ କଲା ।

ବିଦାୟ ନେବା ସମୟରେ କମଳା କହିଲା, 'ତୁମ ଭାଗ୍ୟ ବହୁତ ଭଲ । ଗୋଟିଏ ପରେ ଗୋଟିଏ ଦ୍ୱାର ଆପେ ଆପେ ଖୋଲି ଯାଉଛି । କେମିତି ସମ୍ଭବ ହେଉଛି ? କିଛି ମନ୍ତ୍ର ଫନ୍ତ୍ର ଜାଣିଛ ନା କ'ଣ ?'

ସିଦ୍ଧାର୍ଥ ଉତ୍ତର ଦେଲେ, 'କାଲି ତ କହିଥିଲି ମୁଁ ଚିନ୍ତା କରିପାରେ, ଅପେକ୍ଷା କରିପାରେ ଓ ଉପବାସ କରିପାରେ । ତୁମେ ମୋ କଥାକୁ ହସି ଉଡ଼େଇ ଦେଲ, କହିଲ ଏଗୁଡ଼ା କେଉଁ କାମରେ ଲାଗେନାହିଁ । କିନ୍ତୁ ଦେଖିବ, ଏ ଗୁଣ ସବୁ କେତେ ଦରକାର । ଜଙ୍ଗଲର ନିର୍ବୋଧ ସନ୍ନ୍ୟାସୀମାନେ କେତେ ଦରକାରୀ ବିଦ୍ୟା ଶିଖିଥାନ୍ତି । ଦୁଇଦିନ ପୂର୍ବେ ଭିକ୍ଷୁକ ବେଶରେ ଆସିଥିଲି, କାଲି ହିଁ କମଳାକୁ ଚୁମ୍ବନ କରିବାର ଅଧିକାର ପାଇଛି । ବହୁତ ଶୀଘ୍ର ବ୍ୟବସାୟରେ ଅର୍ଥ ଉପାର୍ଜନ କରି ତୁମ ପାଇଁ ମୂଲ୍ୟବାନ ଦ୍ରବ୍ୟ ସଂଗ୍ରହ କରିପାରିବି ।'

କମଳା ସ୍ୱୀକାର କଲା, 'ଠିକ୍ କଥା । କିନ୍ତୁ ମୁଁ ନ ଥିଲେ ତୁମର କ'ଣ ଦଶା ହୋଇଥାନ୍ତା ?'

ସିଦ୍ଧାର୍ଥ ବୁଝାଇବାକୁ ଲାଗିଲେ, 'ମୋର ପ୍ରଥମ ପାହାଚ ତୁମ ଉଦ୍ୟାନରେ ପହଞ୍ଚିବା । ମୋର ଲକ୍ଷ୍ୟ ଥିଲା ଶ୍ରେଷ୍ଠ ସୁନ୍ଦରୀଙ୍କ ନିକଟରୁ ପ୍ରେମ ବିଦ୍ୟା ଶିକ୍ଷା କରିବା । ମୁଁ ଯେତେବେଳେ ମନେ ମନେ ଏହି ସଂକଳ୍ପ କଲି ଜାଣିଥିଲି ଯେ ମୋର ଉଦ୍ଦେଶ୍ୟ ନିଶ୍ଚୟ ସଫଳ ହେବ । ମୁଁ ଜାଣିଥିଲି ତୁମେ ମୋତେ ସାହାଯ୍ୟ କରିବ । ଉଦ୍ୟାନକୁ ପ୍ରବେଶ ପୂର୍ବରୁ ତୁମେ ଯେପରି ମୋ ପ୍ରତି ଦୃଷ୍ଟିପାତ କରିଥିଲ ମୁଁ ଏହା ଜାଣିପାରିଥିଲି ।'

'ମୁଁ ତୁମକୁ ସାହାଯ୍ୟ କରିବାକୁ ଚାହିଁ ନ ଥିଲେ –'

'କିନ୍ତୁ ତୁମେ ତ ଚାହିଁଛ । ଶୁଣ କମଳା, ପାଣି ଭିତରକୁ ପଥରଟିଏ ଫୋପାଡ଼ିଲେ ସେ ମାଟିକୁ ପହଞ୍ଚିବାର ଦ୍ରୁତତମ ରାସ୍ତା ବାଛିନିଏ । ଗୋଟିଏ ସଂକଳ୍ପ ଥରେ ସ୍ଥିର କଲେ ସିଦ୍ଧାର୍ଥର ଅବସ୍ଥା ସେହି ପଥର ଭଳି । ସିଦ୍ଧାର୍ଥ କିଛି କରେ ନାହିଁ; ସେ ଅପେକ୍ଷା କରେ, ଧ୍ୟାନ କରେ ଆଉ ଉପବାସ କରେ, ଯେମିତି ପଥରଟି ଭୂମି ଆଡ଼କୁ ଦୌଡ଼ିଯାଏ; ସେ ଆକର୍ଷଣ ଅନୁଭବ କରେ, ବାଧା ସୃଷ୍ଟି କରେ ନାହିଁ, ଆକର୍ଷଣ ଆଡ଼କୁ ମାଡ଼ିଚାଲେ । ସିଦ୍ଧାର୍ଥର ଲକ୍ଷ୍ୟ ସିଦ୍ଧାର୍ଥକୁ ଆକର୍ଷଣ କରେ । ଅନ୍ୟ କୌଣସି ବିପରୀତ ଭାବନା ତା'

ମନକୁ ଚଞ୍ଚଳ କରିପାରେ ନାହିଁ । ନିର୍ବୋଧମାନେ ଏହାକୁ କହନ୍ତି ଯାଦୁବିଦ୍ୟା । ଅସୁରମାନେ କିଛି କରନ୍ତି ନାହିଁ । ଅସୁର ବୋଲି କୌଣସି ଅସ୍ତିତ୍ୱ ନାହିଁ । ପ୍ରତ୍ୟେକ ବ୍ୟକ୍ତି ଯାଦୁବିଦ୍ୟା ଦେଖାଇ ପାରିବେ, ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେ, ଯଦି ସେ ଧ୍ୟାନ, ପ୍ରତୀକ୍ଷା ଓ ଉପବାସ କରନ୍ତି ।'

କମଳା ନୀରବରେ ସବୁ ଶୁଣିଲା । ସିଦ୍ଧାର୍ଥର ଭାଷା, କଣ୍ଠସ୍ୱର, ଆଖିର ସ୍ନିଗ୍ଧ ଚାହାଣୀ ତାକୁ ବହୁତ ଭଲ ଲାଗିଲା । 'ହୁଏତ ତୁମ କଥା ହିଁ ସତ, ବନ୍ଧୁ । ଅଥବା ତୁମେ ରୂପବାନ ହୋଇଥିବାରୁ ନାରୀମାନେ ଆକର୍ଷଣ ଅନୁଭବ କରନ୍ତି ଓ ତୁମେ ଭାଗ୍ୟବାନ ହୋଇଥିବାରୁ ତୁମେ ସହଜରେ ସିଦ୍ଧି ଲାଭ କରିଛ ।'

ସିଦ୍ଧାର୍ଥ କମଳାକୁ ଚୁମ୍ବନ କରି କହିଲେ, 'ହେ ଆଚାର୍ଯ୍ୟ ! ତାହା ହିଁ ହେଉ । ମୋ ଆଖି ତୁମକୁ ଚିରଦିନ ଆନନ୍ଦ ଦେବାରେ ସାହାଯ୍ୟ କରୁ ଓ ମୁଁ ଯେମିତି ସୌଭାଗ୍ୟର ଦାନ ସର୍ବଦା ତୁମରି ହାତରୁ ଗ୍ରହଣ କରିପାରେ ।'

ଜନମାନବଙ୍କ ମଧ୍ୟରେ

ସିଦ୍ଧାର୍ଥ କାମସ୍ୱାମୀକୁ ସାକ୍ଷାତ କରିବେ । ବିରାଟ ପ୍ରାସାଦ । ଭୃତ୍ୟ ତାଙ୍କୁ ଏକ ସୁଦୃଶ୍ୟ କୋଠରୀରେ ବସିବାକୁ କହିଲା । ସିଦ୍ଧାର୍ଥ ଅପେକ୍ଷା କଲେ ଗୃହକର୍ତ୍ତାଙ୍କୁ ।

କାମସ୍ୱାମୀ ପ୍ରବେଶ କଲେ । ବେଶ ପ୍ରାଣବନ୍ତ ପୁରୁଷ, କେଶ ସାମାନ୍ୟ ଶୁଭ୍ର, ଉଜ୍ଜ୍ୱଳ ଆଖି, ମୁଖମଣ୍ଡଳରେ ଲାଳସାର ଇଙ୍ଗିତ । ଦୁହେଁ ଦୁହିଁଙ୍କୁ ଅଭିବାଦନ କଲେ ।

ବଣିକ ମହାଶୟ ଆରମ୍ଭ କଲେ, 'ମୁଁ ଜାଣେ ତୁମେ ଜଣେ ବ୍ରାହ୍ମଣ ପଣ୍ଡିତ । କିନ୍ତୁ ବଣିକର ଦପ୍ତରରେ ଚାକିରୀ ପ୍ରାର୍ଥୀ । ତୁମେ କ'ଣ ଅଭାବଗ୍ରସ୍ତ ?'

'ନା, ମୋର ଅଭାବ ନାହିଁ । ବର୍ତ୍ତମାନ ନାହିଁ ଓ କେବେ ନ ଥିଲା । ମୁଁ ସନ୍ନ୍ୟାସୀମାନଙ୍କ ସହ ବହୁଦିନ ରହିଥିଲି ।'

'ସନ୍ନ୍ୟାସୀମାନଙ୍କ ନିକଟରୁ ଯଦି ଆସିଛ, ତେବେ ଅଭାବ ନାହିଁ କେମିତି ? ସନ୍ନ୍ୟାସୀମାନେ କ'ଣ ନିଃସ୍ୱ ନୁହନ୍ତି ?'

ସିଦ୍ଧାର୍ଥ ଉତ୍ତର ଦେଲେ, 'ସାଂସାରିକ ଅର୍ଥରେ ମୋର କିଛି ନାହିଁ; କିନ୍ତୁ ମୁଁ ସ୍ୱେଚ୍ଛାରେ ନିଃସ୍ୱ ହୋଇଛି । ତେଣୁ ମୋର ଅଭାବବୋଧ ନାହିଁ ।

'ନିଃସ୍ୱ ହେଲେ ବଞ୍ଚିବ କେମିତି ?'

‘ସେ କଥା ମୁଁ କେବେ ଭାବିନାହିଁ । ପ୍ରାୟ ତିନିବର୍ଷ ନିଃସ୍ୱ ଅବସ୍ଥାରେ ଜଙ୍ଗଲରେ ବୁଲିବୁଲି କେବେ ଭାବିନାହିଁ ମୁଁ କେମିତି ବଞ୍ଚିବି ।’

‘ତେବେ ଅନ୍ୟମାନଙ୍କ ସମ୍ପତ୍ତି ଉପରେ ଜୀବନ ଧାରଣ କରୁଛ ?’

‘ଠିକ୍ କହିଛନ୍ତି । କିନ୍ତୁ ବଣିକ ତୁଚ୍ଛାରେ କିଛି ଗ୍ରହଣ କରେ ନାହିଁ । ସେ ବିନିମୟରେ ଇପ୍ସିତ ପଦାର୍ଥ ଦେଇଥାଏ ।’

‘ତାହା ହିଁ ନିୟମ । ସମସ୍ତେ ଦିଅନ୍ତି, ସମସ୍ତେ ନିଅନ୍ତି । ଏଇ ତ ଜୀବନ । ଯଦି ତୁମର କିଛି ନାହିଁ, ତେବେ ଦେବ କେମିତି ?’

ସିଦ୍ଧାର୍ଥ ଉତ୍ତର ଦେଲେ, ‘ଯାହାର ଯାହା ଅଛି, ସେ ତାହା ହିଁ ଦେଇଥାଏ । ସୈନ୍ୟ ଯୋଗାଏ ଶକ୍ତି, ବଣିକ ଦିଏ ପଣ୍ୟସମ୍ଭାର । ଆଚାର୍ଯ୍ୟ ଶିକ୍ଷା ଦାନ କରନ୍ତି, କୃଷକ ଅନ୍ନ ଦିଏ ଓ କେଉଟ ମାଛ ଦେଇଥାଏ ।’

କାମସ୍ୱାମୀ ପଚାରିଲେ, ‘ତେବେ ତୁମେ କ’ଣ ଦେଇପାରିବ ? ଏମିତି କ’ଣ ଶିଖିଛ ଯାହା ଦାନ କରିବା ସମ୍ଭବ ?

ସିଦ୍ଧାର୍ଥ ଉତ୍ତର ଦେଲା, ‘ମୁଁ ଚିନ୍ତା କରିପାରେ, ଅପେକ୍ଷା କରିପାରେ ଓ ଉପବାସ କରିପାରେ ।’

‘କେବଳ ଏତିକି ?’

‘ହଁ, ମୁଁ ଭାବୁଛି, ଏତିକି ।’

‘ଏଥିରେ କ’ଣ ହେବ । ଧର, ଉପବାସ । ଉପବାସ କେଉଁ କାମରେ ଲାଗିବ ?’

‘ଉପବାସର ମୂଲ୍ୟ ଅନେକ । ଖାଦ୍ୟ ନ ଥିଲେ ସବୁଠାରୁ ବୁଦ୍ଧିମାନର କାର୍ଯ୍ୟ ହେଉଛି ଉପବାସ କରିବା । ଉଦାହରଣ ସ୍ୱରୂପ କହିପାରେ, ଉପବାସ ବିଦ୍ୟା ଜାଣି ନ ଥିଲେ ଆଜି ସିଦ୍ଧାର୍ଥକୁ ଯେ କୌଣସି ଚାକିରୀ କରିବାକୁ ପଡ଼ନ୍ତା । କ୍ଷୁଧାର ଜ୍ୱାଳାରେ ବାଧ୍ୟ ହୋଇ ସେ କେଉଁଠି ହେଲେ ବି ଚାକିରୀ କରିଥାନ୍ତା । କିନ୍ତୁ ମୁଁ ଧୈର୍ଯ୍ୟର ସହ ଅପେକ୍ଷା କରିପାରେ । ମୋର ଧୈର୍ଯ୍ୟଚ୍ୟୁତି ହୋଇନାହିଁ, ମୋର ଅଭାବବୋଧ ନାହିଁ, ମୁଁ କ୍ଷୁଧାକୁ ଦୀର୍ଘକାଳ ଦୂରରେ ଅଟକାଇ ରଖିପାରେ, କ୍ଷୁଧା ସମ୍ମୁଖରେ ଠିଆ ହୋଇ ହସିପାରେ । ସୁତରାଂ ଉପବାସର ମଧ୍ୟ ପ୍ରୟୋଜନ ଅଛି ।’

‘ଠିକ୍ କହିଛ, ଟିକେ ଅପେକ୍ଷା କର ।’ କାମସ୍ୱାମୀ କୋଠରୀ ବାହାରକୁ ଗଲେ । କିଛି ସମୟ ମଧ୍ୟରେ ଫେରି ଆସି ଗୋଟିଏ କାଗଜ ଦେଖାଇ କହିଲେ, ‘ଏଇଟା ପଢ଼ିଲ ।’

ସିଦ୍ଧାର୍ଥ କାଗଜଟି ପଢ଼ି ଦେଖିଲେ ଯେ ତାହା ଗୋଟିଏ ବ୍ୟବସାୟିକ ଚୁକ୍ତିପତ୍ର । ସେ ଚୁକ୍ତିର ବିଷୟ ପଢ଼ି ଶୁଣାଇଲେ ।

'ବାଃ, ଚମତ୍କାର।' କାମସ୍ୱାମୀ ଆଉ ଗୋଟିଏ କାଗଜ ଓ କଲମ ସିଦ୍ଧାର୍ଥ ଆଡ଼କୁ ବଢ଼ାଇ କହିଲେ, 'ମୋତେ ଲେଖି ଦେଖାଅ।'

ସିଦ୍ଧାର୍ଥ କାଗଜରେ ଲେଖି କାମସ୍ୱାମୀକୁ ଦେବାରୁ ସେ କହି ଉଠିଲେ, 'ହାତଲେଖା ଭଲ, ଚିନ୍ତା ଆହୁରି ଭଲ। ଚତୁର ବୁଦ୍ଧି ଭଲ, ଧୈର୍ଯ୍ୟ ତା' ଠାରୁ ଭଲ।' ଏତେ ପ୍ରଶଂସା କଲା ପରେ କାମଦେବ ଶେଷରେ କହିଲେ, 'ପରେ ଅନ୍ୟାନ୍ୟ କଥାବାର୍ତ୍ତା ହେବା। ଆଜି ମୋ ଘରେ ତୁମେ ମୋର ଅତିଥି।'

ସିଦ୍ଧାର୍ଥ ଧନ୍ୟବାଦ ସହ ଆମନ୍ତ୍ରଣ ଗ୍ରହଣ କଲେ। ବଣିକ ଘରେ ଆରମ୍ଭ ହେଲା ନୂତନ ଜୀବନ। ନୂଆ ପୋଷାକ, ପାଦୁକା ଇତ୍ୟାଦି। ପରିଚର୍ଯ୍ୟା ପାଇଁ ଭୃତ୍ୟ ପ୍ରସ୍ତୁତ। ଦିନରେ ଦୁଇଥର ସୁସ୍ୱାଦୁ ଖାଦ୍ୟ ଆସେ, କିନ୍ତୁ ସେ ଥରେ ଖାଏ। ମାଂସ ଓ ସୁରା ସ୍ପର୍ଶ କରେନାହିଁ। କାମସ୍ୱାମୀ ବ୍ୟବସାୟ ବିଷୟରେ ସିଦ୍ଧାର୍ଥ ସହିତ ଆଲୋଚନା କରନ୍ତି। ତାକୁ ଦେଖାଇଛନ୍ତି ପଣ୍ୟ ଭଣ୍ଡାର ଓ ହିସାବ କାଗଜ। ସିଦ୍ଧାର୍ଥ ଅନେକ କିଛି ଶିକ୍ଷା ଲାଭ କରି ନୂଆ ନୂଆ ବିଷୟ ଶୁଣିଛନ୍ତି। କିନ୍ତୁ ନିଜେ କମ କଥା କହନ୍ତି। କମଳାର ଉପଦେଶ ଅନୁସାରେ ସେ କେବେ କାମସ୍ୱାମୀର ପ୍ରଭୁତ୍ୱ ସ୍ୱୀକାର କରିନାହାନ୍ତି। ସମକକ୍ଷ ହିସାବରେ ଦେଖିଛନ୍ତି - ବରଂ କେତେକାଂଶରେ ନିଜଠାରୁ ଛୋଟ ଭାବରେ। ସେ ଜଣେ ଅଧିନସ୍ଥ କର୍ମଚାରୀ - ଏପରି ଚିନ୍ତା କରିବାକୁ କାମସ୍ୱାମୀକୁ ସୁଯୋଗ ଦେଇନାହାନ୍ତି। କାମସ୍ୱାମୀ ଅତ୍ୟନ୍ତ ସତର୍କ ଭାବରେ ବ୍ୟବସାୟ ପରିଚାଳନା କରୁଥିଲା। ବ୍ୟବସାୟ ପ୍ରତି ଥିଲା ତାର ଗଭୀର ଆସକ୍ତି। କିନ୍ତୁ ସିଦ୍ଧାର୍ଥ ପାଇଁ ବ୍ୟବସାୟ ଗୋଟିଏ ଖେଳ। ସେ ଚେଷ୍ଟା କରନ୍ତି ଏହି ଖେଳର ନିୟମକୁ ଅକ୍ତିୟାର କରିବାକୁ। କିନ୍ତୁ ଏହି ଖେଳ ତାଙ୍କ ମନରେ କୌଣସି ଆଲୋଡ଼ନ ସୃଷ୍ଟି କରେ ନାହିଁ।

ଅଳ୍ପଦିନ ମଧ୍ୟରେ ସିଦ୍ଧାର୍ଥ କାମସ୍ୱାମୀର ବ୍ୟବସାୟ ପରିଚାଳନାରେ ପ୍ରଧାନ ଭୂମିକା ଗ୍ରହଣ କରିନେଲେ। କମଳାର ସମୟ ଅନୁସାରେ ସେହି ନିର୍ଦ୍ଦିଷ୍ଟ ସମୟରେ ଚିତ୍ତ ବିନୋଦନ ପାଇଁ ସୁନ୍ଦର ପୋଷାକ ଓ ଯୋତା ପିନ୍ଧି ସିଦ୍ଧାର୍ଥ କମଳା ଘରକୁ ଯାଆନ୍ତି। କ୍ରମେ ରୋଜଗାର ବଢ଼ିବାରୁ କମଳା ପାଇଁ ନିତ୍ୟ ନୂତନ ଉପହାର ନେଇ ପହଞ୍ଚିଲେ। କମଳାର ରକ୍ତିମ, ବିଙ୍କ ଓଷ୍ଠାଧାରରୁ ସେ ବହୁତ କିଛି ଶିଖିଲେ; କମଳାର ମସୃଣ, କମନୀୟ ବାହୁ ତାକୁ ଇଙ୍ଗିତ ଦେଲା ଏକ ନୂତନ ଜଗତର। ସିଦ୍ଧାର୍ଥ ଥିଲେ ଏ ପର୍ଯ୍ୟନ୍ତ ପ୍ରେମ ବିଦ୍ୟାରେ ଅନଭିଜ୍ଞ। ଏକ ଅନ୍ଧ ତୃଷ୍ଣା ସହ ସେ ଡେଇଁ ପଡ଼ିବାକୁ ଚାହିଁଥିଲେ ପ୍ରେମ ସାଗର ମଧ୍ୟକୁ ଏବଂ ତଳଦେଶରେ କ'ଣ ଅଛି ତାହା ଜାଣିବାକୁ। କମଳା ନିକଟରୁ ସେ ଶିକ୍ଷା ଲାଭ କଲେ ଯେ ଆନନ୍ଦ ନ ଦେଲେ ଆନନ୍ଦ ମିଳେ ନାହିଁ। ପ୍ରତ୍ୟେକ ଅଙ୍ଗ ଭଙ୍ଗୀ, ପ୍ରତି ସ୍ପର୍ଶ, ଚାହାଣୀ, ଦେହର ପ୍ରତ୍ୟେକ ଅଂଶ ଆନନ୍ଦର ଗୋପନ ଉତ୍ସ। ଏହି ଉତ୍ସର ରହସ୍ୟ ଜାଣିଥିବା ବ୍ୟକ୍ତି ହିଁ ଚରମ ଆନନ୍ଦ ଲାଭ କରେ। କମଳା ଶିଖାଇ ଦେଇଛି ଯେ

ରତିକ୍ରିୟା ପରେ ପ୍ରେମିକ ପ୍ରେମିକା ବିଚ୍ଛିନ୍ନ ହେବା ଉଚିତ୍ ନୁହେଁ, ବରଂ ପରସ୍ପରକୁ ଆଦର କରିବାକୁ ହୁଏ । କାରଣ ଏପରି ହତାଶା ବା ଧାରଣା ସୃଷ୍ଟି ହେବା ଉଚିତ୍ ନୁହେଁ ଯାହାଦ୍ୱାରା ଜଣେ ଭାବିବ ଯେ ତାକୁ ଅପବ୍ୟବହାର କରାଯାଇଛି । ସିଦ୍ଧାର୍ଥ ତାର ପ୍ରେମିକ, ବନ୍ଧୁ ସେହି ସୁନ୍ଦରୀ ବାରାଙ୍ଗନାର ସାହଚର୍ଯ୍ୟରେ ଅନେକ ସମୟ ବିତାଇଛି । କମଳା ସହ ପ୍ରଣୟ ସୂତ୍ର ହିଁ ହେଉଛି ସିଦ୍ଧାର୍ଥର ବର୍ତ୍ତମାନ ଜୀବନର ଅର୍ଥ - କାମସ୍ୱାମୀର ବ୍ୟବସାୟ ନୁହଁ ।

କାମସ୍ୱାମୀ ଜରୁରୀ କାଗଜପତ୍ର ସିଦ୍ଧାର୍ଥ ନିକଟକୁ ପଠାଇ ଦିଅନ୍ତି ଓ ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ବ୍ୟାପାରରେ ଆଲୋଚନା କରନ୍ତି । କାମସ୍ୱାମୀ ଜାଣିଥିଲେ ଯେ ବ୍ୟବସାୟିକ କାମ, ଡାଲି, ଚାଉଳ, ପଶମ, ଜାହାଜ ଚଳାଚଳ ଇତ୍ୟାଦି ବିଷୟରେ ସିଦ୍ଧାର୍ଥର ଜ୍ଞାନ ବିଶେଷ କିଛି ନୁହେଁ । କିନ୍ତୁ ତା ଚରିତ୍ରରେ ଗୋଟିଏ ଭଲ ଦିଗ ହେଉଛି ସେ ଅନ୍ୟମାନଙ୍କ କଥା ମନ ଧ୍ୟାନ ସହକାରେ ଶୁଣେ ଓ ଅପରିଚିତ ଲୋକଙ୍କ ମନରେ ଭଲ ଧାରଣା ସୃଷ୍ଟି କରିପାରେ । ସେ ଧୈର୍ଯ୍ୟ ଓ ଶାନ୍ତ ସ୍ୱଭାବରେ କାମସ୍ୱାମୀ ଠାରୁ ବେଶ ଆଗରେ । କାମସ୍ୱାମୀ ଜଣେ ବନ୍ଧୁଙ୍କୁ କହୁଥିଲେ, 'ଏହି ବ୍ରାହ୍ମଣ ଜଣେ ପ୍ରକୃତ ବ୍ୟବସାୟୀ ନୁହେଁ ଓ କେବେ ବ୍ୟବସାୟୀ ହୋଇ ପାରିବ ନାହିଁ । ସେ ବ୍ୟବସାୟରେ ମନଯୋଗ କରି ପାରୁନାହିଁ । କିନ୍ତୁ ତାର ଏମିତି କେତେକ ଗୁଣ ଅଛି ଯାହାଦ୍ୱାରା ସେ ସଫଳ ହୋଇ ପାରିବ, ଜନ୍ମଗତ ଭାଗ୍ୟଫଳରେ ହେଉ ବା ଅଲୌକିକ କାରଣରୁ ହେଉ । ସେ ହୁଏତ ସନ୍ନ୍ୟାସୀମାନଙ୍କ ନିକଟରୁ ଏହି ସାଫଲ୍ୟର ମନ୍ତ୍ର ଶିଖିଥାଇପାରେ । ତାକୁ ଦେଖିଲେ ମନେ ହୁଏ ସେ ଯେମିତି ବ୍ୟବସାୟ ସହିତ କଣ୍ଢେଇ ଭଳି ଖେଳୁଛି । ବ୍ୟବସାୟ ତା' ମନରେ କୌଣସି ଗଭୀର ପ୍ରଭାବ ପକାଇ ପାରୁନାହିଁ । ସେ ବ୍ୟବସାୟକୁ ଜୟ କରିପାରୁ ନାହିଁ । ସେ ବ୍ୟର୍ଥ ହେଲେ ମଧ୍ୟ ମନରେ କୌଣସି ଭୟ ନାହିଁ । କ୍ଷତି ହେଲେ ମଧ୍ୟ ତାର କୌଣସି ଚିନ୍ତା ନାହିଁ ।'

ବନ୍ଧୁ ଜଣକ କାମସ୍ୱାମୀକୁ ଉପଦେଶ ଦେଲେ, 'ତୁମ ବ୍ୟବସାୟ ରକ୍ଷଣାବେକ୍ଷଣ କରୁଥିବାରୁ ଲାଭର ଏକ-ତୃତୀୟାଂଶ ସିଦ୍ଧାର୍ଥକୁ ଦିଅ ଏବଂ କ୍ଷତି ହେଲେ ସେହି ଅନୁପାତରେ ସିଦ୍ଧାର୍ଥ ମଧ୍ୟ ଦାୟିତ୍ୱ ଗ୍ରହଣ କରିବ । ଲାଭ କ୍ଷତି ସହିତ ସିଧାସଳଖ ସଂପୃକ୍ତ ହେଲେ ତାର ଉତ୍ସାହ ବଢ଼ିଯିବ ।'

ବନ୍ଧୁଙ୍କ ଉପଦେଶ କାମସ୍ୱାମୀ ଗ୍ରହଣ କଲେ । କିନ୍ତୁ ସିଦ୍ଧାର୍ଥର କୌଣସି ପରିବର୍ତ୍ତନ ହେଲା ନାହିଁ । ଲାଭ ହେଲେ ଖୁସି ହୁଏ, କିନ୍ତୁ ଅତ୍ୟଧିକ ଉଚ୍ଛ୍ୱସିତ ହୁଏନାହିଁ । କ୍ଷତି ହେଲେ କେବଳ ହସିଦେଇ କହେ, 'ଯାଃ, ଏଥର ଭଲ ହେଲା ନାହିଁ ।'

ସତ କହିବାକୁ ଗଲେ ବ୍ୟବସାୟ ପ୍ରତି ତାଙ୍କର ମନ ନ ଥିଲା । ଥରେ ସେ ଗୋଟିଏ ଗାଁକୁ ଚାଉଳ କିଣିବାକୁ ଯାଇଥିଲେ । କିନ୍ତୁ ସିଦ୍ଧାର୍ଥ ସେଠାରେ ପହଞ୍ଚିବା ପୂର୍ବରୁ

ଅନ୍ୟ ଜଣେ ବ୍ୟବସାୟୀ ଆସି ସବୁ ଚାଉଳ କିଣିଦେଇଛି । ତଥାପି ସିଦ୍ଧାର୍ଥ ସେହି ଗାଁରେ କିଛି ଦିନ ରହିଗଲେ । ଗାଁର ଚାଷୀମାନଙ୍କୁ ଡାକି ଭୋଜିରେ ଆପ୍ୟାୟିତ କଲେ । ଛୋଟ ପିଲାମାନଙ୍କୁ ପଇସା ବାଣ୍ଟିଲେ । ଗୋଟିଏ ବାହାଘର ନିମନ୍ତ୍ରଣ ମଧ୍ୟ ଖାଇଲେ । ଶେଷରେ ସେ ଖୁସି ମନରେ ସହରକୁ ଫେରି ଆସିଲେ । କାମସ୍ୱାମୀ ଅବଶ୍ୟ ତିରସ୍କାର କଲେ । ଚାଉଳ ନାହିଁ ଜାଣିଲା ପରେ ମଧ୍ୟ କାହିଁକି ତତ୍‌କ୍ଷଣାତ୍ ଫେରିଆସିଲା ନାହିଁ । ଗାଁରେ ବସି ବସି ସେମାନଙ୍କ ପାଇଁ ଏତେଗୁଡ଼ାଏ ଅର୍ଥ ଓ ସମୟ ଅପଚୟ କାହିଁକି କଲା, ଇତ୍ୟାଦି । ସିଦ୍ଧାର୍ଥ ଉତ୍ତର ଦେଲେ, 'ବନ୍ଧୁ, ଗାଳିମନ୍ଦ କଲେ କୌଣସି ମହତ କାମ ହେବ ନାହିଁ । ଯେଉଁ କ୍ଷତି ହୋଇଛି, ତାର ଦାୟିତ୍ୱ ମୁଁ ନେଉଛି । ଏଥରର ଯାତ୍ରା ମୋର ସଫଳ ହୋଇଛି । କେତେ ଲୋକଙ୍କ ସହିତ ପରିଚୟ ହେଲା, ଜଣେ ବ୍ରାହ୍ମଣଙ୍କ ସାଙ୍ଗରେ ମୋର ଭଲ ବନ୍ଧୁତା ମଧ୍ୟ ହୋଇଛି । ଛୋଟ ପିଲାମାନେ ନିଜର ବୋଲି ଭାବି ମୋ କୋଳରେ ଆସି ବସିଛନ୍ତି । ଚାଷୀମାନେ ବୁଲି ବୁଲି ସେମାନଙ୍କ କ୍ଷେତ ମୋତେ ଦେଖାଇଛନ୍ତି । କେହି ମୋତେ ବଣିକ ଭାବରେ ଦୂରେଇ ଦେଇ ନାହାନ୍ତି ।'

ଟିକେ ବିରକ୍ତ ହୋଇ କାମସ୍ୱାମୀ କହିଲେ, 'ଖୁବ ଭଲ କଥା । କିନ୍ତୁ ତୁମେ ଯେ ଜଣେ ବଣିକ ତାହା ତ ଅସ୍ୱୀକାର କରିପାରିବ ନାହିଁ । ବେପାର ପାଇଁ ତୁମେ ଯାଇଥିଲ ନା ପ୍ରମୋଦ କରିବାକୁ ?

ସିଦ୍ଧାର୍ଥ ହସି ହସି ଉତ୍ତର ଦେଲେ, 'ନିଶ୍ଚୟ ପ୍ରମୋଦ କରିବାକୁ ଯାଇଥିଲି । ନୂଆ ଯାଗା ଦେଖିଲି, କେତେ ନୂଆ ଲୋକଙ୍କ ସାଙ୍ଗରେ ପରିଚୟ ହେଲା, ସେମାନଙ୍କ ବନ୍ଧୁତା ଗ୍ରହଣ କରି ଆନନ୍ଦିତ ହେଲି । ସେମାନେ ମଧ୍ୟ ମୋତେ ଆପଣାର କରିନେଲେ । ମୁଁ ଯଦି କାମସ୍ୱାମୀ ହୋଇ ଚାଉଳ ନ କିଣିବା ଦୁଃଖରେ ଫେରି ଆସିଥାନ୍ତି, ତେବେ ଉଭୟ ସମୟ ଓ ଅର୍ଥ ମୋ ନିକଟରେ ନ ଥାନ୍ତା । କିନ୍ତୁ ଏଇ କେଇ ଦିନ ମୁଁ ଆନନ୍ଦରେ ବିତାଇଛି । କେତେ କ'ଣ ଶିଖିଛି । ବ୍ୟର୍ଥତାର କ୍ଷୋଭ ବା ଅଶୋଭନ ବ୍ୟବହାର ଯୋଗୁଁ ନିଜକୁ ବା ଅନ୍ୟ କାହାକୁ ଦୁଃଖ ଦେଇନାହିଁ । ହୁଏତ ଆସନ୍ତା ବର୍ଷ ଚାଉଳ କିଣିବା ପାଇଁ ବା ଅନ୍ୟ କେଉଁ କାରଣରୁ ସେଠାକୁ ଗଲେ ବନ୍ଧୁମାନେ ମୋତେ ସାଦର ଅଭ୍ୟର୍ଥନା କରିବେ । ସେତେବେଳେ ମୋତେ ଶାନ୍ତି ମିଳିବ ଯେ ପ୍ରଥମଥର ଆସି ମୁଁ ଅସନ୍ତୁଷ୍ଟ ହୋଇ ନ ଥିଲି । ଯାହା ହେଉ, ଆଉ ଅଧିକ ଆଲୋଚନା କରିବା ଉଚିତ ନୁହେଁ । ମୋତେ ତିରସ୍କାର କରି ଆପଣ ଦୁଃଖିତ ହୁଅନ୍ତୁ ନାହିଁ । ଯଦି କେବେ ଆପଣ ଭାବନ୍ତି, ସିଦ୍ଧାର୍ଥ ଆପଣଙ୍କର କ୍ଷତି କରୁଛି, ତେବେ ମନ ଖୋଲି ମୋତେ କହିଦେବେ । ମୁଁ ପୁଣି ମୋ ବାଟରେ ବାହାରି ଯିବି । କିନ୍ତୁ ସେହିଦିନ ଆସିବା ପର୍ଯ୍ୟନ୍ତ ଆପଣଙ୍କ ମୋ ମଧ୍ୟରେ ବନ୍ଧୁତା ପୂର୍ବବତ୍ ରହୁ ।'

କାମସ୍ୱାମୀ କୌଣସିମତେ ବୁଝାଇପାରେ ନାହିଁ ଯେ ସିଦ୍ଧାର୍ଥ ତାରି ଅନ୍ନ ଖାଉଛି ।

ସିଦ୍ଧାର୍ଥଙ୍କର ମତ ସେ ନିଜର ଅନ୍ନ ହିଁ ଖାଉଛନ୍ତି । ଦୁହେଁ ଅପରର ଅନ୍ନ ଖାଉନାହାନ୍ତି ବା ସ୍ୱାର୍ଥହାନି କରୁନାହାନ୍ତି । ପ୍ରତ୍ୟେକେ ନିଜ ନିଜର ଅନ୍ନ ଖାଉଛନ୍ତି । କାମସ୍ୱାମୀର ବିଭିନ୍ନ ପ୍ରକାରର ବ୍ୟବସାୟିକ ଝମେଲା ଥିଲା । କିନ୍ତୁ ସିଦ୍ଧାର୍ଥ କେବେ ନିଜକୁ ସେସବୁ ମଧ୍ୟରେ ଭାଗିଦାରୀ ଭାବନ୍ତି ନାହିଁ । କୌଣସି ଲେଣଦେଣ ବ୍ୟର୍ଥ ହେବାର ଆଶଙ୍କା ଥିଲେ ବା କୌଣସି ବ୍ୟକ୍ତି ଉପଯୁକ୍ତ ସମୟରେ ଋଣ ପରିଶୋଧ ନ କଲେ ଉଚ୍ଚବାଚ୍ୟ ଦ୍ୱାରା ଓ ରାତ୍ରିର ନିଦ୍ରା ବ୍ୟାଘାତ କରିବା ଦ୍ୱାରା ହିଁ ସୁଫଳ ମିଳିବ - ବ୍ୟବସାୟର ଏହି ଆଦି ମୂଳମନ୍ତ୍ର କାମସ୍ୱାମୀ କୌଣସି ପ୍ରକାରେ ସିଦ୍ଧାର୍ଥକୁ ବୁଝାଇ ପାରିଲେ ନାହିଁ । କାମସ୍ୱାମୀ ସ୍ମରଣ କରାଇ ଦେଲେ ଯେ ସିଦ୍ଧାର୍ଥ ସବୁକିଛି କାମସ୍ୱାମୀ ଠାରୁ ହିଁ ଶିଖିଛି । ଏପରି କଥା ଶୁଣି ସିଦ୍ଧାର୍ଥ ଉତ୍ତର ଦେଲେ, 'ଏମିତି ପରିହାସ କରନ୍ତୁ ନାହିଁ, ମୁଁ ଆପଣଙ୍କ ଠାରୁ ଶିଖିଛି । ଗୋଟିଏ ଟୋକେଇ ଭର୍ତ୍ତି ମାଛର ଦାମ କେତେ ବା ଟଙ୍କା ଧାର ଦେଲେ ସୁଧ କେତେ ହେବ, ନୁହେଁ? ଏଇୟା ହିଁ ଆପଣଙ୍କ ବିଦ୍ୟା । କିନ୍ତୁ ବନ୍ଧୁ, କେମିତି ଗଭୀର ଭାବରେ ଚିନ୍ତା କରିବାକୁ ହୁଏ ସେ ବିଦ୍ୟା ମୁଁ ଆପଣଙ୍କ ଠାରୁ ଶିଖିନାହିଁ । ବରଂ ଆପଣ ଏହି ବିଦ୍ୟା ମୋ ଠାରୁ ଶିକ୍ଷା କଲେ ଭଲ ହୁଅନ୍ତା ।

ବ୍ୟବସାୟ ପ୍ରତି ସିଦ୍ଧାର୍ଥର କୌଣସି ଆସକ୍ତି ନ ଥିଲା । କମଳା ପାଇଁ ଟଙ୍କା ଦରକାର, ତେଣୁ ସେ ଏହି ବ୍ୟବସାୟରେ ଅଛନ୍ତି । ପ୍ରୟୋଜନ ଠାରୁ ଅଧିକ ଅର୍ଥ ତାଙ୍କ ହାତରେ । ତା' ଛଡ଼ା ସଂସାରର ବିଚିତ୍ର ମଣିଷମାନଙ୍କୁ ଜାଣିବା ପାଇଁ ପ୍ରବଳ କୌତୁହଳ । ଏତେ ବର୍ଷ ସେ ଦୂରରୁ ଏହି ଲୋକମାନଙ୍କ ଜୀବନ, ଆନନ୍ଦ, ଦୁଃଖ, ଦୋଷତ୍ରୁଟିକୁ ଦେଖୁଥିଲେ, ଯଦିଓ ସମସ୍ତଙ୍କ ସହିତ ସେ ସହଜରେ ମିଶିପାରୁଥିଲେ ଓ କଥାବାର୍ତ୍ତା କରିପାରୁଥିଲେ, ସେମାନଙ୍କ ଠାରୁ ନିତ୍ୟନୂତନ କାହାଣୀ ଶୁଣିପାରୁଥିଲେ, ତଥାପି କେଉଁଠି ଯେମିତି ଏକ ପ୍ରକାର ଦୂରତ୍ୱ ରହିଯାଉଥିଲା । ସିଦ୍ଧାର୍ଥ ବୁଝିପାରିଲେ ଯେ ଏହାର କାରଣ ହେଉଛି ସନ୍ନ୍ୟାସୀ ଜୀବନର ଅଭିଜ୍ଞତା । ଆଜି ସେ ଦେଖୁଛନ୍ତି ଜଣେ ଲୋକ କେତେବେଳେ ଶିଶୁ ଭଳି ତ କେତେବେଳେ ପଶୁ ଭଳି ଆଚରଣ କରୁଛି । ସିଦ୍ଧାର୍ଥ ଏହି ଲୋକମାନଙ୍କୁ ଭଲ ପାଆନ୍ତି ଓ ଘୃଣା ମଧ୍ୟ କରନ୍ତି । ଚାରିପଟର ଲୋକମାନେ କଠୋର ପରିଶ୍ରମ କରୁଛନ୍ତି; ଅର୍ଥ, ସାମାନ୍ୟ ସୁଖ ଓ ତୁଚ୍ଛ ସମ୍ମାନ ପାଇଁ କେତେ ଦୁଃଖ କଷ୍ଟ ସହ୍ୟ କରୁଛନ୍ତି । ବାର୍ଦ୍ଧକ୍ୟରେ ନଇଁ ପଡୁଛନ୍ତି । କିନ୍ତୁ ଏସବୁ ସିଦ୍ଧାର୍ଥଙ୍କ ଆଖିରେ ମୂଲ୍ୟହୀନ । ସଂସାରୀ ଲୋକମାନେ ଯେପରି ବେଦନାରେ ବିଳାପ କରୁଛନ୍ତି, ସନ୍ନ୍ୟାସୀମାନେ ତାହା ତାଚ୍ଛଲ୍ୟରେ ଉଡ଼ାଇ ଦିଅନ୍ତି । ସିଦ୍ଧାର୍ଥ ଜାଣିପାରିଥିଲେ ଯେ ସେମାନେ ପାପଫଳ ଯୋଗୁଁ ହିଁ ଦୁଃଖ ଭୋଗ କରୁଛନ୍ତି । କିନ୍ତୁ ଏହା ସନ୍ନ୍ୟାସୀମାନଙ୍କୁ ସ୍ପର୍ଶ କରିପାରେ ନାହିଁ ।

ସିଦ୍ଧାର୍ଥର ଦ୍ୱାର ସମସ୍ତଙ୍କ ପାଇଁ ଖୋଲା । ଯେଉଁ ବ୍ୟବସାୟୀ ଲୁଗା ବେପାର କରିବା ପାଇଁ ଆସେ ବା ଯେଉଁ ଅଭାବୀ ବ୍ୟକ୍ତି ଋଣ ନେବା ପାଇଁ ଆସେ, ସମସ୍ତଙ୍କୁ ସେ

ସମାନ ଭାବରେ ଅଭ୍ୟର୍ଥନା କରନ୍ତି । ଏପରିକି କେଉଁ ଭିକ୍ଷୁକକୁ ମଧ୍ୟ ଡ଼ାକି ତା କାହାଣୀ ମନଯୋଗ ଦେଇ ଶୁଣନ୍ତି । ଯେଉଁ ବାରିକ ଦାଢ଼ି କାଟେ, ଯେଉଁ କଦଳୀବାଲାକୁ ଜାଣିଶୁଣି ଦୁଇ ପଇସା ଠକେଇବା ପାଇଁ ସୁଯୋଗ ମିଳେ ଓ ଯେଉଁ ବିଦେଶୀ ଧନୀ ବ୍ୟବସାୟୀ ତାଙ୍କ ଆତିଥ୍ୟ ଗ୍ରହଣ କରେ - ସମସ୍ତଙ୍କୁ ସିଦ୍ଧାର୍ଥ ସମାଦର କରନ୍ତି । କାମସ୍ୱାମୀ ଯେତେବେଳେ ନିଜ ଦୁଃଖ କଥା କହନ୍ତି ବା ବ୍ୟବସାୟ ସମ୍ପର୍କିତ କାର୍ଯ୍ୟର ବିରୂପ ସମାଲୋଚନା କରନ୍ତି, ସେସବୁ ମଧ୍ୟ ସିଦ୍ଧାର୍ଥ ମନ ଦେଇ ଶୁଣନ୍ତି । କାମସ୍ୱାମୀର କଥା ଶୁଣି ସେ ଆଶ୍ଚର୍ଯ୍ୟ ହୁଅନ୍ତି, ତାକୁ ବୁଝିବାକୁ ଚେଷ୍ଟା କରନ୍ତି । ଯେଉଁଠି ପ୍ରୟୋଜନ ସେତିକି ସ୍ୱୀକାର କରି ପୁଣି କଥାବାର୍ତ୍ତା ଆରମ୍ଭ କରନ୍ତି ଆଉ କାହା ସହିତ । ତାଙ୍କ ନିକଟକୁ ବିଭିନ୍ନ ପ୍ରକାରର ଲୋକ ଆସନ୍ତି - କେହି ବ୍ୟବସାୟ ପାଇଁ, କେହି ବା ପ୍ରତାରଣା କରିବା ପାଇଁ, କେହି ଗପିବା ପାଇଁ, କେହି ସହାନୁଭୂତି ଲାଭ କରିବା ପାଇଁ , ଆଉ କେହି ବା ଉପଦେଶ ନେବା ପାଇଁ । ସିଦ୍ଧାର୍ଥ କାହାକୁ ଉପଦେଶ ଦିଅନ୍ତି, କାହାରି ଦୁଃଖରେ ସହାନୁଭୂତି ଜଣାନ୍ତି, କାହାକୁ ହୁଏତ ଉପହାର ଦିଅନ୍ତି ଓ ଆଉ କାହାକୁ ସୁଯୋଗ ଦିଅନ୍ତି ଠକାଇବା ପାଇଁ । ଦିନ ଥିଲା ଯେତେବେଳେ ଦେବତା ଓ ବ୍ରହ୍ମ ତାଙ୍କ ମନକୁ ଆଚ୍ଛନ୍ନ କରି ରଖିଥିଲେ । ଆଜି କିନ୍ତୁ ସେ ସଂସାରର ଏହି ବିଚିତ୍ର ମଣିଷମାନଙ୍କ କାରବାରରେ ମତ୍ତ ରହିଥାନ୍ତି । ସେମାନଙ୍କ ଖେଳ ମଜା ଲାଗେ ଓ ନୂଆ ନୂଆ ଲାଗେ ।

ଅନେକ ସମୟରେ ସିଦ୍ଧାର୍ଥ ନିଜ ହୃଦୟର କେଉଁ ଅଜଣା କୋଣରୁ ଗୋଟିଏ ଧୀର କୋମଳ ସ୍ୱର ଶୁଣିପାରନ୍ତି; କ'ଣ ଗୋଟାଏ ତାଙ୍କୁ ସ୍ମରଣ କରାଇ ଦେଉଛି, କାହା ବିରୁଦ୍ଧରେ ଯେମିତି ଅଭିଯୋଗ କରୁଛି । କିନ୍ତୁ ସ୍ୱରଟି ଏତେ ଧୀର ଯେ ସଠିକ ଜାଣିହୁଏ ନାହିଁ । ହଠାତ୍ ଦିନେ ସେ ସ୍ପଷ୍ଟ ଭାବରେ ଉପଲବ୍ଧ କଲେ ଯେ ସେ ଯେଉଁ ଜୀବନ ଯାପନ କରୁଛି ତାହା ସମ୍ପୂର୍ଣ୍ଣ ଅଚିହ୍ନା, ଅଜଣା । କେବଳ ମଜା କରିବା ପାଇଁ ସେ କେତେ ପ୍ରକାରର ଖେଳ ଖେଳୁଛନ୍ତି । ପ୍ରକୃତ ଜୀବନର ଧାରା କିନ୍ତୁ ବହୁ ଦୂରରେ ବହିଯାଉଛି, ତା ହାତ ପାହାନ୍ତାରୁ ଦୂରରେ । ଖେଳାଳୀ ଯେମିତି ପଡ଼ିଆରେ ପେଣ୍ଡୁ ପଛରେ ଦୌଡୁଥାଏ, ସେ ସେହିପରି ଚାରିପଟର ଲୋକମାନଙ୍କୁ ନେଇ ଖେଳି ବୁଲୁଛନ୍ତି । ସେ ସବୁ ପର୍ଯ୍ୟବେକ୍ଷଣ କରି ଆମୋଦିତ ହେଉଛନ୍ତି, କିନ୍ତୁ କେଉଁଠି ମନ ଲାଗୁନାହିଁ । ପ୍ରକୃତ ସତ୍ତା ହିଁ ଏଠାରେ ନାହିଁ । ତାଙ୍କର ଆତ୍ମା ଅନ୍ୟ କେଉଁଠି ଘୁରି ବୁଲୁଛି । ଅଦୃଶ୍ୟ ହୋଇ କେବଳ ଘୂରି ବୁଲୁଛି । ବର୍ତ୍ତମାନର ଜୀବନ ସହିତ କୌଣସି ସମ୍ପର୍କ ନାହିଁ । ଏହି ଚିନ୍ତା ତାଙ୍କ ମନକୁ ଭୀତତ୍ରସ୍ତ କରାଏ । କେତେ ଭଲ ହୁଅନ୍ତା ଯଦି ସେ ଶିଶୁ ଭଳି ଏ ଜୀବନ ଖେଳରେ ମତ୍ତ ହୋଇଯାନ୍ତେ ଓ ଦୈନନ୍ଦିନ ସାଂସାରିକ ଜୀବନରେ ଆନନ୍ଦ ଲାଭ କରନ୍ତେ, କେବଳ ଦର୍ଶକ ନ ହୋଇ ଜୀବନକୁ ପ୍ରକୃତରେ ଉପଭୋଗ କରନ୍ତେ ।

ସିଦ୍ଧାର୍ଥ ନିୟମିତ କମଳା ଘରକୁ ଯାଆନ୍ତି । କମଳା ଠାରୁ ଗ୍ରହଣ କରନ୍ତି ପ୍ରେମର

ବିଭିନ୍ନ କଳା, ଯେଉଁ ପ୍ରେମରେ ଦାନ ଓ ପ୍ରତିଦାନ ମିଶି ଏକ ହୋଇଯାଏ । ସିଦ୍ଧାର୍ଥ ଗପ ଶୁଣନ୍ତି, ନୂଆ କଥା ଶୁଣିବାକୁ ଭଲ ଲାଗେ, କମଳାକୁ ଉପଦେଶ ଦିଅନ୍ତି ଓ କମଳାର ଉପଦେଶ ମଧ୍ୟ ଗ୍ରହଣ କରନ୍ତି । ଦିନେ ଗୋବିନ୍ଦ ତାକୁ ଯେମିତି ବୁଝିପାରୁଥିଲା, କମଳା ତା' ଠାରୁ ଅଧିକ ବୁଝିପାରେ । କମଳା ଅନେକାଂଶରେ ତାଙ୍କରି ଭଳି ।

ଦିନେ ସିଦ୍ଧାର୍ଥ କହିଲେ, 'କମଳା, ମୁଁ ତୁମ ଭିତରେ ନିଜକୁ ଦେଖିପାରେ । ତୁମେ ଆଉ କାହା ଭଳି ନୁହଁ । ତୁମେ କେବଳ କମଳା, ତୁମେ ଅନନ୍ୟା । ତୁମ ମନର ଗୋଟିଏ କୋଣରେ ଅଛି ଏମିତି ମନ୍ଦିର ଯେଉଁଠିକୁ ତୁମେ ଏକା ରହିବାକୁ ଚାହିଁଲେ ପ୍ରବେଶ କର, ଠିକ୍ ମୋ ଭଳି । ବହୁତ କମ ଲୋକଙ୍କର ଏହି କ୍ଷମତା ଅଛି, ଯଦିଓ ଚାହିଁଲେ ସମସ୍ତେ ଲାଭ କରିପାରିବେ ।'

କମଳା କହିଲା 'ସମସ୍ତଙ୍କର ବୁଦ୍ଧି ତ ସମାନ ନୁହେଁ ।'

'ବୁଦ୍ଧି ସହିତ ଏହାର କୌଣସି ସମ୍ପର୍କ ନାହିଁ । ବୁଦ୍ଧିରେ କାମସ୍ୱାମୀ ମୋର ସମକକ୍ଷ, କିନ୍ତୁ ତା' ମନର କୋଣରେ ମନ୍ଦିର ନାହିଁ । ଆହୁରି କେତେ ଲୋକ ଅଛନ୍ତି ଯେଉଁମାନେ ବୁଦ୍ଧିରେ ଶିଶୁମାନଙ୍କ ପରି ସରଳ । ସମାଜର ଅଧିକାଂଶ ଲୋକ ଶୁଖିଲା ପତ୍ର ଭଳି ପବନରେ କିଛି ସମୟ ଭାସି ବୁଲନ୍ତି, ତାପରେ ମୁହଁ ମାଡ଼ି ତଳେ ପଡ଼ିଯାନ୍ତି । ବହୁତ କମ ଲୋକ ଅଛନ୍ତି ଯେଉଁମାନେ ନକ୍ଷତ୍ର ଭଳି ନିର୍ଦ୍ଦିଷ୍ଟ କକ୍ଷପଥରେ ଚାଲୁଥାନ୍ତି; ପୃଥିବୀର ବତାସ ସେଠାରେ ପହଞ୍ଚେ ନାହିଁ । ସେମାନଙ୍କ ପଥ ଓ ପଥପ୍ରଦର୍ଶକ ଉଭୟ ସେମାନଙ୍କ ଅନ୍ତରରେ । ମୁଁ ବହୁ ଜ୍ଞାନୀଜନଙ୍କୁ ଭେଟିଛି, ସେମାନଙ୍କ ମଧ୍ୟରେ ଜଣେ ହିଁ ସର୍ବୋତ୍ତମ । ମୁଁ କେବେବି ତାଙ୍କୁ ଭୁଲିବି ନାହିଁ । ସେ ହେଉଛନ୍ତି ମହାଭିକ୍ଷୁ ଗୌତମ । ସେ ବିଭିନ୍ନ ସ୍ଥାନ ବୁଲି ବୁଲି ତାଙ୍କ ବାଣୀ ପ୍ରଚାର କରନ୍ତି । ହଜାର ହଜାର ତରୁଣ ତାଙ୍କ ଉପଦେଶ ଶୁଣନ୍ତି ଓ ପାଳନ କରନ୍ତି । କିନ୍ତୁ ସେମାନେ ସେହି ଶୁଖିଲା ପତ୍ର; ପଥ ଚାଲିବାର ଜ୍ଞାନ ଓ ନିର୍ଦ୍ଦେଶ ସେମାନଙ୍କ ଅନ୍ତର ଭିତରେ ନାହିଁ ।'

କମଳା ଆଖିରେ ଆଖି ମିଶାଇ ହସି ହସି ସିଦ୍ଧାର୍ଥକୁ କହିଲା, 'ତୁମେ ପୁଣି ସେମାନଙ୍କ କଥା କହୁଛ । ସନ୍ନ୍ୟାସୀ ଜୀବନ ଚିନ୍ତା ତୁମ ମୁଣ୍ଡରେ ପଶିଲାଣି ।'

ସିଦ୍ଧାର୍ଥ ଉତ୍ତର ଦେଲେ ନାହିଁ । ଆରମ୍ଭ ହେଲା ଦୁହିଁଙ୍କର ପ୍ରେମ କ୍ରୀଡ଼ା । କମଳା ଯେଉଁ ତିରିଶି - ଚାଳିଶିଟି କ୍ରୀଡ଼ା ଶିଖିଥିଲା ତନ୍ମଧ୍ୟରୁ ଗୋଟିଏ । ଶିକାରୀର ଧନୁ ଭଳି, ଚିତାବାଘ ଭଳି କମଳାର ନମନୀୟ ଦେହ । ଯେଉଁମାନେ କମଳା ପାଖକୁ ଆସନ୍ତି, ସେମାନେ ପ୍ରେମ ସମ୍ପର୍କରେ ଜାଣିବାକୁ ଆସନ୍ତି । ସେମାନଙ୍କର ରତିକ୍ରୀଡ଼ା ବହୁକ୍ଷଣ ଧରି ଚାଲିଲା । କମଳା ବାଧା ଦେଉଥାଏ, ଅଭିଭୂତ କରୁଥାଏ ଓ ଶେଷରେ ଜୟ ଲାଭ କଲା । ସେହି ବିଜୟର ଆନନ୍ଦରେ ଉଲ୍ଲସିତ ହୋଇ ପରାଜିତ, ଅବସନ୍ନ ସିଦ୍ଧାର୍ଥ ଅଳସ ଭଙ୍ଗୀରେ ଶୋଇ ରହିଲେ ।

ସିଦ୍ଧାର୍ଥ ମୁହଁକୁ ଅନେକ ସମୟ ଚାହିଁ ରହି କମଳା ଶେଷରେ କହିଲା, 'ତୁମେ ମୋର ଶ୍ରେଷ୍ଠ ପ୍ରେମିକ । ତୁମଭଳି ଆଉ କାହାକୁ ଦେଖିନାହିଁ । ତୁମେ ସମସ୍ତଙ୍କ ଅପେକ୍ଷା ବୀର୍ଯ୍ୟବାନ । ତୁମର ଦେହ ଓ ମନ ଉଭୟ ନମନୀୟ । ତୁମେ ମୋ ବିଦ୍ୟା ଭଲ ଭାବରେ ଶିଖିପାରିଛ । ମୋର ବୟସ ବଢ଼ିଲେ ତୁମ ପୁତ୍ରର ମୁଁ ଯେମିତି ମା' ହୋଇପାରେ । କିନ୍ତୁ, ପ୍ରିୟତମ, ତୁମେ ସେହି ପୂର୍ବର ସନ୍ନ୍ୟାସୀ ଭିକ୍ଷୁ ହୋଇ ରହିଯାଇଛ । ତୁମେ ପ୍ରକୃତରେ ମୋତେ ଭଲପାଅ ନାହିଁ - କାହାକୁ ବି ନୁହଁ । ଏଇଟା କ'ଣ ସତ ନୁହଁ ?'

ସିଦ୍ଧାର୍ଥ ଉତ୍ତର ଦେଲେ, 'ହୁଏତ ସତ । ମୁଁ ତ ତୁମରି ଭଳି । ତୁମେ ମଧ୍ୟ କାହାକୁ ଭଲପାଅନାହିଁ । ଯଦି ଭଲ ପାଉଥାନ୍ତ ତେବେ କ'ଣ ପ୍ରେମକୁ ଗୋଟିଏ କଳା ଭାବରେ ଅଭ୍ୟାସ କରିବା ସମ୍ଭବ ହୋଇଥାନ୍ତା ? ବୋଧହୁଏ ଆମ ଭଳି ମନୁଷ୍ୟ କାହାକୁ ଭଲ ପାଇପାରନ୍ତି ନାହିଁ । ସାଧାରଣ ମଣିଷମାନେ ପାରନ୍ତି, ସେଇଟା ସେମାନଙ୍କର ଗୁପ୍ତ ମନ୍ତ୍ର ।'

ସଂସାର

ସଂସାରୀ ନ ହୋଇ ମଧ୍ୟ ସିଦ୍ଧାର୍ଥ ବହୁଦିନ ସଂସାରରେ ବାସ କଲେଣି । କଠୋର ସନ୍ନ୍ୟାସ ଜୀବନରେ ନିରବଚ୍ଛିନ୍ନ ସାଧନା ଫଳରେ ସେ ଯେଉଁ ଇନ୍ଦ୍ରିୟଗୁଡ଼ିକ ସମ୍ପୂର୍ଣ୍ଣ ଦମନ କରିଥିଲ, ସେମାନେ ପୁଣି ଜାଗ୍ରତ ହେଲେଣି । ଅର୍ଥ, ପ୍ରେମ ଓ କ୍ଷମତା ଯାହା ସବୁ ଏ ଜୀବନରେ କାମ୍ୟ ସେ ସବୁକିଛି ଉପଭୋଗ କରିଛନ୍ତି । ତଥାପି ଅନ୍ତର ଭିତରେ ସେ ସନ୍ନ୍ୟାସୀ । ବୁଦ୍ଧିମତୀ କମଳା ତାର ଏହି ସନ୍ନ୍ୟାସୀ ରୂପକୁ ଦେଖିପାରିଛି । ଚିନ୍ତା, ପ୍ରତୀକ୍ଷା ଓ ଉପବାସ - ଏହି ତିନୋଟି ନିୟମରେ ସିଦ୍ଧାର୍ଥଙ୍କ ଜୀବନ ପରିଚାଳିତ ହୁଏ । ଚାରିପଟର ସାଧାରଣ ଲୋକେ ଏବେ ମଧ୍ୟ ସିଦ୍ଧାର୍ଥ ସହିତ ଅପରିଚିତ । ସେମାନଙ୍କ ଜୀବନକୁ ସେ ଯେମିତି ଭଲ ଭାବରେ ବୁଝିପାରିନାହାନ୍ତି । ତେଣୁ ସେମାନଙ୍କ ପାଇଁ ମଧ୍ୟ ତାଙ୍କ ଜୀବନ ଦୁର୍ଭେଦ୍ୟ ।

କିଛି ବର୍ଷ ବିତିଗଲା । ସ୍ୱଚ୍ଛନ୍ଦ ଜୀବନ ସୁଖରେ ବୁଡ଼ି ରହି ସିଦ୍ଧାର୍ଥ ଜାଣିପାରିଲେ ନାହିଁ କାଳପ୍ରବାହର ଗତି । ବର୍ତ୍ତମାନ ସେ ବେଶ ଧନୀ, ନିଜସ୍ୱ ଘର ଅଛି, ଅନୁଚରମାନେ ଅପେକ୍ଷା କରନ୍ତି ତାଙ୍କ ଆଦେଶକୁ । ନଗର ବାହାରେ ନଦୀକୂଳରେ ଗୋଟିଏ ମନୋରମ ଉଦ୍ୟାନ । ଲୋକେ ତାଙ୍କୁ ପସନ୍ଦ କରନ୍ତି । ଅର୍ଥ ବା ଉପଦେଶ ପ୍ରୟୋଜନ ହେଲେ

ସେମାନେ ସିଦ୍ଧାର୍ଥଙ୍କ ପାଖକୁ ଆସନ୍ତି । କିନ୍ତୁ କେବଳ କମଳା ବ୍ୟତୀତ ଆଉ କେହି ତାର ଅନ୍ତରଙ୍ଗ ନୁହନ୍ତି ।

ପ୍ରଥମ ଯୌବନରେ ଗୌତମଙ୍କ ଧର୍ମୋପଦେଶ ଓ ଗୋବିନ୍ଦର ବିଚ୍ଛେଦ ବେଦନା ସିଦ୍ଧାର୍ଥଙ୍କ ମନରେ ଯେଉଁ ଜାଗରଣ ଆଣିଥିଲା, ସେହି ସଦାଜାଗ୍ରତ ଆକାଙ୍କ୍ଷା, ଗୁରୁ ଓ ସେମାନଙ୍କ ପନ୍ଥା ତ୍ୟାଗ କରି ନିଜ ଗୋଡ଼ରେ ଠିଆ ହେବାର ସେହି ପର୍ବ, ନିଜ ଅନ୍ତରରେ ପରମ ବ୍ରହ୍ମଙ୍କ ପ୍ରକାଶ ପାଇଁ ଏକାନ୍ତ ଆଗ୍ରହ - ସେସବୁ ବର୍ତ୍ତମାନ କେବଳ ସ୍ମୃତି ପାଲଟି ଯାଇଛି ବା ପ୍ରାୟ ଲିଭିଯାଇଛି । ଈଶ୍ୱର ପ୍ରେରଣାର ଯେଉଁ ଉହ୍ୟ ସେ ପୂର୍ବରୁ ଅନୁଭବ କରୁଥିଲେ, ଯେଉଁ ପ୍ରେରଣାର ସଙ୍ଗୀତ ତାଙ୍କ ଅନ୍ତରକୁ ମୁଖରିତ କରୁଥିଲା, ଆଜି ସେ ସଙ୍ଗୀତର ଅସ୍ପଷ୍ଟ ମୂର୍ଚ୍ଛନା ବହୁ ଦୂରରୁ ଶୁଭେ । ସିଦ୍ଧାର୍ଥ ଅନେକ ବିଷୟ ଗୌତମ, ସନ୍ନ୍ୟାସୀ, ବ୍ରାହ୍ମଣ ଓ ନିଜ ପିତାଙ୍କ ଠାରୁ ଶିକ୍ଷା କରିଥିଲେ, ଯଥା ସଂଯମର ଉପକାରିତା, ଧ୍ୟାନର ଆନନ୍ଦ ଏବଂ ଅହଂ ଓ ଅବିନଶ୍ୱର ଆତ୍ମାର ଗୂଢ଼ତତ୍ତ୍ୱ । ଏହି ଶିକ୍ଷା ମଧ୍ୟରୁ କେତେକ ଏବେ ମଧ୍ୟ ଅଛି ତାଙ୍କ ମନରେ, କିନ୍ତୁ ଅଧିକାଂଶ ଶିକ୍ଷା ହଜିଯାଇଛି ସଂସାରର ତୁଚ୍ଛ ଦୈନନ୍ଦିନ ବ୍ୟାପାରରେ । କୁମ୍ଭାରର ଚକକୁ ଥରେ ବୁଲାଇଲେ ତାହା ପ୍ରଥମେ ପ୍ରଚଣ୍ଡ ବେଗରେ ଘୂରି ଘୂରି ଧୀରେ ଧୀରେ ଶିଥିଳ ହୋଇ ଶେଷରେ ବନ୍ଦ ହୋଇଯାଏ, ସେହିପରି ସନ୍ନ୍ୟାସୀ, ଚିନ୍ତା ଓ ବିଚାରର ଚକ ଏବେ ସିଦ୍ଧାର୍ଥ ମନରେ ଘୂରି ବୁଲୁଛି ଅତ୍ୟନ୍ତ ଶିଥିଳ ଗତିରେ ଏବଂ ଖୁବ ଶୀଘ୍ର ସମ୍ପୂର୍ଣ୍ଣ ସ୍ଥିର ହୋଇଯିବ । ମୃତପ୍ରାୟ ଗଛର ଗଣ୍ଡି ଭିତରେ ଜଳୀୟ ବତାସ ପଶି ଯେପରି ସମଗ୍ର ଶାଖା ପ୍ରଶାଖାକୁ ଆକ୍ରମଣ କରେ ଓ ଶକ୍ତ କାଠଟି ପଚିବାକୁ ଆରମ୍ଭ କରେ, ଠିକ୍ ସେହିପରି କୌଣସି ଏକ ଅଲକ୍ଷ୍ୟ ଛିଦ୍ରପଥରେ ସଂସାର ଓ ଜଡ଼ତ୍ୱ ପ୍ରବେଶ କରିଛି ସିଦ୍ଧାର୍ଥଙ୍କ ଅନ୍ତର ମଧ୍ୟରେ । ଧୀରେ ଧୀରେ ତାଙ୍କ ଆତ୍ମା ଶାନ୍ତ ହୋଇ ଶୋଇବାର ପ୍ରସ୍ତୁତି କରୁଛି । କିନ୍ତୁ ସିଦ୍ଧାର୍ଥଙ୍କ ଇନ୍ଦ୍ରିୟାନୁଭୂତି ଅଧିକ ପ୍ରଖର ହୋଇ ଉଠିଛି ।

ସିଦ୍ଧାର୍ଥ ବ୍ୟବସାୟରେ ପାରଙ୍ଗମ ହୋଇଛନ୍ତି, କଥାବାର୍ତ୍ତାରେ ଅନ୍ୟମାନଙ୍କୁ ପ୍ରଭାବିତ କରିପାରି ନାରୀସଙ୍ଗରୁ ମଧ୍ୟ ଆନନ୍ଦ ଲାଭ କରୁଛନ୍ତି । ସେ ସୁଗନ୍ଧିତ ଜଳରେ ସ୍ନାନ କରନ୍ତି, ମୂଲ୍ୟବାନ ପୋଷାକ ପରିଧାନ କରନ୍ତି ଓ ଭୃତ୍ୟମାନଙ୍କୁ ଆଦେଶ ଦିଅନ୍ତି । ମାଛ, ମାଂସ ଓ ନାନାବିଧ ସୁସ୍ୱାଦୁ ଖାଦ୍ୟ ମନ ଭରି ଖାଆନ୍ତି । ସେ ସୁରା ପାନ କରନ୍ତି, ଯେଉଁ ସୁରା ମଧୁର ଅବସାଦ ଆଣିଦିଏ ଓ ମନ ଉପରେ ବିସ୍ମରଣର ପ୍ରଲେପ ବୋଳିଦିଏ । ସେ ପଶାଖେଳ ଶିଖିଛନ୍ତି, ପାଲିଙ୍କିରେ ବସି ନାଚ ଆସରକୁ ଯାଆନ୍ତି ଓ ରାତ୍ରି କାଳରେ କୋମଳ ଶଯ୍ୟାରେ ଶୋଇପଡନ୍ତି । ତଥାପି ସିଦ୍ଧାର୍ଥ ନିଜକୁ ସଂସାରର ସାଧାରଣ ମଣିଷଙ୍କ ଠାରୁ ପୃଥକ ବୋଲି ଭାବନ୍ତି, ତାଙ୍କର ମନେ ହୁଏ ଯେ ସେମାନଙ୍କ ଅପେକ୍ଷା ତାଙ୍କ ସ୍ଥାନ ଊର୍ଦ୍ଧ୍ୱରେ । ସେ ସେମାନଙ୍କୁ କେତେକାଂଶରେ ଅବଜ୍ଞା କରନ୍ତି, ଯେମିତି ସନ୍ନ୍ୟାସୀମାନେ

ସଂସାରୀ ବ୍ୟକ୍ତିମାନଙ୍କୁ ଦେଖନ୍ତି । ଯେତେବେଳେ କୌଣସି କାରଣରୁ କାମସ୍ୱାମୀର ଧୈର୍ଯ୍ୟଚ୍ୟୁତି ଘଟେ ଅଥବା ବ୍ୟବସାୟ ସମ୍ପର୍କିତ ବ୍ୟାପାରରେ ବିଚଳିତ ହୋଇପଡ଼େ ବା ଅପମାନିତ ବୋଧ କରେ, ସେତେବେଳେ ସିଦ୍ଧାର୍ଥକୁ ବେଶ ମଜା ଲାଗେ । କିନ୍ତୁ କାଳକ୍ରମେ ସିଦ୍ଧାର୍ଥଙ୍କ ସେହି ବିଦ୍ରୂପ ମନୋଭାବ ଧୀରେ ଧୀରେ ହ୍ରାସ ପାଇବାକୁ ଲାଗିଲା । ସମ୍ପତ୍ତି ବଢ଼ିବା ସାଙ୍ଗକୁ ସାଧାରଣ ସଂସାରୀ ବ୍ୟକ୍ତିମାନଙ୍କର ଗୁଣାବଳୀ ତାଙ୍କ ମଧ୍ୟରେ ଜନ୍ମନେଲା । କେତେକ ବ୍ୟାପାରରେ ତାଙ୍କ ବ୍ୟବହାରରେ ପିଲାଳିଆମୀ ଦେଖା ଦେଲା । ତୁଚ୍ଛ ଘଟଣାରେ ସେ ବ୍ୟସ୍ତ ହେଲେ । ତଥାପି ସିଦ୍ଧାର୍ଥ ସେହି ସାଧାରଣ ମଣିଷମାନଙ୍କୁ ଈର୍ଷା କରନ୍ତି । ସେମାନେ ଯେତେ ନିକଟକୁ ଆସନ୍ତି, ସିଦ୍ଧାର୍ଥଙ୍କ ଈର୍ଷା ସେହି ପରିମାଣରେ ବୃଦ୍ଧି ପାଏ । ସେମାନଙ୍କର ଯାହା ଅଛି, ସିଦ୍ଧାର୍ଥଙ୍କର ତାହା ନାହିଁ । ତାହା ହିଁ ହେଉଛି ଈର୍ଷାର କାରଣ । ସେମାନଙ୍କ ପାଇଁ ଜୀବନ ଯେତେ ଗୁରୁତ୍ୱପୂର୍ଣ୍ଣ, ସେମାନଙ୍କ ଆନନ୍ଦ ଓ ବେଦନାରେ ଯେତେ ଗଭୀରତା ଅଛି, ସେମାନଙ୍କ ପ୍ରେମରେ ଯେତେ ଉତ୍କଣ୍ଠା ଅଛି, ତାହା ସିଦ୍ଧାର୍ଥଙ୍କ ନିକଟରେ ନାହିଁ । ସଂସାରୀ ଲୋକେ ନିଜ ସନ୍ତାନ ସନ୍ତତିମାନଙ୍କୁ ଭଲପାଆନ୍ତି ଓ ସେହି ଭଲ ପାଇବା ମଧ୍ୟରେ ବୁଡ଼ି ରହନ୍ତି; ଅର୍ଥ ଓ ସମ୍ମାନର ମୋହ ସେମାନଙ୍କୁ ମୁଗ୍ଧ କରେ ଓ ଏକ ରଙ୍ଗୀନ ଆଶା ସେମାନଙ୍କୁ ସର୍ବଦା ମୋହଚ୍ଛନ୍ନ କରିଥାଏ । ବିଡ଼ମ୍ବନା, ସିଦ୍ଧାର୍ଥ ସେମାନଙ୍କ ନିକଟରୁ ଏହି ଶିଶୁସୁଲଭ ଆନନ୍ଦ ଓ ଭୁଲଭ୍ରାନ୍ତିର ରହସ୍ୟ ଶିଖିପାରି ନାହାନ୍ତି । ଏମିତି କିଛି ଗୁଣ ସେ ଶିଖିଛନ୍ତି ଯାହା ସେ ଘୃଣା କରନ୍ତି । କେତେ ରାତି ଫୁର୍ତ୍ତିରେ କଟାଇ ସେ ପରଦିନ ବହୁତ ବିଳମ୍ବରେ ଶଯ୍ୟା ତ୍ୟାଗ କରନ୍ତି; ଉଭୟ ଶାନ୍ତି ଓ ବିଷାଦରେ ମନ ଭରିଉଠେ । କାମସ୍ୱାମୀ ତାର ଅସୁବିଧା କଥା ଗପିଲେ ସେ ବିରକ୍ତ ଓ ଅଧୈର୍ଯ୍ୟ ହୋଇ ପଡ଼ନ୍ତି । ପଶାଖେଳରେ ହାରିଗଲେ ସେ ମାତ୍ରାଧିକ ହସନ୍ତି । ଏବେ ବି ସିଦ୍ଧାର୍ଥ ଆଖିରେ ବୁଦ୍ଧିର ଆଲୋକ ଚିକଚିକ କରୁଛି । ଏହି ଆଲୋକ ଆଉ କାହାରି ଆଖିରେ ନାହିଁ । କ୍ରମଶଃ ସିଦ୍ଧାର୍ଥଙ୍କ ମୁହଁର ଭାବଭଙ୍ଗୀ ଅନ୍ୟ ଧନୀ ବ୍ୟକ୍ତିଙ୍କ ଭଳି ହେବାକୁ ଲାଗିଲା । ତାଙ୍କ ମୁଖମଣ୍ଡଳରେ ଅସନ୍ତୋଷ, ବିରକ୍ତି, ଆଳସ୍ୟ, ରୁକ୍ଷତା ପ୍ରକାଶ ପାଇବାକୁ ଲାଗିଲା । ଧୀରେ ଧୀରେ ଧନୀସୁଭଲ ରୋଗ ତାଙ୍କ ମନରେ ପ୍ରବେଶ କଲା ।

ପତଳା କୁହୁଡ଼ିର ଓଢ଼ଣା ଭଳି କ୍ଲାନ୍ତି ଆଚ୍ଛନ୍ନ କରୁଥିଲା ସିଦ୍ଧାର୍ଥଙ୍କୁ । କାଳକ୍ରମେ ସେହି ଓଢ଼ଣା ଗାଢ଼ ହେବାକୁ ଲାଗିଛି । ନୂଆ ଲୁଗା ଯେମିତି ସମୟ ସ୍ରୋତରେ ପୁରୁଣା ହୋଇଯାଏ, ଉଜ୍ଜ୍ୱଳ ରଙ୍ଗ ମଳିନ ହୁଏ, ସେଥିରେ ଅବାଞ୍ଛିତ ଦାଗ ଲାଗେ, ସୂତା ଖୋଲିଯାଏ, ସେହିପରି ଗୋବିନ୍ଦ ପାଖରୁ ବିଦାୟ ନେଇ ସିଦ୍ଧାର୍ଥ ଯେଉଁ ନୂଆ ଜୀବନ ଆରମ୍ଭ କରିଥିଲେ, ତାହା ଆଜି ଜୀର୍ଣ୍ଣ ହେବାକୁ ଲାଗିଛି । ହଜିଯାଇଥିବା ସମୟ ଏହି ଜୀବନର ସକଳ ଚାକଚକ୍ୟ ଓ ରଙ୍ଗକୁ ଧୀରେ ଧୀରେ ଚୋରି କରି ନେଇଛି । କେବଳ ମଳିନ ଦାଗ ସବୁ ଜମି ଉଠୁଛି । ବୋଧହୁଏ ମନର କେଉଁ ଗୋପନ କୋଣରେ ଘୃଣା ଓ

ବେଦନା ପୁଣି ଉଜ୍ଜୀବିତ ହେବାକୁ ଚାହେଁ । ତଥାପି ସିଦ୍ଧାର୍ଥ ଏ ବିଷୟରେ ସମ୍ପୂର୍ଣ୍ଣ ସଚେତନ ନୁହଁନ୍ତି । ସେ କେବଳ ଜାଣିପାରୁଛନ୍ତି ଯେ ଦିନେ ଯେଉଁ ଉତ୍‌ଫୁଲ୍ଲିତ ସୁସ୍ପଷ୍ଟ ସ୍ୱର ତାଙ୍କ ହୃଦୟକୁ ପଥ ନିର୍ଦ୍ଦେଶ କରୁଥିଲା, ତାହା ଆଜି ଶାନ୍ତ, ସ୍ତବ୍ଧ ।

ସଂସାର ଆଜି ସିଦ୍ଧାର୍ଥଙ୍କୁ ଦୁଇ ବାହୁରେ ବକ୍ର ଆଲିଙ୍ଗନ କରିଛି । ସେ ଆଜି ତୁଚ୍ଛ ସୁଖ, ଲୋଭ ଓ ଆଳସ୍ୟ ହାତରେ ବନ୍ଦୀ । ଯେଉଁ ଅର୍ଥ ଉପାର୍ଜନର ସ୍ପୃହାକୁ ସେ ଦିନେ ନିର୍ବୁଦ୍ଧତାର ଲକ୍ଷଣ ଭାବୁଥିଲେ, ଆଜି ସେହି ପାପ ତାକୁ ସ୍ୱର୍ଗ କରିଛି । ସମ୍ପଦ ଲୋଭର ଚକ୍ରବ୍ୟୂହରେ ସେ ବନ୍ଦୀ । ଏଗୁଡ଼ିକ ଆଉ ପିଲାଳିଆମୀ ବା କୌତୁକମୟ ଖେଳ ନୁହେଁ । ଏଗୁଡ଼ିକ ବର୍ତ୍ତମାନ ବିରାଟ ବୋଝ ଓ ଶୃଙ୍ଖଳ । ପଶାଖେଳ ମାଧ୍ୟମରେ ଅର୍ଥ ଉପାର୍ଜନ ନିମ୍ନଗାମୀ ପଥରେ ଚାଲୁଛି । ସନ୍ନ୍ୟାସ ଜୀବନ ତ୍ୟାଗ କରି ସେ ଯେତେବେଳେ ପ୍ରଥମେ ଏହି ସଂସାରକୁ ଆସିଲେ, ସେତେବେଳେ କେବଳ ସାଧାରଣ ଲୋକଙ୍କ ରାତି, ଚାଲିଚଳଣ ପାଇଁ ଖେଳୁଥିଲେ, ଅଳ୍ପ ଆନନ୍ଦ ପାଇଁ । କିନ୍ତୁ ବର୍ତ୍ତମାନ ଖେଳୁଛନ୍ତି ଅର୍ଥ ମୋହରେ । ସେ ଏବେ ଜଣେ ବେପରୁଆ ଖେଳୁଆଡ଼ । ଏତେ ଟଙ୍କାର ସେ ବାଜି ରଖନ୍ତି ଯେ କେହି ତାଙ୍କ ସାଙ୍ଗରେ ଖେଳିବାକୁ ସାହସ କରନ୍ତି ନାହିଁ । ଯେଉଁ ଅର୍ଥ ତାଙ୍କ ଉପରେ ମୋହ ବିସ୍ତାର କରିଛି ସେହି ଅର୍ଥକୁ ନିମିଷକେ ଉଡ଼ାଇ ଦେଇ ଭୀଷଣ ଆନନ୍ଦିତ ହୁଅନ୍ତି । ଅନ୍ୟ କୌଣସି ଉପାୟରେ ଉପାର୍ଜିତ ଅର୍ଥ ପ୍ରତି ବିନ୍ଦୁପମିଶ୍ରିତ ଅବଜ୍ଞାକୁ ସେ ଏପରି ସ୍ପଷ୍ଟ ଭାବରେ ଦେଖିପାରନ୍ତି ନାହିଁ । ବ୍ୟବସାୟୀମାନଙ୍କର ଏହି ଅର୍ଥ ନାମକ ମୂର୍ଖ ଦେବତାଙ୍କୁ ସେ ପ୍ରତି ପଦକ୍ଷେପରେ ଅପମାନ କରନ୍ତି ; ଅତ୍ୟଧିକ ଟଙ୍କାର ବାଜି ଲଗାନ୍ତି; ଟଙ୍କା ପ୍ରତି ଲୋଭ ଦେଖି ସେ ନିଜକୁ ଘୃଣା କରନ୍ତି, ଓ ମୁହଁରେ ବିଦ୍ରୂପର କୁଟିଳ ହସ ଫୁଟିଉଠେ । ହଜାର ହଜାର ଟଙ୍କା ଜିତିଲା ପରେ ସେ ସବୁତକ ଟଙ୍କାକୁ ଉଡ଼ାଇ ଦିଅନ୍ତି । ସେ ଅର୍ଥ ହାରିଛନ୍ତି, ମଣି ମୁକ୍ତା ହାରିଛନ୍ତି, ଉଦ୍ୟାନ ଗୃହ ମଧ୍ୟ ହାରିଛନ୍ତି; ପୁଣି ସେ ସବୁ ଜିତିଛନ୍ତି କେବଳ ଆଉ ଥରେ ହାରିବେ ବୋଲି । ସେହି ଉତ୍କଣ୍ଠାକୁ ସିଦ୍ଧାର୍ଥ ଭଲପାଆନ୍ତି - ଯେଉଁ ତୀବ୍ର କଷ୍ଟକର ଉତ୍କଣ୍ଠା ତାକୁ ଅଭିଭୂତ କରିଦିଏ ପଶାଖେଳର ଅନିଶ୍ଚିତତାରେ । ସିଦ୍ଧାର୍ଥଙ୍କୁ ଭଲଲାଗେ ଏହି ଅନୁଭୂତିର ଅଭିଜ୍ଞତା । ତାଙ୍କ ପରିତୃପ୍ତ କିନ୍ତୁ ସ୍ୱାଦହୀନ ଜୀବନରେ କେବଳ ଏହି ପଶାଖେଳ ହିଁ ଏକ ପ୍ରକାରର ଉଚ୍ଛଳତା ଆଣିଦିଏ । ବାଜି ରଖି ଖେଳିବାରେ ସେ ଏବେ ବି କିଛିଟା ଉତ୍ତେଜନା ଅନୁଭବ କରନ୍ତି; ଏହି ଉତ୍ତେଜନା ତାଙ୍କ ମନର ଉତ୍କଣ୍ଠାକୁ ତୀବ୍ରତର କରିଦିଏ । ଖେଳରେ ପ୍ରଚୁର ହାରିଲା ପରେ ସେ ଅର୍ଥ ଉପାର୍ଜନ ପାଇଁ ନୂତନ ଚେଷ୍ଟା କରନ୍ତି । ବ୍ୟବସାୟରେ ପୁଣି ମନ ଲଗାଇ, ଋଣ ପରିଶୋଧ ପାଇଁ ବ୍ୟବସାୟୀମାନଙ୍କୁ ତାଗିଦ କରନ୍ତି । ପୁଣି ସେ ଖେଳିବାକୁ ଯାଆନ୍ତି କାରଣ ତାଙ୍କର ଅର୍ଥ ପ୍ରୟୋଜନ; ପୁଣି ସେହି ଅର୍ଥକୁ ଉଡ଼ାଇ ଦିଅନ୍ତି କାରଣ ସେ ଦେଖାଇବାକୁ ଚାହଁନ୍ତି ଯେ ସେ ଅର୍ଥକୁ କେତେ ଘୃଣାକରନ୍ତି ।

ଆଜିକାଲି ବ୍ୟବସାୟରେ କ୍ଷତି ହେଲେ ସିଦ୍ଧାର୍ଥ ବିଚଳିତ ହୋଇ ପଡନ୍ତି, କେହି ଠିକ ଭାବରେ ଋଣ ପରିଶୋଧ ନ କଲେ ସେ ଅଧୈର୍ଯ୍ୟ ହୁଅନ୍ତି, ଭିକାରୀମାନଙ୍କ ପ୍ରତି ଦୟାମାୟା କମିଗଲାଣି, ଦରିଦ୍ରକୁ ଧାର ଦେବା ବା ସାହାଯ୍ୟ କରିବା ପ୍ରବୃତ୍ତି ସେ ଆଉ ଅନୁଭବ କରୁନାହାନ୍ତି । ଯେଉଁ ସିଦ୍ଧାର୍ଥ ଦିନେ ହସି ହସି ଦଶ ସହସ୍ର ମୁଦ୍ରାର ବାଜି ଖେଳୁଥିଲେ, ଆଜି ସେ ବ୍ୟବସାୟର ଛୋଟ ଛୋଟ କଥାରେ ବେଶ ନିମ୍ନ ଓ ରୂଢ଼ ଆଚରଣ କରୁଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର କଥା, ସେ ରାତିରେ ଧନରତ୍ନ ସ୍ୱପ୍ନ ମଧ୍ୟ ଦେଖୁଛନ୍ତି । ସେହି ପୂତିଗନ୍ଧମୟ ଘୃଣ୍ୟ ସ୍ୱପ୍ନ ଦେଖି ନିଦ ଭାଙ୍ଗିଗଲେ ସେ ଉଠିପଡ଼ି କାନ୍ଥ ଆଇନାରେ ନିଜ ମୁହଁ ଦେଖନ୍ତି, କି କୁତ୍ସିତ ସେହି ମୁହଁ! ବାର୍ଦ୍ଧକ୍ୟର ଛାପ ପଡ଼ିବାକୁ ଆରମ୍ଭ କଲାଣି । ନିଜ ମୁହଁର ପ୍ରତିବିମ୍ବ ତାକୁ ଲଜ୍ଜା ଓ ଘୃଣାରେ ଘୋଡ଼ାଇ ଦିଏ । ତେଣୁ ସେ ନିଜକୁ ବଞ୍ଚାଇ ରଖିବା ପାଇଁ ଦୌଡ଼ି ବାହାରି ଯାଆନ୍ତି ସୁରା ନିଶାରେ । ଏହି ପଳାୟନ ଅଳ୍ପ ସମୟ ପାଇଁ । ସେ ପୁଣି ଫେରିଆସନ୍ତି ଅର୍ଥ ସର୍ବସ୍ୱ ବଳୟ ମଧ୍ୟକୁ । ଏହି ଅର୍ଥହୀନ ଆକର୍ଷଣ - ବିକର୍ଷଣ ସିଦ୍ଧାର୍ଥଙ୍କ ଜୀବନକୁ ତିଳେ ତିଳେ କ୍ଷୟ କରୁଛି ଓ ତଦ୍ଦ୍ୱାରା ସେ ଶାରୀରିକ ଓ ମାନସିକ ଭାବରେ ପୀଡ଼ିତ ହେବାକୁ ଲାଗିଛନ୍ତି ।

ଦିନେ ତାଙ୍କୁ ଗୋଟିଏ ସ୍ୱପ୍ନ ସବୁ କିଛି ସ୍ମରଣ କରାଇ ଦେଲା । କମଳାର ପ୍ରମୋଦ ଉଦ୍ୟାନରେ ସେ କମଳା ସହ ଗପୁଥାନ୍ତି । କମଳାର କଣ୍ଠସ୍ୱର ଗମ୍ଭୀର, ପ୍ରତି ଉଚ୍ଚାରଣରେ ଯେମିତି ଭରି ରହିଛି ଶ୍ରାନ୍ତି ଓ ବେଦନା । ସେ ଗୌତମଙ୍କ ବିଷୟରେ ଶୁଣିବାକୁ ଚାହେଁ । ତାଙ୍କ ଦୃଷ୍ଟି କେମିତି ପରିଷ୍କାର, ତାଙ୍କର ମୁଖମଣ୍ଡଳ ସ୍ନିଗ୍ଧ ଓ ପ୍ରଶାନ୍ତରେ ସିକ୍ତ, ତାଙ୍କ ହସରେ କେତେ କରୁଣା, ତାଙ୍କର ପ୍ରତ୍ୟେକ କଥା ଓ କାମରେ କେମିତି ପ୍ରଶାନ୍ତି । ସିଦ୍ଧାର୍ଥ ମୁହଁରୁ ସେ ବହୁବାର ଶୁଣିଛି, ତଥାପି ତୃପ୍ତ ନୁହେଁ । ସେ ବାରମ୍ବାର ଶୁଣିବାକୁ ଚାହେଁ । ସିଦ୍ଧାର୍ଥ ପୁଣି କହି ଚାଲିଲା ଗୌତମଙ୍କ କାହାଣୀ । ସବୁ ଶୁଣିଲା ପରେ କମଳା ଦୀର୍ଘଶ୍ୱାସ ତ୍ୟାଗ କରି କହିଲା, ‘ହୁଏତ ବହୁ ଶୀଘ୍ର ମୁଁ ଗୌତମଙ୍କ ଶିଷ୍ୟତ୍ୱ ଗ୍ରହଣ କରିବି । ଏହି ପ୍ରମୋଦ ଉଦ୍ୟାନ ତାଙ୍କୁ ଦାନ କରି ତାଙ୍କରି ଦୀକ୍ଷା ଗ୍ରହଣ କରିବି ।’ କିନ୍ତୁ ପରମୁହୂର୍ତ୍ତରେ କମଳା ସିଦ୍ଧାର୍ଥକୁ ପ୍ରଲୁବ୍ଧ କରି ଉତ୍ତପ୍ତ ଆଲିଙ୍ଗନରେ ବନ୍ଦୀ କଲା । ଆବେଗର ପ୍ରଚଣ୍ଡତା ସହ ଏକ ହୋଇଗଲା କମଳା ଆଖିର ଆନନ୍ଦାଶ୍ରୁ । ମୃତ୍ୟୁ ଓ କାମନା ଯେ ପରସ୍ପରର ଏତେ ଘନିଷ୍ଠ ତାହା ସିଦ୍ଧାର୍ଥ ପୂର୍ବରୁ କେବେ ଉପଲବ୍ଧି କରି ନଥିଲେ । କମଳା ଶରୀର ନିକଟରେ ସେ ଶୋଇ ପ୍ରଥମ ଥର ଲକ୍ଷ୍ୟ କଲେ କମଳା ମୁହଁରେ ବିଷାଦର ଚିହ୍ନ, ତାର ଆଖି ଓ ଓଠ ତଳେ ସୂକ୍ଷ୍ମ ରେଖା । ଜାଣିପାରିଲେ ଜୀବନରେ ଶୀତର ଆଗମନ, ପ୍ରୌଢ଼ତ୍ୱ ଆଗତପ୍ରାୟ । ସିଦ୍ଧାର୍ଥର ବୟସ ଚାଳିଶ ପାଖାପାଖି; ଗୋଟେ ଅଧେ କେଶ ପାଚିବାକୁ ଆରମ୍ଭ ହେଲାଣି । କମଳାର ନିଦ୍ରିତ ମୁଖକୁ ଦେଖି ସିଦ୍ଧାର୍ଥ ଅନୁଭବ କଲେ ସେହି ମୁଖରେ କ୍ଲାନ୍ତିର ଲେଶ । ଯେଉଁ ପଥ ଶେଷରେ ଆନନ୍ଦ - ମଧୁର

ଲକ୍ଷ୍ୟ ନାହିଁ, ସେହି ଦୀର୍ଘ ନିରାନନ୍ଦ ପଥରେ ଚାଲୁଚାଲୁ କ୍ଲାନ୍ତ ହୋଇ ପଡ଼ିଛି କମଳା, ବାର୍ଦ୍ଧକ୍ୟର ପ୍ରଥମ ପଦକ୍ଷେପରେ ଶ୍ରାନ୍ତିର ଛାୟା ଦୃଶ୍ୟମାନ । ସେହି ମୁଖମଣ୍ଡଳ ଉପରେ ଆଉ ଗୋଟିଏ ଗୋପନ ଅବଚେତନ ଭୟ ମଧ୍ୟ ଦୃଶ୍ୟମାନ । ଯେଉଁ ଭୟକୁ ପୂର୍ବରୁ ସେ କେବେ ସମ୍ମୁଖୀନ କରିନାହାନ୍ତି । ତାହା ବାର୍ଦ୍ଧକ୍ୟ ଆଗମନର ଭୟ, ମୃତ୍ୟୁର ଭୟ । ସିଦ୍ଧାର୍ଥ ଦୀର୍ଘ ନିଶ୍ୱାସ ତ୍ୟାଗ କରି କମଳା ଠାରୁ ବିଦାୟ ନେଲେ । ଗୋଟିଏ ଅଦୃଶ୍ୟ ଭୟ ଓ ବେଦନାରେ ତାଙ୍କ ହୃଦୟ ଭରିଉଠିଛି ।

ଘରକୁ ଫେରି ସିଦ୍ଧାର୍ଥ ପୁଣି ସୁରା ଓ ନର୍ତ୍ତକୀ ସାଙ୍ଗରେ ବସିଲେ । ସେହି ମୁହୂର୍ତ୍ତରେ ସେ ଏମିତି ଭଙ୍ଗୀମା ଦେଖାନ୍ତି ଯେ ସମସ୍ତଙ୍କ ଉର୍ଦ୍ଧ୍ୱରେ ତାଙ୍କର ସ୍ଥାନ । କିନ୍ତୁ ଏବେ ଆଉ ସେହି ଶ୍ରେଷ୍ଠତ୍ୱ ନାହିଁ । ମଧ୍ୟରାତ୍ରି ବେଳକୁ ସେ ପ୍ରଚୁର ସୁରାପାନ କରି ବିଛଣାରେ ଲୋଟି ପଡ଼ିଲେ । ଦେହ କ୍ଲାନ୍ତ, କିନ୍ତୁ ମନର ଉତ୍ତେଜନା ଏବେ ମଧ୍ୟ ଶାନ୍ତ ହୋଇନାହିଁ । ଚରମ ହତାଶାରେ ଚକ୍ଷୁ ଛଳଛଳ । ନିଃସଙ୍ଗ ଶଯ୍ୟାରେ ଶୋଇ ଶୋଇ ବୃଥା ନିଦ୍ରା ପାଇଁ ଚେଷ୍ଟା କଲେ । ହୃଦୟ ଭିତରେ ବେଦନାର ସ୍ୱର । ଏହି ବେଦନାର ବୋଝ ସେ ଆଉ ବହନ କରିପାରୁ ନାହାନ୍ତି । ପ୍ରବଳ ବିତୃଷ୍ଣା ଦେହ ଓ ମନକୁ ପୀଡ଼ିତ କରୁଛି । ନର୍ତ୍ତକୀର ଚଟୁଳ ହସ ଦେଖି ଓ ସେମାନଙ୍କ କେଶ ଓ ବକ୍ଷର ମଧୁର ସୁଗନ୍ଧ ଘ୍ରାଣରେ ଯେଉଁ କାମନା ଜାଗ୍ରତ ହୁଏ, ଆଜି କିନ୍ତୁ ଆପାତଜ୍ଞେୟ ବିରକ୍ତିରେ ପରିଣତ ହୋଇଛି । କେବଳ ସଂସାର ଉପରେ ବା ଅନ୍ୟମାନଙ୍କ ଉପରେ ନୁହେଁ, ନିଜ ଉପରେ ସିଦ୍ଧାର୍ଥ ଆଜି ବିରକ୍ତ । ନିଜ କେଶର ବାସ୍ନା ଓ ମୁହଁରେ ସୁରାର ଉତ୍ତେଜକ ଗନ୍ଧ ପାଇଁ ସେ ନିଜକୁ ଘୃଣା କରୁଥିଲେ । ନିଜ ଦେହରେ ଶିଥିଳ ଚର୍ମକୁ ଦେଖି ସେ ଘୃଣା ଓ ଭୟରେ ଚମକି ଉଠିଲେ । ମାତ୍ରାଧିକ ଭୂରିଭୋଜନ ପରେ ବାନ୍ତି କରିପାରିଲେ ଯେମିତି ଶରୀରରୁ ଅସ୍ୱସ୍ତି ଲାଘବ ହୁଏ, ସେହିପରି ଏହି କ୍ଷୁବ୍ଧ ସିଦ୍ଧାର୍ଥ କାମନା କରୁଛନ୍ତି ଯଦି ଏହି ଅର୍ଥହୀନ ଜୀବନରୁ ସେ ପ୍ରଚଣ୍ଡ ଶକ୍ତି ଦ୍ୱାରା ଆମୋଦ ପ୍ରମୋଦଗୁଡ଼ିକୁ ଫୋପାଡ଼ି ଦେଇ ପାରନ୍ତେ ତେବେ କେତେକାଂଶରେ ଶାନ୍ତି ମିଳନ୍ତା । ବଡ଼ିଭୋର ବେଳକୁ ସିଦ୍ଧାର୍ଥ ଆଖିରେ ତନ୍ଦ୍ରା ଆସିଲା ଓ କିଛି ସମୟ ପାଇଁ ଶାନ୍ତିରେ ଶୋଇ ପଡ଼ିଲେ । ସେହି ସ୍ୱଳ୍ପ ସମୟ ମଧ୍ୟରେ ସେ ସ୍ୱପ୍ନ ଦେଖିଲେ ।

କମଳାର ଗୋଟିଏ ମୂଲ୍ୟବାନ ଚଢ଼େଇ ଥିଲା । ସୁନା ପଞ୍ଜୁରୀରେ ରହି ଗୀତ ଗାଏ । ସିଦ୍ଧାର୍ଥ ସ୍ୱପ୍ନରେ ଦେଖିଲେ ଚଢ଼େଇର ଗୀତ ହଠାତ ବନ୍ଦ ହୋଇଯାଇଛି । ସେ ପଞ୍ଜୁରୀ ପାଖକୁ ଯାଇ ଦେଖିଲେ ଚଢ଼େଇଟି ମରିଯାଇ କାଠ ଭଳି ପଡ଼ିଛି । କମଳା ପଞ୍ଜୁରୀ ଖୋଲି ମୃତ ଚଢ଼େଇଟିକୁ ବାହାର କରି ଫୋପାଡ଼ି ଦେଲା ବାହାରକୁ । ତାପର ମୁହୂର୍ତ୍ତରେ ତା ହୃଦୟ ବେଦନାରେ କମ୍ପିଉଠିଲା ସତେ ଯେମିତି ସେ ନିଜ ଜୀବନର ସକଳ ମହତ ଓ ମୂଲ୍ୟବାନ ବସ୍ତୁକୁ ଏହି ଚଢ଼େଇ ସାଥିରେ ଫୋପାଡ଼ି ଦେଇଛନ୍ତି ।

ସ୍ୱପ୍ନ ଭାଙ୍ଗିଲା ପରେ ସିଦ୍ଧାର୍ଥ ଉଠି ବସିଲେ । ଏକ ଗୁରୁଗମ୍ଭୀର ଅନୁଭୂତି ତାଙ୍କ ଦେହ ମନକୁ ଆଚ୍ଛନ୍ନ କରି ରଖିଛି । ମନେହେଲା ସେ ଜୀବନକୁ ମୂଲ୍ୟହୀନ କାର୍ଯ୍ୟରେ ନଷ୍ଟ କରିଦେଇଛନ୍ତି । ଜୀବନ ତ ସରିଆସୁଛି, କିନ୍ତୁ ସେ ଏମିତି କିଛି କରିନାହାନ୍ତି, ଯାହା ମୂଲ୍ୟବାନ ବା ଯାହା ସଞ୍ଚୟଯୋଗ୍ୟ । ବୁଡ଼ି ଯାଉଥିବା ଜାହାଜର ଯାତ୍ରୀ ଭଳି ସେ ଏକା ଏକା କେବଳ ସମୁଦ୍ରତୀରରେ ଅପେକ୍ଷା କରିଛନ୍ତି ।

ବିଷର୍ଣ୍ଣ ମନରେ ସିଦ୍ଧାର୍ଥ ପ୍ରମୋଦ ଉଦ୍ୟାନକୁ ପ୍ରବେଶ କରି ଦ୍ୱାର ବନ୍ଦ କରିଦେଲେ । ଧୀରେ ଧୀରେ ଆମ୍ବଗଛ ତଳେ ଆସି ବସିଲେ । ହୃଦୟରେ ଧ୍ୱନିତ ହେଉଥାଏ ବିଭୀଷିକାର ଅନୁଭୂତି ଓ ମୃତ୍ୟୁର ଭୟ । ବସି ବସି ଭାବିଲେ ସେ କେମିତି ଭିତରେ ଭିତରେ ଶୁଷ୍କ, ମ୍ଳାନ ହୋଇଯାଉଛନ୍ତି । ଯେମିତି ସବୁ କିଛି ଶେଷ ହୋଇଯାଉଛି । ତାପରେ ନିଜ ଜୀବନର ଅସଂଲଗ୍ନ ଭାବନାଗୁଡ଼ିକୁ ଓଲଟପାଲଟ କରି ଚିନ୍ତା କଲେ । ସେ କ'ଣ ସତରେ ସୁଖୀ ହୋଇପାରିଛନ୍ତି ? ଜୀବନରେ କେତେବେଳେ ପ୍ରକୃତ ଆନନ୍ଦ ପାଇପାରିଛନ୍ତି କି ? କେତୋଟି ଘଟଣା ଓ ଅଭିଜ୍ଞତାରେ ସେ କିଛି ଆନନ୍ଦ ଲାଭ କରିଛନ୍ତି ନିଶ୍ଚୟ । ଶୈଶବରେ ସହପାଠୀମାନଙ୍କ ଅପେକ୍ଷା ଅଧିକ ଶିକ୍ଷା ଲାଭ କରି, ପବିତ୍ର ମନ୍ତ୍ର ଉଚ୍ଚାରଣ କରି, ପଣ୍ଡିତମାନଙ୍କ ସହ ତର୍କରେ ପାରଦର୍ଶିତା ପ୍ରଦର୍ଶନ କରି ଓ ଯଜ୍ଞ କର୍ମାଦିରେ ନିଜ ଦାୟିତ୍ୱ ସୁଚ୍ଚରୁରୂପେ ପାଳନ କରି ଯେତେବେଳେ ସୁଧୀବୃନ୍ଦଙ୍କର ପ୍ରଶଂସାଭାଜନ ହୋଇଛନ୍ତି, ସେତେବେଳେ ସେ ଖୁବ୍ ଆନନ୍ଦ ଅନୁଭବ କରିଛନ୍ତି । ସେତେବେଳେ ଯେମିତି କେହି ଜଣେ ଅନ୍ତର ଭିତରୁ କହିଉଠିଛି, 'ତୁମ ଆଗରେ ବିରାଟ ପଥ ଅପେକ୍ଷାରତ, ସେହି ପଥରେ ଆଗେଇ ଯାଅ, ଦେବଗଣଙ୍କର ଆଶୀର୍ବାଦ ଲାଭ କରିବ ।'

ତାପରେ ଯୌବନରେ ଯେତେବେଳେ ଉର୍ଦ୍ଧ୍ୱଗାମୀ ଲକ୍ଷ୍ୟର ପ୍ରେରଣା ତାଙ୍କୁ ଅନ୍ୟାନ୍ୟ ସନ୍ନ୍ୟାସୀମାନଙ୍କ ମଧ୍ୟରେ ବୈଶିଷ୍ଟ୍ୟ ଆଣି ଦେଇଛି, ସେତେବେଳେ ବ୍ରାହ୍ମଣମାନଙ୍କ ଧର୍ମୋପଦେଶ ବୁଝିବା ପାଇଁ କଠୋର ସାଧନା କରିଛନ୍ତି । ଯେତେବେଳେ ପ୍ରତ୍ୟେକ ଉପଲବ୍ଧ ଜ୍ଞାନ ଅଧିକ ଜ୍ଞାନର ତୃଷ୍ଣା ସୃଷ୍ଟି କରିଛି, ସେତେବେଳେ ମନ ମଧ୍ୟରେ ଝଙ୍କୃତ ହୋଇଛି ; ଆଗେଇ ଯାଅ, ଏହା ହିଁ ତୁମର ପ୍ରକୃଷ୍ଟ ପଥ । ଗୃହତ୍ୟାଗ କରି ସନ୍ନ୍ୟାସ ଗ୍ରହଣ ସମୟରେ ସେ ଏହି ବାଣୀ ଶୁଣିଛନ୍ତି । ପୁଣି ସନ୍ନ୍ୟାସୀମାନଙ୍କ ଠାରୁ ବିଦାୟ ନେଇ ବୁଦ୍ଧଙ୍କ ନିକଟକୁ ଯାତ୍ରା ସମୟରେ ତାହା ହିଁ ଶୁଣିଛନ୍ତି; ଶେଷରେ ଜେତବନ ତ୍ୟାଗ କରି ଅଜ୍ଞାତ ଜୀବନ ପଥରେ ଯାତ୍ରା କଲାବେଳେ ମଧ୍ୟ ଅନ୍ତର ଭିତରୁ ଏହି ବାଣୀ ସ୍ଫୁରଣ ହୋଇଛି । ଆଜକୁ କେତେ ଦିନ ହୋଇଗଲା, ଆଗେଇ ଯିବାର ସେହି ବାଣୀ ସ୍ତବ୍ଧ ହୋଇଯାଇଛି । ଦୈନନ୍ଦିନ ଜୀବନର ଉର୍ଦ୍ଧ୍ୱକୁ ଉଠି ପବିତ୍ର ଆନନ୍ଦ ଲାଭ କରିବାର ସେହି ସୁଯୋଗ ଆଉ ହସ୍ତଗତ ହେଉନାହିଁ । ବର୍ତ୍ତମାନର ଏହି ଜୀବନର ପଥ କେତେ ଶୁଷ୍କ ଓ ନିରର୍ଥକ । କୌଣସି ଉଚ୍ଚ ଆଦର୍ଶ ବିନା ସେ କେତେ ବର୍ଷ ଅତିବାହିତ

କରିସାରିଲେଣି । କିନ୍ତୁ କୌଣସି ମହତ ଉଲ୍ଲାସ ସେ ଅନୁଭବ କରିନାହାନ୍ତି । ମୂଲ୍ୟହୀନ ତୁଚ୍ଛ ସୁଖରେ କେବଳ ସେ ମତ୍ତ ରହିଥିଲେ । କିନ୍ତୁ କୌଣସି ଜୀବନୋଦ୍ଦୀକ ଆନନ୍ଦ ଲାଭ କରିନାହାନ୍ତି । ଏଇ ମର୍ମ କଥା ସେ ବୁଝି ନ ପାରି ଦୀର୍ଘଦିନ ସେ ଆକାଙ୍କ୍ଷା କରିଛନ୍ତି, ସଂସାରୀ ବ୍ୟକ୍ତିମାନଙ୍କ ଭଳି ହେବାକୁ, ଶିଶୁମାନଙ୍କ ଭଳି ହେବାକୁ; ତଥାପି ସେମାନଙ୍କ ଭଳି ହୋଇପାରି ନାହାନ୍ତି । ବରଂ ସେମାନଙ୍କୁ ଅନୁକରଣ କରିବାକୁ ଯାଇ ଜୀବନ ଅଧିକ ଦରିଦ୍ର ଓ ଦୁଃଖମୟ ହୋଇଛି । କାରଣ ସେମାନଙ୍କ ଆଦର୍ଶ ତାଙ୍କ ନିଜସ୍ୱ ନୁହେଁ ଓ ସେମାନଙ୍କ ଦୁଃଖ ମଧ୍ୟ ସିଦ୍ଧାର୍ଥର ଦୁଃଖ ନୁହେଁ । କାମସ୍ୱାମୀଙ୍କ ଦୁନିଆ ଓ ସେଠାକାର ଅଧିବାସୀମାନେ ସିଦ୍ଧାର୍ଥ ଆଖିରେ ଗୋଟିଏ ଗୋଟିଏ ଦର୍ଶନଯୋଗ୍ୟ ନାଟକ ଅବା ପ୍ରହସନ । କମଳା ହିଁ ତାଙ୍କର ଏକମାତ୍ର ପ୍ରିୟ; ତାଙ୍କ ଜୀବନରେ କେବଳ କମଳାର ହିଁ ମୂଲ୍ୟ ଥିଲା । କିନ୍ତୁ ବର୍ତ୍ତମାନ କ'ଣ ସେହି ମୂଲ୍ୟ ପୂର୍ବବତ୍ ଅଛି ? ଏବେ କ'ଣ ତାଙ୍କ ଜୀବନରେ କମଳାର ଆଉ କୌଣସି ପ୍ରୟୋଜନ ଅଛି କି ? କମଳା କ'ଣ ସିଦ୍ଧାର୍ଥକୁ ଚାହେଁ ? ସେମାନେ ଦୁହେଁ ଏମିତି ଖେଳ ଖେଳୁଥିଲେ ଯାହାର ଶେଷ ନାହିଁ । କେବଳ ସେହି ଖେଳ ପାଇଁ ବଞ୍ଚିବା କ'ଣ ଏକାନ୍ତ ପ୍ରୟୋଜନ ? ଏହି ଖେଳର ନାମ ହେଉଛି ସଂସାର । ସନ୍ତାନ ଲାଭର ଖେଳ; ଥରେ, ଦୁଇଥର, ଦଶଥର ହୁଏତ ଭଲ ଲାଗିପାରେ ଏହି ଖେଳ । କିନ୍ତୁ ବାରମ୍ବାର ନୁହେଁ ।

ଆଜି ସିଦ୍ଧାର୍ଥ ବୁଝିପାରିଲେ ତାଙ୍କ ଖେଳ ସରିଯାଇଛି । ଆଉ ସେ ଖେଳି ପାରିବେ ନାହିଁ । ଦେହ କମ୍ପି ଉଠିଲା, କ'ଣ ଯେମିତି ହଠାତ ଶୂନ୍ୟ ହୋଇଯାଇଛି ।

ଦିନସାରା ସେହି ଆମ୍ବଗଛ ତଳେ ସିଦ୍ଧାର୍ଥ ବସି ରହିଲେ । ଭାବିବାକୁ ଲାଗିଲେ ବାପାଙ୍କ କଥା, ଗୋବିନ୍ଦ କଥା, ଗୌତମଙ୍କ କଥା । ସେମାନଙ୍କୁ ତ୍ୟାଗ କରି ସେ ଚାଲି ଆସିଥିଲେ କ'ଣ ଆଉ ଜଣେ କାମସ୍ୱାମୀ ହେବାକୁ ? ସନ୍ଧ୍ୟା ଆଗତପ୍ରାୟ । ଚାରିପଟୁ ଅନ୍ଧକାର ଧୀରେ ଧୀରେ ମାଡ଼ି ଆସିଲା । ସିଦ୍ଧାର୍ଥ ତଥାପି ସ୍ଥିର, ନିର୍ବିକାର । ଥରେ ଉପରକୁ ଚାହିଁ ଦେଖିଲେ ଆକାଶର ତାରା । ଭାବିଲେ, ମୋରି ପ୍ରମୋଦ ଉଦ୍ୟାନର ଆମ୍ବଗଛ ମୂଳରେ ମୁଁ ବସିଛି । କ୍ଷୀଣ ହସଟିଏ ଫୁଟି ଉଠିଲା ଓଠରେ । ଏହି ବଗିଚା, ଏହି ଆମ୍ବଗଛ ମୁଁ କ'ଣ ରଖିବା ଉଚିତ ? ଏବେ ଏହାର କୌଣସି ପ୍ରୟୋଜନ ଅଛି କି ?

ସମ୍ପତ୍ତି ଠୁଳ କରିବାର ପ୍ରବୃତ୍ତିର ମୃତ୍ୟୁ ହେଲା । ସିଦ୍ଧାର୍ଥ ବିଦାୟ ନେଲେ । ଆମ୍ବଗଛ ଓ ଉଦ୍ୟାନ ନିକଟରୁ । ପ୍ରଚଣ୍ଡ କ୍ଷୁଧାରେ ମନେ ପଡ଼ିଗଲା ଗୃହରେ ଖାଦ୍ୟ ଓ ଶଯ୍ୟା ପ୍ରସ୍ତୁତ ଥିବ । ପୁଣି ଓଠରେ ବିଷର୍ଣ୍ଣ ହସ । ଘର, ବିଛଣା ଓ ଖାଦ୍ୟଠାରୁ ବିଦାୟ ନେଇ ସେହି ରାତିରେ ସବୁକିଛି ତ୍ୟାଗ କରି ସିଦ୍ଧାର୍ଥ ନଗରରୁ ବାହାରି ଗଲେ । ଆଉ ଫେରିଲେ ନାହିଁ । କାମସ୍ୱାମୀ ବହୁଦିନ ଚେଷ୍ଟା କରିଛନ୍ତି ସିଦ୍ଧାର୍ଥଙ୍କ ସନ୍ଧାନ ନେବାକୁ । ତାଙ୍କର ଧାରଣା ସିଦ୍ଧାର୍ଥକୁ ଦସ୍ୟୁମାନେ ଅପହରଣ କରି ନେଇଛନ୍ତି । କିନ୍ତୁ କମଳା

ସାମାନ୍ୟତମ ଆଶ୍ଚର୍ଯ୍ୟ ହେଲାନାହିଁ ଏହି ସମ୍ବାଦ ଶୁଣିଲା ପରେ । ସେ କ'ଣ ଏତେଦିନ କେବଳ ଏହି ସମ୍ବାଦକୁ ଅପେକ୍ଷା କରିଥିଲା ? ସିଦ୍ଧାର୍ଥ କ'ଣ ପ୍ରକୃତରେ ଜଣେ ଗୃହହୀନ ତୀର୍ଥଯାତ୍ରୀ, ସନ୍ନ୍ୟାସୀ ନୁହେଁ ? ଶେଷ ସାକ୍ଷାତ ସମୟରେ କମଳା କାହିଁକି କେଜାଣି ଏହି କଥାଟିକୁ ବାରମ୍ବାର ଭାବୁଥିଲା । ଶେଷ ମିଳନ ମୁହୂର୍ତ୍ତରେ ସିଦ୍ଧାର୍ଥକୁ ସୁଦୃଢ ଆଲିଙ୍ଗନରେ ସେ ଜାବୁଡ଼ି ଧରିଥିଲା । ସିଦ୍ଧାର୍ଥ ମଧ୍ୟ ତାକୁ ସେଦିନ ପରାଜିତ ଓ ବିବଶ କରିଥିଲେ । ଆଜି ହଜିବାର ବେଦନା ମଧ୍ୟରେ କମଳା ମନରେ ସେହି ମିଳନର ସ୍ମୃତି ବିଦ୍ୟମାନ ।

ସିଦ୍ଧାର୍ଥ ଚାଲିଯାଇଥିବା ଖବର ଶୁଣି କମଳା ଝରକା ପାଖକୁ ଉଠିଗଲା । ସେଇଠି ପଞ୍ଜୁରୀ ଭିତରେ ଗୋଟିଏ ମୂଲ୍ୟବାନ ବିରଳ ଚଢ଼େଇକୁ ବାହାରକୁ ଆଣି ଆକାଶରେ ମୁକ୍ତ କରିଦେଲା । କମଳା ଅନେକ ସମୟ ଚଢ଼େଇର ଗତିପଥକୁ ଚାହିଁଥାଏ । ସେହିଦିନ ଠାରୁ କମଳା ଘରର ଦ୍ୱାର ଅଭ୍ୟାଗତମାନଙ୍କ ପାଇଁ ବନ୍ଦ ହୋଇଗଲା । କିଛିଦିନ ପରେ କମଳା ଜାଣିପାରିଲା, ଶେଷ ମିଳନର ସନ୍ତକ ସ୍ୱରୂପ ତା ଗର୍ଭରେ ସିଦ୍ଧାର୍ଥର ସନ୍ତାନ ।

ନଦୀକୂଳ

ସିଦ୍ଧାର୍ଥ ନଗର ପରିତ୍ୟାଗ କରି ବହୁଦୂରକୁ ଚାଲିଗଲେ । ଜଙ୍ଗଲ ମଧ୍ୟରେ ପ୍ରବେଶ କଲେ । ପଥ ଅନିଶ୍ଚିତ, କିନ୍ତୁ ସଂକଳ୍ପ ସ୍ଥିର । ସେ ଆଉ ପୂର୍ବ ଜୀବନକୁ ଫେରିବେ ନାହିଁ । ଯେଉଁ ଜୀବନରେ ସେ ଏତେ ବର୍ଷ ବୁଡ଼ିରହିଥିଲେ। ତାର ଆକର୍ଷଣ ଶେଷ ହୋଇ ଯାଇଛି । ଆକଣ୍ଠ ପାନୀୟ ଓ ଖାଦ୍ୟ ଗ୍ରହଣ ପରେ ଯେମିତି ଖାଦ୍ୟ ପ୍ରତି ଇଚ୍ଛା ଦୂରେଇ ଯାଏ, ଖାଦ୍ୟ ଦେଖିଲେ ହିଁ ବାନ୍ତି ଉପକ୍ରମ ହୁଏ, ଏହି ସାଂସାରିକ ଜୀବନ ପ୍ରତି ସିଦ୍ଧାର୍ଥଙ୍କର ଆସି ଯାଇଛି ଚରମ ବିତୃଷ୍ଣା । ଗୀତ ଗାଉଥିବା ଚଢ଼େଇଟି ଆଜି ମରିଯାଇଛି - ଯେଉଁ ଚଢ଼େଇର ମୃତ୍ୟୁ ସେ ସ୍ୱପ୍ନରେ ଦେଖିଥିଲେ, ସେ ତ ତାଙ୍କରି ହୃଦୟର ପକ୍ଷୀ । ସେ ସଂସାର ମଧ୍ୟରେ ଅତ୍ୟଧିକ ଆବଦ୍ଧ ହୋଇ ପଡ଼ିଥିଲା । ସ୍ୱଞ୍ଚା ଯେମିତି ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ପାଣି ଟାଣୁଥାଏ, ସିଦ୍ଧାର୍ଥଙ୍କ ଚତୁର୍ଦ୍ଦିଗରୁ ମୃତ୍ୟୁ ଓ ଘୃଣା ଶୋଷି ନେଉଥିଲା ନିଜ ଭିତରକୁ । ତେଣୁ ଆଜି ସେ ଅବସାଦ, ବିଷାଦ ଓ ମୃତ୍ୟୁର ଛାୟାରେ ପୂର୍ଣ୍ଣ । ବର୍ତ୍ତମାନ ଏମିତି କିଛି ନାହିଁ ଯାହା ତାକୁ ସୁଖ-ଶାନ୍ତି ଦେଇପାରିବ ବା ଆକୃଷ୍ଟ କରିପାରିବ ।

ସେ ବର୍ତ୍ତମାନ ଏକାନ୍ତ ଭାବେ ଚାହୁଁଛନ୍ତି ସବୁକିଛି ଭୁଲିଯିବାକୁ, ଚାହୁଁଛନ୍ତି ବିଶ୍ରାମ ଓ ମୃତ୍ୟୁ । ହାୟ, ଯଦି ତାଙ୍କ ମୁଣ୍ଡରେ ବଜ୍ରପାତ ହୁଅନ୍ତା ! ବୁଦା ଭିତରୁ ହଠାତ୍

ବାଘ ତାକୁ ଝାମ୍ପି ନେଇ ଶରୀରଟାକୁ ବିଦୀର୍ଣ୍ଣ କରନ୍ତା କି ! ଯଦି ଏମିତି କୌଣସି ସୁରା ବା ବିଷ ମିଳନ୍ତା ଯାହାକୁ ପାନକଲେ ସେ ସବୁକିଛି ଭୁଲିଯିବେ, ଏମିତି ନିଦ୍ରାରେ ଶୋଇଯିବେ ଯେଉଁ ନିଦ୍ରା ଆଉ କେବେ ଭାଙ୍ଗିବ ନାହିଁ । ଏମିତି କେଉଁ ଜଘନ୍ୟ ଦୂଷିତ କାର୍ଯ୍ୟ ସେ କରିନାହାନ୍ତି, ଯାହାଦ୍ୱାରା ତାଙ୍କ ଜୀବନ କଳୁଷିତ ହୋଇନାହିଁ । ଏମିତି ପାପ ନାହିଁ ଯେଉଁଥିରୁ ସେ ମୁକ୍ତ । ଅନ୍ତରସ୍ଥ ପ୍ରତ୍ୟେକ କାଳିମା ପାଇଁ ସେ ନିଜେ ହିଁ ଦାୟୀ । ଏସବୁ ସତ୍ତ୍ୱେ କ'ଣ ବଞ୍ଚିବା ସମ୍ଭବ ? ଏସବୁ ସତ୍ତ୍ୱେ ନିଶ୍ୱାସ ନେବା, ଖାଇବା, ପିଇବା, ଶୋଇବା, ନାରୀସଙ୍ଗ ଉପଭୋଗ କରିବା କ'ଣ ସମ୍ଭବ ? ତାଙ୍କ ଜୀବନର ଚକ୍ର ଶେଷ ସୀମାରେ କ'ଣ ଅଟକି ଯାଇନାହିଁ ?

ଜଙ୍ଗଲ ମଝିରେ ବହିଯାଉଛି ନଦୀ । ସେଇ ନଈକୂଳରେ ସିଦ୍ଧାର୍ଥ ଆସି ଠିଆହେଲେ । ମନେ ପଡ଼ିଗଲା, ବହୁବର୍ଷ ତଳେ ଜଣେ ନାଉରିଆ ତାକୁ ନଈ ଆରପଟେ ଛାଡ଼ିଦେଇଥିଲା । ସେତେବେଳେ ସେ ଯୁବକ, ଗୌତମଙ୍କ ନିକଟରୁ ବିଦାୟ ନେଇ ଆପଣାର ପଥ ଖୋଜିବାକୁ ବାହାରିଥିଲେ । ନଈକୂଳରେ ଛିଡ଼ା ହୋଇଥିବା ସମୟରେ ମନରେ ଦ୍ୱନ୍ଦ୍ୱ ଉପୁଜିଲା । କ୍ଲାନ୍ତି ଓ କ୍ଷୁଧାରେ ସେ ଦୁର୍ବଳ । ଏବେ ସେ କେଉଁଠିକୁ ଯିବେ ? କ'ଣ ତାଙ୍କ ଉଦ୍ଦେଶ୍ୟ ? ଜୀବନର ଏହି ଖାପଛଡ଼ା ସ୍ୱପ୍ନକୁ ଦୂର କରିଦେବ, ପେଟ ଭିତରୁ ବାସି ସୁରାକୁ ବାନ୍ତି କରିଦେବ, ଏହି ତିକ୍ତ, ବେଦନାମୟ ଜୀବନକୁ ସବୁଦିନ ପାଇଁ ସମାପ୍ତ କରିଦେବ - ଏହାହିଁ ତ ତା'ଙ୍କ ଲକ୍ଷ୍ୟ ।

ନଈକୂଳରେ ଗୋଟିଏ ନଡ଼ିଆ ଗଛ । ସେହି ଗଛକୁ ଲାଗି ସେ ବସି ପଡ଼ିଲେ । ନଈର ସବୁଜ ଜଳସ୍ରୋତକୁ ଚାହିଁଥାନ୍ତି । ପାଣିକୁ ଚାହିଁ ଚାହିଁ ହଠାତ ତାଙ୍କର ଇଚ୍ଛା ହେଲା ନଈକୁ ଡେଇଁପଡ଼ି ଜୀବନ ହରାଇ ଦେବେ । ତାଙ୍କ ଆତ୍ମାର ଭୟଙ୍କର ଶୂନ୍ୟତା ଯେପରି ପ୍ରତିବିମ୍ବିତ ହେଉଛି ସେହି ଶୀତଳ ଜଳରାଶି ମଧ୍ୟରେ । ହଁ, ସେ ବର୍ତ୍ତମାନ ମୃତ୍ୟୁ ସମ୍ମୁଖରେ ଦଣ୍ଡାୟମାନ । ନିଜକୁ ନିଶ୍ଚିହ୍ନ କରିଦେବେ । ନିଜ ବ୍ୟର୍ଥ ଜୀବନକୁ ଧ୍ୱଂସ କରି ଦୂରକୁ ନିକ୍ଷେପ କରିବେ ଓ ଦେବତାମାନଙ୍କ ବିଦ୍ରୂପର ପାତ୍ର ହେବା ବ୍ୟତୀତ ଅନ୍ୟ କୌଣସି ଉପାୟ ନାହିଁ । ବରଂ ଯଦି ନଈର ବଡ଼ ବଡ଼ ମାଛ ତାକୁ ଗିଳି ପକାନ୍ତେ ! କୁକୁର ଭଳି ଜୀବନ ଯାପନ କରୁଥିବା ସେ ଜଣେ ବିକୃତ ମସ୍ତିଷ୍କଧାରୀ ମଣିଷ । ନିଜର ଆତ୍ମା ଏକ ସ୍ପନ୍ଦନହୀନ ଜଡ଼ ପଦାର୍ଥରେ ପରିଣତ ହୋଇସାରିଛି । ସୁତରାଂ ତାଙ୍କ ଗଳିତ ଓ ଦୂଷିତ ଶରୀରକୁ ମାଛମାନେ ଗିଳିଦେଲେ କ୍ଷତି କ'ଣ ? ହାୟ, ଯଦି ମାଛ ଓ କୁମ୍ଭୀରମାନେ ମିଳିମିଶି ତାଙ୍କୁ ନିଃଶେଷ କରି ଦିଅନ୍ତେ, ଯଦି କୌଣସି ପିଶାଚର ନଖ ଆଘାତରେ ଦେହ ବିଦୀର୍ଣ୍ଣ ହୋଇଯାନ୍ତା, ତେବେ ବୋଧହୁଏ ତାଙ୍କ ଜ୍ୱାଳା କମିପାରନ୍ତା, ନିଜ ଉପରେ ସେ ପ୍ରତିଶୋଧ ନେଇ ପାରନ୍ତେ ।

ସିଦ୍ଧାର୍ଥଙ୍କ ବିକୃତ ମୁଖଭଙ୍ଗୀରେ ଫୁଟିଉଠିଲା ଜୀବନ ପ୍ରତି ବିରକ୍ତି । ନିଜ

ଉପରେ ଘୃଣା । ନିଜ ମୁହଁର ପ୍ରତିବିମ୍ବ ଦେଖିଲେ ନଦୀଜଳରେ । ପ୍ରତିବିମ୍ବ ଦେଖି ପୁଣି ଘୃଣା ଜାଗ୍ରତ ହେଲା । ନିଜ ଛାଇ ଉପରକୁ ଛେପ ଫୋପାଡ଼ିଲେ । ଏତେବେଳ ପର୍ଯ୍ୟନ୍ତ ସେ ଦୁଇ ହାତରେ ଗଛର ଗଣ୍ଠିକୁ ଜାବୁଡ଼ି ଧରିଥିଲେ । ହାତ ମେଲାଇ ଭାବିଲେ ବର୍ତ୍ତମାନ ସିଧା ନଦୀଗର୍ଭରେ ପଡ଼ିଗଲେ କୌଣସି ବାଧା ନାହିଁ । ଦୁଇ ଆଖି ବନ୍ଦ କରି ନଇଁ ପଡ଼ିଲେ ମୃତ୍ୟୁ ଆଡ଼କୁ ।

ହଠାତ୍ ଅନ୍ତରର ଏକ ସୁଦୂର କୋଣରୁ, ସ୍ତୂପୀକୃତ ଜଞ୍ଜାଳରାଶିର ନିମ୍ନ ଭାଗରୁ, ଗୋଟିଏ ସ୍ୱର ଧ୍ୱନିତ ହେଲା । ମନ ଦେଇ ଶୁଣିଲେ ସେହି ଧ୍ୱନିକୁ । ଗୋଟିଏ ମାତ୍ର ଶବ୍ଦ, କିଛି ନ ଭାବି ସିଦ୍ଧାର୍ଥ ଅସ୍ପଷ୍ଟ ଭାବରେ ଉଚ୍ଚାରଣ କଲେ ସେହି ଶବ୍ଦ । ବ୍ରାହ୍ମଣମାନଙ୍କର ସକଳ ପ୍ରାଚୀନ ମନ୍ତ୍ର ଯେଉଁ ଶବ୍ଦରୁ ଆରମ୍ଭ ଓ ଶେଷ ହୋଇଥାଏ - ସେହି ପବିତ୍ର 'ଓଁ' - ଯାହାର ଅର୍ଥ ପୂର୍ଣ୍ଣ ବ୍ରହ୍ମ ବା ପୂର୍ଣ୍ଣତା । ଓଁ ଶବ୍ଦ କାନରେ ପଶିବା ମାତ୍ରେ ସିଦ୍ଧାର୍ଥଙ୍କ ଜଡ଼ ଆତ୍ମା ଜାଗ୍ରତ ହୋଇ ଉଠିଲା । ସେ ତତ୍‌କ୍ଷଣାତ୍ ଜାଣିପାରିଲେ କେଡ଼େ ନିର୍ବୋଧ କର୍ମ କରିବାକୁ ସେ ଉଦ୍ୟତ ହେଉଥିଲା ।

ସିଦ୍ଧାର୍ଥ ସଚେତନ ହୋଇ ଉଠିଲେ । କେଉଁଠି ସେ ଠିଆ ହୋଇଛନ୍ତି ? ତାଙ୍କର କ'ଣ ଏତେ ଅଧୋପତନ ହୋଇଯାଇଛି ଯେ ସେ ମୃତ୍ୟୁ କାମନା କରି ଆତ୍ମହତ୍ୟା କରିବାକୁ ଅଗ୍ରସର ହେଉଛନ୍ତି ? ଶରୀର ଧ୍ୱଂସ କରି ଶାନ୍ତି ପାଇବା ପାଇଁ କି ପ୍ରକାରର ପିଲାଳିଆମି କରୁଛନ୍ତି ? ଏତେ ଯନ୍ତ୍ରଣା, ହତାଶା, ମୋହଭଙ୍ଗ ସିଦ୍ଧାର୍ଥକୁ ଏତେ ପରିମାଣରେ ବିଚଳିତ କରିପାରିନାହିଁ, ଯେତେ ପରିମାଣରେ ଏହି ଓଁ ଉଚ୍ଚାରଣ ତାଙ୍କ ଆତ୍ମାରେ କରିପାରିଛି । ମୁହୂର୍ତ୍ତକ ମଧ୍ୟରେ ସେ ନିଜର ପାପ ଓ ଦୈନ୍ୟକୁ ଉପଲବ୍ଧି କରିପାରିଲେ । ମନେ ମନେ ଓଁ ଉଚ୍ଚାରଣ କଲେ। ଓ ତତ୍‌କ୍ଷଣାତ୍ ବ୍ରହ୍ମଙ୍କ ଅସ୍ତିତ୍ୱ ବିଷୟରେ ସଚେତନ ହୋଇଗଲେ । ବୁଝିପାରିଲେ ଜୀବନର କ୍ଷୟ ନାହିଁ । ପ୍ରାଣର ପ୍ରବାହ ନିରନ୍ତର ଧାରାରେ ବହି ଚାଲିଛି । ହଠାତ୍ ଯେମିତି ବିସ୍ମୃତିର ଆଭରଣ ଦୂରୀଭୂତ ହୋଇଗଲା । ଯାହା ଯାହା ଭୁଲିଯାଇଥିଲେ ସବୁ ମନେ ପଡ଼ିଗଲା । ସବୁକିଛି ପବିତ୍ର ଓ ମହତ ଭାବରେ ଦୃଶ୍ୟମାନ ହୋଇ ଉଠିଲା ।

କିନ୍ତୁ ଏହା ଥିଲା କ୍ଷଣିକ ପାଇଁ । ଅନ୍ଧକାର ଆକାଶରେ ବିଦ୍ୟୁତ ଚମକିବା ଭଳି ମୁହୂର୍ତ୍ତକ ପାଇଁ ସିଦ୍ଧାର୍ଥଙ୍କ ଅନ୍ତର ଆଲୋକିତ ହୋଇ ଉଠିଲା । ତାପରେ ପୁଣି ଗଭୀର କ୍ଲାନ୍ତିରେ ଅବସନ୍ନ ହୋଇ ସିଦ୍ଧାର୍ଥ ସେହି ଗଛ ମୂଳରେ ହିଁ ଶୋଇ ପଡ଼ିଲେ । ଅସ୍ପଷ୍ଟ ସ୍ୱରରେ ବ୍ରହ୍ମଙ୍କ ନାମ ଉଚ୍ଚାରଣ କରୁକରୁ ସେ ନଡ଼ିଆ ଗଛର ଚେର ଉପରେ ମୁଣ୍ଡ ରଖି ଗଭୀର ନିଦ୍ରାରେ ଶୋଇଗଲେ । ଗାଢ଼, ସ୍ୱପ୍ନବିହୀନ ନିଦ - ଏମିତି ନିଦ ଆଗରୁ କେବେ ହୋଇନାହିଁ ।

ବହୁତ ସମୟ ପରେ ଯେତେବେଳେ ନିଦ ଭାଙ୍ଗିଲା ମନେ ହେଲା ଯେମିତି

ବର୍ଷ ପରେ ବର୍ଷ ବିତିଯାଇଛି । କେଉଁଠି ଅଛନ୍ତି, କାହିଁକି ଅଛନ୍ତି, କିଛି ବୁଝିପାରିଲେ ନାହିଁ; କେବଳ ଶୋଇ ଶୋଇ ନଈର କୁଳୁକୁଳୁ ଗୀତ ଶୁଣିବାକୁ ଲାଗିଲେ । ଉପରକୁ ଚାହିଁ ଖୋଲା ଆକାଶକୁ ଦେଖି ଆଶ୍ଚର୍ଯ୍ୟ ଲାଗିଲା । ଧୀରେ ଧୀରେ ସବୁ ମନେ ପଡ଼ିଗଲା - କେଉଁଠି ଶୋଇଛନ୍ତି, କାହିଁକି ଏଠାକୁ ଆସିଛନ୍ତି, ଆହୁରି କେତେକ'ଣ । ତାଙ୍କର ଇଚ୍ଛା ହେଲା ସେହିଭଳି ଶୋଇ ରହିବାକୁ । କିନ୍ତୁ ଅନୁଭବ କଲେ ଯେ ଅତୀତ ଜୀବନ ତାଙ୍କ ଠାରୁ ବହୁ ଦୂରକୁ ଚାଲିଯାଇଛି । ସେ ଜୀବନ ବର୍ତ୍ତମାନ ମୂଲ୍ୟହୀନ । ନିଦରୁ ଉଠିବା ପରେ ସେ ଭାବିବାକୁ ଲାଗିଲେ ଅତୀତ ଜୀବନଟା ସତେ ଯେମିତି ବହୁ ପୁରାତନ ମୂର୍ତ୍ତି ଭଳି । ବର୍ତ୍ତମାନ ଯେଉଁ ଆତ୍ମା ତାଙ୍କ ଅନ୍ତରରେ ବାସ କରୁଛନ୍ତି ସେହି ଆତ୍ମା ହୁଏତ ପୂର୍ବ ଜନ୍ମରେ ସମ୍ଭବ ହୋଇଥିଲା । ତେଣୁ ସେ ସ୍ପଷ୍ଟ ଭାବରେ ଜାଣିପାରିଲେ ତାଙ୍କ ଅତୀତ ଜୀବନ ସମାପ୍ତ ହୋଇଯାଇଛି । ସେହି ବିରକ୍ତିମୟ ଓ ଯାତନାପୂର୍ଣ୍ଣ ଅତୀତ ଜୀବନ ହିଁ ତାଙ୍କୁ ଆତ୍ମହତ୍ୟା ଦିଗକୁ ଟାଣିନେଇଥିଲା । କିନ୍ତୁ ପବିତ୍ର ଓଁ ଉଚ୍ଚାରଣ କରି ଏହି ନଦୀକୂଳ ଗଛମୂଳରେ ସେ ପୁଣି ନିଜକୁ ଫେରିପାଇଲେ । ଓଁ ଉଚ୍ଚାରଣ କରି ସେ ଶୋଇପଡ଼ିଥିଲେ ଓ ବର୍ତ୍ତମାନ ଏକ ନୂଆ ଜଗତରେ ଜାଗ୍ରତ ହୋଇଛନ୍ତି । ସେ ଆଉ ଥରେ ଓଁ ଉଚ୍ଚାରଣ କଲେ । ଏହି ଓଁ କିନ୍ତୁ ନିଦ୍ରା ନୁହେଁ । ଏହା ଏକ ମଧୁର, ସୁଗଭୀର ଧ୍ୱନି । ଓଁ ମଧ୍ୟରେ ପ୍ରବେଶ କରିବା ଅର୍ଥ ଏକ ନାମହୀନ ମୂର୍ତ୍ତିହୀନ ବ୍ରହ୍ମଙ୍କ ସାନ୍ନିଧ୍ୟ ଲାଭ କରିବା ।

ପୂର୍ବରୁ କେବେ ନିଦ ଭାଙ୍ଗିବା ପରେ ସିଦ୍ଧାର୍ଥ ଏପରି ସତେଜ ଓ ପ୍ରଫୁଲ୍ଲିତ ବୋଧ କରିନଥିଲେ । ବୋଧହୁଏ ସେ ନଈରେ ବୁଡ଼ିଯାଇଥିଲେ, ବୋଧହୁଏ ସେ ପ୍ରକୃତରେ ମୃତ୍ୟୁ ମୁଖରେ ପଡ଼ିଥିଲେ । ଏବେ ପୁଣି ନବଜନ୍ମ ଲାଭ କରିଛନ୍ତି । କିନ୍ତୁ ସତରେ ତା' ନୁହେଁ । ବର୍ତ୍ତମାନ ସେ ନିଜକୁ, ନିଜ ଅଙ୍ଗ ପ୍ରତ୍ୟଙ୍ଗକୁ ଚିହ୍ନି ପାରୁଛନ୍ତି । ଯେଉଁଠି ଶୋଇପଡ଼ିଥିଲେ। ସେହି ସ୍ଥାନକୁ ଚିହ୍ନୁଛନ୍ତି । ନୂଆ ଭାବରେ ନିଜର ଅନ୍ତରସ୍ଥ ଆତ୍ମାକୁ ଏବଂ ସ୍ୱେଚ୍ଛାଚାରୀ ଓ ବ୍ୟକ୍ତିକୈନ୍ଦ୍ରିକ ସତ୍ତାକୁ ମଧ୍ୟ ଚିହ୍ନୁଛନ୍ତି । ତଥାପି ସେ ସଠିକ୍ ସିଦ୍ଧାର୍ଥ ନୁହେଁ । କେଉଁଠି ଯେମିତି କ'ଣ ଗୋଟାଏ ପରିବର୍ତ୍ତନ ହୋଇଯାଇଛି । ଆଶ୍ଚର୍ଯ୍ୟ ଏହି ନିଦ ! ଏକ ପରିପୂର୍ଣ୍ଣ ବିସ୍ମୟକର ଉତ୍ଥାନ ତାଙ୍କ ମନରେ ଆଣିଦେଇଛି ଆନନ୍ଦ ।

ସିଦ୍ଧାର୍ଥ ଉଠିପଡ଼ି ଦେଖିଲେ ତାଙ୍କ ସାମାନାରେ ଜଣେ ମୁଣ୍ଡିତ ବେଶୀ ଭିକ୍ଷୁ ହଳଦିଆ ଲୁଗା ପିନ୍ଧି ଧ୍ୟାନମଗ୍ନ ହୋଇ ବସିଛନ୍ତି । ସିଦ୍ଧାର୍ଥ ନିରୀକ୍ଷଣ କରି ଦେଖିଲେ ଭିକ୍ଷୁଙ୍କର ଅନେକ ପରିବର୍ତ୍ତନ ହୋଇଛି, ମୁଣ୍ଡରେ କେଶ ନାହିଁ, ନିଶଦାଢ଼ି ମଧ୍ୟ ନାହିଁ; ତଥାପି ଗୋବିନ୍ଦକୁ ଚିହ୍ନିବା କଷ୍ଟକର ହେଲା ନାହିଁ । ଯୌବନର ବନ୍ଧୁ ସିଦ୍ଧାର୍ଥର ସାଙ୍ଗ ତ୍ୟାଗ କରି ବୁଦ୍ଧଙ୍କ ପାଦତଳେ ଆଶ୍ରୟ ଗ୍ରହଣ କରିଛି । ଗୋବିନ୍ଦର ବୟସ ବଢ଼ିଥିଲେ ମଧ୍ୟ କେତେକ ବୈଶିଷ୍ଟ୍ୟ ତା ମୁଖମଣ୍ଡଳରୁ ଅବଶ୍ୟ ଜଣାପଡ଼େ - ଔସୁକ୍ୟ, ଅନୁଗତ୍ୟ, ଜିଜ୍ଞାସା ଓ ଉତ୍କଣ୍ଠା । କିନ୍ତୁ ଗୋବିନ୍ଦ ଯେତେବେଳେ ଆଖି ଖୋଲି ସିଦ୍ଧାର୍ଥକୁ ଚାହିଁଲା,

ସିଦ୍ଧାର୍ଥ ଜାଣିପାରିଲା ଯେ ଗୋବିନ୍ଦ ତାକୁ ଚିହ୍ନିପାରିନାହିଁ । ସିଦ୍ଧାର୍ଥର ନିଦ ଭାଙ୍ଗିଥିବା ଦେଖି ଗୋବିନ୍ଦ ଖୁସି ହେଲା, ମନେ ହେଲା ସେ ସିଦ୍ଧାର୍ଥର ନିଦ ଭାଙ୍ଗିବା ପାଇଁ ବହୁ ସମୟ ଅପେକ୍ଷା କରିଛି ।

ସିଦ୍ଧାର୍ଥ କହିଲା, 'ମୁଁ ଶୋଇପଡ଼ିଥିଲି । ତୁମେ କେମିତି ଏଠାକୁ ଆସିଲ ?'

ଗୋବିନ୍ଦ ଉତ୍ତର ଦେଲା, 'ଏମିତି ଜାଗାରେ ଶୋଇବା ଠିକ୍ ନୁହେଁ । ହିଂସ୍ର ଜନ୍ତୁ, ସାପ ଏଠାରେ ଚଲାବୁଲା କରନ୍ତି । ମୁଁ ଗୌତମଙ୍କର ଅଗଣିତ ଶିଷ୍ୟମାନଙ୍କ ମଧ୍ୟରୁ ଜଣେ । କେତେଜଣ ଭିକ୍ଷୁଙ୍କ ସହ ମୁଁ ତୀର୍ଥଯାତ୍ରାରେ ବାହାରିଛି । ଏପରି ବିପଦସଙ୍କୁଳ ସ୍ଥାନରେ ଆପଣ ଶୋଇଥିବା ଦେଖି ମୁଁ ଆପଣଙ୍କୁ ନିଦରୁ ଉଠାଇବା ପାଇଁ ଚେଷ୍ଟା କଲି । କିନ୍ତୁ ଆପଣ ଗଭୀର ନିଦ୍ରାରେ ଅଚେତନ । ତେଣୁ ଦଳରୁ ପଛରେ ରହି ଆପଣଙ୍କ ପାଖରେ ବସିଲି । ଏବେ ଦେଖୁଛି, ଆପଣଙ୍କୁ ଜାଗିବା ସମୟରେ ବୋଧହୁଏ ମୁଁ ମଧ୍ୟ ଶୋଇପଡ଼ିଥିଲି । ମୁଁ ଭୀଷଣ କ୍ଲାନ୍ତ ଥିଲି, ତେଣୁ ମୋର କର୍ତ୍ତବ୍ୟ ପାଳନରେ ସାମାନ୍ୟ ତ୍ରୁଟି ହୋଇଛି । ଯାହାହେଉ, ଆପଣ ଏବେ ଜାଗ୍ରତ । ଏବେ ମୁଁ ଯାଉଛି । ମୋ ଦଳର ବନ୍ଧୁମାନଙ୍କ ସହିତ ଏକତ୍ର ହେବି ।'

'ହେ ସନ୍ନ୍ୟାସୀ, ଶୋଇଥିବା ଅବସ୍ଥାରେ ମୋତେ ରକ୍ଷା କରିଥିବାରୁ ତୁମକୁ ବହୁତ ଧନ୍ୟବାଦ । ଗୌତମଙ୍କ ଶିଷ୍ୟମାନଙ୍କର ହୃଦୟ ସବୁବେଳେ କରୁଣାରେ ପୂର୍ଣ୍ଣ । ବର୍ତ୍ତମାନ ତୁମେ ଗନ୍ତବ୍ୟ ପଥରେ ଯାଇପାରିବ ।'

'ମୁଁ ତେବେ ଯାଉଛି, ଆପଣଙ୍କର ମଙ୍ଗଳ ହେଉ ।'

'ତୁମକୁ ଅନେକ ଧନ୍ୟବାଦ ।'

ଗୋବିନ୍ଦ ନମସ୍କାର କରି କହିଲା, 'ବିଦାୟ ।'

ସିଦ୍ଧାର୍ଥ ଉତ୍ତର ଦେଲା, 'ବିଦାୟ, ଗୋବିନ୍ଦ, ବିଦାୟ ।'

ଭିକ୍ଷୁ ଚମକି ପଡ଼ିଲେ । 'ମହାଶୟ, କ୍ଷମା କରନ୍ତୁ, ଆପଣ ମୋ ନାଁ ଜାଣିଲେ କେମିତି ?'

ସିଦ୍ଧାର୍ଥ ହସି ହସି କହିଲେ 'ଗୋବିନ୍ଦ, ପିତାଙ୍କ ଗୃହରେ, ବିଦ୍ୟାଳୟରେ, ଯଜ୍ଞ କର୍ମରେ, ସନ୍ନ୍ୟାସୀମାନଙ୍କ ବନ୍ଧୁ ଭାବରେ ଓ ଜେତବନରେ ତୁମ ପରିଚୟ ପାଇଛି ।'

'ତୁମେ ସିଦ୍ଧାର୍ଥ !' ପ୍ରାୟ ଚିତ୍କାର କରି ଗୋବିନ୍ଦ କହିଲା । 'ଏବେ ଚିହ୍ନି ପାରିଲି । ହଠାତ୍ ଦେଖିବା ପରେ କାହିଁକି ଚିହ୍ନି ପାରିଲି ନାହିଁ ଜାଣେନା । ମୋର ଅଭିବାଦନ ଗ୍ରହଣ କର, ସିଦ୍ଧାର୍ଥ । ତୁମ ସାଥିରେ ପୁଣି ଦେଖା ହୋଇପାରିଲା, ମୁଁ ବହୁତ ଖୁସି ।'

'ଏତେ ଦିନ ପରେ ତୁମକୁ ଭେଟି ମୁଁ ମଧ୍ୟ ବହୁତ ଖୁସି । ମୁଁ ଶୋଇଥିଲି, ତୁମେ ମୋତେ ଜଗିରହିଲ, ଯଦିଓ ତାହା ଆବଶ୍ୟକ ନଥିଲା । ତଥାପି ପୁଣି ଥରେ

ତୁମକୁ ଧନ୍ୟବାଦ । କେଉଁଠି ଯାଉଛ, ବନ୍ଧୁ ?'

'ସେମିତି କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ନାହିଁ । ବର୍ଷାଦିନ ବ୍ୟତୀତ ଆମେ ସର୍ବଦା ଯାତ୍ରା କରୁଥାଉ । ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯାଉ । ସଂଘର ନିୟମ ମାନି ଚଲୁ । ଗୌତମଙ୍କ ବାଣୀ ପ୍ରଚାର କରୁ । ଭିକ୍ଷା ସଂଗ୍ରହ କରି ପୁଣି ବାହାରିଯାଉ । ଏହି ଗୋଟିଏ ନିୟମରେ ଆମ ଜୀବନ ଚାଲିଥାଏ । କିନ୍ତୁ ସିଦ୍ଧାର୍ଥ, ତୁମେ କେଉଁଠି ଯାଉଛ ?'

ସିଦ୍ଧାର୍ଥ ଉତ୍ତର ଦେଲା, 'ମୋ ଅବସ୍ଥା ମଧ୍ୟ ତୁମ ଭଳି । କେଉଁଠାକୁ ଯାଉଛି ତାହା ମୁଁ ମଧ୍ୟ ଜାଣେ ନାହିଁ । ତୀର୍ଥ ଭ୍ରମଣରେ ବାହାରିଛି ।'

'ହଉ, ମୁଁ ମାନୁଛି ତୁମେ ତୀର୍ଥ ଭ୍ରମଣରେ ଯାଉଛ । କିନ୍ତୁ ତୁମେ ତ ତୀର୍ଥଯାତ୍ରୀ ଭଳି ଜଣାପଡୁନାହିଁ । ତୁମର ବେଶଭୁଷା, ଯୋତା, କେଶ ସବୁକିଛି ଧନୀ ବ୍ୟକ୍ତିର ପରିଚୟ, ତୀର୍ଥଯାତ୍ରୀର ନୁହେଁ ।'

'ବନ୍ଧୁ, ତୁମେ ଠିକ୍ କହିଛ । ତୁମର ଦୃଷ୍ଟି ସର୍ବଦା ତୀକ୍ଷ୍ଣ । କିନ୍ତୁ ମୁଁ ତ କହିନାହିଁ ଯେ ମୁଁ ସନ୍ନ୍ୟାସ ବ୍ରତ ଗ୍ରହଣ କରିଛି । ମୁଁ କେବଳ କହିଛି ଯେ ମୁଁ ତୀର୍ଥଯାତ୍ରୀ ଓ ଏହା ହିଁ ସତ୍ୟ ।'

ଗୋବିନ୍ଦ ପୁଣି ପଚାରିଲା, 'ତୁମେ ତୀର୍ଥ ଉଦ୍ଦେଶ୍ୟରେ ଯାତ୍ରା କରୁଛ । କିନ୍ତୁ ତୀର୍ଥଯାତ୍ରୀମାନେ ଏପରି ସୁନ୍ଦର ପୋଷାକ, ଜୋତା ପିନ୍ଧିଥିବାର ମୁଁ କେବେ ଦେଖି ନାହିଁ । ମୁଁ କେତେ ବର୍ଷ ହେବ ବିଭିନ୍ନ ତୀର୍ଥସ୍ଥାନକୁ ଯାତ୍ରା କରୁଛି ।'

'ଗୋବିନ୍ଦ, ତୁମ କଥା ଠିକ୍ । କିନ୍ତୁ ଆଜି ତୁମେ ଜଣେ ନୂତନ ତୀର୍ଥଯାତ୍ରୀକୁ ଭେଟିଛ । ପ୍ରିୟ ଗୋବିନ୍ଦ, ଏହି ଦୃଶ୍ୟ ଜଗତରେ ଅନିତ୍ୟ ବେଶଭୁଷା ଓ କେଶବିନ୍ୟାସର ରୀତି ପ୍ରଚଳିତ । ତୁମର ବାକ୍ୟ ଯଥାର୍ଥ । ମୋର ପରିଧାନ ସତରେ ଧନୀ ବ୍ୟକ୍ତିଙ୍କର । ମୋର ମୂଲ୍ୟବାନ ବସ୍ତ୍ର ଓ ଯୋତା ଦେଖୁଛ, ଏସବୁର କାରଣ ମୁଁ ସଂସାରୀ ଥିଲି ।'

'ତେବେ ସିଦ୍ଧାର୍ଥ, ବର୍ତ୍ତମାନ ତୁମେ କ'ଣ ?'

'ତାହା ମୁଁ ମଧ୍ୟ ଜାଣେନାହିଁ । ତୁମେ ଯେତିକି ଜାଣିଛ ମୁଁ ସେତିକି ଜାଣେ । କେବଳ ଏତିକି ଜାଣେ ଯେ ମୁଁ ଜଣେ ପଥିକ । ଦିନେ ମୋର ଐଶ୍ୱର୍ଯ୍ୟ ଥିଲା, ଆଜି ନାହିଁ । କାଲି ପୁଣି କ'ଣ ହେବ ତାହା ମଧ୍ୟ କହିପାରିବି ନାହିଁ ।'

'ଐଶ୍ୱର୍ଯ୍ୟ ଚାଲିଯାଇଛି ?'

'ମୁଁ ଐଶ୍ୱର୍ଯ୍ୟକୁ ହଜେଇ ଦେଇଛି ବା ଐଶ୍ୱର୍ଯ୍ୟ ମୋତେ ହଜାଇଛି, ତାହା ମୁଁ ସଠିକ କହିପାରିବି ନାହିଁ । ବାହ୍ୟରୂପର ଚକ୍ର ଦୃତ ଘୁରିଯାଏ । ପୂର୍ବର ସେହି ବ୍ରାହ୍ମଣ ସିଦ୍ଧାର୍ଥ, ସନ୍ନ୍ୟାସୀ ସିଦ୍ଧାର୍ଥ, ଧନୀ ସିଦ୍ଧାର୍ଥ - ଆଜି କେଉଁଠି ? ଯାହା ଅନିତ୍ୟ, ତାର ପରିବର୍ତ୍ତନ ଦୃତ ହୋଇଥାଏ । ତୁମେ ଏହା ଜାଣିଛ, ଗୋବିନ୍ଦ ।'

ଶୈଶବର ବନ୍ଧୁ ସିଦ୍ଧାର୍ଥକୁ କିଛି ସମୟ ଗୋବିନ୍ଦ ନୀରବରେ ଚାହିଁ ରହିଲା ଓ

ତାପରେ ସିଦ୍ଧାର୍ଥକୁ ଅଭିବାଦନ ଜଣାଇ ନିଜ ଗନ୍ତବ୍ୟ ସ୍ଥଳକୁ ବାହାରି ପଡ଼ିଲା ।

ସିଦ୍ଧାର୍ଥ ଖୁସି ମନରେ ଗୋବିନ୍ଦର ଯାତ୍ରା ପଥକୁ ଚାହିଁ ରହିଲା । ଏବେ ମଧ୍ୟ ସେ ତାର ବିଶ୍ୱସ୍ତ ବନ୍ଧୁକୁ ଭଲପାଏ । ସିଦ୍ଧାର୍ଥର ପ୍ରାଣକେନ୍ଦ୍ର ମଧ୍ୟକୁ ଓଁ ପ୍ରବେଶ କରି ଗଭୀର ନିଦ ଆଣିଦେଇଥିଲା । ନିଦ ଭାଙ୍ଗିବା ପରେ ନବଜୀବନ ଲାଭର ଆଶ୍ଚର୍ଯ୍ୟ ମୁହୂର୍ତ୍ତରେ କୌଣସି ବ୍ୟକ୍ତି ବା ପଦାର୍ଥକୁ ସେ ଭଲ ନ ପାଇ ରହିପାରିବ ନାହିଁ । ସେହି ଓଁ ମନ୍ତ୍ର ଓ ନିଦ୍ରା ସିଦ୍ଧାର୍ଥକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିଦେଇଛି । ବର୍ତ୍ତମାନ ସେ ସବୁକିଛି ଭଲପାଉଛି । ଚାରିପଟରେ ଯାହା ଦେଖୁଛି ସେସବୁ ତା ମନକୁ ହର୍ଷୋତ୍‌ଫୁଲ୍ଲ କରିଦେଉଛି । ପୂର୍ବରୁ ତ ଏପରି କାହାକୁ ବା କୌଣସି ବସ୍ତୁକୁ ଭଲ ପାଇପାରୁ ନ ଥିଲା । ବୋଧହୁଏ ସେଇଥିପାଇଁ ତାର ପୂର୍ବ ଜୀବନ ଏମିତି ବିଷାଦମୟ ଥିଲା ।

କ୍ରମଶଃ ଦୂରକୁ ଚାଲିଯାଉଥିବା ବୌଦ୍ଧ ଭିକ୍ଷୁ ଆଡ଼କୁ ଚାହିଁରହିଲେ ସିଦ୍ଧାର୍ଥ । ନିଦ୍ରା ତାଙ୍କୁ ଅବଶ୍ୟ ସତେଜତା ଆଣିଦେଇଛି । କିନ୍ତୁ ଦୁଇଦିନର ଅନାହାର ଯୋଗୁଁ ଭୀଷଣ କ୍ଷୁଧା । କ୍ଷୁଧାର ଯନ୍ତ୍ରଣା ଅଗ୍ରାହ୍ୟ କରିବାର କ୍ଷମତା ସେ କେବେ ଠାରୁ ଭୁଲିଯାଇଛନ୍ତି । ଯନ୍ତ୍ରଣା ମଧ୍ୟରେ ବି ସେ ହସିଉଠିଲେ । ସେଦିନର କଥା ମନେ ପଡ଼ିଗଲା । କମଳା ପାଖରେ ତିନୋଟି ମହତ ଓ ଅପରାଜେୟ ଗୁଣ ପାଇଁ ଗର୍ବ ଅନୁଭବ କରିଥିଲେ : ଉପବାସ, ପ୍ରତୀକ୍ଷା ଓ ଧ୍ୟାନ । ସେତେବେଳେ ଏହି ତିନି ଗୁଣ ଥିଲା ତାଙ୍କର ସମ୍ପଦ ଓ ଶକ୍ତି, କ୍ଷମତା ଓ ଅବଲମ୍ବନ । ଯୌବନ କାଳରେ ସିଦ୍ଧାର୍ଥ କଠୋର ପରିଶ୍ରମ ଓ ଅଧ୍ୟବସାୟ ଦ୍ୱାରା ଏହି ତିନି ଗୁଣକୁ ଆୟତ୍ତ କରି ପାରିଥିଲେ; ସେ ଆଉ କିଛି ଶିଖିନଥିଲେ । ବର୍ତ୍ତମାନ ସିଦ୍ଧାର୍ଥ ସେଗୁଡ଼ିକୁ ହଜାଇ ଦେଇଛନ୍ତି । କୌଣସି ଗୋଟିଏ ଗୁଣ ଆଉ ତାଙ୍କ ନିକଟରେ ନାହିଁ । ଏହି ଗୁଣଗୁଡ଼ିକୁ ସେ ବିନିମୟ କରିଛନ୍ତି ଅତି ତୁଚ୍ଛ ଓ କ୍ଷଣସ୍ଥାୟୀ ପଦାର୍ଥ ପାଇଁ । ବିନିମୟ କରିଛନ୍ତି ଇନ୍ଦ୍ରିୟ ସୁଖର ଲାଳସା, ଅର୍ଥ ଓ ଭୋଗବିଳାସର ମୋହରେ । ସିଦ୍ଧାର୍ଥ ଦିନେ ଅପରିଚିତ ପଥରେ ଭ୍ରମଣ ପାଇଁ ଘରୁ ବାହାରିଥିଲା; ବର୍ତ୍ତମାନ ଦେଖୁଛନ୍ତି ସେ ଅନ୍ୟମାନଙ୍କ ଭଳି ସାଧାରଣ ହୋଇଯାଇଛନ୍ତି ।

ସିଦ୍ଧାର୍ଥ ନିଜ ବିଷୟରେ ଭାବିବାକୁ ଲାଗିଲେ । ନିଜ ପାଇଁ ଚିନ୍ତା କରିବା ମଧ୍ୟ ବେଶ୍ କାଠିକର ପାଠ । ତଥାପି ସେ ଭାବିବାକୁ ଲାଗିଲେ ।

ଯାହା ସବୁ କ୍ଷଣସ୍ଥାୟୀ ତାହା ମୋ ଜୀବନରୁ ଦୂରେଇ ଯାଇଛି । ମୁଁ ପୁଣି ଛିଡ଼ାହୋଇଛି ମୁକ୍ତ ଆକାଶ ତଳେ, ଯେମିତି ଶୈଶବରେ ଠିଆ ହେଉଥିଲି । ମୋର କିଛି ନିଜର ନୁହେଁ, ମୁଁ କିଛି ଜାଣିନାହିଁ, ମୋର କିଛି ନାହିଁ, ମୁଁ କିଛି ବି ଶିଖିନାହିଁ । କେତେ ଅଦ୍ଭୁତ ସତେ ! ଯେତେବେଳେ ଯୌବନ ଚାଲିଯାଇଛି, ଯେତେବେଳେ କେଶ ଧଳା ହେବାକୁ ଆରମ୍ଭ କଲାଣି, ଯେତେବେଳେ ଦେହର ଶକ୍ତି କମି ଆସୁଛି, ସେତେବେଳେ ମୁଁ ନିଜକୁ ଶିଶୁ ରୂପରେ ନୂଆ ହୋଇ ଦେଖୁଛି ।

ସିଦ୍ଧାର୍ଥଙ୍କ ମୁହଁରେ ହସ ଫୁଟି ଉଠିଲା । ତାଙ୍କ ଭାଗ୍ୟ କେତେ ଅଦ୍ଭୁତ । ସେ ସନ୍ନ୍ୟାସ ତ୍ୟାଗ କରି ପଛକୁ ଫେରି ଯାଉଥିଲେ, କିନ୍ତୁ ପୁଣି ଶୂନ୍ୟ ହାତରେ ଫେରିଆସିଛନ୍ତି । ନଗ୍ନ ଓ ସଂସାର - ଅନଭିଜ୍ଞ ଭାବେ । ସେଥିପାଇଁ ତାଙ୍କର କୌଣସି ଦୁଃଖ ନାହିଁ; ବରଂ ହସିବା ପାଇଁ ପ୍ରବଳ ଇଚ୍ଛା ହେଉଛି । ନିଜର ଦୁର୍ଦ୍ଦଶା ଦେଖି ହସିବାକୁ ଇଚ୍ଛା ହେଉଛି । ଏହି ନିର୍ବୋଧ ଓ ଆଶ୍ଚର୍ଯ୍ୟ ପୃଥିବୀକୁ ଦେଖି ବିଦ୍ରୂପର ହସ ହସିବାକୁ ଇଚ୍ଛା ହେଉଛି । ସିଦ୍ଧାର୍ଥ ନିଜକୁ କହିଲେ, ତୁମର ସବୁ କିଛି ପଶ୍ଚାତ୍‌ଗାମୀ ।

ପର ମୁହୂର୍ତ୍ତରେ ସେ ଚାହିଁଲେ ନଈକୁ । ପୂର୍ବଭଳି କୁଳୁକୁଳୁ ନାଦରେ ବହିଯାଉଛି । ଦେଖି ଭାରି ଆନନ୍ଦ ଲାଗିଲା । ହସି ହସି ସମ୍ଭାଷଣ କଲେ ନଈକୁ । ଏହି ନଈରେ ସେ ବୁଡ଼ି ମରିବାକୁ ଯାଉଥିଲେ, ନା ? ସତେ ଯେମିତି ଶହ ଶହ ବର୍ଷ ପୂର୍ବର ଘଟଣା । ନା କେବଳ ସ୍ୱପ୍ନ ?

ତାଙ୍କ ଜୀବନଟା କେତେ ଆଶ୍ଚର୍ଯ୍ୟକର ! କେତେ ନୂଆ ନୂଆ ଅଜଣା ବାଟରେ ସେ ଚାଲିଛନ୍ତି । କିଶୋର ବୟସରେ ଦେବାଦେବୀଙ୍କ ପୂଜାର୍ଚ୍ଚନା ଓ ଯାଗଯଜ୍ଞ କର୍ମରେ ମତ୍ତ ଥିଲି । ଯୌବନ ବିତିଗଲା ଧ୍ୟାନ ଓ ତପସ୍ୟାରେ । ବ୍ରହ୍ମଙ୍କୁ ଖୋଜି ଖୋଜି, ଆତ୍ମା ଭିତରେ ଶାଶ୍ୱତର ପ୍ରକାଶକୁ ପୂଜା କରିଛି । ଯୌବନରେ ପ୍ରାୟଶ୍ଚିତ୍ତ ଓ କଠୋର ଜୀବନଯାପନ ମୋତେ ଆକୃଷ୍ଟ କରିଛି । ବର୍ଷ ବର୍ଷ ଜଙ୍ଗଲରେ ବିଚରଣ କରିଛି । ଉପବାସ କରିବା ଶିଖିଛି, ଶରୀରକୁ ଆୟତ୍ତ କରିବାର କୌଶଳ ମଧ୍ୟ ଶିଖିଛି । ତାପରେ ଦିନେ ବୁଦ୍ଧଙ୍କ ବାଣୀ ଶୁଣିଲା ପରେ ମୁଗ୍ଧ ହେଲି । ସଂସାର ସମ୍ପର୍କରେ ଅନେକ କିଛି ଶିଖିଲି । ଉପଲବ୍ଧି କରି ପାରିଲି ଯେ ପୃଥିବୀର ବୈଚିତ୍ର୍ୟ ମଧ୍ୟରେ ରହିଛି ଐକ୍ୟ । ଏହି ଅନୁଭୂତି ମୋ ରକ୍ତରେ ପ୍ରବାହିତ ହେଉଥିଲା । କିନ୍ତୁ ତଥାପି ମୁଁ ବାଧ ହୋଇଥିଲି ବୁଦ୍ଧ ଓ ତାଙ୍କ ବାଣୀ ତ୍ୟାଗ କରିବାକୁ । ତାପରେ ନଗରରେ ବାସ କରି କାମସ୍ୱାମୀଠାରୁ ଶିକ୍ଷା କଲି ବ୍ୟବସାୟ ଓ କମଳାଠାରୁ ଲାଭ କଲି ପ୍ରେମ ବିଦ୍ୟା । କେତେ ରୋଜଗାର କଲି, ସଞ୍ଚୟ କଲି ଓ ତାପରେ ମନ ଭରି ସେହି ଅର୍ଥ ଉଡ଼ାଇ ଦେଲି । ସୁସ୍ୱାଦୁ ଖାଦ୍ୟ ଖାଇଲି, ଇନ୍ଦ୍ରିୟ ଉତ୍ତେଜିତ କରିବାର କଳା କୌଶଳ ମଧ୍ୟ ଶିଖିଲି । ଫଳରେ କିଛି ବର୍ଷ ମଧ୍ୟରେ ମୋର ବୁଦ୍ଧି ହ୍ରାସ ହେଲା, ଚିନ୍ତା କରିବାର ଶକ୍ତି ଚାଲିଗଲା, ଭୁଲିଗଲି ଯେ ବୈଚିତ୍ର୍ୟ ପଛରେ ଐକ୍ୟବୋଧ ଅଛି । ଏହା କ'ଣ ସତ ନୁହେଁ ଯେ ଧୀରେ ଧୀରେ ଅନେକ ଭୁଲ ପଥରେ ବୁଲି ବୁଲି ମୁଁ ପୁଣି ଶିଶୁ ହୋଇ ଯାଇଛି ? ପରିଣତ ବାର୍ଦ୍ଧକ୍ୟରୁ ଶୈଶବକୁ ଫେରି ଆସିଛି ? ଯେଉଁ ବ୍ୟକ୍ତି ଦିନେ ଧ୍ୟାନ କରି ପାରୁଥିଲା, ସେ ବର୍ତ୍ତମାନ ସଂସାରର ଜଣେ ଅତି ସାଧାରଣ ମଣିଷ ପାଲଟି ଯାଇଛି ? ବର୍ତ୍ତମାନ ମୁଁ କିନ୍ତୁ ଜାଣିପାରୁଛି ଯେ ଅନ୍ତର ଭିତରର ସେହି ସୁନା ଚଢ଼େଇଟି ଏବେ ବି ବଞ୍ଚିଛି । କେତେ ପ୍ରକାରର ପଥ ମୋତେ ଅତିକ୍ରମ କରିବାକୁ ପଡ଼ିଲା ? ନୂଆ ଜୀବନ ଲାଭ କରିବା ପାଇଁ କେତେ ନିର୍ବୋଧତା, ପାପ, ଭୁଲ, ବିରକ୍ତି,

ଦୁଃଖ ଓ ମୋହଭଙ୍ଗର ସାମନା କରିବାକୁ ପଡ଼ିଛି ।

ହୁଏତ ଏହା ହିଁ ଠିକ୍ । ଏମିତି ବୋଧହୁଏ ହେବା ଉଚିତ । ମୋ ଆଖି ଓ ମନ ଏହି ନବଜୀବନକୁ ଅଭିନନ୍ଦନ ଜଣାଉଛି । କେତେ ହତାଶ ଅଭିଜ୍ଞତା ଲାଭ କରିଛି, କେତେଥର ଅନ୍ତରର ଗଭୀର ସ୍ଥାନରେ ବୁଡ଼ି ଯାଇଛି, ଅନୁକମ୍ପା ପାଇବା ପାଇଁ ଆତ୍ମହତ୍ୟା କରିବାକୁ ଚିନ୍ତା କରିଛି, ସେହି ସମୟରେ ଓଁ ଧ୍ୱନି ଶୁଣିବାକୁ ପାଇଛି । ଆଉ ଥରେ ଗଭୀର ନିଦରେ ହଜିଗଲେ ପୁଣି ଜାଗ୍ରତ ହେବି ନୂଆ ସତେଜତାରେ । ନିଜ ଭିତରେ ଆତ୍ମାକୁ ଉପଲବ୍ଧ କରିବା ପାଇଁ ଆଉ ଥରେ ନିର୍ବୋଧ ହେବାକୁ ପଡ଼ିଛି; ନୂଆ ଜୀବନ ପାଇଁ ପାପକାର୍ଯ୍ୟ କରିବାକୁ ପଡ଼ିଛି; ଏଥର କିନ୍ତୁ ନୂଆ ପଥ ମୋତେ କେଉଁଆଡ଼େ ନେଇଯିବ ? ଏହି ନିର୍ବୋଧ ପଥ ସିଧାସଳଖ ଚାଲେ ନାହିଁ; ଚାଲେ ବୃତ୍ତାକାରରେ, ଉପରକୁ । ପଥ ଯେଉଁ ଦିଗରେ ଯାଉ, ମୁଁ ଏହି ପଥରେ ହିଁ ଆଗେଇ ଯିବି ।

ସିଦ୍ଧାର୍ଥ ଅନୁଭବ କଲେ ତାଙ୍କ ହୃଦୟ ଭିତରୁ ଏକ ଆନନ୍ଦର ଝୁଆର ମାଡ଼ି ଆସୁଛି । କେଉଁଠୁ ଆସିଲା ଏହି ଆନନ୍ଦ ? ଏହାର କାରଣ କ'ଣ ? ଏହା କ'ଣ ଦୀର୍ଘ ନିଦ୍ରାର ଫଳ ? ଅଥବା ଓଁ ମନ୍ତ୍ର ଉଚ୍ଚାରଣରେ ମୋର ଅନ୍ତର ଉତ୍‌ଫୁଲ୍ଲିତ ହୋଇ ଉଠିଲା ? କିମ୍ବା ଅତୀତର ବିଷାକ୍ତ ଜୀବନରୁ ଏତେ କାଳ ପରେ ମୁକ୍ତ ହୋଇଥିବାରୁ ଓ ଶିଶୁ ଭଳି ମୁକ୍ତ ଆକାଶ ତଳେ ଠିଆ ହୋଇଥିବାରୁ ଏତେ ଆନନ୍ଦ ? ଏହି ଆନନ୍ଦ କେତେ ଗଭୀର, ସୁଦୂର, ପରିପୂର୍ଣ୍ଣ - ଏହି ମୁକ୍ତି, ଏହି ପଳାୟନ - ସାଂସାରିକ, ବାହ୍ୟିକ, ଐଶ୍ୱର୍ଯ୍ୟମୟ ଜଡ଼ତାରୁ ମୁକ୍ତି ! ଐଶ୍ୱର୍ଯ୍ୟକୁ ଘୃଣା କରୁଥିଲି, ତେଣୁ ପ୍ରଚୁର ଅର୍ଥ ଉଡ଼ାଇ ଦେଇଛି ଜୁଆଖେଳ ଓ ସୁରା ଆସରରେ । ସେହି ପୂତିଗନ୍ଧମୟ ପରିବେଶରେ ଏତେ ଦୀର୍ଘ ସମୟ ରହିଥିବାରୁ ମୁଁ ନିଜକୁ ଘୃଣା କରୁଛି । ନିଜକୁ କେତେ ଘୃଣା କରିଛି, ନିଜ ଜୀବନକୁ ବ୍ୟର୍ଥତାରେ ପୂର୍ଣ୍ଣ କରିଛି, ବିଷାକ୍ତ କରି ତୋଳିଛି । ସେଥିପାଇଁ ମୁଁ ଦିନକୁ ଦିନ ବୃଦ୍ଧ ଓ କୁତ୍ସିତ ହୋଇ ଉଠିଛି । କିନ୍ତୁ ତା' ସହିତ ଗୋଟିଏ ପ୍ରଶଂସନୀୟ କାର୍ଯ୍ୟ କରିଛି - ସେହି ପୁରୁଣା ମୂଲ୍ୟହୀନ ଶୂନ୍ୟ ଶୁଷ୍କ ଜୀବନକୁ ବର୍ତ୍ତମାନ ଶେଷ କରିଦେଇଛି । ସିଦ୍ଧାର୍ଥ, ମୁଁ ତୁମକୁ ଅଭିନନ୍ଦନ ଜଣାଉଛି । ତୁମେ ଏତେଦିନ ପରେ କର୍ଦ୍ଦମାକ୍ତ ଜୀବନରୁ ମୁକ୍ତ ହୋଇ ଏକ ମହତ ଉଦ୍ଦେଶ୍ୟ ଆଶାରେ ଅଗ୍ରସର ହୋଇ ପାରିଛ, ସେଥିପାଇଁ ତୁମେ ଅଭିନନ୍ଦନର ପାତ୍ର । ସବୁଠାରୁ ବଡ଼ କଥା ହେଉଛି ତୁମ ଅନ୍ତର ଭିତରର ଚଢ଼େଇଟି ଗୀତ ଗାଇବାକୁ ଆରମ୍ଭ କଲାଣି ଓ ସେ ଗୀତକୁ ଅନୁସରଣ କରି ତୁମେ ଆଗେଇ ଆସିଛ ।

ସିଦ୍ଧାର୍ଥ ନିଜେ ନିଜର ପ୍ରଶଂସା କଲେ। ଓ ମଜାଳିଆ ଢଙ୍ଗରେ ଶୁଣିଲେ ନିଜ ଭୋକିଲା ପେଟର ଘୁଡୁଘୁଡୁ ଡାକ । ସେ ଉପଲବ୍ଧ କରି ପାରିଲେ ଯେ ସେ ଅତୀତରେ ଯେତେ ଦୁଃଖ ଓ ଯନ୍ତ୍ରଣା ଭୋଗ କରିଛନ୍ତି, ଯେଉଁ ହତାଶାର ଚକାଭଉଁରୀରେ ସେ ଆତ୍ମହତ୍ୟା କରିବା ପାଇଁ ଯାଉଥିଲେ, ସେହି ଦୁଃଖ ଓ ଯନ୍ତ୍ରଣାରୁ ସେ ଅନେକାଂଶରେ

ମୁକ୍ତିଲାଭ କରିଛନ୍ତି । ସେ ଆହୁରି ବହୁଦିନ କାମସ୍ୱାମୀ ସହିତ ରହିପାରିଥାନ୍ତେ, ଆହୁରି ଅର୍ଥ ଉପାର୍ଜନ କରି ଉଡାଇ ପାରିଥାନ୍ତେ, ଶରୀରକୁ ଖାଦ୍ୟ ଯୋଗାଇ ଆତ୍ମାକୁ ଉପବାସରେ ରଖିପାରିଥାନ୍ତେ । ହତାଶାର ଚରମ ମୁହୂର୍ତ୍ତରେ ସେ ନଦୀରେ ମରିବାକୁ ଉଦ୍ୟତ ହେବା ସମୟରେ ଯଦି ସେ ଏହି ନୂତନ ଅଭିଜ୍ଞତା ଲାଭ କରିନଥାନ୍ତେ, ତେବେ ଆହୁରି ଅନେକ ବର୍ଷ ସେ ନରମ ବିଚ୍ଛଣାର ନର୍କରେ ଶୋଇଥାନ୍ତେ । ଚରମ ବିତୃଷ୍ଣା ମଧ୍ୟରୁ ଫେରି ଆସି ସିଦ୍ଧାର୍ଥ ଆଜି ପରାଜିତ ହୋଇନାହାନ୍ତି । ଅନ୍ତରର ଚଢ଼େଇ, ଆତ୍ମାର ଉତ୍ସ ଏତେ ଆଘାତ ଓ ଅବହେଳା ସତ୍ତ୍ୱେ ବଞ୍ଚିରହିଛି । ତେଣୁ ସେ ଆଜି ଉତ୍‌ଫୁଲ୍ଲିତ, ଆଖି ଦୁଇଟି ତୀକ୍ଷ୍ଣ ଓ ମୁଖମଣ୍ଡଳ ପ୍ରସନ୍ନ ।

ସିଦ୍ଧାର୍ଥ ଭାବିବାକୁ ଲାଗିଲେ, ଜୀବନରେ ସବୁ ପ୍ରକାରର ଅଭିଜ୍ଞତା ଲାଭ କରିବା ଉଚିତ । ଶୈଶବରେ ଶୁଣିଛି ପାର୍ଥିବ ସୁଖ, ଧନ ସମ୍ପଦ ଇତ୍ୟାଦି ମଙ୍ଗଳକର ନୁହେଁ । ଏହି ଉପଦେଶ ବହୁ କାଳରୁ ଜ୍ଞାନଘର ମଧ୍ୟରେ ସଞ୍ଚିତ ଥିଲା । କିନ୍ତୁ ବର୍ତ୍ତମାନ ଏହାର ସତ୍ୟାସତ୍ୟ ନିଜ ଅଭିଜ୍ଞତା ମାଧ୍ୟମରେ ଉପଲବ୍ଧ କରୁଛି । ନିଜ ଆଖିରେ ଦେଖି, ପେଟର ଜ୍ୱାଳା ସହି, ହୃଦୟର ଆଘାତ ମଧ୍ୟରେ ମୁଁ ବୁଝିପାରୁଛି ଏବଂ ଏହି ପ୍ରତ୍ୟକ୍ଷ ଜ୍ଞାନ ହିଁ ମୋ ପାଇଁ ମଙ୍ଗଳକର ।

ସିଦ୍ଧାର୍ଥ ତାଙ୍କର ଏହି ରୂପାନ୍ତର ବିଷୟରେ ଦୀର୍ଘ ସମୟ ଭାବିବାକୁ ଲାଗିଲେ । କାନ ପାତି ମନ ଦେଇ ଶୁଣିଲେ ଅନ୍ତରର ଚଢ଼େଇର ଆନନ୍ଦମୁଖର ସଙ୍ଗୀତ । ଏହି ଚଢ଼େଇଟି ଯଦି ମୃତ୍ୟୁ ମୁଖରେ ପଡ଼ିଥାନ୍ତା, ତେବେ ତାଙ୍କର ନିଶ୍ଚିତ ମୃତ୍ୟୁ ହୋଇଥାନ୍ତା । ତାଙ୍କ ଅନ୍ତର ଭିତରେ ଅନ୍ୟ କିଛି ମରିଯାଇଛି, ଯାହାର ମୃତ୍ୟୁ ସେ ବହୁଦିନରୁ କାମନା କରିଥିଲେ । ତାଙ୍କରର ଉଗ୍ର ବ୍ୟକ୍ତିସତ୍ତା , ନୁହେଁ? ସେହି ସତ୍ତା ସହିତ ସେ ବାରମ୍ବାର ସଂଗ୍ରାମ କରି ପରାଜିତ ହୋଇଛନ୍ତି, ତାଙ୍କର ସୁଖ ଶାନ୍ତି ହରଣ ହୋଇଛି । ଆଜି ଏହି ସୁନ୍ଦର ବନ ମଧ୍ୟରେ, ଏହି ମନୋରମ ନଦୀକୂଳରେ ସେହି ସତ୍ତାର ମୃତ୍ୟୁ ହୋଇନାହିଁ କି ? ସେଇଥି ପାଇଁ ତ ସିଦ୍ଧାର୍ଥ ଆଜି ଶିଶୁ ଭଳି ଚଳଚଞ୍ଚଳ, ଉତ୍‌ଫୁଲ୍ଲିତ, ଭୟହୀନ ।

ସିଦ୍ଧାର୍ଥ ଯେତେବେଳେ ବ୍ରାହ୍ମଣ ଥିଲେ ଓ ପରେ ତପସ୍ୱୀ ହେଲେ, ସେତେବେଳେ ସେ କାହିଁକି ଏହି ବ୍ୟକ୍ତିସତ୍ତା ସହିତ ସଂଗ୍ରାମରେ ଜୟଲାଭ କରି ନଥିଲେ, ତାହା ଆଜି ବୁଝିପାରୁଛନ୍ତି । ତାଙ୍କର ପୋଥି ବିଦ୍ୟା ହିଁ ତାର ଅନ୍ତରାୟ ଥିଲା । ମନ୍ତ୍ର ଓ ଯାଗଯଜ୍ଞର ମାତ୍ରାଧିକ ପ୍ରଭାବ, ଦେହ ଉପରେ ଅତିରିକ୍ତ ଯନ୍ତ୍ରଣା ଓ କଠୋର ପରିଶ୍ରମ ତାଙ୍କ ସିଦ୍ଧି ପଥରେ ବାଧା ସୃଷ୍ଟି କରିଥିଲା । ସେ ଥିଲେ। ଅହଂକାରୀ, ଦାମ୍ଭିକ, ସମସ୍ତଙ୍କ ଠାରୁ ଚତୁର ଓ ବୁଦ୍ଧିମାନ; ସବୁ ବିଷୟରେ ବ୍ୟଗ୍ର; ସେ ଥିଲେ। ପୁରୋହିତ ବା ଋଷି । ତାର ଅହଂ ବାସ କରୁଥିଲା ବୌଦ୍ଧିକ ମାଧ୍ୟମରେ । ଯେତେବେଳେ ସେ ଉପବାସ ଓ ପ୍ରାୟଶ୍ଚିତ୍ତ ଦ୍ୱାରା ନିଜ ଅହଂକୁ ଧ୍ୱଂସ କରିବେ ବୋଲି ଭାବୁଥିଲା, ସେତେବେଳେ ତାଙ୍କ

ଅହଂ ଅଧିକ ଶକ୍ତିଶାଳୀ ହୋଇ ଉଠୁଥିଲା । ବର୍ତ୍ତମାନ ସିଦ୍ଧାର୍ଥ ନିଜ ଭୁଲ ବୁଝିପାରିଛନ୍ତି, ଜାଣିପାରିଛନ୍ତି ଯେ ଅନ୍ତରର ନିର୍ଦ୍ଦେଶ ହିଁ ସତ୍ୟ । କୌଣସି ଗୁରୁ ତାଙ୍କୁ ମୁକ୍ତି ଦେଇପାରିବେ ନାହିଁ । ତେଣୁ ସେ ସଂସାରୀ ଜୀବନ ମଧ୍ୟକୁ ପ୍ରବେଶ କରିଥିଲେ । ବ୍ୟର୍ଥ ଓ ଶୂନ୍ୟ ଜୀବନର ଉତ୍ତେଜନା ଭୋଗ କରିଥିଲେ; ତିକ୍ତ ହତାଶାର ପାତ୍ରକୁ ନିଃଶେଷରେ ପାନ କରିଥିଲେ । ଧନୀ ଆମୋଦପ୍ରିୟ ସିଦ୍ଧାର୍ଥ ପାଇଁ ଏହି ଅଭିଜ୍ଞତା ପ୍ରୟୋଜନ ଥିଲା । ସେ ଜୀବର ମୃତ୍ୟୁ ହୋଇଛି, ନିଦ୍ରା ପରେ ଜାଗି ଉଠିଛି ଜଣେ ନୂଆ ସିଦ୍ଧାର୍ଥ । ଏହି ନବୀନ ସିଦ୍ଧାର୍ଥ ଆଜି ଜଣେ ଶିଶୁ, ଅତ୍ୟନ୍ତ ସୁଖୀ ।

ଏତେ ସବୁ ଭାବିବା ସମୟରେ ମହୁମାଛିର ଗୁଞ୍ଜନ ଭଳି ଭୋକିଲା ପେଟର ଡାକ ଶୁଣି ସେ ହସି ଉଠିଲେ । ନଦୀଜଳର ସ୍ରୋତକୁ ଚାହିଁ ରହିଲେ । ପୂର୍ବରୁ ଅନ୍ୟ କୌଣସି ନଦୀ ତାକୁ ଏତେ ଆକୃଷ୍ଟ କରିନାହିଁ । ନଈ ଯେ ଏତେ ସୁନ୍ଦର ଓ ତା'ର ଧ୍ୱନି ଯେ ଏତେ ମଧୁର ହୋଇପାରେ ତାହା ତାଙ୍କୁ ଜଣା ନ ଥିଲା । ମନେ ହେଲା, ତାଙ୍କ ପାଇଁ ନଦୀର କୌଣସି ବିଶେଷ ବାର୍ତ୍ତା ଅଛି, ଯାହା ତାଙ୍କୁ ଶିଖିବାକୁ ପଡ଼ିବ । ଏହି ପାଣିରେ ତ ସେ ବୁଡ଼ି ମରିବାକୁ ଚାହୁଁଥିଲେ । ବୃଦ୍ଧ, ଶ୍ରାନ୍ତ, ହତାଶା ଜର୍ଜରିତ ସିଦ୍ଧାର୍ଥ ଆଜି ସତରେ ବୁଡ଼ି ମରିଯାଇଛି । ଏହି ଜଳସ୍ରୋତ ତାଙ୍କୁ ଗଭୀର ପ୍ରେମରେ ବାନ୍ଧି ଦେଇଛି । ସ୍ଥିର କଲେ ଯେ ଏହି ନଦୀକୁ ତ୍ୟାଗ କରି ସେ ଶୀଘ୍ର ଅନ୍ୟ କେଉଁଠିକୁ ଯିବେନାହିଁ ।

ନାଉରିଆ

ସିଦ୍ଧାର୍ଥ ଭାବିଲେ, ଏହି ନଦୀ କୂଳରେ ହିଁ ରହିବେ । ନଗରକୁ ଯିବା ବାଟରେ ଏହି ନଈ ମୁଁ ଦିନେ ପାରିହୋଇଥିଲି । ଜଣେ ଶୁଭାକାଙ୍କ୍ଷୀ ନାଉରିଆ ମୋତେ ପାରି କରାଇ ଦେଇଥିଲେ । ମୁଁ ପୁଣି ତା'ରି ପାଖକୁ ଯିବି । ଦିନେ ସେହି କୁଡ଼ିଆରୁ ନୂଆ ଜୀବନର ଯାତ୍ରା ଆରମ୍ଭ କରିଥିଲି; ସେ ଜୀବନ ଏବେ ଜୀର୍ଣ୍ଣ ହୋଇ ଝରିପଡ଼ିଛି । ମୋର ବର୍ତ୍ତମାନର ନୂଆପଥ, ନୂଆଜୀବନ ସେହି କୁଡ଼ିଆରୁ ଆରମ୍ଭ ହେଉ ।

ନଈର ସ୍ୱଚ୍ଛ ଜଳସ୍ରୋତକୁ ସିଦ୍ଧାର୍ଥ ସ୍ନେହଭରା ଆଖିରେ ଚାହିଁରହିଲେ । ସ୍ଫଟିକ ରେଖାରେ ତିଆରି କେତେ ଅପୂର୍ବ ଚିତ୍ର ନଦୀ ବୁକୁରେ ଭାସିଯାଉଛି । କେତେ ଉଜ୍ଜ୍ୱଳ ମୁକ୍ତା ସତେ ଯେମିତି ନଦୀର ତଳଦେଶରୁ ଉପରକୁ ଉଠିଆସୁଛି । କାଚ ଭଳି ପାଣି ଫୋଟକା ସବୁ ଭାସିଯାଉଛି ହସିହସି । ସେହି ଫୋଟକାରେ ପ୍ରତିବିମ୍ବିତ ହେଉଛି ଆକାଶର

ନୀଳିମା । ଧଳା, ନୀଳ, ସବୁଜ ରଙ୍ଗର ସହସ୍ର ଆଖିରେ ନଦୀ ଚାହୁଁଛି ସିଦ୍ଧାର୍ଥ ଆଡ଼କୁ । ସିଦ୍ଧାର୍ଥ କେତେ ଭଲ ପାଉଛି ଏହି ନଈକୁ, ଏହି ନଈ ତାକୁ କେମିତି ମୁଗ୍ଧ କରିଦେଇଛି । ସେ କେତେ କୃତଜ୍ଞ ଏହି ନଈ ପାଖରେ । ତାର ନୂତନ ଜନ୍ମିତ ଯୌବନ ବିହଙ୍ଗର ସ୍ୱର ସେ ଶୁଣିବାକୁ ପାଇଲେ; 'ଏଇ ନଈକୁ ଭଲପାଅ, ଏଇ ନଈ ପାଖରେ ହିଁ ରୁହ, ନଈଠାରୁ ଜ୍ଞାନ ଲାଭ କର ।' ହଁ, ସେ ନଦୀ ପାଖରୁ ଶୁଣିବାକୁ ଚାହେଁ ଓ ଶିଖିବାକୁ ଚାହେଁ ନଦୀର ଗପ । ସେ ନଦୀକୁ ବୁଝିବ, ନଦୀର ରହସ୍ୟ ଜାଣିବ, ବୃହତ୍ତର ଉପଲବ୍ଧିର କ୍ଷମତା ଲାଭ କରିବ ଓ ବହୁ ରହସ୍ୟ ବା ସକଳ ରହସ୍ୟ ଜାଣିପାରିବ ।

ଆଜି ସିଦ୍ଧାର୍ଥ ନଈର କେବଳ ଗୋଟିଏ ରହସ୍ୟ ଦେଖିଛନ୍ତି । ସେହି ଜ୍ଞାନ ହିଁ ତାଙ୍କୁ ଆକୃଷ୍ଟ କରିଛି । ସିଦ୍ଧାର୍ଥ ଦେଖିଛନ୍ତି, ନଈର ପାଣି ନିରବଚ୍ଛିନ୍ନ ବହିଯାଉଛି । ତଥାପି ସେହି ପାଣି ସର୍ବଦା ବିଦ୍ୟମାନ : ନଈର କୌଣସି ସ୍ଥାନ ଜଳଶୂନ୍ୟ ନୁହେଁ, ସଦା ସର୍ବଦା ସେ ଜଳ ନିତ୍ୟନୂତନ, ଚିରପ୍ରବହମାନ । କିଏ ବା ଭାବିପାରିବ ଏପରି ସତ୍ୟ ? ସିଦ୍ଧାର୍ଥ ଏହି ରହସ୍ୟ ଉପଲବ୍ଧି କରିପାରିନାହିଁ । ତାଙ୍କ ନିଜ ଜୀବନର ପ୍ରବାହଧାରା ରୁଦ୍ଧ ହୋଇଯାଇଛି । ଅତୀତ ଓ ବର୍ତ୍ତମାନ ଜୀବନର ଅଖଣ୍ଡତା ନାହିଁ । ଅତୀତର କେବଳ ଅଛି ଅସ୍ପଷ୍ଟ ସନ୍ଦେହ ଓ ଝାପ୍ସା ସ୍ମୃତି ।

ସିଦ୍ଧାର୍ଥ ଉଠି ଛିଡ଼ା ହେଲେ । କ୍ଷୁଧାର ତାଡ଼ନା ଅସହ୍ୟ ହେଲାଣି । ନଦୀର କୁଳୁକୁଳୁ ଧ୍ୱନି ଓ ପେଟର ଆର୍ତ୍ତନାଦ ଶୁଣିଶୁଣି ସେ ନଈକୂଳରେ ଚାଲିବାକୁ ଲାଗିଲେ ।

ଘାଟ ନିକଟରେ ପହଞ୍ଚି ସିଦ୍ଧାର୍ଥ ଦେଖିଲେ ଡଙ୍ଗାଟି ବନ୍ଧା ହୋଇଛି । ଯେଉଁ ନାଉରିଆ ତରୁଣ ସିଦ୍ଧାର୍ଥକୁ ଦିନେ ନଈ ପାରି କରାଇଥିଲା ସେ ଡଙ୍ଗାରେ ବସିଛି । ବେଶ ବୁଢ଼ା ହୋଇଗଲାଣି, ତଥାପି ସିଦ୍ଧାର୍ଥ ଚିହ୍ନିପାରିଲା ।

ସିଦ୍ଧାର୍ଥ ପଚାରିଲା, 'ମୋତେ ପାରି କରାଇ ଦେବ ?'

ଜଣେ ଭଦ୍ରଲୋକ ଏକା ପାଦରେ ଚାଲି ଚାଲି ଆସିଛନ୍ତି ଦେଖି ନାଉରିଆ ଆଶ୍ଚର୍ଯ୍ୟ ହେଲା । ଆଗନ୍ତୁକ ଆସି ବସିବା ପରେ ଡଙ୍ଗା ଘାଟରୁ ଚାଲିଲା ଆର କୂଳକୁ ।

'ସୁନ୍ଦର ଜୀବନ ତୁମେ ବାଛିଛ', ସିଦ୍ଧାର୍ଥ କହିଲେ । 'ନଈ ପାଖରେ ରହି ନଈ ବୁକୁରେ ଡଙ୍ଗା ବାହିବା - କେତେ ସୁନ୍ଦର ।'

ଡଙ୍ଗାର ଗୋଟିଏ କୋଣକୁ ସାମନ୍ୟ ଆଉଜି ନାଉରିଆ କହିଲା, 'ମୋ ଜୀବନଟା ସତରେ ସୁନ୍ଦର । କିନ୍ତୁ ସବୁ କାମ, ସବୁ ଜୀବନ ତ ସୁନ୍ଦର ।'

'ହୁଏତ ସୁନ୍ଦର ହୋଇପାରେ । କିନ୍ତୁ ତୁମ ଜୀବନକୁ ମୁଁ ଈର୍ଷା କରୁଛି ।'

'କିନ୍ତୁ, ଏଇ ଜୀବନ ଦୁଇ ଦିନରେ ଆପଣଙ୍କ ପାଇଁ ବିଷମୟ ହୋଇଯିବ । ଏ ଜୀବନ ଧନୀମାନଙ୍କ ପାଇଁ ନୁହଁ ।

ସିଦ୍ଧାର୍ଥ ହସି ହସି କହିଲେ, 'ଆଜି ସମସ୍ତେ ମୋର ପୋଷାକ ଅନୁସାରେ

ମୋତେ ବିଚାର କରୁଛନ୍ତି । ଏଇ ପୋଷାକ ପାଇଁ ସନ୍ଦେହ କରୁଛନ୍ତି । ଏହି ପୋଷାକ ଜ୍ୱାଳାରେ ମୁଁ ଅସ୍ଥିର ହୋଇ ଗଲିଣି । ତୁମେ ଏଗୁଡ଼ା ଗ୍ରହଣ କରିବ ? ତା'ଛଡ଼ା, ତମ ଭଡ଼ା ଦେବାକୁ ମୋ ପାଖରେ ପଇସାଟିଏ ନାହିଁ ।'

ନାଉରିଆ ହସି କହିଲା, 'ଆପଣ ଥଟ୍ଟା କରୁଛନ୍ତି ।'

'ନା, ବନ୍ଧୁ ! ଆଗରୁ ଥରେ ତୁମେ ମୋତେ ବିନା ପଇସାରେ ନଈ ପାରି କରିଦେଇଥିଲ । ଆଜି ଏହି ଦାମୀ ପୋଷାକ ନେଇ ମୋତେ ଆରପଟକୁ ନେଇଯାଅ ।'

'ସବୁ ଦେଇଦେଲେ ଆପଣଙ୍କର କ'ଣ ହେବ ? ଆପଣଙ୍କର ପୋଷାକ ଦରକାର ନାହିଁ ?

'ମୋର ଆଉ କେଉଁଠିକୁ ଯିବାକୁ ଇଚ୍ଛା ନାହିଁ । ତୁମର ଗୋଟିଏ ପୁରୁଣା ଲୁଗା ମୋତେ ଦିଅ । ମୁଁ ତୁମ ସହିତ ସହକାରୀ ବା ଶିଷ୍ୟ ଭାବରେ ରହିପାରିଲେ ଖୁସି ହେବି । ମୋତେ ଡଙ୍ଗା ବାହିବା କୌଶଳ ଶିଖିବାକୁ ପଡ଼ିବ ।'

ନାଉରିଆ ବହୁ ସମୟ ଏହି ଅଚିହ୍ନା ଆଗନ୍ତୁକଙ୍କୁ ଚାହିଁରହିଲା । ତାପରେ କହିଲା, 'ଏବେ ଚିହ୍ନି ପାରିଲି । ତୁମେ ମୋ କୁଡ଼ିଆରେ ଗୋଟିଏ ରାତି ରହିଥିଲ । ବହୁଦିନ ତଳେ - ବୋଧହୁଏ କୋଡ଼ିଏ ବର୍ଷ ତଳର କଥା ।

ମୁଁ ତୁମକୁ ନଈ ପାରି କରିଦେଇଥିଲି । ଆମେ ବନ୍ଧୁ ଭଳି ପରସ୍ପର ଠାରୁ ବିଦାୟ, ନେଇଥିଲେ । ସେତେବେଳେ ତୁମେ ଥିଲ ସନ୍ନ୍ୟାସୀ । ତୁମ ନାଁ ମୋର ମନେପଡୁନାହିଁ ।

'ମୋ ନାଁ ସିଦ୍ଧାର୍ଥ । ସେତେବେଳେ ମୁଁ ସନ୍ନ୍ୟାସୀ ଥିଲି ।'

'ସିଦ୍ଧାର୍ଥ ତୁମକୁ ମୁଁ ସ୍ୱାଗତ କରୁଛି । ମୋ ନାଁ ବାସୁଦେବ । ଆଜି ତୁମେ ମୋର ଅତିଥି । ରାତିରେ ତୁମେ ମୋ କୁଡିଆରେ ରହିବ । ଆଉ ମୁଁ ତୁମ କାହାଣୀ ଶୁଣିବି । ତୁମେ କେଉଁଠାରୁ ଆସିଲ, ଆଉ କାହିଁକି ତୁମର ଏଇ ଦାମୀ ପୋଷାକ ପ୍ରତି ବିତୃଷ୍ଣା ।'

ମଝିନଈରେ ବାସୁଦେବ ଜୋର୍‌ରେ କାତ ମାରିବାକୁ ଲାଗିଲା । ପାଣିରେ ସୁଅ ପ୍ରଖର । କିନ୍ତୁ ବାସୁଦେବ ବ୍ୟସ୍ତ ନୁହେଁ । ଆର ପାରିର ଘାଟକୁ ଚାହିଁ ଚାହିଁ ସେ ଦୁଇ ବାହୁ ଦ୍ୱାରା କାତ ଟାଣୁଥାଏ । ସିଦ୍ଧାର୍ଥ ଧୀର ଭାବରେ ତାର କାର୍ଯ୍ୟକଳାପ ଦେଖୁଥାନ୍ତି । ମନେ ପଡ଼ିଗଲା, ଦିନେ ସେ ସନ୍ନ୍ୟାସୀ ଜୀବନରେ ଏହି ଲୋକଟି ପ୍ରତି ଆକର୍ଷିତ ହୋଇଥିଲା । କୂଳରେ ପହଞ୍ଚି ସେ ଡଙ୍ଗା ବାନ୍ଧିବାରେ ବାସୁଦେବକୁ ସାହାଯ୍ୟ କଲେ । କୁଡ଼ିଆକୁ ଆସି ସେ ବାସୁଦେବ ହାତରୁ ରୁଟି ଓ ପାଣି ଗ୍ରହଣ କଲେ । ସବୁଠାରୁ ଭଲ ଲାଗିଲା ପାଚିଲା ଆମ୍ବ । ବାସୁଦେବ ଗଛ ମୂଳରୁ ପାଇଥିଲା । ପରମ ତୃପ୍ତିରେ ସିଦ୍ଧାର୍ଥଙ୍କ ଆହାର ସମାପନ ହେଲା ।

ପଶ୍ଚିମ ଆକାଶ ଲାଲ ହୋଇଗଲାଣି । ସୂର୍ଯ୍ୟାସ୍ତ ହେବାକୁ ଯାଉଛି । ଦୁହେଁ ଗୋଟିଏ ଗଛ ଗଣ୍ଡି ଉପରେ ବସିଲେ । ସେହି ଶାନ୍ତ ପରିବେଶରେ ନଦୀକୁ ସାକ୍ଷୀ ରଖି ସିଦ୍ଧାର୍ଥର କାହାଣୀ ଆରମ୍ଭ କଲେ । ପରିବାର, ଜୀବନର ବିଚିତ୍ର ଅଭିଜ୍ଞତା ଓ ହତାଶା କିଛି ଗୋପନ ରଖିଲେ ନାହିଁ । ଗପ ଶେଷ ହେଲା ଗଭୀର ରାତିରେ ।

ବାସୁଦେବ ମନ ଦେଇ ଶୁଣିଲା ସିଦ୍ଧାର୍ଥର ଜୀବନ କାହାଣୀ । ଜନ୍ମ, ଶୈଶବ, ଅଧ୍ୟୟନ, ମାର୍ଗ ସନ୍ଧାନ, ସୁଖ ସମ୍ଭୋଗ ଓ ଆକାଙ୍କ୍ଷାର କାହାଣୀ । ସବୁ ଶୁଣିଲା ବାସୁଦେବ । ଅନ୍ୟ ଲୋକର କଥା କେମିତି ନୀରବରେ ଶୁଣିବାକୁ ହୁଏ ସେ କୌଶଳ ନାଉରିଆ ଜାଣିଥିଲା । ଏହା ବାସୁଦେବର ବହୁତ ବଡ଼ ଗୁଣ । ଏହି ଗୁଣ ବହୁତ କମ ଲୋକଙ୍କ ପାଖରେ ଥାଏ । ଗୋଟିଏ ଶବ୍ଦ କହିନାହିଁ; କିନ୍ତୁ ସିଦ୍ଧାର୍ଥ ଅନୁଭବ କରିଛି ଯେ ବାସୁଦେବ ଯେମିତି ପ୍ରତ୍ୟେକ ଶବ୍ଦ ପାଇଁ ଅପେକ୍ଷା କରିଛି ଏବଂ ଉଚ୍ଚାରଣ ମାତ୍ରେ ହିଁ ପ୍ରତ୍ୟେକ ଶବ୍ଦ ତା ଅନ୍ତର ଭିତରକୁ ପ୍ରବେଶ କରୁଛି । ବାସୁଦେବର ପ୍ରତୀକ୍ଷାରେ ଚଞ୍ଚଳତା ନାହିଁ, କୌଣସି ନିନ୍ଦା ଅବା ପ୍ରଶଂସା ନାହିଁ । ସେ କେବଳ ଧୀର ଭାବରେ ଶୁଣିଛି । ସିଦ୍ଧାର୍ଥ ଅନୁଭବ କଲେ ଯେ ତାର ବେଦନା ଭିତରେ ବୁଡ଼ିଯିବା ଭଳି ଜଣେ ଶ୍ରୋତା ପାଇବା ମଧ୍ୟ ଚରମ ସୌଭାଗ୍ୟ ।

ସିଦ୍ଧାର୍ଥ କାହାଣୀର ଶେଷ ଆଡ଼କୁ ବର୍ଣ୍ଣନା କରିବାକୁ ଲାଗିଲା କେମିତି ଗଭୀର ହତାଶାରେ ସେ ନଈକୂଳର ଗଛ ଛାଇରେ ଶୋଇ ପଡ଼ିଥିଲେ ଓ ପବିତ୍ର ଓଁ ଧ୍ୱନି ଶୁଣି ନଦୀକୁ ନୂତନ ଭାବରେ ଭଲ ପାଇଲେ । ବାସୁଦେବ କାହାଣୀ ଶୁଣୁଥାଏ ସମ୍ପୂର୍ଣ୍ଣ ମନଯୋଗ ସହକାରେ । ସେ ମଧ୍ୟ ମଗ୍ନ ହୋଇଗଲା ।

ସିଦ୍ଧାର୍ଥଙ୍କ କାହାଣୀ ଶେଷ ହେଲା, ବହୁକ୍ଷଣ ଚୁପ ରହିବା ପରେ ବାସୁଦେବ କହିଲା, 'ମୁଁ ଯାହା ଭାବିଥିଲି, ଠିକ୍ ସେଇୟା । ନଈ ତୁମ ସାଙ୍ଗରେ କଥା ହୋଇଛି, ତୁମକୁ ବନ୍ଧୁ ଭାବରେ ଗ୍ରହଣ କରିଛି । ସେଇଥିପାଇଁ ତୁମେ ନଈର ଭାଷା ବୁଝିପାରିଛ । ଭଲ ହେଲା, ସିଦ୍ଧାର୍ଥ । ତୁମେ ମୋ ବନ୍ଧୁ । ମୋ ସାଥିରେ ରୁହ । ଦିନେ ମୋର ସ୍ତ୍ରୀ ଥିଲା । ମୁଁ ବହୁଦିନ ହେବ ଏକୁଟିଆ । ଏବେ ଆମେ ଦୁହେଁ ସାଙ୍ଗରେ ରହିବା । ଖାଇବା ରହିବାରେ ବିଶେଷ ଅଭାବ ହେବ ନାହିଁ ।'

'ତୁମ ନିମନ୍ତ୍ରଣ ମୁଁ ଧନ୍ୟବଦ ସହ ଗ୍ରହଣ କରୁଛି । ବାସୁଦେବ, ଏତେ ମନ ଧ୍ୟାନ ଦେଇ ତୁମେ ମୋ କାହାଣୀ ଶୁଣିଛ, ସେଥିପାଇଁ ମଧ୍ୟ ବହୁତ ଧନ୍ୟବାଦ । ସତରେ ତୁମ ଭଳି ଶ୍ରୋତା ମୁଁ କେବେ ଦେଖିନାହିଁ । ସଂସାରରେ ଏପରି ଲୋକ ବହୁତ କମ ଅଛନ୍ତି । ତୁମର ଏହି ଗୁଣଟି ମୁଁ ତୁମଠାରୁ ଶିଖିବି ।'

ବାସୁଦେବ ଉତ୍ତର ଦେଲା, 'ନିଶ୍ଚୟ ଶିଖିବ । କିନ୍ତୁ ମୋଠାରୁ ନୁହେଁ । ନୀରବରେ ଅନ୍ୟର କଥା ଶୁଣିବା ବିଦ୍ୟା ମୁଁ ଏଇ ନଦୀ ପାଖରୁ ହିଁ ଶିଖିଛି । ତୁମେ ବି

ଶିଖିବ । ନଈ ସବୁ ଜାଣେ । ନଈ ତୁମକୁ ସବୁ ଶିଖାଇଦେବ । ନଈ ତ ତୁମକୁ ଶିଖାଇ ଦେଇଛି ତଳ ଆଡ଼କୁ ଯାଇ ଗଭୀର ମଧ୍ୟରେ ବୁଡ଼ିଯିବା ଭଲ । ସେଥିପାଇଁ ତ ଧନୀ ଓ ଯଶ୍ୱସୀ ସିଦ୍ଧାର୍ଥ ନାଉରିଆ ହେବ; ବ୍ରାହ୍ମଣପୁତ୍ର ସିଦ୍ଧାର୍ଥ ନଈ ବୁକୁରେ ନୌକା ବାହିବ । ତୁମେ ତ ନଈ ପାଖରୁ ଏତକ ଶିଖିଗଲିଣି । ଏବେ ଆଉ ଗୋଟିଏ କଥା ବି ଶିଖିବ ।'

'ବାସୁଦେବ, କେଉଁ କଥା ? କୁହ ।'

ବାସୁଦେବ ଉଠି ଠିଆହେଲା । କହିଲା, 'ବହୁତ ରାତି ହେଲାଣି । ଚାଲ, ଶୋଇବାକୁ ଯିବା । ସେ କଥାଟି କ'ଣ ମୁଁ କହିପାରିବି ନାହିଁ । ଦିନେ ତୁମେ ତାହା ଖୋଜି ବାହାର କରିବ । ହୁଏତ ଏବେ ବି ତୁମେ ତାହା ଜାଣିଛ । ମୁଁ ପଣ୍ଡିତ ନୁହେଁ । ଭାବିଚିନ୍ତି କେମିତି ମନ କଥା କହିବାକୁ ହୁଏ ମୁଁ ତ ଜାଣିନାହିଁ । ମୁଁ କେବଳ ଜାଣେ କେମିତି ମନ ଦେଇ ଶୁଣିବାକୁ ହୁଏ ଆଉ ଭକ୍ତି କରିବାକୁ ହୁଏ । ଏତିକି ଛଡ଼ା ମୁଁ ଆଉ କିଛି ଶିଖିନାହିଁ । ଯଦି ମୋର ଦେଖିବା ଓ କହିବା କ୍ଷମତା ଥାଆନ୍ତା ତେବେ ମୁଁ ଜଣେ ଆଚାର୍ଯ୍ୟ ହୋଇପାରନ୍ତି । କିନ୍ତୁ ମୁଁ ଜଣେ ନାଉରିଆ; ଯାତ୍ରୀମାନଙ୍କୁ ଡଙ୍ଗାରେ ନେଇ ନଈ ପାରି କରାଇ ଦିଏ । ହଜାର ହଜାର ଲୋକଙ୍କୁ ମୁଁ ନେଇ ଯାଇଛି । ସେମାନଙ୍କ ପାଇଁ ଏଇ ନଈ ହେଉଛି ଗୋଟିଏ ବାଧା । ସେମାନେ ଅର୍ଥ ସନ୍ଧାନରେ ବା ବଣିଜ କାମରେ ବା ବାହାଘର ଉଦ୍ଦେଶ୍ୟରେ ବା ଅନେକେ ତୀର୍ଥ ଭ୍ରମଣରେ ବାହାରିଛନ୍ତି । ନଈ ସେମାନଙ୍କ ପଥରେ ବାଧା ତିଆରି କରିଛି । ସେହି ବାଧା ଦୂର କରିବା ପାଇଁ ନାଉରିଆ ସେମାନଙ୍କୁ ନଈ ପାରି କରାଇ ଦେଇଛି । ହଜାର ହଜାର ଯାତ୍ରୀଙ୍କ ମଧ୍ୟରୁ ଅନ୍ଧ କେତେଜଣ - ବୋଧହୁଏ ଚାରି ବା ପାଞ୍ଚଜଣ - ନଈକୁ ବାଧା ହିସାବରେ ଭାବି ନାହାନ୍ତି । ସେମାନେ ମୋ ଭଳି ନଈର ଗୋପନ ଭାଷା ବୁଝିପାରଛନ୍ତି । ନଈର ପବିତ୍ର ରୂପକୁ ଚିହ୍ନି ପାରିଛନ୍ତି । ଏବେ ଚାଲ, ସିଦ୍ଧାର୍ଥ ଶୋଇ ପଡ଼ିବା ।'

ସିଦ୍ଧାର୍ଥ ସେଠାରେ ରହିଗଲା । ଡଙ୍ଗାର ଯତ୍ନ ନେବା କାମ ସେ ଶିଖିଲା । କାମ ନ ଥିଲେ ବାସୁଦେବ ସାଙ୍ଗରେ ଧାନ କ୍ଷେତକୁ ଯାଏ । ଜଙ୍ଗଲରୁ କାଠ ଆଣେ । କଦଳୀ ଗଛରୁ କାନ୍ଦି ନେଇ ଆସେ । ଯେଉଁ କାମ ବି କରେ, ତାକୁ ଆନନ୍ଦ ମିଳେ । ଚଢ଼େଇ ଡେଣା ଉଡିଗଲା ପରେ ଦିନ ପରେ ଦିନ ଓ ମାସ ପରେ ମାସ ବିତିଯାଏ । ବାସୁଦେବଠାରୁ ସିଦ୍ଧାର୍ଥ ଯେତିକି ଶିଖିଛି, ତା'ଠାରୁ ସେ ଅଧିକ ଶିଖିଛି ନଈ ପାଖରୁ । ଏହି ଶିଖିବାର ଶେଷ ନାହିଁ । ସବୁବେଳେ ନଈ କିଛି ନୂଆ କଥା ଶିଖାଇଦିଏ । ସବୁଠାରୁ ବଡ଼ ଜିନିଷ ଯାହା ନଈ ଶିଖାଇଛି ତାହା ହେଉଛି ଶୁଣିବାର ବିଦ୍ୟା । ଏହି ବିଦ୍ୟା ଶିଖାଇ ଦିଏ କେମିତି ପ୍ରଶାନ୍ତ ମନରେ, ଧୈର୍ଯ୍ୟ ସହକାରେ, ମୁକ୍ତ ହୃଦୟରେ ଶୁଣିବାକୁ ହୁଏ । ଏହି ବିଦ୍ୟାରେ ଶ୍ରୋତା ମନରେ କ୍ରୋଧ, କାମନା ବା ନିଜସ୍ୱ ମତାମତର କୌଣସି ସ୍ଥାନ ନ ଥାଏ ।

ସିଦ୍ଧାର୍ଥଙ୍କ ଦିନଗୁଡ଼ିକ ବାସୁଦେବ ସାଥିରେ ବେଶ ଆନନ୍ଦରେ କଟିଯାଉଛି ।

ବିଶେଷ ଦରକାର ନହେଲେ କେହି ପ୍ରାୟ କଥା କୁହନ୍ତି ନାହିଁ। ବାସୁଦେବ ତ ପାଟି ଖୋଲେ ନାହିଁ। ତା' ମୁହଁରୁ ସିଦ୍ଧାର୍ଥ କଦାଚିତ୍ ଗୋଟିଏ ଦୁଇଟି କଥା ଶୁଣନ୍ତି।

ଦିନେ ସିଦ୍ଧାର୍ଥ ପଚାରିଲେ, 'ସମୟ ବୋଲି କିଛି ନାହିଁ - ଏହି ମର୍ମକଥା ତୁମେ କ'ଣ ନଦୀ ନିକଟରୁ ଶିଖିଛ'

ବାସୁଦେବର ମୁଖମଣ୍ଡଳ ଉଜ୍ଜ୍ୱଳ ହୋଇ ଉଠିଲା। 'ହଁ, ସିଦ୍ଧାର୍ଥ ତୁମେ କ'ଣ ଜାଣିବାକୁ ଚାହୁଁଛ ? ତୁମେ କହିବାକୁ ଚାହୁଁଛ ଯେ ନଦୀ ସବୁଠି ଅଛି - ନଈ ଅଛି ଆରମ୍ଭରେ, ମୁହାଣରେ, ଜଳପ୍ରପାତରେ, ନାଉରିଆ ଘାଟରେ, ପାଣି ସୁଅରେ, ସମୁଦ୍ରରେ - ସବୁଠି। ନଈ ପାଖରେ କେବଳ ବର୍ତ୍ତମାନ ହିଁ ସତ୍ୟ। ଅତୀତ ବା ଭବିଷ୍ୟତର ଛାଇ ପଡ଼େ ନାହିଁ ତା ଛାତି ଉପରେ।'

'ସତ କଥା। ଏହି ସତ୍ୟ ଜାଣିବା ପରେ ନିଜକୁ ଜୀବନ ବିଷୟରେ ଚିନ୍ତା କରି ଦେଖିଲି ଯେ ମୋ ଜୀବନ ମଧ୍ୟ ଏହି ନଈ ଭଳି। ବାଳକ ସିଦ୍ଧାର୍ଥ, ବୟସ୍କ ସିଦ୍ଧାର୍ଥ ଓ ବର୍ତ୍ତମାନର ବୃଦ୍ଧ ସିଦ୍ଧାର୍ଥ ପରସ୍ପରଠାରୁ କେବଳ ଗୋଟିଏ ଛାଇର ପରଦା ଦ୍ୱାରା ଭିନ୍ନ ହୋଇଛନ୍ତି। କିନ୍ତୁ କୌଣସି ପାର୍ଥକ୍ୟ ନାହିଁ, ସବୁ ଗୋଟିଏ ଖିଅରେ ବନ୍ଧା। ସିଦ୍ଧାର୍ଥର ଅତୀତ ଜୀବନ ହଜିନାହିଁ। ତାର ମୃତ୍ୟୁ ଓ ବ୍ରହ୍ମଙ୍କ ସହ ମିଳନ ମଧ୍ୟ ଭବିଷ୍ୟତ ପାଇଁ ଅପେକ୍ଷା କରୁନାହିଁ। ସବୁକିଛି ବର୍ତ୍ତମାନରେ ହିଁ ବଞ୍ଚିଛି।'

ସିଦ୍ଧାର୍ଥଙ୍କ ବାକ୍ୟଗୁଡ଼ିକ ବେଶ ଉଚ୍ଛ୍ୱସିତ ଶୁଭିଲା। ଏହି ନୂତନ ଆବିଷ୍କାରରେ ସେ ଅତ୍ୟନ୍ତ ଆନନ୍ଦିତ। ସୁତରାଂ ମଣିଷର ସବୁ ଦୁଃଖ, ଭୟ, ଯାତନା ସମୟ ଦ୍ୱାରା ହିଁ ସଂଗଠିତ। ସମୟକୁ ପରାଜିତ କରିପାରିଲେ ସକଳ ପାପ ଓ ଯନ୍ତ୍ରଣାକୁ ଜୟ କରିହେବ। ଅତୀତ, ବର୍ତ୍ତମାନ ଓ ଭବିଷ୍ୟତରେ ସମୟକୁ ଖଣ୍ଡଖଣ୍ଡ କଲେ ମୁକ୍ତି ମିଳିପାରିବ। ଆନନ୍ଦୋଲ୍ଲାସ କଣ୍ଠରେ ସିଦ୍ଧାର୍ଥ କହି ଚାଲିଲେ। କିନ୍ତୁ ବାସୁଦେବ ଗୋଟିଏ ଶବ୍ଦ ମଧ୍ୟ କହିଲା ନାହିଁ। ଥରେ କେବଳ ହସି ହସି ସମ୍ମତି ପ୍ରଦାନ କଲା ଓ ସିଦ୍ଧାର୍ଥ କାନ୍ଧରେ ସାମାନ୍ୟ ସ୍ପର୍ଶ କରି ନିଜ କାମରେ ବାହାରି ଗଲା।

ବର୍ଷା ଋତୁରେ ନଈ ଫୁଲିଉଠିଲା। ସ୍ରୋତର ଗର୍ଜନ ଶୁଣି ସିଦ୍ଧାର୍ଥ ପଚାରିଲେ, ' ଏହି ଗର୍ଜନ ଭିତରେ ବହୁ କଣ୍ଠଧ୍ୱନି ମିଶିଯାଇଛି। ସତ ନୁହେଁ କି, ବନ୍ଧୁ ? ରାଜା, ଯୋଦ୍ଧା, ଷଣ୍ଢ, ନିଶାଚର ଚଢ଼େଇ, ଗର୍ଭବତୀ ନାରୀ, ଶୋକାର୍ତ୍ତ ମଣିଷ, ହଜାର ହଜାର ପ୍ରାଣୀଙ୍କର କଣ୍ଠସ୍ୱର ଏହି ଗର୍ଜନ ମଧ୍ୟରେ ଏକତ୍ର ହୋଇଛି।'

ବାସୁଦେବ ମୁଣ୍ଡ ହଲାଇ କହିଲା, 'ଠିକ୍ କଥା। ନଈର ସ୍ୱର ଭିତରେ ସବୁ ପ୍ରାଣୀଙ୍କ ସ୍ୱର ଏକ ହୋଇଯାଇଛି।'

ସିଦ୍ଧାର୍ଥ ପୁଣି କହଲେ, 'ନଈର ଲକ୍ଷ ଲକ୍ଷ ସ୍ୱର ଯଦି ଜଣେ ଶୁଣିବାକୁ ପାଇବ, ତେବେ ନଈ କେଉଁ ଶବ୍ଦଟି ଉଚ୍ଚାରଣ କରେ, ଜାଣିଛ ?'

ସିଦ୍ଧାର୍ଥର କାନ ପାଖରେ ନଇଁ ପଡ଼ି ବାସୁଦେବ ଉଚ୍ଚାରଣ କଲା ପବିତ୍ର ଓଁ। ନଈର ବିଭିନ୍ନ କଲଧ୍ୱନିକୁ ପଛରେ ରଖି ସିଦ୍ଧାର୍ଥ କାନରେ ମଧ୍ୟ ଏହି ଶବ୍ଦଟି ଉଚ୍ଚାରିତ ହେଲା ।

ସମୟର ତାଳ ସହିତ ସିଦ୍ଧାର୍ଥର ଚେହେରା ବାସୁଦେବ ଭଳି ଦିଶିବାକୁ ଲାଗିଲା । ତା ହସ ଭଳି ସିଦ୍ଧାର୍ଥର ହସ ମଧ୍ୟ ଆନନ୍ଦମୟ । ଦୁହିଁଙ୍କର ହସ କେତେବେଳେ ଶିଶୁଭଳି ସରଳ, କେତେବେଳେ ବା ବାର୍ଦ୍ଧକ୍ୟ ପ୍ରଭାବରେ ମ୍ଳାନ । ଏହି ଦୁଇ ନାଉରିଆଙ୍କୁ ଦେଖି ଅନେକ ଯାତ୍ରୀ ଭାବନ୍ତି ସେମାନେ ଦୁଇ ଭାଇ । ଦୁଇ ସାଙ୍ଗ ଗଛର ଗଣ୍ଡି ଉପରେ ଅନେକ ସମୟ ବସି ରହନ୍ତି । ନୀରବ ହୋଇ ନଈପାଣିର ସ୍ୱର ଶୁଣନ୍ତି । ସେମାନଙ୍କ ପାଇଁ ନଈପାଣି କେବଳ ପାଣି ନୁହେଁ । ଏହା ଜୀବନ ସଙ୍ଗୀତର ଧ୍ୱନି, ଅସ୍ତିତ୍ୱର ଘୋଷଣା, ନିରନ୍ତର ରୂପ ପରିବର୍ତ୍ତନର ଇଙ୍ଗିତ । ଏହି ଗୀତ ନୀରବରେ ଶୁଣିଲା ବେଳେ ଦୁହିଁଙ୍କ ମନରେ ସମାନ ପ୍ରକାରର ଚିନ୍ତା ଭାସିଉଠେ; ହୁଏତ ଗଲା ଦିନର କେଉଁ ଆଲୋଚନା, କୌଣସି ପଥିକର କାହାଣୀ, ମୃତ୍ୟୁ ଚିନ୍ତା ବା ପିଲାଦିନର କେଉଁ ଏକ ସ୍ମୃତି । କେତେବେଳେ ହୁଏତ ନଦୀ ସେମାନଙ୍କୁ କ'ଣ କିଛି କହିଲେ ସେମାନେ ପରସ୍ପରକୁ ଚାହିଁ ସେହି ଗୋଟିଏ ବିଷୟ ଭାବନ୍ତି, ଦୁହିଁଙ୍କ ମନରେ ହୁଏତ ସମାନ ପ୍ରଶ୍ନ ଜାଗ୍ରତ ହୁଏ ଓ ଗୋଟିଏ ଉତ୍ତରରେ ଦୁହେଁ ସନ୍ତୁଷ୍ଟ ହୁଅନ୍ତି ।

ଅନେକ ପଥିକ ଅନୁଭବ କରନ୍ତି ଯେ ଡଙ୍ଗା ଓ ଦୁଇ ନାଉରିଆଙ୍କ ମଧ୍ୟରେ କ'ଣ ଗୋଟିଏ ଭାଷାର ଆଦାନ ପ୍ରଦାନ ହୁଏ । ଏମିତି ମଧ୍ୟ ହୋଇଛି ଯେ ଜଣେ ଯାତ୍ରୀ ହୁଏତ ନାଉରିଆର ମୁହଁକୁ ଚାହିଁ ନିଜ ଜୀବନର କାହାଣୀ ଗପିଚାଲିଛି, ତାର ଦୁଃଖ ଜଞ୍ଜାଳ ବଖାଣିଛି, କୌଣସି ଅପକର୍ମ ସ୍ୱୀକାର କରିଛି ଏବଂ ତାପରେ ସାନ୍ତ୍ୱନା ଓ ଉପଦେଶ ଭିକ୍ଷା କରିଛି । କେହି କେହି ହୁଏତ ନଦୀର ବାଣୀ ଶୁଣିବା ପାଇଁ ସେମାନଙ୍କ କୁଡ଼ିଆରେ ଆଶ୍ରୟ ଚାହିଁଛନ୍ତି । ବେଳେବେଳେ ଗୁଜବ ଶୁଣି ନାନା ବିଚିତ୍ର ଲୋକ ଉପସ୍ଥିତ ହୋଇଛନ୍ତି । ଡଙ୍ଗାଘାଟର ଦୁଇ ବିଜ୍ଞ ବୃଦ୍ଧଙ୍କ କଥା ସେମାନେ ଶୁଣିଛନ୍ତି । ପରୀକ୍ଷା କରିବାକୁ ଚାହାଁନ୍ତି ସେମାନେ କ'ଣ ଯାଦୁଗର ଅଥବା ପ୍ରକୃତରେ ଜ୍ଞାନୀ ଗୁଣୀଜନ । କୌତୁହଳୀ ପଥିକମାନେ ବିଭିନ୍ନ ପ୍ରଶ୍ନ ପଚାରି କୌଣସି ଉତ୍ତର ପାଇ ନାହାନ୍ତି । ସେମାନେ କୌଣସି ଯାଦୁଗର ବା ପୁଣ୍ୟାତ୍ମାଙ୍କର ଦର୍ଶନ ପାଇନାହାନ୍ତି । ସେମାନେ କେବଳ ଭେଟିଛନ୍ତି ଦୁଇ ସହୃଦୟ ବୃଦ୍ଧଙ୍କୁ । ଦୁଇ ବନ୍ଧୁ କିଛି କୁହନ୍ତି ନାହିଁ, ତେବେ ସେମାନେ କ'ଣ ମୂକ ? ବିଦେଶୀ ଯାତ୍ରୀଙ୍କ ଆଖିରେ ସେମାନେ ସାଧାରଣରୁ ଭିନ୍ନ, ବୋଧହୁଏ ନିର୍ବୋଧ । ସେହି କୌତୁହଳୀ ପଥିକମାନେ ଭାବନ୍ତି ଯେ ଗୁଜବକାରୀମାନେ ହିଁ ନିର୍ବୋଧ ଓ ଅନ୍ଧବିଶ୍ୱାସୀ ।

କେତେ ବର୍ଷ ବିତିଗଲା, ଦୁହେଁ ହିସାବ ରଖିନାହାନ୍ତି । ଦିନେ କେତେ ଜଣ ବୌଦ୍ଧଭିକ୍ଷୁ ଘାଟ ପାଖରେ ଆସି ପହଞ୍ଚିଲେ ନଦୀ ପାରିହେବାପାଇଁ । ସେମାନଙ୍କ ମୁହଁରୁ

ନାଉରିଆ ଜାଣିଲେ ଯେ ଭଗବାନ ବୁଦ୍ଧ ଅତ୍ୟନ୍ତ ପୀଡ଼ିତ; ଶେଷଥର ପାଇଁ ପାର୍ଥିବ ଶରୀର ତ୍ୟାଗ କରି ନିର୍ବାଣ ପ୍ରାପ୍ତିର ମୁହୂର୍ତ୍ତ ଆସନ୍ନ; ତେଣୁ ଭିକ୍ଷୁମାନେ ଦୌଡ଼ି ଚାଲିଛନ୍ତି ତାଙ୍କ ଶଯ୍ୟା ନିକଟକୁ । କିଛି ସମୟ ପରେ ଆଉ ଏକ ଦଳ ଭିକ୍ଷୁ ଆସି ପହଞ୍ଚିଲେ, ତାପରେ ଆହୁରି କେତେଜଣ, ପୁଣି କେତେଜଣ । ଭିକ୍ଷୁଙ୍କ ବ୍ୟତୀତ କେତେ ପଥିକ ମଧ୍ୟ ଆସୁଥାନ୍ତି । ସମସ୍ତଙ୍କ ମୁହଁରେ କେବଳ ବୁଦ୍ଧଙ୍କର ଆସନ୍ନ ଦେହତ୍ୟାଗ ଓ ନିର୍ବାଣ କଥା । ଅନ୍ୟାନ୍ୟ ସବୁକିଛି ସମସ୍ତେ ଭୁଲିଯାଇଛନ୍ତି । ସାମରିକ ଅଭିଯାନରେ ଯୋଗ ଦେବା ପାଇଁ ଯେମିତି ଚତୁର୍ଦ୍ଦିଗରୁ ଲୋକେ ଛୁଟି ଆସନ୍ତି, ରାଜାଙ୍କ ଅଭିଷେକ ଉତ୍ସବରେ ପ୍ରଜାମାନଙ୍କ ଦଳ ଯେପରି ରାଜଧାନୀରେ ସମବେତ ହୁଅନ୍ତି, ସେହିପରି ଚୁମ୍ବକର ଆକର୍ଷଣରେ ଅଗଣିତ ପଥିକ ସେହି ତପୋବନ ଆଡ଼କୁ ଛୁଟି ଚାଲିଛନ୍ତି ଯେଉଁଠାରେ ବୁଦ୍ଧ ମୃତ୍ୟୁଶଯ୍ୟାରେ ଶାୟିତ; ସେଠାରେ ପୃଥିବୀର ଗୋଟିଏ ମହତ ଐତିହାସିକ ଘଟଣା ଘଟିବାକୁ ଯାଉଛି; ସେଠାରେ ଏହି ଯୁଗର ତ୍ରାଣକର୍ତ୍ତା ଅନନ୍ତ ଯୁଗ ମଧ୍ୟରେ ପ୍ରବେଶ କରି ଅମରତ୍ୱ ଲାଭ କରିବେ ।

ଯାତ୍ରୀମାନଙ୍କ ବ୍ୟଗ୍ରତା ଦେଖି ସିଦ୍ଧାର୍ଥର ମନେପଡ଼େ ସେହି ମୃତ୍ୟୁପଥର ଯାତ୍ରୀ ମହର୍ଷିଙ୍କ କଥା, ଯାହାଙ୍କର କଣ୍ଠସ୍ୱର ହଜାର ହଜାର ଭକ୍ତଙ୍କର ଅନ୍ତର ଉଜ୍ଜୀବିତ କରିଛି, ଯାହାଙ୍କ ବାଣୀ ସେ ନିଜେ ମଧ୍ୟ ଶୁଣିଛନ୍ତି ଏବଂ ଯାହାଙ୍କ ସୌମ୍ୟ ମୁଖମଣ୍ଡଳକୁ ଚାହିଁ ଦିନେ ତାଙ୍କ ମନ ଭୟମିଶ୍ରିତ ଶ୍ରଦ୍ଧାରେ ପୂର୍ଣ୍ଣ ହୋଇଯାଇଥିଲା । ତାଙ୍କ କଥା ଭାବିଲେ ହିଁ ମନ ପ୍ରଶାନ୍ତିରେ ଭରିଉଠେ । ମନେପଡ଼େ ସେ ମୁକ୍ତିର କେଉଁ ପଥ ନିର୍ଦ୍ଦେଶ କରିଛନ୍ତି । ତାରୁଣ୍ୟର ଚପଳତାରେ ସେ ତାଙ୍କୁ ଯାହା କହିଥିଲା, ବର୍ତ୍ତମାନ ସେସବୁ ଭାବିଲେ ଲଜ୍ଜାରେ ମୁଣ୍ଡ ପୋତିଯାଏ, ସେସବୁ ବାକ୍ୟରେ ଔଦ୍ଧତ୍ୟ ଓ ଅପରିପକ୍ୱତା ରହିଥିଲା । ଯଦିଓ ସେଦିନ ତାଙ୍କର ଉପଦେଶ ଗ୍ରହଣ କରି ନ ଥିଲା, ତଥାପି ତାଙ୍କୁ ସାକ୍ଷାତ କରିବା ପରେ ଦୀର୍ଘକାଳ ପର୍ଯ୍ୟନ୍ତ ଗୌତମଙ୍କ ସହ ଅଭିନ୍ନତା ଉପଲବ୍ଧ କରିଥିଲା । ଯେଉଁ ବ୍ୟକ୍ତି ପ୍ରକୃତ ଜିଜ୍ଞାସୁ, ଯେଉଁ ବ୍ୟକ୍ତି ଜୀବନରେ ପ୍ରକୃତରେ କିଛି ଲାଭ କରିବାକୁ ଚାହେଁ, ସେ କେବେ ଅନ୍ୟର ଉପଦେଶ ଗ୍ରହଣ କରିପାରେ ନାହିଁ । କିନ୍ତୁ ଗୌତମଙ୍କର ଅନୁସନ୍ଧାନ ସାର୍ଥକ ହୋଇଛି । ସେ ପଥର ସନ୍ଧାନ ପାଇଛନ୍ତି । ସେ ପ୍ରତ୍ୟେକ ପଥ, ପ୍ରତ୍ୟେକ ଲକ୍ଷ୍ୟ ବିଚାର କରି ଅନୁମୋଦନ କରିବାର ଅଧିକାରୀ । ହଜାର ହଜାର ସାଧକଙ୍କ ସହ ତାଙ୍କ ଆତ୍ମା ମିଳିତ ହୋଇଛି । ସେ ବିଚ୍ଛିନ୍ନ ହୋଇ ଦୂରରେ ରହି ପାରିବେ ନାହିଁ ।

ବୁଦ୍ଧଙ୍କର ଆସନ୍ନ ମୃତ୍ୟୁ ସମ୍ବାଦ ଶୁଣି ତାଙ୍କର ଦର୍ଶନ ଲାଭ ପାଇଁ ହଜାର ହଜାର ଗୋଟିଏ ଲକ୍ଷ୍ୟରେ ଚାଲିଛନ୍ତି । ଦିନେ କମଳା ମଧ୍ୟ ସେମାନଙ୍କ ସହ ଯୋଗ ଦେଲା । ଅପୂର୍ବ ସୁନ୍ଦରୀ ବାରାଙ୍ଗନା ନିଜର ଚାକଚକ୍ୟମୟ ଅତୀତ ଜୀବନକୁ ତ୍ୟାଗ କରିଛି । ସେ ନିଜ ଉଦ୍ୟାନକୁ ଦାନ କରିଦେଇଛି ଗୌତମଙ୍କ ଶିଷ୍ୟମାନଙ୍କୁ ଓ ନିଜେ

ଶିଷ୍ୟତ୍ୱ ଗ୍ରହଣ କରିଛି । ଯେଉଁ ମହିଳାମାନେ ତୀର୍ଥଯାତ୍ରୀଙ୍କର ସୁଖସୁବିଧା ଦାୟିତ୍ୱ ବହନ କରୁଛନ୍ତି, କମଳା ସେମାନଙ୍କ ମଧ୍ୟରୁ ଜଣେ । ବୁଦ୍ଧଙ୍କର ଅନ୍ତିମ ଯାତ୍ରାର ସମୟ ପାଖେଇ ଆସୁଛି ଜାଣି ସେ ସାଧାରଣ ଶାଢ଼ୀ ଖଣ୍ଡେ ପିନ୍ଧି ନିଜ ପୁଅର ହାତ ଧରି ଯାତ୍ରାରମ୍ଭ କରିଛି । ଦୀର୍ଘପଥ ଅତିକ୍ରମ କରିବା ପରେ ନଈକୂଳରେ ଆସି ପହଞ୍ଚିଲା । ପୁଅ ଜିଦ୍ କରୁଥାଏ ଘରକୁ ଫେରିବା ପାଇଁ । ତାର ଦରକାର ଖାଇବା ଓ ବିଶ୍ରାମ । ସେ ସବୁବେଳେ ମୁହଁ ଫୁଲାଇ ବସୁଛି, ନହେଲେ କାନ୍ଦୁଛି । ମା' କଥା ନ ଶୁଣି ସେ ନିଜ ଜିଦରେ ଅଟଳ ରହିଥାଏ । ସେ ବୁଝିପାରେ ନାହିଁ କାହିଁକି ମା ତାକୁ ଏହି ବିରକ୍ତିକର ବାଟରେ ନେଇ ଚାଲିଛି କେଉଁ ଏକ ଅଜଣା ସ୍ଥାନକୁ । ଜଣେ ଅଜଣା ଅପରିଚିତ ମୃତ୍ୟୁ ପଥଯାତ୍ରୀ ପୁଣ୍ୟାତ୍ମାଙ୍କ ପାଇଁ ବାଳକ କାହିଁକି ବ୍ୟସ୍ତ ହେବ ?

ତୀର୍ଥଯାତ୍ରୀମାନେ ବାସୁଦେବର ଘାଟ ପାଖରେ ପହଞ୍ଚିଗଲେ । ପିଲାଟି ମା'କୁ କହିଲା ସେ ଆଉ ଚାଲିପାରୁନାହିଁ, ବିଶ୍ରାମ କରିବ । କମଳା ନିଜେ ମଧ୍ୟ ଭୀଷଣ କ୍ଲାନ୍ତ । ପୁଅ ଗୋଟିଏ କଦଳୀ ଖାଇବାକୁ ଲାଗିଲା । କମଳା ପୁଅ ପାଖରେ ମାଟି ଉପରେ ଶୋଇ ପଡ଼ିଲା । ପ୍ରଚଣ୍ଡ କ୍ଲାନ୍ତିରେ ତାର ଆଖି ବୁଜି ହୋଇଗଲା । କିନ୍ତୁ ହଠାତ୍ ଯନ୍ତ୍ରଣାରେ ଚିତ୍କାର କରି ଉଠିଲା କମଳା । ପୁଅ ଚମକି ପଡ଼ି ଦେଖିଲା ମା'ର ମୁହଁ ଶେତା ପଡ଼ିଯାଇଛି ଓ ତାର ଶାଢ଼ୀର କୁଞ୍ଚ ଭିତରୁ ଗୋଟିଏ ଛୋଟ କଳା ସାପ ବାହାରି ଧିରେ ଧିରେ ଚାଲିଯାଉଛି ।

ମା ଓ ପୁଅ ଦୁହେଁ ଘାଟ ଆଡ଼କୁ ଦୌଡ଼ିଲେ ସାହାଯ୍ୟ ପାଇବା ଆଶାରେ । କିନ୍ତୁ କମଳାର ଶକ୍ତି ଯେମିତି ହଜିଯାଇଛି । ସେ ମୁହଁ ମାଡ଼ି ତଳେ ପଡ଼ିଗଲା । ମା'କୁ ଦୁଇ ହାତରେ ଜାବୁଡ଼ି ଧରି ବାଳକଟି ଚିତ୍କାର କରିବାକୁ ଲାଗିଲା । ବାସୁଦେବ ଡଙ୍ଗାରୁ ବସି ଶୁଣିପାରିଲା ପିଲାଟିର ଆର୍ତ୍ତନାଦ । ସେ ଦୌଡ଼ି ଆସି କମଳାକୁ ହାତରେ ଟେକି କୁଡ଼ିଆକୁ ନେଇଗଲା । ପିଲାଟି ମଧ୍ୟ ପଛେ ପଛେ ଆସିଲା । ସିଦ୍ଧାର୍ଥ ଚୁଲିରେ ଭାତ ରାନ୍ଧୁଥାଏ । ସେ ଶବ୍ଦ ଶୁଣି ପଛକୁ ଚାହିଁଲା । ପ୍ରଥମେ ଦେଖିଲା ବାଳକକୁ । ତା'ର ମୁହଁଟି କ'ଣ ଗୋଟିଏ ଅସ୍ପଷ୍ଟ ସ୍ମୃତି ଜାଗ୍ରତ କଲା ପରି ମନେ ହେଲା । ତାପରେ ଦେଖିଲା ବାସୁଦେବ କୋଳରେ କମଳାର ନିଃଶେଷ ଦେହ । କମଳାକୁ ଚିହ୍ନିବା ପାଇଁ ବିଳମ୍ବ ହେଲା ନାହିଁ । ଜାଣିପାରିଲା, ଏହି ବାଳକ ହିଁ ତାର ପୁତ୍ର । ଅସ୍ପଷ୍ଟ ସ୍ମୃତି ସବୁ ସିଦ୍ଧାର୍ଥର ସ୍ପନ୍ଦନକୁ ଦ୍ରୁତ କରି ତୋଳିଲା ।

ସାପ କାମୁଡ଼ିଥିବା ସ୍ଥାନକୁ ଭଲ ଭାବରେ ପରିଷ୍କାର କରାଗଲା । କିନ୍ତୁ ସେତେବେଳକୁ ବିଷର ପ୍ରକ୍ରିୟା ଆରମ୍ଭ ହୋଇଗଲାଣି । କମଳାର ଦେହ କଳା ପଡ଼ିଆସୁଥାଏ । ବଳକାରକ ଔଷଧ ଦେବାରୁ ତାର ସଂଜ୍ଞା ଅବଶ୍ୟ ଫେରିଆସିଲା । ସିଦ୍ଧାର୍ଥର ବିଚ୍ଛଣାରେ ସେ ଶୋଇଥାଏ; ଯେଉଁ ସିଦ୍ଧାର୍ଥ ତା' ଜୀବନକୁ ପ୍ରେମମୟ କରିଥିଲା ସେହି

ସିଦ୍ଧାର୍ଥ ଆଜି ମୂମୂର୍ଷୁ କମଳା ମୁହଁ ଉପରେ ନଇଁପଡ଼ି ସେବା କରୁଛି । ହଠାତ୍ କମଳାର ମନେ ହେଲା ସେ ସ୍ୱପ୍ନ ଦେଖୁଛି । ତା'ର ବିମର୍ଷ ମୁହଁରେ ସାମାନ୍ୟ ହସ ଦେଖା ଦେଲା । ସେ ସ୍ଥିର ଦୃଷ୍ଟିରେ ଚାହିଁ ରହିଲା ସିଦ୍ଧାର୍ଥକୁ । ଧୀରେ ଧୀରେ ବୁଝିପାରିଲା ନିଜ ଅବସ୍ଥା, ମନେ ପଡ଼ିଗଲା ସାପର ଦଂଶନ, ବ୍ୟସ୍ତ ହୋଇ ପୁଅ ନାଁ ଧରି ଡାକିଲା ।

ସିଦ୍ଧାର୍ଥ କହିଲା, 'ବ୍ୟସ୍ତ ହୁଅ ନାହିଁ । ସେ ଏଇଠି ଅଛି ।'

କମଳା ଚାହିଁ ରହିଲା ସିଦ୍ଧାର୍ଥ ମୁହଁକୁ । ଦେହରେ ବିଷର ପ୍ରଭାବ ଆରମ୍ଭ ହୋଇ ଗଲାଣି । କଥା କହିବାକୁ କଷ୍ଟ ହେଉଛି । ସେ ରହି ରହି କହିଲା, 'ପ୍ରିୟ, ତୁମେ ବୃଦ୍ଧ ହୋଇଯାଇଛ । କେଶ ପାଚିଗଲାଣି । ତୁମେ ଦିନେ କୌପିନ ପିନ୍ଧି ଧୂଳି ଧୂସର ହୋଇ ସନ୍ନ୍ୟାସୀ ଭାବରେ ଆସିଥିଲ । ତୁମେ ଆଜି ସେହିଭଳି ଦିଶୁଛ । ଯେବେ ଆମକୁ ଛାଡ଼ି ଚାଲିଗଲ, ସେ ଚେହେରା ମନେ ପଡୁନାହିଁ । ତୁମକୁ ଦେଖିଲେ ତରୁଣ ସନ୍ନ୍ୟାସୀ ଚେହେରା ମନେ ପଡ଼ିଯାଉଛି । ତୁମ ଆଖି ଦୁଇଟି ଆଗଭଳି ଅଛି । ହାୟ, ମୁଁ ବି ବହୁତ ବୁଢ଼ୀ ହୋଇଯାଇଛି । ମୋତେ ଚିହ୍ନି ପାରିଲ ?'

ମ୍ଳାନ ହସି ସିଦ୍ଧାର୍ଥ କହିଲେ, 'ତୁମକୁ ଦେଖିଲା ମାତ୍ରେ ଚିହ୍ନିପାରିଲି ।'

କମଳାର ଆଖି ଯେମିତି କ'ଣ ଖୋଜିଲା, ତାପରେ ବୁଜିଗଲା । ବାଳକଟି କାନ୍ଦି ଉଠିଲା । ସିଦ୍ଧାର୍ଥ ତାକୁ କୋଳରେ ବସାଇ ନୀରବରେ ମୁଣ୍ଡ ଆଉଁଷି ଦେଲେ । କାନ୍ଦ ବନ୍ଦ କରିବାକୁ ଚେଷ୍ଟା କଲେନାହିଁ । ପୁଅ ମୁହଁକୁ ଚାହିଁ ମନେ ପଡ଼ିଗଲା ପିଲାଦିନେ ଶିଖିଥିବା ଗୋଟିଏ ପ୍ରାର୍ଥନା । ମୃଦୁ ସ୍ୱରରେ ସେ ଗୁଣୁଗୁଣୁ ହୋଇ ଆବୃତ୍ତି କରିବାକୁ ଲାଗିଲେ । ପୁଅ ଧୀରେ ଧୀରେ ଶାନ୍ତ ହୋଇ କେତେବେଳେ ଶୋଇ ପଡ଼ିଲା । ସିଦ୍ଧାର୍ଥ ତାକୁ ବାସୁଦେବର ବିଛଣାରେ ଶୁଆଇ ଦେଲା ।

ବାସୁଦେବ ଚୂଲି ପାଖରେ ଥାଏ । ସିଦ୍ଧାର୍ଥ ପାଖକୁ ଆସି ଫୁସ୍‌ଫୁସ୍ ହୋଇ କହିଲେ, 'ଆଉ ସମୟ ନାହିଁ ।'

ବାସୁଦେବ ମୁଣ୍ଡ ହଲାଇ ନୀରବ ସମ୍ମତି ଦେଲା ।

କମଳାର ସଂଜ୍ଞା ପୁଣି ଥରେ ଫେରି ଆସିଲା । ପାଣ୍ଡୁର ମୁହଁରେ ବେଦନାର ଚିହ୍ନ । ସିଦ୍ଧାର୍ଥ ସେହି ଚିହ୍ନ ବୁଝିପାରିଲେ । ନୀରବରେ ପାଖରେ ଠିଆ ହୋଇଥାନ୍ତି । ସିଦ୍ଧାର୍ଥ ଆଖିକୁ ଚାହିଁ କମଳା କହିଲା, 'ତୁମ ଆଖି ଆଗଭଳି ନାହିଁ । ଯେମିତି ନୂଆ ହୋଇ ଯାଇଛି । ତୁମେ ତ ସେହି ପୁରୁଣା ସିଦ୍ଧାର୍ଥ । କିନ୍ତୁ ଚାହାଣୀ ପୂରା ଅଲଗା, କେମିତି ନୂଆ ନୂଆ ।

ସିଦ୍ଧାର୍ଥ ଚୁପଚାପ କମଳା ମୁହଁକୁ ଚାହିଁରହିଲେ ।

କମଳା ପଚାରିଲା, 'ତୁମେ କ'ଣ ପାଇଛ ? ଶାନ୍ତି ପାଇଛ ତ ?'

ସିଦ୍ଧାର୍ଥ କୌଣସି ଉତ୍ତର ନ ଦେଇ କମଳା ହାତକୁ ଧରିଥାନ୍ତି ।

କମଳା କହିଲା, 'ମୁଁ ଜାଣେ, ମୁଁ ମଧ୍ୟ ଏବେ ମୋକ୍ଷ ଲାଭ କରିବି ।'

'ହଁ, କମଳା ।'

ସିଦ୍ଧାର୍ଥକୁ ଚାହିଁଥାଏ କମଳା । ବୁଦ୍ଧଙ୍କୁ ସାକ୍ଷାତ କରିବା ପାଇଁ ସେ ବାହାରି ଥିଲା । ତାଙ୍କ ମୁଖମଣ୍ଡଳରୁ ନିର୍ଗତ ଶାନ୍ତିର ଜ୍ୟୋତି ପାଇବା ଥିଲା କମଳାର ଇଚ୍ଛା । କିନ୍ତୁ ବୁଦ୍ଧଙ୍କର ପାଦ ସ୍ପର୍ଶ ହୋଇପାରିଲା ନାହିଁ । ଦେଖା ହେଲା ସିଦ୍ଧାର୍ଥଙ୍କ ସାଥିରେ । ବରଂ ଭଲ ହୋଇଛି । ବୁଦ୍ଧଙ୍କୁ ସାକ୍ଷାତ କରିଥିଲେ ସେ ତୃପ୍ତିଲାଭ କରିଥାନ୍ତା । ସିଦ୍ଧାର୍ଥକୁ ଭେଟି ସେ ତାହା ପାଇଛି । ଏଇ କଥା ସେ ସିଦ୍ଧାର୍ଥଙ୍କୁ କହିବା ପାଇଁ ଚାହୁଁଥାଏ, କିନ୍ତୁ ଶକ୍ତି ନାହିଁ ଉଚ୍ଚାରଣ କରିବାକୁ । ଜିଭ ଜଡ଼ ପାଲଟି ଯାଉଥାଏ । କେବଳ ସିଦ୍ଧାର୍ଥକୁ ଚାହିଁଥାଏ ନିଷ୍ପ୍ରଭ ଦୃଷ୍ଟିରେ । ସିଦ୍ଧାର୍ଥ ଜାଣିପାରିଲା କମଳାର ଜୀବନ ଦୀପ ଧୀରେ ଧୀରେ ଲିଭିଯାଉଛି । କମଳାର ଦେହ ଶେଷଥର ପାଇଁ ଯନ୍ତ୍ରଣାରେ କମ୍ପି ଉଠିଲା ଓ ତାପରେ ସ୍ତବ୍ଧ ହୋଇଗଲା । ସିଦ୍ଧାର୍ଥ ସନ୍ତର୍ପଣରେ ତା'ର ଖୋଲା ଆଖି ଦୁଇଟିକୁ ବନ୍ଦ କରିଦେଲେ ଚିରଦିନ ପାଇଁ ।

ସିଦ୍ଧାର୍ଥ ବହୁ ସମୟ ଧରି ଚାହିଁ ରହିଲେ କମଳାର ନିଶ୍ଚଳ ମୁହଁକୁ । ମନେ ପଡ଼ିଗଲା ଯୌବନର ପ୍ରେମମୟ ମୁହୂର୍ତ୍ତଗୁଡ଼ିକ । ବିବର୍ଣ୍ଣ ମୁହଁଟିକୁ ଅନେକକ୍ଷଣ ଚାହିଁ ଚାହିଁ ସିଦ୍ଧାର୍ଥ ଯେମିତି ନିଜର ପାଣ୍ଡୁର ମୃତ ମୁହଁକୁ ଦେଖିପାରିଲେ । ଆଜି କମଳାର ଯେଉଁ ଅବସ୍ଥା ତାଙ୍କର ମଧ୍ୟ ଦିନେ ସେହି ଅବସ୍ଥା ହେବ । ପୁଣି ଆଖି ଆଗରେ ଭାସି ଉଠିଲା ଦୁଇଜଣଙ୍କ ମୁହଁ - ତାରୁଣ୍ୟରେ ପୂର୍ଣ୍ଣ ରକ୍ତିମ ଅଧର, କାମ ଉଦ୍ଦୀପକ ଚାହାଣୀ । ସେହି ଦୁଇ ଆଖି ସମ୍ପୂର୍ଣ୍ଣ ହଜିଯାଇନାହିଁ । ଏବେ ବି ଅଛି, ଏହି ଜୀବନର ଅନୁଭୂତି ତାକୁ ଅଭିଭୂତ କରିଦେଲା । ଏଇ ମୃତ ଶରୀର ପାଖରେ ବସି ସେ ଉପଲବ୍ଧି କଲେ ଯେ କୌଣସି ଜୀବନର ମୃତ୍ୟୁ ନାହିଁ । ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ଅମରତ୍ୱ ଲାଭ କରେ, କିଛି ହଜି ଯାଏ ନାହିଁ ।

ଭାତ ରୋଷେଇ ସରିଯାଇଥିଲା । କିନ୍ତୁ କେହି ସ୍ପର୍ଶ କଲେ ନାହିଁ । କୁଡ଼ିଆର ଗୋଟିଏ କୋଣରେ ବାସୁଦେବ ନଡ଼ା ବିଛାଇ ଶୋଇ ପଡ଼ିଲା । ସିଦ୍ଧାର୍ଥ କୁଡ଼ିଆ ବାହାରେ ରାତିସାରା ବସିରହିଲେ । ନିସ୍ତବ୍ଧ ରାତିରେ ନଦୀର ଭାଷା ସ୍ପଷ୍ଟ ହୋଇ କାନରେ ବାଜୁଥାଏ । ସିଦ୍ଧାର୍ଥଙ୍କର ଅତୀତ ଘଟଣା ସବୁ ମନେ ପଡୁଥାଏ । ଶୈଶବ, ଯୌବନ, ବାର୍ଦ୍ଧକ୍ୟ ଓ ଜୀବନର ପ୍ରତ୍ୟେକ ସ୍ତର ତାଙ୍କୁ ବିଚଳିତ କରିଛି । ମଝିରେ ମଝିରେ ସେ ଉଠି ଆସି କୁଡ଼ିଆ ପାଖରେ କାନ ଡେରି ଶୁଣୁଥାନ୍ତି ପୁଅ କାନ୍ଦୁଛି ନା ଶୋଇଛି ।

ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ବାସୁଦେବ ଆସି ପଚାରିଲା, 'ତୁମେ ଜମା ଶୋଇନାହଁ ?'

'ନା, ବାସୁଦେବ । ମୁଁ ଏଇଠି ବସି ନଈ କଥା ଶୁଣୁଥିଲି । ମୋତେ ବହୁତ କଥା କହିଛି, ଅନେକ ମହତ ଭାବନାରେ ମନକୁ ପୂର୍ଣ୍ଣ କରିଛି ।'

'ସିଦ୍ଧାର୍ଥ, ତୁମେ ଦୁଃଖ ପାଇଛ । କିନ୍ତୁ ସେ ଦୁଃଖ ତୁମ ଅନ୍ତର ଭିତରକୁ ପ୍ରବେଶ କରି ଜୀବନକୁ କାଳିମାମୟ କରିପାରିନାହିଁ ।

'ନା, ବନ୍ଧୁ, ପାରିନାହିଁ । କାହିଁକି ଦୁଃଖ କରିବି ? ଦିନେ ମୋର ପ୍ରଚୁର ଅର୍ଥ ଥିଲା । ମୁଁ ସୁଖି ଥିଲି । ଆଜି କିନ୍ତୁ ମୁଁ ଅଧିକ ସୁଖି । ମୋ ପୁଅକୁ ମୁଁ ଫେରିପାଇଛି ।'

'ତୁମ ପୁଅକୁ ମୁଁ ମଧ୍ୟ ସାଦରେ ଗ୍ରହଣ କରିଛି । ଚାଲ ଯିବା । ବହୁତ କାମ ଅଛି । ଯେଉଁ ଢ଼ିପ ଉପରେ ମୋ ସ୍ତ୍ରୀର ଚିତା ରଚନା କରିଥିଲି, କମଳା ପାଇଁ ସେଇଠି ବ୍ୟବସ୍ଥା କରିବା ।'

ଚିତା ତିଆରି ହେଲା । କିନ୍ତୁ ବାଳକ ଗଭୀର ନିଦ୍ରାରେ ଶୋଇଥାଏ ।

ପୁତ୍ର ମିଳନ

ପୁଅ ଭୀତତ୍ରସ୍ତ ହୋଇ ମା'ର ଶେଷକୃତ୍ୟ ସମାପନ କଲା । ସିଦ୍ଧାର୍ଥ ତାକୁ ପୁତ୍ର ବୋଲି ସମ୍ବୋଧନ କରେ । ବାସୁଦେବର ଏହି କୁଡ଼ିଆକୁ ନିଜ ଘର ଭଳି ସ୍ୱଚ୍ଛନ୍ଦରେ ଗ୍ରହଣ କରିବାକୁ କହିଛି, ତଥାପି ତାର ବିଷର୍ଣ୍ଣ ମୁହଁରେ ହସ ନାହିଁ । ଯେଉଁ ସ୍ଥାନରେ ମା'ର ଚିତାଗ୍ନି ଅର୍ପଣ କରିଥିଲା, ସେହିଠାରେ ସେ ନିଶ୍ଚଳ ଭାବରେ ବସିରହେ, ଚାହିଁରହେ ଦୂର ଦିଗନ୍ତକୁ । ମନ କଥା କହିବାକୁ କେହି ନାହିଁ, କେବଳ ନିଷ୍ଠୁର ଭାଗ୍ୟକୁ ତିରସ୍କାର କରେ ।

ସିଦ୍ଧାର୍ଥ ପୁଅ ସାଥିରେ ଅତ୍ୟନ୍ତ ସହାନୁଭୂତି ସହ ବ୍ୟବହାର କରେ । ତାକୁ ଏକା ରହିବାକୁ ଦିଏ । ତା' ଶୋକର ମର୍ଯ୍ୟାଦା ଦିଏ । ସିଦ୍ଧାର୍ଥ ଜାଣିପାରେ ଯେ ପୁଅ ତାକୁ ଆପଣାର ଭାବୁନାହିଁ । ସେ ମଧ୍ୟ ବାପା ଭଳି ଭଲ ପାଇପାରି ନାହିଁ । ସିଦ୍ଧାର୍ଥ କ୍ରମଶଃ ବୁଝିଲା ଯେ ଏଗାର ବର୍ଷର ଏହି ବାଳକ ମା'ର ସ୍ନେହ ଯତ୍ନରେ ବଢ଼ିଆସିଛି । ସେ ଧନୀ ଜୀବନରେ ଅଭ୍ୟସ୍ତ । ସୁସ୍ୱାଦୁ ଖାଦ୍ୟ, ନରମ ଶେଯ ଓ ଭୃତ୍ୟମାନଙ୍କ ସେବା ସେ ଏଯାବତ ଲାଭ କରିଛି । ହଠାତ୍ ଆଜି ଏହି ଦରିଦ୍ର କୁଟୀରରେ ନିଜକୁ ଖାପ ଖୁଆଇପାରୁନାହିଁ । ସିଦ୍ଧାର୍ଥ କୌଣସି ପ୍ରକାରର ଚାପ ଦେଲା ନାହିଁ । ସେହି ଅବସ୍ଥାରେ ଯେତିକି ସ୍ୱାଚ୍ଛନ୍ଦ୍ୟ ସମ୍ଭବ ସେହି ବ୍ୟବସ୍ଥା କଲା । ସିଦ୍ଧାର୍ଥର ବିଶ୍ୱାସ, ଧୀରେ ଧୀରେ ସ୍ନେହ ଦ୍ୱାରା ପୁତ୍ରକୁ ଜୟ କରିବ ।

ପୁଅକୁ ପାଇ ସିଦ୍ଧାର୍ଥ ଭାବିଥିଲେ ବର୍ତ୍ତମାନ ତାଙ୍କ ଜୀବନରେ ନୂଆ ସୁଖ

ଆସିବ । ସମୟ ବିତିଚାଲିଲା, କିନ୍ତୁ ସେ ସୁଖ ଆସିଲା ନାହିଁ । ପୁଅର ଜିଦ୍ କମିବାର କୌଣସି ଲକ୍ଷଣ ନାହିଁ । ସେ ଉଦ୍ଧତ, ଦାମ୍ଭିକ ଓ କର୍ମକାତର । ବଡ଼ମାନଙ୍କୁ ସମ୍ମାନ ଦିଏନାହିଁ । ବାସୁଦେବ ଲଗାଇଥିବା ଗଛରୁ ଫଳ ଚେରି କରିନିଏ । ଏପରି ସ୍ୱଭାବ ଦେଖି ସିଦ୍ଧାର୍ଥ ବୁଝିଲେ ଯେ ପୁଅ ତା' ପାଇଁ ସୁଖଶାନ୍ତି ଆଣିନାହିଁ । କେବଳ ଆଣିଛି ଦୁଃଖ ଓ ଜଞ୍ଜାଳ । କିନ୍ତୁ ଇତିମଧ୍ୟରେ ସିଦ୍ଧାର୍ଥ ପୁଅକୁ ଭଲପାଇଛି ଏବଂ ଏହି ଭଲପାଇବା ସାଙ୍ଗରେ ଦୁଃଖ ଓ ଯନ୍ତ୍ରଣା ମିଶିରହିଲେ କିଛି କ୍ଷତି ନାହିଁ । ତଥାପି ପୁତ୍ରହୀନ ଜୀବନର ସୁଖ ଓ ଶାନ୍ତି ସେ ଆଉ ଫେରି ପାଇବାକୁ ଚାହେଁନା ।

ପୁଅ କୁଡ଼ିଆରେ ରହେ । ତେଣୁ ଦୁଇ ବନ୍ଧୁ କାମ ବାଣ୍ଟିନେଲେ । ବାସୁଦେବ ଡଙ୍ଗା କଥା ବୁଝେ । ସିଦ୍ଧାର୍ଥ ଘର କାମ କରେ, ଦରକାର ପଡ଼ିଲେ କ୍ଷେତକୁ ଯାଏ । ତେଣୁ ସିଦ୍ଧାର୍ଥକୁ ପୁଅ ପାଖରେ ରହିବା ସୁଯୋଗ ମିଳିଲା ।

ବିଗତ କେତେ ମାସ ସିଦ୍ଧାର୍ଥ ଅପେକ୍ଷା କରି ରହିଛନ୍ତି, କେବେ ପୁଅ ତାଙ୍କୁ ବୁଝିପାରିବ । ବାପାଙ୍କ ଭଲପାଇବାର ପ୍ରତିଦାନ ପାଇବ । ପିତାପୁତ୍ରଙ୍କର ଏହି ଦ୍ୱନ୍ଦ୍ୱ ବାସୁଦେବ ଲକ୍ଷ୍ୟ କରିଛି । ଦିନେ ରାଗରେ ପାଚିଯାଇ ପୁଅ ଦୁଇ ଦୁଇଟା ଭାତହାଣ୍ଡି ତଳେ କଚାଡ଼ି ଭାଙ୍ଗିଦେଲା । ସିଦ୍ଧାର୍ଥ ନିର୍ବାକ ହୋଇ ଚାହିଁ ରହିଲା ପୁତ୍ରର କୀର୍ତ୍ତି ଦେଖି ।

ବାସୁଦେବ ଆସି ସିଦ୍ଧାର୍ଥକୁ ଦୂରକୁ ଡାକି ନେଇ କହିଲା, 'ଆମ ବନ୍ଧୁତାକୁ ଆଖି ଆଗରେ ରଖି ତୁମକୁ ଗୋଟିଏ କଥା କହୁଛି । ସେଥିପାଇଁ ମୋତେ କ୍ଷମା କରିବ । ମୁଁ ଲକ୍ଷ୍ୟ କରି ଦେଖୁଛି ତୁମେ ଭୀଷଣ ଚିନ୍ତାରେ ବୁଡ଼ି ରହୁଛ । ତୁମ ମନରେ ସରାଗ ନାହିଁ । ବନ୍ଧୁ, ପୁଅ ତୁମକୁ ଦୁଃଖ ଦେଉଛି ଓ ସେ ଦୁଃଖରେ ମୁଁ ମଧ୍ୟ ସମଦୁଃଖୀ । ଯେଉଁ ଚଢ଼େଇ ଛୁଆଟିକୁ ତୁମେ ଆଣିଛ, ସେ ଅନ୍ୟ ଏକ ବସାରେ, ଅନ୍ୟ ଏକ ଜୀବନରେ ଅଭ୍ୟସ୍ତ । ସେ ତୁମ ଭଳି ଐଶ୍ୱର୍ଯ୍ୟ ପ୍ରତି ବୀତସ୍ପୃହ ହୋଇ ନଗର ତ୍ୟାଗ କରି ଏଠାକୁ ଆସିନାହିଁ । ଇଚ୍ଛା ବିରୁଦ୍ଧରେ ବିଳାସ ଜୀବନ ତ୍ୟାଗ କରି ଏଠାରେ ବଞ୍ଚିବାକୁ ପଡୁଛି । ମୁଁ ଏଇ କଥା ନଦୀକୁ ପଚାରିଲି । ନଦୀ କେବଳ ହସି ଉଠିଲା ତୁମର ଆଉ ମୋର ବୋକାମୀ ଦେଖି ହସିଲା । ପାଣି ଗଡ଼ିଯିବ ପାଣି ଆଡ଼କୁ । ଯୌବନ ଚାହିଁବ ଯୌବନ ସହିତ ମିଳିତ ହେବାକୁ । ତୁମ ପୁଅ ଏଠି ରହି ସୁଖୀ ହୋଇପାରିବ ନାହିଁ । ନଦୀକୁ ତୁମେ ପଚାରି ଦେଖ । ଶୁଣ କ'ଣ କହୁଛି ।'

ସିଦ୍ଧାର୍ଥ ବେଦନାଭରା ଆଖିରେ ବନ୍ଧୁର ମମତାପୂର୍ଣ୍ଣ ମୁହଁକୁ ଚାହିଁ କହିଲେ, 'ତାକୁ ଛାଡ଼ି କେମିତି ବଞ୍ଚିବି ? ମୋତେ ଆଉ କିଛି ଦିନ ସମୟ ଦିଅ । ତା' ମନ ପାଇବା ପାଇଁ ମୁଁ ସବୁ ଚେଷ୍ଟା କରୁଛି । ମୁଁ ଭାବୁଛି ଧୈର୍ଯ୍ୟ ଓ ଭଲପାଇବା ଦେଇ ମୁଁ ତା ହୃଦୟ ଜିଣିପାରିବି । ଦିନେ ନଦୀ ତା' ସାଥିରେ କଥା କହିବ । ହୁଏତ ନଦୀ ହିଁ ତାକୁ ଏଠାକୁ ଡାକି ଆଣିଛି ।'

ବାସୁଦେବ କ୍ଷୀଣ ହସଟିଏ ହସିଲା । କହିଲା, 'ନିଶ୍ଚୟ । ନଦୀର ଡାକରେ ସେ ଏଠାକୁ ଆସିଛି । କାରଣ ତୁମ ପୁଅ ଅନନ୍ତ ଜୀବନର ବାହାରେ ନୁହେଁ । କିନ୍ତୁ ଏହି ଅନନ୍ତ ଜୀବନଧାରାର କେଉଁ ପଥ ବା ଦୁଃଖ ବା କାର୍ଯ୍ୟର ପ୍ରୟୋଜନରେ ଏହି ଡାକ ଆସିଛି ତାହା ତୁମେ ବା ମୁଁ କେହି ଜାଣିନାହୁଁ । ତୁମ ପୁଅର ହୃଦୟ ଦମ୍ଭରେ ପୂର୍ଣ୍ଣ । ସୁତରାଂ ତା' ଦୁଃଖ ମଧ୍ୟ କମ ହେବ ନାହିଁ । ସେ ବହୁତ ଦୁଃଖ ପାଇବ, ଅନେକ ଭୁଲ କର୍ମ କରିବ, ଅନେକ ପାପ ଓ ଅନ୍ୟାୟ କରିବ । ଏବେ କୁହ, ତୁମେ କ'ଣ ଶିକ୍ଷା ଦେଉଛ ? ସେ କ'ଣ ତୁମ କଥା ମାନି ଚଳେ ? ତୁମେ କ'ଣ ତାକୁ ଦଣ୍ଡ ଦେଇଛ ?'

'ନା, ବାସୁଦେବ । ମୁଁ ସେସବୁ କିଛି କରେ ନାହିଁ ।'

'ମୁଁ ଜାଣେ, ସିଦ୍ଧାର୍ଥ । ତୁମେ କଠୋର ହୋଇ ପାରିବ ନାହିଁ, ତାକୁ ଦଣ୍ଡ ଦେଇ ପାରିବ ନାହିଁ । କାରଣ ତୁମେ ଜାଣିଛ ଯେ କଠୋର ହେବା ଅପେକ୍ଷା ମୃଦୁ ହେବା ଭଲ । ପଥର ଅପେକ୍ଷା ପାଣିର ଓ ବଳଶାଳୀ ଅପେକ୍ଷା ପ୍ରେମର ଶକ୍ତି ଅଧିକ । ଭଲ କଥା । ମୁଁ ତୁମ ଧୈର୍ଯ୍ୟକୁ ପ୍ରଶଂସା କରୁଛି । କିନ୍ତୁ ତାକୁ ଦଣ୍ଡ ନ ଦେବା, ତା' ପ୍ରତି କଠୋର ନ ହେବା ତୁମ ପକ୍ଷରେ ଭୁଲ ନୁହେଁ କି ? ତୁମେ ଅଧିକ ଭଲ ପାଇ ପୁଅକୁ କ'ଣ ବନ୍ଦୀ କରି ରଖୁନାହଁ ? ତୁମ କରୁଣା ଓ ଧୈର୍ଯ୍ୟ ପ୍ରତିଦିନ ପୁତ୍ରର ବ୍ୟବହାରକୁ ଧିକ୍କାର ଦିଏ । ତେଣୁ ତା' ଚରିତ୍ର ସଂଶୋଧନ କରିବା ତା' ପାଇଁ କ୍ରମଶଃ କଷ୍ଟକର ହେଉଛି । ତୁମେ ଏଇ ଉଦ୍ଧତ ବାଳକକୁ ଦୁଇ ବୃଦ୍ଧଙ୍କ ସହିତ ବାସ କରିବାକୁ ବାଧ କରୁଛ । ଯେଉଁମାନେ କେବଳ ଲୁଣ ଲଗାଇ ଭାତ ଖାଆନ୍ତି, ଯେଉଁମାନଙ୍କ ଚିନ୍ତା ସଂପୂର୍ଣ୍ଣ ଅଲଗା, ଯେଉଁମାନଙ୍କ ହୃଦୟ ବୟସ ବୋଝରେ ଭାରାକ୍ରାନ୍ତ - ସେମାନଙ୍କ ସହିତ ଏଇ କିଶୋରକୁ ବାସ କରିବାକୁ ବାଧ କରୁଛ । ଏଇଟା କ'ଣ ତା' ପାଇଁ ଦଣ୍ଡ ନୁହେଁ କି ?'

ସିଦ୍ଧାର୍ଥ କୌଣସି ଉତ୍ତର ନ ଦେଇ ତଳକୁ ଚାହିଁ ପଚାରିଲେ, 'ତେବେ ମୁଁ କ'ଣ କରିବା ଉଚିତ ?'

'ତାକୁ ସହରରେ ତା ମା'ର ଘରକୁ ନେଇଯାଅ । କମଳାର ପୁରୁଣା ସେବକମାନେ ତ ସେଠାରେ ଅଛନ୍ତି, ସେମାନେ ତାର ଯତ୍ନ ନେବେ । ନଚେତ କୌଣସି ଗୁରୁଙ୍କ ଆଶ୍ରମକୁ ନେଇଯାଅ । କେବଳ ଶିକ୍ଷା ପାଇଁ ନୁହଁ, ସେହି ଆଶ୍ରମ ହେବ ତାର ଜଗତ । ଅନ୍ୟ କିଶୋର ବନ୍ଧୁମାନଙ୍କ ସହ ସେ ଆନନ୍ଦରେ ରହିପାରିବ । ଆମ ଜଗତକୁ ସେ କେବେ ବି ନିଜର ବୋଲି ଗ୍ରହଣ କରିପାରିବ ନାହିଁ । ତୁମେ କେବେ ଏସବୁ କଥା ଚିନ୍ତା କରିନାହଁ ?

ସିଦ୍ଧାର୍ଥ ବିଷର୍ଣ୍ଣ କଣ୍ଠରେ କହିଲେ, 'ତୁମେ ମୋ ମନ କଥା ଠିକ୍ ବୁଝିଛ । କିନ୍ତୁ ଯାହାର ହୃଦୟ ଏତେ କଠିଣ, ସେ କେମିତି ସଂସାରରେ ଚଳିପାରିବ ? ସେ ତ ଶ୍ରେଷ୍ଠ ଅଭିମାନୀ ପାଲଟି ଯିବ । କ୍ଷମତା ଓ ବିଳାସର ମୋହଜାଲରେ ସେ ନିଜକୁ ଭୁଲିଯିବ ।

ପୁତ୍ର କ'ଣ ପିତାର ଭୁଲ ପୁନରାବୃତ୍ତି କରିବ ନାହିଁ ? ସଂସାର ଭିତରେ ବୁଡ଼ିଯିବ ।'

ବାସୁଦେବ ହସିଲା । କହିଲା, 'ତୁମ ପ୍ରଶ୍ନର ଉତ୍ତର ନଦୀକୁ ପଚାର । ଶୁଣ ନଈର ଉତ୍ତର । ତୁମ ନିଜ ଆଶଙ୍କାକୁ ହସି ଉଡ଼ାଇ ଦିଅ । ତୁମେ କ'ଣ ସତରେ ଭାବୁଛ ତୁମ ଭୁଲତ୍ରୁଟିରୁ ପୁଅ ଶିକ୍ଷାଲାଭ କରିବ ? ଏହି ଭୁଲର ପୁନରାବୃତ୍ତିରୁ ସେ ରକ୍ଷା ପାଇବ ? ସେ କେମିତି ବଞ୍ଚିବ ? ଉପଦେଶ ଦେଇ, ପ୍ରାର୍ଥନା କରି, ସତ୍‌ମାର୍ଗର ଇଙ୍ଗିତରେ ସେ ବଞ୍ଚିବ ? ବନ୍ଧୁ, ବ୍ରାହ୍ମଣପୁତ୍ର ସିଦ୍ଧାର୍ଥର ଯେଉଁ ଗପ ମୋତେ ଦିନେ କହିଥିଲ, ସେ ଗପର ଶିକ୍ଷା କ'ଣ ଭୁଲିଗଲ ? ସନ୍ନ୍ୟାସୀ ସିଦ୍ଧାର୍ଥକୁ ପାପ, ଲୋଭ ଓ ବୋକାମୀରୁ କିଏ ରକ୍ଷା କରିଥିଲେ ? ପିତାଙ୍କର ଧର୍ମାନୁରାଗ, ଗୁରୁଙ୍କ ସଦୁପଦେଶ, ତାଙ୍କ ନିଜ ଜ୍ଞାନର ସ୍ପୃହା ତାକୁ ରକ୍ଷା କରି ପାରିଛି କି ? କେଉଁ ପିତା ବା ଗୁରୁ ତାକୁ ଜୀବନର ନିଜସ୍ୱ ପଥରୁ ବିରତ କରିଥାନ୍ତା ? ସଂସାରର କାଳିମା ଜୀବନକୁ ଜଞ୍ଜାଳମୟ କରିବ, ପାପଭାଣ୍ଡ ପୂର୍ଣ୍ଣ ହେବ, ନିଜ ହାତରେ ହିଁ ଜୀବନର ତିକ୍ତ ପାନୀୟ ପାନ କରିବାକୁ ହେବ । ଏହାକୁ ବାଧା ଦେବ କେମିତି ? ଉପଦେଶ ସବୁ ଧୂଳିମାଟିରେ ପଡ଼ିଥାଏ । ଜୀବନର ପଥକୁ ନିଜେ ଖୋଜିବାକୁ ପଡ଼େ । ବନ୍ଧୁ, ତୁମେ କ'ଣ ଭାବିଛ ସଂସାରର ଏହି ଜଟିଳ କୁଟିଳ ପଥକୁ ଅତିକ୍ରମ ନ କରି ଅନ୍ୟ କୌଣସି ଉପାୟ ଅଛି ? ତୁମେ ତୁମ ପୁଅ କଥା ଭାବୁଛ । ସେ ଯେମିତି ଦୁଃଖ ଯନ୍ତ୍ରଣା ନ ଭୋଗି ତୁମେ ଯେଉଁ ପଥ ଦିନେ ଅତିକ୍ରମ କରିଛ, ସେହି ପଥରୁ ତାକୁ ନିବୃତ୍ତି କରିବାକୁ ଚାହଁ । କିନ୍ତୁ ପୁତ୍ରର ମଙ୍ଗଳ ପାଇଁ ତୁମେ ଦଶଥର ପ୍ରାଣ ଆହୁତି ଦେଲେ ମଧ୍ୟ ତାର ଭାଗ୍ୟ ସାମାନ୍ୟ ବଦଳାଇ ପାରିବ ନାହିଁ ।

ଏତେଗୁଡ଼ିଏ କଥା ଏକାଥରେ ବାସୁଦେବ କେବେ କହି ନ ଥିଲେ । ସିଦ୍ଧାର୍ଥ ହୃଦୟ ଭିତରେ ଏକ ବିରାଟ ବୋଝ ବହନ କରି କୁଟୀରକୁ ଆସିଲେ । ରାତିସାରା ଶୋଇପାରିଲେ ନାହିଁ । ବାସୁଦେବ କୌଣସି ନୂଆ କଥା କହିନାହିଁ । ସବୁ ସେ ପୂର୍ବରୁ ଜାଣେ । କିନ୍ତୁ ଏହି ଜାଣିବା ଅପେକ୍ଷା ପୁତ୍ର ସ୍ନେହ ଅତି ପ୍ରବଳ । ପୁତ୍ର ପ୍ରତି ଗଭୀର ଆସକ୍ତି ତାଙ୍କୁ ଅନ୍ଧ କରି ଦେଇଛି । ତାଙ୍କର ଆଶଙ୍କା ପୁଅ କାଳେ ଦୂରେଇ ଯିବ । ପୂର୍ବରୁ ଏପରି ଭାବେ ସିଦ୍ଧାର୍ଥ କାହା ନିକଟରେ ଆତ୍ମସମର୍ପଣ କରି ନ ଥିଲେ । ଏହି ଭଲପାଇବା କେତେ ବେଦନାମୟ, ତଥାପି କେତେ ଆନନ୍ଦମୟ ।

ସିଦ୍ଧାର୍ଥ ବନ୍ଧୁର ଉପଦେଶ ଗ୍ରହଣ କରିପାରିଲେ ନାହିଁ । କେମିତି ପୁଅକୁ ତ୍ୟାଗ କରିବେ ? ଏହି ଦୁର୍ବଳତାର ସୁଯୋଗ ନେଇ ପୁତ୍ର ତା' ପ୍ରତି ଅସମ୍ମାନଜନକ ବ୍ୟବହାର ମଧ୍ୟ କରେ । ସିଦ୍ଧାର୍ଥ ନୀରବରେ ଅପେକ୍ଷା କରନ୍ତି । ଧୈର୍ଯ୍ୟ ଓ ସ୍ନେହକୁ ସମ୍ବଳ କରି ସେ ପ୍ରତିଦିନ ମୂକ ହୋଇ ଯୁଦ୍ଧ କରି ଚାଲନ୍ତି । ଆଶା, ଦିନେ ପୁଅକୁ ଜୟ କରିବେ । ବାସୁଦେବ ମଧ୍ୟ ନୀରବରେ ଅପେକ୍ଷା କରିଛି । ସେ ବୁଝିପାରୁଛି ବନ୍ଧୁର ମନକଥା । ଦୁଇ ବନ୍ଧୁ ତ ସହିଷ୍ଣୁତାର ପ୍ରତୀକ ।

ଦିନେ ପୁଅର ମୁହଁକୁ ଚାହିଁଥିବା ସମୟରେ ସିଦ୍ଧାର୍ଥ ଆଖି ଆଗରେ ଭାସି ଉଠିଲା କମଳାର ମୁହଁ । ତାଙ୍କର ମନେ ପଡ଼ିଗଲା ବହୁଦିନ ପୂର୍ବେ କମଳା ତାକୁ କ'ଣ କହିଥିଲା । କମଳା ଅଭିଯୋଗ କରିଥିଲା, 'ତୁମେ ଭଲ ପାଇବାକୁ ଅସମର୍ଥ ।' ସିଦ୍ଧାର୍ଥ ଏହା ସ୍ୱୀକାର କରିଥିଲେ । ସେ ନିଜକୁ ଏକ ଉଡ଼ନ୍ତା ଝରାପତ୍ର ବା ନକ୍ଷତ୍ର ସହ ତୁଳନା କରି କମଳାର ତିରସ୍କାରକୁ ସମ୍ପୂର୍ଣ୍ଣ ଉପେକ୍ଷା କରି ନ ଥିଲେ । ଏହା ସତ ଯେ ସେ କେବେ ଅନ୍ୟ କାହାରି ପ୍ରେମରେ ନିଜକୁ ବିଲୀନ କରି ନ ଥିଲେ ଏବଂ ପ୍ରେମର ବୋକାମୀକୁ କେବେ ପ୍ରଶ୍ରୟ ଦେଇ ନ ଥିଲେ । ସେ ଭାବୁଥିଲେ, ସାଧାରଣ ଲୋକଙ୍କ ଠାରୁ ସେ ଏହି ଦିଗରେ ଭିନ୍ନ । କିନ୍ତୁ ବର୍ତ୍ତମାନ ପୁତ୍ର ପ୍ରେମରେ ଅନ୍ଧ ହୋଇ ସେ ଜଣେ ସାଧାରଣ ମଣିଷ ପାଲଟି ଯାଇଛନ୍ତି, ନିର୍ବୋଧ ହୋଇଯାଇଛନ୍ତି । ଜୀବନର ସାୟାହ୍ନରେ ସେ ଅନୁଭବ କରୁଛନ୍ତି ଏକ ନୂତନ ଅଭିଜ୍ଞତା । ଏହି ଭଲପାଇବା ତାଙ୍କୁ ଗଭୀର ଦୁଃଖ ଦେଉଛି ସତ, କିନ୍ତୁ ଏକ ନବୀନ ଐଶ୍ୱର୍ଯ୍ୟ ଆଣିଦେଇଛି ଯାହା ପୂର୍ବରୁ ନ ଥିଲା ।

ଆଜି ସିଦ୍ଧାର୍ଥ ଅନୁଭବ କଲେ ଏହି ଭଲପାଇବା; ଏହି ଅନ୍ଧ ପୁତ୍ରସ୍ନେହ ଯାହା ସାଧାରଣ ମଣିଷଙ୍କର ସ୍ୱାଭାବିକ ଅନୁଭୂତି । ଏହା ହିଁ ସଂସାର । ସିଦ୍ଧାର୍ଥ ଭାବିଲେ, ଏହି ସ୍ନେହ ମଧ୍ୟ ବ୍ୟର୍ଥ ନୁହେଁ, ସଂସାରରେ ଏହାର ପ୍ରୟୋଜନ ଅଛି । କାରଣ ପ୍ରତ୍ୟେକ ମଣିଷର ହୃଦୟରେ ଭଲପାଇବାର ମଞ୍ଜି ରହିଛି । ଏହି ଆବେଗ, ବେଦନା ଓ ବୋକାମୀର ଅଭିଜ୍ଞତା ମଧ୍ୟ ଜୀବନର ପୂର୍ଣ୍ଣତା ପାଇଁ ପ୍ରୟୋଜନ ।

ତେଣୁ ସିଦ୍ଧାର୍ଥ ପୁତ୍ରପ୍ରେମର ପାଗଳାମୀ ଓ ପୁତ୍ର ହୃଦୟ ଜୟ କରିବା ପାଇଁ ସଦା ତତ୍ପର । କିନ୍ତୁ ପୁଅ ରୁକ୍ଷ ମିଜାଜ ପ୍ରଦର୍ଶନ କରିବାରେ ହେଳା କରେନାହିଁ । ତା' ବାପାଙ୍କ ପାଖରେ ଏମିତି କିଛି ନାହିଁ ତାକୁ ଆକର୍ଷଣ କରିବ ବା ଭୟଭୀତ କରିବ । ତା' ବାପା ଭଲ ମଣିଷ, ଦୟାଳୁ, ଧର୍ମଭୀରୁ ବା ସାଧୁ ହୋଇପାରନ୍ତି । କିନ୍ତୁ ଏହି ଗୁଣ ଦ୍ୱାରା ବାଳକର ମନକୁ ତ ଜୟ କରିହେବ ନାହିଁ । ଯେଉଁ ବାପା ତାକୁ ଏହି ଭଙ୍ଗା କୁଡ଼ିଆରେ ବନ୍ଦୀ କରି ରଖିଛନ୍ତି, ତାଙ୍କୁ ଦେଖିଲେ ମନରେ ବିରକ୍ତି ଜାଗିଉଠେ । କିନ୍ତୁ ତାର ରୁକ୍ଷ ବ୍ୟବହାର ଦେଖିଲେ ସିଦ୍ଧାର୍ଥ କେବଳ ହସିଦିଏ । ପୁତ୍ରର ସକଳ ଅପମାନର ଉତ୍ତର ହେଉଛି ପିତାର ଅଗାଧ ସ୍ନେହ । ପୁଅ ଭାବେ, ଧୂର୍ତ୍ତ ବୃଦ୍ଧ ପିତା ତାକୁ ବଶ କରିବା ପାଇଁ କ୍ଷମା ଆଚରଣ କରୁଛି । ପିତା ତିରସ୍କାର କଲେ ବରଂ ସେ ଖୁସି ହୁଅନ୍ତା ।

ଦିନେ ବାଳକ ବିଦ୍ରୋହ ଘୋଷଣା କଲା ପିତାଙ୍କ ବିରୁଦ୍ଧରେ । ସିଦ୍ଧାର୍ଥ ପୁଅକୁ ଶୁଖିଲା ଡାଳପତ୍ର ଆଣିବାକୁ କହିଥିଲେ । ସେ କଥା ପୁଅ ନ ଶୁଣି କୁଡ଼ିଆ ପାଖରେ ଠିଆ ହୋଇ ମାଟିରେ ଗୋଡ଼କୁ କଚାଡ଼ି, ଦୁଇ ହାତ ମୁଠା କରି ଉଚ୍ଚ ସ୍ୱରରେ ନିଜ ଅବଜ୍ଞା ପ୍ରକାଶ କଲା ।

ଚିତ୍କାର କରି କହିଲା, 'କାହିଁକି ? ତମେ ନିଜେ ଆଣିପାରୁନ ? ମୁଁ ତୁମ

ଚାକର ନୁହେଁ । ମୁଁ ଜାଣେ ତୁମେ ମୋତେ ବାଡ଼େଇବ ନାହିଁ । ତା' କାରଣ ମୁଁ ଜାଣିପାରୁଛି । ଧର୍ମ ନାଁରେ ତୁମେ ମୋତେ ଦଣ୍ଡ ଦିଅ । ତୁମେ ପ୍ରମାଣ କରିବାକୁ ଚାହଁ ମୁଁ କେତେ ଛୋଟ । ତୁମେ ଚାହୁଁଛ ମୁଁ ତୁମ ଭଳି ଧାର୍ମିକ, ଧିରସ୍ଥିର ହେବି; କିନ୍ତୁ ମୁଁ କେବେ ବି ସେ ବାଟରେ ଯିବି ନାହିଁ । ବରଂ ଚୋରୀ କରିବି, ନର୍କକୁ ଯିବି, ତଥାପି ତୁମ ଭଳି ହେବାକୁ ଚାହେଁ ନାହିଁ । ତୁମେ ମୋ ମା'ର ପ୍ରେମିକ ହୋଇପାର, କିନ୍ତୁ ମୁଁ ତୁମକୁ ପିତା ଭାବରେ ଗ୍ରହଣ କରେ ନାହିଁ । ମୁଁ ତୁମକୁ ଘୃଣା କରେ ।'

ଏତେ ଦିନର ପୁଞ୍ଜିଭୂତ କ୍ରୋଧ ଓ ଅସନ୍ତୋଷ ଆଜି ଏହି କର୍କଶ ଉକ୍ତି ମାଧ୍ୟମରେ ପ୍ରକାଶ ପାଇଲା । ତା'ର ପିତା ତାକୁ ଏହି କିଶୋର ବୟସରେ କଠୋର ଜୀବନ ଯାପନ କରିବାକୁ ବାଧ କରୁଛନ୍ତି । ତେଣୁ ବାପା ଉପରେ ରାଗର ଶେଷ ନାହିଁ । ମନକଥା ଓଗାଳି ଦେଇ ସେ କୁଡ଼ିଆରୁ ବାହାରି ପଳାଇଗଲା ବହୁ ଦୂରକୁ, ଫେରିଲା ବିଳମ୍ବିତ ରାତିରେ ।

ପରଦିନ ସକାଳେ ପୁଅର ଆଉ ଦେଖା ମିଳିଲା ନାହିଁ । ବାସୁଦେବ ଓ ସିଦ୍ଧାର୍ଥ ଗୋଟିଏ ରଙ୍ଗୀନ ଜାମା ଭିତରେ ଯାତ୍ରୀମାନଙ୍କ ପାଖରୁ ମିଳିଥିବା ସାମାନ୍ୟ କିଛି ଅର୍ଥ ସଞ୍ଚୟ କରିଥିଲେ, ତାହା ଅଦୃଶ୍ୟ । ଘାଟକୁ ଆସି ଦେଖିଲେ ଡଙ୍ଗା ମଧ୍ୟ ନାହିଁ । ନଈ ଆରପାରିରେ ଡଙ୍ଗା ବନ୍ଧାହୋଇଛି । ପୁଅ ଚାଲିଯାଇଛି ।

ପୂର୍ବଦିନ ପୁଅର କଟୁଭାଷା ଶୁଣିଲା ପରଠାରୁ ସିଦ୍ଧାର୍ଥଙ୍କ ମନରେ ପ୍ରଚଣ୍ଡ ବେଦନା ଜମି ରହିଥିଲା । ତଥାପି ସେ ଆପଣା ସିଦ୍ଧାନ୍ତରେ ପହଞ୍ଚି କହିଲେ, 'ତାକୁ ଖୋଜି ଆଣିବାକୁ ପଡ଼ିବ । ଜଙ୍ଗଲରେ ଶିଶୁଟି ବଞ୍ଚିବ କେମିତି ? ବାସୁଦେବ, ଆସ, ଗୋଟିଏ ଭେଳା ତିଆରି କରିବା ।'

ବାସୁଦେବ ଉତ୍ତର ଦେଲା, 'ହଁ, ଭେଳା ତ ତିଆରି କରିବାକୁ ପଡ଼ିବ । ଆରପାରିରୁ ଡଙ୍ଗା ଆଣିବାକୁ ପଡ଼ିବ । କିନ୍ତୁ ବନ୍ଧୁ, ପୁଅକୁ ଯିବାକୁ ଦିଅ । ସେ ତ ଆଉ ଛୋଟ ପିଲା ନୁହେଁ । ନିଜ ଦାୟିତ୍ୱ ସେ ବହନ କରିପାରିବ । ନଗରକୁ ଫେରିବା ପଥ ସନ୍ଧାନ କରିବା ପାଇଁ ସେ ଯାଇଛି । ଭୁଲ ନାହିଁ, ତୁମେ ଏପର୍ଯ୍ୟନ୍ତ ଯାହା ଅବହେଳା କରିଛ, ସେ ସେହି କର୍ତ୍ତବ୍ୟ କରିବା ପାଇଁ ଯାଇଛି । ସେ ନିଜ ବାଟରେ ନିଜେ ହିଁ ଚାଲିବ । ସିଦ୍ଧାର୍ଥ, ମୁଁ ଦେଖୁଛି ତୁମେ କେତେ ଚରମ ଯନ୍ତ୍ରଣା ଭୋଗ କରୁଛ । କିନ୍ତୁ ଏହି ଯନ୍ତ୍ରଣାକୁ ତୁମେ ହସି ଉଡ଼ାଇ ଦେବା ଉଚିତ । ଦୁଇଦିନ ପରେ ତୁମେ ହିଁ ଏହି ଯନ୍ତ୍ରଣା କଥା ମନେ ପକାଇ ହସିଦେବ ।'

ସିଦ୍ଧାର୍ଥ କୌଣସି ଉତ୍ତର ଦେଲେ ନାହିଁ । ଦୁହେଁ ବାଉଁଶ ଓ ବେତ ଦଉଡ଼ି ସାହାଯ୍ୟରେ ଭେଳା ତିଆରି କଲେ । ତାପରେ ସ୍ରୋତ ପ୍ରତିକୂଳରେ ସଂଗ୍ରାମ କରି ନଈ ଆରପାରିରେ ପହଞ୍ଚିଲେ ।

ସିଦ୍ଧାର୍ଥ ପଚାରିଲେ, 'ଦାଆ ସାଙ୍ଗରେ କାହିଁକି ଆଣିଲ ?'

ବାସୁଦେବ କହିଲା, 'ହୁଏତ ପୁରୁଣା କାତ ନାହିଁ। ନୂଆ ତିଆରି କରିବାକୁ ହେବ।'

ସିଦ୍ଧାର୍ଥ ବୁଝିପାରିଲେ। ବୋଧହୁଏ ପ୍ରତିଶୋଧ ନେବା ପାଇଁ ପୁଅ କାତକୁ ନଈରେ ଭସାଇ ଦେଇଛି। ସେମାନଙ୍କ ଆଶଙ୍କା ସତରେ ପରିଣତ ହେଲା। ଡଙ୍ଗାରେ କାତ ନାହିଁ। ବାସୁଦେବ ଡଙ୍ଗାର ତଳଭାଗକୁ ଚାହିଁ ଇଙ୍ଗିତରେ ପଚାରିଲା, ତୁମ ପୁଅର ଇଚ୍ଛା ବୁଝିପାରୁଛ ତ? ସେ ଚାହେଁନାହିଁ ଯେ ଆମେ ତାକୁ ଅନୁସରଣ କରୁ। କିନ୍ତୁ ବାସୁଦେବ ମୁହଁ ଖୋଲି କିଛି କହିଲା ନାହିଁ। ସେ ନୂଆ କାତ ତିଆରିରେ ଲାଗିପଡ଼ିଲା। ସିଦ୍ଧାର୍ଥ ବିଦାୟ ନେଇ ଚାଲିଲେ ପୁଅକୁ ଖୋଜିବା ପାଇଁ।

ଜଙ୍ଗଲରେ ଦୀର୍ଘ ସମୟ ବୁଲିଲା ପରେ ସିଦ୍ଧାର୍ଥ ଜାଣିପାରିଲେ ଏହି ଅନୁସନ୍ଧାନ ବୃଥା। ଭାବିଲେ, ପୁଅ ହୁଏତ ବହୁ ପୂର୍ବରୁ ନଗରରେ ପହଞ୍ଚିଯାଇଛି। ଅଥବା ଏବେ ବି ଯଦି କେଉଁଠି ଘୂରି ବୁଲୁଥାଏ ତେବେ ତାକୁ ପାଇବା ଅସମ୍ଭବ କାରଣ ବାପାକୁ ଦେଖି ସେ ନିଶ୍ଚୟ କୌଣସି ସ୍ଥାନରେ ଛପିଯିବ। ତେଣୁ ସିଦ୍ଧାର୍ଥ ଭାବିଲେ, ପୁତ୍ରର କୌଣସି ଅମଙ୍ଗଳ ଆଶଙ୍କା କରିବା ଭିତ୍ତିହୀନ। ସେ ନିଶ୍ଚୟ ପଥ ମଧ୍ୟରେ କୌଣସି ବିପଦର ସମ୍ମୁଖୀନ ହୋଇନାହିଁ। ତଥାପି ସିଦ୍ଧାର୍ଥ ଧୀରେ ଧୀରେ ଆଗେଇ ଚାଲିଲେ, ପୁତ୍ରକୁ ରକ୍ଷା କରିବା ପାଇଁ ନୁହେଁ। ବୋଧହୁଏ ଥରଟିଏ ଦେଖିବା ପାଇଁ।

ହଠାତ ତାଙ୍କର ଖିଆଲ ହେଲା ସେ କମଳାର ପ୍ରମୋଦ ଉଦ୍ୟାନର ପ୍ରବେଶ ପଥରେ ଠିଆହୋଇଛନ୍ତି। ସେଇଠି ସେ ଦେଖିଥିଲେ କମଳାକୁ। ଅତୀତର ଚିତ୍ର ଆଖି ଆଗରେ ଭାସି ଉଠିଲା। ସେହି ଲମ୍ବା କେଶ ଓ ଦାଢ଼ିମୟ ମୁଖମଣ୍ଡଳ, ଧୂଳିଧୂସରିତ ରୁକ୍ଷ ଚେହେରା, ନଗ୍ନପ୍ରାୟ ନବୀନ ସନ୍ନ୍ୟାସୀକୁ ସେ ପୁଣି ଦେଖିଲେ ମାନସପଟରେ। ପ୍ରବେଶପଥ ନିକଟରେ ଠିଆହୋଇ ଦେଖିବାକୁ ଲାଗିଲେ ଉଦ୍ୟାନର ସୌନ୍ଦର୍ଯ୍ୟ। ସେଠାରେ ବୌଦ୍ଧଭିକ୍ଷୁମାନଙ୍କର ଯାତାୟାତ ଲାଗିରହିଛି। ଦୀର୍ଘ ସମୟ ଠିଆ ହୋଇ ସିଦ୍ଧାର୍ଥ କେତେ କଥା ଭାବୁଥାନ୍ତି; ହଜିଯାଇଥିବା ଅତୀତର କେତେ ଚିତ୍ର ମନରେ ଉକୁଟି ମାରୁଥାଏ, ନିଜ ଜୀବନ କାହାଣୀର ଜୀବନ୍ତ ଅଭିନୟ ଝଲସି ଉଠୁଥାଏ। ଆଜି ଯେଉଁଠି ବୌଦ୍ଧଭିକ୍ଷୁମାନଙ୍କର ଭିଡ଼ ଲାଗିଛି, ସେହି ଗଛ ତଳେ ଦେଖିଲେ ସିଦ୍ଧାର୍ଥ ଓ କମଳାକୁ। କମଳାର ପ୍ରଥମ ଚୁମ୍ବନର ଦୃଶ୍ୟ। କମଳାର ପ୍ରେମ ଶିକ୍ଷା ତାଙ୍କୁ ଦାମ୍ଭିକ କରି ତୋଳିଥିଲା, ଘୃଣା ଜନ୍ମିଥିଲା ସନ୍ନ୍ୟାସୀଜୀବନ ଉପରେ। ଉତ୍ସକ ଚିତ୍ତରେ ଗର୍ବିତ ସିଦ୍ଧାର୍ଥ ସେଦିନ ପ୍ରବେଶ କରିଥିଲେ ସଂସାର ଜୀବନ ମଧ୍ୟରେ। ସେ ନୂତନ ଭାବରେ ଦେଖିଲେ ଭୃତ୍ୟ ପରିବେଷ୍ଟିତ କାମସ୍ୱାମୀଙ୍କୁ, ତାର ଉତ୍ସବ ଅନୁଷ୍ଠାନ, ପଶାଖେଳର ଆସର ଓ ନୃତ୍ୟଗୀତର ଫୁଆରା। ସିଦ୍ଧାର୍ଥ ଶୁଣିବାକୁ ପାଇଲେ କମଳାର ସେହି ମୂଲ୍ୟବାନ ଚଢ଼େଇର ମଧୁର ସଙ୍ଗୀତ। ତାଙ୍କ ଅତୀତ ଜୀବନର ପୁନରାବୃତ୍ତି ହେଲା। ପୁଣି ଥରେ ସେ ସନ୍ନ୍ୟାସୀ

ଜୀବନର ଅଭିଜ୍ଞତା ଲାଭ କଲେ; ପୁଣି ଧୀରେ ଧୀରେ ବୃଦ୍ଧ ହେଲେ, କ୍ଲାନ୍ତ ହେଲେ, ଜୀବନ ମନେହେଲା ବିଷମୟ; ମୃତ୍ୟୁର ଆକାଙ୍କ୍ଷା ମନରେ ଜାଗ୍ରତ ହେଲା ଏବଂ ଠିକ ସେହି ମୁହୂର୍ତ୍ତରେ ଶୁଣିବାକୁ ପାଇଲେ ପବିତ୍ର ଓଁ ।

ଅନେକ ସମୟ ଅପେକ୍ଷା କରିବା ପରେ ସିଦ୍ଧାର୍ଥଙ୍କର ଉପଲବ୍ଧି ହେଲା ଯେ ସେ ଯେଉଁ ଆଶା ନେଇ ଆସିଛନ୍ତି ତାହା ସମ୍ପୂର୍ଣ୍ଣ ବୋକାମୀ । ସେ ପୁଅକୁ ସାହାଯ୍ୟ କରି ପାରିବେ ନାହିଁ, କେହି କାହାକୁ ସାହାଯ୍ୟ କରି ପାରନ୍ତି ନାହିଁ । ନିଜ ଇଚ୍ଛା ପୁଅ ଉପରେ ଲଦିଦେବା ମଧ୍ୟ ଠିକ୍ ନୁହେଁ । ପଳାତକ ପୁତ୍ର ପାଇଁ ଗଭୀର ସ୍ନେହ ତାଙ୍କୁ ବନ୍ଦୀ କରି ଦେଇଛି । ଯନ୍ତ୍ରଣାକ୍ଲିଷ୍ଟ କ୍ଷତ ଭଳି ଏହି ପୁତ୍ରସ୍ନେହ ତାକୁ ସର୍ବଦା ବେଦନା ଦେଉଛି । ଅବଶ୍ୟ ସିଦ୍ଧାର୍ଥ ଜାଣେ ଏହି କ୍ଷତ ଦିନେ ଶୁଖିଯିବ ।

ତଥାପି ବର୍ତ୍ତମାନ ତ କ୍ଷତ ଶୁଖିନାହିଁ । ତେଣୁ ସିଦ୍ଧାର୍ଥ ବିଷର୍ଣ୍ଣ । ଯେଉଁ ଉଦ୍ଦେଶ୍ୟ ନେଇ ସେ ପୁତ୍ର ପଛରେ ଦୌଡୁଛନ୍ତି, ଆଜି ତାର କୌଣସି ମୂଲ୍ୟ ନାହିଁ । ତାଙ୍କ ଅନ୍ତର ଭିତରେ ବିରାଟ ଶୂନ୍ୟତା । ସେ ମାଟିରେ ବସି ପଡ଼ିଲେ । ତାଙ୍କୁ ଲାଗିଲା କ'ଣ ଯେମିତି ହୃଦୟ ଭିତରେ ଶୁଖି ମରିଗଲା । ଜୀବନରେ କୌଣସି ଆନନ୍ଦ ନାହିଁ, ପଥ ଚାଲିବାରେ କୌଣସି ଲକ୍ଷ୍ୟ ମଧ୍ୟ ନାହିଁ । ବିଷର୍ଣ୍ଣ ଚିତ୍ତରେ ସେ ଅପେକ୍ଷା କରିବାକୁ ଲାଗିଲେ । ଧୈର୍ଯ୍ୟ ସହ ଅପେକ୍ଷା କରିବା ଓ ସ୍ଥିର ମନରେ ଶୁଣିବା ଗୁଣ ସେ ଶିଖିଛନ୍ତି ନଈ ପାଖରୁ । ଧୂଳିରେ ବସି ବସି ଶୁଣିବାକୁ ଲାଗିଲେ କ୍ଲାନ୍ତ, ବ୍ୟଥିତ ହୃଦୟର ସ୍ପନ୍ଦନ । ସେ ଗୋଟିଏ ସ୍ୱର ଶୁଣିବା ପାଇଁ ବସି ରହିଛନ୍ତି । କେତେ ପ୍ରହର ବିତିଗଲା । ସିଦ୍ଧାର୍ଥ ସେହିଭଳି ନିଶ୍ଚଳ ଭାବରେ ବସି ରହିଥାନ୍ତି । ସବୁ ସ୍ୱପ୍ନ ଉଭେଇ ଯାଇଛି । ଶୂନ୍ୟତାର ଗହ୍ୱର ଭିତରୁ ବାହାରି ଆସିବାକୁ କୌଣସି ପଥ ଦିଶୁନାହିଁ । ଯେତେବେଳେ ବେଦନା ଅତ୍ୟଧିକ ତୀବ୍ର ହୋଇ ଉଠିଲା, ସିଦ୍ଧାର୍ଥ ଉଚ୍ଚାରଣ କଲେ ଓଁ । ଉଦ୍ୟାନର ଭିକ୍ଷୁମାନେ ଦେଖିଲେ ରାସ୍ତାକଡ଼ରେ ଧୂଳି ଉପରେ ଜଣେ ଲୋକ ବହୁକ୍ଷଣ ବସିରହିଛି । ତାର ପକ୍ୱ କେଶ ଧୂଳିମୟ । ଜଣେ ଭିକ୍ଷୁ ଆସି ତା' ସାମ୍ନାରେ ଦୁଇଟି ପାଚିଲା କଦଳୀ ରଖିଦେଇ ଗଲେ । ସିଦ୍ଧାର୍ଥ ତାହା ଦେଖି ପାରିଲେ ନାହିଁ ।

କାନ୍ଧରେ ହାତ ସ୍ପର୍ଶ ପାଇ ସିଦ୍ଧାର୍ଥଙ୍କର ଧ୍ୟାନ ଭାଙ୍ଗିଗଲା । ସେହି ମଧୁର ଶାନ୍ତ ସ୍ପର୍ଶକୁ ଚିହ୍ନିବାରେ ବିଳମ୍ବ ହେଲା ନାହିଁ । ସିଦ୍ଧାର୍ଥ ଧୀରେ ଧୀରେ ଠିଆ ହୋଇ ସ୍ୱାଗତ କଲେ ବାସୁଦେବକୁ । ବାସୁଦେବର ଉଜ୍ଜ୍ୱଳ ସ୍ମିତ ହସ ଓ ଆଖିର ସ୍ୱାଗତକୁ ଦେଖି ସିଦ୍ଧାର୍ଥଙ୍କ ମୁହଁରେ ହସ ଫୁଟିଲା । ଗୋଡ଼ ପାଖରୁ କଦଳୀ ଦୁଇଟିକୁ ଆଣି ଗୋଟିଏ ବାସୁଦେବକୁ ଦେଲେ ଓ ନିଜେ ଗୋଟିଏ ଖାଇଲେ । ତା'ପରେ ଦୁହେଁ ଜଙ୍ଗଲ ପାରହୋଇ ନଈ ଘାଟ ପାଖରେ ପହଞ୍ଚିଲେ । ଇତିମଧ୍ୟରେ କ'ଣ କ'ଣ ଘଟି ଯାଇଛି ତାହା ଦୁଇ ବନ୍ଧୁ ଉଚ୍ଚାରଣ କଲେ ନାହିଁ । ପୁଅର ନାଁ ଉଲ୍ଲେଖ କଲେ ନାହିଁ, ସେ ଯିବା ଦ୍ୱାରା ସିଦ୍ଧାର୍ଥ କେତେ

ଯନ୍ତ୍ରଣା ଅନୁଭବ କରିଛି, ତାହା ମଧ୍ୟ କେହି କହିଲେ ନାହିଁ। କୁଡ଼ିଆରେ ପହଞ୍ଚି ଶ୍ରାନ୍ତ ସିଦ୍ଧାର୍ଥ ବିଛଣାରେ ଶୋଇପଡ଼ିଲେ। ବାସୁଦେବ ଗୋଟିଏ ପାତ୍ରରେ ତା ପାଇଁ ପଇଡ଼ ପାଣି ଆଣିଲା ବେଳକୁ ସିଦ୍ଧାର୍ଥ ଗଭୀର ନିଦରେ ଶୋଇ ପଡ଼ିଛି।

ବହୁଦିନ ବିତିଗଲା। ତଥାପି ହୃଦୟର ଜ୍ୱାଳା କମିଲା ନାହିଁ। ସିଦ୍ଧାର୍ଥ ପ୍ରତିଦିନ କେତେ ଯାତ୍ରୀଙ୍କୁ ନଈ ପାରି କରାନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କ ସାଙ୍ଗରେ ପୁଅ ଝିଅ ମଧ୍ୟ ଥାଆନ୍ତି। ସେମାନଙ୍କୁ ଦେଖି ସେ ଈର୍ଷା ବୋଧ କରନ୍ତି ନାହିଁ। ମନେ ମନେ ଭାବନ୍ତି, ଏତେ ଲୋକଙ୍କର ମହତ ସୁଖ ଅଛି। ତାର କାହିଁକି ନାହିଁ? ଶଇତାନ, ଚୋର, ଦସ୍ୟୁ ସମସ୍ତଙ୍କର ସନ୍ତାନ ଅଛନ୍ତି। ସେମାନେ ତାଙ୍କୁ ଭଲ ପାଆନ୍ତି, ପିଲାମାନେ ସେମାନଙ୍କୁ ଭଲ ପାଆନ୍ତି। କେବଳ ସିଦ୍ଧାର୍ଥ ଏହି ସୁଖରୁ ବଞ୍ଚିତ। ଆଜିକାଲି ଏହି ପ୍ରକାରର ଶିଶୁସୁଲଭ ଯୁକ୍ତିହୀନ କଥା ମୁଣ୍ଡରେ ବସା ବାନ୍ଧେ। ଚାରିପଟର ସାଧାରଣ ଲୋକଙ୍କ ସ୍ତରକୁ ସେ ଓହ୍ଲାଇ ଆସନ୍ତି। ବର୍ତ୍ତମାନ ସେ ସଂସାରର ଲୋକଙ୍କୁ ନୂଆ ଭାବରେ ଦେଖୁଛନ୍ତି। ଆଗ ଭଳି ବୁଦ୍ଧିର ଅହଙ୍କାର ନାହିଁ। କେବଳ ଅଛି ଆନ୍ତରିକତା, ସହାନୁଭୂତି ଓ କୌତୁହଳ।

ବ୍ୟବସାୟୀ, ସୈନ୍ୟ, ନାରୀ - ଏମିତି କେତେ ପ୍ରକାରର ଲୋକଙ୍କୁ ସିଦ୍ଧାର୍ଥ ପ୍ରତିଦିନ ନଈ ପାର କରାନ୍ତି। ଦିନେ ସେମାନେ ସମ୍ପୂର୍ଣ୍ଣ ଅଚିହ୍ନା ଲାଗୁଥିଲେ, ଆଜି ଆଉ ଲାଗୁନାହାନ୍ତି। ସେମାନଙ୍କ ଚିନ୍ତାଧାରା ସେ ଗ୍ରହଣ କରିନାହାନ୍ତି ସତ, କିନ୍ତୁ ସେମାନଙ୍କ ଇଚ୍ଛା, ଆକାଙ୍କ୍ଷା ଓ ଜୀବନର ଉଦ୍ଦୀପନାକୁ ଗ୍ରହଣ କରିଛନ୍ତି। ସେ ଆଜି ଆତ୍ମସଂଯମର ଚରମସ୍ତରରେ ପହଞ୍ଚିଛନ୍ତି, ତା'ର ସର୍ବଶେଷ ଆଘାତକୁ ନୀରବରେ ସହ୍ୟ କରିଛନ୍ତି ସତ, ତଥାପି ସେ ଅନୁଭବ କରିଛନ୍ତି ଏହି ସାଧାରଣ ଜନତା ହିଁ ତାଙ୍କର ଭାଇ। ସେମାନଙ୍କୁ ସେ ହଠାତ ବୁଝିପାରୁଛନ୍ତି। ସେମାନେ ଭଲପାଇବାର ପାତ୍ର ହିସାବରେ ଯୋଗ୍ୟତା ଲାଭ କରିଛନ୍ତି, ଏପରିକି ସେମାନେ ବର୍ତ୍ତମାନ ଶ୍ରଦ୍ଧାର ଯୋଗ୍ୟ। ସନ୍ତାନ ପାଇଁ ମାତାର ଅନ୍ଧ ପ୍ରେମ, ଏକମାତ୍ର ପୁତ୍ର ପାଇଁ ପିତାର ହାସ୍ୟାସ୍ପଦ ଅହଙ୍କାର, ନାରୀର ଅଳଙ୍କାର ବାସନା ଓ ପୁରୁଷମାନଙ୍କର ପ୍ରଶଂସା ଲାଭ ପାଇଁ ଅଦମ୍ୟ ଚେଷ୍ଟା - ଏସବୁ ସିଦ୍ଧାର୍ଥ ଏବେ ନୂତନ ଦୃଷ୍ଟିକୋଣରୁ ଦେଖୁଛନ୍ତି। ଏହି ହାସ୍ୟାସ୍ପଦ ପ୍ରବଳ ଆକଙ୍କ୍ଷା ସିଦ୍ଧାର୍ଥ ନିକଟରେ ଆଉ ତୁଚ୍ଛ ନୁହେଁ। ଏହି ପ୍ରକାରର ତୀବ୍ର କାମନା ପାଇଁ ତ ମଣିଷ ବଞ୍ଚିବାର ପ୍ରେରଣା ପାଇଥାଏ। ମହତ କାର୍ଯ୍ୟରେ ବ୍ରତୀ ହୁଏ, ଗୃହତ୍ୟାଗ କରି ଦେଶାନ୍ତର ଯାତ୍ରା କରେ - ଏହିସବୁ ବାସନା ପାଇଁ ତ ମଣିଷ ଯୁଦ୍ଧ କରେ, କେତେ ଅକଥନୀୟ ଦୁଃଖ ସହ୍ୟ କରେ। ଏହି କାରଣରୁ ସିଦ୍ଧାର୍ଥ ଆଜି ସଂସାରୀ ଲୋକମାନଙ୍କୁ ଭଲପାଉଛନ୍ତି। ଦିନେ ଯେଉଁମାନଙ୍କୁ ସେ ଅବଜ୍ଞା କରୁଥିଲେ, ସେମାନଙ୍କ ମଧ୍ୟରେ ସିଦ୍ଧାର୍ଥ ଦେଖୁଛନ୍ତି ଜୀବନକୁ, ଦେଖୁଛନ୍ତି ସେମାନଙ୍କର ବଞ୍ଚିବାର ଶକ୍ତି ଓ ଅବିନଶ୍ୱର ପରମ ବ୍ରହ୍ମଙ୍କର ବିକାଶ। କେବଳ ଛୋଟ ସ୍ଥୂଳିଙ୍ଗ ନୁହେଁ, ସେମାନଙ୍କ ମଧ୍ୟରେ ରହିଛି ଋଷି ଓ ଧ୍ୟାନୀମାନଙ୍କର ସମସ୍ତ ଗୁଣ; ନାହିଁ

କେବଳ ସକଳ ଜୀବନ ମଧ୍ୟରେ ଏକତାବୋଧ । ସିଦ୍ଧାର୍ଥ ଅବଶ୍ୟ ଚିନ୍ତା କରନ୍ତି, ପ୍ରକୃତରେ କ'ଣ ଏହି ଚିନ୍ତା ଏତେ ମୂଲ୍ୟବାନ ? ସଂସାରୀ ବ୍ୟକ୍ତିମାନେ ମଧ୍ୟ ଜ୍ଞାନୀମାନଙ୍କର ସମକକ୍ଷ । ଜଙ୍ଗଲର ପଶୁମାନେ ମଧ୍ୟ ସେମାନଙ୍କ କାମ ନିଜ ବାଟରେ ସମାପନ କରନ୍ତି ।

ଧୀରେ ଧୀରେ ସିଦ୍ଧାର୍ଥ ଉପଲବ୍ଧି କଲେ ପ୍ରକୃତ ଜ୍ଞାନର ସ୍ୱରୂପ । କ୍ରମେ ଏହି ଉପଲବ୍ଧି ପୂର୍ଣ୍ଣତା ଲାଭ କଲା । ବର୍ତ୍ତମାନ ତାଙ୍କର ଜ୍ଞାନ ହେଲା ସେ କ'ଣ ଖୋଜି ଖୋଜି ଜୀବନର ଏହି ଦୀର୍ଘ ପଥ ଚାଲିଛନ୍ତି, ଆଜି ସ୍ପଷ୍ଟ ଭାବରେ ଦେଖୁଛନ୍ତି ଜୀବନବ୍ୟାପୀ ଅନ୍ୱେଷଣର ଲକ୍ଷ୍ୟ । ତାହା ହେଉଛି ଆତ୍ମାର ପ୍ରସ୍ତୁତି । ଜୀବନର ପ୍ରତି ମୁହୂର୍ତ୍ତରେ ଐକ୍ୟବୋଧର ଗୂଢ଼ ଅନୁଭୂତି ତାଙ୍କ ଭିତରେ ପୂର୍ଣ୍ଣତା ଲାଭ କରୁଛି - ଯେମିତି ହେଉଛି ବାସୁଦେବଙ୍କ ଜୀବନରେ । ଏହି ଅନୁଭୂତି ଫଳରେ ବାସୁଦେବ ମୁହଁରେ ଫୁଟି ଉଠୁଛି ଶିଶୁସୁଲଭ ଆନନ୍ଦ, ଦୀପ୍ତି ଓ ପୂର୍ଣ୍ଣତା ।

କିନ୍ତୁ ସେହି କ୍ଷତ ଏବେ ବି ଶୁଖିନାହିଁ । ପୁଅ କଥା ମନେ ପଡ଼ିଲେ ମନ ବ୍ୟଗ୍ର ହୋଇ ଉଠେ । ଭଲପାଇବାର ସକଳସ୍ତର ସେ ପାର ହୋଇଛନ୍ତି । ବର୍ତ୍ତମାନ କେବଳ ଭଲପାଇବାର ବେଦନା । ପୁଅ ଯେଉଁ ଭଲପାଇବାର ଶିଖା ସଂଯୋଗ କରିଛି, ତାହା ଆଜି ମଧ୍ୟ ଜଳୁଛି ।

ଦିନେ ଏହି ପୁରାତନ କ୍ଷତର ଯନ୍ତ୍ରଣା ଏତେ ତୀବ୍ର ହେଲା ଯେ ସେ ନଈ ଆର ପାରିକୁ ଗଲେ । ଭାବିଲେ, ନଗରକୁ ଯାଇ ପୁଅକୁ ଖୋଜିବେ । ଏହି ଉଦ୍ଦେଶ୍ୟରେ ସେ ଡଙ୍ଗାରୁ ଓହ୍ଲାଇ କୂଳରେ ଠିଆ ହେଲେ । ସେତେବେଳେ ଖରାଦିନ, ନଦୀ ଶାନ୍ତ ଓ ଧୀର । ହଠାତ୍ ନଦୀ ଭିତରୁ ସ୍ପଷ୍ଟ ହସ ଶୁଭିଲା । ବୃଦ୍ଧ ନାଉରିଆକୁ ଦେଖି ନଈ କିଲିକିଲି ହୋଇ ହସୁଛି । ସିଦ୍ଧାର୍ଥ ମୁଣ୍ଡ ତଳକୁ କରି ପାଣି ଉପରେ କାନକୁ ଡେରି ଭଲ ଭାବରେ ଶୁଣିବାକୁ ଚେଷ୍ଟା କଲେ । ସେହି ମନ୍ଥର ଗତି ସମ୍ପନ୍ନ ସ୍ୱଚ୍ଛ ପାଣିରେ ସେ ନିଜ ମୁହଁର ପ୍ରତିବିମ୍ବ ଦେଖିବାକୁ ପାଇଲେ । ବୃଦ୍ଧ ସିଦ୍ଧାର୍ଥଙ୍କ ମୁହଁର ପ୍ରତିବିମ୍ବ ଦେଖି ତାଙ୍କର ମନେ ପଡ଼ିଗଲା ଆଉ ଗୋଟିଏ ମୁହଁ, ଆଜିର ମୁହଁ ସହ ତାର ଭୀଷଣ ସାମଞ୍ଜସ୍ୟ ଅଛି । ସେ ମୁହଁଟି ଯାହାଙ୍କର, ତାଙ୍କୁ ସିଦ୍ଧାର୍ଥ ବହୁତ ଦିନ ଭୁଲିଯାଇଥିଲେ । ଆଜି ଆଖି ଆଗରେ ଭାସି ଉଠିଲେ ସେହି ବ୍ୟକ୍ତି, ସିଦ୍ଧାର୍ଥର ବ୍ରାହ୍ମଣ ପିତା । ପିତାଙ୍କ ସହ ତାଙ୍କର ଗଭୀର ଅନ୍ତରଙ୍ଗତା ଥିଲା । ସେ ତାଙ୍କୁ ଭଲ ପାଉଥିଲେ ଓ ଭୟ ମଧ୍ୟ କରୁଥିଲେ । ଆଜି ମନେ ପଡ଼ିଗଲା କେମିତି ଯୌବନରେ ସେ ଦିନେ ବାପାଙ୍କୁ ବାଧ କରିଥିଲେ ସନ୍ନ୍ୟାସବ୍ରତ ପାଇଁ ଅନୁମତି ଦେବାକୁ, କେମିତି ସେ ବିଦାୟ ନେଇଥିଲେ । ତାହା ଥିଲା ଶେଷ ବିଦାୟ । ତା' ପରଠାରୁ ସିଦ୍ଧାର୍ଥ କେବେ ଘରକୁ ଫେରିନାହିଁ । ଆଜି ନିଜ ପୁତ୍ର ପାଇଁ ସିଦ୍ଧାର୍ଥ ଯେଉଁ ବେଦନା ଭୋଗ କରୁଛନ୍ତି, ଦିନେ ତା'ରି ପାଇଁ ମଧ୍ୟ ପିତା ସେହି ବେଦନା ଭୋଗ କରିଥିବେ । ପୁଅକୁ ଆଉ ଥରେ ମାତ୍ର ନ ଦେଖି ତାର ନିଃସଙ୍ଗ ପିତା ମଧ୍ୟ

ପରଲୋକ ଗମନ କରିଛନ୍ତି । ସିଦ୍ଧାର୍ଥର କ'ଣ ସମାନ ପରିଣତି ହେବ ନାହିଁ? ସୃଷ୍ଟିର ଅନ୍ଧ ଭାଗ୍ୟଚକ୍ର ଘୂରି ବୁଲୁଛି । କି ବିଚିତ୍ର ଏହି ପ୍ରହସନ ।

ନଦୀ ହସିହସି କହୁଥାଏ, ହଁ, ତାହା ହିଁ ହୁଏ । ଚକ୍ରାକାରରେ ଦୁଃଖ ଘୂରି ଆସି ପହଞ୍ଚିଯାଏ । ଜୀବନର ପ୍ରଥମ ଭାଗରେ ଯେଉଁ ଦୁଃଖର ସମ୍ମୁଖୀନ ହୋଇନାହିଁ , ସେହି ଦୁଃଖ ଫେରିଆସେ ଜୀବନର ଶେଷ ଭାଗରେ । ସେଥିରୁ ନିସ୍ତାର ନାହିଁ । ସିଦ୍ଧାର୍ଥ ନଗରକୁ ନ ଯାଇ ପୁଣି ଫେରିଆସିଲେ ଘାଟ ପାଖକୁ । ଥରେ ମନେ ପଡୁଛି ପିତାଙ୍କ କଥା, ପରକ୍ଷଣରେ ମନେ ପଡୁଛି ପୁଅ କଥା । ପୁଣି ଭାବୁଛନ୍ତି, ନଦୀ ହସି ହସି ତାକୁ ବିଦ୍ରୂପ କରୁଛି । ସିଦ୍ଧାର୍ଥର ଅନ୍ତର ଭିତରେ ଦ୍ୱନ୍ଦ୍ୱ ଓ ହତାଶା । ନିଜପ୍ରତି ଓ ସମଗ୍ର ସଂସାରପ୍ରତି ବିଦ୍ରୂପ କରିବାକୁ ଇଚ୍ଛା ହେଉଛି । ମନର କ୍ଷତ ଏବେ ବି ଶୁଖିନାହିଁ । ଭାଗ୍ୟ ବିରୁଦ୍ଧରେ ମନ ଏବେ ବି ବିଦ୍ରୋହ ଘୋଷଣା କରୁଛି । ଦୁଃଖକୁ ଜୟ କରିପାରିନାହିଁ । ତଥାପି ମନରେ ସାହସ ସଞ୍ଚୟ କଲେ ଯେ ସେ ଦୁଃଖକୁ ଜୟ କରିପାରିବେ । ବାସୁଦେବ ନିକଟରେ ସେ ସବୁକିଛି ଦ୍ୱିଧାହୀନ ଭାବରେ ସ୍ୱୀକାର କରିବେ । ଯେଉଁ ଲୋକଟି ଅନ୍ୟର ଦୁଃଖ ନୀରବରେ ଶୁଣିବାର କୌଶଳ ଆୟତ୍ତ କରିଛି, ତାକୁ ସେ ସବୁ କଥା ମନଖୋଲି କହିଦେବେ ।

ବାସୁଦେବ କୁଡ଼ିଆରେ ବସି ଟୋକେଇ ତିଆରି କରୁଥାଏ । ଆଜିକାଲି ସେ ଆଉ ଡଙ୍ଗା ବାହିପାରେ ନାହିଁ । ଆଖିର ଦୃଷ୍ଟି କମିଆସିଲାଣି, ହାତ ଦୁଇଟି ଶିଥିଳ ହୋଇ ଗଲାଣି । କିନ୍ତୁ ମୁହଁରେ ପୂର୍ବର ସେହି ଆନନ୍ଦ ଏବେ ବି ରହିଛି ।

ବାସୁଦେବ ପାଖରେ ବସି ସିଦ୍ଧାର୍ଥ ସବୁ କହିଲେ - ଯେଉଁ କଥା ସେ ଆଗରୁ କେବେ କହି ନ ଥିଲେ । ମନର ଜ୍ୱାଳାରେ ଅସ୍ଥିର ହୋଇ ସେ କେମିତି ଗତଥର ନଗରକୁ ଯାଇଥିଲେ, ଭାଗ୍ୟବାନ ପିତାମାନଙ୍କୁ ଦେଖି କେମିତି ଈର୍ଷା ହେଉଥିଲା । କେମିତି ନିଜ ନିର୍ବୋଧତା ବିଷୟରେ ସଚେତନ ହୋଇଥିଲେ ଓ କେମିତି ଅନ୍ତରର ପ୍ରଚଣ୍ଡ ଦ୍ୱନ୍ଦ୍ୱରେ ସେ କ୍ଷତବିକ୍ଷତ ହୋଇଥିଲେ । ଗୋଟି ଗୋଟି କରି ସବୁ କହିଗଲେ ସିଦ୍ଧାର୍ଥ । ଅନ୍ତରର ଗୋପନ କ୍ଷତକୁ ବାସୁଦେବ ସାମ୍ନାରେ ତୋଳି ଧରିଲେ । ଆଜି ପୁଣି ସେ ନଗରକୁ ଯିବା ପାଇଁ ପ୍ରସ୍ତୁତ ହୋଇଥିଲେ ପୁତ୍ର ସନ୍ଧାନ କରିବାକୁ । ତାଙ୍କର ବୋକାମୀ ଦେଖି ନଈ ତାଙ୍କୁ ହସି ହସି ଫେରାଇ ଦେଲା । ସିଦ୍ଧାର୍ଥ ସବୁ କଥା କହିଗଲା ।

ବାସୁଦେବ ପ୍ରଶାନ୍ତ ଚିତ୍ତରେ ଶୁଣୁଥାଏ ସିଦ୍ଧାର୍ଥର କାହାଣୀ । ବାସୁଦେବର ଏତେ ଗଭୀର ମନଯୋଗ ସିଦ୍ଧାର୍ଥ ପୂର୍ବରୁ କେବେ ଦେଖିନାହିଁ । ସିଦ୍ଧାର୍ଥ ଅନୁଭବ କରୁଥାନ୍ତି, ତାଙ୍କର ସକଳ ଯାତନା, ଦୁଶ୍ଚିନ୍ତା ଓ ଗୋପନ ଆକାଙ୍କ୍ଷା ସ୍ରୋତ ଭଳି ବହିଯାଉଛି ବାସୁଦେବ ଆଡ଼କୁ ଓ ତାପରେ ପୁଣି ଫେରି ଆସୁଛି ତାଙ୍କରି ପାଖକୁ । ନଦୀରେ ଅବଗାହନ କଲେ ଶରୀର ଯେମିତି ଶୀତଳ ହୁଏ, ନଦୀ ସହିତ ଏକାତ୍ମତା

ଅନୁଭୂତ ହୁଏ, ସେହିଭଳି ବାସୁଦେବ ଭଳି ଶ୍ରୋତା ନିକଟରେ ହୃଦୟ ମେଲି ଧରିଲେ କ୍ଷତର ଜ୍ୱାଳା ଶାନ୍ତ ହୁଏ, ଶ୍ରୋତାର ଆତ୍ମା ସହ ଏକ ହେବାର ସୁଯୋଗ ମିଳେ । ସିଦ୍ଧାର୍ଥଙ୍କର ମନେ ହେଲା, ଚିରପରିଚିତ ବାସୁଦେବ କୌଣସି ସାଧାରଣ ମଣିଷ ନୁହେଁ । ଗଛ ଯେମିତି ବର୍ଷାଜଳ ଶୋଷଣ କରେ, ଏହି ମଣିଷଟି ତାର ପ୍ରତ୍ୟେକ କଥା ପିଇଯାଉଛି । ହଠାତ୍ ତାଙ୍କର ମନେ ହେଲା, ଏହି ସ୍ଥିର ମୂର୍ତ୍ତିଟି ବାସୁଦେବର ନୁହେଁ । ବାସୁଦେବ ଆଉ ନାହିଁ, ସିଦ୍ଧାର୍ଥ ସ୍ଥିର ମୂର୍ତ୍ତି ଭିତରେ ଦେଖୁଛି ନଦୀକୁ, ଶାଶ୍ୱତ ମହାକାଳଙ୍କୁ, ସ୍ୱୟଂ ଭଗବାନଙ୍କୁ । ବାସୁଦେବର ଏହି ପରିବର୍ତ୍ତନ ତାକୁ ଅଭିଭୂତ କରିଦେଲା । ସେ ଯେତେ ସମୟ ଏହି ପରିବର୍ତ୍ତନକୁ ଉପଲବ୍ଧି କରିବା ପାଇଁ ଚେଷ୍ଟା କଲେ, ସେ ଅନୁଭବ କଲେ ଏହି ପରିବର୍ତ୍ତନ ଦେଖି ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ବହୁଦିନରୁ, ହୁଏତ ବା ଚିରଦିନ, ବାସୁଦେବ ଏହିପରି ଥିଲା । ତାର ବାହ୍ୟ ରୂପର ପଛରେ ଥିଲା ଆଉ ଏକ ରୂପ । ଆଜି ବାସୁଦେବର ନୂଆ ରୂପ ଦେଖି ସେ ଆଶ୍ଚର୍ଯ୍ୟ ହୋଇଛନ୍ତି, କିନ୍ତୁ ତାହା ବହୁଦିନର । ସିଦ୍ଧାର୍ଥ ତାହା ଦେଖି ନଥିଲେ । କାରଣ ତାର ସେ ଦୃଷ୍ଟି ନ ଥିଲା । ଲୋକେ ଯେମିତି ଦେବତାମାନଙ୍କୁ ଶ୍ରଦ୍ଧା କରନ୍ତି, ସିଦ୍ଧାର୍ଥଙ୍କ ମନରେ ବାସୁଦେବ ପ୍ରତି ବର୍ତ୍ତମାନ ସେହି ଶ୍ରଦ୍ଧା ଜାଗ୍ରତ ହୋଇଛି । କିନ୍ତୁ ଏହି ଶ୍ରଦ୍ଧା କ୍ଷଣସ୍ଥାୟୀ, ସିଦ୍ଧାର୍ଥ ଜାଣେ । ସେ ମନେ ମନେ ବିଦାୟ ନେଲେ ବାସୁଦେବ ନିକଟରୁ ଓ ନିଜ କାହାଣୀ ଗପି ଚାଲିଲେ ।

ସିଦ୍ଧାର୍ଥଙ୍କ କଥା ଶେଷ ହେଲା । ବାସୁଦେବ କ୍ଷୀଣ ଦୃଷ୍ଟିରେ ଚାହିଁଲା ସିଦ୍ଧାର୍ଥକୁ । କିନ୍ତୁ ସେ କିଛି କହିଲା ନାହିଁ । ତାର ମୌନ ମୁଖମଣ୍ଡଳରୁ ବିକୀର୍ଣ୍ଣ ହେଲା ପ୍ରେମ, ପ୍ରଶାନ୍ତି ଓ ସହାନୁଭୂତି । ନୀରବରେ ସିଦ୍ଧାର୍ଥର ହାତ ଧରି ଉଠି ଆସିଲା ନଦୀ ପାଖକୁ । ଦୁହେଁ ପାଖାପାଖି ବସିଲେ । ନଦୀକୁ ଚାହିଁ ତା' ମୁହଁରେ ମୃଦୁ ହସ ଫୁଟିଉଠିଲା ।

ବାସୁଦେବ କହିଲା, 'ତୁମେ ନଦୀର ହସ ଶୁଣିଛ, କିନ୍ତୁ ସବୁ କଥା ଶୁଣିନାହଁ । କାନ ଡ଼େରି ଶୁଣ, ଆହୁରି କେତେ କଥା ଶୁଣିପାରିବ ।'

ଦୁଇଜଣ କାନ ଡେରି ଶୁଣିଲେ । ନଦୀର ବହୁସ୍ୱରର ମିଳିତ ସଙ୍ଗୀତ ଭାସି ଆସୁଛି । ସିଦ୍ଧାର୍ଥ ନଈର ବହମାନ ସୁଅକୁ ଚାହିଁ ଦେଖିଲେ କେତେ ଚିତ୍ର । ସେ ଦେଖିଲେ ତାଙ୍କ ପିତାଙ୍କୁ - ନିଃସଙ୍ଗ ପୁତ୍ରଶୋକରେ କାତର । ଠିକ୍ ସେହିଭଳି ଦେଖିଲେ ନିଜ ଚିତ୍ର । ଦୂରରେ ହଜିଯାଇଥିବା ପୁଅ ପାଇଁ ସ୍ନେହରେ ବ୍ୟାକୁଳ ସିଦ୍ଧାର୍ଥ ଏକାକୀ ଚାଲିଛି । ଆଉ ଗୋଟିଏ ଚିତ୍ର ଦେଖିଲେ - ପୁଅ ବ୍ୟସ୍ତ ହୋଇ ଆଗେଇ ଯାଉଛି ଜୀବନର କାମନା ଉଦ୍ଦୀପକ ପଥରେ । ପ୍ରତ୍ୟେକେ ଆପଣା ଲକ୍ଷ୍ୟ ଛଡ଼ା ଅନ୍ୟ କିଛି ଦେଖି ପାରନ୍ତି ନାହିଁ । ତେଣୁ ସମସ୍ତେ ଦୁଃଖ ଭୋଗ କରୁଛନ୍ତି ।

ବାସୁଦେବ ନୀରବ ଦୃଷ୍ଟିରେ ପଚାରିଲା, 'ଶୁଣି ପାରୁଛ ?' ସିଦ୍ଧାର୍ଥ ନୀରବରେ ସମ୍ମତି ଜଣାଇଲା ।

'ଆହୁରି ଭଲ ଭାବରେ ଶୁଣ', ଫୁସ୍‌ଫୁସ୍ ହୋଇ କହିଲା ବାସୁଦେବ ।'

ସିଦ୍ଧାର୍ଥ ଆହୁରି ଧ୍ୟାନ ଦେଇ ଶୁଣିବାକୁ ଚେଷ୍ଟା କଲେ । ବାପାଙ୍କ ଚିତ୍ର, ନିଜ ଚିତ୍ର ଓ ପୁଅର ଚିତ୍ର ସବୁ ମିଶି ଏକାକାର ହୋଇଗଲା । ଥରେ କମଳାର ଚିତ୍ର ମଧ୍ୟ ଫୁଟି ବାହାରିଲା, ପୁଣି ଭାସିଗଲା ପାଣିର ସୁଅରେ । ଗୋବିନ୍ଦ ଓ ଆହୁରି ଅନେକଙ୍କର ଚିତ୍ର ଭାସି ଆସିଲା ଓ ପୁଣି ଉଭେଇ ଗଲା । ସେମାନେ ସମସ୍ତେ ଆଜି ନଦୀର ଅଂଶ । ସେମାନଙ୍କର ଲକ୍ଷ୍ୟ ଥିଲା ଏହି ନଈ । ସେମାନେ ନିଜ କାମନା, ବାସନା ନେଇ ଏହି ସୁଅ ପାଖକୁ ଆସିଛନ୍ତି । ତେଣୁ ନଈର ସ୍ୱର ମଧ୍ୟ କେତେ ଅପୂର୍ଣ୍ଣ ଆକାଙ୍କ୍ଷାରେ ବ୍ୟାକୁଳ, ଗଭୀର ଦୁଃଖରେ ପୂର୍ଣ୍ଣ । ନଈ ବହିଚାଲିଛି ତାର ଗନ୍ତବ୍ୟ ଆଡ଼କୁ । ସିଦ୍ଧାର୍ଥ ଆଜି ଉପଲବ୍ଧ କଲା ଏହି ଚିରପ୍ରବହମାନ ନଦୀ ତାର ସକଳ ଆତ୍ମୀୟସ୍ୱଜନ ଓ ଚିରପରିଚିତ ବ୍ୟକ୍ତିମାନଙ୍କୁ ନେଇ ଗଡ଼ା । ନଦୀର ପ୍ରତିଟି ଜଳକଣା, ପ୍ରତ୍ୟେକ ଢ଼େଉ ଦୁଃଖମୟ ଦୀର୍ଘ ପଥ ଅତିକ୍ରମ କରି ଛୁଟି ଚାଲିଛି ଲକ୍ଷ୍ୟ ଆଡ଼କୁ । ଆଉ ସେ ଲକ୍ଷ୍ୟ ଗୋଟିଏ ନୁହେଁ, କେତେ ଲକ୍ଷ୍ୟ; ଜଳପ୍ରବାହ, ମହାସାଗର । ଜଳ ବାଷ୍ପ ହୁଏ, ମେଘ ରୂପରେ ଉପରକୁ ଉଠେ, ଓହ୍ଲାଇ ଆସେ ବର୍ଷା ହୋଇ, ବର୍ଷାଜଳ ଝରଣା ହୋଇ ଆତ୍ମପ୍ରକାଶ କରେ ଓ ପାହାଡ଼ ବୁକୁରୁ ତଳକୁ ଝରିଆସେ, ସୃଷ୍ଟି ହୁଏ ନଦୀ । ଏହିପରି ନଈ ନିତ୍ୟନୂତନ ରୂପରେ ଉଦ୍‌ଭାସିତ ହୁଏ, ତାର ଅଖଣ୍ଡ ଗତିଶୀଳତା ତାକୁ ଦେଇଛି ଉଦ୍ଧତ ଯୌବନ । ନଦୀର ସ୍ୱରରେ ଯେଉଁ ବ୍ୟାକୁଳତା ଥିଲା ତାହା ଯେମିତି ବଦଳି ଗଲା । ଏବେ ବି ତା' ସ୍ୱରରେ ଅଛି ବେଦନାର ତାନ, ତଥାପି ଅନ୍ୟ ଅନେକ ନୂଆ ସ୍ୱର ମିଶିଛି ତା' ସହିତ - ଆନନ୍ଦ, ଯନ୍ତ୍ରଣା, ମଙ୍ଗଳ, ଅମଙ୍ଗଳ, ହସ ଓ କାନ୍ଦ । କେତେ ଶତ ସହସ୍ର ସ୍ୱର , ନଦୀର ସ୍ୱର ମଧ୍ୟରେ ବିଲୀନ ହୋଇ ଯାଇଛି ।

ସିଦ୍ଧାର୍ଥ ଶୁଣୁଥାନ୍ତି ସବୁକିଛି ନିବିଷ୍ଟ ଚିତ୍ତରେ, ସମ୍ପୂର୍ଣ୍ଣ ମଗ୍ନ ହୋଇ, ସମ୍ପୂର୍ଣ୍ଣ ଶୂନ୍ୟ ମନରେ । ବର୍ତ୍ତମାନ ମନେ ହେଲା ସେ ସମ୍ପୂର୍ଣ୍ଣ ଭାବରେ ଶିଖିଛନ୍ତି ଶୁଣିବାର କୌଶଳ । ନଈର ସ୍ୱର ଭିତରେ ଅସଂଖ୍ୟ ସ୍ୱର ସେ ଆଗରୁ ମଧ୍ୟ ଶୁଣିଛନ୍ତି । କିନ୍ତୁ ଆଜିର ଶୁଣିବା ସମ୍ପୂର୍ଣ୍ଣ ନୂଆ । ଆଜି ସେ ବିଭିନ୍ନ ସ୍ୱର ମଧ୍ୟରେ କୌଣସି ପାର୍ଥକ୍ୟ ଉପଲବ୍ଧ କଲେନାହିଁ । ଆନନ୍ଦର ସ୍ୱରରୁ କାନ୍ଦିବାର ସ୍ୱର, ଶିଶୁର ସ୍ୱରଠାରୁ ବୟସ୍କର ସ୍ୱରକୁ ପୃଥକ କରାଯାଇ ପାରେ ନାହିଁ । ସବୁ ମିଳିମିଶି ବିଜ୍ଞ ବ୍ୟକ୍ତିଙ୍କର ହସ, ମୂମୂର୍ଷୁର ଆର୍ତ୍ତନାଦ, କାହାର ଦୀର୍ଘଶ୍ୱାସ ନଈର ସ୍ୱରରେ ଏକ ହୋଇଯାଇଛି । ସକଳ ସ୍ୱର, ଲକ୍ଷ୍ୟ, ସକଳ କାମନା, ବେଦନା, ଆନନ୍ଦ, ସକଳ ମଙ୍ଗଳ ଓ ଅମଙ୍ଗଳ ନେଇ ଏହି ସଂସାର । ସମସ୍ତଙ୍କୁ ନେଇ ଜୀବନର ଘଟଣାପ୍ରବାହ । ସମସ୍ତେ ମିଳିମିଶି ରଚନା କରିଛନ୍ତି ଜୀବନର ସଙ୍ଗୀତ । ସିଦ୍ଧାର୍ଥ ଆଉ ହସ କାନ୍ଦକୁ ପୃଥକ ସ୍ୱରରେ ଶୁଣୁନାହାନ୍ତି । ଯେତେବେଳେ ସେ ନଦୀ ଭିତରେ ଶୁଣୁଛନ୍ତି ଶତ ସହସ୍ର ସ୍ୱରର ମିଳିତ ଧ୍ୱନି, ସେତେବେଳେ ସେହି ମିଳିତ

ଝଙ୍କାରରେ ରହିଛି କେବଳ ଗୋଟିଏ ପୂର୍ଣ୍ଣତା - ଯାହାର ନାମ ଓଁ ।

'ଶୁଣିଲ ?' ବାସୁଦେବ ପୁଣି ପଚାରିଲା ନୀରବ ଦୃଷ୍ଟିରେ ।

ବାସୁଦେବ ମୁହଁରେ ଉଜ୍ଜ୍ୱଳ ହସ । ନଦୀର ଅଗଣିତ ସ୍ୱରକୁ ଟପି ଶୁଭେ ଗୋଟିଏ 'ଓଁ' ଧ୍ୱନି, ସେହିଭଳି ବାସୁଦେବ ମୁହଁର କୁଞ୍ଚିତ ରେଖା ଉପରେ ଖୋଦିତ ହୋଇଛି ଏକ ପ୍ରଶାନ୍ତ ହସ । ବାସୁଦେବର ସେହି ହସ ଧୀରେ ଧୀରେ ଫୁଟି ଉଠିଲା ସିଦ୍ଧାର୍ଥ ମୁହଁରେ । ତାଙ୍କର କ୍ଷତ ଶୁଖିଯାଇଛି, ବେଦନା କମିଯାଇଛି; ସୃଷ୍ଟିର ଅଖଣ୍ଡ ଏକତାବୋଧ ମଧ୍ୟରେ ଡୁବିଯାଇଛି ସିଦ୍ଧାର୍ଥଙ୍କ ବ୍ୟକ୍ତିସତ୍ତା ।

ସେହି ମୁହୂର୍ତ୍ତରୁ ସିଦ୍ଧାର୍ଥ ଭାଗ୍ୟ ବିରୁଦ୍ଧରେ ସଂଗ୍ରାମ ବନ୍ଦ କଲା । ଜ୍ଞାନର ପ୍ରଶାନ୍ତ ଦୀପ୍ତି ଫୁଟି ଉଠିଛି ତାଙ୍କ ମୁହଁରେ । କାମନାକୁ ଯେଉଁ ବ୍ୟକ୍ତି ଜୟ କରିପାରେ, ସେ ହିଁ ମୁକ୍ତିଲାଭ କରନ୍ତି । ବିଶ୍ୱର ଜୀବନଧାରାରେ ଯେଉଁ ବ୍ୟକ୍ତି ନିଜ ଜୀବନର ସଙ୍ଗତି ଖୋଜି ପାଆନ୍ତି, ସେହି ବ୍ୟକ୍ତିଙ୍କ ମୁହଁରେ ଏପରି ଦୀପ୍ତି ସମ୍ଭବ ।

ବାସୁଦେବ ଉଠି ଠିଆହେଲା । ସିଦ୍ଧାର୍ଥକୁ ଚାହିଁ ଦେଖିଲା ତାର ଦୁଇ ଆଖିରେ ଜ୍ଞାନର ଆଲୋକ । ଆଶୀର୍ବାଦ ଭଙ୍ଗୀରେ ସେ ସିଦ୍ଧାର୍ଥ କାନ୍ଧରେ ହାତ ରଖି କହିଲା, 'ଏହି ଶୁଭ ମୁହୂର୍ତ୍ତ ପାଇଁ ମୁଁ ଅପେକ୍ଷା କରିଥିଲି । ବନ୍ଧୁ ! ସେହି ଶୁଭକ୍ଷଣ ଆସିଯାଇଛି । ମୁଁ ଏବେ ବିଦାୟ ନେବି । ବାସୁଦେବ ହୋଇ ବହୁଦିନ ବିତିଗଲା ନାଉରିଆ କାମରେ । ସେ ଜୀବନ ଆଜି ଶେଷ । ସିଦ୍ଧାର୍ଥ, ମୁଁ ତୁମଠାରୁ, ଏହି କୁଡ଼ିଆଠାରୁ ଓ ଏହି ନଦୀ ନିକଟରୁ ବିଦାୟ ନେଉଛି ।'

ସିଦ୍ଧାର୍ଥ ନତ ହୋଇ ପ୍ରଣାମ କଲେ ବାସୁଦେବକୁ ।

'ମୁଁ ଜାଣିଥିଲି ।' ମୃଦୁସ୍ୱରରେ ସିଦ୍ଧାର୍ଥ କହିଲେ ।

'ହଁ, ଜଙ୍ଗଲକୁ ଯାଉଛି । ମୁଁ ଯାଉଛି ସୃଷ୍ଟିର ଐକ୍ୟପ୍ରବାହରେ ବୁଡ଼ିଯିବା ପାଇଁ ।'

ବାସୁଦେବ ଚାଲିଗଲା । ସିଦ୍ଧାର୍ଥ ଅପଲକ ନୟନରେ ଚାହିଁଥାନ୍ତି ଯିବା ବାଟକୁ । ସିଦ୍ଧାର୍ଥ ଗଭୀର ଆନନ୍ଦର ସହ ଦେଖୁଥାନ୍ତି - ପ୍ରତି ପଦକ୍ଷେପରେ କେତେ ଶାନ୍ତି, ମୁହଁରେ କେତେ ଦୀପ୍ତି, ସମଗ୍ର ଦେହରେ କେତେ ଆଲୋକର ବିଚ୍ଛୁରଣ ।

ଗୋବିନ୍ଦ

କମଳା ତାର ଉଦ୍ୟାନ ବୁଦ୍ଧଙ୍କ ଶିଷ୍ୟମାନଙ୍କ ଉଦ୍ଦେଶ୍ୟରେ ଦାନ କରିଥିଲା । ଦିନେ ଗୋବିନ୍ଦ ଅନ୍ୟ ଭିକ୍ଷୁମାନଙ୍କ ସହ ସେହି ଉଦ୍ୟାନରେ ବିଶ୍ରାମ କରୁଥାଏ । ସେଠାରେ

ରହିବା ସମୟରେ ସେ ଜାଣିବାକୁ ପାଇଲା ନଦୀକୂଳର ବୃଦ୍ଧ ନାଉରିଆର କାହାଣୀ । ସେହି ଉଦ୍ୟାନରୁ ନଈଘାଟ ପ୍ରାୟ ଗୋଟିଏ ଦିନର ବାଟ । ଅନେକେ ତାକୁ ବିଶେଷ ଜ୍ଞାନୀ ବୋଲି ଶ୍ରଦ୍ଧା କରନ୍ତି । ଗୋବିନ୍ଦ ସେହି ନାଉରିଆକୁ ଭେଟିବା ପାଇଁ ବ୍ୟଗ୍ର ହେଲା । ସେ ବାହାରି ପଡ଼ିଲା ଘାଟକୁ । ଯଦିଓ ଗୋବିନ୍ଦ ସଂଘର ନିୟମ ମାନି ଚଳେ ଓ ତରୁଣ ଭିକ୍ଷୁଗଣ ତାକୁ ଶ୍ରଦ୍ଧା କରନ୍ତି, ତଥାପି ତାର ହୃଦୟ ଅସ୍ଥିର । ତାର ଅନୁସନ୍ଧାନ ଅସମାପ୍ତ ।

ଘାଟରେ ପହଞ୍ଚି ଗୋବିନ୍ଦ ବୃଦ୍ଧ ନାଉରିଆକୁ କହିଲା ନଈ ପାରି କରିଦେବା ପାଇଁ । ଆର ପାରିରେ ପହଞ୍ଚି ଗୋବିନ୍ଦ କହିଲା, 'ଭିକ୍ଷୁ ଓ ତୀର୍ଥଯାତ୍ରୀମାନଙ୍କ ପ୍ରତି ତୁମର ଅସରନ୍ତି ସହାନୁଭୂତି । ତୁମେ ଆମମାନଙ୍କୁ ନଈ ପାରି କରିଦେଇଛ । ଆମ ଭଳି ତୁମେ କ'ଣ ପଥ ଅନୁସନ୍ଧାନ କରୁନାହଁ ?

ସିଦ୍ଧାର୍ଥର କ୍ଷୀଣ ଚକ୍ଷୁରେ ହସ ଫୁଟିଉଠିଲା । ସେ କହିଲେ, 'ହେ ପୂଜନୀୟ ଶ୍ରମଣ, ତୁମେ ବୃଦ୍ଧ ହୋଇଛ, ଗୌତମ ଶିଷ୍ୟଙ୍କ ଗେରୁଆ ପୋଷାକ ପିନ୍ଧିଛ । ତଥାପି ତୁମେ କ'ଣ କେବଳ ଖୋଜି ବୁଲୁଛ ?'

ଗୋବିନ୍ଦ ଉତ୍ତର ଦେଲା, 'ସତରେ ବୃଦ୍ଧ ହୋଇଛି । କିନ୍ତୁ ଖୋଜିବା ଶେଷ ହୋଇ ନାହିଁ, ବୋଧହୁଏ କେବେ ବି ହେବ ନାହିଁ । ମୁଁ କେବଳ ଖୋଜିବା କାମ ହିଁ ବୁଝେ । ମୋର ମନେହୁଏ, ତୁମେ ମଧ୍ୟ ଦୀର୍ଘକାଳ ପଥ ଖୋଜୁଛ । ତୁମ ଅଭିଜ୍ଞତା ମୋତେ କହିବ, ବନ୍ଧୁ ?'

ସିଦ୍ଧାର୍ଥ କହିଲା, 'ତୁମର ଉପକାର ହେଲା ଭଳି କେଉଁ କଥା ମୁଁ କହିବି ? କେବଳ ଏତିକି କହିପାରେ ତୁମେ ବୋଧହୁଏ ବେଶି ଖୋଜୁଛ । ଆଉ ସେହି ଖୋଜିବା ଧନ୍ଦାରେ ଲକ୍ଷ୍ୟସ୍ଥଳକୁ ଭୁଲିଯାଇଛ । ଜୀବନ ତ ଶେଷ ହେବା ଉପରେ, ତେଣୁ କିଛି ପାଇନାହଁ ।'

'ଏମିତି କାହିଁକି ହୁଏ ?' ଗୋବିନ୍ଦ ବ୍ୟଗ୍ର ହୋଇ ପଚାରିଲା ।

'ତୁମେ ଯେତେବେଳେ କିଛି ଖୋଜିବାକୁ ବାହାରିବ, ସେତେବେଳେ ସେହି ଗୋଟିଏ ଜିନିଷ ଦେଖିବା ପାଇଁ ତୁମେ ଉତ୍ସୁକ ହେବ । ଏହା ବେଶ ସ୍ୱାଭାବିକ । ତାହା ବ୍ୟତୀତ ଅନ୍ୟ କିଛି ଦେଖିପାରିବ ନାହିଁ ବା ଅନ୍ତରରେ ଗ୍ରହଣ କରିବ ନାହିଁ । କାରଣ ତୁମ ସମ୍ମୁଖରେ ସେହି ଗୋଟିଏ ଲକ୍ଷ୍ୟ ଓ ସେହି ଲକ୍ଷ୍ୟ ତୁମକୁ ଅନ୍ଧ କରିଦିଏ । ଖୋଜିବା ଅର୍ଥ ମୁକ୍ତ ହେବା, ଉନ୍ମୁକ୍ତ ଅନ୍ତରରେ ସବୁକିଛି ଗ୍ରହଣ କରିବା, ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନ ରଖିବା । ତୁମେ ହୁଏତ ଜଣେ ପ୍ରକୃତ ସନ୍ଧାନୀ, ତେଣୁ ଆଖି ତଳେ ଯାହା ରହିଛି ତାହା ଦେଖିପାରିନାହିଁ ।'

'ମୁଁ ତୁମ କଥା ଠିକ୍ ବୁଝିପାରୁନାହିଁ । ତୁମେ କ'ଣ କହିବାକୁ ଚାହୁଁଛ ?'

ସିଦ୍ଧାର୍ଥ କହିଲା, 'ବହୁ ବର୍ଷ ତଳେ ଦିନେ ତୁମେ ଏହି ନଦୀକୂଳକୁ ଆସି

ଜଣେ ଲୋକକୁ ଶୋଇଥିବା ଅବସ୍ଥାରେ ଦେଖିଥିଲ । ସେ ଲୋକ ନିକଟରେ ବସି ତାକୁ ଜଗି ରହିଥିଲ, କିନ୍ତୁ ତାକୁ ଚିହ୍ନିପାରି ନ ଥିଲ ।'

ବିସ୍ମିତ ଗୋବିନ୍ଦ ଚାହିଁଲା ନାଉରିଆକୁ ।

ତାପରେ ଦ୍ୱିଧାଗ୍ରସ୍ତ କଣ୍ଠରେ ପଚାରିଲା, 'ତୁମେ ସିଦ୍ଧାର୍ଥ ? ଏଥର ମଧ୍ୟ ମୁଁ ତୁମକୁ ଚିହ୍ନି ପାରିଲି ନାହିଁ । ତୁମେ ଅନେକ ବଦଳି ଯାଇଛ, ବନ୍ଧୁ । ଏବେ ବି ତୁମେ କ'ଣ ନାଉରିଆ କାମ କରୁଛ ?'

ସିଦ୍ଧାର୍ଥ ମନ ଖୋଲି ହସିଲେ । 'ହଁ, ମୁଁ ଏବେ ନାଉରିଆ । ଦୁନିଆରେ ଅନେକ ଲୋକ ଅଛନ୍ତି ଯେଉଁମାନେ ବଦଳି ଯାଆନ୍ତି; ମୁଁ ସେମାନଙ୍କ ମଧ୍ୟରୁ ଜଣେ । ଗୋବିନ୍ଦ, ଆଜି ରାତି ତୁମେ ମୋ କୁଡ଼ିଆରେ ରହିଯାଅ ।'

ସିଦ୍ଧାର୍ଥର କୁଡ଼ିଆରେ ଗୋବିନ୍ଦ ରହିଲା । ବାସୁଦେବର ବିଛଣାରେ ଶୋଇ ପଡ଼ିଲା । ଯୌବନର ବନ୍ଧୁକୁ ବହୁ ପ୍ରଶ୍ନ ପଚାରିଲା ତା' ଜୀବନ ବିଷୟରେ ।

ପରଦିନ ସକାଳେ ବିଦାୟ ନେବା ସମୟରେ ସାମାନ୍ୟ ଦ୍ୱିଧା ସହ ଗୋବିନ୍ଦ ପଚାରିଲା, 'ସିଦ୍ଧାର୍ଥ, ଯିବା ପୂର୍ବରୁ ଆଉ ଗୋଟିଏ ପ୍ରଶ୍ନ ପଚାରିବାକୁ ଚାହେଁ । ଏପରି କୌଣସି ମତବାଦ ବା ବିଶ୍ୱାସ ଉପରେ ତୁମର ଆସ୍ଥା ଅଛି କି, ଯେଉଁ ଆସ୍ଥା ତୁମକୁ ବଞ୍ଚିବାକୁ ଓ ନ୍ୟାୟପଥରେ ଚାଲିବାକୁ ସାହାଯ୍ୟ କରେ ?'

ସିଦ୍ଧାର୍ଥ ଉତ୍ତର ଦେଲା, 'ବନ୍ଧୁ, ତୁମେ ତ ଜାଣିଛ ଯୌବନରେ ସନ୍ନ୍ୟାସୀମାନଙ୍କ ସହ ବାସ କରିବା ସମୟରେ ଗୁରୁ ଓ ଶିକ୍ଷା ଉପରୁ ଆସ୍ଥା ତ୍ୟାଗ କରିଥିଲି । ସେମାନଙ୍କ ମତବାଦ ପଛରେ ପକାଇ ନୂଆ ପଥରେ ଆଗେଇ ଆସିଥିଲି । ତାପରେ ଅନେକ ଗୁରୁଙ୍କ ସାକ୍ଷାତ ଲାଭ କରିଥିଲେ ମଧ୍ୟ ମୋର ନିଜସ୍ୱ ମତ ବଦଳି ନାହିଁ । ଜଣେ ସୁନ୍ଦରୀ ବାରାଙ୍ଗନା ନାରୀ ମୋର ଗୁରୁ ଥିଲେ ବହୁଦିନ, ଜଣେ ଧନୀ ବ୍ୟବସାୟୀ ଓ ପଶା ଖେଳାଳିଙ୍କୁ ମଧ୍ୟ ପାଇଥିଲି ଶିକ୍ଷକ ଭାବରେ । ଦିନେ ଜଙ୍ଗଲରେ କ୍ଲାନ୍ତ ହୋଇ ଶୋଇପଡ଼ିଥିଲି । ଜଣେ ବୌଦ୍ଧ ଭିକ୍ଷୁ ତାଙ୍କ ତୀର୍ଥଯାତ୍ରା ସ୍ଥଗିତ ରଖି ମୋତେ ଜଗି ରହିଥିଲେ । ତାଙ୍କଠାରୁ ମୁଁ ଶିକ୍ଷାଲାଭ କରିଛି, ତାଙ୍କ ଦୟା ପାଇଁ ମୁଁ କୃତଜ୍ଞ । କିନ୍ତୁ ଏହି ନଈ ଓ ବାସୁଦେବ ମୋତେ ସବୁଠାରୁ ଅଧିକ ଶିକ୍ଷାଦାନ କରିଛନ୍ତି । ବାସୁଦେବ ଜଣେ ସାଧାରଣ ମଣିଷ । ସେ ଦାର୍ଶନିକ ନ ଥିଲା । କିନ୍ତୁ ଗୌତମଙ୍କ ଭଳି ସକଳ ଘଟଣାର ମୂଳତତ୍ତ୍ୱ ଅତି ସହଜ ଭାବରେ ଉପଲବ୍ଧି କରିପାରୁଥିଲା । ବାସୁଦେବ ପୁଣ୍ୟାତ୍ମା, ବାସୁଦେବ ମହାପୁରୁଷ ।'

'ସିଦ୍ଧାର୍ଥ, ମୋର ମନେ ହୁଏ ତୁମେ ଏବେ ମଧ୍ୟ ମଜା କରିବାକୁ ଭଲପାଅ । ମୁଁ ଭାବେ, ତୁମେ କୌଣସି ଉପଦେଶ ମାନି ଚଳିନାହଁ । କିନ୍ତୁ ତୁମର କୌଣସି ନିଜସ୍ୱ ମତବାଦ ନ ଥିଲେ ମଧ୍ୟ ଜୀବନ ଓ ଜଗତ ଉପରେ ତୁମର କ'ଣ ବିଶେଷ ଧାରଣା ନାହିଁ ? ସୁସ୍ଥ ଜୀବନ ଯାପନ ପାଇଁ କୌଣସି ଜ୍ଞାନଲାଭ କରିନାହଁ ? ମୋତେ ସେ

ବିଷୟରେ କୁହ, ମୁଁ ଖୁସି ହେବି ।'

ସିଦ୍ଧାର୍ଥ ଉତ୍ତର ଦେଲେ, 'ହଁ, ଅନେକ ସମୟରେ ନୂଆ ଭାବନା ମନକୁ ଆସିଛି । କିନ୍ତୁ ଆଜି ସବୁ କଥା ବୁଝାଇ କହିବା ବେଶ କଠିଣ । ଗୋବିନ୍ଦ, ଯେଉଁ କଥାଟି ମୋତେ ସର୍ବାଧିକ ପ୍ରଭାବିତ କରିଛି ତାହା ହେଉଛି, ଜ୍ଞାନ କାହାକୁ ଶିଖାଇ ହୁଏ ନାହିଁ । ଜ୍ଞାନୀ ବ୍ୟକ୍ତି ଯଦି ଜ୍ଞାନ ବିତରଣ କରିବାକୁ ଚେଷ୍ଟା କରନ୍ତି, ତେବେ ତାହା ବୋକାମୀ ।

'ତୁମେ କ'ଣ ଉପହାସ କରୁଛ ?' ଗୋବିନ୍ଦ ପଚାରିଲା ।

'ନା, ନା, ଉପହାସ ନୁହେଁ । ସାରା ଜୀବନ ଖୋଜିଲା ପରେ ଯାହା ଆବିଷ୍କାର କରିଛି, ତାହା ହିଁ କହୁଛି । ଅନ୍ୟକୁ ବିଦ୍ୟା ଦେଇ ହୁଏ, ଜ୍ଞାନ ଦେଇ ହୁଏ ନାହିଁ । ନିଜ ସାଧନା ଦ୍ୱାରା ଜ୍ଞାନ ଆହରଣ କରିହୁଏ । ଯେଉଁ ବ୍ୟକ୍ତି ଜ୍ଞାନ ଆହରଣ କରିଛନ୍ତି ତାଙ୍କ ଜୀବନ ପୂର୍ଣ୍ଣ ହେଲେ ମଧ୍ୟ ଓ ଜ୍ଞାନ ସାହାଯ୍ୟରେ ବିସ୍ମୟ ସୃଷ୍ଟି କଲେ ମଧ୍ୟ ସେ ଅନ୍ୟ କାହାରିକୁ ଜ୍ଞାନ ବାଣ୍ଟିପାରିବେ ନାହିଁ । ଯୋଗ୍ୟତମ ଶିଷ୍ୟକୁ ମଧ୍ୟ ଜ୍ଞାନର ରହସ୍ୟ ଶିଖାଇ ହୁଏନାହିଁ । ଯୌବନ କାଳରେ ଏହି ବିଷୟରେ ମୋର ସନ୍ଦେହ ଥିଲା, ତେଣୁ ଗୁରୁଙ୍କ ଶିକ୍ଷା ତ୍ୟାଗ କରିଥିଲି । ଗୋବିନ୍ଦ, ପ୍ରତ୍ୟେକ ସତ୍ୟର ବିପରୀତ ମଧ୍ୟ ସମାନ ସତ୍ୟ । ହୁଏତ ତୁମେ ଏହାକୁ ମୋର ବୋକାମୀ ବୋଲି ଭାବିବ । କେବଳ ଆଂଶିକ ସତ୍ୟକୁ ଭାଷାରେ ପ୍ରକାଶ କରିହୁଏ । ଆମେ ଯାହା ଚିନ୍ତା କରୁ ବା କଥାରେ ପ୍ରକାଶ କରୁ ତାହା ସତ୍ୟର କେତେକାଂଶ ମାତ୍ର; ସମ୍ପୂର୍ଣ୍ଣ ସତ୍ୟକୁ ପ୍ରକାଶ କଲେ ତାହାର ସମଗ୍ରତା ବା ପୂର୍ଣ୍ଣତା ହ୍ରାସ ହୁଏ । ବୁଦ୍ଧ ଯେତେବେଳେ ଶିଷ୍ୟମାନଙ୍କୁ ଉପଦେଶ ଦେଇଛନ୍ତି, ସେତେବେଳେ ସେ ଜଗତକୁ ସଂସାର ଓ ନିର୍ବାଣ, ମାୟା ଓ ସତ୍ୟ, ଦୁଃଖ ଓ ମୁକ୍ତି ମଧ୍ୟରେ ପୃଥକ କରିଛନ୍ତି । ତାଙ୍କ ପାଇଁ ଅନ୍ୟ କୌଣସି ପଥ ନାହିଁ । କିନ୍ତୁ ଯେଉଁ ଜଗତରେ ଆମେ ବାସ କରୁଛୁ, ସେହି ଜଗତ ଆମକୁ ଚତୁର୍ଦ୍ଦିଗରୁ ବେଷ୍ଟନ କରିଛି । ସେ ଜଗତ ବିଖଣ୍ଡିତ ନୁହେଁ । କୌଣସି ବ୍ୟକ୍ତି ବା କର୍ମ ସମ୍ପୂର୍ଣ୍ଣରୂପେ ସଂସାର ନୁହେଁ ବା ନିର୍ବାଣ ନୁହେଁ । କେହି ସମ୍ପୂର୍ଣ୍ଣରୂପେ ସାଧୁ ବା ପାପୀ ନୁହନ୍ତି । ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସତ୍ୟ – ଏହି ଭ୍ରାନ୍ତ ଧାରଣା ଯୋଗୁଁ ହିଁ ଆମେ ଭୁଲ କରୁ । ଗୋବିନ୍ଦ, ସମୟର ଏହି ବିଭାଜନ ପ୍ରକୃତ ନୁହେଁ । ମୁଁ ବାରମ୍ବାର ଏହି ସତ୍ୟ ଉପଲବ୍ଧ କରିଛି । ସମୟ ଯଦି ସତ୍ୟ ନୁହେଁ, ତେବେ ବର୍ତ୍ତମାନ ଜଗତ ଓ ଅନନ୍ତ ଜଗତର ବ୍ୟବଧାନ, ଆନନ୍ଦ ଓ ବେଦନା, ମଙ୍ଗଳ ଓ ଅମଙ୍ଗଳର ପାର୍ଥକ୍ୟ ମଧ୍ୟ ମିଥ୍ୟା ମାୟା ।'

ସିଦ୍ଧାର୍ଥଙ୍କ କଥା ବୁଝି ନ ପାରି ଗୋବିନ୍ଦ ପଚାରିଲା, 'କେମିତି ?'

'ଶୁଣ, ବନ୍ଧୁ ! ତୁମେ ପାପୀ, ମୁଁ ପାପୀ । କିନ୍ତୁ ଦିନେ ଆମେ ନିର୍ବାଣ ଲାଭ କରିବା, ବୁଦ୍ଧତ୍ୱ ଲାଭ କରିବା, ଏହି ଭରସାରେ ଅଛୁ । ଏହି 'ଦିନେ' ହେଉଛି ମାୟା । ଆଜି ସହିତ ଭବିଷ୍ୟତର ଗୋଟିଏ ଅନିଶ୍ଚିତ ଦିନର ତୁଳନା କରି ଟିକିଏ ସାନ୍ତ୍ୱନା ପାଇବା

ଛଡ଼ା ଆଉ କିଛି ନୁହେଁ । ପାପୀ ବ୍ୟକ୍ତିର ଅନ୍ତର ମଧ୍ୟରେ ଭବିଷ୍ୟତର ବୁଦ୍ଧ ଅଛନ୍ତି । ତା' ଭିତରେ, ତୁମ ଭିତରେ, ସମସ୍ତଙ୍କ ଭିତରେ ଯେଉଁ ବୁଦ୍ଧ ଲୁକ୍‌କାୟିତ ଅଛନ୍ତି, ତାଙ୍କୁ ଚିହ୍ନିବାକୁ ହେବ । ଗୋବିନ୍ଦ, ଏହି ସୃଷ୍ଟି ଅସମ୍ପୂର୍ଣ୍ଣ ନୁହେଁ । ପ୍ରତି ମୁହୂର୍ତ୍ତରେ ଜଗତ ପୂର୍ଣ୍ଣ । ପ୍ରତି ପାପ ସହିତ ଅଛି ଈଶ୍ୱରଙ୍କ କୃପା, ପ୍ରତ୍ୟେକ ବାଳକ ମଧ୍ୟରେ ଅଛନ୍ତି ଭବିଷ୍ୟତର ବୃଦ୍ଧ, ପ୍ରତି ଶିଶୁ ମଧ୍ୟରେ ଅଛି ମୃତ୍ୟୁବୀଜ, ପ୍ରତି ମୁମୂର୍ଷୁ ମଧ୍ୟରେ ଅଛି ଅନନ୍ତ ଜୀବନର ଇଙ୍ଗିତ । ବୁଦ୍ଧ ଅଛନ୍ତି ଦସ୍ୟୁ ଭିତରେ, ଜୁଆ ଖେଳାଳିର ଅନ୍ତରରେ; ପୁଣି ଦସ୍ୟୁ ମିଳିବ ବ୍ରାହ୍ମଣ ଭିତରେ । ମୋର ମନେହୁଏ, ଜଗତର ସବୁକିଛି ଶୁଭ; ଜୀବନ ଓ ମୃତ୍ୟୁ, ପାପ ଓ ପୁଣ୍ୟ, ଜ୍ଞାନ ଓ ନିର୍ବୁଦ୍ଧି - ସବୁକିଛି ଭଲ । ଜଗତରେ ସମସ୍ତଙ୍କର ପ୍ରୟୋଜନ; କେହି ଅପ୍ରୟୋଜନୀୟ ନୁହନ୍ତି । ସମସ୍ତଙ୍କ ସହିତ ଖାପ ଖୁଆଇବାକୁ ପଡ଼ିବ, ସମସ୍ତଙ୍କର ଉପସ୍ଥିତିକୁ ସ୍ୱୀକାର କରିବାକୁ ପଡ଼ିବ । ଫଳରେ ଜୀବନର ପଥ ସହଜ ହେବ, ଆମକୁ କେହି କ୍ଷତି କରି ପାରିବେ ନାହିଁ । ଆତ୍ମା ଓ ଶରୀରର ବ୍ୟାକୁଳତା ସାହାଯ୍ୟରେ ମୁଁ ଉପଲବ୍ଧି କରିଛି ଯେ ମୋ ଜୀବନରେ ପାପର ପ୍ରୟୋଜନ ଥିଲା । ସମ୍ପତ୍ତି ଆହରଣ ଓ ସଂସାର ଉପରେ ବିତୃଷ୍ଣା ନ ଆସିଲେ ମୁଁ କେଉଁ ତ୍ରୁଟିହୀନ କାଳ୍ପନିକ ଜଗତରେ ବୁଡ଼ିରହିଥାନ୍ତି । ଜୀବନର ଭଲମନ୍ଦ ବିଭିନ୍ନ ପ୍ରକାରର ପଥ ଅତିକ୍ରମ କରିଥିବାରୁ ଯେଉଁ ସଂସାରରେ ମୁଁ ବାସ କରେ ତାକୁ ଭଲପାଏ । ସଂସାରର ଗୋଟିଏ ଅଙ୍ଗ ବୋଲି ମୁଁ ସୁଖୀ । ଗୋବିନ୍ଦ, ତୁମକୁ ମୋ ମନର କେତୋଟି କଥା କହିଲି ।'

ସିଦ୍ଧାର୍ଥ ମାଟିରୁ ଛୋଟ ପଥର ଖଣ୍ଡଟିଏ ହାତରେ ଧରି କହିଲେ, 'ଏଇ ପଥରଟି ହୁଏତ ଦିନେ ମାଟି ପାଲଟି ଯିବ । ମାଟିରୁ ଜନ୍ମ ନେବ ଗଛ, ପ୍ରାଣୀ ବା ମଣିଷ । ମୁଁ ହୁଏତ କହିଥାନ୍ତି, ପଥରଟା ତ କେବଳ ପଥର, ଏହାର କୌଣସି ମୂଲ୍ୟ ନାହିଁ, କେବଳ ମାୟା । କିନ୍ତୁ କାଳଚକ୍ରର ବିବର୍ତ୍ତନରେ ଦିନେ ଏହି ପଥର ରୂପାନ୍ତରିତ ହେବ ମଣିଷ ବା ଆତ୍ମା ଆକାରରେ; ତେଣୁ ପଥର ମଧ୍ୟ ମୂଲ୍ୟବାନ । ବର୍ତ୍ତମାନ ମୁଁ ଭାବେ, ଏହି ପଥର କେବଳ ପଥର ନୁହେଁ; ଏହି ପଥର ଭିତରେ ଅଛନ୍ତି ପ୍ରାଣୀ, ଈଶ୍ୱର ଓ ବୁଦ୍ଧ । ଆଜି ପଥର ରୂପରେ ଅଛି, କିନ୍ତୁ ଭବିଷ୍ୟତରେ ରୂପାନ୍ତରିତ ହେବ ବୋଲି ମୁଁ ଏହି ପଥରଖଣ୍ଡକୁ ଭଲ ପାଏନାହିଁ; ଏହାରି ଭିତରେ ଅତୀତ କାଳରୁ ସବୁକିଛି ଅଛି ଓ ଭବିଷ୍ୟତରେ ରହିବ ବୋଲି ହିଁ ମୁଁ ଏହାକୁ ଭଲପାଏ । ଏଇ ମୁହୂର୍ତ୍ତରେ ମୁଁ ଏହାକୁ ପଥର ବୋଲି ଭଲପାଏ, ଭବିଷ୍ୟତରେ କ'ଣ ରୂପ ହେବ ମୁଁ ତାହା ଭାବୁନାହିଁ, କାରଣ ମୋ ପାଇଁ ଏହା ହିଁ ପଥରର ସମ୍ପୂର୍ଣ୍ଣ ରୂପ । ପଥରର ପ୍ରତି ରେଖାରେ, ପ୍ରତି ଟିକିନିଖି ଗର୍ତ୍ତରେ, ହଳଦିଆ ଓ ଧୂସର ରଙ୍ଗରେ, ତାର କଠିଣତାରେ, ଶୁଷ୍କତାରେ ବା ଆର୍ଦ୍ରତାରେ ମୁଁ ଦେଖେ ନୂତନ ରୂପ ଓ ବିଶେଷ ମୂଲ୍ୟ । କେତେ ପ୍ରକାରର ପଥର ଅଛି । କେଉଁଟା ତୈଳାକ୍ତ ଓ ମସୃଣ, କେଉଁଟା ଶାମୁକା ଭଳି, କେଉଁ ପଥର ହୁଏତ ପତ୍ର ପରି, କେଉଁଟା ହୁଏତ ବାଲି ପରି - ପ୍ରତିଟି ପଥର ଅଲଗା, ପ୍ରତ୍ୟେକେ ନିଜ ନିଜ ଅନୁସାରେ ଓଁ ସାଧନା କରନ୍ତି, ପ୍ରତ୍ୟେକ

ବ୍ରହ୍ମ । ଥାଉ, ଆଉ ପଥର କଥା କହିବି ନାହିଁ । ମନର ଭାବନା ଭାଷାରେ ସମ୍ପୂର୍ଣ୍ଣ ରୂପେ ପ୍ରକାଶ କରିହୁଏ ନାହିଁ । ପ୍ରକାଶ କଲେ ହିଁ ତ ଅଲଗା ହୋଇଯାଏ, ଅର୍ଥ ବିକୃତ ହୋଇଯାଏ, କେତେକାଂଶରେ ନିର୍ବୋଧ ମନେ ହୁଏ । ଯେତେବେଳେ ଦେଖିପାରେ ଗୋଟିଏ କଥା ଜଣକ ପାଇଁ ମୂଲ୍ୟବାନ କିନ୍ତୁ ଅନ୍ୟ କାହାରି ପାଇଁ ଅର୍ଥହୀନ ସେତେବେଳେ ମୋତେ ବେଶ ମଜା ଲାଗେ ।'

ଗୋବିନ୍ଦ ନୀରବରେ ସବୁ ଶୁଣୁଥାଏ । ସାମାନ୍ୟ ଦ୍ୱିଧା ସହିତ ସେ ପଚାରିଲା, 'ମୋତେ ପଥର କଥା କାହିଁକି କହିଲ ?'

'କୌଣସି ଉଦ୍ଦେଶ୍ୟ ରଖି କହିନାହିଁ । ଉଦ୍ଦେଶ୍ୟ ନାହିଁ ବୋଲି ବୁଝିପାରୁଛ ଯେ ପଥର, ନଦୀ ଓ ସୃଷ୍ଟିର ସବୁକିଛି ଯାହା ମୋ ଆଖିରେ ଦିଶେ ତାହା ମୁଁ ଭଲପାଏ । ସେମାନଙ୍କ ପାଖରୁ ମୁଁ ଶିକ୍ଷାଲାଭ ମଧ୍ୟ କରିପାରିବି । ସେମାନେ ସୃଷ୍ଟି ଭିତରର ବସ୍ତୁ । ବସ୍ତୁକୁ ଭଲପାଇ ହୁଏ, ଶବ୍ଦକୁ ନୁହେଁ । ସେଥିପାଇଁ ଉପଦେଶର କୌଣସି ମୂଲ୍ୟ ନାହିଁ ମୋ ପାଖରେ । ଉପଦେଶ ଭିତରେ ବସ୍ତୁ ଭଳି କଠିଣତା ନାହିଁ, କୋମଳତା ନାହିଁ, ରଙ୍ଗ, ଆକାର ବା ସ୍ୱାଦ ନାହିଁ । ତମେ କେବଳ କଥା ଶୁଣିଛ, ତେଣୁ ତୁମେ ଶାନ୍ତି ପାଇନାହଁ । ତୁମର ଧର୍ମ, ତୁମର ମୁକ୍ତି ଚାପି ହୋଇଯାଇଛି କଥାର ବୋଝରେ । ଗୋବିନ୍ଦ, ସଂସାର ଓ ନିର୍ବାଣ ଦୁଇଟି ଶବ୍ଦ ବ୍ୟତୀତ ଆଉ କିଛି ନୁହଁ । ନିର୍ବାଣ କୌଣସି ବସ୍ତୁ ନୁହେଁ, କେବଳ ଗୋଟିଏ କଥା ।'

ଗୋବିନ୍ଦ କହିଲା, 'ବନ୍ଧୁ, ନିର୍ବାଣ ଗୋଟିଏ କଥା ନୁହେଁ । ନିର୍ବାଣ ଗୋଟିଏ ଚିନ୍ତା, ଭାବନା, ଗୋଟିଏ ମତବାଦ ।'

ସିଦ୍ଧାର୍ଥ ଉତ୍ତର ଦେଲା, 'ହୋଇପାରେ । କିନ୍ତୁ ଏହା ମାନିବାକୁ ମୋର କୌଣସି ଦ୍ୱିଧା ନାହିଁ ଯେ ଶବ୍ଦ ଓ ଚିନ୍ତା ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ସତ କହିବାକୁ ଗଲେ ମୁଁ ଭାବନାକୁ ବିଶେଷ ଗୁରୁତ୍ୱ ଦିଏ ନାହିଁ । ଏଇ ଘାଟରେ ମୋ ଆଗରୁ ଯେଉଁ ନାଉରିଆ ଥିଲେ ମୁଁ ତାଙ୍କ ଠାରୁ ବହୁତ କିଛି ଶିଖିଛି । ସେ ପ୍ରକୃତରେ ଜଣେ ସୁପୁରୁଷ; ସେ କେବଳ ଏହି ନଦୀକୁ ହିଁ ବିଶ୍ୱାସ କରୁଥିଲେ; ଆଉ କେଉଁଠି ତାଙ୍କର ଆସ୍ଥା ନଥିଲା । ସେ ଆବିଷ୍କାର କରିଥିଲେ ଯେ ନଈ ତାଙ୍କ ସାଥିରେ କଥା କହେ, ନଦୀର ଶବ୍ଦରୁ ସେ କେତେ କଥା ଶୁଣିବାକୁ ପାଉଥିଲେ । ନଦୀ ତାଙ୍କର ଗୁରୁ, ଦେବତା ଭଳି । ବହୁଦିନ ସେ ଜାଣିନଥିଲେ ଯେ ପବନ, ମେଘ, ଚଢ଼େଇ, ପୋକ ସମସ୍ତଙ୍କ ପାଖରୁ ଆମେ ନୂଆ ଜ୍ଞାନ ଶିଖିପାରିବୁ । ନଦୀ ଭଳି ସେମାନେ ମଧ୍ୟ ଦେବାତ୍ମା । ବଣକୁ ଯିବା ପୂର୍ବରୁ ବୃଦ୍ଧ ନାଉରିଆ ଏହି ସତ୍ୟ ଉପଲବ୍ଧି କରିଛନ୍ତି ଯେ ଗୁରୁଙ୍କ ସାହାଯ୍ୟ ବିନା ଓ ବହି ନ ପଢ଼ି ସେ ଆମମାନଙ୍କ ଠାରୁ ଅଧିକ ଜାଣିଥିଲେ । ନଦୀ ଉପରେ ବିଶ୍ୱାସ ଥିବାରୁ ସେ ଏହି ଜ୍ଞାନ ଆହରଣ କରିପାରିଥିଲେ ।'

ଗୋବିନ୍ଦ ପଚାରିଲା, 'ତୁମେ ଯାହାକୁ ବସ୍ତୁ କହୁଛ ତାହା କ'ଣ ସତ୍ୟ,

ପ୍ରକୃତ ? ବସ୍ତୁ କ'ଣ କେବଳ ମାୟା ନୁହେଁ, କଳ୍ପନା ଓ ଛାଇ ନୁହେଁ ?'

'ତୁମର ଏହି ପ୍ରଶ୍ନ ମଧ୍ୟ ମୋତେ ବିଚଳିତ କରୁନାହିଁ । ଗଛ, ପଥର, ନଈ ଯଦି ମାୟା ହୁଏ, ତେବେ ମୁଁ ମଧ୍ୟ ମାୟା । ତେଣୁ ସୃଷ୍ଟିର ସକଳ ବସ୍ତୁ ମୋର ସହଧର୍ମୀ, ଆମେ ସମସ୍ତେ ଗୋଟିଏ ଶ୍ରେଣୀର । ସେଇଥିପାଇଁ ମୁଁ ସମସ୍ତଙ୍କୁ ଶ୍ରଦ୍ଧା କରେ । ଆମେ ସଗୋତ୍ର ବୋଲି ମୁଁ ଭଲପାଇ ପାରୁଛି । ଗୋବିନ୍ଦ, ଏହି ଭଲପାଇବା ସଂସାରର ସବୁଠାରୁ ବଡ଼ ଜିନିଷ । ବିଖ୍ୟାତ ଦାର୍ଶନିକମାନେ ପୃଥିବୀକୁ ଟିକିନିଖି ପରୀକ୍ଷା ନିରୀକ୍ଷା କରି ସଂସାରର ଚମତ୍କାର ଉତ୍କର୍ଷ ବ୍ୟାଖ୍ୟା କରିପାରନ୍ତି ଓ ପଚାଶ - ଶହେ ତ୍ରୁଟି ବିଚ୍ୟୁତି ପାଇଁ ଘୃଣା ମଧ୍ୟ କରିପାରନ୍ତି । କିନ୍ତୁ ଆମମାନଙ୍କ ପକ୍ଷରେ ସବୁଠାରୁ ବଡ଼ କଥା ହେଉଛି ଭଲପାଇବା - ଘୃଣା ନୁହେଁ । ଆମେ ପରସ୍ପରକୁ । ପ୍ରତ୍ୟେକ ପ୍ରାଣୀ ଓ ବସ୍ତୁକୁ ଭଲପାଇବୁ ଓ ସମ୍ମାନ କରିବୁ ଏବଂ ସୃଷ୍ଟି ସହିତ ଏକ ହୋଇଯିବୁ ।'

ଗୋବିନ୍ଦ କହିଲା, 'ତୁମ କଥା ବୁଝିପାରୁଛି । ଠିକ୍ ଏହାକୁ ବୁଦ୍ଧଦେବ କହିଛନ୍ତି - ମାୟା । ସେ ଶିଖାଇଛନ୍ତି ଦୟା, କ୍ଷମା, କରୁଣା ଓ ଧୈର୍ଯ୍ୟ । କିନ୍ତୁ ସେ ପ୍ରେମ ଶିଖାଇ ନାହାନ୍ତି । ପାର୍ଥିବ ପ୍ରେମରେ ଜଡ଼ିତ ନ ହେବାକୁ ସେ ଉପଦେଶ ଦେଇଛନ୍ତି ।'

ସିଦ୍ଧାର୍ଥଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ହୋଇ ଉଠିଲା । କହିଲା, 'ମୁଁ ଜାଣେ, ଗୋବିନ୍ଦ । ଏହିଠାରେ ଶବ୍ଦର ଦ୍ୱନ୍ଦ୍ୱ ସୃଷ୍ଟି ହୁଏ । ମୁଁ ସ୍ୱୀକାର କରୁଛି ଯେ ମୋର ଧାରଣା ବୁଦ୍ଧଙ୍କର ଉପଦେଶର ବିପରୀତ । ତେଣୁ ଶବ୍ଦ ଉପରେ ମୁଁ କମ ବିଶ୍ୱାସ କରେ । କାରଣ ଅସଙ୍ଗତି ଓ ବିରୋଧୀତା କେବଳ ମିଥ୍ୟା ମାୟା । କିନ୍ତୁ ଗୌତମଙ୍କର ଶିକ୍ଷା ସହିତ ମୋର କୌଣସି ବିରୋଧ ନାହିଁ । ଆମର ଅନୁଭୂତି ଏକ । ଗୌତମ ଜାଣିଥିଲେ ମାନବ ଜୀବନ କ୍ଷଣସ୍ଥାୟୀ । ତଥାପି ସେ ମନୁଷ୍ୟ ଜଗତକୁ ଏତେ ଭଲପାଇଛନ୍ତି ଯେ ସେମାନଙ୍କୁ ସାନ୍ତ୍ୱନା ଦେବାକୁ ଓ ଉପଦେଶ ଦେବା ଉଦ୍ଦେଶ୍ୟରେ ନିଜର ଅମୂଲ୍ୟ ଜୀବନ ଉତ୍ସର୍ଗ କରିଛନ୍ତି । ଯାହାଙ୍କ ହୃଦୟରେ ଏତେ ମମତା ତାଙ୍କ ପକ୍ଷରେ ପ୍ରେମକୁ ଅସ୍ୱୀକାର କରିବା କ'ଣ ସମ୍ଭବ ? ବୁଦ୍ଧଙ୍କୁ ମୁଁ ତାଙ୍କ ବାଣୀ ଦ୍ୱାରା ବିଚାର କରିବି ନାହିଁ । ତାଙ୍କ ଜୀବନ ଓ କର୍ମର ମୂଲ୍ୟ ମୋ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ । ତାଙ୍କ ମତାମତ ଅପେକ୍ଷା ତାଙ୍କର ହାତ ହଲାଇବା ଭଙ୍ଗୀ ମୋ ପାଇଁ ବହୁ ମୂଲ୍ୟବାନ । ତାଙ୍କ ଶିକ୍ଷା ଓ ଉପଦେଶ ପାଇଁ ସେ ମୋର ଶ୍ରଦ୍ଧା ଲାଭ କରିନାହାନ୍ତି; ସେ ମହାପୁରୁଷ ତାଙ୍କର କର୍ମ ଓ ଜୀବନ ପାଇଁ ।'

ଦୁଇ ବୃଦ୍ଧ ଅନେକ ସମୟ ନୀରବରେ ବସି ରହିଲେ । ତାପରେ ଗୋବିନ୍ଦ ଯିବା ପାଇଁ ଉଦ୍ୟତ ହୋଇ କହିଲା, 'ସିଦ୍ଧାର୍ଥ ତୁମ ମନର ଭାଷା କହିଥିବାରୁ ତୁମକୁ ଧନ୍ୟବାଦ । ତୁମର ଅନେକ କଥା ମୋତେ ନୂଆ ଲାଗିଲା । ମୁଁ ଏବେ ବି ସବୁ କଥାର ମର୍ମ ବୁଝିପାରିନାହିଁ । ତଥାପି ତୁମକୁ ଅନେକ କଥା ମୋତେ ନୂଆ ଲାଗିଲା । ମୁଁ ଏବେ ବି ସବୁ କଥାର ମର୍ମ ବୁଝିପାରିନାହିଁ । ତଥାପି ତୁମକୁ ଅନେକ ଧନ୍ୟବାଦ । ତୁମ ଦିନଗୁଡ଼ିକ ଶାନ୍ତିମୟ ହେଉ ।'

ଗୋବିନ୍ଦ ମନେ ମନେ ଭାବୁଥିଲା: 'କେତେ ବିଚିତ୍ର ଏହି ସିଦ୍ଧାର୍ଥ ? କେତେ ଅଦ୍ଭୁତ ତାର ମତାମତ ? ତାର ଧାରଣା ସବୁ ବେଳେବେଳେ ପାଗଳାମୀ ମନେହୁଏ । ଭଗବାନ ବୁଦ୍ଧଙ୍କ ବାଣୀ ସହିତ କେତେ ପାର୍ଥକ୍ୟ । ତାଙ୍କ ବାଣୀ ସହଜ ଓ ସରଳ । ତାଙ୍କ ବାଣୀ ମଧ୍ୟରେ ଅଦ୍ଭୁତ କିଛି ନାହିଁ । କିନ୍ତୁ ସିଦ୍ଧାର୍ଥର ହାତ, ଗୋଡ଼, ଆଖି, ତାର ପ୍ରଭୁ, ତାର ଶ୍ୱାସପ୍ରଶ୍ୱାସ, ହସ, ଅଭିବାଦନ, ଚାଲିବା ଭଙ୍ଗୀ ମୋତେ ନୂତନ ଭାବରେ ଆକର୍ଷଣ କରୁଛି ।' ବୁଦ୍ଧଙ୍କ ନିର୍ବାଣ ପ୍ରାପ୍ତି ପରେ ସିଦ୍ଧାର୍ଥ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଗୋବିନ୍ଦ ଭେଟିନାହିଁ ଯାହାଙ୍କୁ ଚାହିଁ କହିହେବ, ସେ ଜଣେ ସାଧୁପୁରୁଷ । ସିଦ୍ଧାର୍ଥର ମତାମତ ଓ କଥାବାର୍ତ୍ତା ଅଦ୍ଭୁତ ଲାଗିପାରେ । କିନ୍ତୁ ତାର ଦୃଷ୍ଟି, ହାତ, ଅଙ୍ଗ ପ୍ରତ୍ୟଙ୍ଗରୁ ଯେଉଁ ପବିତ୍ରତା, ଶାନ୍ତି ଓ କୋମଳତା ବିଚ୍ଛୁରିତ ହେଉଛି, ତାହା ବୁଦ୍ଧଙ୍କ ନିର୍ବାଣ ଲାଭ ପରେ ଆଉ କାହାରିଠାରେ ଦେଖିନାହିଁ ।

ଏସବୁ ଭାବିଲା ବେଳେ ଗୋବିନ୍ଦ ମନରେ ଦ୍ୱନ୍ଦ୍ୱ ଉପୁଜିଲା । ତଥାପି ସିଦ୍ଧାର୍ଥ ପ୍ରତି ଗଭୀର ଆକର୍ଷଣ ଅନୁଭବ କଲା । ସିଦ୍ଧାର୍ଥର ସ୍ଥିର ମୂର୍ତ୍ତି ଆଗରେ ସେ ମଥା ନତ କଲା ।

ଗୋବିନ୍ଦ କହିଲା, 'ସିଦ୍ଧାର୍ଥ, ଆମେ ବୃଦ୍ଧ ହୋଇଛୁ । ହୁଏତ ଏହା ହିଁ ଜୀବନରେ ଶେଷ ଦେଖା । ଆଜି ମୁଁ ଦେଖୁଛି, ତୁମେ ଶାନ୍ତିଲାଭ କରିଛ । ମୁଁ ବୁଝି ପାରୁଛି, ମୁଁ ଶାନ୍ତି ପାଇନାହିଁ । ବନ୍ଧୁ, ଆଉ ଗୋଟିଏ କଥା କୁହ, ଯାହା ମୁଁ ସମ୍ପୂର୍ଣ୍ଣ ବୁଝିପାରିବି । ଜୀବନର ବାକି ପଥ ଚାଲିବା ପାଇଁ ମୋତେ କିଛି ଗୋଟିଏ ପାଥେୟ ଦିଅ । ମୋତେ ପଥ ଭୀଷଣ ଦୁର୍ଗମ ମନେହୁଏ । ବନ୍ଧୁ, ମୋତେ ଆଶା ଦିଅ, ଆଲୁଅ ଦେଖାଅ ।'

ସିଦ୍ଧାର୍ଥ ନୀରବରେ ଗୋବିନ୍ଦଙ୍କୁ ଚାହିଁଲେ, ମୁହଁରେ ପ୍ରଶାନ୍ତ ହସ । ଗୋବିନ୍ଦ ଉତ୍କଣ୍ଠା ଓ ଆଗ୍ରହରେ ବ୍ୟାକୁଳ ହୋଇ ସ୍ଥିର ଦୃଷ୍ଟିରେ ବନ୍ଧୁକୁ ଚାହିଁଥାଏ । ଦୀର୍ଘଦିନର କ୍ଲେଶ, ଅବିରାମ ଅନୁସନ୍ଧାନ ଓ କ୍ରମାଗତ ବ୍ୟର୍ଥତା ଗୋବିନ୍ଦ ମୁହଁରେ ରେଖା ସୃଷ୍ଟି କରିଛି ।

ସିଦ୍ଧାର୍ଥ ମୃଦୁ ହସି ଗୋବିନ୍ଦ କାନରେ କହିଲା, 'ମୁଣ୍ଡ ନତ କର । ଆହୁରି ପାଖକୁ ଆସ । ମୋ କପାଳରେ ଚୁମ୍ବନ ଦିଅ ।'

ଗୋବିନ୍ଦ ବିସ୍ମିତ ହେଲା, ତେବେ କ'ଣ ମହତ ପ୍ରେମ ଯେମିତି ତାକୁ ବାଧ୍ୟ କଲା ସିଦ୍ଧାର୍ଥର ନିର୍ଦ୍ଦେଶ ପାଳନ କରିବାକୁ । ଗୋବିନ୍ଦ ନିକଟକୁ ଆସି ସିଦ୍ଧାର୍ଥ କପାଳରେ ଓଠ ସ୍ପର୍ଶ କଲା । ତତ୍‌କ୍ଷଣାତ କଣ ଗୋଟିଏ ରୂପାନ୍ତର ଘଟିଗଲା ଗୋବିନ୍ଦ ଭିତରେ । ସେତେବେଳେ ପର୍ଯ୍ୟନ୍ତ ଗୋବିନ୍ଦ ମନେ ମନେ ବିଚାର କରୁଥିଲା ସିଦ୍ଧାର୍ଥ କହିଥିବା କଥାଗୁଡ଼ିକୁ, କଳ୍ପନା କରିବାକୁ ଚେଷ୍ଟା କରୁଥିଲା ସଂସାର ଓ ନିର୍ବାଣ ଏକ । ଗୋବିନ୍ଦର ମନେ ହେଲା, ସିଦ୍ଧାର୍ଥର ଏହି ଆଶ୍ଚର୍ଯ୍ୟ ହସ ଅବିକଳ ବୁଦ୍ଧଙ୍କର ଶାନ୍ତ, କୋମଳ,

ଦୁର୍ଜୟ, ବିଜ୍ଞ, କରୁଣା ଓ ବିଦ୍ରୂପ ମିଶ୍ରିତ ହସ ଭଳି ବିଚିତ୍ର ଗୁଣସମ୍ପନ୍ନ । ପୂର୍ବରୁ କେତେ ଥର ଏହି ହସ ଦେଖି ଗୋବିନ୍ଦ ବିସ୍ମିତ ହୋଇଛି । ଆଜି ମଧ୍ୟ ଦେଖିଲା ।

ଗୋବିନ୍ଦ ଭୁଲିଗଲା ସମୟର ଅସ୍ତିତ୍ୱ, ସେ ଯେମିତି ଦେଖୁଛି ଗୋଟିଏ ମୁହୂର୍ତ୍ତ ଅଥବା ଗୋଟିଏ ଶତାବ୍ଦୀ । ସେ ସିଦ୍ଧାର୍ଥକୁ ଦେଖୁନାହିଁ, ଗୌତମଙ୍କୁ ମନେ ପଡୁନାହିଁ । ସ୍ୱର୍ଗର ଗୋଟିଏ ତୀର ଗଭୀର ଭାବରେ ବିଦ୍ଧ କରୁଛି ଗୋବିନ୍ଦକୁ । ସେହି ଆଘାତ ତାକୁ ଆନନ୍ଦ ଦେଉଛି, ସମ୍ମୋହିତ କରୁଛି, ଉଲ୍ଲସିତ କରୁଛି । ମାତ୍ର ଯେଉଁ ମୁଖମଣ୍ଡଳ ବର୍ତ୍ତମାନ ଓ ଭବିଷ୍ୟତର ସକଳ ମୁଖମଣ୍ଡଳ ଓ ଆକାରର ରଙ୍ଗମଞ୍ଚ ହୋଇଥିଲା । ସିଦ୍ଧାର୍ଥର ସେହି ମୁଖମଣ୍ଡଳକୁ ଗୋବିନ୍ଦ ନୀରବରେ ଚାହିଁରହିଲା । ସହସ୍ର ସହସ୍ର ମୁଖମଣ୍ଡଳର ଆଗମନ - ପ୍ରସ୍ଥାନ ପରେ ମଧ୍ୟ ସିଦ୍ଧାର୍ଥର ସେହି ପ୍ରଶାନ୍ତି ଅମଳିନ ରହିଛି । ବୁଦ୍ଧଙ୍କ ଭଳି ସିଦ୍ଧାର୍ଥ ମୁହଁରେ ଲାଗିରହିଛି ସେହି ଶାନ୍ତ କୋମଳ ହସ - ସେ ହସ ସାମାନ୍ୟ ରହସ୍ୟମୟ, ସାମାନ୍ୟ ବିଦ୍ରୂପ ଓ କରୁଣା ମିଶ୍ରିତ ।

ଶ୍ରଦ୍ଧାରେ ଗୋବିନ୍ଦର ମୁଣ୍ଡ ଆହୁରି ନଇଁ ଗଲା । ଶୁଷ୍କ ଗାଲରେ ବୋହିଗଲା ଅବାଧ ଅଶ୍ରୁଧାରା । ଏକ ମହତ ସର୍ବବ୍ୟାପୀ ପ୍ରେମର ଅନୁଭୂତି ତାକୁ ଅଭିଭୂତ କରିଦେଇଛି । ସିଦ୍ଧାର୍ଥର ନିଶ୍ଚଳ ମୂର୍ତ୍ତିକୁ ଦେଖି ତାର ମନେପଡ଼ିଗଲା ନିଜ ଜୀବନରେ ସେ ଯାହା ଯାହା ଭଲପାଇଛି । ଯାହା ସବୁ ପବିତ୍ର ବୋଲି ଗ୍ରହଣ କରିଛି ଓ ଯେଉଁ ସବୁ କଷ୍ଟ ସେ ସହ୍ୟ କରିଛି । ସମ୍ମୁଖରେ ଯେଉଁ ବ୍ୟକ୍ତି ଜଣକ ସ୍ଥିର ନିଶ୍ଚଳ ହୋଇ ବସିଛନ୍ତି, ତାଙ୍କ ସହିତ ବିଲୀନ ହୋଇ ଯାଇଛି ଗୋବିନ୍ଦର ସକଳ ମହତ ଆଦର୍ଶ ଓ ଅଭିଜ୍ଞତା ।

ଗୋବିନ୍ଦ ମାଟିରେ ମୁଣ୍ଡ ଲଗାଇ ପ୍ରଣାମ କଲା ।

❐



ପ୍ରକାଶ ପାଇଛି

ଡ. ଲକ୍ଷ୍ମୀଧର ତ୍ରିପାଠୀଙ୍କ

ପୁସ୍ତକ

ଧୂସର ଆକାଶ

‘ଘାସଫୁଲ’ ସଂପର୍କରେ

୧) କବି ବିଷ୍ଣୁ ସେଠୀଙ୍କ ପ୍ରତିଷ୍ଠିତ ‘ଘାସଫୁଲ’ ହେଉଛି ତ୍ରୈମାସିକ ସାହିତ୍ୟ-ସଂସ୍କୃତିଭିତ୍ତିକ ପତ୍ରିକା ।

୨) ଏହା ବର୍ଷରେ ଚାରୋଟି ସ୍ୱତନ୍ତ୍ର ସଂଖ୍ୟା ଭାବେ ପ୍ରକାଶ ପାଏ - ମକର ସଂଖ୍ୟା(ଜାନୁୟାରୀ-ମାର୍ଚ୍ଚ); ବିଷୁବ ସଂଖ୍ୟା(ଏପ୍ରିଲ-ଜୁନ୍); ରଥ ସଂଖ୍ୟା (ଜୁଲାଇ-ସେପ୍ଟେମ୍ବର); ପାର୍ବଣ ସଂଖ୍ୟା(ଅକ୍ଟୋବର-ଡିସେମ୍ବର) ।

୩) ଏଥିରେ ସାହିତ୍ୟର ପ୍ରତିଟି ବିଭବ : **କବିତା, ଗଳ୍ପ, ପ୍ରବନ୍ଧ, ଫିଚର, ଏକାଙ୍କିକା** ପ୍ରକାଶ ପାଇଥାଏ । ଗବେଷଣାତ୍ମକ ନିବନ୍ଧକୁ ପ୍ରାଥମିକତା ଦିଆଯାଇଥାଏ । **ନୂତନ ଲେଖକ-ଲେଖିକାଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରାଯାଏ ।**

୪) ପେଜ୍‌ମେକର ଫାଇଲରେ, ଆକୃତି ଅକ୍ଷରରେ ଡିଟିପି ହୋଇଥିବା ଲେଖାଗୁଡ଼ିକୁ ଇମେଲ ମାଧ୍ୟମରେ ଗ୍ରହଣ କରାଯାଏ ।

୫) ହ୍ୱାଟସ୍‌ଆପ୍‌ରେ ଲେଖା ଆଦୌ ଗ୍ରହଣ କରାଯାଏନାହିଁ । ସେଥିରୁ ବିରତ ରହିବା ପାଇଁ ଲେଖକ/ଲେଖିକାମାନଙ୍କୁ ବିଶେଷ ଅନୁରୋଧ ।

ଯୋଗାଯୋଗ:

ସଂପାଦିକା, ‘ଘାସଫୁଲ, କୁଆଁସ, ଭଦ୍ରକ -୭୫୬୧୦୦

ଲେଖାପଠାଇବା ପାଇଁ ଇମେଲ୍ - ghasaphula02@gmail.com

ଫିଚର ପାର୍ବଣ

ଧୂଳିମାଟିର ସନ୍ଥ- ଗୋପବନ୍ଧୁ ଚୌଧୁରୀ



ଗୋପୀନାଥ ମହାନ୍ତି

“ ନିମାଇଁବାବୁ ପଚାରିଲେ, “ଏଠି ଗୋପବନ୍ଧୁ ଚୌଧୁରୀ କେଉଁଠି ରହନ୍ତି କହିଦେଲ! ମୁଁ ତାଙ୍କରି ପାଖକୁ ଯାଉଛି ।” ଚାଷୀଟି ଉତ୍ତର ଦେଲା, “ଗୋପବନ୍ଧୁ ଚୌଧୁରୀ! ଏଠି ସେମିତି ତ କୌଣସି ଲୋକ ନାହିଁ । ଏଠି ଅଛି ଗୋପିଆ ଚଷା, ମୋରି ନାଁ ସେ ।” କହିଦେଇ ଚଷାଟି ହସିଦେଲା । ସେହି ଥିଲେ ଧୂଳିମାଟିର ସନ୍ଥ, କର୍ମବୀର, ସମ୍ୟକ୍‌ପ୍ରାଜ୍ଞ, ପୂଜ୍ୟ ଗୋପବନ୍ଧୁ ଚୌଧୁରୀ । ”

ଇଂରେଜ ଅଧୀନରୁ ଭାରତକୁ ମୁକ୍ତ କରି ସ୍ୱାଧୀନ କରିବାକୁ ମହାତ୍ମା ଗାନ୍ଧୀ ଯେତେବେଳଠୁଁ ଆନ୍ଦୋଳନ ଆରମ୍ଭ କରିଦେଲେ ସେତେବେଳେ ସମଗ୍ର ଭାରତବର୍ଷରେ ହଜାର ହଜାର ସ୍ତ୍ରୀ ପୁରୁଷ ଆଗପଛ ହୋଇ ସେ ଆନ୍ଦୋଳନରେ ଯୋଗଦେଲେ । କିଏ କେତେ ଚାକିରୀ ଛାଡ଼ିଲେ, ନିଜ ଧନ୍ଦା ଛାଡ଼ିଲେ, ଘର ଛାଡ଼ିଲେ, ସମାଜ ଛାଡ଼ିଲେ, ସର୍ବସ୍ୱ ଗଲା, ଅସମ୍ଭବ ତ୍ୟାଗ କଲେ, ଅକଳନ ଦୁଃଖକଷ୍ଟ, ମାଡ଼, ଗାଳି, ନିର୍ଯାତନା ସହିଲେ, ଠେଙ୍ଗାମାଡ଼ରେ ଜଖମ ହେଲେ, ଗୁଳିରେ ମଲେ, ଜେଲ ଗଲେ, ସେହିମାନଙ୍କ ଆତ୍ମବଳି ଆଣିଦେଲା ଭାରତର ସ୍ୱାଧୀନତା ।

ଖାଲି ସେତିକି ନୁହେଁ, ସେ ଆନ୍ଦୋଳନ ଥିଲା ଜଗତ ଇତିହାସରେ ସମ୍ପୂର୍ଣ୍ଣ

ନୂଆ ପ୍ରକାରର । ଅସ୍ତ୍ରଶସ୍ତ୍ର ପ୍ରୟୋଗ ନାହିଁ, ହିଂସାଦ୍ୱେଷ ନାହିଁ, ମିଥ୍ୟା ପ୍ରବଞ୍ଚନା ବା ଗୁପ୍ତ ଷଡ଼ଯନ୍ତ୍ର ନାହିଁ, ତଥାପି ସେ ବିରାଟ ଗଣବିପ୍ଳବ, ସେ ସ୍ୱାଧୀନତା ପାଇଁ 'ଯୁଦ୍ଧ', ସେ 'ଯୁଦ୍ଧ'ରେ ଶତ୍ରୁର ଶରୀର ଉପରେ ଆଞ୍ଚ ବି ଆସେ ନାହିଁ, ମଣିଷ ନିଜେ ଆଦର୍ଶ ଦେଖାଇ, ତ୍ୟାଗକରି, ଯାତନା ଭୋଗି ଶତ୍ରୁର ହୃଦୟ ତରଳାଏ, ବିଚାର ବଦଳାଏ, ଅସହଯୋଗ କରି ତାକୁ ଅଚଳ କରିଦିଏ, ତା ବୁଦ୍ଧି ବଣା କରେ, ତାକୁ ଲୋକହସା କରେ, କାଇଲ କରେ ।



ଗୋପବନ୍ଧୁ ଚୌଧୁରୀ

କେମିତି ହୋଇପାରିଲା ତା ? ଏଥିପାଇଁ କୋଟି କୋଟି ଲୋକଙ୍କ ଭିତରେ କେତେ ଏକତା, ଶୃଙ୍ଖଳା, ଚରିତ୍ରବଳ, ମନବଳ, ଦୃଢ଼ ସଂକଳ୍ପ, ଦେଶପ୍ରେମର ଚେତନା ଦରକାର, କେଡ଼େ ବଡ଼ ଆଦର୍ଶବାଦ ତ୍ୟାଗ ମନୋବୃତ୍ତି ଦରକାର, କେଡ଼େ ଶିକ୍ଷା ସଭ୍ୟତା ଦରକାର । କେମିତି ସେ ଏତେ ବଡ଼ କାମ ପାଇଁ ପ୍ରସ୍ତୁତ ହେଲେ, ସାରା ପୃଥିବୀକୁ ଆଦର୍ଶ ଦେଖାଇଲେ ?

ଭାରତର ଲୋକ ଥିଲେ ଗାଁ ଗହଳରେ, ସହର ଖାଲି କାଁ ଭାଁ କେତେଟା । ଅଧିକାଂଶ "ବୃଦ୍ଧାଙ୍ଗୁଳି ଟିପଚିହ୍ନ" ଦେବା ଲୋକେ, ସମ୍ପୂର୍ଣ୍ଣ ନିରକ୍ଷର । ସେଠି ଦାରିଦ୍ର୍ୟ, କୁସଂସ୍କାର, ଅନୁନ୍ନତ ବୈଷୟିକ ସାମାଜିକ ଅବସ୍ଥାର ଶେଷ ସୀମା, ଜଗତରେ ଆଉ କେଉଁଠି ନାହିଁ, ଲୋକଙ୍କର ଦିନରାତି ଆବୋରି ଥିଲା ନିଜ ଚିନ୍ତାକୁ 'ପେଟ ଚାଖଣ୍ଡକ', ଖାଲି ନଜେ, ନିଜ ପରିବାର, କେତେକ ଲୌକିକ ସଂସ୍କାର ଘେନି ବନ୍ଧୁବାନ୍ଧବ କି ଜାତିଆଣ 'ସମାଜ', ଅନ୍ୟ କିଛି ନୁହେଁ ।

ଚାଷୀ ସକାଳୁ ଉଠି ପଖାଳ ଖାଉଁ, ବଳଦ ଘେନି ବିଲକୁ ଯାଉଁ, ସଞ୍ଜରେ ଗଞ୍ଜେଇ ଚିଲମ୍, 'ତ୍ରିନାଥ ମେଳା', ନ ହେଲେ ଗାଁଦାଣ୍ଡରେ କି ଗାଁ ଆଖଡ଼ାଘରେ ଝାଞ୍ଜ ମୃଦଙ୍ଗ ଧରି ମନଇଚ୍ଛା ଗର୍ଜନ ଛାଡ଼ି ସଂକୀର୍ତ୍ତନ ଓ "ଜିଜି ଜିଜି ଝାଇଁ", "ଜିଜି ଜିଜି ଝାଇଁ" ଶବ୍ଦ ନିର୍ଘୋଷ । ଆଶା, ସେହି ଶବ୍ଦରେ ଯମ ପଳେଇବ, ସବୁ ସମସ୍ୟା ସବୁ ଅନିଷ୍ଟ ଆପେ ପଳେଇବ ।

କିନ୍ତୁ ଯମ ତ ବେଶି ବେଶି ଆସେ । ମ୍ୟାଲେରିଆରେ ଲୋକେ କତରାଲାଗି ହୁଅନ୍ତି, ବାରମ୍ବାର 'ବାଡ଼ି ପଶେ', 'ମା ଠାକୁରାଣୀ ବିଜେ କରନ୍ତି', ଅଖାଦ୍ୟ, ଅସ୍ୱାସ୍ଥ୍ୟକର ଅଭ୍ୟାସ, ଚଳଣି, ପରିବେଶ । ରୋଗ ଘରେ ଘରେ । ଶିଶୁ ପ୍ରସବ କରା ହେଉଥିଲା ଅଲଗା ଘରେ, ଗୁହାଳ ଘରେ, କବାଟ କିଳି, ଘରେ ଧୂଆଁ ଭର୍ତ୍ତି କରି, କେତେବେଳେ ପ୍ରସୂତୀର ପେଟ ଉପରେ ଚଢ଼ି, କୋତରା ପିନ୍ଧା ବାଉରାଣୀ କଣ୍ଡୁରୁଣୀ ଧାଇ, ହାତରେ ବଡ଼ ବଡ଼ ନଖ, ହାତ ପୂରାଇ ଓଟାରୁଥିବ, କେତେଜଣ ମାଡ଼ି ବସିଥିବେ । ଔଷଧ ଥିଲା ଗାଁ ବଇଦଙ୍କ ବଟୁଆରେ, ଚେରମୂଳି, ଟୁଣୁକା, କେତେବେଳେ 'ବଇଦେ' ଔଷଧ ବ୍ୟବସ୍ଥା ଶୁଣାଉଥିଲେ 'ବିଲେଇ ଘିଅ ପିଆଅ', 'ଅସରପା ନେଣ୍ଡି ଖୁଆଅ' । ବେଳେବେଳେ ଲୋକଙ୍କ ଉପକାର ପାଇଁ ହଠାତ୍ କିଏ କେଉଁ ଗାଁରେ 'ହୁକୁମ' ଦେଉଥିଲା ହଜାର ହଜାର ରୋଗୀ ଜନ୍ଦାପିମ୍ପୁଡ଼ି ପରି ଧାର ଲାଗୁଥିଲେ । ଆଖି ଖରାପ ହୋଇଛି ? "ତେଲୁଣିପୋକ ଛେଚି ତା' ରସ ଆଖିରେ ପକା, ମୋ ଆଜ୍ଞା ।" ଭୂତ ପ୍ରେତ ଡାଆଁଣୀ ଡଙ୍କୁଣୀ ଠାକୁରାଣୀ ବି ଦେଶଯାକ ଚାରିଆଡ଼େ, ଗାଁ ଗଣ୍ଡାରେ, କେଉଁ କେଉଁ ଗଛରେ ଲାଗିବାକୁ ଟାକି ବସିଛନ୍ତି, ଧରିଲେ ଖାଇବେ । ରାତିରେ ପିଣ୍ଡାତଳକୁ ଯିବାକୁ ଡର ।

ଏ ଶତାବ୍ଦୀର ଦ୍ୱିତୀୟ ଦଶକରେ ବି ଥିଲା ଏହି ଅବସ୍ଥା, ତୃତୀୟ ଦଶକରେ ବହୁ ପରିମାଣରେ ଥିଲା । ଆଜି ହୁଏତ ସେ ଅବସ୍ଥା ଭାବି ହେବନାହିଁ । ସେତେବେଳେ ନାହିଁ ଥିଲା 'ଚେତନା' ! କି 'ସମାଜ ଚେତନା' ! କି 'ସ୍ୱଦେଶ ଚେତନା' ! ମଣିଷର ଦୁନିଆଟା ଥିଲା ଗାଁ, ପାଖରେ କେଉଁ ହାଟ ଯେଉଁଠି ଆଉ କେତୋଟି ଗାଁଲୋକ ଏକାଠି ହୁଅନ୍ତି, କିମ୍ବା କେବେ କେଉଁ 'ମେଲଣ' କି ଯାତ୍ରା ପଡ଼ିଆରେ କେତେବେଳେ 'ବନ୍ଧୁବାସିଆ' ଯିବାବେଳେ ବାଟଘାଟରେ । ଗାଁ ବାହାରର ଦୁନିଆଁ କଥା ଲୋକ କ୍ୱଚିତ୍ ଜାଣେ, କ୍ୱଚିତ୍ ଭାବେ, କେବେ କାନରେ ପଡ଼ିଲେ ଭଣ୍ଡାରି ଜଳାରେ ଯାଏ, ଲୋକ ଭାବେ ଆମର କି ଯାଏ ! ବିପଦ କି ଗୋଳମାଳ ନାଁ ଶୁଣିଲେ ଛାତିରେ ଛନକା ପଶେ, ଯୁଗଯୁଗର ଅତ୍ୟାଚାର ଶୋଷଣ ଦାରିଦ୍ର୍ୟରେ ସଢ଼ି ସାହସ ପାଣି ଫାଟିଥିଲା । ଇଂରେଜର ନିର୍ମମ ଶାସନ, ଧରପଗଡ଼, ମାଡ଼, ଜେଲ ଆଇନ୍ ଦେଖି ଦେଖି ଚାରିଆଡ଼େ ଭୟ । ନାଲିପଗଡ଼ିଆ ପୁଲିସ୍ କନଷ୍ଟବଲଟିଏ ଆସିଲେ ଲୋକେ ଧାଇଁ ପଳଉଥିଲେ । ଘରେ ପଶି କବାଟ କିଳୁଥିଲେ । ବ୍ୟକ୍ତି ତାର ନିଜ ସମସ୍ୟାରେ 'ନାକ ବୁଡୁ ବୁଡୁ' ।

ଖରାଦିନେ ଘରେ ନିଆଁ ଲାଗେ । ବଢ଼ିଦିନେ ଗାଁ ଟଳମଟଳ, ଫସଲ ଧୋଇଯାଏ, ଗାଈଗୋରୁ ମଣିଷ ଭାସିଯାନ୍ତି । ଘର ଭାଙ୍ଗେ, ଜମି ହୁଏ ବାଲିଭୁଷା । ଆସେ ମରୁଡ଼ି, ଦୁର୍ଭିକ୍ଷ, ତୋଫାନ, ଦୈବର ନାନା ଅଦୋଉଚି । କେନାଲ ଥାଏ ଅତି ଅଳ୍ପ ଅଞ୍ଚଳରେ । ଅନ୍ୟଠି ଅଳ୍ପ ଫସଲ, ଏକ ଫସଲ । ପନିପରିବା ବି ଚତୁର୍ମାସ୍ୟାରେ ଯେତିକି ହୁଏ, ଆଉ ନାହିଁ । ବିଲାତି ଆଳୁ, ଟମାଟୋ, କୋବି, ପୋଟଳ, ଅମୃତଭଣ୍ଡା

ଅନେକ ଲୋକ ଦେଖି ନ ଥିଲେ !

ଗାଁ ସମାଜରେ ଏକତାର ନାଁ ନ ଥିଲା । ଜାତି ଜାତି ଅଲଗା ଅଲଗା ପଙ୍କା, ତୁଠ ମଶାଣି ବି ଭିନେ, ତା ଭିତରେ ବି ବଡ଼ ସାନ ଅହଂକାର, ବିଦ୍ୱେଷ, ବାଦ, ଗୋଟିଏ ଜାତି ଭିତରେ ବି 'ବଡ଼ ଜାତି' 'ସାନ ଜାତି' ହୋଇ ନାନା ଉପଜାତି, ବାଡ଼ ବାଡ଼ ହୋଇ ଘୃଣା ଦ୍ୱେଷ ଅହଂକାରରେ ଫଟାଫଟି । ଜାତି ଜାତି ଭିତରେ ଏକାଠି ଖିଆପିଆ ଅସମ୍ଭବ, କାହା ହାତରୁ କିଏ ପାଣି ପିଇବ କି ନ ପିଇବ ସେଥିପାଇଁ ପୂର୍ବାପୂର୍ବ ସେହି ବିଧି ପାଳିବା ହିଁ 'ନିଷ୍ଠା', ସ୍ୱର୍ଗକୁ ଯିବାକୁ ସିଢ଼ି । ନିଷ୍ଠା କାଷ୍ଠା ହିଁ ତ ଧର୍ମ, ଅସଲ ହେଲା ହାଣ୍ଡିଶାଳ 'ମାରା' ନ ହେଉ । 'ଜାତି ନ ଯାଉ' । ସବୁଠୁ କଡ଼ା ନଜର ଅଛବ ଜାତିଙ୍କ ଉପରେ । ତାଙ୍କୁ ଛୁଇଁଦେଲେ ଲୁଗା ମାରା, ଗାଧୋଇବାକୁ ପଡ଼ିବ, ସେ ଯେଉଁ ଖାଦ୍ୟ ଛୁଇଁଦେଲେ ସେ ଖାଦ୍ୟ ମାରା । ସବର୍ଣ୍ଣଜାତିଙ୍କ ଆଖିରେ ସେମାନେ ଜନ୍ମରୁ ହୀନ, ଘୃଣ୍ୟ, ଅପବିତ୍ର, କୂଅ, ପୋଖରୀ, ତୁଠ, ପଙ୍ଗତ, ଠାକୁର, ଦେଉଳ, ଚାଟଶାଳୀ, ନାଟ, କୀର୍ତ୍ତନ, ଯେଉଁଠିକି ଅନ୍ୟମାନେ ଯାନ୍ତି ସେଠିକି ତାଙ୍କୁ ଯିବା ମନା । ସେହି "ଅଛବ" ଜାତିଙ୍କ ନିଜ ନିଜ ଉପଜାତି ନାନା ସାନବଡ଼ ଭେଦ, ପାଣିଛୁଆଁ ଭେଦ ! ସେହିପରି ହିନ୍ଦୁ ମୁସଲମାନ ଭେଦ ।

ସାମାଜିକ ଅର୍ଥନୈତିକ ଶ୍ରେଣୀରେ ଥାଏ ସାମନ୍ତବାଦୀ ସମାଜର ନାନା ଶ୍ରେଣୀ ଭେଦ । ସାଆନ୍ତିଆ ପଙ୍କାଏ ଥାନ୍ତି, ସାନବଡ଼ ହୋଇ ଜମିଦାର, ଅନ୍ୟାନ୍ୟ ଅଭିଜାତ କୁଳର, ଗାଁର ଅଳ୍ପ କେତେ 'ଥିଲାବାଲା', 'ବଡ଼ ଘର', ତାଙ୍କ ଭିତରେ ବାଦବିବାଦ ଥାଏ, ପୁଣି ଅନ୍ୟ ଲୋକେ ଗୋଟିଏ ଗୋଟିଏ ସାଆନ୍ତଙ୍କ ଆଡ଼କୁ ଆଉଜିବା ଯୋଗୁଁ ଗାଁ ଭିତରେ କଳି ଆହୁରି ତେଜେ, ଆହୁରି ବାଡ଼ ବାଡ଼ ହୁଏ । ସାଆନ୍ତଙ୍କଠୁଁ ବଳି ଆହୁରି ପାରିବାର ଭାଲୁଶୋଷା ଗାଁ 'ମହାଜନ'ମାନେ ବନ୍ଧା ରଖନ୍ତି, କରଜ ଦିଅନ୍ତି, ଜମି ଓ ଜିନିଷ ଠକି ନିଅନ୍ତି । ପୁଣି ସାନ ହୁଅନ୍ତୁ ବଡ଼ ହୁଅନ୍ତୁ, ସ୍ଥାନେ ସ୍ଥାନେ ସରକାରୀ ଚାକରିଆ, କିଏ ଚାକିରୀ କରୁଥିଲେ, କିଏ ଚାକିରୀ କରୁଛନ୍ତି, ଜନସମାଜ ଭିତରେ ସେମାନେ ନିଜକୁ ସ୍ୱତନ୍ତ୍ର ମର୍ଯ୍ୟାଦା, ସ୍ୱତନ୍ତ୍ର ସୁବିଧାର ଅଧିକାରୀ ବୋଲି ଧରିନେଉଥିଲେ । ଏ ସମସ୍ତେ ନିଜ ନିଜ 'ବଂଶ'କୁ ବି ଖୁବ୍ ପ୍ରତାପୀ, ଖୁବ୍ ମର୍ଯ୍ୟାଦାବନ୍ତ ବୋଲି ମନେକରୁଥିଲେ । 'ଜମିଦାର', 'ସାଆନ୍ତ', 'ବାବୁ'ଙ୍କ ଆଗରେ 'ପ୍ରଜା', 'ରଇତ' ଥିଲେ ଯୋଡ଼ହସ୍ତ । ଗାଁ ଗାଁକେ ସମାଜରେ ଉପର ପାହ୍ୟାରେ ଥିଲେ ସାଆନ୍ତମାନେ, ଗାଁର ଅନ୍ୟ ସମସ୍ତେ ତାଙ୍କ ଆଜ୍ଞାବହ, କିଏ ବା ସେବାକାରୀ, ବେଠିଆ, କେତେ ସାଆନ୍ତ, ଜମିଦାର, 'ମହାଜନ' ଅତ୍ୟାଚାରୀ ଶୋଷକ ।

ସେହି ଫଡ଼ା ଫଡ଼ା ବାଦଛେଦମୟ ପୁରୁଣା ସମାଜରେ ମୂଳରୁ ହିଁ ଏକତାର ପ୍ରଶ୍ନ ନ ଥିଲା । କାହୁଁ ସେମାନେ ପରାକ୍ରମୀ ଇଂରେଜ ସରକାର ସଙ୍ଗେ ଲଢ଼ିବାକୁ ବାହାରନ୍ତେ ? କାହାରି ମନରେ ନ ଥିଲା ନିଜ ସ୍ୱାର୍ଥ ଛଡ଼ା ଆଉ କଥା ଭାବିବା ପାଇଁ ।

ରକ୍ଷଣଶୀଳ ସମାଜ, ସେଥିରେ ନାନା କୁସଂସ୍କାର, 'ଧର୍ମ' 'ଆଚାର', ଖପରାଡ଼ିଆଁ 'ପଦ୍ଧତି'ର ଯାତ୍ରା ପୋଷାକ ପିନ୍ଧି ନିଜକୁ ଓ ସମାଜଯାକକୁ ବାନ୍ଧି ବାନ୍ଧି ଟହଲୁଥିଲା ।

ନାରୀଜାତି ଦେଶର ଦଶର କାମ କରିବା ଚିନ୍ତା ଭାବିପାରୁ ନ ଥିଲେ, କି ତାଙ୍କ ଦ୍ୱାରା ତାହା ହେବ ବୋଲି କଳ୍ପନା କରୁ ନ ଥିଲେ । ଖାଲି ପିଲା ପାଳିବା, ଘରକାମ କରିବା ଛଡ଼ା ଜୀବନରେ ଆଉ କିଛି ତାଙ୍କ ଦେଇ ହେବ, ଏ କଥା ତାଙ୍କୁ ସମାଜ ଶିଖେଇ ନ ଥିଲା । ବଡ଼ ଘରର ବା ଉଚ୍ଚ ଜାତିର ସ୍ତ୍ରୀଲୋକମାନେ ପଦାକୁ ବାହାରୁ ନ ଥିଲେ । ଡର, ଲାଜ, ଆଡ଼ ଉଡୁଆଳ, 'ଲୁଚିବା', ଓଡ଼ଣା ଲମ୍ବେଇ ଗମ୍ଭୀରି ଘରେ ପଶି 'ଗୁରୁଜନ' ଦେଖିଲେ ଅଣ୍ଡା ଭାଙ୍ଗି ତଳକୁ ନଇଁପଡ଼ି ଚାରିଗୋଡ଼ିଆ ହେଲାପରି ହୋଇ ଚାଲି ଚାଲି କିଛି ପ୍ରୟୋଜନ ପଡ଼ିଲେ କଥା ନ କହି ଟାକରା ଫୁଟାଇ କିଛି ପ୍ରୟୋଜନ ଅଛି ବୋଲି ସୂଚାଇଦେବା ଏ 'ସଣ୍ଢଣା' ଥିଲା 'ସଂସ୍କୃତି'ର ଅଙ୍ଗ ।

ମୋ'ରି ଦେଖନ୍ତାରେ ବହୁବର୍ଷ ଲାଗି ରହିଥିଲା ଏ ଅବସ୍ଥା- ଅଥଚ ଶହ ଶହ ବର୍ଷର ଚଳଣିଆ ଢାଞ୍ଚା ହଠାତ୍ କେତେଟା ବର୍ଷରେ ବଦଳିଲା କେମିତି ? କିଏ ବଦଳାଇଲେ ? କେମିତି ବଦଳାଇଲେ ? ସମାଜ ବିଜ୍ଞାନ ଦୃଷ୍ଟିରେ ଏ ପ୍ରଶ୍ନ ଅତି ତାତ୍ପର୍ଯ୍ୟପୂର୍ଣ୍ଣ ।

ପରେ ଭାରତର ସ୍ୱାଧୀନତା ସଂଗ୍ରାମରେ ସେହି ସାଧାରଣ ଗାଁ ଲୋକେ- ସ୍ତ୍ରୀ ପୁରୁଷ- ବିପୁଳ ସଂଖ୍ୟାରେ ଝାସ ଦେଇ ଅସୀମ ସାହସ, ସହିଷ୍ଣୁତା, ତ୍ୟାଗ ଦେଶପ୍ରେମର ପରାକାଷ୍ଠା ଦେଖେଇଲେ ସେତିକି ନୁହେଁ, ତାଙ୍କ ମଧ୍ୟଯୁଗୀୟ ସମାଜ ପଛରେ ରହିଗଲା । ଏକ ପାହୁଣ୍ଡକେ ଡେଇଁପଡ଼ିଲେ କେତେଶହ ବର୍ଷର ବ୍ୟବଧାନ ଟପି ବିଂଶ ଶତାବ୍ଦୀକୁ, ନୂଆ ଯୁଗକୁ । ଜାତୀୟ ଚେତନା ଆସିଗଲା ।

ସେପରି ମଣିଷ ସମାଜକୁ ଗଢ଼ିଲା ଭଳି ବିଚକ୍ଷଣ କାରିଗର ଜଣେ ଥିଲେ ପୂଜ୍ୟ ଗୋପବନ୍ଧୁ ଚୌଧୁରୀ, ଜଣେ ସମ୍ଭ୍ରାନ୍ତ ଧନୀ ନାମୀ ପ୍ରାଚୀନ ଅଭିଜାତ ବଂଶର ସନ୍ତାନ ସେ, ଖୁବ୍ ଉଚ୍ଚ ଆଧୁନିକ ଶିକ୍ଷା ପାଇଥିଲେ, 'ବୌଦ୍ଧିକ' ବିଚାରଶୀଳ ବ୍ୟକ୍ତି ଥିଲେ, ଖୁବ୍ ଧନୀ ସମ୍ଭ୍ରାନ୍ତ ଘରର ଲୋକ, ସମ୍ଭ୍ରାନ୍ତ ସମାଜର ମଣିଷ, ସେକାଳର ଡେପୁଟି ମ୍ୟାଜିଷ୍ଟ୍ରେଟ୍ ଚାକିରୀ କରିଥିଲେ, ୧୯୨୧ରେ ଚାକିରୀ ଛାଡ଼ିଲେ, ତାପରେ ଖୁବ୍ ବଡ଼ କଂଗ୍ରେସକର୍ମୀ ଓ ନେତା ହେଲେ । ଖାଲି ସେତିକି ନୁହେଁ, ଧନ ଅଏସ, ବଡ଼ଲୋକି ଖାଦ୍ୟ, ପୋଷାକ, ଚଳଣି, ସମାଜ ସମ୍ପର୍କ ସବୁ ଛାଡ଼ିଛୁଡ଼ି ଦେଇ ଆପଣାର ସମଗ୍ର ପରିବାରକୁ ସେହିପରି ଦୀନଦରିଦ୍ର କରି ସେହି କର୍ମୀଜୀବନ ଆଦରାଇ ଗାଁର ଜଣେ ସାଧାରଣ ଅଳ୍ପବିତ୍ତ ଲୋକପରି ଜୀବନଯାକ ଚଳିଲେ । ଦେଶସେବା, ଦରିଦ୍ରସେବା କରି କରି ଜୀବନଟା ବିତାଇଲେ । ଆମେ ଜାଣୁଁ ନେତାମାନେ ରହନ୍ତି ସହରମାନଙ୍କରେ, ବଡ଼ ଘରେ, ସେଠି ନାନା ସୁଖସୁବିଧା ଥାଏ, ଚଢ଼ନ୍ତି କା'ର, ପ୍ଲେନ୍, ନାନା ଭାବରେ ଚର୍ଚ୍ଚିତ ଅଭ୍ୟର୍ଥିତ ହୁଅନ୍ତି । କିନ୍ତୁ ସେ ବାଛି ନେଇଥିଲେ ଅତି ଅପନ୍ତରା ଗାଁଗହଳି, ସେଇଠି ତାଙ୍କ

ଠାବ କଲେ । ପିନ୍ଧିବାକୁ ଖଣ୍ଡେ ସାନ ହାତକଟା ଖଦୀ, ଦୁଇଖଣ୍ଡରୁ କେବେ ତିନିଖଣ୍ଡ ନ ଥାଏ । ଗାଁ ଗଣ୍ଡା ବୁଲିବାକୁ ଖାଲି ପାଦ, ଖାଇବାକୁ ଶାଗ ପଖାଳ, ହେଉପଛେ କେଉଁ ହରିଜନ ପଲାରେ ହରିଜନ ହାଣ୍ଡିରୁ । ଆମେ ଜାଣୁଁ ନେତାମାନେ ବଡ଼ ବଡ଼ ସଭା ଡାକି ମାଇକ୍ ବାଟେ ଭାଷଣ ଦେଇ ନିଜ ବକ୍ତବ୍ୟ ପ୍ରଚାର କରନ୍ତି, ୟା କର ତା କର ବୋଲି ଉପଦେଶ ଦିଅନ୍ତି । କିନ୍ତୁ ଯେ କାହା ପିଣ୍ଡାରେ ବସି ଦୁଃଖସୁଖ ହୁଅନ୍ତି, ଦୁଃଖ ବୁଝନ୍ତି । ନିଜେ କଠୋର ତପସ୍ୟାରେ ଚଳି, ଅନବରତ କାମ କରି, ଦିନକୁ ଆଠଘଣ୍ଟା କୋଡ଼ି ହାଣି, ସୂତା କାଟି, ଖଦୀ ବୁଣି, ଝାଡ଼ା ଉଠେଇ, ହଇଜା ମଲୁର ଲୁଗା ଧୋଇ, ତାକୁ ଔଷଧ ଦେଇ, ନାନା ପରୋପକାର କାମକରି, ପ୍ରାର୍ଥନା କରି, ନିଷ୍ଠାରେ ରହି, ଦେଖାଇ ଦିଅନ୍ତି "ଏଇ କାମ କରିବା ଦରକାର, ଏଇ ଢଙ୍ଗରେ କାମ କରାଯାଏ ।"

ଆତ୍ମପ୍ରଚାର ନାହିଁ, ହୋହା ଘୋଘା ନାହିଁ, ଘରେ ଘରେ ଗାଁଏ ଗାଁଏ ତାଙ୍କ ସ୍ନେହର ଡୋରି, ପାଦରେ ଚାଲି ଚାଲି ଓଡ଼ିଶାଯାକ ସବୁଆଡ଼େ ସେ ବୁଲିଛନ୍ତି, ସମାଜରେ ତାଙ୍କ କାମ ଘାସର ଚେର ପାଖରୁ ଆରମ୍ଭ କରି, ସେମିତି ତାଙ୍କ ପରିବାରକୁ ବି ଦୀକ୍ଷିତ କଲେ, ସେହି କାମରେ ସେମାନେ ଲାଗିଲେ ।

୧୯୨୦ରେ 'ଉତ୍କଳମଣି' ଓଡ଼ିଶାରେ ପ୍ରଥମେ କଂଗ୍ରେସ ପ୍ରଚାର କରିଥିଲେ । ୩୦.୦୮.୨୦୨୦ରେ ହେଲା ଓଡ଼ିଶାର ପ୍ରଥମ କଂଗ୍ରେସ କମିଟି, ପୁରୀ ଜିଲ୍ଲାରେ । ସେହି ବର୍ଷ ୦୪.୦୯.୨୦୨୦ରିଖରେ କଲିକତାରେ କଂଗ୍ରେସ ମହାତ୍ମାଙ୍କ ଅସହଯୋଗ ଓ ଅହିଂସ ସତ୍ୟାଗ୍ରହ ନିଷ୍ପତ୍ତି ଗ୍ରହଣ କଲା । ଓଡ଼ିଶାରୁ କେତେଜଣ ମିଶିଲେ । ତାର ପ୍ରାୟ ୪ ମାସ ପରେ ଗୋପବାବୁ ବି ଆସି କଂଗ୍ରେସରେ ଯୋଗଦେଲେ । ୧୯୨୧ରୁ ୧୯୩୪ ଯାକେ, ପୁଣି ତାପରେ ବି, ୧୯୩୮-୧୯୩୯ରେ କଂଗ୍ରେସ ରାଜନୀତିରେ ସେ ଥିଲେ ଜଣେ ବଡ଼ ଖୁଣ୍ଟ । ଓଡ଼ିଶାରେ ଖୁବ୍ ବଡ଼ କଂଗ୍ରେସ ନେତା ବୋଲି ଜେଲ ବି ଯାଇଛନ୍ତି ବହୁତ ଥର ।

୧୯୨୩ରେ ଯେତେବେଳେ ଅସହଯୋଗ ଆନ୍ଦୋଳନ ବନ୍ଦ ହେଲା, କଂଗ୍ରେସ କର୍ମୀମାନେ ଛାଡ଼ି ପଳାଇଲେ, ଆନ୍ଦୋଳନକାରୀଙ୍କ ମନରେ ଘୋର ନୈରାଶ୍ୟ, ସେତେବେଳେ ଆଶା ଉତ୍ସାହ ସଞ୍ଚାର କରିଥିଲେ ସେ, ପୁରୁଣା ନେତାମାନଙ୍କ ଭିତରେ ଏକତାର ସୂତ୍ରରୂପେ ଥିଲେ ।

ଏବେ ତ ସ୍ୱାଧୀନ ଭାରତ । ସେ ସମୟ ଆଉ ନାହିଁ । କିନ୍ତୁ ଜାଣିବାକୁ କୁତୂହଳ ହେବ- ସେ କାଳ କଣ ଥିଲା । ଯେଉଁମାନେ ତାକୁ ବଦଳାଇଲେ, ଦେଶକୁ ସ୍ୱାଧୀନ କରାଇଲେ, ତାଙ୍କ ଭିତରେ ଜଣେ ପ୍ରାତଃସ୍ମରଣୀୟ ବରେଣ୍ୟ ନେତା, ଯେ ଅସୀମ ତ୍ୟାଗ କରି ନିଜେ ଓ ନିଜ ପରିବାରଙ୍କୁ ସେଥିରେ ସମ୍ପୂର୍ଣ୍ଣ ଭାବେ ଲଗାଇ ଦେଇଥିଲେ, ସେ ନିଜେ କେମିତି ? କ'ଣ କଲେ ?

ଗୋପବାବୁ ବିଶୁଦ୍ଧ ଗାନ୍ଧୀବାଦୀ ଥିଲେ । ଗାନ୍ଧୀବାଦର ଗୋଟିଏ ଲକ୍ଷ୍ୟ ଥିଲା

ଭାରତର ସ୍ୱାଧୀନତାପ୍ରାପ୍ତି । କିନ୍ତୁ କେବଳ ସେତିକି ଲକ୍ଷ୍ୟରେ ଗାନ୍ଧୀବାଦ ସୀମିତ ନ ଥିଲା । ତାହାର ଅନ୍ୟାନ୍ୟ ଲକ୍ଷ୍ୟ ଥିଲା ନୈତିକ, ସାମାଜିକ, ଅର୍ଥନୈତିକ । ଏତକ ଲକ୍ଷ୍ୟର ବିଚାର "ସର୍ବୋଦୟ ବିଚାର", ଏତକ କାର୍ଯ୍ୟକ୍ରମ "ରଚନାତ୍ମକ କାର୍ଯ୍ୟକ୍ରମ" । ଗାନ୍ଧିଜୀଙ୍କ ମତରେ ଏତକ ନ ହେଲେ ସ୍ୱାଧୀନତାର ଉଦ୍ଦେଶ୍ୟ ସଫଳ ହେବ ନାହିଁ । ଏତକ ବି ଦରକାର ଥିଲା ସ୍ୱାଧୀନତାପ୍ରାପ୍ତି ଲାଗି ପ୍ରସ୍ତୁତି ପାଇଁ । ଲୋକଙ୍କୁ ସ୍ୱାଧୀନତା ଉପଭୋଗ କରିବାକୁ ଯୋଗ୍ୟ କରିବା ପାଇଁ ତାଙ୍କ ପାଖେ ସ୍ୱାଧୀନତାର ଫଳକୁ ପହଞ୍ଚାଇବା ପାଇଁ, ସ୍ୱାଧୀନତାର ସଂରକ୍ଷଣ ପାଇଁ, ମନୁଷ୍ୟ ଜାତିର ବିକାଶ ପାଇଁ, ଭାରତରେ ତା ଆଦର୍ଶ ଦେଖାଇବା ଦ୍ୱାରା ପୃଥିବୀରେ ସତ୍ୟ-ଅହିଂସା-ଶାନ୍ତି-ମୈତ୍ରୀ-ତ୍ୟାଗ-ଶ୍ରମ-ସେବା-ପ୍ରେମପୂର୍ଣ୍ଣ-ଅହିଂସା ସ୍ୱାବଲମ୍ବୀ-ଶୋଷଣହୀନ ଗ୍ରାମ ସମାଜ ପ୍ରତିଷ୍ଠା କରିବା ପାଇଁ ।

ସେ ସମାଜରେ ମଣିଷଠି ଈଶ୍ୱର ବିଶ୍ୱାସ ରହିବ । ସଂଯମ ଓ ଚରିତ୍ରବଳ ରହିବ । ସେ ସବୁ ବିଷୟରେ ସଦାଚାରୀ ହେବ । ତାଠିଁ ସବୁ ସଦ୍‌ଗୁଣ ରହିବ, ତାର ନୈତିକ, ଆଧ୍ୟାତ୍ମିକ ବିକାଶ ହେବ । ତା ଜୀବନ ସରଳ ହେବ । ତା ଆବଶ୍ୟକ ଅଳ୍ପ ହେବ । ସେ ନିଷ୍କାମ, ଅନାସକ୍ତ ରହି ସଂସାରରେ ସମସ୍ତଙ୍କୁ ଆପଣାର ଭାବି ଆନନ୍ଦରେ ଚଳିବ । ପ୍ରକୃତିକୁ, ଜୀବନକୁ, ସମାଜକୁ, ଉପଭୋଗ କରିବ । ତାଠିଁ ହିଂସା, ଦ୍ୱେଷ, ଲୋଭ ରହିବ ନାହିଁ । ସେ ସ୍ୱାବଲମ୍ବୀ, ସ୍ୱାଧୀନ, ସାହସୀ, ପରୋପକାରୀ ହେବ । ସେ ନିଜକୁ ନିଜେ ନିୟନ୍ତ୍ରିତ କରିବ । ଦାୟିତ୍ୱବାନ୍ ହେବ । ଗାନ୍ଧିଜୀ ରାଜନୈତିକ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ମୂଳରୁ ତ ଏପରି କରୁଥିଲେ ଓ କହୁଥିଲେ, ୧୯୩୩ରେ ଅସହଯୋଗ ଆନ୍ଦୋଳନ ବନ୍ଦ କଲାପରେ ଖାସ୍ ଏହିଥିରେ ଲାଗିଲେ । ଗାନ୍ଧିଜୀଙ୍କ ଆଦର୍ଶ ଅକ୍ଷରେ ଅକ୍ଷରେ ପାଳି ଗୋପବାବୁ ବି ଅବିକଳ ସେହିପରି କରୁଥିଲେ ଓ କଲେ । ସେ ହେଲେ ଗାନ୍ଧିବାଦର ଜୀବନ୍ତ ପ୍ରତୀକ । ତେଣୁ କର୍ମଯୋଗୀ ଋଷିତୁଲ୍ୟ ସାଧକ ।

ସମୟ ବଦଳୁଥାଏ । ସମାଜରେ ନାନା ସମସ୍ୟା ଦେଖା ଦେଉଥାଏ । କଂଗ୍ରେସ ରାଜନୀତିରେ ଓଡ଼ିଶାରେ ୧୯୩୬ ପ୍ରାଦେଶିକ ଆସେମ୍ବ୍ଲି ନିର୍ବାଚନ ବେଳୁ ବିଭେଦ ବଢ଼ିଲା । ଗୋପବାବୁ କଂଗ୍ରେସରେ ହିଁ ଥାନ୍ତି । କିନ୍ତୁ ପ୍ରତ୍ୟକ୍ଷ ସକ୍ରିୟ ରାଜନୀତିରେ ଆଉ ରହିଲେ ନାହିଁ । ବରୀରେ ଆଶ୍ରମ କରି ରଚନାତ୍ମକ କାର୍ଯ୍ୟରେ ଲାଗିଗଲେ । ମଝିରେ ୧୯୩୮-୩୯ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ସଭାପତି ହୋଇଥିଲେ । ତାହା ମଧ୍ୟ ଉଚ୍ଚ କଂଗ୍ରେସ କର୍ତ୍ତୃପକ୍ଷ ଓ ଓଡ଼ିଶା ନେତାମାନଙ୍କ ଅନୁରୋଧକ୍ରମେ । କିନ୍ତୁ ତାକୁ ଛାଡ଼ିଦେଲେ, ପୁଣି ରଚନାତ୍ମକ କାର୍ଯ୍ୟରେ ଲାଗିଲେ । ୧୯୨୧ରୁ ସେ ଯେଉଁ ରଚନାତ୍ମକ କାର୍ଯ୍ୟମାନ କରୁଥିଲେ ଓ କରାଉଥିଲେ, ତା' ଭିତରେ ଥିଲା ସୂତାକଟା, ଲୁଗାବୁଣା, ଖଦୀ ପ୍ରଚାର, ନାନା ପ୍ରକାର କୁଟୀର ଶିଳ୍ପ ଓ ଗ୍ରାମୋଦ୍ୟୋଗର ବିକାଶ, ଗାଁ ସଫେଇ, ରୋଗୀସେବା, ମ୍ୟାଲେରିଆ, ହଇଜା, ବସନ୍ତ ଆଦି ମଡ଼କବେଳେ ପ୍ରତିକାର, ସାହାଯ୍ୟ

ଓ ସେବା, ବଢ଼ି, ମରୁଡ଼ି, ଦୁର୍ଭିକ୍ଷ ଆଦି ବେଳେ ସାହାଯ୍ୟ ଓ ସେବା, ଗାଁ ସ୍ୱାସ୍ଥ୍ୟର ଉନ୍ନତି, ଗୋ ସେବା, କୁସଂସ୍କାର, ଅନ୍ଧବିଶ୍ୱାସ ଓ ଅତ୍ୟାଚାରୀ ଶୋଷକ ଆଦିଙ୍କ ପ୍ରତି ଭୟ ଦୂରୀକରଣ, ଜାତିଭେଦ, ଅସ୍ପୃଶ୍ୟତା, ସାମ୍ପ୍ରଦାୟିକତା, ବିଭେଦ, କଳି ଆଦିର ବିଲୋପ, ଶିକ୍ଷା ବିସ୍ତାର, ନାରୀ ଶିକ୍ଷା, ପ୍ରୌଢ଼ ଶିକ୍ଷା, ଶିଶୁ ଶିକ୍ଷା ପାଇଁ ଉପଯୁକ୍ତ ବ୍ୟବସ୍ଥା, ନିରକ୍ଷରତା ଦୂରୀକରଣ, ନାରୀ ଜାଗରଣ, ପର୍ଦ୍ଦା ଉଠାଇବା, ସ୍ତ୍ରୀ ଜାତିକୁ ପୁରୁଷଙ୍କ ସଙ୍ଗେ ପଦାରେ ସବୁ କାର୍ଯ୍ୟ କରିବାକୁ ସୁବିଧା ଦେବା, ଗାଁର ଶିକ୍ଷା ସଂସ୍କୃତିରେ ଉନ୍ନତି ସାଧନ, ଗାନ୍ଧୀ ବିଚାର ପ୍ରବର୍ତ୍ତନ, ଜନ ଜାଗରଣ କରାଇବା, ଲୋକଙ୍କୁ କର୍ମଠ କରିବା ଓ ବିଚାରଶୀଳ କରିବା, ସମାଜରେ ନୈତିକତା ବଢ଼େଇବା ଆଦି । ୧୯୩୨ରୁ ସେ ଆରମ୍ଭ କରିଦେଲେ ହରିଜନ ସେବା, ଅସ୍ପୃଶ୍ୟତା ନିବାରଣ । ୧୯୩୪ରୁ ଆହୁରି ବେଶି ରଚନାତ୍ମକ କାମ କଲେ, ତା ପ୍ରକାର ଓ ପ୍ରଚାର ବଢ଼ିଲା, ଆସିଗଲା ବିପୁଳ ଓ ବ୍ୟାପକ ଭାବେ ସୂତାକଟା, ଖଦୀ ପ୍ରଚାର, ହରିଜନ କାମ, କୃଷି ଉନ୍ନୟନ, ଗୋପାଳନ, ମହୁଚାଷ ଆଦି । ୧୯୩୭ରୁ ସେ ଆଉ ନୂଆ କାମ ଧରିଲେ- "ମୌଳିକ ଶିକ୍ଷା" ପରିଚାଳନା । ବରୀରୁ ତାଲିମ ପାଇ ଯାଇ ୧୯୪୦ରେ ଶ୍ରୀ ବିଶ୍ୱନାଥ ପଟ୍ଟନାୟକ କୋରାପୁଟ ଜିଲ୍ଲାରେ ପ୍ରଥମେ ଆଦିବାସୀ ସେବାର ସୂତ୍ରପାତ କଲେ । ୧୯୪୧ରେ କୁଜେନ୍ଦ୍ରିରେ କେନ୍ଦ୍ର କଲେ । ଗୋପବାବୁ ତାଙ୍କୁ ପରାମର୍ଶ ଦେଉଥାନ୍ତି । ଆଦିବାସୀଙ୍କୁ ଶୋଷଣରୁ ରକ୍ଷା କରିବା ଓ ତାହାଙ୍କର ନାନା ପ୍ରକାର ସେବା କାର୍ଯ୍ୟରେ ସେ ଖୁବ୍ ଉତ୍ସାହ ଦେଖାଇ ନାନା ପ୍ରକାର ଆଦିବାସୀ-ସେବା ଆୟୋଜନ କଲେ । ଆହୁରି କେନ୍ଦ୍ର ବସିଲା । ୧୯୪୬ରେ ମୁଖ୍ୟତଃ ଆଦିବାସୀ ସେବାପାଇଁ "ନବଜୀବନ ମଣ୍ଡଳ" ଗଢ଼ା ହେଲା, କାର୍ଯ୍ୟ କଲା । ତାର ପ୍ରଧାନ ଉଦ୍ୟୋକ୍ତାମାନଙ୍କ ଭିତରେ ଥିଲେ ସେ, ତାଙ୍କ ଭାଇ ନବବାବୁ, ଶ୍ରୀମତୀ ମାଳତୀ ଦେବୀ, ଶ୍ରୀମତୀ ରମା ଦେବୀ, ଶ୍ରୀ ବିଶ୍ୱନାଥ ପଟ୍ଟନାୟକ, ସାରଙ୍ଗଧର ଦାସ ଆଦି । ଅନୁନ୍ନତ ଆଦିବାସୀଙ୍କ ସମସ୍ୟା ସମାଧାନ ପାଇଁ ସେମାନଙ୍କ ଉଦ୍ୟମ ଐତିହାସିକ ଘଟଣା ।

୧୯୪୮ରେ ଗାନ୍ଧୀଙ୍କ ମୃତ୍ୟୁପରେ ଗାନ୍ଧୀବାଦୀମାନେ ସମ୍ମିଳନୀ କରି ସର୍ବୋଦୟ ସମାଜ ଗଢ଼ିଲେ । ଗୋପବାବୁ ସେ ସମ୍ମିଳନୀକୁ ଯାଇଥିଲେ । କିନ୍ତୁ ତାହା ପୂର୍ବରୁ ଗୋପବାବୁ ଯେତେଯେତେ ପ୍ରକାରର ରଚନାତ୍ମକ କର୍ମମାନ କରି ଆସୁଥିଲେ ତାହା ହିଁ ସେହି ସର୍ବୋଦୟ "ସମାଜ"ର ୨୨ଟି ଲକ୍ଷ୍ୟ ହୋଇ ଧାର୍ଯ୍ୟ ହେଲା ଓ ସର୍ବୋଦୟ "ସମାଜ"ର କର୍ମୀମାନେ ସେହି ୨୨ଟି ଲକ୍ଷ୍ୟକୁ ସାଧନ କରିବା ପାଇଁ ଦୃଢ଼ ସଂକଳ୍ପ ନେଲେ ।

ସେତେବେଳକୁ କେତେକ କଂଗ୍ରେସ ଲୋକ ରାଜନୀତି କ୍ଷେତ୍ରରେ ହିଁ ବେଶି ବେଶି ଲିପ୍ତ ରହୁଥାନ୍ତି, ଗାନ୍ଧିଜୀଙ୍କ ଦ୍ୱାରା ପ୍ରବର୍ତ୍ତିତ 'ରଚନାତ୍ମକ' କାର୍ଯ୍ୟରେ ନୁହେଁ । ଆଉ କେତେକ କଂଗ୍ରେସକର୍ମୀ କ୍ଷମତା-ରାଜନୀତି ଆଡ଼କୁ ବିମୁଖ ହୋଇ ରଚନାତ୍ମକ

କର୍ମ ଧରି ରହିଥାନ୍ତି । ଦୁହିଁଙ୍କ ମତିଗତିରେ ପାର୍ଥକ୍ୟ ସ୍ପଷ୍ଟ ହୋଇଥାଏ । ରଚନାତ୍ମକ କର୍ମକୁ ଆଶ୍ରୟ କରିଥିବା କର୍ମୀମାନେ ଆଦର୍ଶରେ ନିଷ୍ଠାପର ଗାନ୍ଧୀବାଦୀ, ସେମାନେ ଭାବୁଥାନ୍ତି ଯେ ଯେଉଁମାନେ ରାଜନୀତିରେ ବ୍ୟାପୃତ ହୋଇ ରହୁଛନ୍ତି ସେମାନେ ଗାନ୍ଧିବାଦଠୁଁ ଦୂରେଇ ଯାଉଛନ୍ତି, ସମାଜରେ ନୈତିକତା ଭାଙ୍ଗୁଛି, ଲୋକେ ଗାନ୍ଧୀନୀତିକୁ ଭୁଲିଯାଉଛନ୍ତି । ସ୍ୱାର୍ଥ, ଦ୍ୱେଷ, ହିଂସା, ଦୁର୍ନୀତି, ଲାଞ୍ଚମିଛ, କଳାବଜାର, କିଳାପୋତେଇ, ଶୋଷଣ ବ୍ୟାପୁଛି, ବିଶେଷତଃ 'କଣ୍ଟ୍ରୋଲ୍' ଅମଳ ହେଲାଦିନୁଁ, ଧନୀ ଆହୁରି ଧନୀ, ଗରିବ ଆହୁରି ଗରିବ ହେଉଛି, ନିଶା ବନ୍ଦ ହେବା ପରିବର୍ତ୍ତେ ନିଶାଖୋରି, ମଦପିଆ ବ୍ୟାପୁଛି, ବିଳାସବ୍ୟସନ ବଢୁଛି, ଗାନ୍ଧୀଜୀଙ୍କ ପରିକଳ୍ପିତ ଗ୍ରାମ-ସ୍ୱରାଜ ପରିବର୍ତ୍ତେ ସହର, କାରଖାନା, ପୁଞ୍ଜି କାରବାର, ଆଡ଼ମ୍ବର ବୃଦ୍ଧି, ଆବଶ୍ୟକତା-ବୃଦ୍ଧି ବଢ଼ି ଲାଗିଛି, ଅଶାନ୍ତି ବଢୁଛି, ଗରିବଙ୍କ ଉପକାର ହେଉନାହିଁ, ସ୍ୱାଧୀନତାର ଉପକାର ସାଧାରଣ ଲୋକ ଉପଭୋଗ କରିବାକୁ ସୁଯୋଗ ପାଉନାହିଁ, ନୈରାଶ୍ୟ ବଢୁଛି, ଭିତରେ ଭିତରେ ହିଂସାର ନିଆଁ କୁହୁଳିଲାଣି । ସର୍ବୋଦୟବାଦୀମାନଙ୍କର ଏହିପରି ଭାବନାରୁ ୧୯୫୧ରେ ବାହାରିଲା ବିନୋବାଙ୍କ ନୂଆ ଆନ୍ଦୋଳନ, 'ଭୂଦାନ' । ସେ ଖାଲି ଭୂମିମାଲିକଙ୍କ ଠାରୁ ଭୂମିଦାନ ଭିକ୍ଷା ମାଗିବା ନୁହେଁ, ଅବଶ୍ୟ ଥିବା ଲୋକେ କିଛି କିଛି ଦେଲେ ଗରିବ କିଛି ପାଇଯିବେ, 'ଭୂଦାନ' 'ଗ୍ରାମଦାନ' 'ସମ୍ପତ୍ତିଦାନ' ମିଳିଲେ ଭୂମିହୀନ ଲୋକେ ଭୂମି ପାଇଯିବେ, ସେଇଟା ସେ ଆନ୍ଦୋଳନର 'ସୂତ୍ର', ତା ବାଗ, ତାର ଆଶୁଫଳ । ତାର ପ୍ରଧାନ ଉଦ୍ଦେଶ୍ୟ ଥିଲା, କିଛି ତ୍ୟାଗ ଦେବାକୁ ଆରମ୍ଭ କରିବା ସଙ୍ଗେ ସଙ୍ଗେ ଲୋକେ 'ସର୍ବୋଦୟ' ବିଚାରକୁ ଗ୍ରହଣ କରିବେ, କ୍ରମେ ସେ ବିଚାରରେ ଦୃଢ଼ ହେବେ ଓ ଗାନ୍ଧିଜୀଙ୍କ ରଚନାତ୍ମକ କର୍ମର ଯାହା ଲକ୍ଷ୍ୟ ଥିଲା, ନୈତିକ-ଆର୍ଥନୀତିକ-ସାମାଜିକ ସଂସ୍କାର ଓ ଉନ୍ନୟନ, ଭାରତରେ ବ୍ୟକ୍ତି ଓ ସମାଜ ସେହିପରି ଗଢ଼ି ହେବେ । କୋଟି କୋଟି ଲୋକ, ପ୍ରକାର ନିହିତ ସ୍ୱାର୍ଥ ଓ ଅବିରତ ତା' ଭିତରେ ପରସ୍ପରର ବିରୋଧ, ଲୋକଙ୍କ ମନରେ ସମାଜରେ ଯେଉଁ ଗତି ଦେଖାଦେଲାଣି, ପୃଥିବୀର ଅନ୍ୟାନ୍ୟ ଦେଶର ନାନା ଘଟନା ଓ ବିଚାରର ପ୍ରଭାବ ଯେପରି ଭାରତର ଲୋକଙ୍କ ମନରେ ପଡୁଥାଏ, ସ୍ୱାଧୀନ ଭାରତରେ ରାଜନୈତିକ ନେତାମାନେ ଯେପରି ଯାହା ଭାବୁଥାନ୍ତି, ଏସବୁ କଥା ବିଚାରକୁ ନେଲେ ସନ୍ଦେହ ହେବା ସ୍ୱାଭାବିକ ଯେ ବିନୋବାଜୀଙ୍କ ଭୂଦାନ ଅଭିଯାନ କେତେଦୂର ସଫଳ ହେବ । କିନ୍ତୁ ଦେଖାଗଲା, ବିନୋବାଙ୍କ 'ଭୂଦାନ' ଆନ୍ଦୋଳନ ହୁ ହୁ ଘୋଟିଗଲା ।

ଓଡ଼ିଶାରେ ୧୯୫୨ରେ ଭୂଦାନ ଆନ୍ଦୋଳନକୁ ସର୍ବପ୍ରଥମେ ଆରମ୍ଭ କଲେ ପୂଜ୍ୟ ଗୋପବାବୁ, ପୂଜ୍ୟା ରମାଦେବୀ । ସେମାନେ ପାଦରେ ଚାଲି ଚାଲି ବର୍ଷସାରା ସମୁଦାୟ ଓଡ଼ିଶାଯାକ ଗାଁଗଣ୍ଡାରେ ବୁଲିଲେ । ସେମାନେ ଦେଖିଲେ, ବୁଝାଇଦେଲେ ଲୋକେ ବୁଝୁଛନ୍ତି, ସେମାନେ ଭୂଦାନ ପ୍ରତି, ନୂଆ ବିଚାର ପ୍ରତି ଆଗ୍ରହୀ, ଉତ୍ସୁକ ।

ସେହିଦିନଠାରୁ ୧୯୮୫ରେ ଗୋପବାବୁ ମରିବାଯାକେ ସେ ସେହିପରି ବୁଲୁଥାନ୍ତି, ଭୂଦାନ କାମ କରୁଥାନ୍ତି । ସେ ଥିଲେ ଓଡ଼ିଶାର ଭୂଦାନନେତା । ସେ ସର୍ବଭାରତୀୟ ଭୂଦାନନେତାଙ୍କ ମଧ୍ୟରେ ଜଣେ ବରେଣ୍ୟ ସର୍ବୋଦୟ ନେତା, ଭୂଦାନ ନେତା ଥିଲେ । ଗାନ୍ଧୀବାଦ ପାସୋର ଯାଉଥିଲା, ମହାତ୍ମାଜୀଙ୍କ ପରିକଳ୍ପିତ ବ୍ୟକ୍ତି ଓ ସମାଜର ଆଦର୍ଶ, ଆଉ ତାର ସ୍ମୃତି ମଧ୍ୟ କ୍ଷୀଣ ହୋଇ ଆସୁଥିଲା, ଅଥଚ ମାନବଜାତିର ବିକାଶକ୍ରମରେ ତାହା ହିଁ ବିଚାରସ୍ତରରେ ଏ ଯୁଗରେ ହୋଇରହିଲା ମାନବ ସମାଜକୁ ସର୍ବଶ୍ରେଷ୍ଠ ଅବଦାନ । ପୂଜ୍ୟ ଗୋପବାବୁ ଆଜୀବନ ସେହି ଆଦର୍ଶରେ ଜୀବନ ଗଢ଼ିଥିଲେ । ଗୋପବନ୍ଧୁ ସେହି ଆଦର୍ଶକୁ ଏ ଦେଶରେ ପ୍ରତିଷ୍ଠା କରିବାକୁ ପ୍ରସାର କରିବାକୁ ଜୀବନ ପଣକରି ଅକ୍ଲାନ୍ତ ପରିଶ୍ରମ କରିଛନ୍ତି । ସେହି ହୋଇରହିଲା ତାଙ୍କ 'ସ୍ୱଧର୍ମ', ତହିଁରେ ସେ ବ୍ୟାପୃତ ରହିଲେ, କ୍ଷମତା ରାଜନୀତିକୁ ଧନ, ପ୍ରତିପତ୍ତି, ପ୍ରଚାର ପ୍ରତିଷ୍ଠାକୁ ଶୂକରୀବିଷ୍ଠା ମଣି ତ୍ୟାଗ କଲେ । କେଡ଼େ କଠୋର ସେ ପରିଶ୍ରମ ! ଏକ ବିରାଟ ଅନୁଷ୍ଠାନ ଚଳାଉଥାନ୍ତି, ନିଜେ ଦେଶସାରା ଚାଲି ଚାଲି ବୁଲୁଥାନ୍ତି ବର୍ଷ ବର୍ଷ, ଏହିପରି ଛ'ବର୍ଷ, ଅଧିକାଂଶ ହିଁ ପଦଯାତ୍ରା, ବୃଦ୍ଧ ହୋଇଥାନ୍ତି । ବୟସ ୫୬ ଡେଇଁଥାଏ, ସାମାନ୍ୟତମ ଆରାମ ବି ନାହିଁ, ଖାଲି ପାଦ, ଖାଲି ଦେହ, ଭୂଇଁରେ ଚଟେଇ ପାରି ଶୁଅନ୍ତି, ଖାଦ୍ୟ ଶାଗ ପଖାଳ, କାମ ସବୁବେଳେ, ଚାଲନ୍ତି ଦିନକୁ କେଉଁଦିନ ୧୦ ମାଇଲ, କେଉଁଦିନ ୧୮ ମାଇଲ, ବାଟ ବିଲୁହାଡ଼ା, ଘାଟି ପାହାଡ଼ । ସବୁ ଜିଲ୍ଲାର ଗାଁଗହଳିରେ ହଜାର ହଜାର ଗାଉଁଲି ଲୋକଙ୍କ ସଙ୍ଗେ ତାଙ୍କର ଘରୋଇ କଥାଭାଷା, କେତେ କନ୍ଧ ଘରେ ଶଉରା ଘରେ ହରିଜନ ଘରେ କି ବ୍ରାହ୍ମଣ ଘରେ ଖିଆ । କେତେ ଖରା, ବର୍ଷା, ଶୀତ, କେତେ ପ୍ରକାର ଅଞ୍ଚଳ- ସମତଳ, ଟାଙ୍ଗର, ଘନ ଜଙ୍ଗଲ, ଉଚ୍ଚ ପର୍ବତ । ସେଠି ଦିନ, ରାତି । ସେ 'ଦରିଦ୍ର ନାରାୟଣଙ୍କ ଦର୍ଶନ' କରୁଥିଲେ, ଦେଶମାତାକୁ ଦେଖୁଥିଲେ, ସବୁଠି ଦେଖୁଥିଲେ ଭଗବାନଙ୍କୁ ।

କୁତୂହଳ ହେବା ସ୍ୱାଭାବିକ, କିଏ ଏହି ବ୍ୟକ୍ତି ? ସଂସାରରୁ ବାହାର ! ଏପରି ତ କେହି କଷ୍ଟ ସହନ୍ତି ନାହିଁ, କାମ କରନ୍ତି ନାହିଁ । କଣ ତାଙ୍କ ଜୀବନ ! କଣ ସେ ଦେଖୁଥିଲେ, ଲୋଡୁଥିଲେ । କାହିଁକି ଲୋକେ ଜନ୍ଦାପିଣ୍ଡୁଡ଼ି ପରି ତାଙ୍କ ପିଛା ଧାଉଁଥିଲେ, ଟିକିଏ ତାଙ୍କୁ ଦେଖିବାକୁ, ତାଙ୍କ ତୁଣ୍ଡରୁ କଥା ଶୁଣିବାକୁ । ଖାଲି ସେତିକି ନୁହେଁ । ସଂସାରରେ କିଏ କି ପ୍ରକାର ସାଫଲ୍ୟ ପାଏ- ସବୁ ସାଫଲ୍ୟ ଘୋଡ଼େଇ ପକାଏ ମହାକାଳ । ପୁଣି, ନିଜ ଜୀବଦ୍ଦଶାରେ ବି, ଭୁଲି ନ ହେବାଯାକେ ସୁଦ୍ଧା, ଜଣକ ଦୃଷ୍ଟିରେ ଯେଉଁଟା ସାଫଲ୍ୟ ଅପର ଲୋକ ଦୃଷ୍ଟିରେ ତାହା ବିଫଳତା ବା ତୁଚ୍ଛ ବୋଲି ବି ଲାଗିପାରେ । କିନ୍ତୁ ଗୋଟାଏ କଥା ନିଶ୍ଚୟ ସବୁ ବିତର୍କ, ସବୁ ବିବାଦ ଉପରେ- ମଣିଷର ସଦ୍‌ବିଚାର, ସଦାଚାର, ଆଦର୍ଶବାଦ, ଆଦର୍ଶ ପ୍ରତି ତାର ନିଷ୍ଠା, ନିଜ ଚିନ୍ତାରେ, କଥାରେ କାର୍ଯ୍ୟରେ ମଣିଷର ସେହି ଏକ ବିଶ୍ୱାସରେ ନିଷ୍ଠା, ଆନ୍ତରିକତା, ତାର ମହାନୁଭବତା, ତାର

ପ୍ରାଣପ୍ରାଚୁର୍ଯ୍ୟ, ତାର ନିସ୍ୱାର୍ଥପର ମାନବପ୍ରୀତି, ସେଥିପାଇଁ ତାର ତ୍ୟାଗ, ଶ୍ରମ, ବିପଦ ଓ କ୍ଷୟକ୍ଷତି ବରଣ, ଯୁଗେ ଯୁଗେ ଏପରି ମନୁଷ୍ୟ ନମସ୍ୟ । ଓଡ଼ିଶାରେ ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପରେ ସେପରି ଥିଲେ ସେହି ଜଣେ, ପୂଜ୍ୟ ଗୋପବନ୍ଧୁ ଚୌଧୁରୀ ।

ମୋର ପରମ ସୌଭାଗ୍ୟ, ମୁଁ ବ୍ୟକ୍ତିଗତ ଭାବେ ତାଙ୍କ ସଂସ୍ପର୍ଶରେ ଆସିଥିଲି, ସେ ମତେ ଆପଣାର କରିଥିଲେ । ୧୯୫୨ରୁ ୧୯୫୭ ଶେଷଯାକେ ସେ ମୋ ପାଖକୁ ମୋ ଚାକିରୀ ଗାଁକୁ କେତେଥର ଆସିଛନ୍ତି, ମୁଁ ତାଙ୍କ ପାଖକୁ କେତେଥର ଯାଇଛି, ସେ ମତେ ମୋ ପରିବାରକୁ ଭଲ ପାଉଥିଲେ, ଆମ ସଙ୍ଗେ ଆମ ବସାରେ ରାୟଗଡ଼ାରେ ବି ଅଳ୍ପ କେତେଥର ରହିଥିଲେ । ସାରା ସଂସାରଯାକ ତାଙ୍କ ଭାଇ ତାଙ୍କ ପୁଅ ଝିଅ, ସେପରି ଓଡ଼ିଶାରେ ସହସ୍ର ସହସ୍ର । ପୂଜ୍ୟ ଗୋପବାବୁଙ୍କୁ ସେ ଲୋକେ କହୁଥିଲେ 'ବାପା', ପୂଜ୍ୟା ରମା ଦେବୀଙ୍କୁ 'ମା' । ସେମାନେ ତ ଘର ଛାଡ଼ି ସମାଜ ଛାଡ଼ି ସଂସାରଟାକୁ ହିଁ କରିଥିଲେ ନିଜ ଘର । ମୁଁ ତାଙ୍କୁ ଭାବେ ସନ୍ଥ, ଋଷି, ମହାନ ସାଧକ କର୍ମଯୋଗୀ, ଯୁଗ ପ୍ରବର୍ତ୍ତକ । ଏ ଦେଶର ଯେଉଁଟା ତଳି, ଯେଉଁଟା ଅସଲ, ଗାଁ ଗହଳି, ଗରିବ ମଳିମୁଣ୍ଡିଆ, ମୂକ, ନିଃସହାୟ, ସେଇଠି ତାଙ୍କ ବ୍ୟକ୍ତିତ୍ୱର ସୁଅ ପଡ଼ିଥିଲା ।

ତାଙ୍କୁ ଦେଖିଛି, ଧ୍ୟାନସ୍ଥ, ପ୍ରାର୍ଥନାବେଳେ, ମତେ ଲାଗେ ତାଙ୍କର 'ସମାଧି' ହୋଇଯାଏ । ସେ 'ଯୋଗ' ବୁଝାନ୍ତି ନାହିଁ, କରନ୍ତି । 'ଯୋଗୀ'ର ସବୁ ଲକ୍ଷଣ ତାଙ୍କଠି ଥିଲା । ସେ ଠିକ୍ 'ଚିତ୍ତବୃତ୍ତି ନିରୋଧ' କରିପାରୁଥିଲେ । ସେ 'ଅହଂ'କୁ ଛାଡ଼ିଥିଲେ, ଅପରର ହୃଦୟ ଭିତରେ ପଶି ପାରୁଥିଲେ, ପରର ଅନୁଭୂତିରୁ ଆନନ୍ଦ ଓ ଦୁଃଖ ନିଜେ ଅନୁଭବ କରୁଥିଲେ । ତାଙ୍କ ସାନ ସାନ କଥାରେ ବ୍ୟବହାରରେ ବି ଏହିପରି ଦେଖୁଥିଲି । ତାଙ୍କଠି ଅପୂର୍ବ ଯୋଗୀସୁଲଭ ଦେବୀପ୍ୟମାନ ଜ୍ୟୋତି ଥିଲା । ତେଣୁ ତାଙ୍କ ମୁହଁକୁ ଅନାଇଲେ ପବିତ୍ର ଲାଗେ, ନିରାଶ ମନରେ ଆଶା ସଞ୍ଚରେ, ଏଡ଼େ ତେଜସ୍ୱୀ ତାଙ୍କ ଆଖି, ତାଙ୍କ ଆଖିକୁ ଅନାଇ ହୁଏ ନାହିଁ ।

ସାନ ପିଲା, କୁକୁର, ଗୋରୁ, ଚଢ଼େଇ ଏମାନଙ୍କର ତାଙ୍କ ପ୍ରତି ଖୁବ୍ ସ୍ନେହ । ୧୯୫୪-୫୫ରେ ପୁରୀରେ ଆମ ବସାରେ ସାନ ହତାରେ ଥରେ ଗୋଟିଏ ବିଚିତ୍ର କଥା ଦେଖିଲି । କୋରାପୁଟ ଜିଲ୍ଲାର ଚନ୍ଦ୍ରପୁର ବଣରୁ ନେଇଥିଲି ଗୋଟିଏ 'ମାରଣା ମୂଷା' ବଡ଼ ବଣନେହୁଳ ଆକାର, ରୁମ ରୁମ, ଗୁଣ୍ଡୁଚି ମୂଷା ପରି ବ୍ୟବହାର, ସେ କୁଆଡ଼େ ସାପ ଓ ମୂଷା ମାରେ, ତା ନଖ ଖୁରଧାର । ଗୋଟିଏ ବରକୋଳି ଗଛ ତଳେ ଗୋପବାବୁ ଠିଆ ହୋଇଥାନ୍ତି, 'ମାରଣା ମୂଷା' ତାଙ୍କ ସଙ୍ଗେ ଖେଳୁଥାଏ । ତାଙ୍କ ପାଦବାଟେ ଉପରକୁ ବିଜୁଳି ବେଗରେ ଚଢ଼ିଯାଏ ଓ ତାଙ୍କ ଦାଢ଼ିରେ ମୁହଁ ଲୁଚାଏ, ତାଙ୍କ ଆଖିକି ଅନାଇଁ ରହେ, ପୁଣି ଧାଏଁ ତାଙ୍କ ଦେହେ ଦେହେ ତଳକୁ, ତାପରେ ଆର ଗୋଡ଼ବାଟେ, ତାପରେ ପିଠିଯାକ, ତାଙ୍କ ଶରୀରଟା ହୋଇଥାଏ ତା ଖେଳପଡ଼ିଆ, କିଲିକିଲି ଦୌଡ଼ି ଦୌଡ଼ି ସେ ତାଙ୍କ ଆଖିକି ଅନାଏ, ବୋଧହୁଏ ବାହାଦୁରୀ ନେଉଥାଏ । ସେ

ତାକୁ ଆଉଁସି ଦିଅନ୍ତି, ପୁଣି ଦୌଡ଼ି ଲୁଚୁକାଳି ଖେଳିବାକୁ ତା ଉତ୍ସାହ ବଢ଼େ । ଏଣେ ତା ନଖ ଆଞ୍ଚୁଡ଼ାରେ ତାଙ୍କ ପିଠି, ଛାତି, ହାତ, ଗୋଡ଼ର ଚର୍ମ ଖୁରରେ କଟା ହେଲାପରି ଫଡ଼ା ଫଡ଼ା ହୋଇ ଧାର ଧାର ରକ୍ତ ବୋହୁଥାଏ, କିନ୍ତୁ ତାଙ୍କର ଖାତିରି ନଥାଏ, ସେ ହସୁଥାନ୍ତି !

ଗୀତା ତ ସେ ପ୍ରତ୍ୟହ ପଢୁଥିଲେ, ଜଗନ୍ନାଥ ଦାଶଙ୍କ ଓଡ଼ିଆ ଭାଗବତକୁ ଖୁବ୍ ଭଲ ପାଉଥିଲେ । ସେ ନାନା ଶାସ୍ତ୍ର ପଢୁଥିଲେ ଓ ଶାସ୍ତ୍ରର ନୀତିକୁ ନିଜ ଜୀବନରେ ନିଷ୍ଠାପର ଭାବେ ଅଭ୍ୟାସ କରୁଥିଲେ । କେହି ତାଙ୍କର ଅନ୍ତରଙ୍ଗ ନ ହେଲେ ଓ ପ୍ରୟୋଜନ ନ ପଡ଼ିଲେ ସେ କାହାରି ଆଗରେ ଶାସ୍ତ୍ର ବଖାଣି ବସୁ ନ ଥିଲେ । ଆଜୀବନ ଦି'ଓଳି ପ୍ରାର୍ଥନା କରୁଥିଲେ ।

ସେ ତେଲ ଲଗାନ୍ତି ନାହିଁ, ପ୍ରସାଧନ ପାଖ ପଶନ୍ତି ନାହିଁ, କିନ୍ତୁ ତାଙ୍କ ମୁଣ୍ଡ ସବୁବେଳେ ଜିକ୍ ଜିକ୍, ତେଲ ଲଗାଇଲା ପରି । ଆଚାର୍ଯ୍ୟ ମହାଶୟଙ୍କଠୁଁ ମୁଁ ଶୁଣିଥିଲି- ଶ୍ରୀ ଅରବିନ୍ଦଙ୍କର ସେହିପରି ହେଉଥିଲା, ଶ୍ରୀ ଅରବିନ୍ଦଙ୍କ ମୁଣ୍ଡରୁ ପଦ୍ମସୁବାସ ବାହାରୁଥିଲା ।

ତାଙ୍କ ଅସମାପ୍ତ ଆତ୍ମଜୀବନୀ ପାଣ୍ଡୁଲିପିରେ ପୂଜ୍ୟ ଗୋପବାବୁ ଲେଖିଯାଇଛନ୍ତି ଯେ ସେ ସର୍ବାଙ୍ଗସନ କରୁଥିଲେ ଓ ସେ ତାହାରି ଫଳରେ ସତେଜ ରହୁଥିଲେ, ତାଙ୍କୁ କେବେ କ୍ଲାନ୍ତି ଲାଗୁ ନ ଥିଲା । ଯେଉଁଠି ଥାନ୍ତୁ, ଯେତେ କାମ କରୁଥାନ୍ତୁ, ନିଜ ସ୍ୱାସ୍ଥ୍ୟକୁ ସେ ଖୁବ୍ ଜଗୁଥିଲେ । କିନ୍ତୁ ସାଧାରଣ ଲୋକେ ଯେଉଁ ଯେଉଁ ଉପାୟରେ ସ୍ୱାସ୍ଥ୍ୟକୁ ଜଗିବାକୁ ପଡ଼େ ବୋଲି ଭାବନ୍ତି ପୂଜ୍ୟ ଗୋପବାବୁଙ୍କ ଉପାୟ ସେପରି ନ ଥିଲା । ତାଙ୍କ ଉପାୟ ତାଲିକାରେ ନ ଥିଲା ଶାରୀରିକ ପରିଶ୍ରମରୁ କ୍ଷାନ୍ତ ହେବା, ନରମ ଆରାମ ଖୋଜିବା, ନାନା ପ୍ରକାର ଦାମୀ ଖାଦ୍ୟ ଖାଇବା, ଡାକ୍ତରି ଟନିକ୍, ଭିଟାମିନ୍ ଆଦି ଡାକ୍ତରି ଔଷଧ ବା କବିରାଜି ମୋଦକ ଖାଇବା । ସେସବୁ ସେ ନାପସନ୍ଦ କରୁଥିଲେ । ତାଙ୍କ ଉପାୟଗୁଡ଼ିକ ଥିଲା ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟଜଗା ଉପାୟର ଠିକ୍ ଓଲଟା, ସେ ବିଚାରୁଥିଲେ, ଲୋକେ ଶାରୀରିକ ପରିଶ୍ରମ ନ କଲେ ସେମାନଙ୍କ ଦେହ କଦାପି ଠିକ୍ ରହିବ ନାହିଁ, ଆଳସ୍ୟ ନ ଛାଡ଼ିଲେ ଦେହ ଠିକ୍ ରହିବ ନାହିଁ, ଯାହା ପ୍ରକୃତିର ଅକୁଣ୍ଠିତ ଦାନ- ମାଟି, ପାଣି, ପବନ, ଯାହା ହାତପାଆନ୍ତିରେ ମିଳେ, ଯାହା ସଂସାରରେ ସରଳତମ ଉପାଦାନ, ଯେପରି ଗଛର ପତ୍ର, ଚାଷୀ ବାଡ଼ିର ଫଳ, ସାଧାରଣ ଫସଲ, ମନୁଷ୍ୟର ଦେହ ପାଇଁ ଉତ୍କୃଷ୍ଟ ଉପାଦାନ କେବଳ ସେହିସବୁ, କିନ୍ତୁ ତାକୁ ବି ନିଜ ଦେହକୁ ନିଜେ ପରୀକ୍ଷା କରି ଅଭିଜ୍ଞତା ଅର୍ଜନ କରି ଦେହରେ ଚଳାଇବାକୁ ପଡ଼ିବ, କେତେବେଳେ କେଉଁଟା ଖାଇବ, କେତେ ପରିମାଣରେ କ'ଣ ଖାଇବ, କେତେବେଳେ ଉପାସ କରିବ । ରାତି ୩ଟାରୁ ନିଦରୁ ଉଠିବା, ନିଜର ସବୁ କାମ, ବାସନମଜା, ଘରଓଳିଆ ଧୁଆ, ଲୁଗା କଚା ପର୍ଯ୍ୟନ୍ତ, ପୁଣି ପର କାମ ଏସବୁ କରିବା, ଶରୀର ଓ ମନ ଉଭୟକୁ କାମରେ ଲଗାଇବା, ଦିନକୁ ତିନିଥର ଗାଧୋଇବା, ଅସୁସ୍ଥ ଲାଗିଲେ ପାଣି ଟବ୍‌ରେ ବସି 'ନାଭି ସ୍ନାନ' କରିବା, ମୁଣ୍ଡରେ ଦେହରେ ପାଣି ପଟି, ପେଟ ଉପରେ କାଦୁଅ ପଟି ଦେବା, ନାନା ଉପାୟ,

ସେସବୁ ତାଙ୍କ ଭାଷାରେ "ପ୍ରାକୃତିକ ଚିକିତ୍ସା"- ଡାକ୍ତରି ଔଷଧ ଖାଆନ୍ତି ନାହିଁ। ଶୋଇବାକୁ ତାଙ୍କ ଶଯ୍ୟା ଘର ଚଟାଣ ପରି କଠିନ ଓ ଏକ ସମତଳ ପତ୍ତନ, ତା ଉପରେ ଶେଯ କି ଗଦି ନ ଥାଏ, ପଡ଼େ ଖଣ୍ଡେ ପତ୍ତରେ ବୁଣା ଚଟେଇ। ତାଙ୍କ ପ୍ରାତଃଭୋଜନ ଖୁବ୍ ସକାଳୁ ପଖାଳ, ତା ସହିତ କିଛି, ଶାଗ ଖରଡ଼ା, ମିଳିଲେ ବଡ଼ି। ପଖାଳ ନ ମିଳିଲେ ଚୁଡ଼ା ଗୁଡ଼। 'ଭାତ' ଖାଇବାବେଳେ ସେ ଖାଉଥିଲେ ଢିଙ୍କିକୁଟା ବଗଡ଼ା ଚାଉଳର ଭାତ, ତା ସହିତ କୌଣସି ଗୋଟିଏ 'ସାଧା' ତରକାରୀ, ଯେଉଁ ପରିବା ସହଜରେ ମିଳିଗଲା ସେତିକି। ସବୁ ଖାଲି ସିଝା ହେବ, ତହିଁରେ ମସଲା ଦିଆଯିବ ନାହିଁ, ଘିଅ ତେଲ ପଡ଼ିବ ନାହିଁ, ମିଳିଲେ କିଛି ନଡ଼ିଆକୋରା ପଡ଼ିବ, ସେ ଭାବୁଥିଲେ ସ୍ୱାସ୍ଥ୍ୟପାଇଁ ତାହା ଖୁବ୍ ଭଲ, "ସେଥିରେ ସବୁ ଅଛି।" ସେ ଭାତ ବଦଳରେ ଯଦି ରୁଟି ଖାଆନ୍ତି ସେ ହୁଏ ହାତପେଷା ଗହମର ରୁଟି, ବଜାର ଅଟା ନୁହେଁ କି ମଇଦାରେ ତିଆରି ନୁହେଁ। ତାଙ୍କ ଭୋଜନ ଲାଗି 'ଏଇଟା ନ ହେଲେ ନ ଚଳେ' ଏପରି ନ ଥିଲା। ଭାତ ନ ମିଳୁ, ମାଣ୍ଡିଆ, ସୁଆଁ, କୋଳଥ, ଯାହା ମିଳିବ ସେହି ତାଙ୍କର ଖାଦ୍ୟ। କେଉଁଦିନ ଖାଲି ମୁଢ଼ି ଖାଇ 'ଭୋଜନ' ସାରୁଥିଲେ, କେବେ ଅବା ଖାଲି 'ଚିନାବାଦାମ'। ସାଧାରଣ ଚାଷୀ ଗାଁର ଗଛ ଲଗାଇ ଆମଦାନୀ କରେ ପିଜୁଳି, କାକୁଡ଼ି, ଆମ୍ବ, ମକା। ଚାଷୀମାନେ ପଛେ ଲଗାଇଲେ ବିଲାତି ବାଇଗଣ, ଅମୃତଭଣ୍ଡା, ଆତ, ଟଭା, ଡାଳିମ୍ବ, ଆଖୁ, ଗୁଡ଼। ଗୋପବାବୁ ଭାବୁଥିଲେ ଆଖୁ, ଗୁଡ଼- ଖାଦ୍ୟ ପାଇଁ ତାହା ହିଁ ଉପାଦେୟ, ଦେହ ପାଇଁ ଖୁବ୍ ପୁଷ୍ଟିକର- ସେଓ, ନାସ୍‌ପାତି, ଅଙ୍ଗୁର ଆଦି ଦାମୀ ବିଦେଶୀ ଫଳ ଦରକାର ନାହିଁ। ଯାହା ସାଧାରଣ ଗରିବ ଲୋକ ଖାଇବାକୁ ନ ପାଏ ସେ ସେଭଳି ଖାଦ୍ୟପଦାର୍ଥକୁ ବର୍ଜନ କରୁଥିଲେ। ପିଲାଦିନୁଁ ସେ ବହୁତ ଖୁବ୍ ରସଗୋଲା ଓ ଅନ୍ୟାନ୍ୟ ମିଠେଇ ଖାଉଥିଲେ, ମାଂସ ଖାଉଥିଲେ, କିନ୍ତୁ ଏକ ପ୍ରକାର ନୂଆ ଜନ୍ମ ନେଇ 'ଦ୍ୱିଜ' ହୋଇ ନୂଆ ପ୍ରକାରେ ଜୀବନଯାପନ କଲାପରେ ସେସବୁ ଖାଦ୍ୟକୁ ସେ ବର୍ଜନ କରିଥିଲେ ଓ ସମ୍ପୂର୍ଣ୍ଣ ନିରାମିଷାଶୀ ହୋଇଥିଲେ। ସେ ଚିନି ଖାଇବା ଛାଡ଼ିଦେଲେ, ତା ପରିବର୍ତ୍ତେ 'ଗୁଡ଼' ଖାଇଲେ। ତାଙ୍କ ରୁଚିକୁ ସୁଆଦିଆ ଖାଦ୍ୟ ହୋଇଥିଲା ଓଡ଼ିଆ ଘରର ପିଠାପଣା। ଖାଇବାକୁ ସେସବୁ କିଛି ନ ମିଳିଲେ ବି ତାଙ୍କର ଚିନ୍ତା ନ ଥିଲା, 'ଖଡ଼ା-ବଡ଼ି-ଥୋଡ଼'ରେ ସେ ପରମତୃପ୍ତି ପାଉଥିଲେ।

ଖାଲି ଦେହ, ଖାଲି ପାଦ, ସାନ ଖଦୀ ଖଣ୍ଡେ ପିନ୍ଧା, ମୁଣ୍ଡରେ କେତେବେଳେ ଠେକା, ହାତରେ ବାଡ଼ି, ପିଠିରେ ନିଜ ଜିନିଷ ବନ୍ଧା ହୋଇ ବୁଜୁଳା, ବସିବା ପାଇଁ ସାନ ଚଟେଇଟି, କାନ୍ଧରୁ ଝୁଲୁଥିବ ନଲ୍‌ଟଣ, ଲୋଟା, ମୁଣି, ଝାଳ ଗମ୍ ଗମ୍ ବୋହୁଥିବ, ମୁହଁରେ ଭାଲୁ ପରି ବହଳ ନିଶ ଦାଢ଼ି, - ଚାଲିଥିବେ ଗୋପବନ୍ଧୁ ଚୌଧୁରୀ, -ଆଶାର ପ୍ରତୀକ, ଶାନ୍ତିର ଦୂତ।

ଆପଣା ପରିବାର ପ୍ରତି ସେ ଅତ୍ୟନ୍ତ ସ୍ନେହୀ, କିନ୍ତୁ ସେ ସ୍ନେହରେ ସେ ବନ୍ଧା

ନ ଥିଲେ, ପର ପ୍ରତି ସ୍ନେହ ତ ତାଙ୍କଠି ସହଜାତ, ସମସ୍ତେ ତାଙ୍କର ପ୍ରିୟ, ପର ଆପଣା ନାହିଁ। ଜାଣିହେବ ନାହିଁ, ବରୀ ଆଶ୍ରମରେ କି ବିଶାଳ କର୍ମୀ ସଂସ୍ଥା ଭିତରେ, କେଉଁ ପୁରୁଷ କେଉଁ ସ୍ତ୍ରୀଲୋକ, ସାନ ପିଲା କି ବୁଢ଼ା, ଜାତିଧର୍ମ ନିର୍ବିଶେଷରେ, - ତାଙ୍କ ଆପଣା ଜନ୍ମଗତ ପରିବାରର ଜଣେ ନୁହେଁ ବୋଲି, ସମସ୍ତେ ତାଙ୍କ ପ୍ରତି, ସମସ୍ତଙ୍କ ପ୍ରତି ସେ, -ନିଜର ଆପଣାର ଲୋକ, ବାପ, ଭାଇ, ଭଉଣୀ, ପୁଅ କି ଝିଅ, -ତାଙ୍କ ପୁଅ 'ବୁଲୁ'ଠୁଁ ଝିଅ 'ଚୁନୀ'ଠୁଁ ସେହି ଅନ୍ୟମାନଙ୍କ ପ୍ରତି ତାଙ୍କ ବ୍ୟବହାର ଆଦୌ ଭିନେ ବୋଲି ବାରିହେବ ନାହିଁ। ଗାଁ ଗାଁକେ ବି ସେଇଆ। କେଉଁ କର୍ମୀ କି ଆଶ୍ରମର କେହି ବେମାର ପଡ଼ିଲେ ସେ ଓ ରମାଦେବୀ ସେବାରେ ଲାଗି ରହନ୍ତି। ସେ ନିଜେ ଗୋଡ଼ ଘଷନ୍ତି, ଅନ୍ୟଠି ରୋଗୀସେବା ବେଳେ ବି ସେହିପରି।

ସେ କେଉଁ ସ୍ତରର ଲୋକ! କିନ୍ତୁ ସବୁ ବୟସର ସବୁ ଶ୍ରେଣୀର ଲୋକେ ସତେକି ତାଙ୍କ ସାଙ୍ଗସରିସା, -କାନ୍ଧକୁ କାନ୍ଧ, ସମସ୍ତିଙ୍କ ସଙ୍ଗେ ତାଙ୍କର ଦୁଃଖ ସୁଖ, ସମସ୍ତିଙ୍କ ସଙ୍ଗେ ଥଟ୍ଟା ନକଲ, କାହାରି ପାଖରେ ସେ କୁଣିଆ ପରି ହେବାର ଦେଖାଯାଏ ନାହିଁ। ଅନ୍ୟକୁ ହସେଇ ଦେଇପାରନ୍ତି ସେ ପଦେ ପଦେକେ, ନିଜେ ଅଳ୍ପ କଥା କହିଦେଇ ନିଜେ ନ ହସି ଶୁଣାଳିକୁ ହସାନ୍ତି। ସାନ ପିଲାଙ୍କୁ ଦେଖିଲେ ସେ ସେମାନଙ୍କ ବିଷୟରେ ଖୁବ୍ କୁତୂହଳୀ ହୁଅନ୍ତି, ତାଙ୍କ ସଙ୍ଗେ ମିଶିଯାଆନ୍ତି, ସଙ୍ଗେ ସଙ୍ଗେ ସେମାନଙ୍କ ମନକୁ ଓଟାରି ନିଅନ୍ତି। ପିଲାଙ୍କ ସଙ୍ଗେ ମିଶିଲାବେଳେ ତହିଁରେ ତାଙ୍କର କେତେ ବେଳ ଗଲା ସେ ଭାବନ୍ତି ନାହିଁ କି ତାଙ୍କ ଧୈର୍ଯ୍ୟର ସୀମା ନ ଥାଏ। ତାଙ୍କ ସଙ୍ଗେ ସେ ଗପନ୍ତି, ସେମାନଙ୍କୁ ଖେଳାନ୍ତି। ପିଲାଙ୍କ ହୁମ୍‌ଦୁମ୍ ଭିତରେ ସେ ଭଣ୍ଡୁଥାନ୍ତି ପ୍ରତ୍ୟେକ ପିଲାକୁ ବୁଝିବାକୁ, ଚିହ୍ନିବାକୁ କେଉଁବାଟେ ତା ମନକୁ ଛୁଇଁପାରିଲେ ତାର ବିକାଶ ହେବ ସେହିଆ ସେ ଭାବୁଥାନ୍ତି, ସେହି ଲକ୍ଷ୍ୟ ରଖି ଚେଷ୍ଟା କରୁଥାନ୍ତି, ପ୍ରତି ପିଲାଠି ଥିବା ବିଶିଷ୍ଟ ଶକ୍ତିକୁ ଖେଳରେ ଖେଳରେ ପଦାକୁ କାଢୁଥାନ୍ତି। ପିଲାଟି ଯେଡ଼େ 'ଦୁଷ୍ଟ', 'ଦୁର୍ଦ୍ଦାନ୍ତ' ତା ପ୍ରତି ଗୋପବାବୁ ସେଡ଼ିକି ଖୁସି, କାରଣ ସେ ଭାବୁଥିଲେ, "ତାଠି କିଛି ଶକ୍ତି ଅଛି, ସେ ପିଲା ମାନ୍ଦା ନୁହେଁ, ସାଧାରଣ ନୁହେଁ, ସେ କେବେ ପିଲାଙ୍କୁ ଆକଟନ୍ତି ନାହିଁ, ରୋକନ୍ତି ନାହିଁ, ଗାଳି ଦିଅନ୍ତି ନାହିଁ, ଡରାନ୍ତି ନାହିଁ, ପିଲା ଯାହା କରୁ ପଛେ, ଯେତେ ଜିନିଷ ନଷ୍ଟକରୁ ପଛେ। ସେହିପରି କେତେ ପିଲା ତାଙ୍କ ସଂସ୍ପର୍ଶରେ ଆସି ମଣିଷ ହୋଇଛନ୍ତି।


ପୂଜ୍ୟ ଗୋପବାବୁ ଆଶାୟୀ, ସରଳ ଓ ସରଳବିଶ୍ୱାସୀ ମଣିଷଟିଏ ଥିଲେ ସବୁଦିନେ। କୌଣସି ସଂସ୍ଥା ଚଳାଇଲାବେଳେ କାମ କରିବା ଲୋକଙ୍କ ଉପରେ, ସାଧାରଣ ସେବା କ୍ଷେତ୍ରରେ କର୍ମୀଙ୍କ ଉପରେ ତାଙ୍କର ଅଟଳ ବିଶ୍ୱାସ ରହୁଥିଲା, ସେ ସନ୍ଦେହୀ ନ ଥିଲେ। ସେ ଅନ୍ତର ଭିତରୁ ବିଶ୍ୱାସ କରୁଥିଲେ, "ସବୁ ମଣିଷଠି ଭଗବାନ ଅଛନ୍ତି, ବିବେକ ଅଛି, ଭଲପଣ ଅଛି।"

ତେଣୁ ସେ ଥିଲେ ମଣିଷ ସମାଜ ଭିତରେ ଜଣେ ଶକ୍ତିଶାଳୀ ଚୁମ୍ବକ, ଲୋକେ

ସହଜେ ତାଙ୍କ ପାଖକୁ ଓଟାରି ହୋଇ ଆସୁଥିଲେ । ଦି'ପଦ ଘରୋଇ କଥାଭାଷାରେ ସେମାନେ ଆକୃଷ୍ଟ ହେଉଥିଲେ । ତାଙ୍କ କଥାଭାଷା ଅତି ସହଜ, ସୁମିଷ୍ଟ, ସରଳ, ନିଷ୍କପଟ, ଆନ୍ତରିକ, ତହିଁରେ ତାଙ୍କଠି ନ ଥିଲା ନିଜ ବିଦ୍‌ବତ୍ତା ପ୍ରଚାର-ଜ୍ଞାନ କି ଅଭିଜ୍ଞତା କି ଅନ୍ୟ କିଛି ମହତ୍‌ଗୁଣର ବିଜ୍ଞାପନ । ସେ ଅତି ବିନୟୀ, ସୌଜନ୍ୟପୂର୍ଣ୍ଣ ଅମାୟିକ ବ୍ୟକ୍ତି, ହୃଦ ଚିହ୍ନନ୍ତି, ଦୁଃଖ ବୁଝନ୍ତି । ତାଙ୍କ ସଙ୍ଗେ କଥାଭାଷା ହେବାମାତ୍ରେ ଜଣେ ଭାବିବ "ଯେ ମୋର ଖାଲି ଚିହ୍ନା ଲୋକ ନୁହନ୍ତି, ଯେ ମୋ ଆପଣାର ଲୋକ ।" ଗୋପବାବୁ ନିଜେ, ସମ୍ପୂର୍ଣ୍ଣ ନିରହଂକାର, ଖୋଲା ମଣିଷଟିଏ, ନିରୀହ, ନିରାଡମ୍ବର । କିନ୍ତୁ ତାଙ୍କର ସାଧାରଣ ବ୍ୟବହାର ମାମୁଲି କଥା ବି ଅପର ବ୍ୟକ୍ତି ପକ୍ଷରେ ଶିକ୍ଷଣୀୟ ।

ଜନୈକ ଯୁବକ ଶ୍ରୀ ନିମାଇଁ ଚରଣ ସାହୁ ତାଙ୍କୁ ପ୍ରଥମ ଥର ଦେଖିବାକୁ ବରୀ ଯାଇଥିଲେ । ଗୋପବାବୁ କିପରି ଲୋକ ହୋଇଥିବେ ସେ ବିଷୟରେ ତାଙ୍କ ମନରେ କେତେ ବଡ଼ ବଡ଼ ଧାରଣା ଥାଏ, ମନ ଭିତରେ ତାଙ୍କର ସେ ଗୋଟିଏ ଭାବମୂର୍ତ୍ତି ଗଢ଼ି ରଖିଥାନ୍ତି, "ଏତେ ବଡ଼ ଲୋକ ! ଦେଖିଲେ ମାଡ଼ି ପଡ଼ିବ ।" ବରୀ ଆଶ୍ରମକୁ ବାଟ ଖୋଜୁଛନ୍ତି, ପଚାରୁଛନ୍ତି, ଖରାବେଳ । ଦେଖିଲେ ଜଣେ ଚାଷୀ କି ମୂଲିଆ ଗୋଟିଏ କ୍ଷେତରେ ପିଆଜ ଲଗାଉଛି । ନିମାଇଁବାବୁ ପଚାରିଲେ, "ଏଠି ଗୋପବନ୍ଧୁ ଚୌଧୁରୀ କେଉଁଠି ରହନ୍ତି କହିଦେଲ ! ମୁଁ ତାଙ୍କରି ପାଖକୁ ଯାଉଛି ।" ଚାଷୀଟି ଉତ୍ତର ଦେଲା, "ଗୋପବନ୍ଧୁ ଚୌଧୁରୀ ! ଏଠି ସେମିତି ତ କୌଣସି ଲୋକ ନାହିଁ । ଏଠି ଅଛି ଗୋପିଆ ଚଷା, ମୋରି ନାଁ ସେ ।" କହିଦେଇ ଚଷାଟି ହସିଦେଲା । ସେହି ଥିଲେ ଧୂଳିମାଟିର ସନ୍ଥ, କର୍ମବୀର, ସମ୍ୟକ୍‌ପ୍ରାଜ୍ଞ, ପୂଜ୍ୟ ଗୋପବନ୍ଧୁ ଚୌଧୁରୀ । .....

❐



ପ୍ରକାଶ ପାଇଛି

ଡ. କ୍ଷୀରୋଦ କୁମାର ସାମଲଙ୍କ

ପୁସ୍ତକ

ବିହିତ ବିଚାର

ଓଡ଼ିଶାର ପୂର୍ଣ୍ଣାଙ୍ଗ ଇତିହାସ ସଙ୍କଳନ



ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର

ମୋ. ୮୮୯୫୨ ୩୦୭୨୨

“ ପ୍ୟାରୀମୋହନ ଆଚାର୍ଯ୍ୟ ପ୍ରଭୃତି କେତେଜଣ ଓଡ଼ିଆ ଇତିହାସ ଲେଖିବାର ସାଧୁ ପ୍ରଚେଷ୍ଟା କରିଥିଲେ ହେଁ ଯଥେଷ୍ଟ ଐତିହାସିକ ଉପାଦାନ ପାଇପାରିନଥିଲେ । ଆଧୁନିକ ରୀତିରେ ଓଡ଼ିଶାର ରଚନା ଲେଖିବାର ପ୍ରଥମ ଚେଷ୍ଟା କରିଥିଲେ ରାଖାଲ ଦାସ ବାନାର୍ଜୀ । ଏହାପରେ ପଣ୍ଡିତ କୃପାସିନ୍ଧୁ ମିଶ୍ର ଓ ଡକ୍ଟର ହରେକୃଷ୍ଣ ମହତାବ ଗବେଷଣାମୂଳକ ଇତିହାସ ପ୍ରଣୟନ କରିଥିଲେ । ”

ବୈଦିକ ଯୁଗରେ ଓଡ଼ିଶା ଭୂଖଣ୍ଡ କଳିଙ୍ଗଦେଶ ନାମରେ ସୁବିଦିତ ଥିଲା । ବୈଦିକ ଯୁଗ ପରେ ଉତ୍ତର, ପଶ୍ଚିମ ଓ ମଧ୍ୟଭାରତ ଷୋହଳ ଗୋଟି ଜନପଦରେ ବିଭକ୍ତ ହୋଇଯାଇଥିଲେ ହେଁ କଳିଙ୍ଗ ଏକ ବିଶାଳ ସାମ୍ରାଜ୍ୟ ହୋଇ ରହିଥିଲା । ସଂସ୍କୃତି ମହାଭାରତରୁ ପ୍ରମାଣ ମିଳେ ଯେ ରାଜପୁରୀ ପ୍ରାଚୀନ କଳିଙ୍ଗର ରାଜଧାନୀ ଥିଲା ଏବଂ କଳିଙ୍ଗରାଜ ଶ୍ରୁତାୟୁ ଆପଣାର ତିନିପୁତ୍ର ଭାନୁମାନ, କେତୁମାନ ଓ ଶୁକ୍ରଦେବଙ୍କ ସହ ମହାଭାରତ ଯୁଦ୍ଧରେ କୌରବଙ୍କ ପକ୍ଷରେ ଯୋଗ ଦେଇଥିଲେ । ଭୀମଙ୍କ ସହ ଶ୍ରୁତାୟୁଙ୍କର ଜଗତ୍‌କ୍ଷୟକାରୀ ଯୁଦ୍ଧ ହୋଇଥିବାର ବର୍ଣ୍ଣନା ମଧ୍ୟ ମହାଭାରତରେ ରହିଛି । ସେହି ମହାଭାରତ ଯୁଦ୍ଧରେ ଉତ୍କଳର ରାଜା ସ୍ୱସୈନ୍ୟ ସାମନ୍ତଙ୍କ ସହ ପାଣ୍ଡବଙ୍କ

ପକ୍ଷରେ ଯୋଗ ଦେଇଥିଲେ । ଏଥିରୁ ପ୍ରମାଣିତ ହୁଏ କଳିଙ୍ଗ ଓ ଉତ୍କଳ ଦୁଇଗୋଟି ଭିନ୍ନ ରାଜ୍ୟ ଥିଲେ । ପୁରାଣ ସାହିତ୍ୟରେ କଳିଙ୍ଗ, କୋଶଳ ଓ ଉତ୍କଳ ପ୍ରଭୃତି ରାଜ୍ୟ ଭିନ୍ନ ଭିନ୍ନ ଭାବରେ ସ୍ୱତନ୍ତ୍ରରାଜ୍ୟ ରୂପରେ ପରିଦୃଷ୍ଟ ତଥା ଏହି ରାଜ୍ୟଗୁଡ଼ିକର ଉତ୍ପତ୍ତି ସମ୍ପର୍କରେ ବିଭିନ୍ନ ଆଖ୍ୟାୟିକା ବର୍ଣ୍ଣିତ । ପୁରାଣରେ ବର୍ଣ୍ଣନା ରହିଛି ଯେ, ବଳୀ ରାଜାଙ୍କ ପତ୍ନୀ ସୁଦେଷ୍ଣାଙ୍କ ଗର୍ଭରୁ ଦୀର୍ଘତମାଋଷିଙ୍କ ଔରସରେ ପାଞ୍ଚଗୋଟି ପୁତ୍ର ଜନ୍ମ ନେଇଥିଲେ । ସେହି ପାଞ୍ଚପୁତ୍ରଙ୍କ ନାମ ହେଉଛି ଅଙ୍ଗ, ବଙ୍ଗ, କଳିଙ୍ଗ, ପୁଣ୍ଡ୍ର ଓ ସୁହ୍ମ । ଏହି ପାଞ୍ଚଗୋଟି ପୁତ୍ର ଯେଉଁ ଯେଉଁ ଅଞ୍ଚଳରେ ରାଜତ୍ୱ କଲେ ସେହି ଅଞ୍ଚଳ ସେମାନଙ୍କ ନାମରେ ନାମିତ ହେଲା । ସେହି ପାଞ୍ଚଜଣ ହିଁ ଅଙ୍ଗ, ବଙ୍ଗ, କଳିଙ୍ଗ, ପୁଣ୍ଡ୍ର ଓ ସୁହ୍ମ ରାଜ୍ୟର ପ୍ରତିଷ୍ଠାତା । ଏଥିରୁ ଉପଲବ୍ଧ ହୁଏ, ବୈଦିକ ଯୁଗରେ ଏହି ପାଞ୍ଚଗୋଟି ରାଜ୍ୟ ବିଶାଳ କଳିଙ୍ଗ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିଲା । ମତ୍ସ୍ୟ ଓ ବାୟୁ ପୁରାଣରେ ବର୍ଣ୍ଣନା ରହିଛି ଯେ, ବୁଧଙ୍କ ପୁତ୍ର ପୁରୁରବା ଓ ଇଳାଙ୍କ ସଂଯୋଗରେ କଳିଙ୍ଗ ଜନ୍ମ ନେଇ କଳିଙ୍ଗ ରାଜ୍ୟ ପ୍ରତିଷ୍ଠା କରିଥିଲେ । ଅନ୍ୟ ଏକ ଆଖ୍ୟାୟିକାରେ ବର୍ଣ୍ଣନା କରାଯାଇଛି ଯେ କଳିଙ୍ଗ ରାଜ୍ୟର ପ୍ରତିଷ୍ଠାତା କଳିଙ୍ଗ ମହାରାଜ, ପ୍ରତିଷ୍ଠାନ ପୁର ବା ଏଲାହବାଦର ରାଜା ଜିଦିକ୍ଷୁଙ୍କର ବଂଶଧର ଥିଲେ । ପଦ୍ମପୁରାଣରେ ଉଲ୍ଲେଖ ଅଛି ଯେ, ବେଣ ରାଜାଙ୍କ ପୁଅ ପୃଥୁ କଳିଙ୍ଗ ରାଜ୍ୟକୁ ଚାରଣମାନଙ୍କୁ ଦାନ ଦେଇଥିଲେ । ଉତ୍କଳ ରାଜ୍ୟରେ ସୌଦ୍ୟୁମ୍ନମାନେ ରାଜତ୍ୱ କରୁଥିଲେ । ପୁରାଣର ଅନ୍ୟ ଆଖ୍ୟାୟିକାମାନଙ୍କରେ ବର୍ଣ୍ଣନା ରହିଛି ଯେ, ମନୁଙ୍କ ଦଶ ପୁତ୍ରମାନଙ୍କ ମଧ୍ୟରୁ ଇଳା ପାର୍ବତୀଙ୍କ ଅଭିଶାପରେ ସ୍ତ୍ରୀ ହୋଇଯାଇଥିଲେ । ସେହି ଅବସ୍ଥାରେ ଚନ୍ଦ୍ରଙ୍କ ପୁତ୍ର ବୁଧଙ୍କ ଔରସରୁ ପୁରୁରବାଙ୍କୁ ଜନ୍ମ ଦେଲେ । ପରବର୍ତ୍ତୀ କାଳରେ ଶିବଙ୍କ ଆଶୀର୍ବାଦରୁ ଇଳା ପୁରୁଷହୋଇ ସୁଦ୍ୟୁମ୍ନ ନାମେ ପରିଚିତ ହେଲେ । ସେହି ସୁଦ୍ୟୁମ୍ନଙ୍କର ତିନିପୁତ୍ର ହେଉଛନ୍ତି ଉତ୍କଳ, ଗୟା ଓ ହରିତାଶ୍ୱ । ଉତ୍କଳଙ୍କ ନାମାନୁସାରେ ରାଜ୍ୟର ନାମ ଉତ୍କଳ ହେଲା ଏବଂ ସେଠାରେ ସୁଦ୍ୟୁମ୍ନଙ୍କ ବଂଶଧର ସୌଦ୍ୟୁମ୍ନମାନେ ରାଜତ୍ୱ କଲେ । ମହାଭାରତ, ରାମାୟଣ ଓ ବିଭିନ୍ନ ପୁରାଣମାନଙ୍କରେ କଳିଙ୍ଗ, ଉତ୍କଳ, ଓଡ୍ର ଓ କୋଶଳ ସମ୍ପର୍କରେ ଭିନ୍ନ ଭିନ୍ନ ପ୍ରସଙ୍ଗ ଅବତାରଣା କରାଯାଇଥିଲେ ମଧ୍ୟ ଐତିହାସିକମାନେ ସେହି ସବୁ ପ୍ରସଙ୍ଗକୁ ଇତିହାସ ଭାବରେ ଗ୍ରହଣ କରିନାହାନ୍ତି ।

ଆରବ ସାଗର ବକ୍ଷରୁ ସ୍ୱଧ୍ୱଂସ ଦ୍ୱାରକା ନଗରୀର ପ୍ରତ୍ନଅବଶେଷ ଉଦ୍ଧାର କରାଯାଇ ସେହିସବୁ ପ୍ରତ୍ନବିଭବର ବୈଜ୍ଞାନିକ ପଦ୍ଧତିରେ ପରୀକ୍ଷଣ କରାଯାଇଛି, ଯହିଁରୁ ଉପଲବ୍ଧ ହୁଏ ଆଜିକୁ ପାଞ୍ଚ ହଜାର ବର୍ଷ ପୂର୍ବେ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ୩୦୦୦ ପୂର୍ବରୁ ଦ୍ୱାରକା ନଗରୀର ଅବସ୍ଥିତି ଥିଲା । କିନ୍ତୁ ଖ୍ରୀଷ୍ଟପୂର୍ବ ୩୦୦୦ରୁ ଜୈନ ଓ ବୌଦ୍ଧ ଯୁଗ ପର୍ଯ୍ୟନ୍ତ କଳିଙ୍ଗର ଇତିହାସ ସଠିକ୍ ଭାବରେ ନିର୍ଣ୍ଣୟ କରାଯାଇପାରି ନାହିଁ । ଜୈନଧର୍ମର ଶେଷତୀର୍ଥଙ୍କର ମହାବୀର ବର୍ଦ୍ଧମାନ ଖ୍ରୀଷ୍ଟପୂର୍ବ ଷଷ୍ଠଶତାବ୍ଦୀରେ କଳିଙ୍ଗରେ ଜୈନଧର୍ମ

ପ୍ରଚାର କରିଥିବା ପ୍ରସଙ୍ଗ ଜୈନଶାସ୍ତ୍ରରେ ଉଲ୍ଲେଖ ଥିଲେ ହେଁ ସେହି ସମୟରେ ଓଡ଼ିଶାରେ କିଏ ରାଜତ୍ୱ କରୁଥିଲେ ତାହା ନିର୍ଣ୍ଣୟ କରାଯାଇ ପାରିନାହିଁ । ବୌଦ୍ଧଗ୍ରନ୍ଥରୁ ଜଣାଯାଏ, ସେହି ଖ୍ରୀଷ୍ଟପୂର୍ବ ଷଷ୍ଠଶତାବ୍ଦୀରେ ଓଡ଼ିଶାର ତପସୁ ଓ ଉତ୍କଳ ନାମଧାରୀ ଦୁଇଜଣ ବ୍ୟବସାୟୀ ଶଗଡ଼ରେ ପଣ୍ୟଦ୍ରବ୍ୟ ବହନ କରି ମଧ୍ୟଦେଶକୁ ବ୍ୟବସାୟ କରିବାକୁ ଯାଉଥିବା ସମୟରେ ଗୟା ନିକଟ ଭରୁବେଳା ବା ବୁଦ୍ଧ ଗୟାଠାରେ ସଦ୍ୟସମ୍ବୋଧି ପ୍ରାପ୍ତ ବୁଦ୍ଧଦେବଙ୍କ ଦର୍ଶନ କରିବାର ସୌଭାଗ୍ୟ ଲାଭ କରିଥିଲେ । ସେମାନେ ବୁଦ୍ଧଦେବଙ୍କ ଶିଷତ୍ୱ ଗ୍ରହଣ ପୂର୍ବକ ତାଙ୍କ ଠାରୁ ନଖ ଓ କେଶ ଆଣି ଜାରକା ନିକଟ ତାରାପୁର ପାହାଡ଼ରେ ବିଶ୍ୱର ପ୍ରଥମ ବୌଦ୍ଧସ୍ତୂପ ବା କେଶସ୍ତୂପ ନିର୍ମାଣ କରିଥିଲେ । ସେହି କେଶସ୍ତୂପ ଅଦ୍ୟାବଧି ବିଦ୍ୟମାନ । ସେହି ସମୟରେ ଓଡ଼ିଶା ଏକ ବାଣିଜ୍ୟ ସମୃଦ୍ଧ ଭୂଖଣ୍ଡ ଥିବାର ଜଣାଯାଉଥିଲେ ହେଁ ତତ୍କାଳୀନ ଓଡ଼ିଶାର ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ଚିତ୍ର ଅଦ୍ୟାବଧି ଅନୁପଲବ୍ଧ । ଖ୍ରୀଷ୍ଟପୂର୍ବ ଚତୁର୍ଥ ଓ ତୃତୀୟ ଶତାବ୍ଦୀରେ ମଗଧରେ ରାଜତ୍ୱ କରୁଥିବା ନନ୍ଦବଂଶର ଇତିହାସ ମିଳୁଥିଲେ ହେଁ ଓଡ଼ିଶାର ସେହି ସମୟର ସମ୍ପୂର୍ଣ୍ଣ ଇତିହାସ ଲୋକ ଲୋଚନକୁ ଆସିପାରି ନାହିଁ । ଖଣ୍ଡଗିରି ହାତୀଗୁମ୍ଫା ଶିଳାଲେଖରୁ ଜଣାଯାଏ ନନ୍ଦ ରାଜାଙ୍କ ଦ୍ୱାରା କଳିଙ୍ଗ ବିନିତ ହୋଇଥିଲା । କିନ୍ତୁ କଳିଙ୍ଗର ତତ୍କାଳୀନ ରାଜାଙ୍କ ନାମ ଜଣାପଡ଼ିନାହିଁ । ମୌର୍ଯ୍ୟ ବଂଶର ପ୍ରତିଷ୍ଠାତା ଚନ୍ଦ୍ରଗୁପ୍ତ ସମଗ୍ର ଭାରତବର୍ଷ ଅଧିକାର କରିଥିଲେ ମଧ୍ୟ ଓଡ଼ିଶାର ବୃହତ୍ ସାମରିକ ଶକ୍ତି ଦେଖି ଓଡ଼ିଶା ଆକ୍ରମଣ କରିବାକୁ ସାହସ କରି ନ ଥିଲେ । ଖ୍ରୀଷ୍ଟପୂର୍ବ ୨୬୧ରେ ଅଶୋକ କଳିଙ୍ଗ ଆକ୍ରମଣ କରିଥିଲେ । କଳିଙ୍ଗ ଯୁଦ୍ଧକୁ ବିଶ୍ୱ ଇତିହାସର ଏକ ବିରଳ ମହାସମର କୁହାଯାଉଥିଲେ ହେଁ ସେତେବେଳର କଳିଙ୍ଗ ରାଜାଙ୍କ ନାମ ଅଜ୍ଞାତ । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ସମ୍ରାଟ ଖାରବେଳ କଳିଙ୍ଗ ସିଂହାସନ ଆରୋହଣ ପୂର୍ବକ ମଗଧ ବିଜୟ କରି ଓଡ଼ିଶାର ହୃତଗୌରବ ଫେରାଇ ଆଣିଥିଲେ । ଖାରବେଳ ଉତ୍ତୀର୍ଣ୍ଣ କରାଇଥିବା ହାତୀଗୁମ୍ଫା ଶିଳାଲେଖକୁ ଐତିହାସିକ ବୃନ୍ଦ କ୍ରମବିବର୍ତ୍ତିତ ଘଟଣାବଳୀର ପ୍ରାମାଣିକ ଆଲେଖ୍ୟ ଭାବରେ ଗ୍ରହଣ କରିଥିଲେ ହେଁ ତାଙ୍କର ପୂର୍ବପୁରୁଷ ଓ ଉତ୍ତର ପୁରୁଷଙ୍କ ସମ୍ପର୍କରେ କୌଣସି ପ୍ରାମାଣିକ ତଥ୍ୟ ସଂଗ୍ରହ କରାଯାଇ ପାରିନାହିଁ । ସଂକ୍ଷେପରେ ଉଲ୍ଲେଖ କଲେ, ଓଡ଼ିଶାର ଖ୍ରୀଷ୍ଟପୂର୍ବ କାଳର ତିନିହଜାର ବର୍ଷ ଇତିହାସ ଅସ୍ପଷ୍ଟ ।

ଖ୍ରୀଷ୍ଟୀୟ ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀରେ ଓଡ଼ିଶା ଭୂଖଣ୍ଡ ସାତବାହାନ ସାମ୍ରାଜ୍ୟଭୁକ୍ତ ଥିବାର ଅନୁମାନ କରାଯାଉଥିଲେ ହେଁ ଏ ସମ୍ପର୍କରେ ସବିଶେଷ ତଥ୍ୟ ଅନୁପଲବ୍ଧ । ଓଡ଼ିଶାର ବିଭିନ୍ନ ସ୍ଥାନରୁ ଏହି ସମୟର କୁଶାଣମୁଦ୍ରା ମିଳିଥିବାର ହୃଦ୍‌ବୋଧ ହୁଏ । ଏହି ଭୂଖଣ୍ଡରେ କିଛିକାଳ କୁଶାଣ ରାଜତ୍ୱ ରହିଥିଲା । ତୃତୀୟ ଓ ଚତୁର୍ଥ ଶତାବ୍ଦୀରେ ଓଡ଼ିଶା ଗୁପ୍ତସାମ୍ରାଜ୍ୟଭୁକ୍ତ ଥିବାର ପ୍ରମାଣ ମିଳିନାହିଁ । ଏଲାହବାଦ ଶିଳାଲେଖରୁ ଜଣାଯାଇଛି, ସମୁଦ୍ରଗୁପ୍ତ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର କେତେକ ଅଞ୍ଚଳ ଦିଗ୍‌ବିଜୟ କରିଥିଲେ, କିନ୍ତୁ ସେହି ସମୟର ଉତ୍ତରପୂର୍ବ ଓଡ଼ିଶାର ସ୍ପଷ୍ଟଚିତ୍ର ଅଦ୍ୟାବଧି ଜଣାପଡ଼ିନାହିଁ । ଗୁପ୍ତବଂଶ

ପରେ ଓଡ଼ିଶାର ଭିନ୍ନ ଭିନ୍ନ ଅଞ୍ଚଳରେ ବିଭିନ୍ନ ରାଜବଂଶ ରାଜତ୍ୱ କରିବାର ପ୍ରମାଣ ତାମ୍ରପତ୍ର ସମୂହରୁ ମିଳିଅଛି । ଏହି ରାଜବଂଶମାନଙ୍କ ମଧ୍ୟରେ ପିଷ୍ଟପୁରର ମାଠର ବଂଶ, ଦେବପୁରର ବାଶିଷ୍ଠବଂଶ, ପଟିଆର ମାନ ବଂଶ ତଥା ଅଭୟବଂଶ ଓ ବିଗ୍ରହ ବଂଶ ପ୍ରଭୃତିଙ୍କ ପ୍ରଦତ୍ତ ତାମ୍ରପତ୍ରରୁ କେତେକ ସୂଚନା ପ୍ରାପ୍ତ ହୋଇଥିଲେ ହେଁ ସମ୍ପୂର୍ଣ୍ଣ ଇତିହାସ ସଙ୍କଳନ ହୋଇପାରି ନାହିଁ । ପଞ୍ଚମ, ଷଷ୍ଠ ଓ ସପ୍ତମ ଶତାବ୍ଦୀରେ କଙ୍ଗୋଦତ୍ତ ଶୈଳୋଦ୍ଭବ ବଂଶର ଚଉଦଗୋଟି ତାମ୍ରଶାସନ ମିଳିଥିଲେ ମଧ୍ୟ ଧାରାବାହିକ ଇତିହାସ ରଚନା ସମ୍ଭବ ହୋଇନାହିଁ । ଏହି ସମୟରେ କଳିଙ୍ଗବାସୀ ଯାହା, ସୁମାତ୍ରା, ବାଲି ପ୍ରଭୃତି ଦ୍ୱୀପରେ ଉପନିବେଶ ସ୍ଥାପନପୂର୍ବକ ଏହି ଦ୍ୱୀପରେ ଶୈଳେନ୍ଦ୍ର ସାମାଜ୍ୟ ପ୍ରତିଷ୍ଠା କରିପାରିଥିଲେ । ସେହି ଦ୍ୱୀପପୁଞ୍ଜିରୁ ପ୍ରାପ୍ତ ଅଭିଲେଖ ତଥା ବୈଦେଶିକ ବିବରଣୀରୁ ଏ ସମ୍ପର୍କରେ ବହୁ ମହତ୍ତ୍ୱପୂର୍ଣ୍ଣ ତଥ୍ୟ ଅବଗତ ହେଲେ ହେଁ ଏହାର ସମ୍ପୂର୍ଣ୍ଣ ଇତିହାସ ଅଦ୍ୟାବଧି ସଙ୍କଳନ କରାଯାଇ ପାରିନାହିଁ । ଗୌରବର ବିଷୟ, ଏହି ସମୟରେ ନାଗାର୍ଜୁନ, ଦିଙ୍‌ନାଗ, ବସୁବନ୍ଧୁ, ଦୀତୋପାଦ, ଇନ୍ଦ୍ରଭୂତି, ଅନଙ୍ଗବଜ୍ର, ପଦ୍ମସମ୍ଭବ, ଶାନ୍ତରକ୍ଷିତ ଓ ଲକ୍ଷ୍ମୀଙ୍କର ପ୍ରଭୃତ ସାଧକ ସାଧିକା ଓଡ଼ିଶାରେ ନିକାମ ପୂର୍ବକ ବୌଦ୍ଧଧର୍ମର ବିକାଶ ଘଟାଇବା ସହିତ ବହୁ ବୌଦ୍ଧଶାସ୍ତ୍ର ରଚନା କରିଥିଲେ ହେଁ ସେ ସମ୍ପର୍କରେ ବିଶେଷ ଆଲୋଚନା କରାଯାଇପାରି ନାହିଁ । ବୌଦ୍ଧତନ୍ତ୍ର ଧାରାର ଉନ୍ମେଷ ଓଡ଼ିଶାରୁ ହୋଇଥିଲେ ମଧ୍ୟ ଅନ୍ତର୍ଜାତୀୟସ୍ତରରେ ସ୍ୱୀକୃତି ଲାଭ କରିପାରି ନାହିଁ । ସୂଚନା ଯୋଗ୍ୟ ଯେ, ବୌଦ୍ଧ ଧର୍ମର ପ୍ରଚାର ଓ ପ୍ରସାରରେ ଓଡ଼ିଶାର ଭୂମିକା ସମ୍ପର୍କରେ ସ୍ୱତନ୍ତ୍ର ଗ୍ରନ୍ଥ ପ୍ରଣୟନ କରାଯାଇ ପାରିନାହିଁ ।

ଐତିହାସିକବୃନ୍ଦଙ୍କ ମତରେ ସପ୍ତମ ଶତାବ୍ଦୀ ହିଁ ଭୌମକର ବଂଶ ରାଜତ୍ୱର ପ୍ରାରମ୍ଭ କାଳ । କିନ୍ତୁ ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଏହି ରାଜବଂଶ ସମ୍ପର୍କରେ କେହି ଜାଣି ପାରିନଥିଲେ । ବର୍ତ୍ତମାନ ଏହି ବଂଶର ସର୍ବାଧିକ ତାମ୍ରପତ୍ର ଆବିଷ୍କୃତ ହେଲାଣି । ଭୌମକର ରାଜତ୍ୱର ପ୍ରାରମ୍ଭ କାଳରେ ଅର୍ଥାତ୍ ସପ୍ତମ ଶତାବ୍ଦୀର ମଧ୍ୟ ଭାଗରେ ଚୀନ୍ ପରିବ୍ରାଜକ ହୁଏନ୍‌ସାଂ ଓଡ଼ିଶା ଭ୍ରମଣ କରିଥିଲେ । ହୁଏନ୍‌ସାଙ୍କ ବର୍ଣ୍ଣନାନୁଯାୟୀ ଓଡ଼ିଶାର ତତ୍‌କାଳୀନ ସ୍ଥିତି, ରାଜଧାନୀ ଓ ରାଜାଙ୍କ ନାମ ଏପର୍ଯ୍ୟନ୍ତ ନିର୍ଭୁଲ ଭାବରେ ନିର୍ଣ୍ଣୟ କରାଯାଇ ପାରିନାହିଁ । ଏପରିକି ହୁଏନ୍‌ସାଙ୍କ ବର୍ଣ୍ଣିତ ବୌଦ୍ଧବିହାର ସମୂହର ଯଥାର୍ଥସ୍ଥିତି ନିରୂପଣ କରାଯାଇ ପାରିନାହିଁ । ଭୌମ ବଂଶୀୟ ରାଜା ଓ ରାଣୀବୃନ୍ଦ ଦୁଇଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ସାର୍ବଭୌମ ରାଜଚକ୍ରବର୍ତ୍ତୀ ରୂପେ ପରମ ସୌଗତ, ପରମ ତଥାଗତ, ପରମ ମାହେଶ୍ୱର ଓ ପରମ ବୈଷ୍ଣବୀ ଉପାଧି ଧାରଣପୂର୍ବକ ଓଡ଼ିଶାରେ ସୁଶାସନ ପ୍ରତିଷ୍ଠା କରିଥିଲେ । ଏହି ବଂଶର ସାତଜଣ ରାଣୀ ଶାସନ କରିଛନ୍ତି, ଯାହା ବିଶ୍ୱ ଇତିହାସରେ ଏକ ବିରଳ ଘଟଣା । ଭୌମ ବଂଶର ରାଜତ୍ୱ କାଳ ଓଡ଼ିଶାର ସୁବର୍ଣ୍ଣଯୁଗ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଭୌମକରମାନଙ୍କ ଅଧୀନରେ ମଣ୍ଡଳ ଅଧିପତି ଭାବରେ ଶାସନ କରୁଥିବା ଶୁକ୍ଲୀ, ନନ୍ଦ, ଭଞ୍ଜ, ବରାହ ପ୍ରଭୃତି ରାଜବଂଶର ରାଜତ୍ୱକାଳ, ରାଜନୈତିକ ବିଚାର ବିମର୍ଶ ତଥା ସାମାଜିକ ଓ ସାଂସ୍କୃତିକ ଜୀବନଧାରା ସଂପୂର୍ଣ୍ଣ ରୂପେ ଲୋକ ଲୋଚନକୁ ଆସିପାରିନାହିଁ । ଭୌମକର ବଂଶପରେ ସୋମବଂଶୀ ଶାସକବୃନ୍ଦ ପରମ ଭଟ୍ଟାରକ, ପରମ ମହେଶ୍ୱର, ତ୍ରିକଳିଙ୍ଗାଧିପତି ଉପାଧି ଧାରଣ ପୂର୍ବକ ସମଗ୍ର ଓଡ଼ିଶାକୁ ଏକ ଶାସନାଧୀନ କରି ଲିଙ୍ଗରାଜ ମନ୍ଦିର, କୁଶଳେଶ୍ୱର ମନ୍ଦିର, ବ୍ରହ୍ମେଶ୍ୱର ମନ୍ଦିର, ଦଶାଶ୍ୱମେଧ ଘାଟ ଓ ଶୁଭସ୍ତମ୍ଭ ପ୍ରଭୃତି ନିର୍ମାଣ କରିଥିଲେ ହେଁ ସେହି ବଂଶର ଧାରାବାହିକ ଇତିହାସ ରଚନା ହୋଇପାରିନାହିଁ । ଯଯାତି କେଶରୀଙ୍କ ସମୟରେ ଜଗନ୍ନାଥଙ୍କୁ ଆଦି ଶଙ୍କରାଚାର୍ଯ୍ୟ ଉଦ୍ଧାର ପୂର୍ବକ ପୁନଃ ପ୍ରତିଷ୍ଠିତ କରିଥିଲେ ବୋଲି ମାଦଳାପାଞ୍ଜିରେ ଉଲ୍ଲେଖ ଥିଲେ ହେଁ ଏହି ଗୁରୁତ୍ୱପୂର୍ଣ୍ଣ ଘଟଣାର ସୂଚନା ସାରଳା ମହାଭାରତ ବା ପଞ୍ଚସଖାଙ୍କ ସାହିତ୍ୟରେ ଉଲ୍ଲେଖ ନାହିଁ । ଭୌମକର ଯୁଗ ଓ ସୋମଯୁଗରେ ଓଡ଼ିଶାର ଧର୍ମଧାରାରେ ଶୈବ, ଶାକ୍ତ, ବୈଷ୍ଣବ, ବୈଦିକ, ତାନ୍ତ୍ରିକ ଓ ବୌଦ୍ଧ ସଂସ୍କୃତିର ମହାମିଳନରେ ଯେଉଁ ସମନ୍ୱୟାତ୍ମକ ଭାବଧାରା ପ୍ରବାହିତ ହୋଇଥିଲା ସେ ସମ୍ପର୍କରେ ଯଥେଷ୍ଟ ଆଲୋକପାତ କରାଯାଇ ପାରିନାହିଁ । ଅନ୍ୟ ଭାଷାରେ ଉଲ୍ଲେଖ କଲେ ତତ୍‌କାଳୀନ ଓଡ଼ିଆ ଜାତିର ଆଚାର, ବିଚାର ଓ ସଂସ୍କୃତିର ପରିଚୟ ଅଦ୍ୟାବଧି ଅନୁପଲବ୍ଧ ।

ସୋମବଂଶ ପରେ ଗଙ୍ଗସମ୍ରାଟବୃନ୍ଦ ଦ୍ୱାଦଶ ଶତାବ୍ଦୀରୁ ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ଦୀର୍ଘ କାଳ ଆଗଙ୍ଗାଗୋଦାବରୀ ବିଶାଳ ଓଡ଼ିଶାକୁ ଶାସନ ପୂର୍ବକ ପୁରୀର ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କର ସୂର୍ଯ୍ୟମନ୍ଦିର, କପିଳାସର ଶିବମନ୍ଦିର, ରେମୁଣାର ଗୋପୀନାଥ ମନ୍ଦିର, ଭୁବନେଶ୍ୱରର ଅନନ୍ତ ବାସୁଦେବ ମନ୍ଦିର ପ୍ରଭୃତି, କୌଶଲ୍ୟାଗଙ୍ଗ ଜଳାଶୟ ତଥା ଅଗଣିତ ମଠ, ମନ୍ଦିର ଓ ଦୁର୍ଗ ନିର୍ମାଣ କରିଥିଲେ । କିନ୍ତୁ ତତ୍‌କାଳୀନ ଓଡ଼ିଶାର ସ୍ପଷ୍ଟଚିତ୍ର ସଂପୂର୍ଣ୍ଣ ଭାବେ ଇତିହାସରେ ପ୍ରତିଫଳିତ ହୋଇପାରିନାହିଁ । ଏପରିକି ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ଇତିହାସ ଏପର୍ଯ୍ୟନ୍ତ ବିତର୍କର ପରିଧିରେ । କପିଳାସ ମନ୍ଦିରକୁ ଲାଙ୍ଗୁଳା ନରସିଂହଦେବ ନିର୍ମାଣ ପୂର୍ବକ ଦଧିନଉତି ଶିଳାଲେଖ ଉତ୍କୀର୍ଣ୍ଣ କରାଇଥିଲେ ହେଁ କେତେକ ପ୍ରତାପ ରୁଦ୍ର ଦେବ ନିର୍ମାଣ କରିଛନ୍ତି ବୋଲି ଉଲ୍ଲେଖପୂର୍ବକ ଭ୍ରମ ସୃଷ୍ଟି କରୁଛନ୍ତି । ରାଜକୀୟ ସ୍ୱାଭିମାନରେ ଗଙ୍ଗସମ୍ରାଟ ଲାଙ୍ଗୁଳ ନରସିଂହଦେବ କପିଳାସ ଦଧିନଉତ ଶିଳାଲେଖରେ ଗଜପତି ପଦବୀ ପ୍ରଥମେ ବ୍ୟବହାର କରିଥିଲେ ମଧ୍ୟ ତାହା ଅନାଲୋଚିତ । ଗଙ୍ଗରାଜତ୍ୱରେ ରାମାନୁଜାଚାର୍ଯ୍ୟ, ମହାକବି ଜୟଦେବ, ଜଗତ୍‌ଗୁରୁ ଶ୍ରୀଧର ସ୍ୱାମୀ ନରହରି ତୀର୍ଥ, କବିରାଜ ବିଶ୍ୱନାଥ ପ୍ରଭୃତି ଓଡ଼ିଶାରେ ଅସଂଖ୍ୟ ମହତ୍ୱପୂର୍ଣ୍ଣ ଗ୍ରନ୍ଥ ରଚନା କରିଥିଲେ ହେଁ ସେହି ସବୁ କୃତୀଗୁଡ଼ିକର ଯଥାର୍ଥ ମୂଲ୍ୟାୟନ ଅଦ୍ୟାବଧି କରାଯାଇପାରିନାହିଁ । ଗଙ୍ଗ ଯୁଗରେ ଓଡ଼ିଶାର ଐଶ୍ୱର୍ଯ୍ୟ, ବିଭବ ଓ ସମୃଦ୍ଧି ଉନ୍ନତିର ଶୀର୍ଷସୀମା ସ୍ପର୍ଶ କରିଥିଲେ ହେଁ ଇତିହାସରେ ତାହା

ସୁସ୍ପଷ୍ଟ ଭାବେ ଚିତ୍ରିତ ହୋଇପାରିନାହିଁ । ସୂଚନା ଯୋଗ୍ୟ ଯେ, ଗଙ୍ଗବଂଶର ପତନ ସମ୍ପର୍କରେ ଇତିହାସ ନୀରବ ।

ପଞ୍ଚଦଶ ଶତାବ୍ଦୀରେ ସୂର୍ଯ୍ୟବଂଶୀ ଗଜପତିବୃନ୍ଦ ସ୍ୱଜାତ୍ୟାଭିମାନରେ ଉତ୍କଳ, କଳିଙ୍ଗ, କୋଶଳକୁ ଏକତ୍ର କରି ଓଡ଼ିଶା ରାଜ୍ୟ ନାମରେ ଶାସନ କରିଥିଲେ । ସେହି ସମୟରେ ଓଡ଼ିଆ ଭାଷା ରାଜକୀୟ ମାନ୍ୟତା ଲାଭପୂର୍ବକ ଅସଂଖ୍ୟ ଓଡ଼ିଆ ସାହିତ୍ୟ ସୃଷ୍ଟି ହୋଇଥିଲା । ତତ୍‌କାଳୀନ ଓଡ଼ିଶାର ଗୌରବ ମଣ୍ଡିତ ସାହିତ୍ୟ, କଳା, ସ୍ଥାପତ୍ୟ, ଶିଳ୍ପ, ସଙ୍ଗୀତ, ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ଜୀବନ ଏକ ସ୍ୱତନ୍ତ୍ର ଆଲୋଚନା ପ୍ରତୀକ୍ଷା କରିଥିଲେ ହେଁ ଏ ପର୍ଯ୍ୟନ୍ତ ସେ ଦିଗରେ ପ୍ରଚେଷ୍ଟା ହୋଇନାହିଁ । ମାଦଳା ପାଞ୍ଜିରେ କାଞ୍ଚିକାବେରୀ ଯୁଦ୍ଧ ପ୍ରସଙ୍ଗ ଉଲ୍ଲେଖ ଥିଲେ ହେଁ ଏହା ଇତିହାସ ସମ୍ମତ ନୁହେଁ । ଗଜପତି ପୁରୁଷୋତ୍ତମ ଦେବ ଓଡ଼ିଶାରେ ରାଜତ୍ୱ କରୁଥିବା ସମୟରେ ତାଙ୍କ ବଡ଼ଭାଇ ହମ୍ବୀର ଦେବ ଦକ୍ଷିଣରେ କପିଲେନ୍ଦ୍ରଦେବ ଜୟ କରିଥିବା ବିଶାଳ ଭୂଖଣ୍ଡ ଶାସନ କରୁଥିଲେ । କାଞ୍ଚି ବଡ଼ଭାଇଙ୍କ ଅଧୀନସ୍ଥ ସହର ଥିବାବେଳେ ଗଜପତି ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଯୁଦ୍ଧ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଥାଏ । ସୂର୍ଯ୍ୟବଂଶୀ ଗଜପତିଙ୍କ ରାଜତ୍ୱରେ ଓଡ଼ିଶାରେ ବ୍ୟବସାୟ ଆରମ୍ଭ କରିଥିବା ବିଦେଶୀମାନଙ୍କ ବିବରଣ ସ୍ପଷ୍ଟ ନୁହେଁ । ପଞ୍ଚସଖାଗଣ ସ୍ୱକୀୟ ସାଧନା ଦ୍ୱାରା ଅଲୌକିକ ଶକ୍ତିର ଅଧିକାରୀ ହୋଇଥିଲେ ହେଁ ଜାତୀୟ ଇତିହାସରେ ସ୍ଥାନ ପାଇନାହାନ୍ତି । ଶ୍ରୀଚୈତନ୍ୟଙ୍କ ତିରୋଧାନ ଅଦ୍ୟାବଧି ବିବାଦୀୟ । ଗଙ୍ଗ ଓ ସୂର୍ଯ୍ୟ ବଂଶ ରାଜତ୍ୱରେ ଓଡ଼ିଶାରେ ସୃଷ୍ଟି ହୋଇଥିବା ଗଡ଼ଜାତ ରାଜ୍ୟ ସମୂହର ଉତ୍ପତ୍ତି, ସ୍ଥିତି ତଥା ଶାସନ ପ୍ରଣାଳୀ ଇତିହାସର ଅନ୍ତର୍ଭୁକ୍ତ ହୋଇପାରିନାହିଁ । କେବଳ କେତେଜଣ ଆଞ୍ଚଳିକ ଲେଖକଙ୍କ ଦ୍ୱାରା କେତେକ ଗଡ଼ଜାତର ଇତିହାସ ରଚନା ହୋଇଛି, ଯହିଁରେ କଳ୍ପନା, ଆବେଗ ଓ କିମ୍ବଦନ୍ତୀ ଯୋଡ଼ି ହୋଇ ରହିଛି । ସୂର୍ଯ୍ୟବଂଶ ପରେ ମୁକୁନ୍ଦଦେବ ସ୍ୱଳ୍ପକାଳ ରାଜତ୍ୱ କରି ଲୋକ ସ୍ମୃତିରେ ଶେଷ ସ୍ୱାଧୀନ ରାଜା ରୂପେ ଉଜ୍ଜୀବିତ ଥିଲେ ମଧ୍ୟ ତାଙ୍କ ଇତିହାସ ସ୍ପଷ୍ଟ ଚିତ୍ରିତ ହୋଇନାହିଁ ।

ମୁକୁନ୍ଦଦେବଙ୍କ ପରେ ଓଡ଼ିଶାରେ ଆଫଗାନ, ମୋଗଲ, ମରହଟ୍ଟା ଓ ଇଂରେଜମାନେ ଶାସନ କଲେ । ଏହି ସମୟର ଅନେକ ଇତିହାସ ରହସ୍ୟାବୃତ୍ତ । ଓଡ଼ିଶାର ଗର୍ବ ବାରବାଟୀ ଦୁର୍ଗର ଐତିହ୍ୟ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଲୋକ ଲୋଚନକୁ ଆସିନାହିଁ । ଆବୁଲ ଫାଜଲ୍ ଓ ଉଇଲିୟମ ବ୍ରୁଟନ୍ ପ୍ରଭୃତିଙ୍କ ବିବରଣୀ ଉପରେ ନିର୍ଭର କରି ଓଡ଼ିଶାର ଉପକୂଳ ଅଞ୍ଚଳ ଅର୍ଥାତ୍ ମୋଗଲବନ୍ଦୀର ଇତିହାସ ଯତ୍‌ସାମାନ୍ୟ ପ୍ରଣୟନ ହେଲେହେଁ ବିଶାଳ ଓଡ଼ିଶାର ଇତିହାସ ସଙ୍କଳନ ହୋଇପାରିନାହିଁ । ମୁସଲମାନ, ମରହଟ୍ଟା ଓ ଇଂରେଜମାନଙ୍କ ଶାସନ ବିରୋଧରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଜାଗି ଉଠିଥିବା ବିଦ୍ରୋହର ସ୍ପଷ୍ଟ ରୂପ ଅଦ୍ୟାବଧି ବିଚ୍ରିତ ହୋଇପାରିନାହିଁ । ଓଡ଼ିଶାର ପାଇକ ବିଦ୍ରୋହ ଭାରତର

ପ୍ରଥମ ସ୍ୱାଧୀନତା ସଂଗ୍ରାମ ହେଲେ ହେଁ ତାହା ଆଜି ପର୍ଯ୍ୟନ୍ତ ଜାତୀୟ ଇତିହାସରେ ଅନ୍ତର୍ଭୁକ୍ତ ହୋଇନାହିଁ । ଓଡ଼ିଆ ବୀର ଜୟୀ ରାଜଗୁରୁ ଓ ବକ୍ସି ଜଗବନ୍ଧୁଙ୍କ ଇତିହାସକୁ ଭିନ୍ନ ଭାବରେ ଚିତ୍ରଣ କରାଯାଇଛି । ସମ୍ବଲପୁରର ସୁରେନ୍ଦ୍ର ସାଏ, ସିଂହଭୂମିର ଓଡ଼ିଆରାଜା ଅର୍ଜୁନ ସିଂହ ପ୍ରଭୃତି ଇତିହାସରେ ଉପେକ୍ଷିତ । ଇଂରେଜ ଓ ଫରାସୀମାନଙ୍କ ବିରୋଧରେ ଓଡ଼ିଆ ଜାତିର ସଂଗ୍ରାମ ବିଶେଷ ଆଲୋଚିତ ହୋଇନାହିଁ । ଗୁରୁତ୍ୱପୂର୍ଣ୍ଣ ହେଉଛି ଓଡ଼ିଶାର ପ୍ରାଣ ଶ୍ରୀଜଗନ୍ନାଥଙ୍କର ଯଥାର୍ଥ ଇତିହାସ ଓଡ଼ିଆ ସଂସ୍କୃତିର ମୂଳପିଣ୍ଡ ହୋଇଥିଲେ ହେଁ ଅଦ୍ୟାବଧି ସଠିକ ରୂପେ ନିର୍ଣ୍ଣୟ ହୋଇପାରିନାହିଁ । ଓଡ଼ିଆ ସାଧବଙ୍କର ସାମୁଦ୍ରିକ ବାଣିଜ୍ୟର ଯଥାର୍ଥ ଇତିହାସ ଏପର୍ଯ୍ୟନ୍ତ ସଙ୍କଳନ ହୋଇପାରିନାହିଁ । ମୋଟ ଉପରେ କହିଲେ ପ୍ରାପ୍ତ ଐତିହାସିକ ଉପାଦାନର ଯଥାର୍ଥ ଉପଯୋଗ କରାଯାଇ ଓଡ଼ିଶାର ପୂର୍ଣ୍ଣାଙ୍ଗ ଇତିହାସ ସଙ୍କଳନ ଅଦ୍ୟାବଧି ହୋଇପାରିନାହିଁ । ପରିଣାମ ସ୍ୱରୂପ ଓଡ଼ିଆଙ୍କ ଜୀବନଯାତ୍ରା, ସଂସ୍କୃତି, କୃଷି, ସାମରିକ ଗୌରବ, ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଅଭିବୃଦ୍ଧିର ମୂଲ୍ୟାୟନ ହୋଇ ଜାତୀୟ ଚେତନାର ଭାବାବେଶ ସୃଷ୍ଟି ହୋଇପାରିନାହିଁ ବା ଓଡ଼ିଆଙ୍କ ଗାଥା ଜାତୀୟ ଇତିହାସର ପୃଷ୍ଠାମଣ୍ଡନ କରିପାରିନାହିଁ ।

ଓଡ଼ିଶାରେ ଇତିହାସ ରଚନାର ଧାରା ପ୍ରଥମେ ଆରମ୍ଭ କରିଥିଲେ ଇଂରେଜମାନେ । ସେମାନଙ୍କ ଦୃଷ୍ଟିଭଙ୍ଗୀ କେବଳ ଓଡ଼ିଶାର ରାଜନୈତିକ ଅଭିବୃଦ୍ଧି ଏବଂ ଶାସନ ପ୍ରଣାଳୀ ଅନୁସନ୍ଧାନ କରିବାକୁ ହିଁ ସୀମିତ ଥିଲା । ଅବଶ୍ୟ ପ୍ୟାରୀମୋହନ ଆଚାର୍ଯ୍ୟ ପ୍ରଭୃତି କେତେଜଣ ଓଡ଼ିଆ ଇତିହାସ ଲେଖିବାର ସାଧୁ ପ୍ରଚେଷ୍ଟା କରିଥିଲେ ହେଁ ଯଥେଷ୍ଟ ଐତିହାସିକ ଉପାଦାନ ପାଇପାରି ନ ଥିଲେ । ଆଧୁନିକ ରୀତିରେ ଓଡ଼ିଶାର ରଚନା ଲେଖିବାର ପ୍ରଥମ ଚେଷ୍ଟା କରିଥିଲେ ରାଖାଲ ଦାସ ବାନାର୍ଜୀ । ଏହାପରେ ପଣ୍ଡିତ କୃପାସିନ୍ଧୁ ମିଶ୍ର ଓ ଡକ୍ଟର ହରେକୃଷ୍ଣ ମହତାବ ଗବେଷଣାମୂଳକ ଇତିହାସ ପ୍ରଣୟନ କରିଥିଲେ । ପରବର୍ତ୍ତୀ କାଳରେ ବହୁ ଐତିହାସିକ, ଗବେଷକ ଓ ଲେଖକ ଓଡ଼ିଶା ଇତିହାସ ସମ୍ପର୍କରେ ଯଥେଷ୍ଟ ଆଲୋକପାତ କରିବା ସହିତ ଗବେଷଣାମୂଳକ ପ୍ରବନ୍ଧ ଓ ପୁସ୍ତକ ପ୍ରଣୟନ କରିଛନ୍ତି, ଯାହା ଏକ ସ୍ୱତନ୍ତ୍ର ଆଲୋଚନା ପ୍ରତୀକ୍ଷା କରିଥାଏ । ଏମାନଙ୍କ ମଧ୍ୟରୁ କେତେକ କପୋଳକଳ୍ପିତ କିମ୍ବଦନ୍ତୀକାକାର କାହାଣୀ ସଂଯୋଜିତ କରି ଇତିହାସକୁ ବିକୃତ କରିଛନ୍ତି । ଅନେକ ମାଦଳାପାଞ୍ଜି ଉପରେ ନିର୍ଭର ପୂର୍ବକ ଭ୍ରମାତ୍ମକ ତଥ୍ୟ ପରିବେଷଣ କରିଛନ୍ତି । ଏହି ସବୁ ଭ୍ରାନ୍ତିପୂର୍ଣ୍ଣ ତଥ୍ୟ ସମ୍ପର୍କରେ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଡକ୍ଟର ହରେକୃଷ୍ଣ ମହାତାବ, ଡକ୍ଟର ମନ୍ମଥନାଥ ଦାସ, ଡକ୍ଟର କରୁଣାସାଗର ବେହେରା, ଡକ୍ଟର ପ୍ରବୋଧ କୁମାର ମିଶ୍ର ପ୍ରଭୃତି ବିଜ୍ଞବୃନ୍ଦ ଅନେକ ଲେଖା ପ୍ରକାଶ କରିଛନ୍ତି । ପରବର୍ତ୍ତୀ ସମୟରେ ଓଡ଼ିଶାର ଇତିହାସର ବିଭିନ୍ନ ପର୍ଯ୍ୟାୟ ଉପରେ ମୌଳିକ ଗବେଷଣା ଆରମ୍ଭ ହେଲା । ଉତ୍କଳ ବିଶ୍ୱବିଦ୍ୟାଳୟ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଇତିହାସର ପୁଙ୍ଖାନୁପୁଙ୍ଖ ଗବେଷଣା ମଧ୍ୟ ଆରମ୍ଭ ହେଲା । ଏହା ସତ୍ୟ ଯେ ସଂକୀର୍ଣ୍ଣ ଆଞ୍ଚଳିକ ମନୋବୃତ୍ତି ସୃଷ୍ଟି

ହୋଇ ଇତିହାସର ଲକ୍ଷ୍ୟ ବିପର୍ଯ୍ୟସ୍ତ ହେଲା । ଓଡ଼ିଶା ଇତିହାସକୁ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ କରାଯାଇପାରିଲା ନାହିଁ ଅଥବା ଇତିହାସ ଲେଖିବାର ଦୃଷ୍ଟିଭଙ୍ଗୀରେ ମୌଳିକ ପରିବର୍ତ୍ତନ ହୋଇପାରିଲା ନାହିଁ ।


ଓଡ଼ିଶାର ସଠିକ ଇତିହାସ ରଚନାରେ କେତେଗୁଡ଼ିଏ ଅନ୍ତରାୟ ସୃଷ୍ଟି ହେଲା । ବିଭିନ୍ନ ସ୍ଥାନରେ ପ୍ରାଚୀନ ମନ୍ଦିର, ମଠ, ଦୁର୍ଗ ଓ ଅନ୍ୟାନ୍ୟ ପ୍ରତ୍ନସମ୍ପଦମାନଙ୍କ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ଉପଲବ୍ଧ ହେଲାନାହିଁ । ଶିଶୁପାଳଗଡ଼, ବାରବାଟୀଦୁର୍ଗ, ଚୁଡ଼ଙ୍ଗଗଡ଼, ଭୁବନେଶ୍ୱର, ପୁରୀ, ଯାଜପୁର, କଟକ, କପିଳାସ ପ୍ରଭୃତି ସ୍ଥାନର କିର୍ତ୍ତୀକଳାପ ସମ୍ପର୍କରେ ଗବେଷଣା ଓ ଅନୁଧାନ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିଲା ନାହିଁ । ରାଧାନଗର, ତାରାପୁର, ଦେଉଳି ପ୍ରଭୃତି ସ୍ଥାନରୁ ପ୍ରାପ୍ତ ବହୁ ଦୁର୍ଲଭ ପ୍ରତ୍ୱିବିଭବ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ବଡ଼ ବଡ଼ ବାକ୍ସରେ ସିଲ୍ ହୋଇରହିଲା । କୁରୁମ, ଷୋଳମପୁର, ତାଳଚେର, ଖିଚିଂ ପ୍ରଭୃତି ବହୁ ସ୍ଥାନରେ ଭୂଖନନ ଓ ସର୍ବେକ୍ଷଣ ହୋଇପାରିଲା ନାହିଁ । ବିଶ୍ୱବିଦ୍ୟାଳୟ ରାଜ୍ୟ ସଂଗ୍ରହାଳୟ ଉପରେ ନିର୍ଭରଶୀଳ ହେଲେ ହେଁ ବ୍ରହ୍ମପୁର ଓ ସମ୍ବଲପୁରରେ ସଂଗ୍ରହାଳୟ ସ୍ଥାପନ ନିମିତ୍ତ ଉଦ୍ୟମ ହେଲା ନାହିଁ । ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ପ୍ରତ୍ନତାତ୍ତ୍ୱିକ ବିଭାଗରେ କୌଣସି ଉନ୍ନତି ପରିଲକ୍ଷିତ ହୋଇପାରିଲା ନାହିଁ । ଭୂଖନନ ଓ ସର୍ବେକ୍ଷଣ କାର୍ଯ୍ୟକୁ ବ୍ୟାପକ କରାଯାଇ ନୂତନ ପ୍ରତ୍ନଭିତ୍ତିକ ତଥ୍ୟର ଉପଯୋଗ କରାଯାଇପାରିଲା ନାହିଁ । ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା, ଗବେଷକ ଗବେଷିକା ଓ ଅନ୍ୟାନ୍ୟ ଐତିହ୍ୟ ସନ୍ଧାନୀ ବ୍ୟକ୍ତି ବିଶେଷ ତଥ୍ୟ ଓ ଆର୍ଥିକ ଅସୁବିଧାରୁ ଇତିହାସ ରଚନାକୁ ଆଗେଇ ନେଇ ପାରିଲେ ନାହିଁ । ଅନେକ ମଧ୍ୟ ଯୁକ୍ତି ବାଢ଼ିଲେ ଯେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ଓଡ଼ିଶା ଇତିହାସ ବାଧତାମୂଳକ କଲେ ଓଡ଼ିଆ ଛାତ୍ରଛାତ୍ରୀମାନେ ସର୍ବଭାରତୀୟ ସ୍ତରରେ ଇତିହାସରେ କୃତିତ୍ୱ ପ୍ରଦର୍ଶନ କରିପାରିବେ ନାହିଁ ଫଳରେ ଓଡ଼ିଶାର ଛାତ୍ରଛାତ୍ରୀ ନିଜ ଜନ୍ମସ୍ଥାନର ଇତିହାସ ବ୍ୟତୀତ ପୃଥିବୀର ସବୁ ଦେଶ ଓ ସବୁ ଜାତିର ଇତିହାସ ଅଧ୍ୟୟନ କଲେ ଏବଂ ଓଡ଼ିଆମାନଙ୍କର ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ଓ ରାଜନୈତିକ ଜୀବନ ସମ୍ପର୍କରେ ସାମାନ୍ୟତମ ସୂଚନା ପାଇବାରୁ ବଞ୍ଚିତ ହେଲେ ।

ଓଡ଼ିଶାର ପୂର୍ଣ୍ଣାଙ୍ଗ ଇତିହାସ ରଚନା ନ ହେବା ଫଳରେ ଆମର ଐତିହାସିକ ସ୍ଥାନ, ସଂସ୍କୃତି ଓ ସଭ୍ୟତା ବିସ୍ମୃତ ହେବାକୁ ବସିଲାଣି । ଓଡିଶାର ଗୌରବମଣ୍ଡିତ କୀର୍ତ୍ତି ଓ କୃତି ଅନ୍ତର୍ଜାତୀୟ ମର୍ଯ୍ୟାଦା ପାଇବାରୁ ବଞ୍ଚିତ । ଓଡ଼ିଶାର ପ୍ରାଚୀନ ସାହିତ୍ୟ, ଶିଳ୍ପ, ବାଣିଜ୍ୟ, କଳା, ନୃତ୍ୟ ଓ ସାମାଜିକ ସ୍ଫୂର୍ତ୍ତି ଲୋକକଥାରେ ପରିଣତ ହେଲାଣି । ଓଡ଼ିଆ ସଂସ୍କୃତିର ପ୍ରସାର ଉପନିବେଶ ସ୍ଥାପନର ଗୌରବାନୁଭୂତି କେବଳ ଓଡ଼ିଶାରେ ସୀମିତ ରହିଲାଣି । ଓଡ଼ିଶାର ପ୍ରାଚୀନ ବନ୍ଦର, ପୁଣ୍ୟତୋୟା ନଦୀ ଓ ପୁରାଣ ପ୍ରସିଦ୍ଧ ତୀର୍ଥରାଜ ସମ୍ପ୍ରତି ଅବହେଳିତ ଓ ଉପେକ୍ଷିତ । ଓଡ଼ିଶାର ପ୍ରାଚୀନ ରାଷ୍ଟ୍ରନୀତିର ଗୌରବାନ୍ୱିତ ଐତିହ୍ୟ

ବିଲୁପ୍ତ । ଓଡ଼ିଆ ବୀରବୃନ୍ଦଙ୍କ ଗୌରବ ଗାଥା କିମ୍ବଦନ୍ତୀ ରୂପେ ପ୍ରତିଭାତ । ଓଡ଼ିଶାର ପୂର୍ବସୂରୀଗଣ ବିସ୍ମୃତ ହେଲେଣି । ପ୍ରାଚୀନକାଳରୁ ଓଡ଼ିଶା ମାଟିରେ ପ୍ରବାହିତ ସମନ୍ୱୟାତ୍ମକ ଧର୍ମଧାରା ପରମ୍ପରାର ପରଧି ବାହାରକୁ ଚାଲିଯାଇ ଦୁର୍ଘଟଣା ଘଟାଇଲାଣି । ଏକଦା ଓଡ଼ିଶା ପ୍ରଥମ ତନ୍ତ୍ରପୀଠ ରୂପେ ମହିମାବନ୍ତ ହୋଇଥିଲେ ହେଁ ଏଥିରେ ବ୍ୟଭିଚାର ପ୍ରକାଶ ପାଇଲାଣି । ଓଡ଼ିଆ ଭାଷା ଏକ ପ୍ରାଚୀନ ଆର୍ଯ୍ୟଭାଷା ହୋଇଥିଲେ ହେଁ ଗୌରବ ହରାଇଲାଣି । ଓଡ଼ିଆ ଜାତି ପ୍ରାଚୀନ ଯୁଗରୁ କଳାକୌଶଳକାଳ, ବାଣିଜ୍ୟ ସମୃଦ୍ଧ ବୀର ଜାତି ରୂପେ ପରିଚିତ ଥିଲେ ହେଁ ସମ୍ପ୍ରତି ଅନଗ୍ରସର ଜାତି ରୂପେ ପରିଚିତ ହୋଇଛି ତଥା ଓଡ଼ିଶା ମାଟିରେ ସାରସ୍ୱତ, ସାଂସ୍କୃତିକ ଓ ସାମାଜିକ ସଙ୍କଟ ଉପଗତ ହୋଇ ଜାତୀୟ ପ୍ରଗତି ବାଧାପ୍ରାପ୍ତ ହୋଇଛି ।

ଇତିହାସ ହିଁ ଜାତିର ସମଷ୍ଟିଗତ ସ୍ମୃତି । ଏଥିରେ ଜାତିର ଉତ୍‌ଥାନ, ପତନ, ବିସ୍ତାର, ସଙ୍କୋଚନ ତଥା ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ଜୀବନ ପ୍ରତିପାଦିତ ହୋଇଥାଏ । ପରୋକ୍ଷରେ କହିଲେ, ଇତିହାସରୁ ହିଁ ଜାତିର ସାମଗ୍ରିକ ପ୍ରଗତିର ଧାରା ଉପଲବ୍ଧ ହୋଇଥାଏ । ଯେଉଁ ଜାତି ଆପଣାର ପୂର୍ବ ଐତିହ୍ୟରେ ଉଦ୍‌ବୁଦ୍ଧ ଓ ଉଲ୍ଲସିତ ହୋଇ ଅଗ୍ରସର ହୋଇଥାଏ । ଯେଉଁ ଜାତିର ଜାତୀୟ ଜୀବନ ଉନ୍ନତ ତଥା ଜାତୀୟ ପ୍ରଗତି ତ୍ୱରାନ୍ୱିତ ହୋଇଥାଏ । ଏହି ପୁରୋଦୃଷ୍ଟିରୁ ଗୌରବୋଜ୍ଜଳ ଓଡ଼ିଶାର ପୂର୍ଣ୍ଣାଙ୍ଗ ଇତିହାସ ସଙ୍କଳନ ହୋଇ ଭବିଷ୍ୟତ ବଂଶଧରଙ୍କ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ହୋଇପାରିଲେ ଜାତୀୟ ଜାଗରଣ ବିକଶିତ ହୋଇପାରିବ ତଥା ଗୌରବାନ୍ୱିତ ଅତୀତକୁ ସ୍ମରଣ କରି ଓଡ଼ିଆ ଜାତି ସମ୍ଭାବନାମୟ ଭବିଷ୍ୟତ ଦିଗରେ ଅଗ୍ରସର ହୋଇପାରିବ ।

❐




ପ୍ରକାଶ ପାଇଛି

ଡ. ଅରବିନ୍ଦ ଦାସଙ୍କ

ପୁସ୍ତକ

ଅସମ୍ପୂର୍ଣ୍ଣ ଓଡ଼ିଆ ଉପନ୍ୟାସ

ମାଦଳା ପାଞ୍ଜି



ଡ. କୃଷ୍ଣଚନ୍ଦ୍ର ଷଡ଼ଙ୍ଗୀ
ମୋ. ୭୦୦୮୧ ୬୪୩୩୪

“ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ୧୯୪୦ ମସିହାରେ ପ୍ରକାଶିତ ‘ମାଦଳାପାଞ୍ଜି’ ପୁସ୍ତକର ମୁଖବନ୍ଧରେ ଉଲ୍ଲେଖ କରିଛନ୍ତି, କଳାପାହାଡ଼ ଦ୍ୱାରା ମାଦଳାପାଞ୍ଜି ପୋଡ଼ା ଯାଇଥିଲା ବୋଲି କେତେକ ଐତିହାସିକ ମତ ପ୍ରକାଶ କରନ୍ତି । ଏ ମତ ଠିକ୍ ନୁହେଁ । ପୋଥିପୋଡ଼ିବା କଳାପାହାଡ଼ର ଉଦ୍ଦେଶ୍ୟ ନଥିଲା । ତତ୍ପରେ ବହୁକାଳରୁ ତଡ଼ାଉକରଣ ଓ ଦେଉଳକରଣଙ୍କ ଦ୍ୱାରା ଯେଉଁ ପାଞ୍ଜି ଲିଖିତ ହୋଇ ସେମାନଙ୍କ ଗୃହରେ ରକ୍ଷିତ ହୋଇ ଆସୁଅଛି । ”

ଲେଖକ ବା ଲିଖନକାର

ମାଦଳାପାଞ୍ଜିର କୌଣସି ନିର୍ଦ୍ଦିଷ୍ଟ ଲେଖକ ନାହାନ୍ତି । ଏହା କୌଣସି ଏକକ ସାହିତ୍ୟିକର ସୃଷ୍ଟି ନୁହେଁ । କେତେକ ଅର୍ଦ୍ଧଶିକ୍ଷିତ ରାଜକର୍ମଚାରୀଙ୍କ ଦ୍ୱାରା ମାଦଳାପାଞ୍ଜି ପ୍ରଣୟନ କରାଯାଇଛି । ଏମାନେ ସ୍ୱତଃପ୍ରବୃତ୍ତ ଭାବରେ ପାଞ୍ଜି ଲେଖି ନାହାନ୍ତି । ମାଦଳାପାଞ୍ଜି ଲେଖିବା ପାଇଁ ଏମାନଙ୍କୁ ନିଯୁକ୍ତ କରାଯାଇଛି । ତେଣୁ ପାଞ୍ଜିର ଲେଖକ ବା ଲିଖନକାରମାନଙ୍କ ସଂଖ୍ୟା କେତେ ସେ ସମ୍ବନ୍ଧରେ କୌଣସି ନିର୍ଦ୍ଦିଷ୍ଟ ମତ ପ୍ରଦାନ କରିବା ସମ୍ଭବ ନୁହେଁ । ଲିଖନକାରମାନେ ରାଜା ଦେଶରେ ବଂଶାନୁକ୍ରମେ ପାଞ୍ଜି ଲେଖି ଆସୁଛନ୍ତି । ଏମାନେ ତିନି ଶ୍ରେଣୀରେ ବିଭକ୍ତ -

(କ) ଦେଉଳକରଣ

(ଖ) ତଡ଼ାଉକରଣ

(ଗ) କୋଷ୍ଠକରଣ

ଦେଉଳକରଣଙ୍କ ଦ୍ୱାରା ଲିଖିତ ପାଞ୍ଜି ଶ୍ରୀଜଗନ୍ନାଥ ମନ୍ଦିରରେ, ତଡ଼ାଉକରଣଙ୍କ ଦ୍ୱାରା ଲିଖିତ ପାଞ୍ଜି ରାଜନବରରେ ଓ କୋଷ୍ଠକରଣଙ୍କ ଦ୍ୱାରା ଲିଖିତ ପାଞ୍ଜି ପାଞ୍ଜିକାର ଗୃହରେ ରଖାଯାଉଥିଲା । ଅନ୍ୟ କେତେକ ଆଲୋଚକଙ୍କ ମତରେ ମାଦଳାପାଞ୍ଜିର ଲିଖନକାର ଦୁଇଶ୍ରେଣୀରେ ବିଭକ୍ତ

(କ) ଦେଉଳକରଣ

(ଖ) ତଡ଼ାଉକରଣ (ତଦ୍ଧିକରଣ)

ଦେଉଳକରଣମାନେ ଶ୍ରୀଜଗନ୍ନାଥ ମନ୍ଦିରର ପର୍ବପର୍ବାଣୀ ତଥା ରୀତିନୀତି ସମ୍ପର୍କରେ ଲେଖୁଥିଲେ ଏବଂ ତଡ଼ାଉକରଣ (ତଦ୍ଧିକରଣ)ମାନେ ଓଡ଼ିଶାର ରାଜାଙ୍କର ରାଜ୍ୟଶାସନ ଓ କୀର୍ତ୍ତିକଳାପର ଧାରାବାହିକ ବିବରଣୀ ଲେଖୁଥିଲେ । ମାଦଳାପାଞ୍ଜିରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣରେ ପରମ୍ପରା, ଶ୍ରୀମନ୍ଦିରର ସେବା ପୂଜା ତଥା ବିଭିନ୍ନ ନିଯୋଗ ବ୍ୟବସ୍ଥା, ଆୟବ୍ୟୟ ଏବଂ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ଘଟିଥିବା ଘଟଣାବଳୀର ବର୍ଣ୍ଣନା ଦେଉଳକରଣଙ୍କ ଦ୍ୱାରା ଓ ରାଜାମାନଙ୍କର ରାଜଭୋଗ ସମ୍ବନ୍ଧୀୟ ବିବରଣୀ, ରାଜ୍ୟଶାସନ ପ୍ରଣାଳୀ, କୀର୍ତ୍ତିକଳାପ, ରାଜାମାନଙ୍କୁ କେନ୍ଦ୍ରକରି ଘଟିଥିବା ଘଟଣାବଳୀ ତଡ଼ାଉକରଣଙ୍କ ଦ୍ୱାରା ଲେଖାଯାଉଥିଲା ।

ତେବେ ମାଦଳାପାଞ୍ଜିର ଲିଖନକାର ଭାବରେ ଏ ଦେଉଳକରଣ, ତଡ଼ାଉକରଣ, କୋଷ୍ଠକରଣ କୌଣସି ବ୍ୟକ୍ତିବିଶେଷର ନାମ ନୁହେଁ, ବରଂ ଏକ ବଂଶାନୁକ୍ରମିକ ପରମ୍ପରା । ଡକ୍ଟର ହରେକୃଷ୍ଣ ମହତାବ 'ଓଡ଼ିଶା ଇତିହାସ'ରେ ମାଦଳାପାଞ୍ଜିର ପ୍ରଥମ ଲିଖନକାର ଭାବରେ ଭୋଇବଂଶର ରାଜା ରାମଚନ୍ଦ୍ରଦେବଙ୍କ ସମସାମୟିକ 'ବଟକୃଷ୍ଣ ମହାନ୍ତି'ଙ୍କୁ ଗ୍ରହଣ କରିଛନ୍ତି; କିନ୍ତୁ ମାଦଳାପାଞ୍ଜି ଜଣକର ସୃଷ୍ଟି ନୁହେଁ । ରାଜବଂଶ ଓ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ପାଞ୍ଜିକାରମାନଙ୍କର ଏହା ଏକ ମିଳିତ ପ୍ରଚେଷ୍ଟା । ମାଦଳାପାଞ୍ଜିର ଅନେକ ଲିଖନକାରମାନଙ୍କ ମଧ୍ୟରୁ ବଟକୃଷ୍ଣ ମହାନ୍ତି ଜଣେ ହୋଇପାରନ୍ତି, ମାତ୍ର ସେ ଯେ ପ୍ରଥମେ ମାଦଳାପାଞ୍ଜି ଲେଖିବା ଆରମ୍ଭ କରିଥିଲେ; ଉପଯୁକ୍ତ ପ୍ରମାଣ ଅଭାବରୁ ଏହାକୁ ଗ୍ରହଣ କରିବା ଯୁକ୍ତିଯୁକ୍ତ ମନେହୁଏ ନାହିଁ । ଭାଷାଶୈଳୀ ଦୃଷ୍ଟିରୁ ବିଚାର କଲେ ଜଣାଯାଏ ମାଦଳପାଞ୍ଜି ଏକକ ଚିନ୍ତା ପ୍ରସୂତ ନୁହେଁ । ତେବେ ବର୍ତ୍ତମାନ ମାଦଳାପାଞ୍ଜିର ଯେଉଁ ପାଣ୍ଡୁଲିପି (ପୋଥି) ମିଳୁଛି, ତାହା ଯେ ପ୍ରଥମରୁ ଲେଖା ହୋଇଥିବା ମାଦଳାପାଞ୍ଜିର ଅବିକୃତରୂପ ଏଥିରେ ସନ୍ଦେହ ରହିଛି; କାରଣ ତାଳପତ୍ର ପୋଥି ନଷ୍ଟ ହୋଇଯିବାର ଆଶଙ୍କା ଥିବାରୁ ବାରମ୍ବାର ନକଲ କରାଯାଇଥିବ ଏବଂ ନକଲ କରିବା ସମୟରେ

ଲିଖନକାରମାନେ କେତେକ ପ୍ରମାଦପୂର୍ଣ୍ଣ ବିବରଣୀ ଲିପିବଦ୍ଧ କରିଥିବେ ।

ମାଦଳାପାଞ୍ଜିର ଲିଖନ ସମ୍ବନ୍ଧରେ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ୧୯୪୦ ମସିହାରେ 'ମାଦଳାପାଞ୍ଜି' ମୁଖବନ୍ଧରେ ଉଲ୍ଲେଖ କରିଛନ୍ତି, "କଳାପାହାଡ଼ ଦ୍ୱାରା ମାଦଳାପାଞ୍ଜି ପୋଡ଼ା ଯାଇଥିଲା ବୋଲି କେତେକ ଐତିହାସିକ ମତ ପ୍ରକାଶ କରନ୍ତି । ଏ ମତ ଠିକ୍ ନୁହେଁ । ପୋଥିପୋଡ଼ିବା କଳାପାହାଡ଼ର ଉଦ୍ଦେଶ୍ୟ ନ ଥିଲା । ତତ୍ପରେ ବହୁକାଳରୁ ତଢ଼ାଉକରଣ ଓ ଦେଉଳକରଣଙ୍କ ଦ୍ୱାରା ଯେଉଁ ପାଞ୍ଜି ଲିଖିତ ହୋଇ ସେମାନଙ୍କ ଗୃହରେ ରକ୍ଷିତ ହୋଇ ଆସୁଅଛି, କଳାପାହାଡ଼ ସେମାନଙ୍କ ଘରକୁଯାଇ ସେଗୁଡ଼ିକ ପୋଡ଼ିଦେବା ଅସମ୍ଭବ ବୋଲି ବୋଧହୁଏ ।" (ମାଦଳାପାଞ୍ଜି- ମୁଖବନ୍ଧ ପୃ୧୯୪୦ମସିହାରେ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସମ୍ପାଦିତ ମାଦଳାପାଞ୍ଜି ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ପ୍ରକାଶ ପାଇଥିଲା । ବର୍ତ୍ତମାନ ମାଦଳାପାଞ୍ଜିର ଶୁଦ୍ଧ (ସମ୍ପାଦିତ) ପାଠ ଭାବରେ ଏଇ ପୁସ୍ତକଟିକୁ ଗ୍ରହଣ କରାଯାଉଛି । ପଣ୍ଡିତ ସଦାଶିବ ରଥଶର୍ମା ପାଇଥିବା ମାଦଳାପାଞ୍ଜିର ପୋଥି ଆଲୋଚ୍ୟ ଗ୍ରନ୍ଥଠାରୁ ସ୍ୱତନ୍ତ୍ର । ଜଗବନ୍ଧୁ ସିଂହଙ୍କ ପ୍ରାଚୀନ ଉତ୍କଳରେ ମାଦଳାପାଞ୍ଜିର ଉଦ୍ଧୃତାଂଶରେ ମଧ୍ୟ ପାର୍ଥକ୍ୟ ରହିଛି । ତେଣୁ ମାଦଳାପାଞ୍ଜିର ଏକ ବୈଜ୍ଞାନିକ ବିଶ୍ଳେଷଣାତ୍ମକ ଶୁଦ୍ଧ ସମ୍ପାଦନାର ଆବଶ୍ୟକତା ରହିଛି ।

ଭୋଇବଂଶର ରାଜା ରାମଚନ୍ଦ୍ର ଦେବଙ୍କ ଆଦେଶରେ ବଟକୃଷ୍ଣ ମହାନ୍ତି ପାଞ୍ଜିଲିଖନ ଆରମ୍ଭ କରିଥିବା ତଥ୍ୟ ନିମିତ୍ତ ଡକ୍ଟର ହରେକୃଷ୍ଣ ମହତାବ ,ଭବାନୀଚରଣ ବନ୍ଦୋପାଧ୍ୟାୟକଙ୍କ 'ପୁରୁଷୋତ୍ତମ ଚନ୍ଦ୍ରିକା' କାବ୍ୟ ଉପରେ ନିର୍ଭର କରିଛନ୍ତି । ୧୮୪୪ ମସିହାରେ ପ୍ରକାଶିକ ଏଇ ପଦ୍ୟଗ୍ରନ୍ଥ ଓଡ଼ିଶାର ଇତିହାସ ସମ୍ପର୍କରେ ଗବେଷଣା ମୂଳକ ପ୍ରାମାଣିକ ଗ୍ରନ୍ଥ ନୁହେଁ ।

ମାଦଳାପାଞ୍ଜିର ନାମକରଣ

ଉପକ୍ରମ :

'ମାଦଳାପାଞ୍ଜି' ଓଡ଼ିଶାର ଜାତୀୟ ଜୀବନର ମର୍ମଗାଥା । ଏଥିରେ ଅନେକ ଐତିହାସିକ ତ୍ରୁଟି ପରିଲକ୍ଷିତ ହେଲେ ହେଁ ଯେପରି ଭାବରେ ଗଜପତିଙ୍କର ଶାସନ ପ୍ରକ୍ରିୟା, ରାଜ୍ୟବିଜୟ ବିବରଣୀ ସ୍ଥାନ ପାଇଛି ଏବଂ ଓଡ଼ିଶାର ସାଂସ୍କୃତିକ ଜୀବନକୁ ପାଞ୍ଜିର ଲିଖନକାରମାନେ ରୂପ ଦେଇଛନ୍ତି, ଏହାର ଚିରନ୍ତନ ମୂଲ୍ୟବୋଧକୁ ଅସ୍ୱୀକାର କରାଯାଇ ନ ପାରେ । ଓଡ଼ିଶାର ଜାତୀୟ ଜୀବନର ଅପରାଜେୟ ଆତ୍ମାର ପ୍ରତୀକ ଶ୍ରୀଜଗନ୍ନାଥ । ଓଡ଼ିଆର ଆତ୍ମସମ୍ମାନବୋଧ ସହିତ କିପରି ଶ୍ରୀଜଗନ୍ନାଥ ଏକୀଭୂତ ଏବଂ

ତାଙ୍କୁ କେନ୍ଦ୍ରକରି ଓଡ଼ିଶାରେ କିପରି ବାରମ୍ବାର ସଂଗ୍ରାମ ହୋଇଛି ମାଦଳାପାଞ୍ଜିରେ ଉଲ୍ଲେଖ ରହିଛି । ତେଣୁ ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀଠାରୁ ଊନବିଂଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କ ଇତିବୃତ୍ତ (ଶ୍ରୀଜଗନ୍ନାଥ ବାରମ୍ବାର ରତ୍ନସିଂହାସନରୁ ବାହାରକୁ ଯିବା, ବୈଦେଶିକ ଆକ୍ରମଣକୁ ରକ୍ଷା ପାଇବା ପାଇଁ ଗୋପନୀୟ ହେବାର ଚିତ୍ର) ମାଦଳାପାଞ୍ଜିରୁ ମିଳେ । ମାଦଳାପାଞ୍ଜି ଏକ ସୃଜନଧର୍ମୀ ସାହିତ୍ୟିକ ଗଦ୍ୟ ରଚନା ନ ହୋଇ ବିବରଣୀମୂଳକ ଗ୍ରନ୍ଥ ହୋଇଥିଲେ ହେଁ ଅନେକ ସମୟରେ ଏଥିରେ ଐତିହାସିକ କ୍ରମଗତ / କାଳଗତ ତ୍ରୁଟି ପରିଲକ୍ଷିତ ହୁଏ । ଏଥିରେ ଉଭୟ ବିବରଣୀମୂଳକ ଗଦ୍ୟ ଓ ସାହିତ୍ୟିକ ଗଦ୍ୟର ଅପୂର୍ବ ସମନ୍ୱୟ ସୃଷ୍ଟି ହୋଇଛି ତେଣୁ ମାଦଳାପାଞ୍ଜି ଓଡ଼ିଶାର ସାମାଜିକ ଜୀବନରେ ଏକ ମିଥ୍ (Myth)ରେ ପରିଣତ ହୋଇଛି ।

ମାଦଳାପାଞ୍ଜିର ସ୍ୱରୂପ

ମାଦଳାପାଞ୍ଜିର ନାମକରଣ ସମ୍ପର୍କରେ ଭିନ୍ନ ଭିନ୍ନ ଆଲୋଚକ ଭିନ୍ନ ଭିନ୍ନ ମତ ପ୍ରଦାନ କରନ୍ତି । ଓଡ଼ିଶାରେ ଶ୍ରୀଜଗନ୍ନାଥ ଓ ଗଜପତିଙ୍କ ଘଟଣାବଳୀକୁ କେନ୍ଦ୍ରକରି ମାଦଳାପାଞ୍ଜି ରଚିତ । ମାଦଳାପାଞ୍ଜି ସଦୃଶ ଆସାମରେ 'ବୁରୁଂଜି', କାଶ୍ମୀରରେ 'ରାଜତରଙ୍ଗିଣୀ' ଓ ସିଂହଳରେ 'ଧାତୁବଂଶ' (ଦାତବଂଶ / ଧାତବଂଶ) ରଚନାର ପରମ୍ପରା ରହିଛି । ଓଡ଼ିଶାରେ ମାଦଳାପାଞ୍ଜିର ରଚନା ବହୁ ପ୍ରାଚୀନ । କେଉଁ ପରିପ୍ରେକ୍ଷୀରେ ବା କେଉଁ ପରିସ୍ଥିତିରେ ମାଦଳାପାଞ୍ଜିର ରଚନା ଆରମ୍ଭ ହୋଇଥିଲା, ସେ ସମ୍ପର୍କରେ ବହୁ ମତଦ୍ୱୈଧ ରହିଛି । ମାଦଳାପାଞ୍ଜିରେ ବ୍ୟବହୃତ 'ମାଦଳା' ଶବ୍ଦର ଅର୍ଥ ନେଇ ମଧ୍ୟ ଭିନ୍ନ ଭିନ୍ନ ମତ ରହିଛି ।

୧୯୧୬ ମସିହାରେ ମାଦଳାପାଞ୍ଜିର ଅର୍ଥ ସମ୍ପର୍କରେ ଐତିହାସିକ ମନମୋହନ ଚକ୍ରବର୍ତ୍ତୀ କହିଛନ୍ତି; 'ମୃଦଲ' ଶବ୍ଦରୁ ମାଦଳା ହୋଇଛି । 'ମୃଦଲ' ଅର୍ଥ ମୁଦ୍ରିତ କରିବା ଅର୍ଥାତ୍ ପାଞ୍ଜି ଲେଖା ହୋଇସାରିବାପରେ ତାକୁ ଗଜପତିଙ୍କର ଜଉମୁଦଦିଆ ମୋହର ଦିଆଯାଇ ବନ୍ଦ କରାଯାଉଥିଲା । ତାଙ୍କ ମତାନୁଯାୟୀ –

ମୃଦଲ > ମୁଦଳା > ମାଦଳା

୧୯୨୭ ମସିହାରେ ରମାପ୍ରସାଦ ଚନ୍ଦ୍ର 'ଓଡ଼ିଶା ଇତିହାସ'ରେ 'ମାଦଳା' ସମ୍ପର୍କରେ ଉଲ୍ଲେଖ କରିଛନ୍ତି; 'ମର୍ଦ୍ଦଳ' ଜାତୀୟ ଏକ ବାଦ୍ୟ ଶବ୍ଦରୁ ଏହାର ଉତ୍ପତ୍ତି । ତାଙ୍କ ମତାନୁଯାୟୀ –

ମର୍ଦ୍ଦଳ > ମଦ୍‌ଦଳ > ମଦଳ > ମଦଳା > ମାଦଳା । ଏଇ ମତକୁ ପରବର୍ତ୍ତୀ ସମୟରେ 'ପ୍ରାଚୀନ ଉତ୍କଳ'ରେ ଐତିହାସିକ ଜଗବନ୍ଧୁ ସିଂହ, 'History of Orissa'ରେ ରାଖାଲ ଦାଶ ବନ୍ଦ୍ୟୋପାଧ୍ୟାୟ, 'ଓଡ଼ିଆ ସାହିତ୍ୟର ପରିଚୟ'ରେ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ପଣ୍ଡିତ ସଦାଶିବ ରଥଶର୍ମା ପ୍ରମୁଖ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ

ସମର୍ଥନ କରିଛନ୍ତି । ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି କହନ୍ତି ପାଞ୍ଜି ଲେଖିସାରିବା ପରେ ଲିଖନକାରମାନେ ଏହାକୁ ମର୍ଦ୍ଦଳାକାରରେ ବାନ୍ଧୁ ଥିଲେ ଏବଂ ମୁଦ (Seal) ଦେଇ ଶ୍ରୀମନ୍ଦିରରେ ରଖୁଥିଲେ, ତେଣୁ ଏହାକୁ ମାଦଳାପାଞ୍ଜି କୁହାଯାଏ । ଡକ୍ଟର ମାୟାଧର ମାନସିଂହ, ଡକ୍ଟର ଦେବେନ୍ଦ୍ର ମହାନ୍ତି ପ୍ରମୁଖ ଏକ ମତକୁ ସମର୍ଥନ କରନ୍ତି ।

ପରବର୍ତ୍ତୀ ସମୟରେ ଗବେଷକ ସତ୍ୟନାରାୟଣ ରାଜଗୁରୁ ଦୁଇଟି ତେଲୁଗୁ ଶବ୍ଦରୁ ମାଦଳାପାଞ୍ଜିର ଅର୍ଥ ନିର୍ଣ୍ଣୟ କରିଛନ୍ତି । ସେହି ଶବ୍ଦ ଦୁଇଟି ହେଉଛି, 'ମୋଦଳି' ଓ 'ମୋଦଲୁଗାଁ । ତାଙ୍କ ମତାନୁଯାୟୀ -

ମୋଦଳି > ମୋଦଳା > ମଦଳା > ମାଦଳା

ମୋଦଳି - ପ୍ରଥମେ ବା ପ୍ରଥମ ଅର୍ଥାତ୍ ଯାହା ପ୍ରଥମେ ଲିପିବଦ୍ଧ ହୋଇଥିଲା । ଅଥବା: ମୋଦଲୁଗାଁ > ମୋଦଲୁଆଁ > ମୋଦଲୁ > ମୋଦଲ > ମୋଦଳ > ମାଦଳା, ମୋଦଲୁଗାଁ - ପ୍ରଥମରୁ ଅର୍ଥାତ୍ ଯାହା ପ୍ରଥମରୁ ଧାରାବାହିକ ଭାବେ ଲିପିବଦ୍ଧ ହୋଇ ଆସୁଅଛି । ଏହି ମତକୁ ସମାଲୋଚକ ଡକ୍ଟର ଗଗନ୍ଦ୍ରେନାଥ ଦାସ ମଧ୍ୟ ସମର୍ଥନ କରନ୍ତି ।

ତେବେ 'ମାଦଳା'ର ଆଭିଧାନିକ ଅର୍ଥ ଅପୂର୍ଣ୍ଣ ବା ଖଣ୍ଡିଆ । ଶ୍ରୀଜଗନ୍ନାଥ ଅସମ୍ପୂର୍ଣ୍ଣ ହୋଇଥିବାରୁ ତାଙ୍କୁ ମଧ୍ୟ 'ମାଦଳା' କୁହାଯାଏ । ମାଦଳାପାଞ୍ଜି ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଲିଖନ କରାଯାଇଥିବାରୁ ଏହାକୁ ମାଦଳାପାଞ୍ଜି କହିବା ଅଧିକ ଯଥାର୍ଥ ମନେହୁଏ ।

❐



ପ୍ରକାଶ ପାଇଛି

ଡ. ଭରତ ଚନ୍ଦ୍ର ଦାଶଙ୍କ

ପୁସ୍ତକ

ପ୍ରୀତିନନ୍ଦା

ଚିତ୍ର ଓ ଚରିତ୍ର



ତପନ ମିଶ୍ର
ମୋ. ୯୪୩୯୨ ୪୧୫୪୧

ଫୁଙ୍ଗୁଳା ଗଣେଶ

“ ଦିନେ ଅଚାନକ ହୁରି ପଡ଼ିଲା ରଜା ଆସୁଛନ୍ତି । ଆମ ସ୍କୁଲ ପାଖରେ ଘାଟ । ସେ ଚାରି ପାଞ୍ଚଜଣ ସହଯୋଗୀଙ୍କ ସହ ଡଙ୍ଗାପାର ହୋଇ ଆମ ଗାଁକୁ ପଶିଲେ । ଖବର ପାଇ ଅଳ୍ପକିଛି ମାମଲତକାରିଆ ଲୋକ ଓ ରଜାଙ୍କ ଜମି ଚାଷ କରି ଉପକୃତ କେଇଜଣ ଧୂଳିଭାଗିଆ ଚାଷୀ ରଜାଙ୍କୁ ଦଣ୍ଡବତ କରି ଗାଁକୁ ପାଛୋଟି ନେଲେ । ନା ଥିଲା ଫୁଲମାଳ ନା ବାଜାବାଣ । ”

କାଉ ରା କହି ନ ଥିବ, ଜେଜେମା ବିଛଣାରୁ ଉଠାଇ ଦାନ୍ତ ଘଷିବାକୁ କହିବ । ସିନ୍ଦୂରା ଫାଟିବା ଆଗରୁ ରାତିରେ ତିଆରି କରି ରଖିଥିବା ପୋଡ଼ପିଠା ଜବରଦସ୍ତ ଖୁଆଇବ । ବହୁପ୍ରସବିନୀ ଜେଜେମାର କୋଡ ପୋଛା ପୁଅଝିଅଙ୍କ ସହିତ ନାତି ନାତୁଣୀଙ୍କର ପାହାନ୍ତାଖିଆ ସୁରୁଖୁରୁରେ ସରିଯାଏ । ଆମେ ପାହାନ୍ତିଗ୍ରାସ ସାରି ଗଣେଶ ଓ ସରସ୍ୱତୀ ପୂଜା ଓପାସ କରୁ ପୁଷ୍ପାଞ୍ଜଳି ଦେବା ପର୍ଯ୍ୟନ୍ତ । ଗ୍ରାମ୍ୟ ଜୀବନରେ ଆମ ପିଲାଦିନେ ଏ ଥିଲା ଏକ ପ୍ରାକ୍ ପୂଜା ପ୍ରସ୍ତୁତି । ଜେଜେମା ଓ ବୋଉ ଗଣେଶ କହନ୍ତି ନାହିଁ, କହନ୍ତି ନଣେଶ । ଜେଜେଙ୍କ ନାଁ ଗଣନାଥ ବୋଲି ସେମାନେ ଏ ଅଭିନବ ନାମ ବ୍ୟବହାର କରିଥାନ୍ତି । ମରହଟୀ ଜେଜୀ ସରସ୍ୱତୀ ବଦଳରେ କହେ ସୋରସୋତି । ପୂଜା ରାତିରେ ପାଠପଢ଼ା ଲେଖା ଲେଖି ବନ୍ଦ। ଏହା ଥିଲା ଏକ ବିଧି ।

ବାପାଙ୍କର ସ୍ଥାୟୀ ରୋଜଗାର ନ

ଥାଏ । ଚାଷବାସରୁ ଘର ଚଳେ । ସେ କେଉଁଠୁ ଟଙ୍କା ଆଣନ୍ତି ଆମେ ଜାଣୁନା, ହେଲେ ପୂଜା ପାର୍ବଣରେ ଆମର ନୂଆ ପୋଷାକ ହୁଏ । ପୂଜା ଆଗରୁ ବାପା ଦୂର ହାଟକୁ ଯାଇ କିଛି ବରାଦ ମୁତାବକ ନୂଆ ପୋଷାକ ଆମ ପାଇଁ କିଣି ଆଣନ୍ତି ।

ସକାଳୁ ଗାଧୋଇ ନୂଆ ପୋଷାକ ପିନ୍ଧି ହାତରେ ଭୋଗ ପସରା ଧରି ସ୍କୁଲ ଯାଉ । ନାଳିଆ ଓ କାଇଁଚ ଆଦି ତୃଣରେ ତିଆରି ସୁନ୍ଦର କମନୀୟ ପସରାରେ ତଳେ ଥାଏ ଉଖୁଡ଼ା, ତା ଉପରକୁ ଗୋଟା ନଡ଼ିଆ, କଦଳୀ, କାକୁଡ଼ି ଖସାଲଡୁ ଓ ନୂଆ ଖଡ଼ି, ପେନସିଲ୍ ।

ସ୍କୁଲରେ ପ୍ରତିମା ଆଗରେ ଧାଡ଼ି ଧାଡ଼ି ଭୋଗ ପସରା ରଖି ଆମେ ଘରେ ବୁଲି ଆସୁ, କିଏ କ'ଣ ନୂଆ ପିନ୍ଧି ଆସିଛି ଦେଖିବାକୁ ଓ ନିଜ ପୋଷାକ ଦେଖାଇବାକୁ । ଏମିତି ତ ନୂଆ ପିନ୍ଧିଲେ ମନ କୁରୁଳି ଉଠେ । ପିଲାବେଳେ ସେ ଭାବନା ଅଧିକ ଥିଲା । କିଏ ଟିକିଏ ଆସି ନୂଆ ପୋଷାକରେ ହାତମାରି ହସିଦେଲେ ମନ ଆହୁରି କୁଣ୍ଢେମୋଟ ହୋଇଯାଏ ।

ପିଲାବେଳେ ଆମ ମଫସଲରେ ଆମ ପୂଜାରେ ତିନି ପ୍ରକାର ପିଲା ଦେଖୁଥିଲୁ । ଦଳେ ମୋ ଭଳି ନୂଆ ପିନ୍ଧି, ଭରା ଭୋଗଡାଲା ଧରି ଆସୁଥିଲେ ଓ ସମସ୍ତେ ସାରଙ୍କ ପାଖରେ ପୂଜା ଚାନ୍ଦା ଆକାରରେ ଆଠଅଣା, ଟଙ୍କାଏ ଯଥେଷ୍ଟ ଆଗରୁ ଜମା ଦେଉଥିଲେ ।

ଆଉ ଦଳେ ଛୋଟ ଡାଲାରେ ଅଳ୍ପ ଭୋଗ ଧରି ଆସୁଥିଲେ ଏବଂ ନୂଆ ପୋଷାକ ପରିବର୍ତ୍ତେ ପୁରୁଣାକୁ ସଫା କରି ପିନ୍ଧୁଥିଲେ । ପୂଜାଦିନ ଚାନ୍ଦା ଦେଉଥିଲେ ବା ପରେ ଦେବେ ବୋଲି କହୁଥିଲେ । ଶେଷ ଦଳକ ପୁରୁଣା ମଳିଆ ଜାମା ପ୍ୟାଣ୍ଟ ପିନ୍ଧି ଆସୁଥିଲେ ଓ ସେଥିରେ କେଇଜଣ ଥିଲେ ଅର୍ଦ୍ଧ ନଗ୍ନ । ଦେହରେ ଜାମା ନ ଥିଲା ଏବଂ ବାରମ୍ବାର ଖସି ପଡୁଥିବା ବୋତାମ ନଥିବା ସେ ପ୍ୟାଣ୍ଟକୁ ମୋଡ଼ି ଅଣ୍ଟାରେ ସମ୍ଭାଳି ରଖିବାର କସରତ ସେମାନେ କରୁଥିଲେ । କୁପୋଷଣଗ୍ରସ୍ତ ଏହି ପିଲାମାନଙ୍କ ଫୁଙ୍ଗୁଳା ପେଟଟିମାନ ବାହାରକୁ ବାହାରି ଆସି ଏକ ମୂର୍ତ୍ତିର ଭ୍ରମ ସୃଷ୍ଟି କରୁଥିଲା ।

ସେମାନଙ୍କ ସଂଖ୍ୟା କମ୍ ଥିଲା । ତଥାପି ଏହି ବର୍ଗ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ । ସେମାନଙ୍କୁ ମାଷ୍ଟ୍ରେ ଚାନ୍ଦା ମାଗନ୍ତି ନାହିଁ । ନୂଆ ପୋଷାକ ପିନ୍ଧିବା ଓ ଭୋଗଡାଲା ଆଣିବାକୁ ସେମାନଙ୍କର ସାଣ୍ଠ ନ ଥାଏ । ପୂଜାସ୍ଥଳର ଶେଷ ଆଡ଼କୁ ସେମାନେ ବସନ୍ତି । ଆମେ ସବୁ ଜଣକ ପରେ ଜଣେ ନଡ଼ିଆ ଭାଙ୍ଗୁ । ସଭିଏଁ ପୁଷ୍ପାଞ୍ଜଳି ଦିଅନ୍ତି । ଆମେ ଦେଖୁ ଯେଉଁମାନଙ୍କ ଭୋଗ ପସରା ବଡ଼ ସେଥିରୁ ସାର୍ ଅଧିକ ଭୋଗ କାଢ଼ି ରଖନ୍ତି ।

ଆମେ ଖାଲି ପ୍ରାୟ ପସରା, ଖଡ଼ି, ପେନସିଲ ଓ ଛୋଟ ଫାଳେ ନଡ଼ିଆ ଧରି ଘରକୁ ଫେରିଲାବେଳେ ଲକ୍ଷ୍ୟ କରୁ ଜଣେ ଦି ଜଣ ଶିକ୍ଷକ ଏହି ଶେଷଧାଡ଼ିର ପିଲାଙ୍କୁ

ଶ୍ରଦ୍ଧାରେ ଏକପାଖିଆ ଥାନରେ ବସାଇ ଭୋଗ ଖାଇବାକୁ ଦେଉଥାନ୍ତି ।

ସେବେଠାରୁ ଏହି ଫୁଙ୍ଗୁଳା ଗଣେଶ ଓ ଆର୍ଥିକ ବୈଷମ୍ୟର ଚିତ୍ର ଦେଖିବା ପରେ ମୁଁ କ୍ୱଚିତ ସାର୍ବଜନୀନ ପୂଜାସ୍ଥଳକୁ ଯାଏ । ନବବସ୍ତ୍ର ଓ ପ୍ରସାଦ ପ୍ରତି ଆକର୍ଷଣ ନ ଥାଏ । ଭୋଗ ଓ ପାଦୁକ ଗ୍ରହଣରେ କୁଣ୍ଠା ଯୋଗୁଁ ଅନେକ ମୋତେ ବିଧର୍ମୀ କହନ୍ତି । ବ୍ୟକ୍ତିଗତ ଭାବେ ଆସ୍ତିକ ହେଲେ ମଧ୍ୟ କେତେକ କଥାରେ ନାସ୍ତିକ ଭାବ ମୋ ଭିତରେ ରହିଛି । ମୋତେ ବାବା ବା ଗୁରୁବାଦ ଭଲ ଲାଗେ ନାହିଁ । ଏ ପରିବର୍ତ୍ତନ କାହିଁକି ହେଲା, ତାହାର କାରଣ ମୁଁ ଜାଣିନି ।

ନୂଆ ଚାକିରୀ କରିଥାଏ । ଅଳ୍ପ ବେତନ । ରହୁଥାଏ ଭୁବନେଶ୍ୱର ବରମୁଣ୍ଡାରେ । ଥରେ ପାର୍ବଣ ପୂର୍ବରୁ ମୋର ଦୁଇ ସାନ ଭଉଣୀ ମୋ ପାଖକୁ ଆସି କିଛିଦିନ ରହିଲେ । ପୂଜା ପାଇଁ ସେମାନଙ୍କର ନୂଆ ପୋଷାକ ଦରକାର । ବାପା ବୋଧହୁଏ ମୋ ଅବସ୍ଥା ବୁଝି ଚିଠି ଲେଖିଲେ- ବ୍ୟସ୍ତ ହେବୁନି, ଝିଅ ଦୁହିଁଙ୍କ ପାଇଁ କପଡ଼ା ପାର୍ଶଲ କଲି । ପୋଷାକ ସିଲେଇ କରିଦେବୁ । ସେ ପାର୍ଶଲ କିନ୍ତୁ ପହଞ୍ଚିଲା ନାହିଁ । ଡାକଘରୁ ବୁଝିଲି ଯେ ତାହା ବାଟରେ ହଜିଯାଇଛି । କରଜ କରି ତାଙ୍କ ଆବଶ୍ୟକତା ପୂରଣ କରିବାକୁ ଭଉଣୀ ଦ୍ୱୟ ମୋତେ ସୁଯୋଗ ନ ଦେଇ ଗାଁକୁ ଫେରିଗଲେ ସତ, ମୋ ମନରେ ଏକ ଅଭୁଲା ଯନ୍ତ୍ରଣା ଛାଡ଼ିଦେଇଗଲେ । ଏବେ ସେ କଥା ମନେ ପଡ଼ିଲେ କୋହ ଆସେ । କିଛି ଘଟଣା ଦେଖିବାକୁ ଛୋଟ ହେଲେ ମଧ୍ୟ ତାହାର ଯନ୍ତ୍ରଣା ପ୍ରବଳ ଏବଂ ଅଭୁଲା ।

ବ୍ରାହ୍ମଣ ଓ ଯୀଶୁ

ଶାମ୍ବପୁରାଣ, ଭବିଷ୍ୟପୁରାଣ ଏବଂ ମହାଭାରତର ତଥ୍ୟ ଅନୁସାରେ ପ୍ରାଚୀନ ଭାରତରେ ଏବେକାର ପାକିସ୍ଥାନ ଅନ୍ତର୍ଗତ ମୁଲତାନରେ ମିତ୍ରପୂଜା ବା ସୂର୍ଯ୍ୟପୂଜା କରିବା ପାଇଁ ଦଶଜଣ ମଗ ବ୍ରାହ୍ମଣଙ୍କୁ ତତ୍କାଳୀନ ଶାସକ ନିମନ୍ତ୍ରଣ କରିଥିଲେ । ମୁଲତାନର ସେତେବେଳର ନାମ ଥିଲା ମିତ୍ରବନ । ସେହି ବ୍ରାହ୍ମଣମାନଙ୍କ ବଂଶଧର ଭାରତରେ ସକଲଦ୍ୱୀପୀୟ, ସାକଦ୍ୱୀପା, ଭୋଜକ, ମଗ ଏପରିକି ଆମ ଓଡ଼ିଶାରେ କେତେକଙ୍କ ମତରେ ସାରୁଆ ବ୍ରାହ୍ମଣ ନାମରେ ପରିଚିତ । ବିଭିନ୍ନ ଐତିହାସିକ ତଥ୍ୟ ଅନୁସାରେ ମଗମାନେ ସମ୍ଭବତଃ ପାରସ୍ୟ ବା ଇରାନର ସାକଦ୍ୱୀପନ ନାମକ ସ୍ଥାନରୁ ଭାରତ ଆସିଥିଲେ । ଅଲ ବରୌନିଙ୍କ ମତରେ ଏମାନେ ମୂଳତଃ ଜୋରାଷ୍ଟର ଧର୍ମାବଲମ୍ବୀ ଏବଂ ଅଗ୍ନି ଉପାସକ ଥିଲେ । ସେମାନେ ବାହାରୁ ଆସିଥିବାରୁ ଜମ୍ବୁଦ୍ୱୀପ ଏବଂ ଆର୍ଯ୍ୟବର୍ତ୍ତର

ବ୍ରାହ୍ମଣମାନେ ଏମାନଙ୍କୁ ହୀନଚକ୍ଷୁରେ ଦେଖୁଥିଲେ ।

ଏହା ଖ୍ରୀଷ୍ଟପୂର୍ବ ୯୦୦ରୁ ୬୦୦ କାଳର କଥା । ସେତେବେଳେ ସୌର ଉପାସନା ବିଶେଷ ପ୍ରସାର ଲାଭ କରି ନ ଥିଲା ଏବଂ କୌଣସି ସମ୍ରାଟ ବା ବଡ ଶାସକ ଏହାକୁ ରାଜକୀୟ ପୃଷ୍ଠପୋଷକତା ଦେଉ ନ ଥିଲେ । ସିଦୀଆନ ଶାସନକାଳରେ ସୌର ଉପାସନା ବଢ଼ିଲା ଏବଂ ମଗ ବ୍ରାହ୍ମଣଙ୍କର ପ୍ରଭାବ ବୃଦ୍ଧି ପାଇଲା । ସେମାନେ ଏବେକାର ରାଜସ୍ଥାନ, ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ, ବିହାର ଓ ଓଡ଼ିଶାର ବିଭିନ୍ନ ସ୍ଥାନରେ ବସବାସ କଲେ । ସାପଦ୍ୱୀପୀୟ ବ୍ରାହ୍ମଣ ଉଭୟ ବେଦ ଓ ଆୟୁର୍ବେଦରେ ପ୍ରବୀଣ ଥିଲେ । ବରାହମିହୀର, ଆର୍ଯ୍ୟଭଟ୍ଟ, ଚାଣକ୍ୟ, ବାଣଭଟ୍ଟ ଓ କୌଣ୍ଡିନ୍ୟାୟନ ଆଦି ଏହି ବ୍ରାହ୍ମଣ ସମ୍ପ୍ରଦାୟର । ଏମାନେ ମୁଖ୍ୟତଃ ସୂର୍ଯ୍ୟ ଉପାସକ । କୁହାଯାଏ ଦୁଇଜଣ ମାଗୀ ବ୍ରାହ୍ମଣଙ୍କୁ ରୋମ ସାମ୍ରାଜ୍ୟକୁ ପଠାଯାଇଥିଲା । ସେମାନେ କୁଆଡ଼େ ଯୀଶୁଖ୍ରୀଷ୍ଟଙ୍କ ଦେବତ୍ୱକୁ ପରୀକ୍ଷା କରି ଦିବ୍ୟପୁରୁଷ ଭାବେ ଘୋଷଣା କରିଥିଲେ ।

ଭାରତୀୟ ଶାସ୍ତ୍ର ପୁରାଣରେ ଅବଶ୍ୟ ଅନେକ ପରସ୍ପର ବିରୋଧୀ ତଥ୍ୟ ରହିଛି । ତାହାକୁ ନେଇ ବିବାଦ ସୃଷ୍ଟି ଏ ଲେଖାର ଉଦ୍ଦେଶ୍ୟ ନୁହେଁ । ଗୋଟିଏ ସୂତ୍ର ଅନୁସାରେ ପ୍ରଭୁ ଶ୍ରୀକୃଷ୍ଣ ମଗ ବ୍ରାହ୍ମଣମାନଙ୍କୁ ସାକଦ୍ୱୀପରୁ ଜମ୍ବୁଦ୍ୱୀପକୁ ପ୍ରଥମେ ନିମନ୍ତ୍ରଣ କରି ଆଣିଥିଲେ । ନିଜର ଶାପଗ୍ରସ୍ତ ପୁତ୍ର ଶାମ୍ବକୁ କୁଷ୍ଠବ୍ୟାଧିରୁ ମୁକ୍ତ କରିବାକୁ ସେ ଏହି ବ୍ରାହ୍ମଣମାନଙ୍କ ଚିକିତ୍ସା ଲୋଡ଼ିଥିଲେ । ସେତେବେଳେ ସାକଦ୍ୱୀପରୁ ଶ୍ରୀକୃଷ୍ଣ ଜମ୍ବୁଦ୍ୱୀପକୁ ମାତ୍ର ୧୮ଟି ବ୍ରାହ୍ମଣ ପରିବାର ଆଣି ଦ୍ୱାରକାରେ ସ୍ଥାୟୀ ବସବାସ ସୁବିଧା ଦେଇଥିଲେ । ମହାଭାରତ ଯୁଦ୍ଧ ଖ୍ରୀଷ୍ଟପୂର୍ବ ୯୦୦ ଅକ୍ଟୋବର ୨୩ରୁ ନଭେମ୍ବର ୯ ମଧ୍ୟରେ ହୋଇଥିଲା । ଶାମ୍ବ ଘଟଣା ତା' ପୂର୍ବର ।

ଏହାପରେ ୭୨ ମଗ ବ୍ରାହ୍ମଣ ପରିବାର ମଗଧ ସମ୍ରାଟଙ୍କ ଅନୁରୋଧକ୍ରମେ ସେ ରାଜ୍ୟର ବିଭିନ୍ନ ସ୍ଥାନରେ ବସବାସ କଲେ । ପରେ ସମାନ ପ୍ରକ୍ରିୟାରେ ଅନ୍ୟ ରାଜ୍ୟକୁ ଗଲେ । ମଗ ବ୍ରାହ୍ମଣ ଦୁଇ ସମ୍ପ୍ରଦାୟରେ ବିଭକ୍ତ । ସେମାନେ ହେଲେ ମଗ ଓ ଭୋଜକ । ଉଭୟ ଉଭୟଙ୍କ ସହିତ ସମ୍ପର୍କିତ ହୋଇଥିଲେ ମଧ୍ୟ ମଗ ଭୋଜକଙ୍କ ଠାରୁ ଉତ୍‌କୃଷ୍ଟ ବୋଲି ଦାବି କରନ୍ତି । କୁହାଯାଏ ଶାମ୍ବପୁରାଣ ବୈଜ୍ଞାନିକ, ଭୌଗୋଳିକ ଓ ପଦାର୍ଥ ବିଜ୍ଞାନଗତ ତଥ୍ୟରେ ଭର୍ତ୍ତି । ସୁବିଧା ଦେଖି ପଢ଼ିବାକୁ ହେବ ।

ଏଠାରେ ଉଲ୍ଲେଖଯୋଗ୍ୟ ସେ ପ୍ରାଚୀନ ଭାରତର ପ୍ରଥମ ସୂର୍ଯ୍ୟ ମନ୍ଦିର ଏବେକାର ମୁଲତାନର ରାବୀ ନଦୀକୂଳରେ ନିର୍ମିତ ହୋଇଥିଲା । ସେ ସ୍ଥାନର ନାମ ଥିଲା ମିତ୍ରବନ ଶାମ୍ବପୁରାଣ । ତାହାର ବହୁକାଳ ପରେ ଓଡ଼ିଶାର ଚନ୍ଦ୍ରଭାଗା ନିକଟରେ ତ୍ରୟୋଦଶ ଶତାବ୍ଦୀରେ ନିର୍ମିତ ହୋଇଥିଲା ବିଶ୍ୱ ପ୍ରସିଦ୍ଧ କୋଣାର୍କ ମନ୍ଦିର ଯାହା ସୂର୍ଯ୍ୟ ଉପାସନା ସହିତ ସମ୍ପୃକ୍ତ ।

ଏକଦା ପ୍ରଖ୍ୟାତ ଡାକ୍ତର ମଧୁସୂଦନ ଖାଡ଼ଙ୍ଗା ତାଙ୍କ ଘରେ ଏକ ବୈଠିକୀରେ ମତେ ପଚାରିଲେ 'ଆମକୁ ସାରୁଆ ବ୍ରାହ୍ମଣ କାହିଁକି କହନ୍ତି ?' ମୁଁ କହିଲି, ଆଜ୍ଞା ସାରସ୍ୱତରୁ ସାରୁଆ ହୋଇଥିବେ । ବ୍ରାହ୍ମଣ ବୃତ୍ତି ଛାଡ଼ି ଚାଷବାସ ଓ ମହାଜନୀ କରୁଥିବେ । ସେଥିପାଇଁ ବୋଧହୁଏ ।' ଇରାନ ଲୋକଙ୍କ ପରି ଦେଖିବାକୁ ସୁନ୍ଦର ଡାକ୍ତର ଖାଡ଼ଙ୍ଗା ମୋ ଉତ୍ତରରେ ସନ୍ତୁଷ୍ଟ ନଥିବା ମୁଁ ଅନୁଭବ କରିଥିଲି । ଡାକ୍ତର ଖାଡ଼ଙ୍ଗା ଅନେକ ଦିନରୁ ଗଲେଣି । ସେ ପଚାରିଥିବା ପ୍ରଶ୍ନର ସନ୍ଧାନରେ ଥିବାବେଳେ ଏତକ ବହୁ ବିଳମ୍ବରେ ପାଇଲି । ଏହା କିନ୍ତୁ ଶେଷ ନିଷ୍କର୍ଷ ହୋଇ ନ ପାରେ । ଆହୁରି କିଛି ତଥ୍ୟ ଥାଇ ପାରେ ।

ନିଖୋଜ ପାଳଭୂତ

ନା ଅଛି ଚିରାଳ, ନା ଚାହିକିଚିକା; କେଇଁଖଣ୍ଡ ଅଗିବାଉଁଶ, ବତା ଓ କଣିର ଛାଞ୍ଚ ଉପରେ ପାଳକୁଟାର ଛପର । ଭିତରେ ଚାଖଣ୍ଡେ ବହଳର ଶୋଧାମାଟି । ଅନାମିକା ନଈର ପଠାରେ ଥିବା ସବୁଜ ଖେତର ଏକ ହେଟାମୁଣ୍ଡିଆ କଣରେ ଠିଆ ହୋଇଛି ଏହି ପିଲା । ଖଣ୍ଡେ ଦୂରରେ ପାଳଭୂତ ଫସଲ ଜଗିଛି ପବନରେ ଦୋହଲି ଦୋହଲି । ପିଲା ମୁଣ୍ଡରେ ଖଣ୍ଡେ ବରଡ଼ା ତାଟି । ତା' ଭିତରେ ଥାଏ ଖଣ୍ଡେ ଖଜୁରୀ ଚଟେଇ, ଦିଟା ଠେଙ୍ଗା, ଦିଟା ପାଳ ମୁଚୁଲା, ଗୋଟେ ପାଣିଭର୍ତ୍ତି ସୁରେଇ ଓ ମାଟିଘଡି । ଚାଳରେ ଖୋସା ଯାଇଥାଏ ଖଇନି ଓ ଦୋକ୍ତା ପୁଡ଼ିଆ ।

ଅଗଣି ବଇଷିମ ତା ଭିତରେ ବସି ଦିନରେ ତା କାକୁଡ଼ି, ଫୁଟି, ତରଭୁଜ ଓ ପନିଅର ଜଗେ । ଖରାରେ ପଖାଳ ନିଦରେ କେତେବେଳେ ଢୁଳେଇ ପଡ଼େ । ହଠାତ୍ ଉଠିପଡ଼ି ହୋଏ ହୋଏ ହୁଏ, ପଲାରୁ ବାହାରି କାହାକୁ ଅଡ଼ାଇବାର ଶବ୍ଦ କରେ ଅଭ୍ୟାସବଶତଃ । ଗୋରୁ ମଣିଷ କେହି ନ ଥାନ୍ତି । ପାଳଭୂତ ପବନରେ ଆହୁରି ଜୋର ହଲେ । ଭୂତ ପିନ୍ଧିଥିବା ଜାମାର ଲମ୍ବା କନାହାତ ଯୋଡ଼ିକ ଦୋହଲି ଦୋହଲି ଇସାରା ଦେଉଥାଏ 'ମୁଁ ଜଗିଛି' । ଅଗଣି ପୁଣି ପଲାକୁ ଆସେ ଓ ଢୁଳେଇ ପଡ଼େ । ସେ ସ୍ୱପ୍ନ ଦେଖେ ତା ଭାଗ୍ୟ ବଦଳି ଯାଉଛି । ନିଖୋଜ ହୋଇଥିବା ଏକମାତ୍ର ପୁଅଟାର ଖବର ମିଳିଛି । ସେ ଓ ତା ଘରଣୀକୁ ମାଗଣା ଚାଉଳ ଓ ଭତ୍ତା ପରେ ଆବାସ ମଞ୍ଜୁର ହୋଇଛି । ଅଳ୍ପଦୂରରେ ଅର୍ଘାସୁରୀ ବଜାରକୁ ରାସ୍ତା । ସେଠି ନଈ ଉପରେ ପୋଲ । ଘାଟଡଙ୍ଗା ଉଠିଗଲାଣି । ଏବେ ଭୋଟ ପ୍ରଚାର ପାଇଁ ଗାଡ଼ିମଟରର ଧାଁ ଧପଡ଼ ବଢିଛି ।

ପୁଅ କଥା ମନେପଡ଼ି ତା ଆଖିରେ ଲୁହ ଆସିଗଲା । ଏମିତି ତା'କୁ ସେ ଆସି ଚାଷ କାମରେ ସାହାଯ୍ୟ କରୁଥିଲା । ପାଠ ସେତେ ଭଲ ହେଉ ନ ଥିଲା । ଏଇ ପଲାରେ ଖରାବେଳେ ବସି ବହି ପଢୁଥିଲା, ଅଙ୍କ କଷୁଥିଲା । ଆସ୍ତେ ଆସ୍ତେ କୁସଙ୍ଗରେ ପଡ଼ିଲା । ବିଡି ଟାଣିଲା, ନିଶାପାଣି କଲା, ଖରାପ ବହି ଲୁଚେଇ ପଢ଼ିଲା । ସାଙ୍ଗଙ୍କ ସହିତ ମିଶି ମୋବାଇଲିରେ ନଙ୍ଗଳା ଫଟୋ ଦେଖିଲା । ଦିନେ ରାଗରେ ପିଲାଟାକୁ ଜୋର ଗାଳିଗୁଲଜ କରିବାରୁ ଘରଛାଡ଼ି କୁଆଡ଼େ ଚାଲିଗଲା ଯେ ଦିବର୍ଷ ହେବ ଖବର ନାହିଁ ।

ଅଗଣି ବଇଷମ ନିଜକୁ ବୁଝେଇ ନିଏ । ପୁଣି ଭାବେ ଦୋଳ, ପଣା ଓ ଉଠା ସଂକ୍ରାନ୍ତି ଗଲା । ରଜ ସଂକ୍ରାନ୍ତିକୁ ଖେତ ଉଜୁଡ଼ିବ । ତା'ପରେ ବର୍ଷା ବଢ଼ି ଆସିବ ଓ ଜମି ବୁଡ଼ିଯିବ । ଚାରିମାସ ଭିତରେ ଯାହା ମିଳିଲା ମିଳିଲା । ସେଦିନ ହଠାତ୍ କେଇଜଣ ବାଟଭାଙ୍ଗି ତା ପଲା ଆଡ଼କୁ ଆସିଲେ । ଭଲ କଥାବାର୍ତ୍ତା କରି ତରଭୁଜ କିଣି ଖାଇଲେ । ସୁଖ ଦୁଃଖ ହୋଇ ତାଙ୍କ ଦଳକୁ ଭୋଟ ଦେବାକୁ କହିଲେ । ଆଉ ପ୍ରତିଶ୍ରୁତି ଦେଲେ ତାଙ୍କ ସରକାର ଆସିଲେ ତା'ର ସବୁ ସୁବିଧା କରିଦେବେ । ଗଲାବେଳକୁ ତା ପଲା ଉପରେ ଏକ ବଡ଼ ପ୍ରଚାର ଫ୍ଲେକ୍ସ ଟାଙ୍କି ଦେଇଗଲେ । ଅଗଣି ଦେଖିଲା ଲାଗଲାଗ ଆଉ ଦି' ତିନିଟା ଦଳର ଲୋକେ ତା କଡିକି ଆସିଲେ । ତରଭୁଜ କିଣି ଖାଇ ଭୋଟ ଦେବାକୁ କହିଲେ । ସେହି ଏକାକଥା ଆମେ ଜିତିଲେ ତୁମ ଦୁଃଖ ଯିବ । ଗଲାବେଳେ ସେମିତି ତା ପଲା ଉପରେ ଦଳୀୟ ଫ୍ଲେକ୍ସ ଝୁଲେଇ ଦେଇଗଲେ ।

ସେଦିନ ଦ୍ୱିପ୍ରହରେ ଗୋଟେ ଧୂଳିଝଡ଼ ସହ ପ୍ରବଳ କୁଆପଥର ବର୍ଷା ହେଲା । ତା ପଲା ପବନରେ ଉଡ଼ି ଚିତ୍କାତ ହୋଇଗଲା । ପଲାରୁ ଖସି ପଡ଼ିଥିବା ଗୋଟେ ଫ୍ଲେକ୍ସକୁ ସେ ଦେବାଡ଼୍ ଧରି ପକାଇ ତାକୁ ଗୁଡେଇ ହୋଇ ହିଡ଼ ପାଖରେ ମୁଣ୍ଡଗୁଞ୍ଜି କୌଣସି ପ୍ରକାର ସମ୍ଭାଳି ହୋଇଗଲା । ଝଡ଼ ଥମିବାରୁ ସେ ଉଠି ଦେଖିଲା ଘୂର୍ଣ୍ଣି ଓ କୁଆପଥର ବର୍ଷା ମାଡ଼ରେ ତା' କିଆରି ଖିନଭିନ୍ ହୋଇଯାଇଛି । ପାଳଭୂତ ତା' ସହିତ ନିଖୋଜ । ସେ ଦୀର୍ଘଶ୍ୱାସ ପକାଇ ଘରକୁ ଫେରିଲା ।

ମୋତିଆ ମା ଓ ରଜା

୧୯୭୧ ବିଧାନସଭା ନିର୍ବାଚନ ବେଳକୁ ଆମେ ମାଇନର ସ୍କୁଲରେ । ଆମ ନିର୍ବାଚନମଣ୍ଡଳୀ ଥିଲା ଅବିଭକ୍ତ କଟକ ଜିଲ୍ଲାର ଆଳି । ସେଥର ପ୍ରଥମ କରି ନିର୍ବାଚନ ଲଢୁଥାନ୍ତି ପୂର୍ବତନ ଆଳି ରାଜବଂଶର ଦାୟାଦ ଶରତ ଦେବ ସ୍ୱତନ୍ତ୍ର ଦଳରୁ ତାରା ଚିହ୍ନରେ । ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଦିବାକର ନାଥଶର୍ମା । ସେତେବେଳେ ସେ ଥାଆନ୍ତି

ବିଧାୟକ । ଆଳିର ପଶ୍ଚିମାଞ୍ଚଳର ନଦୀ ବେଷ୍ଟିତ ଦଶଟି ପଞ୍ଚାୟତ ଭିତରେ ଥାଏ ଆମ ଗାଁ । ଅପାଣ୍ଡବା ଇଲାକା । କୌଣସି ମୌଳିକ ସୁବିଧା ସେତେବେଳେ ନ ଥାଏ । ଆମେ କିନ୍ତୁ ଦିବାକରବାବୁଙ୍କୁ ଚିହ୍ନିଥିଲୁ । ସେ ପେସାରେ ଡାକ୍ତର । ନିଜ ଜିପ୍ ଧରି ସେ ଆଳି ରିଙ୍ଗବନ୍ଧରେ ଆସି ନଈ ପାର ହୋଇ ପାଦରେ ଚାଲିଚାଲି ଗୁରୁତର ରୋଗୀଙ୍କୁ ଚିକିତ୍ସା କରନ୍ତି । ଏହା ସହିତ ରାଜନୀତି ଓ ଲୋକ ସମ୍ପର୍କ କାମ ମଧ୍ୟ କରିଥାନ୍ତି । ବେଳେବେଳେ ଆମ ସ୍କୁଲରେ ରାତି କାଟନ୍ତି । ହଠାତ୍ ଶୁଣିଲୁ ଆଳି ଆସନରୁ ଜଣେ ରଜା ଶରତ କୁମାର ଦେବ ଠିଆ ହୋଇଛନ୍ତି ନିର୍ବାଚନରେ । ଆମ ପିଲାଙ୍କ ମଧ୍ୟରେ ରଜାଙ୍କୁ ଦେଖିବାର କୌତୁହଳ ବଢ଼ିଲା । ଫଟୋ ଦେଖିଥିବା ରଜାଙ୍କ ଭଳି ଇଏ ହେଇଥିବେ ବୋଲି ଆମ ନିପଟ ମଫସଲର ପିଲାଏ ଭାବି ନେଇଥିଲେ ।

ଦିନେ ଅଚାନକ ହୁରି ପଡ଼ିଲା ରଜା ଆସୁଛନ୍ତି । ଆମ ସ୍କୁଲ ପାଖରେ ଘାଟ । ସେ ଚାରି ପାଞ୍ଚଜଣ ସହଯୋଗୀଙ୍କ ସହ ଡଙ୍ଗାପାର ହୋଇ ଆମ ଗାଁକୁ ପଶିଲେ । ଖବର ପାଇ ଅଳ୍ପକିଛି ମାମଲତକାରିଆ ଲୋକ ଓ ରଜାଙ୍କ ଜମି ଚାଷ କରି ଉପକୃତ କେଇଜଣ ଧୂଳିଭାଗିଆ ଚାଷୀ ରଜାଙ୍କୁ ଦଣ୍ଡବତ କରି ଗାଁକୁ ପାଛୋଟି ନେଲେ । ନା ଥିଲା ଫୁଲମାଳ ନା ବାଜାବାଣ । ଆମେ ଦେଖିଲୁ ଘିଅ ରଙ୍ଗର ଏକ ପଞ୍ଜାବୀ ଓ ଟ୍ରାଉଜର ପିନ୍ଧା ଜଣେ ୨୬/୨୭ ବର୍ଷର ସୌମ୍ୟଦର୍ଶନ ଯୁବକ ନମସ୍କାର କରି ଆଗକୁ ବଢୁଛନ୍ତି । ଦୁଧଅଳତା ରଙ୍ଗର ଶରୀର, ଲମ୍ବାନାକ, ପ୍ରସାରିତ କପାଳ ସହିତ ମୁଣ୍ଡରେ ଗହଳ କଳାବାଳ ରାଜକୀୟ ଢଙ୍ଗରେ ସୁବିନ୍ୟସ୍ତ । ଆପଲ ପରି ଗାଲରେ ହଳେ ଗହଳିଆ ଗାଲମୋଛା (ଲମ୍ବାକଲି) । ଜଳଜଳ ଚକ୍ଷୁ ଯୁଗଳ ସହିତ ପରଜାପତିଆ ହଳେ ନିଶ । ହାତରେ ସୁନାମୁଦି, ବେକରେ ସରୁ ସୁନାଚେନ ଓ ପଞ୍ଜାବୀରେ ସୁନା ବୋତାମ, ହାତରେ ଦାମିକା ଘଡ଼ି, ଗୋଡ଼ରେ ନାଗରା ଜେତା, ଲମ୍ବା ସୁସ୍ଥ ଶରୀର, ମଥାରେ ରାଜତିଳକ, ଚାହାଣି ଓ କଥାବାର୍ତ୍ତାରେ ଏକ ସମ୍ଭ୍ରାନ୍ତ ଠାଣି, ଶ୍ରୁତି ମଧୁର ସ୍ୱର ।

ସମସ୍ତେ ତାଙ୍କ ରୂପ ଦେଖି ମୁଗ୍ଧ ହୋଇଗଲେ । ସେ କ'ଣ ସବୁ କଥାବାର୍ତ୍ତା କରି ଗାଁ ଭିତରକୁ ଆଗେଇଲେ । ପ୍ରଥମେ ପଡ଼ିଲା ମିଶ୍ରସାହି । ସେଠି ସେ ଆମ ଡିପ ଉପରକୁ ଉଠି ବୟସ୍କଙ୍କୁ ପ୍ରଣାମ କଲେ । ମଝିଆଁ ଜେଜେ ଗଦଗଦ ହୋଇ ମଙ୍ଗଳାଷ୍ଟକ ଗାଇ ରାଜାଙ୍କୁ ଆଶୀର୍ବାଦ କଲେ । ଆଉ କହିଲେ ଆପଣଙ୍କ ପୂର୍ବପୁରୁଷ ଆମ ବଂଶକୁ ଆଣି ସବୁ ସୁବିଧା ଏଠାରେ କରାଇଥିଲେ ।

ରାଜା ସ୍ମିତହାସ୍ୟ ପ୍ରକାଶ କରି ଗାଁ ଭିତରକୁ ପଶିଲେ । ଚୌପାଡ଼ି ପକ୍କା ପିଣ୍ଡାରେ ବସି ଲୋକଙ୍କ ସହ କ'ଣ ସବୁ କଥା ହେଲେ । ବେଶି ଗହଳି କିମ୍ବା ଆଦର ଅଭ୍ୟର୍ଥନା ନ ଥିଲା । ହେଲେ ଗାଁର ମାଇପେ, ଝିଅ ଓ ପିଲାଏ ନିଜ ନିଜର ସୁବିଧା ମୁତାବକ ଥାନରେ ଛିଡ଼ା ହୋଇ ରଜା ଶରତ ଦେବଙ୍କୁ ଦେଖୁଥିଲେ । ଆମେ କେଇଜଣ ରଜାଙ୍କ

ରାଜପୋଷାକ ଓ ମୁକୁଟ ଦେଖିବାକୁ ନ ପାଇ ହତାଶ ହେଲେ ମଧ୍ୟ ଜଣେ ଦିବ୍ୟପୁରୁଷକୁ ଅତି ପାଖରୁ ଦେଖି ଆନନ୍ଦିତ ହେଉଥିଲୁ ।

ହଠାତ ଜଣେ ବୁଢ଼ୀ ପାଖ ଦୋକଡ଼ି (ଗଳି)ରୁ ବାହାରି ଧୀରେ ଧୀରେ ରଜାଙ୍କ ପାଖକୁ ଆସିଲା । ସେ ଥିଲା ପୂର୍ବର ଖ୍ୟାତ ରାଉତରା ବଂଶର ଜଣେ ନିର୍ଧନା, ନିଃସହାୟା ବିଧବା । ତାକୁ ସମସ୍ତେ ମୋତିଆ ମା' ବୋଲି କହନ୍ତି । ତା'ର ମୋତି ନାମରେ କିଏ ଝିଅ ଥିଲା ତାହା ଆମେ ଜାଣି ନ ଥିଲୁ ।

ସେ ଓଢ଼ଣା ଲମ୍ବେଇ ଧୀରେ ରାଜାଙ୍କ ପାଖୁ ଆସି ମୁଣ୍ଡ ନୋଇଁ ଛିଡ଼ା ହେବା ସହିତ ପ୍ରଣାମ କରିବାକୁ ହାତ ଯୋଡ଼ିବା ପୂର୍ବରୁ ରାଜା ଆଗତୁରା ତା'କୁ ନମସ୍କାର ଜଣାଇ ମା' କ'ଣ କହିବ ବୋଲି ପଚାରିଲେ । ନମସ୍କାର କଲେ । ମୋତିଆ ମା' ସେମିତି ଓଢ଼ଣି ଭିତରେ ମୁହଁ ଲୁଚାଇ ଧୀରେ ଧୀରେ ଗଳି ଭିତରେ ଅଦୃଶ୍ୟ ହୋଇଗଲା । ରଜା ଆମ ଗାଁରୁ ବିଦାୟ ନେଲେ । ଆଉ କେହି ତାଙ୍କ ପାଖରେ ଆପତ୍ତି କରି ନ ଥିଲେ କି ସାହାଯ୍ୟ ମାଗି ନ ଥିଲେ । ରଜା ଯେଉଁ ସାହାଯ୍ୟ ଦେଲେ ତାହାର ପରିମାଣ ନେଇ କାହାର ଅସନ୍ତୋଷ ନଥିଲା । ଲୋକେ ବରଂ କୁହାକୁହି ହେଉଥିଲେ କେତେ ଦୁଃଖରଙ୍କିଙ୍କୁ ଦବାକୁ ହେବ । ଆଉ କେତେ ଦେଇଥାନ୍ତେ ?

ସେତେବେଳେ ଗାଁର ଅଭାବୀ ଲୋକେ ରୁଟି ଖାଉଥିଲେ ଓ ଅଟା କିଲୋ ଥିଲା ବାରଣାରୁ ଅଶି ପଇସା । ଭଲ ଚାଉଳ କିଲୋ ଏକ ଟଙ୍କାରେ ମିଳୁଥିଲା । ମଜୁରି ଥିଲା ପାଁଶୁକା (ଟଙ୍କେ ଚାରଣା) । ଚବିଶ କ୍ୟାରେଟ ସୁନାଭରି ଥିଲା ପ୍ରାୟ ୨୦୦ଟଙ୍କା । ସେତେବେଳେ ଆଜିକାଲି ଭଳି ନେତାଙ୍କ ଅନ୍ଧାରୀ ବିଜେ ଓ ଟଙ୍କା ବଣ୍ଟା ସଂସ୍କୃତି ଆମ ଆଡ଼େ ପ୍ରାୟତଃ ନ ଥିଲା । ରଜା ଜିତିଲେ । ସେ ବର୍ଷ ଅକ୍ଟୋବର ବାତ୍ୟା ଓ ତା ପୂର୍ବର ବନ୍ୟାରେ ଆମ ଅଞ୍ଚଳ ବିଶେଷ କ୍ଷତିଗ୍ରସ୍ତ ହୋଇଥିଲା । ସେତେବେଳେ ମୁଁ ଦେଖିଲି ଅନେକ ସ୍ୱଚ୍ଛଳ ଲୋକ ସରକାରୀ ରିଲିଫ୍ ପ୍ରଥମ କରି ନେଲେ । ହେଲେ ଘରଭଙ୍ଗା ସହାୟତା ଗ୍ରହଣରେ କାହାରି କୁଣ୍ଠା ନ ଥିଲା । ପରେ ନନ୍ଦିନୀ ଶତପଥୀଙ୍କ ଶାସନ କାଳରେ ଅଟା ଦର ଦୁଇଗୁଣ ହୋଇଗଲା । ଲୋକେ ବ୍ୟଙ୍ଗକରି ଗୀତ ଗାଇଲେ-

"ଇନ୍ଦିରା, ନନ୍ଦିନୀ ବଡ଼ ଚତୁରୀ
ଅଟା କିଲୋ କଲେ ଟଙ୍କେ ସତୁରୀ ।"

ଏଇ ନିର୍ବାଚନରେ କଟକରେ ଆମ ଘରୋଇ ସହାୟିକା ତା ବସ୍ତିର ଲୋକଙ୍କ ସହ ବିଭିନ୍ନ ଦଳର ରାଲିରେ ଫୁରୁସତ ସମୟରେ ଯାଉଛି । ହେଲେ ସେ ଅସନ୍ତୁଷ୍ଟ । ବଡ଼ ଦଳ ଦିନକୁ ଦିଶହରୁ ଅଧିକ ଦେଉ ନାହାନ୍ତି । ଭୋଟ ବେଳକୁ ବସ୍ତିରେ ଟଙ୍କା ବଣ୍ଟାକୁ ନେଇ ସେ ସନ୍ଦିହାନ । ଅଭିଯୋଗ ସେ ବାଡ଼ିପୋଡ଼ା କୁକି ନେତା ବାଟମାରଣା କରୁଛନ୍ତି । ଆମ ଆଳି ଅବସ୍ଥା କ'ଣ ସେ ଖବର ଅବଶ୍ୟ ମୋ ପାଖରେ ନାହିଁ ।

ଛୁଆ ବତକର ପିଲା

ଆମ ଓଡିଶାରେ ସବୁ ବଡ, ମହାନ, ପ୍ରକାଣ୍ଡ । ନାଁଠୁ ଗାଁ, ଦିଅଁରୁ ଦାଣ୍ଡ, ପ୍ରସାଦରୁ ମହୋଦଧି, ଆହୁରି କେତେ କ'ଣ । ସତ କି ମିଛ ପରଖିବାକୁ ବେଳ ନ ଥାଏ । ସମସ୍ତେ କହୁଛନ୍ତି ଆମେ କହିବା । ଏହା ସହିତ ଆମର ସ୍ୱାଭିମାନ ଜଡିତ । ନେତାଙ୍କ ଭାଷାରେ ଏହା ଆମ ଅସ୍ମିତାର କଥା ।

ଆମ ଜାତକ ଦେଖୁ ନାହାନ୍ତି, ଯେଉଁଥିରେ ଆମ ଠାକୁର ରାଜାଙ୍କ ଏକ ବିରାଟ ନାମ ପରମ୍ପରା କ୍ରମେ ଲେଖାଯାଉଛି । ଏହି ପରମ୍ପରା ଅନୁସାରେ ଶିଶୁଟିଏ ଜନ୍ମ ହେବାପରେ ତାହାର ଜନ୍ମ ଜାତକରେ ପୁରୀର ତତ୍କାଳୀନ ଗଜପତିଙ୍କ ଉପାଧି ମିଶ୍ରିତ ନାମ ଉଲ୍ଲେଖ ହୁଏ । ଗୋଟେ ଜାତକରେ ଗଜପତିଙ୍କ ପୂରାନାମ ଲେଖାଯାଇଛି- "ବୀର ଶ୍ରୀ ଶ୍ରୀ ଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟ ଉତ୍କଳ ବର୍ଗେଶ୍ୱର ବୀରାଧି ବୀରବର କ୍ଷତ୍ରୀୟ କୁଳ ଧ୍ୱମକେତୁ ସଂଗ୍ରାମୀ ସହସ୍ରବାହୁ ପ୍ରବଳ ପ୍ରତାପୀ ମହାରାଜା ଶ୍ରୀ ଶ୍ରୀ ଶ୍ରୀ (୧୦୮) ଦିବ୍ୟସିଂହ ଦେବ ମହାରାଜା ।" କମା, ଫୁଲଷ୍ଟପ ନଥିବା ଏହି ନାମ ଓ ପରମ୍ପରା ଦେଖି ଗୋଟେ ତୁଚ୍ଛା ଆତ୍ମସନ୍ତୋଷ ଆସୁଥିଲା ଆମ ରାଇଜର ରାଜାଙ୍କର ସବୁଠୁ ବଡ ନାଁ । ବିରାମ ରହିତ ପ୍ରକାଣ୍ଡ ନାମ ।

ସେଦିନ ବିଦେଶୀ ପରିବ୍ରାଜକ ଇବନ ବତୁତାଙ୍କ ପୂରା ନାମ ଜାଣିବା ପରେ ହୋସ୍ ଉଡିଗଲା । ମରକ୍କୋରୁ ଜଣେ ମୁସଲମାନ ପରିବ୍ରାଜକ ଭାବେ ମହମ୍ମଦ ବିନ୍ ତୋଗଲଙ୍କ ଶାସନ କାଳରେ ୧୩୩୩ ଖ୍ରୀଷ୍ଟାବ୍ଦରେ ଭାରତ ଭ୍ରମଣରେ ଆସିଥିବା ଇବନ୍ ବତୁତାଙ୍କ ପୂରା ନାମ ଥିଲା ଶାମ୍ସ ଅଲ୍-ଦିନ ଆବୁ ଅବଦୁଲ୍ଲା ମହମ୍ମଦ ଇବନ ଅବଦଲ୍ଲା ଇବନ୍ ଇବନ୍ ମହମ୍ମଦ ଇବ୍ରାହିମ ଇବନ୍ ମହମ୍ମଦ ଇବନ୍ ୟୁସୁଫ୍ ଲୱିତି ଅଲ ଅଲ୍-ତାନଜି ଇବନ୍ ବତୁତା । ଯେ ନାଁ ବି ଅବିରାମ ।

ସେ ଲେଖିଥିବା ବିବରଣୀ ପୁସ୍ତକର ନାମ ବି ବେଶ୍ ଦୀର୍ଘ । ସଂକ୍ଷେପରେ ଏହା 'ରିହଲା' ବା ଭ୍ରମଣ ନାମରେ ପରିଚିତ । ଆରବ୍ୟ ଭାଷାରେ ଲିଖିତ ଏହି ବହିର ବିବରଣୀର ବିସ୍ତାରିତ ଅର୍ଥ ହେଲା , 'ଜ୍ଞାନ ଅନ୍ୱେଷଣ ଉଦ୍ଦେଶ୍ୟରେ ବିଦେଶ ଭ୍ରମଣ' ।

ମାର୍କୋ ପୋଲୋଙ୍କ ଏକଶହ ବର୍ଷ ପୂର୍ବରୁ ସେ ୭୫ ହଜାର ମାଇଲ ପଥ ମୁଖ୍ୟତଃ ପଦବ୍ରଜରେ ଅତିକ୍ରମ କରି ୪୫ରୁ ଅଧିକ ଦେଶ ଭ୍ରମଣ କରିଥିଲେ । ଦିଲ୍ଲୀରେ ଆଡବାୟା ସୁଲତାନ ତୋଗଲଙ୍କ ଉତ୍ତମ ଆତିଥ୍ୟ ଲାଭ କଲେ । ବତୁତା ଅତ୍ୟନ୍ତ ରଙ୍ଗୀନ ଜୀବନ ବିତାଉଥିଲେ । ସେ ଏକ ପ୍ରସିଦ୍ଧ ବିଚାରକ ପରିବାରର ସଦସ୍ୟ ହୋଇଥିବାରୁ


ମୁସଲମାନ ଶାସକଙ୍କୁ ଆଇନ ପରାମର୍ଶ ଦେଇ ଭଲ ଅର୍ଥ ମଧ୍ୟ ଉପାର୍ଜନ କରୁଥିଲେ । ତାଙ୍କ ସହିତ ଦଶଜଣ ପତ୍ନୀ, ଅନେକ ସୁନ୍ଦରୀ ଉପପତ୍ନୀ, ରକ୍ଷିତା, ସନ୍ତାନ ସନ୍ତତି ଓ ଚାକର ଚାକରାଣୀ ଥିଲେ ।

ବତୁତାଙ୍କ କାରବାର ଦେଖି ତୋଗଲକ ତାଙ୍କୁ ଶୀଘ୍ର ବିଦା କରିବାକୁ ଚାହିଁଲେ । ଜୀବନ ପ୍ରତି ଭୟ ଥିବାର ସୂଚନା ପାଇ ବତୁତା ନିଜର ଜଠା ଓ ପିଲା କବିଲା ଧରି ସମୁଦ୍ର ପଥରେ ମାଳଦ୍ୱୀପ ପଳାୟନ କରି ଦୁଇବର୍ଷ ସେଠାରେ ଖୁସିରେ କାଟିଲେ । ତା ପରେ କ'ଣ ହେଲା ସିଆଡେ ଯିବାନି, ତଥା କଥିତ ଓଡିଆ ଅସ୍ମିତା ଖୋଜିବା ।

ଇବନ୍ ବତୁତାଙ୍କ ନାଁ ବଡ ନା ଆମ ପୁରୀ ଗଜପତିଙ୍କ ନାଁ ବଡ ତାହାର ଶବ୍ଦ ସଂଖ୍ୟା ଗଣିବା ଅସ୍ମିତା ଖୋଜାଳିଙ୍କର । ଇବନ୍ ବତୁତାର ଆକ୍ଷରିକ ଆରବିକ୍ ଅର୍ଥ ହେଲା ଛୁଆ ବତକର ପୁଅ ବା ଚିଆଁ (ସନ୍ ଅଫ୍ ଡକ୍ଲିଂ ।)ଦୁଃଖ ହେଲା ଅନେକ ଓଡିଆଙ୍କର ଜାତକ ନ ଥାଏ । ସେମାନଙ୍କ ଜନ୍ମ ପାରିଚାରେ ଗଜପତିଙ୍କ ଯଶକୀର୍ତ୍ତି ବା ଆମ ତଥାକଥିତ ସ୍ୱାଭିମାନୀ ପରମ୍ପରା ଓ ସଂସ୍କୃତିର ଚିହ୍ନ ବି ଖୋଜିଲେ ମିଳେନାହିଁ । ସେଇମାନେ ଆମ ସମୟର ନିର୍ଣ୍ଣାୟକ ନିର୍ବାଚକ । କିନ୍ତୁ ଆମ ରାଜନୀତିର ନିୟନ୍ତାମାନଙ୍କ ମଧ୍ୟରେ ଡକ୍ଲିଂଙ୍କ ସଂଖ୍ୟା ଅଧିକ ।

କେଉଁ କାଳରୁ ଛତର, ମାହାଳିଆ ଖାଇ ସରକାରୀ ଲାଭ ନେଇ ଭୋଟ ଦେଉଥିବା ଜାତି ଶାସକର ବିକଳ୍ପ ପାଉନି ନା ପାଇବାକୁ ଚେଷ୍ଟା କରୁନି ? ନଈରେ ହଜେଇ ପୋଖରୀରେ ଖୋଜିଲେ ସ୍ୱାଭିମାନ ମିଳିବ ନାହିଁ । ଖରାଦିନର କ୍ଲାନ୍ତି ଅପନୋଦନ ପାଇଁ ଏହା ଏକ ନନସେନ୍ସ ଟକ୍ ।

❐



ପ୍ରକାଶ ପାଇଛି

ଡା. ଅନିଲ କୁମାର ଦାଶଙ୍କ

ପୁସ୍ତକ

ଗୀତି କବିତାର ସୁରେ

ଓଡ଼ିଆ ହତ୍ୟାର କରୁଣ କାହାଣୀ : ରେଭେନ୍ସା ଦୁର୍ଭିକ୍ଷ



ଡକ୍ଟର ସୁବ୍ରତ କୁମାର ପୃଷ୍ଟି
ମୋ. ୭୯୭୮୪ ୩୨୪୦୪

“ ଓଡିଆମାନେ ବିଭିନ୍ନ ରାଜାଙ୍କ ଦ୍ୱାରା ଶାସିତ ହେଉଥିଲେ ମଧ୍ୟ ପ୍ରିୟ ଦେବତା ଜଗନ୍ନାଥ ଯୋଗୁ ଗଜପତି ରାଜାଙ୍କ ପ୍ରତି ସମସ୍ତ ଅନୁରକ୍ତ ଥିଲେ । ଗଜପତି ଶାସନର ଅବସାନ ପରେ ବି ଓଡିଆ ସାମ୍ରାଜ୍ୟର ପତନ ଘଟି ନ ଥିଲା । ସେଥିପାଇଁ ଆକବରଙ୍କ ସେନାପତି ଜୟ ସିଂହ ୧୮୮୦ରେ କହିଥିଲେ- “ଏ ଦେଶ ବିଜିତ ହେବାର ନୁହେଁ, ଏହା ମଣିଷ ଆକାଂକ୍ଷାର ଉର୍ଦ୍ଧ୍ୱରେ” । ”

ଓଡିଶା ଯାହାର ନାମ ଶୁଣିଲେ ଚୋଳ ସାମ୍ରାଜ୍ୟର ଶକ୍ତିଶାଳୀ ରାଜା ଭୟରେ କମ୍ପି ଉଠନ୍ତି, ବିଧବା ଆଶଙ୍କାରେ ଯବନ ବେଗମମାନଙ୍କ ଆଖି ଲୋତକରେ ପରିପୂର୍ଣ୍ଣ ହୋଇଯାଏ, ଯେଉଁ ମାଟିରେ ମାତ୍ର ଚାରିଶହ ବର୍ଷ ତଳେ ନିଶାର୍ଦ୍ଧରେ ମଧ୍ୟ ତରୁଣୀଟିଏ ହାତରେ ସୁନାମୁଣ୍ଡା ଧରି ନିର୍ଭୟରେ ଯିବାଆସିବା କରିପାରୁଥିଲା, ସେହି ଓଡ଼ିଶା ମାଟିରେ ଘଟିଗଲା ପୃଥିବୀର ଲୋମ ହର୍ଷଣକାରୀ ଭୟଙ୍କର ନରସଂହାର । କୃତ୍ରିମ ଦୁର୍ଭିକ୍ଷ ସୃଷ୍ଟି କରି ଗୋଟିଏ ଧନୀ, ମାନୀ, ସ୍ନେହୀ, ପରିଶ୍ରମୀ, ପରୋପକାରୀ ଜାତିର ଉତ୍ତରଦାୟାଦଙ୍କ ମୁହଁରୁ ଆହାର ଛଡେଇ ଭୋକ ଉପାସରେ ଦୁଇ ତୃତୀୟାଂଶ ଲୋକଙ୍କୁ କଲବଲ କରି ମାତ୍ର ଛଅ ମାସ ଭିତରେ ମାରି ଦିଆଗଲା । ବଙ୍ଗଳା କିରାଣୀ ଏଥିପାଇଁ ଦାୟୀ କହି ଦୁଇ ଭାଇଙ୍କ ମଧ୍ୟରେ ଘୃଣାର ପାଚେରୀ

ଠିଆ କରିଦିଆଗଲା । ଯେଉଁ ମଠ ମହନ୍ତ ଆଉ ଓଡିଆ ଜମିଦାରଙ୍କ ଅକୁଣ୍ଠ ଦାନ ଓ ଅକ୍ଲାନ୍ତ ପରିଶ୍ରମରେ ଏ ଜାତି ବଞ୍ଚିପାରିଲା, ସେମାନଙ୍କୁ ସ୍ୱାର୍ଥପର ବୋଲି ଚିତ୍ରଣ କରି ଭବିଷ୍ୟତ ପିଢିଙ୍କୁ ବିଭ୍ରାନ୍ତ କରାଗଲା । ଓଡିଆ ମୃତ୍ୟୁର ଏହି ତାଣ୍ଡବଲୀଳାରେ କିନ୍ତୁ ଅଟ୍ଟହାସ୍ୟ କରୁଥିଲେ ତତ୍କାଳୀନ ଶାସକ, ପ୍ରଶାସକ ଆଉ ଓଡିଆଙ୍କ ଶ୍ରୀକୁ ସହ୍ୟ କରିପାରୁ ନ ଥିବା କିଛି ଅଣଓଡିଆ ସମ୍ପ୍ରଦାୟ । ଏହି ନରହତ୍ୟା ଭାଙ୍ଗି ଦେଇଥିଲା ଅଢେଇ ହଜାର ବର୍ଷ ଧରି ଭାରତୀୟ ଉପମହାଦ୍ୱୀପ ସମେତ ସମଗ୍ର ଦକ୍ଷିଣ ପୂର୍ବ ଏସିଆରେ ନିଜର ଆଧିପତ୍ୟ ବିସ୍ତାର କରିଥିବା ଗୋଟିଏ ଜାତିର ମହାନାୟକତ୍ୱକୁ, ଧ୍ୱଂସ କରିଥିଲା ଏ ଜାତିର ସମୃଦ୍ଧଶାଳୀ ଇତିହାସ, ସଂସ୍କୃତି ଓ ସାମାଜିକ ବ୍ୟବସ୍ଥାକୁ । ପୃଥିବୀର ଶ୍ରେଷ୍ଠ ବଣିକ ଜାତି ଭାବେ ପରିଚିତ ଏହି ମାଟିର ସନ୍ତାନଗଣ ପ୍ରଥମ କରି ନିଜ ପରିଶ୍ରମରେ ଧନ ଉପାର୍ଜନ କରିବାର ସାମର୍ଥ୍ୟ ରାତାରାତି ହରାଇ ବସିଲା । ବିଶ୍ୱକୁ ଦାନା ଯୋଗାଉଥିବା ଓଡିଆଟିଏ ଖୁଦ କଣିକାଟିଏ ନ ପାଇ ଗଛର ପତ୍ରକୁ ଆଶ୍ରା କରିଥିଲା । ଓଃ; କି କରୁଣ ସେ ଦୃଶ୍ୟ ! ଉଦର ପୂରଣ ପାଇଁ କାହା ନିକଟରେ ହାତ ପାତି ଛତରରେ ପଶିବା ବଦଳରେ ଗଛର ପତ୍ର ବି ତାକୁ ମିଳି ନ ଥିଲା ।

କାହିଁକି ? କି ଦୋଷ ସେ କାହାର କରିଥିଲା ? ବିଶ୍ୱସ୍ତ, ସରଳ, ପରିଶ୍ରମୀ ଓ ବୁଦ୍ଧିମାନ ଜାତି ଭାବରେ ପରିଚିତ ଏହି ଓଡିଆଙ୍କୁ ନିର୍ଦ୍ଦୟ ଭାବରେ କିଏ ଆଉ କାହିଁକି ଛଟପଟ କରି ମାରିବାକୁ ଚାହିଁଲା ? ଏହି ପ୍ରଶ୍ନର ଉତ୍ତର ଖୋଜିଲାବେଳେ ଆମେ ସ୍ପଷ୍ଟ ଦେଖିପାରିବା ଶାସକୀୟ ଚକ୍ରାନ୍ତ । ନାମକରଣ ହିଁ ସୂଚାଇ ଦିଏ ଚକ୍ରାନ୍ତର ମୂଳବିନ୍ଦୁ । ପ୍ରଜାର ହିତରେ ରାଜାର ହିତ ବୋଲି ମାନବିକ ଧର୍ମକୁ ଗୁରୁତ୍ୱ ଦେଉଥିବା ଓଡିଆ ଗଜପତି ରାଜା ମୁଣ୍ଡରେ ଲଦିଦିଆଗଲା ଇତିହାସ ପୃଷ୍ଠାର ଏହି କଳଙ୍କିତ ନରହତ୍ୟା । କୁହାଗଲା ଗଜପତି ଶାସନର ନଅଙ୍କରେ ହୋଇଥିବାରୁ ଏହା ନଅଙ୍କ ଦୁର୍ଭିକ୍ଷ, ଅଥଚ ଏହି ସମୟର ଶାସକ ଥିଲେ ଇଂରେଜ କମିଶନର ରେଭେନ୍ସା । ଏହି ନରହତ୍ୟାର ମୁଖ୍ୟ ଖଳନାୟକକୁ ମହାନାୟକର ରୂପ ଦିଆଯାଇ ଆଧୁନିକ ଓଡିଶାର ନବନିର୍ମାତାର ଚିତ୍ର ଦିଆଗଲା । ଏହି ଘଟଣା ମାତ୍ର ଦେଢଶହ ବର୍ଷ ତଳେ ଘଟିଥିବାରୁ ସମସ୍ତ ଐତିହାସିକ ପ୍ରମାଣ ଥିଲେ ବି ଏହି ନୃଶଂସ ବ୍ୟକ୍ତିର କାର୍ଯ୍ୟ , ଗବେଷଣା ଦ୍ୱାରା ଲୋକଲୋଚନକୁ ନ ଆସିବା ନିଶ୍ଚିତ ଭାବରେ ଆମ ତ୍ରୁଟିପୂର୍ଣ୍ଣ ଶିକ୍ଷାବ୍ୟବସ୍ଥାର ପ୍ରତିଫଳନ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଓଡିଶାର ଅର୍ଥନୀତି:

ଗଙ୍ଗବଂଶୀ ଶାସକଗଣଙ୍କ ସମୟରେ ଓଡିଶା କଳା, ସ୍ଥାପତ୍ୟ ଓ ବର୍ହିବାଣିଜ୍ୟ କ୍ଷେତ୍ରରେ ଯଥେଷ୍ଟ ପାରଦର୍ଶିତା ହାସଲ କରିପାରିଥିଲା । ଏହାପରେ ସୂର୍ଯ୍ୟବଂଶୀ ଶାସକ

ସୀମା ସୁରକ୍ଷା ଉପରେ ଗୁରୁତ୍ୱ ଦେଉଥିବାରୁ ଓଡିଆ-କୃଷକ କଳାସ୍ଥାପତ୍ୟ ବଦଳରେ ସୈନ୍ୟବାହିନୀରେ ଯୋଗଦେଲା । ଏହି ସମୟରେ ପ୍ରଚୁର ଦ୍ରବ୍ୟ ଉତ୍ପାଦନ ସହିତ ଆର୍ଥିକ ସ୍ଥିତି ସୁଦୃଢ ଥିବାରୁ ସମସ୍ତ ବ୍ୟବସାୟ-ବାଣିଜ୍ୟ ଓଡିଆମାନଙ୍କ ହାତରେ ଥିଲା । ତେଣୁ ରାଜ୍ୟର ଓ ରାଜ୍ୟବାସୀଙ୍କ ଆର୍ଥିକ ସ୍ୱଚ୍ଛତା ଗଙ୍ଗବଂଶୀ ଓ ସୂର୍ଯ୍ୟବଂଶୀ ରାଜାମାନଙ୍କୁ ରାଜନୈତିକ ସୁରକ୍ଷା ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା । ଷୋଡଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ଓଡିଶା ଆସିଥିବା ଇଟାଲୀର ସିଜର ଫ୍ରେଡେରିକ୍ ନିଜ ଭ୍ରମଣ ଇତିହାସରେ ଲେଖିଛନ୍ତି- "ମୁକୁନ୍ଦଦେବଙ୍କ ଶାସନ ସମୟରେ ଜଣେ ପଥିକ, ହାତରେ ସୁନା ଧରି ଅନାୟାସରେ ରାସ୍ତାଘାଟରେ ଯାତାୟତ କରିପାରୁଥିଲା ।" ମାତ୍ର ୧୫୬୮ପରେ ଓଡିଶାର ବାଣିଜ୍ୟ କାରବାର ଅଣଓଡିଆଙ୍କ ହାତକୁ ଚାଲିଗଲା । ଏମାନେ ବ୍ୟବସାୟିକ କୌଶଳ ପ୍ରୟୋଗ କରି ଧୀରେଧୀରେ ଓଡିଶାର ବର୍ହିବାଣିଜ୍ୟ ସାମ୍ରାଜ୍ୟକୁ ଅଧିକାର କରିନେଲେ । ତଥାପି ଚାଉଳ, ଲୁଗା, ଲୁଣ, ମାଟିହାଣ୍ଡି ଭଳି ରପ୍ତାନୀଭିତ୍ତିକ ଅତ୍ୟାବଶ୍ୟକ ଦ୍ରବ୍ୟ ଏଠାରେ ଏତେ ଶସ୍ତା ଥିଲା ଯେ, ଏହାର ମୂଲ୍ୟ ନିର୍ଦ୍ଧାରଣ କୌଣସି ଟଙ୍କାପଇସା କିମ୍ବା ଧାତୁଦ୍ୱାରା ହୋଇପାରୁ ନଥିଲା । ତତ୍କାଳୀନ ଡଚ୍ ରିପୋର୍ଟରୁ ଜଣାପଡେ, ଓଡିଶାରୁ ସଂଗୃହୀତ ସବୁଠାରୁ ନିକୃଷ୍ଟତମ ସୂତା ବସ୍ତ୍ର ଆମ୍ଷ୍ଟର୍ଡାମ୍ ବଜାରରେ ୨୪୭.୮ପ୍ରତିଶତ ଲାଭରେ ବିକ୍ରି ହେଉଥିଲା । ଅଷ୍ଟାଦଶ ଶତାବ୍ଦୀରେ ଓଡିଶାରେ ଚାଉଳର ହାରାହାରି ମୂଲ୍ୟ ଥିଲା ଏକ ଟଙ୍କାରେ ୧୪ ମହଣ ବା ପାଞ୍ଚସେର ବା ୭୦୦କିଲୋଗ୍ରାମ । ତେଣୁ ଚାଉଳର କିଲୋପ୍ରତି ଦର ମୁଦ୍ରା ହିସାବରେ କେତେ ହେବ ତାହା ସ୍ଥିର ହେଇ ପାରୁ ନ ଥିଲା । ସେଥିପାଇଁ ସର୍ବନିମ୍ନ ବିନିମୟ ଭାବରେ କଉଡିର ବ୍ୟବହାର ହେଉଥିଲା । ଓଡିଶାରେ ୧ ଟଙ୍କାରେ ୧୬୦୦ଟି କଉଡି ବିକ୍ରି ହେଉଥିବାରୁ ପ୍ରାୟ ୨ ବା ୩ଟି କଉଡି ବିନିମୟରେ ଏକ ସେର ବା ୧କି ୨୫୦ଗ୍ରାମ ଚାଉଳ ମିଳୁଥିଲା । ଏହା ମାତ୍ର ୨୦୦ବର୍ଷ ତଳର କଥା ।

ଇଂରେଜ ଅଧିନ ଓଡିଶାର ଅର୍ଥନୀତି:

ଇଂରେଜ ଅଧିନକୁ ଓଡିଶାର ଚିନାପାଟଣା ବା ମାଡ୍ରାସ ଓ କଲିକତା ବନ୍ଦର ଚାଲିଗଲାପରେ ଓଡିଶାର ଅନ୍ୟସବୁ ବନ୍ଦର ପ୍ରଭାବ ହ୍ରାସ ପାଉଥିବା ସତ୍ତ୍ୱେ ଚାଉଳ ରପ୍ତାନୀ ପୂର୍ବପରି ଥିଲା । କନିକା ରାଜା କମ୍ପାନୀ ଅଧିନତା ସ୍ୱୀକାର କରିସାରିଥିବାରୁ ଓଡିଶାରୁ ବଙ୍ଗଳାକୁ ହେଉଥିବା ଲୁଗା ଓ ଲୁଣ ଚୋରା ଚାଲାଣ ବନ୍ଦ ହେଲା । ଓଡିଶାବାସୀଙ୍କୁ ବିଲାତି ଲୁଗା କିଣିବା ପାଇଁ ବାଧ୍ୟ କଲେ । ଲୁଗା ବୁଣୁଥିବା ତନ୍ତୀଙ୍କ ହାତ କାଟିଲେ । ହଜାର ହଜାର ତନ୍ତ ଭାଙ୍ଗି ନଷ୍ଟ କରିଦେଲେ । ଭାରତୀୟଙ୍କ ପ୍ରଥମ ପସନ୍ଦ ଥିବା ବାଲେଶ୍ୱରୀ ପଙ୍ଗା ଲୁଣର ଏକଚାଟିଆ ବ୍ୟବସାୟ ୧୮୦୭ରୁ ଆରମ୍ଭ କଲେ । ଏଥିପାଇଁ ଆଇ.ସି.ଏସ୍. ଭଳି ଆଇ.ସି.ଏସ.ଏସ. ପରୀକ୍ଷା ମାଧ୍ୟମରେ ଲୁଣ ଅଧିକାରୀ ନିଯୁକ୍ତି

କରାଗଲା । ଲୁଣ ମୂଲ୍ୟ ମହଣ ୧୪୦୦ ରୁ ହଠାତ୍ ୧୫୫୦୦ କଉଡି(୩ ଟଙ୍କା ୨୫ ପଇସା) ବୃଦ୍ଧି ପାଇଲା । ବ୍ୟକ୍ତିଗତ ଭାବେ ଲୁଣ ମାରିଲେ ବିଭିନ୍ନ ଦଣ୍ଡ ଓ ଜୋରିମାନା ଦିଆଗଲା । କମ୍ପାନୀ ଶାସକ ରାଜସ୍ୱ ଆଦାୟ ସମୟରେ କଉଡି କିମ୍ବା ଶସ୍ୟ ନେବା ବଦଳରେ ରୂପାଟଙ୍କା ଦେବାକୁ ବାଧ କଲେ । ଏଥିପାଇଁ ଗୋଟିଏ ରୂପାଟଙ୍କା ବଦଳରେ ୪ କାହାଣ ବା ୫୧୨୦ଟି କଉଡି ଦେବାକୁ ପଡୁଥିଲା । ପୂର୍ବରୁ ବର୍ହିବାଣିଜ୍ୟ ସ୍ଥିତି ସୁଦୃଢ ଥିବାବେଳେ ଧାତୁଦ୍ରବ୍ୟ ଉପରେ ଗୁରୁତ୍ୱ ଦିଆଯାଉ ନ ଥିବାରୁ ପ୍ରତ୍ୟେକ ଓଡିଆ ପରିବାର ରୂପାଟଙ୍କା ସଞ୍ଚୟ କରୁ ନ ଥିଲେ । ଯେତେବେଳେ ଟଙ୍କାର ବିନିମୟ ପାଇଁ ପ୍ରଚୁର କଉଡିର ଆବଶ୍ୟକ ପଡିଲା,ବହୁଧନୀ ଓଡିଆ ରାତାରାତି ଗରିବ ପାଲଟିଗଲେ । ଓଡିଶାର ଛତିଶଟି ଗଡଜାତ ରାଜ୍ୟରେ ସରକାରି ଦିୱାନ ବା ପଲଟିକାଲ ଏଜେଣ୍ଟ ନିଯୁକ୍ତ କରାଯାଇ ରାଜପରିବାର ମଧ୍ୟରେ ବିଭେଦ ସୃଷ୍ଟି କରାଗଲା । ଇଂରେଜ କମ୍ପାନୀ ପ୍ରଶାସନ ନୂଆ ଭୂ-ରାଜସ୍ୱ ପଦ୍ଧତି ପ୍ରଚଳନ କରିବାରୁ ମୋଗଲବନ୍ଦୀ ଓଡିଶାର ୨୩୬୧ଟି ଜମିଦାରଙ୍କୁ ସୂର୍ଯ୍ୟାସ୍ତ ଆଇନ ବଳରେ କଲିକତାର ଇଂରେଜ ରେଭିନ୍ୟୁ ବୋର୍ଡ କାର୍ଯ୍ୟାଳୟରେ ଶାଗମାଛ ମୂଲ୍ୟରେ ନିଲାମ ହେଲା । ଏହିସବୁ ଜମିଦାରୀ ମାଲିକ ଓଡିଆ ବଦଳରେ କଲିକତାର କୁଲି ଠାରୁ ପିଅନ-ଚପରାଶି ପର୍ଯ୍ୟନ୍ତ ଅତିସାଧାରଣ ବଙ୍ଗାଳୀଗଣ ହେଲେ । ଐତିହାସିକ ରାଖାଲଦାସ ବାନାର୍ଜୀ କହିଛନ୍ତି- "ବ୍ରିଟିଶ ଓଡିଶା ଅଧିକାର କଲାପରେ ପ୍ରାୟ ୫୦ବର୍ଷ ଧରି ନିମ୍ନ ଶ୍ରେଣୀର ଦଳେ ବଙ୍ଗାଳୀ ହିଁ ଓଡିଶାକୁ ଶାସନ କଲେ । ଉଭୟ ଶାସନ ଓ ବିଚାର ବିଭାଗରେ ଭର୍ତ୍ତି ରହି ଓଡିଶାରେ ଥିବା ସେହି ବଙ୍ଗାଳୀମାନେ ନିଜକୁ ହଠାତ୍ ସ୍ୱଚ୍ଛଳ-ସମୃଦ୍ଧ କରିବାର ଏକ ସହଜ ପନ୍ଥା ପାଇଗଲେ । ଶତଶତ ପ୍ରାଚୀନ ଓଡିଆ ସମ୍ଭ୍ରାନ୍ତ ବଂଶ ସହସା ଧ୍ୱଂସ ପ୍ରାପ୍ତ ହୋଇଗଲେ ଏବଂ ସେମାନଙ୍କ ଐତିହାସିକ ସମ୍ପତ୍ତି ସବୁ ଚାଲିଗଲା ବଙ୍ଗାଳୀ ଜମିଦାର ହାତକୁ ।"(ଓଡିଶାର ଇତିହାସ ପୃ. ୨୭୯-୨୮୧) । କଟକ କମିଶନର ୧୮୧୮ ମସିହାରେ ପ୍ରଦତ୍ତ ରିପୋର୍ଟରେ ଏ ବିଷୟରେ ସୂଚନା ଦେଇଛନ୍ତି- "ବ୍ରିଟିଶ ରାଜତ୍ୱର ୧୫ ବର୍ଷ ପରେ ମଧ୍ୟ ଓଡିଆଙ୍କର କୌଣସି ଉପକାର ହୋଇନାହିଁ । ସେମାନେ କେବଳ କର ଦେଇ ହନ୍ତସନ୍ତ ହେଉଛନ୍ତି । ଜମିଦାରମାନଙ୍କ ଜମିଦାରି ବାକି ରାଜସ୍ୱ ପାଇଁ ନାମକୁମାତ୍ର ଦରରେ ନିଲାମ ହେଉଛି ।"

ଇଂରେଜ ବିରୋଧରେ ଓଡ଼ିଆଙ୍କ ବିଦ୍ରୋହ:

ଓଡ଼ିଆମାନେ ବିଭିନ୍ନ ରାଜାଙ୍କ ଦ୍ୱାରା ଶାସିତ ହେଉଥିଲେ ମଧ୍ୟ ପ୍ରିୟ ଦେବତା ଜଗନ୍ନାଥ ଯୋଗୁ ଗଜପତି ରାଜାଙ୍କ ପ୍ରତି ସମସ୍ତ ଅନୁରକ୍ତ ଥିଲେ । ଗଜପତି ଶାସନର ଅବସାନ ପରେ ବି ଓଡିଆ ସାମ୍ରାଜ୍ୟର ପତନ ଘଟି ନ ଥିଲା । ସେଥିପାଇଁ ଆକବରଙ୍କ ସେନାପତି ଜୟ ସିଂହ ୧୮୮୦ରେ କହିଥିଲେ- "ଏ ଦେଶ ବିଜିତ ହେବାର ନୁହେଁ,

ଏହା ମଣିଷର ଆକାଂକ୍ଷାର ଉର୍ଦ୍ଧ୍ୱରେ"। ଚତୁର ବଣିକ ବ୍ରିଟିଶ ଓଡିଶାର ଇତିହାସକୁ ଭଲଭାବରେ ଅଧ୍ୟୟନ କରି ଏ ଜାତିର ଅନ୍ତନାଡି ସହ ପରିଚିତ ଥିଲେ। ସେମାନଙ୍କ କର୍ଣ୍ଣ ଗହ୍ୱାରେ ପ୍ରତିଫଳିତ ହେଉଥିଲା ପାରଳା ରାଜା ଜଗନ୍ନାଥ ଗଜପତି ରାଜାଙ୍କର ରଣହୁଙ୍କାର, ଘୁମୁସର ରାଜା କୃଷ୍ଣଚନ୍ଦ୍ର ଭଞ୍ଜଙ୍କ ସମର କୌଶଳ, କନ୍ଧମାନଙ୍କ ଗରିଲା ଯୁଦ୍ଧ ଏବଂ କନିକା ରାଜାଙ୍କ କଳିଙ୍ଗ ସାଗର ଉପରେ ଆଧିପତ୍ୟ। ଓଡିଶାର ଛୋଟ ଛୋଟ ରାଜାଗଣ ଫରାସୀ ଓ ଇଂରେଜଙ୍କ ଦ୍ୱାରା ରାଜସ୍ୱ ଆଦାୟକୁ ବିରୋଧ କରି ୧୭୫୭, ୧୭୬୭-୬୮, ୧୭୭୨,୧୭୯୮,୧୮୦୧ର ଭୟଙ୍କର ପାରଳା ବିଦ୍ରୋହ, ୧୭୬୯ର ଖଲ୍ଲିକୋଟ ବିଦ୍ରୋହ, ୧୭୭୮ର ଘୁମୁସର ବିଦ୍ରୋହ, ୧୭୮୧ର ମୟୂରଭଞ୍ଜ ବିଦ୍ରୋହ, ୧୮୦୪ର ଜୟୀ ରାଜଗୁରୁଙ୍କ ବିଦ୍ରୋହ, ୧୮୧୭ ରୁ ୧୮୨୫-ପାଇକ ବିଦ୍ରୋହ, ୧୮୩୧ର ପାରଳା ବିଦ୍ରୋହ, ୧୮୩୫ର ଘୁମୁସର ବିଦ୍ରୋହ,୧୮୪୭ର ଅନୁଗୁଳ ବିଦ୍ରୋହ ଦ୍ୱାରା ୟୁରୋପୀୟ ସେନାଙ୍କ ଯେଉଁ ବିପର୍ଯ୍ୟୟ ଘଟିଥିଲା, ତାହା ଏ ପର୍ଯ୍ୟନ୍ତ ଭାରତର ଅନ୍ୟ ଅଞ୍ଚଳରେ ଦେଖାଦେଇ ନ ଥିଲା। ଓଡିଆ ଜାତି ଠାରୁ ଧନ-ବାଣିଜ୍ୟ-କ୍ଷମତା ଅପହରଣ ପରେ ପ୍ରତିବାଦ ପାଇଁ ପୁଣି ଏତେ ଶକ୍ତି କେଉଁଠୁ ଆସୁଛି, ତାହା ଦେଖି କମ୍ପାନୀ ଅଧିକାରୀ ଭୟଭୀତ ଓ ଆତଙ୍କିତ ହୋଇ ପଡୁଥିଲେ।

ଇଂରେଜ କମ୍ପାନୀ ଶାସନର ଅନ୍ତିମ ପରିଣତି ଆଣିଥିବା ୧୮୫୭ ମସିହା ସଂଗ୍ରାମ ସେମାନଙ୍କ ଭୟ ଓ ଆଶଙ୍କା ସତ୍ୟରେ ପରିଣତ ହୋଇଥିଲା। ଏହି ସଂଗ୍ରାମର ପ୍ରଥମ ବହ୍ନି ସମ୍ବଲପୁରରୁ ସୃଷ୍ଟି ହୋଇ ସେହି ସମ୍ବଲପୁରରେ ୧୮୬୩ରେ ନିର୍ବାପିତ ହୋଇଥିଲା। ବହୁ କଷ୍ଟରେ ଏହା ଦମନ ହୋଇଥିଲେ ମଧ୍ୟ ପରେ ଭାରତ ଶାସନକାର୍ଯ୍ୟ ବ୍ରିଟିଶରାଜାଙ୍କ ହାତକୁ ଚାଲିଯିବାଦ୍ୱାରା କ୍ଷୁବ୍ଧ କମ୍ପାନୀ ଅଧିକାରୀ ଏହାର ମୂଳ କାରଣ ଥିବା ଓଡିଆ ଜାତିର ଅସ୍ତିତ୍ୱ ଲୋପ କରିବା ପାଇଁ ବଦ୍ଧପରିକର ହେଲେ। ଏଥିପାଇଁ କମ୍ପାନୀ ଶେଷ ଓ ଇଂଲଣ୍ଡ ରାଜତନ୍ତ୍ରର ପ୍ରଥମ ଗଭର୍ଣ୍ଣର ଜେନେରାଲ ଲର୍ଡ କ୍ୟାନିଂ ୨୭/୨/୧୮୬୦ରେ ଚାର୍ଲସ୍ ଉଡ୍‌ଙ୍କୁ ଏହି ମର୍ମରେ ଏକ ଚିଠିରେ ଲେଖିଥିଲେ- '.....ଗୋଟିଏ ଜାତିକୁ ନିଜ ଅଧୀନତା ସ୍ୱୀକାର କରାଇବାକୁ ହେଲେ ସେମାନଙ୍କୁ ତଳିତଳାନ୍ତ କରିଚାଲ। ଯେତେବେଳେ ସେମାନଙ୍କ ଅସ୍ତିତ୍ୱ ସଙ୍କଟାପନ୍ନ ହୋଇ ତୁମ ସାହାଯ୍ୟ ଆଶାକରିବେ, ସେତେବେଳେ ଦେବଦୂତ ଭଳି ଠିଆହୋଇ ପଡିବ।' ନିଜ ହତାଶାବୋଧ ଓ ହିଂସ୍ରକ ମନୋଭାବପୂର୍ଣ୍ଣ ପରାମର୍ଶକୁ ଗ୍ରହଣ କରି ଓଡିଆ ଜାତିର ଅସ୍ତିତ୍ୱ ସଙ୍କଟରେ ପକାଇବାର ସ୍ୱତନ୍ତ୍ର ପ୍ରସ୍ତୁତିପର୍ବ ତତ୍କାଳୀନ ଓଡିଶା କମିଶନର କୋବରନ ସାହେବଙ୍କ ମାଧ୍ୟମରେ ଆରମ୍ଭ ହୋଇଯାଇଥିଲା। ହାତରେ ନ ମାରି ଭାତରେ ମାରିବା ନୀତି ଅବଲମ୍ବନରେ ପ୍ରସ୍ତୁତ କରଯାଇଥିବା ଏହି ଓଡିଆତ୍ୱ ହନନ ତିନୋଟି

ପର୍ଯ୍ୟାୟ ଉପରେ ପର୍ଯ୍ୟବସିତ । ଯଥା- ୧- ଓଡିଶାରୁ ଖାଦ୍ୟଶସ୍ୟ ରପ୍ତାନୀ ବୃଦ୍ଧିକରି ଖାଦ୍ୟସଂକଟ ସୃଷ୍ଟି କରିବା, ୨- ଓଡିଆଜାତିକୁ ଏକତାସୂତ୍ରରେ ବାନ୍ଧିପାରୁଥିବା ଜଗନ୍ନାଥ ଚେତନାକୁ ଧ୍ୱଂସ କରିବା,୩-ଏମାନଙ୍କ ମୁହଁରୁ ଭାଷାକୁ ଛଡାଇ ଅନ୍ୟଭାଷା ପ୍ରଚଳନର ଭୟ ସୃଷ୍ଟି କରିବା । ଏହି ମାନସିକତା ହିଁ ରେଭେନ୍ସା ଦୁର୍ଭିକ୍ଷ ଭଳି ଏକ ଭୟଙ୍କର ଗଣହତ୍ୟାକୁ ଜନ୍ମ ଦେଇଥିଲା; ଯାହାର ଖଳନାୟକ ଥିଲେ ଥୋମାସ ଏଡିସନ ରେଭେନ୍ସା ।

କେନାଲ ଖୋଳା, ରେଭେନ୍ସା ଓ ଦୁର୍ଭିକ୍ଷ:

ଓଡିଆମାନଙ୍କ ବିଦ୍ରୋହକୁ ସବୁଦିନ ପାଇଁ ଦମନ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ ହୋଇଥିବା ତିନୋଟି ମୁଖ୍ୟ ଷଡ଼ଯନ୍ତ୍ର ମଧ୍ୟରୁ ପ୍ରଥମ ଥିଲା ରେଭେନ୍ସା ଦୁର୍ଭିକ୍ଷ । ଉପରୋକ୍ତ ତିନୋଟି କାର୍ଯ୍ୟ ଏପରି ସତର୍କତାର ସହିତ କରାଗଲା ଯେ, କୌଣସି ଓଡ଼ିଆ ଇଂରେଜ ଶାସକ ଉପରେ ସାମାନ୍ୟ ସନ୍ଦେହ କରିବ ନାହିଁ । ସେହି ଉଦ୍ଦେଶ୍ୟରେ ପ୍ରଥମ ଲକ୍ଷ୍ୟ ପୂରଣ ପାଇଁ ଗାଁ ଗହଳିରେ ଥିବା ଚାଷୀଙ୍କଠାରୁ ସମସ୍ତ ଚାଉଳ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ କରାଗଲା । ୧୮୫୯ରେ 'ଇଷ୍ଟଇଣ୍ଡିଆ ଇରିଗେସନ୍ ଓ କେନାଲ କମ୍ପାନୀ' ଗଠିତ ହୋଇ ଜଳସେଚନ ନାମରେ ମହାନଦୀ, ବିରୂପା, ବ୍ରାହ୍ମଣୀ ଓ ବୈତରଣୀ ନଦୀରେ ଆନିକଟ ତଥା ଅଭ୍ୟନ୍ତର ଅଞ୍ଚଳକୁ ଗମନାଗମନ ଓ ଶସ୍ୟ ସଂଗ୍ରହପାଇଁ କେନାଲ ଖୋଳିବା ଦାୟିତ୍ୱ ନେଲା । ଯଦିଓ ବନ୍ୟା ନିୟନ୍ତ୍ରଣ ଓ ଜଳସେଚନ ପାଇଁ ଏହି କେନାଲ ନିର୍ମାଣ କଥା କୁହାଯାଇଥିଲା, ମାତ୍ର ଏହାଦ୍ୱାରା କମ୍ପାନୀ ଲାଭ କରିବାର ସମ୍ଭାବନା ନ ଥିବାରୁ ମାଲ ପରିବହନଦ୍ୱାରା ଖର୍ଚ୍ଚ ହୋଇଥିବା ଅର୍ଥ ଆଦାୟ ସହିତ କମ୍ପାନୀ ଅଂଶୀଦାରମାନଙ୍କୁ ପ୍ରଚୁର ଲାଭ ମିଳିପାରିବ ବୋଲି ୨୮ ଅଗଷ୍ଟ ୧୮୬୦ରେ କମ୍ପାନୀ ଅଂଶଧନ ବିକ୍ରି ସମୟରେ ଆଶ୍ୱାସନା ଦିଆଯାଇଥିଲା । ୧୮୬୧ରୁ କେନ୍ଦ୍ରାପଡା, ଜମ୍ବୁ, ପଟ୍ଟାମୁଣ୍ଡାଇ ଓ ୧୮୬୩ରୁ ତାଳଦଣ୍ଡା କେନାଲ ତିଆରି ଆରମ୍ଭ ହେଲା । କେନାଲଗୁଡିକ ଜାହାଜ ଯିବାଆସିବା ଉଦ୍ଦେଶ୍ୟରେ ନିର୍ମାଣ ହୋଇଥିବାରୁ ନଦୀବନ୍ଧଠାରୁ ବହୁ ଉଚ୍ଚ ହେଲା । ତେଣୁ ବନ୍ୟା ଆସିଲେ ନଦୀପାଣି ପୂର୍ବପରି ଖେଳାଇ ହୋଇନିମ୍ନ ଭାଗକୁ ବୋହିଯିବା ପରିବର୍ତ୍ତେ କେନାଲ ବନ୍ଧଦ୍ୱାରା ବାଧା ପାଇ ଚାଷଜମି,ଗାଁ ଗଣ୍ଡାରେ ମାଡ଼ିଗଲା । ଯଦ୍ଦ୍ୱାରା ଶସ୍ୟନଷ୍ଟ, ଫସଲହାନୀ ଓ ବିଭିନ୍ନ ରୋଗ ଉତ୍ପନ୍ନ ପୂର୍ବକ ବ୍ୟାପକ ଧନଜୀବନ କ୍ଷତି ଘଟିଲା ।

୧୮୬୬ରେ ଗଠିତ ଦୁର୍ଭିକ୍ଷ କମିଶନ ରିର୍ପୋଟ ଅନୁସାରେ୧୮୫୯ରେ ୫୨, ୯୭୦ ମହଣ ଚାଉଳ ଓଡିଶାରୁ ରପ୍ତାନୀ ହୋଇଥିବାବେଳେ ୧୮୬୪-୬୫ରେ ୯ଲକ୍ଷ ୩୮ହଜାର ମହଣ (୧ମହଣ= ୫୦କିଲୋ) ଚାଉଳ ମାଲଡିଭି ବାଟ ଦେଇ ୟୁରୋପକୁ ରପ୍ତାନୀ ହୋଇଥିଲା । ସେହି ବର୍ଷ ମାର୍ଚ୍ଚ ମାସ ବେଳକୁ ଡାଲୁଅ ଧାନ ଭଦ୍ରକ ଓ ବାଲେଶ୍ୱରରେ ଭଲ ଅମଳ ହୋଇଥିବାରୁ ଚାଷୀମାନେ ବହୁତ ଖୁସିରେ ଥିଲେ । ମାତ୍ର

ହଠାତ୍ ଟିକସ ଅଧିକ ସଂଗ୍ରହପାଇଁ ଚାପ ଓ ବାହାର ବ୍ୟବସାୟୀଗଣ ଅଧିକ ମୂଲ୍ୟର ପ୍ରଲୋଭନରେ ଚାଷୀମାନେ ସବୁ ଚାଉଳ ବିକ୍ରି କରିଦେଲେ । ୧୮୬୫ ଆଷାଢ ମାସରେ ବର୍ଷା ହୋଇଥିଲେ ବି ଭାଦ୍ରବ ମାସ ଠାରୁ ବର୍ଷା ନ ହେବାରୁ ଧାନଗଜା ମରିଗଲା । ଏହି ସମୟରେ ଅର୍ଥାତ୍ ଅଗଷ୍ଟ ମାସରେ ଇଂରେଜ ବଣିକ ସହିତ ଫରାସୀ ବଣିକଗଣ ହୁକିଟୋଲା ବନ୍ଦର ଦ୍ୱାରା ଟଙ୍କାକୁ ୩୫ସେର ହିସାବରେ ଛୋଟ ଛୋଟ ଚାଷୀଙ୍କ ଠାରୁ ସଞ୍ଚିତ ଚାଉଳ କିଣି ନେଇଗଲେ । ବ୍ରିଟିଶ ରେକର୍ଡ ଅନୁସାରେ ଏହି ଗୋଟିଏ ମାସରେ ଗତବର୍ଷ ଓ ଏହିବର୍ଷ ଅପେକ୍ଷା ସବୁଠାରୁ ଅଧିକ ଚାଉଳ ରପ୍ତାନୀ ହୋଇଥିଲା । ଅକ୍ଟୋବର ମାସ ବେଳକୁ ଅନାହାର ମୃତ୍ୟୁ ଦେଖାଗଲା । ପ୍ରଥମେ ତନ୍ତି, ଗୁଡିଆ, କମାର, କୁମ୍ଭାର, ବଢେଇ, ବଣିଆ ଆଦି କାରିଗରି ଓ କଣ୍ଡରା, ପାଣ, ହାଡି, ବାଉରୀ, ଧୋବା, ବାରିକ, ମାଳି, କେଉଟ, ଗଉଡ ଆଦି ସେବକ ଶ୍ରେଣୀର ପରିବାର ମୁଠାଏ ଭାତ ଖାଇବାକୁ ନ ପାଇ ଭୋକବିକଳରେ ଗଛର ପତ୍ରଠାରୁ ଆରମ୍ଭ କରି ପଚାସଢା ଜିନିଷ ପର୍ଯ୍ୟନ୍ତ ଯାହା ପାଇଲେ ଖାଇବାରେ ଲାଗିଲେ । ନଭେମ୍ବର ମାସକୁ ଚାଉଳ ମିଳୁ ନ ଥିବାବେଳେ କଟକରେ ଟଙ୍କାକୁ ଆଠସେର ଚାଉଳ କଷ୍ଟରେ ମିଳୁଥିଲା । ଚାଉଳର ଅଭାବ ସତ୍ତ୍ୱେ ଆମଦାନୀ ସମ୍ପୂର୍ଣ୍ଣ ବନ୍ଦ କରିଦିଆଗଲା । ଅପ୍ରେଲ ୧୮୬୬ ବେଳକୁ ମାତ୍ର ଛଅମାସ ଭିତରେ କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାର ୪୨ ଲକ୍ଷ ଜନସଂଖ୍ୟା ମଧ୍ୟରୁ ଅର୍ଦ୍ଧେକ ମରି ପଡିଥିଲେ । ପତ୍ରଶୂନ୍ୟ ଥୁଣ୍ଟାଗଛର ପ୍ରତ୍ୟେକ ଡାଳରେ ମାଙ୍କଡ ଭଳି ଅନେକ ମଣିଷ ଝୁଲିରହି ଅଗିପତ୍ର ଖୋଜିବାରେ ବ୍ୟସ୍ତ ଥିଲେ । ବର୍ଷା ବିନା ଭୂମି ଶୁଖିଲା ପଡିଥିଲା । ଚାରିଆଡେ କେବଳ ମଣିଷ ଓ ପଶୁମାନଙ୍କ ଶବ କିମ୍ବା ଅସ୍ଥିକଙ୍କାଳ । ତଥାପି ଜହ୍ନାଦ ରେଭେନ୍ସା ଅନାହାର ପ୍ରପୀଡିତ ଓଡ଼ିଆ ଚାଷୀଙ୍କଠାରୁ ଦୁର୍ଭିକ୍ଷ ବର୍ଷ ନବନିର୍ମିତ କେନାଲ ଜଳକର ସଂଗ୍ରହ ଆରମ୍ଭ କରିଦେଲେ । ୧୮୬୬-୬୭ରେ ଜଳକର ଆଦାୟ ପ୍ରମାଣ କରେ ଯେ, ରେଭେନ୍ସାଙ୍କ ପୂର୍ବରୁ କେନାଲ ଖୋଳା ସରି ଯାଇଥିଲା ।

ରେଭେନ୍ସାଙ୍କ ଭୂମିକା:

ଥୋମାସ ଏଡୱାର୍ଡ ରେଭେନ୍ସାଙ୍କ ବାପା ଜନ ଏଚ. ରେଭେନ୍ସା ଇଂଲଣ୍ଡ ଇଷ୍ଟଇଣ୍ଡିଆ କମ୍ପାନୀର ପରିଚାଳନା ବୋର୍ଡ ସଦସ୍ୟ ତଥା ତାଙ୍କ ଜେଜେବାପା ଜନ ଗୋଲ୍ଡସବେରୀ ରେଭେନ୍ସା ଏହି କମ୍ପାନୀର ଅଧ୍ୟକ୍ଷ ଥିଲେ । ଥୋମାସ ୧୮୪୯ରେ କମ୍ପାନୀର ଆଇସିଏସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ଭାରତରେ ଇଂରେଜ ପ୍ରଶାସନର ମୁଖ୍ୟ କେନ୍ଦ୍ର ବଙ୍ଗଳାରେ ୧୮୬୫ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଅଧିକାରୀ ଭାବରେ କାର୍ଯ୍ୟ କଲେ । ଏହି ସମୟରେ ସିପାହୀ ସଂଗ୍ରାମ ଯୋଗୁଁ ଭାରତର ଶାସନ କମ୍ପାନୀ ହାତରୁ ବ୍ରିଟିଶ ରାଜାଙ୍କ ହାତକୁ ଚାଲିଗଲା । ନିରଙ୍କୁଶ କ୍ଷମତା ଚାଲିଯିବାରୁ କମ୍ପାନୀ

ଅଧିକାରୀ ପ୍ରତିଶୋଧ ପରାୟଣ ହୋଇ ଉଠିଲେ । ବ୍ରିଟିଶ ପ୍ରଶାସନର ମୁଖ୍ୟାଳୟ କଲିକତା ନିକଟସ୍ଥ ଓଡ଼ିଶାରେ ବିଦ୍ରୋହ ନ ଥମିବାରୁ ଗଭର୍ଣ୍ଣର ଜେନେରାଲ ଲର୍ଡ କ୍ୟାନିଂ ହାତରେ ନ ମାରି ଭାତରେ ମାରିବା ନୀତିକୁ କାର୍ଯ୍ୟକାରି କରିବାପାଇଁ ତତ୍କାଳୀନ ଓଡ଼ିଶା କମିଶନର କୋବରନ ସାହେବଙ୍କ ମାଧ୍ୟମରେ ଏକ ସ୍ୱତନ୍ତ୍ର ପ୍ରସ୍ତୁତିପର୍ବ ଆରମ୍ଭ କଲେ । ୧୬ ବର୍ଷର ଅନୁଭବୀ ପ୍ରଶାସକ ତଥା ବୀରଭୂମିର ଜଜ ଥୋମାସ ଏଡୱାର୍ଡ ରେଭେନ୍ସାଙ୍କୁ ପଦୋନ୍ନତି ଦେଇ ଓଡ଼ିଶା ରାଜସ୍ୱ କମିଶନର ଭାବରେ ନିଯୁକ୍ତି ଦିଆଗଲା । ସେ ତିନି ବର୍ଷପାଇଁ କମିଶନର ଭାବରେ ନିଯୁକ୍ତି ପାଇଥିଲେ ମଧ୍ୟ ୧୮୭୮ ପର୍ଯ୍ୟନ୍ତ ଓଡ଼ିଶା କମିଶନର ଭାବରେ କାର୍ଯ୍ୟ କରିଥିଲେ । ଏହି ସମୟ ଭିତରେ ନଅଙ୍କ ଦୁର୍ଭିକ୍ଷ, ପୁରୀ ଗଜପତି ରାଜାଙ୍କୁ ବନ୍ଦୀ, ବାମନଘାଟୀ ତଥା କେନ୍ଦୁଝର ବିଦ୍ରୋହ ଦମନ ଆଦି ଅତି ନୃଶଂସ ଘଟଣା ଘଟାଇଥିଲେ ।

ଓଡ଼ିଶା କମିଶନର ଭାବରେ ରେଭେନ୍ସା ୫ ଜୁଲାଇ ୧୮୬୫ କଟକରେ ପହଞ୍ଚିଲାବେଳକୁ ଓଡିଶାରେ ଗଜା ମରୁଡ଼ି ଆରମ୍ଭ ହୋଇଯାଇଥିଲା । ତାଙ୍କ ସହିତ ଥିବା ପୁରୀ କଲେକ୍ଟର ବାର୍ଲୋ ଏହାର ପ୍ରତିକାର ପାଇଁ ପଦକ୍ଷେପ ନେବାକୁ ବାରମ୍ବାର ବୁଝାଇଥିଲେ ମଧ୍ୟ ସେ ଏହାକୁ ଗୁରୁତ୍ୱ ନ ଦେଇ ଜୁଲାଇ ୨୨ ତାରିଖରେ ତିନି ସପ୍ତାହ ପାଇଁ ବାଲେଶ୍ୱର ଚାଲିଗଲେ । ବାଲେଶ୍ୱରରେ ଖାଦ୍ୟାଭାବ ସତ୍ତ୍ୱେ ୬୯ଟି ଜାହାଜରେ ମାନ୍ଦ୍ରାଜକୁ ଚାଉଳ ରପ୍ତାନୀ ହୋଇଥିଲା । ଖାଦ୍ୟାଭାବ ସମସ୍ୟାକୁ ଦୂର କରିବା ପାଇଁ ପଦକ୍ଷେପ ନେବାକୁ ବାର୍ଲୋଙ୍କ ଅନୁନୟକୁ ରେଭେନ୍ସା ପ୍ରତ୍ୟାଖ୍ୟାନ କରି ବିଳାସବ୍ୟସନରେ ଏହି ସମୟକୁ ଅତିବାହିତ କରିବା ନିମନ୍ତେ ଅକ୍ଟୋବରରୁ ଶୀତ ୪ ମାସ ଓଡିଶାର ଗଡଜାତ ରାଜ୍ୟ ବୁଲିବାକୁ ଯାଇ ୩୧ ଜାନୁଆରୀ ୧୮୬୬ରେ ଫେରିଲେ ।

ଏହି ସମୟରେ ଦୁର୍ଭିକ୍ଷ ବିଷୟରେ ବାରମ୍ବାର ଅଭିଯୋଗ ଆସିବାରୁ ସତ୍ୟାସତ୍ୟ ଜାଣିବା ପାଇଁ ବଙ୍ଗଳା ଗଭର୍ଣ୍ଣର ସେସିଲ ବୀଡ଼ନ ଓଡିଶା ଭ୍ରମଣରେ ଆସିବାରୁ ପୁରୀ ଓ କଟକରେ ୨ଟି ଦରବାର ହୋଇଥିଲା । ୧୩ ଫେବୃଆରୀ ୧୮୬୬ରେ ପୁରୀ ଦରବାରରେ ସାଧାରଣ ଲୋକଙ୍କ ସମସ୍ୟାଗୁଡିକ ସିଧାସଳକ ଛୋଟଲାଟ ନିକଟରେ ପୁରୀ କଲେକ୍ଟରଙ୍କ ନିକଟରେ ପହଞ୍ଚିଥିଲା । ମାତ୍ର ଏହାର ୨ ଦିନ ପରେ ୧୫ ଫେବୃଆରୀ ୧୮୬୬ରେ କଟକରେ ହୋଇଥିବା ଦରବାର ସାଧାରଣ ଲୋକ ଓ ସମସ୍ୟା ଠାରୁ ଛୋଟଲାଟଙ୍କୁ ଦୂରେଇ ରଖାଯିବା ସହିତ ଏହାକୁ ଅତ୍ୟନ୍ତ ଚିତ୍ତାକର୍ଷକ କରାଯାଇଥିଲା । ଗତ ଆଠ ମାସ ଭିତରେ ଖାଇବାକୁ ନ ପାଇ ଅର୍ଦ୍ଧେକ ଜନଶୂନ୍ୟ ହୋଇଥିବା ଓଡ଼ିଶାର କଙ୍କାଳସାର କାଙ୍ଗାଳ ମଣିଷର ଦୁଃଖ ଓ ବେଦନାକୁ ଘୋଡ଼ାଇ ଜଣେ ସଫଳ ପ୍ରଶାସକ ଭାବରେ ନିଜକୁ ପ୍ରତିଷ୍ଠିତ କରିବାର ବିକଳ ନମୂନା ଭାବରେ ରେଭେନ୍ସା କଟକର

ଇରିଗେସନ୍ କମ୍ପାନୀ ଘରେ ଭବ୍ୟ ଦରବାର ଆୟୋଜନ କରି ଉପରିସ୍ଥ ଅଧିକାରୀ ସିସିଲ ବିଡେନଙ୍କ ପ୍ରଶଂସାର ପାତ୍ର ହୋଇଥିଲେ । ଏହି ଦରବାରରେ ଉପରିସ୍ଥ ରାଜା, ଜମିଦାର, ସମ୍ଭ୍ରାନ୍ତଗଣ ଚାଉଳକ୍ରୟ, ଦରଦାମ ନିୟନ୍ତ୍ରଣ, ଖଜଣା ଛାଡ ତଥା ଉଚ୍ଚଶିକ୍ଷାପାଇଁ କଲେଜ ସ୍ଥାପନ ଆଦି ଦାବୀ ପ୍ରତି ରେଭେନ୍ସାଙ୍କ ସମର୍ଥନ ନ ଥିବାରୁ ଛୋଟଲାଟ ଏହି ସବୁ ସମସ୍ୟାକୁ ଭାଗ୍ୟ ଓ ଭଗବାନଙ୍କ ଉପରେ ଛାଡିବାକୁ ପରାମର୍ଶ ଦେଇ ୧୯ ତାରିଖରେ କଲିକତା ଫେରିଗଲେ । ଏହି ସମୟରେ କେନ୍ଦ୍ରାପଡ଼ାର ରାଧାଶ୍ୟାମ ନରେନ୍ଦ୍ର, ସୁଙ୍ଗୁଡା ଜମିଦାର ଜଗୁସିଂହ, କଟକର ଚୌଧୁରୀ ରଘୁନାଥ ଦାସ ଭଳି ଓଡିଆ ଜମିଦାର ବହୁ ବ୍ରାହ୍ମଣ ପୂଜାରୀଙ୍କଦ୍ୱାରା ପ୍ରଚୁର ରୋଷେଇ କରି ଦୁର୍ଭିକ୍ଷ ପ୍ରପୀଡିତ ଲୋକଙ୍କୁ ପ୍ରତିଦିନ ଖାଇବାକୁ ଦେଉଥିଲେ । ଅନେକ ରାଜା, ଜମିଦାର, ମଠ ଓ ଅନ୍ୟାନ୍ୟ ସହୃଦୟ ଧନୀକ ଓଡିଆଗଣ ନିଜ ଜାତିରକ୍ଷା, କୁଳରକ୍ଷା ଓ ଧର୍ମରକ୍ଷା ପାଇଁ ଅନାହାର ମଣିଷକୁ ଖାଦ୍ୟ ଦେବାରେ କାର୍ପଣ୍ୟ କରି ନ ଥିଲେ । ଏମାନଙ୍କ ପ୍ରତି ରେଭେନ୍ସାଙ୍କ ନିର୍ଦ୍ଦୟତା ଅନେକ ଚିଠିରୁ ଜଣାପଡେ । ବାଲେଶ୍ୱର ଜମିଦାର ପଦ୍ମଲୋଚନ ମଣ୍ଡଳ ଖଜଣା ତାରିଖ ମାସେ ଘୁଞ୍ଚାଇ ଦେବାକୁ ଅନୁରୋଧ କରିବାରୁ ରେଭେନ୍ସା ଏହାକୁ ପ୍ରତ୍ୟାଖ୍ୟାନ କରିବା ସହିତ ବାଲେଶ୍ୱର କଲେକ୍ଟର ଏଚ ମସପ୍ରାଟଙ୍କୁ ଚିଠି ଲେଖିଲେ- "ତମ ଜିଲ୍ଲାରେ ଯେତେ ଚାଉଳ ଅଛି ବୋଲି ତୁମେ ଭାବୁଛ, ମୁଁ ନିଃସନ୍ଦେହ ଯେ, ତାଠାରୁ ବେଶୀ ଚାଉଳ ଅଛି । ××× ତମେ କୌଣସି ମତେ ପ୍ରଶାସନିକ କ୍ଷେତ୍ରରେ ହସ୍ତକ୍ଷେପ କରିବନାହିଁ ।" ସେହିପରି ପୁରୀର ଖାଦ୍ୟାଭାବ ଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ଘଟଣା କଲେକ୍ଟର ବାର୍ଲୋ ରେଭେନ୍ସାଙ୍କୁ ଜଣାଇବା ପରେ ୧୪ନଭେମ୍ବର ୧୮୬୫ରେ ସେ ବାର୍ଲୋଙ୍କ କଥାକୁ ଅତିରଞ୍ଜିତ ବୋଲି ଆକ୍ଷେପ କରିବା ସହିତ ଲୋକମାନେ ଅନ୍ୟତ୍ର ଚାଲିଯିବାକୁ ଏବଂ ବୁଢା ଓ ଅର୍କମଣ୍ୟ ଲୋକକୁ ସାହାଯ୍ୟ ନ କରିବାକୁ ଚିଠି ଲେଖି ନିର୍ଦ୍ଦେଶ ଦେଲେ । ଖାଦ୍ୟପାଇଁ କାମ ଯୋଜନା ଆରମ୍ଭ କରି ପୁରୀର ନରେନ୍ଦ୍ର ପୋଖରୀ ଖୋଳା, ସାତପଡାରେ ପୋଖରୀ ଖୋଳା ସହ ଖୋର୍ଦ୍ଧା-ପୁରୀ, କଟକ-ପୁରୀ ସଡକ ତିଆରି ଆରମ୍ଭ କରି ବାର୍ଲୋ ଲୋକଙ୍କୁ କାମ ଓ ଖାଦ୍ୟ ଯୋଗାଇଲେ । ଲୋକଙ୍କୁ ଅଧିକ କାମ ଦେବାପାଇଁ ଲୁଣ ମାରିବା ଅନୁମତି ଦେବାକୁ ବାର୍ଲୋଙ୍କ ପରାମର୍ଶକୁ ରେଭେନ୍ସା ସିଧାସଳଖ ପ୍ରତ୍ୟାଖ୍ୟାନ କରି ଓଲଟି ଚିଠି ଲେଖି ଜଣାଇଲେ " ବେଶୀ କାମ ହାତକୁ ନିଅନାହିଁ, ଲୋକ କାମ ପାଖକୁ ଯିବାକଥା,କାମ ଲୋକ ପାଖକୁ ନୁହେଁ ।"

ରେଭେନ୍ସାଙ୍କ କ୍ରୁରତା ଯୋଗୁଁ ହା-ଅନ୍ନର ଚିତ୍କାର ଭିତରେ ଭାତ ମୁଠାଏ ପାଇଁ ନିଜ ନିଜ ଭିତରେ ହେଇଥିବା ବାଡିଆ ପିଟା ଅତି ସାଧାରଣ ଘଟଣା ଥିଲା । ଏ ବିଷୟରେ କଟକ କଲେକ୍ଟର କମିଶନରଙ୍କୁ ଜଣାଇବାରୁ ତାଙ୍କ ବିଷୟରେ ଖରାପ ରିପୋର୍ଟ ଦେଇ ତାଙ୍କୁ ବରଖାସ୍ତ କଲେ । ସେତେବେଳେ 'ଉତ୍କଳ ଦୀପିକା' ଏହାର ତୀବ୍ର ବିରୋଧ କରିଥିଲା । ଖୋର୍ଦ୍ଧାର ଜଣେ ସ୍ତ୍ରୀଲୋକ ନିଜ ଝିଅର ଭରଣ ପୋଷଣ ପାଇଁ ସେହି ଝିଅର

ବାପା ଆସିଷ୍ଟାଣ୍ଟ କଲେକ୍ଟର ବାର୍ଟନ ନାମରେ ନାଲିସ କରିଥିଲା । ମାତ୍ର ସେ କୌଣସି ପଦକ୍ଷେପ ନ ନେଇ ନିର୍ଦ୍ଦୋଷରେ ମୁକ୍ତ କଲେ । ବାଲେଶ୍ୱର ଥରେ ଅନ୍ନଛତ୍ର ଦେଖୁଥିବାବେଳେ ଲୋକେ ତାଙ୍କୁ ଠେଲି ତଳେ ପକାଇଦେଲା ପରେ ବି ସେ ବାସ୍ତବିକ ସ୍ଥିତିକୁ ଗୁରୁତ୍ୱ ନ ଦେଇ ଶିମିଳିପାଳ ବୁଲିବାକୁ ଚାଲିଗଲେ । ଅପ୍ରେଲ ୨୦, ୧୮୬୬ରେ କେମଣା ଫାଣ୍ଡି ନିକଟରେ ଜଣେ ଭୋକିଲାଟିଏ ମଣିଷ ମାଂସ ଖାଉଥିବାର ଦେଖି ଭୋକିଲା ଲୋକର ଖାଇବା କଥା ବୁଝିବା ବଦଳରେ ଡାକ୍ତରୀ ପରୀକ୍ଷା ପାଇଁ ସେ ବାଲେଶ୍ୱର କଲେକ୍ଟରଙ୍କୁ ଚିଠି ଲେଖି ଜଣାଇଥିଲେ । ମେ ୨୫ ତାରିଖରେ ରେଭେନ୍ୱା ଶିମିଳିପାଳ ଜଙ୍ଗଲରୁ ବାଘ ଶିକାର ସାରି ଫେରିବା ପରେ କଟକ ଅବସ୍ଥା ଅସମ୍ଭାଳ ହୋଇଥିଲା । ଚାଉଳ ଅଭାବ ଯୋଗୁଁ ସୈନ୍ୟମାନଙ୍କ ଅସନ୍ତୋଷ ବିଦ୍ରୋହରେ ପରିଣତ ହେଉଥିବା ଦେଖି ସେ ବାଧ୍ୟ ହୋଇ ୨୭ ତାରିଖରେ ଏକ ଲକ୍ଷ ଟଙ୍କାର ଚାଉଳ ପଠାଇବା ପାଇଁ କଲିକତାକୁ ଚିଠି ଲେଖିଲେ । ଆଶ୍ଚର୍ଯ୍ୟର କଥା, ଚିଠି ମିଳିବା ଦିନ ୨୯ ତାରିଖରେ ହିଁ ଚାଉଳ କିଣିବାକୁ ଛୋଟଲାଟ ଆଦେଶ ଦେଲେ । ସେହି ଚାଉଳ ସବୁ ସୈନ୍ୟମାନଙ୍କୁ ବିତରଣ କରାଗଲା । ପରେ ଯେତେବେଳେ ଏକ ଲକ୍ଷ ମହଣ ଚାଉଳ ବିକ୍ରୟ ପାଇଁ ଆସିଲା, ରାସ୍ତାଘାଟ ଖରାପ କହି ପରିବହନ ଓ ବଣ୍ଟନ ଠିକ୍ ରୂପେ କରି ନ ଥିବାରୁ ଚାଉଳ ଲୋକଙ୍କ ପାଖରେ ପହଞ୍ଚି ପାରିଲା ନାହିଁ । ଅଥଚ ମାତ୍ର ୬ ମାସ ପୂର୍ବରୁ ଏହି ବାଟ ଦେଇ ୯ ଲକ୍ଷ ୩୬ମହଣ ଚାଉଳ ସଂଗ୍ରହ ହୋଇ ୟୁରୋପକୁ ପଠାଯାଇଥିଲା । ଚାଉଳ ଆସିଲା ପରେ ତାହାର ବଣ୍ଟନ ବଦଳରେ ବିକିବାପାଇଁ ସରକାରୀ ଚାଉଳ ବିକ୍ରୟ କେନ୍ଦ୍ରମାନ ଖୋଲାହେଲା । ଛଅମାସ ତଳେ ଯେଉଁମାନଙ୍କଠାରୁ ଟଙ୍କାରେ ୩୫ ସେର ଚାଉଳ କିଣାଯାଇଥିଲା, ସେହି ଭୋକିଲା ଲୋକଙ୍କୁ ମୁଣ୍ଡପିଛା ଦିନକୁ ଟଙ୍କାରେ ମାତ୍ର ୧ ସେର ଚାଉଳ ବିକ୍ରି କରାଗଲା । ଦୁର୍ଭିକ୍ଷ ହେବାର ମୂଳ କାରଣ ଚାଷଜମିରେ ଜଳସେଚନ ବ୍ୟବସ୍ଥା ନ ଥିଲା ବୋଲି ପ୍ରଚାର କରଗଲା । କିନ୍ତୁ ପୂର୍ବରୁ କେନାଲ ଖୋଳାହେବା ଦ୍ୱାରା ଯେ ଏଭଳି ଅଭାବନୀୟ ଘଟଣା ଉପକୂଳ ଅଞ୍ଚଳରେ ଘଟିଲା, ତାହା ଲୋକଲୋଚନକୁ ଆସିଲା ନାହିଁ ।

ଏହି ଘଟଣା ପ୍ରମାଣ କରିଦିଏ ଯେ, କଲିକତାର ବଙ୍ଗାଳି କିରାଣି ମାନେ ଓଡ଼ିଶାକୁ ଚାଉଳ ରପ୍ତାନୀ କରିବାରେ ବାଧକ ନ ଥିଲେ, ଥିଲେ ନିଜେ ରେଭେନ୍ୱା । ରେଭେନ୍ୱା ନିଜେ ସବୁ ଚିଠି ଲେଖୁଥିଲେ ବୋଲି ସମସାମୟିକ ଇଂରେଜ ଅଧିକାରୀ ଜନ ବିମ୍ସ ତାଙ୍କ ଆତ୍ମଜୀବନୀରେ ଉଲ୍ଲେଖ କରିଛନ୍ତି । ସେହିପରି ଓଡ଼ିଶାବାସୀଙ୍କ ଦୁର୍ଦ୍ଦଶା ବିଷୟରେ ଏଥିରେ ସେ ଉଲ୍ଲେଖ କରିଛନ୍ତି । ସଦସ୍ୟ ମନକ୍ରିଫ୍ଟ ବାରମ୍ବାର ସୂଚାଉଥିଲେ ମଧ୍ୟ ସେ ନିଜର ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତିକୁ ବଦଳାଉ ନ ଥିଲେ । ମାତ୍ର ଆଠ ମାସ ଭିତରେ ଜଣେ ପ୍ରଶାସକର ଅହଂକାରରେ ଗୋଟେ ପ୍ରତିବାଦଶୂନ୍ୟ ଜାତିର ୨୦ଲକ୍ଷ

ଲୋକ ବିନା ଯୁଦ୍ଧ , ବିନା ମଡକରେ ଖାଇବାକୁ ନ ପାଇ ଛଟପଟ ହୋଇ ମରିଗଲେ । ଆଉ ୧୦ଲକ୍ଷ ଲୋକ ଦେଶାନ୍ତର ହେଲେ, ଏହାଠାରୁ ବଳି ପୃଥିବୀରେ ବଡ ମନୁଷ୍ୟକୃତ ଘଟଣା ଆଉ କୋଉଠି ଘଟିବାର ଦେଖାଯାଇନାହିଁ ।

ଦୁର୍ଭିକ୍ଷ କମିଶନ ରିପୋର୍ଟ:

ଓଡ଼ିଶା ଦୁର୍ଭିକ୍ଷର ଏଭଳି ଲୋମହର୍ଷଣକାରୀ ଘଟଣାକୁ ସମ୍ପୂର୍ଣ୍ଣ ଚାପି ଦିଆଯାଇଥିଲା । ତଥାପି ଏହା ଜାଣିପାରି ଇଂଲଣ୍ଡ ପାର୍ଲାମେଣ୍ଟ କେତେକ ମାନବବାଦୀ ସଦସ୍ୟ ଆଶ୍ଚର୍ଯ୍ୟ ଚକିତ ଓ ବିଚଳିତ ହୋଇ ପଡ଼ିଲେ । ଏମାନଙ୍କ ଦାବୀ ଫଳରେ ଜଜ ମାଲ୍‌ଭେଲଙ୍କ ଅଧ୍ୟକ୍ଷତାରେ ଏକ ଅନୁସନ୍ଧାନ କମିଶନ ବସିଲା । ୧୭ ଡିସେମ୍ବର ୧୮୬୬ରେ ଦୁର୍ଭିକ୍ଷ କମିଶନ ପହଞ୍ଚିବା ପରେ ସରକାରୀ ସାକ୍ଷ୍ୟ ଭାବରେ ଡେପୁଟି ମାଜିଷ୍ଟ୍ରେଟ୍ କହିଥିଲେ କେନ୍ଦ୍ରାପଡ଼ାର ଲୋକେ ମଣିଷ ମାଂସ ଖାଉଥିଲେ । ଅସ୍ପୃଶ୍ୟ ଜାତିର ଲୋକେ ଗୋମାଂସ ତଥା ବେଳେବେଳେ କଞ୍ଚାମାଂସ ଖାଉଥିବାର ଖବର ସେ ଚପରାଶୀ ଓ ବରକନ୍ଦାଜ ଠାରୁ ଶୁଣିଛନ୍ତି । ଅକ୍ଟୋବର ସୁଦ୍ଧା ପୁରୀ ଜିଲ୍ଲାର ୪,୦୧,୫୦୧ ଜଣ ମରିଥିବା ଖବର ପୋଲିସ ରିପୋର୍ଟରୁ ଜଣାପଡେ । ରିଲିଫ ଆସିଷ୍ଟାଣ୍ଟ କଲେକ୍ଟର ଜି.ଏମ. କେରି ନିଜର ପ୍ରତ୍ୟକ୍ଷଦର୍ଶୀ ବିବରଣୀ ଦେଇ କହିଲେ - ଚିଲିକାର ଗୋଟିଏ ଗାଁରେ ୨୮ଟି ପରିବାରରୁ ମାତ୍ର ୨ଜଣ ମୁମୁର୍ଷୁ ଅବସ୍ଥାରେ ଅଛନ୍ତି । କମିଶନ ଏହି ଦାରୁଣ ଅବସ୍ଥାକୁ ସ୍ୱଚକ୍ଷୁରେ ଦେଖି ମଧ୍ୟ ସରକାରଙ୍କୁ ସୁରକ୍ଷା ପ୍ରଦାନ କରି ରିପୋର୍ଟରେ ଲେଖିଥିଲେ- ମାତ୍ର ଦୁଇମାସ ମଧ୍ୟରେ କେନ୍ଦ୍ରାପଡ଼ା ସବ୍ ଡିଭିଜନର ଏକଚତୁର୍ଥାଂଶ ଲୋକ ଖାଦ୍ୟ ବିନା ଛଟପଟ ହୋଇ ମରିଯାଇଥିଲେ । ଅଥଚ ଏହି ଅଞ୍ଚଳର କୃଷିବିକାଶ ପାଇଁ ଏହି ସମୟ ବେଳକୁ କେନ୍ଦ୍ରାପଡ଼ା, ପଟାମୁଣ୍ଡାଇ ଓ ଜମ୍ବୁ କେନାଲ ଖୋଳା ସାରିଥିଲା । ମାତ୍ର ଗମନାଗମନ ପାଇଁ କମ୍ପାନୀ କେନାଲ ଖୋଳାଇଥିବାରୁ ଏଥିରେ ପର୍ଯ୍ୟାପ୍ତ ପାଣି ରହୁଥିଲେ ମଧ୍ୟ ଚାଷଜମିକୁ ପାଣି ଯାଉ ନଥିଲା । ପାଣି ନ ପାଇ ଭାଦ୍ରବ ମାସରେ ଗଜାମରୁଡି ହେବାଦ୍ୱାରା ଫସଲ ନଷ୍ଟ ହେବାରୁ ଚାଉଳର ମୂଲ୍ୟ ଆଶାତୀତ ଭାବରେ ବୃଦ୍ଧି ପାଇଲା । ଫଳରେ ଦୈନିକ ଚାଉଳ କିଣି ଖାଉଥିବା ଗରିବ ଲୋକ ପ୍ରଥମେ ମଜୁରୀ ଓ ପରେ ଚାଉଳ ନ ପାଇବାରୁ ମରିବାରେ ଲାଗିଲେ । କମିଟି ରିପୋର୍ଟ ଏହି ଦୁର୍ଭିକ୍ଷରେ ରିଲିଫ କାର୍ଯ୍ୟକୁ ମଧ୍ୟ ଦାୟୀ କରିଥିଲେ । ଦୁର୍ଭିକ୍ଷ ପରେ ଇଂରେଜ ସରକାର ନିଜ ମୁଣ୍ଡରୁ ଦୋଷ ଛଡାଇ ରେଭେନ୍‌ସାଙ୍କ ଅପରିଣାମଦର୍ଶିତା ଓ ବଙ୍ଗାଳୀଙ୍କ ଅସୂୟା ମନୋଭାବ ଦାୟୀ କହି ବଙ୍ଗାଳୀ କିରାଣୀଙ୍କ ମୁଣ୍ଡ ଉପରେ ଦୋଷ ଲଦିଦେବାରୁ କେତେକ ବଙ୍ଗାଳୀ ସହ୍ୟ କରି ପାରିନଥିଲେ । ୧୮୬୬ରେ ଗୋପାଳଚନ୍ଦ୍ର ହାଲ୍‌ଦାର 'କଟକ ଦୁର୍ଭିକ୍ଷ' ନାମକ ଏକ ପୁସ୍ତକ ଲେଖି କିରାଣୀ ଓ ହାକିମଙ୍କ ଗୁଣଗାନ କରିବା ସହ ଓଡ଼ିଆଙ୍କୁ

ଅବୋଧ ବୋଲି ବର୍ଣ୍ଣନା କରି ସମ୍ପୂର୍ଣ୍ଣ ଓଡ଼ିଆଜାତିକୁ ଏହି ଦୁର୍ଭିକ୍ଷ ପାଇଁ ଦାୟୀ କଲେ । ଏହାର ଦୃଢ ପ୍ରତିବାଦ କରି ଗୌରୀଶଙ୍କର ଉତ୍କଳ ଦୀପିକାରେ ଲେଖିଥିଲେ - ଗ୍ରନ୍ଥକର୍ତ୍ତା ଲେଖନ୍ତି ଯେ ଏଠାରେ ଅଳ୍ପ ବଙ୍ଗାଳୀ ଜମିଦାର ଅଛନ୍ତି । ସେମାନଙ୍କ ଆୟ ଅତ୍ୟଳ୍ପ ଥିଲେ ମଧ୍ୟ ଆପଣା ଆୟାନୁସାରେ ଦୁର୍ଭିକ୍ଷ ନିବାରଣରେ ସାହାଯ୍ୟ କରିଅଛନ୍ତି । ଏ ମତଭ୍ରମ ବାବୁ ରାମନାଥ ରାୟ ଚୌଧୁରୀ, ବାବୁ ଲକ୍ଷ୍ମୀନାରାୟଣ ଚୌଧୁରି, ବାବୁ ଦେବେନ୍ଦ୍ର ନାଥ ଠାକୁର ଓ ଅସୁରେଶ୍ୱର ଓ ପଟ୍ଟାମୁଣ୍ଡେଇ ଜମିଦାରମାନଙ୍କର ଅତ୍ୟଳ୍ପ ଆୟ ? ଏମାନଙ୍କ ମଧ୍ୟରେ କେହି କେହି ଲକ୍ଷପତି ଅଟନ୍ତି ଓ ଏମାନେ ଆପଣା ଆପଣା ଶକ୍ତି ଅନୁସାରେ କଦାପି ସାହାଯ୍ୟ କରିନାହାଁନ୍ତି । ଗ୍ରନ୍ଥକର୍ତ୍ତା ଜଣେ ଓଡିଆ ଜମିଦାରଙ୍କ ଅତିଶୟ ନିନ୍ଦାଗାନ କରିଛନ୍ତି । ସେ ଯାହାକୁ ଉଲ୍ଲେଖ କରି ଲେଖିଅଛନ୍ତି, ତାହା ତାଙ୍କ ଲେଖାରୁ ଜଣାଯାଏ ମାତ୍ର ସେ ଏତାଦୃଶ ନିନ୍ଦା ଓ ଅପବାଦର ଉପଯୁକ୍ତ ନୁହନ୍ତି ।"(୮/୧୨/୧୮୬୬) ଅନ୍ୟ ପକ୍ଷରେ ଗଞ୍ଜାମ କଲେକ୍ଟର ଜି ଥର୍ନହିଲଙ୍କ ଅକ୍ଲାନ୍ତ ଉଦ୍ୟମ ଯୋଗୁଁ ସମାନ ପରିସ୍ଥିତିରେ ଖାଦ୍ୟାଭାବକୁ ସେ ଦୂର କରିପାରିଥିଲେ ।

ରେଭେନ୍ୟା ଦୁର୍ଭିକ୍ଷ ଦ୍ୱାରା କଳିଙ୍ଗଯୁଦ୍ଧଠାରୁ ଆଉ ଏକ ଭୟଙ୍କର ଗଣହତ୍ୟା ମାଧ୍ୟମରେ ଇଂରେଜ କମ୍ପାନୀ ନିଜର ପ୍ରଥମ ଲକ୍ଷ୍ୟ ସାଧନ କରିବାପରେ ଏବେ ଦ୍ୱିତୀୟ ଲକ୍ଷ୍ୟ ଜଗନ୍ନାଥ ଚେତନା ବିଲୋପ କରିବାକୁ ଆଗେଇ ଆସିଲେ । ମୃମୂର୍ଷୁ ପ୍ରାୟ ଓଡିଆ କୃଷକ ମଧ୍ୟରୁ ମାତ୍ର ଏକତୃତୀୟାଂଶ ଯେକୌଣସି ଉପାୟରେ ବଞ୍ଚିରହିଥିବାରୁ ଏମାନଙ୍କ ଶକ୍ତି ଅପହୃତ ହୋଇସାରିଥିଲା । ପ୍ରଶାସନ ଦୟାରୁ ବଞ୍ଚିରହିଥିବାରୁ ଏମାନେ ଇଂରେଜ ସରକାରଙ୍କ ଠାରେ କୃତଜ୍ଞ ଥିଲେ ।

ରେଭେନ୍ୟା ରିଲିଫ୍ ବଣ୍ଟନ ନୀତି; ଧର୍ମ ଓ ନାରୀତ୍ୱର ପତନ:

ଦୁର୍ଭିକ୍ଷ ଚାଉଳ ଆସିବା ପରେ ଏହାର ବଣ୍ଟନ ଦାୟିତ୍ୱ ମିଶନାରୀମାନଙ୍କୁ ଦିଆଗଲା । ହିନ୍ଦୁଧର୍ମର କଠୋର ଧାର୍ମିକ ନୀତିନିୟମ ପାଳନ ସତ୍ତ୍ୱେ ଦୁର୍ଭିକ୍ଷ ସମୟରେ ଖାଇବାକୁ ନ ପାଇବାରୁ ପତିତା, ପିତୃମାତୃହୀନ ଓ ଅବୈଧ ପିଲାମାନଙ୍କୁ ଖାଦ୍ୟ ତଥା ସୁରକ୍ଷା ଲୋଭ ଦେଖାଇ ଏମାନଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କଲେ । ଅନାହାର ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରୁ ସରକାରଙ୍କ ପୂର୍ଣ୍ଣ ସହାୟତା ଓ ସମର୍ଥନ ପାଇ ପାଦ୍ରୀମାନେ ଅଧିକ ଉତ୍ସାହିତ ହୋଇ କଟକ ଛାଡି ଅଗମ୍ୟ ଅଞ୍ଚଳକୁ ପ୍ରବେଶ କରି ଖାଦ୍ୟ ଦେଇ ଧର୍ମ ନେଲେ । ସରକାରଙ୍କ ଦୁର୍ଭିକ୍ଷ ସାହାଯ୍ୟ କମିଟି ସମ୍ପର୍କରେ ଉତ୍କଳ ଦୀପିକା ଲେଖିଛନ୍ତି- "××× ଅସହାୟ ବାଳକାବାଳିକାଙ୍କ ରକ୍ଷା ପ୍ରସଙ୍ଗ ପ୍ରାଏ ତିନିମାସ ହେଲା ସାହାର୍ଯ୍ୟ କୁମେଟିର ମନେ ପଡିଥିଲା ତତ୍ରାଚ ସେମାନଙ୍କ ଦୂରାବସ୍ଥା ଯେ ଏପର୍ଯ୍ୟନ୍ତ ମୋଚନ ନ ହେଲା ଏଥିରେ ଦୋଷ କାହା ଉପରେ ଦିଆଯାଇପାରେ । ସାହାଯ୍ୟ କୁମେଟୀର

ମେୟରମାନେ ଏକ ଜଣ ହିନ୍ଦୁ ଛଡା ସମସ୍ତେ ଇଂରାଜୀ ଲୋକ ଅଟନ୍ତି । ସେମାନେ ଦେଶରେ ଅବସ୍ଥା ବିବେଚନା ନ କରି ଆପଣା ଆପଣା ଉତ୍କୃଷ୍ଟ ଗୁଣର ଅଭିମାନରେ ଜଣେ ପାଦ୍ରୀସାହେବଙ୍କୁ ପିଲାଙ୍କର ଭରଣପୋଷଣ କର୍ମରେ ନିଯୁକ୍ତି କରିବାରୁ ଲୋକଙ୍କ ମନେ ଏହି ଭୟ ହେଲା ଯେ ଯୀଶୁଖ୍ରୀଷ୍ଟଙ୍କ ଦଳ ବୃଦ୍ଧି ନିମନ୍ତେ ଏ ରୂପେ ଉପାୟ ହୋଇଅଛି । ଏହି ହେତୁରୁ ଦୁଃଖୀମାନେ ବହୁତ କଷ୍ଟ ପାଇଲେ ସୁଦ୍ଧା ଆପଣାଆପଣା ଅସ୍ଥିଚର୍ମା ବିଶିଷ୍ଟ ସନ୍ତାନମାନଙ୍କୁ ପାଦ୍ରୀସାହେବଙ୍କ ନିକଟକୁ ପଠାଇଲେ ନାହିଁ । ଯଦ୍ୟପି କୌଣସି ହିନ୍ଦୁ ହସ୍ତରେ ଉକ୍ତ ଭାର ଅର୍ପଣ ହୋଇଥାନ୍ତା ତେବେ ବର୍ତ୍ତମାନ ସମୟରେ ଏକଜଣ ସୁଦ୍ଧା ଅସହାୟ ବାଳକ ନଗରରେ ବୁଲିବାର ଦେଖାଯାଆନ୍ତା ନାହିଁ ଏବଂ ଅନେକ ଦୁଃଖୀ ଲୋକ ଆପଣା ସନ୍ତାନମାନଙ୍କୁ କେବଳ କାଳଗ୍ରସ୍ତରୁ ମୁକ୍ତ କରିବା ସକାଶେ ନାମମାତ୍ର ଧନଲୋଭରେ କିମ୍ବା ବିନାମୂଲ୍ୟରେ ବେଶ୍ୟାଙ୍କ ହସ୍ତରେ ବିକ୍ରି କରନ୍ତେ ନାହିଁ । ଏହା ସାହାଯ୍ୟ କୁମେଟୀର ଅମନଯୋଗ ହେତୁରୁ କେତେ ନିର୍ଦ୍ଦୋଷ ପ୍ରାଣୀ ଭବିଷ୍ୟତରେ ଅତ୍ୟନ୍ତ ଦୂଷିତ କର୍ମ ଦ୍ୱାରା ଜୀବନ ନିର୍ବାହ କରିବାକୁ ବାଧ ହେଲେ(ଉତ୍କଳଦୀପିକା, ତା୧୧/୮/୧୮୬୬) ।"ଅନ୍ୟତ୍ର ଉଲ୍ଲେଖ ଅଛି- "××× ପାଦ୍ରୀ ସମ୍ପ୍ରଦାୟ ଏମାନଙ୍କର ରକ୍ଷଣାବେକ୍ଷଣର ଉପଯୁକ୍ତ ପାତ୍ର ନୁହଁନ୍ତି କାରଣ ସେ ଯେତେ ଯତ୍ନ ଓ ସତତା ସହିତ ଏ ଗୁରୁତ୍ୱର ଭାର ନିର୍ବାହ କରୁ ଅତ୍ରସ୍ଥ ଲୋକମାନେ ମନେକରନ୍ତି ଯେ କେବଳ ଖ୍ରୀଷ୍ଟିୟାନ ଦଳବୃଦ୍ଧି କରିବାଲାଗି ସେମାନେ ଏ ଭାର ଗ୍ରହଣ କରିଛନ୍ତି ଓ ସରକାର ମଧ୍ୟ ଉକ୍ତ ଧର୍ମ ପ୍ରତି ପକ୍ଷପାତ ଦର୍ଶାଇ ତାହାଙ୍କ ଠାରେ ପିଲାମାନଙ୍କୁ ଅର୍ପଣ କରିଅଛନ୍ତି । ଯେଉଁ ପିଲାମାନେ ନିତାନ୍ତ ଶିଶୁ ସେମାନଙ୍କ କଥା ବିଚାରର ଅନାବଶ୍ୟକ ମାତ୍ର ଯେଉଁମାନଙ୍କଠାରେ କିଞ୍ଚିତ୍ ଜ୍ଞାନ ହୋଇଛି ସେମାନେ ସ୍ୱୟଂ ପାଦ୍ରୀ ସାହେବଙ୍କ ଦ୍ୱାରା ପ୍ରତିପାଳିତ ହେବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି ।(ଉତ୍କଳ ଦୀପିକା ୧୨/୧/୧୮୬୭) । ଗୋଟିଏ ପକ୍ଷରେ ଚାଉଳ ବାଣ୍ଟିବା ଆଳରେ ଧର୍ମ ପରିବର୍ତ୍ତନ ଚାଲିବାବେଳେ ବିଚିତ୍ରାନନ୍ଦଙ୍କ ଦାସଙ୍କ ଉଦ୍ୟମରେ ବହୁ ଜାତିହରାଙ୍କୁ ପୁଣି ସ୍ୱଜାତିକୁ ଫେରାଇ ଆଣିବା କାର୍ଯ୍ୟ ଚାଲିଥିଲା । ଯାହା ଫଳରେ ସେ ତତ୍କାଳୀନ ପାଦ୍ରୀ ଓ ଇଂରେଜ ଅଧିକାରୀଙ୍କ ବିରାଗ ଭାଜନ ହୋଇଥିଲେ ।

ଓଡିଶାର ଶିକ୍ଷା ବ୍ୟବସ୍ଥା ଓ ରେଭେନ୍ସା:

କଟକ ସ୍କୁଲ ଓ ରେଭେନ୍ସା:

ଓଡ଼ିଶାର ଆଧୁନିକ ଶିକ୍ଷାବ୍ୟବସ୍ଥା ରେଭେନ୍ସାଙ୍କ ଯୋଗୁଁ ହୋଇଥିଲା ବୋଲି

ଅନେକ କୁହନ୍ତି । ପ୍ରକୃତରେ ଏଥିରେ କୌଣସି ସତ୍ୟତା ନାହିଁ । ପାଇକ ବିଦ୍ରୋହ ପରେ ୭.୩.୧୮୩୫ରେ ଲାଗୁ ହୋଇଥିବା ମାକଲେ ଶିକ୍ଷା ପଦ୍ଧତି ଅନୁସାରେ ଇଂରାଜୀ ଶିକ୍ଷା ସ୍କୁଲ ବା ଭାଷା ବିଦ୍ୟାଳୟ (ବର୍ତ୍ତମାନର ଓଡିଆ ମାଧ୍ୟମ ସ୍କୁଲ) ସାରା ଭାରତରେ ସ୍ଥାପିତ ହେଲା । ଓଡ଼ିଶା କମିଶନର ହେନେରୀ ରିକେଟ୍ସ ୭ ଡିସେମ୍ବର ୧୮୩୭ରେ ତତ୍କାଳୀନ ବଡଲାଟଙ୍କୁ ପତ୍ର ଲେଖି ଜଣାଇଲେ- "ଶିକ୍ଷା କ୍ଷେତ୍ରରେ ଅବହେଳିତ ଓଡ଼ିଆଙ୍କୁ ଯଦି ଠିକ୍ ଶିକ୍ଷା ଦିଆଯାଇପାରନ୍ତା, ତେବେ ସେ ଅନ୍ୟାନ୍ୟ ଜାତିଠାରୁ ଅଧିକ ବିଶ୍ୱସ୍ତ ହୋଇପାରନ୍ତେ" । ଓଡ଼ିଶାର ପ୍ରଥମ ସ୍କୁଲ ଇନ୍ସପେକ୍ଟର ଇ.ସୋର ୧୮୫୫-୫୮ ବାର୍ଷିକ ରିର୍ପୋଟରେ ମତ ଦେଇଥିଲେ- "ବଙ୍ଗଳା ଭାଷାର ଉପଭାଷା ଓଡ଼ିଆ ନୁହେଁ ବରଂ ସ୍ୱୟଂସମ୍ପୂର୍ଣ୍ଣ ଭାଷା । ଏହାର ନିଜର ବ୍ୟାକରଣ ଓ ଲିପି ରହିଛି । ପୁରାଣ ମଧ୍ୟ ଅନୁଦିତ ହୋଇ ସ୍ୱତନ୍ତ୍ର ମୌଳିକ ଢଙ୍ଗରେ ରଚିତ ହୋଇଛି, ମାତ୍ର ଏଗୁଡିକ ପଢାଯାଉ ନାହିଁ ।"୧୮୩୫ରୁ ୧୮୭୦ ମସିହା ପର୍ଯ୍ୟନ୍ତ ଓଡିଶାରେ ସ୍ଥାପିତ ୧୦୦ଟି ବିଦ୍ୟାଳୟ ମଧ୍ୟରୁ ୧୪ଟି ଥିଲା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ବାକି ସବୁ ଥିଲା ଭର୍ଣ୍ଣାକୁଲାର ବା ଭାଷା ବିଦ୍ୟାଳୟ । ୧୮୪୧ରେ କଟକରେ ସ୍ଥାପିତ ଜିଲ୍ଲାସ୍କୁଲରୁ ବିଚିତ୍ରାନନ୍ଦ ଦାସ, ମଧୁବାବୁ ଭଳି ଓଡ଼ିଆ ପିଲା ପାଠ ପଢି କିରାଣି ହୋଇଥିଲେ । ଏହି କଟକ ଜିଲ୍ଲା ସ୍କୁଲ ବନ୍ଦ ହୋଇ ପୁଣି ୧୮୫୧ରେ ଖୋଲିଲା । ବିଚିତ୍ରାନନ୍ଦ ଦାସ କମିଶନରଙ୍କ ସିରସ୍ତାଦାର ଭାବରେ ୧୮୫୯ରେ ନିଯୁକ୍ତ ହେବା ପରେ କଟକରେ କଲେଜ ସ୍ଥାପନା ପାଇଁ ଉଦ୍ୟମ ଆରମ୍ଭ କଲେ । ୧୮୬୫ରେ କଟକ ସ୍କୁଲକୁ ଦ୍ୱିତୀୟ ଶ୍ରେଣୀ କଲେଜର ମାନ୍ୟତା ମିଳିବା ପରେ ଏହାର ନାମ କଟକ କଲେଜିଏଟ ସ୍କୁଲ ହେଲା । ୧୮୭୫ରେ କଟକ କଲେଜ ଏହି ପରିସରରେ ଆରମ୍ଭ ହୋଇଥିଲା, ଯାହାର ନାମ ପରେ ରେଭେନ୍ସା କଲେଜ ହୋଇଥିଲା । ୧୯୦୫ରେ ରେଭେନ୍ସା କଲେଜରୁ ଅଲଗା ହେବା ପରେ ରେଭେନ୍ସା କଲେଜିଏଟ୍ ସ୍କୁଲ ନାମରେ ଆପେ ନାମିତ ହେଲା । ତେଣୁ କଟକ କଲେଜିଏଟ ସ୍କୁଲ ରେଭେନ୍ସା ତିଆରି କରି ନ ଥିଲେ କିମ୍ବା ତାଙ୍କର କିଛି ଅବଦାନ ନ ଥିଲା ।

ହିନ୍ଦୁ ବାଳିକା ବିଦ୍ୟାଳୟ ଓ ରେଭେନ୍ସା:

୧୮୬୫ ଦୁର୍ଭିକ୍ଷ ସମୟରେ ନାରୀ ଶିକ୍ଷାର ସବୁଠାରୁ ଅଧିକ ଆବଶ୍ୟକତା ପଡିଲା । ବାଳିକା ଶିକ୍ଷା ପାଇଁ ୧୮୬୮ରେ କଟକ ହିନ୍ଦୁବାଳିକା ବିଦ୍ୟାଳୟ ସ୍ଥାପନ କଲେ ଆଦି ନେତା ବିଚିତ୍ରାନନ୍ଦ ଦାସ, ଯାହାର ସମ୍ପାଦକ ଥିଲେ ଅବିନାଶ ଚଟ୍ଟୋପାଧ୍ୟାୟ । ଉତ୍କଳ ଦୀପିକା ୧୮୭୧ ଫେବୃଆରୀ ସଂଖ୍ୟାରୁ ଜଣାଯାଏ ରେଭେନ୍ସା ଏହାର ଏକ ବାର୍ଷିକ ସଭାରେ ଅତିଥି ଭାବରେ ବକ୍ତବ୍ୟ ଦେବା ସହ ନାରୀଶିକ୍ଷା ସପକ୍ଷରେ ନିଜର ମତ ରଖିଥିଲେ । ରେଭେନ୍ସାଙ୍କ ଏହି ବକ୍ତବ୍ୟକୁ କିଛି ଆଲୋଚକ ଉକ୍ତ ହିନ୍ଦୁ ବାଳିକା

ବିଦ୍ୟାଳୟର ପ୍ରତିଷ୍ଠାତା ବୋଲି ଗ୍ରହଣ କରି ନେଇଛନ୍ତି । ଅଥଚ ରେଭେନ୍ସା ଜଣେ ନିଷ୍ଠାବାନ୍ ଖ୍ରୀଷ୍ଟିୟାନ ଓ ଦୁର୍ଭିକ୍ଷ ସମୟରେ ସେ ଖ୍ରୀଷ୍ଟଧର୍ମ ପ୍ରଚାରପାଇଁ ପାଦ୍ରୀମାନଙ୍କୁ ଅନୁମତି ଦେଇଥିବାରୁ ହିନ୍ଦୁଙ୍କ ନାମରେ ବାଳିକା ବିଦ୍ୟାଳୟ ପ୍ରତିଷ୍ଠା କରିବା ସମ୍ପୂର୍ଣ୍ଣ ଅସମ୍ଭବ । ଅନ୍ୟ ପକ୍ଷରେ ଖ୍ରୀଷ୍ଟିଆନ୍ ହେଉଥିବା ହିନ୍ଦୁଙ୍କୁ ଯଜ୍ଞ ଓ ଅନ୍ୟାନ୍ୟ ଧାର୍ମିକ କାର୍ଯ୍ୟ ଦ୍ୱାରା ସ୍ୱଜାତିକୁ ଫେରାଇ ଆଣିବା ସହ ବେଶ୍ୟାମାନେ କିଣିଥିବା ଦୁଇଶହ ବାଳିକାଙ୍କୁ ଉଦ୍ଧାର କରି ସେମାନଙ୍କ ଥଇଥାନ କରିଥିବା ବିଚିତ୍ରାନନ୍ଦ ଦାସ ହିଁ ଏହି ବାଳିକା ବିଦ୍ୟାଳୟର ମୂଳ ପ୍ରତିଷ୍ଠାତା ଥିଲେ । ଗୌରୀଶଙ୍କରଙ୍କ ଭାଷାରେ- "ଓଡ଼ିଶାରେ ଗତ ବ୧୦/୧୨ର୍ଷ ମଧ୍ୟରେ ଯାହା କିଛି ଉନ୍ନତି ହୋଇଅଛି, ତହିଁର ଅଧିକାଂଶ ତାହାଙ୍କର କୀର୍ତ୍ତି ଅଟଇ । ××× ଦୁର୍ଭିକ୍ଷରେ ଜାତ୍ୟାନ୍ତର ହୋଇଥିବା ବ୍ୟକ୍ତିଙ୍କୁ ସ୍ୱଜାତି ସମ୍ମିଳନ କରିବାର ବ୍ୟବସ୍ଥା ଏହି ମହାଶୟ ସଂଗୃହୀତ କରି ଅନେକ ଉପକାର ସାଧନ କରିଥିଲେ ଓ ଦୁର୍ଭିକ୍ଷ ସମୟରେ ଦୁଃଖିଙ୍କୁ ସାହାଯ୍ୟ କରିବା ପାଇଁ ପ୍ରଥମେ ଏହି ମହାଶୟ ଚେଷ୍ଟା କରନ୍ତି ।" ଉତ୍କଳ ଦୀପିକା, ତା୦୭.୦୮.୧୮୭୫ରିଖ । ତେବେ ବହୁଦିନ ପରେ ମାସିକ ୧୫ଟଙ୍କା ଆର୍ଥିକ ସହାୟତା ଦେଇ ଏହି ବିଦ୍ୟାଳୟର ନାମ ରେଭେନ୍ସା ବାଳିକା ବିଦ୍ୟାଳୟ ନାମରେ ପରିବର୍ତ୍ତନ ହେଲା ।

କଟକ କଲେଜ ଓ ରେଭେନ୍ସା:

୧୮୫୪ରେ ଉଡ୍ ଘୋଷଣାପତ୍ର ଅନୁସାରେ ୧୮୫୭ରେ କଲିକତା ବିଶ୍ୱବିଦ୍ୟାଳୟ, ମେଡିକାଲ କଲେଜ ପ୍ରତିଷ୍ଠା ହେଲା । ଓଡିଶାରେ ଏହିଭଳି କଲେଜ ପ୍ରତିଷ୍ଠା ପାଇଁ କମିଶନର କିରାଣୀ ବିଚିତ୍ରାନନ୍ଦ ଦାସ କଟକର ବୁଦ୍ଧିଜୀବିମାନଙ୍କୁ ନେଇ ଆଲୋଚନା କରିବା ସହିତ ଦାବୀପତ୍ର ପ୍ରଦାନ କଲେ । କଟକ ଜିଲ୍ଲା ସ୍କୁଲକୁ ପୂର୍ଣ୍ଣାଙ୍ଗ କଲେଜ କରିବାରେ ବିଚିତ୍ରାନନ୍ଦ ଦାସଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ସେ ଓଡ଼ିଶାର ରାଜା, ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କୁ ନେଇ ନିଜ ବାସଗୃହ ବାବୁ ବଗିଚାରେ ତା୦୮.୧୧.୧୮୭୪ରିଖରେ ମେଳବର୍ଦ୍ଧନୀ ସମାରୋହ ଗଠନ କରି ଓଡ଼ିଶା ଏକତ୍ରିକରଣ, ରେଳପଥ ନିର୍ମାଣ, ପୂର୍ଣ୍ଣାଙ୍ଗ କଲେଜ ସ୍ଥାପନା ପାଇଁ ଉଦ୍ୟମ ଆରମ୍ଭ କଲେ । ଏଥିପାଇଁ ୨୭ ଫେବୃଆରି ୧୮୭୫ରେ ଓଡ଼ିଶା ଆସିଥିବା ଛୋଟଲାଟ ରିଚାର୍ଡ ଟେମ୍ପଲ୍‌ଙ୍କୁ ସେ ବାଲେଶ୍ୱରଠାରେ ଜମିଦାର ଶ୍ୟାମାନନ୍ଦ ଦେ ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ଏହି ସଭା ମାଧ୍ୟମରେ ସ୍ମାରକୀପତ୍ର ପ୍ରଦାନ କଲେ । ଢାକା ଓ ପାଟନା କଲେଜ ପାଇଁ ସରକାରଙ୍କୁ ମାସିକ ଟ୩୩୦୦/-,ଟ୩୫୦୦/-ଖର୍ଚ୍ଚ ହେଉଥିବାବେଳେ କଟକରେ କଲେଜ ସ୍ଥାପନା ପାଇଁ ଏହାଠାରୁ ବହୁତ କମ ମାତ୍ର ଟ୧୦୦୦ଙ୍କା ଖର୍ଚ୍ଚ ହେବ ବୋଲି ଏହି ପ୍ରସ୍ତାବରେ କୁହାଯାଇଥିଲା । ପ୍ରସ୍ତାବ ଅନୁସାରେ ପ୍ରଥମ ଶ୍ରେଣୀ କଲେଜ ପ୍ରତିଷ୍ଠା ପାଇଁ ସମୁଦାୟ ବାର୍ଷିକ ୧୨ହଜାର ଟଙ୍କା ହିସାବରେ ୫ବର୍ଷ ପାଇଁ ମୋଟ

ଟ୬୦,୦୦୦ଙ୍କାରୁ ସମାନୁପାତିକ ଭାବରେ ଓଡିଶାବାସୀଙ୍କ ଠାରୁ ୩୦ ହଜାରଟଙ୍କା ସରକାରଙ୍କ ନିକଟରେ ଜମା ପରେ ଅନୁମତି ଦେବାକୁ ବଙ୍ଗଳା ଗବର୍ଣ୍ଣର କଟକ କମିଶନର ରେଭେନ୍ୟୁକୁ ଅପ୍ରେଲ ମାସରେ ଚିଠି ଲେଖିଲେ । ସେ ଓଡ଼ିଶା କଲେଜ ପ୍ରତିଷ୍ଠା ନିମନ୍ତେ ବଙ୍ଗଳା ଛୋଟଲାଟଙ୍କ ନିର୍ଦ୍ଦେଶ ସହିତ ଟଙ୍କା ପ୍ରଦାନ ପାଇଁ ଜୁନ୍ ମାସରେ ବିଜ୍ଞପ୍ତି ପ୍ରକାଶ କଲେ । ଅନାହାରରେ ସତୁଥିବା ସାଧାରଣ ଓଡ଼ିଆ ଏତେ ଟଙ୍କା ସଂଗ୍ରହ କରି ସରକାରଙ୍କୁ ଦେବା ଅସମ୍ଭବ ବୋଲି ଉତ୍କଳ ଦୀପିକା ୧୯ଜୁନ୍ ୧୮୭୫ ସଂଖ୍ୟା ୯୮ ପୃଷ୍ଠାରେ ଲେଖିଥିଲେ- କେବଳ ଏହି ବିଜ୍ଞାପନ ଦ୍ୱାରା ଟ୩୦୦୦୦.୦୦ଙ୍କା ଆସିବ ବୋଲି କମିଶ୍ନର ସାହେବ ଆଶା କରନ୍ତି କି ଅନ୍ୟ କିଛି ଉପାୟ କରିବେ ବିଜ୍ଞାପନରୁ ଜଣାଯାଉନାହିଁ । ଅନୁମାନ ହୁଅଇ ଏତିକିରେ ସେ ଆପଣା କର୍ତ୍ତବ୍ୟ ଶେଷ କରିଅଛନ୍ତି । ଯେବେ ତାହା ହୁଅଇ ତେବେ ତ ସବୁ ହେଲା ନୋହିଲେ ଯେବେ କମିଶ୍ନର ନିତାନ୍ତ ଏ ଟଙ୍କା ଉଠାଇବାର ଚେଷ୍ଟା କରନ୍ତି ତେବେ ତାହାଙ୍କୁ ଉଚିତ୍ ଯେ ପ୍ରତିବର୍ଷ ପାଇଁ ପ୍ରୟୋଜନ ଥିବା ଟ୬୦୦୦୦ଙ୍କା ସକାଶେ ତିନି ଜିଲ୍ଲାର କଲେକ୍ଟରଙ୍କ ଯୋଗେ ଥରେ ଲେଖାଏଁ ସମସ୍ତ ଧନାଢ୍ୟ ବ୍ୟକ୍ତିମାନଙ୍କ ସଭା କରାଇ ଭେଦା ସ୍ୱାକ୍ଷର କରାଇ ନିଅନ୍ତୁ, ତାହା ହେଲେ କିଛି ଫଳ ହୋଇପାରେ । ଫଳତଃ କୌଣସି ରୂପେ ଯେ ଓଡିଶାରୁ ବାର୍ଷିକ ଟ୬୦୦୦୦ଙ୍କା ବା ଏକକାଳରେ ଯେ ଟ୩୦୦୦୦ଙ୍କା ଭେଦା ଉଠିବା ଏମନ୍ତ ଆମ୍ଭମାନଙ୍କୁ ସମ୍ଭବ ହେଉନାହିଁ । ମେଓ ସାହେବଙ୍କ ମୃତ୍ୟୁ ସମୟରେ ଗଡ଼ଜାତ ଓ ମୋଗଲବନ୍ଦୀ ରାଜାମାନେ ଏକତ୍ରହୋଇ ଅକ୍ଲେଶରେ ୧୫/୧୬ ହଜାର ଟଙ୍କା ଚାନ୍ଦା ସ୍ୱାକ୍ଷର କରିଥିଲେ । ସେ ସମୟରୁ ଏଣିକି କୋଉ ସଭ୍ୟତା ଓ ଧନବୃଦ୍ଧି ହେଲାଣି ଯେ ତହିଁରୁ ଦୁଇଗୁଣ ଟଙ୍କା ଅନାୟାସରେ ହସ୍ତଗତ ହେବ ? ସେ ଯାହା ହେଉ ପାଞ୍ଚବର୍ଷ ସକାଶେ ଏ ଟଙ୍କା ସଂଗ୍ରହ ହେବାର କଳ୍ପନା କଲେ ମଧ୍ୟ ଭବିଷ୍ୟତକୁ ଏ କଲେଜ୍ ରହିବ କି ନାହିଁ ଓ ରହିଲେ କିପରି ଏଥିରେ ବ୍ୟୟ ହେବ ତାହା କିଛି କମିଶ୍ନର ସାହେବ କହିନାହାଁନ୍ତି । ××× ଯେବେ ଓଡିଶାରେ କଲେଜ ସଂସ୍ଥାପନ କରିବାକୁ ଗବର୍ଣ୍ଣମେଣ୍ଟ ନିତ୍ୟାନ୍ତ କାମନା କରନ୍ତି ତେବେ ଯେମନ୍ତେ ଅନ୍ୟାନ୍ୟ କଲେଜ ସକାଶେ ଟଙ୍କା ବ୍ୟୟ କରୁଅଛନ୍ତି ସେହିପରି ଏହା ସକାଶେ ମଧ୍ୟ ବ୍ୟୟ କରନ୍ତୁ ନୋହିଲେ ଅକାରଣରେ ସାଧାରଣ ଓ ଲୋକଙ୍କ ଟଙ୍କା କେବଳ କର୍ମଚାରୀ ପ୍ରତିପାଳନ ସକାଶେ ବ୍ୟୟ କରିବା ଉଚିତ୍ ନୁହଁଇ ।”

ସ୍ଥାୟୀ ଭାବରେ କଲେଜ ସ୍ଥାପନା ପାଇଁ ସରକାରଙ୍କର କୌଣସି ନିର୍ଦ୍ଦିଷ୍ଟ ନିର୍ଦ୍ଦେଶ କିମ୍ବା ଅର୍ଥ ସଂଗ୍ରହର କୌଣସି ମାଧ୍ୟମ ନ ଥିବା କଥା ଏହି ଲେଖାରୁ ସ୍ପଷ୍ଟ ଜଣାପଡେ । ତଥାପି ସରକାରଙ୍କର ଏହି ଚିଠିକୁ ଆଧାର କରି ଅସମ୍ଭବ ମନେ ହେଉଥିବା ଏହି ଅର୍ଥ ବିଭିନ୍ନ ରାଜା ଜମିଦାରଙ୍କ ଠାରୁ ନିଜର ବ୍ୟକ୍ତିଗତ ସମ୍ପର୍କ, କର୍ତ୍ତବ୍ୟନିଷ୍ଠା ତଥା ଦୁର୍ଭିକ୍ଷ

ସମୟରେ ନିଜକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରି ତତ୍କାଳୀନ ଓଡିଶାବାସୀଙ୍କ ହୃଦୟରେ ସ୍ଥାନ ପାଇଥିବା ବିଚିତ୍ରାନନ୍ଦ ଦାସ ଜୁଲାଇ ମାସ ସୁଦ୍ଧା ଆବଶ୍ୟକୀୟ ଟଙ୍କା ସଂଗ୍ରହ କରି ପାରିଥିଲେ । ସରକାରୀ ନିର୍ଦ୍ଦେଶ ବିନା ଏହି ଅସମ୍ଭବ କାର୍ଯ୍ୟ ସମ୍ଭବ ହେବା ପରେ ବିଚିତ୍ରାନନ୍ଦଙ୍କ ଲୋକପ୍ରିୟତା ଆହୁରି ବୃଦ୍ଧିପାଇଲା । ତେଣୁ ଏହି ମାସ ୨୬ ତାରିଖ ସୋମବାର ଦିନ ଅନୁଷ୍ଠିତ କଲେଜ କମିଟି ବୈଠକରେ ନୂତନ କଲେଜ ଅଧ୍ୟକ୍ଷ ପଦରେ ନିଯୁକ୍ତପାଇଁ ଦୁର୍ଭିକ୍ଷ ସମୟରେ ଅଭାବୀ ଲୋକଙ୍କୁ ଖାଇବାକୁ ଦେବା ପ୍ରତିବଦଳରେ ଧର୍ମ ପରିବର୍ତ୍ତନ କରୁଥିବା ପାଦ୍ରୀ ସାମୁଏଲ ଏଜରଙ୍କ ନାମକୁ କମିଶନର ରେଭେନ୍ସା ପ୍ରସ୍ତାବ ଦେଇଥିଲେ ମଧ୍ୟ ଲିଟିଲ ପ୍ରାଇମିନିଷ୍ଟର ବିଚିତ୍ରାନନ୍ଦ ଦାସ ସମର୍ଥନ କରି ନ ଥିଲେ । ତେଣୁ ଉପସ୍ଥିତ ସଭ୍ୟମାନେ ସହମତି ପ୍ରକାଶ ନ କରିବାରୁ ରେଭେନ୍ସାଙ୍କ ପ୍ରସ୍ତାବ କାଟ ଖାଇଲା । ଉତ୍କଳ ଦୀପିକା ଅନୁସାରେ- "କଲେଜଟି ଯେପରି ଆଶାନୁରୂପ ଫଳଦାୟକ ହୁଏ ଓ ସ୍ଥାୟୀ ହୋଇ ରହେ ସେପରି ବନ୍ଦୋବସ୍ତ ଓ ଯତ୍ନ କରିବା ଉଚିତ । ପ୍ରଥମ ଉପାୟ ଏହି ଯେ ଉପଯୁକ୍ତ ଶିକ୍ଷକ ନିଯୁକ୍ତ କରିବା । ଏ ପକ୍ଷରେ କେବଳ ଯୋଗ୍ୟତା ପ୍ରତି ଦୃଷ୍ଟି ରଖିବା ବିଧେୟ; ବ୍ୟକ୍ତି ବିଶେଷର ପାସ୍ ଖାତିର କଲେ ସବୁ ଭ୍ରଷ୍ଟ ହେବ । ଗତ ସୋମବାର ସ୍କୁଲର କମିଟିରେ ଶ୍ରୀଯୁକ୍ତ କମିଶ୍ନର ସାହେବ କଲେଜ ଅଧ୍ୟକ୍ଷ ପଦରେ ଏଜର ସାହେବଙ୍କୁ ନିଯୁକ୍ତ କରିବାର ପ୍ରସ୍ତାବ କରିଥିଲେ, ମାତ୍ର ଏଥିରେ ତାଙ୍କୁ କେହି ସଭ୍ୟ ପୋଷକ ନ କଲେ । ଉପସ୍ଥିତ ସଭ୍ୟ ସଂଖ୍ୟା ଅଳ୍ପ ଥିବାରୁ ଏ ଗୁରୁତର ବିଷୟ ବିଷୟର ବିଚାର ସ୍ଥଗିତ ରହିଲା ଏହା ବୃହତ ସଭାରେ ନିଷ୍ପତ୍ତି ହେବ । ଉତ୍ତମ ହୋଇଅଛି ।"

ଉପରୋକ୍ତ ବର୍ଣ୍ଣନାରୁ ଜଣାପଡେ, କଲେଜ କମିଟି ଉପଯୁକ୍ତ ଶିକ୍ଷକ ଓ ଅଧ୍ୟକ୍ଷ ନିଯୁକ୍ତିକୁ ଗୁରୁତ୍ୱ ଦେଉଥିବାରୁ ସେହି ସମୟର ସର୍ବ ଶକ୍ତିମାନ ରେଭେନ୍ସାଙ୍କ ଚାପକୁ ମଧ୍ୟ ଗ୍ରହଣ କରାଗଲା ନାହିଁ । ତେଣୁ ଆଉ ଗୋଟିଏ ବୃହତ ବୈଠକରେ ନିଜ ପ୍ରସ୍ତାବକୁ ଗୃହୀତ କରିବାକୁ ରେଭେନ୍ସା ଚେଷ୍ଟିତ ଥିଲେ । ଏ କଥାକୁ କମିଟି ସଦସ୍ୟଗଣ ଅନୁଭବ କରିଥିବାରୁ କମିଶନରଙ୍କ ଦାୟିତ୍ୱ କର୍ତ୍ତବ୍ୟକୁ ମନେ ପକାଇ ଦେବାକୁ ଯାଇ ଉତ୍କଳ ଦୀପିକା ଶେଷରେ ଲେଖିଲେ- "ଆମ୍ଭେମାନେ ଶ୍ରୀ କମିଶନର ସାହେବଙ୍କୁ ଅନୁରୋଧ କରୁଁ ଯେ ସେ ଏ ବିଷୟରେ ସାବଧାନତାପୂର୍ବକ ବିବେଚନା କରି କାର୍ଯ୍ୟ କରନ୍ତୁ ଯେ ଯେପରି ସୁଖ୍ୟାତି ସଙ୍ଗେ ସଙ୍ଗେ ଅଖ୍ୟାତି ନଘଟେ ଓ ତାଙ୍କର ଏତାଦୃଶ ହିତ ଚେଷ୍ଟା, ପରିଶ୍ରମ ଓ ଯତ୍ନ ବିଫଳ ନ ହୁଏ ।" ଏଜର ସାହେବ ଅଧ୍ୟକ୍ଷ ହେଲେ ରେଭେନ୍ସାଙ୍କର କେଉଁ ପ୍ରକାରର ଅଖ୍ୟାତିର ଆଶଙ୍କା କଟକବାସୀ କରିଥିଲେ, ତାହା ସ୍ପଷ୍ଟ ଜଣାପଡେ । ଉତ୍କଳ ଦୀପିକାର ଅନୁରୋଧପୂର୍ଣ୍ଣ ଏହି ସର୍ତକବାଣୀକୁ ରେଭେନ୍ସା ଗୁରୁତ୍ୱ ନ ଦେଇ ନିଜ ଜିଦିକୁ ପୂର୍ଣ୍ଣ କରିବା ପାଇଁ ଷଡଯନ୍ତ୍ର ଆରମ୍ଭ କରିଥିଲେ । ତାହା ହୋଇ ନ ଥିଲେ ଓଡିଶା ନିଜର ସୁଯୋଗ୍ୟ ସନ୍ତାନ ଆଦିନେତା ବିଚିତ୍ରାନନ୍ଦ ଦାସଙ୍କୁ ହରାଇ ନ ଥାନ୍ତା । ତାଙ୍କ

ପ୍ରସ୍ତାବ ପ୍ରତ୍ୟାଖନର ମାତ୍ର ଆଠଦିନ ପରେ ଅର୍ଥାତ ୨ ଅଗଷ୍ଟ ୧୮୭୫ ସୋମବାର ଦିନ କଲେଜ ସ୍ଥାପନର ମୂଳ ବ୍ୟକ୍ତି ବିଚିନ୍ଦ୍ରାନନ୍ଦ ଦାସଙ୍କ ଆକସ୍ମିକ ମୃତ୍ୟୁ ଘଟିଲା । ତେଣୁ ନୂତନ କଲେଜ ସ୍ଥାପନର ଅଧ୍ୟକ୍ଷ ଭାବରେ ସାମୁଏଲ ଏଜରଙ୍କୁ ନିଯୁକ୍ତ କରିବାର ବାଟ ଫିଟିଗଲା । ୧୮୬୬ରେ କଟକ କଲେଜ ସ୍ଥାପନା ହେବା ସମୟରେ କଲେଜର ନିର୍ମାଣରେ ମୟୁରଭଞ୍ଜ ରାଜାଙ୍କ ଦାନ ମାତ୍ର ୫୦୦ଟଙ୍କା ଥିଲା । କଲେଜ ପାଣ୍ଠିରେ ଓଡିଶାବାସୀଙ୍କ ଠାରୁ ଆଦାୟ ୩୧,୪୬୫ ଟଙ୍କା ଓ ବଙ୍ଗ ସରକାରଙ୍କ ପ୍ରଦତ୍ତ ୩୦,୦୦୦ ଟଙ୍କା ଗଚ୍ଛିତ ହେବା ପରେ ମାସିକ ୧୦୦୦ଟଙ୍କା (ଅଧ୍ୟକ୍ଷ- ୪୫୦/-, ଅଧ୍ୟାପକ- ୨୫୦/-, ରସାୟନ ଶିକ୍ଷକ ୨୦୦/- ବାଜେ ଖର୍ଚ୍ଚ ୧୦୦/-) ବ୍ୟୟରେ କଟକ କୋର୍ଟ ନିକଟରେ ଥିବା ଜିଲ୍ଲା ସ୍କୁଲ ପରିସରରେ କଲେଜ ପାଠପଢା ଆରମ୍ଭ ହେଲା । କଲେଜ ପାଣ୍ଠିରେ ଅର୍ଥର ଅଭାବ ନ ଥିବାବେଳେ ହଠାତ୍ ନିର୍ମାଣର ୨ବର୍ଷ ପରେ କଲିକତା ଗେଜେଟ୍‌ରେ ପ୍ରକାଶ ପାଇଲା ମୟୁରଭଞ୍ଜ ରାଜା ୨୦,୦୦୦/- ଟଙ୍କା କମ୍ପାନୀକୁ ଦାନ କରିବା ସହ ଏହାରି ସୁଧରେ କଲେଜର ଆଶିଂକ ବ୍ୟୟ ଚାଲିବ । ତେଣୁ ତାଙ୍କ ଅନୁରୋଧରେ ୧୮୭୯ରେ ଏହାର ନାମ ରେଭେନ୍ସା କଲେଜ ହେଲା । ଏହା ପରେ ବି ରେଭେନ୍ସା ଉକ୍ତ କଲେଜର କୌଣସି ଉନ୍ନତି କରି ନ ଥିଲେ । କଲେଜର ଦାରୁଣ ଅବସ୍ଥା ଦେଖି ତତ୍କାଳୀନ ରେଭେନ୍ସା ପ୍ରଫେସର ଯୋଗେସ ଚନ୍ଦ୍ର ରାୟ ଲେଖିଛନ୍ତି "ଲାଗୁଛି, ସାହେବ ଭାରି ଶସ୍ତାରେ ଖ୍ୟାତି ଆଦାୟ କରି ନେଇଛନ୍ତି ।"

ବିଦ୍ୟାଳୟରେ ଓଡ଼ିଆ ଭାଷାର ପ୍ରଚଳନ ଓ ରେଭେନ୍ସା :

କେତେକ କୁହନ୍ତି, ଓନଡିଆ ଭାଷା ସଂକଟରେ ଥିବାବେଳେ ରେଭେନ୍ସା ଏହାକୁ ସୁରକ୍ଷା ପ୍ରଦାନ କଲେ । ଏହା ମଧ୍ୟ ଅମୂଳକ । କାରଣ ଓଡ଼ିଶା ସମୁଦାୟ ଶିକ୍ଷା ବ୍ୟବସ୍ଥା ୧୮୬୦ ସୁଦ୍ଧା ସ୍ଥାପିତ ପ୍ରାୟ ୮୪ଟି ସ୍କୁଲ ଉପରେ ନିର୍ଭର ନ ଥିଲା । ଚାକିରି କରିବାର ମାନସିକତା ନ ଥିବାରୁ ତଥା ଓଡ଼ିଆମାନେ ସେ ସମୟରେ ବ୍ୟବସାୟକୁ ଗୁରୁତ୍ୱ ଦେଉଥିବାରୁ ଚାଟଶାଳୀ ଶିକ୍ଷା ଏମାନଙ୍କର ପ୍ରାଥମିକତା ଥିଲା । ତେଣୁ ଆଧୁନିକ ସ୍କୁଲରେ ବଙ୍ଗାଳୀ, ମରାଠୀ ପିଲାମାନେ ବେଶୀ ପଢୁଥିଲେ । ଓଡ଼ିଶାର ଜମିଦାରୀ ବଙ୍ଗାଳୀ ହାତରେ ଥିବାରୁ ସ୍କୁଲ ଶିକ୍ଷାରେ ବଙ୍ଗାଳୀ ଆଧିପତ୍ୟ ରହିଥିଲେ ମଧ୍ୟ ଓଡ଼ିଆମାନେ ଶିକ୍ଷା ପ୍ରତି ସଚେତନ ଥିଲେ ତଥା ଶତକଡା ଶହେ ଭାଗ ଶିକ୍ଷିତ ଥିବାର ଇନିସ୍ପେକ୍ଟର ଭୂଦେବ ମୁଖୋପାଧ୍ୟାୟଙ୍କ ବାର୍ଷିକ ଶିକ୍ଷା ରିପୋର୍ଟରୁ ଜଣାପଡେ ।

ରେଭେନ୍ସା ଆସିବା ପରେ ଓଡ଼ିଆ ଶିକ୍ଷାକୁ ସଂକୁଚିତ କରିବା ପାଇଁ ପୂର୍ବରୁ ମୁଦ୍ରଣ ହେଉଥିବା ଓଡିଆ ପାଠ୍ୟପୁସ୍ତକ ହଠାତ୍ ବନ୍ଦ କରିଦିଆଗଲା । ଫଳରେ ବଙ୍ଗାଳି ଓ ମରାଠୀ ପିଲାମାନେ ବଙ୍ଗାଳୀ ଓ ହିନ୍ଦୀ ବହି ପଢି ଓଡ଼ିଆରେ ପରୀକ୍ଷା ଦେବାକୁ ବାଧ


ହେଲେ । ଏହି ଅସୁବିଧାକୁ ଦେଖି ଓଡ଼ିଶାର ସ୍କୁଲରେ ବଙ୍ଗାଳି ବହି ପ୍ରଚଳନ ସହିତ ମରାଠୀ ପ୍ରଚଳନ ସହିତ ବଙ୍ଗଳା ଓ ମରାଠୀ ପିଲାମାନେ ବଙ୍ଗଳା ଓ ହିନ୍ଦୀ ବହି ପଢି ଓଡ଼ିଆରେ ପରୀକ୍ଷା ଦେବାକୁ ବାଧ ହେଲେ । ସ୍କୁଲ ଇନିସ୍ପେକ୍ଟର ମାଟିନ୍ ଓଡ଼ିଶା ବିଦ୍ୟାଳୟ ପରିଦର୍ଶନରେ ଆସି ୩୦.୦୩.୬୮ରେ ପତ୍ରଲେଖି ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ, ଏହି ଭାଷାଭାଷୀ ଅଞ୍ଚଳର ପରିସର, ଅନ୍ୟ ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା ପ୍ରତି ସରକାରଙ୍କ ଅବହେଳା ବର୍ଣ୍ଣନା କରିବା ସହିତ ଓଡ଼ିଶାର ବିଦ୍ୟାଳୟଗୁଡିକରେ ଶ୍ରେଣୀ ଅନୁଯାୟୀ ଓଡ଼ିଆ ଭାଷା ପ୍ରଚଳନ କରିବାକୁ ପ୍ରସ୍ତାବ ସରକାରଙ୍କୁ ଦେଇଥିଲେ । ଏଥିରେ ସୂଚାଇ ଥିଲେ- "ଓଡ଼ିଶାର ଉତ୍ତରରେ ଜିଲ୍ଲା ବଙ୍ଗ ପ୍ରଦେଶର, ଦକ୍ଷିଣରେ ଥିବା ଜିଲ୍ଲା ମାନ୍ଦ୍ରାଜ ପ୍ରଦେଶର ଓ ପଶ୍ଚିମରେ ଥିବା ଜିଲ୍ଲା ମଧ୍ୟପ୍ରଦେଶର ଇନ୍ସପେକ୍ଟରଙ୍କ ଦ୍ୱାରା ଶିକ୍ଷା ବିଭାଗ ପରିଚାଳିତ ହେଉଥିବାରୁ ଏହି କର୍ମଚାରୀମାନେ ବଙ୍ଗଳା, ତେଲୁଗୁ, ହିନ୍ଦୀ ସ୍କୁଲ ପ୍ରତି ଅଧିକ ଯତ୍ନବାନ ହୋଇଥା'ନ୍ତି । ଯାହାଫଳରେ ଏହି ତିନୋଟି ଭାଷା ଉନ୍ନତ ହେବା ସହିତ ଓଡ଼ିଆ ଭାଷାର ଅବନତି ଘଟୁଛି । ତେଣୁ ଶିକ୍ଷା ଦୃଷ୍ଟିରୁ ଏମାନେ ଅନ୍ୟ ଭାଷା ଠାରୁ ନିମ୍ନରେ ରହିବାକୁ ବାଧ ହୁଅନ୍ତି । ଫଳସ୍ୱରୂପ ଓଡ଼ିଶାର ସମସ୍ତ ଚାକିରୀ ବୃତ୍ତି ଏହି ଉଚ୍ଚଶିକ୍ଷିତ ଅଣଓଡ଼ିଆଙ୍କ ହସ୍ତଗତ ହୋଇଥାଏ ।"

ବଙ୍ଗ ସରକାର ମାର୍ଟିନ୍‌ଙ୍କ ଦୁଇଟି ପତ୍ର ଓ ଅଟ୍‌କିନ୍‌ଙ୍କ ପତ୍ର ସମ୍ପର୍କରେ ମତ ଦେବାକୁ ଓଡ଼ିଶା କମିଶନର ରେଭେନ୍ୟାଙ୍କୁ ନିର୍ଦ୍ଦେଶ ଦେବାରୁ ଏହାର ଉତ୍ତର କମିଶନର ଶୀଘ୍ର ନଦେଇ ଜିଲ୍ଲା କଲେକ୍ଟର ଏବଂ ବିଭିନ୍ନ ସଭାରେ ଏହି ସମସ୍ୟା ଉପସ୍ଥାପନା ପୂର୍ବକ ଶିକ୍ଷିତ ଓଡ଼ିଆ ଓ ବଙ୍ଗାଳୀଙ୍କ ମତାମତ ଲୋଡିଲେ । କଟକ ଜିଲ୍ଲା କଲେକ୍ଟର ବାଉରିଂ ବଙ୍ଗ ଭାଷା ପ୍ରଚଳନ ଉପରେ ଗୁରୁତ୍ୱ ଦେଇଥିବାବେଳେ କଟକ କମିଶନର ମିଲ୍‌ସ ଓ ଗୋଲ୍ଡବେରୀ ଓଡିଆ ଭାଷା ସପକ୍ଷରେ ମତ ଦେଇଥିଲେ । ଉତ୍କଳଦୀପିକା (୪.୧.୬୮) ମାଧ୍ୟମରେ ଓଡିଶାବାସୀ ଦୃଢ ପ୍ରତିବାଦ ଜଣାଇଥିଲେ । ଦୁଃଖର ବିଷୟ, କମିଶନର ରେଭେନ୍ୟା ୨୧.୧୧.୬୭ରେ ସରକାରଙ୍କୁ ଦେଇଥିବା ପତ୍ରରେ ଓଡ଼ିଆ ଜନସାଧାରଣଙ୍କ ଦ୍ୱାରା ବଙ୍ଗ ସରକାରଙ୍କୁ ଦିଆଯାଇଥିବା ଦରଖାସ୍ତରେ ଓଡ଼ିଆଭାଷୀ ଅଞ୍ଚଳ ପ୍ରତି ସରକାର ତଥା ବଙ୍ଗଭାଷୀ କର୍ମଚାରୀମାନଙ୍କର ଅବିଚାରର ତୀବ୍ର ପ୍ରତିବାଦ ଉଲ୍ଲେଖ କରାଯାଇ ନ ଥିଲା । ଓଡ଼ିଆ କମିଶନର ଏହି ପତ୍ରଉପରେ ବଙ୍ଗ ସରକାର ଶିକ୍ଷାବିଭାଗର ନିର୍ଦ୍ଦେଶକ ଅଟକିନ୍‌ସନ ୧୦.୮.୧୮୬୯ ରେ "ବିଦ୍ୟାଳୟରେ ଚାଲିଥିବା ଦ୍ୱି-ଭାଷୀ ପ୍ରଚଳନ ପରମ୍ପରା ଉପରେ ପ୍ରତିଷ୍ଠିତ ଭାଷାନୀତି ସ୍ୱତଃ ମୀମାଂସା ପାଇଁ ଛାଡିଦେଇ ସରକାର କେବଳ ଏହାକୁ ନୀରବରେ ଲକ୍ଷ୍ୟ କରିବା ଉଚିତ୍" ବୋଲି ପରାମର୍ଶ ଦେଲେ, ଯାହା ବଙ୍ଗଳା ଭାଷା ପ୍ରଚଳନ ସମ୍ପର୍କରେ ଅନୁକୂଳ ମନ୍ତବ୍ୟ ଥିଲା । ପରେ ମାର୍ଟିନଙ୍କ 'Extra language' ମନ୍ତବ୍ୟକୁ ଗୁରୁତ୍ୱ ଦିଆଯାଇ ଅଟକିନସନ ପ୍ରସ୍ତାବ ସମ୍ପୂର୍ଣ୍ଣ ପ୍ରତ୍ୟାଖାନ

କରି ଶିକ୍ଷା ସମ୍ପର୍କୀତ ଘୋଷାଣାନାମା ୮.୧୧.୬୯ରେ ପ୍ରକାଶିତ ହେଲା । ଫଳରେ ଓଡ଼ିଶାର ସରକାରୀ ବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷା ମାଧ୍ୟମରେ ସମସ୍ତେ ଶିକ୍ଷା ଗ୍ରହଣ କଲେ । ଯେଉଁମାନେ ଓଡିଶାର ଶିକ୍ଷାବ୍ୟବସ୍ଥା ପ୍ରଚଳନରେ ରେଭେନ୍ସାର ଭୂମିକା ରହିଛି ବୋଲି ଯୁକ୍ତି କରୁଛନ୍ତି, ସେମାନେ ଏହି ସବୁ ତଥ୍ୟର ରେଭେନ୍ସାଙ୍କ ପ୍ରକୃତ ମାନସିକତା ବିଷୟରେ ସ୍ପଷ୍ଟ ଜାଣିବା ଦରକାର ।

ଓଡ଼ିଆ ଯୁବକମାନଙ୍କୁ ଡେପୁଟି କଲେକ୍ଟର ନିଯୁକ୍ତ କରିବାକୁ ହେଲେ ଏହି ପରୀକ୍ଷା ଦେବା ପୂର୍ବରୁ କଲିକତା ଡାକ୍ତରଙ୍କ ଦ୍ୱାରା ଡାକ୍ତରୀ ପ୍ରମାଣପତ୍ର ଆବଶ୍ୟକ ବୋଲି ସେ ଯେଉଁ ପରୀକ୍ଷା ନିୟମ ୧୮୭୧ ମସିହାରେ ପ୍ରସ୍ତୁତ କରି ଅନୁମୋଦନ ନିମନ୍ତେ ବଙ୍ଗ ସରକାରଙ୍କୁ ପଠାଇଥିଲେ, ତାହା ହିଁ ପ୍ରମାଣ କରେ ସେ ଓଡିଆଙ୍କୁ କେତେ ଘୃଣା କରୁଥିଲେ ? କେବଳ ସେତିକି ନୁହେଁ, ବଙ୍ଗାଳୀ ଓ ବିହାରୀ ପିଲା କେବଳ ନିଜ ଭାଷାରେ ପରୀକ୍ଷା ଦେଇ ଓଡିଶାରେ ଏହି ନିଯୁକ୍ତି ପାଉଥିବାବେଳେ ଓଡିଆ ପିଲାଙ୍କୁ କେବଳ ଓଡିଆ ଭାଷାରେ ପରୀକ୍ଷା ଦେବାର ନିୟମ ନ ଥିଲା । ପରୀକ୍ଷା ପୂର୍ବରୁ ଆଧୁନିକ ଶିକ୍ଷାପ୍ରାପ୍ତ ଓଡିଆଙ୍କର ପକ୍ଷଚ୍ଛେଦନ ଷଡଯନ୍ତ୍ରର ମୁଖ୍ୟ ନାୟକ କିଏ, ତାହା ସ୍ପଷ୍ଟ ଜଣାପଡେ । ରେଭେନ୍ସା କେବଳ ପ୍ରଶାସନ ଭାବରେ ଓଡ଼ିଶା ଆସିଥିଲେ । ସେ ଓଡ଼ିଶା ପାଇଁ କୌଣସି ଭଲ କାମ କରିନଥିଲେ, ଯାହାକୁ ନେଇ ଓଡ଼ିଆମାନେ ତାଙ୍କୁ ମନେରଖିବେ । ଦୁର୍ଭାଗ୍ୟବଶତଃ ନଅଙ୍କ ଦୁର୍ଭିକ୍ଷରେ ଓଡିଶାକୁ ବଞ୍ଚାଇଥିବା ତଥା ଓଡିଶାର ଶିକ୍ଷା ବ୍ୟବସ୍ଥାର ମୂଳଦୁଆ ପକାଇଥିବା ଓଡ଼ିଆପ୍ରାଣ ବିଚିତ୍ରାନନ୍ଦ ଦାସଙ୍କ ୪୮ ବର୍ଷ ବୟସରେ ଅକାଳ ମୃତ୍ୟୁ ରେଭେନ୍ସାଙ୍କୁ ଆଧୁନିକ ଓଡିଶାର ନିର୍ମାଣକର୍ତ୍ତାର ଆସନ ପ୍ରଦାନ କରିଦେଇଥିଲା ।

❐



ପ୍ରକାଶ ପାଇଛି

ଅନନ୍ତ ଚରଣ ସ୍ୱାଇଁଙ୍କ

ପୁସ୍ତକ

ସମୃଦ୍ଧି ପଥେ

ହରପ୍‌ପା ସଂସ୍କୃତି : ଶହେ ବର୍ଷର ଅଧ୍ୟୟନ



ଡକ୍ଟର ସୋମା ଚାନ୍ଦ

ମୋ. ୯୪୩୯୬ ୩୮୦୩୬

“ ୧୯୬୦ ଦଶକରେ ରାଜସ୍ଥାନର କାଲିବଙ୍ଗନ, ୭୦ ଓ ୮୦ ଦଶକରେ ହରିୟାନାର ହିସାବ ଜିଲ୍ଲାରେ କନୱାଲୀ, ରାକ୍ଷୀଗଡି ସହିତ ଏହି ରାଜ୍ୟର ଅନ୍ୟ ଏକ ପୂର୍ଣ୍ଣ ବିକଶିତ ଭିରାନା ବସତିସ୍ଥଳୀର ଉପସ୍ଥିତି ଖନନରୁ ଜଣାପଡିଛି । ସେହିପରି ଗୁଜୁରାଟର କୁଣ୍ଡାସୀ, ରଙ୍ଗପୁର, ନାଗୱାଡା, ରତନପୁରା ଇତ୍ୟାଦି ହରପ୍‌ପା ବସତିସ୍ଥଳର ଆବିଷ୍କାର । ଏହି ଧାରାରେ ଆଣିଛି ନୂତନ ନୂତନ ସଂଯୋଜନାର ଧାରା । ”

ହରପ୍‌ପା ସଂସ୍କୃତି ବା ସିନ୍ଧୁ ସଭ୍ୟତାର ଆନୁମାନିକ ସମୟକାଳ ଖ୍ରୀ.ପୂ. ୨୬୦୦ରୁ ଖ୍ରୀ.ପୂ. ୧୯୦୦ ମସିହା ।

ବିଷୟବସ୍ତୁ ନାମକରଣ କିନ୍ତୁ ଏତେ ଦୀର୍ଘ କାଳଖଣ୍ଡକୁ ଅନ୍ତର୍ଭୁକ୍ତ କରେ ନାହିଁ । ଏହି ସଂସ୍କୃତି ଲୋକଲୋଚନକୁ ଆସିବାର ଶହେବର୍ଷ ପୂର୍ତ୍ତି ଅବସରରେ ଲେଖାଟି ଲିଖିତ ।

୧୯୨୪ ରୁ ୨୦୨୨

ଶହେ ବର୍ଷ ପୂର୍ଣ୍ଣ କରି ସିନ୍ଧୁନଦୀ ଅବବାହିକାରୁ ଆବିଷ୍କୃତ ସଭ୍ୟତା ଏବେ ୧୦୧ ବର୍ଷରେ ପଦାର୍ପଣ କରିଛି । ଏହି ପ୍ରାଚୀନ ସଭ୍ୟତା ଆବିଷ୍କାରର ଶହେ ବର୍ଷ ଭିତରେ ଅଧିକ ନୂତନ ତଥ୍ୟ କଣ ଯୋଗ ହୋଇଛି ତାହାହିଁ ପାଠକଙ୍କୁ ଅବଗତ କରାଇବା ଲେଖାଟିର ଉଦ୍ଦେଶ୍ୟ ।

ପୃଷ୍ଠଭୂମି :

୧୮୨୬ ମସିହା କଥା । ଚାର୍ଲସ ମେସନ ନାମକ ଜନୈକ ଦୁଃସାହସିକ

ଅଭିଯାତ୍ରୀ ତାଙ୍କ ଯାତ୍ରାକାଳରେ ଜଣେ ବୌଦ୍ଧସନ୍ନ୍ୟାସୀଙ୍କ ସଂସ୍ପର୍ଶରେ ଆସନ୍ତି । ସେହି ସନ୍ନ୍ୟାସୀ ଜଣକ କଥା ପ୍ରସଙ୍ଗରେ ପଞ୍ଜାବର ସାହିୱାଲ ଜିଲ୍ଲା(ବର୍ତ୍ତମାନର ଅବସ୍ଥିତି ପାକିସ୍ତାନରେ)ର ଏକ ଗ୍ରାମରେ ଦେଖିଥିବା କିଛି ଟିଲାର କଥା ଉଲ୍ଲେଖ କରନ୍ତି । ତାଙ୍କର ଧାରଣା ଥିଲା ଯେ ବୌଦ୍ଧସ୍ତୂପଗୁଡିକ ଦୀର୍ଘକାଳ ମାଟି ତଳେ ପୋତିରହି ଟିଲାର ଆକାର ଧାରଣ କରିଛନ୍ତି । ସନ୍ନ୍ୟାସୀଙ୍କ କଥାରେ ଚାର୍ଲସ ମେସନଙ୍କ ଆଗ୍ରହ ବୃଦ୍ଧି ପାଏ ।

ସେ ଆସି ପହଞ୍ଚନ୍ତି ସାହିୱାଲ ଜିଲ୍ଲାର ଏକ ଗ୍ରାମରେ । ସେଠାରେ ତାଙ୍କ ଆଖି ଆଗକୁ ଆସେ ଅନେକ ଗୁଡିଏ ଟିଲାର ଉପସ୍ଥିତି । ଜଣେ ଅଭିଯାତ୍ରୀ ଭାବରେ ବିଭିନ୍ନ ସ୍ଥାନ ଭ୍ରମଣର ଅଭିଜ୍ଞତାରୁ ତାଙ୍କର ମନକୁ ଆସେ ଖ୍ରୀ.ପୂ. ୪ର୍ଥ ଶତାବ୍ଦୀ କଥା, ଯେତେବେଳେ ଗ୍ରୀକ୍‌ବୀର ଆଲେକ୍‌ଜାଣ୍ଡାର ଭାରତୀୟ ନରପତି ପୁରୁଙ୍କୁ ଯୁଦ୍ଧକ୍ଷେତ୍ରରେ ପରାସ୍ତ କରିଥିଲେ । ସେହି ସମୟର ଯୁଦ୍ଧକ୍ଷେତ୍ରର ଦୃଶ୍ୟକୁ ମାନସିକସ୍ତରରେ ଅବଲୋକନ କରି ତାଙ୍କର ଏହି ଧାରଣା ଦୃଢୀଭୂତ ହୁଏ । ସେ ସ୍ଥିର ନିଶ୍ଚିତ ହୁଅନ୍ତି ଯେ ଏହି ସେହି ସ୍ଥାନ ଯେଉଁଠି ସଂଗଠିତ ହୋଇଥିଲା ଆଲେକ୍‌ଜାଣ୍ଡାର ଓ ପୁରୁଙ୍କ ରଣସଂଗ୍ରାମ । ତେବେ ସମୟର ଧାରରେ ଯୁଦ୍ଧକ୍ଷେତ୍ରରେ ଏପରି ମାଟିଗଦା ବା ଟିଲାର ସବୁର କିପରି ସୃଷ୍ଟି ହେଲା ସେ କିଛି ଥଳକୂଳ ପାଇଲେ ନାହିଁ । ଜଣେ ଭ୍ରମଣକାରୀ ଭାବେ ସେ ଅଭିଜ୍ଞତା ସଞ୍ଚୟ କଲେ ସତ; କିନ୍ତୁ ଘଟିଥିବା ଘଟଣାବଳୀର ଉତ୍ସ ସନ୍ଧାନ କରି ନ ପାରି ଫେରିଆସନ୍ତି ସେହି ଅଞ୍ଚଳରୁ, ଅଞ୍ଚଳଟି ଥିଲା ସାହିୱାଲ ଗ୍ରାମର ହରପ୍‌ପା ଗ୍ରାମ । ସାହିୱାଲ ଜିଲ୍ଲାର ପୂର୍ବ ନାମ ମଣ୍ଟଗୋଜମରୀ ଜିଲ୍ଲା ।

ଏହାର କିଛି ବର୍ଷ ପରର କଥା । ସାର୍ ଆଲେକ୍‌ଜାଣ୍ଡାର ବର୍ଣ୍ଣେସ୍ ନାମକ ଅନ୍ୟ ଜଣେ ଇଂରେଜ ପର୍ଯ୍ୟଟକ ଭାରତୀୟ ଉପମହାଦେଶର ଉତ୍ତର ପଶ୍ଚିମ ପାର୍ଶ୍ୱ (ପାକିସ୍ତାନ, ଆଫଗାନିସ୍ତାନ, ତୁର୍କମେନିସ୍ତାନ) ର ବିଭିନ୍ନ ସ୍ଥାନ ଭ୍ରମଣ କରି ଉପସ୍ଥିତ ହୁଅନ୍ତି ହରପ୍‌ପା ଗ୍ରାମରେ । ସେଠାରେ ଥିବା ମାଟିଟିଲାଗୁଡିକୁ ନେଇ ତାଙ୍କର ମନେ ହୁଏ ଯେ ଏସବୁ ଭିତରେ ଲୁଚିରହିଛି କିଛି ଇତିହାସର କଥା । ତେବେ ମେସନ୍‌ଙ୍କ ପରି ଚେଷ୍ଟା କରି ମଧ୍ୟ ଐତିହାସିକ ଗୁରୁତ୍ୱ ଉପଲବ୍‌ଧି କରିବାକୁ ସକ୍ଷମ ହୁଅନ୍ତି ନାହିଁ ।

ଏହାପରେ ଥିଲା ଆଲେକ୍‌ଜାଣ୍ଡାର କିଂହାମ୍‌ଙ୍କ ପାଳି । ପେଶାରେ ସେ ଥିଲେ ଇଷ୍ଟଇଣ୍ଡିଆ କମ୍ପାନୀର ସାମରିକ ବିଭାଗର ଇଂଞ୍ଜିନିୟର । ତେବେ ପ୍ରବୃତ୍ତି ଥିଲା ପ୍ରତ୍ନତାତ୍ତ୍ୱିକ ଗବେଷଣା । ୧୮୫୦ ଦଶକରେ ସେ ହରପ୍‌ପା ଆସି ଅବଲୋକନ କରନ୍ତି ଟିଲାଗୁଡିକୁ । ସ୍ଥାନଟିରେ ଆରମ୍ଭକରନ୍ତି କିଛି ଖନନ କାର୍ଯ୍ୟ, ତେବେ ସେମିତି କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ନ ହେବାରୁ ଫେରିଆସନ୍ତି କର୍ମକ୍ଷେତ୍ରକୁ ।

୧୮୭୨ମସିହାରେ ଦ୍ୱିତୀୟ ଥର ପାଇଁ ସେ ଆସନ୍ତି ହରପ୍‌ପା । ଏଥର ସେ ଥାଆନ୍ତି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ଭେର ମହାନିର୍ଦ୍ଦେଶକ । ହରପ୍‌ପା ଆସିବା ପରେ ପାହାଡପରି ସେଇ ମାଟିଟିଲାର ଅବସ୍ଥା ଦେଖି ତାଙ୍କୁ ଭାରି ଖରାପ ଲାଗିଲା । ଇଷ୍ଟଇଣ୍ଡିଆ

କମ୍ପାନୀର ଅସାଧୁ କଣ୍ଟ୍ରାକ୍ଟରମାନେ କରାଚୀ-ଲାହୋର ରେଳପଥ ନିର୍ମାଣ ଅବସରରେ ଏହି ସବୁ ଗଦାରୁ ଇଟା ଖୋଳି ଖୋଳି ନିର୍ମାଣ କାର୍ଯ୍ୟରେ ବ୍ୟବହାର କରୁଥାନ୍ତି । କାଳବିଳମ୍ବ ନକରି ପୁନର୍ବାର ଖନନକାର୍ଯ୍ୟ ଆରମ୍ଭ କରନ୍ତି କନିଂହାମ୍ ମହାଶୟ । ଏଥର ତାଙ୍କର ହସ୍ତଗତ ହୁଏ କିଛି ପଥର ହତିଆର, ଗୃହୋପକରଣ ମାଟିସାମଗ୍ରୀ ଓ ଗୋଟିଏ ସିଲ୍‌ମୋହର । କନିଂହାମ୍ କିନ୍ତୁ ଏସବୁ ଅବଶେଷର ସଠିକ୍ ସମୟ ନିରୂପଣ କରିପାରନ୍ତି ନାହିଁ ।

ଦିନ ଗଡିଚାଲେ । ଊନବିଂଶ ଶତାବ୍ଦୀରୁ ସମୟ ପାଦଥାପେ ବିଂଶ ଶତାବ୍ଦୀରେ । ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ଭେର ପଣ୍ଡିତ ହୀରାନନ୍ଦ ଶାସ୍ତ୍ରୀଙ୍କ ପରି ଅଫିସର ତାଙ୍କ ବିବରଣୀରେ ହରପ୍‌ପା ଐତିହାସିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ଦର୍ଶାନ୍ତି । ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ଦେବଦତ୍ତ ରାମକୃଷ୍ଣ ଭଣ୍ଡାର ମତଦିଅନ୍ତି ଯେ ମହେଞ୍ଜୋଦାରୋର ଇତିହାସ ୨୫୦ବର୍ଷରୁ ଅଧିକ ପୁରୁଣା ହେବ ନାହିଁ । ତେବେ ଏସବୁ ଯଥାଯଥ ଅନୁସନ୍ଧାନ ଆଧାରିତ ମତ ନ ଥିଲା । ୧୯୧୨ରେ ଇଂରେଜ ଅଫିସର ଜେ.ଏଫ୍.ଫ୍ଲିଟ୍‌ଙ୍କ ପ୍ରଚେଷ୍ଟାରୁ କିଛି ସିଲ୍‌ମୋହର ଲୋକଲୋଚନକୁ ଆସେ, ତାଙ୍କର ଏହି ପ୍ରଚେଷ୍ଟା ଉତ୍ସାହିତ କରେ ଅଧିକ ପ୍ରତ୍ନତାତ୍ତ୍ୱିକ ଖନନ ପାଇଁ ।

୧୯୨୦ ମସିହାରେ ଦୟାରାମ ସାହାଣୀ ହରପ୍‌ପା ଓ ୧୯୨୧ ମସିହାରେ ରାଖାଲଦାସ ବାନାର୍ଜୀ ଆରମ୍ଭ କରନ୍ତି ମହେଞ୍ଜୋଦାର ଖନନ । ତେବେ ଏହି ଖନନର ଐତିହାସିକ ତାତ୍ପର୍ଯ୍ୟ ଉପଲବ୍ଧି ହୁଏ ୧୯୨୪ ମସିହାରେ । ୧୯୨୪ ମସିହା ବେଳକୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ଭେର ନିର୍ଦ୍ଦେଶକ ଥାଆନ୍ତି ସାର୍ ଜନ୍ ମାର୍ଶାଲ୍ । ସେହିବର୍ଷ ହରପ୍‌ପା ଓ ମହେଞ୍ଜୋଦାରୋର ପ୍ରତ୍ନତାତ୍ତ୍ୱିକ ଅବଶେଷର ଐତିହାସିକ ଗୁରୁତ୍ୱ ହୃଦୟଙ୍ଗମ କରି ସେ ଆନୁଷ୍ଠାନିକ ଭାବେ ସିନ୍ଧୁସଭ୍ୟତାର ଆବିଷ୍କାର ଘୋଷଣା କରନ୍ତି ।

ଚାର୍ଲସ୍ ମେସନ୍‌ଙ୍କ ହରପ୍‌ପା ଯାତ୍ରା (୧୮୨୬)ର ପ୍ରାୟ ପାଖାପାଖି ଶହେ ବର୍ଷ ପରେ ୧୯୨୪ରେ ମାର୍ଶାଲ ମହୋଦୟଙ୍କ ଘୋଷଣା ସାରା ବିଶ୍ୱକୁ ଭାରତୀୟ ସଭ୍ୟତାର ପ୍ରାଚୀନତ୍ୱ ବିଷୟରେ ସୂଚାଇ ଦିଏ । ନୀଳନଦୀ ସଭ୍ୟତା, ମେସୋପଟାମିଆ ଅବା ଚୀନ୍ ସଭ୍ୟତା ପରି ବିଶ୍ୱ ଇତିହାସ ପୃଷ୍ଠାରେ ଯୋଗ ହୁଏ ଅନ୍ୟ ଏକ ଦୀପ୍ତିମନ୍ତ ସଭ୍ୟତା । ଏହି ଦୃଷ୍ଟିରୁ ହରପ୍‌ପା ଆବିଷ୍କାରର ଶହେ ବର୍ଷ ଅତିବାହିତ ଯାହା ଏହି ଲେଖାର ପୃଷ୍ଠଭୂମି ଭାବେ ଉପସ୍ଥାପିତ ।

ନାମକରଣ :-

ଏଥର ଆସିବା ସଭ୍ୟତାର ନାମକରଣକୁ । ଏହି ସଭ୍ୟତାର ପ୍ରମୁଖ ଦୁଇଟି ପ୍ରାଣକେନ୍ଦ୍ର ଥିଲା ହରପ୍‌ପା ଓ ମହେଞ୍ଜୋଦାରୋ । ମହେଞ୍ଜୋଦାରୋ ଥିଲା ସିନ୍ଧୁ ପ୍ରଦେଶର ଲାଖ୍‌କାନା ଜିଲ୍ଲାର ସିନ୍ଧୁ ନଦୀ କୂଳରେ ଓ ହରପ୍‌ପା ଥିଲା ପଞ୍ଜାବ ପ୍ରଦେଶର ସାହିୱାଲ

ଜିଲ୍ଲାର ଇରାବତୀ ନଦୀ କୂଳରେ । ଦୁଇଟି ନଗରୀର ଦୂରତ୍ୱ ଆନୁମାନିକ ୩୫୦ ମାଇଲ, ତେବେ ସଭ୍ୟତାର ଅନ୍ୟାନ୍ୟ ବସତିସ୍ଥଳ ସିନ୍ଧୁନଦୀ ଅବବାହିକାରୁ ଆବିଷ୍କୃତ । ତେଣୁ ପ୍ରଥମାବସ୍ଥାରେ ଏହାକୁ କୁହାଯାଉଥିଲା ସିନ୍ଧୁ ସଭ୍ୟତା ବା ସିନ୍ଧୁନଦୀ ସଭ୍ୟତା ବା ସିନ୍ଧୁ ଉପତ୍ୟକା ସଭ୍ୟତା ।

୧୯୪୭ ମସିହାରେ ଦେଶର ସ୍ୱାଧୀନତା ଲାଭ ସହିତ ଭାରତର ବିଭାଜନ ଘଟେ । ଦୁଃଖର କଥା ଭାରତ ବିଭାଜନ ପରେ ଏହି ଦୁଇଟି ଅଞ୍ଚଳ ଏବେ ପାକିସ୍ଥାନରେ ଅନ୍ତର୍ଭୁକ୍ତ । ୧୯୨୧ ମସିହାରୁ ୧୯୪୭ ଭିତରେ ଭାରତର ଉତ୍ତର ପଶ୍ଚିମାଞ୍ଚଳର ପ୍ରାୟ ୪୦ଟି ସ୍ଥାନରୁ ଆବିଷ୍କୃତ ହୋଇଥିଲା ଏହି ସଭ୍ୟତାର ନିଦର୍ଶନ । ତେବେ ସ୍ୱାଧିନତା ପରେ ଭାରତୀୟ ପ୍ରତ୍ନତତ୍ତ୍ୱବିତ୍ତଙ୍କ ନିରଳସ ପ୍ରଚେଷ୍ଟାରୁ ଭାରତର ବହୁ ସ୍ଥାନରୁ ଲୋକଲୋଚନକୁ ଆସିଛି ଅନେକ ବସତିସ୍ଥଳୀ । ଆବିଷ୍କୃତ ୧୦୨୨ଟି ସ୍ଥଳୀ ମଧ୍ୟରୁ ୬୧୬ଟିର ଅବସ୍ଥିତି ପାକିସ୍ଥାନରେ । ପଶ୍ଚିମରେ ଏହି ସଭ୍ୟତା ବେଲୁଚିସ୍ତାନର ସୁତ୍‌କାଜେଣ୍ଡରରୁ ପୂର୍ବରେ ଉତ୍ତର ପ୍ରଦେଶର ମିରଟ ଜିଲ୍ଲାର ଆଲମଗିରପୁର, ଦକ୍ଷିଣରେ ମହାରାଷ୍ଟ୍ରର ଅହମ୍ମଦାନଗରର ଦୈମାବାଦରୁ ଉତ୍ତରରେ ଜାମ୍ମୁ କାଶ୍ମୀର ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା ।

ଏତେ ବିରାଟ ବିସ୍ତୃତି ସିନ୍ଧୁ ଅବବାହିକାରୁ ଆହୁରି ଅଧିକ ଥିବାରୁ ଐତିହାସିକମାନେ ସିନ୍ଧୁସଭ୍ୟତା ନ କହି ହରପ୍ପା ସଂସ୍କୃତି କହିବାକୁ ଉଚିତ୍ ମଣିଲେ । ନାମ ପରବର୍ତ୍ତନର ଯଥାର୍ଥତା ଦର୍ଶାଇ କୁହାଯାଏ ଯେ ପ୍ରତ୍ନତାତ୍ତ୍ୱିକ ଖନନର ନିୟମ ଅନୁସାରେ କୌଣସି ସଭ୍ୟତାର ପ୍ରଥମ ଅବଶେଷ ଯେଉଁଠାରୁ ଆବିଷ୍କୃତ ହୁଏ ସେହି ନାଁରେ ସଭ୍ୟତା ନାମିତ ହେବା ଉଚିତ୍ । ଏହି ପରିପ୍ରେକ୍ଷୀରେ ସିନ୍ଧୁ ସଭ୍ୟତାର ପ୍ରଥମ ନିଦର୍ଶନ ହରପ୍ପାରୁ ଆବିଷ୍କୃତ ହୋଇଥିବାରୁ ଏହାକୁ ହରପ୍ପା ସଂସ୍କୃତି କହିବା ଅଧିକ ଯୁକ୍ତିସଙ୍ଗତ ।

ତେଣୁ ସିନ୍ଧୁ ସଭ୍ୟତାର ନାମକରଣରେ ପରିବର୍ତ୍ତନ ଆସି ଏହା ହେଲା ହରପ୍ପା ସଂସ୍କୃତି । ତେବେ ନାମକରଣରେ ପରିବର୍ତ୍ତନ ଧାରାର କିନ୍ତୁ ଏଇଠି ସମାପ୍ତି ଘଟି ନ ଥିଲା । ଏହି ପରିପ୍ରେକ୍ଷୀରେ ଅନ୍ୟ କିଛି ଐତିହାସିକ ଭିନ୍ନ ଏକ ନାମ ସପକ୍ଷରେ ଯୁକ୍ତି ବାଢିଥିଲେ । ସେମାନଙ୍କ ବକ୍ତବ୍ୟ ଅନୁସାରେ ସିନ୍ଧୁନଦୀ ଅବବାହିକା ବ୍ୟତୀତ ଏହି ସଭ୍ୟତାର ଅନେକ ବସତିସ୍ଥଳ ଘାଘରା- ହାକ୍ରା ନଦୀ କୂଳରେ ଅବସ୍ଥିତ । ଏହି ନଦୀକୁ ସେମାନେ ଋଗବେଦ ବର୍ଣ୍ଣିତ ପ୍ରାଚୀନ ସରସ୍ୱତୀ ନଦୀ ଭାବରେ ଚିହ୍ନିତ କରିଛନ୍ତି ।

ସେମାନଙ୍କର ଏପ୍ରକାର ବକ୍ତବ୍ୟ ଉପରେ ଅନ୍ୟମାନେ ପ୍ରଶ୍ନ କରିଛନ୍ତି ଯେ ଏହି ସଭ୍ୟତା କେବଳ ସିନ୍ଧୁ ବା ଘାଘରା- ହାକ୍ରା ନଦୀ ଅବବାହିକାରେ ସୀମିତ ନ ରହି ଅଧିକ ପରିବ୍ୟାପ୍ତ ଥିଲା, ପୁନଶ୍ଚ କିଛି ଐତିହାସିକ ଘାଘରା-ହାକ୍ରାକୁ ସରସ୍ୱତୀ ନଦୀ ଭାବେ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି । ତେବେ ହରପ୍ପା ସଂସ୍କୃତିର ଶହେ ବର୍ଷ ପରେ ମଧ୍ୟ ଏହାର ଯୁକ୍ତିଯୁକ୍ତ ନାମକରଣରେ ବିତର୍କର ଅନ୍ତ ଘଟିନାହିଁ । ଭବିଷ୍ୟତରେ ଅଧିକ

ଗବେଷଣା ଓ ପରିଶୀଳନରୁ ନୂଆ ନୂଆ ତଥ୍ୟ ଆସିଲେ କେଉଁଟି ଯଥାଯଥ ତାହା ନିର୍ଣ୍ଣୟ ହୋଇପାରିବ ।

ନୂତନ ବସତିସ୍ଥଳୀର ଆବିଷ୍କାର :-

ଦେଶ ସ୍ୱାଧୀନତା ପୂର୍ବରୁ ସିନ୍ଧୁ ସଭ୍ୟତାର ଖନନ ପ୍ରକ୍ରିୟା ସୀମିତ ଥିବାରୁ ଅଧିକ ବସତିସ୍ଥଳୀ ଲୋକଲୋଚନକୁ ଆସି ନ ଥିଲା । ଦେଶ ବିଭାଜନରେ ହରପ୍ପା-ମହେଞ୍ଜୋଦାରୋ ପରି ସଭ୍ୟତାର ବିଶିଷ୍ଟ ନଗରଗୁଡିକ ପାକିସ୍ଥାନର ଅନ୍ତର୍ଭୁକ୍ତ ହେଲେ ସ୍ୱାଭାବିକ ଭାବେ ଭାରତବର୍ଷର ଉତ୍ତର ପଶ୍ଚିମ ସୀମାନ୍ତ ରାଜ୍ୟରେ ଖନନ ପ୍ରକ୍ରିୟା ଜାରି ରହି ବହୁ ନୂତନ ସ୍ଥଳୀ ଆବିଷ୍କୃତ ହୋଇଛି ।

୧୯୬୦ ଦଶକରେ ରାଜସ୍ଥାନର କାଲିବଙ୍ଗନ, ୭୦ ଓ ୮୦ ଦଶକରେ ହରିୟାନାର ହିସାବ ଜିଲ୍ଲାରେ କନୱାଲୀ, ରାକ୍ଷୀଗଡି ସହିତ ଏହି ରାଜ୍ୟର ଅନ୍ୟ ଏକ ପୂର୍ଣ୍ଣ ବିକଶିତ ଭିରାନା ବସତିସ୍ଥଳୀର ଉପସ୍ଥିତି ଖନନରୁ ଜଣାପଡିଛି । ସେହିପରି ଗୁଜୁରାଟର କୁଣ୍ଢାସୀ, ରଙ୍ଗପୁର, ନାଗୱାଡା, ରତନପୁରା ଇତ୍ୟାଦି ହରପ୍ପା ବସତିସ୍ଥଳର ଆବିଷ୍କାର । ଏହି ଧାରାରେ ଆଣିଛି ନୂତନ ସଂଯୋଜନାର ଧାରା । ପାବୁମଠ, ଦୋସଲପୁର, ରୋଜଡି ଆଦି ସ୍ଥଳୀଗୁଡିକ ମଧ୍ୟ ଏହି ଅଞ୍ଚଳରେ ଅବସ୍ଥିତ । ଏହାଛଡା ଗୁଜୁରାଟରେ ରହିଛି ଆକୁ, ଆଲାଭା, ଆସା, ହାଡିଆନା, ପଣସିନା, ତୋଡିଓ, ମେଘନା, ତେଲୋଡା, ପ୍ରଭାସ, କାଞ୍ଜେତର ଆଦି ସାନ ବସତିସ୍ଥଳ । ବୋଧହୁଏ ସିନ୍ଧ ଅଞ୍ଚଳରୁ ଦକ୍ଷିଣକୁ ଆସିବାବେଳେ ବାଣିଜ୍ୟିକ ମାର୍ଗ ଭାବେ ଏ ସବୁ ଅଞ୍ଚଳ ସହ ହରପ୍ପାବାସୀ ଯୋଗାଯୋଗ ରକ୍ଷା କରୁଥିଲେ ।

ତେବେ ସ୍ୱାଧୀନତା ପରବର୍ତ୍ତୀ ପର୍ଯ୍ୟାୟରେ ଭାରତର ସିନ୍ଧୁସଭ୍ୟତାର ଅନ୍ୟତମ ଦୁଇଟି ପ୍ରମୁଖସ୍ଥଳୀ ଲୋଥାଲ ଓ ଧୋଲାଭିରାର ଆବିଷ୍କାର , ନିଶ୍ଚିତ ଭାବେ ପ୍ରତ୍ନତତ୍ତ୍ୱବିଦ୍‌ଙ୍କ ବଳିଷ୍ଠ ଅବଦାନ ।

ପ୍ରାଚୀନ ବିଶ୍ୱର ଆଦ୍ୟ ପୋତାଶ୍ରୟ ଭାବେ ଅନେକେ ଲୋଥାଲକୁ ଚିହ୍ନିତ କରନ୍ତି । ସୌରାଷ୍ଟ୍ର ଉପଦ୍ୱୀପର ସାବରମତୀ ନଦୀ ଓ ଏହାର ଶାଖା ଭୋଗାଭୋର ତ୍ରିକୋଣଭୂମିରେ ଲୋଥାଲ ଅବସ୍ଥିତ । ୧୯୫୫ ରୁ ୬୦ ମସିହା ଭିତରେ ପ୍ରତ୍ନତତ୍ତ୍ୱବିଦ୍ ଏସ୍.ଆର.ରାଓଙ୍କ ନେତୃତ୍ୱରେ ଏହି ପୋତାଶ୍ରୟ ଉନ୍ମୋଚିତ ହୋଇଥିଲା ଯାହାର ବିସ୍ତୃତି ଆନୁମାନିକ ୪.୮ ହେକ୍ଟର । ଏକ ସଫଳ କର୍ମବ୍ୟସ୍ତ ବାଣିଜ୍ୟ କେନ୍ଦ୍ର ଭାବେ ଏହା ପଶ୍ଚିମ ଏସିଆ ଓ ଆଫ୍ରିକାର ବିଭିନ୍ନ ଅଞ୍ଚଳ ସହିତ ବାଣିଜ୍ୟିକ ସମ୍ପର୍କରେ ଥିଲା । ବର୍ତ୍ତମାନ ସୁଦ୍ଧା ଲୋଥାଲ୍‌ର ଅବଶେଷ ଏହାର ପ୍ରାଚୀନ ବାଣିଜ୍ୟିକ ସମୃଦ୍ଧିର ପରିଚୟ ବହନ କରେ ।

୧୯୮୮-୯୦ ମସିହାରେ ଗୁଜୁରାଟ ଖାଦିର ଦ୍ୱୀପ କଚ୍ଛରୁ ଆବିଷ୍କୃତ ଧୋଲାଭିରା ହରପ୍ପା ସଂସ୍କୃତିର ଅନ୍ୟତମ ବୃହତ ନଗର । ଏଠାରେ ଦେଖିବାକୁ ମିଳେ ଜଳ ସଂରକ୍ଷଣ

ଓ ବ୍ୟବହାରର ନୂତନ ପଦ୍ଧତି । ଦର୍ଶକ ବସିବା ପାଇଁ ବ୍ୟବସ୍ଥା ଥିବା ଷ୍ଟାଡିୟମ୍, ନଗର ପରିକଳ୍ପନାରେ ନୂତନ ଧାରା ଥିବା ନୂଆ ସ୍ଥାପତ୍ୟଗତ କୌଶଳ ଧୋଲାଭିରା ବସତିସ୍ଥଳର ଆକର୍ଷଣୀୟ ବୈଶିଷ୍ଟ୍ୟ ।

ଏଥିସହିତ ବର୍ତ୍ତମାନର ପାକିସ୍ତାନ ଅନ୍ତର୍ଗତ ଗନେଓ୍ୱରିଓ୍ୱାଲା, ଲକ୍ଷ୍ମୀରାଓ୍ୱାଲା, ଗୁର୍ଣ୍ଣ- ଇ-କୋଲାନ, ଆମ୍ରି, କୋଟଡିଜି, ଡେରାଜାଟ, ଗୁମଲା, ରେହେମାନଧେରୀ, ଲିଓ୍ୱାନ. ସରାଇଖୋଟା ମଧ୍ୟ ଆବିଷ୍କୃତ ହୋଇଛି । ଆଫଗାନିସ୍ଥାନରୁ ଆବିଷ୍କୃତ ହୋଇଛି ସିନ୍ଧୁ ସଭ୍ୟତାର ଶର୍ତ୍ତୁଘାଇ ।

ସାମଗ୍ରିକ ଭାବରେ ଏତିକି କୁହାଯାଇପାରେ ଯେ ୧୯୨୪ରୁ ୨୦୨୪- ଦୀର୍ଘ ଶହେ ବର୍ଷର କାଳଖଣ୍ଡ ରେ ସଭ୍ୟତାର ପରିବ୍ୟାପ୍ତି ବୃଦ୍ଧି ପାଇ ଏହାକୁ ପ୍ରାଚୀନ ବିଶ୍ୱର ଅନ୍ୟତମ ପ୍ରମୁଖ ନଗର ସଭ୍ୟତାର ମାନ୍ୟତା ଆଣିଦେଇଛି । ତେବେ ହରପ୍ପା ଓ ମହେଞ୍ଜୋଦାରୋ ପ୍ରଥମାବସ୍ଥାରୁ ଆବିଷ୍କୃତ ପୁନଶ୍ଚ ଦୁଇଟି ସହର ମଧ୍ୟ ଆକାର ଦୃଷ୍ଟିରୁ ବେଶ ବଡ । ହରପ୍ପା ସ୍ଥଳୀର ଅନେକ ଅବଶେଷ ନଷ୍ଟ ହୋଇଯାଇଥିବାବେଳେ ମହେଞ୍ଜୋଦାରୋ UNESCO ବା United Nations Educational Scientific and Cultural Organisation ଦ୍ୱାରା ବିଶ୍ୱ ଐତିହ୍ୟସ୍ଥଳ (World Heritage)ର ମାନ୍ୟତା ହାସଲ କରିଛି । ପୁନଶ୍ଚ ଏହାର ଖନନ ବେଳେ ପ୍ରତ୍ନତତ୍ତ୍ୱବିଦ୍‌ଗଣ ତଥା ମହାନିର୍ଦ୍ଦେଶକ ମାର୍ଶାଲ ମହାଶୟ ବ୍ୟବହାର କରୁଥିବା ଗାଡି ଏପର୍ଯ୍ୟନ୍ତ ମହେଞ୍ଜୋଦାରୋ ସଂଗ୍ରାହଳୟରେ ଅତିଯତ୍ନର ସହିତ ସୁରକ୍ଷିତ । ପ୍ରକାରାନ୍ତରେ ଏହା ସେମାନଙ୍କର ସାଧନା, ନିଷ୍ଠା ଓ କର୍ତ୍ତବ୍ୟ ପରାୟଣାତାର ସୂଚକ ।

ହରପ୍ପା ଲିପିର ଅଧ୍ୟୟନ :-

ହରପ୍ପା ସଂସ୍କୃତିର ବିଭିନ୍ନ ବୈଶିଷ୍ଟ୍ୟ ମଧ୍ୟରୁ ହରପ୍ପା ଲିପି ଲେଖନର ପ୍ରଣାଳୀ ଅନ୍ୟତମ । କିଛି ଗବେଷକ ଏହି ଲିଖିତ ଭାଷାକୁ ଦ୍ରାବିଡ ଭାଷା ପରିବାରରେ ଅନ୍ତର୍ଭୁକ୍ତ କରିଥିବାବେଳେ ଅନ୍ୟମାନେ ଏହାକୁ ଇଣ୍ଡୋ- ଆର୍ଯ୍ୟ ପରିବାର ଅନ୍ତର୍ଭୁକ୍ତ କରିଛନ୍ତି ।

ଫିନ୍‌ଲ୍ୟାଣ୍ଡର ହେଲସିଲିଙ୍କି ବିଶ୍ୱବିଦ୍ୟାଳୟ ଅସ୍କେ (epigraphist),ପାର୍ପୋଲ (Asko Parpola),ଭାରତବର୍ଷର ଇରଭଥମ୍ ମହାଦେବନ୍ , ହରପ୍ପା ଲିପି ଉପରେ ଦୀର୍ଘଦିନ ଧରି ଗବେଷଣା କରିଛନ୍ତି । ସେମାନଙ୍କ ତଥ୍ୟରୁ ଜଣାଯାଏ ଯେ ପ୍ରାୟ ପାଖାପାଖି ୩୭୦୦ଟି ଜିନିଷ ଉପରେ ରହିଛି ହରପ୍ପା ଲିପି ଯାହା ବିଭିନ୍ନ ବସତିସ୍ଥଳୀରୁ ସଂଗୃହୀତ । ଅଧିକାଂଶ ଲେଖା ଦେଖିବାକୁ ମିଳେ ସିଲମୋହର ଉପରେ । ଏହାଛଡା ତାମ୍ରଫଳକ, ତମ୍ୟା/ ବ୍ରୋଞ୍ଜ ଉପକରଣ, ମୃତ୍ତିକା ପାତ୍ର ଆଦିରେ ମଧ୍ୟ ରହିଛି ଏହି ଲିପିର ଉପସ୍ଥିତି ।

ଅଧିକାଂଶ ଲେଖା ଗୁଡିକ ଖୁବ୍ ସାନ ସାନ ଯେଉଁଥିରେ ହାରାହାରି ୫ଟି ଲିପି ଲେଖିବାକୁ ମିଳେ । ସବୁଠାରୁ ଦୀର୍ଘତମ ଲେଖରେ ରହିଛି ୨୬ଟି ଚିହ୍ନ ବା ଲିପି । ଏହି ଲିପି ଗୁଡିକ ଚିତ୍ରାକୃତି ବା pictographic । ତେବେ ଏହି ଲିପି ସବୁର ପାଠୋଦ୍ଧାର

ନେଇ ଗବେଷକଙ୍କ ମଧ୍ୟରେ ସହମତି ଆସୁନାହିଁ। ୨୦୦୪ ମସିହାରେ Farmer, Sproat and witzel ଙ୍କ ଗବେଷଣା ଆଧାରିତ ଲେଖା, ୨୦୦୯ରେ P.N.Rao ଓ ଅନ୍ୟମାନେ ମିଶି ପ୍ରକାଶ କରିଥିବା ଲେଖା, ଅସ୍କୋ ପାର୍ପୋଲାଙ୍କ ସମ୍ପାଦିତ corpus of indus seals and inscriptions(1985,1991) ଆଦି ପ୍ରକାଶିତ ରଚନାରୁ ହରପ୍ପା ଲିପିର ପାଠୋଦ୍ଧାର ବିଷୟ ନେଇ ବହୁ ପ୍ରକାର ମତାମତ ଓ ବକ୍ତବ୍ୟ ରହିଛି।

ତେବେ ହରପ୍ପା ଆବିଷ୍କାରର ଶହେ ବର୍ଷ ପରେ ବି ଏହି ବିଷୟରେ ନିର୍ଦ୍ଦିଷ୍ଟ ଅଗ୍ରଗତିର ଅଭାବ ପରିଲକ୍ଷିତ ହୁଏ। ପରିବର୍ତ୍ତିତ ପରିସ୍ଥିତିରେ ଅନେକ ଏବେ Artificial intelligence ବା କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର କରି ପାଠୋଦ୍ଧାର କରିବା କଥା ଚିନ୍ତା କରୁଛନ୍ତି।

ଆବିଷ୍କୃତ ନଗର ଅବଶେଷର ଏକ ଆକଳନ :-

ବିଶ୍ୱରେ ପ୍ରାଚୀନ ସଭ୍ୟତା ବିକାଶ ଲାଭ କରିଥିବା ଦେଶମାନଙ୍କ ମଧ୍ୟରେ ଭାରତ ଅନ୍ୟତମ। ଭାରତର ଉତ୍ତର-ପଶ୍ଚିମ ସୀମାନ୍ତରେ ବିକାଶ ଲାଭ କରିଥିବା ଏହି ସଭ୍ୟତାର ପ୍ରମୁଖ ବୈଶିଷ୍ଟ୍ୟ ଥିଲା ନଗର ପରିକଳ୍ପନା ଓ ନଗର ନିର୍ମାଣ ପ୍ରକ୍ରିୟା ଅର୍ଥାତ୍ ନଗର ବା ସହରକୁ କେନ୍ଦ୍ର କରି ବିକଶିତ ହୋଇଥିଲା ଏହି ସଭ୍ୟତାର ସମୃଦ୍ଧି ଓ ଗୌରବ। ସୁନ୍ଦର ସହର ନିର୍ମାଣ ଓ ଉନ୍ନତ ନାଗରିକ ଜୀବନ ଯାପନ ଥିଲା ଏହି ସଂସ୍କୃତିର ବିଶେଷତ୍ୱ। ନଗର ନିର୍ମାଣ ପାଇଁ ଆବଶ୍ୟକୀୟ କାରିଗରି ନୈପୁଣ୍ୟ ଓ ପ୍ରଯୁକ୍ତିଗତ ଜ୍ଞାନ ଆୟତ୍ତ କରିଥିଲେ ଏହି ସଭ୍ୟତାର ଅଧିବାସୀଗଣ। ଆବିଷ୍କୃତ ଧ୍ୱଂସାବଶେଷର ବିଭିନ୍ନ ଉପାଦାନ ଯଥା-ବାସଗୃହ, ସ୍ନାନାଗାର, ପ୍ରାଚୀର, ରାସ୍ତା ଇତ୍ୟାଦିରୁ ସେମାନଙ୍କ ଉନ୍ନତ ନଗର ଜୀବନ ବିଷୟରେ ଯଥେଷ୍ଟ ସୂଚନା ମିଳେ।

ମହେଞ୍ଜୋଦାରୋରୁ ଆବିଷ୍କୃତ ବୃହତ ସ୍ନାନାଗାର, ସ୍ନାନାଗାର ଉତ୍ତରକୁ ୨୭ ବଖରା ବିଶିଷ୍ଟ ପୋଡାଇଟାରେ ତିଆରି ଶସ୍ୟଗାର, ଲୋଥାଲର ପୋତାଶ୍ରୟ ନିର୍ମାଣକଳା, ଧୋଲାଭିରା ପରି ସ୍ୱଳ୍ପ ବୃଷ୍ଟିପାତ ଅଞ୍ଚଳରେ ଉପଯୁକ୍ତ ଭାବେ ଜଳ ସଂରକ୍ଷଣ ଓ ଜଳ ପରିଚାଳନା ବ୍ୟବସ୍ଥା ଆଦିର ଅବଶେଷ ସେମାନଙ୍କ ସମୃଦ୍ଧ ନଗର ପରିକଳ୍ପନା ଓ ନିର୍ମାଣ ଶୈଳୀର ସୂଚକ। ଏହି ସଭ୍ୟତାର କିଛି ସ୍ଥଳୀରୁ ଅଙ୍ଗାଳିକା ସବୁର ଅବଶେଷ ନମୁନା (ଯାହା ହୁଏତ ବଜାରସ୍ଥଳୀ ବା ଶିକ୍ଷାୟତନ ବା ସଭାଗୃହ ଭାବରେ ବ୍ୟବହୃତ ହେଉଥିଲା।)ସେମାନଙ୍କ ଉନ୍ନତ ଚିନ୍ତାଧାରାର ପରିଚାୟକ।

ଏହି ପ୍ରସଙ୍ଗରେ ସିନ୍ଧୁ ସଭ୍ୟତାର ରାସ୍ତା ଓ ଜଳ ନିଷ୍କାସନ ବ୍ୟବସ୍ଥା ଅବଶ୍ୟ ହିଁ ଉଲ୍ଲେଖନୀୟ; କାରଣ ନଗର ଜୀବନର ଅନ୍ୟତମ ବୈଶିଷ୍ଟ୍ୟ ହେଲା ଉତ୍ତମ ଗମନାଗମନ ଓ ବିଜ୍ଞାନସମ୍ମତ ଜଳ ନିଷ୍କାସନ ବ୍ୟବସ୍ଥା। ନଗରଗୁଡିକ ଯେମିତି ଉପଯକ୍ତ ପରିକଳ୍ପନା ଦ୍ୱାରା ନିର୍ମିତ ହୋଇଥିଲା ରାସ୍ତାଗୁଡିକ ମଧ୍ୟ ସେମିତି ନିୟମମାପିକ ପ୍ରସ୍ତୁତ କରାଯାଉଥିଲା। ସ୍ଥାନ ଅନୁସାରେ ହେଉଥିଲା ରାସ୍ତାର ପ୍ରସ୍ଥ ନିରୂପଣ, ଯଦି ଗଳି ଅଞ୍ଚଳର ରାସ୍ତା ଏକ

ନିର୍ଦ୍ଦିଷ୍ଟ ଅନୁପାତର ଥିଲା ଖୋଲା ଅଞ୍ଚଳର ରାସ୍ତା ଥିଲା ଏହାର ଦୁଇଗୁଣା ବା ତିନିଗୁଣା, ନାଗରିକ ସଚେତନତା ଏତେ ପ୍ରବଳ ଥିଲା ଯେ ସଭ୍ୟତାର କୌଣସି ସ୍ଥାନରେ ଲୋକଙ୍କ ଦ୍ୱାରା ରାସ୍ତା ଉପରକୁ ଜବରଦଖଲ ବା ମାଡି ବସିବାର ସୂଚନା ମିଳେ ନାହିଁ । ଏକବିଂଶ ଶତାବ୍ଦୀର ଅତ୍ୟାଧୁନିକ ନଗର ଜୀବନରେ ଯେତେବେଳେ ଏହି ସଚେତନତାର ଘୋର ଅଭାବ ହରପ୍ପାବାସୀଙ୍କ ଏପ୍ରକାର ମନୋବୃତ୍ତି ନିଶ୍ଚିତ ଭାବରେ ପ୍ରଶଂସନୀୟ ।

ଏହାଛଡା ଏହି ସଭ୍ୟତାର ଜଳ ନିଷ୍କାସନ ବ୍ୟବସ୍ଥା ସେମାନଙ୍କ ସ୍ୱାସ୍ଥ୍ୟ ସଚେତନତା ଓ ପରିମଳ ଆଭିମୁଖ୍ୟର ବାର୍ତ୍ତାବହ । ପୋଡାଇଟାରେ ତିଆରି ପ୍ରତ୍ୟେକ ଗୃହରେ ଛୋଟ ଛୋଟ ନାଳମାନ ସ୍ନାନାଗାର, ରୋଷେଇଶାଳ ଓ ଶୌଚାଳୟରୁ ଆସି ରାସ୍ତା ନାଳ ସହ ଯୁକ୍ତ ହୋଇ ସହରର ମୁଖ୍ୟ ନାଳରେ ଯାଇ ମିଶୁଥିଲା । ସେଠାରୁ ଦୂଷିତ ପାଣି ସହରଠାରୁ ଦୂରକୁ ନିଷ୍କାସିତ ହେଉଥିଲା । ସମଗ୍ର ବ୍ୟବସ୍ଥା ନିୟମିତ ବ୍ୟବଧାନରେ କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଷ୍କୃତ ହେଉଥିବାରୁ ପରିବେଶ ଥିଲା ପ୍ରଦୂଷଣମୁକ୍ତ ଓ ଦୁର୍ଗନ୍ଧମୁକ୍ତ । ଏଇ ପରିପ୍ରେକ୍ଷୀରେ ତୁଳନାତ୍ମକ ଅଧ୍ୟୟନ ସୂଚାଇଦିଏ ଯେ ଆମର ବର୍ତ୍ତମାନର ପରିମଳ ବ୍ୟବସ୍ଥା, ଆମର ନାଗରିକ ସଚେତନତା ଠାରୁ ସେମାନଙ୍କ ସ୍ଥିତି ଥିଲା ବହୁ ଊର୍ଦ୍ଧ୍ୱରେ ।

ମାର୍ଜିତ ରୁଚି ସମ୍ପନ୍ନ ବାସଗୃହ, ସୁଚିନ୍ତିତ ନଗର ପରିକଳ୍ପନା, ଆବୃତ ଜଳ ନିଷ୍କାସନ ବ୍ୟବସ୍ଥା, ବିଶାଳ ସାଧାରଣ ସୌଧ, ବୃହତ ସ୍ନାନାଗାର, ଦୀର୍ଘ ଓ ପ୍ରଶସ୍ତ ରାଜପଥ, ଆଲୋକ ବ୍ୟବସ୍ଥା - ଏସବୁ ଉନ୍ନତ ନଗର ସଭ୍ୟତାର ପରିଚୟ ବହନ କରେ ।

ସାଂସ୍କୃତିକ ସ୍ୱାତନ୍ତ୍ର୍ୟ :-

ନିଜସ୍ୱ ସାଂସ୍କୃତିକ ସ୍ୱାତନ୍ତ୍ର୍ୟରେ ହରପ୍ପା ସଂସ୍କୃତି ଚିରଭାସ୍ୱର । ସେମାନଙ୍କ ଧର୍ମୀୟ ବିଶ୍ୱାସ ତଥା ଧର୍ମୀୟ ଆଚରଣକୁ ବିଶ୍ଳେଷଣ କଲେ ଦେଖାଯାଏ ଯେ ପ୍ରାଚୁର୍ଯ୍ୟ ଓ ସହରୀ ଜୀବନର ବିଳାସ ଓ ସ୍ୱାଚ୍ଛନ୍ଦ୍ୟ ଭିତରେ ସେମାନେ କିନ୍ତୁ ଧର୍ମ ପ୍ରତି ଉଦାସୀନ ନ ଥିଲେ, ଏକଥା ଠିକ୍ ଯେ ଧ୍ୱଂସାବଶେଷରୁ କୌଣସି ମନ୍ଦିର, ଦେବାୟତନ ବା ଉପାସନା ଗୃହର ସନ୍ଧାନ ମିଳିନାହିଁ । ତେବେ ମୃତ୍ତିକା ନିର୍ମିତ କ୍ଷୁଦ୍ର ନାରୀମୂର୍ତ୍ତି, ମୋହର ଉପରେ ବିଭିନ୍ନ ପ୍ରକାର ଚିତ୍ର ସେମାନଙ୍କ ଧର୍ମବିଶ୍ୱାସ ଉପରେ ଧାରଣା ପ୍ରଦାନ କରେ ।

ମାତୃଶକ୍ତି ଉପାସନା, ପୁରୁଷଶକ୍ତି (ସମ୍ଭବତଃ ଶିବ ଆରାଧନା), ଜୀବଜନ୍ତୁ ଓ ବୃକ୍ଷଲତା ପୂଜା, ଲିଙ୍ଗ ଓ ଯୋନିର ପ୍ରତୀକ ରୂପେ ପ୍ରସ୍ତର ପୂଜା, ଯୋଗାଭ୍ୟାସ, ସୂର୍ଯ୍ୟ, ଅଗ୍ନି ଓ ଜଳ ପୂଜା, ଶବଦାହ ପଦ୍ଧତି ଉପରେ ପ୍ରାପ୍ତ ତଥ୍ୟ ସେମାନଙ୍କ ଧର୍ମୀୟ ବୈଶିଷ୍ଟ୍ୟର ସୂଚକ ।

ଶହେ ବର୍ଷର ବ୍ୟବଧାନ ଭିତରେ ଉଭୟ ଭାରତ ଓ ପାକିସ୍ଥାନରେ ଅନେକ ଛୋଟ ବଡ ବସତିସ୍ଥଳ ଲୋକଲୋଚନକୁ ଆସିଛି । ଅନେକ ନୂଆ ନୂଆ ଅବଶେଷ

ମଧ୍ୟ ଖନନ ପ୍ରକ୍ରିୟାରୁ ସଂଗୃହୀତ । ସେମାନଙ୍କ ବିଶ୍ୱାସ, ଭାବନା ଓ ଆଚରଣ ଆଧୁନିକ ହିନ୍ଦୁ ଧର୍ମ ସହିତ ଅନେକ ସାମଞ୍ଜସ୍ୟ ରଖେ । ତେଣୁ ଜନ୍ ମାର୍ଶାଲ କୁହନ୍ତି ଯେ ସିନ୍ଧୁ ସଭ୍ୟତାର ଧର୍ମ ପରବର୍ତ୍ତୀ ହିନ୍ଦୁ ଧର୍ମକୁ ପ୍ରଭାବିତ କରିଥିଲା । କାଳକ୍ରମେ ପରିବର୍ତ୍ତିତ ତଥା ପରିବର୍ଦ୍ଧିତ ରୂପରେଖରେ ହିନ୍ଦୁଧର୍ମ ଆତ୍ମପ୍ରକାଶ କରିଛି ।

ଧର୍ମୀୟ ଭାବନା ବ୍ୟତୀତ ସିନ୍ଧୁ ସଂସ୍କୃତିର ଦୀର୍ଘସ୍ଥାୟୀ ଛାପ ପରିଲକ୍ଷିତ ହୁଏ ଏହାର କଳାକୃତିରେ । କଳାକୃତି ସାମଗ୍ରିକ ଭାବେ ଗୋଟିଏ ସଂସ୍କୃତିର ପରିଚିତିର ବାହକ । ଏହି ପୃଷ୍ଠଭୂମିରେ ସିନ୍ଧୁବାସୀଙ୍କର କଳାନୈପୁଣ୍ୟର କୃତିତ୍ୱ ନିଶ୍ଚିତ ଭାବରେ ଅନନ୍ୟ ।

ବିଭିନ୍ନ ପ୍ରକାର ସିଲ୍‌ମୋହର ଉପରେ ଥିବା ଚିତ୍ର (ଖଡିପଥର, ଶାଣପଥର, ସୁଲେମାନୀ ପଥର, ହାତୀଦାନ୍ତ, ମୃତ୍ତିକା ନିର୍ମିତ), କଣ୍ଠି ଓ ଅଳଙ୍କାର, ମୃତ୍ତିକା ନିର୍ମିତ ଉପକରଣ ଓ ବିଭିନ୍ନ ପ୍ରକାର ବ୍ରୋଞ୍ଜ ନିର୍ମିତ ମୂର୍ତ୍ତିର ନିର୍ମାଣ ସେମାନଙ୍କ କଳାକୃତି ଉପରେ ଆଭାସ ଦେଇଥାଏ । ଏହି ପ୍ରସଙ୍ଗରେ ଆରନେଷ୍ଟ ମେକୟଙ୍କ ଦ୍ୱାରା ଆବିଷ୍କୃତ 'ନୃତ୍ୟରତା ରମଣୀ' ର ମୂର୍ତ୍ତିକୁ ଉଲ୍ଲେଖ କରାଯାଇପାରେ ।

୨୦୨୩ ମସିହାରେ ଦିଲ୍ଲୀରେ ଅନୁଷ୍ଠିତ ଜି୨୦ରାଷ୍ଟ୍ର ଶିଖର ସମ୍ମିଳନୀରେ ଏହି 'ନୃତ୍ୟରତା ରମଣୀ'ର ପ୍ରତିକୃତି ସଭାସ୍ଥଳୀରେ ସ୍ଥାନ ପାଇଥିଲା ଯାହା ପ୍ରାଚୀନ ଭାରତୀୟ ସଭ୍ୟତା ଓ ସଂସ୍କୃତିର ଅନ୍ୟତମ ବଳିଷ୍ଠ ପରିଚିତି ଭାବେ ଗୃହୀତ । ସେ ସମୟର ମୂର୍ତ୍ତିର କଳାତ୍ମକ ଗୁଣ ଦୀର୍ଘ ଶତାବ୍ଦୀର ବ୍ୟବଧାନ ପରେ ମଧ୍ୟ ଅଧିକ ଦୀପ୍ତିମନ୍ତ ହେଉଛି ଅନ୍ତର୍ଜାତିକ ତଥା କୂଟନୈତିକ ମହଲରେ ।


ଏହାଛଡା ପ୍ରସ୍ତର ଓ ତାମ୍ର ମୂର୍ତ୍ତି ନିର୍ମାଣରେ ମଧ୍ୟ ସେମାନେ ଥିଲେ ପାରଦର୍ଶୀ । କଥାଟି ବର୍ତ୍ତମାନ ଖୁବ୍ ସାଧାରଣ ମନେ ହେଉଥିଲେ ମଧ୍ୟ ସେ ସମୟର ପରିସ୍ଥିତି, ପରିବେଶ ଓ ଚିନ୍ତାଧାରାକୁ ଆଖି ଆଗରେ ରଖି ମନଚକ୍ଷୁରେ ପଶ୍ଚାତ୍ ଅବଲୋକନ କଲେ, ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ପାରଦର୍ଶୀତା ଆମକୁ ଆଶ୍ଚର୍ଯ୍ୟ କରାଏ ।

ନଗର ପରିକଳ୍ପନା, ସାଂସ୍କୃତିକ ସ୍ୱାତନ୍ତ୍ର୍ୟ ବ୍ୟତୀତ କୃଷି, କାରିଗରି ଉତ୍ପାଦନ ଓ ବ୍ୟବସାୟ ବାଣିଜ୍ୟ ଇତ୍ୟାଦି କ୍ଷେତ୍ରରେ ସେମାନଙ୍କ ନୈପୁଣ୍ୟ, ଅବଶେଷରୁ ସୂଚୀତ ହୁଏ । ତେବେ ଏଠାରେ ଆହୁରି ଗୋଟିଏ କଥା ଅବଶ୍ୟ ହିଁ ଉଲ୍ଲେଖନୀୟ, ସିନ୍ଧୁ ସଭ୍ୟତା ବା ହରପ୍ପା ସଂସ୍କୃତି ବା ସରସ୍ୱତୀ-ସିନ୍ଧୁ ସଭ୍ୟତା ଲୋକଲୋଚନକୁ ଆସିବାର ଶହେ ବର୍ଷ ପୂର୍ତ୍ତି ପରିପ୍ରେକ୍ଷିରେ କିଛି କଥା ମନକୁ ଆସେ । ଅତି ପୁରାତନ ଏହି ସଭ୍ୟତାକୁ ଜାଣିବାର ଏକମାତ୍ର ଉପାଦାନ ହେଲା ପ୍ରତ୍ନତାତ୍ତ୍ୱିକ ଅବଶେଷ । ପ୍ରଥମାବସ୍ଥାରେ ଖନିତ ହୋଇଥିବା ହରପ୍ପା ଓ ମହେଞ୍ଜୋଦରୋ ମଧ୍ୟରୁ ହରପ୍ପା ବସତିସ୍ଥଳୀର ପ୍ରତ୍ନତାତ୍ତ୍ୱିକ ଅବଶେଷ ବହୁ ଭାବରେ ବିନଷ୍ଟ । କଣ୍ଟ୍ରାକ୍ଟରମାନେ ଅବଶେଷରୁ ଇଟା ବ୍ୟବହାର କରିବା ସହିତ ଖରା ବର୍ଷାର ସମ୍ମୁଖୀନ ହୋଇ ସ୍ଥଳୀଟି ବିଶେଷ ଭାବରେ ବାଧାପ୍ରାପ୍ତ ହୋଇଛି ।

ସେଥିପାଇଁ ବର୍ତ୍ତମାନର ପ୍ରତ୍ନତାତ୍ତ୍ୱିକ ଖନନ ପ୍ରକ୍ରିୟାରେ ଯୁକ୍ତ ହୋଇଛି ଅନେକ ଅନେକ ନୂଆ ପ୍ରଯୁକ୍ତି କୌଶଳ । ପରବର୍ତ୍ତୀ ସମୟରେ ଯେଉଁ ନୂଆସ୍ଥଳୀ ସବୁ ଖନିତ ହୋଇଛି ସେସବୁକୁ ଆଉ ଖରାବର୍ଷାକୁ ସାମ୍ନା କରିବାକୁ ଦିଆଯାଉନାହିଁ । ଯେଉଁ ଅବଶେଷ ହଜାର ହଜାର ବର୍ଷ ମାଟିଭିତରେ ସୁରକ୍ଷିତ ରହିପାରିଲା ତାହା ଥରେ ବାହାରକୁ ଆସିଲେ କାଳର କରାଳ ପ୍ରଭାବରେ ପ୍ରଭାବିତ ହେବା ସ୍ୱାଭାବିକ । ସେଥିପାଇଁ ଅନେକ ସ୍ଥଳୀରେ ଖନନ କରାଯାଇ ଆବିଷ୍କାରର ବିବରଣୀ ସହିତ ସ୍ଥଳୀର ଫଟୋଚିତ୍ର ଉଠାଯାଉଛି । ସେସବୁକୁ ସଂଗ୍ରହାଳୟରେ ସଂରକ୍ଷିତ କରାଯାଉଛି । ଆବିଷ୍କୃତ ଅବଶେଷକୁ ମଧ୍ୟ ରଖାଯାଉଛି ସେଠାରେ । ଏହାଦ୍ୱାରା ଗବେଷକ ସଂଗ୍ରହାଳୟରୁ ତଥ୍ୟ ପାଇପାରିବେ । ଖନିତ ସ୍ଥଳୀକୁ ପୁଣି ପୋତାଯାଇ ପ୍ରତ୍ନତାତ୍ତ୍ୱିକ ସର୍ଭେ ଅଧୀନରେ ରଖାଯାଉଛି । ଏହାଦ୍ୱାରା ପରବର୍ତ୍ତୀ ପ୍ରଜନ୍ମ ଯେପରି ନିଜର ଗୌରବମୟ ଐତିହ୍ୟ ପ୍ରତି ସଚେତନ ତଥା ଶ୍ରଦ୍ଧାଶୀଳ ହେବେ ସେଥିପ୍ରତି ମଧ୍ୟ ଲକ୍ଷ୍ୟ ରହିଛି ।

ବାସ୍ତବରେ ହରପ୍ପା ସଂସ୍କୃତି ବିଶ୍ୱ ଦରବାରରେ ଭାରତୀୟ ଅସ୍ମିତା ଓ ପରିଚିତିର ବାହକ । ସେମାନଙ୍କ ଜୀବନ ଧାରଣ ଶୈଳୀ , ଉନ୍ନତ ଅର୍ଥନୈତିକ ନାଗରିକ, ସାମାଜିକ ଜୀବନ, କାରିଗରି କୌଶଳ, ଯୁକ୍ତିସଙ୍ଗତ ଧର୍ମବିଶ୍ୱାସ । ଇତିହାସପୃଷ୍ଠାରେ ସେମାନଙ୍କୁ କରିଛି ଚିର ଉଜ୍ଜଳ । କାଳର କରାଳ ଗତିରେ ଏହାର ବିଳୟ ଘଟିଥିଲେ ହେଁ ନିଜର ଅନବଦ୍ୟ ଅବଦାନ ଓ ଚିନ୍ତଧାରା ପାଇଁ ଏକବିଂଶ ଶତାବ୍ଦୀର ତୃତୀୟ ଦଶକରେ ପୃଥିବୀର ମଧ୍ୟ ଏହା ଅବିସ୍ମରଣୀୟ ଏକ ଅଧ୍ୟାୟ ।

❐



ପ୍ରକାଶ ପାଇଛି

ବୈଲୋଚନ ଜେନାଙ୍କ

ପୁସ୍ତକ

ସାଉଁଣ୍ଟା କଥାର ମହକ

ବିଶ୍ୱାସ ଅବିଶ୍ୱାସ ଅନ୍ଧବିଶ୍ୱାସ



ଦୀପଙ୍କର ଦାସ

ମୋ. ୮୨୪୯୨ ୫୬୬୦୪

“ ବେଦବ୍ୟାସ ବାସ୍ତବିକ ଏକ ନାଁ ନୁହଁ, ଏକ ଶୀର୍ଷକ । କାରଣ ୧୮ ପୁରାଣ, ଶ୍ରୀମଦ୍ ଭାଗବତ, ବ୍ରହ୍ମସୂତ୍ର, ମୀମାଂସା ଲେଖିଥିବା କୃଷ୍ଣ ଦ୍ୱୈପାୟନ ମଧ୍ୟ ଋଗ୍, ଯଜୁର୍, ସାମ୍ ଏବଂ ଅଥର୍ବ, ଏଇ ୪ ବେଦକୁ ସଙ୍କଳିତ କରିଛନ୍ତି, ସେଥିପାଇଁ ବି ତାଙ୍କ ନାଁ ବେଦବ୍ୟାସ । ଶାସ୍ତ୍ର ଅନୁସାରେ ପାଖାପାଖି ୩୦୦୦ ଖ୍ରୀଷ୍ଟପୂର୍ବ ଆଗେ ଏକ ଆଷାଢ଼ ପୂର୍ଣ୍ଣିମାରେ ଜନ୍ମ ନେଇଥିଲେ ବେଦବ୍ୟାସ । ”

(କାହିଁକି ନାଁ ହେଲା ବ୍ୟାସନଗର ! କାହିଁକି ଏ ବ୍ୟାସ ସରୋବର ! ଏଇଠି ବସି ତା’ହେଲେ କ’ଣ ମହାଭାରତର ଶେଷ ଅଧ୍ୟାୟ ଲେଖିଥିଲେ କୃଷ୍ଣ ଦ୍ୱୈପାୟନ ମହର୍ଷି ବେଦବ୍ୟାସ ! ଦ୍ୱାପର ଯୁଗର ସ୍ମୃତିକୁ କ’ଣ କୋଳେଇ ନେଇଛି ୫ ହଜାର ବର୍ଷର ଏ ବଉଳଗଛ ! ଏ କ’ଣ ସେଇ ସରୋବର, ଯାହା ଭିତରୁ ଲକ୍ଷ୍ମୀଙ୍କ କୋଳରେ ଲୁଚିଥିବା ମାନୀ ଦୁର୍ଯ୍ୟୋଧନଙ୍କୁ, ଶିବଙ୍କ ସିଂହରଡ଼ିରେ ଉଠାଇ ଆଣିଥିଲେ ବୃକୋଦର ଭୀମ ! ଯେଉଁ ସରୋବରକୁ ଏବେ କୁହାଯାଉଛି ଗୁପ୍ତଗଙ୍ଗା, ଯାହାର ପାଣି କାଳେ ଶୁଦ୍ଧପୂତ, ପୁଣ୍ୟ - ପାବନ-ପବିତ୍ର)

ଏବର ମହାଭାରତ କ'ଣ ସତରେ ସତ !

ଦ୍ୱାପର ଯୁଗର ବୟସ କେତେ ? ୮୬୪,୦୦୦ ମାନବ ବର୍ଷ । ତେବେ ଦ୍ୱାପର ଯୁଗରେ କେବେ ହୋଇଥିଲା ମହାଭାରତ ଯୁଦ୍ଧ ? ତାଜା ଗବେଷଣା ଅନୁସାରେ ମହାଭାରତରେ ବର୍ଣ୍ଣିତ ୧୫୦ ଖଗୋଳୀୟ ଘଟଣା ସନ୍ଦର୍ଭରେ କୁହାଯାଇଛି କି, ଖ୍ରୀଷ୍ଟପୂର୍ବ ୩,୦୬୭ ନଭେମ୍ବର ୨୨ରେ ହୋଇଥିଲା ମହାଭାରତ ଯୁଦ୍ଧ । ଆଉ ମହାଭାରତ ଲେଖା ଯାଇଥିଲା, କୁରୁକ୍ଷେତ୍ର ଯୁଦ୍ଧର କିଛିଦିନ ପରେ । ତେବେ କୁରୁକ୍ଷେତ୍ର କେଉଁଠି, ସେ କଥା ସମସ୍ତେ ଜାଣନ୍ତି ଏବଂ କୁରୁକ୍ଷେତ୍ର ଯୁଦ୍ଧକୁ ନେଇ ଯେଉଁ କାବ୍ୟଗ୍ରନ୍ଥ ଲେଖିଥିଲେ ମହର୍ଷି ବେଦବ୍ୟାସ, କେଉଁଠି ଲେଖିଥିଲେ, ସେ ନେଇ ଭିନ୍ନଭିନ୍ନ ମତ ଓ ମନ୍ତବ୍ୟ ଥିବାବେଳେ, ଜନଶ୍ରୁତି ଯେତେବେଳେ ଏୟା କହୁଛି, ଲୋକକଥା ଯେତେବେଳେ ଏୟା କହୁଛି, କିମ୍ବଦନ୍ତୀ ଯେତେବେଳେ ଏୟା କହୁଛି କି, ଏଇଠି, ଓଡ଼ିଶାରେ ହିଁ ବ୍ୟାସ ଲେଖିଥିଲେ ମହାଭାରତ, ସେତେବେଳେ ଚର୍ଚ୍ଚାରେ ଥିବା ସେଇ ଜାଗାକୁ ଏକ ଅଜଣା ଉତ୍କଣ୍ଠା ଓ ଉତ୍ସାହରେ ଆମେ ବାହାରି ପଡ଼ିଥିଲୁ । ସକାଳୁ ସକାଳୁ ଭୁବନେଶ୍ୱରରୁ ବାହାରି କଟକ, ଚଣ୍ଡିଖୋଲ ହୋଇ ପାଣିକୋଇଲିରେ ପହଞ୍ଚିଥିଲୁ । ସେଠାରୁ ବାମପଟେ ଯାଜପୁର ରୋଡ଼ ହୋଇ ପହଞ୍ଚିଥିଲୁ ସେଇଠି, ସେଇ ଜାଗାରେ, ବ୍ୟାସନଗର । ପାଖାପାଖି ୧୦୦ କିଲୋମିଟର ରାସ୍ତାକୁ ପାଖାପାଖି ୩ଘଣ୍ଟା ସମୟ ଲାଗିଥିଲା ।

ଦୁର୍ଯ୍ୟୋଧନଙ୍କ ୩ ଭୁଲ୍ :

୧. ସ୍ୱୟଂ ନାରାୟଣଙ୍କ ଜାଗାରେ ନାରାୟଣୀ ସେନାକୁ ବାଛିବା, ୨. ବାରମ୍ବାର କହିବାପରେ ବି ଉଲଗ୍ନ ହୋଇ ମାତା ଗାନ୍ଧାରୀଙ୍କ ଆଗକୁ ନ ଆସିବା ଏବଂ ୩. ସବାଶେଷରେ ଯୁଦ୍ଧଭୂମିକୁ ଯିବା, ମୃତ୍ୟୁ ପୂର୍ବରୁ ଏଇ ୩ ଭୁଲ୍ ସ୍ୱୀକାର କରିଥିଲେ ଏବଂ ଏଇ ୩ ଭୁଲ୍ ପାଇଁ କୌରବଙ୍କ ପରାଜୟ ହେଲା ବୋଲି ଶ୍ରୀକୃଷ୍ଣଙ୍କ ଆଗରେ ମାନିଥିଲେ ମାନୀ ଦୁର୍ଯ୍ୟୋଧନ । ଆଉ କିମ୍ବଦନ୍ତୀ ମୁତାବକ, ଏ ହେଉଛି ସେ ଜାଗା, ଯାଜପୁର ଜିଲ୍ଲା ବ୍ୟାସନଗରର ଏ ହେଉଛି ବ୍ୟାସ ସରୋବର, ଯେଉଁ ସରୋବରରୁ ସିଂହରଡ଼ିରେ ଉଠାଇ ଆଣି ବଧ କରିଥିଲେ ଭୀମ । ଆଉ ଦୁର୍ଯ୍ୟୋଧନର ମୃତ୍ୟୁ ପରେ ମହାଭାରତ ଯୁଦ୍ଧ ଶେଷ ହୋଇଥିଲା ଏବଂ ଯୁଦ୍ଧର ଭୟାବହତା ଦେଖି ବିଳାପ କରୁଥିବା ବ୍ୟାସଙ୍କୁ ବୁଝାଇ ଏକ ମହାକାବ୍ୟ ଲେଖିବାକୁ ପରାମର୍ଶ ଦେଇଥିଲେ ଚତୁର୍ମୁଖ ବ୍ରହ୍ମା । ଆଉ ବ୍ୟାସ କାଳେ ଏଇଠି ହିଁ ଲେଖିଥିଲେ ମହାଭାରତ, ସେଥିପାଇଁ ତ ଲୋକକଥା ଏୟା କହୁଛି କି, ଏ ଅଞ୍ଚଳର ନାଁ ବ୍ୟାସନଗର, ଆଉ ଆଗକୁ ରହିଛି, ସେଇ ସରୋବର, ଯାହାର ନାଁ ବ୍ୟାସ ସରୋବର । ହିଷ୍ଟୋରିକ୍ । ମୁଖ୍ୟ ପ୍ରବେଶଦ୍ୱାରର ଅପରପଟେ ରହିଛି ମହାଭାରତର ରଚୟିତା, ବ୍ୟାସଦେବଙ୍କ ପ୍ରତିମୂର୍ତ୍ତି । ତେବେ ପ୍ରଥମେ ୧୯୪୨ ମସିହାରେ ମାଟିତଳୁ

ଏହା ଉଦ୍ଧାର ହେବାପରେ ଏଠି ବ୍ୟାସଦେବଙ୍କୁ ପୂଜାର୍ଚ୍ଚନା କରାଯାଉଥିଲା । କିନ୍ତୁ ୧୯୮୫ ମସିହାରେ ମୂର୍ତ୍ତି ଚୋରି ହୋଇଯାଇଥିଲା । ପରେ ଅବିକଳ ସେମିତି ପ୍ରତିମୂର୍ତ୍ତି ଗଢ଼ାଯାଇ ଏବେ ପୂଜାର୍ଚ୍ଚନା କରାଯାଉଛି । ଖରାର ଆଁ, ଖରାର ତାତି ଧୀରେ ଧୀରେ ବଢୁଥିଲା, ଆଉ ସେଇ ଏତିହାସିକ, ପୌରାଣିକ ସରୋବର ଆଡ଼େ ଆଗେଇଥିଲା ଆମ ଟିମ୍ । ଏଣ୍ଟ୍ରି ପଏଣ୍ଟରୁ ସରୋବର ପର୍ଯ୍ୟନ୍ତ ଲମ୍ବିଛି ସୁନ୍ଦର ରାସ୍ତା । ଆଗରୁ ଏସବୁ କିଛି ନ ଥିଲା । ଲୋକବିଶ୍ୱାସରେ ଏଇ ଜାଗାର ଐତିହାସିକ ଗୁରୁତ୍ୱ ରହିଛି । ପୌରାଣିକ ମହତ୍ୱ ରହିଛି ଏବଂ ରହିଛି ସାମାଜିକ ଆସ୍ଥା ।

ଏଠି ରହିଛି ସେଇ ଜଳାଶୟ, ସେଇ ପୁଷ୍କରିଣୀ, ସେଇ କୁଣ୍ଡ, ଯାହାକୁ ଗୁପ୍ତଗଙ୍ଗା କହୁଛନ୍ତି, ବ୍ୟାସ ସରୋବର ମଧ୍ୟ କହୁଛନ୍ତି । କାହିଁକି ବ୍ୟାସ ସରୋବର, କେଉଁଠି ବସି ମହାଭାରତ ଲେଖିଥିଲେ ବ୍ୟାସ, ସେ ନେଇ କଥା ହେବା ଆଗରୁ ଏଇ ଜଳାଶୟକୁ ନେଇ ପ୍ରଥମେ କଥା ହେବା । ଏହା ସେଇ ସରୋବର, ଯାହାକୁ ଆଜିକା ତାରିଖରେ ଗୁପ୍ତଗଙ୍ଗା କହୁଛନ୍ତି । ଏଇ ବିଶ୍ୱାସରେ, ଏଇ ସରୋବର ସହ କାଳେ ପ୍ରକୃତ ଗଙ୍ଗାର ସଂଯୋଗ ରହିଛି । ସରୋବର ଚାରିପାଖରେ ପଞ୍ଚପାଣ୍ଡବଙ୍କ ପ୍ରତିମୂର୍ତ୍ତି ରହିଛି । ତା' ସହ, ଏଠି ମାତା ଲକ୍ଷ୍ମୀ ଏବଂ ଦୁର୍ଯ୍ୟୋଧନଙ୍କ ପ୍ରତିମୂର୍ତ୍ତି ରହିଛି । ଆଉ ଯା ପଛରେ ମହାଭାରତର ସେଇ କାହାଣୀର ସଂଯୋଗ ରହିଛି, ଯେଉଁଠି ଦୁର୍ଯ୍ୟୋଧନକୁ ମାରିଥିଲେ ଭୀମ । ମହାଭାରତ ଅନୁସାରେ, ନିଜ ଦେହକୁ ବଜ୍ରଠାରୁ ଶକ୍ତିଶାଳୀ କରିବାପାଇଁ ପୁଅ ଦୁର୍ଯ୍ୟୋଧନକୁ ସମ୍ପୂର୍ଣ୍ଣ ବିବସ୍ତ୍ର ହୋଇ ତାଙ୍କ ଆଗକୁ ଆସିବାକୁ କହିଥିଲେ ମା ଗାନ୍ଧାରୀ । କିନ୍ତୁ ମା' ସାମ୍ନାକୁ ଉଲଗ୍ନ ହୋଇ ଯିବା ଅଶୋଭନୀୟ, ଭଗବାନ କୃଷ୍ଣଙ୍କ ଏଭଳି ପରାମର୍ଶ ପରେ ନିଜ ଅଣ୍ଡା ପାଖରୁ ଜଙ୍ଘ ପର୍ଯ୍ୟନ୍ତ ଘୋଡ଼ାଇ ଗାନ୍ଧାରୀଙ୍କ ଆଗକୁ ଯାଇଥିଲେ ଦୁର୍ଯ୍ୟୋଧନ । ଗାନ୍ଧାରୀଙ୍କ ଦିବ୍ୟଦୃଷ୍ଟି ଦୁର୍ଯ୍ୟୋଧନଙ୍କ ସାରା ଶରୀରରେ ପଡ଼ିଥିଲେ ମଧ୍ୟ ଜଂଘ ଉପରେ ପଡ଼ି ପାରି ନଥିଲା, ତାହା ହିଁ ଥିଲା କୁରୁବଂଶର ଅହଙ୍କାରୀ ରାଜା ଦୁର୍ଯ୍ୟୋଧନର, ଧ୍ୱଂସର ଚର୍ନି ପଏଣ୍ଟ । ଯୁଦ୍ଧରେ ଭୀଷ୍ମ, ଦ୍ରୋଣ, କର୍ଣ୍ଣ, କୃପାଚାର୍ଯ୍ୟ, ଦୁଃଶାସନ, ଦୁକର୍ନ ମରିବାପରେ ସବା ଶେଷରେ ଯୁଦ୍ଧକ୍ଷେତ୍ରକୁ ଓହ୍ଲାଇଥିଲେ ଦୁର୍ଯ୍ୟୋଧନ । ଆଉ ଯୁଦ୍ଧ ଚାଲିଥିବାବେଳେ, କାଳେ ଏଇଠି, ଏଇ ସରୋବରରେ ଲକ୍ଷ୍ମୀଙ୍କ କୋଳରେ ଲୁଚି ବସିଥିଲେ ଦୁର୍ଯ୍ୟୋଧନ । ଭୀମ, ଶିବଙ୍କ ସିଂହରଡ଼ି ଛାଡ଼ିବାପରେ, ଦୁର୍ଯ୍ୟୋଧନ ବାହାରକୁ ବାହାରିଥିଲା ଆଉ ଏଇଠି, ଦୁର୍ଯ୍ୟୋଧନର ଜାନୁଭଗ୍ନ କରିଥିଲେ ଭୀମ, ଯେଉଁ ଜାନୁ ଉପରେ ଗାନ୍ଧାରୀଙ୍କ ଦିବ୍ୟଦୃଷ୍ଟି ପଡ଼ି ନଥିଲା ।

କାହିଁକି କହୁଛନ୍ତି ଗୁପ୍ତଗଙ୍ଗା :

ଯେହେତୁ ଯାକୁ ଗୁପ୍ତଗଙ୍ଗା କହୁଛନ୍ତି ଏବଂ ଗଙ୍ଗାସହ ଏହାର ସଂଯୋଗ ରହିଛି, ଏହାକୁ ନେଇ ଅଲୌକିକ କାହାଣୀ ମଧ୍ୟ କାଳକାଳରୁ ଲୋକକଥା ହୋଇଯାଇଛି । ଚମତ୍କାରିତାରେ ଭରପୂର ଏଇ ପବିତ୍ର, ପାବନକୁଣ୍ଡ, ଏଇ ସରୋବର, ଏ ଜଳାଶୟ । ଯାହା ଭିତରେ ବିଶ୍ୱାସ ରହିଛି, ଅବିଶ୍ୱାସ ରହିଛି, ଅନ୍ଧବିଶ୍ୱାସ ମଧ୍ୟ ରହିଛି । ସେଠି ଏକ ବଉଳ ଗଛ ରହିଛି, ଯାହା ସେ ସମୟରୁ, ମାନେ ମହାଭାରତ କାଳରୁ ରହିଛି ବୋଲି ଏଠାକାର କିମ୍ବଦନ୍ତୀ ହିଁ କହୁଛି । ପୁରୁଣା ଗଛ, ଆଉ ଏହାରି ମୂଳରେ ବସି, ମହାଭାରତ ଲେଖିଥିଲେ କୃଷ୍ଣ ଦ୍ୱୈପାୟନ ବ୍ୟାସଦେବ । ଅବଶ୍ୟ, ବ୍ୟାସ ନିଜେ ମହାଭାରତ ଲେଖି ନଥିଲେ, ଗଣେଶଙ୍କ ଦ୍ୱାରା ସେ ଲେଖାଇ ଥିଲେ ବୋଲି ଆମେ ଜାଣିଛୁ ଏବଂ ଗଣେଶଙ୍କ ଜନ୍ମବୃତ୍ତାନ୍ତ ନେଇ ମଧ୍ୟ କୌଣସି ସଠିକ୍ ନାହିଁ । ଗଣେଶଙ୍କ ଜନ୍ମ ନେଇ ଗଣେଶ ଚାଳିଶାରେ ଗୋଟେ କଥା ଲେଖାଯାଇଥିବାବେଳେ, ଶିବ ପୁରାଣରେ ଭିନ୍ନ କଥା ଓ ବରାହ ପୁରାଣରେ ଭିନ୍ନ କଥା ରହିଛି, କାହା ସହ କାହାର ତାଳମେଳ ନାହିଁ । ତେବେ ବିଳାସପୁରରେ ଏକ ଜାଗା, ଯେଉଁଠି ମହାଭାରତ ଲେଖାଯାଇଥିଲା ବୋଲି ସେଠାକାର ଲୋକେ ଦାବି କରୁଥିବାବେଳେ, ଉତ୍ତରାଖଣ୍ଡର ଭାରତ-ଚୀନ ସୀମାରେ ଥିବା ମାଣା ଗାଓଁ, ଯାହା ଅଳକାନନ୍ଦା-ସରସ୍ୱତୀ ନଦୀ ସଂଗମ ସ୍ଥଳରେ ରହିଛି । ବଦ୍ରିନାଥଧାମଠାରୁ ମାତ୍ର ୩ କିଲୋମିଟର ଦୂରରେ ଥିବା ଏଇ ମାଣାଗାଓଁରେ ବ୍ୟାସଗୁମ୍ଫା ରହିଛି । ଗୁମ୍ଫାରେ ବ୍ୟାସଙ୍କ ସହ ତାଙ୍କ ପୁଅ ଶୁକଦେବ ଏବଂ ବଲ୍ଲଭାଚାର୍ଯ୍ୟଙ୍କ ପ୍ରତିମା ରହିଛି । ଆଉ ଏଇ ଗୁମ୍ଫାରେ ବସି, ଗଣେଶଙ୍କ ଦ୍ୱାରା ବ୍ୟାସଦେବ ମହାଭାରତ ଲେଖିଥିଲେ ବୋଲି କିମ୍ବଦନ୍ତୀ କହୁଛି । ଆଉ ଏଠି ବ୍ୟାସନଗରରେ ବି, ସେମିତି କିମ୍ବଦନ୍ତୀ ।

ବେଦବ୍ୟାସ ବାସ୍ତବିକ ଏକ ନାଁ ନୁହଁ, ଏକ ଶୀର୍ଷକ :

ମହର୍ଷି ପରାଶର ଏବଂ ନିଷାଦ କନ୍ୟା ମତ୍ସ୍ୟଗନ୍ଧା, ଯାହାଙ୍କୁ ଆମେ ସତ୍ୟବତୀ ମଧ୍ୟ କହୁ, ସେମାନଙ୍କ ପୁଅ ହେଉଛନ୍ତି ମହର୍ଷି କୃଷ୍ଣ ଦ୍ୱୈପାୟନ । ପରିଣତ ବୟସ ହେବାପରେ ଦ୍ୱୈପାୟନ ହୋଇଥିଲା । ପରେ ଏଇ କୃଷ୍ଣ ଦ୍ୱୈପାୟନଙ୍କ ନାଁ ହେଲା ବେଦବ୍ୟାସ, ଯାହାଙ୍କ ମୁଖରୁ ଶୁଣିଶୁଣି ମହାଭାରତ ଲେଖିଥିଲେ ଗଣେଶ, ଏହା ହିଁ କହୁଛି ପୌରାଣିକ କିମ୍ବଦନ୍ତୀ । କହୁଛି ଶାସ୍ତ୍ର । ଶାସ୍ତ୍ର ଏୟା ବି କହୁଛି କି, ପ୍ରତ୍ୟେକ ଦ୍ୱାପର ଯୁଗରେ ବିଷ୍ଣୁ ବ୍ୟାସଭାବରେ ଅବତରିତ ହୋଇ ବେଦର ବିଭାଗ ପ୍ରସ୍ତୁତ କରନ୍ତି । ପ୍ରଥମେ ଦ୍ୱାପରରେ ସ୍ୱୟଂ ବ୍ରହ୍ମା ବେଦବ୍ୟାସ ହୋଇଥିଲେ । ଦ୍ୱିତୀୟରେ ପ୍ରଜାପତି, ତୃତୀୟରେ ଶୁକ୍ରାଚାର୍ଯ୍ୟ ଚତୁର୍ଥରେ ବେଦବ୍ୟାସ ହୋଇଥିଲେ ବୃହସ୍ପତି । ଏମିତିଭାବେ ୨୮ଥର ବେଦର ବିଭାଜନ କରାଯାଇଛି ଏବଂ ଏୟା ବି କୁହାଯାଏ କି, ବେଦବ୍ୟାସ

ବାସ୍ତବିକ ଏକ ନାଁ ନୁହଁ, ଏକ ଶୀର୍ଷକ । କାରଣ ୧୮ ପୁରାଣ, ଶ୍ରୀମଦ୍ ଭାଗବତ, ବ୍ରହ୍ମସୂତ୍ର, ମୀମାଂସା ଲେଖିଥିବା କୃଷ୍ଣ ଦ୍ୱୈପାୟନ ମଧ୍ୟ ଋଗ୍, ଯଜୁର୍, ସାମ୍ ଏବଂ ଅଥର୍ବ, ଏଇ ୪ ବେଦକୁ ସଙ୍କଳିତ କରିଛନ୍ତି, ସେଥିପାଇଁ ବି ତାଙ୍କ ନାଁ ବେଦବ୍ୟାସ । ଶାସ୍ତ୍ର ଅନୁସାରେ ପାଖାପାଖି ୩୦୦୦ ଖ୍ରୀଷ୍ଟପୂର୍ବ ଆଗେ ଏକ ଆଷାଢ଼ ପୂର୍ଣ୍ଣିମାରେ ଜନ୍ମ ନେଇଥିଲେ ବେଦବ୍ୟାସ । ତେବେ ଏଠିକାର ଲୋକକଥା ଯେତେବେଳେ ଏୟା କହୁଛି କି, ଏଇଠି ହିଁ ମହାଭାରତର ଶେଷ ଅଧ୍ୟାୟ ଲେଖିଥିଲେ ବ୍ୟାସ, ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, ସର୍ତ୍ତ ମୁତାବକ ଯଦି ଗଣେଶ, ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନନଷ୍ଟପ୍ ଲେଖିଥିଲେ ମହାଭାରତ, ତେବେ ଶେଷ ଅଧ୍ୟାୟର ପ୍ରଶ୍ନ ଉଠୁଛି କେଉଁଠି ?

ଏବର ମହାଭାରତ କ'ଣ ଅରିଜିନାଲ୍ ଭର୍ଜନ :

କେବେକେବେ ଏୟା ବି ଚର୍ଚ୍ଚା ହୁଏ କି, ଏବର ମହାଭାରତ କ'ଣ ସତରେ ଅରିଜିନାଲ୍ ! ଯଦି ନୁହଁ, ତେବେ ଅସଲ ମହାଭାରତ କେଉଁଠି ? କାରଣ ଏକଥା ସମସ୍ତେ ଜାଣନ୍ତି କି, ଖ୍ରୀଷ୍ଟପୂର୍ବ ୫,୦୦୦ରେ ମହାଭାରତ ଯୁଦ୍ଧ ହୋଇଥିଲା । କିନ୍ତୁ ସେତେବେଳେ ଲେଖିବାର କୌଣସି ସୁବିଧା ନ ଥିଲା । ସାଇତି ରଖିବାର କୌଣସି ବ୍ୟବସ୍ଥା ନ ଥିଲା ଏବଂ କାହାର ଆଗ୍ରହ ମଧ୍ୟ ନଥିଲା । ତେବେ ପରେ ଯେଉଁମାନେ ଏ ଯୁଦ୍ଧ ଦେଖିଥିଲେ କି ଭାଗ ନେଇଥିଲେ, ସେମାନେ କହିବା ଆରମ୍ଭ କଲେ । ଧୀରେ ଧୀରେ ଏହା ମୁହଁକୁ ମୁହଁକୁ ଆସିବାରେ ଲାଗିଲା । ପରେ ଯେତେବେଳେ ଦେଶରେ ଗୋଟାକ ପରେ ଗୋଟାଏ ସାମ୍ରାଜ୍ୟ ସୃଷ୍ଟି ହେବାରେ ଲାଗିଲା, ଆରମ୍ଭ ହେଲା ମହାଭାରତର ଏଇ କାହାଣୀ ଲେଖିବା । ଏହା ସାମ୍ରାଜ୍ୟର ଇତିହାସ ଭାବେ ଧରି ନିଆଗଲା । ତେଣୁ ଏମିତି କିଛି ଘଟଣା ଯୋଡ଼ି ଦିଆଗଲା, ଯାହା କେବେ ଘଟି ବି ନ ଥିଲା । ତାଳପତ୍ରରେ ଲେଖାଯାଉଥିବାରୁ ଏହା ନଷ୍ଟ ହେଉଥିଲା ବାରମ୍ବାର, ତେଣୁ ନୂଆ ଲେଖିଲାବେଳେ, ପୁନଃସଂରକ୍ଷିତ କଲାବେଳେ କିଛି କାହାଣୀ ମଧ୍ୟ ନଷ୍ଟ ହୋଇ ଯାଉଥିଲା । ତେବେ ସବୁଠୁ ବଡ଼ ରିସର୍ଚ୍ଚ ୧୯୧୮ରେ ହେଲା, ସେତେବେଳେ ମହାଭାରତ ଯେ ଗଣେଶଙ୍କ ଦ୍ୱାରା ଲେଖାଯାଇଥିଲା, ତାହାକୁ ବାଦ୍ କରାଗଲା । କାରଣ ଏହାର ଉଲ୍ଲେଖ ନ ଥିଲା ଅଧିକାଂଶ ପାଣ୍ଡୁଲିପିରେ । ଏ ଗବେଷଣା ୪୭ବର୍ଷ ଧରି ଚାଲିଲା । କୁହାଯାଉଛି, ଶେଷରେ ଆସିଲା ଅସଲ ପାଣ୍ଡୁଲିପି । ତେଣୁ ଆମେ ଏକଥା କହିପାରିବା ନାହିଁ, ବାସ୍ତବ ମହାଭାରତ ବେଦବ୍ୟାସ ଲେଖିଛନ୍ତି । ଏକଥା ବି କହିପାରିବା ନାହିଁ କି, ଯାହା ଆମେ ଧାରାବାହିକରେ ଦେଖୁଛୁ, ତାହା ଅସଲ ବୋଲି ! ତା'ହେଲେ ପ୍ରକୃତ ମହାଭାରତ କେଉଁଠି ? କହନ୍ତି, ଏବେ ବି ହିମାଳୟରେ କେଉଁଠି ରହିଛି ପ୍ରକୃତ ମହାଭାରତ । ତେବେ ସେ ଯାହା ବି ହେଉ, ଲୋକକଥାରେ, ଜନଶ୍ରୁତିରେ ଏବଂ କିମ୍ବଦନ୍ତୀରେ ଯେତେବେଳେ ଏହା ହିଁ ସେଇ ଜାଗା, ଯେଉଁଠି

ମହାଭାରତ ଲେଖିଥିଲେ ବ୍ୟାସ, ଆମେ ବି ମାନିବା । କାରଣ ଏହା ବିଶ୍ୱାସର କଥା । ଆସ୍ଥାର କଥା । ଆବେଗର କଥା ।

ସମୟ ସରିଥିଲା, ତାତିରେ ସିଝେଇ ତଳକୁ ଗଡ଼ି ପଡ଼ିଥିଲେ ସୂର୍ଯ୍ୟ । ଏଥର ଫେରିବାର ପାଳି ଥିଲା । ଫେରିଥିଲୁ ବି, କିନ୍ତୁ ଫେରୁଫେରୁ ଏୟା ଭାବୁଥିଲୁ, ଯଦିଓ ଏକଦା ଏଇ ଯାଜପୁର ଜିଲ୍ଲା ଥିଲା ବୌଦ୍ଧଧର୍ମର ପ୍ରାଣକେନ୍ଦ୍ର, ତେବେ ବ୍ରାହ୍ମଣୀ ଦେବୀରେ ଏମିତି ସୁନ୍ଦର ସଂଯୋଗ କେମିତି, ଯେଉଁଠି ଏକାଧିକ ଧର୍ମର ମହାମିଳନ ଘଟିଛି ଏବଂ ଯଦି ହିମାଳୟ ପାଦଦେଶର ସେଇ ବ୍ୟାସଗୁମ୍ଫାରେ ମହାଭାରତ ଲେଖିଥିଲେ ବ୍ୟାସଦେବ, ତେବେ ଏଠି ବ୍ୟାସନଗରର ଏ ବ୍ୟାସ ସରୋବର କ'ଣ ଉଦ୍ଭଟ କଳ୍ପନା ! ହେଲେ କେମିତି ସମ୍ଭବ ? ଅସ୍ତିତ୍ୱ ନଥାଇ କ'ଣ ଜଳପରୀ ଏକ କଳ୍ପନା ? ସତ ନ ଥାଇ କ'ଣ ମତ୍ସ୍ୟକନ୍ୟା ଏକ ମିଛ ? ପ୍ରମାଣ ନଥାଇ ଏଲିୟନ କ'ଣ ଜହ୍ନମାମୁଁର କାହାଣୀ ! କିଛି ତ ସମାନତା, ସମ୍ପର୍କ, ସଂଯୋଗ ରହିଛି, ନହେଲେ ଏମିତି ଏକ ଧାରଣା ସୃଷ୍ଟି ହେଲା କେମିତି ! ଇତିହାସ ମାନୁ ବା ନ ମାନୁ, ଆତ୍ମା ତ କହୁଛି ! ଆଲୋଖ୍ୟ ମାନୁ ନ ମାନୁ, ଆସ୍ଥା ତ ମାନୁଛି । ବିଜ୍ଞାନ ମାନୁ ନ ମାନୁ, ବିଶ୍ୱାସ ତ ମାନୁଛି ।

❐ (ସୌଜନ୍ୟ : ପ୍ରମେୟ ନ୍ୟୁଜ ସେଭେନ୍)



ପ୍ରକାଶ ପାଇଛି

ଉମେଶ ଚନ୍ଦ୍ର ମହାପାତ୍ରଙ୍କ

ପୁସ୍ତକ

ସୁକର୍ମ ସୁପଥ

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ
ଶତବାର୍ଷିକୀ ଉପଲକ୍ଷେ

ଚିନ୍ତା ବହିର ଅଚିନ୍ତା ପାଠ



ବିକ୍ରମ ପରିଜା
ମୋ. ୯୮୬୧୨ ୧୦୩୦୦

“ ଜଣେ ସାଧାରଣ ଲୋକ କିଭଳି ଅସାଧାରଣ ହୋଇପାରେ, ରାଷ୍ଟ୍ର ସେବାରେ ନିଜର ଗୁଣ୍ଡୁଚି ମୂଷାର ଯୋଗଦାନ ଦେଇପାରେ ଏସବୁ ତାର ଅଙ୍ଗେ ଲିଭା କଥା । ଏହାର ଚରିତ୍ରମାନେ ଏବେ ବି ଆମ ସହ ଅଛନ୍ତି, ସଂଘରେ କାମ କରୁଛନ୍ତି । କିନ୍ତୁ ୨୫ବର୍ଷ ପରେ ବି ଏମାନଙ୍କୁ କେହି ଚିହ୍ନି ନାହାନ୍ତି କି ଜାଣନ୍ତି ନାହିଁ । ଏହି ନଚିହ୍ନିବା ଓ ଜାଣିବା ହିଁ ସେମାନଙ୍କର କାମ୍ୟ । ”

ମୁଁ କୌଣସି ବିଶିଷ୍ଟ ବ୍ୟକ୍ତି ନୁହେଁ । କିନ୍ତୁ ଗୋଟିଏ ବିଚାର କେମିତି ଜଣଙ୍କୁ ସାଧାରଣରୁ ବିଶିଷ୍ଟରେ ପରିଣତ କରିଦିଏ ଏହା ତାର ଗୋଟିଏ ଉଦାହରଣ । ମୋ ଭଳି ଅନେକ ସାଧାରଣ ସ୍ୱୟଂସେବକର ସମାନ ଧରଣର ଜୀବନ କାହାଣୀ ରହିଛି । କେବଳ ଘଟଣା ବା ଚରିତ୍ର ଭିନ୍ନ ହୋଇପାରେ । କିନ୍ତୁ ଚେତନାର ଉତ୍ତରଣରେ ଏହି ପ୍ରକ୍ରିୟା ସମାନ ଧରଣର । ତାହା ହେଉଛି ସଂଘ ଶରଣଂ ଗଚ୍ଛାମିର ଯାତ୍ରା । ସଂଘରେ ସାଧାରଣ ଦିଶୁଥିବା କାର୍ଯ୍ୟକର୍ତ୍ତା କେତେ ଅସାଧାରଣ, ଏମାନେ କେମିତି ଜୀବନକୁ ପ୍ରଭାବିତ ଓ ପରିବର୍ତ୍ତନ କରନ୍ତି, ଏ ଘଟଣା ସବୁ ତା’ ଉପରେ ପର୍ଯ୍ୟବସିତ । ଖାଲି ସେତିକି ନୁହେଁ,

ମହାବାତ୍ୟା ସମୟରେ ଘଟିଥିବା ଏମିତି କିଛି ଘଟଣାବଳୀ, ଯାହା ଦ୍ୱାରା ମିଳିଥିଲା ସଂଘ ଓ ସଂଘ କାର୍ଯ୍ୟକର୍ତ୍ତାଙ୍କର ପ୍ରକୃତ ପରିଚୟ । ଜଣେ ସାଧାରଣ ଲୋକ କିଭଳି ଅସାଧାରଣ ହୋଇପାରେ, ରାଷ୍ଟ୍ର ସେବାରେ ନିଜର ଗୁଣ୍ଡୁଚି ମୂଷାର ଯୋଗଦାନ ଦେଇପାରେ ଏସବୁ ତାର ଅଙ୍ଗେ ଲିଭା କଥା । ଏହାର ଚରିତ୍ରମାନେ ଏବେ ବି ଆମ ସହ ଅଛନ୍ତି, ସଂଘରେ କାମ କରୁଛନ୍ତି । କିନ୍ତୁ ୨୫ବର୍ଷ ପରେ ବି ଏମାନଙ୍କୁ କେହି ଚିହ୍ନି ନାହାନ୍ତି କି ଜାଣନ୍ତି ନାହିଁ । ଏହି ନଚିହ୍ନିବା ଓ ଜାଣିବା ହିଁ ସେମାନଙ୍କର କାମ୍ୟ ।

୧୯୯୩ ମସିହା ଶେଷ କି ୧୯୯୪ର ଆରମ୍ଭ ହେବ ପ୍ରାୟ । ସେତେବେଳକୁ ମୁଁ ରହୁଥାଏ ଦାଦାଙ୍କ ପାଖରେ, ଭୁବନେଶ୍ୱର ବରମୁଣ୍ଡା ରେଣ୍ଟାଲ କଲୋନିର, ଏଫ୍ ଟାଇପ୍ କ୍ୱାଟରେ । ମାଟ୍ରିକ୍ ପରୀକ୍ଷା ପୂର୍ବରୁ ଟେଷ୍ଟ ପରୀକ୍ଷା ସରିଯାଇଥାଏ । ତା'ପରେ ୧୦ମ ଶ୍ରେଣୀ ପିଲାଙ୍କ ଲାଗି ସ୍କୁଲ ପ୍ରାୟ ୫-୬ ମାସ ଛୁଟି । ପରୀକ୍ଷା ଲାଗି ପ୍ରସ୍ତୁତି ହେବାକୁ ଏ ଛୁଟି । ମୁଁ ପାଠପଢ଼ାରେ ଆଗୁଆ । ତା' ଛଡ଼ା ଗଣିତ ଓ ଇଂରାଜୀ ବିଷୟ ପାଇଁ ସକାଳୁ ଟ୍ୟୁସନ ବି ଯାଉଥାଏ । ତେଣୁ ସକାଳ ପ୍ରାୟ ୯ଟା ସାଢ଼େ ୯ଟା ବେଳକୁ ଟ୍ୟୁସନରୁ ଫେରି, ଖାଇଦେଲା ପରେ ଆଉ କାମ ବିଶେଷ ନଥାଏ । ତା'ଛଡ଼ା କଲୋନିଟା ତୃତୀୟ କିମ୍ବା ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀଙ୍କ ବାସସ୍ଥାନ । ତେଣୁ ଦିନ ସାଢ଼େ ୯ଟା ପରେ ଖାଁ ଖାଁ । ପୁରୁଷମାନେ ଅଫିସ, ପିଲାମାନେ ସ୍କୁଲ । ଦିନ ୧୦ ପରେ କଲୋନିରେ କେବଳ କିଛି ମହିଳା ଓ ଛୋଟ ପିଲା । ତେଣୁ ମୁଁ କରିବି ବା କ'ଣ । ଘର ସାମ୍ନା ପାନ ଦୋକାନକୁ ଚାଲିଆସେ ଖବରକାଗଜ ପଢ଼ିବା ପାଇଁ । ପଢ଼ିବାରେ ମୋର ଢେର ଆଗ୍ରହ । ବରା କି ମିକ୍ଚର ମୋଡ଼ା ଯାଉଥିବା ଖବର କାଗଜକୁ ବି ମୁଁ ପଢ଼େ । ତେଣୁ ମୋ ପାଇଁ ଯେକୌଣସି ଛପା କାଗଜ ପଢ଼ିବା ଯୋଗ୍ୟ । ଏହି କ୍ରମରେ ଖବରକାଗଜ ପଢ଼ିବାକୁ ମାତ୍ର କିଛି ମିନିଟ୍ ଲାଗିଥାଏ । ଏମିତି ଏକ ଶୀତୁଆ ବିଳମ୍ବିତ ସକାଳରେ ମୁଁ ଖବରକାଗଜକୁ ମାତ୍ର ଅଧଘଣ୍ଟାରେ ସାରିଦେଲି । ଆଉ ପାନଦୋକାନୀ କାଳିଆ ଭାଇଙ୍କୁ ହାତ ବଢ଼ାଇ ଦେଲି ଆଉ କିଛି ପଢ଼ିବାକୁ ଦିଅ । ସେ ମୋ ହାତକୁ ବଢ଼ାଇ ଦେଲେ ଏକ ଛିଣ୍ଡା ବହି । ବହିଟିର ପ୍ରଥମ ମଲାଟ ଓ ପ୍ରଥମ କେଇ ପୃଷ୍ଠା ଛିଡ଼ି ଯାଇଥାଏ । ସିଧାସଳଖ ଆରମ୍ଭ ହୋଇଥାଏ ୩-୪ ପୃଷ୍ଠା ପରଠୁ । ମୁଁ ପଢ଼ିବା ଆରମ୍ଭ କଲି । ଆଉ ଧୀରେ ଧୀରେ ପାନ ଦୋକାନ ଟିଣ କ୍ୟାବିନର କଡ଼କୁ ଚାଲି ଯାଇ ଗୋଟିଏ ଗୋଡ଼ରେ କ୍ୟାବିନ କାନ୍ଥରେ ଭରା ଦେଇ ଆଉଜି ପଢ଼ିବାରେ ଲାଗିଲି । ଏକା ନିଃଶ୍ୱାସରେ ପଢ଼ିଦେଲି ୮୫ ପୃଷ୍ଠା । ତାହା ଥିଲା ଡକ୍ଟର କେଶବ ବଳିରାମ ହେଡଗେୱାରଙ୍କ ଜୀବନୀ - ଆମ ଡକ୍ଟରଜୀ । ଏ ବହିର ପ୍ରଥମ କିଛି ପୃଷ୍ଠା ନଥିଲା । କିନ୍ତୁ ଯେତିକି ଥିଲା, ତାହା ଥିଲା ଯଥେଷ୍ଟ ।

ଆଉ ବହି ପଢ଼ା ସରିବା ବେଳକୁ ମୁଁ ବିସ୍ମିତ ହୋଇଥିଲି । ବିଶ୍ୱାସ କରିପାରି ନଥିଲି, ସନ୍ଦେହ କରିଥିଲି । ଅନେକ ପ୍ରଶ୍ନ କରିଥିଲି । ଆଉ ସବୁଠୁ ବଡ଼ ପ୍ରଶ୍ନ ଥିଲା,

ଏସବୁ ତ ଆମକୁ ପିଲାବେଳୁ ପଢ଼ାଯାଇନି କିମ୍ବା ଏପରି ଜଣେ ଯଦି କେହି ଥିଲେ, ତାଙ୍କ ସମ୍ପର୍କରେ ଆମକୁ ପଢ଼ାଯାଉନି କାହିଁକି ? ଏମିତି ମନରେ ଥିବା ଅନେକ ପ୍ରଶ୍ନକୁ ଉଦ୍‌ଗାରି ଦେଲି ସେଇ ପାନ ଦୋକାନୀ କାଳିଆ ଭାଇଙ୍କ ଆଗରେ । କୌଣସିଟାର ସନ୍ତୋଷଜନକ ଉତ୍ତର ତ ମିଳିଲାନି । କିନ୍ତୁ ମୋ ମନରେ ସୃଷ୍ଟି ହୋଇଗଲା ପ୍ରଶ୍ନର ଅନନ୍ତ ଧାରାଟିଏ । ଆଉ ଏହି ଧାରାରେ ମୁଁ ପଢ଼ି ଚାଲିଛି ସେହି ଛିଣ୍ଡା ବହିର ଅଛିଣ୍ଡା ପାଠ । ଯେଉଁଥିରୁ ମୁଁ ଜାଣିବାକୁ ପାଉଛି, ସନ୍ତୁଷ୍ଟି କେବଳ ଉତ୍ତର ପାଇବାରେ ନୁହେଁ, ପ୍ରଶ୍ନ ଉଠିବା, ପ୍ରଶ୍ନର ଉତ୍ତର ଖୋଜିବାରେ ବି ରହିଛି । ଫେରିବା ସେହି ଦିନକୁ, କାଳିଆ ଭାଇ କହିଲେ, ମୁଁ ଅଧିକ କିଛି ଜାଣିନି, ଯଦି ଅଧିକ ଜାଣିବାର ଅଛି, ତାହାଲେ ଆସନ୍ତାକାଲି ସକାଳୁ ସେ ସ୍କୁଲ ପାଖ ପଡ଼ିଆକୁ ଆସ । ତା'ପରଦିନ ମୁଁ ପଡ଼ିଆକୁ ଗଲି । ସେଠାରେ ଦେଖିଲି ପ୍ରଥମେ କିଛି ଏକ୍ସରସାଇଜ୍, ତାପରେ ସୂର୍ଯ୍ୟ ଆରାଧନା ଲାଗି ମନ୍ତ୍ର ଫନ୍ତ କ'ଣ ସବୁ ବୋଲାଗଲା । ଆଉ ତା'ପରେ ଖେଳ । ଏବେ ଯାଏଁ କେବଳ ଏତିକି ମନେ ଅଛି । ତା'ପୂର୍ବରୁ ଆମ ଆଇଆରସି ଭିଲେଜ ସ୍କୁଲ ପଡ଼ିଆରେ ଏମିତି କିଛି ହେଉଥିବାର ମୁଁ ଶନିବାରିଆ ସକାଳେ ସ୍କୁଲ ଗଲାବେଳକୁ ଦେଖେ । ସେଠାରେ ବି ଦି ତିନି ଥର ଭାଗ ନେଇ ଖେଳିଥିଲି । କ'ଣ ସବୁ ପ୍ରାର୍ଥନା କରୁଥିଲେ । ଉଚ୍ଚରାଣ କରି ନ ପାରିଲେ ବି ଆଖି ବୁଜି ସେମିତି କିଛି କରିବାରେ ଭାଗ ନେଇଥିଲି । ଏବେ ଆମ କଲୋନିର ସେହି ପଡ଼ିଆକୁ ସପ୍ତାହେ ଦି ସପ୍ତାହ ଯିବା ପରେ ସେମାନେ କ'ଣ ଦେଖିଲେ କେଜାଣି ମୋତେ ଗୋଟିଏ ହ୍ୱିସିଲ ଦେଲେ । ଆଉ କହିଲେ, କଲୋନିର ତୁମ ଲାଇନ୍ (ଏଫ-ଟାଇପ କ୍ୱାଟର)ରେ ତୁମେ ଭୋରରୁ ଟିକେ ଆଗୁଆ ବାହାରି ହ୍ୱିସିଲ ମାରି ମାରି ଆସିବ । ଅନ୍ୟମାନେ ଯେଉଁମାନେ ଆସିବା କଥା ସେମାନେ, ଉଠି ଏଠାକୁ ଆସିବେ । କିଛି ଜଣଙ୍କୁ ଡାକିବା ଦାୟିତ୍ୱ ବି ଦେଲେ । ପରେ ଜାଣିଲି ଏମିତି କାମ କରୁଥିବା ଲୋକକୁ କୁହାଯାଏ ଗଡନାୟକ ।

୧୯୯୪ ଅକ୍ଟୋବର । ସୁପ୍ତ ଅଳକାର ବିସ୍ତୀର୍ଣ୍ଣ ବାଲିରେ ଧାଡ଼ି ଧାଡ଼ି ନାଲିକୋଠା । ପୁଣି ଆରମ୍ଭରୁ ଲମ୍ବା ଦେବଦାରୁ ଧାଡ଼ି ମଝିରେ ଦୃପ୍ତ ଠାଣିରେ ଛିଡ଼ା ହୋଇଥାନ୍ତି ଜୀବନ୍ତ ସ୍ୱାମୀ ବିବେକାନନ୍ଦ । ତା' ପାଖକୁ କଲେଜ ମେନ୍ ବିଲ୍‌ଡିଂ । ତା' ପାଖକୁ ହଷ୍ଟେଲ କୋଠା । ଏମିତି ଏକ ପରିବେଶରେ ପୂଜା ଛୁଟି ପରେ କଲେଜ ନୂଆ ନୂଆ ଖୋଲିଥାଏ । ଅପରାହ୍ନ ପ୍ରାୟ ୪ଟା ହେବ । ନ୍ୟୁ ହଷ୍ଟେଲ ଛାତ ଉପରେ ସାଙ୍ଗମାନଙ୍କ ସହ ବସି ମୁଁ ବରା ଖାଉଥାଏ । ଏହି ସମୟରେ ସେବାଟେ ଜଣେ ବ୍ୟକ୍ତି ଗଲେ । ବୟସ ୩୦-୩୫ ହେବ । ହାତରେ ଠେଙ୍ଗାଟାଏ । ଦେହରେ ମାଟିଆ ହାଫ୍‌ପ୍ୟାଣ୍ଟ ଓ ଗୋଟାଏ ଟିସାର୍ଟ । କଲେଜ ଭିତରେ ଦିନଟାରେ ଏ ପ୍ରକାର ଅଦ୍ଭୁତ ବ୍ୟକ୍ତିଙ୍କୁ ଦେଖି ଭାବିଲି ଚୌକିଦାର ବୋଧହୁଏ । କିନ୍ତୁ ସେ ମୋ ପାଖରେ ବସିଥିବା ସାଙ୍ଗକୁ ଡାକିଲେ, ଆସୁନା ।

ସାଙ୍ଗ କହିଲା, ହଁ ଚାଲନ୍ତୁ, ମୁଁ ଯାଉଛି । ସେ ଆଗେଇ ଗଲେ । ମୁଁ ପଚାରିଲି, ସେ କିଏ । ସାଙ୍ଗ କହିଲା, ଆରେ ସେ ଆର.ଏସ୍.ଏସ୍. ବାଲା । ମୁଁ କହିଲି, କାହିଁକି ଡାକୁଛି । କହିଲା - ଖେଳିବାକୁ ତଡ଼ାବାଡ଼ି ବୁଲାଇବା ଶିଖିବାକୁ । ମୁଁ କହିଲି ଯାଉନୁ, ସେ କହିଲା, ଶଳା ଖାଲି ସେତିକି ଶିଖାଇଲେ ଚଳନ୍ତା । କିନ୍ତୁ ମୁଁ ଯାହା କରୁଛି, ସେକଥା ଆମ ଘରକୁ ଯାଇ ସବୁ ମୋ ବିଷୟରେ କହି ଦେଇଛି । ଏଡ଼େ ବଡ଼ ବୁଢ଼ା ହେଲାଣି, ପିଲାଙ୍କ ସାଙ୍ଗରେ ଆସି ଖେଳୁଛି, ଲାଜ ନାଇଁ... । ମୁଁ ଶୁଣିଲି, ହେଲେ କଥାଟା ହଜମ ହେଲାନି । ତା'ପର ଦିନ ଯେତେବେଳେ ସେ ଆସିଲେ ମୁଁ ମୋ ଆଡୁ ପଚାରିଲି ମୁଁ ଗଲେ ଚଳିବ ? ସେ କହିଲେ, ସ୍ୱାଗତ । ତାଙ୍କ ସାଙ୍ଗରେ ଗଲି । ସେ ମୋତେ ଡାକିନେଲେ କଲେଜ ଖେଳ ପଡ଼ିଆକୁ । ଯେଉଁଠି ଉଡୁଥିଲା ଗେରୁଆ ଦି-କେନିଆ ପତାକା । କିଛି ପିଲା ଏକାଠି ହୋଇଥିଲେ । ଆଉ ପାଖକୁ ଯାଇ ତାଙ୍କ ସାଙ୍ଗରେ ମିଶିବା ପରେ ଜାଣିଲି, ଏହା ହେଉଛି ସେଇ କାମ ଯାହାକୁ ମୁଁ ଭୁବନେଶ୍ୱର ରେଣ୍ଟାଲ କଲୋନିରେ ଦେଖିଥିଲି । ଧୀରେ ଧୀରେ ଜାଣିଲି, ଏହା ହେଉଛି ଶାଖା । ସଂଘର ଶାଖା । ପରେ ସଂଘର ନାଁ ବି ଜାଣିଲି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଯାହାକୁ ସମସ୍ତେ କହନ୍ତି ଆର.ଏସ୍.ଏସ୍ । ସେଦିନୁ ଯିବା ପରେ ଆମ ଶ୍ରେଣୀର ପିଲାଟିଏ ପରିଚିତ ହେଲା । ନାଁ ତାର ସଞ୍ଜୟ ମାଣ୍ଡୋଇ । କିଛି ଦିନ ପରେ ହେଲା ଧାନକଟା ଛୁଟି । ସମସ୍ତେ ଘରକୁ ଗଲୁ । ତାପରେ ଫେରି ଶାଖାକୁ ଗଲି ଯେତେବେଳେ ଜାଣିଲି ସଞ୍ଜୟ ମାଣ୍ଡୋଇ ଆଉ ଫେରିବନି । ଛୁଟିରେ ତାର ଦେହ ଖରାପ ହେଲା, ଆଉ ତାପରେ ସ୍ୱର୍ଗବାସ । ତାପରେ ଶାଖାର ମୁଖିଆ ଭାବେ କାମ କରୁଥିବା ସଞ୍ଜୟ ଦାୟିତ୍ୱ ଚାଲି ଆସିଲା ମୋ ପାଖକୁ । ମୁଁ ହେଲି ଶାଖାର ମୁଖ୍ୟ ଶିକ୍ଷକ । ଧୀରେ ଧୀରେ ଶାଖାକୁ ଜାଣିଲି । ଶାଖା କେମିତି ଚଳାଇ ହେବ ତାହା ଜାଣିଲି । କିନ୍ତୁ ସଂଘକୁ ତଥାପି ଜାଣିବା ବାକି ଥିଲା । ଯଦିଓ ବୁଝିବାକୁ ଏଯାଏ ବି ଉଦ୍ୟମ କରୁଛି ।

ଧୀରେ ଧୀରେ ମୋର ବୁଝିବା ଶକ୍ତି ବଢୁଥାଏ । ମୁଁ କଲେଜ ଶାଖାରେ ବେଶ୍ ସକ୍ରିୟ ହେବା ପରେ ଗୋଟିଏ ଗୋଟିଏ ଦାୟିତ୍ୱ ନେଲି । ସଂଘର ଗଣବେଶ (ୟୁନିଫର୍ମ) ତିଆରି କରେଇଲି । ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଲି । କଲେଜରେ ବି ଏହାର ପ୍ରଭାବ ପଡ଼ିଲା । କଲେଜରେ ଯେତେବେଳେ ସମସ୍ତେ ବୁଲାବୁଲି କରୁଥିଲେ ମୁଁ ସେତେବେଳେ ସାମାଜିକ କାମରେ ନେତୃତ୍ୱ ନେଉଥିଲି । ବିବେକାନନ୍ଦ ଜୟନ୍ତୀ ଆୟୋଜନ, ବ୍ଲଡ୍ ଡୋନେସନ, ବସ୍ତିରେ ପାଠ ପଢ଼ାଇବା, କଲେଜ ପିଲାଙ୍କୁ ନେଇ ଭୋଜି କରିବା, ଏପରିକି କଲେଜର ପେଣ୍ଡିଂ ଥିବା କାମ କରାଇବାକୁ ସାଙ୍ଗ ଓ ଜୁନିଆରଙ୍କୁ ମତାଇ ୯ ଦିନିଆ ଅନଶନ ବି କରିଛି । ଏହା ଭିତରେ ମୁଁ ସଂଘର ବିଭିନ୍ନ ପ୍ରଶିକ୍ଷଣ ବର୍ଗ (ଟ୍ରେନିଂ କ୍ୟାମ୍ପ) କଲି । ପରିଚୟବର୍ଗ (ପ୍ରାରମ୍ଭିକ ଅଢ଼େଇ ଦିନିଆ) ଓ ପ୍ରାଥମିକ ଶିକ୍ଷାବର୍ଗ (୭ ଦିନିଆ) ଶେଷ କଲି । ଏମିତି ଏମିତି କଟିଗଲା ୪-୫ ବର୍ଷ । ବୋଧହୁଏ ପ୍ରି-ଡିଗ୍ରୀ ବେଳକୁ ମୋର

ଦାୟିତ୍ୱ ହୋଇ ସାରିଥିଲା ଜଗତସିଂହପୁର ନଗର ବୌଦ୍ଧିକ ପ୍ରମୁଖ । ଏହା ଭିତରେ ସଂଘର ଅନେକ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ସାନ୍ନିଧ୍ୟ ମୋ ଭିତରେ ଆଣିଥାଏ କିଛି ପରିବର୍ତ୍ତନ । ସେମାନଙ୍କ କଥା ନୁହେଁ, ଜୀବନକୁ ଦେଖି ମୁଁ ବିସ୍ମିତ ହେଉଥାଏ । କିନ୍ତୁ ପ୍ରକୃତ ସଂଘ କାମ ଜାଣିବା ଏବେ ବି ବାକି ଥିଲା । ସଂଘ ଯାହା କହୁଛି ତାହା କେବଳ ଥିଓରି ନା ପ୍ରାକ୍ଟିକାଲ, ତାହା ଜାଣିବା ତଥାପି ବାକି ଥିଲା ।

ଯୁକ୍ତ ତିନି ଶେଷ ବର୍ଷ । ଅକ୍ଟୋବର ମାସ । ଦୁର୍ଗାପୂଜା ଏଇମାତ୍ର ସରିଥାଏ । ଓଡ଼ିଶା ପାଇଁ ମାଡ଼ିଆସିଲା ସେହି କାଳରାତ୍ରୀ । ଅକ୍ଟୋବର ୨୯, ୧୯୯୯ । ମହାବାତ୍ୟାର କାଳରାତ୍ରି । ଆଉ ଅଳକା ନଈ ଭିତରେ, ଖୋଲା ମଇଦାନରେ ଥିବା ସ୍ୱାମୀ ବିବେକାନନ୍ଦ ହଷ୍ଟେଲରେ ମୋ ଭଳି ଅନେକ ଛାତ୍ରମାନଙ୍କ ଜୀବନରେ ବି ସେଦିନ ଘଟିଥିଲା ଏକ ମହାବାତ୍ୟା । କଥା ଆରମ୍ଭ କରିବା ପୂର୍ବ ଦିନରୁ ।

୨୮ ଅକ୍ଟୋବର, ୧୯୯୯ । ସାରା ଓଡ଼ିଶା ଲାଗି ମନେ ରହିବ ଏ ଦିନ । ମୋ ଲାଗି ବି । ତାଙ୍କ ପେଟ କାଟୁଥାଏ ପ୍ରବଳ... ବାରମ୍ବାର ଝାଡ଼ା ଯାଉଥାନ୍ତି... ଏକୁଟିଆ, ବଖୁରିକିଆ ରୁମ୍‌ରେ ଥାନ୍ତି ସେ । ପାଗ କୋହଲା ଥାଏ । ଖରାବେଳେ ବଜାରକୁ ଖାଇବା ଲାଗି ଯାଇଥାଏ ମୁଁ.., କାଇଁକି କେଜାଣି ସେପଟେ ଟିକେ ପଶିଗଲି । ଅବସ୍ଥା ଦେଖି ବହେ ରାଗିଲି । ହଟ୍ଟା କଟ୍ଟା ଯୁବକ ଧୈର୍ଯ୍ୟ ଭାଇ । ଧୈର୍ଯ୍ୟଧର ଦାସ । ଆର.ଏସ୍.ଏସ୍‌ର ପ୍ରଚାରକ । ଆମଠୁ ୧୦-୧୨ ବର୍ଷ ବଡ଼ । ଅସମ୍ଭବ ଶାରୀରିକ ଦକ୍ଷତା । ହାତରେ ମୁଥା ମାରି କାନ୍ଥ ଭାଙ୍ଗିଦେବେ । ଅସୀମ ସାହସ । ବ୍ୟାୟାମ ଓ ମାର୍ସାଲ ଆର୍ଟ କରି କରି ହାତ ଗୋଡ଼ ବିଣ୍ଡି । ଭଲ ଖାଆନ୍ତି, ଭଲ ଖୁଆନ୍ତି । ପଇସା ଅଛି ତ ଭଲ ଖାଇବେ ଏକାବଳେକେ ଦିଇଶ, ତିନିଶ ଟଙ୍କାର । ନହେଲେ ଦୁଇ ତିନିଦିନ ଓପାସ ବି ଚଳିବ । ମାତ୍ର ଦି-ତିନି ଖଣ୍ଡ ଲୁଗାପଟା । କିନ୍ତୁ ସ୍ୱଚ୍ଛ, ଦାମୀ, ଭଲ ଭଲ । ସବୁ ପ୍ରକାର ଅସ୍ତ୍ର ଚଳାଇ ଜାଣନ୍ତି । ଲୋକେ କହନ୍ତି, ସେ କୁଆଡେ କଟ୍ଟର ହିନ୍ଦୁ । ସାରା ଭାରତରେ ବଜରଙ୍ଗ ଦଳୀ ଗୋଟାଏ ବଡ଼ ମୁଣ୍ଡି । ମେନ୍ ଟ୍ରେନର । ମୋ ସହ କିନ୍ତୁ ସମ୍ପର୍କ ସୁଖଦୁଃଖ ଭାବନାର । ଭାଇ-ଭାଇର... । ସେ ସଂଘର ପ୍ରଚାରକ । ସଂଘ ତାଙ୍କୁ ଦାୟିତ୍ୱ ଦେଇଥାଏ, ଜଗତସିଂହପୁର ଜିଲ୍ଲାରେ ବଜରଙ୍ଗ ଦଳର ସଂଗଠନ କଥା ବୁଝିବାକୁ ।

ସେଦିନ ଭାଇଙ୍କୁ ଜବରଦସ୍ତି ନେଇ ଆସିଲି ଆମ ରୁମ୍‌କୁ । ଔଷଦ ଦେଲି । ଚୂଡ଼ା କଦଳୀ ଖାଇବାକୁ ଦେଲି । ରାତି ୯ଟା-୧୦ଟା ବେଳକୁ ତାଙ୍କ ଜୋଶ୍ ଫେରି ଆସୁଥାଏ । ରୁମ୍ ନମ୍ବର ୧୩ରେ ଶୋଇଲୁ ଦି ଜଣ । ସେ ଖଟ ଉପରେ, ମୁଁ ତଳେ । ଭୋରୁ ଭୋରୁ ଆରମ୍ଭ ହୋଇଗଲା ପବନ । ସେତେବେଳେକୁ ସେ ଉଠି ବାରଣ୍ଡାରେ ବୁଲୁଥାନ୍ତି । ପବନରେ କବାଟ ଝରକା ପିଟି ହେବା ଭୟଙ୍କର ଶବ୍ଦରେ ନିଦ ଭାଙ୍ଗିଗଲା । କହିଲେ, ଉଠିଗଲ... ଲାଗୁଚି କ'ଣ ଗୋଟାଏ ହେବ । ଏମିତିଆ ପବନ କେବେ ଦେଖିନି । ଏପଟ ବ୍ଲକ୍‌ଟା ଟିକେ ସେଫ୍ ନୁହେଁ । ଚାଲ ୨୧ ନମ୍ବର ରୁମ୍‌କୁ ପଳାଇବା ।

ସେଇଟା ସେପଟ ବୁକର କୋଣରେ । ଅପେକ୍ଷାକୃତ ଟିକେ ସୁରକ୍ଷିତ । ପଳେଇ ଆଇଲୁ । ସାରା ରାତି ଚାଲିଲା ପ୍ରଳୟଙ୍କରୀ ପବନ । ହଷ୍ଟେଲର କବାଟ ଝରକା ସବୁ କାଗଜ ଫର୍ଦ୍ଦ ପରି ଉଡିଗଲା । ପାଣି ଭର୍ତ୍ତି ଦୁଇ ଦୁଇଟା ପାଣି ଟାଙ୍କି ଆକାଶରେ ବାଏଁ ବାଏଁ ଉଡ଼ି ଗୋଟାଏ କିଲୋମିଟର ଦୂରରେ ପଡ଼ିଲା । ଆଉ ଗଛଲତା ଘରଦ୍ୱାର ପୋଛି ନେଇଗଲା ପବନ । କରିଦେଲା ଗୋଟେ ଉଜୁଡା ଧାନକ୍ଷେତ ଭଳି ।

ଖରାବେଳକୁ ପବନ ଟିକେ ଥମିଗଲା । ଭାଇ କହିଲେ, ଦେଖ ଦୁନିଆ କେମିତି ଉଜୁଡି ଯାଇଛି । ଏବେ ଲୋକେ ବଞ୍ଚିବେ କେମିତି... ଖାଇବେ କଣ... । ମୋତେ ଲାଗୁଚି କଟକ ଯାଏ ରାସ୍ତାରେ ଯେତେ ସବୁ ବଡ଼ ବଡ଼ ଗଛ ଥିଲା, ସବୁ ପଡ଼ି ଯାଇଥିବ । ଚାଲ କାଟିବା ଆରମ୍ଭ କରିବା... ମୁଁ କହିଲି, କ'ଣ ଆପଣ କହୁଛନ୍ତି ଜାଣିପାରୁଛନ୍ତି ତ ? ସେ କହିଲେ, ସେଇଥି ପାଇଁ ତ ଆମେ ଅଲଗା । ଏ ଦେଶକୁ ଭଲ ପାଇବୁ.... ଆମ ଦେଶ ପ୍ରେମ କ'ଣ ଖାଲି କଥାରେ... । ମୁଁ କହିଲି, ଆମେ କ'ଣ ବା କରିପାରିବା । ଆମ ପାଖେ ତ କେବଳ ଫଳ କାଟିବାକୁ ଛୁରୀ ଗୋଟାଏ । କହିଲେ, ଚାଲ ଆଗ, ବାଟରେ ସବୁ କହିବି । ମୁଁ ସବୁ ଭାବିକି ରଖିଚି । ତାହେଲେ କଣ, ଆପଣ ସେ ବାତ୍ୟା ବେଳେ ଏଇୟା ଭାବୁଥିଲେ... ବାସ୍ ସେ ଟିକେ ହସିଦେଲେ । କହିଲେ ଚାଲ..., ସାଙ୍ଗମାନଙ୍କୁ ଡାକ, ଶୀଘ୍ର ବାହାର । ହଷ୍ଟେଲ ସାରା ସମସ୍ତଙ୍କୁ ଡାକିଲି । କିଏ ବା କାହିଁକି ଯିବ... । ତଥାପି ସମଧର୍ମୀ ୬-୮ ଜଣ ବାହାରିଲେ । ବିଭିନ୍ନ ଦଳରେ ବାଣ୍ଟି ପାଖ ଗାଁରୁ ତୁରନ୍ତ କଟୁରୀ କୁରାଢ଼ି ଯୋଗାଡ଼ କଲୁ । କିନ୍ତୁ ଆମେ ଭୁଲିଯାଇଥିଲୁ ଭୂଗୋଳର ସେଇ କଥା ବାତ୍ୟା ପୁଣି ଫେରେ ବୋଲି । ମାତ୍ର ଘଣ୍ଟେ ଦେଢ଼ ଘଣ୍ଟା ପରେ ଆରମ୍ଭ ହେଲା ଓଲଟା ପବନ । ଦୌଡ଼ିବା ଆରମ୍ଭ କଲୁ । ଏଥର କିନ୍ତୁ ପବନର ବେଗ ଥିଲା ଢ଼େର ଅଧିକ । ଠିକ୍ କଲେଜ ଆଡ଼କୁ ବୁଲିଗଲା ବେଳକୁ ଦକ୍ଷିଣପଟୁ ଆସୁଥିବା ପବନର ଧକ୍କାରେ ଉଡ଼ିଗଲୁ ୪-୫ ଜଣ । ନିଜ ଜୀବନକୁ ବାଜି ଲଗାଇ, ତଳେ ପଡ଼ିଥିବା ବିଜୁଳି ତାର ଧରି ଆମକୁ ବଞ୍ଚେଇଲେ ଭାଇ ।

ପ୍ରବଳ ସଂଘର୍ଷ କରି, ଗୁରୁଣ୍ଡି ଗୁରୁଣ୍ଡି ପାଖରେ ଥିବା ଗୋଟାଏ ଅଧା ଗଡ଼ା ମନ୍ଦିର କଡ଼ (ବର୍ତ୍ତମାନର କଲେଜ ଛକରେ ଥିବା ଗଣେଶ ମନ୍ଦିର)ରେ ଉହାଡ଼ ହୋଇ ଅଟକି ଗଲୁ । ଦେହରେ ଓଦା ହାଫ୍ ପ୍ୟାଣ୍ଟ ଆଉ ଗଞ୍ଜି । ସେ କିନ୍ତୁ ଏକ୍ସଟ୍ରା ଜ୍ୟାକେଟ୍‌ଟିଏ ପିନ୍ଧିଥାନ୍ତି । କାରଣ ଆଗରୁ ଝାଡ଼ା ହେଉଥିବାରୁ ତାଙ୍କୁ ଟିକେ ଶୀତ ଲାଗୁଥାଏ । ପୂର୍ବରୁ ଦରଗଡ଼ା ମନ୍ଦିର ପଛରେ ବାଉଁଶ ଭାରାକୁ ଧରି ଆଶ୍ରୟ ନେଇଥାନ୍ତି ୨୦-୨୫ ପ୍ରାଣୀ । ୟାଙ୍କ ଭିତରେ ଥାଆନ୍ତି ଛେଳି, ମେଣ୍ଢା, ଗାଈ, ଷଣ୍ଢ ଆଉ ମଣିଷ । ପିଲା, ବୁଢ଼ା, ସ୍ତ୍ରୀ ଲୋକ ସମସ୍ତେ । ଟିକେ ନିଃଶ୍ୱାସ ମାରିଲୁ । ଭାବିଲୁ ଆଗକୁ ମରିବୁ କି ନା ଜାଣିନୁ, କିନ୍ତୁ ଏବେ ଅନ୍ତତଃ ବଞ୍ଚିଯାଇଛୁ... । ଭାବୁଚୁ, ହଷ୍ଟେଲକୁ ଫେରିବୁ କି ଏଇଠି ରହିବୁ । ଏଇ ସମୟରେ କଅଁଳା ଛୁଆର କାନ୍ଦ ଶୁଭିଲା । ପଛକୁ ଅନେଇଲୁ । ଦେଖିଲୁ ମୁସଲିମ

ସ୍ତ୍ରୀଲୋକଟିଏ, କୋଳରେ କେଇ ଦିନର ଛୋଟ ଛୁଆ.... ମାସଟିଏ ବି ପୂରି ଥିବ କି ନା ସନ୍ଦେହ । ତୁହାକୁ ତୁହା ପବନ ମାଡ଼ । ଆଖି ବନ୍ଦ କଲେ ବି ସହି ହେଉନି, ଶର ଭଳି ଗଳି ଯାଉଚି ବାଲି ଓ ବର୍ଷାର ଟୋପା । ପବନର ବେଗ ବଢ଼ି ବଢ଼ି ଚାଲିଥାଏ । ଏବେ ଜାଣୁଛି ତାହା ୩୦୦ କି.ମି. ପାଖାପାଖି ଥିଲା । ସମସ୍ତେ ଜୀବନ ବିକଳରେ ବଞ୍ଚିବାକୁ ସଂଗ୍ରାମ କରୁଥାଉ । ଆଖିରେ ଲୁହ ରହୁ ନ ଥାଏ... ପାଟିରେ କିଛି କହିବା ସମ୍ଭବ ବି ନୁହେଁ । ହଠାତ୍ ନିଜ ଦେହରୁ ଜ୍ୟାକେଟ୍‌ଟା ଖୋଲିଲେ ଭାଇ । ସେ ସ୍ତ୍ରୀଲୋକ ଉପରକୁ ଭିତର ପଟଟା ମୁହଁ କରି ଟିକେ ଦୂରରୁ ଫିଙ୍ଗି ଦେଲେ... । ମୋ ପାଟିରୁ ବାହାରି ପଡ଼ିଲା..... ଧୈର୍ଯ୍ୟ ଭାଇ । ମୋ ମୁହଁଟାକୁ ଓଲଟା ଦିଗକୁ ସେ ବୁଲାଇ ଦେଲେ... ।

ଘଟଣା ଏତିକି ସରି ନ ଥିଲା । ସେତେବେଳକୁ ମୋର ତାଙ୍କ ସହ ବର୍ଷେ-ଦେଢ଼ ବର୍ଷର ସମ୍ପର୍କ । କିନ୍ତୁ ଆଗାମୀ କିଛି ଘଣ୍ଟା ଭିତରେ, ଏମିତି କିଛି ଘଟଣା ଘଟିଲା, ଯାହା ବଦଳାଇ ଦେଲା ଓଡ଼ିଶାକୁ । ଆଉ ବଦଳାଇ ଦେଲା ମୋତେ । ଉଭୟ ଭିତରୁ ଓ ବାହାରୁ । ବଦଳାଇ ଦେଲା ମୋର ଦୃଷ୍ଟିଭଙ୍ଗୀକୁ । ମୋର ଜୀବନକୁ । ତାର କିଛି ସମୟ ପରେ ହଷ୍ଟେଲ ଫେରିବା ବାଟରେ ଯଦି ସେ ପଛକୁ ଫେରି ନାହିଁ ନ ଥାନ୍ତେ, ତାହେଲେ ମୋ ନାମ ବି ସେଇ ୨୦-୨୫ ହଜାର ଲୋକଙ୍କ ଭିତରେ କେବଳ ନାଁଟିଏ ହୋଇଥାନ୍ତା । ମନ୍ଦିରରେ ଘଟି ଯାଇଥିବା ଘଟଣାକୁ ନେଇ ମୁଁ କିନ୍ତୁ ଭାବୁଥିଲି, ଇଏ ସେଇ ତ.. ମାତ୍ର କିଛି ଦିନ ତଳେ ଏଇ ଲେଦର ଜ୍ୟାକେଟ୍ ନୂଆ ଆଣିଥିଲେ । କେମିତି ଜଣେ ପ୍ରିୟ ଲୋକ ତାଙ୍କୁ ଏଇଟା ଦେଇଥିଲେ, ସେସବୁ ସେ ମୋତେ ଆନନ୍ଦରେ କହୁଥିଲେ । ସେତେବେଳେ ତାର ମୂଲ୍ୟ ଥିଲା ୧୨୦୦ ଟଙ୍କା । କିନ୍ତୁ କିଛି ବିଚାର ନ କରି, ବଜରଙ୍ଗ ଦଳର ଏଇ ମାଷ୍ଟର ଟ୍ରେନର, ଜଣେ ମୁସଲିମ ମହିଳାଙ୍କୁ ମାତ୍ର ଗୋଟାଏ ସେକେଣ୍ଡରେ.... ଛାଡ଼.... ବୋଧହୁଏ ମୁଁ ଠିକ୍ ଭାବେ ବୁଝି ପାରିନଥିଲି ତାଙ୍କୁ । ପରେ ଜାଣିଲି, ତାଙ୍କ ହୃଦୟର କବାଟ ପାଖରେ ମୁଁ ଛିଡ଼ା ହୋଇଚି, ଭିତରର ବିଶାଳତା ତ ଆଗକୁ ଦେଖିବା ବାକି ଥିଲା ।

ପ୍ରାୟ ୪୫ ମିନିଟ୍ ଖଣ୍ଡେ ବିତିଗଲା । ପବନର ବେଗ ବଢ଼ି ଚାଲିଥାଏ । ବାତ୍ୟା ଅଧିକରୁ ଅଧିକ କରାଳ ରୂପ ଧରୁଥାଏ । ଆଖି ଆଗରେ କାଗଜ ଫର୍ଦ୍ଦ ପରି ଉଡ଼ି ଯାଉଥାଏ ଘର, ଗଛ, କୋଠାବାଡ଼ି ସବୁ କିଛି । ଦେହରେ ପାଣି କାଦୁଅ ସରସର । ମୁଁ, ସଂଘର ସେ ପ୍ରଚାରକ ଭାଇ, ତା' ସାଙ୍ଗକୁ ଥାଆନ୍ତି ତୁଷାର ,ସେତୁ, ସୁନିଲ ଆଦି ଆଉ ୨-୪ଜଣ । ସେତେବେଳକୁ ଓଦା, ଥଣ୍ଡାରେ ସମସ୍ତେ ଥରିଲୁଣି । ଚିନ୍ତାକଲୁ ଅଧିକ ସମୟ ରହିଲେ, ସନ୍ନିପାତରେ ମରିବା ଥୟ । କିନ୍ତୁ ଯିବୁ ତ ଯିବୁ କୁଆଡ଼େ । ଆଉ କେଉଁଠିକୁ ଯାଇ ହେଉଥିଲେ, ଏଠି ଥାଆନ୍ତୁ ବା କାହିଁକି ? ଶେଷରେ ପ୍ରଚାରକ ଭାଇ ଜଣକ କହିଲେ, ହଷ୍ଟେଲ ବା କଲେଜ ବିଲ୍‌ଡ଼ିଂ ଯାକେ ଯାଇ ହେଲେ, ବଞ୍ଚିଯିବାର ଚାନ୍ସ ଅଛି । କିନ୍ତୁ ଏଠି ରହିଲେ ମରିବା ଏକଦମ୍ ନିଶ୍ଚିତ । ସେତେବେଳକୁ କଲେଜ


ଆଡ଼କୁ ଚାହିଁ ହେଉ ନ ଥାଏ । ସେପଟୁ ମାଡ଼ି ଆସୁଥାଏ କାଳ... । କଲେଜଟା ସୁପ୍ତ ଅଳକା (ଆମ ପାଇଁ ମୃତ ନୁହେଁ)ର ଛାତି ଉପରେ.... ବାଲିଚର ଜାଗା, ଆମ ଆଶ୍ରୟ ନେଇଥିବା ଜାଗାରୁ ୫୦-୬୦ ଫୁଟ୍‌ରୁ ଅଧିକ ଖାଲୁଆ ନଦୀର ଶଯ୍ୟା ଅଞ୍ଚଳ । ହେଲେ ଯିବା ବା କେମିତି । କାମରେ ଆସିଲା ତାଙ୍କର ଟ୍ରେନିଂ ଅନୁଭୁତି । କହିଲେ, ତଳେ ଯେଉଁ ଇଲେକ୍ଟ୍ରି ତାର ପଡ଼ିଚି ତାକୁ ଧରି ପେଟେଇ ପେଟେଇ ଯିବା । ମୁଁ ଯାଇ ଆଗ ଛୁଉଁଚି, କରେଣ୍ଟ ଅଛି ନା ନାହିଁ । ଏତିକି କହି ଭୁସ୍ କିନା ବାହାରକୁ ବାହାରି ଗଲେ । ଜୋରରେ ଗୋଟାଏ ପବନର ଧକ୍କା ତାଙ୍କୁ ନେଇ ପାଖ ଦୋକାନ କାନ୍ଥରେ ପିଟିଦେଲା । ତଥାପି ଗୁରୁଣ୍ଡି ଗୁରୁଣ୍ଡି ତାର ଧରିଲେ । ଚିଲେଇଲେ ଆସ ଆସ.. ଯାଇ ହେବ ।

କଲେଜ ଛକରୁ କଲେଜ ବିଲ୍‌ଡିଂ ପ୍ରାୟ ଗୋଟାଏ କିଲୋମିଟର । ସବା ଆଗ ଗଲେ ତୁଷାର ଓ ସୁନିଲ । ସେତୁ କିନ୍ତୁ ଯିବାକୁ ଡରିଲା । କହିଲା, ହାତ ନାଠି ହେଇ ଯାଉଛି, ମୁଁ ପାରିବନି, ଏଇଠି ମଲେ ମରିବି... ସେ କହିଲେ ହଉ ଦେଖିବା, ମୋତେ କିନ୍ତୁ ତାପରେ ଠେଲିକି ପଠେଇଲେ । ଶେଷରେ ସେତୁକୁ ଧରି ସେ ଆସିଲେ । ଆମ ତିନିଟି ଦଳ ଭିତରେ ୪୦-୫୦ ଫୁଟ୍ ଲେଖାଏ ଦୂରତା । ଟିକେ ବାଟ କଷ୍ଟ କରି ମାଛ ଗାଁ କେନାଲ ପୋଲ ପାର ହୋଇ ଯିବାରୁ ସିଧା ବଡ଼ ଗଡ଼ାଣି । ଗୋଟାଏ ଯୋଶ୍‌ରେ ଗଡ଼ିଗଲୁ । କଲେଜ ମେନ୍ ଗେଟ୍ ପାର ହେବା ପରେ ବାଁ ପଟେ ଗୋଟାଏ ପାଦଚଲା ରାସ୍ତା ସେ ବାଲି ଭିତର ଦେଇ ସର୍ଟକଟ୍ କଲେଜ ବିଲ୍‌ଟିଂର ଗେଟ୍ ପାଖକୁ ଲମ୍ବି ଯାଇଛି । ମୁଁ ଦେଖୁଚି, ମୋ ଠାରୁ ୫୦ ମିଟର ଦୂରରେ ତୁଷାର ଓ ସୁନିଲ ଗଲେ ସେ ବାଟେ । ତାଙ୍କ ପଛେ ପଛେ ମୁଁ ବି ମୁହାଁଇଲି । କିନ୍ତୁ ସେଇଠି ଜଗି ବସିଥିଲା ମହାକାଳ... । ବିଜୁଳି ତାର ତ ମେନ୍ ରୋଡ୍‌ରେ ଥିଲା, ପାଦ ଚଲା ରାସ୍ତାରେ ଧରିବାକୁ ତାରର ସପର୍ଟ ନ ଥିଲା । କିନ୍ତୁ ସେ ପାଦଚଲା ରାସ୍ତାର ବାଁ ପାଖରେ ବିରାଟ ଖାଲ, ପ୍ରାୟ ୫୦-୬୦ ଫୁଟ୍ ଗହୀର । ଆମ କଲେଜର ସବୁ ପିଲା ଜାଣନ୍ତି । ଏବେ ସେଠାରେ ଗୋଟାଏ ବଡ଼ ବିଲ୍‌ଡ଼ିଂ ଛିଡ଼ା ହୋଇଛି । ଦେଲା ଗୋଟାଏ ଜୋର ଦଲକା ପବନ ଯେ ମୁଁ ଯାଇ ସିଧା ସେ ଗାତ ଭିତରେ । ଖାଲଟା ତୀଖ ନ ଥିଲା । ତେଣୁ ଖାଲରେ ଜମିଥିବା ପାଣିରେ ନ ପଡ଼ି କୌଣସି ମତେ ଗୋଟାଏ ଆଣ୍ଠୁଏ ଉଚ୍ଚ କଅଁଳ ତାଳଗଛକୁ ଧରି ଭିତରେ ଲାଖିକି ରହିଗଲି । ଉପରକୁ ଗୁରୁଣ୍ଡି ଗୁରୁଣ୍ଡି ଉଠୁଥାଏ, କିନ୍ତୁ ଖାଲ ଉପରକୁ ମୁଣ୍ଡ ଟେକିବା ମାତ୍ରେ ପୁଣି ପବନର ଭୟଙ୍କର ବେଗ ମୋତେ ଉଡ଼ାଇ ନେଉଥାଏ । ମୁଁ ଜୋରରେ ଚିଲ୍ଲାଉ ଥାଏ । ମୋର ସବୁ ମନେ ପଡ଼ି ଯାଉଥାଏ । ମନେ ପଡ଼ି ଯାଉଥାଏ ବାପ-ମାଆ, ଗୁରୁ ଓ ପ୍ରିୟ ଲୋକଙ୍କ ମୁହଁ । ଭାବୁଥାଏ ଏ ଜୀବନର କ'ଣ ଅନ୍ତ କ'ଣ ଏମିତି ହେବ... ।

କେତେ ସମୟ ସଂଘର୍ଷ କରିଛି ଜାଣିନି.... ଯା ଭିତରେ ମୋ ପଛରେ ଆସୁଥିବା ସେ ଭାଇ, ସେତୁକୁ ଧରି ପାଖାପାଖି କଲେଜ ବିଲ୍‌ଡିଂ ପାଖରେ ପହଞ୍ଚି ଯାଇଥାନ୍ତି ।

ସେତେବେଳକୁ କଲେଜରେ ପୂର୍ବରୁ ଆଶ୍ରୟ ନେଇଥିବା କିଛି ବ୍ୟକ୍ତି ଦଉଡ଼ି ଓ ହ୍ୟୁମାନ ଚେନ୍ ଦ୍ୱାରା ଏମାନଙ୍କୁ ଉଦ୍ଧାର କରି ସାରିଥାନ୍ତି । କିନ୍ତୁ ସେଠାରେ ପହଞ୍ଚିବା ମାତ୍ରେ... ଭାଇ ଦେଖିଲେ ମୁଁ ସେଠାରେ ନାହିଁ । ସମସ୍ତେ କିଛି ବୁଝିବା ଆଗରୁ ସେ ସବୁ ବୁଝିଗଲେ । କାରଣ ମୁଁ ଥିଲି ଏକା । ସେ ପଛକୁ ଫେରି ଆସିଲେ, ପୁଣି ମୃତ୍ୟୁ କବଳକୁ । ଆଉ ଅଳ୍ପ ଟିକେ ବାହାରକୁ ବାହାରିବା ମାତ୍ରେ, ତାଙ୍କୁ ବି ପବନ ଉଡ଼ାଇ ନେଇ ଆସିଲା ମୋ ଗାତ ପାଖାପାଖି ଗୋଟାଏ ଅଞ୍ଚଳକୁ । ପ୍ରାୟ ୫୦ ଫୁଟ୍ ଦୂରକୁ । ମୋ ପାଟି ତାଙ୍କ କାନରେ ପଡ଼ିଲା । ଗୁରୁଣ୍ଡି ଗୁରୁଣ୍ଡି ଗାତ ଭିତରେ ମୋତେ ଦେଖିଲେ । ଗାତ ଭିତରକୁ ଆସିଲେ । ନିଜ ସାର୍ଟ ଖୋଲିଲେ.. ଆଉ ସାର୍ଟର ଗୋଟାଏ ହାତ ମୋ ପେଣ୍ଟରେ, ଆଉ ଗୋଟାଏ ତାଙ୍କ ପେଣ୍ଟରେ ବାନ୍ଧିଲେ । ମୁଁ କହିଲି, ଭାଇ ମୁଁ ଆଉ ଯାଇ ପାରିବିନି... ଆଉ ବଳ ପାଉନି । ଏଇ ଗାତ ହିଁ ସୁରକ୍ଷିତ । ସେ କହିଲେ, ୟା ଭିତରେ ରହିଲେ ମରିବା ନିଶ୍ଚିତ । ହାତରେ ମୋ ହାତକୁ ଲକ୍ କରି ଧରି ମୋତେ ବିଶ୍ୱାସ ଦେଲେ । କହିଲେ, ଥରେ ଚେଷ୍ଟା କରିବା, ମଲେ ମରିବା । ତୁମେ ଆସ, ମୁଁ ଅଛି ନା, କିଛି ହେବନି । ମୁହଁରେ ଅମାପ ଶକ୍ତିର ନାରା - ଜୟ ଶ୍ରୀରାମ... । ଗୋଟାଏ ହୁଙ୍କାରେ ଉପରକୁ ଉଠିଲେ । ତାପରେ ଗୁରୁଣ୍ଡି ଗୁରୁଣ୍ଡି କିଛି ବାଟ ଆସିଲୁ । ଆମକୁ ଉଦ୍ଧାର କଲେ ରସି ଓ ହ୍ୟୁମାନ ଚେନ୍ ବାଲା ।.....

❐



ପ୍ରକାଶ ପାଇଛି

ଅକ୍ଷୟ କୁମାର ଜେନାଙ୍କ

ପୁସ୍ତକ

ମୁଁ କାହିଁକି ଲେଖେ

BEGINNING OF THE END



Written and Edited by

Dr. HAREKRUSHNA MAHTAB

ମୂଳ ଇଂରାଜୀ

ଡ. ହରେକୃଷ୍ଣ ମହତାବ

Foreword by

SARDAR VALLABHBHAI PATEL



Cuttack Students' Store

CUTTACK-2

ଅନୁବାଦ

ଗୋସ୍ୱାମୀ ଗୋଲାମ ଦେବତା

ଦ ପର୍ଲସ୍ ରେସିଡେନ୍ସି, ଭରତପୁର

ଭୁବନେଶ୍ୱର, ମୋ:୯୪୩୭୯ ୨୬୪୭୦

ସ୍ୱାଧୀନୋତ୍ତର ଓଡ଼ିଶା ରାଜନୀତିର ପ୍ରମୁଖ ପ୍ରସଙ୍ଗ ଥିଲା - ଦେଶୀୟ ରାଜ୍ୟ ସମ୍ମିଶ୍ରଣ ପ୍ରକ୍ରିୟା ; ଯଦିଓ ଦୁଇ ଦଶନ୍ଧି ବ୍ୟାପୀ ଏହାର ଏକ ଦୀର୍ଘ ପୃଷ୍ଠଭୂମି ରହିଛି । ଏହି ପ୍ରକ୍ରିୟାର କର୍ଣ୍ଣଧାର ଥିଲେ ମହାନ ସଂଗ୍ରାମୀ , ଉତ୍କଳ କେଶରୀ ଡ.ହରେକୃଷ୍ଣ ମହତାବ ।

୧୯୪୭ ନଭେମ୍ବର ମାସରେ ଏହି ଯେଉଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା, ୧୯୪୯ ମସିହା ଜାନୁୟାରୀ ୧ ତାରିଖରେ ମୟୂରଭଂଜ ରାଜ୍ୟ ଓଡିଶା ସହିତ ମିଶିବା ପରେ ତାହାର ଅନ୍ତ ହେଲା । ଏହି ମର୍ମରେ ଡ.ହରେକୃଷ୍ଣ ମହତାବଙ୍କର ପ୍ରଭାବଶାଳୀ ପୁସ୍ତକ ହେଉଛି - **Beginning of the End** ଯାହାର ଓଡିଆ ମର୍ମାନୁବାଦ - 'ଅନ୍ତ ର ଅୟମାରମ୍ଭ' ।

ପୁସ୍ତକର ମୁଖବନ୍ଧ ଲେଖିଛନ୍ତି ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ । ସର୍ବାଗ୍ରେ ଓଡ଼ିଶାରେ ଏବଂ ସେହି ମର୍ମରେ ସର୍ବଭାରତୀୟସ୍ତରରେ ଏହା ହେଉଛି ଦେଶୀୟ ରାଜ୍ୟ ସମ୍ମିଶ୍ରଣର ମୂଳ ଐତିହାସିକ ଦସ୍ତାବିଜ, ଯାହା ପାଠ୍ୟକ୍ରମରେ ସ୍ଥାନ ପାଇବା ଉଚିତ । କ୍ଷୋଭର କଥା, ଏହି ପୁସ୍ତକ ଉପରେ ଯେଉଁ ପରିମାଣରେ ଆଲୋଚନା,ପର୍ଯ୍ୟାଲୋଚନା ହେବା କଥା , ତାହା ହୋଇନାହିଁ ।

ପୁସ୍ତକର ମୁଖବନ୍ଧରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଉଚ୍ଛ୍ୱସିତ ଶବ୍ଦରେ ଡ.ମହତାବକୁ ଅଭିନନ୍ଦନ , ଶୁଭେଚ୍ଛା ଜଣାଇଛନ୍ତି - " ମୁଁ ଅତ୍ୟନ୍ତ ଆନନ୍ଦିତ ଯେ ହରେକୃଷ୍ଣ ମହତାବଙ୍କ ମହାଭାରତୀୟ ଜାତୀୟତାର ସ୍ୱପ୍ନ ଓ ଆକାଂକ୍ଷାକୁ ସତ୍ୟରେ ପରିଣତ କରିବାରେ ମୁଁ ତାଙ୍କୁ ସହଯୋଗ କରିଥିଲି । ମୁଁ ଅଧିକ ଖୁସି ଯେ ଯାହାକୁ ସମସ୍ତେ ଏକ ପଛୁଆ ରାଜ୍ୟ ଭାବେ ଚିତ୍ରଣ କରନ୍ତି ସେହି ଓଡ଼ିଶା ଅବଶିଷ୍ଟ ଭାରତକୁ ନେତୃତ୍ୱ ଓ ମାର୍ଗ ଦର୍ଶନ କରିଛି ।"

ଆନନ୍ଦର କଥା, ଚଳିତ ବର୍ଷ ଉତ୍କଳ କେଶରୀ ଡ.ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ଅବସରରେ 'ଘାସଫୁଲ'ର ଏହି ପାର୍ବଣ ସଂଖ୍ୟାରେ ସେହି କ୍ଲାସିକ ଇଂରାଜୀ ପୁସ୍ତକ **Beginning of the End**ର ଓଡ଼ିଆ ମର୍ମାନୁବାଦ 'ଅନ୍ତ ର ଅୟମାରମ୍ଭ' ପ୍ରକାଶ ପାଉଛି ।

ଏହା ହେଉଛି ଘାସଫୁଲ ପରିବାର ତରଫରୁ ମହାନ ସଂଗ୍ରାମୀଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ।

-ସଂପାଦିକା

ମୁଖବନ୍ଧ

୧. ଭାରତୀୟ ରାଜ୍ୟଗୁଡ଼ିକର ଇତିହାସ ସବୁବେଳେ ଏକ ରୋଚକ ଅଧ୍ୟୟନର ବିଷୟ ହୋଇ ରହିଆସିଛି । ଏହାର ଅନେକ ଶାସକ ପ୍ରାଚୀନ ରାଜବଂଶର ଦାୟାଦ ଭାବେ ଦାବି କରୁଥିବାବେଳେ ସଂଖ୍ୟାଗରିଷ୍ଠ ଶାସକ ମୋଗଲ ସାମ୍ରାଜ୍ୟର ପତନ ପରବର୍ତ୍ତୀ ଅସ୍ଥିର ଓ ଅରାଜକ ଅବସ୍ଥାର ସୃଷ୍ଟି ଭାବେ ପ୍ରତୀୟମାନ ହୁଅନ୍ତି । କେତେକ ବ୍ରିଟିସ୍ ଶାସନର ଅନୁଗାମୀ ହୋଇ ସାମ୍ରାଜ୍ୟବାଦୀ ଉଦ୍ଦେଶ୍ୟ ସାଧନରେ ବ୍ରତୀ ଥିଲେ । ୧୯୩୫ ମସିହା ପୂର୍ବରୁ ସରକାରଙ୍କ ରାଜନୀତିକ ବିଭାଗ ଓ ୧୯୩୫ରୁ ୧୯୪୬ ମସିହା ମଧ୍ୟରେ ବ୍ରିଟିସ୍ ରାଜତନ୍ତ୍ରର ପ୍ରତିନିଧିମାନେ ଉପର୍ଯ୍ୟୁକ୍ତ ଶ୍ରେଣୀ ଉପରେ ସମାନ ପ୍ରଥା, ପରଂପରା ଓ ପ୍ରୟୋଗ ଲଦି ଦେବାକୁ ଚାହୁଁଥିଲେ । ସେମାନେ ସମସ୍ତେ କିଛି ଅଂଶରେ ରାଜନୀତିକ ସ୍ୱାର୍ଥ ଏବଂ ଅଧିକ ପରିମାଣରେ ସର୍ବତ୍ର ପରିବ୍ୟାପ୍ତ ଏକ ସର୍ବୋଚ୍ଚ କ୍ଷମତା (Paramount Power) ଦ୍ୱାରା ଏକତାବଦ୍ଧ ହୋଇ ରହିଥିଲେ, ଯେଉଁ ଶକ୍ତି ନିଜସ୍ୱ କାର୍ଯ୍ୟ ପରିସରକୁ ସୀମିତ ରଖିବାର କୌଣସି ବାହାନା କରୁ ନ ଥିଲା ।

୨. ଅନ୍ୟ ଏକ ପ୍ରସଙ୍ଗରେ ବିଶିଷ୍ଟ ଐତିହାସିକ ଗିବନ କହିଛନ୍ତି "ଏସିଆ ମହାଦେଶୀୟ ବଂଶଗୁଡ଼ିକର ଇତିହାସ ହେଉଛି ଅଶେଷ ବୀରତ୍ୱ, ମହାନତା ସହିତ ଅଧଃପତନ ଓ ଅବକ୍ଷୟର ଇତିବୃତ୍ତ । ଗୋଟିଏ ସର୍ବୋଚ୍ଚ ଶକ୍ତି ଅସୀମିତ କ୍ଷେତ୍ରରେ କ୍ରିୟାଶୀଳ ଥିବାବେଳେ ଏହି ରାଜବଂଶୀମାନଙ୍କର ବୀରତ୍ୱ କିମ୍ବା ମହତ୍ୱ ପ୍ରଦର୍ଶନର କୌଣସି ସୁଯୋଗ ନ ଥିଲା । ଏକ କ୍ରମ ଅବକ୍ଷୟମୁଖୀ ଅବସ୍ଥା ଏବଂ ମର୍ଯ୍ୟାଦାଜନକ ଅସ୍ତିତ୍ୱ ଭିତରୁ କେଉଁଟିକୁ ବାଛିବେ ଏହା ସେହି ରାଜାମାନଙ୍କର ବ୍ୟକ୍ତିଗତ ଚରିତ୍ର ଉପରେ ନିର୍ଭର କରୁଥିଲା । ଯେପର୍ଯ୍ୟନ୍ତ ଏକ ବାହ୍ୟ ଶକ୍ତି ସେମାନଙ୍କ ଶାସନ ବ୍ୟବସ୍ଥାକୁ ସହାୟତା କରୁଥିଲା, ସେ ପର୍ଯ୍ୟନ୍ତ ଅବନତିର କୌଣସି ସମ୍ଭାବନା ନ ଥିଲା । ପଡ଼ୋଶୀ ଅଞ୍ଚଳମାନଙ୍କରେ ଗଣତାନ୍ତ୍ରିକ ପ୍ରକ୍ରିୟାର ସୂତ୍ରପାତ ହେଉଥିବାବେଳେ ନିଜ ସ୍ଥିତି ଅନିବାର୍ଯ୍ୟ ବଜାୟ ରଖିବାର ବ୍ରିଟିସ ଅବଧାରଣା ସତ୍ତ୍ୱେ ଜାତୀୟତାବାଦୀ ଶକ୍ତିର ପ୍ରଭାବରେ ଭାରତୀୟ ରାଜ୍ୟମାନେ ଅଧିକ କାଳ ରାଜତନ୍ତ୍ରର ଦୁର୍ଗ ହୋଇ ରହିପାରିଲେ ନାହିଁ । ଦୁର୍ଗର ଭାର ସମ୍ଭାଳୁଥିବା ସ୍ତମ୍ଭଗୁଡ଼ିକ କ୍ରମେ କ୍ରମେ ଭୁଷୁଡ଼ି ପଡୁଥିଲା । ମାତ୍ର ବୃହତ୍ତର ଏବଂ ଅଧିକ ଅଗ୍ରଣୀ ରାଜ୍ୟସମୂହ ବିଜ୍ଞ ଓ ଉଦାର ଶାସକବର୍ଗଙ୍କ ମାର୍ଗଦର୍ଶନ, ପ୍ରେରଣା ତଥା ପ୍ରଧାନମନ୍ତ୍ରୀମାନଙ୍କ ରାଷ୍ଟ୍ରନୀତି ନିପୁଣତା ଓ ପ୍ରଗତିଶୀଳ ଦୃଷ୍ଟିଭଙ୍ଗୀରେ ଅନୁପ୍ରେରିତ ହୋଇ ଆଗେଇ ଚାଲିଲାବେଳେ କ୍ଷୁଦ୍ର ରାଜ୍ୟଗୁଡ଼ିକ ସ୍ୱୈରାଚାରୀଶାସନର କଳାପୋଷାକରେ ଆଚ୍ଛାଦିତ ହୋଇ ରହିଗଲେ । ସେ ଯାହାହେଉ, ଅର୍ଥନୀତି ଓ ରାଜନୀତିର ପ୍ରଭାବ ନିଷ୍ପତ୍ତିମୂଳକ ଭୂମିକା ନିର୍ବାହ କଲା । ସାନସାନ ଶାସକମାନେ ବିଚ୍ଛିନ୍ନତା ହେତୁ ଦୁର୍ବଳ ହୋଇ ପଡ଼ନ୍ତେ ପ୍ରଜାମାନେ ସାମାଜିକ ଓ ରାଜନୀତିକ ଅଧିକାର ସାବ୍ୟସ୍ତ କରିବା ଆରମ୍ଭ କଲେ ।

୩. ବେଳେବେଳେ କର୍ତ୍ତୃପକ୍ଷଙ୍କ ଦମନମୂଳକ କାର୍ଯ୍ୟକଳାପ ଯୋଗୁଁ ଏହି ନିରବ ପ୍ରକ୍ରିୟା ଅଧିକ ତେଜି ଉଠିଲା । ଫଳରେ ସର୍ବୋଚ୍ଚ କ୍ଷମତା (Paramount Power) ର ଢାଞ୍ଚାରେ ଫାଟ ସୃଷ୍ଟିହେଲା । ଯେଉଁ ବାହ୍ୟଶକ୍ତି ଏହି ଶାସକମାନଙ୍କୁ ସ୍ୱଦେଶୀ ରାଜନୀତିଜ୍ଞମାନଙ୍କ ସଂକ୍ରାମକ ସଂସ୍ପର୍ଶରୁ ଦୂରେଇ ରଖିଥିଲେ ଶେଷରେ ବିଲୋପର ଦ୍ୱାରଦେଶରେ ପହଞ୍ଚିଗଲେ । ଯିବାପୂର୍ବରୁ ସେମାନେ ଅନ୍ତିମ ପଦାଘାତ କରିବାକୁ ଚେଷ୍ଟାକଲେ ମାତ୍ର ପରିଶେଷରେ ସେମାନଙ୍କୁ ବିଦାୟ ନେବାକୁ ହେଲା ଏବଂ ସେମାନଙ୍କ ସହ ଅପସରିଗଲା ଶାସକ ଓ ସାଧାରଣ ଜନତାଙ୍କ ମଧ୍ୟରେ ଥିବା ସମସ୍ତ ପ୍ରତିବନ୍ଧକ । ବିଗତ ଦିନର "ଅସ୍ପୃଶ୍ୟ"ମାନଙ୍କ ସହ ରାଜନୀତିକ ସମ୍ବନ୍ଧ ରଖିବା ପାଇଁ ଥିବା କୁଣ୍ଠା ଓ ଅନିଚ୍ଛୁକତା ଏବେ ସେମାନଙ୍କ ସହ ନିକଟ ସମ୍ପର୍କ ରଖିବାର ଆଗ୍ରହରେ ରୂପାନ୍ତରିତ ହୋଇଗଲା । ସର୍ବୋଚ୍ଚ କ୍ଷମତା ଉପରେ ଥିବା ନିର୍ଭରଶୀଳତା ଲୋକଶକ୍ତିର ଗ୍ରହଣୀୟତା ଉପରେ ବଢୁଥିବା ବିଶ୍ୱାସ ପାଖରେ ହାରିଗଲା । ରାଜନେତାମାନଙ୍କର ଅବିଶ୍ୱାସର ସ୍ଥାନ ନେଲା ଜନତାଙ୍କର ପାରସ୍ପରିକ ବିଶ୍ୱାସ ଏବଂ ଭରସା । ରାତାରାତି ଦୃଶ୍ୟପଟ ବଦଳିଗଲା । ଉଭୟପକ୍ଷ ବୁଝିଗଲେ ଯେ ସମ୍ବଳର ଏକତ୍ରୀକରଣ ଓ ସଂସ୍ଥାର ବୃହତ୍ତର ସାହଚର୍ଯ୍ୟରେ ଭାରତର ଏକତା, ଶାନ୍ତି ଏବଂ ନିରାପତ୍ତାର ସମ୍ଭାବନା ଉଜ୍ଜ୍ୱଳ ହେବ । ଏତାଦୃଶ ବିଶାଳ ମାନସିକ ପରିବର୍ତ୍ତନ ଏବଂ ପ୍ରତିବନ୍ଧକ ଗୁଡ଼ିକର ବିଲୋପ ପରିପ୍ରେକ୍ଷୀରେ ମୋତେ ଏକତ୍ରୀକରଣ ଓ ଗଣତନ୍ତ୍ରୀକରଣର ଦ୍ୱୈତ ପ୍ରକ୍ରିୟା ଆରମ୍ଭ କରିବାର ସୁଯୋଗ ମିଳିଲା, ଯାହା ସୁଦୂର ଓଡ଼ିଶାର ଏକ କ୍ଷୁଦ୍ର ଅୟମାରମ୍ଭରୁ ସମଗ୍ର ଉପମହାଦେଶକୁ ବ୍ୟାପିଗଲା । ବହୁଶତାବ୍ଦୀ ପୂର୍ବରୁ କଳିଙ୍ଗ ପାଇଁ ଏହା ଥିଲା ଏକ ଗରିମାମୟ ସୁଯୋଗ ଯାହା ଜଣେ ଦିଗ୍‌ବିଜୟୀ ସମ୍ରାଟଙ୍କ ବିବେକରେ ଏପରି ଉତ୍ତରଣ ସୃଷ୍ଟି କରିପାରିଥିଲା ; ଯିଏ ସମୟାନୁକ୍ରମେ କେବଳ ଜଣେ ବିଚକ୍ଷଣ ଓ ବିଜ୍ଞ ଶାସକ ଭାବେ ନୁହଁନ୍ତି ବରଂ ଜନତାଙ୍କ ପାଇଁ ସୁମହାନ ପଥପ୍ରଦର୍ଶକ, ବନ୍ଧୁ ଓ ଦାର୍ଶନିକ ପାଲଟି ଯାଇଥିଲେ । ଅନେକେ ସ୍ୱପ୍ନ ଦେଖିଥିଲେ ମାତ୍ର କେହି ହେଲେ କଳ୍ପନା କରିପାରି ନ ଥିଲେ ଯେ ଏହି ଭୂମିରୁ ଏକ ବୈପ୍ଳବିକ ପରିବର୍ତ୍ତନର ସୂତ୍ରପାତ ହେବ ଏବଂ ତାହା ଭାରତ ପାଇଁ ସମପରିମାଣରେ ଏକତା, ସାମର୍ଥ୍ୟ ଓ ସୁରକ୍ଷାର ସୂତ୍ରଧର ପାଲଟିଯିବ ଯାହା ସମ୍ରାଟ ଅଶୋକଙ୍କ ପକ୍ଷେ ସମ୍ଭବ ହୋଇଥିଲା ।

୪. ପରବର୍ତ୍ତୀ ପୃଷ୍ଠାମାନଙ୍କରେ ଡ. ହରେକୃଷ୍ଣ ମହତାବ ପାଠକମାନଙ୍କୁ ଏହି କ୍ଷୁଦ୍ର ଆରମ୍ଭର ପୃଷ୍ଠଭୂମି ଏବଂ ଇତିହାସ ଭେଟି ଦେଇଛନ୍ତି । ଜଣେ ସଚ୍ଚାଦେଶଭକ୍ତ ଭାବେ ସେ କେବଳ ଓଡ଼ିଶାକୁ ନୁହେଁ ବରଂ ଭାରତମାତାକୁ ବେଶୀ ଭଲ ପାଆନ୍ତି ଓ ଜଣେ ବାସ୍ତବବାଦୀ ରାଷ୍ଟ୍ରନୀତିଜ୍ଞ ଏବଂ ଆଜନ୍ମନେତା ଭାବେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ତିଆରି କରିଛନ୍ତି , ଯାହା ଓଡ଼ିଶା ଇତିହାସରେ ଚିରଦିନ ଅବିସ୍ମରଣୀୟ ରହିବ । ଏହି ପୃଷ୍ଠାମାନଙ୍କରେ ସେ ବର୍ଣ୍ଣନା କରିଛନ୍ତି କିପରି ଦଶବର୍ଷ ପୂର୍ବରୁ ଓଡ଼ିଶାର ଭବିଷ୍ୟତ ସେ କଳ୍ପନାଚକ୍ଷୁରେ ଦେଖିପାରିଛନ୍ତି ଏବଂ ତାଙ୍କର ସୌଭାଗ୍ୟ ଯେ ତାଙ୍କ ଜୀବଦ୍ଦଶାରେ ତାହାର ସଫଳ

ରୂପାୟନ ବି ପ୍ରତ୍ୟକ୍ଷ କରିଛନ୍ତି । କେବଳ ଭବିଷ୍ୟତକୁ ବାସ୍ତବାୟିତ କରିବା ନୁହେଁ, ବରଂ ଆହୁରି ଉଜ୍ଜ୍ୱଳତର ଭବିଷ୍ୟତର ଭିତ୍ତିପ୍ରସ୍ତର ସ୍ଥାପନ କରିବାରେ ସେ ଏକ ଗରିମାମୟ ସୁଯୋଗ ପାଇଥିଲେ । ତାଙ୍କ ପାଖରୁ ଭାରତ ଇତିହାସ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ଅର୍ଜନ କରିଛି । ଏହି ନାଟକ ପ୍ରଚ୍ଛଦପଟରେ ଥିଲା ତାଙ୍କ ଜୀବନ୍ତ ଆତ୍ମସତ୍ତା, ନୈତିକ ସାହସ ଓ ଅଦମ୍ୟ ଉତ୍ସାହ, ଫଳରେ ସେ ପରିସ୍ଥିତି ଉପରେ ବିଜୟ ହାସଲ କରିଥିଲେ । ତାଙ୍କର ଅବିରାମ ଉଦ୍ୟମ ହିଁ ଶେଷରେ ତାଙ୍କୁ ସଫଳତା ଆଣି ଦେଇଥିଲା । ମୁଁ ଅତ୍ୟନ୍ତ ଆନନ୍ଦିତ ଯେ ହରେକୃଷ୍ଣ ମହତାବଙ୍କ ମହାଭାରତୀୟ ଜାତୀୟତାର ସ୍ୱପ୍ନ ଓ ଆକାଂକ୍ଷାକୁ ସତ୍ୟରେ ପରିଣତ କରିବାରେ ମୁଁ ତାଙ୍କୁ ସହଯୋଗ କରିଥିଲି । ମୁଁ ଅଧିକ ଖୁସି ଯେ ଯାହାକୁ ସମସ୍ତେ ଏକ ପଛୁଆ ରାଜ୍ୟ ଭାବେ ଚିତ୍ରଣ କରନ୍ତି ସେହି ଓଡ଼ିଶା ଅବଶିଷ୍ଟ ଭାରତକୁ ନେତୃତ୍ୱ ଓ ମାର୍ଗ ଦର୍ଶନ କରିଛି ।

ପାଠକମାନେ ଯେତେବେଳେ ସମ୍ପୂର୍ଣ୍ଣ ବ୍ୟାଖ୍ୟାନ ଏବଂ ଏଥିସଂଲଗ୍ନ ଗୁରୁତ୍ୱପୂର୍ଣ୍ଣ ପରିଶିଷ୍ଟ ଗୁଡ଼ିକୁ ପଢ଼ିବେ ସେମାନେ ଜାଣିପାରିବେ ଯେ ଭାରତ ସରକାର ଆଇନ (Govt. of India Act) ୧୯୩୫ ପ୍ରଣୀତ ହେବାପରେ ଏହି ମହାନ ରାଷ୍ଟ୍ରନୀତିଜ୍ଞ କେଉଁ ବିଷମ ପରିସ୍ଥିତି ଓ ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିଲେ । ତାହା ପୂର୍ବରୁ ଅନ୍ତତଃ ପ୍ରଶାସନର ଶୀର୍ଷସ୍ତରରେ ଏକପ୍ରକାର ଏକତା ଥିଲା ଯେଉଁମାନେ ରାଜତନ୍ତ୍ର ପ୍ରତି ସମର୍ପିତ ଥିଲେ । ସେମାନେ ଗଣତନ୍ତ୍ରର ଏହି ଦ୍ରୁତ ଦୌଡ଼କୁ ପ୍ରତିହତ କରିବାକୁ ଏବଂ ତାକୁ ଖଣ୍ଡଖଣ୍ଡ କରି ଦେବାକୁ ପ୍ରୟାସ କରିଥିଲେ । କୁକର୍ମର ଦଣ୍ଡ ବିଧାନ ସେମାନଙ୍କୁ କାବୁ କରିନେଲା ଏବଂ ସେମାନେ ଗଣତାନ୍ତ୍ରିକ ଶକ୍ତିର ପ୍ରବଳ ଜୁଆରରେ ଥଳକୂଳ ପାଇଲେ ନାହିଁ । ଏହି କାହାଣୀରେ ଏତାଦୃଶ ପରିବର୍ତ୍ତନ ପ୍ରମୂର୍ତ୍ତ ହୋଇଛି । ପୁସ୍ତକଟିରେ ସେ ମୁକ୍ତ ଚିନ୍ତାଧାରାକୁ ଅସ୍ୱଷ୍ଟ କରୁଥିବା ଶବ୍ଦାଳଙ୍କାର ଏବଂ ବିଘ୍ନରଶକ୍ତିକୁ ଆଚ୍ଛାଦିତ କରୁଥିବା ପକ୍ଷପାତିତାର ବୁଢ଼ୀଆଣିଜାଲକୁ ପରିହାର କରି ତାହା ଅତ୍ୟନ୍ତ ପ୍ରାଂଜଳ ଓ ସରସ ଭାବରେ ବର୍ଣ୍ଣନା କରିଛନ୍ତି ।

ପାଠକମାନଙ୍କର ଜ୍ଞାନବୃଦ୍ଧି ପାଇଁ ମହତାବ ଯେଉଁ ଦସ୍ତାବିଜମାନ ସଂଗ୍ରହ କରିଛନ୍ତି ସେଗୁଡ଼ିକ ସ୍ୱୟଂସିଦ୍ଧ । ବର୍ତ୍ତମାନ ଐତିହାସିକମାନଙ୍କର କର୍ତ୍ତବ୍ୟ ହେଉଛି ସେହି ସମୟର ପଦକ୍ଷେପର ଯଥାର୍ଥତା ବା ତ୍ରୁଟିର ସମୀକ୍ଷା କରିବେ । ଯେଉଁ ବିଶିଷ୍ଟ ବ୍ୟକ୍ତିମାନେ ସେମାନଙ୍କର ଭୂମିକା ନିଭାଇଛନ୍ତି ତାଙ୍କ ଉପରେ ଦୋଷ କିମ୍ବା ପ୍ରଶଂସା ଓଜାଡ଼ିବେ ଏବଂ ପରିଶେଷରେ ଇତିହାସକୁ ଏକ ଆକର୍ଷକ ଦର୍ଶନରେ ପରିଣତ କରି ପରମ ଶିକ୍ଷାପ୍ରଦ ଅନୁଭୂତିରେ ଉପନୀତ ହେବେ ।

ନୂଆଦିଲ୍ଲୀ
୧୧ ନଭେମ୍ବର, ୧୯୪୯

ବଲ୍ଲଭ ଭାଇ ପଟେଲ

ଅନ୍ତର ଅୟମାରମ୍ଭ

ସେମାନେ କହୁଥିଲେ, ସେମାନେ ହେଉଛନ୍ତି ସାର୍ବଭୌମ। ପ୍ରକୃତରେ କ'ଣ ସେମାନେ ସାର୍ବଭୌମ ଥିଲେ? ମୟୂରଭଞ୍ଜର ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓ ଡୁଙ୍ଗରପୁର ମହାରାଜାଙ୍କୁ ୧୯୪୬ ମଇ ୯ ତାରିଖରେ ଲିଖିତ ପତ୍ରରେ ଏହି ପ୍ରଶ୍ନର ଉତ୍ତର ନିମ୍ନମତେ ଦେଇଛନ୍ତି।

"ଆସନ୍ତୁ, ଆମର ସାମ୍ପ୍ରତିକ ଅବସ୍ଥା ବିଷୟରେ ଆଲୋଚନା କରିବା। ଏହା ଆଦୌ ଈର୍ଷ୍ୟଣୀୟ ନୁହେଁ। ଆମ କର୍ତ୍ତୃତ୍ୱ ଉପରେ ବ୍ରିଟିସ୍ ଶାସନ ଆଙ୍କିଥିବା ସୀମାରେଖା ଓ କଟକଣା ଦୃଷ୍ଟିରୁ ଆମର କିଛି ଭଲ (ଏପରିକି ମନ୍ଦ ବି) କରିବାର ସାମର୍ଥ୍ୟ ଅତିମାତ୍ରାରେ ସଙ୍କୁଚିତ। ଏହାଛଡ଼ା ଆମର ଦୈନନ୍ଦିନ ପ୍ରଶାସନିକ ପ୍ରକ୍ରିୟା ଏବଂ ବ୍ୟକ୍ତିଗତ କାର୍ଯ୍ୟକଳାପ ମଧ୍ୟ ବ୍ରିଟିସ ଶାସକ (ରେସିଡ଼େଣ୍ଟ)ଙ୍କର ଅବିରତ ହସ୍ତକ୍ଷେପ ଏବଂ ତୀକ୍ଷ୍ଣ ନଜରରୁ ବାଦ୍ ପଡୁନାହିଁ। ଆମ୍ଭମାନଙ୍କର କର୍ତ୍ତୃତ୍ୱ ଏକ ପ୍ରହସନ, ପ୍ରକୃତ ଶାସକ ହେଉଛନ୍ତି ଏଠାକାର ଶାସନ ବ୍ୟବସ୍ଥାର ମୁଖ୍ୟ, ରେସିଡେଣ୍ଟ ଏବଂ ରାଜନୀତିକ ବ୍ୟାପାର ବୁଝୁଥିବା ତାଙ୍କର ଅଫିସରବୃନ୍ଦ। ଆମ୍ଭେମାନେ ସେମାନଙ୍କ ହାତର କ୍ରୀଡ଼ନକ ଓ ହାତ ବାରିସି ମାତ୍ର। ତାଙ୍କର ହସ୍ତକ୍ଷେପ ବିରୁଦ୍ଧରେ ଆମର ସମସ୍ତ ଆପତ୍ତି ଓ ଅଭିଯୋଗ ସେମାନେ ସବୁବେଳେ ଉପେକ୍ଷା କରି ଆସିଛନ୍ତି। ଭାରତରେ ବ୍ରିଟିସ୍ ସରକାରଙ୍କର ଇଚ୍ଛା ଆମ୍ଭମାନଙ୍କୁ ପରାମର୍ଶ ବା ଖୋଲାଖୋଲି ଚାପ ପ୍ରୟୋଗର ଛଦ୍ମ ଆବରଣ ଭିତରେ ଥାଇ ବାଧାଶୂନ୍ୟ ଭାବେ କାର୍ଯ୍ୟକାରୀ ହେଉଛି। ଆମ୍ଭେମାନେ ତାହା ପ୍ରତିହତ କରିବାକୁ ଅସମର୍ଥ, କାରଣ ଆମେ ବହୁପୂର୍ବରୁ ପ୍ରତିବାଦ କରିବାର ସମସ୍ତ କ୍ଷମତା ହରାଇ ବସିଛୁ। ଭାରତ ମାନଚିତ୍ରର ହଳଦିଆ ଅଂଶଗୁଡ଼ିକ ବାସ୍ତବରେ ଏକ ପରିହାସ। ଶତାଧିକ ଆଇନ୍ ସେବା ସଂସ୍ଥା (Chamber organisations) ଆମର ମାମଲାଗୁଡ଼ିକୁ ଲଢ଼ିବା ପାଇଁ ଥାଇ ପାରନ୍ତି। ମାତ୍ର ଅଦାଲତରେ ସରକାରୀ ଓକିଲ ଏବଂ ବିଚାରପତି ଗୋଟିଏ ପକ୍ଷଭୁକ୍ତ ଥିବାବେଳେ, ସେଥିରେ କ'ଣ ମୂଲ୍ୟ ଅଛି? ବର୍ତ୍ତମାନ ଚିତ୍ରଟିର ଅପରପାର୍ଶ୍ୱଟିକୁ ନିରୀକ୍ଷଣ କରାଯାଉ। ଦେଶବାସୀଙ୍କ ଚକ୍ଷୁରେ ଆମ୍ଭେମାନେ ସାଂପ୍ରତିକ ସମୟ ଖଣ୍ଡର ବହୁ ପଛରେ ଏକ ସାମନ୍ତବାଦୀ ପରମ୍ପରାର ନଷ୍ଟ ଅବଶେଷ ଛଡ଼ା କିଛି ଅଧିକ ନୁହେଁ। ସେମାନଙ୍କର ଆମ ପ୍ରତି କୌଣସି ସହାନୁଭୂତି ନାହିଁ। ସେମାନେ ମନେ କରନ୍ତି ଯେ ଆମେମାନେ ସବୁଠାରୁ ନିକୃଷ୍ଟ, ପ୍ରତିକ୍ରିୟାଶୀଳ ଗୋଷ୍ଠୀ ଏବଂ ଆମେ ନ ଥିଲେ ଭାରତରେ ବ୍ରିଟିସ୍ ଶାସନ କେବେଠାରୁ ଭୁଷୁଡି ପଡ଼ିଥାଆନ୍ତା। ଏହାକୁ କଦାପି ଅସ୍ୱୀକାର କରିହେବ ନାହିଁ। ଏକ ସନ୍ଦିଗ୍ଧ ଅହଂକାରର ବଶବର୍ତ୍ତୀ ହୋଇ ଆମେ ଭାବି ଆସିଛୁ ଯେ ଏକ ସର୍ବୋଚ୍ଚ କ୍ଷମତାର

ବିପଦ ସମୟରେ ତାଙ୍କ ସହ ଠିଆ ହୋଇଛୁ । ଏହା ବ୍ରିଟିସ ଭାରତୀୟଙ୍କର ଭାବନା ହୋଇଥିବାରୁ ଆମେ ଆଦୌ ବିସ୍ମିତ ବା ଆହତ ମନେ କରିବା ଉଚିତ ନୁହେଁ । ରାଜଦ୍ରୋହର କୌଣସି ସୀମାନ୍ତ ନ ଥାଏ ।"

ପୁନଶ୍ଚ ସେ ଭୋପାଳର ନବାବଙ୍କୁ ୧୯ ସେପ୍ଟେମ୍ବର , ୧୯୪୬ ମସିହାରେ ପ୍ରଦତ୍ତ ପତ୍ରରେ ଉଲ୍ଲେଖ କରିଛନ୍ତି :-

"ଆମକୁ ନିଷ୍କପଟ ଭାବେ ସ୍ୱୀକାର କରିବାକୁ ହେବ ଯେ ବ୍ରିଟିସ ଶାସନରେ ଦେଶୀୟ ରାଜାମାନେ ସେହି ସର୍ବୋଚ୍ଚ କ୍ଷମତା (Paramount Power) ଉପରେ ଅଧିକରୁ ଅଧିକ ନିର୍ଭରଶୀଳ ହୋଇ ପଡ଼ିଛନ୍ତି ଏବଂ ତାଙ୍କ ନିଜ ଲୋକଙ୍କ ଉପରେ କମ୍ ନିର୍ଭର କରୁଛନ୍ତି । ପ୍ରକୃତ ପକ୍ଷରେ ଭାରତୀୟ ରାଜ୍ୟର ଶାସକମାନଙ୍କ ପ୍ରତି ବ୍ରିଟିସ୍ ନୀତିର ପରିଣାମ ଉଦ୍ଦେଶ୍ୟମୂଳକ ଭାବେ ଅଭିପ୍ରେତ ଥାଉ କି ନ ଥାଉ ତାହା ହେଉଛି ଦେଶୀୟ ଶାସକମାନଙ୍କର ପ୍ରଜାମାନଙ୍କ ଉପରେ ଥିବା କର୍ତ୍ତୃତ୍ୱକୁ ହ୍ରାସ କରିବା । ଯାହାଫଳରେ ଆମ ଲୋକେ ଆମଠାରୁ କ୍ରମେ କ୍ରମେ ଦୂରେଇଗଲେ । ପୁଣି ବ୍ରିଟିସ୍ ଭାରତ ଯେତେବେଳେ ଆମ ପ୍ରଜାମାନଙ୍କ ଆଭିମୁଖ୍ୟ ପ୍ରତି ବନ୍ଧୁଭାବାପନ୍ନ ବୋଲି ନିଜକୁ ପ୍ରଦର୍ଶିତ କଲେ ଆମକୁ ସେମାନେ ଗୋଟେ ପୁରୁଣା ପ୍ରଥାର ଅନିଷ୍ଟକାରୀ ଅବଶେଷ ଭାବେ ଚିତ୍ରିତ କଲେ ଯାହାକୁ ବ୍ରିଟିସ୍ ଶାସକମାନେ ନିଜ ସ୍ୱାର୍ଥସାଧନ ପାଇଁ କୌଣସି ପ୍ରକାରେ ସାହାରା ଦେଇ ରଖିଛନ୍ତି । ଆମ ଅସ୍ତିତ୍ୱର ମୁଖ୍ୟ ଆଶ୍ରାକୁ ଆମଠାରୁ ଅପସାରଣ କରାଯାଇସାରିଛି । ମୋ ମତରେ ଏହା ଏକ ମିଥ୍ୟା ଆଶ୍ୱାସନା ଯେ ଆମେ ଏହି ବିଲମ୍ବିତ ସ୍ଥିତିରେ ସମାନ ରୂପରେ ଏକ ବିକଳ୍ପ ଶକ୍ତି ପାଇପାରିବା, ଆମ ଲୋକଙ୍କ ଠାରୁ ନୂଆକରି ସହଯୋଗ ପାଇ ପାରିବା କିମ୍ବା ବ୍ରିଟିସ୍ ଭାରତୀୟଙ୍କ ଠାରୁ ନିର୍ଭରଯୋଗ୍ୟ ବନ୍ଧୁତା ପାଇପାରିବା । ବର୍ତ୍ତମାନ ପାଇଁ ଆମେ ଏକ ଆବଶ୍ୟକୀୟ ଅନିଷ୍ଟ ଭାବେ ନିଶ୍ଚିହ୍ନ ହୋଇଯିବା ପର୍ଯ୍ୟନ୍ତ ହୁଏତ ଆମର ଅସ୍ତିତ୍ୱ ବଜାୟ ରଖିପାରିବା । ସମୟକ୍ରମେ ବ୍ରିଟିସ୍ ଭାରତୀୟ ଏବଂ ଦେଶୀୟ ରାଜ୍ୟର ପ୍ରଜାମାନେ ଯେତେବେଳେ ସମାନ ରାଜନୀତିକ ଲକ୍ଷ୍ୟ ପୂରଣ ପାଇଁ ଆକାଂକ୍ଷିତ ହେବେ, ସେତେବେଳେ ଆମେ ଏକ ପ୍ରତିବନ୍ଧକ ଭଳି ପ୍ରତୀୟମାନ ହେବା ।"

ଏହା ଥିଲା ଭାରତର ଦେଶୀୟ ରାଜାମାନଙ୍କର ବାସ୍ତବ ସାମାଜିକ ସ୍ଥିତି ଯେତେବେଳେ ସେମାନଙ୍କୁ ସାର୍ବଭୌମ ଓ ସ୍ୱାଧୀନ ବୋଲି Independence of India Act, ୧୯୪୭ ଅନୁଯାୟୀ ଘୋଷଣା କରାଗଲା । ବ୍ରିଟିସ୍ ପାର୍ଲାମେଣ୍ଟରେ ପାରିତ ଏହି ଆଇନ ଭାରତ ଏବଂ ପାକିସ୍ତାନର ସ୍ୱାଧୀନତା ସ୍ୱୀକାର କଲା ମାତ୍ର , ଦେଶୀୟ ରାଜ୍ୟ ଉପରୁ ବ୍ରିଟିସ୍ ରାଜତନ୍ତ୍ରର ପ୍ରଭୁତ୍ୱ ପ୍ରତ୍ୟାହାର କଲା ମାତ୍ର ଏଗୁଡ଼ିକୁ ସ୍ୱାଧୀନ ଭାରତ କିମ୍ବା ପାକିସ୍ତାନରେ ମିଶାଇବାର କୌଣସି ବ୍ୟବସ୍ଥା ରଖିଲା ନାହିଁ । ତେଣୁ

୧୯୪୭ ମସିହାରେ ଯେତେବେଳେ ଭାରତ ସ୍ୱାଧୀନତା ଲାଭ କଲା ଓ ଶହଶହ ସଂଖ୍ୟାରେ ଛୋଟବଡ଼ ରାଜ୍ୟଗୁଡ଼ିକ ଭାରତ କିମ୍ବା ପାକିସ୍ତାନ ସହ ମୁକ୍ତ ମନରେ ମିଶିବାକୁ ସ୍ୱାଧୀନତା ଲାଭ କଲେ ଅଥବା ନିଜ ନିଜର ସ୍ୱତନ୍ତ୍ର ଗୋଷ୍ଠୀ ଗଠନ କରି ଭାରତ ବା ପାକିସ୍ତାନ ଅଞ୍ଚଳ ଭିତରେ ସ୍ୱତନ୍ତ୍ର ଏକକ ହୋଇ ରହିବାର ଅଧିକାର ପାଇଲେ । ସେମାନଙ୍କର ଇଚ୍ଛାନୁଯାୟୀ ଅନ୍ୟ କୌଣସି ଦେଶ ସହ ମିଶିବା ପାଇଁ ଚୁକ୍ତିବଦ୍ଧ ହେବାର ସୁଯୋଗ ସେମାନଙ୍କର ରହିଲା । ବ୍ରିଟିସ୍ ସର୍ବୋଚ୍ଚ କ୍ଷମତାର ଏହା ଥିଲା ଏକ ଆଇନଗତ କୌଶଳ ଯାହାଫଳରେ ସେମାନେ ବିଦେଶରେ ସେମାନଙ୍କର କର୍ତ୍ତୃତ୍ୱ ଜାହିର କରିପାରିବେ ଅଥଚ ଏକଛତ୍ରବାଦୀ ଭଳି ପ୍ରତୀୟମାନ ହେବେ ନାହିଁ ।

ପ୍ରଫେସର ଲିଓନ୍‌ଡୁଗୁଟ୍ ତାଙ୍କ "Law in the Modern State" ପୁସ୍ତକରେ ଲେଖିଛନ୍ତି :-

ଅନେକ ଆଇନସମତଃ ଅନୁଷ୍ଠାନମାନ ଯାହାର ଭିତ୍ତି ଉପରେ ଇଉରୋପୀୟ ସଭ୍ୟତା ସାର୍ବଭୌମତ୍ୱର ବିକାଶ କରିଛି ତାହାର ଉଦ୍ଭବ ହୋଇଛି ରୋମୀୟ ଆଇନ୍‌ରୁ । ସାମନ୍ତବାଦୀ ଶାସନକାଳରେ ଏହା ସମ୍ପୂର୍ଣ୍ଣରୂପେ ଅନ୍ଧକାରାଚ୍ଛନ୍ନ ହୋଇ ପଡ଼ିଥିଲା । ଏହାର ଆବିର୍ଭାବ ହେଉଛି ଏକ ଆଧୁନିକ ଅଧ୍ୟାୟ । ଏହା ହେଉଛି ସେହି ଆଇନ୍ ବିଶାରଦମାନଙ୍କର ଚିନ୍ତନର ଫଳ ଯେଉଁମାନେ ରାଜକୀୟ କ୍ଷମତା ସହ ରୋମୀୟ ଅହଂକାରୀ ଏବଂ ସାମନ୍ତବାଦୀ ପ୍ରଭୁତ୍ୱକୁ ମିଶେଇ ସାର୍ବଭୌମ କ୍ଷମତାର ରୂପରେଖ ପ୍ରସ୍ତୁତ କଲେ ।

ମାତ୍ର ଭାରତରେ ବ୍ରିଟିସ ସାମ୍ରାଜ୍ୟ ସାର୍ବଭୌମତ୍ୱ ଉପରେ ସର୍ବୋଚ୍ଚ କ୍ଷମତା (Paramount Power) ର ପ୍ରାଧାନ୍ୟ ପ୍ରତିଷ୍ଠା କରିବାରେ ଇଉରୋପର ରୋମୀୟ ସାମ୍ରାଜ୍ୟକୁ ଅତିକ୍ରମ କରିଗଲା । ଏହା ଆଜିର ପରିପ୍ରେକ୍ଷୀରେ ହାସ୍ୟାସ୍ପଦ ମନେ ହୋଇପାରେ କାରଣ ଉପର୍ଯ୍ୟୁକ୍ତ ସାମ୍ରାଜ୍ୟମାନ ନିଶ୍ଚହ୍ନ ହୋଇ ଯାଇଛନ୍ତି । ଭାରତସରକାର ଆଇନ୍ ୧୯୩୫ର ଧାରା ୩୧୧ରେ ଏହାର ସତ୍ୟନିଷ୍ଠ ବର୍ଣ୍ଣନା ରହିଛି ।

"ଭାରତୀୟ ରାଜ୍ୟ ଅର୍ଥ ଯେକୌଣସି ଭୂଖଣ୍ଡ ଯାହାକୁ ରାଜ୍ୟ, ଜମିଦାରୀ, ଜାଗିର ବା ସେମିତି କିଛି କୁହାଯାଇପାରେ ଯାହା ଜଣେ ଶାସକଙ୍କ ନିଜସ୍ୱ ଶାସନରେ ଥାଇ ବ୍ରିଟିସ୍ ଭାରତର ଅଂଶ ନ ହୋଇବି ମହାମହିମ ସମ୍ରାଟଙ୍କ ସାର୍ବଭୌମତ୍ୱକୁ ସ୍ୱୀକାର କରୁଥିବ ।" ଦୋହରା ସାର୍ବଭୌମତ୍ୱର ମିଥ୍ୟା ଅବଧାରଣା, ଯଥା ଗୋଟିଏ ରାଜ୍ୟ ଆଉ ଗୋଟିଏ ତତ୍ତୁଲ୍ୟ ସାର୍ବଭୌମ ରାଜ୍ୟ ଅଧୀନରେ ରହିବାର ବ୍ୟବସ୍ଥା ସୃଷ୍ଟିର ଉଦ୍ଦେଶ୍ୟ ହେଲା ଗଣତନ୍ତ୍ରରେ ଆଇନ୍‌ର ଶାସନ ଉପରେ ଆସ୍ଥା ଘୋଷଣା ଏବଂ ତା' ସହିତ ସୁଦୂର ବିଦେଶ ଭୂମିରେ ଥିବା ବିଶାଳ ସାମ୍ରାଜ୍ୟର ରକ୍ଷଣାବେକ୍ଷଣ ପାଇଁ ଏକାଧିକ ଭାରତୀୟ ରାଜାରାଜୁଡ଼ାଙ୍କ ରାଜକୀୟ ସେବା ପ୍ରଦାନକୁ ସୁନିଶ୍ଚିତ କରିବାର ବୁଝାମଣାପତ୍ର ।"

ଏଡ୍‌ୱାର୍ଡ ଥମସନ୍‌ଙ୍କର The Making of the Indian Princess ପୁସ୍ତକରେ ଦେଶୀୟ ରାଜାମାନଙ୍କର ସୃଷ୍ଟିର ଇତିହାସ ନିମ୍ନମତେ ନିର୍ଭୁଲ ଭାବେ ବର୍ଣ୍ଣିତ ହୋଇଛି ।

"୧୭୯୯-୧୮୧୯ ମସିହା ଏଇ ଦୁଇ ଦଶନ୍ଧି ଅର୍ଥାତ୍ ଟିପୁସୁଲତାନ୍‌ଙ୍କ ନିଧନ ଏବଂ ପେଶ୍ୱାମାନଙ୍କର ବିଲୁପ୍ତି ମଧ୍ୟରେ ଭାରତର ରାଜନୀତିକ ରୂପରେଖ ଅଙ୍କନ କରାଯାଇଛି । ଏହି ପର୍ଯ୍ୟାୟ ମହୀଶୂରରେ ମୁସଲମାନ ରାଜତ୍ୱର ବିଲୋପରୁ ଆରମ୍ଭ ଏବଂ ସନ୍ଧିସୂତ୍ରରେ ଆବଦ୍ଧ ମରହଟ୍ଟା ରାଜ୍ୟସମୂହର ବିଭାଜନ ସହ କତିପୟ ପୃଥକ ଗୋଷ୍ଠୀ ନେତୃତ୍ୱ ଗଠନରେ ଶେଷ ହୋଇଛି । ଏହି ଦୁଇଟି ବିଜୟ ପରେ ଭାରତ ବ୍ରିଟିସ ନିୟନ୍ତ୍ରଣକୁ ଆସିଗଲା ।

"ଟିପୁଙ୍କ ନିଧନ ପରେ ମରହଟ୍ଟାମାନେ ରହିଲେ । ସେମାନଙ୍କୁ ବୃତ୍ତାନ୍ତଭାବେ ବିପର୍ଯ୍ୟସ୍ତ କରିଦିଆଯାଇ ଭାରତ ମାନଚିତ୍ରର ନୂତନ ରେଖାଙ୍କନ ପ୍ରସ୍ତୁତ କରାଗଲା । ସମୟର ମନ୍ଥର ପ୍ରକ୍ରିୟା ଏବଂ ରାଜନୀତିକ ଚିନ୍ତାଧାରାର ନୂତନ ପଦ୍ଧତିରେ ଗୋଲଟେବୁଲ ବୈଠକ, ଶ୍ୱେତପତ୍ର ପ୍ରକାଶ ଏବଂ ବିଭିନ୍ନ ଘଟଣାନୁକ୍ରମ ଯଥା ସାମ୍ବିଧାନିକ ଆଇନ ବ୍ୟବସ୍ଥା ଏବଂ ରାଜନୀତିକ ପ୍ରସ୍ତାବ ମାଧ୍ୟମରେ ଏହାକୁ ଅଚଳ ବା ସମୟ ଅନୁପଯୋଗୀ ବିଚାର କରାଯିବା ନ ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ବଳବତ୍ତର ରହିଲା । ଏହି କୋଡ଼ିଏ ବର୍ଷର ଅବଧି ଭିତରେ ପ୍ରଥମେ ମରହଟ୍ଟା ସାମ୍ରାଜ୍ୟର ବିଖଣ୍ଡିକରଣ ଏବଂ ହେଷ୍ଟିଙ୍ଗ୍‌ସଙ୍କ ଟାଳଟୁଳ ନୀତି ଅନୁସରଣରେ ଯେଉଁ ରାଜ୍ୟଗୁଡ଼ିକ ତିଷ୍ଠି ରହିଲେ, ସେହିଗୁଡ଼ିକ ହିଁ ଦେଶୀୟ ରାଜ୍ୟ ଭାବେ ଗଣା ହେଲେ । ପୁରାଣ ବର୍ଣ୍ଣିତ ଦେବାସୁରଙ୍କ ଦ୍ୱାରା ସମୁଦ୍ର ମନ୍ଥନରୁ ଅପସରା ଉର୍ବଶୀ ଆବିର୍ଭୂତା ହେବା ଭଳି ୧୮୦୬ ମସିହାରେ ଏହି ଭାରତୀୟ 'ରାଜପରିବାର' ଦୃଷ୍ଟିଗୋଚର ହେଲେ ଏବଂ ଭାରତୀୟ ରାଜନୀତିରେ ୧୮୧୯ ମସିହାରେ ଉପଯୁକ୍ତ ସ୍ଥାନ ଗ୍ରହଣ କଲେ ।

୧୯୨୮-୧୯୨୯ ମସିହାରେ ସାର୍ ହାରକୋର୍ଟ ବଟ୍‌ଲରଙ୍କ ଅଧ୍ୟକ୍ଷତାରେ ଭାରତୀୟ ରାଜ୍ୟକମିଟିର ରିପୋର୍ଟରେ ଉଲ୍ଲେଖ ମୁତାବକ - ରାଜ୍ୟମାନଙ୍କ ଅସ୍ତିତ୍ୱ ଏବଂ ସେମାନଙ୍କ ଆଇନଗତ, ସାମ୍ବିଧାନିକ ସୁରକ୍ଷା ପ୍ରଦାନକୁ ନ୍ୟାୟୋଚିତ ମନେ କରିଥିଲେ । ଆଜି ସେହି ରିପୋର୍ଟ ପଢ଼ିଲେ ଜାଣିହେବ, ଏହା କେତେ ଆଶ୍ଚର୍ଯ୍ୟକର ଥିଲା ଏବଂ କିପରି ଚତୁରତା ପ୍ରୟୋଗ କରାଯାଇ ସବୁଠାରୁ ବେଶୀ ଅଯୌକ୍ତିକ ନୀତି ଓ କାର୍ଯ୍ୟକଳାପକୁ ଯୁକ୍ତିସମ୍ମତ କରାଯାଇଥିଲା । ଗୋଟିଏ ସ୍ଥାନରେ ସେହି ରିପୋର୍ଟରେ ଉଲ୍ଲେଖ ଅଛି - ରାଜ୍ୟଗୁଡ଼ିକ ନିଜେ ହିଁ ନିଜର ତୁଳନା । ସେମାନଙ୍କ ସାମ୍ପ୍ରତିକ ସ୍ଥିତିର ତୁଳନା ଇତିହାସରେ ନାହିଁ । ସେମାନେ କିଛି ପ୍ରଥା ବା ପରମ୍ପରା ଦ୍ୱାରା ପରିଚାଳିତ ହୁଅନ୍ତି ଯାହା ପୃଥିବୀର ଅନ୍ୟ କାହାଭଳି ନୁହେଁ । ଏହି ପ୍ରଥାଗୁଡ଼ିକ ଆସ୍ତେ ଆସ୍ତେ ଦୋହରା ସାର୍ବଭୌମତ୍ୱ ଭଳି ସମସ୍ୟାର ବିଲୋପ ଦିଗରେ ସ୍ଥାପିତ ହୋଇ ପାରିଥାଆନ୍ତା । ମାତ୍ର ଅପରପକ୍ଷରେ ଗୋଟିଏ

ସୁନିର୍ଦ୍ଦିଷ୍ଟ ନୀତି ଭାବେ ପରମ୍ପରା ସମୂହକୁ ଛୋଟ ଛୋଟ ଜମିଦାରମାନଙ୍କୁ 'ରାଜା'ରେ ପରିଣତ କରିବାକୁ ଏବଂ ଶେଷରେ ସାର୍ବଭୌମମତ୍ୱ ଦାବି କରିବାକୁ ବିକଶିତ କରାଯାଇଥିଲା । ଏପରିକି ମୁକ୍ତମନା ଇଂରେଜମାନେ ଆଜି ବି ସେହି ରିପୋର୍ଟର ଏହି ଅଂଶଟି ପଢ଼ି ହସିବାକୁ ଲାଗିବେ ।

ବ୍ରିଟିସ୍ ଭାରତରେ ଯଦି କୌଣସି ସରକାର ଅଧିରାଜ୍ୟ ସରକାର ଭାବେ (Dominion Govt.) ଗଠିତ ହୁଏ ତେବେ ଏପରି ସରକାର ହେବ ସମ୍ପୂର୍ଣ୍ଣଭାବେ ଏକ ନୂଆ ବ୍ୟବସ୍ଥା ଯାହା ନୂତନ ଏବଂ ଲିଖିତ ସମ୍ବିଧାନ ଉପରେ ପ୍ରତିଷ୍ଠିତ ହୋଇଥିବ । ଏଭଳି ଅପ୍ରତ୍ୟାଶିତ ପରିସ୍ଥିତି ଆସିନାହିଁ । ଆମେ ମଧ୍ୟ ପ୍ରତ୍ୟକ୍ଷ ଭାବରେ ଏହା ସହ ସଂପୃକ୍ତ ନୁହଁନ୍ତି । ଏହିଭଳି ରାଜ୍ୟସହ ସରକାରଙ୍କ ସମ୍ବନ୍ଧ ଆଇନ ଏବଂ ନୀତିର ପ୍ରଶ୍ନ ଉଠେଇବ ଯାହା ଆମେ ଏଠି ବର୍ତ୍ତମାନ ପୁଙ୍ଖାନୁପୁଙ୍ଖ ପୂର୍ବାନୁମାନ କରିପାରିବା । ଏ ପ୍ରସଙ୍ଗରେ ରାଜାମାନଙ୍କର ଗମ୍ଭୀର ଆଶଙ୍କା ପ୍ରତି ଦୃଷ୍ଟି ଆକର୍ଷଣ କରି ଆମେ ଭାବିବାକୁ ବାଧ ହେଉଛୁ ଏବଂ ଦୃଢମତ ରଖୁଛୁ ଯେ ସର୍ବୋଚ୍ଚକ୍ଷମତା ଏବଂ ରାଜାମାନଙ୍କ ମଧ୍ୟରେ ଥିବା ସମ୍ପର୍କର ଐତିହାସିକ ଚରିତ୍ର ଦୃଷ୍ଟିରୁ ବ୍ରିଟିସ ଭାରତର ନୂଆ ସରକାରଙ୍କ ସହିତ ନିଜସ୍ୱ ଚୁକ୍ତି ବିନା ତାଙ୍କୁ ଏହା ହସ୍ତାନ୍ତର କରାଯିବା ଉଚିତ ନଥିଲା ଯେହେତୁ ବ୍ରିଟିସ ଭାରତର ନୂଆ ସରକାର ଭାରତୀୟ ବ୍ୟବସ୍ଥାପିକା ସଭା ପାଖରେ ଉତ୍ତରଦାୟୀ ଅଟେ ।

ଯଦି ଭାରତ ବ୍ରିଟିସ ଶାସନାଧୀନ ଏକ ଅଧିରାଜ୍ୟ (Dominion) ରୂପେ ରହିବାକୁ ରାଜି ହୋଇଥାଆନ୍ତା ତେବେ ରାଜାମାନଙ୍କୁ ନେଇ ଏକତ୍ରିତ ଭାରତ ଗଠନ କରିବାକୁ ଚୁକ୍ତିବଦ୍ଧ ହେବାର ଦୁଃସ୍ୱପ୍ନ ଭାରତ ସରକାରଙ୍କୁ ସର୍ବଦା ଆକ୍ରାନ୍ତ କରିଥାଆନ୍ତା ଯାହାର ସୁଫଳ ମିଳି ନଥାନ୍ତା ଏବଂ ଭାରତ ଗୋଟିଏ ଦେଶ ନ ହୋଇ ଅନେକ ଖଣ୍ଡରେ ବିଭକ୍ତ ହୋଇଥାଆନ୍ତା । ଭାରତରେ ମିଶିବା ପୂର୍ବରୁ ରାଜ୍ୟମାନଙ୍କର ସମସ୍ୟାକୁ ଭାରତୀୟ ନେତାମାନଙ୍କ ଉପରେ ଲଦି ଦିଆଗଲା , ଯାହା ସ୍ୱାଧୀନତା ପାଇଁ ଦାବି ପୂରଣର ଏକ ସର୍ତ୍ତଭାବେ ଗ୍ରହଣ କରାଯାଇଥିଲା । ହିନ୍ଦୁ ମୁସଲମାନ ପ୍ରସଙ୍ଗ ପରେ ଦେଶୀୟ ରାଜ୍ୟ ଏକ ବଡ଼ ସମସ୍ୟା ଭାବେ ଉଭା ହେଲା । ଦୁର୍ଭାଗ୍ୟକୁ ଦେଶ ହିନ୍ଦୁ ଓ ମୁସଲମାନଙ୍କ ଅସମାହିତ ସମସ୍ୟା ସହ ସ୍ୱାଧୀନତା ପାଇଲା ଯାହାର ପରିଣାମ ହେଲା ଭାରତରେ ଅନ୍ୟ ଏକ ରାଜ୍ୟର ଜନ୍ମ । ଯେଉଁମାନେ ଭାରତର ସ୍ୱାଧୀନତାକୁ ବିରୋଧ କରୁଥିଲେ ସେମାନେ ଆଗ୍ରହର ସହ ଆଶା କରୁଥିଲେ ଯେ ରାଜାରାଜୁଡ଼ା ଶାସନାଧୀନ ରାଜ୍ୟଗୁଡ଼ିକ ମଧ୍ୟ ସାମ୍ପ୍ରଦାୟୀକ ମୁସଲମାନମାନଙ୍କ ଭଳି ସମସ୍ୟା ସୃଷ୍ଟି କରିବେ । ସୌଭାଗ୍ୟକୁ ସେପରି କିଛି ହେଲାନାହିଁ ।

୨

ଦେଶକୁ ସ୍ୱାଧୀନ କରିବା ପାଇଁ ଯେଉଁ ଭାରତୀୟ ଜାତୀୟତାବାଦୀ ଶକ୍ତି ଁ ପ୍ରତିବଦ୍ଧ ଥିଲା, ତାହାକୁ ଏକ ଶକ୍ତ ଧକ୍କା ଦେବାପାଇଁ ଇଂରେଜ ସରକାର ପ୍ରଥମ ପ୍ରତିରକ୍ଷା ରେଖା ଭାବେ ମୁସଲମାନ, ଦ୍ୱିତୀୟରେ ଅନୁସୂଚୀତ ଜାତି ଓ ଜନଜାତି ଏବଂ ତୃତୀୟରେ ରାଜାମାନଙ୍କୁ ଉପଯୋଗ କରିବାକୁ ଚେଷ୍ଟାକଲେ । ବ୍ରିଟିସ ପାର୍ଲାମେଣ୍ଟ ଦ୍ୱାରା ଗୃହୀତ ଭାରତ ସରକାର ଆଇନ୍ ୧୯୩୫ ରେ ଭାରତର ରାଜାମାନଙ୍କୁ ବେଶୀଭାଗ ଆଇନଗତ ବା ରାଜନୀତିକ ଧାରଣାରେ ସାର୍ବଭୌମ ସାମାଜିକ ସ୍ଥିତି ପ୍ରଦାନ କରାଗଲା । ସୌଭାଗ୍ୟକ୍ରମେ ରାଜ୍ୟଗୁଡ଼ିକରେ ଅନେକ ଚତୁର ରାଜନେତା ଥିଲେ ଯେଉଁମାନେ ଇଂରେଜମାନଙ୍କର ଏହି ଖେଳର ଅଭିସନ୍ଧିକୁ ବୁଝିପାରି ସ୍ୱାଧୀନତା ପଥରେ ଉପୁଜିଥିବା ବାଧାକୁ ପ୍ରତିହତ କରିବା ପାଇଁ ଦୃଢ଼ ପଦକ୍ଷେପ ନେଇଥିଲେ । ବଟ୍‌ଲର୍ କମିଟିର ରିପୋର୍ଟ ଦେଶୀୟ ରାଜ୍ୟଗୁଡ଼ିକରେ ଥିବା ରାଜନୀତି-ସଚେତନ ବ୍ୟକ୍ତିଙ୍କ ମହଲରେ ଗଭୀର ଆଲୋଡ଼ନ ସୃଷ୍ଟି କଲା । ବିଭିନ୍ନ ସ୍ଥାନରେ ଏହି ବଟ୍‌ଲର କମିଟିର ସୁପାରିସକୁ ପ୍ରଶ୍ନ କରି ସଭାମାନ ଅନୁଷ୍ଠିତ ହେଲା । ଭାରତରେ ସୃଷ୍ଟି ହୋଇଥିବା ଏହିସବୁ ଅଭିଯୋଗର ଗୁଂଜରଣକୁ ବ୍ରିଟିସ ପାର୍ଲାମେଣ୍ଟଆଦୌ କର୍ଣ୍ଣପାତ କଲା ନାହିଁ ।

ଇଂରେଜମାନଙ୍କ ସମଗ୍ର ଯୋଜନା ଭିତରେ ଏପରି ଏକ ଅନ୍ତର୍ନିହିତ ପ୍ରସଙ୍ଗ ପ୍ରଚ୍ଛନ୍ନ ରହିଥିଲା, ଯାହା ସେମାନେ କଳ୍ପନା କରିପାରି ନ ଥିଲେ । ତାହା ହେଲା ବ୍ରିଟିସ ଭାରତରେ ଏବଂ ରାଜାମାନଙ୍କର ବ୍ୟକ୍ତିଗତ ଶାସନାଧୀନ ରାଜ୍ୟମାନଙ୍କରେ ପ୍ରତିନିଧି ମୂଳକ ସରକାରର ପ୍ରବର୍ତ୍ତନ । ଯାହା ହେଲେ ବି ବ୍ରିଟିସ ଭାରତ ଭାବେ ରେଖାଙ୍କିତ ଅଞ୍ଚଳ ହେଉ ବା ଦେଶୀୟ ରାଜ୍ୟ ହେଉ ଅଧିକାଂଶ ଭାରତୀୟମାନେ ଥିଲେ ସମଭାବାପନ୍ନ । କୃତ୍ରିମଭାବେ ଗଠିତ ପ୍ରଶାସନିକ ସୀମରେଖା ପ୍ରଚଳିତ ଶାସନ ବ୍ୟବସ୍ଥାର ଚରିତ୍ର ପ୍ରତି ସେମାନଙ୍କର ମନୋଭାବ ଓ ଦୃଷ୍ଟିଭଙ୍ଗୀରେ କୌଣସି ପ୍ରଭେଦ ସୃଷ୍ଟି କରିପାରୁଥିଲା । ଏହି କାରଣରୁ ଭାରତ ସରକାର ଆଇନ ୧୯୩୫ ଅନୁଯାୟୀ ବିଭିନ୍ନ ରାଜଶାସନରେ ଥିବା ରାଜ୍ୟଗୁଡ଼ିକରେ ଲୋକପ୍ରିୟ ମନ୍ତ୍ରୀମଣ୍ଡଳ ଗଠନ ହେଲା, ସାମୂହିକ ଆନ୍ଦୋଳନ ଉଗ୍ରରୂପ ନେଲା ।

ଓଡ଼ିଶା ପ୍ରଦେଶରେ ଏ ପ୍ରକାର ଜନଆନ୍ଦୋଳନର ମାତ୍ରା ସବୁଠାରୁ ପ୍ରଚଣ୍ଡ ଥିଲା । ପ୍ରଦେଶର ଏକ ଛୋଟ ରାଜ୍ୟରେ ଜଣେ ଇଂରେଜ ସାମରିକ ଅଧିକାରୀ ତଥା ସରକାରଙ୍କ ରାଜନୀତିକ ପ୍ରତିନିଧି ଉତ୍ତ୍ୟକ୍ତ ଜନତା ଦ୍ୱାରା ନିହତ ହୋଇଥିଲେ । ଗଡ଼ଜାତ ରାଜ୍ୟର ଅଧିବାସୀମାନେ ଅତ୍ୟାଚାର ଏବଂ ଅପମାନକୁ ଲମ୍ବା ସମୟ ଧରି ସହ୍ୟ କରି

ଆସୁଥିବାବେଳେ ଦେଖିଲେ ଯେ ବ୍ରିଟିସ୍ ଭାରତାଧୀନ ପଡ଼ୋଶୀ ଜିଲ୍ଲାରେ ଲୋକପ୍ରିୟ ମନ୍ତ୍ରୀମଣ୍ଡଳ ଗଠନ ହୋଇଥିବାରୁ ତାଙ୍କର ସଂପର୍କୀୟମାନେ ପୂର୍ଣ୍ଣ ସ୍ୱାଧୀନତା ଉପଭୋଗ କରୁଛନ୍ତି । ସେମାନଙ୍କର ଆନ୍ଦୋଳନ ତୀବ୍ର ହେବାରୁ ପରିଶେଷରେ ସର୍ବଭାରତୀୟ ଜନ ସମ୍ମେଳନ ଓଡ଼ିଶାର ଗଡ଼ଜାତ ଲୋକମାନଙ୍କର ଅଭିଯୋଗ ଶୁଣାଣି ପାଇଁ ଏକ ତଦନ୍ତ କମିଟି ନିଯୁକ୍ତ କଲେ । ମୋର ସୌଭାଗ୍ୟ ଯେ ମୁଁ ସେହି କମିଟିର ଚେୟାରମ୍ୟାନ ଭାବେ ନିଯୁକ୍ତ ହେଲି । ଅନ୍ୟ ସଦସ୍ୟମାନେ ଥିଲେ ଭାବନଗରର ଶ୍ରୀ ବଲ୍ୱନ୍ତ ରାୟ ମେହେଟା ଯିଏ ପରବର୍ତ୍ତୀ ସମୟରେ ଗୁଜୁରାଟର ମୁଖ୍ୟମନ୍ତ୍ରୀ ହେଲେ ଏବଂ ଶ୍ରୀ ଲାଲ ମୋହନ ପଟ୍ଟନାୟକ ଯେକି ଓଡ଼ିଶାର ଜଣେ ଗଣମାନ୍ୟ ଜନନେତା, ସଂଯୁକ୍ତରାଜ୍ୟର ଉଚ୍ଚାୟୁକ୍ତ ଶ୍ରୀ ଏସ୍.ଏସ୍. ଧରିଆନ୍ ଯିଏ ପରବର୍ତ୍ତୀ ସମୟରେ ବିଚାରପତି ହେଲେ ଏବଂ ପଶ୍ଚିମବଙ୍ଗର ରାଜ୍ୟପାଳ ବି ହେଲେ । ମାତ୍ର ସେତେବେଳେ ସେ ଜଣେ ଯୁବ ଆଇନ୍‌ଜୀବୀ ଭାବେ କମିଟିର ଆଇନ ସହାୟକ ଭାବେ କାର୍ଯ୍ୟ କଲେ । ତଦନ୍ତ ସମୟରେ ଆମେ ଭାରତର ଭାଇସରଏଙ୍କ ରାଜନୀତିକ ବିଭାଗର ସହାୟତାରେ ରାଜ୍ୟମାନଙ୍କରେ ନିରବଚ୍ଛିନ୍ନ ଅନୁସୃତ ହେଉଥିବା ଏକ ଉନ୍ନତ ପ୍ରଶାସନର ସର୍ବଶେଷ ତଥ୍ୟ ଲୋକଲୋଚନକୁ ଆଣିଲୁ ।

ରାଜ୍ୟ ପାଇଁ ଗଠିତ ବେସରକାରୀ କମିଟିର ଚେୟାରମ୍ୟାନ ଥିବାରୁ, ଯେଉଁ ସବୁ ଜନଆନ୍ଦୋଳନ ଜାରି ରହିଥିଲା ସେଥିରେ ମୋର ଆଗ୍ରହ ରହିବା ସ୍ୱାଭାବିକ ଥିଲା । ମହାତ୍ମାଗାନ୍ଧୀ ଏବଂ କଂଗ୍ରେସର ଅନ୍ୟ ସମସ୍ତ ନେତୃବୃନ୍ଦ ମଧ୍ୟ ରାଜ୍ୟଗୁଡ଼ିକର ଆନ୍ଦୋଳନ ଉପରେ ତୀକ୍ଷ୍ଣ ନଜର ରଖିଥିଲେ । ଓଡ଼ିଶାରେ ଏଭଳି ଉତ୍ପୀଡ଼ନର ବିବରଣୀ ନିୟମିତ ଗାନ୍ଧିଜୀଙ୍କୁ ଜଣାଇ ଦିଆଯାଉଥିଲା ଏବଂ ଗୋଟିଏ ରାଜ୍ୟ ତାଳଚେରର ହଜାର ହଜାର ଲୋକ ଘରଦ୍ୱାର ଛାଡ଼ି ତଥାକଥିତ ବ୍ରିଟିସ ଭାରତ ଅନ୍ତର୍ଗତ ପଡ଼ୋଶୀ ଅନୁଗୁଳକୁ ଶରଣାର୍ଥୀ ଭାବେ ଚାଲି ଆସିଲେ । ଗାନ୍ଧିଜୀ ତାଙ୍କରି ତତ୍ତ୍ୱାବଧାନରେ ଏହି ଆନ୍ଦୋଳନ ପରିଚାଳନା କରିବାକୁ ମୋତେ ନିର୍ଦ୍ଦେଶ ଦେଲେ ।

ମୁଁ ପ୍ରତ୍ୟେକ ସ୍ତରରେ ତାଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ଯତ୍‌ପରୋନାସ୍ତି ଉଦ୍ୟମ କଲି । ଫଳରେ ରାଜ୍ୟମାନଙ୍କରେ ଥିବା ସମସ୍ୟା ଓ ତାର ପୁଙ୍ଖାନୁପୁଙ୍ଖ ସମାଧାନର ସୂତ୍ର ଅନୁସନ୍ଧାନ କରିବାର ସୁଯୋଗ ପାଇଲି । ମୁଁ ଏପରି ଏକ ନିଷ୍କର୍ଷରେ ଉପନୀତ ହେଲି ଯେ ଏହି ରାଜ୍ୟ ଗୁଡ଼ିକରେ କୌଣସି ପ୍ରକାର ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥା ସମ୍ଭବ ନୁହେଁ ଯେହେତୁ ସେଗୁଡ଼ିକର ଆକାର କ୍ଷୁଦ୍ର ,ଅର୍ଥନୀତିକ ପରିସ୍ଥିତି ଦୁର୍ବଳ, ଜନସଚେତନତା ଅତ୍ୟନ୍ତ କ୍ଷୀଣ । ତେଣୁ ଯେଉଁ ଶାସକଙ୍କ ପୃଷ୍ଠପୋଷକତାରେ ଲୋକପ୍ରିୟ ଶାସନ ବ୍ୟବସ୍ଥା ଗଠିତ ହେବ ତାଙ୍କୁ ବିଭିନ୍ନ ସମୟରେ ପ୍ରଶ୍ନ କରିବାର ସାହସ ସେମାନଙ୍କର ହେବ ନାହିଁ । ଏହାର ଏକମାତ୍ର ସମାଧାନ ଥିଲା ଦେଶୀୟ ରାଜ୍ୟଗୁଡ଼ିକୁ ପ୍ରଦେଶମାନଙ୍କ

ସହ ମିଶ୍ରଣ । ଯେତେବେଳେ ମୋର ସହକର୍ମୀମାନଙ୍କୁ ମୁଁ ଏ ବିଷୟରେ ବୁଝାଇଲି ସେମାନଙ୍କ ମଧ୍ୟରୁ ଅନେକେ ମୋ ପ୍ରସ୍ତାବ ସହ ଏକମତ ହେଲେ ନାହିଁ । ମୁଁ ଗୁରୁତ୍ୱ ଦେଇ କହିଲି ଯେ ପଡ଼ୋଶୀ ପ୍ରଦେଶମାନଙ୍କ ସହ ଜନସ୍ୱାର୍ଥ ଦୃଷ୍ଟିରୁ ଏହି ରାଜ୍ୟଗୁଡ଼ିକ ମିଶିଯିବା ଉଚିତ । ରାଜ୍ୟଗୁଡ଼ିକର ଜନଆନ୍ଦୋଳନର ପ୍ରମୁଖ ନେତୃବୃନ୍ଦ କିନ୍ତୁ ଏହାକୁ ଅବାସ୍ତବ ବୋଲି ମନେକଲେ । ଏହି ପ୍ରସଙ୍ଗ ଉପରେ ମୋର ସହକର୍ମୀଙ୍କ ସହ ଏବଂ ସର୍ବଭାରତୀୟ ରାଜ୍ୟସମୂହର ସମ୍ମେଳନରେ ମଧ୍ୟ ଦୀର୍ଘକାଳୀନ ମତଭେଦ ଜାରି ରହିଲା ।

ଯେତେବେଳେ ମୋର ସୁଚିନ୍ତିତ ମତରେ ଅଟଳ ରହିଲି ଯେ ଏହି ଦେଶୀୟରାଜ୍ୟଗୁଡ଼ିକ ପ୍ରଦେଶମାନଙ୍କ ସହ ମିଶିଯିବା ଉଚିତ ଏବଂ ଏହି ଦିଗରେ ଏକପକ୍ଷରେ ମୋର ସହକର୍ମୀ ଏବଂ ଅପରପକ୍ଷରେ ରାଜନୀତିକ ବିଭାଗର ଶାସନ କର୍ତ୍ତାମାନଙ୍କ ପାଖରୁ ବିରୋଧର ସମ୍ମୁଖୀନ ହେଲି ସେତେବେଳେ ମୋତେ ଏହି ରାଜ୍ୟମାନଙ୍କର ଇତିହାସ ଅନୁଧ୍ୟାନ କରିବାକୁ ହେଲା । ମୁଁ ଯେତେ ଅଧିକ ଏ ବିଷୟ ଉପରେ ଗଭୀର ଅଧ୍ୟୟନ କଲି ସେତେ ଭଲ ଭାବେ ଦୃଢ ନିଶ୍ଚିତ ହେଲି ଯେ ଆଜିର ଏହି ତଥାକଥିତ 'ରାଜା' ଗୁଡ଼ିକ ପ୍ରକୃତରେ ରାଜ୍ୟ ନଥିଲା ବରଂ ଥିଲା ଗୋଟେ ଗୋଟେ ସାଧାରଣ ଜମିଦାରୀ ଏବଂ ରାଜନୀତିକ କାରଣରୁ ଏଗୁଡ଼ିକୁ ଇଂରେଜ ସରକାର ରାଜ୍ୟର ଆଖ୍ୟା ଦେଇଥିଲେ । ମୁଁ ମୋର ପ୍ରଚାର କାର୍ଯ୍ୟରେ ଲାଗି ରହିଲି ଏବଂ ଏହି ପ୍ରସ୍ତାବ ସହ ମୋର ସହକର୍ମୀମାନଙ୍କୁ ଏକମତ କରାଇବାରେ ସଫଳ ହେଲି । ୧୯୩୯ ମସିହାରେ ପ୍ରକାଶିତ ବେସରକାରୀ ଅନୁସନ୍ଧାନ କମିଟି ରିପୋର୍ଟ , ନିମ୍ନମତେ ସର୍ବସମ୍ମତ ସୁପାରିସ ପ୍ରଦାନ କରିଥିଲା ।

ଓଡ଼ିଶାର ଏହି ଗଡ଼ଜାତ ରାଜ୍ୟଗୁଡ଼ିକ ସେମାନଙ୍କର ଅଞ୍ଚଳରେ ଲୋକପ୍ରିୟ ଏବଂ ଅଭିଜ୍ଞ ପ୍ରଶାସନକୁ ସମର୍ଥନ କରିବାର ଅନ୍ତର୍ନିହିତ ଅକ୍ଷମତା ଅଥଚ ସେହି ରାଜ୍ୟଗୁଡ଼ିକର ଜନସାଧାରଣଙ୍କର ସ୍ୱାୟତ୍ତଶାସନ ଏବଂ ନିଜ ନୀତି ନିର୍ଦ୍ଧାରଣ ପାଇଁ ଏକ ଦୃଢ ଏବଂ ଅଦମ୍ୟ ଅଧିକାରର ଅପରିହାର୍ଯ୍ୟତା ଦୃଷ୍ଟିରୁ କମିଟି ସୁପାରିସ୍ କଲା ଯେ ସର୍ବୋଚ୍ଚ କ୍ଷମତା (Paramount Power) ଦ୍ୱାରା ଏହି ରାଜ୍ୟଗୁଡ଼ିକର ଶାସକମାନଙ୍କୁ ପ୍ରଦତ୍ତ 'ସନନ୍ଦ' ଗୁଡ଼ିକୁ ରଦ୍ଦ କରାଯିବା ଆବଶ୍ୟକ ଏବଂ ସେମାନଙ୍କୁ ଆଳି, କୁଜଙ୍ଗ ଏବଂ କନିକା ଭଳି ଚିରସ୍ଥାୟୀ ବନ୍ଦୋବସ୍ତ ହୋଇଥିବା ଅଞ୍ଚଳର ଜମିଦାର ଭାବେ ଗଣନା କରିବା ଉଚିତ । ଏହା ସେମାନଙ୍କ ଅଧିକାରକୁ କୌଣସି କ୍ଷତି ନ ପହୁଞ୍ଚାଇ କରାଯାଇ ପାରିବ ଯାହାକି ତାଙ୍କର ମୂଳ ଅବସ୍ଥାକୁ ଅଧ୍ୟୟନ ଓ ଅନୁଧ୍ୟାନ କଲେ ସ୍ପଷ୍ଟ ହୋଇଯିବ । ଏହି ସୁପାରିସ୍ ଗୃହୀତ ହେଲେ ଏହି ଜମିଦାରୀ ବ୍ୟବସ୍ଥା ସ୍ୱୟଂଶାସିତ ପ୍ରଦେଶ ଅଧୀନକୁ ଆସିଯିବ ଏବଂ ସଂପୃକ୍ତ ଜନସାଧାରଣ ସାର୍ବଜନୀନ ସମସ୍ୟାର ସମାଧାନ ଉଦ୍ୟମରେ ସେମାନଙ୍କ ଭାଇମାନଙ୍କ ସହ ହାତ ମିଳାଇବେ ।

ଏହି ସୁପାରିସକୁ କଲିକତାର 'ଦି ଷ୍ଟେଟ୍‌ସମାନ' ସମେତ ଅନ୍ୟାନ୍ୟ ପ୍ରମୁଖ ଭାରତୀୟ ସମ୍ବାଦପତ୍ରମାନେ ସ୍ୱାଗତ କଲେ । ଇଂଲଣ୍ଡର ଅନେକ ସମ୍ବାଦପତ୍ର ମଧ୍ୟ ଏହାକୁ ସମର୍ଥନ କଲେ । ମାମଲାଟି ବସ୍ତୁତଃ ଏତେ ଯଥୋଚିତ ଥିଲା ; ଯିଏ ଏହି ପ୍ରସ୍ତାବରେ ବିଚାର ଶକ୍ତି ପ୍ରୟୋଗ କରିବ ତାହାର ହୃଦ୍‌ବୋଧ ହେବ ଯେ ପ୍ରଦେଶମାନଙ୍କ ସହ ଏହି କ୍ଷୁଦ୍ରରାଜ୍ୟଗୁଡ଼ିକୁ ମିଶ୍ରଣ କରାଯିବା ଉଚିତ । ମାତ୍ର ରାଜନୀତିକ ବିଭାଗ ଦ୍ୱାରା ଅନୁସୃତ ବ୍ରିଟିସ ସରକାରଙ୍କ ନୀତି ଏହାର ପଥରୋଧ କରୁଥିଲା । ଅନୁସନ୍ଧାନ କମିଟିର ଏଇ ସୁପାରିସ ସ୍ଥାନୀୟ ଶାସକମାନଙ୍କ ମନରେ ଏବଂ ରାଜନୀତିକସ୍ତରରେ ଆଲୋଡ଼ନ ସୃଷ୍ଟି କଲା । ରାଜାମାନେ ମୋତେ ପ୍ରଧାନ ଶତ୍ରୁ ଭାବେ ବିବେଚନା କଲେ । ତତ୍‌କାଳୀନ ଭାଇସରଏ ଲର୍ଡ ଲିନ୍‌ଲିଥ୍‌ଗୋ ନୀତିଗତ ଭାବରେ ଏହି ପ୍ରସ୍ତାବ ସହ ଏକମତ ହେଲେ ମାତ୍ର ଏଭଳି ହଠାତ୍ ଏକ ଆମୂଳଚୂଳ ପରିବର୍ତ୍ତନ ଆଣିବାକୁ ସାହସ ଜୁଟାଇ ପାରିଲେ ନାହିଁ । ୧୯୩୯ ମସିହାରେ ବିଶ୍ୱଯୁଦ୍ଧ ଆରମ୍ଭ ହେବା ପରେ ସମସ୍ତଙ୍କ ଦୃଷ୍ଟି ଭାରତର ରାଜନୀତିକ ଭବିଷ୍ୟତ ଉପରେ ନିବଦ୍ଧ ହେଲା ଏବଂ ସ୍ୱାଧୀନତା ହାସଲ ପାଇଁ କଂଗ୍ରେସର ଆନ୍ଦୋଳନ ଚାଲୁ ରହିଥିଲା । ସାମୟିକ ଭାବେ ପ୍ରଦେଶ ସହ ରାଜ୍ୟଗୁଡ଼ିକର ମିଶ୍ରଣ ପ୍ରସଙ୍ଗ ଦୃଷ୍ଟି ଅନ୍ତରାଳକୁ ଚାଲିଗଲା ।

ଏହା ହେଉଛି ପ୍ରଦେଶ ସହ ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣର ଆଦିରୂପ ଯାହାକୁ କେନ୍ଦ୍ର ମନ୍ତ୍ରୀମଣ୍ଡଳର କିଛି ସହଯୋଗୀ ଏବଂ ତାଙ୍କ ନିଜ ମନ୍ତ୍ରଣାଳୟର ବିରୋଧ ସତ୍ତ୍ୱେ ମହାନ୍ ଜନନେତା ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ବାସ୍ତବ ରୂପ ଦେଇଥିଲେ ।

୩

୧୯୪୮ ମସିହାରେ କେନ୍ଦ୍ରୀୟ ପ୍ରଦେଶ ସରକାରଙ୍କ ଦ୍ୱାରା ସ୍ଥାପିତ ପ୍ରାଦେଶିକ ରାଜ୍ୟଗୁଡ଼ିକର ଉପଦେଷ୍ଟା ପରିଷଦର ଉଦ୍‌ଘାଟନୀ ଉତ୍ସବ ଅବସରରେ ସର୍ଦ୍ଦାର ପଟେଲ କହିଥିଲେ "ରାଜ୍ୟମାନଙ୍କ ସଂପର୍କରେ ଦୃଷ୍ଟି ଆକର୍ଷଣକାରୀ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା କରିବା ମୁଁ ଏହିଭଳି ସୁଯୋଗ ଅପେକ୍ଷାରେ ଥିଲି ଏବଂ ଏଭଳି ସୁଯୋଗ ବାରବାର ଆସେ ନାହିଁ । ରାଜ୍ୟ ଗଠନର ବିରାଟ ପରିବର୍ତ୍ତନ ଏତେ ଉଜ୍ଜ୍ୱଳ ଓ ଆଶାଜନକ କାହିଁକି ଏବଂ ଏହାର ବିଭିନ୍ନ ଦିଗର ମୂଲ୍ୟାୟନ କେତେଦୂର ସମୀଚିନ, ତାହା ବହୁ କମ୍ ଲୋକ ହୃଦୟଙ୍ଗମ କରିପାରିବେ ।।

ଆପଣମାନେ ଯେଉଁ ଉଚ୍ଛ୍ୱସିତ ସଂବର୍ଦ୍ଧନା ଏବଂ ଭାବପୂର୍ଣ୍ଣ ଶବ୍ଦରେ ମୋର ଲକ୍ଷ୍ୟ ସିଦ୍ଧି ପାଇଁ ଶ୍ରେୟ ଦେଇଛନ୍ତି, ସେଥି ନିମନ୍ତେ ମୁଁ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି ।

ରାଜ୍ୟ ସମ୍ମିଶ୍ରଣ ଏବଂ ଏକତ୍ରୀକରଣର ଭାବନା ମୋ ଅନ୍ତରରେ କିପିରି ସୃଷ୍ଟି ହେଲା, ତାହା ବର୍ଣ୍ଣନା କରିବି । କେନ୍ଦ୍ର ସରକାରଙ୍କ ଗୃହବିଭାଗ ଦାୟିତ୍ୱ ଗ୍ରହଣ କରିବା ସମୟରେ ମୋର ଧାରଣା ନ ଥିଲା ଯେ ରାଜ୍ୟସମୂହର କାର୍ଯ୍ୟ ତଦାରଖ କରୁଥିବା ଏକ ମନ୍ତ୍ରଣାଳୟ ମୋ ଅଧୀନରେ ରହିବ ଏବଂ ଏହା କିପରି ରୂପରେଖ ଗ୍ରହଣ କରିବ । ଦାୟିତ୍ୱ ଗ୍ରହଣ କରିବା ପରେ ମୋତେ ରିପୋର୍ଟ ମିଳିଲା ଯେ ଭାରତୀୟ କେନ୍ଦ୍ରୀୟ ପ୍ରଦେଶ ସହ ମିଶିଥିବା ବସ୍ତର ରାଜ୍ୟ ସଂସାଧନ ଓ ସଂପଦରେ ପରିପୂର୍ଣ୍ଣ ଏବଂ ଦେଶ ସେବାରେ ସେସବୁ ବିନିଯୁକ୍ତ ହୋଇ ପାରିବ । କିନ୍ତୁ ମୁଁ ସୂଚନା ପାଇଲି ଏହି ସମ୍ପଦ ସବୁ ଭାରତର ଦାବି ବା ଅଧିକାରକୁ ଦୁର୍ବଳ କରି ପକ୍ଷପାତ ବିଚରରେ ହାଇଦ୍ରାବାଦ ରାଜ୍ୟକୁ ଦୀର୍ଘମିଆଦି ଲିଜ୍‌ରେ ଟେକି ଦିଆଯିବ । ମୁଁ ଆହୁରି ମଧ୍ୟ ଜାଣିଲି ଯେ ସେଠାକାର ରାଜା ନାବାଳକ ଓ ଅତ୍ୟନ୍ତ ଦୁର୍ବଳ ଏବଂ ତାଙ୍କର ପ୍ରଧାନମନ୍ତ୍ରୀ ଜଣେ ବିଦେଶୀ । ମୁଁ ତତ୍‌କ୍ଷଣାତ୍ ରାଜନୀତିକ ବିଭାଗକୁ ଏ ସଂପର୍କରେ ପ୍ରଶ୍ନ କରିବାରୁ ସେମାନେ ଏଡ଼ାଇଦେବାକୁ ଚେଷ୍ଟାକଲେ । ମାତ୍ର ଘଟଣାକ୍ରମେ ମୋ ହାତକୁ ସବୁ ଦସ୍ତାବିଜ୍ ଆସିଗଲା । ମୁଁ ଜାଣିଲି ସେମାନେ ତରବରିଆ ଭାବେ ସମ୍ପୂର୍ଣ୍ଣ ପ୍ରକ୍ରିୟା ଶେଷ କରିବାକୁ ଚେଷ୍ଟା କରିଛନ୍ତି । ରାଜ୍ୟର ସ୍ୱାର୍ଥକୁ ଏପରି ଜଳାଞ୍ଜଳି ଦେଇ ହେବନାହିଁ ବୋଲି ମୁଁ ସତର୍କ କରାଇଦେଲି । ରାଜନୀତିକ ବିଭାଗ ମୋତେ ଜଣାଇଲା ଯେ ନାବାଳକ ରାଜାଙ୍କ ସ୍ୱାର୍ଥରକ୍ଷା ପାଇଁ ସେମାନେ ଏପରି ଏକ ଚୁକ୍ତିନାମା କରିବାକୁ ଯାଉଛନ୍ତି । ଦେଶ ଛାଡ଼ି ଚାଲିଯାଉଥିବା ବ୍ୟକ୍ତିଙ୍କର ନାବାଳକର ତତ୍ତ୍ୱାବଧାନ ପାଇଁ ଏତେ ଚିନ୍ତା କରିବାର ଆବଶ୍ୟକତା ନାହିଁ ଏବଂ ଆମ ବିନା ସମ୍ମତିରେ ଜନ ସ୍ୱାର୍ଥବିରୋଧୀ କୌଣସି କାର୍ଯ୍ୟ କରିପାରିବେ ନାହିଁ ବୋଲି ମୁଁ ସତର୍କ କରାଇବା ପରେ ସେମାନେ ସେହି ନାବାଳକ ଶାସକଙ୍କ ସଂପୂର୍ଣ୍ଣ କର୍ତ୍ତୃତ୍ୱ ଅର୍ପଣ କରିଦେଲେ । ମୁଁ ସେତେବେଳେ ତାଙ୍କର ସମ୍ପର୍କୀୟ ମୟୂରଭଞ୍ଜର ମହାରାଜା ଯିଏ ଜଣେ ବିଚକ୍ଷଣ ଓ ଚତୁର ବ୍ୟକ୍ତି ଥିଲେ ତାଙ୍କୁ ଧରି ଆସିବାପାଇଁ କହିଲି । ମାତ୍ର ମୁଁ ଦେଖିଲି ଯେ ତାଙ୍କର ଏହି ସମ୍ପର୍କୀୟଙ୍କର ସେହି ନାବାଳକଙ୍କ ଉପରେ କୌଣସି ପ୍ରଭାବ ନାହିଁ । ଯେତେବେଳେ ମୁଁ ଦେଖିଲି ସେ ଏତେ ଅଳ୍ପବୟସ୍କ ଓ ଅନଭିଜ୍ଞ ଯେ ଏଭଳି ଏକ ଚୁକ୍ତିରେ ସ୍ୱାକ୍ଷର କରିବାକୁ ତାଙ୍କୁ ବାଧ କରିବା ମୋ ପାଇଁ ପାପ ହେବ ସେତେବେଳେ ଯାଇ ମୁଁ ସମ୍ପୂର୍ଣ୍ଣ ସଚେତନ ହେଲି ଯେ କେତେଦୂର ଏହି ରାଜନୀତିକ ବିଭାଗର ଦୁରଭିସନ୍ଧିମୂଳକ କାର୍ଯ୍ୟରେ ସବୁମନ୍ତେ ଆମର ସ୍ୱାର୍ଥକୁ ବଳି ଦିଆଯାଉଥିଲା ଏବଂ ଯେତେଶୀଘ୍ର ତାଙ୍କ ଠାରୁ ଆମେ ମୁକ୍ତ ହୋଇପାରିବୁ ସେତେ ମଙ୍ଗଳକର ହେବ । ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ତାଙ୍କ ନିଜ ସ୍ୱାର୍ଥକୁ ଆଉଟିକେ ଆଗେଇନେବା ଏବଂ ଭାରତର ଯେତେଦୂର କ୍ଷତି ସମ୍ଭବ ତାହା କରି ପକେଇବା । ମୁଁ ଶେଷ ସିଦ୍ଧାନ୍ତରେ ପହଞ୍ଚିଲି ଯେ ବରଂ ଦେଶ ବିଭାଜନ ହୋଇଯାଉ ବିଦେଶୀମାନଙ୍କୁ ଏ ଦେଶରୁ ହଟେଇ

ଦେବା ସବୁଠୁ ଉଚିତ କାର୍ଯ୍ୟ ପନ୍ଥାହେବ । ସେତେବେଳେ ମୁଁ ଅନୁଭବ କଲି ଦେଶକୁ ନିରାପଦ ଏବଂ ଶକ୍ତିଶାଳୀ କରିବାକୁ କେବଳ ଗୋଟିଏ ବାଟ ଅଛି ଏବଂ ତାହା ହେଉଛି ଅବଶିଷ୍ଟ ଭାରତକୁ ଏକତ୍ରିତ କରିବା । ସେତେବେଳେ ସୁଦ୍ଧା ମୁଁ ଏତେ ନିଶ୍ଚିତ ନ ଥିଲି କେତେଦୂର ମୋର ଚେଷ୍ଟାରେ ରାଜାରାଜୁଡ଼ାଙ୍କ ପାଖରୁ ସନ୍ତୋଷଜନକ ପ୍ରତିକ୍ରିୟା ପାଇ ପାରିବି । ଯେତେବେଳେ ମୁଁ ଫୁରୁସତ ପାଇଲି ଓଡ଼ିଶା ଯାଇ ପୂର୍ବାଞ୍ଚଳ ରାଜାମାନଙ୍କ ସହ ଆଲୋଚନା କଲି । ବହୁ ଆଲୋଚନା ପରେ ମୁଁ ତାଙ୍କୁ ମୋର ଭାବନା ଓ ସମସ୍ୟା ସମାଧାନର ସୂତ୍ର ବୁଝାଇଦେଲି, କିପରି ଓଡ଼ିଶା ପ୍ରଦେଶ ସହ ସେମାନଙ୍କ ରାଜ୍ୟର ମିଶ୍ରଣରେ ଉଭୟ ସେମାନଙ୍କର ଏବଂ ଲୋକମାନଙ୍କର ଉପକାର ହେବ । ମୋର ଏ ପାଇଁ କୌଣସି ବାଧବାଧକତା ରହିବ ନାହିଁ ଏବଂ ସେମାନେ ତାଙ୍କର କାର୍ଯ୍ୟପନ୍ଥାର ଯଥାର୍ଥତା ଉପଲବ୍ଧି କଲାପରେ ଏପରି ଚୁକ୍ତିରେ ସହମତ ହେବେ । ଦସ୍ତାବିଜର ଉଦ୍ଦେଶ୍ୟ ବୁଝିସାରିବା ପରେ ସେମାନେ ସ୍ୱାକ୍ଷର କରିବେ । ସେମାନଙ୍କ ମଧ୍ୟରୁ ଛୋଟ ଛୋଟ ରାଜ୍ୟ ଗୁଡ଼ିକ ଅଳ୍ପ କେଇଘଣ୍ଟାର ବିଚାର ବିମର୍ଶ ପରେ ରାଜି ହୋଇଗଲେ ମାତ୍ର ବଡ଼ ରାଜାମାନେ ଶେଷ ପର୍ଯ୍ୟନ୍ତ ରାଜି ହୋଇ ନଥିଲେ । ମୁଁ କଟକ ଛାଡ଼ି ବିମାନବନ୍ଦରକୁ ଯିବାପାଇଁ ଟ୍ରେନ୍‌ରେ ବସି ସାରିଥିଲି ଯେତେବେଳେ ସେମାନଙ୍କ ପାଖରୁ ବାର୍ତ୍ତା ପାଇଲି ଯେ ମୁଁ ଫେରିବାକୁ କିଛି ସମୟ ବିଳମ୍ବ କରିବା ଉଚିତ ହେବ । ମୁଁ ଅନିର୍ଦ୍ଦିଷ୍ଟ ସମୟ ପାଇଁ ବିଳମ୍ବ କରିପାରିବି ନାହିଁ ଅଧିକ ଏକ ଘଣ୍ଟା ରହିଯିବା ପାଇଁ ରାଜି ହୋଇଗଲି । ଘଣ୍ଟାକ ଭିତରେ ସେମାନେ ଚୁକ୍ତିନାମାରେ ସ୍ୱାକ୍ଷର କରିସାରିଥିଲେ । କିଛି ଲୋକ କହନ୍ତି ଯେ ମୁଁ ଏଥିପାଇଁ ସେମାନଙ୍କୁ ବାଧ କରିଥିଲି । ମାତ୍ର ଏହାର କୌଣସି ଭିତ୍ତି ନଥିଲା । ସମସ୍ତ ଘଟଣା ମନରେ ଉପରେ ଚାପ ସୃଷ୍ଟି କରୁଥିଲା । ମୁଁ କେବଳ କହିଥିଲି ଯେ ତତ୍ପରତା ହେଉଛି ସବୁଠୁ ବଡ଼ କଥା ଏବଂ ଯେତେ ବେଶୀ ବିଳମ୍ବ ହେବ ରାଜ୍ୟଗୁଡ଼ିକୁ ଭବିଷ୍ୟତରେ ନିରାପତ୍ତା ଦେବା ସେତେ ବେଶୀ ଜଟିଳ ହୋଇପଡ଼ିବ ।

ଓଡ଼ିଶାରୁ ନାଗପୁର ଆସିଲି । କୌଣସି ବାଧବାଧକତା ବା ପ୍ରରୋଚନାରେ ରାଜାମାନେ ଚବିଶ ଘଣ୍ଟା ମଧ୍ୟରେ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କରିଦେଲେ । ଏଠି ପୁଣି ମୁଁ ସେମାନଙ୍କୁ ବିଶଦ ଭାବରେ ମୋର ପ୍ରସ୍ତାବ ଗୁଡ଼ିକର ତାତ୍ପର୍ଯ୍ୟ ଏବଂ ଏହା କିପରି ସେମାନଙ୍କୁ ଏବଂ ସେମାନଙ୍କର ଲୋକମାନଙ୍କୁ ପ୍ରଭାବିତ କରିବ ସେ ବିଷୟରେ ବୁଝାଇ କହିଲି । ଆପଣମାନେ ସେମାନଙ୍କୁ ପଚାରିପାରନ୍ତି ଯେ ସେମାନେ କ'ଣ ମୋର ଦ୍ୱାରା ବାଧହୋଇ ଏଥିରେ ସ୍ୱାକ୍ଷର କରିଥିଲେ ?

ଏହା ହେଉଛି ସେହି ମିଶ୍ରଣପର୍ବ ଓ ଏକତ୍ରୀକରଣର ପ୍ରାରମ୍ଭ ଯାହା କ୍ରମେ କ୍ରମେ ସଂଗଠିତ ହୋଇଥିଲା । ମାତ୍ର ଏଭଳି ଛୋଟ ଛୋଟ ଆରମ୍ଭକୁ ଭାରତର ଏବଂ ଦେଶ ବାହାରର ଲୋକେ ଏକ ଅଲୌକିକ ଘଟଣା ଭାବେ ଆଗ୍ରହର ସହ ସ୍ୱାଗତ

କଲେ । ତାପରେ ଯାହା ବି ଘଟିଲା ତାହା ରାଜାମାନଙ୍କର ଦେଶପ୍ରେମ ଓ ବିଜ୍ଞତା ପାଇଁ ସମ୍ଭବ ହୋଇଥିଲା । ମୁଁ କେବଳ ସେହି ଯୋଜନାର ଅଭିପ୍ରାୟ ଥରକୁଥର ସେମାନଙ୍କ ସମ୍ମୁଖରେ ସ୍ପଷ୍ଟ କରୁଥିଲି । ତାପରେ ସୌରାଷ୍ଟ୍ରର ରାଜ୍ୟ ସଂଘ ଏଥିରେ ସାମିଲ ହେଲା । ଭାରତର ରାଜ୍ୟମାନଙ୍କର ମୋଟ ସଂଖ୍ୟାର ଅଧାରୁ ଅଧିକ ସୌରାଷ୍ଟ୍ର ରାଜ୍ୟର ଅନ୍ତର୍ଭୁକ୍ତ ଥିଲା । ଏପରି ଏକ ବିଶାଳ ଏବଂ ବିବିଧତା ଭରା ଅଞ୍ଚଳ ଗୁଡ଼ିକୁ ଏକତ୍ର କରିବା ଏକ ବିରାଟ ସଫଳତା ଥିଲା । ମାତ୍ର ମୁଁ ସେହି ରାଜାମାନଙ୍କ ପାଖରୁ ପୂର୍ଣ୍ଣ ସମର୍ଥନ ପାଇଥିଲି ଯେଉଁମାନଙ୍କ ଭିତରୁ କତିପୟ ଶାସକଙ୍କ ଠାରୁ କୌଣସି ସହଯୋଗ ଆଶା କରାଯାଉ ନଥିଲା । ଦାକ୍ଷିଣାତ୍ୟ ରାଜ୍ୟମାନେ ମଧ୍ୟ ଏଥିରେ ସାମିଲ୍ ହେଲେ । ପ୍ରଜାଙ୍କ ପାଇଁ ଗୋଟିଏ ଉତ୍ତରଦାୟୀ ଶାସନ ବ୍ୟବସ୍ଥା ଆଧାରରେ ନିଜର ପୃଥକ ଅସ୍ତିତ୍ୱ ପାଇଁ ସେମାନେ ଏହିଭଳି ଏକ ବନ୍ଦୋବସ୍ତ ଭିତରକୁ ଯିବାକୁ ମନସ୍ଥିର କରିନେଇଥିଲେ । କଟକ ଏବଂ ନାଗପୁରରେ ନିଆଯାଇଥିବା ନିଷ୍ପତ୍ତି ଦ୍ୱାରା ସେମାନେ ମଧ୍ୟ ପ୍ରଭାବିତ ହୋଇଥିଲେ । ସେମାନଙ୍କ ଭିତରୁ କେତେକ ବୟୋକନିଷ୍ଠ ଶାସକ ମୋତେ ସାକ୍ଷାତ କରିବାକୁ ଆଗ୍ରହ ପ୍ରକାଶ କଲେ । ସେମାନଙ୍କର ବମ୍ବେ ପ୍ରଦେଶସହ ସଂଯୁକ୍ତ ହେବାର ଅଭିଳାଷ ଦେଖି ମୁଁ ବହୁତ ଖୁସି ହେଲି ମାତ୍ର ଅନ୍ୟ ଶାସକମାନେ ସ୍ଥାନୀୟ ପ୍ରଜାମଣ୍ଡଳ ସହ ଚୁକ୍ତିନାମା ଦୃଷ୍ଟିରୁ କେତେଦୂର ସହମତ ହେବେ ତାହା ସନ୍ଦେହଜନକ ଥିଲା । ମୁଁ ସେମାନଙ୍କୁ କହିଲି ଯେ ଏହା ଆଦୌ ଏକ ଜଟିଳ ସମସ୍ୟା ହେବନାହିଁ । ଏହା ସତ୍ତ୍ୱେ ଏଭଳି ଛୋଟ ଛୋଟ ରାଜ୍ୟ ପାଇଁ ଦାୟିତ୍ୱ ସମ୍ପନ୍ନ ସରକାର କାର୍ଯ୍ୟ କରିବା ଅସମ୍ଭବ ଥିଲା । ଯଦି ପ୍ରଜାମାନଙ୍କ ସହିତ ସେମାନଙ୍କର ସଂଘର୍ଷ ଉପୁଜେ କିମ୍ବା ପ୍ରଜାମାନେ କୌଣସି ସମସ୍ୟାର ସମ୍ମୁଖୀନ ହୁଅନ୍ତି ଏଭଳି ଜରୁରୀ ପରିସ୍ଥିତିରେ କେନ୍ଦ୍ର ସରକାର ହସ୍ତକ୍ଷେପ କରିବେ । କିନ୍ତୁ କେନ୍ଦ୍ର ସରକାରଙ୍କ ସହ ରାଜିନାମାରେ ଚୁକ୍ତିବଦ୍ଧ ନ ଥିଲେ, ତାହା ସମ୍ଭବ ହେବ ନାହିଁ । । ବମ୍ବେରେ ଏ ସମସ୍ତ ଶାସକମାନଙ୍କର ଏକ ପ୍ରତିନିଧିଦଳ ମୋତେ ସାକ୍ଷାତ କଲେ ଏବଂ ମୁଁ ସେମାନଙ୍କୁ ପ୍ରସଙ୍ଗର ବିଭିନ୍ନ ଦିଗ ସମ୍ପର୍କରେ ଅବଗତ କରାଇଲି । ସେମାନେ ମଧ୍ୟ ଏଥିରେ ରାଜିହେଲେ । ଏହା ଫଳରେ ଏହିସବୁ ଦାକ୍ଷିଣାତ୍ୟ ରାଜ୍ୟଗୁଡ଼ିକର ବମ୍ବେ ସହ ମିଶ୍ରଣ ସମ୍ଭବ ହୋଇ ପାରିଲା । ଗୁଜରାଟର ଶାସକମାନେ ମଧ୍ୟ ଏହାକୁ ଅନୁସରଣ କଲେ ।

ଆମେ କିପରି ବିନା ଶକ୍ତି ପ୍ରଦର୍ଶନ ଏବଂ ବିନା ବାଧବାଧକତାରେ ଏ ସବୁ ହାସଲ କଲୁ ତାହାର ଗୋଟିଏ ଦୃଷ୍ଟାନ୍ତ ଦେଉଛି । ଓଡ଼ିଶାରେ ମୟୂରଭଞ୍ଜର ଶାସକ ତାଙ୍କ ପ୍ରଜାଙ୍କୁ ଦାୟିତ୍ୱ ସଂପନ୍ନ ଶାସନ ଯୋଗାଇ ଦେବାପାଇଁ ପ୍ରତିବଦ୍ଧ ଅଛନ୍ତି ବୋଲି ମୋତେ ସୂଚନା ଦେଲେ ଏବଂ ସେମାନଙ୍କ ସମ୍ମତି ବିନା ଏ ଚୁକ୍ତିପତ୍ରରେ ସ୍ୱାକ୍ଷର କରି ପାରିବେ ନାହିଁ ବୋଲି ସ୍ପଷ୍ଟ କରିଦେଲେ । ତାଙ୍କର ସାଂପ୍ରତିକ ସ୍ଥିତି ସଂପର୍କରେ ମୁଁ ଅବଗତ ଥିଲି

ତେଣୁ ମିଶ୍ରଣ ଚୁକ୍ତିନାମାରୁ ଦୂରେଇ ରହିଲେ ସେ ଭବିଷ୍ୟତରେ ଅନୁତାପ କରିବେ, ଏହା ମଧ୍ୟ ମୁଁ ସୂଚାଇ ଦେଲି । ପ୍ରଜାଙ୍କ ପାଇଁ ଏକ ଦାୟବଦ୍ଧ ଶାସନ ଘୋଷଣା କରିବା ପରେ ପରିବର୍ତ୍ତିତ ସ୍ଥିତିରେ ସେ ଆଉ ରାଜ୍ୟ ଗଷ୍ଠରେ ଯାଇ ପାରିଲେ ନାହିଁ । ଘଟଣାଗୁଡ଼ିକ ଏପରି ମୋଡ଼ ନେଲା ଯେ ସେ ଭୀଷଣ ଅସହାୟ ଅନୁଭବ କଲେ ଏବଂ ମିଶ୍ରଣ ଯୋଜନାରେ ସାମିଲ ହୋଇ ନ ଥିବାରୁ ବହୁ ଅନୁତାପ କଲେ । ବର୍ତ୍ତମାନ କେବଳ ସେ ନୁହଁନ୍ତି ତାଙ୍କର ପ୍ରଧାନମନ୍ତ୍ରୀ ଏବଂ ଜନସାଧାରଣ ମଧ୍ୟ ଉପଲବ୍ଧ କଲେ ଯେ ସେମାନେ ପ୍ରଦେଶ ସହିତ ମିଶିଯିବା ଉଚିତ । ଲେଖକ ଦୁର୍ଗା ଦାସ ତାଙ୍କ ପୁସ୍ତକ "India from Curzon to Nehru and After" (ପୃ ୨୮୨ରେ) ରେ ଲେଖିଛନ୍ତି :-

"ଦେଶୀୟ ରାଜ୍ୟଗୁଡ଼ିକ ସହ ଅବଶିଷ୍ଟ ଭାରତର ମିଶ୍ରଣ କେବେବି ପୂର୍ବରୁ ଯୋଜନା କରାଯାଇ ନ ଥିଲା । ପଟେଲ ମୋତେ କହିଲେ ଯେ ଏହା ଏକ ଅନୁକୂଳ ପରିସ୍ଥିତିର ପରିଣାମ ଯେତେବେଳେ ଏକ ପ୍ରଚଣ୍ଡ ଜାତୀୟତାବୋଧର ଭଉଁରୀ ଭିତରୁ ଶାସକମାନେ ନିଜକୁ ମୁକୁଳେଇ ପାରିଲେ ନାହିଁ । ଏଥି ସହିତ ଜଡ଼ିତ ଥିଲା ପଟେଲଙ୍କର ସମ୍ମାନ ଏବଂ କର୍ତ୍ତୃତ୍ୱ । ଓଡ଼ିଶାରେ ଛୋଟ ଛୋଟ ରାଜ୍ୟଗୁଡ଼ିକର ମିଶ୍ରଣ ଅପ୍ରତ୍ୟାଶିତ ଥିଲା ଏବଂ ଏହା ସେଠାରୁ ଅନ୍ୟ ରାଜ୍ୟକୁ ବ୍ୟାପି ଗଲା ।

ଏହି ପ୍ରଥମ ମିଶ୍ରଣର କାହାଣୀ ବର୍ଣ୍ଣନା କରି ପଟେଲ ମୋତେ କହିଥିଲେ ଯେ ଏପରି ଏକ ପରିକଳ୍ପନା ଉଦ୍ଭବ ହୋଇଥିଲା ହରେକୃଷ୍ଣ ମହତାବଙ୍କ ମସ୍ତିଷ୍କରୁ ଯିଏ ୧୯୩୮ ମସିହାରେ ରାଜ୍ୟ ପ୍ରଜାମଣ୍ଡଳ ଗଠନ କରିଥିଲେ । ତାହା ଥିଲା ସେହି ରାଜ୍ୟର ଲୋକମାନଙ୍କର ଏକ ସଙ୍ଗଠନ । ଓଡ଼ିଶା କଂଗ୍ରେସର ନେତୃବୃନ୍ଦ ପ୍ରସ୍ତାବ ଦେଲେ କି ଛୋଟ ଛୋଟ ଗଡ଼ଜାତ ରାଜ୍ୟଗୁଡ଼ିକ ବ୍ରିଟିସ ସରକାରଙ୍କ ଅଧୀନସ୍ଥ ପ୍ରଦେଶରେ ମିଶିଯିବା ଉଚିତ । ସେଥିପାଇଁ ରାଜ୍ୟ ଜନ ସମ୍ମେଳନ ମହତାବଙ୍କ ଅଧିନାୟକତ୍ୱରେ ଓଡ଼ିଶା ପରିପ୍ରେକ୍ଷୀରେ ଏହି ପ୍ରସ୍ତାବର ଉପଯୋଗିତା ଅନୁଧ୍ୟାନ କରିବା ପାଇଁ ଏକ କମିଟି ଗଠନ କଲା ।

କମିଟି ସୁପାରିସ କଲା ଯେ ସଂସ୍କାରମୂଳକ ପଦକ୍ଷେପ ଭାବେ ଛୋଟ ରାଜ୍ୟଗୁଡ଼ିକ ପ୍ରାଦେଶିକ ସରକାର ଅଧୀନକୁ ଆସିବା ଆବଶ୍ୟକ । ୧୯୪୨ ମସିହାରେ କ୍ରିପସ୍‌ଙ୍କ ଭାରତ ଆଗମନକାଳରେ ମହତାବ ତାଙ୍କ ସହିତ ଏହି ବିଷୟରେ ଆଲୋଚନା କରିଥିଲେ । ରାଜନୀତିକ ବିଭାଗ ଏଥିରେ ସମ୍ମତ ହେବା ପରେ ମଧ୍ୟ ସମ୍ଭାବ୍ୟ ସମାଧାନ ଦିଗରେ ଅଗ୍ରଗତି କଲା ନାହିଁ । ଭାରତ ସ୍ୱାଧୀନ ହେଲାପରେ ଇଂରେଜମାନେ ରାଜ୍ୟଗୁଡ଼ିକ ଯେପରି ଅବସ୍ଥାରେ ଥିଲା ସେଇମିତି ଛାଡ଼ି ଚାଲିଗଲେ । ଗାନ୍ଧିଜୀ ଏବଂ ପଟେଲଙ୍କୁ ମହତାବ ଏହି ଯୋଜନାର ଯଥାର୍ଥତା ହୃଦ୍‌ବୋଧ କରାଇଲେ ଏବଂ ୧୯୪୭ ମସିହା ନଭେମ୍ବର ମାସରେ ଓଡ଼ିଶାରେ ଏହି ପ୍ରକ୍ରିୟାର ଶୁଭାରମ୍ଭ କରିଥିଲେ ।

ଅପରପକ୍ଷରେ ଭି.ପି. ମେନନ୍ ପଟେଲଙ୍କୁ ଏକପ୍ରକାର ଦୋହରା ନିୟନ୍ତ୍ରଣ ପଦ୍ଧତି ଗ୍ରହଣ କରିବାକୁ ପ୍ରସ୍ତାବ ଦେଲେ ଯେପରିକି ରାଜାମାନଙ୍କ ହାତରେ କିଛି ପ୍ରଶାସନିକ କ୍ଷମତା ରହିପାରିବ । ମହତାବ କିନ୍ତୁ ଏହାକୁ ବିରୋଧ କରି କହିଲେ ଏହା କେବଳ ଗୋଳମାଳିଆ ପରିସ୍ଥିତି ସୃଷ୍ଟି କରିବ ତେଣୁ ସଂପୂର୍ଣ୍ଣ ମିଶ୍ରଣ ହିଁ ଏକମାତ୍ର ସମାଧାନ । ପଟେଲ ଏଥିରେ ସମ୍ମତ ହେଲେ ଏବଂ ତାପରେ ଦୁଇ ନେତା କଟକ ଓ ଭୁବନେଶ୍ୱରରେ ମିଳିତ ହେଲେ । ରାଜ୍ୟଗୁଡ଼ିକର ମିଶ୍ରଣ ବାବଦରେ ସ୍ମାରକପତ୍ର ପ୍ରାଦେଶିକ ସରକାରଙ୍କ ମୁଖ୍ୟସଚିବଙ୍କ ସହାୟତାରେ ପୁନଃ ପ୍ରସ୍ତୁତ କରାଗଲା ଅଧିକନ୍ତୁ ରାତାରାତି ଏହା ପୁନଃ ମୁଦ୍ରିତ ହେଲା ।

ପରଦିନ ଯେତେବେଳେ ଓଡ଼ିଶାର କ୍ଷୁଦ୍ରରାଜ୍ୟ ସମୂହର ଶାସକମାନେ ପଟେଲ ଏବଂ ମହତାବଙ୍କ ସହ ଆଲୋଚନା ସମୟରେ ସଂଘର ପୂର୍ବ ସ୍ମାରକପତ୍ର ସଂପର୍କରେ ପ୍ରଶ୍ନ କରିଥିଲେ । ପଟେଲ ଏବଂ ମହତାବ ଏ ବିଷୟ କିଛି ଜାଣନ୍ତି ନାହିଁ ବୋଲି ସ୍ପଷ୍ଟ କରି ଦେଇଥିଲେ । ତାପରେ ପଟେଲ ସେମାନଙ୍କୁ କହିଲେ “ଯଦି ଆମର ପ୍ରସ୍ତାବକୁ ଆପଣମାନେ ଗ୍ରହଣ ନକରନ୍ତି ତାହାଲେ ରାଜ୍ୟରେ କୌଣସି ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ମୁଁ କୌଣସି ଦାୟିତ୍ୱ ଦେବିନାହିଁ । ଯେହେତୁ ପ୍ରଜାମଣ୍ଡଳର ନେତୃବର୍ଗ ରାଜାମାନଙ୍କୁ କ୍ଷମତାଚ୍ୟୁତ କରିବାକୁ ପ୍ରସ୍ତୁତ ହେଉଥିଲେ ଏବଂ ଜୋର ଜବରଦସ୍ତ ମିଶ୍ରଣ କରାଇବାକୁ କୃତନିଶ୍ଚୟ ଥିଲେ ଶାସକମାନେ ଏହି ନୂଆ ଯୋଜନାକୁ ଗ୍ରହଣ କରିନେଲେ । ଏହିପରି ଭାବରେ ଓଡ଼ିଶାରେ କୌଣସି ଅପ୍ରୀତିକର ପରିସ୍ଥିତି ନ ଉପୁଜି ପ୍ରଥମ ଗଡ଼ଜାତ ମିଶ୍ରଣ ପ୍ରକ୍ରିୟା ସମାପ୍ତ ହେଲା ଯାହାକୁ ପରେ ଛତିଶଗଡ଼ ଅନୁସରଣ କଲା ଏବଂ ସେଠାରେ ସବୁ ଛୋଟ ରାଜ୍ୟ ଗୁଡ଼ିକ କେନ୍ଦ୍ରୀୟ ପ୍ରଦେଶରେ ମିଶିଗଲେ ।

୪

ଓଡ଼ିଶା ଥିଲା ମିଶ୍ରଣ ପ୍ରକ୍ରିୟାର ସୂତ୍ରଧର । ଓଡ଼ିଶା ହିଁ ଇଂରେଜମାନଙ୍କ ଦ୍ୱାରା ସୃଷ୍ଟ ଏକ ଅଭିସନ୍ଧିମୂଳକ ଅପକୌଶଳକୁ ହଟାଇ ସମାଧାନର ରାସ୍ତା ପରିଷ୍କାର କରିଥିଲା । ଗଡ଼ଜାତ ମିଶ୍ରଣର ସମ୍ପୂର୍ଣ୍ଣ ବିବରଣୀ ବର୍ତ୍ତମାନ ଏବଂ ଭବିଷ୍ୟତ ପିଢ଼ି ପାଇଁ ଲିପିବଦ୍ଧ ହେବା ଉଚିତ । କଲିକତାସ୍ଥିତ ରେସିଡ଼େଣ୍ଟଙ୍କ କାର୍ଯ୍ୟାଳୟ ଯାହା ମିଶ୍ରଣପରେ ତାର ପ୍ରାସଙ୍ଗିତା ହରାଇଥିଲା ସେଥିରେ ଥିବା ସମସ୍ତ ଦସ୍ତାବିଜ୍ ମୋତେ ମିଳିଗଲା ଯାହା ଏହି କାହାଣୀର ବ୍ୟାଖ୍ୟାନରେ ଉପଯୋଗ କରାଯାଇଛି । ପାଠକମାନେ ଜାଣିପାରିବେ କିପରି ଦୁଇପକ୍ଷ ଶେଷ ପର୍ଯ୍ୟନ୍ତ ନିଜନିଜର ଉଦ୍ଦେଶ୍ୟ ସାଧନ ପାଇଁ ଲଢ଼ିଥିଲେ । ଏକ ପକ୍ଷରେ

ମିଶ୍ରଣ ପାଇଁ ଉଦ୍ୟମ ଜାରି ରହିଥିଲା ଅପରପକ୍ଷରେ ଦେଶୀୟ ରାଜ୍ୟମାନଙ୍କ ସଂଘ ସେ ଉଦ୍ୟମର ପ୍ରତିରୋଧ କରୁଥିଲା ।

ଓଡ଼ିଶା ରାଜ୍ୟ ଜନସାଧାରଣଙ୍କ ଅନୁସନ୍ଧାନ କମିଟିର ପ୍ରଦେଶ ସହ ରାଜ୍ୟ ସମିଶ୍ରଣର ସୁପାରିସ୍‌କୁ ଅନେକ ମହଲରୁ ବିପୁଳ ସମର୍ଥନ ମିଳିଥିଲା । ଏହା ପ୍ରକାଶିତ ହେବା ପରେ ତତ୍‌କାଳୀନ ଭାଇସରଏ ଲର୍ଡ ଲିନ୍‌ଲିଥଗୋଙ୍କୁ ନିଷ୍ପତ୍ତି ପାଇଁ ଦାଖଲ କରାଗଲା । ସେତେବେଳେ ଯୁଦ୍ଧର ଘନଘଟା ଭିତରେ ଜନସାଧାରଣ ଏହି ବିଷୟକୁ ସମ୍ପୂର୍ଣ୍ଣ ଭୁଲିଯାଇଥିଲେ । ମାତ୍ର ଶାସକବର୍ଗ ଏବଂ ରାଜନୀତିକ ବିଭାଗର ଅଧିକାରୀଗଣ ଏହାକୁ ଅତି ଗୁରୁତ୍ୱର ସହ ନେଇଥିଲେ । ଯେପରି ଗଡ଼ଜାତ ରାଜ୍ୟ ଏବଂ ପ୍ରଦେଶ ମଧ୍ୟରେ ମିଶ୍ରଣ ସମ୍ଭବ ହୋଇ ନପାରେ ସେ ଦିଗରେ ସୁଚିନ୍ତିତ ଭାବେ ଅଗ୍ରସର ହେଉଥିଲେ ।

ରାଜନୀତିକ ବିଭାଗ ତଥାକଥିତ ସାର୍ବଭୌମ ରାଜ୍ୟସମୂହର ମଧ୍ୟଯୁଗୀୟ ଶାସନବ୍ୟବସ୍ଥା ସଜାଡ଼ିବା ପାଇଁ ପଦକ୍ଷେପ ନେଲେ ଏବଂ ଲୋକମାନଙ୍କୁ ଜାତୀୟବାଦୀମାନଙ୍କ ଦଳରୁ ହଟାଇ ଆଣିବାକୁ ଉଦ୍ୟମ କଲେ ।

ସମ୍ବଲପୁର ରାଜନୀତିକ ଏଜେଣ୍ଟ କାର୍ଯ୍ୟାଳୟର ଜଣେ ଗୁରୁତ୍ୱପୂର୍ଣ୍ଣ ଅଧିକାରୀ ଶ୍ରୀ ଟି.ସତ୍ୟନାରାୟଣନ୍ ନିମ୍ନ ଦର୍ଶିତ ଟିପ୍ପଣୀ ମୋତେ ପ୍ରଦାନ କରିଥିଲେ । ମିଶ୍ରଣ ପରେ ସିଏ ଓଡ଼ିଶା ସରକାରଙ୍କ ପାଖକୁ ବଦଳି ହୋଇ ଆସିଥିଲେ ।

"ରାଜନୀତିକ ବିଭାଗର ତତ୍ତ୍ୱାବଧାନରେ ୧୯୩୮ ମସିହାରୁ ମେଜର ବେଜେଲଗେଟଙ୍କ ଦୁର୍ଭାଗ୍ୟଜନକ ହତ୍ୟାପରେ ପରେ ରାଜଦରବାରଗୁଡ଼ିକର ଦୌରାତ୍ମ୍ୟ ଯଥେଷ୍ଟ ବୃଦ୍ଧିପାଇଲା ଏବଂ ପ୍ରଜାଦମନ ଆଦି ଉତ୍ତେଜନାମୟ କାର୍ଯ୍ୟକ୍ରମମାନ ହାତକୁ ନିଆଗଲା । ୧୯୩୮ ମସିହାର ଗ୍ରୀଷ୍ମକାଳରେ ଯେତେବେଳେ ଓଡ଼ିଶାର ସଂଖ୍ୟାଗରିଷ୍ଠ ଗଡ଼ଜାତ ରାଜ୍ୟଗୁଡ଼ିକର ଜନସାଧାରଣ ତୀବ୍ର ଅସନ୍ତୋଷରେ ତାତି ଉଠିଥିଲେ ସେତେବେଳେ ରେସିଡେଣ୍ଟ କଲୋନେଲ ରବସନ୍ ଏକ ଚାରିମାସିଆ ଅବକାଶ ସିଲଂ ଠାରେ ଉପଭୋଗ କରୁଥିଲେ ଯାହାର ପରିଣାମ ଥିଲା ଭୟାବହ ଏବଂ ସେ ସେଥିପାଇଁ ଦଣ୍ଡଭୋଗ କରିଥିଲେ । ବେଜେଲଗେଟଙ୍କ ହତ୍ୟାକାଣ୍ଡ ରାଜନୀତିକ ବିଭାଗର ଆଖି ଖୋଲିଦେଲା ଯିଏ ତାଙ୍କର ଛୁଟି ମଂଜୁର କରିଥିଲା । ଛୁଟି ଶେଷ ହେବାମାତ୍ରେ ତାଙ୍କୁ ପଦତ୍ୟାଗ କରିବାକୁ ପଡ଼ିଲା । ରାଜନୀତିକ ବିଭାଗ ମି.ବୋଷ୍ଟଙ୍କୁ ଓଡ଼ିଶାର ଗଡ଼ଜାତ ରାଜା ସମୂହର ଶାସନ ବ୍ୟବସ୍ଥା ବିଶେଷକରି ଭୂରାଜସ୍ୱ ବ୍ୟବସ୍ଥା ଅନୁଧ୍ୟାନ କରିବାପାଇଁ ନିଯୁକ୍ତ କଲା । ତାଙ୍କ ରିପୋର୍ଟ ଥିଲା ବୋତଲସଫା କରିବାର ଏକ ଦୃଷ୍ଟାନ୍ତ ମାତ୍ର ଯେହେତୁ ଜଣେ ରାଜନୀତିକ ଏଜେଣ୍ଟ ଭାବେ ତାଙ୍କ ନିଜ ଶାସନ ପ୍ରଣାଳୀକୁ ନିନ୍ଦା କରିବା ତାଙ୍କ ପକ୍ଷରେ ସମ୍ଭବ ନଥିଲା । ଏହା ତତ୍‌କାଳୀନ ରାଜନୀତିକ ଉପଦେଷ୍ଟା ସାର ଫ୍ରାନ୍‌ସିସ୍

ୱିଲିଙ୍କୁ ସନ୍ତୁଷ୍ଟ କରିପାରିଲା ନାହିଁ ତେଣୁ ସେ ବ୍ୟକ୍ତିଗତ ଭାବେ ଓଡ଼ିଶାର ଏହି ରାଜ୍ୟସମୂହକୁ ପରିଦର୍ଶନରେ ଆସିଲେ ଏବଂ ବୋଷ୍ଟେଡଙ୍କ ବର୍ଣ୍ଣନାର ବିପରୀତ ସଂପୂର୍ଣ୍ଣ ଭିନ୍ନ ଏକ ଅବସ୍ଥା ଦେଖିଲେ ।'

ଓଡ଼ିଶା ଗଡ଼ଜାତ ରାଜ୍ୟଗୁଡ଼ିକୁ ଗସ୍ତରେ ଯିବାପୂର୍ବରୁ ସାର୍ ଫ୍ରାନସିସ ମୋଟେ ହେଷ୍ଟିଙ୍ଗସ୍ ହାଉସ୍‌କୁ ଡକାଇଲେ ଏବଂ ତା ୧୪.୦୨.୧୯୪୧ ରିଖରେ ଦୁଇରୁ ଅଢ଼େଇଘଣ୍ଟା କାଳ ପଚରାଉଚୁରା କଲେ । ମୁଁ ତାଙ୍କୁ ଭୂରାଜସ୍ୱ ବ୍ୟବସ୍ଥା ଉପରେ ବୋଷ୍ଟେଡ ଦେଇଥିବା ରିପୋର୍ଟର ଅଂଶ ଉପରେ ସମାଲୋଚନା ମୂଳକ ଟିପ୍‌ପଣୀର ଏକ ନକଲ ଦେଇଥିଲି । ସେତେବେଳେ ରାଜନୀତିକ ବିଭାଗ ମି.ରାମଧ୍ୟାନୀଙ୍କୁ ଓଡ଼ିଶା ଦେଶୀୟ ରାଜ୍ୟଗୁଡ଼ିକର ଭୂରାଜସ୍ୱ ବ୍ୟବସ୍ଥାକୁ ଅନୁଧ୍ୟାନ କରି ରିପୋର୍ଟ ଦେବାପାଇଁ ନିଯୁକ୍ତ କରିଥିଲା । ତତ୍‌କାଳୀନ ଶାସକମାନଙ୍କର ଉଦାସୀନତା ଏବଂ କିଛି ଜାଗାରେ ଅସହଯୋଗ ସତ୍ତ୍ୱେ ସେ କିନ୍ତୁ ଖୁବ୍ ଚମତ୍କାର କାର୍ଯ୍ୟକଲେ । ଯୁଦ୍ଧ ଚାଲିଥିବାରୁ ତାଙ୍କ ସୁପାରିଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ବିଶେଷ କିଛି ଉଦ୍ୟମ ହୋଇ ପାରିଲା ନାହିଁ । ମାତ୍ର ରାଜନୀତିକ ବିଭାଗ ସୁସ୍ପଷ୍ଟ ଭାବେ ହାନିକାରକ କିଛି ବ୍ୟବସ୍ଥାକୁ ହଟେଇ ଦେଲେ । ମିତ୍ରପକ୍ଷର କେବଳ ବିଜୟରେ ନୁହେଁ ବରଂ ପୃଥିବୀର ସମସ୍ତ ସାମ୍ରାଜ୍ୟର ସମ୍ଭାବ୍ୟ ପତନର ଆଶଙ୍କାରେ ଯୁଦ୍ଧ ଶେଷ ହେଲା ।

ଇଂରେଜମାନେ ଏପରି ଏକ ପରିସ୍ଥିତିରେ ଉପନୀତ ହେଲେ ଯେତେବେଳେ କି ସେମାନେ ସେମାନଙ୍କର ସୁଦୂର ବିସ୍ତୃତ ସାମାଜ୍ୟକୁ ରକ୍ଷାକରିବାରେ ଆଉ ସମର୍ଥ ନଥିଲେ । ସେମାନଙ୍କ ସାମର୍ଥ୍ୟ ଓ ଗରିମାର ଅବକ୍ଷୟ ପରିପ୍ରେକ୍ଷୀରେ ଭାରତର ଜାତୀୟତାବାଦୀ ଆନ୍ଦୋଳନ ଜନସାଧାରଣଙ୍କର ହୃଦୟରେ ପ୍ରବେଶ କରିସାରିଥିଲା । ଫଳରେ ଗୋଟାଏ ବାହ୍ୟଶକ୍ତିର ଶାସନ ଅଧିକ ସମୟ ପାଇଁ ବରଦାସ୍ତ କରିବା ଆଉ ସମ୍ଭବ ନଥିଲା । ଯୁଦ୍ଧ ପରେ ଇଂଲଣ୍ଡରେ ଅନୁଷ୍ଠିତ ନିର୍ବାଚନରେ ଶ୍ରମିକଦଳର ବିଜୟ ହେଲା ଏବଂ ତାଙ୍କର ଘୋଷିତ ନୀତି ଥିଲା ପୂର୍ବସୂରୀଙ୍କର ସାମ୍ରାଜ୍ୟବାଦୀ ନୀତିର ପୁନର୍ବିଚାର । ଏଥିପାଇଁ ବ୍ରିଟିସ କ୍ୟାବିନେଟ୍ ତରଫରୁ ଭାରତ ନେତୃବୃନ୍ଦଙ୍କ ସହ ଆଲୋଚନାକରି ଯଥାଶୀଘ୍ର କ୍ଷମତା ହସ୍ତାନ୍ତର ପାଇଁ ପନ୍ଥା ଓ ଉପାୟ ସଂପର୍କରେ କ୍ୟାବିନେଟ୍ ମିଶନ ଭାରତ ଆସିଥିଲା । ୧୯୪୬ ମସିହା ଏପ୍ରିଲ ମାସରେ ଏହି କ୍ୟାବିନେଟ୍ ମିଶନ ଭାରତ ଆସିଲା । ସେ ସମୟରେ ଓଡ଼ିଶାକୁ ଛାଡ଼ି ପ୍ରାଦେଶିକ ମନ୍ତ୍ରୀମଣ୍ଡଳ ଗଠିତ ହୋଇ ସାରିଥିଲା । ଏହା ସତ୍ତ୍ୱେ ଓଡ଼ିଶାର ପ୍ରଧାନମନ୍ତ୍ରୀ ଭାବେ (ସେ ସମୟରେ ମୁଖ୍ୟମନ୍ତ୍ରୀମାନଙ୍କୁ ପ୍ରଧାନମନ୍ତ୍ରୀ କୁହାଯାଉଥିଲା) ମୋତେ କ୍ୟାବିନେଟ୍ ମିଶନ ଆଗରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କରାଗଲା । ୧୯୪୬ ଏପ୍ରିଲ ୬ ତାରିଖ ସକାଳେ ମୁଁ ଏହି ମିଶନ ଆଗରେ ଉପସ୍ଥିତ ହେଲି । ଭାରତର ମୋଟାମୋଟି ସାମ୍ପ୍ରତିକ ରାଜନୀତିକ ବ୍ୟବସ୍ଥା ଉପରେ

ଆଲୋଚନା କାଳରେ ମୁଁ ଦେଶୀୟ ରାଜ୍ୟଗୁଡ଼ିକର ସମସ୍ୟା ଉପରେ ଗୁରୁତ୍ୱ ଆରୋପ କଲି । ପ୍ରସଙ୍ଗଟିକୁ ଯୁକ୍ତିଯୁକ୍ତ ଭାବେ ଉପସ୍ଥାପିତ କରିବାକୁ ଏବଂ ସମଗ୍ର ଆଲୋଚନାଟିକୁ ଅତି ମାମୁଲି ବା ଲକ୍ଷ୍ୟହୀନ ନ କରିବାପାଇଁ ମୁଁ ଓଡ଼ିଶାର ଗଡ଼ଜାତ ରାଜ୍ୟ ମିଶ୍ରଣପାଇଁ ଯୁକ୍ତି ବାଢ଼ିଲି । ମିଶନ ସମ୍ମୁଖରେ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ଏକ ମାନଚିତ୍ର ଦେଖାଇ ମୁଁ ବୁଝାଇଲି କିପରି ଓଡ଼ିଶାର ଜିଲ୍ଲାଗୁଡ଼ିକ ମହାସାଗରର ଛୋଟ ଛୋଟ ଦ୍ୱୀପଭଳି ଏବଂ କିପରି ଏହି ତଥାକଥିତ ରାଜ୍ୟଗୁଡ଼ିକୁ ଇଂରେଜମାନେ ତାଙ୍କ ଉଦ୍ଦେଶ୍ୟ ସାଧନ ପାଇଁ ଗଠନ କରିଥିଲେ । ମୁଁ ମିଶନକୁ ଗୋଟିଏ ସ୍ମାରକପତ୍ର ଦେଲି । ି ମୋ ପରାମର୍ଶରେ ଆଇନଜୀବୀ ଶ୍ରୀ ବି.ପେ.ପାଲ ଏହି ସ୍ମାରକପତ୍ର ପ୍ରସ୍ତୁତ କରିଥିଲେ ଏବଂ ପ୍ରଦେଶ କଂଗ୍ରେସ କମିଟି ତରଫରୁ ଏହା ପ୍ରକାଶିତ ହୋଇଥିଲା । ଏହା ଥିଲା ତତ୍କାଳ ସୁଯୋଗରେ ଏକ ସମ୍ମୁଖ ଆକ୍ରମଣ ଯାହା ମୁଁ ଚିନ୍ତା କରୁଥିଲି । ମୋର ଅକାଟ୍ୟ ଯୁକ୍ତିରେ କ୍ୟାବିଟେ୍ ମିଶନ ଗଭୀରଭାବେ ପ୍ରଭାବିତ ହେଲେ ଏବଂ ଅନେକ ସାକ୍ଷାତକାର ଭିତରୁ ସାର ଷ୍ଟାଫୋର୍ଡ କ୍ରିପସଙ୍କ ସହ ଏକ ସାକ୍ଷାତକାରରେ ସେ ମୋତେ ସୁନିଶ୍ଚିତ କରାଇଥିଲେ ଯେ ଖୁବ୍ ଅଳ୍ପ ଦିନରେ ଏହାର ସମାଧାନ ହୋଇଯିବ । ମାତ୍ର ଭାରତ ପ୍ରସଙ୍ଗରେ ସବୁଠୁ ବଡ଼ ସମସ୍ୟାର ସମାଧାନ ସର୍ବପ୍ରଥମେ ହେବା ଉଚିତ୍ । ଏହାର ଉଲ୍ଲେଖ ଅତ୍ୟନ୍ତ କୌତୁହଳପ୍ରଦ ଯେ ସାର୍ ଷ୍ଟାଫୋର୍ଡଜିପସ ମହାମହିମ ବ୍ରିଟିସ୍ ସମ୍ରାଟଙ୍କର ଭାରତୀୟ ପ୍ରତିନିଧିଙ୍କ ରାଜନୀତିକ ପରାମର୍ଶଦାତା ସାରକନରାର୍ଡ କରଫିଲ୍ଡଙ୍କ ଉପରେ କିଛି ଚାପ ପ୍ରୟୋଗ କଲେ । କନ୍‌ରାଡ଼ଙ୍କ ସହିତ ମୋର ଅନେକଥର ସାକ୍ଷାତ ଆଲୋଚନା ହୋଇଛି ମାତ୍ର ଫଳ କିଛି ହୋଇ ନ ଥିଲା । ପାଠକମାନେ ବିଚାର କରିବେ କିପରି ରାଜନୀତିକ ବିଭାଗ ଏବଂ ଶାସକମାନେ ପଛରୁ ଥାଇ ମିଶ୍ରଣ ପ୍ରସଙ୍ଗଟିକୁ ଗୌଣକରିଦେବା ପାଇଁ ଷଡଯନ୍ତ୍ର ରଚିଥିଲେ ।

ମୟୂରଭଂଜର ମହାରାଜା ଶ୍ରୀ ପ୍ରତାପ ଚନ୍ଦ୍ର ଭଂଜଦେଓ ଅନେକ 'କାଉ'ଙ୍କ ଭିତରେ ରଜହଂସ ଭଳି ଥିଲେ । ଶାସକମାନେ ଯେଉଁ ରାଜ୍ୟସଂଘ ଗଠନର ଯୋଜନା ବିଷୟରେ ଷଡଯନ୍ତ୍ର କରୁଥିଲେ ସେ ତାର ବିରୋଧୀ ଥିଲେ । ସାର କନରାଡ଼ ମହାରାଜାଙ୍କୁ ତାଙ୍କ ବିରୋଧରୁ ନିବୃତ୍ତ କରିବା ପାଇଁ ଭୋପାଳର ନବାବ ଏବଂ ରେସିଡେଣ୍ଟଙ୍କ ମାଧ୍ୟମରେ ଚେଷ୍ଟା କରିଥିଲେ ଏବଂ ଏ ବିଷୟରେ ମହାରାଜାଙ୍କୁ ପତ୍ର ଲେଖିଥିଲେ । ଡୁଙ୍ଗରପୁରର ମହାରାଜାଙ୍କୁ ଲେଖିଥିବା ପତ୍ରରେ ମୟୂରଭଂଜର ମହାରାଜା ତାଙ୍କର ମନୋଭାବ ସ୍ପଷ୍ଟ କରିଦେଇଥିଲେ । ତା ୨୭.୦୪.୪୬ରିଖରେ ଖରିଆରଗଡ଼ ମହାରାଜାଙ୍କ ସହ ମି.ସିରବର୍ଟଙ୍କ ତାଙ୍କ ବାର୍ତ୍ତାଳାପ ସଂପର୍କିତ ଏକ ଟିପ୍‌ପଣୀରୁ ଜଣାଯାଏ ଯେ ମୟୂରଭଂଜର ମହାରାଜା ଦେଶୀୟ ରାଜ୍ୟଗୁଡ଼ିକର ସଂପୂର୍ଣ୍ଣ ସ୍ୱାଧୀନତା କିମ୍ବା ଏଗୁଡ଼ିକର ମିଶ୍ରଣ ସପକ୍ଷରେ ଥିଲେ ।

ଏହା ଅତି ସନ୍ତୋଷଜନକ ଥିଲା ଯେ ତତ୍‌କାଳୀନ ଭାଏସରଏ ଲର୍ଡ ୱାଭେଲ ମୋ ଯୁକ୍ତିରେ ଅତ୍ୟନ୍ତ ପ୍ରଭାବିତ ହୋଇ ସମସ୍ତ ସମ୍ଭାବ୍ୟ ଉପାୟରେ ମୋତେ ସାହାଯ୍ୟ କରିବାକୁ ପ୍ରଭୂତ ଉଦ୍ୟମ କରିଥିଲେ । ସେ ଅନେକ ଗଡ଼ଜାତ ଶାସକଙ୍କୁ ମୋର ଯୋଜନା ଗ୍ରହଣ କରିବାକୁ ପ୍ରବର୍ତ୍ତାଇଥିଲେ ମାତ୍ର ସେମାନଙ୍କ ଭିତରୁ କାହାକୁ ରାଜି କରାଇ ପାରିନଥିଲେ । ପାଟଣା ମହରାଜାଙ୍କ ଦ୍ୱାରା ମହାମାନ୍ୟ ଲର୍ଡ଼ ୱାଭେଲଙ୍କୁ ଲିଖିତ ଏକ ପତ୍ରରୁ ସେ ସମୟର ରାଜନ୍ୟବର୍ଗଙ୍କ ମନୋଭାବ ବିଚାର କରିହେବ ।

ଯେତେବେଳେ ମୋର ସ୍ମାରକପତ୍ର ରାଜନୀତିକ ବିଭାଗ ଦ୍ୱାରା ରାଜାମାନଙ୍କ ମଧ୍ୟରେ ପ୍ରସାର କରାଗଲା ଏବଂ ଯେତେବେଳେ ବିଭାଗର ମନୋଭାବ ମଧ୍ୟ ବିଭିନ୍ନ ଉପାୟରେ ସ୍ପଷ୍ଟ ଭାବରେ ବ୍ୟକ୍ତ ହେଲା ରାଜନ୍ୟବର୍ଗଙ୍କ ପକ୍ଷରୁ ରାଜନୀତିକ ବିଭାଗକୁ କ୍ୟାବିନେଟ ମିଶନରେ ଉପସ୍ଥାପିତ ମୋର ଯୋଜନାକୁ ବିରୋଧକରି ସ୍ମାରକପତ୍ର ମାନ ପଠାଗଲା । ୧୯୪୬ ମସିହା ଜୁଲାଇ ୩୦ରେ ଷଢ଼େଇକଳାର ଶାସକଙ୍କ ଦ୍ୱାରା କଲୋନେଲ ଟଡ୍‌ଙ୍କୁ ପ୍ରଦତ୍ତ ସ୍ମାରକପତ୍ରରୁ ଜାଣିହୁଏ ସେ ସମୟରେ ରାଜନ୍ୟବର୍ଗଙ୍କର ମନରେ କ'ଣ ଚାଲିଥିଲା । ଷଢ଼େଇକଳା ଶାସକଙ୍କୁ ଛାଡ଼ି ଅନ୍ୟ କେତେକ ଶାସକ ମଧ୍ୟ ମିଶ୍ରଣ ବିରୋଧୀ ସ୍ମାରକପତ୍ରମାନ ପ୍ରେରଣ କଲେ ।

ଗାନ୍ଧିଜୀଙ୍କ ସହ ଆଲୋଚନା ପରେ ଏହିସବୁ ରାଜ୍ୟଗୁଡ଼ିକର ସମସ୍ୟା ମୁଁ କ୍ୟାବିନେଟ୍ ମିଶନ ଆଗରେ ଉପସ୍ଥାପନ କଲି । ଏପ୍ରିଲ ୫ ତାରିଖ ସନ୍ଧ୍ୟାରେ ମୁଁ ଗାନ୍ଧିଜୀଙ୍କୁ ସାକ୍ଷାତକଲି ଏବଂ ତହିଁ ଆରଦିନ ମୁଁ କ'ଣ କରିବାକୁ ଯାଉଛି ଜଣାଇଲି । ଗାନ୍ଧିଜୀ ମୋତେ ସମସ୍ତ ଶକ୍ତି ଖଟାଇ ସମସ୍ୟା ଉପସ୍ଥାପନ କରିବା ପାଇଁ ଉତ୍ସାହିତ କଲେ ଏବଂ ମୋର ଏହି ସଂକଳ୍ପକୁ ପୂର୍ଣ୍ଣ ପ୍ରାଣରେ ସମର୍ଥନ କରିବାକୁ ଅଙ୍ଗୀକାର କଲେ । ଯଦିଓ ମୁଁ କ୍ୟାବିନେଟ୍ ମିଶନ ଆଗରେ ଏସବୁ ଉପସ୍ଥାପନ କରି କିଛି ଫଳ ପାଇଲି ନାହିଁ ତଥାପି ଯେତେ ସୁରୁଖୁରୁରେ ସମ୍ଭବ ହୋଇପାରିବ ତାକୁ ହାସଲ କରିବା ପାଇଁ ମୋର ପ୍ରୟାସ ଜାରି ରଖିଲି ।

ଯେତେବେଳେ ଉପଲବ୍ଧି କଲି ସବୁକିଛି କଥାବାର୍ତ୍ତା , ପାରସ୍ପରିକ ରାଜିନାମା ଉପରେ ନିର୍ଭର କରେ ସେତେବେଳେ ମୁଁ ସିଧାସଳଖ ଶାସକମାନଙ୍କ ସହ କଥାବାର୍ତ୍ତା ଆରମ୍ଭ କରିଦେଲି ଏବଂ ସବୁବେଳେ ରାଜନୀତିକ ବିଭାଗରୁ କିଛି ମାତ୍ରାରେ ସହଯୋଗ ଆଶା କରୁଥିଲି । ମୁଁ ଓଡିଶାର ସମସ୍ତ ରାଜ୍ୟ ଶାସକଙ୍କ ଉଦ୍ଦେଶ୍ୟରେ ଦୁଇଟି ପରିପତ୍ର ଏବଂ ତାର ନକଲ ଭାରତ ସରକାରଙ୍କର ରାଜନୀତିକ ପରାମର୍ଶଦାତା କନରାର୍ଡ଼ - କପରଫିଲଡଙ୍କ ପାଖକୁ ପଠାଇଲି ।

ବଡ଼ମ୍ବା ରାଜା ଶ୍ରୀ ଏନ୍ ସି.ବି.ଏସ୍. ମହାପାତ୍ରଙ୍କ ପ୍ରତ୍ୟୁତ୍ତର ପଢ଼ି ପାଠକମାନେ ଆମୋଦିତ ହେବେ । ସେ ପରାମର୍ଶ ଦେଇ ଲେଖିଥିଲେ ଯେ ଆଜିଦିନରେ ଥିବା

ଜିଲ୍ଲାଗୁଡ଼ିକ ଯାହାକୁ ନେଇ ଓଡ଼ିଶା ପ୍ରଦେଶର ସମସ୍ତ ଜିଲ୍ଲା ଏକଦା ତାଙ୍କ ପୂର୍ବଜଙ୍କ ଅଧୀନସ୍ଥ ଥିଲା । ତେଣୁ ସମସ୍ତ ଅଞ୍ଚଳକୁ ସ୍ୱର୍ଗତ ରାଜାଙ୍କର ଉତ୍ତରାଧିକାରୀମାନଙ୍କୁ ଫେରେଇ ଦେବା ପାଇଁ ସେ ଦାବୀ କରିଥିଲେ । ଫଳରେ ରାଜ୍ୟମାନଙ୍କର ଏକ ସ୍ଥାୟୀସଂଘ ଗଠିତ ହୋଇପାରିବ ।

ଓଡ଼ିଶା ଓ ଛତିଶଗଡ଼ର ଶାସକବୃନ୍ଦଙ୍କ ମଧ୍ୟରେ ୧୯୪୬ ଜୁଲାଇ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ବୈଠକର ବିବରଣୀରୁ ଜଣାଯାଏ କିପରି କତିପୟ ଶାସକ ଏକ ଅନିର୍ବାଯ୍ୟ ପରିଣାମକୁ ଟାଳି ଦେବାପାଇଁ ଉଦ୍ୟମରତ ଥିଲେ ଏବଂ କିପରି ରାଜନୀତିକ ବିଭାଗ ସଂପୂର୍ଣ୍ଣ ନାଟକଟିକୁ ପରିଚାଳନା କରୁଥିଲେ ।

କ୍ୟାବିନେଟ୍ ମିଶନର ପ୍ରସ୍ତାବଗୁଡ଼ିକ ପ୍ରକାଶିତ ହେବା ମାତ୍ରେ ମୁଁ ସଙ୍ଗେ ସଙ୍ଗେ ତତ୍କାଳୀନ ଭାଇସ୍‌ରଏ ଲର୍ଡ଼ୱାଭେଲ ଏବଂ ରାଜ୍ୟସମୂହର ସଚିବ ଲର୍ଡ଼ ପେଥିକ ଲରେନ୍ସଙ୍କୁ ତାରବାର୍ତ୍ତା ପଠାଇଲି । ତାଙ୍କ ପାଖରୁ ଯେଉଁ ଉତ୍ତର ଆସିଲା ସେଥିରୁ ଜଣାଗଲା ଯେ ରାଜନ୍ୟବର୍ଗଙ୍କ ସହ ବୁଝାମଣା ଉପରେ ସବୁ କିଛି ନିର୍ଭର କରୁଛି ।

ଯେତେବେଳେ ସ୍ୱାଧୀନତାର ତରୀ କୂଳର ନିକଟ ହୋଇଆସୁଥିଲା ଏକପକ୍ଷରେ ଦେଶୀୟ ରାଜ୍ୟଗୁଡ଼ିକର ଜନସାଧାରଣଙ୍କ ଆଶା ଓ ଅଭିଳାଷ ଏବଂ ଅପରପକ୍ଷରେ ରାଜନ୍ୟବର୍ଗଙ୍କର ଭୟ ଓ ଆଶଙ୍କା ବୃଦ୍ଧିପାଉଥିଲା । ଶାସକବର୍ଗ ଏକାଠି ହୋଇ ସେମାନଙ୍କର ସାର୍ବଭୌମତ୍ୱ ରକ୍ଷା କରିବା ପାଇଁ ସଂଘ ଗଠନ କରିବାକୁ ଯତ୍‌ପରୋନାସ୍ତି ଉଦ୍ୟମ କରୁଥିଲେ ଏବଂ ପ୍ରଜାମାନେ ଶାସକଙ୍କ ପୃଷ୍ଠପୋଷକତାରେ ଲୋକ ପ୍ରତିନିଧିମୂଳକ ସରକାର ଗଠନ ପାଇଁ ମୂଲଚାଲ କରୁଥିଲେ । ଏହି ଦୁଇପ୍ରକାର ପରସ୍ପର ବିରୋଧୀ ଭାବାବେଗ ଭିତରେ ଶ୍ରୀ ଜଓ୍ୱାହରଲାଲ ନେହେରୁ ଏବଂ ସର୍ବଭାରତୀୟ ଦେଶୀୟ ରାଜ୍ୟର ଜନ ସମ୍ମେଳନ ଛନ୍ଦି ହୋଇଯାଇଥିଲେ । କେହି କଳ୍ପନା କରି ପାରୁନଥିଲେ ଯେ ମିଶ୍ରଣ ହେଉଛି ଏକମାତ୍ର ସମାଧାନ ଏବଂ ରାଜ୍ୟ ଓ ପ୍ରଦେଶ ମଧ୍ୟରେ ପ୍ରଶାସନିକ ସହଯୋଗିତା ହେଉଛି ମିଶ୍ରଣର ପ୍ରଥମ ସୋପାନ । ଜଓ୍ୱାହରଲାଲଜୀ ରାଜ୍ୟଗୁଡ଼ିକରେ ଶାସକବର୍ଗଙ୍କ ଅଧୀନରେ ପ୍ରତିନିଧି ମୂଳକ ସରକାର ଗଠନ ଗ୍ରହଣୀୟ ହେବ ବୋଲି ବିବୃତ୍ତି ଦେବା ଆରମ୍ଭ କରିଦେଲେ । ମୁଁ ତାଙ୍କୁ ନିମ୍ନମତେ ଏକ ଟେଲିଗ୍ରାମ୍ ପଠାଇଲି ଯଦ୍ୱାରା ସେ ମୋତେ ଏକ ଉତ୍ସାହଭରା ପ୍ରତ୍ୟୁତ୍ତର ପଠାଇଲେ –

ଓଡ଼ିଶାର ପ୍ରଧାନମନ୍ତ୍ରୀଙ୍କ ପାଖରୁ ପଣ୍ଡିତ ଜଓ୍ୱାହରଲାଲ ନେହେରୁ, ନୂଆଦିଲ୍ଲୀଙ୍କ ନିକଟକୁ ଜୁନ୍ ୧୦ ତାରିଖର ଟେଲିଗ୍ରାମ

"ଯେତେବେଳେ ଆପଣ କହୁଛନ୍ତି ଯେ ଶାସକବର୍ଗଙ୍କ ପୃଷ୍ଠପୋଷକତାରେ ଦାୟିତ୍ୱ ସମ୍ପନ୍ନ ସରକାର ଗଠନ ହେବା ଉଚିତ ଆପଣ ସ୍ପଷ୍ଟଭାବରେ ବଡ଼ବଡ଼ ରାଜାଙ୍କ କଥା କହୁଛନ୍ତି, ମାତ୍ର ଏଭଳି ଅନୁଚିତ ବିବୃତି ବିଭ୍ରାନ୍ତି ସୃଷ୍ଟି କରୁଛି । ଅନୁରୋଧ, ଦୟାକରି ସ୍ପଷ୍ଟକରି

କୁହନ୍ତୁ କି ଓଡ଼ିଶାର ଛୋଟ ଛୋଟ ଗଡ଼ଜାତ ରାଜ୍ୟଗୁଡ଼ିକ ପ୍ରଦେଶ ସହ ମିଶିଯିବା ଉଚିତ ।"

ପଣ୍ଡିତ ଜବହାରଲାଲ ନେହେରୁଙ୍କ ଠାରୁ ଓଡ଼ିଶାର ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ କଟକଙ୍କ ନିକଟକୁ ପ୍ରେରିତ ୧୨ ଜୁନର ଟେଲିଗ୍ରାମ – "ଆପଣଙ୍କ ଟେଲିଗ୍ରାମ ଅନୁଯାୟୀ ମୁଁ ଆପଣଙ୍କ ସହ ଏକମତ ଯେ କ୍ଷୁଦ୍ର ଗଡ଼ଜାତ ପ୍ରଦେଶ ସହ ମିଶିଯିବା ଉଚିତ୍ ।"

ପାଠକମାନେ ଜାଣିପାରିବେ ସର୍ବ ଭାରତୀୟରାଜା ଜନ ସମ୍ମେଳନ (All India State Peopes Conference) ମଧ୍ୟ ଏ ଦୁଇପ୍ରକାର ଶକ୍ତି ମଝିରେ ଦ୍ୱିଧାଗ୍ରସ୍ତ ହୋଇ ସଂଘ ଗଠନକୁ ଆଗେଇ ନେବାପାଇଁ ସହାୟତା ପ୍ରଦାନ କଲା ।

ଯାହା ହେଉନା କାହିଁକି ମୋର ଯୋଜନାକୁ ଯେତେଦୂର ସମ୍ଭବ ପୂର୍ଣ୍ଣପ୍ରାଣରେ ମୁଁ ଆଗେଇ ନେଲି । ଏ ସଂପର୍କରେ ସାର୍ କନରାର୍ଡ କୋରଫିଲଡ ସ୍ପଷ୍ଟଭାବରେ ମୋତେ କହିଲେ ଯେ :

"ଓଡ଼ିଶାର ଗଡ଼ଜାତରାଜ୍ୟ ଗୁଡ଼ିକ ସହ ପ୍ରଦେଶର ଅଧିକ ନିବିଡ଼ତା ଅନିବାର୍ଯ୍ୟ ଭାବରେ ସ୍ଥାନୀୟ ଗୁରୁତ୍ୱ ଅପେକ୍ଷା ଅଧିକ ସାମ୍ବିଧାନିକ ସମସ୍ୟା ଠିଆ କରିବ । ଏହିକାରଣରୁ ମହାମହିମ ସର୍ବୋଚ୍ଚଶାସକ ଚାହାନ୍ତିକି ପ୍ରଦେଶ ଏବଂ ଗଡ଼ଜାତ ରାଜ୍ୟଗୁଡ଼ିକର ପ୍ରତିନିଧିମାନଙ୍କର ପ୍ରସ୍ତାବିତ ବୈଠକରେ ମି.ହରବର୍ଟ ଉପସ୍ଥିତ ରହନ୍ତୁ ।"

ମାତ୍ର ଏତିକିରେ ସେ ସଫଳ ହୋଇପାରିଲେ ନାହିଁ । ମୁଁ କହିପାରିବି ନାହିଁ ଏପରି ଏକ ଛୋଟ ବ୍ୟାପାରରେ କିଏ କେଉଁ ପ୍ରକାର ଭୂମିକା ନିର୍ବାହକଲା । ରାଜନ୍ୟବର୍ଗ ଅନୌପଚାରିକ ଭାବେ ଓଡ଼ିଶା ସରକାରଙ୍କ ପ୍ରତିନିଧିମାନଙ୍କ ସହ ସମ୍ମିଳିତ ହେବାପାଇଁ ମନା କରିଦେଲେ । ଯାହାହେଉ ପୂର୍ବାଞ୍ଚଳ ରାଜ୍ୟପ୍ରତିନିଧିଙ୍କ ଏଜେନ୍ସିର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ମି. ହର୍‌ବର୍ଟ ଓଡ଼ିଶା ସରକାରଙ୍କ ସହ ଏହି ବିଷୟରେ ଆଲୋଚନା କରିବା ପାଇଁ କଟକ ଆସିଲେ । ଓଡ଼ିଶାର ତତ୍‌କାଳୀନ ରାଜ୍ୟପାଳ ସାର୍ ଚନ୍ଦୁଲାଲ ତ୍ରିବେଦୀ ମାମଲାଟିକୁ ଓଡ଼ିଶା ସରକାରଙ୍କ ପକ୍ଷରୁ ଉପସ୍ଥାପନ କରିବାକୁ ଦିବାରାତ୍ର ପରିଶ୍ରମ କଲେ ଏବଂ ମି. ହରବର୍ଟଙ୍କ ସହ ଆଲୋଚନା କରିବାକୁ ଏକ ସ୍ମାରକପତ୍ର ପ୍ରସ୍ତୁତ କଲେ । ସାର ଚନ୍ଦୁଲାଲ, ମି. ହରବର୍ଟ ଏବଂ ମୁଁ ମନୋଯୋଗ ସହକାରେ ପ୍ରଦେଶରେ ଜିଲ୍ଲା ଗୁଡ଼ିକ ପାର୍ଶ୍ୱବର୍ତ୍ତୀ ଏହି ଛୋଟ ଛୋଟ ଗଡ଼ଜାତ ରାଜ୍ୟ ଗୁଡ଼ିକର ଅବସ୍ଥିତିର ବିଭିନ୍ନ ଦିଗ ଉପରେ ଆଲୋଚନାପୂର୍ବକ ଆପାତତଃ ଏକପ୍ରକାର ରାଜିନାମାରେ ଉପନୀତ ହେଲୁ ଯେ ପ୍ରଦେଶ ପ୍ରଶାସନ ଏବଂ ପଡ଼ୋଶୀ ଗଡ଼ଜାତ ରାଜ୍ୟଗୁଡ଼ିକର ପ୍ରଶାସନ ମଧ୍ୟରେ ଘନିଷ୍ଠ ସଂପର୍କ ରହିବା ଉଚିତ୍ । ପର୍ଯ୍ୟାପ୍ତ ଉଦ୍ୟମ ପରେ ଶାସକବର୍ଗଙ୍କର କିଛି ପ୍ରତିନିଧି

ଏବଂ ମୁଁ ସମ୍ବଲପୁରଠାରେ ମିଳିତ ହେଲୁ । ଶାସକବର୍ଗ ପ୍ରତିନିଧିମାନଙ୍କର ନେତୃତ୍ୱ ନେଉଥିଲେ ଷଢ଼େଇକଳାର ଶାସକ । ପାଠକମାନଙ୍କ ସମ୍ମୁଖରେ ସମସ୍ତ ଦୃଷ୍ଟିକୋଣ ସମ୍ବଳିତ ବିବରଣୀର ମୂଳପାଠ ଉପସ୍ଥାପନ କରୁଛି । ଏହି ସବୁ ବିବରଣୀରୁ ଏହା ଦୃଷ୍ଟିଗୋଚର ହେବ ଯେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍କର୍ଷ ବାହାରିଲାନାହିଁ, ତଥାପି ମୁଁ ହତୋତ୍ସାହ ହେଲିନାହିଁ ।

ଭୋପାଳର ନବାବ ରାଜାମାନଙ୍କର ବ୍ୟବସ୍ଥାପକ ସଭାର ଚାନସେଲରଙ୍କ ସହିତ ଏ ପ୍ରସଙ୍ଗରେ ଆଲୋଚନା କଲି । ମୁଁ ଭାବିଲି ଓଡ଼ିଶାର ଗଡ଼ଜାତ ରାଜ୍ୟର ଶାସକମାନଙ୍କ ସହ ବୁଝାମଣା ସଂପର୍କରେ ଏହି ଉତ୍ସ ଗୁଡ଼ିକର ସହଯୋଗ ନେବା ଉଚିତ୍ । ଏ ସଂପର୍କରେ ମୁଁ ଯାହାକିଛି କରୁଥିଲି ସବୁବେଳେ ବାପୁଜୀଙ୍କୁ ଅବଗତ କରାଉଥିଲି । ମୁଁ ଭୋପାଳ ଗଲି ଏବଂ ନବାବଙ୍କର ଅତିଥିଭାବେ ଦୁଇଦିନ ଅବସ୍ଥାନକଲି ଏବଂ ତାଙ୍କ ସହ ଓଡ଼ିଶା ଗଡ଼ଜାତ ରାଜ୍ୟ ବନାମ୍ ପ୍ରଦେଶର ଟିକିନିକି ତଥ୍ୟ ଉପରେ ଦୀର୍ଘ ଆଲୋଚନା କଲି ଓ ପରିଶେଷରେ ଆମେ ରାଜିନାମାର କିଛି ସର୍ତ୍ତ ଆଡ଼କୁ ଅଗ୍ରଗତି କଲୁ । ଇତି ମଧ୍ୟରେ ସାର୍ ଚନ୍ଦୁଲାଲ ତ୍ରିବେଦୀ ତରବର ହୋଇ ଅଗ୍ରସର ନ ହେବାକୁ ମୋତେ ସତର୍କ କରିଦେଉଥିଲେ । ତାଙ୍କର ନିଷ୍ଠାପର ଅନୁରକ୍ତି ଏବଂ ଉପଦେଶ ମାନିବାକୁ ପ୍ରସ୍ତୁତ ଥିଲି ଏବଂ ଯଥାସମ୍ଭବ ସତର୍କତାର ସହ ଆଗକୁ ବଢୁଥିଲି ।

ଯେତେବେଳେ ଶାସକବର୍ଗଙ୍କ ସହ ରାଜିନାମାରେ ଉପନୀତ ହେବାକୁ ଚେଷ୍ଟା କରୁଥିଲି ସେମାନେ ପୂର୍ବାଞ୍ଚଳ ରାଜ୍ୟସଂଘ ଗଠନପୂର୍ବକ ଏକ ସଂକୀର୍ଣ୍ଣ ବିଚାରଧାରାକୁ ନେଇ ସମ୍ବିଧାନ ତିଆରି କରିବାରେ ଲାଗିଥିଲେ । ୧୯୪୬ ଡିସେମ୍ବର ୨୧ ଓ ୨୨ ତାରିଖରେ ରାୟପୁର ରାଜକୁମାର କଲେଜରେ ଅନୁଷ୍ଠିତ ସପ୍ତମ ଶାସକବର୍ଗଙ୍କ ସମ୍ମିଳନୀର ବିବରଣୀ ଏ ସଂପର୍କରେ ସୂଚନା ପ୍ରଦାନ କରେ ।

ଭାରତର ସମ୍ବିଧାନ ତିଆରି ପାଇଁ ସମ୍ବିଧାନ ପ୍ରଣୟନ ସଭା ନିୟମିତ ବସୁଥିଲା ଏଥିରେ ପ୍ରଦେଶ ଏବଂ ଦେଶୀୟରାଜ୍ୟର ପ୍ରତିନିଧିମାନେ ଅଂଶଗ୍ରହଣ କରୁଥିଲେ । ମୁଁ ଭାବିଲି ଏହି ସଭାରେ ମୁଁ କିଛି କରିବା ଉଚିତ ଯଦ୍ୱାରା ଅନ୍ୟୂନ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ରାଜ୍ୟ ଏବଂ ପ୍ରଦେଶ ମଧ୍ୟରେ ସମନ୍ୱୟଭିତ୍ତିକ ଶାସନ ସମ୍ଭବ ହୋଇପାରିବ । ମୁଁ ସମ୍ବିଧାନ ସଭାର ପରାମର୍ଶ ଦାତା ସାର୍ କି. ଏନ୍ ରାଉଙ୍କୁ ବିଶ୍ୱାସକୁ ନେଲି । ସେ ମୋର ଦୃଷ୍ଟିକୋଣକୁ ପ୍ରଶଂସା କରିବାରେ ଉଦାର ଥିଲେ ଏବଂ ତାଙ୍କଦ୍ୱାରା ଯାହା କିଛି ସମ୍ଭବ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଲେ ।

ଭୋପାଳର ନବାବ କିଛି ପରିମାଣରେ ମୋ ସହ ଏକମତ ହେବା ପରେ ସାର୍ କି. ଏନ୍ ରାଉଙ୍କ ପ୍ରସ୍ତାବକୁ ନେଇ ମୁଁ ଆଶାବାଦୀ ଥିଲି । ଏଠାରେ ଉଲ୍ଲେଖ କରିବା ନିଷ୍ପ୍ରୟୋଜନ ଯେ ବାପୁଜୀ, ସର୍ଦ୍ଦାର ପଟେଲ ଏବଂ ପଣ୍ଡିତ ନେହେରୁଙ୍କୁ ମୋର ପ୍ରତିଟି

ପଦକ୍ଷେପ ସଂପର୍କରେ ଅବଗତ କରିବା ସହିତ ସେମାନଙ୍କର ଅନୁମୋଦନ ନେଉଥିଲି । ଯେତେବେଳେ ମୁଁ ଏପରି ଉପର୍ଯ୍ୟୁକ୍ତ ପ୍ରସଙ୍ଗରେ ସୁଚିନ୍ତିତ ଭାବେ ଅଗ୍ରସର ହେଉଥିଲି, ସେତିକିବେଳେ ସବୁଠୁ ଅପ୍ରତ୍ୟାଶିତ ଶିବିର ଅର୍ଥାତ ସର୍ବଭାରତୀୟ ରାଜ୍ୟ ଜନ ସମ୍ମେଳନ (All India States People's Conference) ଆଡୁ ପ୍ରତିବନ୍ଧକ ସୃଷ୍ଟି କରାଗଲା । ଏହି ସମ୍ମେଳନର ସଭାପତି ମୋର ସମସ୍ତ ଉଦ୍ୟମକୁ ନା ମଂଜୁର କରି ପୂର୍ବାଞ୍ଚଳ ରାଜ୍ୟ ସଂଘ ଗଠନକୁ ସମର୍ଥନ କରି ମୋତେ ଏକ ପତ୍ର ଲେଖିଲେ । ବିନା ମେଘରେ ବଜ୍ରପାତ ଭଳି ମୋତେ ଏହା ଲାଗିଲା ତଥାପି ମୁଁ ଭାଙ୍ଗି ପଡ଼ିଲି ନାହିଁ; ବରଂ ସଭାପତିଙ୍କୁ ଏହାର ଏକ ଶକ୍ତ ପ୍ରତିଉତ୍ତର ଦେଲି ଏବଂ ସର୍ବସାଧାରଣରେ ଏକ ବିବୃତ୍ତି ଜାରିକଲି ।

ଇତି ମଧ୍ୟରେ ମୁଁ ବରାବର ପୂର୍ବାଞ୍ଚଳ ରାଜ୍ୟ ସଂଘର ପ୍ରଧାନମନ୍ତ୍ରୀ ମି.ପି.ଏଚ୍. କ୍ରିଷ୍ଣାରାଓଙ୍କ ଠାରୁ ପତ୍ର ପାଉଥାଏ । ଯେତେବେଳେ ରାଜ୍ୟ ସମୂହର ଏକ ବିଭାଗ ଖୋଲିଲା ଏବଂ ସର୍ଦ୍ଦାର ପଟେଲଙ୍କୁ ଏହାର ଦାୟିତ୍ୱ ଦିଆଗଲା ମୁଁ ଏହି ପ୍ରସଙ୍ଗ ତାଙ୍କ ପାଖରେ ଉଠାଇଲି । ମି ମେନନ ସେତେବେଳେ ରାଜ୍ୟ ସମୂହ ମନ୍ତ୍ରଣାଳୟରେ ସଚିବ ଥିଲେ । ମୁଁ ସର୍ଦ୍ଦାର ପଟେଲଙ୍କୁ ଏବଂ ସ୍ମାରକପତ୍ର ଦେଲି ଏବଂ ଗାନ୍ଧିଜୀଙ୍କ ସହ ମଧ୍ୟ ବାର୍ତ୍ତାଳପ କଲି । ବର୍ତ୍ତମାନ ପର୍ଯ୍ୟନ୍ତ ମୋ ଯୋଜନାକୁ ପଣ୍ଡ କରିବାକୁ କିଛି ଶାସକ ସୁଚିନ୍ତିତ ଉପାୟରେ ଯୋଜନା କରୁଥିଲେ । କିନ୍ତୁ ମୁଁ ନିରବ ଥିଲି । ପାଟଣା ମହାରାଜା ଗୋଟିଏ ବିଭ୍ରାନ୍ତିକର ତଥ୍ୟ ପ୍ରଚାର ଆରମ୍ଭ କଲେ ଯେ ଓଡ଼ିଶାର ଗଡ଼ଜାତ ରାଜ୍ୟସମୂହ ଏବଂ ସମ୍ବଲପୁର ଜିଲ୍ଲା ଓଡ଼ିଶାର ଅଂଶ ନୁହେଁ ବରଂ ସେଗୁଡ଼ିକ ଏକଦା ତଥାକଥିତ କୋଶଳ ରାଜ୍ୟ ଥିଲା । ତାଙ୍କ ଯୋଜନା ମୁତାବକ ଯେତେବେଳେ ପୂର୍ବାଞ୍ଚଳ ରାଜ୍ୟ ରାଷ୍ଟ୍ରସଂଘ ଗଠନ ହୋଇଯିବ ସମ୍ବଲପୁର ଏବଂ ଅନୁଗୁଳ ଏହି ସଂଘରେ ଯୋଗଦେବେ । ଏହାକୁ ହାସଲ କରିବାକୁ ହେଲେ ସମ୍ବଲପୁରକୁ ଓଡ଼ିଶାରୁ ଅଲଗା କରିବାପାଇଁ ଭାବାବେଗକୁ ଗୁରୁତ୍ୱ ପ୍ରଦାନ କରାଯିବ । ଅଚାନକ ୧୯୪୬ ମସିହାରେ ସମ୍ବଲପୁରରେ ମହାନଦୀ ଉପତ୍ୟକା ପ୍ରକଳ୍ପର ପ୍ରାରମ୍ଭିକ ସୀମାନିର୍ଦ୍ଧାରଣ ସର୍ବେକ୍ଷଣ ଆରମ୍ଭ ହୋଇଥିଲା । ଏହି ପ୍ରକଳ୍ପ ପାଇଁ ଏକଶହରୁ କିଛି ଅଧିକ ଗ୍ରାମ ଅଧିଗ୍ରହଣ ଆବଶ୍ୟକ ଥିଲା । ଏତେ ପରିମାଣରେ ଭୂମି ଅଧିଗ୍ରହଣ ନିଶ୍ଚିତ ଭାବେ ଜନତାଙ୍କ ମନରେ ତୀବ୍ର ଅସନ୍ତୋଷ ସୃଷ୍ଟିକଲା ଏବଂ ଓଡ଼ିଶାରୁ ସମ୍ବଲପୁରକୁ ଅଲଗା କରିବାପାଇଁ ଏହା ବଳିଷ୍ଠ ପ୍ରସଙ୍ଗ ପାଲଟିଗଲା । ଶାସକମାନଙ୍କର ଯୋଜନାକୁ ରୂପାୟନ କରିବାରେ ଯେଉଁମାନେ ହାତ ବାରିସି ସାଜିଥିଲେ ସେମାନେ ଜମି ଅଧିଗ୍ରହଣ ଜନିତ ଏହି ଜନ ଅସନ୍ତୋଷର ପୂର୍ଣ୍ଣ ଫାଇଦା ନେଲେ ଏବଂ ଅଲଗା ହେବାପାଇଁ ଏକ ତୀବ୍ର ଭାଗବେଗ ସୃଷ୍ଟିରେ ସଫଳ ହେଲେ । ଅନ୍ତତଃ ସମ୍ବଲପୁରର ସଦର ଉପଖଣ୍ଡରେ ଏହା ଉଗ୍ର ରୂପ ନେଲା । ମୁଁ ବିଧାନସଭା ଏବଂ ଓଡ଼ିଶାର ଜନସାଧାରଣଙ୍କୁ ବୁଝାଇବାକୁ ଚେଷ୍ଟା କଲି ଯେ ହୀରାକୁଦ ନଦୀବନ୍ଧ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ସେଠାରେ ସମ୍ବଲପୁର ବିଚ୍ଛିନ୍ନତାବାଦୀ ଦାବିର କାରଣ ନୁହେଁ । ମୁଁ ଜୋର୍

ଦେଇ କହିଲି ଯେ ଏହି ଆନ୍ଦୋଳନ ପଛରେ ଶାସକବର୍ଗଙ୍କ ହାତ ରହିଛି । ଏପରିକି ମୋର ବାରମ୍ବାର ସ୍ପଷ୍ଟୋକ୍ତି ସତ୍ତ୍ୱେ ଓଡ଼ିଶାର କିଛି ଜନନେତା ଏପରି ବ୍ୟବହର ପ୍ରଦର୍ଶନ କଲେ ଯେ ଏହା ସମ୍ବଲପୁରର ଆନ୍ଦୋଳନକାରୀଙ୍କୁ ଶକ୍ତି ଯୋଗାଇଲା । ମୋତେ ନିଜକୁ ଦୃଢ଼ ରହିବାକୁ ପଡ଼ିଲା ଏବଂ ମୁଁ ଓଡ଼ିଶା ପ୍ରଦେଶ ଗଡ଼ଜାତ ରାଜାମାନଙ୍କର ଏ ଆନ୍ଦୋଳନକୁ ରୋକିବାକୁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନେଲି । ମୁଁ ଏ ବିଷୟରେ ଭାଇସ୍‌ରଏ ଲର୍ଡ ୱାଭେଲ୍ ଏବଂ ରାଜନୀତିକ ବିଭାଗ ସହ ଆଲୋଚନା କରିବା ପରେ ଆନ୍ଦୋଳନ ନିୟନ୍ତ୍ରଣକୁ ଆସିଲା ।

ମୁଁ ଯେତେବେଳେ ଓଡ଼ିଶାର ଗଡ଼ଜାତ ରାଜ୍ୟ ଉପରେ ସତର୍କ ଦୃଷ୍ଟିରଖି ଏସବୁ କାର୍ଯ୍ୟ ଚାଲୁ ରଖିଥିଲି, ରାଜନୀତିକ ବିଭାଗର କିଛି ପଦସ୍ଥ କର୍ମଚାରୀଙ୍କର ଅନ୍ୟ ଦେଶୀୟ ରାଜ୍ୟ ସମ୍ବନ୍ଧିତ ଷଡ଼ଯନ୍ତ୍ର କାର୍ଯ୍ୟକଳାପ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦୃଷ୍ଟିକୁ ଆସିଲା ।

ପ୍ରକୃତରେ ଦେଖିବାକୁ ଗଲେ ରାଜନୀତିକ ବିଭାଗ ଏପରି କାମ କରୁଥିଲା ଯେ ଦେଶୀୟ ରାଜ୍ୟଗୁଡ଼ିକ ମିଳିତ ହୋଇ ସ୍ୱାଧୀନତା ହାସଲ ପଥରେ ଅଲଂଘ୍ୟ ଜଟିଳତା ସୃଷ୍ଟିକରିବେ । ପାଠକମାନଙ୍କ ମନରେ ଅତ୍ୟନ୍ତ କୌତୁହଳ ଜାତ ହେବ ରାଜନୀତିକ ବିଭାଗ ସମସ୍ତ ପୂର୍ବାଞ୍ଚଳ ରାଜ୍ୟ ଗୁଡ଼ିକୁ ଗୋଷ୍ଠୀଭୁକ୍ତକରି ହାଇଦ୍ରାବାଦ ସହ ମିଶାଇଦେବାପାଇଁ ଯୋଜନା କରୁଥିଲେ ଯେପରିକି ସଶକ୍ତ ଏକକ ଭାବେ ସ୍ୱାଧୀନ ଭାରତ ଚାପ ଆଗରେ ମୁଣ୍ଡ ନୁଆଁଇବେ ନାହିଁ । ଯେତେଶୀଘ୍ର ମୁଁ ଏ ପ୍ରକାର ଦୁରଭିସନ୍ଧି ବିଷୟରେ ଜାଣିବାକୁ ପାଇଲି । ତତ୍‌କ୍ଷଣାତ ସବୁଶକ୍ତିଦେଇ ଏହାକୁ ନିଷ୍ଫଳ କରିବାକୁ ଚେଷ୍ଟାକଲି । ବିଶ୍ୱାସଯୋଗ୍ୟ ତଥ୍ୟ ମିଳିଲା ଯେ ଓଡ଼ିଶାର ରାଜନ୍ୟବଗ କିଛି ବିଶେଷ ଦୂତଙ୍କୁ ,ଯେଉଁମାନଙ୍କର ନାମ ଏଠାରେ ମୁଁ ନେବାକୁ ଚାହୁଁନାହ, ବୁଝାମଣା କରିବା ପାଇଁ ହାଇଦ୍ରାବାଦ ପଠାଇଥିଲେ । ବସ୍ତୁତଃ ବୁଝାମଣା ବେଶ୍ ଅଗ୍ରଗତି କରିଥିଲା, କିନ୍ତୁ ଭାରତ ସରକାରଙ୍କ ତ୍ୱରିତ କାର୍ଯ୍ୟାନୁଷ୍ଠାନ ବଳରେ ଯୋଜନାଟି ପଣ୍ଡ ହୋଇଗଲା ମୁଁ ଅତ୍ୟନ୍ତ ସତର୍କ ଥିଲି ଏବଂ ମିଶ୍ରଣ ପ୍ରସଙ୍ଗରେ ରାଜ୍ୟମନ୍ତ୍ରଣାଳୟକୁ ଚଳଚଞ୍ଚଳ କରାଇଥିଲି । ବସ୍ତର ରାଜ୍ୟ ହାଇଦ୍ରାବାଦ ଏବଂ ପୂର୍ବାଞ୍ଚଳ ରାଜ୍ୟମାନଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରୁଥିଲା ।

ପୂର୍ବାଞ୍ଚଳ ରାଜ୍ୟସମୂହ ଏବଂ ହାଇଦ୍ରାବାଦ ଭିତରେ ଚାଲିଥିବା ଏହି ପ୍ରକାର ଗୁପ୍ତ ବୁଝାମଣା ବିଷୟରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଜାଣିବା ପରେ ଅତ୍ୟନ୍ତ ଅସ୍ଥିରତା ଅନୁଭବ କଲେ । ୧୯୪୭ ମସିହାରେ ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନତା ହାସଲ କଲାପରେ ଘଟଣାକ୍ରମର ଦ୍ରୁତ ବିକାଶ ହେଲା । ରାଜନୀତିକ ବିଭାଗ ଏବଂ ରାଜନ୍ୟବର୍ଗ ଯାହାକିଛି ଯୋଜନା କରୁଥିଲେ ତାହା ବାସ୍ତବତାର ପଥର ଉପରେ ଝୁଣ୍ଟି ପଡ଼ିଲା । ଜଣେ ଅତି ସହଜରେ କିଛି ଦୂରରୁ ଦେଖିପାରିବ ସଂଯୁକ୍ତ ପକ୍ଷ ସେମାନଙ୍କର ଆୟତ୍ତରେ ଥିବା ରାଜ୍ୟ ଗୁଡ଼ିକୁ ଛାଡ଼ିଯିବାର ଭୟାବହ ଅବସ୍ଥାକୁ ହୃଦୟଙ୍ଗମ କରୁଥିଲେ ।

ମାତ୍ର ଅସୁବିଧା ଥିଲା, ବିରାଡ଼ି ବେକରେ ଘଣ୍ଟି ବାନ୍ଧିବ କିଏ ଓ କେମିତି ? ନୀଳଗିରି ରାଜ୍ୟ ଏଥିପାଇଁ ବାଟ ଦେଖେଇଦେଲା ।

୫

ଯେତେବେଳେ ସାମ୍ବିଧାନିକ ପଦ୍ଧତି କ୍ରିୟାଶୀଳଥିଲା କିଛି ଗଡ଼ଜାତ ରାଜ୍ୟରେ ବିଶୃଙ୍ଖଳା ଓ ଅଶାନ୍ତି ଆରମ୍ଭ ହୋଇଥିଲା । ପରିସ୍ଥିତିର ବୈଶିଷ୍ଟ୍ୟ ଦୃଷ୍ଟିରୁ ଏହା ଅନିବାର୍ଯ୍ୟ ଥିଲା । ଘଟଣାକ୍ରମେ ଏହା ଉଲ୍ଲେଖ କରାଯାଇପାରେ ଯେ ନୀଳଗିରି, ଢେଙ୍କାନାଳ ଏବଂ ଓଡ଼ିଶାର କିଛି ଗଡ଼ଜାତ ରାଜ୍ୟର ଶାସକଙ୍କ ପାଖରୁ ରାଜନୀତିକ ବିଭାଗ ଦ୍ୱାରା ଶାସନକ୍ଷମତା ପ୍ରତ୍ୟାହୃତ ହୋଇଥିଲା । ପ୍ରଜା ଆନ୍ଦୋଳନ କାଳରେ ସାମରିକ ଗୁପ୍ତଚର ବିଭାଗ ଗଡ଼ଜାତ ରାଜ୍ୟଗୁଡ଼ିକର ଘୋର କୁଶାସନ ସଂପର୍କରେ ବ୍ରିଟିଶ୍‌ରାଜ ପ୍ରତିନିଧି ଭାଇସରଏଙ୍କ ନିକଟକୁ ରିପୋର୍ଟ ପଠାଇଥିଲେ ଏବଂ ସେହି ରିପୋର୍ଟ ଭିତ୍ତିରେ ରାଜନୀତିକ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ସେହିସବୁ ରିପୋର୍ଟ ବର୍ତ୍ତମାନ ଦିଲ୍ଲୀର ଜାତୀୟ ଅଭିଲେଖାଗାରରେ ସଂରକ୍ଷିତ ଅଛି । ଏହା ସତ୍ତ୍ୱେ ରାଜନୀତିକ ବିଭାଗ ନିଷ୍ପତ୍ତି ନେଲା ଯେ ରାଜନ୍ୟବର୍ଗଙ୍କୁ ସମସ୍ତ କ୍ଷମତା ସହିତ 'ସ୍ୱତନ୍ତ୍ର' ଘୋଷଣା କରିବା । ସେହି ତାଲୁକର ରେସିଡେଣ୍ଟ ଏଚ୍.ଜି.ଟଡ ଓ ନୀଳଗିରି ରାଜାଙ୍କ ଭିତରେ ବିନିମୟ ହୋଇଥିବା ଦସ୍ତାବିଜର ନକଲ ଏବଂ ସମସ୍ତ ରେସିଡେଣ୍ଟ ମାନଙ୍କର ରାଜନୀତିକ ଉପଦେଷ୍ଟାଙ୍କୁ ପ୍ରେରିତ ପରାମର୍ଶ ସମ୍ବଳିତ ପରିପତ୍ରରେ ସମସ୍ତ ଶାସକଙ୍କ ଉପରୁ କଟକଣା ଉଠାଇ ଦେବାକୁ ଆଦେଶଥିଲା । ଏଥିରୁ ପ୍ରମାଣ ମିଳୁଛି ଯେ ଇଂରେଜମାନେ ରାଜାଙ୍କୁ ଯଥା ସମ୍ଭବ ଚେଷ୍ଟା କରି ଏକାଠି କରୁଥିଲେ ଏବଂ ପରିସ୍ଥିତିର ବାଧ୍ୟବାଧକତାରେ କ୍ଷମତା ହସ୍ତାନ୍ତର କରୁଥିଲେ ।

ବାଲେଶ୍ୱର ନିକଟ କ୍ଷୁଦ୍ରରାଜ୍ୟ ନୀଳଗିରିରେ ଅଶାନ୍ତି ତୀବ୍ର ରୂପ ଧାରଣ କଲା । ନୀଳଗିରିର ରାଜା କିଛି ଆଦିବାସୀ ଅପରାଧୀମାନଙ୍କୁ ପ୍ରଜାମଣ୍ଡଳ ନେତାଙ୍କ ଘରପୋଡି ଏବଂ ଲୁଟ୍ କରିବାପାଇଁ ନିୟୋଜିତ କରିଥିଲେ । ଅପରାଧୀମାନେ ସୀମାଭିତରେ ରହିଲେ ନାହିଁ । ଲୁଟତରାଜ ଏବଂ ଘରପୋଡ଼ିରେ କିଛି ବାଛ ବିଚାର ରହିଲା ନାହିଁ । ଫଳରେ ରାଜ୍ୟରେ ସଂପୂର୍ଣ୍ଣ ଅରାଜକତା ବ୍ୟାପିଗଲା ।

ମୁଁ ନୀଳଗିରିର ବ୍ୟାପାର ଉପରେ ଭାରତ ସରକାରଙ୍କୁ ନିୟମିତ ଭାବେ ରିପୋର୍ଟ ଦେଉଥିଲି ଏବଂ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କଲି । ନହେଲେ ପଡ଼ୋଶୀ ଅଞ୍ଚଳରେ ଅରାଜକତା ବ୍ୟାପିଲେ ପ୍ରତିରୋଧ କରିହେବ ନାହିଁ । ସମଗ୍ର ରାଜ୍ୟ ଆଉ ନିରାପଦ ରହିବ ନାହିଁ । ପରିଶେଷରେ ସର୍ଦ୍ଦାର ପଟେଲଙ୍କ ଠାରୁ ରାଜ୍ୟର ଶାସନଭାର ସମ୍ଭାଳିବା

ପାଇଁ ଅନୁମତି ପାଇଲି । ଏହା ହେଉଛି ୧୯୪୭ ନଭେମ୍ବର ୧୪ ତାରିଖ ଘଟଣା ।

ଗଡ଼ଜାତ ରାଜ୍ୟଗୁଡ଼ିକୁ କିପରି ସରକାର ହାତକୁ ନେଲେ ଏ ସବୁର ବିସ୍ତୃତ ବିବରଣୀ ଓଡ଼ିଶା ସରକାରଙ୍କ ପ୍ରକାଶିତ ଇସ୍ତାହାର ଏବଂ ରାଜ୍ୟସମୂହ ମନ୍ତ୍ରଣାଳୟର ଗୁପ୍ତ ଚିଠିପତ୍ରରୁ ମିଳି ପାରିବ । ନୀଳଗିରି ମିଶ୍ରଣ ଅୟମାରମ୍ଭ ଏବଂ ହାଇଦ୍ରାବାଦ ଦଖଲ ହେଉଛି ଅନ୍ତ । ଯେମନ୍ତ ପ୍ରକାରେ ନୀଳଗିରିକୁ ଅକ୍ତିଆର କରାଗଲା ତାହା ପୂର୍ବାଞ୍ଚଳ ଦେଶୀୟ ରାଜ୍ୟ ଶାସକମାନଙ୍କ ଭିତରେ କମ୍ପନ ସୃଷ୍ଟିକଲା । ସେମାନଙ୍କ ଭିତରୁ କିଛି ପରିବିର୍ତ୍ତିତ ସମୟର ସଂକେତ ଦେଖିବାରେ ଧୂରୀଣ ଥିଲେ, ଅନ୍ୟମାନେ ସ୍ରୋତର ପ୍ରତିକୂଳରେ ପହଁରିବାକୁ ବଦ୍ଧପରିକର ।

ସାମରିକ କାର୍ଯ୍ୟାନୁଷ୍ଠାନ ଆଦୌ ସହଜ ବ୍ୟାପାର ନ ଥିଲା । ଓଡ଼ିଶା ସାମରିକ ପୋଲିସ୍ ଏବଂ ପୂର୍ବାଞ୍ଚଳ ରାଜ୍ୟ ସଂଘ ଦ୍ୱାରା ନୀଳଗିରିଠାରେ ଅବସ୍ଥାପିତ ପୋଲିସଙ୍କ ମଧ୍ୟରେ ସାମରିକ ସଂଘର୍ଷ ହେବାର ସମ୍ଭାବନା ଥିଲା । ଓଡ଼ିଶାର ତତ୍କାଳୀନ ଆଇ. ଜି.ପୋଲିସ୍ ମି. ପିଅରମ୍ୟାନ୍ ଡିଭିଜନର କମିଶନର ଶ୍ରୀ ଏନ୍ ସେନାପତି ଆଇ.ସି.ଏସ୍ଙ୍କ ପରାମର୍ଶରେ ଏକ ସାମରିକ କାର୍ଯ୍ୟାନୁଷ୍ଠାନର ପରିକଳ୍ପନା କଲେ । ତୀବ୍ର ଜନ ଆନ୍ଦୋଳନ କାରଣରୁ ନୀଳଗିରିରେ ସାମଗ୍ରିକ ଶାସନ ବ୍ୟବସ୍ଥା ଅଚଳ ହୋଇପଡ଼ିଥିଲା । ନୀଳଗିରିର ଇଉନିଅନ୍ ସଶସ୍ତ୍ର ପୋଲିସଙ୍କର କଲିକତା ସଦର ମହକୁମା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା । ଏ ସମୟରେ ରାସ୍ତାରେ ଜମାହୋଇଥିବା ହଜାର ହଜାର ଜନତାଙ୍କର ଉଷ୍ମ ଓ ଉତ୍ସାହଭରା ସ୍ୱାଗତ ସଂବର୍ଦ୍ଧନା ଭିତରେ ଓଡ଼ିଶା ସାମରିକ ପୋଲିସ ବାଲେଶ୍ୱର ଠାରୁ ନୀଳଗିରି ପର୍ଯ୍ୟନ୍ତ ମାର୍ଚ୍ଚ କରି ଆସି ଇଉନିୟନ୍ ପୋଲିସ୍‌କୁ ନିରସ୍ତ୍ର କରିଦେଲେ । ନୀଳଗିରିର ରାଜା ନିଷ୍ଫଳ ପ୍ରତିରୋଧ ନ କରି ବିଜ୍ଞତାର ପରିଚୟ ଦେଇଥିଲେ । ଓଡ଼ିଶା ପୋଲିସ୍‌ର ନିରାପତ୍ତା ବଳୟ ଭିତରେ ଇଉନିଅନ ସଶସ୍ତ୍ର ପୋଲିସ୍‌କୁ ଏକ ସ୍ୱତନ୍ତ୍ର ଟ୍ରେନରେ କଲିକତା ପଠାଇ ଦିଆଗଲା । ୧୯୪୮ ଜାନୁଆରୀ ୧ ତାରିଖ ପର୍ଯ୍ୟନ୍ତ ନୀଳଗିରି ଏକ ଅଧିକୃତ ଅଞ୍ଚଳ ଭାବେ ଓଡ଼ିଶା ସରକାରଙ୍କ ଅଧୀନରେ ରହିଲା ଏବଂ ଆଇନତଃ ମିଶ୍ରଣ ପରେ ଓଡ଼ିଶାର ଅଂଶ ହେଲା ।

ମୁଁ ଏହି ବିଷୟଟିକୁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କୁ ଅବଗତ କରିବାକୁ ଚାହିଁଲି ଏବଂ ତାହା ପୂର୍ବରୁ ତାଙ୍କ ସଚିବ ଭି.ପି. ମେନନଙ୍କ ସହ ସବିସ୍ତୃତ ଆଲୋଚନା କରିବି ବୋଲି ଭାବିଲି । ଯେତେବେଳେ ମୁଁ ଜାଣିବାକୁ ପାଇଲି ଯେ ମି. ମେନନ ସାମ୍ବିଧାନିକ ସ୍ଥିତି ଉପରେ ଅଧିକ ଗୁରୁତ୍ୱ ଦେଇ 'କ' ଶ୍ରେଣୀର ରାଜ୍ୟଗୁଡ଼ିକୁ ଯୁଗ୍ମଶାସନରୁ ପୃଥକ କରିବାକୁ ଚାହୁଁଛନ୍ତି , ସେତେବେଳେ ମୁଁ ତାହା ଉପରେ ବିଶେଷ ଗୁରୁତ୍ୱ ଦେଲିନାହିଁ । ମୁଁ ଭାବିଲି , କଟକରେ ଶାସକମାନଙ୍କ ଆଗାମୀ ବୈଠକରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ମତାମତ ନିର୍ଣ୍ଣୟାତ୍ମକ ହେବ ଏବଂ ସେହି ସମୟରେ ଆଲୋଚନା

କରିବି । ସମ୍ମିଳନୀର ବିବରଣୀ ରାଜ୍ୟ ସରକାରଙ୍କ ପାଖକୁ ପଠାଗଲା ଏବଂ ସେହି ଅନୁଯାୟୀ ରାଜ୍ୟ ସରକାର ସ୍ମାରକ ପତ୍ର ପ୍ରସ୍ତୁତ କଲେ । ଏହି ସ୍ମାରକପତ୍ରରେ ମୋର ଅନୁମୋଦନ ନ ଥିଲା । ସର୍ଦ୍ଦାର ପଟେଲଙ୍କ କଟକ ଆଗମନକୁ ଅପେକ୍ଷା କରିଥିଲି । ଇତ୍ୟବସରରେ ମୁଁ ଖବର ପାଇଲି, କଟକ ଅଧିବେଶନରେ ମୋତେ ଅନ୍ଧାରରେ ରଖି 'କ' ଶ୍ରେଣୀର ରାଜନ୍ୟବର୍ଗ ନିଜ ସାର୍ବଭୌମତ୍ୱକୁ ଦୃଢ କରିନେବେ । ପ୍ରଦେଶ ସହ କୌଣସି ସଂପର୍କ ନ ରଖିବା ପାଇଁ ସେମାନେ ଦୃଢ଼ପରିକର ଥିଲେ । ମୁଁ ସର୍ଦ୍ଦାର ପଟେଲଙ୍କ ସହ ସଂପୂର୍ଣ୍ଣ ପରିସ୍ଥିତି ଉପରେ ଆଲୋଚନା କଲି ଏବଂ କହିଲି ଯେ ନୀଳଗିରି ଆମକୁ ବାଟ ଦେଖେଇଛି । ମି.ମେନନଙ୍କ ମତାମତ ଦୃଷ୍ଟିରୁ ସେ ପ୍ରଥମେ ଅମଙ୍ଗ ହେଉଥିଲେ । ମୁଁ କିନ୍ତୁ ସର୍ଦ୍ଦାରଙ୍କୁ ନିଜେ କଟକ ଆସି ଏ ବିଷୟରେ ଯାହା ଉଚିତ୍ ମନେ କରିବେ ସେପରି ନିଷ୍ପତ୍ତି ନେବାକୁ ଅଡ଼ି ବସିଲି । ୧୯୪୭ ମସିହା ଡିସେମ୍ବର ୧୩ ତାରିଖରେ ସେ କଟକ ଆସିଲେ । ଭୁବନେଶ୍ୱର ବିମାନବନ୍ଦରରୁ କଟକ ପ୍ରାୟ ୨୦ ମାଇଲ । ରାସ୍ତାରେ ଗଡ଼ଜାତ ରାଜ୍ୟ ମିଶ୍ରଣ ଦାବିରେ ବିରାଟ ବିକ୍ଷୋଭ ସଂଗଠିତ ହୋଇଥିଲା । ସର୍ଦ୍ଦାର ମୋ ବାସଭବନରେ ମୋର ଅତିଥି ହୋଇ ରହିଲେ । ଅଧିବେଶନ ପୂର୍ବରୁ ମୋର ଦକ୍ଷତା ସଂପର୍କରେ ଗମ୍ଭୀରତାର ସହ ବିବେଚନା କଲେ । ତାଙ୍କ ପରାମର୍ଶ ବିଫଳ ହେଲେ ଜନ ଆନ୍ଦୋଳନ କେଉଁ ଭୟଙ୍କର ରୂପ ନେବ, ସେ ସଂପର୍କରେ ମଧ୍ୟ ବିଚାର ବିମର୍ଶ କରିଥିଲେ । ପ୍ରତ୍ୟେକଟି ଦିଗ ଉପରେ ଦୃଢ଼ ନିଶ୍ଚିତ ହେବା ପରେ ଆଇନ ସଚିବ ମି. ସୁନ୍ଦରମ୍ , ମି.ଭି.ପି. ମେନନ ଏବଂ ତାଙ୍କର ବ୍ୟକ୍ତିଗତ ସଚିବ ମି. ଶଙ୍କରଙ୍କ ସହ ଏକ ଆଲୋଚନା ସଭା ଡ଼ାକିଲେ । ଆମର ସମସ୍ତ ମନ୍ତ୍ରୀ ଏବଂ ରାଜ୍ୟପାଳ ଡ. କାଟଜୁ ମଧ୍ୟ ଉପସ୍ଥିତ ରହିଲେ । ମୁଁ ମିଶ୍ରଣ ପ୍ରସଙ୍ଗ ଉପସ୍ଥାପନ କଲି ଏବଂ ଶାସକ ବର୍ଗଙ୍କୁ ପ୍ରଦତ୍ତ ସନନ୍ଦ ଉତ୍ଥାପନ କଲି । ସର୍ଦ୍ଦାର ସନନ୍ଦ ଗୁଡ଼ିକୁ ଦେଖିବା ପରେ ଉତ୍ତ୍ୟନ୍ତ ହୋଇ କହିଲେ " ଛୋଟ ଶାସକମାନେ ସନନ୍ଦରେ ଥିବା ସର୍ତ୍ତାବଳୀକୁ କିପରି ପୂରଣ କରି ପାରିବେ, ଏହା ଅସମ୍ଭବ" । କିଛି ସମୟ ଆଲୋଚନା ପରେ ୧୯୪୭ ମସିହା ନଭେମ୍ବର ୨୦ ତାରିଖରେ ଦିଲ୍ଲୀ ବୈଠକରେ ନିଆଯାଇଥିବା ସିଦ୍ଧାନ୍ତକୁ ସିଧାସଳଖ ଅନାବଶ୍ୟକ ବୋଲି ଅଗ୍ରାହ୍ୟ କରିଦେଲେ । ସେ ମନ ସ୍ଥିର କରି ନିଜର ନିଷ୍ପତ୍ତି ଜଣାଇଲେ ଯେ ଏ ସମସ୍ତ ରାଜ୍ୟ ପ୍ରଦେଶ ସହ ମିଶିଯିବା ଉଚିତ । ସେ ମୋତେ ଆମର ସ୍ମାରକପତ୍ର ପ୍ରସ୍ତୁତ ହୋଇଛିକି ନାହିଁ ପଚାରିଲେ । ମୁଁ କହିଲି ଆସନ୍ତାକାଲି ସକାଳେ ତାହା ସମସ୍ତଙ୍କୁ ବାଣ୍ଟି ଦିଆଯିବ । ରାଜ୍ୟସମୂହ ମନ୍ତ୍ରଣାଳୟର ପରାମର୍ଶରେ ଯେଉଁ ସ୍ମାରକପତ୍ର ପ୍ରସ୍ତୁତ କରାଯାଇଥିଲା ତାକୁ ରଦ୍ଦ କରି ନୂଆ ସ୍ମାରକପତ୍ର ତତ୍କାଳୀନ ମୁଖ୍ୟସଚିବ ମି. ବି. ସି. ମୁଖାର୍ଜୀ ଙ୍କ ଦ୍ୱାରା ତ୍ୱରିତ ପ୍ରସ୍ତୁତ କରାଗଲା । ରାତାରାତି ସରକାରୀ ପ୍ରେସ୍‌ରେ ବିଭାଗୀୟ ସଚିବ ମି. ସୋହାନି ଆଇ.ସି.ଏସ୍ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଦ୍ରିତ ହେଲା । ଏହି

ଉଲ୍ଲେଖନୀୟ କୃତିତ୍ୱ, ସବୁକାଳ ସରକାରୀ ଉଚ୍ଚ ଅଧିକାରୀଙ୍କ ପାଇଁ ଅନୁସରଣୀୟ ହୋଇ ରହିଥିବ ।

ସର୍ଦ୍ଦାର ସାରାରାତି ମୋ ସହ ଭବିଷ୍ୟତର ସମସ୍ତ ସମ୍ଭାବନା ଓ ପରିଣାମ ଉପରେ ବିସ୍ତୃତ ଆଲୋଚନା କଲେ । ସେ ଦୋହରାଇଲେ - ନୀଳଗିରି ବ୍ୟାପାରରେ ସମସ୍ତ ଦାୟିତ୍ୱ ମୋର ଥିଲା , କିନ୍ତୁ ସେ ଏ ପ୍ରସଙ୍ଗ ସହ ଜଡ଼ିତ ଥିବାରୁ ଏହା ତାଙ୍କ ବ୍ୟକ୍ତିତ୍ୱର ପ୍ରତିଫଳନ ଭାବେ ବିବେଚନା କରାଯିବ । ମୁଁ ତାଙ୍କୁ ଆଶ୍ୱାସନା ଦେଇ କହିଲି ଯେ ଯଦି ରାଜାମାନେ ତାଙ୍କ ପ୍ରସ୍ତାବରେ ରାଜି ନ ହୁଅନ୍ତି ତେବେ ରାଜ୍ୟରେ ସାଙ୍ଘାତିକ ଆଇନ୍ ଶୃଙ୍ଖଳା ପରିସ୍ଥିତି ଉପୁଜିବ ଏବଂ ଓଡିଶା ସରକାର ଏହାକୁ ନିୟନ୍ତ୍ରଣ କରିବାକୁ ସମର୍ଥ ହେବେ । ଦରକାର ପଡ଼ିଲେ ସମସ୍ତ ଗଡଜାତ ରାଜ୍ୟସମୂହ ଗୋଟିଏ ଦିନରେ ଅକ୍ତିଆର କରି ନିଆଯିବ । ତଦନୁସାରେ ତତ୍କାଳୀନ ପୋଲିସ୍ ଆଇଜି ମି. ପିଅରମେନ୍ ସାମରିକ ପୋଲିସ ମୁତୟନ କଲେ ।

ପରଦିନ ସକାଳେ ଡିସେମ୍ବର ୧୪ ତାରିଖରେ ସର୍ଦ୍ଦାର ସବୁ ଗଡ଼ଜାତଶାସକଙ୍କୁ କଟକ ରାଜଭବନରେ ଆୟୋଜିତ ସମ୍ମିଳନୀରେ ପୂର୍ବାହ୍ନ ୯ଟାରେ ସାକ୍ଷାତ କଲେ । ସର୍ବପ୍ରଥମେ ସର୍ଦ୍ଦାରଜୀ ଦୃଢତାର ସହ ବୁଝାଇ ଦେଲେ - ରାଜ୍ୟଗୁଡ଼ିକ ପ୍ରଦେଶ ସହ ଶାସକ ଏବଂ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ମିଶିଯିବା ଉଚିତ । ରଣପୁରର ଯୁବ ଶାସକ ଠିଆ ହୋଇ ପଡ଼ି କହିଲେ - ରାଜାମାନେ ପ୍ରଜାମାନଙ୍କ ସହ ଏ ବିଷୟରେ ନିଶ୍ଚିତ ଭାବେ ପରାମର୍ଶ କରିବେ । ଏକଥା ଶୁଣିବା ମାତ୍ରେ ସର୍ଦ୍ଦାର ଚିଡ଼ିଗଲେ । ବିରକ୍ତି ପ୍ରକାଶ କରି ତାଙ୍କୁ କହିଲେ - ଯେଉଁ ପ୍ରଜାମାନଙ୍କ ଆକ୍ରମଣରୁ ଭାରତ ସରକାର ସେମାନଙ୍କ ଜୀବନ ରକ୍ଷା କରିଛନ୍ତି, ସେ ପ୍ରସଙ୍ଗ ଉଠାଇ ଲଜ୍ଜା ଅନୁଭବ କରିବା ଉଚିତ । ଏବେ ଭାରତ ସରକାର ଆଉ ସୁରକ୍ଷା ଦେଇ ପାରିବେ ନାହିଁ । ସମସ୍ତଙ୍କ ଉପରେ ଏ ଶକ୍ତ ଚେତାବନୀର ପ୍ରଭାବ ପଡ଼ିଲା । ଷଢେଇକଳାର ରାଜା ସାଙ୍ଗେ ସାଙ୍ଗେ ନଭେମ୍ବର ୨୦ ତାରିଖରେ ଦିଲ୍ଲୀ ରାଜିନାମା ପ୍ରସଙ୍ଗ ଉତ୍ଥାପନ କଲେ । ସର୍ଦ୍ଦାର ଏବଂ ମୁଁ ଉଭୟ ସେ ରାଜିନାମାକୁ ଅସ୍ୱୀକାର କଲୁଁ । ମୁଁ ଦୃଢଭାବେ କହିଲି ଯେ ଓଡ଼ିଶା ସରକାରଙ୍କର ନୀତି ସଦ୍ୟ ବଣ୍ଟାଯାଇଥିବା ସ୍ମାରକପତ୍ରରେ ସ୍ପଷ୍ଟ ଭାବରେ ବର୍ଣ୍ଣନା କରାଯାଇଛି, ଯେଉଁଥିରେ ସଂପୂର୍ଣ୍ଣ ମିଶ୍ରଣ ପ୍ରସଙ୍ଗ ଉଲ୍ଲେଖ ରହିଛି । ଯଦିଓ ସେହି ସମୟରେ ସମସ୍ତ ରାଜା , ପ୍ରଜାମଣ୍ଡଳ ଜରିଆରେ ମନ୍ତ୍ରୀମଣ୍ଡଳ ଗଠନ କରି ଦାୟିତ୍ୱସଂପନ୍ନ ଶାସନ ବ୍ୟବସ୍ଥା ପ୍ରଣୟନ କରିଥିଲେ , କେହି ଜଣେ ହେଲେ ମନ୍ତ୍ରୀମଣ୍ଡଳ ପ୍ରସଙ୍ଗ ଉଠାଇଲେ ନାହିଁ । କେବଳ ମୟୂରଭଂଜର ମହାରାଜା କହିଲେ - ରାଜ୍ୟର ଶାସନଗତ ସମସ୍ତ ଦାୟିତ୍ୱ ମନ୍ତ୍ରୀମାନଙ୍କ ଉପରେ ନ୍ୟସ୍ତ ଥିବାରୁ ସେମାନଙ୍କ ସହ ପରାମର୍ଶ ପରେ ନିଷ୍ପତ୍ତି ଗ୍ରହଣ କରିବେ । ଅନ୍ୟମାନେ ସର୍ଦ୍ଦାରଙ୍କ ପ୍ରସ୍ତାବ ଉପରେ ଚିନ୍ତାକରିବା ପାଇଁ କିଛି

ସମୟ ନେଲେ । ସର୍ଦ୍ଦାର ଏହି ସମ୍ମିଳନୀ କୁ ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ଘୁଞ୍ଚାଇ ଦେଲେ ।

ବାସଭବନକୁ ଫେରିବା ବାଟରେ ସର୍ଦ୍ଦାର ରାଜାମାନଙ୍କ ନିଷ୍ପତ୍ତି ଉପରେ ମୋର ମତାମତ ଚାହିଁଲେ । ମୁଁ ତାଙ୍କୁ ନିଶ୍ଚିତ କଲି ଯେ ସେମାନେ ସମସ୍ତେ ରାଜି ହୋଇଯିବେ । ବାସ୍ତବରେ ପ୍ରାୟ ସମସ୍ତେ ଆଇନ ସଚିବ ମି ସୁନ୍ଦରମ୍ ଙ୍କ ଦ୍ୱାରା ପ୍ରସ୍ତୁତ ଦସ୍ତାବିଜ୍‌ରେ ସେହି ୧୪ ତାରିଖ ସଂଧ୍ୟା ସୁଦ୍ଧା ସ୍ୱାକ୍ଷର କରିଦେଲେ । ଆଉ କିଛି ୧୫ ତାରିଖ ସକାଳେ ଦସ୍ତଖତ୍ କଲେ । କିନ୍ତୁ କଳାହାଣ୍ଡିର ମହାରାଜା ଶେଷକୁ ଦସ୍ତଖତ୍ ନକରି ରହିଗଲେ ଏବଂ ତାଙ୍କ ପାଇଁ ସର୍ଦ୍ଦାର ଆଉ ଘଣ୍ଟାଏ ଅଟକିଗଲେ । ତାପରେ କଳାହାଣ୍ଡି ମହାରାଜା ଅଭିଯୋଗ କଲେ ଯେ ମି. ଭି. ପି. ମେନନ୍ ତାଙ୍କୁ ଦସ୍ତାବିଜରେ ସ୍ୱାକ୍ଷର କରିବାପାଇଁ ବାଧକରି-ଛନ୍ତ । ଏହି ଅଭିଯୋଗ ଗାନ୍ଧିଜୀଙ୍କ କାନକୁ ଗଲା ଯିଏକି ଅପରପକ୍ଷକୁ ଶୁଣିଲେ ଏବଂ ନିଷ୍ପତି ଶୁଣାଇ ଦେଲେଯେ ବାଧ କରିବା ପାଇଁ ଭୟ ପ୍ରଦର୍ଶନ ଛଡ଼ା ଆଉ କୌଣସି ବିକଳ୍ପ ନାହିଁ । ଚାରିଆଡ଼େ ହର୍ଷୋଲ୍ଲାସ ଖେଳିଗଲା ସ୍ୱତନ୍ତ୍ର ଟ୍ରେନ୍ ହୁଇସିଲ୍ ମାରିଲା । ଭାରତ ଇତିହାସର ଏକ ଦୀର୍ଘ କଳାଅଧ୍ୟାୟ ସମାପ୍ତ ହେଲା ଏବଂ ସର୍ଦ୍ଦାରଙ୍କ ବିଜୟର ରେଲ୍‌ଗାଡ଼ି ଲୋକମାନଙ୍କ ଉଚ୍ଚ ହର୍ଷଧ୍ୱନି ଭିତରେ ଦ୍ରୁତଗତିରେ ଆଗକୁ ମାଡ଼ି ଚାଲିଲା ।

ଯଦିଓ ଅନ୍ୟ ରାଜାମାନେ ପ୍ରଦେଶ ସହ ମିଶ୍ରଣ ପାଇଁ ରାଜିହୋଇ ଗଲେ କେବଳ ମୟୂରଭଂଜର ମହାରାଜା କହିଲେ ଯେ ସେ ପ୍ରଜାମାନଙ୍କୁ ଏକ ଦାୟିତ୍ୱସଂପନ୍ନ ସରକାରର ସମସ୍ତ ସୁଚିଧା ପ୍ରଦାନ କରିଛନ୍ତି ତେଣୁ ତାଙ୍କ ବିନା ପରାମର୍ଶରେ ସେ କିଛି ବି କରିପାରିବେ ନାହିଁ । ମୟୂରଭଂଜ ଏକ ଆଦିବାସୀବହୁଳ ରାଜ୍ୟ ହୋଇଥିବାରୁ ସର୍ଦ୍ଦାର ପଟେଲ ଏହାକୁ ସମୟ ହାତରେ ଛାଡ଼ିଦେଲେ । ଏହା ଏପରି ଘଟିଲା ଯେ ମାତ୍ର ବର୍ଷକ ମଧ୍ୟରେ ମହାରାଜା ନିଜ ସରକାର ଉପରେ ଖପ୍ପା ହୋଇ ରାଜ୍ୟକୁ ଭାରତ ସରକାରଙ୍କ ହାତକୁ ଟେକି ଦେବା ପାଇଁ ଉଚିତ ମଣିଲେ । ମାତ୍ର ସେ ଜନମନ୍ତ୍ରୀମାନଙ୍କୁ ବହୁତ ସମ୍ମାନ ଦେଉଥିଲେ । ପରିଶେଷରେ ସର୍ଦ୍ଦାର ପଟେଲ ମୟୂରଭଂଜର ପ୍ରଧାନମନ୍ତ୍ରୀ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ଡ଼କାଇ ମିଶିବା ପ୍ରସ୍ତାବ ଉପରେ ସହମତି ହାସଲ କଲେ ଏବଂ ୧୯୪୯ ମସିହା ଜାନୁଆରୀ ୧ ତାରିଖରେ ମୟୂରଭଂଜ ଓଡ଼ିଶାର ଅଂଶ ପାଲଟିଗଲା ।

ଯେ କୌଣସି ପରିସ୍ଥିତିରେ ରାଜ୍ୟଗୁଡ଼ିକ ପ୍ରଦେଶ ସହ ମିଶ୍ରିତ ହୋଇ ଥାଆନ୍ତୁ ନା କାହିଁକି ଅଧିକାଂଶ ଶାସକ ନୂତନ ପରିସ୍ଥିତି ସହ ସାଲିସ କରିନେଲେ ଏବଂ ଉପଲବ୍ଧ କଲେ ଯେ ସର୍ଦ୍ଦାର ପଟେଲ ତାଙ୍କର ହାତପାଣ୍ଠି ଚିରସ୍ଥାୟୀ ଭାବେ ସୁରକ୍ଷିତ କରି ଏବଂ ରାଜ୍ୟ ମିଶ୍ରଣ ହୋଇ ନ ଥିଲେ ନିଶ୍ଚିତ ଜନ ଆନ୍ଦୋଳନରୁ ସୁରକ୍ଷା ପ୍ରଦାନ କରି ସେମାନଙ୍କ ପ୍ରତି ମହାନୁଭବତା ପ୍ରଦର୍ଶନ କରିଛନ୍ତି । ମାତ୍ର ଏମାନଙ୍କ ଭିତରୁ କେତେକ ଶାସକ

୧୪ ଡିସେମ୍ବର ୧୯୪୭ ଦିନ ଯାହା ସବୁ ଘଟିଗଲା ତା ସହ ନିଜକୁ ସାମିଲ କରି ପାରିଲେ ନାହିଁ । କଟକ ରାଜିନାମାରେ ସ୍ୱାକ୍ଷର କରିବା ପରେ ମଧ୍ୟ ସଂଘୀୟ ଆନ୍ଦୋଳନ ଚଳାଇ ରଖିବାକୁ ଷଡ଼ଯନ୍ତ୍ର କଲେ । ସେମାନେ ଏକ ଗୁପ୍ତ ସଙ୍ଗଠନ ଗଢିଲେ ଏବଂ ଷଢେଇକଳା ଓ ଖରସୁଆଁରେ ତାହାର କେନ୍ଦ୍ରଭୂମି ରହିଲା । ସେତେବେଳକୁ ଏ ରାଜ୍ୟର ଶାସନଭାର ଓଡ଼ିଶାରୁ ହସ୍ତାନ୍ତରିତ ହୋଇସାରିଥିଲା । ଏଠାରେ ଉଲ୍ଲେଖ କରାଯାଇପାରେ କି ବିହାର ସରକାର ଏ ଦୁଇ ରାଜ୍ୟକୁ ବିହାର ସହ ମିଶ୍ରଣ ପାଇଁ ଚାହୁଁଥିଲେ ଯେହେତୁ ଏହି ରାଜ୍ୟଦ୍ୱୟର ବୃହତ୍‌ଭାଗ ସିଂହଭୂମିର ଅଂଶ ଥିଲା । ସ୍ୱାଭାବିକ ଭାବେ ଓଡ଼ିଶା ଓ ବିହାର ମଧ୍ୟରେ ଏହି ଘଟଣା ଉପରେ ବିବାଦର ସୂତ୍ରପାତ ହେଲା । ଷଡ଼ଯନ୍ତ୍ରକାରୀ ଶାସକମାନେ ଷଢେଇକଳାରେ ଇଉନିଅନକୁ ପୁନର୍ଜୀବନ ଦେଇ ଗୁପ୍ତ କାର୍ଯ୍ୟକଳାପ ଜାରିରଖିବାକୁ ସୁଯୋଗ ପାଇଲେ ।

ଏହି ବିଗ୍‌ଭ୍ରଷ୍ଟ ଶାସକମାନେ ଭାବିଲେ ଯେ ସେମାନେ ଓଡିଶା ସରକାରଙ୍କର ଏତାଦୃଶ ସତର୍କ ଦୃଷ୍ଟିରୁ ଖସିଯିବା ପାଇଁ ବିହାର ସରକାରଙ୍କ ଠାରୁ ସୁରକ୍ଷା ପାଇବେ । ଷଢେଇକଳାରେ ଏକ ଯୋଜନାବଦ୍ଧ ହିଂସାତ୍ମକ କାର୍ଯ୍ୟକଳାପର ଯୋଜନା ଏବଂ ବିରାଟ ଧରଣର ବିଦ୍ରୋହର ଖସଡ଼ା ତିଆରି କରାଗଲା । ଓଡ଼ିଶା ପ୍ରଦେଶରେ ଏହି ଇଉନିଅନ୍‌ର ଆନ୍ଦୋଳନାତ୍ମକ କାର୍ଯ୍ୟକଳାପ ଉପରେ ନିଷେଧାଦେଶ ଜାରିକରିଥିଲେ । ଏହି ଇଉନିଅନ୍ ଆନ୍ଦୋଳନ ଷଢେଇକଳା ଏବଂ ଖରସୁଆଁ ସହ ବିହାର ଅଥବା ଓଡ଼ିଶା ସହ ମିଶ୍ରଣର ମୁଖ୍ୟ ଉଦ୍ଦେଶ୍ୟକୁ ସଂପୂର୍ଣ୍ଣ ରୂପେ ଢାଙ୍କି ଦେଲା । ସେଠାକାର ଆଦିମ ଅଧିବାସୀଙ୍କର ବିହାର ସହିତ ମିଶିବା ପାଇଁ ବିକ୍ଷୋଭ ଏବଂ ଶାସକମାନଙ୍କ ଇଉନିଅନ କାର୍ଯ୍ୟକଳାପରେ ବହୁଓଡିଶା ଭାଷା ଭାଷୀ ଲୋକେ ଅଂଶ ଗ୍ରହଣ କରିଥିଲେ । ଏ ସମସ୍ତ ସଢେଇକଳା ଓ ଖରସୁଆଁରେ ଅଣାୟତ ପରିସ୍ଥିତି ସୃଷ୍ଟି କଲା । ପରିଶେଷରେ ଭାରତ ସରକାର ହସ୍ତକ୍ଷେପ କଲେ ଏବଂ ସିଦ୍ଧାନ୍ତ ନେଲେ ଯେ ଷଢେଇକଳା ଓ ଖରସୁଆଁ ସିଂହରୂପ ଜିଲ୍ଲାର ଦୁଇଟି ଦ୍ୱୀପ ଭଳି ବିଚ୍ଛିନ୍ନ ରାଜ୍ୟ ହୋଇଥିବାରୁ ପ୍ରଥମେ ଏ ଦୁଇଟିକୁ ସିଂହଭୂମି ଜିଲ୍ଲା ସହିତ ମିଶାଯିବ । ଏହି ଦୁଇଟି ରାଜ୍ୟର ଶାସନ ସିଂହଭୂମି ଉପରେ ନ୍ୟସ୍ତ ରହିଲା । ପୁନଶ୍ଚ ସିଂହଭୂମି ଜିଲ୍ଲା ଯେଉଁ ପ୍ରଦେଶକୁ ଦିଆଯିବ ତାହା ସମୟ କ୍ରମେ ସ୍ଥିରୀକୃତ ହେବ । ଯେହେତୁ ସିଂହଭୂମି ବର୍ତ୍ତମାନ ବିହାର ପ୍ରଦେଶରେ ଅଛି ଏହି ଦୁଇଟି ଦେଶୀୟ ରାଜ୍ୟ ଓଡ଼ିଶାର ଜନସାଧାରଣଙ୍କ ସମସ୍ତ କ୍ଷୋଭ , ଅସନ୍ତୋଷ ସତ୍ତ୍ୱେ ବିହାରକୁ ଚାଲିଗଲା । ଏଠାରେ କେବଳ ଓଡ଼ିଶା ଭାଷାଭାଷୀ ଅଞ୍ଚଳ ଗୁଡ଼ିକର ମିଶ୍ରଣ ଏକ ମୁଖ୍ୟ ପ୍ରଶ୍ନ ନ ଥିଲା ବରଂ ପ୍ରଶ୍ନ ଥିଲା ଏହି ଅଞ୍ଚଳ ଗୁଡ଼ିକ ପ୍ରଦେଶ ସହ ମିଶିବେ କିମ୍ବା ଓଡ଼ିଶାରୁ ସଂପୂର୍ଣ୍ଣ ଅଲଗା ହୋଇ ଗୋଟିଏ ସଂଘ ଗଢିବେ । ଭାରତ ସରକାରଙ୍କର ଷଢେଇକଳା ଓ ଖରସୁଆଁ କୁ ବିହାର ସହ ମିଶ୍ରଣ କରିବାର ଏ ନିଷ୍ପତ୍ତି ସେହି ଶାସକମାନଙ୍କର ସଂଘ

ଗଠନ ଷଡ଼ଯନ୍ତ୍ରକୁ ପଣ୍ଡ କରିଦେଲା ।

୧୯୪୮ ମସିହା ମଧ୍ୟଭାଗରେ ସାଧାରଣ ଜନତାଙ୍କର ସନ୍ଦେହ ସୃଷ୍ଟି ହେଲା, ଭାରତ ସରକାର ଅଧୀନରେ ଥିବା ଦେଶୀୟ ରାଜ୍ୟଗୁଡ଼ିକୁ ଯଦି ବିଧିବଦ୍ଧ ଭାବେ ଓଡ଼ିଶା ପ୍ରଦେଶ ସହିତ ମିଶ୍ରଣ କରା ନ ଯାଇଛି ତେବେ ଭବିଷ୍ୟତରେ ଏହା ରଦ୍ଦ କରିହେବ । ଷଡ଼ଯନ୍ତ୍ରକାରୀ ଶାସକମାନେ ଅପପ୍ରଚାର କରୁଥିଲେ ଯେ ପ୍ରଦେଶ ସହ ରାଜ୍ୟଗୁଡ଼ିକର ମିଶ୍ରଣ କ୍ଷଣସ୍ଥାୟୀ ଏବଂ କର୍ତ୍ତୃପକ୍ଷଙ୍କ ଉପରେ ପ୍ରଚଣ୍ଡ ଚାପ ପ୍ରୟୋଗ କରି ପାରିଲେ ତାହା ଅକାମୀ ହୋଇଯିବ । ମୁଁ ପୁଣି ଏ ପ୍ରସଙ୍ଗ ସାର ବି. ଏନ୍ ରାଉତଙ୍କ ଆଗରେ ଉଠାଇଲି । ନୂଆ ସମ୍ବିଧାନର ସଂପୂର୍ଣ୍ଣ ଆଇନଗତ ତାତ୍ପର୍ଯ୍ୟ ଏବଂ ଭାରତସରକାରଙ୍କ ଦ୍ୱାରା ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ ବିଷୟରେ ବିସ୍ତୃତ ଆଲୋଚନା ହେଲା । ଏବଂ ସାର୍ ବି.ଏନ. ରାଉତ ମତ ଦେଲେ - ସମ୍ବିଧାନରେ ସଂଶୋଧିତ ନ ହେଲେ ଏହି ଅଞ୍ଚଳଗୁଡ଼ିକୁ ନୂଆ ସମ୍ବିଧାନ ରେ ଅଲଗା କରି 'ରାଜ୍ୟ' ଭାବେ ଗଣନା କରିବା ଛଡ଼ା ଅନ୍ୟ ବାଟ ନାହିଁ । ମୁଁ ଉତ୍ସୁକତାର ସହିତ ଚାହିଁ ବସିଥିଲି କି ପ୍ରଦେଶ ଓ ରାଜ୍ୟ ନ ମିଶି ଅଲଗା ରହିବାର ଧାରଣା ସବୁଦିନ ପାଇଁ ଶେଷ ହୋଇଯିବା ଉଚିତ । ମୁଁ ଆମର ଆଇନ ବିଭାଗ ସହାୟତାରେ ସହିତ ଏହାର ଗଭୀର ତର୍ଜମା କଲି । ପରିଶେଷରେ ଏହାର ଏକ ସମାଧାନର ସୂତ୍ର ବାହାରିଲା - ଆଇନରେ ଏକ ନୂତନ ଧାରା ସଂଯୋଗ ହେଲେ ଏହା ସମ୍ଭବ ହୋବି ପାରିବ । ମୁଁ ପ୍ରାୟ ଭାରତ ସରକାରଙ୍କର ସମସ୍ତ ବିଭାଗ ସହ ଯୋଗାଯୋଗ କଲି ଯେପରି ଏହି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇ ପାରିବ । ସର୍ବଶେଷରେ ଏହି ଆଇନ ୧୯୪୯ ମସିହା ଅଗଷ୍ଟ ୧ ତାରିଖରେ ସଂଶୋଧିତ ହେଲା ଏବଂ ଗଭର୍ଣ୍ଣର ଜେନେରାଲ ଏହି ସଂଶୋଧିତ ଆଇନ ବଳରେ ପ୍ରଦେଶ ସହିତ ରାଜ୍ୟମାନଙ୍କ ମିଶ୍ରଣର ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ପ୍ରକାଶ କଲେ । ଫଳରେ ୧୮୦୪ ମସିହାରେ ଇଷ୍ଟଇଣ୍ଡିଆ କଂପାନି ଦ୍ୱାରା ଓଡ଼ିଶା ପ୍ରତି ଐତିହାସିକ ଅନ୍ୟାୟ ସୁଧାରି ଦିଆଯାଇ ପାରିଲା । ଏ ବ୍ରିଟିସ ଶାସନର ସାମରିକ ଗୁଇନ୍ଦା ବିଭାଗର ପୂର୍ବତନ ଲେଫ୍‌ଟନାଣ୍ଟ କଲୋନେଲ ଏରିଟ୍ ଗ୍ରେଗୋରୀ ପ୍ରଦେଶ ସହ ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ ସମ୍ବାଦ ଶୁଣି ମୋତେ ଏକ ପତ୍ର ଲେଖିଥିଲେ ।

ମାର୍ପତ ବ୍ୟାଙ୍କ ଅଫ ମଣ୍ଟ୍ରିଲ
ଡ଼ଗଲାସ ଷ୍ଟ୍ରାଟ
ଭିକ୍ଟୋରିଆ
ଭାଙ୍କାଭର ଦ୍ୱୀପ, ବି. ସି. କାନାଡ଼ା
ଜାନୁଆରୀ ୧୪, ୧୯୪୮

ମୋର ପ୍ରିୟ ଶ୍ରୀ ମହତାବ,

ମୋତେ ଆପଣ ମୋତେ ତାଳଚେର ଶରଣାର୍ଥୀମାନଙ୍କ ସମୟରୁ ମନେ ପକେଇ ପାରିବେ ଏବଂ ଥରେ ସେ ସମୟରେ ଆପଣଙ୍କ ସହ କଲିକତାରେ ମୋର ସାକ୍ଷାତ ହୋଇଥିଲା । ୧୯୩୯ରୁ ଆଜି ପର୍ଯ୍ୟନ୍ତ ସମୟ ସେତୁ ତଳେ ବହୁତ ପାଣି ବହିଯାଉଛି ।

ସେ ଯାହାହେଉ, ବିଷୟବସ୍ତୁକୁ ଆସି ଏ ପତ୍ର ମାଧ୍ୟମରେ ଆପଣଙ୍କୁ ଏବଂ ଆପଣଙ୍କ ସହ ଯେଉଁମାନେ ଓଡ଼ିଶାର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ସମୁଚିତ ଭାବେ ଏକ ଶାସନକୁ ଆଣି ସେ ଗୁଡ଼ିକର ବିଲୋପ ଘଟାଇବାରେ ସହଯୋଗ କରିଛନ୍ତି ସମସ୍ତଙ୍କୁ ମୁଁ ଅଭିନନ୍ଦନ ଜଣାଉଛି । ଏହି ପଦକ୍ଷେପ ଦ୍ୱାରା ସଭ୍ୟତା ଉପରେ ଲାଗିଥିବା କଳାଦାଗ ନିଶ୍ଚିହ୍ନ ହୋଇ ଯାଇଛି ।

ବହୁତ ଅଭିନନ୍ଦନ ସହ ସମସ୍ତଙ୍କର ସୌଭାଗ୍ୟ କାମନା କରୁଛି ଏବଂ ଆଶା କରୁଛି ଖୁବ୍ ଶୀଘ୍ର ବ୍ରିଟିସ ଶାସନାଧୀନ ରାଜ୍ୟ ଏବଂ ବର୍ତ୍ତମାନର ପ୍ରଦେଶ ନିଜର ଭେଦଭାବ ଭୁଲିଯାଇ ମାନବଜାତିର ଉନ୍ନତି ଏବଂ ଲୋକକଲ୍ୟାଣ ପାଇଁ କାର୍ଯ୍ୟ କରିବେ ।

ଆପଣଙ୍କର ସର୍ବଦା ଶୁଭାନୁଧ୍ୟାୟୀ
ଏରିକ୍ ଗ୍ରେଗୋରୀ

ବାସ୍ତବରେ ସଭ୍ୟତା ଉପରେ ଲାଗିଥିବା ସବୁଠୁ ମଇଳା ଦାଗକୁ ନିଶ୍ଚିହ୍ନ କରି ଦିଆଗଲା । ଓଡ଼ିଶା ପ୍ରଦେଶ ଅନ୍ତର୍ଗତ ଗଡ଼ଜାତ ରାଜ୍ୟଗୁଡ଼ିକର ସମସ୍ୟାର ସମାଧାନ ହେଲା ଏବଂ ମୁଁ ସାହସର ସହ କହିବି ଯେ ଓଡ଼ିଶାର ଗଡ଼ଜାତ ରାଜ୍ୟ ସମସ୍ୟାର ଏପ୍ରକାର ସମାଧାନ ବହୁମାତ୍ରାରେ ସମଗ୍ର ଭାରତବର୍ଷରେ ଥିବା ଅନ୍ୟ ଦେଶୀୟ ରାଜ୍ୟଗୁଡ଼ିକ ନିମନ୍ତେ ସମାଧାନର ବାଟ ଫିଟେଇଲା ।

ରାଜାମାନଙ୍କର ହାତପାଣ୍ଠି ଏବଂ ବିଶେଷ ଅଧିକାର

ପ୍ରଦେଶ ସହ ଦେଶୀୟ ରାଜ୍ୟଗୁଡ଼ିକର ସମ୍ମିଶ୍ରଣ ଏବଂ କିଛି ରାଜ୍ୟ ନିୟମିତ ପ୍ରଦେଶରେ ପରିଣତ ହେବାର ପ୍ରକ୍ରିୟା ଚାଲୁ ରହିଥିବାବେଳେ ରାଜ୍ୟସମୂହ ମନ୍ତ୍ରଣାଳୟ ଏହି ପ୍ରକ୍ରିୟାକୁ ଶେଷ କରିବାର ଉତ୍ସୁକତା ମଧ୍ୟରେ ବିଶେଷ କରି ବଡ଼ବଡ଼ ଦେଶୀୟ ରାଜ୍ୟମାନଙ୍କୁ ଏହି ଯୋଜନାରେ ସାମିଲ କରି ଶାସକମାନଙ୍କୁ ପ୍ରଚୁର ହାତପାଣ୍ଠି , ବିଶେଷ ଅଧିକାର ଏବଂ ସୁବିଧାମାନ ସାମ୍ବିଧାନିକ ଭାବେ ଉପଲବ୍ଧ ହେବ ବୋଲି ପ୍ରଲୋଭନ ଦେଖାଇଲା । କୌଣସି ପ୍ରକାରେ ରାଜ୍ୟସମୂହ ମନ୍ତ୍ରଣାଳୟ ଏହି ହାତପାଣ୍ଠି ଓ ବିଶେଷ ଅଧିକାର ବାବଦରେ ଘାରିହେଉଥିବାବେଳେ ସେମାନେ ଏହି ପ୍ରଥା ବିରୁଦ୍ଧରେ କୌଣସି ପ୍ରକାର ଆଲୋଚନା ଆଦୌ ସହ୍ୟ କରିପାରୁ ନଥିଲେ ; ଯାହା ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀ ଜଓ୍ୱାହରଲାଲ ନେହେରୁଙ୍କ ମନ୍ତ୍ରୀମଣ୍ଡଳର ଜଣେ କ୍ୟାବିନେଟ୍ ସହଯୋଗୀ ଏ ଲେଖକକୁ ଲିଖିତ ପତ୍ରରୁ ଜାଣିହେବ ।

ଗୋପନୀୟ ଓ ବ୍ୟକ୍ତିଗତ

ନୂଆଦିଲ୍ଲୀ, ଡ଼ିସେମ୍ବର ୧୯୫୧

ପ୍ରିୟ ମହତାବ

ମୁଁ ସମ୍ବାଦପତ୍ରମାନଙ୍କରୁ ଦେଖୁଛି ଯେ ଆପଣ ରାଜ୍ୟମାନଙ୍କ ବିଷୟରେ ଅତ୍ୟନ୍ତ ଦୃଢ ଓ ସୁଦୂରପ୍ରସାରୀ ବିବୃତିମାନ ପ୍ରକାଶ କରୁଛନ୍ତି । ଆପଣ ମଧ୍ୟ କହିଛନ୍ତି ଯେ ସେମାନଙ୍କର ହାତପାଣ୍ଠିର ଉଚ୍ଛେଦ ନିହାତି ହେବା ଉଚିତ୍ । ପ୍ରକୃତପକ୍ଷେ ଆପଣ ଆଉ ପାଦେ ଆଗକୁ ଯାଇ କହିଛନ୍ତି ଯେ ଆଗାମୀ ଏକବର୍ଷ ଭିତରେ ଏହା ସଂପନ୍ନ ହେବ । ଏହା ଅତୀବ ସମ୍ବେଦନଶୀଳ ପ୍ରସଙ୍ଗ । ଆମ୍ଭମାନଙ୍କ ଭିତରୁ ଅନେକେ ଭାବନ୍ତି ଯେ ହାତପାଣ୍ଠି ପରିମାଣ ପର୍ଯ୍ୟାପ୍ତ ଅଟେ । ତାହା ସତ୍ତ୍ୱେ ଆମେ ସେମାନଙ୍କ ନିକଟରେ ପ୍ରତିଶ୍ରୁତିବଦ୍ଧ ଏବଂ ଏତେ ସହଜରେ ଆମର ପ୍ରତିବଦ୍ଧତାରୁ ନିଜକୁ ମୁକୁଳେଇ ପାରିବା ନାହିଁ ।

ମୁଁ ଏକ ଭିନ୍ନ ପରିପ୍ରେକ୍ଷୀରେ ଏ ପ୍ରସଙ୍ଗ ଉଠାଇ କହିଛି ଯେ ଯେଉଁଠି ରାଜାମାନେ ରାଜନୀତିକ କିମ୍ବା ଅନ୍ୟ କୌଣସି ଦୃଷ୍ଟିରୁ ଅନୁଚିତ ବ୍ୟବହାର ପ୍ରଦର୍ଶନ କରିବେ ସେଠାରେ ଏଭଳି ପ୍ରଶ୍ନ ଉଠିବ । ମୁଁ ଚାହେଁକି ଆପଣ ଆଉ ଏ ବିଷୟରେ ଏପରି ଭାବରେ କିଛି କହିବେ ନାହିଁ ଯେଉଁଥିପାଇଁ ସରକାର ଏବଂ ଆମ ମନ୍ତ୍ରୀମଣ୍ଡଳ ଏ ମନ୍ତବ୍ୟ ପାଇଁ ଲଜ୍ଜିତ ମନେ କରିବେ ।

ମାନ୍ୟବର ଶ୍ରୀ ହରେକୃଷ୍ଣ ମହତାବ
ବାଣିଜ୍ୟ ଏବଂ ଶିଳ୍ପମନ୍ତ୍ରୀ, ଭାରତ ସରକାର
ନୂଆଦିଲ୍ଲୀ

ଆପଣଙ୍କର ଶୁଭାନୁଧାୟୀ
ସ୍ୱା - ଜେ. ନେହେରୁ


ଓଡ଼ିଶା ଏବଂ ଛତିଶଗଡ଼ରେ ଦେଶୀୟ ରାଜ୍ୟ ମିଶ୍ରଣରେ କୌଣସି ସର୍ତ୍ତ ନ ଥିବାରୁ ସେତେବେଳେ ସମସ୍ତେ ବିସ୍ମୃତ ହୋଇଯାଇଥିଲେ । କେବଳ ଗୋଟିଏ ପ୍ରସଙ୍ଗ ଯାହା ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯାଇଥିଲା ତାହା ହେଉଛି ରାଜାମାନଙ୍କର ପରିବାର ନିମନ୍ତେ ସହାନୁଭୂତି ଦୃଷ୍ଟିରୁ ଆର୍ଥିକ ସହାୟତା । ସାର୍ବଭୌମତ୍ୱର ଦାବି ଅକ୍ଷୁଣ୍ଣ ରଖିବା ସମ୍ଭବ ହେଲା ନାହିଁ । ଆରମ୍ଭବେଳେ ଯାହା ଥିଲା ପରବର୍ତ୍ତୀ ଅବସ୍ଥାରେ ସାମ୍ବିଧାନିକ ସୁରକ୍ଷା ଉପରେ ଜୋର ଦେଉଥିଲେ ତାହା ଆବଶ୍ୟକ ହୋଇ ନ ଥାନ୍ତା । କିଛି ଚତୁର ଶାସକ କୌଣସି ସୁରକ୍ଷା ଆଦୌ ଆଶା କରୁ ନ ଥିଲେ କିମ୍ବା ଏହା ଉପରେ ଅଧିକ ଗୁରୁତ୍ୱ ଆରୋପ କରୁ ନ ଥିଲେ ଯାହାର ଝଲକ ଦେଖିବାକୁ ମିଳେ ମୟୂରଭଞ୍ଜର ମହାରାଜାଙ୍କ ଦ୍ୱାରା ଡୁଙ୍ଗରପୁର ମହାରାଜାଙ୍କୁ ପ୍ରେରିତ ପତ୍ରରୁ । ମୟୂରଭଞ୍ଜର ମହାରାଜା ସ୍ପଷ୍ଟଭାବେ କହିଥିଲେ କି ଆଜିର ନେତୃବୃନ୍ଦଙ୍କର ଏ ପ୍ରକାର ପ୍ରତିଶ୍ରୁତିର କୌଣସି ଅର୍ଥ ନାହିଁ । ସେ ପରିଷ୍କାର ଭାବେ ଭବିଷ୍ୟତକୁ ଦେଖିପାରୁଥିଲେ ଯେ ଯେତେବେଳେ ବାମପନ୍ଥୀମାନେ କ୍ଷମତାକୁ ଆସିଯିବେ ଏ ସମସ୍ତ ପ୍ରତିଶ୍ରୁତିକୁ ଅନାବଶ୍ୟକ ଭାବି ଫୋପାଡ଼ି ଦେବେ । ତଥାପି ହାତପାଣ୍ଠି ଏବଂ ବିଶେଷ ଅଧିକାର ବା ସୁବିଧାଗୁଡ଼ିକ ସମ୍ବିଧାନରେ ଉଦ୍ଦେଶ୍ୟ ସାଧନ ବା ଉପାଦେୟତା କାରଣରୁ ପ୍ରଦାନ କରାଯାଇଥିଲା । ମିଶ୍ରଣ ପ୍ରକ୍ରିୟା ଶେଷ ହେବା ପରେ ରାଜ୍ୟସମୂହ ମନ୍ତ୍ରଣାଳୟ ପକ୍ଷରୁ ଜାରି ଶ୍ୱେତପତ୍ରରେ ଏହା ସ୍ପଷ୍ଟ ହୋଇଗଲା । ସମୟକ୍ରମେ ଏହି ଉପଯୋଗିତାକୁ ଏକ ନୈତିକ ସିଦ୍ଧାନ୍ତ ଏବଂ ଆଇନ୍‌ଗତ ଦାୟିତ୍ୱ ହିସାବରେ ବ୍ୟାଖ୍ୟା କରାଗଲା । ବିଦେଶୀ ଶାସକ ଯେଉଁମାନଙ୍କୁ ଦେଶର ସ୍ୱରାଜ୍ୟ ହାସଲ ପଥରେ ପ୍ରତିବନ୍ଧକ ସୃଷ୍ଟିକରିବା ପାଇଁ ସାର୍ବଭୌମ ବୋଲି ଘୋଷଣା କରିଥିଲେ, ଲୋକ ପ୍ରତିନିଧିମାନେ ନିଷ୍ପତ୍ତି ନେବେ ଯେ ଏହି ବିଶେଷ ସୁବିଧା ଦେଶର ଅଳ୍ପ କିଛି ନାଗରିକମାନଙ୍କ ପାଇଁ ଚାଲୁରହିବ ନା ନାହିଁ । ଅନାସକ୍ତ ଇତିହାସ କେବେ ବି ଏହା ସ୍ୱୀକାର କରିବ ନାହିଁ , ଭାରତର ଏହି ରାଜାମାନେ ପ୍ରକୃତରେ ସ୍ୱାଧୀନ ଥିଲେ ଏବଂ ସ୍ୱାଧୀନତାର ସମର୍ପଣ ବଦଳରେ ସେମାନେ ହାତପାଣ୍ଠି ଏବଂ ସ୍ୱତନ୍ତ୍ର ସୁବିଧାମାନ ପାଇବାକୁ ହକ୍‌ଦାର ।

ଲୋକପ୍ରତିନିଧିମାନେ ଭାରତ ଇତିହାସରେ ଏହି ତଥାକଥିତ ସାର୍ବଭୌମତ୍ୱର ଅଧ୍ୟାୟ ସମାପ୍ତ କରିବାପାଇଁ ନିଷ୍ପତ୍ତି ନେଲେ । ସମ୍ବିଧାନ ତଦନୁଯାୟୀ ସଂଶୋଧିତ ହେଲା ଏବଂ ହାତପାଣ୍ଠି ଏବଂ ସ୍ୱତନ୍ତ୍ର ସୁବିଧା ଗୁଡ଼ିକୁ ପ୍ରତ୍ୟାହାର କରି ନିଆଗଲା । ଯେଉଁ ପ୍ରକ୍ରିୟା ସର୍ଦ୍ଦାର ପଟେଲଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା ତାହା ଶ୍ରୀମତୀ ଇନ୍ଦିରାଗାନ୍ଧୀଙ୍କ ଦ୍ୱାରା ପରିସମାପ୍ତ କରାଗଲା ।

❐

କାହାଣୀ ପାର୍ବଣ

ରୁମ୍ ନମ୍ବର ନଅ



ମୂଳ ଗୁଜରାଟୀ

ନରେନ୍ଦ୍ର ମୋଦୀ



ଅନୁବାଦ

ପ୍ରଶାନ୍ତ କୁମାର ମହାନ୍ତି

୯୪୩୭୬ ୭୮୬୮୦

ପରିବାରର ସମସ୍ତଙ୍କ ଅନିଚ୍ଛା ସତ୍ତ୍ୱେ ରାଜନ ନିଜେ ହିଁ କାର୍ ଚଳାଉଥିଲା । ଆଜି ବି ସେଇ ଏକା ଢଙ୍ଗରେ ଉତ୍‌ଫୁଲ୍ଲିତ ଭାବ କିନ୍ତୁ... ରାଜନର ଏଇ ଉଲ୍ଲସିତ ସ୍ୱଭାବ କାହାରି ଉପରେ କୌଣସି ପ୍ରଭାବ ପକାଉ ନ ଥିଲା । ବାପା, ରଶ୍ମି କେହି ଜଣେ ହେଲେ କିଛି କହୁ ନ ଥିଲେ । କାର୍ ଭିତରେ ସମସ୍ତେ ଚୁପ୍‌ଚାପ ବସି ରହିଥିଲେ । ଅବଶ୍ୟ ଏମାନଙ୍କ ଠାରୁ ରାଜନ ଭିନ୍ନ ଥିଲା । ବେଳେବେଳେ ରାଜନର ପ୍ରଭାବଶାଳୀ ମୁକ୍ତହସର ଧ୍ୱନି ନିରବତାର ଘନ ବାଦଲ ଭିତରେ ବିଜୁଳି ଭଳି ଚମକ ସୃଷ୍ଟି କରୁଥିଲା ।

କ୍ୟାନ୍‌ସର ହସ୍‌ପିଟାଲର ପୋର୍ଟିକୋ ସାମନାରେ କାର୍ ରଖିଦେଇ ରାଜନ କହିଲା, “ବାପା ଚାଲନ୍ତୁ.... ଆମ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଗଲେ ।”

ରାଜନର ଏଭଳି ବେପରୁଆ କଥା ପଦଟି କାର୍ ଭିତରେ ନିଶ୍ଚୁପ ଭାବରେ ବସିଥିବା ସମସ୍ତ ବ୍ୟକ୍ତିଙ୍କ ମାନସିକ ସ୍ଥିତିକୁ

ଚହଲାଇ ଦେଇଥିଲା ।

"ନାଇଁ ଭାଇ.....ନାଇଁ, ଇଏ, ଆମ ପାଇଁ ଲକ୍ଷ୍ୟସ୍ଥଳ ନୁହେଁ ବରଂ ଅସ୍ଥାୟୀ ବିଶ୍ରାମସ୍ଥଳ କହିଲେ ଠିକ୍ ହେବ । .....ରଶ୍ମି ପରିବେଶକୁ ହାଲ୍‌କା କରିଦେବା ଲାଗି ଚେଷ୍ଟା କରିଥିଲା । ହେଲେ ମନ ଭିତରେ ଆନ୍ଦୋଳିତ ହେଉଥିବା ବେଦନା ତା ଆଖି ଆଗକୁ ଚାଲି ଆସୁଥିଲା ।

ଆଖି କୋଣକୁ ଚାଲିଆସୁଥିବା ଲୁହକୁ ରୁମାଲରେ ପୋଛିଦେବାକୁ ରଶ୍ମି ଉଦ୍ୟତ ହେବାବେଳକୁ ରାଜନ୍ ତା ହାତକୁ ଧରି ନେଇ କହିଲା, "ଆରେ... ଆରେ" ନିଶ୍ଚୁପ ପରିବେଶକୁ ବଦଳାଇଦେବାକୁ ଉଦ୍ୟତ ହୋଇ ରାଜନ ପୁଣି କହିଲା, "ରଶ୍ମି ପ୍ଲିଜ୍, ତୋର ଫୁଲ ଭଳି ସୁନ୍ଦର ଆଖିକୁ ଚାଲି ଆସିଥିବା ଲୁହ ବିନ୍ଦୁକୁ ଆଦୌ ଖସିବାକୁ ଦେ' ନାହିଁ । ସୁନ୍ଦର.... ବହୁତ ସୁନ୍ଦର ।" ରାଜନ ପାଟିରୁ କଥା ସରିନାହିଁ ଲୁହ ବୁନ୍ଦା ଆଉ ଖସିବ କ'ଣ ବରଂ ଧାର ଧାର ହୋଇ ଅବିରତ ଛୁଟି ଚାଲିଲା ।

ହସ୍‌ପିଟାଲର ପ୍ରବେଶ ଦ୍ୱାରରେ ଧାଡ଼ି ଧାଡ଼ି ରଖାଯାଇଥିବା ଫୁଲକୁଣ୍ଡରେ ସୁନ୍ଦର ସୁନ୍ଦର ଫୁଲ ଫୁଟିଥିଲା । ମାଳୀ ଫୁଲ ଚାରାଗୁଡିକର ଯତ୍ନରେ ଲାଗି ପଡିଥିଲା । ସମସ୍ତଙ୍କୁ ଅଳ୍ପ ସମୟ ଭିତରେ ଆପଣାର କରିନେବାର କଳା ରାଜନକୁ ବେଶ ଭଲ ଭାବରେ ଜଣା ଥିଲା । ତା'ର ସ୍ୱଭାବ ସୁଲଭ ଢଙ୍ଗରେ ରାଜନ କହିଲା, "କି ସୁନ୍ଦର ସୁନ୍ଦର ଫୁଲ.... !" ମାଳୀକୁ ନିଜ ପ୍ରତି ଆକର୍ଷିତ କରିବାରେ ରାଜନକୁ ସଫଳତା ମିଳିଗଲା । ସ୍ମିତ ହସି ମାଳୀ ପୁଣି ତା' ନିଜ କାମରେ ଲାଗିଗଲା ।

"ଆରେ ତୁମେ ତ କୌଣସି ଗୋଟିଏ କୁଣ୍ଡରେ ଶୁଖିଲା ପତ୍ର ଶୁଖିଲା ଫୁଲକୁ ପଡ଼ି ରହିବାକୁ ଦେଉନାହଁ । ବହୁତ ସୁନ୍ଦର !" ମାଳୀକୁ ପ୍ରଶଂସା କହି ରାଜନ କହିଲା ।

କାମରେ ବ୍ୟସ୍ତ ଥାଇ ମାଳୀ ଉତ୍ତର ଦେଲା, "ସାହେବ ଇଏ ହେଉଛି ହସ୍‌ପିଟାଲର ବଗିଚା । ଏଠାରେ ଜୀବନର ସଠିକ୍ ଯତ୍ନ ନିଆଯାଇଥାଏ ।" ମାଳୀର ଉତ୍ତର ଭିତରେ ହସ୍‌ପିଟାଲର ଦର୍ଶନ ତତ୍ତ୍ୱ ଛପି ରହିଥିଲା ।

ପରିବାରର ସଦସ୍ୟମାନଙ୍କ ସହିତ ସିଡ଼ି ଚଢି ଉପରକୁ ଉଠୁଥିବା ସମୟରେ ରାଜନ ମନ ଭିତରେ ମାଳୀର ସେଇ ଉତ୍ତର ପ୍ରତିଧ୍ୱନିତ ହେଉଥିଲା, " ଇଏ ହେଉଛି ହସ୍‌ପିଟାଲ, ଏଠାରେ ଜୀବନର ସଠିକ୍ ଯତ୍ନ ନିଆ ଯାଇଥାଏ ।" "ତା' ହେଲେ କ'ଣ ତା'ର ସଠିକ୍ ଦେଖା ଶୁଣା କରାହେବ ?"

ନିରବତାକୁ ଆଡେଇ ଦେବାକୁ ଯାଇ ରାଜନ କହିଲା, "ସବୁ ଡାକ୍ତର ଯଦି ମାଳୀ ଭଳି କାମ କରନ୍ତେ ତେବେ ଭଲ ହୁଅନ୍ତା ।"

କେହି କିଛି ଉତ୍ତର ଦେବା ପୂର୍ବରୁ ନର୍ସ ଆସି କହିଲେ- ରୁମ୍ ନମ୍ବର ନଅ ।

ଥ୍ୟାଙ୍କ ୟୁ ଭେରିମଚ୍ । ନର୍ସଙ୍କୁ ସୌଜନ୍ୟ ରକ୍ଷା କରି ଧନ୍ୟବାଦ ଜଣାଇଲା ପରେ ରାଜନ ରୁମ୍ ନମ୍ବର ନଅରେ ପ୍ରବେଶ କଲା ଏବଂ କହିଲା, " ଏବେ ଆମେ

ଅସ୍ଥାୟୀ ବିଶ୍ରାମ କକ୍ଷରେ ପହଞ୍ଚିଗଲେ ।" ରଶ୍ମିକୁ ଦୁଃଖ ନ ଦେବା ଲାଗି ରାଜନ 'ଲକ୍ଷ୍ୟସ୍ଥଳ'ରେ ପହଞ୍ଚିଗଲା ବୋଲି ନ କହି 'ଅସ୍ଥାୟୀ ବିଶ୍ରାମ କକ୍ଷ' ରେ ପହଞ୍ଚିଗଲେ ବୋଲି କହିଥିଲା ।

ଏମିତି ତ ବିଗତ ଦୁଇ ବର୍ଷ ଭିତରେ ରାଜନ ଅନେକ ଛୋଟ ବଡ ହସ୍‌ପିଟାଲ ଯାଇସାରିଥିଲା ଏବଂ ହସ୍‌ପିଟାଲର ପରିବେଶ ତା' ପାଇଁ ନୂଆ ନ ଥିଲା । ସେଠାକାର ଆଚାର ବ୍ୟବହାର ପ୍ରତି ସେ ଭଲ ଭାବରେ ଅବଗତ ଥିଲା । ସଜୀବ ନିର୍ଜୀବ ସମସ୍ତଙ୍କ ସହିତ ଖୁସିବାସିରେ ସମ୍ପର୍କ ଯୋଡି ବଞ୍ଚି ରହିବାରେ ସେ ଆନନ୍ଦ ପାଉଥିଲା । ଏମିତି କି ସୁଖରୂପକ ନୌକାରେ ସାରା ସଂସାର- ସାଗରକୁ ପାରି ହୋଇଯିବାର ଦର୍ଶନକୁ ଆଦର୍ଶ ବୋଲି ଧରିନେଇ ସେ ବଞ୍ଚିରହି ଆସିଥିଲା । ଶାରିରୀକ ଓ ମାନସିକସ୍ତରରେ ସେ ଆଦୌ ସୁଖରେ ନ ଥିଲେ ମଧ୍ୟ ଆପଣାର ସ୍ୱଭାବକୁ ନେଇ ସେ ସଦା ସର୍ବଦା ଆନନ୍ଦ ବ୍ୟକ୍ତ କରୁଥିଲା ।

ସେ ଥିଲା ଜଣେ କ୍ୟାନ୍‌ସର ରୋଗୀ, ଏକଥା ସେ ଦେଢ ବର୍ଷ ପୂର୍ବରୁ ଜାଣି ସାରିଥିଲା; ତଥାପି କେବେ ବି ନିଜର ଭାବାବେଗରେ ସେ ଆଦୌ ପରିବର୍ତ୍ତନ ଆଣି ନ ଥିଲା ବରଂ ବିଗତ ବର୍ଷ ଅପେକ୍ଷା ସେ ଏବେ ଆହୁରି ଅଧିକ ସୁଖ ଆନନ୍ଦରେ ଥିଲାଭଳି ବ୍ୟବହାର କରୁଥିଲା । 'କ୍ୟାନସର' ଶବ୍ଦଟି ତା' ପରିବାରର ସମସ୍ତଙ୍କ ଆଖିରୁ ନିଦ ଛଡ଼େଇ ନେଇଥିଲା । ହେଲେ ରାଜନର ଉଲ୍ଲସିତ ଭାବ ସେମାନଙ୍କ ମନ ଭିତରେ ଆଶାର ସଞ୍ଚାର କରୁଥିଲା ।

ରାଜନ ଲାଗି ଜୀବନ ସୂତ୍ର ଥିଲା - ଯିଏ ଜୀବନକୁ ଭୟ କରେ ତା' ପାଇଁ ଜୀବନ ହେଉଛି ମୃତ୍ୟୁ । ମୃତ୍ୟୁକୁ ଏଭଳି ଜୀବନର ସାହଚର୍ଯ୍ୟର ଆବଶ୍ୟକ ହୋଇଥାଏ । ସଦାସର୍ବଦା ନିରବ ପରିବେଶ ସୃଷ୍ଟି କରୁଥିବା ହସ୍‌ପିଟାଲ୍‌ର ରୁମ୍ ନମ୍ବର ନ'ର ବାତାବରଣ ଭିନ୍ନ ହୋଇ ଉଠିଥିଲା । ରାଜନ୍ ହସ୍‌ପିଟାଲ୍‌ରେ ପହଞ୍ଚିବା ପାଖାପାଖି ଏକ ଘଣ୍ଟା ହୋଇଗଲାଣି । ରୁମ୍ ନମ୍ବର ନ' ସହିତ ରାଜନର ପରିଚୟ ବଢିଗଲାଣି । ରୁମ୍ ନମ୍ବର ନ' ନିର୍ମାଣ ହେବା ପରଠାରୁ ତା' କାନ୍ଥ ବାଡ କେବେ ଏଭଳି ମୁକ୍ତହସର ଜୁଆରକୁ ସାମନା କରି ନ ଥିଲେ । ସଦା ସର୍ବଦା ଭେଟିଥିଲା ଦୁଃଖ, ପରିତାପ, ଯନ୍ତ୍ରଣା, ଚିତ୍କାର ଅଥବା ମୃତ୍ୟୁ ଶଯ୍ୟା ନିକଟରୁ ଭାସି ଆସିଥିବା ଲୋମହର୍ଷଣକାରୀ ବେଦନାସିକ୍ତ ଅସହ୍ୟ କ୍ରନ୍ଦନ ଲହରୀ । ଆଜି ପ୍ରଥମ କରି ଖୋଲାହସର ଜୁଆର ମଥା ପିଟୁଥିଲା ରୁମ ଭିତରେ । ଅନୁଭୂତି ହେଉଥିଲା ସତେ ଅବା ମୃତ୍ୟୁ ବଦଳରେ ଜୀବନର ଅଭିଷେକ ହେଉଥିଲା ହର୍ଷରେ ଏବଂ ଆନନ୍ଦ ଉଲ୍ଲାସରେ ।

ରୁମ୍ ନମ୍ବର ନ'ର ନିର୍ଜୀବ କାନ୍ଥ ବାଡ ପକ୍ଷରେ ଏପରି ଆନନ୍ଦ ଉଲ୍ଲାସ ପ୍ରତିଧ୍ୱନିତ ହେବା ସହଜ ଏବଂ ସରଳ ନ ଥିଲା । କିନ୍ତୁ ବାପା ଏବଂ ରଶ୍ମିଙ୍କ ବେଦନାସିକ୍ତ ମୁଖମଣ୍ଡଳର ଭାବାବେଗରେ ଏହାର କୌଣସି ପ୍ରଭାବ ଅନୁଭୂତ ହେଉ ନ ଥିଲା । ସେମାନଙ୍କ ପାଇଁ

ଏହା ଅସମ୍ଭବ ଥିଲା ।

"ରାଜନ୍ ବାବୁ...." ନର୍ସ ରୁମ୍ ଭିତରକୁ ପ୍ରବେଶ କରୁ କରୁ ଡାକ ମାରିଥିଲେ । ତାଙ୍କ ପାଟିରୁ କଥା ନ ସରୁଣୁ ସେ ରାଜନ୍ ନିକଟରେ ପହଞ୍ଚି ସାରିଥିଲେ ।

"ଏ ପୋଷାକ.... ଏଠିକାର ନିୟମ ହେଉଛି ତୁମେ.... ।" ନର୍ସ ହସ୍‌ପିଟାଲ ତରଫରୁ ହଳେ ପୋଷାକ ରାଜନ ହାତକୁ ବଢେଇ ଦେଇଥିଲେ ।

"ସିଷ୍ଟର, ତୁମେ ଏଠାକୁ ନୂଆ ହୋଇ ଆସିଲା ଭଳି ମନେ ହେଉଛ ?" ପରିଚୟ ପାଇବା ପାଇଁ ରାଜନ ପ୍ରଶ୍ନ କରିଥିଲା ।

"ହଁ, କିନ୍ତୁ ତୁମେ କେମିତି ଜାଣିଲ ?" ନର୍ସ ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କରିଥିଲା ।

"ଯେମିତି ଢଙ୍ଗରେ ତୁମେ ରୁମ୍ ଭିତରକୁ ଆସିଲ ଏବଂ ତୁମର ବ୍ୟବହାରରେ ଯେଉଁ ସକ୍ରିୟତା ମୁଁ ଲକ୍ଷ୍ୟ କଲି ଏଭଳି ଶୈଳୀରେ ବ୍ୟବହାର ମୁଁ ଅନ୍ୟମାନଙ୍କ ଠାରେ ଦେଖିନାହିଁ ।" ନର୍ସକୁ ପ୍ରଶଂସା କରି ରାଜନ କହିଥିଲା ଏବଂ ନର୍ସକୁ ଆପଣାର କରିନେବାର ସୁଯୋଗକୁ ହାତଛଡା କରି ନ ଥିଲା । "ଧନ୍ୟବାଦ..." ନର୍ସ ଉତ୍ତର ଦେଇଥିଲେ । "ଖାଲି କ'ଣ ଧନ୍ୟବାଦ ଦେଇଦେଲେ ହୋଇଗଲା ? ନୂଆ ନୂଆ ଚାକିରି କରିଛ ଏ ବାବଦରେ ତ ତୁମକୁ ମିଠା ଦେବାକୁ ହେବ ।" ପ୍ରଥମ ପରିଚୟରେ ଏଭଳି ମଧୁର କଥା କହି ରାଜନ ନର୍ସଙ୍କୁ ଆପଣାର କରି ନେଇଥିଲା ।

ହସ୍‌ପିଟାଲରେ ଏ ଥିଲା ପ୍ରଥମ ଦିନ । ସମସ୍ତ ରୁମ୍‌ର ଦୃଷ୍ଟି ଆକର୍ଷଣ କରିଥିଲା ରୁମ୍ ନମ୍ବର ନ' । ବରିଷ୍ଠଙ୍କ ଠାରୁ ଆରମ୍ଭ କରି କନିଷ୍ଠ ଡାକ୍ତରଙ୍କ ପର୍ଯ୍ୟନ୍ତ ସମସ୍ତେ ଏଇ ରୁମ୍‌କୁ ଯା' ଆସ କରୁଥିଲେ । ନର୍ସମାନେ ମଧ୍ୟ ଆସିବାକୁ ଭୁଲୁ ନ ଥିଲେ । ରାଜନ୍‌ଙ୍କ ପରିଚିତ ପୁରୁଣା ରୋଗୀ ବି ଆସୁଥିଲେ । ଘଣ୍ଟାକୁ ଘଣ୍ଟା ତାପମାତ୍ରା ମାପିବା ଲାଗି ନର୍ସ ଆସୁଥିଲେ । କେତେ ଘଣ୍ଟା ଅନ୍ତରରେ ଇଞ୍ଜେକ୍‌ସନ ବି ଦିଆଯାଇଥିଲା । ସୁଇପର ମଧ୍ୟ ତିନି ଥର ରୁମ୍ ସଫା କରିଗଲାଣି । ଆଜି ରାଜନର ଅବଜର୍‌ବେସନ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା । ଏବେ ସୁଦ୍ଧା ନୂଆ କରି କୌଣସି ଚିକିତ୍ସା ଆରମ୍ଭ କରାଯାଇ ନ ଥିଲା ।

ରାଜନର ରୋଗର ମାତ୍ରା ସମ୍ବନ୍ଧରେ ଡାକ୍ତର ଆଦୌ ଅନଭିଜ୍ଞ ନ ଥିଲେ, ରାଜନ ଲାଗି ପୂର୍ଣ୍ଣ ବିଶ୍ରାମର ଆବଶ୍ୟକତା ଥିବାରୁ ହସ୍‌ପିଟାଲ୍‌ର ସମସ୍ତ କର୍ମଚାରୀଙ୍କୁ ସତର୍କ ରହିବା ଲାଗି ଡାକ୍ତର ପରାମର୍ଶ ଦେଇଥିଲେ । ତଥାପି ରାଜନଙ୍କୁ ଅଟକାଇ ରଖିବା ସହଜ ନ ଥିଲା । ଡାକ୍ତର ନର୍ସମାନଙ୍କର ଏତେ କଟକଣା ଥିଲେ ବି ରାଜନ ରୁମ୍‌ରୁ ବାହାରକୁ ଯିବାରେ ବେଳେବେଳେ ସଫଳ ହେଉଥିଲା ।

ଆନ୍ତରିକତା ସହିତ କାହାର ଦୁଃଖ ଅବା ପ୍ରତିବାଦକୁ ସେ ଶୁଣୁଥିଲା । ଦୀର୍ଘ ସମୟ ବୁଲାବୁଲି କଲା ପରେ ରାଜନ ରୁମ୍‌କୁ ଫେରିଲା । ସୂର୍ଯ୍ୟ ପଶ୍ଚିମ ଆକାଶରେ ଅସ୍ତଯିବାର ସମୟ ।

ରାଜନ ପାଇଁ ଘରୁ ଖାଦ୍ୟ ପ୍ରସ୍ତୁତ କରି ଆଣିଥିଲା ରଶ୍ମି, ରାଜନ ମନେ ମନେ ଭାବିଥିଲା- "ଯା' ହେଉ ସେ ବୁଲାବୁଲି କରି ଫେରିଲା ପରେ ରଶ୍ମି ଆସିଛି ନୋହିଲେ ସିଏ....."।

ପୂର୍ବରୁ ଯେତେଥର ରାଜନକୁ ହସପିଟାଲରେ ରହିବାକୁ ପଡ଼ିଛି ସବୁଥର ତା' ସହିତ ରଶ୍ମି ହିଁ ରହି ଆସିଛି। ଆଜି ବି ରଶ୍ମି ରହିବା ଲାଗି ପ୍ରସ୍ତୁତ ହୋଇ ଆସିଥିଲା କିନ୍ତୁ ରାଜନର ଦେହ ସେତେ ଖରାପ ନ ଥିବା ଦେଖି ସେ ଘରକୁ ଫେରିଯାଇଥିଲା।

ଆଖପାଖରେ ରୋଗୀମାନଙ୍କର ଯା'ଆସ ଯୋଗୁଁ ରାଜନ ଶୀଘ୍ର ଉଠି ପଡିଥିଲା। ବାହାରେ ସୁଇପର ସଫାସଫି କାର୍ଯ୍ୟରେ ଲାଗିଥିଲା। ଖୁବ୍ ସାବଧାନତାର ସହିତ ତା'କାମରେ ଲାଗି ପଡିଛି। ତା କଥା ରାଜନର ପୁଣି ମନେ ପଡିଗଲା- "ଏଠାରେ ଜୀବନର ସଠିକ୍ ଯତ୍ନ ନିଆଯାଇଥାଏ।"

ହଠାତ୍ ରାଜନ୍‌ର ସ୍ମରଣ ହେଲା ହସ୍‌ପିଟାଲର ମୁଖ୍ୟ ଡାକ୍ତର, ମିଷ୍ଟର ରାଓଙ୍କର ୱାର୍ଡ ପରିଦର୍ଶନରେ ଆସିବାର ଅଛି। ରାଜନ ମଧ୍ୟ ନିଜକୁ ପ୍ରସ୍ତୁତ କରିନେଲା।

ଏ ଯାବତ୍ ରଶ୍ମି ଆସି ନ ଥିଲା। ବୋଧହୁଏ କୌଣସି କାମରେ ବ୍ୟସ୍ତ ଥିବାରୁ ତା'ର ବିଳମ୍ବ ହୋଇଛି। ବିଚାରି ଏକା ଏକା କେତେ କାମ କରୁଛି। ଏକୁଟିଆ ହୋଇଗଲେ ରାଜନ ଅନ୍ୟମାନଙ୍କ କଥା ଭାବି ଭାବି ଦୁଃଖିତ ହୋଇଥାଏ। ତା' ପାଇଁ ରଶ୍ମି ଏକା ଏକା ଯେମିତି କଷ୍ଟ କରି ଆସୁଛି। ନିଜ ଜୀବନକୁ ସଳିତା ଭଳି ଜାଳି ଜାଳି ନିଜେ ଜଳିଯାଉଛି ସେଇ କଥା ସବୁ ରାଜନର ମାନସପଟରେ ନାଚି ଉଠୁଥିଲା।

"ମେ... ଆଇ.... କମ୍... ଇନ୍?" ମଧୁର ସ୍ୱରର ଏଇ କଥା ପଦଟି ରାଜନକୁ ପ୍ରକୃତିସ୍ଥ କରିଦେଇଥିଲା। ରାଜନ ସୁସ୍ଥ ଥିବା ଭଳି ଭାବାବେଗକୁ ଆଣିବାକୁ ଚେଷ୍ଟା କରିଥିଲା କିନ୍ତୁ ଯନ୍ତ୍ରଣାର ରେଖା ତା ମୁଖମଣ୍ଡଳରୁ ଦୂରେଇ ଯାଇପାରି ନ ଥିଲା।

ରାଜନ କୌଣସି ଉତ୍ତର ଦେବା ପୂର୍ବରୁ ତା' ବେଡ୍ ପାଖରେ ଆସି ପହଞ୍ଚି ସାରିଥିଲା ଜଣେ ଯୁବତୀ। ପାଖାପାଖି ପଚିଶ ବର୍ଷର। ଯେମିତି ସୁନ୍ଦର ସେମିତି ସୁନ୍ଦର ତାଙ୍କ ଦେହର ଗଢଣ। ଖୁବ୍ ପ୍ରଭାବଶାଳୀ ବ୍ୟକ୍ତିତ୍ୱ। ମୁହଁରେ ସ୍ମିତ ହସ। ଉଚ୍ଚ କୁଳରେ ଜନ୍ମ ନିଶ୍ଚୟ।

"ରାଜନବାବୁ, ଆପଣ..." କୋମଳସ୍ୱରରେ କହିଲାବେଳେ ତାଙ୍କ ଓଠ ଧାରେ ସ୍ମିତ ହସ ଖେଳିଯାଇଥିଲା। ଯୁବତୀଙ୍କ କଥା ସରିନାହିଁ ରାଜନ କହିଲା- "ରାଜନବାବୁ ନୁହେଁ। ସମସ୍ତେ ମୋତେ ରାଜନ ହିଁ ଡାକିଥା'ନ୍ତି।" ସେଇ ସ୍ମିତ ହସର ଧାର ରୁମ୍ ସାରା ବିଛାଡି ହୋଇ ପଡୁଥିଲା।

"ଆପଣ ଖୁବ୍ ଶୀଘ୍ର ଭଲ ହୋଇ ଯା'ଆନ୍ତୁ। ମୁଁ ହୃଦୟର ସହିତ ଆପଣଙ୍କର ଆରୋଗ୍ୟ କାମନା କରୁଛି।"

ପାଖରେ ପଡିଥିବା ଷ୍ଟୁଲ ଉପରେ ବସିବା ଲାଗି ରାଜନ ସଙ୍କେତ ଦେଇଥିଲା।

ତରୁଣୀ ଷ୍ଟୁଲ ଉପରେ ବସି ପଡ଼ିଲେ । ମୁହୂର୍ତ୍ତକ ପରେ ଉଠି ଠିଆହେଲେ କହିଲେ, "ରାଜନବାବୁ ।" "ନା...." ରାଜନ ବାରଣ କଲା ।

"ଓକେ.... ରାଜନ... ପୁଣି କେବେ..." ଦୁଇ ପଦ କହିସାରି ସେ ଯିବାକୁ ବାହାରି ପଡିଲେ ।

ରାଜନ କିଛି ବୁଝି ପାରିଲା ନାହିଁ । ତରତର ହୋଇ ପଚାରି ଦେଲା, "ତୁମ ନାଆଁ ?"

"ରାଭି..." ପୁଣିଥରେ ଆଉ ଧାରେ ସ୍ମିତ ହସ ତରୁଣୀଙ୍କ ଓଠରେ ନାଚି ଉଠିଲା । ସେଇ ସ୍ମିତ ହସ ରାଜନଙ୍କ ଅନ୍ତରାତ୍ମାକୁ ଛୁଇଁଦେଲା । ସେ ଭାବୁଥିଲା ସତେ ଯେମିତି ସେ ସ୍ୱପ୍ନ ରାଜ୍ୟରେ ପହଞ୍ଚି ସାରିଥିଲା ।

ରାଜନ ବାରମ୍ବାର ଉଚ୍ଚାରଣ କରିଥିଲା- "ରାଭି...ରାଭି ।"

ଏତିକି ବେଳକୁ ରଶ୍ମି ଚା ଜଳଖିଆ ଧରି ଆସିଗଲା । ହେଲେ ସକାଳର ଏଇ ମନଛୁଆଁ ଘଟଣା ଭିତରେ ରାଜନ ମଜିଯାଇଥିଲା ।

ଷ୍ଟାଫ୍‌ମାନଙ୍କ ଯା' ଆସ ଶବ୍ଦରେ ରାଜନ ଅନୁମାନ କରିନେଲା ଯେ ଡାକ୍ତର ରାଓ ଆସିଗଲେଣି ।

ଡାକ୍ତର ରାଓ ପ୍ରତ୍ୟେକ ରୁମ୍‌ର ପ୍ରତ୍ୟେକ ରୋଗୀଙ୍କୁ ବ୍ୟକ୍ତିଗତ ଭାବରେ ଭେଟୁଥିଲେ ଏବଂ ସେମାନଙ୍କର ଦେଖାଶୁଣା କରୁଥିଲେ । ତାଙ୍କ ସହିତ ବରିଷ୍ଠ ଓ କନିଷ୍ଠ ଡାକ୍ତରମାନଙ୍କର ଏକ ଗୋଷ୍ଠୀ ମଧ୍ୟ ଥିଲେ ।

ରୁମ୍ ନମ୍ବର ନ'ରେ ପହଞ୍ଚିବା କ୍ଷଣି "ଗୁଡ୍ ମର୍ଣ୍ଣିଙ୍ଗ୍ ଡକ୍ଟର" ସମ୍ବୋଧନ କରି ରାଜନ ଅଭିବାଦନ ଜଣାଇଥିଲା । ଏପରି ଉତ୍ସାହପ୍ରଦ ସ୍ୱର ଥିଲା ରୋଗୀର ଅବା ତା'ପାଖରେ ଥିବା ନିଜ ଲୋକଙ୍କର ଜାଣିବାକୁ ଡକ୍ଟର କିଛି ସମୟପାଇଁ ଦ୍ୱନ୍ଦ୍ୱରେ ପଡିଥିଲେ ।

ଡାକ୍ତର ରାଓ କେସ୍ ପେପର ପଢିନେଲେ । ପେପର ପଢୁଥିବା ସମୟରେ ତାଙ୍କର ଦୃଷ୍ଟି ବାରମ୍ବାର ରାଜନ ଉପରକୁ ଚାଲି ଯାଉଥିଲା । ବେଳେବେଳେ ସେ ରାଜନର ମୁହଁକୁ ଅପଲକ ନେତ୍ରରେ ଦେଖି ରହୁଥିଲେ । ରାଜନ ମୁହଁର ହସ ତାଙ୍କୁ ଆଚମ୍ବିତ କରୁଥିଲା ।

ଅନ୍ୟ ରୋଗୀଙ୍କ ଅପେକ୍ଷା ରାଜନ ପାଖରେ ଡକ୍ଟର ରାଓ ବେଶୀ ସମୟ ଦେଇଥିଲେ । କେତେକ ଆବଶ୍ୟକୀୟ ପ୍ରଶ୍ନ ରାଜନକୁ ପଚାରିଥିଲେ । ଡକ୍ଟର ରାଓଙ୍କ ଅଧିକାଂଶ ପ୍ରଶ୍ନ ଜୀବନ-ମୃତ୍ୟୁକୁ ଭେଦ କରି ଉପରସ୍ତରକୁ ନେଇଯିବା ଦର୍ଶନ ଉପରେ ଆଧାରିତ ଥିଲା । ପ୍ରଶ୍ନଗୁଡିକର ଗାମ୍ଭୀର୍ଯ୍ୟ ରାଜନର ଉତ୍ତରରେ ଥିବା ହାସ୍ୟ ଏବଂ ଆନନ୍ଦ ଭିତରେ ଲୁଚିରହିଥିବା ଜୀବନର ବାସ୍ତବତାକୁ ଉନ୍ମୋଚିତ କରୁଥିଲା ।

ଅଳ୍ପ ସମୟର ସାକ୍ଷାତ ଆଲୋଚନା ଭିତରେ ରାଜନର ବ୍ୟକ୍ତିତ୍ୱ ଡକ୍ଟର ରାଓଙ୍କୁ

ବିଶେଷ ଭାବରେ ପ୍ରଭାବିତ କରିଥିଲା । କିନ୍ତୁ ରାଜନର କେସ୍ ପେପର୍ସ ପଢିଲା ପରେ ଡକ୍ଟର ରାଓ ମର୍ମାମତ ହୋଇଥିଲେ ।

ଡକ୍ଟର ରାଓ ରୁମ୍‌ରୁ ବିଦାୟ ନେବା ପୂର୍ବରୁ ଅତି ସହଜ ଭାବରେ ରାଜନ କହିଥିଲା- "ସାର, ଆପଣଙ୍କୁ ମୋ ତରଫରୁ ଅନେକ ଅନେକ ଅଭିନନ୍ଦନ ।" ରାଜନର ଆଖିରେ ଚମକ ଥିଲା, ତା'କଥା ମଧ୍ୟ ବେଶ ରୁଚିକର ଥିଲା । କିଛି ସମୟ ନିରବି ଗଲା ପରେ ଡକ୍ଟର ରାଓ ପଚାରିଲେ, "କ'ଣ ପାଇଁ ?"

"ଡକ୍ଟର ସାହେବ, ଏଠିକାର ସମସ୍ତ ବ୍ୟବସ୍ଥା ବହୁତ ଭଲ । ସତ କହିବାକୁ ଗଲେ ଏଠିକାର ବାତାବରଣ ଏତେ ଶାନ୍ତ ଓ ସୁନ୍ଦର ଏବଂ ସୁନ୍ଦର ଯେଉଁଠି ମୃତ୍ୟୁ ବରଣ କଲେ ଖୁବ୍ ମଜା ଆସିବ ।

ରାଜନର ବକ୍ତବ୍ୟର ଶେଷ ଧାଡିଟି ଡକ୍ଟର ରାଓଙ୍କ ମାନସିକ ସ୍ଥିତିକୁ ଦୋହଲାଇ ଦେଇଥିଲା । ତାଙ୍କ ସହିତ ଆସିଥିବା ସମସ୍ତ ଡାକ୍ଟର ଏବଂ କର୍ମଚାରୀ ରାଜନକୁ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିଲେ ।

"ଓଃ, ୟଙ୍ଗ ବୟ ।" ୟା' ଠାରୁ ଅଧିକ ଗୋଟିଏ ଶବ୍ଦ ଡକ୍ଟର ରାଓ କହିପାରି ନ ଥିଲେ । ରାଜନର ଏଭଳି ମନ୍ତବ୍ୟ ରଶ୍ମିକୁ ଭଲ ଲାଗିଲା ନାହିଁ ତଥାପି ସେ ମଧ୍ୟ ତାକୁ ଅଟକାଇ ପାରିଲା ନାହିଁ ।

ଆଜି ସାରା ଦିନ ଡାକ୍ତର ନର୍ସଙ୍କର ରୁମ୍‌କୁ ଯା'ଆସ ଲାଗି ରହିଲା । ଅନ୍ୟ ଦିନ ଅପେକ୍ଷା ଆଜି ଆଉ କିଛି ଇଞ୍ଜେକ୍‌ସନ୍ ଏବଂ ଟାବଲେଟ୍‌ର ମାତ୍ରା ବଢେଇ ଦିଆଗଲା ।

ଗତ କାଲି ହସ୍‌ପିଟାଲର ଷ୍ଟାଫ୍‌ଙ୍କ ଠାରୁ ରାଜନ ଶୁଣିବାକୁ ପାଇଥିଲା; ପ୍ରତ୍ୟେକ ଦିନ ପ୍ରତ୍ୟେକ ରୋଗୀଙ୍କୁ ଗୋଟିଏ ଲେଖାଏଁ ଗୋଲାପ ଫୁଲ ଉପହାର ଦିଆଯାଇଥାଏ ।

ସୂର୍ଯ୍ୟୋଦୟ ପୂର୍ବରୁ ରାଜନର ଆଖି ଦରଜା ନିକଟରୁ କାହାକୁ ନା କାହାକୁ ପ୍ରତୀକ୍ଷା କରିଥିଲା । ପୂର୍ବ ଦିଗରେ ଥିବା ଝରକା ବାଟ ଦେଇ ଉଦିତ ସୂର୍ଯ୍ୟଙ୍କ କିରଣ ରୁମ୍ ଭିତରକୁ ପଡୁଥିଲା । ଏତିକି ବେଳେ 'ରାଭି' ଭିତରକୁ ଆସିଲା । ଅନ୍ୟ ଦିନ ପରି ସୌଜନ୍ୟ ରକ୍ଷା କରି "ମେ ଆଇ କମ୍ ଇନ୍ ?" କହିବାକୁ ପଡିଲା ନାହିଁ ।

"ଗୁଡ୍ ମର୍ଣ୍ଣିଙ୍ଗ ରାଜନ" ବୋଲି ସମ୍ବୋଧନ କରି ରାଜନର ବେଡ୍ ପାଖରେ ଆସି ଠିଆ ହେଲା । "ରାଭି, ଆଜି ସକାଳର ଆଗମନ ତୁମ ସହିତ ସାକ୍ଷାତକାରରୁ ହିଁ ଆରମ୍ଭ ହେବ, ଏକଥା ମୁଁ ଗତ କାଲି ଠାରୁ ଜାଣିସାରିଥିଲି ।" ସୌଜନ୍ୟ ଦୃଷ୍ଟିରୁ ଭେରି ଗୁଡ୍ ମର୍ଣ୍ଣିଙ୍ଗ କହିବା ପରିବର୍ତ୍ତେ ରାଜନ ଗପି ଚାଲିଥିଲା ।

ରାଭି ହାଲକା ସ୍ମିତ ହସ ହସି ରାଜନକୁ ଦେଖିଚାଲିଥିଲେ ।

"ରାଭି, ତୁମର ଏଠିକାର ନିତ୍ୟକର୍ମ ଏଠାରେ ଥିବା ଲୋକଙ୍କର ବାସ୍ତବତାକୁ

ଅତି ସହଜ ଓ ସରଳ ଭାବେ ବୁଝାଇ ଦେଇପାରୁଛି । ଏଠିକାର ଅପରେସନ୍ ଥିଏଟର, ଅକ୍ସିଜେନ୍ ସିଲିଣ୍ଡର, ଗ୍ଲୁକୋଚ, ଇଞ୍ଜେକସନ୍, କ୍ୟାପସୁଲ୍ ଔଷଧ ପତ୍ର ଆଦିଠାରୁ ତୁମେ ଏକଦମ ଅଲଗା ଢଙ୍ଗରେ ଜୀବନର ମାର୍ମିକ ବାସ୍ତବତାକୁ ବୁଝେଇ ଦେଇ ପାରୁଛ ।

ରାଭିର ମନ ଆଉ ଅଧିକ କିଛି ଶୁଣିବାକୁ ଉତ୍କଣ୍ଠିତ ଥିଲା ଭଳି ଜଣାପଡୁଥିଲା ।

ସତେ ଅବା ଜୀବନରେ ପ୍ରଥମ କରି ରାଜନର ବ୍ୟକ୍ତିତ୍ୱର ଆଭା ରାଭିର ଅନ୍ତର୍ବେଦନାକୁ ପ୍ରଭାବିତ କରି ଦେଉଥିଲା ।

ଉଭୟଙ୍କୁ ଉଭୟଙ୍କର ପ୍ରତୀକ୍ଷା ରୁମ୍ ଭିତରକୁ ପଶିଆସୁଥିବା ସୂର୍ଯ୍ୟ କିରଣର ଅସ୍ତିତ୍ୱକୁ ନିସ୍ତେଜ କରିଦେବାକୁ ସମ୍ପୂର୍ଣ୍ଣ ସମର୍ଥ ଥିଲା । ଅଚାନକ ରାଜନ କଥା କହୁ କହୁ ନିରବି ଗଲା ।

ରାଭି ପଚାରିଲା, "ଜୀବନର ମର୍ମ ଏବଂ ସେ ପୁଣି ସରଳ ରୂପରେ ?"

"ହଁ ରାଭି, ଏ ହେଉଛି ଜୀବନର ସତ୍ୟ ।"

"କିନ୍ତୁ, କି ପ୍ରକାର ?" ରାଭି ଅଧିର ହୋଇ ପ୍ରଶ୍ନ କରିଥିଲା ।

ରାଜନ କିନ୍ତୁ ଆଦୌ ବିବ୍ରତ ନ ଥିଲା । କାଲି ରାଭି ମୁଖମଣ୍ଡଳରେ ଯେଉଁଭଳି ଶାନ୍ତି ଏବଂ ସ୍ୱଚ୍ଛତା ଦେଖିବାକୁ ମିଳିଥିଲା ଆଜି ଠିକ୍ ସେମିତି ରାଜନ ମୁହଁରେ ଦେଖିବାକୁ ମିଳିଲା ।

"ରାଭି, କାଲିର ଗୋଲାପ କେତେ ସୁନ୍ଦର ଏବଂ ତାଜା ଥିଲା । କିନ୍ତୁ ଆଜି ସେଇ ଗୋଲାପ ମଳିନ ପଡିଗଲାଣି । ଏଠିକାର ରୋଗୀମାନଙ୍କର ଜୀବନ ହିଁ ଠିକ୍ ଏଇଭଳି ସତ୍ୟ ଉପରେ ଆଧାରିତ । କାଲିର ଗୋଲାପ ଯେମିତି ଆଜି ଠିକ୍ ସେମିତି ଆଜିର ରୋଗୀର ଅବସ୍ଥା ଆସନ୍ତା କାଲି ପାଇଁ । ସେମାନେ ବି ମଉଳି ଯିବା ପାଇଁ ଏଠାକୁ ଆସିଛନ୍ତି । କେବଳ ହାତର କୋମଳ ସ୍ପର୍ଶ ଏବଂ ସ୍ୱଚ୍ଛ ଚାଦର..... ।

ହଁ, ରାଭି, ଏଥି ସହିତ ଆଉ ଗୋଟାଏ ସତ୍ୟର ସଂଯୋଗ ଅଛି । ଗୋଲାପ ଯେତେବେଳେ ପ୍ରସ୍ଫୁଟିତ ହୋଇଥିଲା ସେତେବେଳେ ତା' ନିକଟରେ କଣ୍ଟା ହିଁ ଥିଲା । କିନ୍ତୁ ଗୋଲାପ ମଉଳି ଗଲା ପରେ ତା'ର ବିରହ କେତେ ହୃଦୟହୀନ, କଠୋର, ତୀକ୍ଷ୍ଣ ଏବଂ ଦୁର୍ବଳ କରି ଦେଉଛି ।

ରାଭି, ଏକଥା ଜାଣି ମଧ୍ୟ ମୁଁ ଯା' ଠାରୁ ଉର୍ଦ୍ଧ୍ୱକୁ ଯିବାକୁ ପ୍ରୟାସ କରୁଛି । ମୁଁ ଏକଥା ମଧ୍ୟ ଜାଣିଛି ଗୋଲାପ ପରି ମୁଁ ମଧ୍ୟ କାଲି ମଉଳି ଯିବି । କିନ୍ତୁ ଅହରହ ମୋର ଦେଖାଶୁଣା କରୁଥିବା, ମୋ ପାଇଁ ଚିନ୍ତା କରୁଥିବା, ମୋତେ ସୁରକ୍ଷା ଦେଉଥିବା ବ୍ୟକ୍ତିମାନେ ମୋ ବିରହରେ ଆଦୌ କଠୋର ନ ହୁଅନ୍ତୁ, ହୃଦୟହୀନ ନ ହୁଅନ୍ତୁ, ଏଇଥିପାଇଁ ମଉଳି ଯିବା ପୂର୍ବରୁ ମୁଁ ମୋର ଆତ୍ମୀୟତା ସହୃଦୟତାକୁ ନେଇ ସେମାନଙ୍କ ସହିତ ଓତଃପ୍ରୋତଃ ଭାବରେ ଜଡିତ ରହିବାକୁ ପ୍ରୟାସ କରୁଛି ।

ଏକାଥରକେ ଏତେଗୁଡାଏ କଥା କହିଚାଲିଥିବାରୁ ରାଜନ ଥକିଗଲା । ତା'

କଥା ସମସ୍ତଙ୍କୁ ହତଚକିତ କରି ଦେଇଥିଲା । ରାଜନ କେତେବେଳେ ଚୁପ୍ ରହିଗଲା ସେ ନିଜେ ମଧ୍ୟ ଜାଣି ପାରି ନ ଥିଲା । ସେମାନଙ୍କ କାନରେ ରାଜନର କଥା ବାରମ୍ବାର ପ୍ରତିଧ୍ୱନିତ ହେଉଥିଲା ।

ପାଣି ପିଇବା ପାଇଁ ରାଜନ ଗ୍ଲାସ୍ ଆଡକୁ ହାତ ବଢେଇଲା । ଏତିକିବେଳକୁ ରାଭି ପ୍ରକୃତିସ୍ଥ ହୋଇଗଲା । ରାଜନ ରାଭି ହାତକୁ ପାଣି ଗ୍ଲାସ୍ ବଢେଇଲା, "ନା.... ନା ଥ୍ୟାଙ୍କ ୟୁ ।" ରାଭି ଉତ୍ତର ଦେଲା । ହେଲେ ତା' ଉତ୍ତରରେ ଆନନ୍ଦ ଉତ୍ସାହର ସମ୍ୟକ ଚିହ୍ନ ବର୍ତ୍ତ ଦେଖିବାକୁ ମିଳି ନ ଥିଲା ।

ସୌଜନ୍ୟ ଦୃଷ୍ଟିରୁ ରାଭିକୁ ଟୁଲ ଉପରେ ବସିବାକୁ ମଧ୍ୟ ରାଜନ କହିପାରି ନ ଥିଲା ଏକଥା ସ୍ମରଣ ହେଲାରୁ ଷ୍ଟୁଲଟିଏ ଟାଣି ଆଣି ରାଭିକୁ ବସିବାକୁ ସଙ୍କେତ ଦେଲା ।

"ପୁଣି କେବେ..... ଆଜି ମୋର ବହୁତ କାମ ଅଛି ।" ରାଭି ତ କହିଦେଲା କିନ୍ତୁ ରାଜନ ପାଖରେ ବସି ରହି କଥା ହେବାର ପ୍ରବଳ ଆଗ୍ରହକୁ ସେ ଜୋର ଜବରଦସ୍ତ ଦବେଇ ଦେଉଛି ବୋଲି ସେ ନିଜେ ଅନୁଭବ କରିଥିଲା ।

ରୁମ୍ ଭିତରୁ ଦରଜା ନିକଟରେ ପହଞ୍ଚିବା ପର୍ଯ୍ୟନ୍ତ ରାଭି ଅପଲକ ନେତ୍ରରେ ରାଜନକୁ ଦେଖି ଚାଲିଥିଲା । କିନ୍ତୁ ରୁମ୍ ବାହାରେ ପାଦ ଥାପିଲା ପରେ ସେ ଅନୁଭବ କରୁଥିଲା ତା'ହୃଦୟଟାକୁ ରୁମ୍ ଭିତରେ ଛାଡି ଦେଇ ଯାଉଛି ।

ରାଭି ଦରଜା ଟପିଯିବା ପୂର୍ବରୁ ରାଜନ ହସି ହସି ପଚାରିଥିଲା, "ରାଭି, ମୋ କଥା ତୁମକୁ ପସନ୍ଦ ହେଉ ନାହିଁ ନା.... ?"

"ନା... ନା... ସେମିତି..." ରାଭି ଉତ୍ତର ଦେଉ ଦେଉ ବିଚଳିତ ହୋଇଉଠିଲା ।

"ତା' ହେଲେ ଆଜିର ଗୋଲାପ....."

ରାଭି ଆଜି ଗୋଲାପ ଦେବାକୁ ଇଚ୍ଛା କରି ନ ଥିଲା କିନ୍ତୁ ରାଜନ ତାକୁ ମାଗି ବସିଲା ।

ସବୁଦିନ ପରି ଗୋଲାପ ଦେବା ଲାଗି ତତ୍ପର ନ ହେବାର ଦେଖି ରାଜନ କହିଲା, "ତୁମେ ଗୋଲାପ ଦେଇ ନ ପାର । ୟା' ଦ୍ୱାରା ତୁମେ ସତ୍ୟକୁ ଅମାନ୍ୟ କରିପାର । କିନ୍ତୁ ସତ୍ୟକୁ ଛପେଇ ଦେଇ ରଖିପାରିବ ନାହିଁ ।

ତୁରନ୍ତ ପଛକୁ ଫେରି ରାଭି ରାଜନ ହାତରେ ଗୋଲାପ ଧରେଇ ଦେଇଥିଲା ।

"ରାଭି ଏଇ ହସୁଥିବା ଗୋଲାପଟି ତୁମକୁ ମଧ୍ୟ..." ରାଭି ସ୍ମିତ ହସି ହସି ରୁମ୍‌ରୁ ବାହାରିଗଲା ।

ରାଜନର କେଇପଦ କଥା ଦିନ ସାରା ରାଭିକୁ ବ୍ୟସ୍ତ ବିବ୍ରତ କଲା, ରାଜନ ପାଖରେ ତୁରନ୍ତ ପହଞ୍ଚିଯିବାର ଆଗ୍ରହକୁ ଆଉ ବେଶୀ ସମୟ ଅଟକାଇ ରଖି ପାରିଲାନାହିଁ । ସନ୍ଧ୍ୟାକୁ ସିଏ ପୁଣି ଆସି ରାଜନ ପାଖରେ ପହଞ୍ଚିଗଲା ।

ଆଜି ସାରାଦିନ ରାଜନର ସ୍ୱାସ୍ଥ୍ୟ ଭଲ ନାହିଁ । ଶ୍ୱାସ ଏବଂ କାଶ ଦିନସାରା

ତାକୁ ଯନ୍ତ୍ରଣା ଦେଉଥିଲା । ଡାକ୍ତରମାନେ ମଧ୍ୟ ରାତ୍ର ଭୋଜନ ପାଇଁ ବ୍ୟସ୍ତ ବିବ୍ରତ ଥିଲେ । ରାଜନ ବହୁତ ଦୁର୍ବଳ ମନେ କରୁଥିଲା । ଲଗାତାର କାଶ ହେଉଥିବାରୁ କଫ ଆସୁଥିଲା । କଫ ପରିଷ୍କାର କଲାବେଳେ ସେଥିରେ ରକ୍ତ ଆସୁଥିବାର ରଶ୍ମି ଲକ୍ଷ୍ୟ କରିଥିଲା ।

ଡାକ୍ତରଙ୍କ ସାରାଦିନର ପରିଶ୍ରମ ଯୋଗୁଁ ରାଜନକୁ ଟିକେ ଆରାମ ଲାଗୁଥିଲା । ରଶ୍ମି ବେଡ୍‌ରେ ପଇଁଚାଳିଶ ଡିଗ୍ରୀ ବ୍ୟାକ୍‌ରେଷ୍ଟ ଲଗେଇ ରଖିଥିଲା । ଅବଶ୍ୟ ସାରା ଦିନ ରାଜନ ଏତେ ଅସହ୍ୟ ଯନ୍ତ୍ରଣା ଭୋଗ କରିଛି ବୋଲି ଏବେ ତା'ମୁହଁରୁ ଜଣା ପଡୁ ନ ଥିଲା ।

ରାଭି ଆସିବାରୁ ରାଜନ ସ୍ମିତ ହସରେ ତାକୁ ସ୍ୱାଗତ କରିଥିଲା । ରାଜନକୁ କ'ଣ ପାଇଁ ବ୍ୟାକ୍‌ରେଷ୍ଟ ଦିଆଯାଇଛି ସେ କଥା ରାଭି ବେଶ୍ ଭଲ ଭାବରେ ଅନୁମାନ କରିନେଲା । ରାଭି ମୁହଁ ଶୁଖିଆସୁଥିଲା କିନ୍ତୁ ସେ ହସିବାକୁ ଚେଷ୍ଟା କରିଥିଲା ।

"ରାଭି...." ଖୁବ୍ ଧୀର ସ୍ୱରରେ ରାଜନ କହିଲା, "ଭଲ ହେଲା ତୁମେ ଆଜି ପୁଣି ଥରେ ଆସିଲ ।" କିଛି ସମୟ ସେ ଚିନ୍ତାକଲା । ଯିଏ ଏଇ ଦେହର ଯତ୍ନ ନେବାପାଇଁ ତା'ଜୀବନକୁ ସମର୍ପଣ କରି ଦେଇଛି, ଏତେ ଦେଖାଶୁଣା କଲା ପରେ ବି ଯାହାର ପରିଣାମ ଏଇଆ, ଏଇ ଶରୀରର ସୁରକ୍ଷା ଲାଗି ଯିଏ ନିଜ ଜୀବନର ସୁଖ ଆନନ୍ଦକୁ ତିଳ ତିଳ କରି ଜାଳି ଦେଇଛି, ହସ ଖେଳ ବୟସରେ ଯିଏ ନିଜ କାନ୍ଧରେ ଏତେ ବଡ ଭାର ଟେକି ନେଇଛି....."

ଏତିକି କହିଲା ପରେ ରାଜନର ପୁଣି ଏକ ବଡ ଧରଣର କାଶ ଉଠିଲା । କିଛି ମୁହୂର୍ତ୍ତ ପରେ ଅଧୂରା ବାକ୍ୟକୁ ସେ ପୂରା କଲା- "ଯିଏ ମୋତେ ଆଦୌ କଷ୍ଟ ସହିବାକୁ ଦେଇନାହିଁ ସେ ହେଉଛି ମୋର ଅତିପ୍ରିୟ ଭଉଣୀ ରଶ୍ମି ।"

ଏତେ ସବୁ ପ୍ରଶଂସାମୂଳକ ମନ୍ତବ୍ୟ ଶୁଣିଲା ପରେ ରଶ୍ମିର ମୁହଁ ତଳକୁ ହୋଇଗଲା । ତା' ଭାଇ ପାଇଁ ତା' ମନରେ ଆଦର ସମ୍ମାନ ଥିଲା ।

"ରାଜନ.... ।" ନିରବତା ଭଙ୍ଗ କରି ରାଭି କହିଲା, "ଏଭଳି ଭଉଣୀର ଭାଇ ହୋଇ ଜନ୍ମ ନେବା କ'ଣ କମ୍ ଗୌରବର କଥା ?"

"ପ୍ରକୃତି ମଧ୍ୟ କେତେ ବିଚିତ୍ର । ଏଭଳି ଭଉଣୀକୁ ଭାଇ ମିଳିଛି ଯିଏ ରୋଗଗ୍ରସ୍ତ । କେତେ ଦୁର୍ଭାଗ୍ୟ..."

ରାଜନ କଥା ପୂରା କରିବା ପୂର୍ବରୁ ରଶ୍ମି ତା'ପାଟିରେ ହାତ ରଖିଦେଲା । ଏଇପରି ଆଉ ଅଧିକ କିଛି ନ କହିବା ପାଇଁ ବିନତି କଲା ।

"ରାଭି ! ଯଦି ମୋତେ ଶ୍ରମ, ସମର୍ପଣ ଏବଂ ଶ୍ରଦ୍ଧାର ଏକ ସମ୍ପୂର୍ଣ୍ଣ ଚିତ୍ର ଆଙ୍କିବାକୁ କୁହାଯିବ ତେବେ ମୁଁ କେବଳ ରଶ୍ମିର ଚିତ୍ର ହିଁ ଆଙ୍କିବି ।

ରଶ୍ମିକୁ ଏ ସବୁ କଥା ଭଲ ଲାଗୁନାହିଁ ଅନୁଭବ କରି ରାଭି କଥାର ପ୍ରସଙ୍ଗ

ବଦଳାଇବା ପାଇଁ ଉଦ୍ୟମ କରିଥିଲା ।

"ରାଜନ, ତୁମେ ତା' ହେଲେ କ'ଣ ଚିତ୍ରକର ?" ରାଭିର ପ୍ରଶ୍ନ ଭିତରେ ପ୍ରଶଂସା ଛପି ରହିଥିଲା ।

"ଚିତ୍ରକର ତ ନୁହେଁ କିନ୍ତୁ ଆଜି ମୁଁ ଗୋଟିଏ ଚିତ୍ର ଆଙ୍କିଛି ମା'ଙ୍କର, ମା' ସ୍ୱର୍ଗାରୋହଣ କଲାପରେ...." ସେ ଆଗକୁ ଆଉ କିଛି କହିପାରିଲା ନାହିଁ । ତା'ର ଉସୁକ ଆଖି କେବେ ରଶ୍ମିକୁ ତ କେବେ ରାଭିକୁ ଦେଖି ରହୁଥିଲା ।

ରାଜନର ଉଦାସି ଚେହେରା ଦେଖି ରାଭି ଭାବିଲା ସେ ବୋଧେ କିଛି ଭୁଲ କରି ବସିଲା । ଜାଣ-ଅଜାଣତରେ ସେ ବୋଧେ ରାଜନ ମନକୁ ବାଧିଲା ଭଳି କିଛି କହିଦେଲା । କ୍ଷମା ମାଗିବା ଶୈଳୀରେ ରାଭି କହିଲା, "ଆଇ ଆମ୍ ସରି.... ରାଜନ... ଭେରି ସରି.... ।"

"ନା, ରାଭି ଏଥିରେ ସରି କହିବାର କ'ଣ ଅଛି ? ଜୀବନର ସତ୍ୟକୁ ପୃଥକ କରି ଆନନ୍ଦରେ ବଞ୍ଚିବା ଆଦୌ ସମ୍ଭବ ନୁହେଁ । ବୋଧହୁଏ ଆନନ୍ଦରେ ବଞ୍ଚି ରହିବାଟା ଭ୍ରମ ହୋଇ ପାରିଥାଏ । ଯେତେବେଳେ ମୋ ମା'ଙ୍କର ସ୍ୱର୍ଗବାସ ହେଲା ସେତେବେଳେ ତାଙ୍କ ମୃତ୍ୟୁ ମୋ ପାଇଁ ସମ୍ପୂର୍ଣ୍ଣ ଅସହ୍ୟ ଥିଲା । ଆଜି ଭାବୁଛି ଭଲ ହୋଇଛି । ମୋ ପୂର୍ବରୁ ମା' ଏଇ ଦୁନିଆଁରୁ ବିଦା ହୋଇଯାଇଛି..."

ରାଜନ କ'ଣ କହିବାକୁ ଚାହୁଁଛି ବାସ୍ତବରେ ସେ କଥାକୁ ରଶ୍ମି କିମ୍ବା ରାଭି କେହିହେଲେ ଅନୁମାନ କରିପାରୁ ନ ଥିଲେ । ବରଂ ରାଜନ ସାମନାରେ ଠିଆହୋଇ ସମବେଦନା ଜଣାଉଥିଲେ ବୋଲି ଅନୁଭବ କରୁଥିଲେ ।

"ହଁ.... ସେ ଘଟଣା ଅସହ୍ୟ ଥିଲା । ସେ ପ୍ରେମର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ । ମୋ ଜୀବନରେ ଯାହା ଘଟିବାକୁ ଯାଉଛି ତାହାର ଯଥେଷ୍ଟ ପୂର୍ବରୁ ପ୍ରଭୁ ତାଙ୍କୁ ନେଇ ଯାଇଛନ୍ତି । ପ୍ରଭୁଙ୍କ ନିଷ୍ପତ୍ତି ଠିକ୍ ଥିଲା ବୋଲି ଏବେ ମୁଁ ଜାଣିପାରୁଛି ।"

କିଛି ସମୟ ଚୁପ୍ ରହିଗଲା ପରେ ରାଜନ ପୁଣି କହିଲା, "ସନ୍ତାନ ତା' ମା'କୁ ଜୀବନରେ ଥରୁଟିଏ ଦୁଃଖ ଦେବାର ଅଛି । ସେଇ ଥରଟି ହେଉଛି ମା' ତାକୁ ଜନ୍ମ ଦେବାର ସମୟ । ପ୍ରସବ ବେଦନାର ମୁହୂର୍ତ୍ତ । ଯା'ବ୍ୟତିତ ଆଉ କୌଣସି ପରିସ୍ଥିତିରେ ମଧ୍ୟ ମା'ଙ୍କୁ ଦୁଃଖ ଦେବାର ଅଧିକାର ସନ୍ତାନର ଆଦୌ ନାହିଁ । କିନ୍ତୁ ରାଭି ! ଆଜି ଯଦି ମା'ବଞ୍ଚିଥା'ନ୍ତେ ତେବେ ମୋର ବାସ୍ତବ ସ୍ଥିତି ଦେଖି ସେ ବହୁତ ଦୁଃଖ କରିଥାନ୍ତେ । ମୋର ମୃତ୍ୟୁକୁ ସେ କୌଣସି ପରିସ୍ଥିତିରେ ମଧ୍ୟ ସ୍ୱୀକାର କରିପାରି ନ ଥା'ନ୍ତେ । ତାଙ୍କ ଦୁଃଖର କାରଣ ହୋଇଥା'ନ୍ତି ମୁଁ । ଗୋଟିଏ ସନ୍ତାନ ହିସାବରେ ମା'ଙ୍କୁ ଦ୍ୱିତୀୟ ଥର ଦୁଃଖ ଦେବାର ଅଧିକାର.... ।

"ଯା' ହେଉ ଈଶ୍ୱର ସବୁଠାରୁ ଅଧିକ ବିଚାରବନ୍ତ ।" ରାଜନର ମୁହଁରେ ପ୍ରସନ୍ନତା ଖେଳିଗଲା । ସେ ଯେମିତି ଈଶ୍ୱରଙ୍କୁ ପ୍ରଶଂସା କରୁଥିଲା ।

"ରାଜନ ଭାଇ, ପୁଣି ସ୍ୱାସ୍ଥ୍ୟ ବିଗିଡିଯିବ । କିଛି ସମୟ ପାଇଁ ଆରାମ କର...." ରାଜନକୁ ବିଶ୍ରାମ ନେବା ପାଇଁ ରଶ୍ମି ଅନୁରୋଧ କରିଥିଲା ।

ରାଭି ବିଷୟରେ ବହୁତ ଆଗରୁ ରଶ୍ମିକୁ ରାଜନ ବୁଝେଇ ସାରିଥିଲା । ଉଭୟେ କଥା ହେଉଥିଲେ । ରାଭି ପାଇଁ ରଶ୍ମି ମନରେ ବହୁତ ସ୍ନେହ ଆଦର ଥିଲା । ଯିଏ ତା'ର ନିଜର ନୁହନ୍ତି ସେଇମାନଙ୍କୁ ଆପଣାର କରିବାର ସେବାରେ ରାଭି ନିୟୋଜିତ ଥିଲା ।

କେତେବେଳେ ସୂର୍ଯ୍ୟାସ୍ତ ହୋଇଗଲା କେହି ଜାଣିପାରିଲେ ନାହିଁ । ଉଭୟଙ୍କ କଥାର କେନ୍ଦ୍ର ବିନ୍ଦୁ ଥିଲା ରାଜନ । କଥାରେ କଥାରେ ରଶ୍ମି ରାଭିର ଜୀବନ ସମ୍ପର୍କରେ ଜାଣିବାକୁ ଚେଷ୍ଟା କରୁଥିଲା ।

ସମାଜ ସେବା ରାଭିର ଧର୍ମ ଥିଲା । ମାନବ ସେବା ହିଁ ତା'ଜୀବନର ସର୍ବୋତ୍ତମ ପରମ ଆନନ୍ଦ ଥିଲା । ତା'ସାମନାରେ ସୁଖ, ଆନନ୍ଦ, ପ୍ରତୀକ୍ଷା, ଆଶା, ପ୍ରତ୍ୟାଶା, ସବୁକିଛି ମୂଲ୍ୟହୀନ ଥିଲା । ନିଜ ଜୀବନକୁ ଦୁଃଖୀମାନଙ୍କ ସେବାରେ ନିୟୋଜିତ କରିବା ଲାଗି ସେ ନିଜେ ବିବାହ ନ କରିବା ଲାଗି ନିଷ୍ପତ୍ତି ନେଇଥିଲା । ରାଭିର ଜୀବନ ବିଷୟରେ ରଶ୍ମି ଅନେକ କିଛି ଜାଣିବାକୁ ପାଇଲା ।

ବହୁତ ବିଳମ୍ବ ହୋଇଯାଇଥିବାରୁ ରାଭି ଘରକୁ ଯିବା ପାଇଁ ବାହାରିଲା । ରଶ୍ମିକୁ ଘରକୁ ଫେରିଯିବାକୁ ଥିବାରୁ ସେ ତାକୁ ଛାଡି ଦେବା ଲାଗି ପ୍ରସ୍ତାବ ଦେଲା । କିନ୍ତୁ ରାଜନ ନ ଚାହୁଁଥିଲେ ବି ଆଜି ରଶ୍ମି ହସ୍‌ପିଟାଲରେ ରହିବା ଲାଗି ନିଷ୍ପତ୍ତି ନେଇଥିଲା ।

ଆଜି ରାତି ଠାରୁ ରାଜନକୁ ପାଣି ପିଇବାକୁ ମନା । କାଲି ସକାଳୁ ଡାକ୍ତର ତା'ର 'ଫାଇବର ଓପ୍‌ଟିକ୍ ଗେଷ୍ଟ୍ରୋ ସ୍କୋପି' ଟେଷ୍ଟ ନେବା ପାଇଁ ଆସିବେ । ଏଇଥିପାଇଁ... ରଶ୍ମି ଘରକୁ ନ ଫେରିବାର କାରଣ ଜଣେଇ ରାଭିକୁ ବିଦାୟ ଦେଲା । ରଶ୍ମିଠାରୁ ବିଦାୟ ନେଇ ଘରେ ପହଞ୍ଚିବାର ମୁହୂର୍ତ୍ତରୁ ହିଁ ରାଭି ସ୍ଥିର କରିଥିଲା ଆସନ୍ତା କାଲି ସକାଳ ହେବା ପୂର୍ବରୁ ତାକୁ ହସ୍‌ପିଟାଲରେ ପହଞ୍ଚିବାକୁ ହେବ ।

ରାତିରେ ନିଦ ନ ଆସିଥିଲେ ବି ରାଜନ ସକାଳୁ ଜଲଦି ପ୍ରସ୍ତୁତ ହୋଇଗଲା । ରାଭି ମଧ୍ୟ ଖୁବ୍ ଶୀଘ୍ର ଆସି ପହଞ୍ଚିଗଲା । ରାଜନ ସହିତ ପ୍ରଥମ ଦେଖାରେ ସେ ଯେଭଳି ସ୍ମିତ ହସ ହସିଥିଲା ଆଜି ଠିକ୍ ସେଇ ହସ ସେଇ ଚେହେରା, ରାଜନ ଆଖିରେ ରାଭି ପାଇଁ ଯେଭଳି ପ୍ରଶଂସାମୂଳକ ବାର୍ତ୍ତା ଥିଲା ପୂର୍ବରୁ କୌଣସି ଦିନ ବି ନ ଥିଲା ।

ଡକ୍ଟର ରାଓ ଅପେରେସନ୍ ଥିଏଟର ଯିବା ପୂର୍ବରୁ ପ୍ରଥମେ ରାଜନ ପାଖକୁ ଆସିଥିଲେ । ତାଙ୍କର ଆସିବା ଅନୌପଚାରିକ ଥିଲା । ତଥାପି ରାଜନ ତାଙ୍କୁ ସ୍ୱାଗତ ଜଣେଇଥିଲା । ରାଜନ ଚେହେରାରେ ପ୍ରସନ୍ନତାର ଝଲକ ଥିଲା କିନ୍ତୁ ଡକ୍ଟର ରାଓଙ୍କ ମୁଖମଣ୍ଡଳରେ ଉଦାସଭାବ ସ୍ପଷ୍ଟ ହୋଇ ଉଠୁଥିଲା । ସେ ପୁଣି ଥରେ ରାଜନ୍‌ର ସମସ୍ତ କେସ୍ ପେସର୍ସ ଉପରେ ଆଖି ବୁଲେଇ ଥିଲେ । ଡକ୍ଟର ରାଓ ଗଭୀର ଚିନ୍ତାରେ

ବୁଡ଼ିଯାଇଥିଲେ ।

ୱାର୍ଡ଼ ବୟ ଷ୍ଟ୍ରେଚର ଆଣି ରାଜନକୁ ଅପରେସନ୍ ଥିଏଟରକୁ ନେବା ପାଇଁ ଆସିଥିଲା । ଷ୍ଟ୍ରେଚର ଦେଖି ସେ ଅଟ୍ଟହାସ୍ୟ କରିଥିଲା ଓ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ଅପରେସନ ଥିଏଟର ପର୍ଯ୍ୟନ୍ତ ରାଜନ ଷ୍ଟ୍ରେଚରରେ ଯିବା ଲାଗି ଡକ୍ଟର ରାଓ ଚାହୁଁଥିଲେ । ନିର୍ଦ୍ଦେଶ ବି ଦେଇଥିଲେ । କିନ୍ତୁ ରାଜନ ଷ୍ଟ୍ରେଚରରେ ଯିବାକୁ ଅନିଚ୍ଛା ପ୍ରକାଶ କରିଥିଲା ।

ହାତରେ ଗୋଲାପ ଫୁଲକୁ ଘୂରେଇ ଘୂରେଇ ରାଜନ ଅପରେସନ ଥିଏଟର ଆଡକୁ ଚାଲିଲା । ତା'ସହିତ ରଶ୍ମି ଓ ରାଭି ମଧ୍ୟ ଯାଇଥିଲେ ।

"ରାଜନ... ଏ ଅବସ୍ଥାରେ ତୁମ ପାଇଁ ବିଶ୍ରାମର ନିହାତି ଆବଶ୍ୟକତା ଅଛି । ଏଭଳି ଚଲାବୁଲା କରିବାଟା... ।" ଡକ୍ଟର ରାଓ ସତର୍କ କରି କହିଥିଲେ ।

"ଡକ୍ଟର ରାଓ ସାର୍, ଆପଣଙ୍କର ଭାବାବେଗ ଜଣେ ଡକ୍ଟର ଠାରୁ ଯେତିକି ଆଶା କରାଯାଏ ତା'ଠାରୁ ଯଥେଷ୍ଟ ଅଧିକ, ଏକଥା ମୁଁ ବେଶ୍ ଭଲ ଭାବରେ ଜାଣିଛି । କିନ୍ତୁ ଡକ୍ଟର ସାହେବ ମୋର ବର୍ତ୍ତମାନ ଏବଂ ଭବିଷ୍ୟତ ବିଷୟରେ ତୁମକୁ କ'ଣ କିଛି ଅଜଣା ଅଛି ? ମୁଁ ଜାଣିଛି ମୋର ଲିଭର- ଫଙ୍କସନ୍ ଟେଷ୍ଟ, ହୃତ୍‌ପିଣ୍ଡର ଏକ୍ସରେ ଏବଂ ଚେଷ୍ଟ ଏକ୍ସରେ ଆଜି ଆପଣଙ୍କୁ ଚିନ୍ତାରେ ପକେଇଛି । ସାର୍ ମୁଁ ଏକଥା ମୁଁ ମଧ୍ୟ ଜାଣିଛି ମୋର ଶେଷ ରିପୋର୍ଟ ସେକେଣ୍ଡ୍ରି ଇନ୍‌ଲଙ୍ଗ୍ କ୍ୟାନ୍‌ସର । ଆହୁରି ମଧ୍ୟ ଜାଣିଛି ଆପଣ କ୍ୟାନ୍‌ସରର କାରଣ ଖୋଜିବାରେ ଲାଗିଛନ୍ତି । ଆପଣ ଜାଣିସାରିଲେଣି ଷ୍ଟୋମାକ୍‌ରେ ଅଲସର ହୋଇଛି । କିନ୍ତୁ ଆପଣ ଆଜି ନିଶ୍ଚିତ ହେବାକୁ ଚାହୁଁଛନ୍ତି ସେଇଟା ଅଲ୍‌ସର ନା ସାରକୋମା ।" ରାଜନ ଅଣନିଶ୍ୱାସୀ ହୋଇ କହିଚାଲିଥିଲା ।

ଡକ୍ଟର ରାଓ ପରିଣାମ ପ୍ରତି ଅଜଣା ନ ଥିଲେ । କିନ୍ତୁ ପରିଣାମକୁ ସହ୍ୟ କରିବା ଲାଗି ରାଜନର ନିଜସ୍ୱ ମାନସିକ ସହନଶୀଳତା ତାଙ୍କୁ ବିଶେଷ ଆକର୍ଷିତ କରିଥିଲା ।

ରଶ୍ମି ଏବେ ରାଜନର ଜୀବନ ସଂପର୍କିତ ବିଚାରଧାରା ପ୍ରତି ଆଦୌ ଅନଭିଜ୍ଞ ନ ଥିଲା । ରାଭି ପାଇଁ କିନ୍ତୁ ରାଜନର ପ୍ରତ୍ୟେକ କଥା ନୂଆ ଥିଲା ଏବଂ ବେଳକୁବେଳ ଜୀବନର ବିବିଧତା ପ୍ରକାଶିତ ହେଉଥିଲା ।

ଅପରେସନ ଥିଏଟରରେ ପ୍ରବେଶ କରିବା ସମୟରେ ରଶ୍ମି ଏବଂ ରାଭିଙ୍କ ମୁହଁକୁ ଚାହିଁ ରାଜନ ସ୍ମିତ ହସିଥିଲା । ରଶ୍ମି ବହୁତ ଉଦାସ ଜଣା ପଡୁଥିଲା । ଆଖିରୁ ଲୁହ ଖସି ନ ପଡ଼ିବା ଲାଗି ସେ ବହୁତ ସାବଧାନତାର ସହିତ ନିଜକୁ ନିୟନ୍ତ୍ରଣ କରୁଥିଲା । ପ୍ରଥମ ଥର ପାଇଁ ରାଭିର ଆଖିରେ ଚିନ୍ତାଶୀଳ ଭାବ ସ୍ପଷ୍ଟ ହୋଇ ଉଠିଥିଲା । ସେ ଅପଲକ ନେତ୍ରରେ ରାଜନକୁ ଚାହିଁ ରହିଥିଲା । କିନ୍ତୁ ତା'ର ଅନ୍ତରାତ୍ମା ଗଭୀର ଚିନ୍ତାରେ ଡୁବି ରହିଥିଲା । ଦୁଇ ଜଣଙ୍କ ଭିତରୁ କେହି ବି ରାଜନର ସ୍ମିତ ହସର ଉତ୍ତର ଦେଇ ପାରି ନ ଥିଲେ ।

ଏୟାର କଣ୍ଡିସନ୍ ଅପରେସନ୍ ଥିଏଟରର ପରିବେଶ ବେଶ୍ ଗମ୍ଭୀର ଥିଲା । ବେଡ଼ ପାଖରେ ସମସ୍ତ ଆବଶ୍ୟକୀୟ ଉପକରଣ ସଜେଇ ରଖାଯାଇଥିଲା । ଲାଇଟ୍ ଆରେଞ୍ଜମେଣ୍ଟ ମଧ୍ୟ ଆବଶ୍ୟକ ମୁତାବକ କରାଯାଇଥିଲା ।

ବେଡ଼୍ ଉପରେ ରାଜନକୁ ଶୁଆଇ ଦିଆଯିବା ପୂର୍ବରୁ ତାକୁ ସ୍ୱତନ୍ତ୍ର ପୋଷାକ ପିନ୍ଧେଇ ଦିଆଗଲା । ଡାକ୍ତର, ନର୍ସ ସମସ୍ତେ ସେମାନଙ୍କର ସ୍ୱତନ୍ତ୍ର ପୋଷାକ ପିନ୍ଧି ସାରିଥିଲେ । ଡାକ୍ତର ରାଓ ମଧ୍ୟ ଅପରେସନ ଗାଉନ୍ ପିନ୍ଧିକରି ଆସିଥିଲେ ।

ଏନେସ୍ଥ୍ରେଷ୍ଟିକ୍ ଟ୍ରଲି, ଫେସ୍ ମାସ୍କ, ଆଇଭିସେଟ୍ ବ୍ଲଡ ଟ୍ରାଂସଫ୍ୟୁଜ- ସେଟ୍ , ଅକ୍ସିଜେନ୍ ସିଲିଣ୍ଡର, ସେକ୍ସନ କ୍ଲିନର୍ସ ଏବଂ ଅନେକ ଛୋଟ ବଡ ଯନ୍ତ୍ରପାତିଆଡକୁ ରାଜନ ଆଖି ବୁଲେଇ ନେଲା ।

"ସାର୍, ମୁଁ ସଂଜ୍ଞାରେ ଥିଲେ ଆପଣଙ୍କ କଥା ମାନିବି ନାହିଁ? ଏଇଥିପାଇଁ ଆପଣ ମୋତେ ପ୍ରଥମେ ସଂଜ୍ଞାହୀନ କରାଇ ଦେବେ ? ଓ.କେ. ଆଜ୍ ୟୁ ପ୍ଲିଜ୍"- ଏତକ କହି ରାଜନ ବେଡ୍ ଉପରେ ଲମ୍ବିଗଲେ ।

ଅତ୍ୟାଧୁନିକ ମେସିନ୍‌ରେ ଡାକ୍ତର ରାଓ ଅଲସରର ପରୀକ୍ଷା ଲାଗି ଫାଇବର ଆଫ୍ଟିକ ଗେଷ୍ଟ୍ରୋସ୍କୋପି ଟେଷ୍ଟ ନେବାର ଥିଲା ।

ପାଖାପାଖି ଏକ ଘଣ୍ଟା ଧରି ରଶ୍ମି ଓ ରାଭି ଚିନ୍ତାଗ୍ରସ୍ତ ଅବସ୍ଥାରେ ଅପରେସନ ଥିଏଟର ସାମନାରେ ଏପାଖ ସେପାଖ ହେଉଥିଲେ ।

ରାଜନ ଆଉ କିଛି ସମୟ ପରେ ବାହାରକୁ ଆସିବ ବୋଲି କହି ଡାକ୍ତର ରାଓ ଚାଲିଗଲେ । ଏବେ ସୁଦ୍ଧା ରାଜନ ସଂଜ୍ଞାହୀନ ଅବସ୍ଥାରେ ଥିଲା । ଷ୍ଟ୍ରେଚର ମାଧ୍ୟମରେ ତାକୁ ରୁମ୍ ନମ୍ବର ନ'କୁ ନେଇ ନିଆଗଲା । ଡାକ୍ତରଙ୍କ କହିବା ମୁତାବକ ସଂଜ୍ଞା ଫେରିବା ଲାଗି ଆଉ ଚାରି ଘଣ୍ଟା ଲାଗିବ । ସଂଜ୍ଞା ଆସିବା ମାତ୍ରେ ସେ ଯନ୍ତ୍ରଣାରେ ଛଟପଟ ହେବ । ଥରେ ଦୁଇଥର ବାନ୍ତି ହେବ । ଏଥିପାଇଁ କେହି ବ୍ୟସ୍ତ ବିବ୍ରତ ନ ହେବା ଲାଗି ସେମାନଙ୍କୁ ଜଣେଇ ଦିଆଗଲା ।

ଏବେ ସୁଦ୍ଧା ରୁମ୍ ନମ୍ବର ନ' ନିରବ ନିଶ୍ଚଳ ଥିଲା । ରାଭି ଆଜି ଘରକୁ ଫେରିଲା ନାହିଁ । ସାରାଦିନ ରଶ୍ମି ଓ ରାଭି ରାଜନର ବେଡ୍ ପାଖରେ ଠିଆ ହୋଇ ରହିଥିଲେ । ରାଜନର ଯନ୍ତ୍ରଣା ପାଇଁ ଉଭୟଙ୍କ ମନରେ ଆଶଙ୍କା ଥିଲା । ପାଖାପାଖି ପାଞ୍ଚ ଘଣ୍ଟା ପରେ ରାଜନ ଆଖି ଖୋଲିଲା ସଙ୍ଗେ ସଙ୍ଗେ ଆଖିର ପଲକ ପକେଇ ଦେଲା । ପୁଣି କିଛି ସମୟ ପରେ ଆଖି ଖୋଲିଲା ଏବଂ ଆଖି ବନ୍ଦ କରିନେଲା ।

ଏମିତି ଏମିତି ଦି'ଚାରି ଥର କଲାପରେ ବାନ୍ତି ଲାଗିବା ଭଳି ସଙ୍କେତ ମିଳିଲା । ରଶ୍ମି ତୁରନ୍ତ ତା'ମୁହଁ ସାମନାରେ ଟ୍ରେଟିଏ ଧରି ଠିଆ ହୋଇଗଲା । ରାଜନ ବହୁ ଥର ବାନ୍ତି କରିବା ଲାଗି ଚେଷ୍ଟା କଲା । ବାନ୍ତି ବି ହେଲା, କିନ୍ତୁ ବାନ୍ତିରେ ରକ୍ତ ଚାଲି ଆସିଲା । ତା'ପରେ ସେ ସଂଜ୍ଞାହୀନ ଅବସ୍ଥାରୁ ସାଧାରଣ ଅବସ୍ଥାକୁ ଫେରିଆସିଲା । ଡାକ୍ତରଙ୍କ

ପରାମର୍ଶ ଅନୁସାରେ ରଶ୍ମି ତାକୁ କିଛି ପାଣି ଓ ତରଳ ଜିନିଷ ପିଇବାକୁ ଦେଲା । ନର୍ସ ମଧ୍ୟ ବାରମ୍ବାର ଟେମ୍ପରେଚର ଏବଂ ବ୍ଲଡ୍ ପ୍ରେସର ମାପି ରେକର୍ଡ ରଖୁଥିଲେ ।

"ରଶ୍ମି ! କିଛି ରିପୋର୍ଟ ଆସିଲା ?"- ଗେଷ୍ଟ୍ରୋସ୍କୋପି ରିପୋର୍ଟ ବାବଦରେ ରାଜନ ପ୍ରଶ୍ନ କଲା । କିନ୍ତୁ ଏ ଯାବତ୍ ରିପୋର୍ଟ ଆସି ନ ଥିଲା । ରାଭି ସାରାରାତି ତା' ପାଖରେ ରହିଥିବା ଜାଣି ରାଜନ ତାକୁ ପ୍ରଶଂସା କରି କୃତଜ୍ଞତା ଜଣାଇଲା । ଏତେ ଡେରି ପର୍ଯ୍ୟନ୍ତ ରାଭି ଘରକୁ ଫେରି ନ ଥିବାରୁ ତାକୁ ରାଜନ ଫେରିଯିବା ଲାଗି ବାଧ କଲା । ବହୁ କଷ୍ଟରେ ରାଭି ରାଜି ହେଲା ।

ବେଳକୁବେଳ ରାଜନର ସ୍ୱାସ୍ଥ୍ୟ ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା । ଗେଷ୍ଟ୍ରୋସ୍କୋପି ପରୀକ୍ଷାରୁ ଜଣା ପଡ଼ିଲା ତା'ର ମେଲିଗ୍ନସି ଇନ୍ ଷ୍ଟୋମାକ୍ (ସାରକୋମା) ରହିଛି । ରାଜନକୁ ଅଧିକ କଷ୍ଟ ନ ଦେବା ଲାଗି ଡାକ୍ତର ରାଓ ଏବେ କେମୋ ଥେରାପି ଆରମ୍ଭ କଲେ । ଗ୍ଲୁକୋଜ୍ ମଧ୍ୟ ଦିଆଗଲା । ହସି ରହିବା ଲାଗି ସେ ଲକ୍ଷ ଲକ୍ଷ ଥର ପ୍ରଚେଷ୍ଟା କଲାପରେ ବି ଅସହ୍ୟ ଯନ୍ତ୍ରଣାରେ ପ୍ରତିକ୍ରିୟା ପ୍ରକାଶିତ ହୋଇ ଉଠୁଥିଲା । ଔଷଧର ବି ଅସହ୍ୟ ଯନ୍ତ୍ରଣାର ପ୍ରତିକ୍ରିୟା ପ୍ରକାଶିତ ହୋଇ ଉଠୁଥିଲା । ଔଷଧର ରିଆକ୍ସନରୁ ଆଖି ପତା କଳା ପଡି ଯାଇଥିଲା । ମୃତ୍ୟୁର ଦ୍ୱାର ଦେଶରେ ପହଞ୍ଚି ସାରିଥିବା ରାଜନ ଏବେ ଜଣେ ସାଧାରଣ ରୋଗୀ ଭଳି ଦିଶୁଥିଲା ।

ରାଜନର ଅଜାଣତରେ ତା'ର ସମସ୍ତ କେସ୍ ପେପର୍ସକୁ ନେଇ ରାଭି ଅନ୍ୟ ଡକ୍ଟରଙ୍କୁ ପରାମର୍ଶ କରିଥିଲା । କୌଣସି ମତେ ରାଜନକୁ ବଞ୍ଚେଇ ରଖିବା ଲାଗି ଧାଁ ଦଉଡ଼ କରିଥିଲା । ସେ ଯୁଆଡ଼େ ଗଲେବି ତା' ମନଟା ରାଜନ ପାଖରେ ହିଁ ଥିଲା । ରାଭି ନିଜେ ଜାଣିପାରୁ ନ ଥିଲା ରାଜନ ପ୍ରତି ସେ କ'ଣ ପାଇଁ ଏତେ ଭାବବିହ୍ୱଳ ହୋଇଯାଉଛି ? କ'ଣ ପାଇଁ ତା' ପ୍ରତି ତା'ର ଏତେ ଭଲ ପାଇବା ବଢିଯାଉଛି ? ତା'ର ଏକମାତ୍ର ଲକ୍ଷ୍ୟ ଥିଲା ଯେମିତି ହେଉ ରାଜନକୁ ବଞ୍ଚେଇବାକୁ ହେବ ।

ରାଜନର ଖାଦ୍ୟ କମି ଆସିଥିଲା । ସେ ବହୁତ ଦୁର୍ବଳ ହୋଇ ଯାଇଥିଲା । ଡାକ୍ତର ରାଓ ଏବେ କୋବାଲ ରେଡିଓ ଥେରାପି ଆରମ୍ଭ କରିଥିଲେ । ନିୟମିତ ରେଡିଏସନ ଦେବାଲାଗି ରାଜନକୁ ଷ୍ଟ୍ରେଚରରେ ନିଆଯାଉଥିବା । ରାଜନର ଓଜନ ଏତେ କମ ହୋଇଯାଇଥିଲା ଯେ କେହି ତାକୁ ଏକା ଏକା ଷ୍ଟ୍ରେଚର ଉପରକୁ ନେଇ ଯାଇପାରୁଥିଲା ।

ରେଡିଏସନ ପ୍ରୟୋଗ କରିବାରୁ ରାଜନ କମ୍ ଯନ୍ତ୍ରଣା ଅନୁଭବ କରୁଥିଲେ ବି ଦେହଟା ପୋଡିଜଳି ଗଲାଭଳି ସେ ମନେ କରୁଥିଲା । ଦେହଟା ପୋଡି ଜଳି ଯାଉଛି ବୋଲି ରାଜନ କହିବା ମାତ୍ରେ ରାଭି ତା'ଦେହକୁ ହାଲୁକା ମାଲିସ କରି ଦେଇଥିଲା । ଏବେ ତା'ର ସେବା କାର୍ଯ୍ୟ କେବଳ ରାଜନ ନିକଟରେ କେନ୍ଦ୍ରିତ ହୋଇ ଯାଇଥିଲା । ଅତ୍ୟନ୍ତ ସତର୍କତା ଓ ଆନ୍ତରିକତାର ସହିତ ସେ ରାଜନର ସେବାରେ ଲାଗିପଡ଼ିଥିଲା ।

ପୂର୍ବରୁ ସାମାନ୍ୟ ଆରାମ ଅନୁଭବ କଲେ ରାଜନ ମଜାଳିଆ କଥାକହି

ଅନ୍ୟମାନଙ୍କୁ ଆମୋଦିତ କରୁଥିଲା । ଏବେ କିନ୍ତୁ ତା' କଥାବାର୍ତ୍ତା ସେତେ ଉତ୍ସାହପ୍ରଦ ହେଉ ନାହିଁ । କେବେକେବେ ରାଜନ କହିଦେଉଛି । "ରାଭି, ମୋ ଭିତରୁ ସେଇ ମଜାଳିଆ କଥାବାର୍ତ୍ତା କେବେଠାରୁ ଅପସରି ଯାଇଛି ।" ଏଇ କଥା କହିଲାବେଳେ ସେ ଦୁଃଖରେ ଭାଙ୍ଗିପଡୁଥିଲା ।

"ରାଭି ଆଜି ଭଲ ଲାଗୁଛି । ଯଦି ତୁମ ସହିତ କୁଆଡେ ବୁଲି ବାହାରନ୍ତି ତେବେ...." ରାଜନ ତା'ର ପିଲାଳିଆମି ଢଙ୍ଗରେ ଏତିକି କହି ବାହାରକୁ ବୁଲିଯିବା ଲାଗି ରାଭିକୁ ଅନୁରୋଧ କରିଥିଲା । ରାଭିର କାନ୍ଧ ଉପରେ ହାତ ରଖି ଧୀରେ ଧୀରେ ସେ ଚାଲିବାକୁ ଚେଷ୍ଟା କଲା । ରାଜନ ସହିତ ଚାଲି ଚାଲି ସିଏ ତା'ର ବାକିଆ କାମଟା କରି ଚାଲିଲା । ସମସ୍ତ ରୋଗୀମାନଙ୍କୁ ରାଜନ ଯେଭଳି ଭାବରେ ଆଦର ଆତ୍ମୀୟତା ସହିତ ବ୍ୟବହାର କରୁଥିଲା ରାଭି ସେଥିରେ ବିଶେଷ ଭାବରେ ପୁଲକିତ ହୋଇ ଉଠୁଥିଲା ।

ଶିଶୁ ୱାର୍ଡ଼ରେ ରୁମ୍ ନମ୍ବର ସତରରେ ଥିବା କ୍ୟାନସର ପୀଡିତ ଶିଶୁକୁ ଆଦରରେ ରାଭି ଗୋଲପ ଫୁଲଟିଏ ଦେଇଥିଲା । ସେ ସମୟରେ ସେ ନିଜେ ଯେମିତି ପିଲା ହୋଇଯାଇଥିଲା ।

କିଛି ମୁହୂର୍ତ୍ତପରେ ରାଭି ପୁଣି ଉଦାସ ହୋଇଗଲା । ରାଭି ଆଉ ଗୋଟିଏ ଗୋଲାପ କାଢି ବେଡ ଉପରେ ରଖିଦେବାର ଦେଖି ରାଜନ ଆଶ୍ଚର୍ଯ୍ୟ ହୋଇଗଲା । ରାଭି ଗୋଲାପ ରଖି ମୁଣ୍ଡ ନୁଆଁଇ ଅନେକ ସମୟ ପର୍ଯ୍ୟନ୍ତ ଠିଆ ହୋଇ ରହିଲା । ରାଭି ଏମିତି ଦୁଃଖରେ ଭାଙ୍ଗି ପଡୁଥିବା ରାଜନ ପ୍ରଥମ ଥର ପାଇଁ ଦେଖିଥିଲା । ରାଭିର କାନ୍ଧକୁ ଧୀରେ ଦୋହଲାଇ ଦେବାରୁ ରାଭି ପ୍ରକୃତିସ୍ଥ ହୋଇଗଲା ।

କ୍ରମେ କ୍ରମେ ସବୁ କିଛି ଏମିତିକି ନିଜସ୍ୱ ଭାବାବେଗ ମଧ୍ୟ ସହଜ ହୋଇଆସିଲା । ସେ ରାଜନକୁ ସହୟତା ଦେଇ ଆଗକୁ ଆଗକୁ ଚାଲିଲା.... ରାଜନ କିନ୍ତୁ କିଛି ବୁଝିପାରୁ ନ ଥିଲା । ଅଧିକ ସମୟ ପର୍ଯ୍ୟନ୍ତ ରାଭି ନିଶ୍ଚୁପ ରହିଆସୁଥିବାରୁ ରାଜନ ସହି ପାରିଲା ନାହିଁ । "ରାଭି, ରୁମ୍ ନମ୍ବର ସତରରେ ଦୁଇଟି ଗୋଲାପ ଦେଇ ତୁମେ ଏମିତି ଦୁଃଖରେ କାହିଁକି ଭାଙ୍ଗି ପଡିଲ ? ମୁଁ କିଛି ବୁଝିପାରୁନାହିଁ । ଯଦି ତୁମେ କିଛି ନ ଭାବିବ ତେବେ..." ରାଜନର ସମ୍ବେଦନଶୀଳତା ରାଭିର ଉଦାସୀ ଅନ୍ତରକୁ ସ୍ପର୍ଶ କରିଥିଲା ।

"ରାଜନ ଏଥିରେ ଭାବିବାର କ'ଣ ଅଛି ? ତା' ପରେ ରାଜନଙ୍କୁ କହିବାକୁ.... ।" ରାଭି ତୁରନ୍ତ ନିଃସଙ୍କୋଚରେ ଉତ୍ତର ଦେଇଥିଲା ।

"ରାଜନ ରୁମ ନମ୍ବର ସତରରେ ଜଣେ ପନ୍ଦର ବର୍ଷୀୟ କିଶୋର ଆରୋଗ୍ୟ ଆଶାରେ ରହିଥିଲା । ତା' ପରିବାରରେ ସେ ଥିଲା ସମସ୍ତଙ୍କର ଅତିପ୍ରିୟ । ସେଇ ସ୍ନେହଶୀଳ ନିଷ୍କପଟ କିଶୋର ତା' ବ୍ୟବହାରରେ ମୋତେ ଏ ପର୍ଯ୍ୟନ୍ତ ପ୍ରଭାବିତ କରି ଆସିଛି । ତାକୁ ବଞ୍ଚେଇ ରଖିବା ଲାଗି ମୁଁ ମୋର ସମସ୍ତ ଉଦ୍ୟମ ଜାରି ରଖିଥିଲି କିନ୍ତୁ...." ରାଭିର କଣ୍ଠରୋଧ ହୋଇ ଆସିଲା, ତା' ଆଖିରୁ ଲୁହ ଖସି ପଡିଲା ।

ସାମାନ୍ୟ ଶକ୍ତି ସଞ୍ଚୟ କରି ରାଭି ପୁଣି କହିବା ଆରମ୍ଭ କଲା, "ରାଜନ, ସିଏ ଏମିତି ସ୍ନେହୀ ଥିଲା ଯେ ତାକୁ ଯେ କେହି ଆଦର ହିଁ କରିବେ । ବୋଧହୁଏ ସେଇଥିପାଇଁ ଭଗବାନ ତାକୁ... ।"

"ବାସ ତା'ର ଶେଷ ଇଚ୍ଛା ପୂରଣ କରିବା ଲାଗି ମୁଁ ପ୍ରତିଦିନ ଏଇ ରୁମ୍‌କୁ ଦୁଇଟି ଗୋଲାପ ନେଇ ଆସୁଛି..." ରାଭିର ମୁଖ ମଣ୍ଡଳରେ ଆତ୍ମ ସନ୍ତୋଷ ଭାବ ଫୁଟି ଉଠୁଥିଲା ।

ରାଜନର ହୃଦ କନ୍ଦରକୁ ରାଭିର ବାତ୍ସଲ୍ୟ ପ୍ରେମ ବିଜଡିତ ଅଭୁଲା ସ୍ମୃତି ପ୍ରଭାବିତ କରିଥିଲା । ତା' ମନ ଭିତରେ ରାଭି ପ୍ରତି ଆଦର ସ୍ନେହର ଝୁଆର ଉଠିଲା ।

କିଛି ଦିନ ହେବ ପ୍ରାୟ ଦି'ତିନି ଦିନରେ ରାଜନର ଥରେ ଦି' ଥର ରକ୍ତ ବାନ୍ତି ହେବା ଅଭ୍ୟାସରେ ପଡି ଆସିଥିଲା । ସେଇ ରୁମ୍‌ରେ ପ୍ରତ୍ୟେକ ଦିନ ବ୍ଲଡ୍-ଟ୍ରାନ୍ସଫ୍ୟୁଜନ ଲଗେଇ ରକ୍ତ ବଦଳାଇ ଦିଆଯାଉଥିଲା । ଡାକ୍ତରଙ୍କ ବାରଣ ସତ୍ତ୍ୱେ ରାଭି ଚାରି ଦିନରେ ଦୁଇଥର ନିଜର ରକ୍ତ ଦେଇଥିଲା ।

ଏବେ ରାଜନ କିଛି ଖାଇପାରୁ ନ ଥିଲା । ଡାକ୍ତର ପେଟରେ ପଙ୍କଚର କରି ପାଇଣ୍ଟ ପଦ୍ଧତିରେ ଲିକ୍ୟୁଡି ଦେବା ଆରମ୍ଭ କରିଥିଲେ । ବେଳେ ବେଳେ ଶ୍ୱାସକ୍ରିୟାର ଗତି ବଢି ଆସୁଥିଲା । ରାଜନର ନାକ ଓ ଗଳାକୁ ସକ୍ସନ ମେସିନ୍ ସହିତ ଯୋଡି ଦିଆଯାଇଥିଲା । ତା' କଣ୍ଠ ପରିଷ୍କାର ହୋଇ ଆସିଲା । ସେ ଆଉ ଅଧିକ ସମୟ ବଞ୍ଚିବ ନାହିଁ ବୋଲି ଅନୁମାନ କରାଗଲା ।

ରାଭି ସବୁଦିନ ଭଳି ସ୍ପଞ୍ଜିଙ୍ଗ୍ କରି ସାରି ତା'ର ପିନ୍ଧା ପୋଷାକକୁ ବଦଳାଇଥିଲା । ଆଜି ଟେମ୍ପରେଚର କମ୍ ଥିଲା ପରି ଜଣାପଡିଲା । ବେଡ଼ ଉପରେ ନୂଆ ଚାଦର ବିଛେଇ ଦିଆଯାଇଥିଲା । ଆଜି ରାଜନକୁ ବହୁତ ଅସହଜ ଲାଗୁଥିଲା । ରାଭି ତା' କଥା ଶୁଣିବାକୁ ବେଡ଼ ଉପରେ ବସି ପଡ଼ିଥିଲା ।

ଧୀରେ ଧୀରେ ଖନେଇ ଖନେଇ ରାଜନ କହିଲା, "ରାଭି, ମୁଁ ହାରିଗଲି"

"କେମିତି ?" ଛୋଟ ପ୍ରଶ୍ନଟିଏ ପଚାରି ରାଭି କଥାଟିକୁ ଆଗେଇ ନେବା ଲାଗି ଆଗ୍ରହୀ ହୋଇଉଠିଲା ।

"ଏ ଯାବତ୍ ମୃତ୍ୟୁ ବିଷୟରେ ମୁଁ ବହୁତ ଖୁସି ଥିଲି । ମୃତ୍ୟୁ ପ୍ରତି ମୋ ମନରେ କେବେ ବି ଭୟ ନ ଥିଲା । କିନ୍ତୁ ମୁଁ ଏବେ ଜାଣିପାରୁ ନାହିଁ କ'ଣ ପାଇଁ ବଞ୍ଚି ରହିବା ଲାଗି ମୋ ମନରେ ଉତ୍କଣ୍ଠା ବଢିଯାଉଛି । ଜୀବନ-ମୃତ୍ୟୁ ଭିତରେ ମୁଁ କେବେ ଫରକ ଦେଖି ନ ଥିଲି । ଏବେ କିନ୍ତୁ ବଞ୍ଚିରହିବା ଲାଗି ମୋର ସବୁଠାରୁ ବଡ ପରାଜୟ ନୁହେଁ ?

"ରାଭି ଏ ବୋଧେ ଆମର ଶେଷ ଆଲୋଚନା ।" ରାଜନର କଥା ଶୁଣି ରାଭି ମନରେ ଆଶଙ୍କା ବଢିଯାଇଥିଲା ।

"ରାଭି ରୁମ ନମ୍ବର ସତରରେ ଦୁଇଟି ଗୋଲାପ ରଖି ଆସିଛ ନା ?"

"ହଁ ।"

"ରାଭି, ସେଇ ପ୍ରିୟ କିଶୋରର ଶେଷ ଇଚ୍ଛା ପୂରଣ କରି ତା' ସ୍ମୃତିରେ ତୁମେ ଆଜି ପର୍ଯ୍ୟନ୍ତ...."

ତା' ହେଲେ... ତା'ହେଲେ... ମୋର ମଧ୍ୟ ଗୋଟିଏ ଇଚ୍ଛା ଅଛି..... ଇଚ୍ଛା ?

ରାଭିର ଆଖିରେ ଆଖି ମିଶେଇ ରାଜନ କହି ଚାଲିଥିଲା ।

"ହଁ ରାଜନ, ମୁଁ ତୁମର ଯେ କୌଣସି ଇଚ୍ଛାକୁ.... ।"

"ରାଭି, ତୁମେ ଲୋକମାନଙ୍କ ପାଇଁ ବଞ୍ଚିଛ ନା ? ସେଇଥି ଯୋଗୁଁ ବିବାହ କରି ନାହଁ...ରାଭି, ମୁଁ ଚାହୁଁଛି..... ତୁମେ ବିବାହ କର ? ନିଜର ସୁଖ ପାଇଁ ନୁହେଁ.... ବରଂ ମୋର ଇଚ୍ଛାକୁ ପୂରଣ କରିବା ପାଇଁ..... ତୁମେ ସେଇ କିଶୋରର ଇଚ୍ଛା ପୂରଣ କରିଛ ନା ?ତା ହେଲେ ତୁମେ କ'ଣ ମୋର ଶେଷ ଇଚ୍ଛା ପୂରଣ କରିବ ନାହିଁ ?

ବହୁ ସମୟ ପରେ ରାଜନର ଆଖିରେ ଚମକ ବଢି ଆସିଥିଲା । କ'ଣ କରିବ ନ କରିବ ରାଭିର ମୁଣ୍ଡକୁ କିଛି ତୁକୁ ନ ଥିଲା । ରାଜନକୁ କେମିତି ଲାଗିବ.... ରାଜନ କ'ଣ କହିବାକୁ ଚାହୁଁଛି ? ଏଇଭଳି ପ୍ରଶ୍ନ ତାକୁ ବିଚଳିତ କରିଦେଉଥିଲା । ତା' ପାଟିରୁ କଥା ବାହାରି ନ ଥିଲା ।

ପ୍ରଶ୍ନର ଉତ୍ତରକୁ ନେଇ ସେ ଦ୍ୱନ୍ଦ୍ୱରେ ପଡୁଥିଲା । "କିନ୍ତୁ... ଏଥିରେ କ'ଣ ହେବ ?" ରାଭିର ଏଇ ପ୍ରଶ୍ନ ରାଜନ ମନରେ ଆଶଙ୍କା ଭରି ଦେଇଥିଲା ।

"ରାଭି, ମୁଁ ତ ଆଉ କେଇ ଘଣ୍ଟାର କୁଣିଆ, ଯଦି ତୁମେ ବିବାହ କରିବ ତେବେ ତୁମ ଗର୍ଭରେ ମୁଁ ପୁତ୍ର ଭାବରେ ଜନ୍ମ ନେବାକୁ ବହୁତ ଆଗ୍ରହୀ ଅଛି । ବହୁତ ଇଚ୍ଛା ହେଉଛି..... ତୁମେ କ'ଣ ତାହେଲେ ମୋର ଶେଷ ଇଚ୍ଛାକୁ ପୂରଣ ହେବାକୁ ଦେବନାହିଁ ? ...ପ୍ଲିଜ, ରାଭି.... ପ୍ଲିଜ..... ମୋର ଇଚ୍ଛା..... ।"

ରାଜନର ସାରା ଶରୀରରେ ରୋମାଞ୍ଚ ଖେଳିଯାଉଥିଲା । ଶ୍ୱାସ କ୍ରିୟାର ଗତି ବଢିଯାଉଥିଲା । ଦେହରୁ ଗୋଟା ଗୋଟା ହୋଇ ଝାଳ ବୋହିଯାଉଥିଲା । ଆଉ ପଦଟିଏ କଥା ସେ କହିପାରୁ ନ ଥିଲା । ପ୍ରଶ୍ନର ଉତ୍ତର ବ୍ୟତୀତ ଆଉ ତା' ଆଖିରୁ ଆଉ କୌଣସି ପ୍ରତିକ୍ରିୟା ଜଣାଯାଉ ନ ଥିଲା ।

ରାଜନର ଶେଷ ଇଚ୍ଛା ରାଭିର ନାରୀ ହୃଦୟରେ ମାତୃତ୍ୱର ସ୍ପନ୍ଦନ ସୃଷ୍ଟି କରିଥିଲା । ରାଭିର ହାତ ରାଜନର ହାତକୁ ଅଜାଣତରେ ସ୍ପର୍ଶ କରିଥିଲା । ଅଧିକ ସମୟ ପର୍ଯ୍ୟନ୍ତ ସେ ଆଉ ରାଜନର ଆଖିକୁ ଦେଖି ପାରିଲା ନାହିଁ । "ରାଜନ.... ମୁଁ... ତୁମର ଶେଷ ଇଚ୍ଛା ନିଶ୍ଚୟ ପୂରଣ କରିବି..." ରାଭିର ଆଖିରୁ ଶ୍ରାବଣର ଧାରା ବାତ୍ସଲ୍ୟ ମମତାର ପ୍ରବାହ ସୃଷ୍ଟିକରିଥିଲା ।

ରାଭିର ଉତ୍ତର ଶୁଣିଲା ପରେ ପରେ ରାଜନର ଦେହ କାଲୁଆ ପଡିଆସିଲା ।

ସେ କିଛି କହିବାକୁ ଚାହୁଁଥିଲେ ବି କହିପାରି ନ ଥିଲା । ଆଖି ଅନେକ କିଛି କହିବାକୁ ଚାହୁଁଥିଲା । କ୍ରମେ ରାଜନର ହାତ ଅଧିକରୁ ଅଧିକ ଥଣ୍ଡା ପଡି ଆସିଲା ।

ବାନ୍ତି ହେବ ବୋଲି ରାଜନ ସଙ୍କେତ ଦେଲା, ରାଭି ଟ୍ରେ ଆଣିବା ପୂର୍ବରୁ ରାଜନର ବାନ୍ତି ହୋଇଗଲା । ରାଭି ଦେଇଥିବା ଗୋଲାପ ଫୁଲଟି ସେ ମୁଣ୍ଡା ମୁଣ୍ଡା ରକ୍ତ ଭିତରେ ବୁଡିଗଲା । ରାଜନ ସଂଜ୍ଞାହୀନ ହୋଇଗଲା । ଡକ୍ଟର କୋରାମିନ୍ ଏଡ୍ରିସିନ୍ ଇଞ୍ଜେକସନ ଦେଲେ । ଅକ୍ସିଜେନ୍ ବି ଦିଆଗଲା । ସକ୍ସନ ମେସିନ୍ ଚଲାଗଲା । ଡକ୍ଟର କାର୍ଡିଆକ୍ ମସାଜ୍ କରି ଦେଖିନେଲେ । ଯଥେଷ୍ଟ ପ୍ରଚେଷ୍ଟା ପରେ ମଧ୍ୟ ତା'ର ଆଉ ସଂଜ୍ଞା ଫେରିଲାନାହିଁ ।

ଶେଷ ଥର ପାଇଁ ରାଜନ ଆଖି ଖୋଲିଲା.... ରାଭିକୁ ଚାହିଁ ଦେଲା ପରେ ମୁଣ୍ଡ ଝୁଲିପଡିଲା । ରୁମ୍ ନମ୍ବର ନଅ କୋହ ଉଠା ଶବ୍ଦରେ ଉଚ୍ଛୁଳି ଉଠିଲା ।

ସବୁଦିନ ଭଳି ରାଭି ହସପିଟାଲକୁ ଆସିଲା । ରୁମ୍ ନମ୍ବର ନଅ ନିକଟରେ ତା' ପାଦ ଅଚଳ ହୋଇଗଲା । ଗୋଲାପ ଫୁଲର ଚାଙ୍ଗୁଡିଟା ହାତରୁ ଖସି ପଡିଲା । ଗୋଟାଏ ବିଚିତ୍ର ଭାବନା ତା ମନ ଭିତରେ ଦେଖାଦେଲା– ଆଉ ଗୋଟାଏ ଜୀବନର ଉଦୟ ଆଶା ରଖି ଗୋଟାଏ ଜୀବନର ଅସ୍ତ ହୋଇଗଲା ।

ରାଭି ଆଗକୁ ଯାଇପାରିଲା ନାହିଁ । ବ୍ୟଥିତ ହୃଦୟ ନେଇ ସେ ପଛକୁ ଫେରିଲା । ଏତିକି ବେଳକୁ ରଶ୍ମି ଆସି ପହଞ୍ଚିଗଲା ।

"ରାଭି, ଆଜିଠାରୁ ଏ କାମ ମୋର..." କହୁ କହୁ ତଳେ ବିଛାଡି ହୋଇ ପଡିଥିବା ଗୋଲାପଗୁଡ଼ିକୁ ଚାଙ୍ଗୁଡିରେ ସେ ଗୋଟେଇ ଚାଲିଲା ।

❐



ପ୍ରକାଶ ପାଇଛି

ପର୍ଶୁରାମ ପଣ୍ଡାଙ୍କ

ପୁସ୍ତକ

ସ୍ୱପ୍ନଶିଉଳି

ରାଜକନ୍ୟା



ନିତ୍ୟାନନ୍ଦ ମହାପାତ୍ର

"ଯେମା ମଙ୍ଗଳ ହୋଇ ବରମାଲ୍ୟ ଧରି ଶୋଇବା ଘରକୁ ଗଲେ । ଖଟୁଳୀ ଉପରେ ତିନୋଟି ମାଳା- ମଣି, ମାଣିକ୍ୟ ଆଉ ବେଦୁର୍ଯ । ଯେମାଙ୍କ ହାତ ମଣିହାର ପାଖକୁ ଯାଉଛି, ପୁଣି ଫେରି ଆସୁଛି । ତା'ପରେ ଯାଉଛି ମାଣିକ୍ୟହାର ପାଖକୁ । ପୁଣି ଫେରି ଆସୁଛି । ପୁଣି ହାତ ବଢ଼ାଇଛନ୍ତି ବୈଦୁର୍ଯ ହାର ଆଡ଼କୁ । ସେଠୁ କି ଫେରି ଆସୁଛି । ଥରକୁ ଥର, ବାରକୁ ବାର, ଗୋଟିକ ପରେ ଗୋଟିଏ ହାର ପାଖକୁ ରାଜଯେମା କଳାବତୀ ହାତ ବଢ଼େଇ ଦେଉଛନ୍ତି, ପୁଣି ଫେରାଇ ଆଣୁଛନ୍ତି ।

କାହାକୁ ବାଛିବେ ଯେମା ?"

ଛୋଟ କଥାଟିଏ । କଥାର ଅନେକ କଥା । ସେକାଳରେ ସେ ଦେଶରେ ଜଣେ ରାଜା ଥିଲେ । ରାଜାଟିଏ, ରାଣୀଟିଏ । ତାଙ୍କର ଗୋଟିଏ ଝିଅ, ଯେମା ଦେଇ । ଝିଅଟି ଭାରି ସୁନ୍ଦର । ସରଗର ଅପ୍ସରା ପରି । ରୂପରେ ଯେମିତି, ଗୁଣରେ ସେମିତି । କଉ କଥାରେ ବାଛିବାର ନାହିଁ, ନାଁ ତା'ର କଳାବତୀ । ଷୋଳ କଳାରେ ପରିପୂର୍ଣ୍ଣ ।

ବୟସ ଗଡ଼ି ଯାଉଛି । ବାଡୁଅପାଣି ପଡ଼ିଲା ନାହିଁ । ରାଜାଙ୍କର ଭାରି ଭାଳେଣି । ରାଣୀ ମୁଣ୍ଡ କୋଡ଼ି ହେଉଛନ୍ତି, ହଜାରେ ଦିଅଁ ଦିଆଣୀଙ୍କ ପାଖରେ । କେହି ଶୁଣିବାକୁ ନାହିଁ । ଭୋଗ ଖାଇ ସମସ୍ତେ ଶୋଇ ପଡ଼ିଲେ କି ସତେ ! ପୁରାଣ ଉତ୍ସର୍ଗ, କି ଯଜ୍ଞ ହେଲା । କାହିଁ- ବର କେଉଁଠି ?

ବାପ ମା'ଙ୍କ ଦୁଃଖ ଦେଖି କଳାବତୀ ଆଉ ସହି ପାରିଲା ନାହିଁ । ଅଖିଆ ପାଖିଆ କାଚଗୁମ୍ହିରୀରେ ମୁହଁ ମାଡ଼ି ଶୋଇଲା । ତିନିଦିନ ତିନି ରାତି । ବାପ ମା' ଯେତେ ଡାକିଲେ- ପୋଇଲି ପରିବାରୀ ଯେତେ ଭରସିଲେ, କେଉଁଥିରେ ନାହିଁ ।

ଅଧରାତି, ନିଶା ଗର୍ଜୁଛି, କିଏ ଆସି ଡାକିଲା- "କଳାବତୀ!!!"

କଳାବତୀର ଦେହ ଶୀତେଇ ଉଠିଲା । ମୁଣ୍ଡ ଟେକି ଚାହିଁଲା- ଏ କିଏ ? ଦିବ୍ୟ ସୁନ୍ଦରୀ ନାରୀ ମୂର୍ତ୍ତି ! ମାଣମାଣିକାର ମୁହୂଣ୍ଡା ଭଳି ଗୋଲଗାଲ୍- ଖାଲି ଚକ୍‌ମକ୍ କରୁଛି । କଳାବତୀ ସାଷ୍ଟାଙ୍ଗ ପଡ଼ିଗଲା ଦେବୀଙ୍କ ଆଗରେ ।

"ଉଠ୍ ! ଉଠ୍ !" ଦେବୀ ଡାକିଲେ । କି କଅଁଳ କଣ୍ଠ !- "କଳାବତୀ ! ମୁଁ ରାଜଲକ୍ଷ୍ମୀ !"

କଳାବତୀ ଉଠି ଦେଖିଲା, ସାରା ଘର ଆଲୁଅମୟ ! କଳାବତୀ ଚାହିଁ ପାରିଲା ନାହିଁ । କି ଜ୍ୟୋତି ! ଆଖି ବୁଜି ହୋଇଗଲା । ପୁଣି ପତା ମେଲି ଚାହିଁଲା ବେଳକୁ କେହି ନାହିଁ । ସବୁ ଶୂନ୍‌ଶୂନ୍ । ଦେବୀ ଅନ୍ତର୍ଦ୍ଧାନ ହେଇଯାଇଛନ୍ତି । ଘରଟାରେ ଖାଲି ଆଲୁଅ ଭରି ଯାଉଛି । କଳାବତୀ କାନ୍ଦି ପକେଇଲା ।

"କଳାବତୀ !" ଶୂନ୍ୟ ଶବ୍ଦ ହେଲା- "ତୋ ମନସ୍କାମନା ପୂର୍ଣ୍ଣ ହେବ । ରାତି ନ ପାହୁଣୁ ନଅରରୁ ବାହାରି ଚାଲି ଯା' । ନାକସଳଖ ଚାଲିଯିବୁ ପୂର୍ବମୁଖା ହୋଇ । ଅଗ୍ନାଅଗ୍ନି ବନସ୍ତ ପଡ଼ିବ, ଡରିବୁ ନାହିଁ, ପଶିଯିବୁ ! ଗହନ ବନ ଭିତରେ ଗୋଟିଏ ଶଙ୍ଖ ମର୍ମର ପାହାଡ଼ ଅଛି । ପାହାଡ଼ ତିନିପାଖରେ ତିନୋଟି ଗୁମ୍ଫା- ମଣି, ମାଣିକ୍ୟ ଆଉ ବୈଦୁର୍ଯ୍ୟ ଖଣି ଖୋଳ ତିଆରି ହେଇଛି । ଗୋଟିଏ ରତ୍ନରେ ଗୋଟିଏ ଗୁମ୍ଫା । ଏକ୍ ଏକ୍ ଗୁମ୍ଫାରେ ଏକ୍ ଏକ୍ ଯତି । ଯାହାକୁ ପସନ୍ଦ କରିବୁ ସେଇ ତୋର ବର ।"

କଳାବତୀ ତତ୍‌କ୍ଷଣେ ନଅରରୁ ବାହାରି ପଡ଼ିଲା - କାହାରିକି କୁହାନାହିଁ, ପୁଛା ନାହିଁ- ସେମିତି ଦେହେ ଦେହେ- ବସିଲା ଠାରୁ ଉଠିଗଲା ।

ସକାଳ ହେଲା, ନଅରରେ ହାଲୋଳ ପଡ଼ିଗଲା । ରାଇଜଯାକରେ ଚହଳ- ଯେମା ଗଲେ କୁଆଡ଼େ ? ଚାରିଦିଗକୁ ଚାରି ଚାରି ଦୂତ ପେଷି ଦେଲେ ରାଜା । କେଉଁଠୁ କିଛି ଖବର ନାହିଁ ।

ଯେମାକୁ ଅବା ପାଇବ କିଏ ? ଯେମା ପଶିଛନ୍ତି ଘୋର ଜଙ୍ଗଲ ଭିତରେ । ଡର ନାହିଁ, ଭୟ ନାହିଁ, ଚାଲିଛନ୍ତି । ବାଘ, ଭାଲୁ, ସିଂହ, ଗୟଳ ଚାଟ ଆଡ଼େଇ ଚାଲି ଯାଉଛନ୍ତି । ହାତୀ, ହରିଣ, ମିରିଗ, ଶମ୍ବର ଯେମାକୁ ଚାହିଁ ଚିତାରେ ଚିତ୍ର ଲେଖିଲା ପ୍ରାୟେ ଥିର ହେଇ ରହିଯାଉଛନ୍ତି ।

ତିନିଦିନ ତିନି ରାତି ବିତିଗଲା । ଯେମା ଚାଲିଛନ୍ତି, ଅଗ୍ନାଅଗ୍ନି ବନସ୍ତ ଭିତରେ । ଖିଆ ନାହିଁ, ପିଆ ନାହିଁ, ଶୁଆ ନାହିଁ, ବସା ନାହିଁ- ଏକା ନ'ସରେ ଚାଲିଛନ୍ତି । ଚାରିଦିନ ଦିନ ପାହାନ୍ତି ପହରରେ ଫାଟି ପଡ଼ିଲା ଫରଚା ଭିତରୁ ଉଙ୍କିମାରି ଉଠିଲା ଧଳା ରଙ୍ଗର ଧଉଳି ପାହାଡ଼ । ଯେମାଙ୍କର କି ଆନନ୍ଦ ଦେଖିବ ! କଥାରେ କହି ହେବ ନାହିଁ । ସପନ ଆଜି ସତ ହେଇଛି । କଳ୍ପ ଲୋକରେ ପହଞ୍ଚିବାକୁ ଆଉ ଅଳ୍ପ ବାଟ । ସରଗ ମୋଟେ ଚାରି ଆଙ୍ଗୁଳି !

ମନ ଫୁଲାଣିରେ ପାହାଡ଼ ଚାରିପଟେ ପରିକ୍ରମା କରୁଁ କରୁଁ ପ୍ରଥମେ ଯେଉଁ ଗୁମ୍ଫାଟିକୁ ହାବୁଡ଼ିଲେ, ସେଇଟି ଗୋଟିଏ ମଣିମୟ ଗୁମ୍ଫା । ରାତି ପାହି ପାହି ନାହିଁ, ସିନ୍ଦୂରା ଫାଟି ପଡୁଛି । ଆମ୍ବ ଡାଳରେ କୋଇଲିଟିଏ ବସି କାହାକୁ ଯେମିତି ଡାକୁଛି । ଯେମା ଗୁମ୍ଫା ଦୁଆରେ ପହଞ୍ଚୁଛନ୍ତି କି ନାହିଁ ଗୁମ୍ଫା ଭିତରୁ ବାହାରି ଆସିଲେ ଜଣେ ନୂଆ ବେତନ ଯୁବା ଯତି । ଗେରୁଆ ବସନ । ଚନ୍ଦନ ବେଶ । କଳା ପଥୁରା ପରି ଚିକ୍‌କଣ ବଳିଲା ଚଳିଲା ଦେହ । ସୁନ୍ଦରପଣକୁ ପଟାନ୍ତର ନାହିଁ । ଯେମା ଦେଈଙ୍କ ଆଖି ଖୋସି ହେଇଗଲା । ଛାତି ଥରି ଉଠିଲା । ଉଁ ଚୁଁ ନ ହୋଇ ସାଷ୍ଟାଙ୍ଗ ପ୍ରଣାମ କଲେ ଯେମା ଦେଈ ।

"ପତିବ୍ରତା ହୁଅ !" ଆଶୀର୍ବାଦ କଲେ ଯତି ।

ସେଇ ସ୍ୱରର ଝଙ୍କାର ଯେପରି ଯେମାଙ୍କ ହୃଦୟ ତନ୍ତୀରୁ ଉଠି ଆସୁଛି- ଏମିତି ମନେ ହେଲା । ସେ କଥା ଯେପରି କଥା ନୁହେଁ, ସଙ୍ଗୀତ । ଆଉ ସେ ସଙ୍ଗୀତର ସୁର ଯେପରି ତାଙ୍କରି ଅନୁରାଗ ରାଗରେ ବନ୍ଧା ।

"ଦେବୀ, ତମେ ବଡ଼ କ୍ଷୁଧାର୍ତ୍ତ ।" ଯତି ଯେମାଙ୍କୁ ଚାହିଁ କହିଲେ- "ତମକୁ ଆହୁରି ଅନେକ ଦୂର ଯିବାର ଅଛି । ବିନା ପାନାହାରରେ ସେତେ ଦୂର ଯିବା ତୁମ ପକ୍ଷରେ ସମ୍ଭବ ନୁହେଁ । ତେଣୁ ଏହି ଚରୁଟିକୁ ଧାରଣ କର । ଏହା ତୁମ୍ଭ ନିକଟରେ ଥିଲେ କ୍ଷୁତ୍‌ପିପାସା ତୁମ୍ଭଙ୍କୁ ପୀଡ଼ା ଦେଇପାରିବ ନାହିଁ ?"

କଳାବତୀ କୃତକୃତ୍ୟ ହୋଇ ଯତିଙ୍କୁ ପ୍ରଣାମ କଲେ । ଯତି ପୁନରାୟ ଆଶୀର୍ବାଦ କରି ଯେମାଙ୍କ ହାତରେ ଗୋଟିଏ ମଣିମାଳା ଅର୍ପଣ କରି କହିଲେ- "ଦେବୀ, ଏହି ମାଳା ଧରି ସ୍ମରଣ କଲା ମାତ୍ରେ ମୋତେ ସାକ୍ଷାତରେ ଲାଭ କରିପାରିବ ?"

ମାଳା ଅର୍ପଣ ନୁହେଁ । ଏହା ଯତିଙ୍କର ବିଦାୟ ସଙ୍କେତ । କଳାବତୀ ବୁଝି ପାରିଲେ । କିନ୍ତୁ ଗୋଡ଼ ଆଉ ଉଠୁନାହିଁ । ସେ ଯାଇ ପାରୁ ନାହାନ୍ତି କି ରହି ପାରୁ ନାହାନ୍ତି ।

ଯତି ହଠାତ୍ ଗୁହା ମଧ୍ୟରେ ପ୍ରବେଶ କଲେ । କଳାବତୀ ଆଗେଇ ଚାଲିଲେ । ସ୍ୱପ୍ନବିହ୍ୱଳ ଛାୟା ନଟ ପରି । ସେ ଚାଲିଛନ୍ତି, ମାତ୍ର ଆଗେଇ ପାରୁ ନାହାନ୍ତି ଯେପରି ! ତାଙ୍କର ମନେ ହେଉଛି ଏମିତି ।

ସକାଳୁ ଚାଲିଛନ୍ତି । ବେଳବୁଡ଼ି ହେଲା । ଦିନ ରତରତ । ଆକାଶରେ ଭସା ଭସା ଭେଳା ଭେଳା ବାଦଲ ମେଳା ବାନ୍ଧି ଠୁଳ ହେଇ ଗଲେଣି । ପଶ୍ଚିମ ପଟରେ ଦିଗଛଡ଼ା ପାହାଡ଼ କାନ୍ଥରେ ଇନ୍ଦ୍ରଧନୁର ଛବି କିଏ ଆଙ୍କି ଦେଇଛି । କଳାବତୀ ଆପଣା ଅଜାଣତରେ ପହଞ୍ଚି ଗଲେଣି ମାଣିକ୍ୟ ଗୁମ୍ଫାର କାନି କାନିରେ । ଚମକି ପଡ଼ିଲେ ରାଜ ଯେମା ! ଏ କି ଅପରୂପ ଠାଣି । ଏ କି ଲାବଣ୍ୟମୟ ପ୍ରତିମା । କଞ୍ଚା ହଳଦୀର ବର୍ଣ୍ଣ । ଗେରୁଆ ଝିନ ବସନକୁ କୁଙ୍କୁମରେ ବୋଳି ଦେଇଛି ସତେ କି ! ନାଲି ଟହଟହ ଓଠ । କଳାମଚମଚ କେଶ । ଲଲାଟରେ କସ୍ତୁରି ଚିହ୍ନ । କି ସୁନ୍ଦର ! କି ଅପୂର୍ବ ରୂପ । ମଣିଗୁମ୍ଫାର

ସେଇ ଯତି ଏଠିକି ଯେପରି ଦେହରେ ନୂଆପୁଟ ଚଢ଼େଇ ପଳେଇ ଆସିଲେ କି ଆଉ ! ଦେହର ଗଠନ, ମୁଖର ଆକୃତି ଯେପରି ଏକ ।

କଳାବତୀ ପ୍ରଣାମ କଲେ । ଯେମା ଦେଈ ।

"ସତୀ ସୀମନ୍ତିନୀ ହୁଅ ।" ଆଶୀର୍ବାଦ କଲେ ଯୁବା ଯତି !

ସେ ସ୍ୱରରେ ଯେପରି ରାଗ ନାହିଁ- ଖାଲି ଅଛି ରଙ୍ଗ । ସେ ରଙ୍ଗ ଯେପରି ତାଙ୍କରି ହୃଦୟର ଅଶେଷ ଅନୁଭୂତିକୁ କିଏ ଚିପୁଡ଼ି ଆଣି ଛିଞ୍ଚି ଦେଇ ଯାଉଛି ଗମନ ପବନରେ । ଆଉ ନିଜେ ଯେପରି ଗୋଟିଏ ମୃଣ୍ମୟୀ ପ୍ରତିମା ରଙ୍ଗ ଚଢ଼ା ହେବାକୁ ବାକି ଅଛି ।

"ଦେବୀ, ତମେ ବଡ଼ ଶଙ୍କିତ ।" ଯେମାଙ୍କୁ ଚାହିଁ ଯତି କହିଲେ- "ତମକୁ ଆହୁରି ଅନେକ ଦୂର ଯିବାକୁ ହେବ- ଘୋର ଅନ୍ଧକାର ଭେଦ କରି- ଘନ ଅରଣ୍ୟ ପଥରେ । ତେଣୁ ଏହି ଚରୁଟିକୁ ଧାରଣ କର ! ଏହା ତୁମ୍ଭ ନିକଟରେ ଥିଲେ ଅନ୍ଧକାରରେ ଆଲୋକ ବିକିରଣ କରି ପଥ ପ୍ରଦର୍ଶନ କରିବ ।"

କଳାବତୀ କୃତକୃତ୍ୟ ହୋଇ ଯତିଙ୍କୁ ପ୍ରଣାମ କଲେ । ଯତି ପୁନରାୟ ଆଶୀର୍ବାଦ କରି ଯେମାଙ୍କ ହାତରେ ଗୋଟିଏ ମାଣିକ୍ୟର ମାଳା ଅର୍ପଣ କରି କହିଲେ- "ଦେବୀ, ଏହି ମାଳା ଧରି ସ୍ମରଣ କଲା ମାତ୍ରେ ମୋତେ ସାକ୍ଷାତରେ ଲାଭ କରିପାରିବ ।"

ଯେମା ବୁଝି ପାରିଲେ । ଏହାହିଁ ଯତିଙ୍କର ବିଦାୟ ସୂଚନା । ସେ ପ୍ରଣିପାତ ହୋଇ ଉଠିବା ପୂର୍ବରୁ ଯତି ଗୁହା ମଧ୍ୟରେ ପ୍ରବେଶ କରି ସାରିଥିଲେ ।

ଯେମାଦେଈ ଆଗେଇ ଚାଲିଲେ । ରାତି ଅଧ ହୋଇଗଲା, ଚାରିଆଡ଼େ ନିଶବ୍ଦ, ଯେମା ଦେଈ ପହଞ୍ଚିଲାବେଳକୁ ବୈଦୁର୍ଯ୍ୟର ଗୁହା ନିକଟରେ ଗୁମ୍ଫା ଭିତରୁ ସାମ ଗାନ ଗୁମୁରି ଉଠୁଛି । ପହଞ୍ଚିବା ଆଗରୁ ସତେ ଯେପରି ଅପେକ୍ଷା କରି ଠିଆ ହୋଇଛନ୍ତି ଗୁହା ଦେହଳୀରେ ଅନ୍ୟ ଏକ ଯତି । ଯୁବା ପୁରୁଷ, ଗେରୁଆ ଲୁଗା, କଇଁଫୁଲ ପରି ସଫା ଗୋରା । ଭ୍ରୂ ମଝିରେ ଗୋରଚନା । ଡାହାଣ କପୋଳରେ ତିଳ ବିନ୍ଦୁଟିଏ । ମୁହଁର ଶୋଭାକୁ ଗୁଣି ଦେଇଛି କିଏ ଦୁଇ କି ଚାରି ଅଙ୍କରେ । ବାରି ହେଉ ନାହିଁ, ଅନ୍ୟ ଦୁଇ ଯତିଙ୍କ ଠାରୁ ଆକାର ପ୍ରକାରରେ ଭେଦ- ଏଇ ବର୍ଣ୍ଣ ଅମେଳ ଛଡ଼ା । କଳାବତୀ ଆଉ କାଳ ବିଳମ୍ବ ନ କରି ସଙ୍ଗେ ସଙ୍ଗେ ପ୍ରଣାମ କଲେ ସାଷ୍ଟାଙ୍ଗ ।

"ସ୍ୱାମୀ ସୁହାଗିନୀ ହୁଅ" ଆଶୀର୍ବାଦ କଲେ ନବଯତି ।

ସେ ସ୍ୱରର ଛନ୍ଦ ଯେପରି ଯେମାଙ୍କ ମନର ଭାବକୁ ଧରି କିଏ ଲେଖି ଦେଇଯାଇଛି ଗୋଟାଏ ବିରାଟ କାବ୍ୟର ବୀଜ ମନ୍ତ୍ର । ଆଉ ସେ କାବ୍ୟର ଟୀକା ଯେପରି କେବଳ ତାଙ୍କରି କୃତୀ ।

"ଦେବୀ, ତମେ ବଡ଼ କ୍ଲାନ୍ତ । ମାତ୍ର ବିଶ୍ରାମରେ ଅବସର ନାହିଁ । ତେଣେ ତୁମର ପିତାମାତା ପାନାହାର ବର୍ଜନ କରି ଶଯ୍ୟାଶାୟୀ । ତୁମକୁ ଅଚିରେ ତାଙ୍କ ନିକଟରେ ଉପସ୍ଥିତ ହେବାକୁ ପଡ଼ିବ । ତେଣୁ ଏହି ଚରୁଟିକୁ ଧାରଣ କର । ଏହା ଧାରଣ କଲେ

ତୁମ୍ଭେ ଯେଉଁ ସ୍ଥାନକୁ ଯିବାକୁ ଚାହିଁବ ମୁହୂର୍ତ୍ତକେ ସେ ସ୍ଥାନରେ ଉପନୀତ ହୋଇଯିବ ।”

କଳାବତୀ କୃତକୃତ୍ୟ ହୋଇ ଯତିଙ୍କୁ ପ୍ରଣିପାତ କଲେ । ଯତି ପୁନର୍ବାର ଆଶୀର୍ବାଦ କରି ଯେମାଙ୍କ ହାତରେ ଗୋଟିଏ ବୈଦୁର୍ଯ୍ୟର ମାଳା ଅର୍ପଣ କରି କହିଲେ- “ଦେବୀ, ଏହି ମାଳା ଧରି ସ୍ମରଣ କଲା ମାତ୍ରେ ମୋତେ ସାକ୍ଷାତରେ ଲାଭ କରିପାରିବ ।”

କଳାବତୀ ଯଥାମାନ୍ୟ ବିଦାୟ ଭିକ୍ଷା କରିବା ପୂର୍ବରୁ ଯତି ଅନ୍ତର୍ଦ୍ଧାନ ହୋଇଗଲେ ।

ଯେମା ନିଜ ହାତରେ ଯତିଙ୍କ ଦତ୍ତ ଚରୁକୁ ଚାହିଁ ଆଖି ବୁଜିଦେଲେ ।

× × × ×

ରାଜ ନଅରରେ ଆନନ୍ଦର ସୀମା ନାହିଁ । ଯେମା ଫେରି ଆସିଛନ୍ତି । ଚାରିଆଡ଼େ ଉତ୍ସବ ଲାଗିଗଲା । ଶଙ୍ଖ ହୁଳହୁଳି ପଡ଼ିଲା । ନହବତ ବସିଲା । ଯେମାଙ୍କ ମୁଖରେ ହସ । ପିତାମାତାଙ୍କ ସଙ୍ଗରେ ବସି ମହା ଆନନ୍ଦରେ ଭୋଜନ କଲେ । ମାତ୍ର କେଉଁଠିକି ଯାଇଥିଲ ବୋଲି ଯେତେ ପ୍ରଶ୍ନ ହେଲା, ଯେମା ନିରୁତ୍ତର ।

ଯେମାଙ୍କ ଶୋଇବା ଘରେ ତିନୋଟି ମାଳା ସଜା ହୋଇଛି । ମଣି, ମାଣିକ୍ୟ ଆଉ ବୈଦୁର୍ଯ୍ୟର ମାଳା । ପ୍ରତି ମାଳା ପାଖରେ ଗୋଟିଏ ଲେଖାଏଁ ଚରୁ । ଏ କି ବିଚିତ୍ର କଥା । ଯେମା ସ୍ନାନ ସାରି, ଫୁଲ ଚନ୍ଦନ ଧରି ମାଳା ତିନୋଟିକୁ ପୂଜା ଦେବାକୁ ଗଲାବେଳେ ଦେଖିଲେ- ତିନୋଟିଯାକ ଚରୁ ଆଉ ନାହିଁ । ତା’ ଜାଗାରେ ଆଉ ତିନୋଟି ଦରବ କିଏ ଥୋଇ ଦେଇଛି । ମଣିହାର ପାଖରେ ଗୋଟିଏ ବଇଁଶୀ, ମାଣିକ୍ୟହାର ପାଖରେ ଗୋଟିଏ ରଙ୍ଗ ତୁଳୀ, ଆଉ ବୈଦୁର୍ଯ୍ୟ ହାର ପାଖରେ ଗୋଟିଏ ଲେଖନୀ ।

× × × ×

ଘୋଷଣା ହେଲା, କାଲି ଯେମାଙ୍କର ବାହାଘର । ମଙ୍ଗଳ ହାଣ୍ଡି ବସିଲା । ଯେମା ମଙ୍ଗୁଳି ହେଲେ । ରାଜଦାଣ୍ଡରେ ନହବତ ବସିଲା । ବର କାହିଁ ?

ଯେମା କହିଛନ୍ତି ବର ଆସିବ । ଦେବୀ ବର ଦେଇଛନ୍ତି ବର ଆସିବ ।

ଯେମା ମଙ୍ଗଳ ହେଇ ବରମାଲ୍ୟ ଧରି ଶୋଇବାଘରକୁ ଗଲେ । ଖଟୁଳୀ ଉପରେ ତିନୋଟି ମାଳା- ମଣି, ମାଣିକ୍ୟ ଆଉ ବେଦୁର୍ଯ୍ୟ । ଯେମାଙ୍କ ହାତ ମଣିହାର ପାଖକୁ ଯାଉଛି, ପୁଣି ଫେରି ଆସୁଛି । ତା’ପରେ ଯାଉଛି ମାଣିକ୍ୟହାର ପାଖକୁ । ପୁଣି ଫେରି ଆସୁଛି । ପୁଣି ହାତ ବଢ଼ାଇଛନ୍ତି ବୈଦୁର୍ଯ୍ୟ ହାର ଆଡ଼କୁ । ସେଠୁ ବି ଫେରି ଆସୁଛି । ଥରକୁ ଥର, ବାରକୁ ବାର, ଗୋଟିକ ପରେ ଗୋଟିଏ ହାର ପାଖକୁ ରାଜଯେମା କଳାବତୀ ହାତ ବଢ଼େଇ ଦେଉଛନ୍ତି, ପୁଣି ଫେରାଇ ଆଣୁଛନ୍ତି । ନାଟ ଆଉ ସରିବାକୁ ନାହିଁ । ପୁରୋହିତ ମଙ୍ଗଳାଷ୍ଟକ ପଢ଼ିଲେଣି ।

ଯେମା କାହାକୁ ବାଛିବେ ?

❐

ଆରଣ୍ୟକ



ମନୋଜ ଦାସ

“ ମିସେସ୍ ମିଟି ବା ଅନ୍ୟ କେହି କିଛି କହିଲେ ନାହିଁ । ତେଣୁ ରାଜାସାହେବ ପୁଣି କହିଲେ, “ମୁଁ ଅବଶ୍ୟ ମୋର ଓସ୍ତାଦ ଚୌକିଦାରକୁ ନିର୍ଦ୍ଦେଶ ଦେଇଛି- ଯଦି ବାସ୍ତବିକ ଆମେ ନିଶାଗ୍ରସ୍ତ ଅବସ୍ଥାରେ ଦୈବାତ୍ କିଛି ଭୁଲ କରିପକାଇଥିବା, ତେବେ କିଛି ଜଣା ନ ପଡ଼ିବା ପାଇଁ ଯଥାର୍ଥ ବ୍ୟବସ୍ଥା ସେ କରିବ, କିନ୍ତୁ ମୋର ତିଳେ ବି ସନ୍ଦେହ ନାହିଁ ଯେ ମିସେସ୍ ମିଟିଙ୍କ ଆଶଙ୍କା ଭୂତ ଭଳି ଅଳୀକ ।” ”

ମିସେସ୍ ମିଟି ଦ୍ୱାରଦେଶରେ ମୃଦୁ ଶବ୍ଦଟିଏ ଶୁଣିଲେ । ସେ ଆଖି ଖୋଲିବା ପୂର୍ବରୁ ଆହୁରି କେତେଥର ଏଭଳି ଠକ୍ ଠକ୍ ଶବ୍ଦ ହୋଇଥିବ । ସେସବୁ ଆଘାତ ବଡ଼ ମୃଦୁ । ମଝିରେ ଏକ ଏକ ମିନିଟ୍‌ର ବ୍ୟବଧାନ । ଚୌକିଦାର ଅନ୍ୟଥା କରିପାରନ୍ତା ନାହିଁ । ସେ ଜାଣେ ।

ମିସେସ୍ ମିଟି ପ୍ରଶସ୍ତ କୋଠରିଟି ଭିତରଯାକ ଥରେ ଆଖି ବୁଲାଇ ଆଣିଲେ । ତାଙ୍କ ଗୋଡ଼ ପାଖରେ ପଡ଼ିଥିଲେ ରାଜାସାହେବ... ଗଦାଏ ଅଶ୍ଳୀଳ ଆବର୍ଜନା । ରାଜା ସାହେବଙ୍କ ଫୁଲା ଓଠ ଉପରେ ଅଧ ଡଜନ ମାଛି ପିକ୍‌ନିକ୍ କରୁଥିଲେ ।

ଆଉ ଦୂରନ୍ତ ....ବିଚାରା ମି: ଚାକୋଡ଼ି ନାକ ଡାକୁଥିଲେ... ଘୁଷୁରିର ଆର୍ତ୍ତନାଦ ଭଳି ।

ଆଉ ମି:ମିଟି ଓ ମିସେସ୍ ଚାକୋଡ଼ି ଚଟାଣ ଉପରେ ପରସ୍ପର ମୁହାଁମୁହିଁ

ଶୋଇଥିଲେ; ସମ୍ଭବତଃ ପରସ୍ପର ଲଗାଲଗି ହୋଇ ଆସିବାର ପ୍ରୟାସ ଭିତରେ ଅଚେତନ ହୋଇ ଯାଇଥିଲେ ।

ଦ୍ୱାରଦେଶରେ ଆଉ ଏକ ଆଘାତ । ମିସେସ୍ ମିଟି ଆଉ ଧାପେ ଚେତି ଉଠିଲେ । ଯେଉଁ ପର୍ବତ ପ୍ରମାଣ ଜଡ଼ତା ତାଙ୍କ ଚେତନା ଉପରେ ଚାପି ବସିଥିଲା, ସେଥିରୁ ଅତଡ଼ାଟାଏ ଖସିଗଲା । ଅବଶ୍ୟ କେତେବେଳେ ସେମାନେ ସଭିଏଁ ଶୋଇପଡ଼ିଥିଲେ; ସେ କଥା ଏ ଯାଏଁ ମନେପକାଇ ପାରୁ ନ ଥିଲେ । ତେବେ ଅର୍ଦ୍ଧଚେତନ ବାରହାଟିକୁ ନିଆଁ ଭିତରକୁ ଫୋପାଡ଼ି ଦେବା, ତତ୍‌ରେ ଚାରିପଟେ ନାଚି ନାଚି ସୁରା ସମଭିବ୍ୟାହାରରେ ସେଥିରୁ ଅର୍ଦ୍ଧ ସିଦ୍ଧ ମାଂସ ଚେନାଏ ଚେନାଏ କାଟି ଖାଇବା ପର୍ଯ୍ୟନ୍ତ ସବୁ ମନେଅଛି । କେବେ ଅୟୁତ ବର୍ଷ ତଳେ ମଣିଷର ଯେମିତି ଉନ୍ମତ୍ତ, ବଣ୍ୟ ଅବସ୍ଥା ଥିଲା, ରାତିକ ପାଇଁ ତାହାରି ଭିତରକୁ ଫେରିଯିବା ଥିଲା ସେମାନଙ୍କ ଉଦ୍ଦେଶ୍ୟ । ମି: ଚାକୋଡ଼ି ଅବଦମିତ ପ୍ରାଗୈତିହାସିକ ପ୍ରବୃତ୍ତିର ଅବାଧ ମୁକ୍ତିତତ୍ତ୍ୱ ଉପରେ ଜଣେ ପଣ୍ଡିତ । ସେଭଳି ସାମୟିକ ସ୍ୱେଚ୍ଛାକୃତ ମୁକ୍ତି କେଡ଼େ ସ୍ୱାସ୍ଥ୍ୟକର, ପାନାହାର ଆରମ୍ଭ ହେବା ପୂର୍ବରୁ ସେ ବିଷୟରେ ସେ ଗୋଟାଏ ଲମ୍ବା ବକ୍ତୃତା ଦେଇଥିଲେ । (କିଏ ବା ଶୁଣୁଥିଲା ସେଇ ବୁଦ୍ଧୁ ବିବୃତ ତତ୍ତ୍ୱ !)

ଦ୍ୱାରଦେଶରେ ପୁନର୍ବାର ଏକ ଆଘାତ । ଏଥର ମିସେସ୍ ମିଟିଙ୍କ ସ୍ମୃତିରେ ଚହଟି ଗଲା ସମସ୍ତ ଇତିବୃତ୍ତ ।

(ଦୁଇ)

ପୂର୍ବଦିନ ଦ୍ୱିପ୍ରହର -

ମାଇଲ ମାଇଲ ବଣବୁଦା ଓ ରୁଢ଼ ପଥରମାଟି ଛେଚି, ଦଳି, ଅରଣ୍ୟ ଭିତରର ଏଇ ପରିତ୍ୟକ୍ତ ବାଂଲୋ ଅଭିମୁଖେ ଜିପ୍ ଚାଲିଥିଲା । ଆହତ ପ୍ରଜାପତିଟିଏ ଚକାତଳେ ଚାପା ପଡ଼ି ଯାଆନ୍ତେ ମିସେସ୍ ମିଟି ଚିତ୍କାର କଲେ, "ଇଃ, ବଡ଼ କରୁଣା ହୁଏ ଯେ !" ମାଖନ୍ ଭଳି ଚହଟ, ତରଳ କାରୁଣ୍ୟ ଯେମିତି ଧାର ଧାର ବହି ଆସିବ, ସିମିତ ତାଙ୍କ ମୁହଁର ରେଖାସବୁର ସାବଲୀଳ କୁଞ୍ଚନ । ସେଇ ଗଳିତ କାରୁଣ୍ୟକୁ ଚଟାପଟ ଚାଟି ନେବାକୁ ଉଦ୍ୟତ ହେଲା ଭଳି ମି. ଚାକୋଡ଼ି ତାଙ୍କର ବାଘ ନିଶ ମଣ୍ଡିତ ଅତିକାୟ ମୁହଁ ମିସେସ୍ ମିଟିଙ୍କର ଖୁବ୍ ନିକଟକୁ ଆଣି କହିଲେ, "ଛିଃ ! ଏଡ଼େ କୋମଳ ହେଲେ ଚଳିବ ?" ମିସେସ୍ ଚାକୋଡ଼ି ଯେମିତି ଗୋଟାଏ ଦୁର୍ଗନ୍ଧରେ ଆକ୍ରାନ୍ତ ହୋଇଛନ୍ତି, ସେମିତି ନାସିକା କୁଞ୍ଚନ କରି କହିଲେ, "ମିଟି ସାହେବଙ୍କ ଭଳି ସ୍ୱାମୀ ତୁଳନାରେ ଟିକିଏ ମାତ୍ରାଧିକ କୋମଳ ।" ମିସେସ୍ ଚାକୋଡ଼ି ଯେତେବେଳେ ପ୍ରତି ଅକ୍ଷର ଉପରେ ଜୋର୍‌ଦେଇ ଆପାତ ନିରୀହ ଶ୍ରୁତ କଣ୍ଠରେ ଶବ୍ଦମାନ ଉଚ୍ଚାରଣ କରନ୍ତି, ସେତେବେଳେ ତାଙ୍କର ଗୋଟାଏ ଆଖି ନିୟମିତ ବନ୍ଦ ହୋଇଯାଏ । ଅଦୃଶ୍ୟ ବିଷ ଚହଟିଯାଏ ବାତାବରଣରେ;

ସ୍ୱୟଂ ଭୂଜଙ୍ଗ ସେଥିରେ ମ୍ରିୟମାଣ ହୋଇପଡ଼ିବ । ତେବେ ସେ ବିଷର ଅତିରିକ୍ତ ସେବନରେ ପରିପୃକ୍ତ ମି: ଚାକୋଡ଼ିଙ୍କର ଭାବାନ୍ତର ଘଟିଲା ନାହିଁ ।

ଆମ୍ଭଭୁଲା ଅବସ୍ଥାରୁ ଏଥର ଯେ ମି. ମିଟିଙ୍କ କଥାର ଗାଡ଼ି ଛୁଟିବ, ତା'ର ସିଗ୍‌ନ୍ୟାଲ୍ ଡାଉନ ହେଲା । ତଦର୍ଥ, ବିପୁଳ ଚୁରୁଟ୍‌ଟିକୁ ସେ ହାତରେ ନ ଛୁଇଁ ମୁହଁର ଗୋଟାଏ କୋଣକୁ ନେଇ ଆସି ଟପ୍‌କିନା ତଳକୁ କରିଦେଲେ । ସେ ହେଲେ ଉର୍ଦ୍ଧ୍ୱନେତ୍ର ଏବଂ ତାଙ୍କ ବଦନରେ ଖେଳିଗଲା ଏକଜାତୀୟ "କହିବ ? ତମେମାନେ କ'ଣ ବୁଝିପାରିବ ?" ଭାବାର୍ଥସୂଚକ ସୂକ୍ଷ୍ମ ହସ । ସେ ଯେ ସାମାନ୍ୟ କଥା କିଛି କହିବାକୁ ଯାଉନାହାନ୍ତି, ଏସବୁ ତା'ର ଚେତାବନୀ । କେହି ବ୍ୟକ୍ତିବିଶେଷ ଉପରେ ନିବଦ୍ଧ ନ କରି ସଭିଙ୍କ ମଝିରେ ଶୂନ୍ୟଟାରେ ନିଜର ଦୃଷ୍ଟିକୁ ଝୁଲାଇ ରଖି ସେ କହିଲେ-

ମିସେସ୍ ଚାକୋଡ଼ି ? ଏଇ ନାରୀସୁଲଭ କୋମଳତା ଚିଜଟା ମୋ ପାଇଁ ବଡ଼ ରହସ୍ୟମୟ । ମୁଁ କିଛି ବୁଝେନା- ବୁଝିଲେ ? ବୁଝେ ନା । ତେବେ, ସତକଥା କହିଲେ, ଆପଣଙ୍କର ମିସେସ୍ ମିଟିଙ୍କ ପାଖରେ କିଛି ଗୋଟାଏ ଅଛି, ଯେଉଁଟାକୁ ମୁଁ ଭୟଙ୍କର ଭଲପାଏ । ହଁ, ସତକଥା କହିଲେ, ଯୁଦ୍ଧ କ୍ଷେତ୍ରରେ ଶତ୍ରୁକୁ ଖତମ୍ କରିବା ଠାରୁ ବଳି ଭଲପାଏ । ହୁଃ, ହୁଃ, ୟାଃ, ସତ କଥା ।"

"ଚୁପ୍‌କର, ଟିକି ହେଟା" ମିସେସ୍ ମିଟି ଆପତ୍ତି ଜଣାଇ ମୁହଁ ଉପରେ ରୁମାଲ୍ ଓ ରୁମାଲ୍ ଉପରେ ମୁହଁ ବିଞ୍ଚିହେବାକୁ ଲାଗିଲେ ।

ମିସେସ୍ ମିଟି ଆହୁରି କିଛି ସମୟ ପର୍ଯ୍ୟନ୍ତ ସେଇଭଳି କୋମଳମତି ବାଳିକାଟିଏ ହୋଇ ରହିଲେ- ମିସେସ୍ ଚାକୋଡ଼ିଙ୍କ ପ୍ରବଳ ଅନ୍ତର୍ଦାହ ସତ୍ତ୍ୱେ । ତା'ପରେ ହଠାତ୍ ଏକ ମୁହୂର୍ତ୍ତରେ ତାଙ୍କର ବିଚରଣଶୀଳ ଦୃଷ୍ଟି ଉତ୍ତେଜନାରେ ଟଗ୍‌ବଗ୍ ଫୁଟି ଉଠିଲା ଯେମିତି ।

"ୟୋ ଡ୍ରାଇଭର !ଥାମ୍"

ରାସ୍ତାର ବାମକୁ ଏକ ଅର୍ଦ୍ଧ ବୃତ୍ତାକାର ପରିସର । ତା'ର ତିନି କଡ଼ ବୁଲିଛି ଅନୁଚ୍ଚ ପାହାଡ଼ ।

ଜିପ୍ ରହିଗଲା । ପ୍ରଜାପତିଟିଏ ଉଡ଼ିଗଲେ ପବନରେ ଯେତିକି ତରଙ୍ଗ ହୁଏ, ସେଥିରେ ବି ଚହଲି ଯିବାରେ ଅଭ୍ୟସ୍ତା ମିସେସ୍ ମିଟି, କିନ୍ତୁ ଆକସ୍ମିକ ବ୍ରେକ୍ ଘଟିତ ଜାର୍କିଂରେ ନିସ୍ପନ୍ଦ ହୋଇ ରହିପାରିଲେ । ପ୍ରାୟତଃ ଏକଚକ୍ଷୁ ମିସେସ୍ ଚାକୋଡିଙ୍କର ଉଭୟ ଆଖି ଅଭାବନୀୟ ସ୍ଫୀତ ଦେଖାଗଲା । ମିଟି ସାହେବଙ୍କ ଆମ୍ଭଭୁଲା ଭାବ ଅନ୍ତର୍ହିତ ହୋଇଯାଇଥିଲା ।

ପାହାଡ଼ ତଳେ ସେହି ଅର୍ଦ୍ଧବଳୟ ଭିତରେ ହରିଣଟାଏ । କଳାହାଣ୍ଡିଆ ମେଘ ଭଳି ମୁଗୁନି ଦେହରେ ଝଲକାଏ ବିଦ୍ୟୁତ ଯେମିତି ଲାଖି ହୋଇ ରହିଯାଇଛି ।

ଜଡ଼ାମଞ୍ଜି ଫାଟିଲା ଭଳି ସଭିଏଁ ଜିପ୍ ଭିତରୁ ଛିଟିକି ପଡ଼ିଲେ । ବୁଦାକୁ ବୁଦା ଛୁଇଁ ହରିଣ ବାଟୁଳି ଭଳି ଛୁଟୁଛି, ଏକ, ଦୁଇ, ତିନି, ପୁଣି ତିନି, ଦୁଇ, ଏକ । ସେ ଏକ ହିଁ ଗତିର ପୁନରାବୃତ୍ତି କରୁଛି । ତିନି ଦିଗରେ ପଥରୋଧ କରିଛି ପାହାଡ଼ । ଏକମାତ୍ର

ଖୋଲା ଦିଗଟିକୁ ଆବୋରି ରହିଛନ୍ତି ଛଅଜଣ । ସେମାନଙ୍କ ହାତରେ ପାଞ୍ଚଗୋଟି ବନ୍ଧୁକ । ମିସେସ୍ ଚାକୋଡ଼ିଙ୍କ ହାତରେ ବନ୍ଧୁକ ନାହିଁ । ହେଲେ, ତାଙ୍କ ଆଖି ଯେମିତି ଦୁଇଟି ଜ୍ୱଳନ୍ତ ବୁଲେଟ୍‌ରେ ପରିଣତ ହୋଇଥିଲା ।

ମିନିଟିଏ ଏପଟ ସେପଟ ହୋଇ ହରିଣ ଗୋଟାଏ ଦୁଃସାହସିକ ପଦକ୍ଷେପ ନେଲା । ସେ ଡ୍ରାଇଭର ଶ୍ୟାମଳେନ୍ଦୁର ଉଦ୍ୟତ ବନ୍ଧୁକ ଆଗ ଦେଇ ଅପର ପଟର ଗହନ ବୁଦାମାନ ଭିତରକୁ ଝପଟି ଚାଲିଗଲା ।

"ଶୁଟ୍!" ମିସେସ୍ ମିଟି ଚିଲେଇ ଉଠିଲେ ।

କିନ୍ତୁ ଶ୍ୟାମଳ ଟ୍ରିଗାର୍ ଟିପିଲା ନାହିଁ । ଅନ୍ୟ ଦିଗର ଶ୍ୟାମଳିମା ଭିତରେ ହରିଣଟି ଗୋଟିଏ ସୁନାର ଛୁରିକା ଭଳି ବିନ୍ଧିହୋଇ ଅଦୃଶ୍ୟ ହୋଇଗଲା ପରେ ସେ ବନ୍ଧୁକ ଅବନମିତ କଲା ।

ତା'ପରେ ପାଞ୍ଚ ଗୋଟି କ୍ରୋଧ ଥର ଥର ଦାବୀ ଆଗରେ ଶ୍ୟାମଳ କୈଫିୟତ୍ ଦେଲା, "ହାତ ଗଲା ନାହିଁ । ସେଇଟି ହରିଣୀ । ଗର୍ଭବତୀ ।"

ରୁମାଲରେ ମୁହଁରୁ ଶବ୍ଦଗୁଡ଼ାଏ ପୋଛି ଆଣିଲେ ମିସେସ୍ ମିଟି, "କେଡ଼େ ଆସ୍ପର୍ଦ୍ଧା । ପୁଣି ଅଶ୍ଳୀଳ କଥା ବି କହିପାରୁଛି ।" ସେ ପ୍ରାୟ କାନ୍ଦି ପକାଇବାକୁ ଯାଉଥିଲେ, କିନ୍ତୁ ମି: ଚାକୋଡ଼ି ତାଙ୍କୁ ଆଶ୍ୱାସନା ଦେଲେ, "ଆହା ! ଆପଣ ପୁଣି ସେମିତି କୋମଳ ହେଲେ ମାଡାମ୍ । ପରବର୍ତ୍ତୀ ଚାନ୍‌ସରେ ଆପଣ ନିଜେ ଗୁଳି କରିବେ । ହେଲା ? ବନ୍ଧୁକଟି କୋଳରେ ଧରିଥାନ୍ତୁ ।"

ଏଥର ମିସେସ୍ ମିଟି ଡ୍ରାଇଭର ଶ୍ୟାମଳ ପାଖରେ ବସିଲେ । ସେଇ ଉଦ୍ଧତ ଯୁବକ ବାକି ପାଞ୍ଚ ଜଣଙ୍କ ବେଦନା ଓ ଆବେଗ ପ୍ରତି ଟିକିଏ ବି ଭ୍ରୂକ୍ଷେପ କଲା ଭଳି ମନେ ହେଉ ନ ଥିଲା । ତା'ର କାରଣ, ତା'ର ଖାଉନ୍ଦ ରାଜାସାହେବଟି ତା'ର ଅନ୍ତର୍ଭ୍ରାତା; ପରଲୋକଗତ ବୁଢ଼ା ରାଜାଙ୍କର ବହୁ ସନ୍ତାନଙ୍କ ଭିତରୁ ଶ୍ୟାମଳ ଜଣେ । ଅବଶ୍ୟ ତା'ର ଜନନୀ ରାଜାଙ୍କର ସ୍ୱୀକୃତିପ୍ରାପ୍ତା ରକ୍ଷିତାବର୍ଗଙ୍କ ଅନ୍ତର୍ଭୁକ୍ତ ହୋଇ ନ ଥିବା ଯୋଗୁଁ ତା'ର ଆସନ ଥିଲା ବହୁତ ନ୍ୟୂନ ।

ସର୍ବଦା ଟିକିଏ ବିମର୍ଷ, ଅଥଚ ସୁଦର୍ଶନ, ବିଚକ୍ଷଣ ଶିକାରୀ ଶ୍ୟାମଳ ବୁଢ଼ା ରାଜାଙ୍କ ଚେହେରାର ସମସ୍ତ ଆଭିଜାତ୍ୟ ବହନ କରୁଥିଲା । ଅଥଚ ବୁଢ଼ା ରାଜାଙ୍କ ଉତ୍ତରାଧିକାରୀ ରାଜାସାହେବ ଖୋଦ୍ ଥିଲେ ବିଶେଷତ୍ୱହୀନ ଜୀବଟାଏ । ଜୀବନଶକ୍ତିର ଅର୍ବାଚୀନ ଓ ଅନର୍ଗଳ ବ୍ୟୟ ତାଙ୍କୁ ବହୁ ଦିନରୁ ଏକ ବିକଳ, ଅକ୍ଷମ ବୁଭୁକ୍ଷୁରେ ପରିଣତ କରିଥିଲା । ଏଣିକି କେବଳ ନାରୀମାନଙ୍କ ଗହଣରେ ଯେତେ ଦୀର୍ଘ ସମୟ ସମ୍ଭବ କଟାଇ ସେମାନଙ୍କ ଘ୍ରାଣ ନେବା ହିଁ ଥିଲା ତାଙ୍କର ଏକମାତ୍ର ବିଳାସ । ମୁଖ୍ୟତଃ ସେଇ ଲୋଭରେ ସେ ବହୁଦିନରୁ ବର୍ଜିତ ତାଙ୍କର ଆରଣ୍ୟକ ନିବାସକୁ ସମ୍ପ୍ରତି ବାସଯୋଗ୍ୟ କରି ସେଠାକୁ ଏହି ଅଭିଯାନର ବ୍ୟବସ୍ଥା କରିଥିଲେ ।

ବାଂଲୋରେ ପହଞ୍ଚିବା ପର୍ଯ୍ୟନ୍ତ ରାଜାସାହେବ ପ୍ରତି ପାଞ୍ଚ ମିନିଟରେ ଶ୍ୟାମଳର

ବୋକାମୀ କଥା ସ୍ମରଣ କରି ତାକୁ ଅଭିଶାପ ଦେଉଥାନ୍ତି । ଶ୍ୟାମଳ ନିର୍ବିବାଦରେ ଗାଡ଼ି ଚଲାଉଥାଏ ।

ଅପରାହ୍ନରେ ବାଂଲୋରେ ପହଞ୍ଚି କିଛି ହାଲୁକା ପାନାହାର ପରେ ସେମାନେ ଶିକାରକୁ ବାହାରିଗଲେ । ଶ୍ୟାମଳ କିନ୍ତୁ ଯିବାକୁ ମଙ୍ଗିଲା ନାହିଁ । କିଛି ସମୟ ହାଉଁମାଉଁ ଗର୍ଜି ରାଜାସାହେବ ଚୁପ୍ ହେଲେ । ସେଇ ହରିଣୀଜନିତ ବ୍ୟର୍ଥତାର ଶୋକରେ ସେ ଯାବତ୍ ମୁହ୍ୟମାନା ମିସେସ୍ ମିଟି ବି ବାଂଲୋରେ ରହିଲେ ।

ମିସେସ୍ ଚାକୋଡ଼ି ମିସେସ୍ ମିଟିଙ୍କ ଆଡ଼କୁ ତିର୍ଯ୍ୟକ୍ ଦୃଷ୍ଟିନିକ୍ଷେପ କଲେ । କିନ୍ତୁ ମିସେସ୍ ମିଟି ଜାଣିଥିଲେ, ମିଟି ସାହେବଙ୍କ ଆରଣ୍ୟକ ସାନ୍ନିଧ୍ୟର ଲୋଭ ଛାଡ଼ି ରହିଯାଇ ପାରିବେ ନାହିଁ ମିସେସ୍ ଚାକୋଡ଼ି । ବୁଦ୍ଧୁବର ମି: ଚାକୋଡ଼ିଙ୍କ ଉପସ୍ଥିତ ସତ୍ତ୍ୱେ ଅରଣ୍ୟ ଭିତରେ ବହୁ ଭାଗବତ ଆଦାନ ପ୍ରଦାନର ସୁଯୋଗ ପାଇବେ ମି: ମିଟି ଓ ମିସେସ୍ ଚାକୋଡ଼ି ।

ସନ୍ଧ୍ୟା ଆଗତ ପ୍ରାୟ ।

ଭୌତିକ ନୀରବତା- ମଧ୍ୟେ ମଧ୍ୟେ ଏକ ଅଜଣା ଶବ୍ଦ । ଭୟ, କୌତୂହଳ ଓ ଏକ ଦୁର୍ବାର ଲିପ୍ସାର ସମାବେଶରେ ମିସେସ୍ ମିଟି ଅନନୁଭୂତପୂର୍ବ ଶିହରଣରେ ଥରି ଉଠିଲେ । ତା'ପରେ ଏକୁଟିଆ କିଛି ସୁରାପାନ କରିବାର ଅବ୍ୟବହିତ ପରେ ହଠାତ୍ ତାଙ୍କର ଅହଂ ଶ୍ୟାମଳର ନିରାସକ୍ତ ଉଦ୍ଧତ ବିମର୍ଷତା ବିରୁଦ୍ଧରେ ବିଦ୍ରୋହ କରିଉଠିଲା ।

ଏତିକିବେଳେ ଦୂରାନ୍ତରେ ଶୁଭିଲା ଏକ ଗର୍ଜନ ।

"ଏ ଶବ୍ଦ କାହାର ହୋଇପାରେ ?" ମିସେସ୍ ମିଟି ଶ୍ୟାମଳକୁ ପଚାରିଲେ ।

"ବାଘର, ମାଡାମ୍" ଶ୍ୟାମଳ କହିଲା ।

ମିସେସ୍ ମିଟି ଡେଇଁପଡ଼ି ଛିଡ଼ା ହେଲେ ଓ ବାରଣ୍ଡାରୁ ଭିତରକୁ ପଳାଇବା ଅବସରରେ ପୂରା ଶାସ୍ତ୍ରୀୟ ରୀତିରେ ପଡ଼ି ତଳେ ଲୋଟିଗଲେ ଓ ଶ୍ୟାମଳ ଆସିବା ପର୍ଯ୍ୟନ୍ତ ଉଠିବାର ଉଦ୍ୟମ କଲେ ନାହିଁ । ଆଉ ଯେତେବେଳେ ଶ୍ୟାମଳ ଆସିଲା, ସେତେବେଳେ ଶ୍ୟାମଳ ତାଙ୍କୁ ପୂରା ତୋଳି ଧରିବାର ସୁଯୋଗ ପାଇବା ପାଇଁ ଯେତିକି ପ୍ରୟୋଜନ ସେ ସେତିକି ମାତ୍ର ଉଠିଲେ ।

ତତ୍ପରେ ଦୁର୍ଘଟଣା ସମ୍ପର୍କରେ କିଛି ଉଚ୍ଚବାଚ ନ କରି ସେ ଗୋଟାଏ ମାରାତ୍ମକ ହସ ଫୁଟାଇ କହିଲେ, "ତୁମେ ଜଣେ ଓସ୍ତାଦ୍ ଶିକାରୀ, ନୁହେଁ ଶ୍ୟାମଳ ?"

ଶ୍ୟାମଳ ବୁଝିଲା । ମିସେସ୍ ମିଟି ତାଙ୍କୁ କୋଡ଼ିଏ ବର୍ଷ ତଳର ଖେଳସାଥୀଟିଏ ଭଳି ଲାଗିଲେ, ଯିଏ କି ସହଜ ଭାବରେ ଗୋଟାଏ ଖେଳର କୌଶଳ ଶିଖାଇ ଦେଉଛି ମାତ୍ର ।

ଶ୍ୟାମଳ ସୁବୋଧ ବାଳକ ଭଳି ବ୍ୟବହାର କଲା । ତା' ମୁହଁରୁ ସେଇ ଈଷତ୍ ବିଦ୍ରୂପ ମିଶ୍ରିତ ବିଷଣ୍ଣ ହସ କିନ୍ତୁ ଲିଭିଲା ନାହିଁ । ସେଇ ନୀରବ ହସ ମିସେସ୍ ମିଟିଙ୍କୁ କେବଳ ଯେ ଜୟଲାଭର ତୃପ୍ତିରୁ ବଞ୍ଚିତ କଲା ତାହା ନୁହେଁ, ତାଙ୍କ ମନରେ ଛାଇଗଲା

ତୀବ୍ର ଅପମାନ ଓ ପରାଭବର ଅନ୍ଧକାର ।

ରାଜାସାହେବ ଓ ଅନ୍ୟ ତିନିଜଣ ଅରଣ୍ୟ ଭିତରୁ ଫେରିବାବେଳକୁ ଅନ୍ଧକାର ବହଳ ହେଇଆସିଲାଣି । ମିସେସ୍ ମିଟିଙ୍କ କ୍ଲାନ୍ତନିଦ୍ରା ତୁଟିଗଲା । କବାଟ ଖୋଲିବା ମାତ୍ରେ ପ୍ରଥମେ ତାଙ୍କ ଆଖି ପଡ଼ିଲା ମିସେସ୍ ଚାକୋଡ଼ିଙ୍କ ଆଖିରେ । ମିସେସ୍ ଚାକୋଡ଼ି ଯେ ବହୁତ କିଛି କଳ୍ପନା କରିସାରିଥିଲେ, ତାହା ବୁଝିବାକୁ ତାଙ୍କର ବିଳମ୍ବ ହେଲା ନାହିଁ । ଯଥାଶୀଘ୍ର କୋଠରୀର ଗୋଟାଏ କୋଣରେ ଚଟାଣ ଉପରେ ଶୋଇପଡ଼ିଥିବା ଶ୍ୟାମଳ ଉପରେ ମିସେସ୍ ଚାକୋଡ଼ିଙ୍କ ଦୃଷ୍ଟି ନିବଦ୍ଧ ହେଲା । ସେ ଦୃଷ୍ଟି ଭୟାବହ । ସେଥିରେ ସୁସ୍ପଷ୍ଟ ଭାବରେ ଫୁଟି ଉଠିଥିଲା ସେ କେଡ଼େ ଶୋଚନୀୟ ଓ ପ୍ରତାରିତ ଅନୁଭବ କରୁଥିଲେ ।

"ଡାର୍ଲିଂ ! ତୁମକୁ ଏକୁଟିଆ ଛାଡ଼ିଯାଇଥିବା ହେତୁ ମିସେସ୍ ଚାକୋଡ଼ି ଏଡ଼େ ଅଶାନ୍ତ ହେଉଥାନ୍ତି ଯେ ସେ କଥା କ'ଣ ଆଉ କହିବା ! ଆଶାକରେ ତମର କିଛି ଅସୁବିଧା ହୋଇନାହିଁ ।" କହିଲେ ମି: ମିଟି ।

ସେତେବେଳେ ଯାଏ ସୁରା, ନିଦ୍ରା, ଅନ୍ଧକାର ଓ ସେହି ଭୌତିକ ନିସ୍ତବ୍ଧତାର ଏକାକାଳୀନ ବିଚିତ୍ର ପ୍ରଭାବରୁ ପୁରା ମୁକ୍ତ ହୋଇ ନ ଥିଲେ ମିସେସ୍ ମିଟି, ଅଥଚ ମିସେସ୍ ଚାକୋଡ଼ିଙ୍କର କଳ୍ପନାକୁ ତଥା ଯେଉଁ ବିଦ୍ରୂପଭରା ଅହସ୍ୟ ହସର ଆଭାସ ସେ ଯାଏ ଶ୍ୟାମଳ ମୁହଁରେ ଲାଖି ରହିଥିବ ବୋଲି ସେ ଆଶଙ୍କା କରୁଥିଲେ, ତାକୁ ଏକକାଳୀନ ନିଶ୍ଚିହ୍ନ କରିଦେବାର ସଂକଳ୍ପ ନେଇ ସେ ମିଟିଙ୍କ ବେଲ୍ଟ ଧରି, ତାଙ୍କୁ କୋଠରୀ ଭିତରକୁ ଟାଣି ନେଇ, ହଠାତ୍ କୋହାଦ୍‌ଗତ କଣ୍ଠରେ କହିଉଠିଲେ, ଜାଣ... ଜାଣ... ସେଇ ଜାନୁଆର୍‌କୁ ମୁଁ ଚଢ଼ାଇଲି ଗୋଟାଏ ପ୍ରଚଣ୍ଡ ଥାପଡ଼ା ।"

"ଶ୍ୟାମଳ କଥା କହୁଛ ?"

"ଆଉ କ'ଣ ! ଲୋକଟା କି ପ୍ରଚଣ୍ଡ ସୈତାନ ।"

କେତେ ମୁହୂର୍ତ୍ତ ପାଇଁ ତହିଁ ବିରାଜ କଲା ଶ୍ମଶାନର ନୀରବତା ।

ଆଜୀବନ ଶ୍ୟାମଳ ବିରୁଦ୍ଧରେ ହେତୁହୀନ ଅଭିଯୋଗ ପୋଷଣ କରି ଆସିଥିବା ରାଜାସାହେବ ନିଦ୍ରିତ ଶ୍ୟାମଳ ଆଡ଼କୁ ମାଡ଼ିଗଲେ, କିନ୍ତୁ ତା'ପରେ କ'ଣ କରିବେ ଠଉରାଇ ନ ପାରି ସେଠାରେ ଛିଡ଼ା ହୋଇ କେବଳ ଫଁ ଫଁ ହେଲେ ଓ ଝାଳ ପୋଛିବାକୁ ଲାଗିଲେ ।

ବଜ୍ରାହତ ଭଳି ଛିଡ଼ା ହୋଇଥିଲେ ମି: ଚାକୋଡ଼ି ଓ ମିଟି, କିନ୍ତୁ ସେହି କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥା ଭାଙ୍ଗି ଦେଲେ ମିସେସ୍ ଚାକୋଡ଼ି । ସେ ହଠାତ୍ କାନ୍ଦି ପକାଇ ଶ୍ୟାମଳ ଆଡ଼କୁ ଦୌଡ଼ିଗଲେ ଓ ତା' ଦେହରେ ଏକ ପ୍ରଚଣ୍ଡ ପଦାଘାତ କଲେ ।

ଶ୍ୟାମଳର ବିହ୍ୱଳ ଆଖି ବଡ଼ ବଡ଼ କରି ଛିଡ଼ା ହୋଇ ପଡ଼ିଲା । ତେବେ ବେଶି ସମୟ ପାଇଁ ନୁହେଁ । ମିସେସ୍ ମିଟିଙ୍କୁ ଛାଡ଼ି ଆଉ ସମସ୍ତେ ମିସେସ୍ ଚାକୋଡ଼ିଙ୍କ ପଦାଙ୍କ ଅନୁସରଣ କରି ତାକୁ ବାଡ଼େଇବାକୁ ଲାଗିଲେ । ମିସେସ୍ ମିଟିଙ୍କ ପାଗଳପ୍ରାୟ ଅଟ୍ଟହାସ୍ୟ ଭିତରେ ସେ ଚେତା ହରାଇଲା ।

ତା'ର ରକ୍ତାକ୍ତ ନିଃସାଡ଼ ଦେହକୁ ସେମାନେ ଘୋଷାଡ଼ି ନେଇଗଲେ ପାର୍ଶ୍ୱବର୍ତ୍ତୀ ଛୋଟ କୋଠରି ଭିତରକୁ, ଯେଉଁଠି ସଦ୍ୟ ଶିକାରରୁ ଆଣିଥିବା ଗୋଟାଏ ଅର୍ଦ୍ଧମୃତ ରକ୍ତାକ୍ତ ବାରହାକୁ ସେମାନେ ପକାଇ ରଖିଥିଲେ ।

କେତୋଟି ମିନିଟ୍ ଭିତରେ ଏ ସବୁ ସମାଧାନ ହେଲା । ତହିଁ ଉତ୍ତାରୁ ସେମାନେ ବସିପଡ଼ି ଧସେଇ ହେବାକୁ ଲାଗିଲେ ।

ଚୌକିଦାରକୁ ତତ୍‌ପରେ ସେଠାରୁ ବିଦାୟ କରି ଦିଆହେଲା ଖୁବ୍ ସକାଳେ ହାଜର ହେବାକୁ ନିର୍ଦ୍ଦେଶ ଦେଇ ।

ଭିତର ପଟରୁ ଉତ୍ତମ ରୂପେ ଦ୍ୱାର ଓ ଝରକାମାନ ବନ୍ଦ କରାଗଲା । ପଛପଟରେ ପ୍ରାଚୀର ବଳୟିତ କିଚେନ୍ ଗାର୍ଡ଼ନରେ ନିଆଁ କୁଣ୍ଡ ପ୍ରସ୍ତୁତ କରାହେଲା । ତାକୁ ଘେରି ବସି ସେମାନେ ପିଇବାକୁ ଆରମ୍ଭ କଲେ । ଯେତେବେଳେ ନିଆଁ ଦାଉ ଦାଉ ଜଳିଲା, ସେତେବେଳେ ସେମାନେ ବାରହାକୁ ଘୋଷାରି ନେଇଆସି ସେଥିରେ ନିକ୍ଷେପ କଲେ ଓ ତା' ଦେହରୁ ଚେକା ଚେକା ମାଂସ କାଟିଆଣି ଖାଉଁ ଖାଉଁ ଗୀତ ବୋଲିଲେ ଓ ନାଚିଲେ ।

ରାତି ଗଭୀର ହେବା ଯାଏ ।

(ତିନି)

ପୁଣି ଏକ ଧକ୍‌କା । ମିସେସ୍ ମିଟି ଉଠି ବସି ଝରକା ଖୋଲି ବାହାରକୁ ଚାହିଁଲେ । ଏ ଯାଏ ଅନ୍ଧକାର ଅଛି ।

ହଠାତ୍ ସେହି ଅନ୍ଧକାର ଭିତରୁ ତାଙ୍କ ଉପରକୁ ମାଡ଼ିଆସିଲା ଏକ ଶୀତଳ ଆତଙ୍କ । କ୍ରମେ ତାଙ୍କ ସାରା ଦେହ ଭିତରେ ତାହା ସଂକ୍ରମିତ ହେଲା । ରକ୍ତରେ ଭରପର ହୋଇ ବଳକାତକ ଯେମିତି ବିନ୍ଦୁ ବିନ୍ଦୁ ଘର୍ମ ରୂପେ ବାହାରି ଆସିଲା ।

ସେ ଅନ୍ୟମାନଙ୍କୁ ଡାକିଲେ । ଚୌକିଦାର ବୁଝିଲା, ସେମାନେ ଉଠିଲେଣି, ତେଣିକି ସେ କବାଟ ବାଡ଼େଇବାରୁ କ୍ଷାନ୍ତ ହେଲା ।

ରାଜାସାହେବ କହିଲେ, "ସୁପ୍ରଭାତ, ବନ୍ଧୁଗଣ ! ଚାହା ପ୍ରସ୍ତୁତ କରାଯାଉ, ନା କ'ଣ ? ମୁଁ ଦେଖେଁ, ସେ ବଜାତ୍ ଶ୍ୟାମଳ କ'ଣ କରୁଛି ।"

ଶ୍ୟାମଳ ବନ୍ଦୀ ଥିବା କୋଠରି ଆଡ଼କୁ ରାଜାସାହେବ ପାଦ ବଢ଼ାଇଲେ ।

"ଯାଅ ନା !" ମିସେସ୍ ମିଟି ଚିତ୍କାର କରି ରାଜାସାହେବଙ୍କୁ ଅଟକାଇଲେ । ହତଚକିତ ରାଜା କୌଣସି ପ୍ରକାରେ କହିଲେ "କି...କି...କିନ୍ତୁ.... କା...କାହିଁକି ?"

ମିସେସ୍ ମିଟି କହିଲେ, "ଜାଣେ ନା, କିନ୍ତୁ ଧର, କୋଠରି ଭିତରେ ଶ୍ୟାମଳ ବଦଳରେ ଯଦି ବାରହାକୁ ଦେଖ ?"

"କିନ୍ତୁ ଆମେ ତ ଗତ ରାତିରେ ବାରହାକୁ ସିଝାଇ ଖାଇଲୁ, ନୁହେଁ ?"

"ଧର ଯଦି କୋଠରି ଭିତରେ ଶ୍ୟାମଳ ବଦଳରେ ବାର୍‌ହାକୁ ଦେଖ ?"

ଦୀର୍ଘ ସମୟ ଧରି ବିରାଜ କଲା ଏକ ମୃତ୍ୟୁ-ଶୀତଳ ସ୍ତବ୍‌ଧତା । ତା'ପରେ ଜଣେ କିଏ କହିଲେ, "କିଚେନ୍ ଗାର୍ଡ଼ନକୁ ଯାଇ ଦେଖିବା ଚାଲ । ବାର୍‌ହାର ବହୁ ଅଂଶ ନିଶ୍ଚେ ଏବେ ବି ସେଠାରେ ପଡ଼ିଛି ।"

"ଦ୍ୱାହି, ଦ୍ୱାହି ! କଦାପି ନୁହେଁ ।" ଉଭୟ ମିସେସ୍ ମିଟି ଓ ମିସେସ୍ ଚାକୋଡ଼ି ଚିତ୍କାର କଲେ, "ସେଠାରେ ଯାହା ପଡ଼ିଥିବ, ତାହା ଯଦି ବାର୍‌ହାର ହୋଇ ନ ଥିବ ?"

ପୁଣି ମୃତ୍ୟୁ-ଶୀତଳ ସ୍ତବ୍‌ଧତା । ସଭିଏଁ ଦେଖୁଥିଲେ, ସଭିଏଁ ଥରୁଛନ୍ତି ।

ଦୁଇ ଘଣ୍ଟା ପରେ । ମି: ମିଟି ଜିପ୍ ଚଳାଉଥିଲେ । କେତୋଟି ବାଲି ବସ୍ତା ଭଳି ଅନ୍ୟମାନେ ନିଷ୍ପ୍ରାଣ ହୋଇ ବସିଥିଲେ ।

ରାଜାସାହେବ ହସିବାର ଚେଷ୍ଟା କରି କହିଲେ, "କେଡ଼େ ଅଦ୍ଭୁତ ତୁମର କଳ୍ପନା ବା ସ୍ୱପ୍ନ ମିସେସ୍ ମିଟି ! ଯାହା ହେଉନା କାହିଁକି, ତମେ ଆମ ରକ୍ତ ହିମ କରିଦେଲ । ତମେ ବାସ୍ତବିକ ଅଦ୍ଭୁତ ।"

ମିସେସ୍ ମିଟି ବା ଅନ୍ୟ କେହି କିଛି କହିଲେ ନାହିଁ । ତେଣୁ ରାଜାସାହେବ ପୁଣି କହିଲେ, "ମୁଁ ଅବଶ୍ୟ ମୋର ଓସ୍ତାଦ ଚୌକିଦାରକୁ ନିର୍ଦ୍ଦେଶ ଦେଇଛି- ଯଦି ବାସ୍ତବିକ ଆମେ ନିଶାଗ୍ରସ୍ତ ଅବସ୍ଥାରେ ଦୈବାତ୍ କିଛି ଭୁଲ କରିପକାଇଥିବା, ତେବେ କିଛି ଜଣା ନ ପଡ଼ିବା ପାଇଁ ଯଥାର୍ଥ ବ୍ୟବସ୍ଥା ସେ କରିବ, କିନ୍ତୁ ମୋର ତିଳେ ବି ସନ୍ଦେହ ନାହିଁ ଯେ ମିସେସ୍ ମିଟିଙ୍କ ଆଶଙ୍କା ଭୂତ ଭଳି ଅଳୀକ ।"

ମି: ଚାକୋଡ଼ି ଓ ମି: ମିଟି କହିଲେ, "ସେଥିରେ କ'ଣ ବା ସନ୍ଦେହ । ସେ କୋଠରି ନ ଫିଟାଇବା ବା କିଚେନ୍ ଗାର୍ଡନ ଭିତରକୁ ନ ଯିବା ଆମର ମୂଢ଼ତା ଛଡ଼ା ଆଉ କିଛି ନୁହେଁ ।"


"ଅବଶ୍ୟ ଭୂତ ଯେ ଅଳୀକ, ସେ ବିଷୟରେ ମୁଁ ନିଃସନ୍ଦେହ ନୁହେଁ । ସେ ବାଲୋଂରେ କେତୋଟି ଭୂତପ୍ରେତ ଅଛନ୍ତି ବୋଲି ଶୁଣାଯାଏ । ସେମାନେ ଅନେକ କିସମର ବିଭ୍ରାଟ କରନ୍ତି । ହୁଏତ ସେଇମାନେ ଆମ କଳ୍ପନାକୁ ନେଇ ଖେଳ ଖେଳି ଆମକୁ ମଧ୍ୟ ଗଧ ବନାଇ ଛାଡ଼ିଲେ ।" ରାଜାସାହେବ କହିଲେ ।

ମିସେସ୍ ମିଟି ହଠାତ୍ କାନ୍ଦିଲେ । ମିସେସ୍ ଚାକୋଡ଼ି ଅଟ୍ଟହାସ୍ୟ କରିବାକୁ ଲାଗିଲେ । ଅନ୍ୟମାନେ ପୁଣି ବାଲିବସ୍ତାବତ୍ ନିସ୍ତବ୍‌ଧ ହେଲେ ।

ଜିପ୍‌ର ନିର୍ଘୋଷ ତଳେ ଦୁଇ ଜଣଙ୍କର କୋହ ଓ ହସ ବାରମ୍ବାର ଦଳି ଚକଟି ହୋଇଯାଉଥିଲା ।

❐

ସୀମା ରେଖା



ସୁରେନ୍ଦ୍ର ମହାନ୍ତି

ଧନ ଉଡ଼ାଇ ଫତୁର ହେବା ଏକ ଆର୍ଟ ହୋଇପାରେ; କିନ୍ତୁ ଧନ ସଞ୍ଚୁ ଧନୀ ଲୋକ ହେବା- ଏକ ଦର୍ଶନ, ଜୀବନ ସମ୍ବନ୍ଧରେ ଏକ ଦୃଷ୍ଟିକୋଣ, ପୁଣି ତାକୁ ଦୈନନ୍ଦିନ ଜୀବନଚର୍ଯ୍ୟାରେ ପ୍ରୟୋଗ କରିବାର ଏକ ସାଧନ- ନାରାୟଣ ମହାପାତ୍ରେ ଏହାର ଏକ ବିଶିଷ୍ଟ ଉଦାହରଣ ।

ପିନ୍ଧାରେ ଅଧାମଇଳା ଖଣ୍ଡେ ମୋଟା ମିଲ୍ ଲୁଗା, ପାଦରେ ହଳେ ଘୋଡ଼ା ନାଲବସା ଚଟି, ହାତରେ ପ୍ରାୟ ପାଞ୍ଚସେର ଓଜନର ବୁଜୁଳାଟିଏ । ଦେହରେ ଖାକିକନାର ଖଣ୍ଡେ ହାଫ୍ କାମିଜ, ବାଁ କାଖ ତଳେ ଖଣ୍ଡେ ଛତା । ବୟସ ଅଠାବନ । କିନ୍ତୁ ଦେଖିଲେ ବୟସ କଳିଷ୍ଠା ମାଡ଼ିବାକୁ ବସିଲାଣି ବୋଲି ହଠାତ୍ ମନେ ହେବ ନାହିଁ । ପାଚିଲା

“ ମଧୁ ଶତପଥୀଙ୍କ ପଛରେ ଅନ୍ଧାରରେ କଷରା ହଡ଼ା ବଳଦଟିଏ ଠିଆ ହୋଇଛି । ତା' ବେକର ପଘା ମଧୁ ଶତପଥୀଙ୍କ ହାତରେ । ତେମ ମହାନ୍ତି ବଳଦ ଦେଖିବା ପାଇଁ ଲଣ୍ଠନଟିଏ ଧରି ପିଣ୍ଡାତଳକୁ ଓହ୍ଲାଇ ଆସିଲେ । ଆଲୁଅ ଦେଖି ବଳଦ ଦୁଇ କାନ ହଲାଇ ଏପାଖ ସେପାଖ ହେଲା । ଦୁଇ କୋରଡ଼ ଆଖି ତଳୁ ଦୁଇ ଧାର ଲୁହ ଶୁଖି ଦୁଇଟି କଳା ଗାର ପରି ଦିଶୁଛି । ମଧୁ ଶତପଥୀ ହାତରେ ଚାଷ କରିବା ପାଇଁ ପଟେ ବଳଦ କିଣି ଆଣିଛନ୍ତି । ”

ଆମ୍ଭପରି ଦେହ, ମୁହଁରେ ସାତଦିନର ଅକଟା ଦାଢ଼ି । ଆଖି ଦୁଇଟି ଜୀବନ ସଂଗ୍ରାମର ସମ୍ମୁଖୀନ ହେବା ପାଇଁ ଭୀରୁତାରେ ବିବ୍ରତ ବା ମଳିନ ନୁହେଁ । ନାକତଳେ ଦୁଇପଟ ପାଚିଲା ନିଶ, ମୁଣ୍ଡରେ ବାଳତକ ପାଚି ପାଚି ଆସୁଛି ।

ଷ୍ଟେସନ ମଟର ଷ୍ଟାଣ୍ଡରେ ଗୋଟିଏ ଚା' ଦୋକାନରେ ଖଣ୍ଡେ ବେଞ୍ଚ୍ ଉପରେ ବସି ନାରାୟଣ ଗୋଟିଏ କାଚ ଗ୍ଲାସ୍‌ରେ ଚା' ପିଉଥିଲେ । ବସ୍ ଛାଡ଼ିବାକୁ ଆଉରି ଘଣ୍ଟାଏ ଡେରି । ଘରେ ପହଞ୍ଚୁ ପହଞ୍ଚୁ କେଜାଣି ସଞ୍ଜ ହୋଇଯିବ ! ନାରାୟଣ ବଡ଼ ଚିନ୍ତିତ ଓ ଅବସନ୍ନ ଦିଶୁଥିଲେ । ଚା' ନିୟମିତ ଖାଇବା ତାଙ୍କର ଅଭ୍ୟାସ ନୁହେଁ ବା ସେ ଅମଳର ପ୍ରଶୟ ସେ କେବେ ଦେଇ ନାହାନ୍ତି । ଏବେ ହୁଏତ ମାନସିକ ଦୁଶ୍ଚିନ୍ତା ଓ ଦୈହିକ ଅବସାଦ ଦୂର କରିବା ପାଇଁ ଅଗତ୍ୟା ଚାରି ପଇସା ଦେଇ ଗିଲାସେ ଚା' କିଣି, ନାରାୟଣ ସେଥିରେ ଫୁଙ୍କା ଲଗାଇଛନ୍ତି ।

ନାରାୟଣ ମହାପାତ୍ର ଉଦ୍‌ଯୋଗୀ ପୁରୁଷ, ନିଜ ଶିଙ୍ଗରେ ମାଟି ତାଡ଼ି ଘର କରିଛନ୍ତି । ଜିଲ୍ଲା ଭେଟେନାରୀ ଅଫିସରେ ସେ କିରାନୀ ହୋଇ ଜୀବନ ଆରମ୍ଭ କରିଥିଲେ । ଆଜି ଅବଶ୍ୟ ଦରମା ସ୍କେଲ୍‌ଟା ଶୁଣି ସମସ୍ତେ ନାସିକା କୁଞ୍ଚନ କରିବେ; ମାତ୍ର ସେତେବେଳେ ନାରାୟଣଙ୍କର ଦରମା ସ୍କେଲ୍ ଥିଲା ଅନେକଙ୍କର ଈର୍ଷ୍ୟାର ବସ୍ତୁ । ୩୦-୧-୪୦-, ଇ:ବି: ୬୦, ଇ: ବି: ୩-୯୦ । ନାରାୟଣ ସିଧା ୩୦ ଟଙ୍କାରୁ ଆରମ୍ଭ କରି ପୂରା ପେନସନ୍‌ରେ ଗତ ଦୁଇବର୍ଷ ହେଲା ଚାକିରୀରୁ ଅବସର ନେଇଥିଲେ । ପୈତୃକ ସମ୍ପତ୍ତି ବୋଲି ତାଙ୍କର ଘରଡ଼ିହ ଖଣ୍ଡେ ଛଡ଼ା ଆଉ କିଛି ନ ଥିଲା । ଏଇ ଦରମାରେ ସେ ଦୁଇ ପୁଅଙ୍କୁ ପାଠ ପଢ଼ାଇ ମଣିଷ କରିଛନ୍ତି, ଝିଅଟିଏ ବିବାହ ଦେଇଛନ୍ତି । ଜମି ତିରିଶି ମାଣ କଣିଛନ୍ତି । ଗାଁରେ ଘରବାଡ଼ି କରିଛନ୍ତି । ପୁଅ ଦୁହେଁ ଚାକିରୀ କରନ୍ତି- ଜଣେ କଟକ ସେକ୍ରେଟେରୀୟେଟ୍‌ରେ ଆସିଷ୍ଟାଣ୍ଟ, ଆଉ ଜଣେ ଗୋଟିଏ ସବ୍‌ଡିଭିଜନର ସବ୍‌ଡେପୁଟି ମାଜିଷ୍ଟ୍ରେଟ । ତେଣୁ ନାରାୟଣ ମହାପାତ୍ର କିଆଝରି ଗାଁରେ ଯେ ଜଣେ ବିତ୍ତଶାଳୀ ବଡ଼ଲୋକ, ଏଥିରେ ସନ୍ଦେହ ନ ଥିଲା ।

କିନ୍ତୁ ଏଥିପାଇଁ କମ୍ କୃଚ୍ଛ ସାଧନା କରିବାକୁ ପଡ଼ିନାହିଁ । କଟକ ସହରରେ ମାସକୁ ଚାରି ଟଙ୍କା ଭଡ଼ାଘରେ ରହିଛନ୍ତି, ସ୍ତ୍ରୀ ନ ପାରିଲାବେଳକୁ ବାସନ ମାଜିବାଠାରୁ ଆରମ୍ଭ କରି ଦାଣ୍ଡ କୂଅରୁ ବାଲ୍‌ଟି ବାଲ୍‌ଟି ପାଣି ବୋହିଛନ୍ତି । ଅଧା ଜୀବନ କଟିଛି ଘର ଭିତରେ ଗାମୁଛା ପିନ୍ଧି । ନାରାୟଣ ମାର୍କେଟକୁ ପରିବା କିଣିବା ପାଇଁ ଗଲେ, ଚିହ୍ନା ବେପାରୀମାନେ ପରିବା ଥିଲେ ମନା କରିଦିଅନ୍ତି । କାରଣ ବାଇଗଣ ପାଏ କିଣି ସାରିବା ପରେ, ନାରାୟଣ ଲାଭ ନାଁରେ ଯେଉଁ ପୁଞ୍ଜାଏ ବାଇଗଣ ଚିଲ ଝାମ୍ପିଲା ପରି ଉଠାଇ ଆଣନ୍ତି, ତାର ଓଜନ ମଧ୍ୟ ପାଏକରୁ କମ୍ ନୁହଁ । କେବେ କେବେ ମାଛ କିଣିଲେ କେଉଟୁଣୀର ଚିତ୍କାର ଓ ନାରାୟଣଙ୍କ ଯୁକ୍ତିରେ ମାଛ ହାଟଟା ଚମକି ଉଠେ । ନାରାୟଣ

ଅଧଲା ଅଧଲା କରି ଟଙ୍କା ସଞ୍ଚିଥିଲେ । ହାତରେ ଶହେ ଦୁଇଶହ ଟଙ୍କା ଜମିଗଲେ ନାରାୟଣ ଶନିବାରିଆ ଦେଖି ଚାଲିଯାନ୍ତି- ଗାଁକୁ- ପନ୍ଦର ମାଇଲ ବାଟ ଚାଲି ଚାଲି । ପାଏ, ଗୁଣ୍ଠେ ଜମି ଯେଉଁଠି ଯାହା ମିଳିଲା ସଙ୍ଗେ ସଙ୍ଗେ କିଣି ପକାନ୍ତି । ଜମି ଛଡ଼ା ଅନ୍ୟ କୌଣସି ଧନ ସମ୍ପଦରେ ନାରାୟଣଙ୍କର ବିଶ୍ୱାସ ନ ଥିଲା । ଜମି ପ୍ରତି ତାଙ୍କର ଥିଲା କିପରି ଏକ ପ୍ରାଗୈତିହାସିକ କ୍ଷୁଧା ।

ଝ' ଗ୍ଲାସରୁ ଝ' ସରିଗଲା । ବସ୍ ଡ୍ରାଇଭର ଦୁଇଜଣ ସିଗାରେଟ୍ ଟାଣି ଟାଣି ନାରାୟଣଙ୍କ ସାମନାରେ ଆଉ ଖଣ୍ଡେ ବେଞ୍ଚ ଉପରେ ବସି ପଡ଼ିଲେ । ସେମାନଙ୍କ ପିନ୍ଧାରେ ଫୁଲପ୍ୟାଣ୍ଟ୍, ଯୋତା ଆଉ ବେକ ଉପରକୁ କାଲ୍‌ର ଟେକା କାମିଜ୍; ପୁଣି ଓଠରେ ସିଗାରେଟ୍‌ରୁ କୁଣ୍ଡଳେଇ ବାହାରୁଥିବା ଧୂଆଁ ଦେଖି ବସ୍ କେତେବେଳେ ଛାଡ଼ିବ ବୋଲି ପଚାରିବା ପାଇଁ ନାରାୟଣଙ୍କର ସାହସ ହେଲା ନାହିଁ । ନାରାୟଣ ମନେ ମନେ ଭାବିଲେ, ଆଜି ଏଇମାନଙ୍କର ଦିନ ଆସିଛି ! ବେପରୁଆ ଜୀବନ, ଚାକିରୀ ପାଇବାର ଚିନ୍ତା ନାହିଁ କି ଚାକିରୀ ଯିବାର ଦୁଶ୍ଚିନ୍ତା ନାହିଁ । ପଛରେ ଅଛି ୟୁନିୟନ ଆଉ ଧର୍ମଘଟର ଧମକ । ସିଗାରେଟ୍ ଟାଣିବା ପାଇଁ ବା ଝ' ଦୋକାନରେ ଇୟାର୍କି ପାଇଁ ସମ୍ବଳର ଅଭାବ ହେଲେ, ଏମାନେ ଶୋଷିତ ହେଉଛନ୍ତି ବୋଲି ଡିଣ୍ଡିମ ପିଟିବା ପାଇଁ ବହୁ ନେତା ଅଛନ୍ତି । ପୁଣି ନାରାୟଣଙ୍କ ପରି ଯେଉଁମାନେ ସବୁ ବିଳାସ ବ୍ୟସନର ଦୂରରେ ରହି ଯେନତେନ ପ୍ରକାରେଣ ଅଧାପେଟ ଖାଇ, ମୋଟରୋଟ ଖଣ୍ଡେ ପିନ୍ଧ, ଝାଳନାଳ ବୁହା ଉପାର୍ଜନରୁ ପାହୁଲା ପାହୁଲା କରି ସଞ୍ଚି, ଜମି ମାଣେ ଗୁଣ୍ଠେ କରିଛନ୍ତି ବା ମଫସଲ ଗାଁରେ ଚୂନଲିପା ଘରଖଣ୍ଡେ ତୋଳିଛନ୍ତି, ସେମାନଙ୍କୁ ଶୋଷକର ମାର୍କା । ଦେବା ପାଇଁ ବକ୍ତାମାନଙ୍କର ମଧ୍ୟ ଅଭାବ ନାହିଁ ।

ନାରାୟଣ ବୁଜୁଳା ଭିତରୁ ଖବରକାଗଜ ଖଣ୍ଡେ କାଢ଼ି, କେତେଥର ପଢ଼ି ସାରିଥିବା, ବ୍ୟବସ୍ଥା ସଭାରେ ଭାଗଚାଷ ଆଇନ ଉପରେ ମୁଖ୍ୟମନ୍ତ୍ରୀଙ୍କ ବକ୍ତୃତାଟିକୁ ଆଉ ଥରେ ପଢ଼ି ବସିଲେ; ଠିକ୍ ଦେହର କ୍ଷତସ୍ଥାନକୁ ଅଜାଣତରେ ହାତ ଚାଲଯିବା ପରି ! "ଜମିଦାର ଗଲେ, ଏହା ପରେ ନିଜ ହାତରେ ଚାଷ ନ କରି ଯେଉଁମାନେ ବାସ୍ତବିକ ଚାଷ କରୁଥିବା ଚାଷୀର ଶ୍ରମଫଳ ଶୋଷଣ କରୁଛନ୍ତି, ସେହିପରି ଶୋଷକମାନଙ୍କୁ ମଧ୍ୟ ଲୋପ କରିବାକୁ ପଡ଼ିବ ।" ନାରାୟଣଙ୍କର ଆଉ ପଢ଼ିବା ପାଇଁ ସାହସ ଅଣ୍ଟିଲା ନାହିଁ ।

"ଅବଧାନ, ନାରାୟଣ ବାବୁ । ଏଣେ କୁଆଡ଼େ ଆସିଲେ ?"

ନାରାୟଣ ଖବରକାଗଜଟା ଭାଙ୍ଗିଭୁଙ୍ଗି ପୁଣି ବୁଜୁଳା ଭିତରେ ରଖି, ଆଗନ୍ତୁକଙ୍କୁ ପ୍ରତି ନମସ୍କାର ଜଣାଇ କହିଲେ- "ପିଲାମାନଙ୍କ ପାଖକୁ ଆସିଥିଲି ଆଜି ଗ୍ରାମକୁ ଫେରୁଛି । ଆଉ ଖବର କ'ଣ ? ପେନ୍‌ସନ୍ ନେଲଣିଟି ?" - ନାରାୟଣ ପ୍ରତି ମାସ ପହିଲାରେ ଦୁଇ ପୁଅଙ୍କ ପାଖକୁ ମାସିକିଆ ଟଙ୍କା ଆଦାୟ ପାଇଁ ଆସନ୍ତି; ବଡ଼ପୁଅ - ସେକ୍ରେଟେରୀୟଟ୍‌ରେ

ଆସିଷ୍ଟାଣ୍ଟ - ଦିଅନ୍ତି ମାସିକ କୋଡ଼ିଏ ଟଙ୍କା; ସାନପୁଅ - ସବ୍‌ଡେପୁଟି - ଦିଅନ୍ତି ମାସିକ ପଚିଶି ଟଙ୍କା । ନିଜେ କିନ୍ତୁ ଆସି ଦରମା ମିଳିଲା ଦିନ ଟଙ୍କା ଆଦାୟ ନ କଲେ, ଟଙ୍କା ମିଳିବାର ଆଶା ନ ଥାଏ ।

ଆଗନ୍ତୁକ ଅତୀତରେ ନାରାୟଣଙ୍କର ସହକର୍ମୀ ଥିଲେ - ଲୋକନାଥ ବାବୁ । ଲୋକନାଥ କହିଲେ, "ଗତ ବର୍ଷ ପେନସନ୍ ନେଲି । ପେନସନ୍ ବା କେଇଟା ଟଙ୍କା ? ଗାଁରେ ହୋମିଓପ୍ୟାଥି ଚିକିତ୍ସା କରୁଛି ।"

ଲୋକନାଥ କ୍ଲାନ୍ତ ଭାବରେ ନାରାୟଣଙ୍କ ପାଖରେ ବସି ପଡ଼ିଲେ ।

ନାରାୟଣ କହିଲେ, "ଏ ଭାଗଚାଷ ଆଇନ କଥା ତମଆଡ଼େ ଲୋକେ ଜାଣିଲେଣିଟି ? ମାଣେ, ଗୁଣ୍ଠେ ଯାହା ପେଟକାଟି କରିଥିଲୁ ସେତକ ଜାଣ ଏଥର ଗଲା ।"

ଲୋକନାଥ କହିଲେ- "ଝିଅଟିକୁ ଆସି ଉଣେଇଶ ଚାଲିଲା । ତା' ମା' ଲଗାଇଛନ୍ତି ଏ ବର୍ଷ ଯେନତେନ ପ୍ରକାରରେ ବିବାହ ସାରିଦେବା ପାଇଁ । ଆର ବର୍ଷକୁ ବିବାହ ନାହିଁ । ପାତ୍ର ମିଳୁଛନ୍ତି, ସବୁଠି ବାଟଖର୍ଚ୍ଚ ଦିଅ, ସାଇକେଲ ଦିଅ, ଘଡ଼ି ଦିଅ । ଆଗେ ଜମି ବନ୍ଧକ ରଖି ଋଣ ଆଣୁଥିଲୁ, ଋଣ ନ ମିଳିଲେ ଜମି ବିକ୍ରୀ କରୁଥିଲୁ । ଏ ଭାଗଚାଷ ଆଇନ ବାହାରିବା ଦିନୁଁ, ଜମି ବନ୍ଧକ ରଖି ଟଙ୍କା ଦେବା ପାଇଁ କେହି ରାଜି ନୁହଁନ୍ତି । ବିକ୍ରୀ କଲେ ଷାଠିଏ ଟଙ୍କା ଗୁଣ୍ଠ ଜମି ଛଅ ଟଙ୍କା ଦେବା ପାଇଁ ସୁଦ୍ଧା ଲୋକେ ଅମଙ୍ଗ ।"

ଅନ୍ୟର ଶ୍ରମାର୍ଜିତ "ସମ୍ପଦ" ଶୋଷଣ କରି ସମାଜରେ ଏହିପରି ବଞ୍ଚିଥିବା ଦୁଇଜଣ ପୌଢ଼ "ଶୋଷକ" ଟି' ଦୋକାନରେ ବେଞ୍ଚ ଉପରେ ବସି ଚିନ୍ତାମଳିନ ଆଖିରେ ଚାହିଁ ରହିଥିଲେ ସହରର ସାମନା ରାସ୍ତା ଆଡ଼େ, ଅନ୍ଧକାର, ଅନିଶ୍ଚିତ ଓ ଅକଳ୍ପିତ ଭବିଷ୍ୟତ ଆଡ଼େ ।

ବସ୍ ଛାଡ଼ିବା ବେଳ ହେଲା । ନାରାୟଣ ତାଙ୍କ ବସ୍ ପାଖକୁ ଆସିଲେ । ଲୋକନାଥ କୁଆଡ଼େ ଯିବେ କେଜାଣି ?

ବସ୍ ଭିତରେ ଖୁନ୍ଦାଖୁନ୍ଦି, ଭିଡ଼ । ବସ୍ ଛାଡ଼ିବା ସଙ୍ଗେ ସଙ୍ଗେ ଭାଗଚାଷ ଆଇନ ଉପରେ ତୁମୁଳ ଆଲୋଚନା ଆରମ୍ଭ ହୋଇଗଲା । ନାରାୟଣ ସେ ସବୁ ଆଲୋଚନା ଶୁଣି ମନରେ ବହୁ ଦମ୍ଭ ଓ ସାହସ ପାଇଲେ । ତାଙ୍କ ସମସ୍ୟା, ଜଣକର ବ୍ୟକ୍ତିଗତ ସମସ୍ୟା ନୁହେଁ, ବହୁ ଲୋକଙ୍କ ପକ୍ଷରେ ତାହା ମଧ୍ୟ ଜୀବନ ମରଣର ସମସ୍ୟା ।

ଯାତ୍ରୀମାନଙ୍କ ମଧ୍ୟରୁ ଜଣେ ପ୍ରୌଢ଼ ବୟସର ଲୋକ କହିଲେ, "ବାବୁ, ଏସବୁ ଧପ୍‌ପାବାଜୀ । ଆମେ କ'ଣ ଖାଲି ଅନ୍ୟର ଶ୍ରମ ଶୋଷଣ କରି ବଞ୍ଚିଛୁ ? କାରଖାନା, ବାଣିଜ୍ୟ, ବ୍ୟବସାୟ, ସେଠି ସବୁ କ'ଣ ଚାଲିଛି ? ଆମେ ଶୋଷଣ କରୁଛୁ ବା କଅଣ ? ଜମି ମାଣେ, ଗୁଣ୍ଠେ ରଖିଛୁ ତାର ଖଜଣା ଦେଉଛୁ, ସେ ଜମିକୁ ଯେଉଁମାନେ ଚାଷ

କରୁଛନ୍ତି ସେମାନେ ଶ୍ରମ ବାବଦକୁ ପାଉଛନ୍ତି ଅଧେ, ଆମେ ମୂଳଧନ ଆଉ ଭୂମି ବାବଦକୁ ନେଉଛୁ ଅଧେ । କଳ କାରଖାନାରେ ତ ଶ୍ରମିକମାନେ ମଜୁରୀ ବାବଦକୁ ଅଧେ ପାଉ ନାହାନ୍ତି । ସେଠି ଆଉ ଶୋଷଣ ହେଉ ନାହିଁ, ଖାଲି ଶୋଷଣ ହେଉଛି ଜମିରେ ?"

ବସ୍‌ଯାତ୍ରୀମାନେ ନୀରବରେ ଏ ବକ୍ତୃତା ଶୁଣୁଥିଲାବେଳେ, ଫ୍ରଣ୍ଟ ସିଟ୍‌ରେ ବସିଥିବା ଜଣେ ଭଦ୍ରଲୋକ କହିଲେ- "ଜମି ମାଲିକମାନେ ବା କ'ଣ ଉତ୍ପାଦନ କରନ୍ତି ? ଚାଷୀର ଶ୍ରମ ପୋଷଣ କରି ସେମାନେ କେତେଦିନ ଆଉ ଚଳିବେ ? ସମାଜ ସେ ଶୋଷଣ ଆଉ କେତେଦିନ ବରଦାସ୍ତ କରିବ ?"

ବସ୍‌ଯାତ୍ରୀମାନଙ୍କ ମଧ୍ୟରେ ଅସ୍ପଷ୍ଟ ପ୍ରତିବାଦ କୁହୁଳି ଉଠୁଥିଲା, ପୂର୍ବୋକ୍ତ ପ୍ରୌଢ଼ ଯାତ୍ରୀଜଣକ କହିଲେ- "କାହିଁକି ବାବୁ ଦୁନିଆକୁ ଭଣ୍ଡାଉଚ ? ତୁମେ ନିଜେ ବା କ'ଣ ଉତ୍ପାଦନ କର ? ଯେତେ ସବୁ ସହର ଦେଖୁଛ, ସେ ସବୁ ଗଢ଼ା ହୋଇଛି ଅନ୍ୟର ଉତ୍ପାଦନ ଶୋଷଣ କରି । ତୁମର ଯେଉଁ ନେତାମାନେ ଭାଗଚାଷ ଆଇନ ଗଢ଼ିଛନ୍ତି ସେମାନେ ବା ସମାଜରେ ବକ୍ତୃତା ଛଡ଼ା ଆଉ କ'ଣ ଉତ୍ପାଦନ କରନ୍ତି ? ଯିଏ ଚାଷୀ ତା'ର ଜମି ହେଉ, ଆପତ୍ତି ନାହିଁ । କିନ୍ତୁ ସେହି ନୀତିଟା ସବୁଠି ପ୍ରଯୁଜ୍ୟ ହେଉ । ଗୋଟିଏ ନୀତି ଉପରେ ନୂଆ ସମାଜ ଗଢ଼ା ହେଉ ।"

ନାରାୟଣ ଭୟରେ, ସଙ୍କୋଚରେ, ଅନ୍ୟକୁ ଡରି କାହାର କଥାରେ କେବେ ପ୍ରତିବାଦ ନ କରି ଅଠାବନ ବର୍ଷ ବୟସରେ ଆସି ପହଞ୍ଚିଛନ୍ତି । ତଳିଆ କିରାନୀ ବା ଚପରାଣୀ ଓ କେବେ କେବେ ନିଜ ସ୍ତ୍ରୀଙ୍କ କ୍ଷେତ୍ରରେ ଏ ନୀତିର ଅବଶ୍ୟ ବ୍ୟତିକ୍ରମ ହୋଇଛି । କିନ୍ତୁ ଅନ୍ୟର କଥା, ବିଶେଷତଃ ଯେଉଁଠାରେ ସରକାର ବା ଶାସନ ସମ୍ପୃକ୍ତ, ସେପରି କଥାରେ ନ ଶୁଣିବା ପରି ରହିଯିବା ନାରାୟଣଙ୍କର ଅଭ୍ୟାସ । ଆଜି କିନ୍ତୁ ଯେ ଚାଷ କରେ ଜମି ତା'ର ହେବା ଉଚିତ- ଏ ନୀତିର ବୟାନ ଶୁଣି ନାରାୟଣ କହିଲେ- "ଏ ଗୋଟାଏ କି କଥା ? ସରକାରଙ୍କ ଏ ହୁଙ୍କାପିଟା ଆଇନ । ଜମି ଆମେ ପେଟକାଟି କରିଥିଲୁ ବୋଲି ସିନା ଚାଷୀମାନେ ଚାଷ କରୁଛନ୍ତି ।"

ଆଉ ଜଣେ ଯାତ୍ରୀ ଟିପ୍ପଣୀ କାଟିଲେ- "ସରକାର କହୁଛନ୍ତି, ସେମିତି କହିଲେ ଠେଙ୍ଗା ଚାଲିବ । ଶୁଣିଛଟି କି ?

ନାରାୟଣ ଠେଙ୍ଗା କଥା ଶୁଣି ନୀରବ ରହିଲେ ।

ରାସ୍ତା ଦୁଇକଡ଼ କ୍ଷେତମାନଙ୍କରେ ସନ୍ଧ୍ୟାର ଅନ୍ଧକାର ନଇଁ ଆସିଥିଲା । ନାରାୟଣ ସେଇ ଅନ୍ଧକାର ଆଡ଼େ ହତାଶ ଦୃଷ୍ଟିରେ ଚାହିଁ ରହିଥିଲେ । କିଆଁଝରୀ ଆଉ ଅଳ୍ପ ବାଟ ।

(ଦୁଇ)

କିଆଝରୀ ଗାଁ ଭିତରେ ପଶି, ନାରାୟଣ ଶୁଣିଲେ କେଉଁଠି ଖୁବ୍ ପାଟିଗୋଳ ଶୁଭୁଛି । ନାରାୟଣ ଆଉ ଟିକିଏ କାନ ଡେରି ଶୁଣିଲେ । କାରଣ ସାଇରେ କ୍ଷେତ୍ରମୋହନଙ୍କ ପିଣ୍ଡାରେ ବୋଧହୁଏ ଗାଁ ଲୋକେ ଜମି ଖୁବ୍ ପାଟି ତୁଣ୍ଡ କରି କଣ ଆଲୋଚନା ଲଗାଇଛନ୍ତି । କ୍ଷେତ୍ରମୋହନ କିଆଝରୀ ଗାଁ ନିମ୍ନ ପ୍ରାଥମିକ ସ୍କୁଲରେ ମାଷ୍ଟର । ନାରାୟଣ ମହାପାତ୍ରଙ୍କ ପରେ କ୍ଷେତ୍ରମୋହନ ଏ ଗାଁର ଅନ୍ୟ ବିଶିଷ୍ଟ ବ୍ୟକ୍ତି । କ୍ଷେତ୍ରମୋହନଙ୍କ ଦାଣ୍ଡବାଟେ କରଣ ସାଇ ମୁଣ୍ଡ ପର୍ଯ୍ୟନ୍ତ ଗଲେ ନାରାୟଣଙ୍କ ଘର ପଡ଼ିବ । କ୍ଷେତ୍ରମୋହନଙ୍କ ଦାଣ୍ଡରେ ପହଞ୍ଚି ନାରାୟଣ ଦେଖିଲେ, ଗାଁର ଦଶ ପନ୍ଦର ଜଣ ଲୋକ କ୍ଷେତ୍ରମୋହନଙ୍କ ପିଣ୍ଡାରେ ବସି ଗୁରୁତର ମନ୍ତ୍ରଣା ଲଗାଇଛନ୍ତି । ସମସ୍ତେ ବକ୍ତା, ଶ୍ରୋତା କେହି ନାହାନ୍ତି । କାନ୍ଥକୁ ଆଉଜି କ୍ଷେତ୍ରମୋହନ ଖୁଣ୍ଟଟି ପରି ବସିଛନ୍ତି । ଲଣ୍ଠନଟିଏ ମିଞ୍ଜି ମିଞ୍ଜି ହୋଇ ଜଳୁଛି ।

ନାରାୟଣ କ୍ଷେତ୍ରମୋହନଙ୍କ ଦାଣ୍ଡରେ ଦଣ୍ଡେ ରହିଯାଇ ଖୁଁ ଖୁଁ ହୋଇ କାଶିଲେ । ପିଣ୍ଡା ଉପରୁ ଜଣେ ପଚାରିଲେ... କିଏ ?

ନାରାୟଣ କହିଲେ- ମୁଁ ।

କ୍ଷେତ୍ରମୋହନ ନାରାୟଣଙ୍କ ପାଟି ବାରି କହିଲେ- "ଅବିକା କଟକରୁ ଫେରୁଛନ୍ତି ପରା ? ଆମେ ତ ଆପଣଙ୍କୁ ଚାହିଁ ବସିଛୁ । କିଛି ବୁଦ୍ଧି ବାଟ ନ କଲେ ତ ଭେଳା ବୁଡ଼ିଗଲା । ଘରକୁ ଯିବେ ତ, ଏଇଠି ଦଣ୍ଡେ ବସିଯାନ୍ତୁ ।"

ନାରାୟଣ ନିଜେ ପେନସନ୍ ଭୋଗୀ ଅମଲା; ସେଥିରେ ପୁଅ ପୁଣି ସବ୍‌ଡେପୁଟି ହାକିମ, ଚାଷ ତିରିଶି ମାଣ, ଚୂନଲିପା ଦସ୍ତା ଛାଉଣୀଘର, ପକ୍କା ହେବା ପାଇଁ ଇଟା ପୋଡ଼ା ହେଉଛି । ତେଣୁ ନାରାୟଣଙ୍କ ପରାମର୍ଶ ଯେ କିଆଝରୀ ଗାଁ ପକ୍ଷରେ ବେଦବାଣୀ ଏଥିରେ ସନ୍ଦେହ କ'ଣ ?

ନାରାୟଣ ପିଣ୍ଡା ଉପରକୁ ଉଠି ଆସିଲେ ।

ନାରାୟଣ ପିଣ୍ଡା ଉପରକୁ ଉଠିବା ମାତ୍ରେ ଚେମ ମହାନ୍ତି କହିଲେ- ଆମର ଏକ ଜମିବାଡ଼ି କଥା ପଡ଼ିଛି ନାରଣ ଭାଇ । ଆମର ତ ଦଣ୍ଡିକିରି ମାଛ ପ୍ରାଣ । ଭାଗଧାନ ଯୋଗୁଁ କୌଣସିମତେ ଚାଉଳ ଖର୍ଚ୍ଚଟା ଚଳି ଯାଉଥିଲା ବୋଲି ଧୋବ ଲୁଗାଖଣ୍ଡେ ପିନ୍ଧି ବୁଲୁଥିଲୁ । ଭାଗଚାଷ ଆଇନ ବାହାରିବା ଦିନୁ ଚାଷୀମାନେ କହିଲେଣି ଜମି ଛାଡ଼ିବେ ନାହିଁ । ଭାଗଧାନ ବାବଦକୁ ରସିଦ ନେଇ ଟଙ୍କା ଦେବେ, ଧାନ ଦେବେ ନାହିଁ ।

ଚେମ ମହାନ୍ତି କିଆଝରୀ ଗାଁର ମାମଲତକାର । ବୟସ ପଇଁଚାଳିଶ ଟପିଗଲାଣି । ନଅଁ କିଆ ଚେହେରା, ମୁଣ୍ଡ ଚନ୍ଦା, ମୁହଁର ଦୁଇ ହନୁ ହାଡ଼ ତଳେ ଗାଲ ପଶିଯାଇଛି, ପୋଷେ ପୋଷେ ଚାଉଳ ରହିଯିବ । ଦୁଇ ଛାମୁ ଦାନ୍ତରେ ଗୋଟିଏ ଗୋଟିଏ ସୁନାଖିଲ ।

ହସିଲେ ଭୟଙ୍କର ଦେଖାଯାଏ ।

କାନ୍ଧରେ ପାଚିଲା ଗାମୁଛା ଖଣ୍ଡେ ସବୁବେଳେ ଚଉତା ହୋଇ ପଡ଼ିଥାଏ । ଲୁଗା କୁଞ୍ଚ ଅଣ୍ଟାରେ ଖୋସା ହୋଇଥାଏ । ଏହାଙ୍କ ବୃତ୍ତି ହେଲା ବାହାଘରେ ଭଲଲୋକି, ଆଖପାଖ ଗାଁରେ କାହାର ମାଲିମୋକଦ୍ଦମା ଲାଗିଲେ ଓକିଲଙ୍କ ଟାଉଟରୀ ଓ ନିର୍ବାଚନବେଳେ ପ୍ରାର୍ଥୀଙ୍କ ଭୋଟ ବନ୍ଦୋବସ୍ତ । ବାହାଘର ଭଲଲୋକରେ ସାଧାରଣତଃ କନ୍ୟାପକ୍ଷ ବରପାତ୍ର ଅନୁସନ୍ଧାନରେ ପଠାନ୍ତି- ଦୈନିକ ଆୟ, ଖୋରାକି ଛାଡ଼ି ଦେଢ଼ଟଙ୍କା । ଆଉ କଟକରେ ଓକିଲବସାକୁ ଗଲେ କଟକ ଖର୍ଚ୍ଚ ଛାଡ଼ି, ପକ୍ଷ ଓ ମୋକଦ୍ଦମା ଦେଖି ଚେମ ମହାନ୍ତି ଦର ଠିକଣା କରିଥାନ୍ତି । ଏହି ଆୟକୁ ଖାଉଡ଼େ କୁଟୁମ୍ବ । ଚେମ ମହାନ୍ତି ନିଜେ, ଆଠ ପୁଅ, ତିନି ଝିଅଙ୍କ ଭାଗ୍ୟବାନ ପିତା, ସେଥିରେ ପୁଣି ଦ୍ୱିତୀୟ ପକ୍ଷ ।

ଭାଗଚାଷ ଗଣ୍ଡଗୋଳ ବାହାରିବାରୁ ମହାନ୍ତିସାଇର ଆଉ ଦୁଇ ଜଣ ମଧ୍ୟ କଟକରୁ ଛୁଟି ନେଇ ଆସିଛନ୍ତି- ଦୀନବନ୍ଧୁ, କୋଉ ଏକ ଅଫିସରେ ଚପରାଶୀ ଓ ଜଗନ୍ନାଥ ସଦର ଥାନାରେ କନେଷ୍ଟବଳ ।

ଏ "ନ୍ୟସ୍ତସ୍ୱାର୍ଥ ଶୋଷକ"ମାନେ ଏପରି ଭାବରେ କ୍ଷେତ୍ରମୋହନଙ୍କ ପିଣ୍ଡାରେ ବସି ଖଟିଖିଆ ନିଷ୍ପେସିତ ଜନତା ବିରୁଦ୍ଧରେ ଷଡ଼ଯନ୍ତ୍ର ଚଳାଇ ଥିଲାବେଳେ ବାଉରିସାଇ ଟୁଙ୍ଗୀରେ ଢୋଲକ ମାଡ଼ ଚାଲିଥିଲା । ଆଜି ବଇକଣ୍ଠିର ଜୋଇଁ ଆସିଛି, ଜୋଇଁ ଟିକିଏ ସଙ୍ଗୀତ ପ୍ରିୟ । ସେଥିପାଇଁ ବାଉରି ସାଇଆ ଟୋକାଏ ସାଇଟୁଙ୍ଗୀରେ ଢୋଲକୀ ପିଟୁଛନ୍ତି । ବାଉରି ସାଇର କୋଡ଼ିଏ ଘର ସମସ୍ତେ ଭାଗଚାଷୀ ।

ଜଗନ୍ନାଥ ସଦର ଥାନା କନେଷ୍ଟବଳ ଥିବାରୁ, ଆଇନକାନୁନ୍ ଆଦି ବ୍ୟାପାରରେ ତାଙ୍କର ଖୁବ୍ ଦକ୍ଷତା ଅଛି ବୋଲି ନାରାୟଣଙ୍କର ଧାରଣା । ନାରାୟଣଙ୍କର ନୀତି ହେଲା- କାଦୁଅରେ ପଶିବେ ନାହିଁକି ଗୋଡ଼ ଧୋଇବେ ନାହିଁ ।

ନାରାୟଣ କହିଲେ- "ଏଇଠି ତ ଜଗନ୍ନାଥ ବସିଛନ୍ତି । କହୁ ନାହାନ୍ତି କ'ଣ କରିବା ? ଅବିକା ତ ଜମିକୁ ହଳ ଯିବ । ଅସଲ ଗଣ୍ଡଗୋଳ ବେଳ ମାଡ଼ି ଆସିଲା ।"

ଜଗନ୍ନାଥ କହିଲେ- "ସମସ୍ତଙ୍କୁ ଜମିରୁ ତଡ଼ିବା, ଆଉ କ'ଣ କରିବା ? ଜମି ପଡ଼ିଆ ପଡୁ କି ଯାହା ହେଉ । ତେଣିକି ଯାହା ହେବ ।"

ଚେମ ମହାନ୍ତି ଚେଁ ଚେଇଁଆ କଣ୍ଠରେ କହିଲେ- ମୁହଁରେ କହିଦବାଟା ତ ଭାରି ସହଜ, କାମରେ ଆଗ ଦେଖେଇ ଦେଲ । ଭାଗଚାଷୀମାନେ ତ ସମସ୍ତେ ଆମ ଗାଁ ବାଉରି ସମସ୍ତେ ଜମି ଛାଡ଼ି ଦେବା ପାଇଁ ରାଜି ଅଛନ୍ତି । ହେଲେ ଚଉରା କାଣ୍ଡି ଦିମାକ୍ ନ ଭାଙ୍ଗିଲେ ସେମାନଙ୍କୁ ବାଗେଇବା ସହଜ ହେବନାହିଁ । କ୍ଷେତ୍ରମୋହନଙ୍କ ପନ୍ଦର ଗୁଣ୍ଠ ଜମି ଚଉରା କାଣ୍ଡି ଭାଗରେ ଧରିଛି । ସେ ଅବିକା କହୁଛି ଜମି ଉପରକୁ ଯିଏ ଆସିବ, ଠେଙ୍ଗାରେ ପିଟି ସେ ତା ମୁଣ୍ଡ ଛତୁ କରିଦେବ । ଗଉରା କଥା ତ ଜାଣ ।

ଗଉରା କାନ୍ତି କିଆଝରୀ ଗାଁର ଏକ ଆତଙ୍କ, ଦେହରେ ମଇଁଷି ଗୋଟାକର ବଳ, ବଡ଼ ହୁରୁମା । ଘରେ ତେରଟା ପିଲାଛୁଆ । ଜମି ବିଶ୍ୱାଏ ହେଲେ ନାହିଁ । ଏଠି ସେଠି ମୂଲ ଲାଗି, କିଛି ଜମି ଭାଗରେ ଧରି, ସୁବିଧା ପାଇଲେ ଚୋରି, ସିନ୍ଧି କରି ସଂସାର ଚଳାଏ । ଦୁଇଥର ମଧ୍ୟ ସଜା ଭୋଗି ସାରିଛି । ସଜା ଭୋଗି ସୁଦ୍ଧା ତାହାର ହୁରୁମାପଣ ଯାଇନାହିଁ । କଥା କଥାକେ ଠେଙ୍ଗା କଟୁରି ଚାଲେ । କ୍ଷେତ୍ରମୋହନଙ୍କ ଜମି ତା'ଠାରୁ ଛଡ଼ାଇବା ଯେ କି ଦୁଃସାଧ୍ୟ, ତାହା କିଆଝରି ଗାଁରେ ସମସ୍ତେ ବୁଝନ୍ତି । ଚେମ ମହାନ୍ତିଙ୍କର ଦେଢ଼ମାଣ ଜମି ମଧ୍ୟ ସେ ଭାଗରେ ଧରିଛି । କିନ୍ତୁ ପରମୁହୂର୍ତ୍ତରେ ନଡ଼ିଆ ଭାଙ୍ଗି ଖାଇବା ଚେମ ମହାନ୍ତିଙ୍କ ଅଭ୍ୟାସ । କ୍ଷେତ୍ରମୋହନଙ୍କ ପନ୍ଦରଗୁଣ୍ଠ ଜମିରୁ ଗଉରାକୁ ତଡ଼ି ଦେଲେ ବଳେ ବଳେ ସେ ଚେମ ମହାନ୍ତିଙ୍କ ଜମିରୁ ମଧ୍ୟ ଚାଲିଯିବ । ସେଥିପାଇଁ ଚେମ ମହାନ୍ତି କଥାଟା ପ୍ରଥମେ ଆରମ୍ଭ କରିଛନ୍ତି କ୍ଷେତ୍ରମୋହନଙ୍କ ଆଡୁ ।

ଜଗନ୍ନାଥ କହିଲା- "ମୁଁ ଅଛି, ତମେ କ୍ଷେତଭାଇ ଜମି ଉପରକୁ ହଳ ନବଟି ! ଆମେ ସମସ୍ତେ ଥାଉଁ ଥାଉଁ ଗଉରାର ଏତେ ସାହସ ହେବ ? ଯଦି ସେ ପଦେ ପାଟି ଫିଟାଇଛି, ତା'ହେଲେ ଏମିତି କରିଦେବି ଯେ, ମାମୁଁ ଘରେ ଘଣା ପେଲୁଥିବ ।"

ଏତିକିବେଳେ ଗାଁ ଦାଣ୍ଡରେ ଖଣ୍ଡିକାଶ ମାରି ମାରି ଗୋଟିଏ ଠେଙ୍ଗା ଠୁକ୍ ଠୁକ୍ କରି କିଏ ଜଣେ ଯାଉଥିଲା । ଗଉରା ଅନ୍ଧାରରେ ଲୁଚି ଏମାନଙ୍କ ପରାମର୍ଶ ଶୁଣୁଛି ବୋଲି ଆଶଙ୍କା କରି ସମସ୍ତେ ଏକା ସାଙ୍ଗରେ ପଚାରିଲେ- "କିଏ ଯାଉଛି ?"

ଅନ୍ଧାର ଦାଣ୍ଡରେ ଠିଆ ହୋଇ ଅନୁନାସିକ କଣ୍ଠରେ କିଆଝରୀ ଗାଁ ପୁରୋହିତ ମଧୁ ଶତପଥୀ କହିଲେ- "ମୁଁ ଯାଉଛି ।"

ଚେମ ମହାନ୍ତି କହିଲେ- "କିଏ ମଧୁଆନ୍ନା, କୁଆଡ଼େ ଏ ଅନ୍ଧାରଟାରେ ଯାଇଥିଲେ ?"

ମଧୁ ଶତପଥୀ ପିଣ୍ଡା ପାଖକୁ ଆସି କ୍ଲାନ୍ତ ଅନୁନାସିକ କଣ୍ଠରେ କହିଲେ- "ଆଉ ଯିବି କୁଆଁଡ଼େ ? ମଙ୍ଗଳପୁର ହାଟକୁ ପଟେ ବଳଦ କିଣିବା ପାଇଁ ଯାଇଥିଲି । ଏଇ ଆଣିଲି ପରା !"

ମଧୁ ଶତପଥୀଙ୍କ ପଛରେ ଅନ୍ଧାରରେ କଷରା ହଡ଼ା ବଳଦଟିଏ ଠିଆ ହୋଇଛି । ତା' ବେକର ପଘା ମଧୁ ଶତପଥୀଙ୍କ ହାତରେ । ଚେମ ମହାନ୍ତି ବଳଦ ଦେଖିବା ପାଇଁ ଲଣ୍ଠନଟିଏ ଧରି ପିଣ୍ଡାତଳକୁ ଓହ୍ଲାଇ ଆସିଲେ । ଆଲୁଅ ଦେଖି ବଳଦ ଦୁଇ କାନ ହଲାଇ ଏପାଖ ସେପାଖ ହେଲା । ଦୁଇ କୋରଡ଼ ଆଖି ତଳୁ ଦୁଇ ଧାର ଲୁହ ଶୁଖି ଦୁଇଟି କଳା ଗାର ପରି ଦିଶୁଛି । ମଧୁ ଶତପଥୀ ହାତରେ ଚାଷ କରିବା ପାଇଁ ପଟେ ବଳଦ କିଣି ଆଣିଛନ୍ତି । ସାଇରେ ଆଉ କାହା ବଳଦ ସଙ୍ଗରେ ଯୋଡ଼ି ହାତରେ ଚାଷ କାମ କରିବେ । ହଳେ ବଳଦ କିଣିବା ପାଇଁ ଟଙ୍କା ନାହିଁ । ତାପରେ ମାଜିଷ୍ଟ୍ରେଟ୍ ଇନକ୍ୱାରିରେ ଆସିଲେ

ମଧୁ ଶତପଥୀ ହାତରେ ଚାଷ କରନ୍ତି ବୋଲି, ଏହି ପଟେ ବଳଦରୁ ମଧ୍ୟ ପ୍ରମାଣ କରିହେବ ।

ନାରାୟଣ ପଚାରିଲେ - "କେତେ ପଡ଼ିଲା ?"

ମଧୁ ଶତପଥୀ କହିଲେ- "ତିନି କୋଡ଼ି ଟଙ୍କାରେ ବାପା । ତାର ଚାରି କୋଡ଼ି ମୋର ତିନି କୋଡ଼ି । ଶେଷରେ ତିନି କୋଡ଼ିରେ ଛିଣ୍ଡିଲା ।"

ମଧୁ ଶତପଥୀ ଚାଲିଗଲେ ।

ନାରାୟଣ ମଧ୍ୟ ଯିବା ପାଇଁ ଉଠିଲେ । କଥା ସ୍ଥିର ହେଲା, ଆର ମଙ୍ଗଳବାର ଦିନ କ୍ଷେତ୍ରମୋହନ ଚାଟଶାଳୀ ଛୁଟି କରି ହଳ ବଳଦ ଯୋଗାଡ଼ କରି ତାଙ୍କ ପନ୍ଦରଗୁଣ୍ଠିଆ ବିଲକୁ ଯିବେ । ଗାଁ ଲୋକେ ସେଠି ସମସ୍ତେ ଯୁଟିଥିବେ । ଗଉରା କାଣ୍ଡି ଆସିଲେ ଦେଖାଯିବ ।

(ତିନି)

କିନ୍ତୁ ମଙ୍ଗଳବାର ଦିନ ନଛିପୁର ଗହିର ମନ୍ଦିରଗୁଣ୍ଠିଆ ବିଲରେ ଯାହା ଘଟିଲା, ତାହା ବହ୍ୱାରମ୍ଭେ ଲଘୁକ୍ରିୟାର ଅନ୍ୟ ଏକ ଉଦାହରଣ । କ୍ଷେତ୍ରମୋହନ ସେଦିନ ଚାଟଶାଳୀ ଛୁଟି କରି ସକାଳୁ ସକାଳୁ ବାହାରିଗଲେ । ହଳ ବଳଦର ଅଭାବ । ଶେଷକୁ ମଧୁ ଶତପଥୀଙ୍କ ପଟିକିଆ ବଳଦ ସଙ୍ଗରେ ଚେମ ମହାନ୍ତିଙ୍କ ପଟେ ବଳଦ ଯୋଡ଼ି ହଳ ବଳଦର ସମାଧାନ କରାଗଲା । କ୍ଷେତ୍ରମୋହନଙ୍କ ଯେତେ ବୀରତ୍ୱ ଚାଟଶାଳୀ ପିଲାଙ୍କ ଉପରେ । ଗୋପୀଭାଷା, ରାସଲୀଳା ବୋଲାଇ ଫଳା, ପଣିକିଆ ମୁଖସ୍ଥ କରାଇ କ୍ଷେତ୍ରମୋହନ ଦରବୁଢ଼ା ହେଲେଣି । ଠେଙ୍ଗା, ବାଡ଼ି, ମାଡ଼ଗୋଳ- ଏସବୁକୁ ତାଙ୍କର ପ୍ରାଣେ ଡର । ତଥାପି ଗୌରା କାଣ୍ଡିକୁ ଧମକାଇବା ପାଇଁ ଖଣ୍ଡେ ବାଉଁଶ ମୂଳିଆ ଠେଙ୍ଗା କାନ୍ଧରେ ପକାଇ, ମୁଣ୍ଡରେ ଚଉତା ଓଦା ଗାମୁଛାଟିଏ ରଖି, କ୍ଷେତ୍ରମୋହନ ହଳ ଆଗେ ଆଗେ ଚାଲିଲେ । କିଆଝରୀ ଗାଁର, ଆଉ ଦଶ ପନ୍ଦର ଜଣ ଠେଙ୍ଗା ବାଡ଼ି ଧରି କ୍ଷେତ୍ରମୋହନଙ୍କ ସଙ୍ଗେ ସଙ୍ଗେ ଚାଲିଛନ୍ତି । ସମସ୍ତଙ୍କ ପୁରୋଭାଗରେ ଚେମ ମହାନ୍ତି । ଏ ରଣସଜ୍ଜା ଦେଖି ବାଉରିସାଇଆ ତ ବାଉରିସାଇଆ, ଗଉରା କାଣ୍ଡି ସୁଦ୍ଧା ମନେ ମନେ ଛାନିଆଁ ହୋଇଗଲା ।

କ୍ଷେତ୍ରମୋହନଙ୍କ ଦଳ ଅଦୃଶ୍ୟ ହୋଇଯିବା ପରେ ଗଉରା କାଣ୍ଡି କାନ୍ଧରେ ଠେଙ୍ଗା ପକାଇ, ଅଣ୍ଟାରେ କଟୁରି ଖୋସି ବାହାରିଲା । ପନ୍ଦର ଗୁଣ୍ଠିଆ ବିଲରେ ରକ୍ତନଦୀ ବୋହିବ । ଗଉରା କାଣ୍ଡିକୁ ସେ ଜମିରୁ କିଏ ବେଦଖଲ କରିବ, ଆଜି ସେ ଦେଖିବ- ଇତ୍ୟାଦି ଧମକ ଦେଇ ଦେଇ, ସେ ନିଛାଟିଆ ଗାଁ ଦାଣ୍ଡରେ ଚାଲିଥିଲା । ତା' ପଛେ ପଛେ ଗଉରାର ସ୍ତ୍ରୀ ଆଉ ତାର ପଲେ ଛୁଆ ହାଉ ହାଉ କାନ୍ଦି ଗୋଡ଼େଇଥିଲେ । ଗଉରା ସ୍ତ୍ରୀ କହୁଥିଲା- "ଆମର ସେ ଜମିରୁ କଣ ମିଳିବ ? ଦିହରେ ବଳ ଥିବାଯାଏ, ହାତ

ଗୋଡ଼ ଚଲୁଥିବା ଯାଏ ମୂଲ ନ ମିଳି କଣ ରହିବ ? ଏ ଖଣ୍ଡିଆ ହୁରୁମା ଠେଙ୍ଗା, କଟୁରି ଧରି ଧାଇଁଛ । ଗାଁ ମେଳ ଯୋଉଠି ସେଠି ଏଇଟାକୁ ମାରି ଟିକି ଟିକି କରିଦେବେ ।”

ଗଉରା ତା ସ୍ତ୍ରୀକୁ ଫେରିବା ପାଇଁ ତିନି ଚାରି ଥର ଧମକ ଦେବାପରେ ସୁଦ୍ଧା ସେ ନ ଫେରିବାରୁ ଗଉରା ଠେଙ୍ଗାରେ ସ୍ତ୍ରୀ ଗୋଡ଼ରେ ପାହାରେ ପକାଇ ନାନା ଅଶ୍ରାବ୍ୟ ଭାଷାରେ ତାକୁ ଗାଳି ଦେଇ ଦେଇ ଚାଲିଗଲା । ଗଉରା ସ୍ତ୍ରୀର ଚିତ୍କାର ଓ ଗଉରାକୁ ଅଭିଶାପରେ ଗାଁ ଦାଣ୍ଡ କମ୍ପି ଉଠିଲା ।

ଗଉରା ଜମି ପାଖରେ ପହଞ୍ଚିଲାବେଳକୁ ପନ୍ଦରଗୁଣ୍ଠିଆ ଜମିରେ ହଳବୁଲା ଆରମ୍ଭ ହେଇ ଯାଇଥିଲା । ବିଲ ଚାରିପଟେ ଗାଁଲୋକେ ଠେଙ୍ଗାବାଡ଼ି ଧରି ଠିଆ ହୋଇଥିଲେ । ଗଉରା ଖଣ୍ଡେ ଦୂରରୁ ଅନ୍ଧାରିଆ ତୋଟା ଛାଇରେ ଠିଆହୋଇ ପନ୍ଦରଗୁଣ୍ଠିଆ ଜମିରେ ହଳବୁଲା ଚାହିଁ ଦେଖିଲା । ପରେ କଣ ଭାବି ସେଠାରୁ ଗାଁ ଆଡ଼େ ଫେରି ଆସିଲା ।

× × × ×

କିଛି ଦିନ ପରେ...

ନାରାୟଣ ମହାପାତ୍ରଙ୍କ ପିଣ୍ଡାରେ ଗାଁ ଲୋକେ ବସି ଗପ ଲଗାଇଛନ୍ତି । ସାଦା କାଗଜରେ ଟିପଚିହ୍ନ ଦେଇ ବାଉରିମାନେ ଜମି ଭାଗରେ ଚାଷ କରିବା ପାଇଁ ରାଜି ହେବାରୁ ଅନେକେ ସେହିପରି ଜମି ଭାଗରେ ନେଇ ସାରିଲେଣି । ଆଉ କେତେଜଣ ନାରାୟଣଙ୍କ ପିଣ୍ଡାତଳେ ସାଦା କାଗଜରେ ଟିପଚିହ୍ନ ଦେବାପାଇଁ ଅପେକ୍ଷା କରି ବସିଛନ୍ତି । ମହଳ ମାଛି ଅନ୍ଧାର ଧୀରେ ଧୀରେ ଗାଢ଼ ହୋଇ ଆସୁଥିଲା ।

ଗଉରା କାଖତଳେ ବୁଜୁଳିଟିଏ ଜାକି, ହାତରେ ବାଡ଼ି ଖଣ୍ଡେ ଧରି ନାରାୟଣଙ୍କ ପିଣ୍ଡାତଳେ ଆସି ଠିଆ ହେଲା । ଚେମ ମହାନ୍ତି ପଚାରିଲେ- “କିଏ ? ଗଉରା ? କୁଆଡ଼େ ବାହାରିଛୁ ଏ ସଞ୍ଜଟାରେ ?”

ଗଉରା ଚୋରି ମାମଲାରେ ଦୁଇଥର ସଜା ଭୋଗିଛି, ଏ କଥାଟା ସମସ୍ତଙ୍କ ମନରେ ଛୁଇଁଗଲା । ସଞ୍ଜବେଳଟାରେ ଗଉରାକୁ ଘର ପାଖରେ ଦେଖି ନାରାୟଣ ମନେ ମନେ ଆତଙ୍କିତ ହୋଇ ପଡ଼ିଲେ ।

ଗଉରା ସମସ୍ତଙ୍କ ଉଦ୍ଦେଶ୍ୟରେ ମାଟିରେ ମୁଣ୍ଡ ଲଗାଇସାରି କହିଲା- “ମୁଁ କଲିକତା ଯାଉଛି । ଏଠି ଗାଁରେ ମୂଲ କରି ସଂସାର ଚଳିବ ? ଭାଗରେ ଜମି କରି ଚଳି ଯାଉଥିଲି, ସମସ୍ତେ ତ ଜମି ଛଡ଼େଇ ଦେଲେ ।” ଗଉରାର ହୁରୁମା କଣ୍ଠରେ ଅଭିଯୋଗ ଓ ଅଭିମାନ !

କ୍ଷେତ୍ରମୋହନ ସେଠାରେ ବସିଥିଲେ । ଗଉରା ତାଙ୍କରି ଲାଗି ଆଜି ଦେଶାନ୍ତରୀ ହେଉଛି ବୋଲି ତାଙ୍କ ବିବେକ ଯେପରି ଦଂଶନ କରି ଉଠିଲା । କ୍ଷେତ୍ରମୋହନ କହିଲେ-

"ନାହିଁରେ ଗଉରି, ତୁ ଗାଁ ଛାଡ଼ି କାହିଁକି କୁଆଡ଼େ ଯିବୁ ? ସମସ୍ତେ ଯେମିତି ସାଦା କାଗଜରେ ଟିପଦେଇ ଜମି ନେଉଛନ୍ତି ତୁ ବି ସେମିତି ନେ । ଆମେ କ'ଣ ଆଉ ସତରେ ହାତ ଚାଷ କରିବୁ ? ଖାଲି ଅକଲରେ ପଡ଼ି ସେମିତି କଲୁ ସିନା !"


ଗଉରା ଚିରଦିନ ହୁରୁମା । ସେମିତି ହୁରୁମା ପରି ଗଉରା କହିଲା- "ନାଇଁ ହୋ, ତମ ଜମି ତମେ ହାତରେ କର କି ପଡ଼ିଆ ପକା । ଏ ମାଗିଅଣା ତିଅଣ ସୁତୁକାଏ । ନିଜର ତ ଜମି ନାହିଁ, ତମର ମାଣେ ଗୁଣ୍ଡେ ଉପରେ କାହିଁକି ଆଖି ଦେବି ? ମୁଁ ଯାଉଛି, ମା' ମଙ୍ଗଳା ସୁଦୟା କଲେ ଆର ସନ ରଜବେଳକୁ ଆସିବି । ପିଲାମାନେ ସମସ୍ତଙ୍କୁ ଲାଗିଲେ ।"

ନାରାୟଣଙ୍କ ଦାଣ୍ଡ ବଉଳଗଛ ପତ୍ର ଗହଳିରେ ସନ୍ଧ୍ୟାର ଅନ୍ଧକାର ଗାଢ଼ ହୋଇ ଆସୁଥିଲା । ଗଉରାର ଗାଁ ଛାଡ଼ି ଚାଲିଯିବାରେ ଏକ ଅବ୍ୟକ୍ତ ବେଦନା ସମସ୍ତଙ୍କ ମନରେ ସନ୍ଧ୍ୟାର ଅନ୍ଧକାର ପରି ଗାଢ଼ ହୋଇ ଆସୁଥିଲା ।

ଗଉରା ଗୋଟିଏ ଦୀର୍ଘ ନିଃଶ୍ୱାସ ପକାଇଲା । ଗଉରାର ଦୀର୍ଘନିଃଶ୍ୱାସ ସହିତ କ୍ଷେତ୍ରମୋହନଙ୍କ ଛାତି ଭିତରୁ ମଧ୍ୟ ବାହାରି ଆସିଲା ଗୋଟିଏ ଦିର୍ଘଶ୍ୱାସ । ସନ୍ଧ୍ୟାର ଅନ୍ଧକାର ଭିତରେ କିଆଝରୀ ଗାଁର "ଶୋଷକ" କ୍ଷେତ୍ରମୋହନଙ୍କ ଦୀର୍ଘନିଃଶ୍ୱାସ ସହିତ "ଶୋଷିତ" ଗଉରା କାଣ୍ଡିର ଦୀର୍ଘନିଃଶ୍ୱାସ ମିଶି ଏକ ହୋଇଗଲା । ଦୁହିଁଙ୍କ ମଧ୍ୟରେ ସୀମାରେଖା ନିଶ୍ଚିହ୍ନ ହୋଇଗଲା ।

ଗଉରାକାଣ୍ଡି ନାରାୟଣ ମହାପାତ୍ରଙ୍କ ଦାଣ୍ଡ ମୋଡ଼ର ଅନ୍ଧାର ଭିତରେ ହଜିଗଲା ।

❐



ପ୍ରକାଶ ପାଇଛି

ସୁରେଶ ଚନ୍ଦ୍ର ଦାସଙ୍କ

ପୁସ୍ତକ

ଅନୁଭୂତି ଗଳ୍ପମାଳା

ଚିତ୍ରପ୍ରତିମା



ଡକ୍ଟର ଅରବିନ୍ଦ ରାୟ
ମୋ. ୯୪୩୭୩ ୦୨୫୫୩

“ ତମେ ବଡ଼ କପଟ ନାଗର ହେ ରାଧେଶ୍ୟାମ । ତମ ପରି ଜିଜ୍ଞାସୁ ବୈଷ୍ଣବ, ଆଜିକାଲି ବିରଳ । ପ୍ରଭୁଙ୍କ ଲୀଳା କଥା ଉଦ୍ଧବ କି ଅକ୍ରୂର, କେହି ଏମିତି ଦିନେ ପଚାରି ନ ଥିଲେ । ରାଧେଶ୍ୟାମ ! ଜିଜ୍ଞାସା ଥିଲେ ସିନା ଜ୍ଞାନବୃଦ୍ଧି ହେବ । ତମେ ଭାରି ଚତୁର, ଭାରି କପଟୀ । ହେଃ ହେଃ । ଏହା ଉତ୍ତମ ପୁରୁଷର ଲକ୍ଷଣ । ”

ନିଜ ସ୍ୱପ୍ନର ଘରଟି ଗଢ଼ିବାକୁ ଚିନ୍ତାମଣି ଅନେକ ଦିନରୁ ଯୋଜନା କରୁଥିଲା । ସେଇ ସ୍ୱପ୍ନର ତାଡ଼ନାରେ ପୁରୁଣା ଘରର ଗୋଟାଏ ପଟ ଭଙ୍ଗାହେଲା, ବାଲି-ସିମେଣ୍ଟ, ରଡ଼ ଓ ଇଟା ଆସି ଗଦାହେଲା । ଖରାରେ ସିଝି ଓ ବର୍ଷାରେ ଭିଜି କେତେକୁଆଡ଼େ ଧାଁ ଧଉଡ଼ କରିବାକୁ ପଡ଼ିଲା । ପୁରୁଣା ଘର ଆସ୍ତେଆସ୍ତେ ନୂଆ ରୂପରେ ମୁଣ୍ଡ ଟେକୁଥିଲା । ଚିନ୍ତାମଣି ସକାଳେ ସଂଜେ ସେଇ ଅଧାକାନ୍ଥ ସାମ୍ନାରେ ଚୁପ୍‌ଚାପ୍ ଠିଆ ହେଉଥିଲା ଓ କେତେକେତେ ସ୍ୱପ୍ନ ଦେଖୁଥିଲା । ଲାଗୁଥିଲା, ଆଉ ଗୋଟାଏ ମାସ ଭିତରେ ଘରଟା ଛାତ ପର୍ଯ୍ୟନ୍ତ ଠିଆ ହେଇଯିବ ।

ହେଲେ, ବାଙ୍କ ସବୁ ବିଗାଡ଼ିଦେଲା ।

"କାଆଲି ଆସିବି' କହି ଆଗତୁରା ପାଆଁଶ ଟଙ୍କା ନେଇଯାଇଛି ଯେ, ଯାଇଛି । ଯା ଭିତରେ ପନ୍ଦରଦିନ ବିତିଗଲାଣି ।

ଚିନ୍ତାମଣି ବଡ଼ ଚିନ୍ତାରେ ପଡ଼ିଲା ।

ସ୍ତ୍ରୀ ସୁଖଲତା କହିଲା-କେମିତିକା ବୋକାଲୋକ କିଓ ! ଏଇଠି ବସିବସି ତା' ବାଟକୁ ଅନେଇଲେ କ'ଣ ସିଏ ଆସିବ ! ହାତକୁହାତ ପାଆଁଶ ନେଇ ଝଲିଗଲା । ପକ୍କା ଠକ ମିସ୍ତ୍ରିଟାଏ । କାମ କରିବ ଯେ, ହଜାରବାର ମୂଲିଆଙ୍କ ସାଙ୍ଗରେ ହେଁ ହେଁ ଫେଁ ଫେଁ ହଉଥିବ । ତାକୁ ଯାଇ ଖୋଜୁନ । କାଳେ, କାହାଘରେ କାମ କରୁଥିବ । ଲୋକଙ୍କୁ ପଝରିଲେ ବଳେ ତା'ର ଖୋଜଖବର ମିଳି ଯିବନି !

ସୁଖଲତାର ପ୍ରସ୍ତାବ ଚିନ୍ତାମଣିର ମନକୁ ପାଇଲା । ହେଲେ, ତାକୁ ଖୋଜିବ କୋଉଠି ? ଦିନସାରା କଲୋନୀଟା ଖୋଜାଖୋଜି କରିବା ପରେ ବି ତା'ର କିଛି ପତ୍ତା ମିଳିଲା ନାହିଁ । ଘରକୁ ଫେରିଲା ପରେ, ସେ ଦେଖିଲା, ତାଙ୍କ ଅଧାକାନ୍ଥ ପାଖକୁ ରାସ୍ତାକୁ ଲାଗି ଗଦା ହେଇଥିବା ବାଲି, କଲୋନୀ ଛୁଆଙ୍କ ଡ଼ିଆଁଡ଼େଇଁ ଖେଳ, ମାତାଲ ଷଣ୍ଢଙ୍କ ଲଢ଼େଇରେ ଅଧାଅଧି ନଷ୍ଟ ହେଇଗଲାଣି । ସିମେଣ୍ଟ୍ ବସ୍ତାଟା ଖୋଲା ହେଇଥିଲା ଯେ, ମୁଣ୍ଡା ହେବାକୁ ବସିଲାଣି । ଚିନ୍ତାମଣି ଥକ୍କା ହେଇ, ସେଇ ବାଲିଗଦା ପାଖରେ ଠିଆହେଲା ଓ କଲୋନୀର ଯେଉଁ ଛୋଟ ଛୁଆ ଖେଳାଖେଳିରେ ଏ ବାଲିକୁ ନଷ୍ଟ କରୁଛନ୍ତି, ସେମାନଙ୍କ ବାପା ମା'ଙ୍କ ଉଦ୍ଦେଶ୍ୟରେ ମନକୁ ମନ ଦି' ପଦ ଗାଳିଦେଲା । ରାସ୍ତାରୁ କିଛି ବାଲି, ଗୋଡ଼ରେ ଟାଣିଟାଣି ଆଣି, ବାଲିଗଦା ପାଖରେ ଜମାକଲା ଓ ଘର ଭିତରକୁ ନ' ଝହିଁ ବି ବଡ଼ପାଟିରେ ଡାକିଲା, ପପୁ ପପୁ !

ସେ ଜାଣେ, ପପୁ ଏବେ ଘରେ ନ ଥିବ, ବୁଲି ଯାଇଥିବ । କିନ୍ତୁ ପପୁ ପପୁ ଡାକିଲେ ସ୍ତ୍ରୀ ସୁଖଲତା ହିଁ ଭିତରରୁ ଜବାବ ଦେବେ ଓ ଦାଣ୍ଡ କବାଟ ଖୋଲିବେ ।

-ମିଳିଲା ସେ ମିସ୍ତ୍ରି ? ସୁଖଲତା କବାଟ ଖୋଲିବା ମାତ୍ରେ ପଝରିଲା ।

-ନା, କଲୋନୀରେ କାହାର ବି ଘର ତିଆରି ହଉନି । ଚିନ୍ତାମଣି ଖୁବ୍ ଉଦାସ କଣ୍ଠରେ ଏତକ କହିଲା ଓ ଦୋଷୀ ଛାତ୍ରଟିଏ ପରି, ତଳକୁ ମୁଣ୍ଡ ପୋତି ଘର ଭିତରକୁ ପଶିଲା ।

ହଇଓ ! ଆମ କଲୋନିରେ କାହାର ଘର ହଉନି ବୋଲି କ'ଣ କୋଉଠି ବି କାମ ହଉନି । ଚକେଇସିଆଣିରୁ ଚତରା ବରଗଛଯାଏ କେତେ କୁଆଡ଼େ ଘର ତୋଳାହଉଛି । ଜାଗାକୁ ଦି' ଜାଗା ଖୋଜିଲେ ସିନା ମିଳିବ !

ଚିନ୍ତାମଣି ହାତଘଣ୍ଟା ଓ ପ୍ୟାଣ୍ଟସାର୍ଟ ଖୋଲି ଗାଧୋଇବାକୁ ବାହାରିଗଲା । ତା' ପରଦିନ ସକାଳୁ ସକାଳୁ ସ୍କୁଟର ଧରି ସେ ବାହାରି ପଡ଼ିଲା । ଆଦିମାତା କଲୋନୀରେ ପହଞ୍ଚିବା ମାତ୍ରେ, ତା' ଆଖିରେ ପଡ଼ିଲା ଅଧାଗଢ଼ା ଘରଟେ । ସେ ସେଇଠି ସ୍କୁଟର ରଖିଲା ଓ ଘରର ଖୁବ୍ ପାଖକୁ ଯାଇ ଉହୁଁକି ଦେଖିଲା । ଘରଟିକୁ ଦେଖିବା ମାତ୍ରେ ସେ ଖୁବ୍ ଉଦାସ

ହେଇପଡ଼ିଲା । ବଡ଼ ଭାଗ୍ୟବାନ ଲୋକ ଇୟେ । କେଡ଼େ ସୁନ୍ଦର ଘରଟେ କରୁଛନ୍ତି । ଛାତ ପଡ଼ିଗଲାଣି । ଛାତ ତଳକୁ କାନ୍ଥ ପାଖରେ ପଡ଼ିଥିବା ବାଲି ସିମେଣ୍ଟର ମସଲାରୁ, ଚିନ୍ତାମଣି ଅନୁମାନ କଲା, ଏଠି କାମ ଚଲିଛି ବୋଧେ । କାମ ଚଲିଛି ମାନେ, ମିସ୍ତ୍ରି ସବୁଦିନ ଆସୁଥିବ । ସେ ମିସ୍ତ୍ରି ବାଙ୍କ ନ ହେଇଥିବ ବୋଲି କିଏ କହିବ !

ମିଳିଗଲା, ଶଃ ମିଳିଗଲା ସେ ହାରାମୀ । ଚିନ୍ତାମଣି ମନକୁମନ ଉଲ୍ଲସିତ ହେଲା ଓ କହିଲା, ଆଜି ଦଉଛି ଶାଲାକୁ ପାନେ ।

ନୂଆ ଘରଟିର ପାଚେରୀକୁ ଲାଗି କେଇ ବଖରା ଘର ଠିଆହୋଇଥିଲା । ଏଇ ଘରବାଲା ନୂଆ ଘରଟା ବନଉଛନ୍ତି ବୋଧେ । ଚିନ୍ତାମଣି ସ୍ଯୁଟରକୁ ସାମାନ୍ୟ ଗଡ଼େଇ ନେଇ ସେଇ ଗେଟ୍ ସାମ୍ନାରେ ଷ୍ଟାଣ୍ଡ୍ ମାରିଲା ଓ ଲୁହାଗେଟର ବଙ୍କା ଢାଙ୍କୁଣୀକୁ ଧରି ଖୁବ୍ ଜୋରରେ ଖଡ଼ଖଡ଼୍ କଲା । ତା' ଖଡ଼୍ଖଡ଼୍ କରିବା ଶେଷ ହେଇଚି କି ନାହିଁ, ଭିତରୁ ଶୁଭିଲା- ରାଧେଶ୍ୟାମ କିଏ ହୋ ?

-ଆଜ୍ଞା, ମୁଁ ରାଧେଶ୍ୟାମ ନୁହେଁ, ଚିନ୍ତାମଣି ।

ଚିନ୍ତାମଣି ଏତିକି କହିସାରିଲାବେଳକୁ ବାହାରି ଆସିଲେ ଜଣେ ବୁଢ଼ା ଲୋକ । ସଫା ଧୋତି ସାଙ୍ଗକୁ ହାତକଟା ଫତେଇ ଖଣ୍ଡେ ପିନ୍ଧିଛନ୍ତି । ବେକରେ ଚରିସରି ମୋଟା ତୁଳସୀ ମାଳି । ନାକ ଅଗରୁ ଲିଭିଆସୁଥିବା ତିଳକର କିଛି ଚିହ୍ନ ଦିଶୁଛି । ବୁଢ଼ା ହସିବା ମାତ୍ରେ, କେତକୀ ଖଇର ଓ ଚୂଆଚୂଆ ବାସୁଛି । ବୁଢ଼ା ସେମିତି ହସୁହସୁ ପଚରିଲେ- ରାଧେଶ୍ୟାମ ! କାହାକୁ ଖୋଜୁଛ ?

-ମିସ୍ତ୍ରିକୁ !

-ମୁଁ ଜାଣେ ! ବୁଢ଼ା ସେମିତି ଖଇରିଆ ବାସ୍ନା ହସର ହସି କହିଲେ ।

-ଆଜ୍ଞା ! ପକ୍କା ଦଗାବାଜ ସିଏ ! ଚେର କୋଉଠିକାର । ଚିନ୍ତାମଣି ବିରକ୍ତ ହୋଇ କହିଲା ।

-ବୁଝିଲେ, ଷୋଳସହସ୍ର ଗୋପୀଙ୍କୁ ସିନା ସିଏ ଦଗାଦେଲା, ଏକା ରାଧାରାଣୀ ପାଖରେ ହାର ମାନିଲା ନା ନାହିଁ । ତେଣୁ ଦଗା ସିଏ ଦେଲା କେତେବେଳେ ? ଆଉ ରହିଲା, ଚେରି କରିବା କଥା । ଏ ସଂସାରରେ ଯାହା ଆମେ ଦେଖୁଛେ, ସବୁତ ଡାଙ୍କରି । ସେ ଚେରି କଲେ ତା' ହେଲେ କଅଣ ? ଆମେ ସାଧାରଣ ମଣିଷ ସିନା ଚେରି ବୋଲି କହୁଥାଉ ତା' ନ ହେଲେ ଦିବ୍ୟ ଚକ୍ଷୁରେ ଦେଖିଲେ, ସେଟା ପ୍ରଭୁଙ୍କ ବାଲ୍ୟଲୀଳା ଯେ । ଚିନ୍ତାମଣି ଜାଣିଲା, ଏ ବୁଢ଼ା ତା' କଥାକୁ ଠିକ୍ ଠଉରାଇ ପାରିନାହାନ୍ତି । ତେଣୁ ସେ ଆଉଥରେ କହିଲା- ମୁଁ ଆଜ୍ଞା ରାଜମିସ୍ତ୍ରି ବାଙ୍କାଙ୍କୁ ଖୋଜୁଥିଲି । ସେ ଏଇଠିକି ଆସୁଛି କି ?

ବୁଢ଼ା ସେମିତି ହସୁ ହସୁ କହିଲେ-ହ, ହେଲା ହେ ! ଯିଏ ବାଙ୍କନିଧି, ସିଏ ପୀତବାସ ।

ଯିଏ ପୀତବାସ, ସେହି ପୁଣି କୃତ୍ତିବାସ । ବୁଝିଲ ବାବୁ ! ଆମ ଚର୍ମଚକ୍ଷୁକୁ ସିନା ସେ ଭିନ୍ନ ଭିନ୍ନ, ନ ହେଲେ ସେ ଗୋଟିଏ ଯେ । ଗୋପରେ କୃଷ୍ଣ ଯିଏ, ଅଯୋଧ୍ୟାରେ ରାମ ସେହି ନା ନାହିଁ, କହୁନ ?

ଚିନ୍ତାମଣିର ଇଚ୍ଛା ହେଲା, ସେଠି ଆଉ ମୁହୂର୍ତ୍ତେ ନ ରହିବାକୁ । ସେ କହିଲା- ମଉସା ! ମୁଁ ଆସୁଛି ।

-ବାପା ! ତମ ନାଁ କ'ଣ କହିଲ ?

-ଚିନ୍ତାମଣି । ଚିନ୍ତାମଣି ମହାକୁଡ଼ । - ଚିନ୍ତାମଣି ମୁହଁ ଛଞ୍ଚାଡ଼ି କହିଲା ।

-ତମ ବାପା ନିଶ୍ଚୟ ପରମ ବୈଷ୍ଣବ ଥିଲେ । ନ' ହେଲେ-ଚି-ନ୍ତା-ମ-ଣି । ଆହା ପ୍ରଭୁଙ୍କର କି ଅପୂର୍ବ ନାମ ।

ଚିନ୍ତାମଣି ଛଟପଟ ହେଲା ସେଠୁ ଖସି ଆସିବାକୁ । ସେତିକିବେଳକୁ ଗୋଟାଏ କାଳିଆ ଡେଙ୍ଗା ଲୋକ, ତା' ସାଇକେଲ ମଝି ରଡ଼ରେ ଗୋଟେ ଗଜ ସଳଖିକି ବାନ୍ଧି ଆସିଲା ଓ ସେଇ ଗେଟ୍ ପାଖରେ ଓହ୍ଲେଇପଡ଼ିଲା । ତାକୁ ଦେଖୁଦେଖୁ ବୁଢ଼ା ଜଣକ କହିଲେ-

-ହେଇ ! ଆସିଗଲେ ! କହିଲା ଭଳିଆ ହଜିଲା ବଳଦ ଖୋଜିଲା ଠେଇଁ ।

- ଇଏ ତ ସିଏ ନୁହଁ । ଚିନ୍ତାମଣି ନାକକୁ ଉପରକୁ ଟେକି କହିଲା ।

-ବୁଝିଲ ବାବୁ ! ତମେ ବୈଷ୍ଣମ ଲୋକ, ଏତିକି ଜାଣିପାରୁନ ? ସେଇ ଜଣେ ଏକା, ଭିନ୍ନ ଭିନ୍ନ ରୂପ ଧରି ଭିନ୍ନ ଭିନ୍ନ ନାଁ ଧରି ଲୀଳା କରୁଛନ୍ତି ଯେ । ତମେ ଯାହାକୁ ଖୋଜୁଚ, ଯାହାକୁ ପାଇଚ, ସବୁ ଏକ ହେ । ଖାଲି ମନ ମାନିଲେ ହେଲା ।

-ନାଇଁ ମଉସା, ମୁଁ କ'ଣ କହୁଥିଲି କି, ତା'ର କୁଞ୍ଚକୁଞ୍ଚଆ କେଶ । ଶ୍ୟାମଳ ବର୍ଣ୍ଣର ଦେହ, ଆଉ ଓଠରେ ମୁଚୁକୁନ୍ଦ ହସ ।

-ଉତ୍ତମ ! ରସିକ ପୁରୁଷ ଲକ୍ଷଣ । ପ୍ରଭୁ ରସିକନାଗର କୃଷ୍ଣ ଆଉ କିଏ କି ?

-ବୁଢ଼ା ଚୈତନ୍ୟ ମୁଦ୍ରାରେ ଉପରକୁ ହାତ ଟେକିଲେ ଓ ବିହ୍ୱଳ ହେଇ କହିଲେ ରାଧେଶ୍ୟାମ ! ରାଧେଶ୍ୟାମ !

-ଓହୋ ! ଆପଣ ମଉସା ବୁଝୁନାହାନ୍ତି କାହିଁକି ? କଥାରେ ପରା ଅଛି, କୁଞ୍ଚକୁଞ୍ଚବା, ମାଗୁର ନିଶ-

ଚିନ୍ତାମଣିଠାରୁ ପଦ ଛଡ଼େଇ ନେଇ ବୁଢ଼ା ଜଣକ ପଦ ପୂରଣ କଲେ-

ହିଆର ନ ଥାଇ ବାଲ, ଏ ତିନିହେଁକୁ ପରତେ ନଯିବ ଜିଇଁଥିବ ଯେତେ କାଲ୍

ଚିନ୍ତାମଣି ଉତ୍ସାହିତ ହେଇ କହିଲା- ତେବେ କହୁନ ମଉସା ! ଆମ ମିସ୍ତ୍ରି ବାଙ୍କର ବାଳ କୁଞ୍ଚକୁଞ୍ଚଆ, ତା' ଛାତି ନିର୍ବାକ । ତେଣୁ ତାକୁ କ'ଣ ବିଶ୍ୱାସ କରିବା କଥା କି ! ମୁଁ କିନ୍ତୁ ବିଶ୍ୱାସ କଲି, ଏବେ ଫଳ ଭୋଗୁଛି । ମୋ କାମ ତ ଅଧା ପକେଇଲା ପକେଇଲା, ୟାଡ଼େ ଟଙ୍କା ପାଆଁଶ ନେଇ ପାଆର୍ ।

ବୁଢ଼ା ଜଣକ ଏଥର ଦୀର୍ଘଶ୍ୱାସ ପକେଇ କହିଲେ-ଆହା ହା ! ତମର ସଂସ୍କାର ଅଛି । ଜ୍ଞାନୀଲୋକ ତମେ । ହେଲେ, ଶାସ୍ତ୍ର ପ୍ରମାଣ ସ୍ମରଣରେ ନାହିଁ । ଏଇ ଯୋଉ ଫଳ ଭୋଗିବା କଥା କହିଲନି, ଏଥିପାଇଁ ବାଙ୍କନିଧିଙ୍କୁ କାହିଁ ଦୋଷ ଦେଉଛ ? ଆମରି କର୍ମର ଫଳ ଆମେ ଭୋଗୁଥାଏଁ । ତମେ ତ ଶାସ୍ତ୍ରପୁରାଣ ପଢ଼ିଥିବ, ମୁଁ ଖାଲି ସ୍ମରଣ କରେଇଦେଲି ।

ଚିନ୍ତାମଣି କହିଲା-ମିସ୍ତି ମୋ ଘରଟା ଅଧା କରିଦେଇ ପନ୍ଦରଦିନ ହେଲା ଯାଇଚି - ସେଟା କ'ଣ ମୋ କର୍ମଫଳ ? କର୍ମଫଳ କ'ଣ ଗଦେଇଥିବା ବାଲିକୁ ନଷ୍ଟ କରିଦିଏ, ସିମେଣ୍ଟକୁ ପଥର କରିଦିଏ ? ସେ ବେକାର କଥା କହି ମୋ ବ୍ରହ୍ମ ଚିଡ଼ାନ୍ତୁ ନାହିଁ ।

ବୁଢ଼ାଜଣକ ଏଥର ଠୋ ଠୋ ହେଇ ହସିଲେ ଓ କହିଲେ- ଘର ଅଧା ହେଇଯିବାଟା କି ଛାର କଥା ହେ । ମର୍ଯ୍ୟାଦା ପୁରୁଷ ଶ୍ରୀ ରାମଚନ୍ଦ୍ର ମୁହୂର୍ତ୍ତକେ ରଜା ହବାକୁ ଯାଉଥିଲେ, ଆର ମୁହୂର୍ତ୍ତକୁ ଚଉଦବର୍ଷ ବନବାସ ଗଲେ । ଗଲେ ନା ନାହିଁ, କହୁନ ? ତା'ହେଲେ ଏସବୁ କର୍ମଫଳ ନା ନାହିଁ ? ଆଉ ଯୋଉ ବ୍ରହ୍ମ କଥା କହିଲ, ତାକୁ ତମେ ଜାଣ ତମ ସଂସ୍କାର ଯୋଗୁ ଚିହ୍ନି ପାରିଲ । ନ' ହେଲେ ତାକୁ କିଏ ଦେଖିଛି !

ଚିନ୍ତାମଣି ଭାବିଲା, ଏଠି ଆଉ ବେଶୀ ସମୟ ନଷ୍ଟ କରିବା ଠିକ୍ ହେବ ନାହିଁ । ତେଣୁ ସେ ମୁହଁ ବୁଲାଇଲା ଓ ସ୍କୁଟର ଷ୍ଟାର୍ଟ କଲା । ପଛରୁ ବୁଢ଼ା ପଚାରିଲେ-ହୋ ବାବୁ ! ତମେ କେମିତିକା ଭୁଲା ଲୋକ କିଓ ! ମିସ୍ତିକୁ ଖୋଜୁଥିଲ, ମିସ୍ତି ଆସିଲାଣି କଥା ହଉନ ? ଯାଉଚ କୁଆଡ଼େ ?

-ନା, ମଉସା ଏ ମିସ୍ତି, ସେ ମିସ୍ତି ନୁହଁ ?

-ଏଇ ତ, ଦାରୁଠେଙ୍ଗର ପୀତବାସ ପୁହାଣ । ଭାରି କାମିକା ମିସ୍ତି ।

-ନାଇଁ ମଉସା ! ମୁଁ ଯୋଉ ମିସ୍ତିକୁ ଖୋଜୁଛି, ସିଏ ଇଏ ନୁହଁ । ତା ନାଁ ବାଙ୍କ । ବାଙ୍କଚୂଡ଼ ମହାପାତ୍ର । ଘର, ଗୋଠପାଟଣା ବୋଲି ତ କହୁଥିଲା ।

ବୁଢ଼ା ତା'ପରେ ଖୁବ୍ ଜୋରରେ ହସିଲେ ।

ଚିନ୍ତାମଣିକୁ ବଡ଼ ବିରକ୍ତିକର ଲାଗିଲା ସେ ହସ, ଅଥଚ ସେ କିଛି ବି ପ୍ରତିକ୍ରିୟା ପ୍ରକାଶ କଲାନି ।

ହସି ସାରିବା ପରେ ବୁଢ଼ା କହିଲେ-ବୁଝିଲ ଚିନ୍ତାମଣି ! ତମେ ବୋଧେ ଆଉ ତମ ବାଙ୍କଚୂଡ଼କୁ ପାଇବ ନାହିଁ ।

-କାଇଁ ? ସେ କ'ଣ ମରିଗଲା ନା କ'ଣ ? ଚିନ୍ତାମଣି ଉତ୍ତେଜିତ ହୋଇ ପଚାରିଲା ।

ବୁଢ଼ା କହିଲେ-ତମକୁ କେତେବେଳୁ ମୁଁ କହୁଚି-ଏଇ ପୀତବାସ ହେଉଛି ତମ ପାଇଁ ବାଙ୍କଚୂଡ଼ । କିଓ ! ଏଠି ଯିଏ ପୀତବାସ, ସେଠି ତମର ବାଙ୍କଚୂଡ଼ ହବ ନାହିଁ ବୋଲି କିଛି ପ୍ରମାଣ ଅଛି ? ପୁଣି ସେଠି ଯିଏ ବାଙ୍କଚୂଡ଼, ଆଉ କୋଉଠି ଯେ, ସିଏ କୃତ୍ତିବାସ

ହେବ ନାହିଁ, ସେ କଥା କିଏ କହିବ ? ମୁଁ ପା ସେତେବେଳୁ କହୁଚି, ଯାହା ମିଳୁଛି ସବୁ ନେଇ ଚଳେଇଦେବା ଉତ୍ତମ ବ୍ୟକ୍ତିର ଲକ୍ଷଣ । ମୋ କଥା ମାନୁନ, ସେଇ ବାଙ୍କ ବାଙ୍କ ହଉଚ, ମୋ କଥା ମାନ । ଏଇ ପୀତବାସକୁ ନେଇ କାମ ଚଳେଇଦିଅ ।

ବୁଢ଼ା ଆଉ କ'ଣ କହିବାକୁ ଯାଉଥିଲେ, ଚିନ୍ତାମଣି ବିରକ୍ତିକର ଭାବେ ମୁହଁ ଛିଞ୍ଚାଡ଼ିଲା ଓ କହିଲା- ହ୍ୟାଙ୍ଗ ଗୁଲିଆ ବୁଢ଼ାଟା ।

ବୁଢ଼ା ପଛରୁ ଡାକୁଥିଲେ - ରାଧେଶ୍ୟାମ ! ପୁଣି କେତେବେଳେ ଆସିବ ହୋ । ଭାଗବତ ଚର୍ଚ୍ଚା କରିବା ।

ଘରେ ପହଞ୍ଚିବା ମାତ୍ରେ, ସୁଖଲତା ପଚାରିଲା- ମିଳିଲା କି ବାଙ୍କ ?

ବାଙ୍କ ନୁହେଁ, ପୀତବାସ ମିଳିଲା ।

-ପୀତବାସ ? ସୁଖଲତା ଆଶ୍ଚର୍ଯ୍ୟ ହେବା ପରି ପଚାରିଲା ।

-ହ'ମ ପୀତବାସ । ଦାରୁଠେଙ୍ଗର ପୀତବାସ ପୁହାଣ । ଭାରି ଭଲ ମିସ୍ତ୍ରିଟିଏ ବୋଲି ଶୁଣିଲିତ ! ତା'ରି ସାଙ୍ଗରେ ଆଜି ଦେଖା ହୋଇଗଲା ।

ସୁଖଲତା କହିଲା-ପୀତବାସ ହଉ, କି କୃତ୍ତିବାସ ହଉ, ଆମର ଭଲ ମିସ୍ତ୍ରିଟିଏ ମିଳିଗଲେ ଗଲା । ହେଲେ, ଲୋକଟାର କେଡ଼େ ସାହସ ଦେଖ, ପାଆଁଶ ଟଙ୍କା ନେଇ ପାଆର । ସେ ପାଆଁଶ ତା ହେଲେ ଆମର ବୁଡ଼ିଗଲା । ହଉ, ଦେଖ, ଏ ପୀତବାସ ପୁଣି କି କାମ କରୁଛି ।

ଚିନ୍ତାମଣିକୁ ସାମାନ୍ୟ ହାଲ୍‌କା ଲାଗିଲା ସେତେବେଳେ । କାଲି ସକାଳୁ ଯାଇ ପୀତବାସ ସହ କଥା ପକ୍କା କରି ଆସିବାକୁ ପଡ଼ିବ । ଚିନ୍ତାମଣି ସାମାନ୍ୟ ଆଶ୍ୱସ୍ତ ହୋଇ ଏକ ଦୀର୍ଘଶ୍ୱାସ ଛାଡ଼ିଲାବେଳକୁ, ତାଙ୍କ ଗେଟ୍ ସାମ୍ନାରେ ଆସି ବାଇକ୍ ଲଗେଇଲା କୈଳାସ ପରିଡ଼ା । କୈଳାସ, ତା'ରି ଅଫିସ୍‌ର ଜଣେ ସହକର୍ମୀ । ଖାଲି ସହକର୍ମୀ ନୁହଁ, ଭଲମନ୍ଦରେ ଠିଆହେବା ଲୋକ । ତା' ସହ ଚିନ୍ତାମଣିର ପାରିବାରିକ ସମ୍ପର୍କ । ଦୂରରେ ରହୁଥିବାରୁ ପାଖାପାଖି ମାସେ ହେଲା ଆସିପାରି ନ'ଥିଲା । ବିପଦରେ ପଡ଼ିଥିବାବେଳେ ବାଟରେ ଜଣେ ମିଳିଗଲେ ଯେମିତି ଲାଗେ, କୈଳାସକୁ ଦେଖିବା ମାତ୍ରେ, ସୁଖଲତାକୁ ସେମିତି ଲାଗିଲା । ଚିନ୍ତାମଣି କିଛି କହିବା ପୂର୍ବରୁ ସେ ହସିହସି କହିଲା-ଆରେ ! ଆସନ୍ତୁ କୈଳାସବାବୁ ! ଆସନ୍ତୁ ! ଚିନ୍ତାମଣି ବି ସୁଖଲତାର ହସରେ ହସ ଯୋଡ଼ି କୈଳାସକୁ ସ୍ୱାଗତ କଲା । କୈଳାସ ଗେଟ୍ ଖୋଲି ଭିତରକୁ ଆସୁଆସୁ କହିଲା- ହଇଏ ଚିନ୍ତାମଣି ! ତମେ ପରା ସେଦିନୁ ଘରକାମ ଆରମ୍ଭ କଲଣି, ଏତେବେଳକୁ ତ ଛାତ ପଡ଼ିଯିବା କଥା । ଚିନ୍ତାମଣି କି ସୁଖଲତା, କାହାରି ମୁହଁରେ ପଦେ ହେଲେ ଉତ୍ତର ନ ଥିଲା । କୈଳାସ ସେମିତି କଥା ହଉହଉ, ନୂଆ ତିଆରି ଅଥଚ ଅଧା ହୋଇ ପଡ଼ିଥିବା ଘର ଭିତରକୁ ଗଲା ଓ ତନ୍ନତନ୍ନ କରି ସବୁଆଡ଼େ ଥରେ ଆଖି ବୁଲେଇଲା । ଡାଆଣାଙ୍କ ପରି କୈଳାସ ତା

ସ୍ୱପ୍ନର ଘରଟିକୁ ଦେଖୁଛି ଜାଣି, ଚିନ୍ତାମଣିକୁ ଖୁବ୍ କୁତ୍‌କୁତ୍ ଲାଗିଲା । କୈଳାସର ପଛେ ପଛେ ସେ ବି ସେଇ ଅଧାଗଡ଼ା ଘର ଭିତରେ ବୁଲି କୈଳାସକୁ ଘରର ନକ୍ସା ବୁଝେଇଲା- ଏଇଟା ଚଉଦରେ ବାଆର ଡ୍ରଇଂରୁମ୍ । ଏପଟକୁ ଝରଁା, ଏଠି ଲୁହାଗ୍ରୀଲ ଲାଗିବ । ତା' ଆରପଟକୁ ଯୋଉ ବ୍ଲାଙ୍କ ସ୍ପେସ୍ ଅଛି, ସେଇଠି ପୋର୍ଟିକୋ ହବ, ଗାଡ଼ି ରହିବ । ଏପଟକୁ ଦେଖିବୁ ଆ । ମାଷ୍ଟର୍ ବେଡ୍‌ରୁମ୍‌ଟା ଟିକେ ସ୍ପେସିୟସ୍ ନ' ହେଲେ ମତେ ଭଲ ଲାଗେନି । ତା'ଛଡ଼ା କ୍ରସ ଭେଣ୍ଟିଲେସନ ବି ହଉଥିବା ଦରକାର । ପୂରା ବାସ୍ତୁ ଅନୁସାରେ ଘରଟା ବନଉଛି ଯେ ।

-ହେଲେ, ଚିନ୍ତାମଣି ! ରହ ରହ । ସାପ ଦେଖି ଅଟକିଯିବା ପରି କୈଳାସ ହଠାତ୍ ଅଟକିଗଲା ।

ଚିନ୍ତାମଣି ଆଖି ମିଟିକା ମାରି କୈଳାସକୁ ଝରଁହିଁଲା । ପଛେ ପଛେ ସୁଖଲତା ବି ଅଟକି ଠିଆହେଇଛି ।

- ଆବେ ! ତୋର ଏ କାମ ବାଙ୍କା ମିସ୍ତ୍ରି କରୁଛି କିରେ ? କୈଳାସ ଅତର୍କିତ ଭାବେ ଏକଥା ପଚରିଲା ।

-ତୁ କେମିତି ଜାଣିଲୁ ? - ଚିନ୍ତାମଣି ସେମିତି ଆଶ୍ଚର୍ଯ୍ୟ ହୋଇ ପଚରୁଥିଲା ।

-ମୁଁ ପା ଜାଣେ ।

-କ'ଣ ଜାଣୁ ?

-ବାଙ୍କ ମାନେ ହିଁ ବଙ୍କା । ବାଙ୍କର ସବୁ କାମ ବଙ୍କା ହବ ହିଁ ହବ । କୈଳାସ ଆଖି ନଚେଇ ଚିନ୍ତାମଣିକୁ ଏତକ କହିଲା ଓ ବଙ୍କା ଦିଶୁଥିବା ଝରକାର ବିମ୍‌କୁ ହାତରେ ଆଉଁସିଲା ।

ଚିନ୍ତାମଣି ଚମକି ପଡ଼ିବା ପରି ପଚରିଲା- କ'ଣ ହେଲା, ବାଙ୍କ ବଙ୍କା କରି ଦେଇଛି ?

-ଦେଖୁନୁ, ଏଇ ଝରକାର ବିମ୍‌କୁ ଦେଖି । ଏପଟୁ ମାପ ସେପଟୁ ମାପ୍ । ବଙ୍କା କରିଛି ନା ନାହିଁ, କହ ।

ଚିନ୍ତାମଣି କିଛି କହିବା ପୂର୍ବରୁ ସୁଖଲତା ଆବିଷ୍କାର ସ୍ୱରରେ କହିଲା-ହଁ, ତ, ଝରକା ଉପରଟା ପୂରା ବଙ୍କା ଦିଶୁଛି । ହେ ଭଗବାନ । ଆରପଟଟା ବି ସେୟା କରିଛି । କ'ଣ ଏବେ ହେବ ଯେ ।

-ହବ, ହବ । କୈଳାସ ତଥାସ୍ତୁ ମୁଦ୍ରାରେ ଏତକ କହିଲା ।

-ମାନେ ? ଏଇ ବଙ୍କାଟା ପୁଣି ସିଧା ହୋଇପାରିବ ?-ଚିନ୍ତାମଣି ଭୀଷଣ ଉଦ୍‌ବେଗରେ ପଚରିଲା ।

-ହବ ଯେ- ମାରିଛି ଯିଏ, ତାରିବ ସିଏ । ମାନେ, ଯୋଉ ବାଙ୍କ ମିସ୍ତ୍ରି ୟାକୁ ବଙ୍କା କରିଛି । ସେଇ ୟାକୁ ସଳଖ କରିପାରିବ । ମୁଁ ଜାଣିଛି, ସେ ମିସ୍ତ୍ରିଟାକୁ । ସେ ଖାଲି ମିସ୍ତ୍ରି

ନୁହେଁ, ଭଲ ଶ୍ରୀପାଳିଆଟାଏ ବି ।

-ଶ୍ରୀପାଳିଆ ? -ଚିନ୍ତାମଣିର ସ୍ୱର ବିକଳପଣରେ ଭାରି ଭାରି ଶୁଭିଲା । ଆବେ ତୁ ଜାଣିନୁ କି ତାକୁ ? ସେ ପା ଗୋଠପାଟଣାର ବାଙ୍କଚୂଡ଼ ମହାପାତ୍ର । ଭଲ ମିସ୍ତ୍ରି ଯେମିତି, ଭଲ ଶ୍ରୀପାଳିଆ ସେମିତି । ନିଶାକର ମିଶ୍ର ଗାଆଣର ଶ୍ରୀପାଳିଆ ସିଏ । କାମ କରୁଥିବ କରୁଥିବ, ଯଦି ପାଲା ମନେପଡ଼ିଗଲା ତମେ ମଲକି ! କରଣୀକୁ ଝମର ପରି ହଲେଇବ । ମନଇଚ୍ଛା ଛାନ୍ଦ ଜଣାଣ ବୋଲିବ । ତା'ପରେ ତମ କାମ ବଙ୍କା ହେଲେ କେତେ, ସିଧା ହେଲେ କେତେ !

ଚିନ୍ତାମଣି ନିର୍ବାକ୍ ହେଇ ନିଜ ଭାଗ୍ୟ ବିପର୍ଯ୍ୟୟ ସମ୍ପର୍କରେ କୈଳାସଠାରୁ ଶୁଣୁଥାଏ । ସୁଖଲତା କିନ୍ତୁ ବାଉଳ ହୋଇଗଲା । ସେ ହଠାତ୍ ବିସ୍ଫୋରଣ କଲାପରି କହିଲା-ଯେତ କୋଉ କାମକୁ ନୁହନ୍ତି । ହଜାରବାର କହିଲି, ମୂଲିଆ ମିସ୍ତ୍ରି କାମ, କ'ଣ କରୁଛନ୍ତି ଟିକେ ଦେଖ । ଦେଖିବେ ତ ନାହିଁ, ଓଲଟା ଯଦି କାମ ପାଖରେ ଠିଆ ହେବେ, ତେବେ ସେ ଠକ ମିସ୍ତ୍ରିଟା ସାଙ୍ଗରେ ପୁରାଣ ଆଲୋଚନା କରିବେ ।

ସୁଖଲତାର କ୍ରୋଧ ଓ ଚିନ୍ତାମଣିର ନିର୍ବାକ୍ ଚେହେରା ଦେଖି, କୈଳାସ କୁଆଡ଼େ ଆସିଥିଲା, ତାହା କହିବାକୁ ଭୁଲିଗଲା । ଗଲାବେଳେ ଖାଲି କହିଲା-ଚିନ୍ତାମଣି ! ଆଜି ଅଫିସ୍ ଆ, ସେଇଠି ବସି କ'ଣ ଗୋଟାଏ ଚିନ୍ତା କରିବା ।

ଚିନ୍ତାମଣି କିଛି ବି କହିପାରିଲା ନାହିଁ । କୈଳାସ ଝଲିଯିବାପରେ, ତା' ଦେହ ହାତ ଥରିଲା । ମୁଣ୍ଡ ବୁଲେଇଲା ଭଳି ଲାଗିଲା । ସେ ବାଥ୍‌ରୁମ୍‌କୁ ପଶିଗଲା । ଗାଧୁଆ ଘରେ ଦେହରେ ମଗେ ପାଣି ଢାଳିଲା ତ ପାଞ୍ଚମିନିଟ୍ ଭାବିଲା । ମନେମନେ ବାଙ୍କର ମୁହଁକୁ ମୁଥ ମାରିଲା । ବାଲ୍‌ଟିକୁ ବାଙ୍କ ମନେ କରି ଦି' ଗୋଇଠା ମାରିଲା । ଠାକୁର ଘରେ ମୁଣ୍ଡିଆ ମାରିବାବେଳେ ବାଙ୍କର ବାଙ୍କ ଝହାଣି ଓ ଜଣାଣ ବୋଲିବା ମୁଦ୍ରା ଦିଶିଗଲା ଓ ସେ ମନ୍ତ୍ର ଭୁଲିଗଲା । ଅଫିସ୍‌ରେ ଯାଇ ଗୁମ୍ ହେଇ ବସିଲା । ଅନ୍ୟମନସ୍କ ହୋଇ ଫାଇଲ ଫିଟେଇଲା । ଅନ୍ୟମନସ୍କ ହୋଇ ଫାଇଲ ପଢ଼ିଲା । ଫାଇଲର ଧାଡ଼ିଗୁଡ଼ିକ ତାକୁ ଦିଶିଲେ ତା' ଝରକା ବିମ୍‌ପରି ବଙ୍କାତେଡ଼ା । ଫାଇଲ୍ ବନ୍ଦ କରି ସନ୍ଧ୍ୟାରେ ଘରକୁ ଫେରିଲା । ଘରେ ପହଞ୍ଚି ପ୍ୟାଣ୍ଟସାର୍ଟ ଖୋଲିଲାବେଳକୁ ତାକୁ ଲାଗିଲା, ଯେମିତି ତା' ଦେହ କ୍ରମଶଃ ଦୁର୍ବଳ ହୋଇଯାଉଛି । ଠିଆହେଲେ ପଡ଼ିଯିବା ପରି ଲାଗୁଛି । ସେତିକିବେଳେ ନୂଆନୂଆ ସ୍କୁଲ ଯାଉଥିବା ପୁଅ ଆସି ତା' ହାତକୁ ଭିଡ଼ିଲା-ବାପା ! ଆସନା । ଚିନ୍ତାମଣିକୁ ପୁଅର ଆଦର ଜମ୍ପା ଭଲ ଲାଗିଲା ନାହିଁ । ସେ ତା କଥା ନ ଶୁଣି ହ୍ୟାଙ୍ଗରରେ ସାର୍ଟ ଟାଙ୍ଗୁଟାଙ୍ଗୁ ପୁଅ ପୁଣି ପଝରିଲା-

ବାପା ! ଜି.ୟୁ.ଏନ୍- କ'ଣ ହବ ?

ଚିନ୍ତାମଣି ଆଉଥରେ ତା' ମୁହଁକୁ ଝହିଁଲା ।

-ଜିୟୁଏନ୍ କ'ଣ ହବ ବାପା ? କୁହନା ? ପ୍ଲିଜ୍ ।
ଜି.ୟୁ.ଏନ୍. ହେଲା ଗନ୍ । ଗନ୍ ମାନେ ବନ୍ଧୁକ । ବନ୍ଧୁକ ଆଣିବି, ବାଙ୍କ ମିସ୍ତି ମୁଣ୍ଡକୁ ସେଇଥିରେ କଣା କରିବି ।
ଚିନ୍ତାମଣିର ପାଟିରୁ କଥା ସରିଛି କି ନାହିଁ, ସୁଖଲତା ସେଇଆଡୁ କହି କହି ଆସିଲା-ଭଲ ଭଲ । ପୁଅକୁ ବଢ଼ିଆ କଥା ଶିଖଉଛ । ବନ୍ଧୁକ ମାରିବ, ସେମିତି ଜେଲ୍ ଯିବ ।
- ଏବେ କୋଉ ଭଲରେ ଅଛି କି ? - ଚିନ୍ତାମଣି ମୁହଁ ଛିଞ୍ଚାଡ଼ି କହିଲା । ସେଦିନ ରାତିଟା ସେମିତି ମୁହଁ ଫୁଲାଫୁଲିରେ ବିତିଲା । ସକାଳୁ ସକାଳୁ ପୁଣିଥରେ ବାହାରି ପଡ଼ିଲା ଚିନ୍ତାମଣି । ବୁଢ଼ା ପରା କହୁଥିଲା-ପୀତବାସ ଯାହା, ବାଙ୍କ ସେୟା । ପୀତବାସ କ'ଣ ତାଙ୍କର ବଙ୍କା କାମକୁ ସଳଖ କରିପାରିବ ?
ଆଦିମାତା କଲୋନିର ସେଇ ଘର ସାମ୍ନାରେ ଠିଆହେଇ ଚିନ୍ତାମଣି ସ୍କୁଟର ହର୍ଣ୍ଣ ବଜାଇବା ମାତ୍ରେ, ସେଇ ବୁଢ଼ାଲୋକ ଜଣକ ବାହାରିଆସିଲେ । କାଲି ଅପେକ୍ଷା ଆଜି ତାଙ୍କ ନାକ ଆଗର ଚିତା ସ୍ପଷ୍ଟ ବାରି ହେଇପଡୁଛି ।
-ଆରେ ରାଧେଶ୍ୟାମ ! ତମେ ଠିକ୍ ପରମାର୍ଥୀ ଲୋକ । ଏକଥା କହିଲାବେଳେ ବୁଢ଼ା ସେମିତି ହସୁଥିଲେ ଓ କୋଥଳି ଭିତରେ ଆଙ୍ଗୁଠି ଭର୍ତ୍ତିକରି ମାଳି ଗଣୁଥିଲେ ।
-ପରମାର୍ଥ ପରମାର୍ଥ କ'ଣ କହୁଚନ୍ତି । ଆଗେ କହିଲେ, ଏ ପୀତବାସ ମିସ୍ତି ବଙ୍କା କାମକୁ ସିଧା କରିପାରିବ ତ ?
-ବୁଢ଼ା ଏଥର ଚିନ୍ତାମଣିର ହାତକୁ ଧରି ଏକବାରେ ଭିଡ଼ି ନେଲେ ଓ ବାରଣ୍ଡାରେ ପଡ଼ିଥିବା ଚୌକିରେ ବସାଇଲେ । ତା'ପରେ ସେ ହସି ହସି କହିଲେ-
-ବଙ୍କା କାମ ? ବଙ୍କା ହିଁ ତ ଜୀବନ । ସଳଖ ହିଁ ମରଣ ।
-କ'ଣ କହିଲେ, ସଳଖ ହେଲେ ମରଣ ? ଚିନ୍ତାମଣି ସେତେବେଳକୁ ବିରକ୍ତ ହୋଇଯାଇଥିଲା ।
-ଆରେ ବାବୁ ବୁଝୁନ, ପବନ ବଙ୍କାରେ ଯା'ଆସ କରେ ବୋଲି ପ୍ରାଣୀ ବଞ୍ଚିଥାଇ । ପବନ ସଳଖ ହେଇଗଲେ, ପ୍ରାଣୀ ମରଣ ମୁହଁରେ ପଡ଼େ ନା ନାହିଁ ? ସେମିତି ଆମର ହତା ବଙ୍କା, ଗୋଡ଼ ବଙ୍କା, ଅଣ୍ଟାବଙ୍କା । ମଣିଷ ଶରୀର ଜାଣ ବଙ୍କା ହେଲେ, ମଣିଷ ଜିଇଁଥାଇ । ମରଣ ହେଲା ମାନେ ସବୁ ସଳଖ । ଆଉ ବାଙ୍କିଲେ ବାଙ୍କି ନୋହି । କାଠଗଡ଼ ସଳଖ । ଲମ୍ବପଥର ସଳଖ । ରାସ୍ତା ସଳଖ- ରାଧେଶ୍ୟାମ, ଏଥିରେ ଜୀବନ କାହିଁହେ ? ଚିନ୍ତାମଣିକୁ ଭାରି ଉଶ୍ୱାସ ଲାଗିଲା ଏକଥା ସବୁ । ତଥାପି ସେ ସାମାନ୍ୟ ଆଖି କୁଞ୍ଚେଇ ପଚାରିଲା-ମଉସା ! ତା ସତ ଯେ, ଘରର ଝରକା ବିମ୍ ଯଦି ବଙ୍କା ହେଲା, ସେ ଭାଙ୍ଗିପଡ଼ିବ ନା ନାହିଁ ?
-ରାଧେଶ୍ୟାମ ! ସଳଖକୁ ବଙ୍କା କରିବାକୁ ଆମେ କିଏ ନା, ବଙ୍କାକୁ ସଳଖ କରିବାକୁ

ଆମେ କିଏ ? ଗଛ ବଙ୍କା ବଢୁଛି, କ'ଣ ଭାଙ୍ଗିପଡୁଛି ? ଚନ୍ଦ୍ର ବଙ୍କା ଦିଶୁଛି, କ'ଣ ଖସିପଡୁଛି ? ହେଃ ହେଃ । ତମେ ହେଲ ପରମାର୍ଥୀ ଲୋକ । ଚିନ୍ତାମଣି ମୋହଗ୍ରସ୍ତ ହେବାପରି କହିଲା- ହଁ ମଉସା ! ପରମାର୍ଥୀ ଲୋକର ବଙ୍କା କ'ଣ ସିଧା କ'ଣ !

-ରାଧେଶ୍ୟାମ, ଠିକ୍ କହିଚ । ମୁଁ ଜାଣେପା । ତମେ ବୈଷ୍ଣବ ଲୋକ ଜୀବ-ପରମ ଭେଦ ଠିକ୍ ବୁଝିବ ।

-ତ'ପରେ ଚିନ୍ତାମଣି, ଉତ୍ସାହିତ ହେଇ ପଚାରିଲା-ତା'ହେଲେ ମଉସା, ଚିନ୍ତାମଣି ଆଜି କେତେବେଳେ ଆସିବ ?

ବୁଢ଼ା କହିଲେ- ସେ କଥା କିଏ କହିବ ! ଏ ସୃଷ୍ଟି ତାହାରି ଭିଆଣ, ତାଆରି ଲୀଳା । ସେ ଆସିବ କେତେବେଳେ, ଯିବ କେତେବେଳେ ସେହି ଜାଣେ । ପୀତବାସ ପୁଣି ବିରକ୍ତ ହୋଇ କହିଲା- ମୁଁ ଆସେ ତା'ହେଲେ ।

-ରାଧେଶ୍ୟାମ, ଘଡ଼ିଏ ବସିଲେ ସିନା ଭାଗବତ ଚର୍ଚ୍ଚା କରନ୍ତେ । ଚିନ୍ତାମଣି ସେତେବେଳକୁ ସ୍କୁଟର ଗିଅର ପକେଇସାରିଥିଲା, ତେଣୁ ସେ ବୋଧେ ବୁଢ଼ାଙ୍କ କଥା ଶୁଣିପାରିଲା ନାହିଁ । ଘରେ ପହଞ୍ଚିଲାବେଳକୁ ଚିନ୍ତାମଣିର ମୁହଁରେ ଆଉ ଉଦାସ ଭାବ ନ ଥିଲା । ଝରକା ବିମ୍ ବଙ୍କା ହୋଇଯାଇଥିବାର ଦୁଃଖରେ ସେ ଆଉ ଅନ୍ୟମନସ୍କ ବି ନ'ଥିଲା ।

ସୁଖଲତା ପଚାରିଲା- କିଛି ବ୍ୟବସ୍ଥା ହେଲା କି ?

ଚିନ୍ତାମଣି କହିଲା- ବ୍ୟବସ୍ଥା କ'ଣ ହେବ ? ବଙ୍କା ହେଲେ କିଛି ଅସୁବିଧା ନାହିଁ ମ । କ'ଣ ହେଲା, ବଙ୍କା ହେଲେ କିଛି ଅସବୁଧା ନାହିଁ ? ଦେଖିବା, ତମ କଲମ ମୁନଟାକୁ ବଙ୍କା କରିଦିଏ, ତମେ କେମିତି ଲେଖିବ ମୁଁ ଦେଖିବି ।

ଚିନ୍ତାମଣି ଚମକି ପଡ଼ିଲେ- ଆରେ ସତେ ତ ! ବୁଢ଼ାଟା ତା'ହେଲେ ମତେ ଭୂତେଇ ଦେଲା । ସୁଖଲତା ଗୋଡ଼ କଚଡ଼ି ଘର ଭିତରକୁ ଚାଲିଗଲା । ଚିନ୍ତାମଣି ଶୂନ୍ୟରେ ଦି' ବିଧା ସେ ବୁଢ଼ା ମୁହଁକୁ ଦେଲା ଓ ଚଉକି ଉପରେ ଥକ୍କା ହେଇ ବସିପଡ଼ିଲା ।

ତା'ପରଦିନ ଆଦିମାତା କଲୋନିରେ ପହଞ୍ଚିବା ପୂର୍ବରୁ ଚିନ୍ତାମଣି ନିଜକୁ ପ୍ରସ୍ତୁତ କରିନେଇଥିଲା । ରାଧେଶ୍ୟାମ ବୁଢ଼ାକୁ ଆଜି ଠିକ୍ ଜବାବ ଦବ ବୋଲି ନିଜକୁ ନିଜେ ଯଥାସମ୍ଭବ ବୁଝାଇଥିଲା । ମନକୁ ମନ କହୁଥିଲା- ଦଉଛି ବୁଢ଼ାକୁ ଆଜି ପାନେ ।

ବୁଢ଼ା ତାଙ୍କ ନୂଆ ଘରକାନ୍ଥରେ ପାଣି ଦଉଥିଲେ ।

ହଁ, ଧରାପଡ଼ିଛନ୍ତି । କହୁଥିଲେ ପରା ଯାହା ମିଳୁଛି, ଚଳେଇଦିଅ । କାନ୍ଥ ତ ଯାହା ହେଇଚି ହେଇଚି, ବୁଢ଼ା ମାଳିଗଡ଼ା ଛାଡ଼ି ପାଣି ତା'ହେଲେ ଦଉଚି କାହିଁକି ? ପକ୍କା ଟାଉଟର ବୁଢ଼ା । ଅନ୍ୟକୁ ପ୍ରବଚନ ଶୁଣେଇବ, ନିଜେ ମାୟାରେ ଉବୁଟୁବୁ ।

-କ'ଣ ମଉସା ! ଘର ପ୍ରତି ମାୟା ଲାଗିଯାଇଛି ବୋଧେ ! ସକାଳୁ ସକାଳୁ ଓଦାମୋଦା ହେଇ ନୟାନ୍ତ ହେଲେଣି ଯେ ! ଚିନ୍ତାମଣି ଖଣ୍ଡିକାଶ ମାରି ପଚାରିଲା । ବୁଢ଼ା ସେମିତି

ପାଣି ଦଉ ଦଉ କହିଲେ- ଆରେ ରାଧେଶ୍ୟାମ ! ତୁମେ ଭାଆରି ପ୍ରେମୀ ଲୋକ ଦେଖୁଛି । ଯା ହଉ, ଆଜିକାଲି ଶାସ୍ତ୍ରଫାସ୍ତ କିଏ ଚର୍ଚ୍ଚା କରୁଛି ! ତମେ ବୈଷ୍ଣବ ଲୋକ ବୋଲି ହରିକଥା ପ୍ରେମରେ ପଡ଼ିଛ ଆଉ ।

-ହରି ଫରି ନୁହେଁ ମ । କାଲି ତ ବୁଝେଇଦେଲ, ବଙ୍କାମାନେ ହିଁ ଜୀବନ । ମତେ ଆଗ କହିଲ- ଆପଣଙ୍କ ଘରଟା ବଙ୍କା ଆଉ ଅଧା ହେଇ ପଡ଼ିଥାନ୍ତା, ଆପଣ ସହିପାରିଥାନ୍ତେ କି ?

ପାଣି ଦବା ବନ୍ଦକରି ବୁଢ଼ା ବାହାରକୁ ଆସିଲେ । ହେଃ ହେଃ ଭାରି ଗହନ କଥା ପଚ୍ଛରିଲ ହେ ରାଧେଶ୍ୟାମ । ଉଦ୍ଧବ ବି ପ୍ରଭୁଙ୍କୁ ଏମିତି ପଚ୍ଛରିଥିଲା । ପ୍ରଭୁ କହିଲେ- ମନ ତୋହର ନିଜ ଗୁରୁ, ଉଦ୍ଧବ କେତେ ତୁ ପଚ୍ଛରୁ ।

ଚିନ୍ତାମଣି କହିଲା-କାଲି କହୁଥିଲ, ଚନ୍ଦ୍ର ବଙ୍କା ହେଲେ କ'ଣ ଖସି ପଡ଼ୁଚି ? ଗଛ ବଙ୍କା ହେଲେ କ'ଣ ଭାଙ୍ଗିପଡ଼ୁଚି ? ମୋତେ ଏବେ ବୁଝେଇଲ, କଲମମୁନ ଯଦି ବଙ୍କା ହବ, ସେଥିରେ ଲେଖିହେବ କି ? କୁହ, କୁହ । ଚିନ୍ତାମଣି ଆଖି ନଚେଇଲା ଓ ମୁଣ୍ଡ ହଲେଇଲା । ବୁଢ଼ା କହିଲେ- ମନେ ନାହିଁ କିଓ ! ପ୍ରଭୁଙ୍କର ଚକ୍ଷୁ ସଳଖ, ଚାହାଣି ବଙ୍କା । ମଣିଷର ଗତି ସଳଖ, ଚଲି ବଙ୍କା ନା ନାହିଁ କହୁନ ! ସେମିତି କଲମର ମୁନ ସଳଖ ହେଲେ କ'ଣ ହେବ, ଅକ୍ଷରମାନେ କେବେ ଚକ୍ରାକର, କେବେ ବର୍ଗାକାର, କେବେ ତ୍ରିଭୁଜାକାର । ତେବେ ରାଧେଶ୍ୟାମ ! ସଳଖ ମୁନରୁ ବଙ୍କା ଅକ୍ଷର ଜନ୍ମ ନଉଛି ନା ନାହିଁ ।

-ହଁ ତ ! ଚିନ୍ତାମଣି ସ୍ଥିର ଦୃଷ୍ଟିରେ ବୁଢ଼ାଙ୍କ ମୁହଁକୁ ଚାହିଁଲା ।

ବୁଢ଼ା କହିଲେ-ଆସୁନ, ଘର ଭିତରକୁ ଆସ । ଦେଖିବ, କେତେ ବାଙ୍କରେ ଉଠି ଉଠି ଶେଷରେ କାନ୍ଥ ସଳଖ ହେଇ ଠିଆ ହେଇଚି । ଦେଖିବ ଆସ ।

ଘର ଭିତରକୁ ଯିବାକୁ ଚିନ୍ତାମଣି ଭୟ କଲା । କହିଲା-ମଉସା ! ଆପଣଙ୍କର ସିନା ଘରଟା ପୂରା ହେଇଗଲାଣି, ମୋ ଘର ଅଧା ହେଇ ପଡ଼ିଛି ଯେ !

-ରାଧେଶ୍ୟାମ, ଅଧା ହିଁ ସମ୍ପୂର୍ଣ୍ଣ ।

ନା ନା ନାଃ । ଅଧା ମାନେ ତ ଅଧା । ମାନେ ହାଫ୍ । ହାଫ୍ କେମିତି କମ୍ପ୍ଲିଟ୍ ହେବ ? - ଚିନ୍ତାମଣି ପ୍ରବଳ ବିରକ୍ତିରେ ପଚ୍ଛରିଲା ।

ହେବ, ହେବ । ତମେ ବଡ଼ କପଟ ନାଗର ହେ ରାଧେଶ୍ୟାମ । ତମ ପରି ଜିଜ୍ଞାସୁ ବୈଷ୍ଣବ, ଆଜିକାଲି ବିରଳ । ପ୍ରଭୁଙ୍କ ଲୀଳା କଥା ଉଦ୍ଧବ କି ଅକ୍ରୂର, କେହି ଏମିତି ଦିନେ ପଚ୍ଛରି ନ ଥିଲେ । ରାଧେଶ୍ୟାମ ! ଜିଜ୍ଞାସା ଥିଲେ ସିନା ଜ୍ଞାନବୃଦ୍ଧି ହେବ । ତମେ ଭାରି ଚତୁର, ଭାରି କପଟୀ । ହେଃ ହେଃ । ଏହା ଉତ୍ତମ ପୁରୁଷର ଲକ୍ଷଣ ।

ମୁଁ ଜାଣିଛି, ଆପଣ କହିପାରିବେନି । ଚିନ୍ତାମଣି ପୁଣି ଆଖି ନଚେଇ କହିଲା ।

ବୁଢ଼ା କହିଲେ-ସ୍ୱୟଂ ପ୍ରଭୁ ଜଗନ୍ନାଥ ତ ଅଧାଗଢ଼ା । ରାଧେଶ୍ୟାମ ସେ ପରିପୂର୍ଣ୍ଣ ନା ନାହିଁ

ହେ ? ଉପରକୁ ଚାହିଁଲେ ଆମକୁ ଅଧା ଆକାଶ ଦୃଶ୍ୟ ହୁଏ- ତା'ହେଲେ କ'ଣ ଆକାଶ ଅଧା ? ରାଧେଶ୍ୟାମ ! ଆମ ଚର୍ମଚକ୍ଷୁକୁ ଯାହା ଅଧା ଦିଶୁଥାଏ, ତାହା ଅଧା ନୁହେଁ ହେ, ମହାପୂର୍ଣ୍ଣତାର ଅଧା ଦୃଶ୍ୟ କେବଳ ! ରାଧେଶ୍ୟାମ ! ପ୍ରଭୁଙ୍କର ଲୀଳା ଏହିପରି ଚାଲୁଥାଉ, ଆହାହା !

ବୁଢ଼ା ଆଖି ବୁଜି ମଥାରେ ହାତ ଯୋଡ଼ୁଥିଲେ । ଚିନ୍ତାମଣିକୁ କାନ୍ଦ ମାଡ଼ିଲା । ତା' ଭିତରେ କ'ଣ ସବୁ ଗୋଳିଆମୋଳିଆ ହେଇଗଲା ପରି ଲାଗିଲା ।

ଅଧା ଘର ମାନେ ହାପ୍‌ମେଡ଼ ହାଉସ । ଅଥଚ ତାହା ଗୋଟେ କମ୍ପ୍ଲିଟ୍ ହାଉସ୍‌ର ଅଧା ଦିଶୁଥିବା ଚିତ୍ର ? ମାନେ, ପୂରାଘରଟା ତେବେ ଅଛି ? ନା, ଏସବୁ ତତ୍ତ୍ୱଫତ୍ତ୍ୱ କଥା । ପ୍ରାକ୍ଟିକାଲ ନୁହେଁ । ଚିନ୍ତାମଣି ପୁଣି ନିଜକୁ ପ୍ରସ୍ତୁତ କଲା ଓ ପଚାରିଲା- ମଉସା ! ଏଇ ଯୋଉ କହିଲ- ଜଗନ୍ନାଥ ଅଧାଗଢ଼ା ହେଲେ ବି ପୂରା । ତେବେ ସିଏ ଅଧା ମନ୍ଦିରରେ ନ ରହି କାଇଁ ପୂରା ମନ୍ଦିରରେ ବସିଛନ୍ତି ? ହେଃ ହେଃ । ଏଇଟା ପ୍ରାକ୍ଟିକାଲ କଥା । ତମ ପାଖରେ ବୋଧେ ଯାର କିଛି ଉତ୍ତର ନାହିଁ ।

ବୁଝିଲ ରାଧେଶ୍ୟାମ ! ପୂରା ବୋଲି ତ ମନ୍ଦିର କ୍ଷୟଶୀଳ । ଅଧା ବୋଲିତ ଜଗନ୍ନାଥ ଅକ୍ଷୟ । ତମ ବାପା, ତମ ପାଇଁ ପୂରା ଘର କରିଥିଲେ କି ନାହିଁ ? - ସେ ରହିଲା ? କାଳ ଭାଙ୍ଗୁ କି ତମେ ଭାଙ୍ଗ, ସେ କ୍ଷୟ ହେଲା ନା ନାଇଁ ? ହେଲେ, କୋଉ ପୁରୁଷରୁ ଜଗନ୍ନାଥେ ଅଧାଗଢ଼ା ବସିଛନ୍ତି, ନିଆଁ ତାଙ୍କୁ ପୋଡ଼ିପାରୁଛି, ନା ପବନ ତାଙ୍କୁ ଉଡ଼େଇପାରୁଛି, ନା ସମୁଦ୍ର ଭସେଇ ନେଇ ପାରୁଛି ? ରାଧେଶ୍ୟାମ ! ପୂରା ମାନେ ଶେଷ । ଅଧା ସବୁବେଳେ ପୂର୍ଣ୍ଣତା ଆଡ଼କୁ ଧାଏଁ ଆଉ ପୂରା ସବୁବେଳେ ସ୍ଥିର ଓ କ୍ଷୟମୁଖୀ । ତା' ଛଡ଼ା କିଏ କୋଉ ଘର ପୂରା କରିପାରେ ଯେ ! ରାଧେଶ୍ୟାମ ବଖରାଏ ଘର କରିଥିବ, ମନ ହବ ଆଉ ବଖରାଏ ହୁଅନ୍ତା କି ! ସେ ବଖରାକ ଶେଷ ହେବାମାତ୍ରେ, ପୁଣି ମନ କହେ, ଆଉଟିକେ ସୁନ୍ଦର ଘର ହୁଅନ୍ତା କି ! ଘର ଆଗରେ ଥାଆନ୍ତା ବଡ଼ ବଗିଚା । ବଗିଚା ଭିତରେ ଲୁହାଦୋଳି । ରାଧେଶ୍ୟାମ ! ଏମିତି ମନ ଟାଣିଟାଣି ନିଏ ! ତା'ହେଲେ ଘର ପୂରା କେତେବେଳେ ହେଲା କୁହ ? ବୁଝିଲ ରାଧେଶ୍ୟାମ ! ଏ ଜୀବନଟା ତ ଅଧାରୁ ସରିଯାଏ - ଆଉ ଘର କଥା କ'ଣ କହୁଚ !

ଚିନ୍ତାମଣିର ମଥା ସତରେ ଘୂରେଇ ଦେଲା । ବାକ୍‌ରୁଦ୍ଧ ହେବା ପରି ତା' ତଣ୍ଟି ପାଖ ଅଠାଅଠା ହେଇଗଲା । ସେ କହିଲା - ମଉସା ! ପୀତବାସର ତ ଦେଖା ନାହିଁ, ମୁଁ ତେବେ ଆସୁଛି ।

-ରାଧେଶ୍ୟାମ ! ଆସିବ । ଆସିବ । ତମେ ଆସିଲେ ମତେ ଅମୃତପ୍ରାୟ ଲାଗୁଛି ।

ଚିନ୍ତାମଣି ଏକମୁହାଁ ହେଇ ଘରକୁ ଫେରିଲା । ପଛରେ ଶୁଭୁଥିଲା ବୁଢ଼ାଙ୍କର ହୋହୋ ହସ ।

ସୁଖଲତା ପଚାରିଲି- ମିଳିଲା ମିସ୍ତ୍ରି ? ଚିନ୍ତାମଣି କିଛି ବି କହିଲା ନାହିଁ ।
-ମୁଁ ପରା ପଚାରୁଛି । ମିସ୍ତ୍ରିକୁ ଖୋଜିବାକୁ ଯାଇଥିଲ, ନା ଯାଇ କୋଉଠି ଖଟି କରୁଥିଲ ?
ଚିନ୍ତାମଣି ତଥାପି କିଛି କହିଲା ନାହିଁ । ଗାଧେଇବାବେଳେ ଭାବିଲା- ତା' ମାନେ ପୂରା ହେଉଛି ଶେଷକଥା ! ଅଧା ହେଉଛି ଅକ୍ଷୟ ! ଖାଇ ବସିଥିବାବେଳେ ଭାବିଲା ହାଫ୍ ମିନ୍‌ସ୍ କମ୍ପ୍ଲିଟ୍ । ତାଙ୍କୁ ସବୁକିଛି ଧୂଆଁଳିଆ ଦିଶିଲା ଓ ସେ ଗମ୍ଭୀର ହୋଇଗଲା ।
ଚିନ୍ତାମଣିର ଗମ୍ଭୀର ମୁହଁ ସୁଖଲତାକୁ ବିରକ୍ତିକର ଲାଗିଲା ।
ଚିନ୍ତାମଣି ଅଫିସ୍ ଗଲେ ବି ତା'ର ସେଇ ଗୋଳମାଳିଆ ଚିନ୍ତା ଦୂର ହେଲା ନାହିଁ ।
ଅଫିସ୍‌ରେ କୈଳାସ ପଚାରିଲା - ଘର କାମ ଆଗେଇଲା ?
ଚିନ୍ତାମଣି ଖୁବ୍ ଗମ୍ଭୀର ଭାବେ କହିଲା- କାହିଁକି ଆଗେଇବ ? ହାପ୍ ଘର କ'ଣ କମ୍ପ୍ଲିଟ୍ ନୁହେଁ ?
ଯେ କେମିତି କଥା ? - ଅଧାଘର କେମିତି ପୂରା ହେବ ମ । ଅଧା ଘରେ ତମେ ରହିପାରିବ ? ବର୍ଷାରେ, ଖରାରେ ଅଧାଘର କି କାମକୁ ? କୈଳାସ ବିରକ୍ତ ହୋଇ ପଚାରିଲା ।
ଚିନ୍ତାମଣି ସେମିତି ଗମ୍ଭୀର ସ୍ୱରରେ କହିଲା-ମୁଁ ଭାବୁଛି, ଅଧା ସବୁବେଳେ ଭଲ ।
-ଆଚ୍ଛା, ମୁଁ ତୋ ନିଶ ଅଧା କାଟିଦେବି, ତୋ' ସାର୍ଟ ହାତ ଦି'ଟା ଅଧା କାଟିଦେବି, ତୋ ପ୍ୟାଣ୍ଟ ଅଧା କାଟିଦେବି, କେମିତି ଲାଗିବ ? ଚଳିବ ?
-ନାଁ ତ ।
-ତା ହେଲେ ଅଧା କେମିତି ଭଲ ବୋଲି କହୁଚୁ ?
ଚିନ୍ତାମଣିର ଆଖି ସହସା କ୍ରୋଧରେ ଲାଲ୍ ହେଇଗଲା । ସେ ରାଧେଶ୍ୟାମ ବୁଢ଼ାଟା ଏଣୁତେଣୁ କହି ତା' ମନଟାକୁ ବିଗାଡ଼ି ଦେଲା । ସେ ମନକୁ ମନ କହିଲା-ନା, ଆଉ ନୁହଁ । ଏଥର ବୁଢ଼ାର ସବୁ ତତ୍ତ୍ୱ ଫତ୍ତ୍ୱ ଛଡ଼େଇ ଦେବି ।
ତା' ପରଦିନ ସକାଳ ପର୍ଯ୍ୟନ୍ତ ଚିନ୍ତାମଣିର କ୍ରୋଧ କମି ନ ଥିଲା । ଆଦିମାତା କଲୋନିରେ ପହଞ୍ଚିବା ମାତ୍ରେ ଯୁଦ୍ଧ ହୁଂକାର ଦେବା ପରି ସେ ଡାକିଲା- ହୋ ରାଧେଶ୍ୟାମ ! ରାଧେଶ୍ୟାମ ମଉସାଃ, ହୋ । ଆହେ କୋଉଠି ନାଙ୍ଗୁଡ଼ ଜାକିଲକି ?
ଚିନ୍ତାମଣିର ପାଟି ଶୁଣି ବୁଢ଼ାଜଣକ ଘରୁ ବାହାରିଆସିଲେ । ବୁଢ଼ା, ଗେଟ୍ ପାଖରେ ପହଞ୍ଚିଛନ୍ତି କି ନାହିଁ, ଚିନ୍ତାମଣି କହିଲା - ଆଚ୍ଛା ମଉସା ! ଏତେ ତ ତତ୍ତ୍ୱ କହୁଚ, ତମ ଫତେଇ ହାତଟା ମୁଁ କାଟିଦେବି, ଧୋତିରୁ ଫାଳେ ଚିରିଦେବି, ଦେଖିବା, କେମିତି ଅଧା ମାନେ ହିଁ ପୂରା ବୋଲି କହିବ !
ବୁଢ଼ା ସେମିତି ନିର୍ମଳ, ମନଖୋଲା ହସ ହସି କହିଲେ- ଆହେ, ତମେ ଏମିତି ବାଲୁତ ପ୍ରାୟ ବାଉଳ କାଇଁ ହେଉଛ ? ଆସ, ଦଣ୍ଡେ ବସ । ଥକ୍କା ମାର । ତା'ପରେ ଶାସ୍ତ୍ର

ଆଲୋଚନା କରିବା । ଚିତ୍ତ ଚଞ୍ଚଳ ହେଲେ ଶାସ୍ତ୍ର ଆଲୋଚନା-ପାପ । ଚିନ୍ତାମଣି କହିଲା- ତମେ ଆଗ ମୋ କଥାର ଉତ୍ତର ଦେଲ । ତା'ପରେ ବୁଢ଼ା କହିଲେ- ଆମେ କ'ଣ କେହି କେବେ ପୂରା ପୋଷାକ ପିନ୍ଧୁ ? ଜୀବନ ଥିବାଯାଏଁ ପୋଷାକ ସବୁବେଳେ ଅଧା । ଆଉ ମୃତ ଶରୀରକୁ ହିଁ ପୂରାବସ୍ତ୍ରରେ ଘୋଡ଼େଇ ଦିଆଯାଏ । ଅଚେତନ ଥିଲାବେଳେ ହିଁ ତମ ଶରୀର ପୂରା ପୋଷାକ ପିନ୍ଧେ । ନ' ହେଲେ ଆମେ ମା' କୋଳକୁ ଫୁଙ୍ଗୁଳା ଦିହରେ ଆସୁ, ପୁଣି ମା' କୋଳରେ ଫୁଙ୍ଗୁଳା ହେଇ ମିଶୁ ଯେ ।

ଚିନ୍ତାମଣି କହିଲା - ମଉସା ! ମୋ ମୁଣ୍ଡ ବୁଲେଇ ଦଉଛି । ମତେ ଭୀଷଣ ବାନ୍ତି ଲାଗୁଛି । ମୁଁ ପଡ଼ିଯିବି ବୋଧେ ।

ବୁଢ଼ା କହିଲେ- ଜ୍ଞାନଗ୍ରହଣ ଏତେ ସହଜ କଥା ନୁହେଁ ।

ଚିନ୍ତାମଣି ଜୀବନହୀନ ଏକ ଅଥର୍ବ ଶରୀରକୁ ବୋହି ଚଲିବା ପରି, ଖୁବ୍ ଆସ୍ତେ ଆସ୍ତେ ସେଠୁ ଚଲିଆସିଲା । ସେ ଭାବିଲା, ସେ ପାଗଳ ହେଇଯିବ ବୋଧେ ।

ସେଦିନ ଅଫିସ୍‌ରେ ସେ ଗୁମ୍‌ମାରି ବସିଥିଲା । ତା' ହାବାଭାବ ଦେଖି କୈଳାସ ତାକୁ ଆଶ୍ୱାସନା ଦେବା ପରି କହିଲା- ଶୁଣ୍, ତୁ ଯଦି କହିବୁ, ଆମ ଘର ପାଖରେ ଗୋଟେ ମିସ୍ତ୍ରି ଅଛି, ତା' ସହ କାଲି କଥା ହେବା । ତୁ ସକାଳେ ଆସୁନୁ ! ଚିନ୍ତାମଣିର ଆଖି, ଆଶାରେ ଉଜ୍ଜ୍ୱଳ ଦିଶିଲା । ସେ କହିଲା- ଠିକ୍ ଅଛି, କାଲି ସକାଳୁ ତୋ' ଘରେ ପହଞ୍ଚିବି । ଆଉ ସେ ବୁଢ଼ାର ଫାନ୍ଦରେ ପଡ଼ିବି ନାହିଁ । ଜଜ୍ମା ନୁହେଁ ।

କୈଳାସର ଘରକୁ ଯିବାକୁ ହେଲେ ଆଦିମାତା କଲୋନି ବାଟେ ଅଳ୍ପବାଟ ପଡ଼େ । କିନ୍ତୁ ଚିନ୍ତାମଣି ନିଜକୁ ନିଜେ ବୁଝାଇଲା ନା, ଆଉ ନୁହେଁ । ଆଦିମାତା କଲୋନି ବାଟେ ଗଲେ, ସେ ରାଧେଶ୍ୟାମ ବୁଢ଼ା ହାବୁଡ଼େ ପଡ଼ିଯାଇପାରେ । ବୁଢ଼ା ପୁଣି ତା' ମନକୁ, ଏଣୁତେଣୁ କଥା କହି, ବିଗାଡ଼ି ଦେଇପାରେ । ତେଣୁ, ସେ ସ୍ଥିର କଲା, ବୁଲାଣି ପଡୁ ପଛେ ଆଦିମାତା କଲୋନିବାଟେ କଦାପି ଯିବ ନାହିଁ । ତେଣୁ ସେ ଅନ୍ୟ ବାଟେ ଗଲା । କୈଳାସ ବଡ଼ ଯୋଗାଡ଼ିଆ ଲୋକ । ଚିନ୍ତାମଣି ତା' ଘରେ ପହଞ୍ଚିଲାବେଳକୁ ସେ ସତକୁ ସତ ମିସ୍ତ୍ରିଟାଏ ଠିକ୍ କରିସାରିଥିଲା । କେବଳ ଚିନ୍ତାମଣି ପହଞ୍ଚିଲେ କଥାବାର୍ତ୍ତା ଯାହା ହବା କଥା । ସେୟା ହିଁ ହେଲା । ଚିନ୍ତାମଣି ସେ ମିସ୍ତ୍ରି ସହ କଥା ପକ୍କା କରିବା ପରେ ମନ ଖୁସିରେ ସ୍କୁଟର ଚଢ଼ି ଫେରିଲା ।


ଚିନ୍ତାମଣିର ଆଉ ରାଧେଶ୍ୟାମ ବୁଢ଼ା ପ୍ରତି ଭୟ ନ ଥିଲା । ଅଧା ଗଢ଼ା ଘର ହିଁ ପୂରା ଘରର ଏକ ଦୃଶ୍ୟମାନ ଚିତ୍ର ବୋଲି, ସେ ଯେତେ ବୁଝାଇଲେ ବି, ସେ ଆଉ ବୁଝିବନି । ସବୁ ଘର ଅଧା, ସବୁ ସ୍ୱପ୍ନ ଅଧା ବୋଲି ବୁଢ଼ା ଯେତେ ଯୁକ୍ତି ଦେଖେଇଲେ ବି ସେ ଆଉ ତା' ମାୟାରେ ପଡ଼ିବନି । ବାସ୍ ।

ସେ ମାୟା କାଟି ସାରିଛି ।

ସେ ମିସ୍ତି ଯୋଗାଡ଼ କରିଦେଇଛି । ଏଣିକି ତା' ସ୍ୱପ୍ନର ଘର ଗଢ଼ି ହେଇଯିବ । ଆଃ ।
କିଛିଦିନ ପରେ ଚିନ୍ତାମଣି, ଜାଣି ଜାଣି ଆଦିମାତା କଲୋନିକୁ ହିଁ ଗଲା । ରାଧେଶ୍ୟାମ ବୁଢ଼ାଙ୍କ ଘର ସାମ୍ନାରେ ପହଞ୍ଚିବା ମାତ୍ରେ ଲାଗିଲା, ଏଇ କେଇଦିନ ଭିତରେ କ'ଣ ଗୋଟାଏ ପରିବର୍ତ୍ତନ ହେଇଯାଇଛି ଏଠି । ଘରଟା ଖାଁ ଖାଁ ଲାଗୁଛି । ଚିନ୍ତାମଣି ଗେଟ୍ ସାମ୍ନାରେ ଠିଆହେଲା ଓ ଗେଟ୍ ଖଡ଼ଖଡ଼୍ କଲା । ତା'ର ଏହି ଖଡ଼୍ ଖଡ଼୍ ଶବ୍ଦ ସହ ବୁଢ଼ା ପରିଚିତ । ଏତେବେଳକୁ ସେ ବାହାରି ଆସିବା କଥା । ଅଥଚ, କିଛି ବି ଉତ୍ତର ମିଳୁନି । ସେ ଏଥର ଡାକିଲା ରାଧେଶ୍ୟାମ ! ମୁଁ ଚିନ୍ତାମଣି । ମୁଁ ଚିନ୍ତାମଣି ଡାକୁଛି ମଉସା !
ସେ ବହୁ ସମୟ ଡାକିବା ପରେ, ଘର ଭିତରୁ ଶୀର୍ଣ୍ଣକାୟ ସ୍ତ୍ରୀଲୋକ ଜଣେ ମୁହଁ ଲୁଗାକାନିରେ ଢାଙ୍କି ବାହାରିଆସିଲେ ଓ ଖୁବ୍ ଆସ୍ତେ କରି କହିଲେ- ପଅରଦିନ ରାତିରେ ସେ ଚଲିଗଲେ । ଏଇ ପଦକ କହିଦେଇ ସ୍ତ୍ରୀଲୋକଟି ଭିତରକୁ ଚଲିଗଲେ ।
ଚିନ୍ତାମଣି, ହତବାକ୍ ହୋଇ, କିଛିକ୍ଷଣ ସେଠି ଠିଆହେଲା । ନୂଆ ଘରଟା ପୂରା ହେଇ ଠିଆହେଇଚି । ନୂଆ ରଙ୍ଗ ଦିଆହେଇଛି । ନୂଆ ଝରକା କବାଟ ଲାଗିଛି । ଦିନ କେତେଟା ଭିତରେ ଯେମିତି ତରବର ହୋଇ ପ୍ରସ୍ତୁତ ହୋଇ ଅତିଥିଙ୍କୁ ଅପେକ୍ଷା କରିଛି ଏ ନୂଆ ଘରଟା । ବୁଢ଼ା, ଏଇ ଘର କାନ୍ଥରେ ପାଣି ଦଉଥିଲେ । ପୀତବାସ ମିସ୍ତି ହାତକୁ ବି ଇଟା ବଢ଼େଇ ଦଉଥିଲେ । ହେଲେ, ସେ ଆଉ ନାହାନ୍ତି ବୋଲି ଶୁଣିବା ମାତ୍ରେ, କେମିତି ଗୋଟେ ଖାଁ ଖାଁ ଲାଗୁଛି ।
ଚିନ୍ତାମଣି ମନକୁ ମନ "ରାଧେଶ୍ୟାମ' ବୋଲି ଶବ୍ଦଟେ ଉଚ୍ଚାରଣ କଲା ଓ ପାଦ ଘୋଷାଡ଼ି ଘୋଷାଡ଼ି ଘରକୁ ଫେରିଲା । ଭାବିଲା, ଭୁଲିତ ଯାଇଥିଲି, କ'ଣ ପାଇଁ ପୁଣି ଏଠାକୁ ଆସିଲି !
ବୁଢ଼ାର ଏକଦଶାହ ଦିନ ଚିନ୍ତାମଣି ଆପେ ଆପେ ପୁଣିଥରେ ଆଦିମାତା କଲୋନିକୁ ଟାଣି ହେଇଗଲା । ବୁଢ଼ାଟା ଯାହା କହୁ ପଛେ, ବଡ଼ ଖୁସ୍ ମିଜାଜର ଲୋକ ଥିଲା । ହଠାତ୍ ଏମିତି ଦୁନିଆର ମାୟା କାଟି ଚଲିଗଲା !
ଚିନ୍ତାମଣି ସେହି ଏକଦଶାହ ସଂଜରେ ହିଁ ସେ ନୂଆ ଘରେ ପହଞ୍ଚିଲା । ଏକାଦଶାହରେ ବନ୍ଧୁବାନ୍ଧବଙ୍କ ଗହଳି ଲାଗିଛି । ନୂଆଘର ବାରଣ୍ଡାରେ ବ୍ରାହ୍ମଣଭୋଜନ ପରେ ପଙ୍‌କ୍ତି ଭୋଜନ ଆରମ୍ଭ ହୋଇଯାଇଛି ।
ଚିନ୍ତାମଣି ଖୁବ୍ ଉଦାସ ଭାବେ ସେ ଘରର ବାରଣ୍ଡାକୁ ଉଠିଲା । ବୁଢ଼ା ବଂଚିଛନ୍ତି ନା କ'ଣ ?
ସେ ହସିଲେ ଯେମିତି ଚୂଆ ଓ କେତକୀ ଖଇର ବାସେ, ସେମିତି ଅବିକଳ ବାସୁଛି । ଲାଗୁଛି, ଯେମିତି ଆଖି ନଚେଇ ସେ ପଚାରୁଛନ୍ତି- ରାଧେଶ୍ୟାମ ! କେତେବେଳେ ଆସିଥିଲ ?

‘ତଳେ ଜଳୁଛି ଦୀପଟାଏ ଓ କେତେଟା ଧୂପକାଠି । ଫୁଲର ମାଳ ଭିତରେ ଅଧାଅଧି ଘୋଡ଼େଇ ହେଇଥିବା ଫଟୋ ଭିତରୁ ସତେକି ସେ ହସୁଛନ୍ତି ଖୁବ୍ ନିର୍ମଳ ହସ ।
ଚିନ୍ତାମଣି ମୁଣ୍ଡିଆଟେ ମାରିଲା ଓ ଆଞ୍ଜୁଳାଏ ଫୁଲ ତାଙ୍କ ଫଟୋ ପାଖରେ ଥୋଇ ଫେରି ଆସିଲା ।
ରାତିରେ ଶୋଇଲାବେଳେ ସେ ବାରମ୍ବାର ଦୀର୍ଘଶ୍ୱାସ ପକଉଥିଲା, ବାରମ୍ବାର କଡ଼ ଲେଉଟାଉଥିଲା । ନିଦ ହଉନି ବୋଧେ ।
ସୁଖଲତା କହିଲା- ଏ ମିସ୍ତିଟା ବାଙ୍କ ପରି ନୁହଁ । ଭଲ ଲୋକଟା । ଆଉ ଖୁବ୍ ବେଶିରେ, ଆଠଦିନରେ, କାମ ସାରିଦେବ ଲାଗୁଛି ।
ଛାତି ଥରେଇଦେବା ପରି ଏକ ଦୀର୍ଘଶ୍ୱାସ ପକେଇ ଚିନ୍ତାମଣି କହିଲା- ଭଲ ମିସ୍ତି ହଉ କି ଖରାପ ମିସ୍ତି ହଉ କାଲିଠୁ ମିସ୍ତିକୁ ମନା କରିଦେବା । ଘରକାମ ସେତିକି ଥାଉ ।
ସାପ ଦେଖିଲା ପରି ସୁଖଲତା ବିଛଣାରୁ ଉଠି ପଡ଼ି ପଚାରିଲା- କ’ଣ ଏମିତି କହୁଚ ? ତମ ମୁଣ୍ଡ ଫୁଣ୍ଡ ଖରାପ୍ କି ?
ସାମାନ୍ୟ କଡ଼ ଲେଉଟାଇ ସେମିତି ଉଦାସ ସ୍ୱରରେ ଚିନ୍ତାମଣି କହିଲା- ଗୋଟିଏ ଶୁଖିଲା ଫୁଲମାଳ ଭିତରେ ସାଦା ଫଟୋଟିଏ ହେଇ କାନ୍ଥରେ ଝୁଲିବା ଯଦି ଜୀବନର ଶେଷକଥା ହୁଏ, ତେବେ ସେମିତି କାନ୍ଥ ତ ବହୁ ଆଗରୁ ଆମ ପାଇଁ ତିଆରି ହୋଇସାରିଛି । ଆଉ ସେଥିପାଇଁ ପୂରା ଘରଟିଏ ଗଢ଼ିବା କ’ଣ ଦର୍କାର ?

❐



ପ୍ରକାଶ ପାଇଛି
କୈଳାଶଚନ୍ଦ୍ର ପଣ୍ଡାଙ୍କ
ପୁସ୍ତକ
ନାନ୍ଦିମୁଖର ଅନ୍ତସ୍ୱର

ଗୋଟିଏ ଭଲ ଦିନ



କ୍ଷୀରୋଦ ଦାସ
ମୋ. ୯୪୩୭୧ ୬୩୦୦୨

“ ପୀତବାସ ଡେରି ହୋଇ ବସିଲେ ସୋଫା ଉପରେ । ଜୀବନକାଳ ଭିତରେ ମାତ୍ର ଗୋଟିଏ ଦିନ ଅନ୍ୟ ଭାବରେ ବଞ୍ଚିବା ପାଇଁ ଚେଷ୍ଟା କରା ନ ଯିବ କାହିଁକି ? ସେ ମନେ ମନେ ତିନିଟି ବିଷୟ ଚୟନ କଲେ । ପ୍ରଥମତଃ ମିଥ୍ୟା, ଦ୍ୱିତୀୟତଃ କ୍ରୋଧ ଏବଂ ଶେଷରେ ଲୋଭ । ମଣିଷର ଏଇ ତିନି ପ୍ରଧାନ ଶତ୍ରୁ ବିରୋଧରେ ଗୋଟିଏ ଦିନ ଲଢ଼େଇ କରିବାକୁ ସେ ମନେ ମନେ ସଂକଳ୍ପ କଲେ । ମାତ୍ର ଦିନଟିଏ ତ । ”

ସେଦିନ ରାତିରେ କ’ଣ ପାଇଁ କେଜାଣି ଆଦୌ ନିଦ ହେଲା ନାହିଁ ପୀତବାସଙ୍କୁ । କେବଳ ସେଇ ରାତିରେ ନୁହେଁ, ଏଇ କିଛିଦିନ ହେବ ତାଙ୍କୁ ଭଲ ଭାବରେ ନିଦ ହେଉନାହିଁ । ଖାଲି ନିଦ ଯେ ହେଉନାହିଁ, ସେକଥା ବି ନୁହେଁ । ତାଙ୍କୁ କିଛି ବି ଭଲ ଲାଗୁନାହିଁ । କିଛି କାରଣ ନ ଥାଇ ମନ ଭିତରକୁ ଅଚାନକ ପଶି ଆସୁଛି ହାବୁକା ହାବୁକା ଗରମ ଦୁଃଖ । କେମିତି ଗୋଟାଏ ଅସୁସ୍ଥ ଅସୁସ୍ଥ ଲାଗୁଛି । ଅନେକ କ୍ଲାନ୍ତି ଓ ଅବସାଦବୋଧ ଯେମିତି ହାମୁଡେଇ ପଡୁଛି ତାଙ୍କ ଉପରେ । ଦି ଖୋଜ ଚାଲିଲେ କିମ୍ବା ଦୁଇ ମହଲାରେ ଅବସ୍ଥିତ ନିଜ କ୍ୱାର୍ଟର୍ସର ଶିଢ଼ି ଚଢ଼ିଲେ ସେ ଧଇଁସଇଁ ହୋଇ ଯାଉଛନ୍ତି । ନିଃଶ୍ୱାସ ଘରେ ପଶୁନାହିଁ

ଯେମିତି ! ଯଦିଓ ପ୍ରତିଦିନ ସକାଳେ ଅତି କମ୍‌ରେ ଚାରି ପାଞ୍ଚ କିଲୋମିଟର ବାଟ ଚାଲିବା ଏବଂ ମୁକ୍ତାକାଶ ଜିମ୍‌ରେ ପାଖାପାଖି ପଇଁଚାଳିଶି ମିନିଟ୍ ବ୍ୟାୟାମ କରିବା ଥିଲା ତାଙ୍କର ଦୀର୍ଘଦିନର ଅଭ୍ୟାସ ।

ହେଃ, ଏଇଟା ଏକ ସାମୟିକ ମାନସିକ ତଥା ଶାରୀରିକ ଅସୁସ୍ଥତା । ସାରା ବିଶ୍ୱର ଅବସ୍ଥା ତ ଏହିପରି । ସମୟକ୍ରମେ ସବୁ ଠିକ୍ ହୋଇଯିବ । ଏଥିରେ ଏତେ ବ୍ୟସ୍ତ ବିବ୍ରତ ହେବାର କ'ଣ ଅଛି ?

ପୀତବାସ ନିଜକୁ ନିଜେ ସାନ୍ତ୍ୱନା ଦିଅନ୍ତି ସିନା, ସମୟକ୍ରମେ କିନ୍ତୁ କିଛି ବି ଠିକ୍ ହୁଏନା । ଅବସାଦବୋଧଟା ବେଳକୁ ବେଳ ବଢ଼ି ତାଙ୍କୁ ଏକବାର କରାୟତ୍ତ କରିବାକୁ ବସିଲାଣି । ମାନସିକ ଅବସ୍ଥା ସହିତ ତାଙ୍କର ସ୍ୱାସ୍ଥ୍ୟ ବି ବିଗିଡ଼ି ଯାଉଥିବାର ଦେଖି ପତ୍ନୀ ଗୌରୀ ଚିଡ୍‌ଚିଡ୍ ହୋଇ କହୁଥିଲେ-

"କ'ଣ ହେଲାଣି ଆସି ସେ ଦେହ ? ଶୁଖି ଏକବାର କଣ୍ଟା ହେଇଗଲାଣି ! ଦେହ ଯଦି ଭଲ ଲାଗୁନି, ଯାଉନା ଡାକ୍ତର ପାଖକୁ ! ଏମିତି ମନକରା ହୋଇ ଚୁପ୍‌ଚାପ୍ ବସି ରହିଲେ କିମ୍ବା ଚିଡ୍‌ବିଡ୍ ହେଲେ ଦେହ କ'ଣ ଛାଁକୁ ଛାଁ ଭଲ ହୋଇଯିବ ?"

କିଛି ନାକରା କଥା କହୁ ନ ଥିଲେ ଗୌରୀ । ଛୋଟ ଛୋଟ ଅତି ସାଧାରଣ କଥାରେ ପୀତବାସ ବିରକ୍ତ ହେଇଯାଉଥିଲେ । ଅନ୍ୟମାନଙ୍କ ସହିତ ଠିକ୍ ଭାବରେ କଥା ହୋଇ ପାରୁ ନ ଥିଲେ । କୌଣସି କାମ କରିବାର ସ୍ପୃହା ହେଉ ନ ଥିଲା । ନାହିଁ ନ ଥିବା ଆଳସ୍ୟ ଯେପରି ତାଙ୍କୁ ପ୍ରଚଣ୍ଡ ଆକ୍ରୋଶରେ ଭିଡ଼ି ଜାବୁଡ଼ି ଧରିଥିଲା । କେମିତି ଗୋଟାଏ ବିଷାଦ ପରିପୂର୍ଣ୍ଣ ସ୍ଥାଣୁତ୍ୱ ଭିତରେ ପୋତି ହୋଇପଡ଼ିବା ପରି ଲାଗୁଥିଲା ତାଙ୍କୁ ।

ରାତି ସାଢ଼େ ଏଗାରଟା । ପୀତବାସ ଛଟପଟ ହେଉଥିଲେ ବିଛଣାରେ । ସତେ କି ଗୋଟାଏ ତତଲା ତାୱା ଉପରେ ଗଡୁଛନ୍ତି ସେ ! ବିଛଣାରୁ ଉଠିଆସି ବାଲ୍‌କୋନିରେ ପଡ଼ିଥିବା ବେତର ସୋଫା ଉପରେ ନିଜକୁ ଲମ୍ବାଇ ଦେଲେ ସେ । ଲମ୍ବା ଏକ ଦୀର୍ଘଶ୍ୱାସ ବାହାରିଗଲା ତାଙ୍କ ସମଗ୍ର ଶରୀରକୁ ଦୋହଲାଇ । ଚାରିଆଡ଼େ ରାଜତ୍ୱ କରୁଥିଲା ଅଖଣ୍ଡ ନିରବତା । କେତେ ନିସ୍ତବ୍ଧ, କେତେ ଭୀତିପ୍ରଦ ଏଇ ସମୟ, ଏଇ ସଂସାର ! ତାଙ୍କୁ ଲାଗୁଥିଲା, ରାତିର ଏ ନିଛାଟିଆ ପ୍ରହରରେ କ୍ଲାନ୍ତ, ଅଣନିଃଶ୍ୱାସୀ ମଣିଷମାନେ ଶାନ୍ତିର ନିଦରେ ଶୋଇଯାଇନାହାନ୍ତି, ବରଂ ସମସ୍ତେ କୋକୁଆ ଭୟରେ ଜଡ଼ସଡ଼ ହୋଇ ନିଜ ନିଜ ଅସ୍ଥାୟୀ ଆଶ୍ରୟସ୍ଥଳୀ ଭିତରେ ନିଜକୁ ସୁରକ୍ଷା ଦେବାର ବ୍ୟର୍ଥ ପ୍ରୟାସ କରି ଆତ୍ମଗୋପନ କରିଛନ୍ତି ଯେପରି !

ଆହା, ଆଖିକୁ ଦୃଶ୍ୟମାନ ହେଉ ନ ଥିବା କେଡ଼େ କ୍ଷୁଦ୍ରାତିକ୍ଷୁଦ୍ର ଜୀବଟି କେଡ଼େ ବିଶାଳ ଏ ସଂସାରର କେତେ ଶକ୍ତିମାନ ମଣିଷକୁ କେମିତି ନିଜର ଅକ୍ଟୋପାସୀ ବନ୍ଧନରେ ବାନ୍ଧି ପକାଇ ତା'ର ସମସ୍ତ ଜୀବନ ଶକ୍ତିକୁ ଶୋଷି ନେବାର ପ୍ରୟାସ ଜାରୀ ରଖିଛି,

ଦେଖ !

ଆଖି ପିଛୁଳାକେ ହଜି ଯାଉଛନ୍ତି ପ୍ରିୟ ପରିଜନ । ସେମାନଙ୍କ ପାଇଁ କିଛି କରିପାରିବା ତ ଦୂରର କଥା, ଦି' ଟୋପା ଲୁହ ଝରି ଶୋକ ପ୍ରକାଶ ବି କରିପାରୁନାହିଁ ମଣିଷ । ଜଣକ ପାଇଁ ଶୋକ ସରିବା ପୂର୍ବରୁ ଆଉ ଜଣକର ଦୁଃଖଦ ସମାଚାର ଆସି ଠିଆ ହୋଇଯାଉଛି ଧାଡ଼ିରେ । ମଣିଷ ମନଭରି କାନ୍ଦିବାକୁ ଅବସର ପାଉନାହିଁ ତା'ର ପ୍ରିୟ ମଣିଷକୁ ହରାଇ ।

ପୀତବାସ ବସି ବସି ଭାବୁଥିଲେ- ଆଜି, ଏଇ ମୁହୂର୍ତ୍ତରେ ସେ ବସିଛନ୍ତି ତାଙ୍କ ବାଲ୍‌କୋନିରେ ଅନ୍ଧାରୁଆ ପରିବେଶ ଭିତରେ । ନିଜର କେଇଜଣ ଅତି ଅନ୍ତରଙ୍ଗ ବନ୍ଧୁ ଓ ପରିଜନଙ୍କ ଅବର୍ତ୍ତମାନରେ ଦୁଃଖଦ ସ୍ମୃତିକୁ ଝୁରି ଝୁରି ଅସଂଖ୍ୟ କୋହ ଉଠିଆସୁଛି ତାଙ୍କ ଛାତି ଭିତରୁ । ଏବେ ଜୀବନ ଏତେ ଅସୁରକ୍ଷିତ, ଏତେ ଅନିଶ୍ଚିତ ଯେ କାଲି ଏତେବେଳକୁ ଏ ସଂସାରରେ ସଶରୀର ସେ ଥିବେ କି ନା, ତାହା ଘୋର ସନ୍ଦେହ । ଥିବେ ନା କାହାର ଅଶ୍ରୁର କାରଣ ପାଲଟି ଯାଇଥିବେ ? ନା ତାଙ୍କ ପଛେ ପଛେ ଆଉ କାହାର ଦୁଃଖଦ ସ୍ମୃତି ତାଙ୍କୁ ଠେଲି ନେଇ ନିକ୍ଷିପ୍ତ କରିଦେଇଥିବ ଅନନ୍ତ ଅନ୍ଧକାରର ଗର୍ତ୍ତ ମଧ୍ୟରେ ।

ତାଙ୍କ ପାଇଁ କିଏ କାହିଁକି କାନ୍ଦିବ ? ଶୋକ ପ୍ରକାଶ କରିବ ? ଝୁରି ହେବ ? ପଞ୍ଚାବନ ବର୍ଷ । ମହାକାଳର ଅନନ୍ତ ଅନ୍ତରୀକ୍ଷ ପଥରେ ଏତକ ସମୟ ଏକ ବିନ୍ଦୁର କୋଟି କୋଟି ଭାଗରୁ ଭାଗେ ହୋଇ ନ ପାରେ । କିନ୍ତୁ ସାଢ଼େ ତିନି ହାତ ଉଚ୍ଚତା ବିଶିଷ୍ଟ ମଣିଷର ପରମାୟୁ ଭିତରେ ଏକ ପ୍ରଲମ୍ବିତ ସମୟ ଖଣ୍ଡ । ଏତକ ପରମାୟୁ ବଞ୍ଚି ଆସିଥିଲେ ମଧ୍ୟ କ'ଣ ଏପରି ଅପୂର୍ବ କାର୍ଯ୍ୟଟେ ସେ କରିପକାଇଛନ୍ତି ଯେ ତାଙ୍କ ଅବର୍ତ୍ତମାନରେ ଅନ୍ୟମାନେ ତାଙ୍କ ପାଇଁ ଲୁହ ଝରିବେ ? କୋହ ଉଠାଇବେ ? କେଉଁ ପ୍ରକାର ସଫଳ ଜୀବନଟିଏ ସେ ବଞ୍ଚିଛନ୍ତି ଏତେ ବର୍ଷ ଧରି ? ପଞ୍ଚାବନ ବର୍ଷର ଗୋଟିଏ ଜୀବନ କଥା ଛାଡ଼ନ୍ତୁ, ଗୋଟାଏ ଦିନ ବି କ'ଣ ସେ ଭଲ ଭାବରେ ଅତିବାହିତ କରିଛନ୍ତି, ଯାହା ପାଇଁ ସେ ଗର୍ବ କରିବେ ! ନିଜକୁ ଅଭିନନ୍ଦନ ଜଣାଇ ପାରିବେ । ନା ! ସ୍ୱୀକାର କଲେ ପୀତବାସ ।

ପୀତବାସ ଡେରି ହୋଇ ବସିଲେ ସୋଫା ଉପରେ । ଜୀବନକାଳ ଭିତରେ ମାତ୍ର ଗୋଟିଏ ଦିନ ଅନ୍ୟ ଭାବରେ ବଞ୍ଚିବା ପାଇଁ ଚେଷ୍ଟା କରା ନ ଯିବ କାହିଁକି ? ସେ ମନେ ମନେ ତିନିଟି ବିଷୟ ଚୟନ କଲେ । ପ୍ରଥମତଃ ମିଥ୍ୟା, ଦ୍ୱିତୀୟତଃ କ୍ରୋଧ ଏବଂ ଶେଷରେ ଲୋଭ । ମଣିଷର ଏଇ ତିନି ପ୍ରଧାନ ଶତ୍ରୁ ବିରୋଧରେ ଗୋଟିଏ ଦିନ ଲଢ଼େଇ କରିବାକୁ ସେ ମନେ ମନେ ସଂକଳ୍ପ କଲେ । ମାତ୍ର ଦିନଟିଏ ତ । ଯଦି ସେ ସେଇ ଲଢ଼େଇରେ ଜିତିଗଲେ, ଅନ୍ତତଃ ନିଜକୁ ନେଇ ଗର୍ବ ଟିକିଏ ତ କରିପାରିବେ ଯେ

ଅସାର ଏ ସଂସାରରେ ସେ ଅନ୍ତତଃ ଗୋଟିଏ ଦିନ ବିତାଇ ପାରିଛନ୍ତି ମିଥ୍ୟା ନ କହି, କ୍ରୋଧ ନ କରି, ଲୋଭର ବଶବର୍ତ୍ତୀ ନ ହୋଇ ! ଏଇଟା କ'ଣ କମ୍ ବଡ଼ ଉପଲବ୍ଧିର କଥା ହେବ ।

ସେ ଚାହିଁଲେ ବେଡ୍‌ରୁମ୍‌ର କାନ୍ଥ ଘଣ୍ଟାକୁ । ରାତି ବାରଟା । ଏବେ ସେ ବିଛଣାକୁ ଯିବେ । ଆସନ୍ତାକାଲି ସକାଳ ଛ'ଟାରୁ ଆରମ୍ଭ ହେବ ତାଙ୍କର ସଂକଳ୍ପ । ଶୋଇବାକୁ ଯିବା ପୂର୍ବରୁ ସେ ଅନୁଭବ କଲେ ତାଙ୍କୁ ଟିକେ ଉଶ୍ୱାସ ଲାଗୁଛି । ଅଳ୍ପ ଅଳ୍ପ ଆତ୍ମବିଶ୍ୱାସ ଫେରିଆସୁଛି ତାଙ୍କ ପାଖକୁ । ଅନେକ ଦିନ ହେବ ଭାରି ଭାରି ଲାଗୁଥିବା ମୁଣ୍ଡଟା ସାମାନ୍ୟ ହାଲୁକା ଲାଗୁଛି । ଏକ ନୂଆ ସକାଳକୁ ସାମ୍ନା କରିବାର ବ୍ୟଗ୍ରତା ତାଙ୍କୁ ଧୀରେ ଧୀରେ ଆଚ୍ଛନ୍ନ କରୁଛି । ତାଙ୍କ ଆଖିପତା ଦବି ଆସୁଛି, ବୋଧେ ଅନେକ ଦିନ ପରେ ତାଙ୍କୁ ଭଲ ନିଦଟିଏ ଆସିବା ଆସିବା ହେଉଛି ।

ଗୌରୀଙ୍କ ଡାକରାରେ ପୀତବାସଙ୍କ ନିଦ ଭାଙ୍ଗିଲା ଠିକ୍ ସକାଳ ଛ'ଟାରେ । ତାଙ୍କୁ ଲେମ୍ବୁ ଓ ମହୁମିଶା ଉଷୁମ ପାଣି ଗ୍ଲାସେ ଧରାଇଦେଇ ସେ କହିଲେ, "ରାତିରେ ବୋଧହୁଏ ଟିକେ ଭଲ ନିଦ ହୋଇଛି ତୁମର । ଟିକେ ସତେଜ ଲାଗୁଛ ।"

ଅଳ୍ପ କିନ୍ତୁ ଚମତ୍କାର ହସଟିଏ ହସିଦେଲେ ପୀତବାସ । ତାଙ୍କୁ ଲାଗିଲା ବୋଧେ ଜୀବନରେ ପ୍ରଥମଥର ପାଇଁ ସେ ନିର୍ଭେଜାଲ ହସଟିଏ ହସିଛନ୍ତି ।

ରୋଷେଇ ଘରୁ ଚା' କପେ ଆଣି ତାଙ୍କ ହାତକୁ ବଢ଼ାଇ ଦେଇ ଗୌରୀ କହିଲେ, "ଆଉ ଡେରି କରନା । ଫ୍ରେସ୍ ହୋଇ ଯାଅ ଆଇଁଷ କ'ଣ ଆଣିବ । ଆଜି ବୁଧବାର ପରା !"

: ଆଜି ଚିଙ୍ଗୁଡ଼ି ଆଣିଲେ ଚଳିବ ତ ?- ପଚାରିଲେ ପୀତବାସ ଯଦିଓ ସେ ଜାଣିଛନ୍ତି ଚିଙ୍ଗୁଡ଼ି ଶ୍ରୀମତୀଙ୍କର ଅତି ପ୍ରୟ ।

: ତୁମର ଚଳିବ କି ନାଇଁ ନିଜକୁ ପଚାର । ଏଇଟା ଖାଇବିନି, ସେଇଟା ଖାଇବିନି । ଏଥିରେ ଅଧିକ ଫ୍ୟାଟ୍ ଅଛି, ସେଥିରେ ବେଶି ସୁଗାର ଅଛି... ଏମିତି ବାରି ବାରି, କିଛି ନ ଖାଇ ନ ଖାଇ ତ ଅଧା ଝଡ଼ିଗଲଣି । ମୋତେ ପୁଣି ପଚାରୁଛ...

ଅଧଘଣ୍ଟା ଖଣ୍ଡେ ମାଛ ମାର୍କେଟରେ ଘୂରିସାରି ପୀତବାସ ଠାବ କଲେ ଏକ ଦୋକାନ । ପ୍ରାୟ ଆଠ ଦଶ ପ୍ରକାର ସାଇଜର ସଜ ଚିଙ୍ଗୁଡ଼ି ଧରି ବେପାରରେ ବ୍ୟସ୍ତ ଥିବା ଦୋକାନୀଟିକୁ ସେ ପଚାରିଲେ- "ଆଜି ଚିଙ୍ଗୁଡ଼ି କେତେ ରେଟ୍ ଅଛି କି ଭାଇ ?"

: ଚାରିଶହ ତିରିଶ ଆଜ୍ଞା- ପୀତବାସ ଦେଖାଇଥିବା ଚିଙ୍ଗୁଡ଼ିର ଦାମ୍ କହିଲା ଦୋକାନୀ ।

ତାଙ୍କ ପାଟିରୁ ଆଉ କିଛି ବାହାରି ଆସୁଥିଲା । ସହସା ସେ ସଚେତନ ହେଲେ । ସେ ଆଗପଛ ହେଉଥିବାବେଳେ ଦୋକାନୀ କହିଲା- "ନଉ ନାହାନ୍ତି ଆଜ୍ଞା । କୋଡ଼ିଏ ଟଙ୍କା କମ୍ କରି ଦେବି... ।"

: କେଜିଏ ଦିଅ ।

ଚିଙ୍ଗୁଡ଼ିର ଦାମ ଦେଇସାରି ବ୍ୟାଗ୍ ଧରି ପୀତବାସ ଫେରିଆସୁଥିବାବେଳେ ଦୋକାନୀଟି ତାଙ୍କୁ ତିରିଶ ଟଙ୍କା ଫେରାଇଲା ।

: ଆରେ ଟଙ୍କା ଫେରାଉଛ କାହିଁକି ? ତୁମ କହିବାନୁଯାୟୀ ତ ଠିକ୍ ଚାରିଶହ ତିରିଶ ଟଙ୍କା ଦେଇଛି ! ଅଧିକ ଦେଇନି ତ !

ଟିକେ ହସିଦେଇ ଦୋକାନୀଟି କହିଲା- "ଆଜି ଜୀବନରେ ପ୍ରଥମ ଥର ପାଇଁ ଦେଖିଲି ଆଜ୍ଞା ବିନା ମୂଲଚାଲରେ ଜଣେ ଗରାଖଙ୍କୁ । କ'ଣ କହିବି ଆଜ୍ଞା, ଚିଙ୍ଗୁଡ଼ି ନେବେ ଅଢ଼େଇଶ କି ଅଧାକିଲୋ, ହେଲେ ଘଣ୍ଟାଏ କାଳ ବାର୍ଗେନିଂ କରିବେ । ହଜାର ହଜାର ଟଙ୍କା ଉଡ଼ାଇ ଦେଉଥିବେ, ହେଲେ ପାଞ୍ଚଦଶ ଟଙ୍କା ପାଇଁ ଏଠି ଯାହା ହେବେ ନା... ଆପଣଙ୍କୁ ଦେଖି ଲାଗିଲା ଗରାଖ ହିଁ ଈଶ୍ୱର । ଆପଣଙ୍କ କଥା ଶୁଣି ପେଟ ପୂରିଗଲା । ଟଙ୍କା ଦଶ କୋଡ଼ିଏଟା କ'ଣ ବଡ଼କଥା ।"

ତାଙ୍କ କଥାରେ ଦୋକାନୀଟିର ପେଟ ପୂରିଗଲା ସିନା, ତାଙ୍କର ଯେ ଆତ୍ମା ପୂରିଯିବା ପରି ଲାଗିଲା ।

ପୀତବାସଙ୍କର ମନେ ପଡ଼ିଗଲା ଗତ ରବିବାର ଦିନ କଥା । ସେଦିନ ଘରଣୀଙ୍କର ବରାଦ ଥାଏ ପୋହଳା ମାଛ ପାଇଁ । ଚାରି ନମ୍ବର ମାଛ ମାର୍କେଟ୍‌ରେ ସେ ପଶିଲେ । ସକାଳୁ ସକାଳୁ ବର୍ଷା ହୋଇ ଛାଡ଼ିଯାଇଥାଏ । ଭାରି ଅପରିଷ୍କାର ଓ ସନ୍ତସନ୍ତିଆ ହୋଇଥାଏ ହାଟ ଭିତରଟା । ଦୁର୍ଗନ୍ଧରେ ନାକ ଫାଟି ପଡୁଥାଏ । ଅଳ୍ପ ବୟସର ଯୁବକଟିଏ ଧୋବ ଫରଫର ତଟକା ପୋହଳା ଝୁଡ଼ିଏ ଧରି ବସିଥିଲା ।

: କିରେ ବାବୁ, ପୋହଳା କେତେ ଅଛି ଆଜି ?

: ତିନିଶହ ଟଙ୍କା ।

: ଆଁ ? ତିନିଶହ ଟଙ୍କା କ'ଣ ସୁନା ରୂପା ହୋଇଗଲା କିରେ ତୋ ପୋହଳା ? ସେପଟେ ବୁଝିଲି କିଲୋ ଅଢ଼େଇ ଶହ । ତୋର ତିନିଶହ । ଠକିବୁ ବୋଲି କ'ଣ କିଲୋ ପିଛା ପୂରା ପଚାଶ ଟଙ୍କା ?

ଦୋକାନୀ ଟୋକାଟା ତାଙ୍କୁ ଗାରେଡ଼େଇ ଚାହିଁ କହିଲା- "ତେବେ ଏପଟକୁ କାଇଁକି ଆସିଲ ଏତେ କଷ୍ଟ କରି ? ଯେଉଁଠୁ ଶସ୍ତାରେ ମିଳିଲା ସେଇଠୁ ନେଇଗଲନି !"

କର୍ଣ୍ଣମୂଳିରେ ନିର୍ଘାତ ଚାପୁଡ଼ାଟାଏ ଖାଇବା ପରି ଲାଗିଲା ପୀତବାସଙ୍କୁ । କାଳେ ଦାମ୍ କିଛି କମିଯିବ, ସେଇ ଆଶାରେ ସେ ମିଛ କଥାଟିଏ କହିଥିଲେ ଦୋକାନୀକୁ । ହେଲେ ସେ ତ କଂସାରି ଘରର ପାରା... ପୋହଳାର ଦାମ୍ ଯୋଗୁଁ ନୁହେଁ, ଦୋକାନୀ ଟୋକାର ଫୋପାଡ଼ିବା ପରି କଥା ଶୁଣି ଅପମାନରେ ତାଙ୍କ ମୁହଁ ଜଳିଯିବା ପରି ଲାଗିଲା । ସେ ସେଠାରୁ ଯେତେ ଶୀଘ୍ର ଆସିବା ପାଇଁ ବାଟ ପାଇ ନ ଥିଲେ ।

ଅଥଚ ଆଜି ସେ ମିଛ ନ କହି ମଧ୍ୟ ତିରିଶ ଟଙ୍କା କମ୍‌ରେ ପାଇଲେ ସଜ ଚିଙ୍ଗୁଡ଼ି । ପାଇଲେ ମଧ୍ୟ ଦୋକାନୀଟିର ନିର୍ଭେଜାଲ ମୁଠାଏ ହସ । ପୀତବାସ ଘଣ୍ଟାକୁ ଚାହିଁଲେ । ସକାଳ ନଅଟା । ତିନି ଘଣ୍ଟା କାଳ ସେ ନିଜ ସଂକଳ୍ପରୁ ବିଚ୍ୟୁତ ହୋଇନାହାନ୍ତି । ତାଙ୍କ ମନ ଖୁସିରେ ଭରିଗଲା ।

ଗାଧେଇ ସାରି ସେ ଠାକୁରଙ୍କୁ ମୁଣ୍ଡିଆ ମାରୁଥିବାବେଳେ ଗୌରୀ କହିଲେ- "ଦେଖିଲ ଦେଖିଲ, କିଏ ଜଣେ ଲାଗ ଲାଗ ତିନି ଚାରିଥର ଫୋନ୍ କଲେଣି ତୁମ ମୋବାଇଲ୍‌କୁ । ମୁଁ ଅଟା ଦଳୁଥିଲି ତ, ଯାଇ ଉଠାଇ ପାରିଲିନି ।

ଚାରିଥର ନୁହେଁ, ପାଞ୍ଚଥର ଫୋନ୍ ଆସିଥିଲା ଗାଁରୁ, ବଡ଼ଭାଇଙ୍କ ପାଖରୁ । ଗାଁ ବ୍ୟାପାରରେ ଗୌରୀ ଭାରି ରିଜିଡ୍ । ଗାଁରୁ କାହା ପାଖରୁ ଫୋନ୍ ଆସିବା ମାତ୍ରେ ସେ ଭାବନ୍ତି ଟଙ୍କା ପଇସା ଅବା ଅନ୍ୟ କୌଣସି ସାହାଯ୍ୟ ପାଇଁ ନିଶ୍ଚୟ ଆସିଥିବ । ଯେବେ ଗାଁରୁ ଫୋନ୍ ଆସେ, ଗୌରୀଙ୍କ ମୁଡ୍ ବଦଳିଯାଏ । ଏସବୁ କଥା ନେଇ ପତି-ପତ୍ନୀଙ୍କ ଭିତରେ ଅନେକଥର କଥା କଟାକଟି ହୋଇଛି, ମନାନ୍ତର ଓ ଝଗଡ଼ା ବି ହୋଇଛି ଅନେକବାର । ଏସବୁ ଝମେଲା ଓ ମନସ୍ତାପରୁ ମୁକ୍ତି ପାଇବା ପାଇଁ ପୀତବାସ ସତକଥା ନ କହି ମିଛରେ ଆଉ କାହା ନାଁ କହି ଦିଅନ୍ତି ଏବଂ ପରେ ପରେ ସେଇ କଲ୍‌ଟିକୁ ଡିଲିଟ୍ କରି ଦିଅନ୍ତି ମୋବାଇଲ୍‌ରୁ । କାଦୁଅ ଭିତରେ ପଶିବ କାହିଁକି, ଗୋଡ଼ ଧୋଇବ କାହିଁକି ?

: କିଏ ଫୋନ୍ କରିଥିଲେ କି ? ରୋଷେଇ ଘରୁ ଗୌରୀ ପଚାରିଲେ ।

ବଡ଼ ବିଷମ ସମସ୍ୟାରେ ପଡ଼ିଗଲେ ପୀତବାସ । ସତ ଓ ମିଛର ମଝିରେ ତ୍ରିଶଙ୍କୁ ଅବସ୍ଥାରେ ଠିଆ ହୋଇଥିଲେ ସେ । ସତ କଥା କହିଲେ ଘରେ ଅଶାନ୍ତି । ଏତେବେଳେ ଯାଏ ନରମ ଓ ପ୍ରୀତିପୂର୍ଣ୍ଣ କଥା କହୁଥିବା ଗୌରୀ ଅସଲ କଥାଟି ଶୁଣିଲେ ଭିନ୍ନ ମଣିଷରେ ରୂପାନ୍ତରିତ ହୋଇଯିବେ । ବଦଳିଯିବ ତାଙ୍କ ଚେହେରା ଓ କଥାବାର୍ତ୍ତା । ଗୁଣୁଗୁଣୁ ହୋଇ ବାରକଥା ଗପିବେ । ଦିନସାରା ସେଇ ଗୋଟିଏ କଥା ଘୋଷି ହେବେ ଯେ ବଡ଼ ଦିକ୍‌ଦାର ଲାଗିବ ପୀତବାସଙ୍କୁ । ସେ ଯଦି ପଦେ କ'ଣ କହିଦେବେ, ଆରମ୍ଭ ହୋଇଯିବ ଯୁକ୍ତିତର୍କ । ଅସିହା କାଳର ମସିଆ କଥା । ତା'ପରେ ମୁହଁ ଫୁଲାଫୁଲି । ମାନସିକ ଅଶାନ୍ତି । ଶାରୀରିକ ଅବସାଦ । କ'ଣ କରିବେ ସେ ତା'ହେଲେ ? ମିଛ ପଦେ କହିଦେବେ କି ? ସବୁ ସମସ୍ୟାର ସମାଧାନ ହୋଇଯିବ ସଙ୍ଗେ ସଙ୍ଗେ । କିଛି ବି ଅସୁବିଧା ହେବନି । ଯାହା ଚାଲିଛି ସେମିତି ଚାଲିବ ।

ଏମିତି ଛଳନାରେ, ଏମିତି ମିଛରେ ମିଛରେ କେତେଦିନ ଚାଲିଥିବ ଏ ଜୀବନ ? କେତେଦିନ ଆଉ ମିଛର ଓଜନକୁ କାନ୍ଧରେ ବୋହି ବୋହି ସେ ଚାଲିଥିବେ ?

"ଗାଁରୁ ବଡ଼ଭାଇ ଫୋନ୍ କରିଥିଲେ"- ସବୁ ଭାବନାର ଅନ୍ତ ଘଟାଇ କହିଲେ ପୀତବାସ ଏବଂ ଲୁଗା ବଦଳାଇ ବସିଲେ ଖାଇବା ଟେବୁଲ୍‌ରେ ।

ତାଙ୍କ ପାଇଁ ଖାଇବା ନେଇ ଆସୁଥିବାବେଳେ ଗୌରୀ କହିଲେ- ଭଲ ମଣିଷ ତ ତୁମେ ! ଜଣେ ଲୋକ ଲାଗ୍ ଲାଗ୍ ଚାରି ପାଞ୍ଚଥର ଫୋନ୍ କଲେଣି, କ'ଣ ଜରୁରୀ କାମ ଥିବ ଅବା କାହାର ଦେହପା ଭଲମନ୍ଦ ଖବର ହୋଇଥିବ, ତୁମେ କଲ୍ ବ୍ୟାକ୍ ନ କରି ବସିପଡ଼ିଲ ଖାଇବା ପାଇଁ ?

ନିଜ କାନ ଉପରେ ଅବିଶ୍ୱାସ ହେଲା ପୀତବାସଙ୍କର । ଗାଁର ମଣିଷମାନଙ୍କୁ ଆଜନ୍ମ ଅପସନ୍ଦ କରୁଥିବା ଗୌରୀ କହୁଛନ୍ତି ଏକଥା । ଏକ ବିଚିତ୍ର ଉଲ୍ଲାସ ଖେଳିଗଲା ତାଙ୍କ ମନର ଅନ୍ଦିକନ୍ଦିରେ । କାଳେ ଝଗଡ଼ା ଓ ଅଶାନ୍ତି ସୃଷ୍ଟି ହେବ, ଏତେଦିନ ପର୍ଯ୍ୟନ୍ତ ଗାଁ ବ୍ୟାପାରର ସମସ୍ତ କଥା ଗୌରୀଙ୍କୁ ସେ ଲୁଚାଇ ଆସୁଥିଲେ କିମ୍ବା ମିଛ କଥା କହି ଭଣ୍ଡେଇ ଦେଉଥିଲେ । ଅଥଚ ଆଜି ସତକଥାଟି କହିବା ପରେ କଥାଟିକୁ କେଡ଼େ ସହଜ, କେତେ ଉଦାର ଭାବରେ ଗ୍ରହଣ କରିନେଲେ ଗୌରୀ । ସେ କୃତଜ୍ଞ ହୋଇପଡ଼ିଲେ ପତ୍ନୀଙ୍କ ପ୍ରତି । ତାଙ୍କ ମୁହଁ ଉପରେ ପ୍ରତିଫଳିତ ହେଉଥିଲା ଏକ ଦିବ୍ୟ ସନ୍ତୋଷ ।

ଅଫିସ୍‌ରେ ପହଞ୍ଚୁ ପହଞ୍ଚୁ ଦିନ ଏଗାରଟା ପନ୍ଦର । ଡାଇରେକ୍ଟର ଜେନା ସାର୍ ଭାରି କଡ଼ା ଓ ତେଢ଼ା କିସମର ଲୋକ । ସାମାନ୍ୟ ଭୁଲ୍ କିମ୍ବା କିଛି ଭୁଲ ନ ଥାଇ ବି ବିନା କାରଣରେ ସେ ଅଧସ୍ତନ କର୍ମଚାରୀଙ୍କ ଉପରେ ବର୍ଷିଯାଆନ୍ତି ସ୍ଥାନକାଳପତ୍ର ନ ବିଚାରି । ଆଜି ତାଙ୍କ ଉପରେ ଯେ ପ୍ରଚଣ୍ଡ ବର୍ଷଣ ହେବ, ଏକଥା ଅନୁମାନ କରି ନେଇଥିଲେ ପୀତବାସ ।

: ଆଜି ଏତେବେଳ ଯାଏ କ'ଣ ବୁଢ଼ାର ଦେଖାଦର୍ଶନ ନାହିଁ । ଛୁଟି ଫୁଟିରେ ଅଛି ବୋଧେ ! ଆକାଉଣ୍ଟାଣ୍ଟ୍ ମିଶ୍ରବାବୁ ଓ ଷ୍ଟେନୋ ସୁପ୍ରଭା ଧୀରେ ଧୀରେ ତାଙ୍କ ବିଷୟରେ କଥା ହେଉଥିବାବେଳେ ସେ ପହଞ୍ଚି ଯାଇ କହିଲେ- "ବୁଢ଼ା ଆସିଗଲା ହୋ... ।"

: ସରି ସାର୍, ଏମିତି... ମିଶ୍ରବାବୁଙ୍କ ପାଟି ଖନି ମାରିଗଲା ।

: ହ୍ୱାଏ ସରି ? ପୀତବାସ ସ୍ମିତ ହସି କହିଲେ- "ମଝିରେ ମଝିରେ ଏମିତି ଥଟ୍ଟାମଜା ଟିକେ ନ କଲେ ଜୀବନର ଅସଲ ସ୍ୱାଦ ବାରି ହବନି ହୋ ମିଶ୍ର ଭାଇନା...ଡାକ ପ୍ରମୋଦକୁ, ଆଜି ସମସ୍ତଙ୍କୁ ଚା' ମୋ' ତରଫରୁ ।"

ଆଜି ବୋଧେ ବୁଢ଼ାର ମୁଡ୍ ଭଲ ଅଛି । - ମୁର୍କି ହସି ମନେ ମନେ ଭାବୁଥିଲା ସୁପ୍ରିୟା ।

ନହେଲେ କଥାଟା ଶୁଣି ଏତେବେଳକୁ ମୁହଁ ଫଣଫଣ କରି କୋଉ ବାଟରେ ରାଗ ଶୁଝାଇ ସାରନ୍ତାଣି- ମନେ ମନେ ଭାବୁଥିଲେ ମିଶ୍ରବାବୁ ।

ପ୍ରମୋଦ ଚା' ପରଷୁଥିବାବେଳେ ପୀତବାସ ତାକୁ ପଚାରିଲେ, "କିଓ, ତୁମେ କାଲି କୁଆଡ଼େ ଲାଖିଗଲ ? କେତୋଟି ଜରୁରୀ ଡ୍ରାଫ୍‌ଟ ବ୍ୟାଙ୍କ ନ ଯାଇ ପଡ଼ିରହିଲା ।"

"ସାର୍, କାଲି ସକାଳୁ ଉଠିଲାବେଳକୁ ଦେହଟା ଭାରି ଅସକତ ଅସକତ

ଲାଗିଲା । ଦି' ଚାରିଟା ଜବ୍ୱର ଛିଙ୍କ ବି ହୋଇଗଲା । ନାକ ଓ ଆଖିରୁ ଆଜ୍ଞା ଧାରା ଶ୍ରାବଣ ପରି ପାଣି ବୋହିବାରେ ଲାଗିଲା । ମୋର ତ ଆଜ୍ଞା ପିଳେହିପାଣି । ଭାବିଲି ଜରଫର ହବ କି କ'ଣ । ଏ ବେଳଟା ତ ଅବେଳ ନା ସାର୍ ! ଭାବିଲି ଯିବିନି ଅଫିସ୍ । ଅଯଥାରେ ମୋ' ପାଇଁ ଅନ୍ୟମାନେ କାଇଁକି ହଇରାଣ ହେବେ ?"

ପ୍ରମୋଦ ମୁହଁ ଶୁଖାଇ କହିଲା ଏବଂ ସତେ କି ତା' ନାକରୁ ପାଣି ନିଗିଡ଼ି ପଡୁଛି, ନାକକୁ ଶୋଷାଡ଼ି ନେଲା ଦି' ତିନିଥର ।

ପୀତବାସ ଜାଣିଥିଲେ ପ୍ରମୋଦ ନାମଧାରୀ ତାଙ୍କର ଏଇ ପିଅନଟି ଡାହା ମିଛ କହୁଛି । କଥାରେ ଏମିତି ସର ପକାଇ କହିବ ଯେ ତା' କଥାକୁ ବିଶ୍ୱାସ କରିବାକୁ ଅନ୍ୟମାନେ ବାଧ ହେବେ । ସେ ଭାବୁଥିଲେ କହିଦେବାକୁ-

"ତୁ ଗୋଟାଏ ବୃଦ୍ଧ ଗାଲୁଆ । ସଂସାରର ସବୁ ମିଛୁଆ ଯେଉଁଦିନ ମରିଥିଲେ, ତୁ ଠିକ୍ ସେହିଦିନ ଜନ୍ମ ହୋଇଗଲୁ । ଷଣ୍ଢକୁ ଭାଗବତ ଶୁଣାଇବା ପରି ମତେ ଆଉ ସେ ଗାଲୁଗପଗୁଡ଼ା ଶୁଣାନା । ଯଦି କାମ କରିବାକୁ ଇଚ୍ଛା ନାହିଁ, ଚାକିରୀ ଛାଡ଼ିଦେ । ଯଦି ନିଜେ ଛାଡ଼ି ପାରୁନୁ, ମୁଁ ଚାକିରୀ ଛଡ଼େଇ ଦେବାଟା ଭଲ ଭାବରେ ଜାଣେ..."

ସେ କିନ୍ତୁ ସ୍ମିତ ହସି କହିଲେ- "ଆରେ ଆରେ, ଏମନ୍ତ କଥା । ତୁମେ ଭଲ କରିଛ କାଲି ଅଫିସ୍ ନ ଆସି । ତୁମେ ଗୋଟାଏ କାମ କର ପ୍ରମୋଦ, ଏବେ ଘରକୁ ପଳାଅ । ଆଜି ଦିନଟା ବିଶ୍ରାମ ନେଇଯାଅ । କାଲିକୁ ଯଦି ଭଲ ଲାଗେ ଆସିବ, ନଚେତ୍ ମୋତେ ଫୋନ୍ କରିଦେବ, ହେଲା... ।"

ପୀତବାସ ଲକ୍ଷ୍ୟ କଲେ, ପ୍ରମୋଦ ମୁହଁର ଭାବଭଙ୍ଗୀ ସହସା ବଦଳିଗଲା । ତା' ଧୂର୍ତ୍ତ ଆଖିରେ ସେ ଜୀବନରେ ପ୍ରଥମଥର ପାଇଁ ଆବିଷ୍କାର କଲେ ଏକ ଶିଶୁସୁଲଭ ସରଳତା । ନମ୍ର ସ୍ୱରରେ ସେ କହିଲା- ନାଇଁ ସାର୍, ଆଜି ମୋତେ ଭଲ ଲାଗୁଛି । ଘରକୁ ଯିବିନି । ଡ୍ରାଫ୍ଟ ନେଇ ବ୍ୟାଙ୍କ୍ ଯିବି ।"

ମଧ୍ୟାହ୍ନ ଠିକ୍ ସାଢ଼େ ଗୋଟାଏ ବେଳକୁ ଡାକରା ଆସିଲା ଡାଇରେକ୍ଟରଙ୍କ ପାଖରୁ । ଗତକାଲି ସେ ତାଗିଦ୍ କରିଥିଲେ ରେଳବାଇ ବିଭାଗର ସବୁ ଡ୍ରାଫ୍ଟ ଓ ଫାଇଲ୍ ପ୍ରସ୍ତୁତ କରି ରଖିବା ପାଇଁ । ପନ୍ଦର ତାରିଖ ସୁଦ୍ଧା ସେସବୁ ସେକ୍ରେଟାରୀଙ୍କ ଟେବୁଲ୍‌ରେ ପହଞ୍ଚିବା ଦରକାର । ଆଜି ହୋଇଗଲାଣି ଏଗାର ତାରିଖ । ମଝିରେ ଆଉ ମାତ୍ର ତିନିଟି ଦିନ । ଫାଇଲ୍‌ରେ ଯଦି କିଛି ଗୋଳମାଳ ହୋଇଥିବ, ତାକୁ ସୁଧାରିବାକୁ ସମୟ ଲାଗିଯିବ । ସେଥିପାଇଁ ଡାଇରେକ୍ଟର ତାଙ୍କୁ ଦଶ ତାରିଖ ଧାର୍ଯ୍ୟ ସମୟ ଦେଇଥିଲେ । ପ୍ରଚଣ୍ଡ କ୍ଷଣକୋପୀ ଲୋକଟା । ରାଗିଗଲେ ତାଙ୍କ ପାଟିରେ ବାଡ଼ବତା ରୁହେନା । ଚାକିରୀ ଅଛି ଆଉ ମାତ୍ର ତିନି ମାସ କୋଡ଼ିଏ ଦିନ । ତଥାପି ବୁଢ଼ାର ଆଣ୍ଠୁ ଭାଙ୍ଗିନି ।

ଫାଇଲ୍ ତିନିଟି ଧରି ପୀତବାସ ପଶିଲେ ଡାଇରେକ୍ଟରଙ୍କ ଚାମ୍ବର ଭିତରକୁ ।

ଫାଇଲ୍ ଦେଖି ସେ ପଚାରିଲେ- "ଯେ ତ ଗଲା ସାଉଥ୍ ଇଷ୍ଟର୍ଣ୍ଣ ରେଲ୍ୱେର । ଇଷ୍ଟର୍ଣ୍ଣ ରେଲୱେର କାହିଁ ?

: ନେଇଥିଲି କାଲି ଘରକୁ ସାର୍ । ହେଲେ ରାତିରେ କରିପାରିଲି ନାହିଁ । ଦେହଟା ଭାରି ଜର ଜର ଲାଗିଲା । ତଣ୍ଟିଟା ଦରଜ ବି ଲାଗିଲା । ମୁଣ୍ଡ ଦେହ ହାତ ବଥା ହେଲା ଯେ କାହିଁରେ କ'ଣ । ଆଉ ବସିହେଲା ନାଇଁ ସାର୍, ପାରାସିଟାମଲ୍ ଗୋଟାଏ ଖାଇଦେଇ ଶୋଇଛି ଶୋଇଛି ଯେ ଶୋଇଛି...

ଏକଥା କହିଲେ ନାଇଁ ପୀତବାସ । କହିଥିଲେ ଡାଇରେକ୍ଟର ବୋଧେ କିଛି କହି ନ ଥାନ୍ତେ । କାଳେ ତାଙ୍କୁ କରୋନା ଫରୋନା କିଛି ଆକ୍ରାନ୍ତ କରିଥିବ, ଜଲ୍‌ଦି ବିଦା କରିଦେଇଥାନ୍ତେ ନିଜ ଚାମ୍ବରରୁ । ଶୋଧା ଓ ଅପମାନରୁ ମୁକ୍ତି ମିଳିଯାଇଥାନ୍ତା । ହେଲେ ଏହା କ'ଣ ସତ ? ଆଜି ଦିନଟା ମିଛ କହିବେ ନାହିଁ ବୋଲି ସେ କରିଥିବା ସଂକଳ୍ପର କ'ଣ ହୋଇଥାନ୍ତା ? ସେ ମନକୁ ଦୃଢ଼ କଲେ । ଡାଇରେକ୍ଟରଙ୍କ କ୍ରୋଧର ଶରବ୍ୟ ହେବାକୁ ପ୍ରସ୍ତୁତ ହୋଇ କହିଲେ-

"କାଲି ଅଫିସ ଛାଡ଼ିବା ସମୟରେ ଘରକୁ ନେଇ କାମ କରିବି ବୋଲି ବ୍ୟାଗ୍‌ରେ ଭର୍ତ୍ତି କରିଥିଲି ସାର୍ । ଅକସ୍ମାତ୍ ଝିଅ ପାଖରୁ ଫୋନ୍ ଆସିଲା । ତା' ସହିତ କଥା ହୋଇ ଅନ୍ୟମନସ୍କ ଭାବରେ କେତେବେଳେ ଯାଇ ଗାଡ଼ି ଧରି ଘରେ ପହଞ୍ଚିଯାଇଛି, ମୋତେ ମାଲୁମ ପଡ଼ିଲା ନାହିଁ । ରାତି ଏଗାରଟା ବେଳକୁ ମୋର ଫାଇଲ୍ କଥା ମନେପଡ଼ିଲା ସାର୍ । ସରି ସାର୍, ଆଜି ଯେତେ ଡେରି ହେଉ ପଛେ ସବୁକାମ ସାରି ଘରକୁ ଫେରିବି । କାଲି ଦିନ ଦଶଟା ସୁଦ୍ଧା ସବୁ ଫାଇଲ୍ ଥିବ ଆପଣଙ୍କ ଟେବୁଲ ଉପରେ, ସାର୍... ।"

"ମୁଁ ଦେଖୁଛି ପୀତବାସବାବୁ, ଆପଣ ମୋ' ଚାକିରୀଟା ଖାଇବେ । ଆରେ ଭାଇ, ଆଉ ଦୁଇ ତିନିଟା ମାସ କେମିତି ଭଲରେ ଭଲରେ କଟିଗଲେ ଯାଏ । ଯେମିତି ଅବସରକାଳୀନ ପେନ୍‌ସନ୍, ଗ୍ରାଚ୍ୟୁଇଟି ଗଣ୍ଡାକ ମିଳିଯାଉ । ସେକ୍ରେଟାରୀ କେମିତିକା ଲୋକ ଆପଣ ତ ଜାଣିଛନ୍ତି, ଆଉ ଅଧିକ କ'ଣ କହିବି ? ହଉ ହଉ, ଟିକେ ଲାଗିପଡ଼ନ୍ତୁ କାମରେ ।"- ଡାଇରେକ୍ଟର କହିଲେ ।

: ଆଜ୍ଞା ସାର୍ । - ପୀତବାସ ଖୁସି ମନରେ ଫେରି ଆସୁଥିବାବେଳେ ଡାଇରେକ୍ଟର ପଚାରିଲେ- 'ଝିଅ କ'ଣ କରୁଛି ?'

: ଏମ୍.ବି.ଏ. କରୁଛି ସାର୍, କୋଲ୍‌କତାରେ ।

: ଆଚ୍ଛା, ଆଚ୍ଛା, ଭେରି ଗୁଡ୍ । ମୋର ଶୁଭେଚ୍ଛା ଜଣାଇବେ ଝିଅକୁ ।

ଡାଇରେକ୍ଟରଙ୍କ ଚାମ୍ବରରୁ ବାହାରି ଆସୁଥିବାବେଳେ ପୀତବାସଙ୍କ ମୁହଁ ଦେଖାଯାଉଥିଲା ସଜ ମଲ୍ଲୀଫୁଲ ପରି ସତେଜ । ଗତ ସପ୍ତାହର କଥା-

'ନାସନାଲ୍ ହାଇୱେ'ର ଗୋଟାଏ ଡ୍ରାଫ୍ଟ ପେମେଣ୍ଟ୍ ହୋଇ ନ ପାରି ଫେରି

ଆସିଥିଲା ଅଫିସ୍ ସିଲ୍ ବାଜି ନ ଥିବାରୁ । ଡାଇରେକ୍ଟର ବୁଢ଼ାର ରାଗ ପଞ୍ଚମକୁ ଉଠିଗଲା । ଦୁର୍ଯୋଗକୁ ସେଦିନ ପୀତବାସ ଡେରିରେ ଅଫିସ୍‌ରେ ପହଞ୍ଚି ଦେଖିଲେ ଡାଇରେକ୍ଟର ତାଙ୍କ ସିଟ୍ ପାଖରେ ବସିଛନ୍ତି । ସେ ହଡ଼ବଡ଼େଇ ଗଲେ ।

: ଆପଣ ସେକ୍‌ସନ୍ ଅଫିସ୍‌ର ହୋଇ ନିଜେ ଆସିବେ ଡେରିରେ । ଷ୍ଟାଫ୍‌ମାନେ କ'ଣ ଶିଖିବେ ଆପଣଙ୍କ ଠାରୁ ? - ଡାଇରେକ୍ଟରଙ୍କ ପ୍ରଶ୍ନବାଣରେ ଘାଇଲା ହୋଇଗଲେ ପୀତବାସ । ତାଙ୍କ ପାଟି ଖନି ମାରିଗଲା- ସରି ସାର୍...

: ଆପଣଙ୍କ ପାଟିରୁ 'ସରି' ଶୁଣି ମୁଁ ଖୁସି ହୋଇ ନାଚିବି, ଏଇଆ ଭାବୁଛନ୍ତି କି ଆପଣ ?

ସେଦିନ ଏକ ଘରୋଇ କାମରେ ବ୍ୟସ୍ତ ରହି ବିଳମ୍ବ ହୋଇଯାଇଥିଲା ପୀତବାସଙ୍କର । ସେ କିନ୍ତୁ କହିଲେ- "ସାର୍, ଆସିଲାବେଳେ ଗାଡ଼ିର ଚକ ଲିକ୍ ହୋଇଗଲା ଜୟଦେବ ବିହାର ଛକ ପାଖରେ । ମୁଁ ଘଣ୍ଟାଏ କାଳ..."

ତାଙ୍କ କଥାକୁ ଶେଷ ହେବାକୁ ନ ଦେଇ ଡାଇରେକ୍ଟର ତାଚ୍ଛଲ୍ୟ ସ୍ୱରରେ କହିଲେ- "ଆହା, ଏତେ କଥା ଘଟିଗଲା, ମୋତେ ଫୋନ୍ କରିଦେଲେନି । ମୁଁ ଯାଇ ଆପଣଙ୍କ ଗାଡ଼ିକୁ ଠେଲି ଠେଲି ନେଇ ଆସିଥାନ୍ତି । ଯେତେସବୁ ଅବାସ୍ତବ କଥା ଆପଣଙ୍କ ପାଖରେ । ଠିଆଟା ହେଲେ କ'ଣ ? ଶୀଘ୍ର ଡ୍ରାଫ୍ଟ ଫାଇଲ୍ ଠିକ୍‌ଠାକ୍ କରି ପଠାନ୍ତୁ ମୋ' ପାଖକୁ ।"

ସାବାଡ୍ ହୋଇଗଲେ ପୀତବାସ । ଅଧସ୍ତନ ସହକର୍ମୀଙ୍କ ସାମ୍ନାରେ ତାଙ୍କ ମୁହଁ ଜଳିଯିବା ପରି ଲାଗିଥିବା ସେଦିନ । ଅଥଚ ଆଜି ସେସବୁ ଗାଳି, ଭର୍ତ୍ସନା, ଅପମାନକୁ ହଜମ କରିବାକୁ ପ୍ରସ୍ତୁତ ହୋଇ ସତକଥା କହିଛନ୍ତି । ସତରେ, ସତର କି କମାଲ୍ । ଡାଇରେକ୍ଟରଙ୍କ ସହୃଦୟତାପୂର୍ଣ୍ଣ କଥା ଓ ବ୍ୟବହାର ତାଙ୍କୁ ଯେତିକି ଆନନ୍ଦ ଦେଲା, ନିଜର ସଂକଳ୍ପ ରକ୍ଷା ତା'ଠାରୁ ଲକ୍ଷେ ଗୁଣର ଆତ୍ମସନ୍ତୋଷ ଓ ପ୍ରଶାନ୍ତି ଭାରି ଦେଲା ତାଙ୍କ ମନରେ ।

ଅପରାହ୍ନ ଚାରିଟା । ସକାଳ ଛ'ରୁ ଅପରାହ୍ନ ଚାରି- ଦଶ ଘଣ୍ଟା ତାଙ୍କ ମନ ଉତ୍‌ଫୁଲ୍ଲିତ ହୋଇ ଉଠୁଥିଲା । ନିଜ ଭିତରେ ଅନୁଭବ କରୁଥିଲେ ଏକ ନିଆରା ସ୍ୱାଦ । ବନ୍ଧୁ ହୃଷୀକେଶ ଅନେକ ଦିନ ପରେ ହଠାତ୍ ଆସି ପହଞ୍ଚିଗଲା । ଭିଜିନାଲ୍ସ ଡି.ଏସ୍.ପି । ଭାରି ମଉଜିଆ ମଣିଷଟେ । ତାଙ୍କର କଲେଜ ବେଳର ବନ୍ଧୁ । ବନ୍ଧୁଙ୍କୁ ଧରି ସେ ଟିକେ ମନ ଖୁସିରେ ଗପ କରିବାକୁ ଏବଂ ଚା' ପିଇବାକୁ ଚାଲିଗଲେ କାଣ୍ଟିନ୍ ।

ବାରଆଡୁ କଥାବାର୍ତ୍ତା ପରେ ହୃଷୀକେଶ ପଚାରିଲା, "ଆଉ କେତେ ବର୍ଷ ରହିଲା କିରେ ତୋର ଚାକିରୀ ?

: ଜମା ଚାରି ବର୍ଷ ଛ ମାସ ।

: ଘର ଫର କେଉଁଠି କଲୁ ନା ନାହିଁ ?

: ଜାଗା ଖଣ୍ଡେ ପଡ଼ିଛି । ପାଖରେ ଅର୍ଥର ଅଭାବ । ଭାବିଛି ଅବସର ପରେ ଯାହା ମିଳିବ, ସେଇଥିରେ...

ତାଙ୍କ କଥାକୁ ଅଧାରେ ରଖି ହୃଷୀକେଶ କହିଲା- "ତୁ ରାଜଧାନୀରେ ଚାଳିଶ ବର୍ଷ ହେଲା ରହିଲୁଣି, ଏଯାଏ ଘର ଖଣ୍ଡେ କରିପାରିଲୁନି । କି ଅଫିସରଟା ହେଇଛୁ ବେ ? ଖାଲି ବଡ଼ ବଡ଼ ତାତ୍ତ୍ୱିକ କଥା କହିବୁ, କିନ୍ତୁ ଭିଡ଼କୁ ନୁହଁ । ତୋର କାମ ନାହିଁ କି ଫୁର୍‌ସତ୍ ନାହିଁ..."

ଚା' କପ୍‌ଟି ଟେବୁଲ୍ ଉପରେ ରଖି ହୃଷୀକେଶ ପୁଣି କହିଲା- ଆବେ, ଘର କିଣିବୁ ? ମୋର ଜଣେ ଚିହ୍ନା ବିଲ୍‌ଡର ପଟିଆ ପାଖରେ ତିଆରି କରୁଛି ବିରାଟ ଆପାର୍ଟମେଣ୍ଟ୍ । ସେଇଟି ମୁଁ ରଖିବି ଗୋଟାଏ- ଥ୍ରୀ, ବି.ଏଚ୍.କେ. ଫ୍ଲାଟ୍ । ଅନ୍ୟମାନଙ୍କ ପାଇଁ ଦାମ୍ ଅଶୀ ଲକ୍ଷ, ମୋ' ପାଇଁ ଅଧା । ଯଦି କହିବୁ, ତୋ' ପାଇଁ ବି ଗୋଟାଏ ଯୋଗାଡ଼ କରିବି... ।"

: ମାନେ ? ଅଶୀ ଲକ୍ଷରୁ ଖସି ଏକବାର ଚାଳିଶ ଲକ୍ଷ । ଏହା କେମିତି ସମ୍ଭବ ?

: ଆବେ ତୁ ଚକୁଳି ଖାଇବା ଲୋକ, ବିନ୍ଧ କାହିଁକି ଗଣୁଛୁ ? ତୁ ଖାଲି ରାଜି ହୋଇଗଲେ ବିଲ୍‌ଡର ସହିତ ମୁଁ କଥା ହେବି । ଯେତିକି ସାହାଯ୍ୟ ସେ ମୋ' ଠାରୁ ପାଇଛି, ସାତଜନ୍ମରେ ବି ଭୁଲିପାରିବନି ।"

ଅନ୍ୟମନସ୍କ ହୋଇପଡ଼ିଲେ ପୀତବାସ । ଏମିତି କୌଣସି ଦିନ ଯାଇନାହିଁ, ଯେଉଁଦିନ ଗୌରୀ 'ଘର' କଥା କହିନାହାନ୍ତି । କେବଳ କୁହନ୍ତିନି, ତାଙ୍କୁ ଓ ନିଜ କପାଳକୁ ନିନ୍ଦନ୍ତି । ଭଡ଼ାଘର ଓ ସରକାରୀ କ୍ୱାର୍ଟର୍ସରେ ରହି ରହି ଜୀବନ ସରିଗଲା ବୋଲି ମନସ୍ତାପ କରନ୍ତି । ଉଲୁଗୁଣା ଦିଅନ୍ତି ।

ରାଜଧାନୀରେ ଘର ତିଆରି କରିବା କିମ୍ବା କିଣିବା କ'ଣ ପିଲାଙ୍କ ପାଇଁ କ୍ରିକେଟ୍ ବ୍ୟାଟ୍ ବଲ୍ କିଣିବା ଭଳି ହୋଇଛି ଯେ ପୀତବାସ ସହସା ପୂରଣ କରିପକାଇବେ ପତ୍ନୀଙ୍କ ଦାବିକୁ ।

ତାଙ୍କର ଚିନ୍ତାଶୀଳ ମୁହଁକୁ ଚାହିଁ ହୃଷୀକେଶ କହିଲା, "କିରେ, ଏମିତି କେଉଁ ଭାବନା ରାଜ୍ୟରେ ବୁଡ଼ିଗଲୁ କି ? ଟଙ୍କା ପଇସା କଥା ଚିନ୍ତା କରନା । ଅଧା ଟଙ୍କା ନେଇ ସେ ରେଜେଷ୍ଟ୍ରି କରିଦେବ । ଆଉ ଅଧକ ସମୟ ସୁବିଧା ଦେଖି ଧୀରେ ଧୀରେ ଦେଲେ ଚଳିବ । ସେ ଦାୟିତ୍ୱ ମୋ' ଉପରେ ଛାଡ଼ିଦେ..."

ମୁହୂର୍ତ୍ତେ ଆନମନା ହୋଇଗଲା ପୀତବାସଙ୍କର ମନ । ଆଖି ଆଗରେ ଭାସି ଉଠିଲା ରାଜଧାନୀର ସମ୍ଭ୍ରାନ୍ତ ଅଞ୍ଚଳରେ ଠିଆ ହୋଇଛି ତାଙ୍କର ଥ୍ରୀ ବି.ଏଚ୍.କେ. ଫ୍ଲାଟ୍ । ଗୋଟିଏ ବଖରା ଝିଅର, ଗୋଟିଏ ବଖରା ପୁଅର, ଆରଟି ଗୌରୀ ଓ ତାଙ୍କର । ଥିବ

ପ୍ରଶସ୍ତ ବାଲ୍‌କୋନି, ଡ୍ରଇଂ ରୁମ୍, ଠାକୁର ଘର, ତିନିଟ ବାଥ୍‌ରୁମ୍ ଓ ଟୟଲେଟ୍...

ଏଇଟା ଲୋଭ ନୁହେଁ କି ? - ଭାବନା ରାଜ୍ୟରୁ ଫେରିଆସି ପୀତବାସ ମନେ ମନେ ଭାବିଲେ- ଅଶୀ ଲକ୍ଷର ସମ୍ପତ୍ତିକୁ ଚାଳିଶ ଲକ୍ଷରେ ହାତେଇବାର ଏଇ ଯେଉଁ ମାନସିକତା, ତାହା ତେବେ କ'ଣ ? ଅନେକ ମାନସିକ ସଂଘର୍ଷ ପରେ ସେ ନିଜକୁ ଦୃଢ଼ କରି କହିଲେ-

"ଦେଖ ଭାଇ, ଏବେ ଏତେ ଗୁଡ଼ାଏ ଟଙ୍କା ସେ ବାଟରେ ଖର୍ଚ୍ଚ କରିବା ଅବସ୍ଥାରେ ମୁଁ ନାହିଁ । ବର୍ଷକ ପରେ ଝିଅ ବାହାଘର କରିବାକୁ ପ୍ରସ୍ତୁତ ହେଉଛି । ସାନପୁଅର ପାଠପଢ଼ା ସରିନାହିଁ । ଭାବିଛି, ଅବସର ପରର ଟଙ୍କାରେ ମୋ' ଜମି ଉପରେ ଛୋଟକାଟର ଘର ଖଣ୍ଡେ ତିଆରି କରିବି । ତୁ ଆଉ ଏତେ ବଡ଼ ବଡ଼ କଥା ମୋ' ମୁଣ୍ଡରେ ପୂରାନା ଭାଇ..."

: ହଉ, ତୋ ଇଚ୍ଛା । ଯଦି ଏ ବିଷୟରେ କେବେ ମନସ୍ଥିର କରୁ, କହିବୁ ମୋତେ । ବଡ଼କଥା ହେଲା ସେପର୍ଯ୍ୟନ୍ତ ସେ ଘର ଥିଲେ ହେଲା ।

ହୃଷୀକେଶ ଯିବା ପରେ ପୀତବାସ ବସିଥିଲେ ନିଜ ଚାମ୍ବରରେ । ସଂକଳ୍ପ ଓ ଲୋଭ ମଧ୍ୟରେ ପାଖାପାଖି ଦୁଇଘଣ୍ଟା ଧରି ତାଙ୍କ ଭିତରେ ଚାଲିଥିବା ଘମାଘୋଟ ମହାସମରର ଅନ୍ତ ଘଟିଛି । ତାଙ୍କ ମନ ଭିତରେ ବିଚରଣ କରୁଥିଲା ଏକ ବିମଳ ପ୍ରଶାନ୍ତି । ଭାରି ପରିଚ୍ଛନ୍ନ ଲାଗୁଥିଲା ତାଙ୍କୁ ସାରା ପରିବେଶ, ସାରା ସଂସାର । ତାଙ୍କ ହୃଦୟ ପୂରି ଉଠୁଥିଲା ଅନନ୍ୟ ଅନ୍ତରଙ୍ଗତାରେ । ତାଙ୍କ ପାଖପାଖରେ ଆତଯାତ ହେଉଥିବା ପ୍ରତିଟି ମଣିଷ ଲାଗୁଥିଲେ ନିଜର ପ୍ରିୟ ପରିଜନ ପରି ।

ସନ୍ଧ୍ୟା ଛଅଟା । ସଂକଳ୍ପର ବାରଘଣ୍ଟା ପୂର୍ତ୍ତି ।

ପୀତବାସ ଫେରୁଥିଲେ ଘରକୁ । କାର୍ ନ ନେଇ ସେଦିନ ସେ ହୋଣ୍ଡାଆକ୍ଟିଭା ନେଇ ଯାଇଥିଲେ ଅଫିସ୍ । ଆକ୍ଟିଭା ଗାଡ଼ିଟି ସେଦିନ ତାଙ୍କୁ ଲାଗୁଥିଲା ମନପବନ ଯାନଟିଏ ପରି । ଜୀବନରେ ପ୍ରଥମ ଥର ପାଇଁ ସେ ନିଜ ଭିତରେ ଅନୁଭବ କରୁଥିବାବେଳେ ଏକ ହାଲୁକାପଣ । ଘରକୁ ନ ଫେରି କିଛି ସମୟ ସେ ବିନା କାର୍ଯ୍ୟରେ ବୁଲିଲେ, ସତେ ଯେପରି ଅନ୍ୟ ଏକ ଗ୍ରହରେ ସେ ଏଇକ୍ଷଣି ଅବତରଣ କରିଛନ୍ତି ।

ଗାଡ଼ିଟି ଗ୍ୟାରେଜ୍‌ରେ ରଖି ଘର ଭିତରକୁ ପଶିଲେ ପୀତବାସ । ପିଲା ଦୁହେଁ ବ୍ୟସ୍ତ ଥିଲେ ନିଜ ନିଜ କାମରେ । ରୋଷେଇ ଘରେ ଗୌରୀ ରାତି ଖାଇବା ପ୍ରସ୍ତୁତ କରୁଥିଲେ । ତାଙ୍କୁ ପାଣି ଗ୍ଲାସ୍‌ଟେ ଦେଇ ତାଙ୍କ ମୁହଁକୁ ଚାହିଁଦେଇ କହିଲେ-

: ଆଜି ପ୍ରମୋସନ୍ ହୋଇଛି ନା କ'ଣ ?

: କେମିତି ଜାଣିଲ ? ମୃଦୁ ହସି ପଚାରିଲେ ପୀତବାସ ।

: ତିରିଶ ବର୍ଷର ବୈବାହିକ ଜୀବନ କାଳ ଭିତରେ କ'ଣ ଏତିକି ଜାଣିପାରିବିନି ।

କିଛି କହିଲେ ନାହିଁ ସେ । ଧୋଇ ଧୋଇ ହୋଇ ଆସି ଖାଇବସିଲେ । ତା'ପରେ ବସିଲେ ସବୁଦିନ ପରି ଘଡ଼ିଏ, ଟିଭି ସାମ୍ନାରେ 'ଆଜ୍-ତକ୍' ଚ୍ୟାନେଲ୍ ଖୋଲି । ୟା' ଭିତରେ ଦୁଇ ପିଲା ଓ ଗୌରୀ ଖାଇସାରି ବିଛଣା ଧରିଲେଣି ।


ରାତି ବାରଟା

ବାଲ୍‌କୋନିର ବେତ ସୋଫା ଉପରେ ବସିଥିଲେ ପୀତବାସ, ଯେଉଁଠି ସେ ବସିଥିଲେ ଗତକାଲି ଠିକ୍ ଏଇ ସମୟରେ । କାଲିର ପୃଥିବୀ ପରି ଆଜିର ପୃଥିବୀ ବି ଲାଗୁଥିଲା ଚୁପ୍‌ଚାପ୍, ନିରବ । ଅଥଚ କାଲି ଓ ଆଜି ଭିତରେ କେତେ ଫରକ ସତେ । କାଲିର ଭୟ ଜୁଡୁବୁଡୁ ଅସୁରକ୍ଷିତ ପୃଥିବୀଟା ଆଜି କିନ୍ତୁ ଲାଗୁଥିଲା ଶାନ୍ତ ସମାହିତ ନନ୍ଦନକାନନ ପରି । ଚାରିଆଡ଼େ ରାଜୁତି କରୁଥିଲା ଏକ ସ୍ନିଗ୍ଧ ନିରବତା । ସତେ ଯେପରି ଦିନସାରା ଖେଳିକୁଦି ହାଲିଆ ହୋଇପଡ଼ିଥିବା ନିଷ୍ପାପ, ଅବୋଧ ଶିଶୁଟି ମା'ର ନିରାପଦ କୋଳ ଭିତରେ ଅଚିନ୍ତା ନିଦରେ ଶୋଇପଡ଼ିଛି ।

ପୀତବାସଙ୍କ ଦୁଇ ଆଖିପତା ଭାରି ହୋଇପଡୁଥିଲା ମଧୁର ନିଦର ଆଶ୍ଳେଷରେ ।

ବେତ ସୋଫାରେ ନିଜକୁ ଆହୁରି ଟିକିଏ ସମର୍ପିଦେଇ ସେ ଭାବିଲେ- "ଆଜି ଦିନଟିକୁ ନେଇ ଟିକେ ଗର୍ବ କଲେ କ୍ଷତି କ'ଣ ? ନିଜକୁ ଟିକେ ଅଭିନନ୍ଦନ ଜଣାଇଲେ କ୍ଷତି କ'ଣ ? ଯିଏ ମାତ୍ର ଗୋଟାଏ ଦିନ ମିଥ୍ୟା, କ୍ରୋଧ ଓ ଲୋଭ ବ୍ୟତିରେକ ସେ ଅତିବାହିତ କରି ଏକ ସ୍ୱର୍ଗୀୟ ଉପଲବ୍ଧିକୁ ଉପଭୋଗ କରିପାରୁଛନ୍ତି, ଗୋଟିଏ ମାସ ଅବା ଅବଶିଷ୍ଟ ଆୟୁଷକୁ ସେହିପରି ଖର୍ଚ୍ଚ କରିଦେଲେ କ୍ଷତି ବା କ'ଣ ?

❐



ପ୍ରକାଶ ପାଇଛି

ଡ. ଚିନ୍ମୟୀ ମହାପାତ୍ରଙ୍କ

ପୁସ୍ତକ

ଶିଖର

ତାଳଗଛର ଛାଇ



ଡକ୍ଟର ଚିନ୍ମୟୀ ମହାପାତ୍ର
ମୋ. ୯୯୩୭୬ ୭୨୦୫୨

“ ଅଷ୍ଟମଙ୍ଗଳାରେ ପହିଲୁ ପାଳି ବାପଘରକୁ ଆସିଥିବା ଲତିକା ତା' ବୋଉ ଆଗରେ ବାଢିଥିଲା ଶାଶୁଙ୍କର ଫରମାସ୍ । ଜୋଇଁକୁ ଚାହିଁ ଜିନିଷ ଦିଆ ହୋଇ ନାହିଁ । ମୋଟେ ଅଢେଇ ଭରିର ଚେନ୍ ମାନୁ ନାହିଁ ବେକକୁ । ନିହାତି ଚାରି ଭରି ନ ହେଲେ ଲମ୍ବା-ଚଉଡ଼ା ପିଲାଟାର ଛାତି ଉପରେ ସାଜନ୍ତା କି ? ଘନ କକା ବନ୍ଧୁ-ମାନ୍ୟ ରଖିବା ପାଇଁ ଚାରି ଭରିର ଚେନ୍ କିଣି ଆଣି ଜ୍ୱାଇଁର ଶ୍ରୀ ବର୍ଦ୍ଧନ କଲେ । ରୂପାଥାଳୀରେ ଜ୍ୱାଇଁ ଭୋଜନ କରାଇ ଭଲ ପୋଷାକପତ୍ର ଦେଇ ବିଦା କଲେ । ”

ସବୁଦିନେ ବୋଉର ସେଇ ଧୃପଦୀ ଆଳାପ ଶୁଣିଶୁଣି ଭାରି ବିରକ୍ତ ଲାଗୁଥିଲା କଲେଜରେ ପଢୁଥିବା ଦିନମାନଙ୍କରେ । ଯାଉଣୁ ଆସୁଣୁ, ବସୁଣୁ ଉଠୁଣୁ ସେଇ ଗୋଟିଏ କଥା -ଝିଅ ବାହାଘର । ସକାଳର ଜଳଖିଆଠାରୁ ରାତି-ଖାଇବା ଯାକେ ସବୁଥିରେ ଅଧିକାଂଶ ଦିନ ବାପାଙ୍କୁ ଗୋଟିଏ ପ୍ରଶ୍ନର ବ୍ୟଞ୍ଜନ ନିଶ୍ଚୟ ପରଶି ଦେଉଥିଲା ସେ-‘ଝିଅକୁ କ'ଣ ଘରେ ରଖି ବୁଢୀ କରିବ ? ପାଠ ପଢାଇ ପଢାଇ ନଷ୍ଟ କରି ଦେବ ତା' ଜୀବନଟା ?'ତା' ସହିତ କେତେବେଳେ କାହା ଝିଅର ଜାକଯମକରେ ବାହାଘରର କଥା,କେତେବେଳେ କାହାର ରାଜାପୁଅ ପରି ସୁନ୍ଦର କି ଭଲ ଚାକିରି କରିଥିବା ଜ୍ୱାଇଁ , ଅଚଳାଚଳ ସମ୍ପତ୍ତି କି ପିଲାଛୁଆର ମା' ହୋଇ ସୁଖରେ ଘର-ସଂସାର ବାନ୍ଧିଥିବା କଥା କହି ତାଙ୍କୁ ପ୍ରଭାବିତ କରିବାର ଚେଷ୍ଟା

ବି କରୁଥିଲା । ଗଡ଼ଜାତ ମୁଲକର ନିପଟ ମଫସଲ ଗାଁରେ ଜନ୍ମିଥିବା ଓ ବଢିଥିବା ବୋଉ ପାଇଁ ଏମିତି ଭାବିବା ଓ କହିବା ଯେ ସ୍ୱାଭାବିକ, ସେ କଥା ଏବେ ପରିଣତ ବୟସରେ ବୁଝି ପାରୁଥିଲେ ବି ସେତେବେଳେ ମନେମନେ ଖୁବ୍ ବିରକ୍ତ ହେଉଥିଲା ତନିମା । ବୋଉ ଓ ମାଉସୀ ତ ଗାଁ ପ୍ରାଇମେରୀ ସ୍କୁଲରୁ ପଞ୍ଚମ ଯାକେ ପଢିଥିବା ପାଠରେ ବି ବେଶ୍ ସଂଭ୍ରାନ୍ତ ଘରର ବୋହୂ ହୋଇ ଶିକ୍ଷିତ,ଭଲ ରୋଜଗାର କରୁଥିବା ସ୍ୱାମୀଙ୍କର ଘରକରଣା, ପିଲାଛୁଆ ସବୁ ସମ୍ଭାଳି ପାରିଲେ । ତାହେଲେ କଲେଜପଢୁଆ ଝିଅ ପାରିବ ନାହିଁ କାହିଁକି ? ଝିଅ ଜନମ ତ ପରଘରକୁ । ବୟସ ଗଡ଼ାଇଲେ ଭଲ ଘର, ଭଲ ବର ମିଳିବ କି ?

ବୋଉର କକା ନୀଳ ଅଜା ଯେତେବେଳେ ଆସୁଥିଲେ ସେ ତାଙ୍କୁ ଆହୁରି ମତାଇ ଦେଉଥିଲେ । ତନିମା ବହି ଖଣ୍ଡେ ଧରି ବସିଥିବାର ଦେଖିଲେ ତାଙ୍କ ଦେହ ସହେ ନାହିଁ ଯେମିତି ! ତା' ଆଡ଼କୁ ଅନାଇ ଅନାଇ ବୋଉକୁ କହନ୍ତି, "କାଇଁକି ଝିଅଟାକୁ ଏତେ ପାଠ ପଢାଉଛୁ ମା' ? କମ୍ଳ ଯେତେ ଓଦା ହବ,ସେତେ ଭାରି । ଝିଅ ଯେତେ ପଢିବ, ତାକୁ ଚାହିଁ ଜୋଇଁ ଖୋଜିବୁ; ଦବା-ନବା ବି ତାକୁ ଚାହିଁ କରିବାକୁ ହବ । ଜୋଇଁଙ୍କୁ କହ, ଭଲ ପାତ୍ରଟାଏ ଦେଖି ଉଠେଇ ଦିଅନ୍ତୁ । ଝିଅ ଘିଅ, ରହିଲେ ଗନ୍ଧ ପରା ।" ମୁହଁ ଉପରେ ଅଜାଙ୍କୁ କିଛି କହି ପାରେ ନାହିଁ ସିନା;ମନେମନେ ରକ୍ତ ଚାଉଳ ଚୋବାଇ ହେଉଥାଏ ତନିମା । ଅଜାବୁଢା ସିନା ପୁଅକୁ ଆଶା କରି କରି ଆଠଟା ଝିଅର ବାପା ହୋଇ ବସିଛନ୍ତି ଯେ, ପାଠଶାଠ ନ ପଢାଇ ଏଗାର ବର୍ଷ ବୟସ ଭିତରେ ଖାଇବାକୁ-ପିନ୍ଧିବାକୁ ମିଳିଲା ପରି ଘର ଦେଖି,ବାକି ସବୁ କଥାକୁ ଆଖି ବୁଜି ବାହା କରି ଦେଇଛନ୍ତି । ତେଣିକି ଦେଲା ନାରୀ,ହେଲା ପାରି । ଝିଅମାନେ କର୍ମ ଆଦରି ଯିଏ ଯାହାର ଦୁଃଖେସୁଖେ ଚଳୁଛନ୍ତି । ସେମାନଙ୍କ ଭଲମନ୍ଦକୁ କେହି ଲଗା ନାହିଁ ।

ତେବେ, ବୋଉ ଯେତେ ବକିଲେ ବି ବାପା ପ୍ରାୟ ନିର୍ବିକାର ରହୁଥିଲେ ଏ ବିଷୟରେ । ସେଇ ଗୋଟିଏ କଥା, ଗୋଟିଏ ପ୍ରଶ୍ନ ଶୁଣିଶୁଣି ଏତେ ଦେହଘଷା ହୋଇଯାଇଥିଲା ଯେ ସେ ବିଷୟରେ ଚିନ୍ତା କରିବା ଓ ଉତ୍ତର ଦେବା ଆବଶ୍ୟକ ବୋଲି ସେ ହୁଏତ ମନେ କରୁ ନ ଥିଲେ । ତନିମା ମେଟ୍ରିକ୍ ପରୀକ୍ଷା ଦେଇ ସାରିବା ପରଠୁଁ ସେଇ ପ୍ରଶ୍ନର ପୁନରାବୃତ୍ତି ଚାଲିଥିଲା ଘରେ । ପ୍ରଥମେ ଜେଜୀମା' ହିଁ ପ୍ରସଙ୍ଗଟିର ଉତ୍‌ଥାପନ କରିଥିଲା । ରବିବାର ଛୁଟିରେ ଉପର ଓଳି ବାପା ବାରଣ୍ଡାରେ ବସି ଚା' ପିଉଥିବାବେଳେ ପାନ ଚୋବାଇ ଚୋବାଇ କଥାଟି ଆରମ୍ଭ କରିଥିଲା- 'ଆରେ, ତୋ ବାପା ତ ଯାଇ ହେଲେ ପରଝିଅକୁ ଝିଅ କରି କନ୍ୟା-ଦାନଟାଏ କରିଥିଲେ । ତତେ ତ ଭଗବାନ ଝିଅଟିଏ ଦେଇଛନ୍ତି । ଭଲ ପାତ୍ରଟିଏ ଦେଖି ଦାନ କରି ଦେ । କନ୍ୟାଦାନ ପରା ମହାପୁଣ୍ୟ ! ସହସ୍ରେ ଗାଈ ଦାନରେ ଯେତେ ସୁକୃତ, ଗୋଟିଏ କନ୍ୟାଦାନରେ ସେତେ ।'

ବାପା ପଢୁଥିବା ବହିଟିର ପୃଷ୍ଠା ଲେଉଟାଉ ଲେଉଟାଉ ଉତ୍ତର ଦେଇଥିଲେ, "ହଉ,ହଉ । ସେ ବେଳ ଆସୁ । ଆମର ପୁଣ୍ୟ ହେବ ବୋଲି ଝିଅକୁ ଯୋଗ୍ୟ ନ କରି ଗୋରୁ ଦାନ କଲା ପରି ଦେଇ ଦେବା କି ?''

ବିଛା କାମୁଡ଼ିଲା ପରି ଚିହିଁକି ଉଠିଥିଲା ଜେଜୀମା'---'କି ରେ ! ବେଳ ଆସିବ ଆଉ କ'ଣ ? ଝିଅଟାକୁ ପନ୍ଦର ବର୍ଷ ପୂରିଲାଣି । ବେଳ ଆସି ନାହିଁ ଆହୁରି ? ଆଠ ବର୍ଷରେ ଗୌରୀ-ଦାନ ହୋଇ ମୁଁ ତମ ଘରକୁ ଆସିଥିଲି ପରା ! ଆମ ବେଳେ ତ କେତେ ଝିଅ ଥାଳୀରେ ବସି ବାହା ହଉଥିଲେ । ଦେଢ ବରଷ, ଦୁଇ ବରଷର ଝିଅ ବୋହୂ ବେଶ ସାଜି କଣ୍ଢେଇଟିମାନ ପରି ଦିଶୁଥିଲେ । ଆଜିକାଲି ଆଉ ସେ ଶୋଭା କାହିଁ ?'

ବାପା ବହି ଖଣ୍ଡିକ ବନ୍ଦ କରିଦେଲେ । ଜେଜୀମା'ର ମୁହଁକୁ ଚାହିଁ କହିଲେ,''ବୋଉ ! ସତ କହିଲୁ, ଯେଉଁ ଶୋଭା କଥା ତୁ କହୁଛୁ ସେ ଶୋଭା କେତେଦିନ ରହୁଥିଲା ? ତୁ ପରା କହୁଥିଲୁ ତୋ ବଉଳ କେମିତି ସାତ ବର୍ଷରେ ବାହା ହୋଇ ନଅ ବର୍ଷରେ ବିଧବା ହୋଇଯାଇଥିଲା ! ତା' ଦେହରୁ ଗହଣା କାଢି ନେଲାବେଳେ କେମିତି ଭୂଇଁରେ ଗଡ଼ି କାନ୍ଦିଥିଲା ! ରଙ୍ଗବିରଙ୍ଗ ଲୁଗା ପିନ୍ଧିବାକୁ, ମାଛ ଖାଇବାକୁ ଜିଦ୍ କରି ଅଳି କରୁଥିଲା, କାନ୍ଦୁଥିଲା ! ଏକାଦଶୀ ଦିନ ଭାତ ଖାଇବା ପାଇଁ ବିକଳ ହେଉଥିଲା !''

"ହଁ ରେ ବାପା ! ସେକଥା କାହିଁକି କହୁଚୁ ! ଜୀବନଟା ସାରା ଧଳା ଥାନ ଲୁଗା ପିନ୍ଧି, ମନ ମାରି କେତେ କଷ୍ଟରେ ଦିନ କାଟୁଥିଲା ସେ ! ଶାଶୁଘର ଲୋକେ ତାକୁ ଘରେ ପୂରାଇବାକୁ ମନା କରିଦେଲେ ସବାଖାଇ ଅଲକ୍ଷଣୀ ବୋଲି କହି । ବାପଘରେ ଭାଇ-ଭାଉଜଙ୍କ ସଂସାରରେ ମୁଠାଏ ଖାଇ, ମୋଟା ଥାନ ଖଣ୍ଡେ ପିନ୍ଧି ପଡ଼ିଥିଲା ସେ । ଘରଟା ଯାକର କାମଧନ୍ଦା କରୁଥିଲା, ଛୁଆପିଲାଙ୍କ ଗୁହ-ମୂତ ସଫା କରୁଥିଲା । ସେଥିରେ ବି କୋଉ ତା' ଦୁଃଖ ସରିଲା ? ଶେଷକୁ ରାହାବାଳୀ ସାନଭାଉଜର ମରମଜଳା କଥା ସହି ନ ପାରି ବାଡ଼ିପଟ ପୋଖରୀକି ଡେଇଁ ଜୀବନ ହରେଇ ଦେଲା ।" ଅତୀତର ସେ ଦୁଃଖଭରା କାହାଣୀର ସାରକଥା ବଖାଣି ସାରିଲା ବେଳକୁ ତା' ଆଖିରେ ଲୁହ ଜକେଇ ଆସିଥିଲା । ପଣତକାନିରେ ଆଖି ପୋଛି ପକାଇ ସେ କହିଥିଲା, "ସେ ତ କପାଳ କଥା ରେ ବାପା ! କପାଳ ଲିଖନ, କେ କରିବ ଆନ ? ଆଜିକାଲି ଦରବୁଢୀ କାଳେ ବାହା ହୋଇ ବି କ'ଣ ଅଳପ ଦିନରେ ସଂସାର ଭାଙ୍ଗି ଯାଉ ନାହିଁ ? ମଥାରୁ ସିନ୍ଦୂର ଲିଭିଯାଉ ନାହିଁ ?' ଜେଜୀମା'ର ହୃଦୟ ଭିତରୁ ବାହାରୁଥିବା ଶୀତଳ ଦୀର୍ଘଶ୍ୱାସ ପାଖରେ ବସିଥିବା ବାପା ଅନୁଭବ କରି ପାରିଥିବେ ହୁଏତ ।

ଜେଜୀମା'ର କଷ୍ଟ ଦେଖିଲେ ସହି ପାରନ୍ତି ନାହିଁ ବାପା । ପିଲାଟି ଦିନରୁ ବାପଛେଉଣ୍ଡ ସେ । ଏଇ ଜେଜୀମା' ହିଁ ସଂସାର ସହିତ ଲଢି ତାଙ୍କୁ ମଣିଷ କରି ଠିଆ କରାଇଛି,ଦୁନିଆରେ ବଞ୍ଚିବାର ରାହା ଦେଖାଇଛି । ତାଙ୍କୁ ସୁଖରେ ରଖିବା ପାଇଁ ନିଜେ

ଦୁଃଖ-କଷ୍ଟ ସହିଛି । ଏ ବୁଢୀ କାଳରେ ତାକୁ ସୁଖୀ ରଖିବାରେ ସେ ହେଳା କରନ୍ତେ କେମିତି ? ନିଜ କଣ୍ଠସ୍ୱରକୁ ଯଥାସମ୍ଭବ କୋମଳ କରି ଧୀର ଭାବରେ ସେ କହିଲେ, "ବୋଉ ! କାହାରି ପରମାୟୁ କେହି ଜାଣି ନାହିଁ । ଜୀଇବା, ମରିବା ମଣିଷର ହାତରେ ନାହିଁ। ଜଣେ ମରିଗଲା ବୋଲି ତା' ସ୍ତ୍ରୀକୁ ଦୋଷ ଦେବା, ନିର୍ଯାତନା ଦେବା ମୋଟେ ଠିକ୍ କଥା ନୁହେଁ। ବରଂ ତାକୁ ଧୈର୍ଯ୍ୟ ଧରି ବଞ୍ଚିବାକୁ ସାହସ ଦେବା, ସହାନୁଭୂତି ଦେଖାଇବା, ସାହାଯ୍ୟ କରିବା ଉଚିତ । ସେଇଟା ହିଁ ମଣିଷପଣିଆ । ହେଲେ, ଝିଅଟିଏ ଯଦି ପାଠଶାଠ ପଢି ଚାକିରିବାକିରି କରି ଆତ୍ମନିର୍ଭରଶୀଳ ହୋଇଯାଏ, ତାହେଲେ କାହାରି ଉପରେ ବୋଝ ନ ହୋଇ ବଞ୍ଚି ତ ପାରିବ ।"

କଥାଟା ଜେଜୀମା'ର ମନକୁ ପାଇ ନ ଥିଲା । ମୁହଁରେ ଅସନ୍ତୋଷର ଭାବ ଫୁଟାଇ କହିଲା, "ଚାକିରି ତାଳଗଛ ଛାଇ,ଆଜି ଅଛି କାଲିକି ନାହିଁ। ସେ କ'ଣ ଗୋଟାଏ ଭରସା ? ମାଇକିନିଆ ଝିଅର ମହତ ଗିରସ୍ତ । ସେଇ ତା' ମୁଣ୍ଡ ଉପରେ ବରଗଛର ଛାଇ, ତା'ର ରକ୍ଷାର କାରେଣି । ସେଇ ତା'ର ଦେବତା । ବୁନିଆଦି ଘରର ଝିଅ ପର ପାଖରେ ଚାକିରି କଲେ କ'ଣ ମହତ ରହିବ ?''

ବାପା ହୁଏତ ଆହୁରି କିଛି କହିଥା'ନ୍ତେ ଜେଜୀମା'କୁ ବୁଝାଇବା ପାଇଁ। ହେଲେ ସେତିକିବେଳେ କେହି ଜଣେ ଦାଣ୍ଡ ଦୁଆରେ ବାପାଙ୍କୁ ଡାକିଲାରୁ କଥା ସେତିକିରେ ରହିଗଲା । ତେବେ ମଝିରେ ମଝିରେ ସେଇ ପ୍ରସଙ୍ଗଟି ଉଠୁଥିଲା ବାରମ୍ବାର । ସେଇ ସମାନ କଥା ଉପରେ ଚର୍ଚ୍ଚା, ସେଇ ସମାନ ରାଗର ଆଳାପ ଶୁଣିବାକୁ ବିରକ୍ତ ଲାଗୁଥିଲେ ବି ଦେହସୁହା ହୋଇଯାଇଥିଲା । ଅବଶ୍ୟ ତନିମା ଯେ ବାହା ହେବାକୁ ମୋଟେ ଚାହୁଁ ନ ଥିଲା, ସବୁ ସାଧାରଣ ଝିଅଙ୍କ ପରି ନିଜର ଏକ ସୁଖୀ ସଂସାର ଗଢି ତା'ର ଅଧିକାରିଣୀ ହୋଇ ବଞ୍ଚିବାର ସ୍ୱପ୍ନ ଦେଖୁ ନ ଥିଲା, ସେକଥା ନୁହେଁ। ତାଙ୍କ ଗାଁ ଅଞ୍ଚଳରେ କି ବନ୍ଧୁବାନ୍ଧବ ଭିତରେ କୌଣସି ଝିଅ ସେ ଯାକେ ବେଶି ପାଠ ପଢି ନ ଥିଲେ, କି ଚାକିରି କରି ନ ଥିଲେ ବୋଲି ଜେଜୀମା' ଓ ବୋଉଙ୍କୁ ସିନା ଖାଲି ଅନ୍ୟମାନଙ୍କ ଝିଅ ବାହାଘର ଆଉ ନାତି-ନାତୁଣୀ ଖେଳାଇବା କଥା ଦିଶୁଥିଲା; ସ୍କୁଲ୍-କଲେଜ୍ ପାଠ ସାଙ୍ଗକୁ ଅନ୍ୟ ଅନେକ ବହି,ପତ୍ର-ପତ୍ରିକା ପଢୁଥିବା, ବାହାର ଦୁନିଆର ଗତି ବିଷୟରେ ଜାଣୁଥିବା ଝିଅ ତନିମା ନିଜ ବାପାଙ୍କ ପରି ଅଧିକ କିଛି ଅଭିଳାଷ ରଖିଥିଲା ମନ ଭିତରେ । ସେ ବି ପାଞ୍ଚ ଜଣରେ ଜଣେ ହୋଇ ଗଣା ହେବ । ସବୁ କଥାରେ ଆଉ କାହା ଆଗରେ ହାତ ନ ପତାଇ ନିଜ ଇଚ୍ଛାରେ କିଛି କରିପାରିବ । ଘର ହେଉ କି ବାହାର ହେଉ, ଦରକାର ବେଳେ ତା' ମତର ବି ମୂଲ୍ୟ ରହିବ । ସ୍ତ୍ରୀଲୋକଗୁଡ଼ାକ ମୂର୍ଖ, ତାଙ୍କ କଥାର କିଛି ଗୁରୁତ୍ୱ ନାହିଁ ବୋଲି ଭାବୁଥିବା ମଣିଷମାନଙ୍କର ଭାବନା ଯେ ଭୁଲ୍, ନିଜ କଥା ଓ କାମରେ ଦେଖାଇ ଦେବ ସେ ।

ଅକସ୍ମାତ୍ ଦିନେ ଜେଜୀମା' ଓ ବୋଉ ,ଦୁହିଁଙ୍କର ଚିନ୍ତାଧାରାର ବି ଗତିପଥ ବଦଳିଗଲା ଗୋଟାଏ ମର୍ମନ୍ତୁଦ ଘଟଣାର ପ୍ରଭାବରେ । ସେଇ ବାପଘର ଗାଁରେ ହିଁ ବାହା ହୋଇଥିଲେ ବାପାଙ୍କ ମଝିଆଁ ପିଉସୀ ନାନୀ । ତାଙ୍କ ନାତୁଣୀ ଲତିକା ନାନୀ, ଯିଏ ତନିମାଠାରୁ ବର୍ଷ ଦୁଇଟା ମାତ୍ର ବଡ଼, ତା'ର ବାହାଘର ହୋଇ ଯାଇଥିଲା ଦେଢ ବର୍ଷ ପୂର୍ବରୁ । ଖୁବ୍ ଥିଲାବାଲା ଘର । ଶ୍ୱଶୁର ରିଟାୟାଡ୍ ଚିଫ୍-ଇଞ୍ଜିନିୟର୍ । ବର ବି ଇଞ୍ଜିନିୟର୍ । ଗୋଟିଏ ବୋଲି ପୁଅ । ରାଜଧାନୀ ଛାତି ଉପରେ ବିରାଟ କୋଠା । ଗାଁରେ ଅଚଳାଚଳ ସଂପତ୍ତି । କୋଉ କଥାରେ ଖୁଣିବାକୁ ନାହିଁ । ଯାହା କହନ୍ତି ଚାରି ଚାନ୍ଦ ପୂରା । ସେମାନେ ଝିଅଟିର ଅତି ସୁନ୍ଦର ରୂପ ଦେଖି ତାକୁ ବୋହୂ କରି ନେବାକୁ ଚାହିଁଲେ । ସମସ୍ତେ ଖୁବ୍ ଖୁସି ଥିଲେ । ଏମିତି ପ୍ରସ୍ତାବ ଭାଗ୍ୟରେ ଥିଲେ ମିଳେ । ଲତିକା ନାନୀ ବି ବେଶ୍ କୁରୁଳିଥିଲା ମନେମନେ । ସୁନ୍ଦର ଭବିଷ୍ୟତର ସ୍ୱପ୍ନରେ ଏତେ ମସଗୁଲ୍ ହୋଇ ଯାଇଥିଲା ଯେ ବି.ଏ. ପରୀକ୍ଷାଟା ଅତି ଖାମଖିଆଲିରେ ଦେଇଥିଲା ବାହାଘର ଆଗରୁ, ଭଲରେ ପଢାପଢି ନ କରି । ତେଣୁ ପରୀକ୍ଷା-ଫଳ ଯାହା ହେବା କଥା । ତେବେ ସେଇ ଫଳ ଯେ ବାହାଘର ପରେ କିଛି ମାନେ ରଖିବ, ସେକଥା କେହି ଭାବୁ ନ ଥିଲେ । ବାହାହେଲା ଝିଅର ପାଠ ଭଲା କେଉଁ କାମରେ ଲାଗିବ ? ତେଣିକି ସ୍ୱାମୀ,ଶାଶୁ-ଶ୍ୱଶୁର, ରନ୍ଧାବଢା, ଘରକରଣା, ପିଲାଛୁଆ,ଏଇସବୁ ପ୍ରତି ଧ୍ୟାନ ଦେବା ଦରକାର । ଶାଶୁଘର ଲୋକେ ବି ନୀରବ ଥିଲେ ସେ କଥାକୁ ନେଇ । କିନ୍ତୁ ହଠାତ୍ ସେଦିନ ଲତିକା ନାନୀର ଅକାଳ ମରଣର ଖବରଟା ଦୋହଲାଇ ଦେଇଥିଲା ଘର-ପରିବାର,ବନ୍ଧୁ-ବାନ୍ଧବ ସମସ୍ତଙ୍କୁ ।

ବସିଲା ଥାନରୁ ଉଠିଗଲା ପରି ସମସ୍ତେ ରୁଣ୍ଠ ହୋଇଥିଲେ ଗାଁରେ, ଲତିକା ନାନୀର ଶୋକାତୁର ବାପା-ମା'ଙ୍କ ପାଖରେ । ଦୁଃଖ ବେଳରେ ପାଖରେ ଠିଆ ନ ହେଲେ, କି ବନ୍ଧୁ, କି ଆତ୍ମୀୟ ? କିନ୍ତୁ ଲତିକା ନାନୀର ମରିବାଟା ଯେ ପ୍ରାକୃତିକ ନୁହେଁ, ଏକ ଅପ୍ରତ୍ୟାଶିତ ଦୁର୍ଘଟଣା ସେକଥା ଶୁଣି ଆହୁରି ଆଚମ୍ବିତ ହୋଇଥିଲେ ସମସ୍ତେ । ଲତିକା ନାନୀର ବାପା ଘନ କକା ସଂପର୍କରେ ପିଉସୀ ପୁଅ ଭାଇ ହେଲେ ବି ତନିମାର ବାପାଙ୍କ ସହିତ ଖେଳିବୁଲି ବଢିଛନ୍ତି ପିଲାଦିନରୁ, ସ୍କୁଲ୍ ପାଠ ବି ପଢିଛନ୍ତି ସାଙ୍ଗ ହୋଇ । ଦୁହିଁଙ୍କ ଭିତରେ ନିଘନ ବନ୍ଧୁତା ଅତୁଟ ରହିଛି ଚିରକାଳ । ବାପାଙ୍କୁ କୁଣ୍ଢାଇ ଧରି କାନ୍ଦିଥିଲେ ସେ ଢେର ବେଳ । ଖୁଡ଼ୀ କାନ୍ଦିକାନ୍ଦି ଚେତା ହରାଉଥିଲେ ବାରମ୍ବାର । ବୋଉ ଓ ଆଉ କେତେଜଣ ସଂପର୍କୀୟା ତାଙ୍କୁ ସମ୍ଭାଳିବାରେ ଲାଗିଥିଲେ । କାନ୍ଦବୋବାଳି ଭିତରେ ଗୋଟିଏ କଥା ସେମାନେ ଥରକୁ ଥର କହି ପକାଉଥିଲେ "ମୋ ଝିଅକୁ ମାରି ଦେଲେ ରେ'' ।

ଝିଅକୁ ହରାଇ ଦୁଃଖରେ ପାଗଳ ପ୍ରାୟ ହୋଇ ବାପା,ମା' ଦୁହେଁ ଏମିତି ପ୍ରଳାପ କରୁଛନ୍ତି ଭାବି ସାନ୍ତ୍ୱନା ଦେବାରେ ଲାଗିଥିଲେ ଅନ୍ୟମାନେ । କିନ୍ତୁ ଓଳିକ ପରେ ଟିକିଏ

ପ୍ରକୃତିସ୍ଥ ହୋଇ କକା ଓ ଖୁଡ଼ୀ ଲତିକା ନାନୀର ବାହାଘର ପରର ଯେଉଁ ବୃତ୍ତାନ୍ତ ଶୁଣାଇଲେ, ସେଥିରେ ସମସ୍ତେ ହତଚକିତ ହୋଇଗଲେ ।

ଏଡ଼େ ବଡ଼ ଥିଲାବାଲା ଘରେ ବନ୍ଧୁ କରିଛନ୍ତି ବୋଲି ଘନ କକା ବେଶ୍ ଭଲ ଯାନିଯୌତୁକ ଦେଇଥିଲେ, ସେକଥା ସମସ୍ତଙ୍କୁ ଜଣା ଥିଲା । ହେଲେ ତା'ପର କଥାରେ କେହି ମୁଣ୍ଡ ଖେଳାଇବେ ବା କାହିଁକି ? ଯିଏ ଯାହା କଥା ନେଇ ବ୍ୟସ୍ତ । ଝିଅକୁ ଭଲ ଘର, ଭଲ ବରରେ ଦେଇ ନିଶ୍ଚିନ୍ତ ହେଲେ ବୋଲି ଭାବିଥିବା କକା-ଖୁଡ଼ୀଙ୍କର ଚିନ୍ତା ଓ ଜଞ୍ଜାଳ କିନ୍ତୁ ଦିନକୁ ଦିନ ବଢିବାରେ ଲାଗିଥିଲା ।

ଅଷ୍ଟମଙ୍ଗଳାରେ ପହିଲୁ ପାଳି ବାପଘରକୁ ଆସିଥିବା ଲତିକା ତା' ବୋଉ ଆଗରେ ବାଢିଥିଲା ଶାଶୁଙ୍କର ଫରମାସ୍ । ଜୋଇଁକୁ ଚାହିଁ ଜିନିଷ ଦିଆ ହୋଇ ନାହିଁ । ମୋଟେ ଅଢେଇ ଭରିର ଚେନ୍ ମାନୁ ନାହିଁ ବେକକୁ । ନିହାତି ଚାରି ଭରି ନ ହେଲେ ଲମ୍ୟା-ଚଉଡ଼ା ପିଲାଟାର ଛାତି ଉପରେ ସାଜନ୍ତା କି ? ଘନ କକା ବନ୍ଧୁ-ମାନ୍ୟ ରଖିବା ପାଇଁ ଚାରି ଭରିର ଚେନ୍ କିଣି ଆଣି ଜ୍ୱାଇଁର ଶ୍ରୀ ବର୍ଦ୍ଧନ କଲେ । ରୂପାଥାଳୀରେ ଜ୍ୱାଇଁ ଭୋଜନ କରାଇ ଭଲ ପୋଷାକପତ୍ର ଦେଇ ବିଦା କଲେ ।

କିଛି ଦିନ ପରେ ପୁଣି ଫରମାସ ଆସିଲା, ବାହାଘର ବେଳେ ଯେଉଁ ଘଡ଼ିଟା ଜ୍ୱାଇଁକୁ ଦେଇଛନ୍ତି ତାକୁ ଦେଖି ତା'ର ସାଙ୍ଗମାନେ ହସୁଛନ୍ତି । ଏଇ ଟାଇଟାନ୍ ଘଡ଼ି ଆଜିକାଲି ଯିଏ ନାହିଁ ସିଏ ବାନ୍ଧୁଛନ୍ତି । ରୋଲେକ୍ସ କି ସେମିତି କିଛି ସିନା ଦେଇଥା'ନ୍ତେ । ରୋଲେକ୍ସ ଘଡ଼ି ତ ଯାହିତାହି ଦୋକାନରେ ମିଳିବ ନାହିଁ । ଟଙ୍କା ଦେଲେ ସେ ତା'ର ନିଜେ ପସନ୍ଦ କରି କିଣିବ । ଟଙ୍କାର ପରିମାଣଟା ଶୁଣି କକା-ଖୁଡ଼ୀ ଦୁହିଁଙ୍କ ମୁହଁ ଶେତା ପଡ଼ି ଯାଇଥିଲା । ତଥାପି ଫିକ୍ସଡ୍ ଡିପୋଜିଟ୍ ଭାଙ୍ଗି ଦୁଇ ଲକ୍ଷ ଟଙ୍କା ଦେଇଥିଲେ । ସେତିକିରେ ଯେ କଥା ସରିଥିଲା, ତାହା ନୁହେଁ । ଥରକୁ ଥର ଏମିତି ଭଲିଭଲି ଫରମାସ ପୂରା କରିବାକୁ ହେଉଥିଲା ଘନ କକାଙ୍କୁ ଝିଅର ସୁଖୀ ଜୀବନକୁ ଖୋରାକ ଯୋଗାଇବା ପାଇଁ । ଝିଅ ସତରେ ଖୁସିରେ ଅଛି କି ନାହିଁ, ସେକଥା ବୁଝିବାର ସୁଯୋଗ ବି ସେମାନଙ୍କୁ ଜୁଟୁ ନ ଥିଲା । ଝିଅକୁ ବାପଘରକୁ ଛାଡୁ ନ ଥିଲେ ସେମାନେ । କଥାରେ ତ ମହୁ ବରଷାଇ ଦେଉଥିଲେ ; ସତେ ଯେମିତି ଆଖିର ମଣି କରି ରଖିଥିଲେ ବୋହୂକୁ ! ତାକୁ ଘଡ଼ିଏ ନ ଦେଖିଲେ ଯେମିତି ଭାତ ରୁଚିବ ନାହିଁ ସ୍ୱାମୀ, ଶାଶୁ, ଶ୍ୱଶୁର କାହାକୁ !

ଶେଷରେ ଏତେ ବଡ଼ ଫରମାସଟାଏ ହେଲା ଯେ କକା-ଖୁଡ଼ୀଙ୍କ ହଲକ ଶୁଖିଗଲା । ଇଞ୍ଜିନିୟର ପୁଅ ଅଫିସ୍ ଯିବାକୁ, ବୋହୂକୁ ସାଙ୍ଗରେ ଧରି ବୁଲାବୁଲି କରିବାକୁ ଗୋଟାଏ କାର୍ ଦରକାର । କିଣି କରି ଦେଇ ନ ପାରିଲେ ବି ଚଳିବ; ନିହାତି କମରେ ପାଞ୍ଚ ଲକ୍ଷ ଟଙ୍କା ଦେଇ ଦେଲେ ବାକି ଯାହା ଅଧିକ ଦରକାର ପଡ଼ିବ ସେ ଚଳାଇ ନେବେ ବୋଲି ଖବର ଦେଲେ ଲତିକାର ଶ୍ୱଶୁର । ରିଟାୟାଡ୍ ନ ହୋଇଥିଲେ ସେ ନିଜେ କିଣି

ଦେଇଥା'ନ୍ତେ ସିନା । ଏବେ ଆଉ ପାରିବେ କୁଆଡୁ ? ତାଙ୍କ ଭଣଜା ଏବେ ନଗଦାନଗଦି ବାହା ହୋଇଛି । ବହୁତ ପାଠ ପଢିଥିବା ଚାକିରିଆ ବୋହୂ ଆଣିଛି । ତଥାପି କାର୍ ଆଣିଛି ଯୌତୁକରେ । ତେଣୁ ପୁଅର ମନ ଉଣା । କହୁଛି, ତା' ବେକରେ ବାପା-ମା' ଅଧାପାଠୋଇ ଝିଅଟିଏ ବାନ୍ଧି ଦେଇଛନ୍ତି । ଲତିକା ତ ସେ ଯୋଗ୍ୟ ନୁହେଁ ଯେ ଭଲ ଚାକିରି କରି କିଛି କରି ପାରିବ ଘର ପାଇଁ ।

କକାଙ୍କ ମୁଣ୍ଡକୁ ବିନ୍ଧା କାମୁଡ଼ିଥିଲା । ବାହାଘର ଆଗରୁ ତ ଲତିକା ଲକ୍ଷ୍ମୀ-ପ୍ରତିମା ପରି ଲାଗିଥିଲା ସେମାନଙ୍କୁ । ଶୀଘ୍ରଶୀଘ୍ର ବାହାଘର କରିବାକୁ ଉଠାପକା କରୁଥିଲେ । ଏବେ ସେଇ ଝିଅର ରୋଜଗାର ଖୋଜା ପଡୁଛି ? କେମିତିକା ଦୋମୁହାଁ ମଣିଷ ! ହେଲେ ମୁହଁ ତୁଟି କିଛି କହି ପାରି ନ ଥିଲେ । ଜୀବନଟାଯାକ ଝିଅକୁ ଚଳିବାକୁ ହେବ ସେଇମାନଙ୍କ ସହିତ । ରାଗ ମୁଣ୍ଡରେ ପଦେ କହିଦେଲେ ଝିଅକୁ ଉଲୁଗୁଣା ଶୁଣିବାକୁ ପଡ଼ିବ; ସରାଗ ଭାଙ୍ଗିଯିବ ସେମାନଙ୍କର ତା' ପ୍ରତି । ହେଲେ ସେ କ'ଣ ଜାଣିଥିଲେ ଯେ ଯାହା ପାଇଁ ମୁହଁ ତୁଟିବାକୁ ଡରିଲେ, ତା'ର ଜୀବନଟା ଏମିତି ଅକାଳରେ ଝଡ଼ିଯିବ ଜହ୍ନିଫୁଲ ପରି !

ଧନ-ସଂପତ୍ତିରେ ଭରପୂର ଶାଶୁଘରେ ଭଲରେ ଚଳିବ ବୋଲି ଦୁନିଆ ଜିନିଷ ଦେଇଦେଇ ଥକିଥିବା ଘନ କକା ବଡ଼ପୁଅକୁ ଡୋନେସନ୍ ଦେଇ ଇଞ୍ଜିନିୟରିଂ ପଢାଉଥିଲେ । ସାନପୁଅ ମେଡିକାଲ୍ ଏଣ୍ଟ୍ରାନ୍ସ ପାଇଁ କୋଚିଂ ନେଉଥିଲା । ଯାହା ସଞ୍ଚିଥିଲେ ଜୀବନମୂର୍ଚ୍ଛା ପରିଶ୍ରମ କରି ସରିବା ଉପରେ । ପୁଅମାନଙ୍କୁ କୂଳରେ ଲଗାଇବା ପାଇଁ ପୈତୃକସଂପତ୍ତିରୁ କିଛି ବିକିବାର ଯୋଜନା କରୁଥିଲେ । ସମୁଦାୟଙ୍କ ଆଜ୍ଞା ପ୍ରମାଣେ ଲକ୍ଷଲକ୍ଷ ଗଣି ଦେଇଥା'ନ୍ତେ କେଉଁଠୁ ?

ହଠାତ୍ ଦିନେ କିଛି କାମ ପଡ଼ିଲା ବୋଲି ଭୁବନେଶ୍ୱର ଯାଇଥିଲେ ଘନ କକା । ଭାବିଲେ, ଏତେ ବାଟ ଆସିଛନ୍ତି ଯେତେବେଳେ, ଝିଅଘରେ ବୁଲି ଯିବେ । ସମୁଦାୟଙ୍କୁ ବୁଝାଇ କହିବେ ନିଜ ଅବସ୍ଥା । କେତେ କାଳ ହେଲା ଦେଖି ନାହାନ୍ତି ଝିଅଟାକୁ ! ହେଲେ ଝିଅକୁ ଦେଖି ମନ ମରି ଯାଇଥିଲା ତାଙ୍କର । ସେ ପହଞ୍ଚିଲା ବେଳକୁ ଦୁଆର ମେଲା ଥିଲା । ଲତିକା ନଇଁନଇଁ ଘର ଓଳାଉଥିଲା ଗୋଟିଗୋଟି ଆସବାବପତ୍ର ଘୁଞ୍ଚାଇଘୁଞ୍ଚାଇ । ବାପା ଆସିବାଟା ସେ ଦେଖି ପାରି ନ ଥିଲା; ହେଲେ ସୋଫା ଉପରେ ବସି ପାନ ଚୋବାଇଚୋବାଇ କାମ ତନଖି କରୁଥିବା ତା' ଶାଶୁ ଦେଖି ପାରି ପରିସ୍ଥିତି ସମ୍ଭାଳିଥିଲେ । ସମୁଦାୟଙ୍କୁ ବଡ଼ ଆଦରରେ ହସିହସି ସ୍ୱାଗତ ଜଣାଇ ଲତିକାକୁ ବରାଦ କରିଥିଲେ ସରବତ୍ ତିଆରି କରି ଆଣିବାକୁ । ସଫେଇ ଦେବାକୁ ଯାଇ କହିଥିଲେ,''ଆମ ଚାକରାଣୀଟା ଛୁଟି ନେଇ ଗାଁକୁ ଯାଇଛି ଯେ, ଦେଖା ନାହିଁ ମାସେ ହେଲାଣି । ବୋହୂଟାକୁ ଭାରି ଖଟଣି ପଡୁଛି । ମୁଁ ଆଉ ପାରୁଛି କି ଏଗୁଡ଼ାକ ?''

ମୁଣ୍ଡିଆ ମାରି ବାପାଙ୍କ ମୁହଁକୁ ଚାହିଁଲାବେଳେ ଲତିକାର ଶୁଖିଲା ମୁହଁ, କରୁଣ ଚାହାଣି ଭେଦି ଯାଇଥିଲା ତାଙ୍କ ଛାତି ଭିତରକୁ । ସମୁଦୁଣୀଙ୍କ ଲୋଭିଲା ଆଖି ଖୋଜୁଥିଲା ପାଞ୍ଚ ଲକ୍ଷ ଟଙ୍କାର ବଣ୍ଡଲ୍ । ଟଙ୍କା ବାହାରୁ ନ ଥିବାର ଦେଖି ମୁହଁ ଖୋଲି ପଚାରି ପକାଇଲେ, "କ'ଣ, ସମୁଦୀ ! ଟଙ୍କା ଦେବେ,ନା ଜୋଇଁକୁ ସାଙ୍ଗରେ ନେଇ କାର୍ କିଣିବାକୁ ଯିବେ ?''ଘନ କକା କୁଣ୍ଠିତ ସ୍ୱରରେ ଅନୁନୟ କଲା ପରି ନିଜ ଅବସ୍ଥା ସଂପର୍କରେ କହିଥିଲେ ସମୁଦୁଣୀଙ୍କୁ; ସମୟ ସୁବିଧା ହେଲେ ଟଙ୍କା ଯୋଗାଡ଼ କରି ଦେବାକୁ ଚେଷ୍ଟା କରିବେ ବୋଲି ବି କହିଥିଲେ । ଅନୁରୋଧ କରିଥିଲେ ଝିଅକୁ ତାଙ୍କ ସାଙ୍ଗରେ ଛାଡ଼ିଦେବା ପାଇଁ, କିଛି ଦିନ ତା' ମା' ପାଖରେ ରହିବାକୁ । ହେଲେ ସମୁଦୁଣୀ ମୁହଁରେ କୁଟିଳ ହସ ଖେଳାଇ କହିଥିଲେ ,''ହଉ ହଉ । କାର୍ ଆସୁ;ଝିଅ ସେଇଥିରେ ବସି ବାପଘରକୁ ଯିବ ମା'କୁ ଭେଟିବାକୁ ।"

ସବୁ ଥର ପରି ସେଥର ଭଦ୍ରତା ଖାତିରରେ ସମୁଦୀଙ୍କୁ ଖାଇବା ପାଇଁ ବି ଯାଚି ନଥିଲେ ଲତିକାର ଶାଶୁ । ସରବତ୍ ଦେଲାବେଳେ ଘନ କକା ଲକ୍ଷ୍ୟ କରିଥିଲେ, ଝିଅର ସୁନାଖଡ଼ିକା ପରି ରୂପ କେମିତି ମଳିନ ଦିଶୁଥିଲା । ଆଗ ପରି କଅଁଳ, ସୁକୁମାର ନ ଥିଲା ତା' ହାତ । ଗୋରା ତକତକ ହାତରେ ଠିଆ ହୋଇଥିଲେ ନୀଳନୀଳ ଶିରା ଅଭିଯୋଗର ପଟୁଆର ପରି । ସକାଳର ସଜଫୁଟା ଫୁଲ ପରି ହସହସ ମୁହଁଟା ତା'ର ବାସି ହୋଇଗଲା ପରି ମହଳ ଦିଶୁଥିଲା । ବଡ଼ବଡ଼ କଳାକଳା ଆଖିରେ ଖୁସି ଚିକିମିକି କରୁ ନ ଥିଲା; ବରଂ ଢଳଢଳ ହେଉଥିଲା ବେଦନାର ଲୁହବିନ୍ଦୁ । ସେ ଆଖିରେ ଆଖି ମିଶାଇ ବେଶି ସମୟ ଚାହିଁ ପାରି ନ ଥିଲେ ଘନ କକା । ଭାରିଭାରି ମନ ନେଇ ଫେରି ଆସିଥିଲେ ସେଦିନ । ରାଗ, ଅଭିମାନ ସାଙ୍ଗକୁ ଅପରାଧବୋଧ ଓ ଅସହାୟପଣ ଘାରି ରଖିଥିଲା ତାଙ୍କ ପିତୃ-ହୃଦୟକୁ । ତାଙ୍କ ହତାଶିଆ ମୁହଁକୁ ଚାହିଁ ଖୁଡ଼ୀଙ୍କର ହଲକ ଶୁଖି ଯାଇଥିଲା । କେତେ କାକୁତିମିନତି ହୋଇ ପଚାରିଲା ପରେ ଲତିକାର ଶାଶୁଘରେ ପାଇଥିବା ବ୍ୟବହାର ଆଉ ଗେହ୍ଲାଝିଅ ଲତିକାର ଦଶା ବଖାଣୁବଖାଣୁ କାନ୍ଦି ପକାଇଥିଲେ ସେ । ଖୁଡ଼ୀ ବି ଖୁବ୍ କାନ୍ଦିଥିଲେ ଝିଅ କଥା ମନେ ପକାଇ । ମନେମନେ ଗରଗର ହୋଇ ଖୁବ୍ ସଁପିଥିଲେ ଝିଅର ଲୋଭୀ ଶାଶୁ-ଶ୍ୱଶୁରଙ୍କୁ । ଜ୍ୱାଇଁ ଯେ ଏସବୁ କାଣ୍ଡର ନୀରବ ସମର୍ଥକ, ହୁଏତ ମୁଖ୍ୟ ପ୍ରବନ୍ଧକ ବି ହୋଇପାରେ, ସେକଥା ଭାବିବାକୁ ଖୁଡ଼ୀଙ୍କ ମନ ଡାକି ନଥିବ ହୁଏତ । କକାଙ୍କୁ ନେହୁରା ହୋଇଥିଲେ, ଯେମିତି ହେଉ ଟଙ୍କା ଯୋଗାଡ଼ କରିବାକୁ । ଯେତେ କଷ୍ଟ ହେଉ ପଛେ, ଗୋଟିଏ ବୋଲି ଝିଅକୁ ତ ମୂରୁଛି ପାରିବେ ନାହିଁ !

ହଠାତ୍ କିଛି କରି ପକାଇବା ସମ୍ଭବ ନ ଥିଲା । ଜମିଜମା ବିକ୍ରି-ଖରିଦ୍ ଏତେ ସହଜରେ ହୁଏ ନାହିଁ । ତରବର ହେଲେ ଠିକ ଦର ମିଳେ ନାହିଁ । ଏ କ'ଣ ବଜାର ସଉଦା ହୋଇଛି ? ଠିଏଁଠିଏଁ ହୋଇଯିବ ? ଜମି କିଣିବା ଲୋକ ମିଳିବା ଓ ଓ୍ୱାଜିବ ଦର

ପଟିବା, ଦୁଇଟାଯାକ କାମ ଯୋଗପାଗ ଉପରେ ନିର୍ଭର କରେ । ହେଲେ ସେ ଯୋଗ ଫିଟିବା ଆଗରୁ ଲତିକାର ମରଣ ଯୋଗ ଫିଟିଗଲା । ଛାତିଫଟା ଖବରଟା ଥରାଇ ଦେଲା କକା-ଖୁଡ଼ୀ ଓ ଆଉମାନଙ୍କର ମଞ୍ଚ । ରୋଷେଇ କଲାବେଳେ ଶାଢୀରେ ନିଆଁ ଲାଗି ପୋଡ଼ି ଯାଇଥିଲା ଲତିକା । କେତେଜଣ କୁଟୁମ୍ବୀ ଭାଇ ଘନ କକାଙ୍କ ସାଙ୍ଗରେ ଧାଇଁ ଯାଇଥିଲେ ଭୁବନେଶ୍ୱର ଲତିକାର ଶାଶୁ ଘରକୁ । ଧୋବ ଲୁଗାରେ ଢଙ୍କା ହୋଇଥିବା ପୋଡ଼ା କାଠଗଣ୍ଡି ପରି ତା'ର ଦେହଟାକୁ ଚାହିଁ ଦେଇ ମୂର୍ଚ୍ଛା ହୋଇ ଯାଇଥିଲେ କକା । ସାଙ୍ଗରେ ଥିବା ଆଉଆଉ ଲୋକେ ଥରି ଉଠିଥିଲେ ଯେତେବେଳେ କେଡ଼େ ଆଦରରେ ବଢାଇ ସୁଖୀ ସଂସାର ଗଢିବାକୁ ଭଲ ଘର, ଭଲ ବର ଖୋଜି ଯାନିଯଉତୁକ ଦେଇ ବାହା ଦେଇଥିବା ବାପା ସହି ପାରନ୍ତେ କି ସେ ଦୃଶ୍ୟ !

ଲତିକାର ବର ଓ ଶ୍ୱଶୁର ଖୁବ୍ ବ୍ୟସ୍ତ-ବିବ୍ରତ ଲାଗୁଥିଲେ । ଶାଶୂ ତା'ର ବାହୁନିବାହୁନି ଗଡ଼ି ଯାଉଥିଲେ । ସତେ ଯେମିତି ବୋହୂ ପାଇଁ ତାଙ୍କ ଅନ୍ତରରେ କେତେ ନାହିଁ କେତେ ମମତା ! ବଡ଼ ପାଟିରେ ସମସ୍ତଙ୍କୁ ଶୁଣାଇଶୁଣାଇ ଥରକୁ ଥର କହି ଚାଲିଥିଲେ, "ବୁଝେଇବୁଝେଇ ଥକିଛି, ନିଆଁ-ପାଣି କଥା,ହୁସିଆରିରେ କାମ କରିବୁ । କିଛି ଶୁଣିଲା ନା ମାନିଲା ? ଆମ ଘର ଭସେଇ ଦେଇଗଲା । ମୋ ପୁଅର ସଂସାର ଉଜାଡ଼ି ଦେଇଗଲା ।" ତାଙ୍କ ବୋବାଳିରେ ଖଣ୍ଡମଣ୍ଡଳଟା କମ୍ପୁଥାଏ । ହେଲେ ଘନ କକାଙ୍କ ପୂର୍ବ ଅନୁଭୂତି ତାଙ୍କ କଥାକୁ ପରତେ ଯିବାକୁ ବାରଣ କରିଥିଲା । ସେ ପାଟି କରି କହୁଥା'ନ୍ତି, "ମାରି ଦେଲେ ,ମୋ ଝିଅକୁ ମାରି ଦେଲେ ।'


ସତ୍ୟ ଘଟଣା କ'ଣ କେହି ଜାଣି ନଥିଲେ; ଜାଣିବାର କିଛି ଉପାୟ ବି ନଥିଲା ସେମାନଙ୍କ ପାଖରେ । କିନ୍ତୁ ଘନ କକାଙ୍କ ଠାରୁ ଗଲା କଥାସବୁ ଶୁଣିଲା ପରେ ସମସ୍ତେ ଧରିନେଲେ ଯେ ଏଇଟା ବଧୂ-ହତ୍ୟା ମାମଲା । ଯୌତୁକ-ନିର୍ଯାତନା ଓ ହତ୍ୟାର ଅଭିଯୋଗ କରି ଥାନାରେ ଏଫ୍.ଆଇ.ଆର୍. ଦିଆଗଲା । ଲତିକାର ଶାଶୁଘର ଲୋକେ ହାଜତକୁ ଗଲେ । ହେଲେ ଲତିକା ତ ଆଉ ଫେରିଲା ନାହିଁ ମମତାସିକ୍ତ ତା' ବାପା-ମା'ଙ୍କ କୋଳକୁ, ରାକ୍ଷୀ ଦାବି ରଖୁଥିବା ସ୍ନେହର ଭାଇଙ୍କ ପାଖକୁ । କନିଆ ବେଶରେ ସଜ ହୋଇ ମୁହଁରେ ସଲଜ୍ଜ ହସ ଫୁଟାଇ ସେ ଯେଉଁ ଫଟୋ ଉଠାଇଥିଲା, କାନ୍ଥରେ ଝୁଲୁଥିବା ଫଟୋ-ଫ୍ରେମ୍ ଭିତରୁ ସେଇଟା ଯେମିତି ଉପହାସ କରୁଥିଲା ସମୁଦାୟ ସମାଜବ୍ୟବସ୍ଥାକୁ !

କାହାର ଦୁଃଖ ହେଉ କି ସୁଖ, ସମୟ ଗଡ଼ି ଚାଲିଥାଏ ତା' ବାଟରେ କାହାକୁ ଅପେକ୍ଷା ନ କରି । ଘନ କକା ଓ ତାଙ୍କ ପରିବାରକୁ ଯଥାସମ୍ଭବ ସହାନୁଭୂତି ଦେଖାଇ, ସେମାନଙ୍କ ଅପୂରଣୀୟ କ୍ଷତରେ ସାନ୍ତ୍ୱନାର ପ୍ରଲେପ ଲଗାଇ ଯିଏ ଯାହା ଘରକୁ ଫେରିଥିଲେ, ପୁଣି ଲାଗି ଯାଇଥିଲେ ନିଜନିଜ କାମରେ । ତନିମାର ଘରେ କିନ୍ତୁ ଅଭାବିତ

ପରିବର୍ତ୍ତନଟାଏ ଦେଖା ଦେଇଥିଲା । ବୋଉ କି ଜେଜୀମା' କେହି ଆଉ ବାପାଙ୍କୁ ବ୍ୟସ୍ତ କରୁ ନ ଥିଲେ ଝିଅର ବାହାଘର କଥା ବୁଝିବା ପାଇଁ । କାମ ନ ଥିଲା ବେଳେ ବୋଉ ଶଙ୍କାକୁଳ ଆଖିରେ ଚାହିଁ ରହୁଥିଲା ତନିମାର ମୁହଁକୁ, ହୁଏତ ତା'ର ଭବିଷ୍ୟତ ଜୀବନ ବିଷୟରେ ସନ୍ଦିହାନ ହୋଇ । ତନିମା ପଢି ବସିଲାବେଳେ ଜେଜୀମା' ସେଇଠି ପାଖରେ ବସି ରହୁଥିଲା , ମାଳ ଗଡ଼ାଇ ସାରିଲେ ନାତୁଣୀର ମୁଣ୍ଡ ଆଉଁସି ଦେଇ କହୁଥିଲା, "ବହୁତ ବହୁତ ପାଠ ପଢି ପକା ମନ ଲଗାଇ । ତୋ ବାପାଠୁଁ ବି ବଡ଼ ଚାକିରି ପାଇବୁ ଯେମିତି ।"

ସତକୁ ସତ ତନିମା ବାପାଙ୍କଠାରୁ ବେଶି ପାଠ ପଢିଲା, ବେଶି ଦରମାର ବଡ଼ ଚାକିରି କଲା । ଯଥାସମୟରେ ତା'ର ବାହାଘର ବି ହୋଇଗଲା ବିନା ବାଧା-ପ୍ରତିବନ୍ଧକରେ । ପୁଣି ଅତି ସନ୍ଦେହୀ, ଅତି ବଦମିଜାଜୀ ସ୍ୱାମୀର ଦୁର୍ବ୍ୟବହାର ସହି ନ ପାରି ତିନି ମାସର ଗର୍ଭବତୀ ତନିମା ଯେଉଁଦିନ ଏକାଏକା ଶାଶୁଘର ଛାଡ଼ି ଚାଲି ଆସିଲା, ତାକୁ ସବୁଠାରୁ ବେଶି ସମର୍ଥନ ଦେଇଥିଲା ଅଠସ୍ତରୀ ବର୍ଷ ବୟସ୍କା ବୁଢୀ ଜେଜୀମା' । ନାତୁଣୀକୁ ନିଜ ହାଡୁଆ ଛାତିରେ ଜଡ଼ାଇ ଧରି କହିଥିଲା, "ଭଲ କଲୁ, ଆଚ୍ଛା କଲୁ । ଝିଅପିଲାଙ୍କ ଜୀବନ କ'ଣ ଜୀବନ ନୁହେଁ । ଯିଏ ଯାହା ମର୍ଜିରେ, ଯେମିତି ଇଚ୍ଛା ସେମିତି ନଚାଇ ଚାଲିଥିବେ ତାଙ୍କୁ ।" ବାପା ଆଶ୍ଚର୍ଯ୍ୟ-ଚକିତ ହୋଇ ଚାହିଁ ରହିଥିଲେ ଜେଜୀମା'ର ମୁହଁକୁ । ହୁଏତ ଭାବୁଥିଲେ , ଇଏ ସେଇ ତାଙ୍କରି ବୋଉ ତ ?

❐



ପ୍ରକାଶ ପାଇଛି

ବିଜୟ କୁମାର ବହଳୀଙ୍କ

ପୁସ୍ତକ

ଅନ୍ତଃସ୍ୱର

ଲୁଣିଆଭୂତ



ଶରତ କୁମାର ନାୟକ
ମୋ. ୭୯୭୮୬ ୯୭୬୬୨

“ ଅତି ଆନନ୍ଦରେ ମୁଁ ଯେମିତି ମାଂସ ତରକାରୀ ପାଟିକୁ ନେଇଛି, ଥୁ ଥୁ କରି ସବୁ ପାଟିରୁ ବାହାର କରିଦେଲି । କାରଣ ତରକାରୀ ଏତେ ଲୁଣିଆ ହୋଇଯାଇଛି ଯେ ଖାଇବା ସମ୍ଭବ ନୁହେଁ । ବାପା ମୋ କଥାକୁ ମିଛ ବୋଲି ଭାବି, ନିଜେ ତାଙ୍କ ମାଂସ ତରକାରୀ ପାଟିକୁ ନେଇ ପରୀକ୍ଷା କଲେ ।

ସତକୁ ସତ ଏତେ ଲୁଣିଆ । ବଡ଼ ଆଶ୍ଚର୍ଯ୍ୟ ଲାଗିଲା । ବୋଉ କହିଲା- ମୋତେ ସବୁବେଳେ ଦୋଷ ଦିଅ ଯେ ତରକାରୀ ଲୁଣିଆ ହୋଇଗଲା । ହେଲେ ଆଜି ତ ବାପା ନିଜେ ରୋଷେଇ କରିଛନ୍ତି, ତେବେ ତରକାରୀ କାହିଁକି ଲୁଣିଆ ହେଲା ? ”

ମୁଁ ଆସି ଏତେବଡ଼ ହେଲିଣି, କିନ୍ତୁ ମୋର ପିଲାଦିନର ଗୋଟିଏ କଥା ଏଯାଏ ବି ମନରୁ ଭୁଲି ପାରିନାହିଁ । ସେହି କଥାଟି ବେଳେବେଳେ ମୋ ମନରେ ଉଙ୍କିମାରେ । ସେ କାହାଣୀଟି ଏଇମିତି; ମୋ ବାପା ଥିଲେ ଜଣେ ସରକାରୀ କୃଷି କର୍ମଚାରୀ । ତାଙ୍କର ଚାକିରିକାଳ ପ୍ରାୟତଃ ବିଭିନ୍ନ ଗ୍ରାମ ପଞ୍ଚାୟତମାନଙ୍କରେ କଟିଯାଉଥିଲା । ତେଣୁ ବାପା ଯୁଆଡ଼େ ବଦଳି ହୋଇଯାଆନ୍ତି, ଆମେ ପରିବାର ସମସ୍ତେ ବାପାଙ୍କ ସାଥେ ସାଥେ ସେଠାକୁ ଯାଉ ।

ପରିବାର କହିଲେ, ବାପା-ବୋଉ, ଆମେ ଭାଇ ଓ ଭଉଣୀ ଦୁଇ ଜଣ । ଭଉଣୀ ମୋ'ଠାରୁ ତିନିବର୍ଷ ସାନ ।

ଏ ହେଉଛି ମୋର ଅଷ୍ଟମ ଶ୍ରେଣୀରେ ପଢ଼ିବାବେଳର କଥା । ବାପା ସୁଦୂର

କେନ୍ଦୁଝର ଜିଲ୍ଲାର ଠାକୁରମୁଣ୍ଡାରୁ ବଦଳି ହୋଇ ଆସିଲେ ବାଲେଶ୍ୱର ଜିଲ୍ଲାର ଅନନ୍ତପୁର ଗ୍ରାମ ପଞ୍ଚାୟତକୁ ।

ବାପା ଯେଉଁ ସ୍ଥାନକୁ ବଦଳି ହୋଇ ଆସନ୍ତି, ସେଠାରେ ଘରଭଡ଼ା ନିଆଯାଏ । ଆମେ ସମସ୍ତେ ସେହି ଭଡ଼ାଘରେ ରହୁ ।

ଅନନ୍ତପୁରରେ 'ବାବୁସାହି' ବୋଲି ଏକ ସାହି ଅଛି । ଲୋକସଂଖ୍ୟା ପ୍ରାୟ ତିନିଶହରୁ ଚାରିଶହ ହେବ । ସେହି ସାହି ହେଉଛି ପୁରୁଣା ଜମିଦାରମାନଙ୍କର ସାହି । ସାହିରେ ଅଧିକାଂଶ କୋଠାଘର, କିନ୍ତୁ ବେଶ୍ ପୁରୁଣାକାଳିଆ ।

ସେହି ସାହିର ପୂର୍ବତନ ଜମିଦାର ଚନ୍ଦ୍ରମୋହନ ମହାନ୍ତିଙ୍କ ଘର ଭଡ଼ାରେ ନେବାକୁ ବାପା ଠିକ୍ କଲେ । ସେ ଘରଟି ବାବୁସାହି ଆରମ୍ଭରେ ହିଁ ଅବସ୍ଥିତ । ପୁରୁଣାକାଳିଆ ଚାଳଘର । ଘର ଭିତରେ କିନ୍ତୁ ଆଟୁ ପଡ଼ିଥାଏ । ଆଟୁ କହିଲେ, ଘରର ଚାଳଛପର ତଳେ କାଠ ଓ ବାଉଁଶ ଉପରେ ମାଟିର ବହଳ ପରସ୍ତ ଦିଆଯାଇ ଠିକ୍ ଛାତଭଳି ତିଆରି ହୋଇଥାଏ । ଆଟୁ ଘର ଖରାଦିନେ ଥଣ୍ଡା ଲାଗେ ଓ ଶୀତଦିନେ ଉଷୁମ ଲାଗେ । ପୁଣି ଯଦି କୌଣସି କାରଣରୁ ଘରେ ନିଆଁ ଲାଗିଯାଏ, ତେବେ ଆଟୁ ଥିବା ଯୋଗୁଁ ନିଆଁ ଘର ଭିତରର କୌଣସି କ୍ଷତି କରିପାରେ ନାହିଁ । ଘରର ଜିନିଷପତ୍ର ପ୍ରାୟ ସୁରକ୍ଷିତ ରହିଯାଏ ।

ତେବେ ଆମେ ଏହି ଘରଭଡ଼ା ନେବାପୂର୍ବରୁ ଅନେକଦିନ ଧରି ଏ ଘର ଖାଲିଥିଲା । ଏଠାରେ ପୂର୍ବରୁ ଜଣେ କଣ୍ଟ୍ରାକ୍ଟର ଭଡ଼ାରେ ରହୁଥିଲେ ବୋଲି ଆମେ ଘର ନେବାବେଳେ ଜାଣିବାକୁ ପାଇଲୁ ।

ଘରଟି ଏକ ଲମ୍ବା ଦାଣ୍ଡି ଘର । ପ୍ରାୟ ଷାଠିଏ ଫୁଟରୁ ଅଧିକ ହେବ । ବେଶ ଲମ୍ବା ବାରଣ୍ଡାଟିଏ ଥାଏ । ବାରଣ୍ଡା ଦେଇ ଘରକୁ ଯିବା ଆସିବା କରାଯାଏ । ବାରଣ୍ଡା ଦେଇ ସିଧା ଉଠିଲେ ପ୍ରଥମ ଘରଟି ବୈଠକ ଘର । ତା'ପରେ ଦୁଇଟି ଘର ଅଛି । ଏସୁବୁକୁ ଶୋଇବା ଘର କୁହାଯାଇପାରେ । ଶେଷ ଘରଟି ହେଉଛି ରୋଷେଇ ଘର ।

ଆଜିକାଲି ଯେମିତି ଘର ଭିତରେ ପାଇଖାନା ରହୁଛି କି ଗାଧୁଆ ଘର ରହୁଛି, ସେତେବେଳେ ସେସବୁ ନଥିଲା ।

ସବୁଠାରୁ ବଡ଼କଥା ହେଲା ଏ ଘରଟିର ସଂଲଗ୍ନ ବାଡ଼ିଟି ଥିଲା ପାଖାପାଖି ଦୁଇ ଏକରରୁ ଅଧିକ ଜାଗା । ଜମିର ଚାରିକଡ଼ରେ ଥିଲା ମଜବୁତ ବାଉଁଶକଣ୍ଟାର ବାଡ଼ । ଏଇ ବାଡ଼ କଡ଼େକଡ଼େ ଥାଏ କାଇଁଚ ଲଟାଗଛ । ଏଥିରେ ବସନ୍ତଋତୁ ଆସିଲେ କଳା ଓ ନାଲିରଙ୍ଗର ମନଲୋଭା କାଇଁଚ ସବୁ ଧରିଥାଏ । ପୁଣି ଘର ପଛପଟ ବାଡ଼ିରେ ଥିଲା ନାନାପ୍ରକାର ଗଛ । ଯଥା, ଆମ୍ବ, ପିଜୁଳି, ଲେମ୍ବୁ, କରମଙ୍ଗା, କଇଥ, ଆମ୍ବଡ଼ା, କାଠଚମ୍ପା, ଅର୍ଜୁନ, ତେନ୍ତୁଳି ଓ ଶେଷଆଡ଼କୁ ଥିଲା ଏକ ଛୋଟ ପୋଖରୀ । ପୋଖରୀ ଦୁଇକଡ଼ରେ ଥିଲା ବୁଦାବୁଦା ବାଉଁଶ ଗଛ । ଆଉ ଏଇ ବାଉଁଶ ବୁଦା ଅଞ୍ଚଳ ହିଁ ଥିଲା ଆମ ପରିବାର

ପାଇଁ ପାଇଖାନା ।

ପୋଖରୀଟିର ଚାରିପାଖ ନାନାପ୍ରକାର ଗଛଲତାରେ ଭରି ରହିଥିବାରୁ ଏହାର ପାଣି ଅତ୍ୟନ୍ତ ଅପରିଷ୍କାର ଥିଲା । ପୋଖରୀରେ ନିୟମିତ ଗଛଗୁଡ଼ିକର ପତ୍ର ପଡ଼ି, ଆହୁରି ଅଧିକ ଅପରିଷ୍କାର ହେଉଥିଲା । ଏ ପୋଖରୀରେ କେବଳ କିଛି ଦେଶୀ ପ୍ରଜାତିର ମାଛ ରହୁଥିଲେ । ସେସବୁ ହେଲା- କଉ, ଗଡ଼ିଶା, ଶେଉଳ, ବାଳିଆ, ମାଗୁର, ଚେଙ୍ଗ, କେରାଣ୍ଡି ଇତ୍ୟାଦି ।

ସେତେବେଳେ ବାବୁସାହିକୁ ଇଲେକ୍‌ଟ୍ରିକ୍ ଲାଇନ୍ ଆସିନଥିଲା । ତେଣୁ ସନ୍ଧ୍ୟାହେଲେ ଲଣ୍ଠନ, ଡିବିରି ଏସବୁ ପ୍ରସ୍ତୁତ କରି ରଖିବାକୁ ପଡୁଥିଲା । ଏତେବଡ଼ ଜାଗାରେ ଏହି ଲମ୍ବା ଦାଣ୍ଡି ଘର, ସନ୍ଧ୍ୟାହେଲେ ଖୁବ୍ ଭୟ ଲାଗେ । ଯେହେତୁ ଲମ୍ବା ଦାଣ୍ଡି ଘରଟି ରାସ୍ତାକଡ଼କୁ ରହିଥାଏ, କେତେବେଳେ କେମିତି ଲୋକମାନେ ରାସ୍ତାରେ ଗଲେ ସେମାନଙ୍କ କଥାବାର୍ତ୍ତା ଶୁଣାଯାଏ ।

ବାପା ଅଧିକାଂଶ ଦିନ ପଞ୍ଚାୟତ ଅଫିସରୁ ଘରକୁ ଫେରିଲା ବେଳକୁ ପ୍ରାୟ ରାତି ଆଠଟା କି ନଅଟା ହୋଇଯାଉଥିଲା ।

ଆମେ ଭାଇ-ଭଉଣୀ ସାଙ୍ଗ ହୋଇ ପ୍ରତିଦିନ ସକାଳ ଦଶଟା ବେଳକୁ ସ୍କୁଲ୍ ବାହାରିଯାଉ । ସେତେବେଳେ ସ୍କୁଲ ବ୍ୟାଗ୍‌ର ପ୍ରଚଳନ ନଥିଲା । ତେଣୁ ଆମେ କପଡ଼ାରେ ତିଆରି ଝୁଲାରେ ବହି ପତ୍ର ନେଇ ସ୍କୁଲକୁ ଯାଉ । ଆମେ ସ୍କୁଲକୁ ଯିବୁ ବୋଲି, ବୋଉ ସକାଳ ରୋଷେଇ ବେଳାବେଳି ସାରିଦିଏ । ବାପା ବି ଖାଇଦେଇ ସାଇକେଲ୍‌ରେ ଦଶଟା ବେଳକୁ ଅଫିସ୍ ଚାଲିଯାନ୍ତି । ବୋଉ ଏକୁଟିଆ ଘରେ ରହିଥାଏ ।

ପ୍ରାୟ ସିଏ ଦିନସାରା କବାଟ ବନ୍ଦକରି ଘରେ ରହେ । ସେତେବେଳେ ଟିଭି କି ମୋବାଇଲ୍ କିଛି ନଥିଲା । ଏକମାତ୍ର ମନୋରଞ୍ଜନର ମାଧ୍ୟମ ଥିଲା ରେଡ଼ିଓ । ବୋଉ ତା'ର ବିରାମ ସମୟରେ ଘରେ ରହି ରେଡ଼ିଓ ଶୁଣେ । ବାପା ଖରାବେଳେ ଅଫିସ୍‌ରୁ ଘରକୁ ଆସନ୍ତି । ମଧ୍ୟାହ୍ନ ଭୋଜନ ଖାଇସାରି ଘଣ୍ଟାଏ କି ଦୁଇଘଣ୍ଟା ବିଶ୍ରାମ ନେଇ ପୁଣି ଅଫିସ୍‌କୁ ଚାଲିଯାଆନ୍ତି ।

ବୋଉ ସେମିତି ଆମ ଭାଇ-ଭଉଣୀ ଦୁହିଁଙ୍କୁ ଅପେକ୍ଷା କରିଥାଏ । ଚାରିଟାବେଳେ ସ୍କୁଲ ଛୁଟି ହୁଏ । ଆମେ ଚାଲିଚାଲି ଘରକୁ ଆସୁ । ସ୍କୁଲରୁ ଆସିବା ପାଇଁ ପ୍ରାୟ ଅଧଘଣ୍ଟା ସମୟ ଲାଗିଯାଏ ।

ତେବେ ଆମେ ବାବୁସାହିର ଚନ୍ଦ୍ରମୋହନ ବାବୁଙ୍କ ଘର ଭଡ଼ାରେ ନେବାପରେ, ଗୋଟିଏ ବଡ଼ ସମସ୍ୟା ସୃଷ୍ଟି ହେଲା । ସମସ୍ୟାଟି ହେଲା ରାତିରେ ଯେଉଁଦିନ ବୋଉ ମାଂସ ତରକାରୀ ପ୍ରସ୍ତୁତ କରେ, ସେସବୁ ଖାଇଲା ବେଳକୁ ଖୁବ୍ ଲୁଣିଆ ଲାଗେ । ଅଥଚ ଅନ୍ୟ ସାଧା ତରକାରୀ କି ମାଛ ତରକାରୀ ଏମିତି ଲୁଣିଆ ଲାଗେନାହିଁ ।

ବାପା ଏଇଥିପାଇଁ ସବୁବେଳେ ବୋଉ ଉପରେ ପାଟି କରନ୍ତି । ବିରକ୍ତ ହୋଇ କହନ୍ତି- କ'ଣ ପାଇଁ ମାଂସ ତରକାରୀକୁ ସବୁବେଳେ ଏତେ ଲୁଣିଆ କରୁଛ ?

ବୋଉ କିନ୍ତୁ ଯେତେ ବୁଝେଇଲେ ବି ଆମେ କେହି ସେକଥାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ହେଉନଥାଉ । ବୋଉ କହିଲା- ମୁଁ ସବୁ ତରକାରୀ ପରି ମାଂସ ତରକାରୀରେ ବି ମାପଚୁପ କରି ଲୁଣ ପକାଉଛି, ଅଥଚ ଖାଇଲା ବେଳକୁ ତରକାରୀ କାହିଁକି ଲୁଣିଆ ଲାଗୁଛି, ତା'ର କାରଣ କିଛି ଜାଣିପାରୁନାହିଁ ?

ଶେଷରେ ସ୍ଥିର ହେଲା, ବାପା ଦିନେ ମାଂସ ତରକାରୀ ରୋଷେଇ କରିବେ । ଦେଖାଯିବ କ'ଣ ହେଉଛି । ବାପା ତହିଁପରଦିନ ଅନନ୍ତପୁର ହାଟରୁ ସନ୍ଧ୍ୟାବେଳେ ବଡ଼ିଆ ଖାସିମାଂସ ନେଇ ଆସିଲେ । ବାପା ବି ଖୁବ୍ ଭଲ ମାଂସ ତରକାରୀ ରାନ୍ଧିପାରନ୍ତି । ତେଣୁ ସେଦିନ ସେ ଖୁବ୍ ଯତ୍ନ ସହକାରେ ମାଂସ ତରକାରୀ ରୋଷେଇ କଲେ । ବାସ୍ନାରେ ଘର ମହକି ଉଠିଲା ।

ମୁଁ ଆଉ ମୋର ସାନଭଉଣୀ ଅପେକ୍ଷା କରିପାରିଲୁ ନାହିଁ । ବାପା ଆମକୁ ଡାଟିଆରେ ଟିକେ ମାଂସ ତରକାରୀ ଦେଲେ ଚାଖିବା ପାଇଁ । ଆମେ ଆନନ୍ଦରେ ଖାଇଲୁ । ବାପା ବୋଉ ବି ଟିକେଟିକେ ଚାଖିଲେ, ତରକାରୀରେ ଲୁଣ ପୂରା ଠିକ୍‌ଠାକ୍ ଥିଲା । ଏଥର ବାପା, ବୋଉକୁ ଦୋଷ ଦେଲେ ଯେ ତରକାରୀ ରାନ୍ଧିବାରେ ବୋଉର ସବୁ ଭୁଲ୍ ହେଉଛି । ଅଧିକ ମାତ୍ରାରେ ଲୁଣ ପକାଇଦେଉଛି । ରୋଷେଇ ସରିଲା ପରେ ଆମେ ସମସ୍ତେ ଶୋଇବା ଘରକୁ ଗଲୁ । ସେ ଘରେ ଆମ ଭାଇ-ଭଉଣୀଙ୍କର ପାଠପଢ଼ା ପୁଣି ଜାରି ରହିଲା । ପାଠ ସିନା ପଢୁଛୁ, କିନ୍ତୁ ମନ ଥାଏ ମାଂସ ତରକାରୀ ପାଖରେ ।

ଯା'ହେଉ ରାତି ସାଢେ ନଅଟା ପାଖାପାଖି ଆମେ ସମସ୍ତେ ଏକାଠି ବସିଲୁ ଖାଇବା ପାଇଁ । ସେତେବେଳେ ତ ଘରେ ଘରେ ଖାଇବା ଟେବୁଲର ବ୍ୟବହାର ନଥିଲା । ସବୁଦିନ ପରି ସେଦିନ ବି ସମସ୍ତେ ଆସନ ପାରି ତଳେ ବସିଗଲୁ । ବୋଉ ଭାତ ସହିତ ସମସ୍ତଙ୍କୁ ମାଂସ ତରକାରୀ ବାଢ଼ିଦେଲା ।

ଅତି ଆନନ୍ଦରେ ମୁଁ ଯେମିତି ମାଂସ ତରକାରୀ ପାଟିକୁ ନେଇଛି, ଥୁ ଥୁ କରି ସବୁ ପାଟିରୁ ବାହାର କରିଦେଲି । କାରଣ ତରକାରୀ ଏତେ ଲୁଣିଆ ହୋଇଯାଇଛି ଯେ ଖାଇବା ସମ୍ଭବ ନୁହେଁ । ବାପା ମୋ କଥାକୁ ମିଛ ବୋଲି ଭାବି, ନିଜେ ତାଙ୍କ ମାଂସ ତରକାରୀ ପାଟିକୁ ନେଇ ପରୀକ୍ଷା କଲେ ।

ସତକୁ ସତ ଏତେ ଲୁଣିଆ । ବଡ଼ ଆଶ୍ଚର୍ଯ୍ୟ ଲାଗିଲା । ବୋଉ କହିଲା- ମୋତେ ସବୁବେଳେ ଦୋଷ ଦିଅ ଯେ ତରକାରୀ ଲୁଣିଆ ହୋଇଗଲା । ହେଲେ ଆଜି ତ ବାପା ନିଜେ ରୋଷେଇ କରିଛନ୍ତି, ତେବେ ତରକାରୀ କାହିଁକି ଲୁଣିଆ ହେଲା ?

ଆମେ ସଭିଏଁ ଆଶ୍ଚର୍ଯ୍ୟ ହୋଇଗଲୁ । ମାଂସ ତରକାରୀ ପ୍ରଥମେ ଚାଖିଲାବେଳେ

ତ ଠିକ୍ ଥିଲା, ଏବେ କାହିଁକି ଏତେ ଲୁଣିଆ ଲାଗୁଛି ? ବାପା-ବୋଉ ପରସ୍ପରକୁ ଦୋଷ ଦେବାରେ ଲାଗିଲେ । ସେଦିନ ରାତିରେ ଏତେ ଭଲ ରୋଷେଇ ହୋଇଥିବା ମାଂସ ତରକାରୀକୁ ନେଇ ବାହାରେ କୁକୁର ଆଗରେ ଦିଆଗଲା । ଚୁଡ଼ା-ମୁଢ଼ି ଜଳଖିଆ ଖାଇ ରାତିରେ ସଭିଏଁ ଶୋଇଲୁ ।

ବାପାଙ୍କୁ ସେଦିନ ରାତିରେ ଭଲ ନିଦ ହେଲାନାହିଁ । କେବଳ ଭାବି ଚାଲିଲେ ଏମିତି କାହିଁକି ଅଘଟଣ ଘଟୁଛି ।

ତହିଁ ଆରଦିନ ଏକଥା ବାପା ତାଙ୍କ ଅଫିସରେ ଆଲୋଚନା କଲେ । ଅନ୍ୟ ସହକର୍ମୀମାନେ ଏକଥା ଶୁଣି ହସିଲେ ଯେତିକି, ଆଶ୍ଚର୍ଯ୍ୟ ବି ହେଲେ ସେତିକି ।

ତେବେ ବାପାଙ୍କ ଅଫିସରେ ଥିଲେ ଜଣେ ବୟସ୍କ ପିଅନ ମଉସା । ତାଙ୍କ ନାମ ଶଙ୍କର୍ଷଣ । ଏ ଆଲୋଚନା ଶୁଣି ସେ କହିଲେ- ଆଜ୍ଞା ଏଇଟା ନିଶ୍ଚୟ ଗୋଟାଏ ଭୂତର କାମ । ଆପଣମାନେ ଯେତେବେଳେ ରୋଷେଇ କରୁଛନ୍ତି, ସବୁ ଠିକ୍‌ଠାକ୍ ଅଛି । କିନ୍ତୁ ଖାଇଲାବେଳକୁ ଲୁଣିଆ ହେଉଛି, ଅଥଚ ରୋଷେଇ ସାରି କିଛି ସମୟ ପାଇଁ ତରକାରୀ ରଖିଦେଲାପରେ ସେ ଦୁଷ୍ଟ ଭୂତ ତରକାରୀରେ ମନ ଇଚ୍ଛା ଲୁଣ ମିଶେଇ ଦେଉଛି ।

ଏକଥା ଶୁଣି ବାପା କହିଲେ- ହେତ ତେରିକା, ଭୂତ-ଫୁତ ଏସବୁ ମିଛକଥା । ଏସବୁ ମନଗଢ଼ା କାହାଣୀ । ଏ ବିଜ୍ଞାନ ଯୁଗରେ ଯିଏ ଭୂତକୁ ବିଶ୍ୱାସ କରେ ସିଏ ମଣିଷ ନୁହେଁ, ଗୋଟାଏ ପଶୁ ଅଟେ । ସେଦିନ ଏମିତି କଥାବାର୍ତ୍ତାରେ ସମୟ କଟିଗଲା ।

ତହିଁ ପରଦିନ କଥା । ସନ୍ଧ୍ୟାବେଳେ ବାପା ଅଫିସରୁ ଫେରିବାକୁ ବାହାରିଛନ୍ତି ଠିକ୍ ସେହିସମୟରେ ଶଙ୍କର୍ଷଣ ମଉସା ଆସି ବାପାଙ୍କ ପାଖରେ ଚୁପ୍‌ଚାପ୍ ଛିଡ଼ାହେଲେ । କହିଲେ- କିଛି ମନେ ନକଲେ ଗୋଟାଏ କଥା କହିବି, ଆଜ୍ଞା ।

ବାପା କହିଲେ- ହଉ କୁହନ୍ତୁ ।

ଶଙ୍କର୍ଷଣ ମଉସା କଥା ଆରମ୍ଭ କଲେ- ଆଜ୍ଞା ଆପଣ ଯେଉଁ ଘରେ ରହୁଛନ୍ତି, ସେହି ଘରେ ଅନେକ ବର୍ଷ ତଳେ ଜଣେ କଣ୍ଟ୍ରାକ୍ଟର ବାବୁ ଭଡ଼ାରେ ଥିଲେ । ସେ କଣ୍ଟ୍ରାକ୍ଟର ବାବୁଙ୍କ ଘର ସମ୍ବଲପୁର ହୋଇଥିବାରୁ ତାଙ୍କ ପିଲାପିଲିଙ୍କୁ ପାଖରେ ଆଣି ରଖିନଥିଲେ । କେବଳ ବୋଲହାକ ଆଉ ରୋଷେଇ କରିଦେବା ପାଇଁ ତାଙ୍କ ପାଖରେ ଭେଣ୍ଡା ଯୁବକ ଜଣେ ଥିଲା, ତା' ନାଁ ବଙ୍କୁ ।

ବଙ୍କୁ ଆଜ୍ଞା ଟିକେ ମାଂସପ୍ରିୟ । କଣ୍ଟ୍ରାକ୍ଟର ବାବୁ ବି କମ୍ ନଥିଲେ । ସପ୍ତାହରେ ଗୁରୁବାର, ସୋମବାର ଛାଡ଼ି ଅନ୍ୟ ଅଧିକାଂଶ ଦିନେ ସେ ମାଂସ ଖାଇବାକୁ ଭାରି ଲୋଭ କରନ୍ତି । ହେଲେ ବଙ୍କୁର ଗୋଟାଏ ଖରାପ ଗୁଣ ଥିଲା । ସେ ମାଂସ ତରକାରୀକୁ ଭାରି ଲୁଣି କରି ଖାଏ । କଣ୍ଟ୍ରାକ୍ଟର ବାବୁଙ୍କୁ ତରକାରୀ ବାଢ଼ିଦେଲାପରେ ସେ ନିଜ ତରକାରୀରେ ଅଧିକ ଲୁଣ ମିଶେଇ ଦିଏ । ଏଇଥିପାଇଁ କଣ୍ଟ୍ରାକ୍ଟର ବାବୁ, ବଙ୍କୁ ଉପରେ ବେଳେବେଳେ

ଖୁବ୍ ବିରକ୍ତ ହୁଅନ୍ତି ।

ବାପା ଏସବୁ କଥା ମନଦେଇ ଶୁଣୁଥିଲେ ।

ଏଥର ପଚାରିଲେ- ମୋତେ ଏକଥା ଶୁଣାଉଛ କାହିଁକି ?

ଶଙ୍କର୍ଷଣ ମଉସା ପୁଣି କଥା ଆରମ୍ଭ କଲେ- ଦିନେ କଣ୍ଟ୍ରାକ୍ଟର ବାବୁଙ୍କ କହିବା ଅନୁଯାୟୀ ବଙ୍କୁ ବଜାରକୁ ମାଂସ କିଣିବାକୁ ଯାଇଥିଲା । ମାଂସ କିଣି ସାଇକେଲରେ ଘରକୁ ଫେରୁଥିବାବେଳେ ପଛପଟରୁ ଏକ ଟ୍ରକ ତାକୁ ଜୋରରେ ଧକ୍କା ଦେଲା । ଅବଶ୍ୟ ତାକୁ ସଙ୍ଗେ ସଙ୍ଗେ ଡାକ୍ତରଖାନା ନିଆଗଲା । କିନ୍ତୁ ସେ ସବୁଦିନ ପାଇଁ ଆଖି ବୁଜିଦେଲା ।

ଏ ଘଟଣାର କିଛିଦିନ ପରେ କଣ୍ଟ୍ରାକ୍ଟର ବାବୁ ଆମ ଅନନ୍ତପୁର ଛାଡ଼ି ସମ୍ବଲପୁରକୁ ଫେରିଗଲେ । ସେହି ଦିନରୁ ଆଜ୍ଞା କିଛି ବର୍ଷ ହେଲା ସେ ଘରକୁ ଆଉ କେହି ଭଡ଼ା ନେଇନାହାନ୍ତି । ଏବେ ଆପଣ ଆସି ସେଠି ରହିଲେ ।

ବାପା କହିଲେ- ହଁ ସେଠୁ କ'ଣ ହେଲା, ଆମେ ତ ଘରଭଡ଼ା ନେଇଛୁ ।

ଶଙ୍କର୍ଷଣ ମଉସା ଆହୁରି ବାପାଙ୍କ ପାଖକୁ ଲାଗିଯାଇ କହିଲେ- ଆଜ୍ଞା ମୋର ଯାହା ମନେହୁଏ, ଏବେ ବି ସେ ଘରେ ବଙ୍କୁର ଆତ୍ମା ଲୁଣିଆଭୂତ ହୋଇ ଲୁଚିରହିଛି । ଆପଣଙ୍କର ଯେତେବେଳେ ମାଂସ ତରକାରୀ ରୋଷେଇ ହେଉଛି ସେ ଭୂତ ଲୁଚି ଲୁଚି ଆସି ତରକାରୀରେ ଅଧିକ ଲୁଣ ମିଶାଇ ଦେଉଛି । ଆଜ୍ଞା, ଏକଥା କେବଳ ମୁଁ ଅନୁମାନ କରି କହୁଛି । ସତ ହୋଇପାରେ, ମିଛ ବି ହୋଇପାରେ, ଆପଣ ଯାହା ଭାବିବେ ପଛେ ଭାବନ୍ତୁ ।

ଏକଥା ଶୁଣି ବାପାଙ୍କ ମନରେ ବିରକ୍ତି ଭାବ ଆସିଗଲା । ଏଥର ନିଜ ସାଇକେଲ ଧରି ଘରମୁହାଁ ହେଲେ । ଘରେ ପହଞ୍ଚି ଗୁମ୍ ମାରି ବସିପଡ଼ିଲେ ।

ବୋଉ, ବାପାଙ୍କୁ ଯେତେ ପଚାରିଲେ ବି ବାପା ସେମିତି ଚୁପ୍‌ଚାପ୍ ବସିଥାନ୍ତି । ଜଣାପଡୁଥାନ୍ତି ଯେମିତି ଖୁବ୍ ଚିନ୍ତାମଗ୍ନ । ଏଥର ମୁଁ ଓ ମୋ ଭଉଣୀ ମିଶି ବାପାଙ୍କୁ ପଚାରିଲୁ- ବାପା, ଆପଣଙ୍କର କ'ଣ ହୋଇଛି, କିଛି ଅସୁବିଧା ହୋଇଛି କି ?

ଏଥର ବାପା ଆଉ ଚୁପ୍ ବସିପାରିଲେ ନାହିଁ । ତାଙ୍କ ଅଫିସ୍‌ରେ ଶଙ୍କର୍ଷଣ ମଉସାଙ୍କ ସହ ଯାହା କଥାବାର୍ତ୍ତା ହୋଇଥିଲେ ସବୁକଥା ବର୍ଣ୍ଣନା କରିଗଲେ ।

ଏକଥା ଶୁଣି ବୋଉ ଥରିବାକୁ ଲାଗିଲା । କହିଲା- ଶଙ୍କର୍ଷଣ ମଉସା ଯାହା ଅନୁମାନ କରି କହୁଛନ୍ତି, ତାହା ଅବଶ୍ୟ ଠିକ୍ । ସେକଥା ହୋଇନଥିଲେ, ମାଂସ ତରକାରୀ ଆପେ ଆପେ ଲୁଣିଆ ହୋଇଯାଆନ୍ତା କାହିଁକି ? ଚାଲ ଆମେ ଏ ଘର ଛାଡ଼ି, ଆଉ କେଉଁଠି ଭଡ଼ାଘର ନେବା ।

ଏକଥା ଶୁଣି ମୁଁ କହିଲି- ବୋଉ ଏସବୁ ଗାଲୁ ଗପ । ଆମ ବିଜ୍ଞାନ ଗୁରୁଜୀ ପାଠ ପଢ଼ାଇବାବେଳେ କହିଛନ୍ତି, ଭୂତ ଧାରଣା ମନର ଗୋଟିଏ ମିଛ ଚିନ୍ତାଧାରା । ଏସବୁ

ସତରେ କିଛି ନାହିଁ। ଭୂତ ଯଦି ଆମର ଏହି ଘରେ ଥାନ୍ତା, ସେ ତ ଖଡ୍‌ଖାଡ୍, ଧଡ୍‌ଧାଡ୍ ଶବ୍ଦ କରନ୍ତା? ଆମକୁ ଆହୁରି କେତେ କ'ଣ ଅସୁବିଧାରେ ପକାନ୍ତା, କାହିଁ ସେସବୁ ତ କିଛି ଘଟୁନାହିଁ।

ବାପା ଏଥର ଆଲୋଚନାରୁ ଉଠି ଚାଲିଗଲେ। ପରେପରେ ମୁଁ ଓ ସାନଭଉଣୀ ପାଠପଢ଼ାରେ ବସିଗଲୁ। ସେଦିନ ରାତିରେ ଖାଇପିଇ ସଭିଏଁ ଶୋଇଲୁ। ମୋ ସାନଭଉଣୀ ଭାରୀ ଡ଼ରୁଆ। ସେଦିନ ରାତିରେ ସେ ବୋଉକୁ କୁଣ୍ଢେଇ ଶୋଇଲା।

ଏ ଭିତରେ କିଛିଦିନ ବିତିଗଲା।

ସେଦିନ ଥାଏ ଗାନ୍ଧୀଜୟନ୍ତୀ। ମୁଁ ଓ ସାନଭଉଣୀ ବଡ଼ି ସକାଳୁ ଉଠି ନିତ୍ୟକର୍ମ ସାରି ସ୍କୁଲକୁ ଗଲୁ। କାରଣ ସେଦିନ ଆମ ସ୍କୁଲରେ ଥାଏ ବକ୍ତୃତା ପ୍ରତିଯୋଗିତା। ପ୍ରଧାନ ଗୁରୁଜୀ କହିଥାନ୍ତି, ସମସ୍ତେ ପ୍ରସ୍ତୁତ ହୋଇ ଆସିବ, ବକ୍ତୃତା ପ୍ରତିଯୋଗିତାରେ ଭାଗନେବ। ମୁଁ ମଧ୍ୟ କିଛି କହିବି ବୋଲି ପୂର୍ବରୁ ବାପାଙ୍କଠାରୁ ଶୁଣି ଆଉ ବୁଝି ପ୍ରସ୍ତୁତ ହୋଇଯାଇଥାଏ।

ପିଲାମାନେ ଜଣେ ପରେ ଜଣେ କହି ଚାଲିଲେ। ଶେଷରେ ପ୍ରଧାନ ଗୁରୁଜୀ ତାଙ୍କ ଭାଷଣ ଆରମ୍ଭ କଲେ- "ପିଲାଏ ମହାତ୍ମାଗାନ୍ଧୀ ଦେଶ ପାଇଁ ଯେଉଁ ସ୍ୱାଧୀନତା ଆଣି ଦେଇଥିଲେ, ତା' ମଧ୍ୟରେ ଏକ ମୁଖ୍ୟ ପ୍ରସଙ୍ଗ ଥିଲା ମୁଠାଏ ଲୁଣର କାହାଣୀ। ଯେତେବେଳେ ଇଂରେଜମାନେ କହିଲେ- କୌଣସି ଭାରତୀୟ ସମୁଦ୍ର ପାଣିରୁ ଲୁଣ ମାରିପାରିବ ନାହିଁ, ଗାନ୍ଧିଜୀ ଏହାର ପ୍ରତିବାଦ କରିଥିଲେ। ସେ ନିଜେ ଅନେକ ସଂଗ୍ରାମୀଙ୍କ ସହିତ ମାର୍ଚ୍ଚ ମାସ ୧୨ ତାରିଖ ୧୯୩୦ ମସିହାରେ ଗୁଜୁରାଟର ସାବରମତୀ ଆଶ୍ରମରୁ ଏକ ସମୁଦ୍ରକୂଳିଆ ଗାଁ, ଦାଣ୍ଡୀକୁ ଲୁଣ ମାରିବା ପାଇଁ ଯାତ୍ରା ଆରମ୍ଭ କରିଥିଲେ। ସଦଳବଳେ ଚାଲିଚାଲି ଚବିଶ ଦିନ ପରେ ଅପ୍ରେଲ ମାସ ୬ ତାରିଖ ୧୯୩୦ ମସିହାରେ ଦାଣ୍ଡିରେ ପହଞ୍ଚି ସମୁଦ୍ର ପାଣିରୁ ମରାଯାଇଥିବା ଲୁଣକୁ ନିଜ ହାତମୁଠାରେ ଧରି ଇଂରେଜଙ୍କ ଆଇନକୁ ଅମାନ୍ୟ କଲେ। ଏଥିସହିତ କୋଟି କୋଟି ଭାରତୀୟଙ୍କ ମନରେ ଉନ୍ମାଦନା ଭରି ଦେଇଥିଲେ।

କେବଳ ଏତିକି ନୁହେଁ, ଗାନ୍ଧିଜୀ ଲୁଣକୁ ଖୁବ୍ ଗୁରୁତ୍ୱ ଦେଉଥିଲେ। ଥରେ ତାଙ୍କର ପତ୍ନୀ କସ୍ତୁରବାଙ୍କ ଦେହ ଅସୁସ୍ଥ ହେଲା। ଡାକ୍ତର କିଛିଦିନ ପାଇଁ ଆଦୌ ଲୁଣ ନଖାଇବାକୁ ପରାମର୍ଶ ଦେଲେ। କିନ୍ତୁ କସ୍ତୁରବା ଏଥିରେ ସହଜରେ ରାଜି ହେଲେନାହିଁ। ଏକଥା ଶୁଣି ଗାନ୍ଧିଜୀ କସ୍ତୁରବାଙ୍କୁ କହିଲେ- 'ତୁମେ ମାତ୍ର କିଛିଦିନ ପାଇଁ ଲୁଣ ଖାଇବା ଛାଡ଼ିପାରିବ ନାହିଁ ବୋଲି କହୁଛ। ହେଲେ ମୁଁ ଡାକ୍ତରଙ୍କ ବିନା ପରାମର୍ଶରେ ଗୋଟାଏ ବର୍ଷ ପାଇଁ ଲୁଣ ଖାଇବା ଛାଡ଼ିଦେବି।'

ଗାନ୍ଧିଜୀଙ୍କ ଏହି କଥା ଶୁଣି କସ୍ତୁରବାଙ୍କ ମନ ପରିବର୍ତ୍ତନ ହେଲା। ସେ କିଛିଦିନ

ପାଇଁ ଲୁଣ ଖାଇବା ଛାଡ଼ିଦେଇ ସବୁକିଛି ଅଲଣା ଖାଇଥିଲେ ।

ଗାନ୍ଧିଜୀଙ୍କ ବିଷୟରେ ଆହୁରି ଏମିତି କେତେକେତେ କଥା ପ୍ରଧାନ ଗୁରୁଜୀ ତାଙ୍କ ଭାଷଣରେ କହିଗଲେ । ସଭା ସରିଲା ପରେ ଆମ ସମସ୍ତଙ୍କୁ ସେଉ-ବୁନ୍ଦିଆ ଦିଆଗଲା । ଆମେ ଭାଇ ଭଉଣୀ ମନଖୁସୀରେ ଘରକୁ ଫେରିଲୁ ।

ସେଦିନ ଟିକେ ଡ଼େରି ରାତିରେ ମୁଁ ଶୋଇବାକୁ ଗଲି । ମୋତେ ଜମା ନିଦ ଲାଗୁନଥାଏ । ଇଆଡୁ ସିଆଡୁ କେତେକଥା ମୋ ମନକୁ ଆସିଯାଉଥାଏ । ଏମିତି ଭାବୁଭାବୁ ମୁଁ ମନେମନେ ଭାବିଲି ଆମ ଘରେ ମାଂସ ତରକାରୀ ଲୁଣିଆ ହେବା ସହିତ କଣ୍ଡ୍ରାକ୍ଟର ବାବୁଙ୍କୁ ରୋଷେଇ କରି ଦେଉଥିବା ବଙ୍କୁର କିଛି ସମ୍ପର୍କ ରହିଛି କି ? ସେ କ'ଣ ସତରେ ଭୂତ ହୋଇ ଏହି କାମ କରୁଛି ? ଏଇମିତି ଭାବିଭାବି କେତେବେଳେ ଯେ ମୋତେ ନିଦ ଆସିଗଲା ମୁଁ ଶୋଇଗଲି । ରାତି ପାହିବାକୁ ଆଉ ଅଳ୍ପ କିଛି ସମୟ ବାକିଥାଏ, ମୁଁ ଏକ ସ୍ୱପ୍ନ ଦେଖିଲି ।

କିଏ ଜଣେ ମହାପୁରୁଷ କହୁଛନ୍ତି- 'ତୁମ ଘରେ ଯଦି ତରକାରୀ ଏଭଳି ଲୁଣିଆ ହେଉଛି, ତୁମେମାନେ ବି ଗାନ୍ଧିଜୀଙ୍କ ଆଦର୍ଶମାନି ଲୁଣ ଖାଇବା ପୂରା ଛାଡ଼ିଦିଅ । ହୁଏତ ଏଭଳି ଅସୁବିଧାର ସମାଧାନ ହୋଇଯିବ ।'

ହଠାତ୍ ମୋ ନିଦ ଭାଙ୍ଗିଗଲା । ନିଦ ବାଉଳାରେ ବାପା-ବୋଉଙ୍କୁ ବଡ଼ ପାଟିରେ ଡାକ ପକାଇଲି । ବୋଉ ମୋତେ ଜାବୁଡ଼ି ଧରିଲା । ନିଦରୁ ଉଠିପଡ଼ି ମୁଁ ଦେଖିଥିବା ସ୍ୱପ୍ନ କଥା କହିଲି ।

ବାପା ଏକଥା ଶୁଣି କହିଲେ- ଆରେ ଶୋଇପଡ଼ ରାତି ପାହିବାକୁ ପରା ଆହୁରି ଅନେକ ବେଳ ବାକି ଅଛି । ଯାହା ସ୍ୱପ୍ନ ଦେଖିଲୁ, ସବୁ ତୋ ମନର ଭାବନା କେବଳ ।

ଏହା ଭିତରେ କିଛିଦିନ ବିତିଗଲା । ବାପା ପୁଣି ଦିନେ ଘରକୁ ଭଲ ଖାସି ମାଂସ ନେଇ ଆସିଲେ । ସେଦିନ ମୁଁ ବୋଉକୁ ଚୁପ୍‌ଚୁପ୍ କହିଲି ବୋଉ, ତୁ ଆଜି ରୋଷେଇ କଲାବେଳେ ତରକାରିରେ ଜମା ଲୁଣ ପକାଇବୁ ନାହିଁ । ଅଲଣା ରାନ୍ଧିବୁ ।

ବୋଉ ଏକଥା ଶୁଣି କହିଲା- ତୋ ମୁଣ୍ଡ ଖରାପ ହେଲାଣି କିରେ ? ଅଲଣା କ'ଣ କିଛି ଖାଇହେବ ?

ଯା'ହେଉ ବୋଉକୁ ମୁଁ ସ୍କୁଲ୍‌ରେ ଶୁଣିଥିବା ଗାନ୍ଧିଜୀଙ୍କ ଆଦର୍ଶକଥା କହି ଅନେକ ବୁଝାଇଲା ପରେ ସେ ମୋ କଥାରେ ରାଜି ହେଲା । ସେଦିନ ମାଂସ ତରକାରୀ ଅଲଣା ରୋଷେଇ ହେଲା ।

ରାତି ପ୍ରାୟ ସାଢ଼େ ନଅଟାବେଳକୁ ଆମେ ସମସ୍ତେ ଏକାଠି ବସିଲୁ । ଭାତ ସହିତ ମାଂସ ତରକାରୀ ବଢ଼ାହେଲା । ମନରେ ଭୟଥାଏ ଆଜି ମାଂସ ତରକାରୀ ଲୁଣିଆ ହୋଇ ନଥିବ ତ ?

ମାତ୍ର ଯେତେବେଳେ ପାଟିକୁ ତରକାରୀ ନେଇଛୁ, ଏହା ଥିଲା ସମ୍ପୂର୍ଣ୍ଣ ଅଲଣା । ବାପା, ଛି, ଛି କହି ବିରକ୍ତି ପ୍ରକାଶ କଲେ । କହିଲେ- ଏ କ'ଣ ଆଜି ତରକାରୀ ଲୁଣିଆ ନହୋଇ ସମ୍ପୂର୍ଣ୍ଣ ଅଲଣା ହୋଇଛି । ଏ କି ଓଲଟା ଘଟଣା ଘଟିଲା ?

ଏଥର ଆମେ ସମସ୍ତେ ଅଳ୍ପ ଲୁଣ ମାଂସ ତରକାରୀରେ ମିଶାଇଲୁ ଏବଂ ଖାଇବା ଆରମ୍ଭ କଲୁ । ମାତ୍ର ଏ କ'ଣ ଏତେ କମ୍ ଲୁଣ ମିଶାଇଥିଲେ ମଧ୍ୟ ତରକାରୀ ଯେ ଏତେ ଲୁଣିଆ ଲାଗୁଛି । ଆମେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲୁ । ସେଦିନ ବଡ଼କଷ୍ଟରେ ଆମେ ଅଳ୍ପ ଅଳ୍ପ ଖାଇଲୁ ।

ତହିଁ ପରଦିନର କଥା । ମୋ ମନରେ ଗୋଟାଏ ନୂଆ ଭାବନା ସୃଷ୍ଟିହେଲା । 'ଆମେ ଗୋଟିଏ ଓଳି ଲୁଣ ମାଂସ ତରକାରୀରେ ପକାଇଲୁ ନାହିଁ ବୋଲି, ତରକାରୀ ଅଲଣା ରହିଲା । ପୁଣି ଯେତେବେଳେ ଲୁଣ ମିଶାଇ ତରକାରୀ ଖାଇଲୁ ବୋଲି, ବୋଧହୁଏ ସେଥିପାଇଁ ତରକାରୀ ଅତ୍ୟଧିକ ଲୁଣିଆ ହୋଇଗଲା ।'

ସବୁଦିନ ପରି ସେଦିନ ରାତିରେ ଆମେ ସମସ୍ତେ ଏକାଠି ଖାଇବାକୁ ବସିଲୁ । ମୁଁ ବାପାଙ୍କୁ କହିଲି- ବାପା ଆମକୁ ଗାନ୍ଧିଜୀଙ୍କ ଆଦର୍ଶ ଗ୍ରହଣ କରିବାକୁ ପଡ଼ିବ । ଯେତେ କଷ୍ଟ ହେଉ ପଛେ ନିଜ ମନକୁ ଦୃଢ଼କରି ଗାନ୍ଧିଜୀ ଅନେକ ଦିନ ଧରି ଲୁଣ ନଖାଇବାକୁ ସ୍ଥିର କରିଥିଲେ, ଆମକୁ ସେମିତି ଆଚରଣ କରିବାକୁ ପଡ଼ିବ । ଅତି କମ୍‌ରେ ଏକୋଇଶ ଦିନ ଆମେ ଘରେ ଏକଦମ୍ ଅଲଣା ଖାଇବା । ତା'ପରେ ପୁଣି ଲୁଣ ପକାଇ ତରକାରୀ ରୋଷେଇ କରି ଦେଖିବା ଆଗକୁ କ'ଣ ଘଟିବ ?

ବାପା-ବୋଉ ଓ ସାନ ଭଉଣୀ ଯଦିଓ ମୋ କଥାରେ ଅଧା ହଁ, ଅଧା ନାଁ ବୋଲି କହିଲେ, କିନ୍ତୁ ସମ୍ପୂର୍ଣ୍ଣ ଏକମତ ହେଲେନାହିଁ । ତଥାପି ଆମେ ସମସ୍ତେ ସ୍ଥିର କଲୁ, ଆସନ୍ତାକାଲିଠାରୁ ଏକୋଇଶ ଦିନ ଯାଏ ସବୁକିଛି ଅଲଣା ଖାଇବା ହିଁ ଖାଇବା ।

ତା' ପରଦିନ ଘରେ ଯେତେକ ଲୁଣ ଥିଲା ସବୁ ବାହାରେ ଫିଙ୍ଗି ଦିଆଗଲା । ସେହିଦିନଠାରୁ ସାଧା ତରକାରୀ, ମାଂସ ତରକାରୀ କିମ୍ବା କୌଣସି ଖାଦ୍ୟରେ ଆଉ ଟିକେ ବି ଲୁଣ ପଡ଼ିଲାନାହିଁ । ପ୍ରଥମେ କିଛିଦିନ ଆମକୁ ଖୁବ୍ ଅରୁଚି ଲାଗିଲା । କିନ୍ତୁ କ୍ରମେ କ୍ରମେ ଆମେ ବି ଅଲଣା ଖାଇବାରେ ଅଭ୍ୟସ୍ତ ହୋଇଗଲୁ ।

ଏଇମିତି ଉଣେଇଶି ଦିନ ବିତିଗଲା । ପରଦିନ ଥିଲା ଅଲଣା ଦିବସର କୋଡ଼ିଏ ଦିନ । ସବୁଦିନ ପରି ଆମେ ସଭିଏଁ ପ୍ରାୟ ରାତି ନଅଟା ସାଢ଼େ ନଅଟା ବେଳକୁ ଶୋଇବାକୁ ଗଲୁ । ସେଦିନ ରାତିରେ ଗୋଟାଏ ବିଚିତ୍ର ଘଟଣା ଘଟିଲା ।

ହଠାତ୍ ରାତି ଅଧରେ ଭୀଷଣ ଶବ୍ଦ ଶୁଣାଗଲା । ହାଣ୍ଡି, କଡ଼ା, ବାସନକୁସନ ଇତ୍ୟାଦି କିଏ ଯେମିତି ରାଗିଯାଇ ଫିଙ୍ଗାପିଙ୍ଗି କରୁଛି । ଏ ଶବ୍ଦ ଶୁଣି ବାପାଙ୍କ ନିଦ ଚାଉଁକିନା ଭାଙ୍ଗିଗଲା । ସେ କାନ ଡେରି ଶୁଣିଲେ, ଏ ଶବ୍ଦ ରୋଷେଇ ଘରୁ ଆସୁଛି ।

ଆମ ସମସ୍ତଙ୍କୁ ସେ ନିଦରୁ ଉଠାଇଦେଲେ । ଆମକୁ ମଧ୍ୟ ସେ ଶବ୍ଦ ଶୁଣାଯାଉଥାଏ ।

ଏଥର ବାପା ସାହସ କରି ଟର୍ଚ୍ଚ ଧରି ରୋଷେଇଘର ଆଡ଼କୁ ଚାଲିଲେ । ଆମେ ସମସ୍ତେ ତାଙ୍କ ପଛେ ପଛେ ଚାଲିଲୁ । କିନ୍ତୁ ଭୟରେ ମୁଁ, ସାନ ଭଉଣୀ ଓ ବୋଉ ଥରିବାକୁ ଲାଗିଲୁ । ବାପା ଚାବି ଖୋଲି ଧୀରେ ଧୀରେ ରୋଷେଇ ଘର କବାଟ ଖୋଲିଲେ । କବାଟ ଖୋଲିବା ମାତ୍ରେ ହଠାତ୍ ଶବ୍ଦ ବନ୍ଦ ହୋଇଗଲା । ଟର୍ଚ୍ଚ ଆଲୁଅରେ ଦେଖାଗଲା ରୋଷେଇ ଘର ଯେମିତି ଧୂଆଁମୟ ଦିଶୁଛି । ଆଉ କୌଣସି ଶବ୍ଦ ଶୁଣାଗଲା ନାହିଁ । ଅଧରାତିରେ ଚାରିଆଡ଼ ଶୂନ୍‌ଶାନ୍ ଲାଗୁଥାଏ ।

ଆମେ ଦେଖିଲୁ, ରୋଷେଇ ଘରର ସବୁ ବାସନକୁସନ, ହାଣ୍ଡି ଡେକଚି, କଡ଼େଇ ଇତସ୍ତତଃ ହୋଇପଡ଼ିଛି । କବାଟରେ ତ ଚାବି ପଡ଼ିଥିଲା, ଗୋଟାଏ ମାତ୍ର ଝରକା ତାହା ତ ବନ୍ଦ ଥିଲା, ବିଲେଇଟିଏ ମଧ୍ୟ ପଶିବାର ବାଟ ନ ଥିଲା । ତେବେ ଏମିତି କାଣ୍ଡ କାରଖାନା କଲା କିଏ ? ଆମେ ସବୁ ଭୟରେ ଥରିବାକୁ ଲାଗିଲୁ ।

ବୋଉ କହିଲା- ମୁଁ ବାରମ୍ବାର କହୁଛି, ଏ ଘର ଛାଡ଼ିଦିଅ । ମୋ କଥା ଶୁଣୁନାହଁ । ଏବେ ନିଜେ ସବୁ ଅଙ୍ଗେ ନିଭା ଘଟଣା ଦେଖିଲ ତ ?

ବାପା କିଛି ଉତ୍ତର ନ ଦେଇ, ରୋଷେଇଘର କବାଟ ବନ୍ଦ କରିଦେଲେ । ଆମେ ସମସ୍ତେ ପୁଣି ଶୋଇବା ଘରକୁ ଫେରିଆସିଲୁ । ସେ ରାତି ସାରା ଆଉ କାହାକୁ ବି ନିଦ ହେଲାନାହିଁ ।

ତହିଁ ପରଦିନ ଆମର ଅଲଣା ଦିବସର ଥିଲା ଏକୋଇଶ ଦିନ । ସେଦିନ ମଧ୍ୟ ଆମେ କେହି ଲୁଣ ବ୍ୟବହାର କଲୁନାହିଁ ।

ତା'ପରଦିନ ଥିଲା ଅଲଣା ଦିବସର ବାଇଶ ଦିନ ଓ ବୁଧବାର । ବାପାଙ୍କୁ ଆମେ କହିବାରୁ ସେଦିନ ସନ୍ଧ୍ୟାରେ ସେ ଖାସି ମାଂସ ନେଇ ଘରକୁ ଆସିଲେ । ବୋଉ ମାଂସ ତରକାରୀ ପ୍ରସ୍ତୁତ କଲା । ସେଦିନ ତରକାରୀରେ ସେ ଆବଶ୍ୟକୀୟ ଲୁଣ ପକାଇ ରୋଷେଇ କଲା । ଆମେ ତରକାରୀ ଚାଖିଲୁ, ସବୁ ତ ଠିକ୍ ଠାକ୍ ଲାଗିଲା ।

ଏଥର ଆମେ ସ୍ଥିରକଲୁ, ଘଣ୍ଟାଏ ପରେ ଖାଇବୁ । ଘଣ୍ଟାଏ ବିତିଗଲା, ଆମେ ଏକାଠି ଖାଇବାକୁ ବସିଲୁ । ମନରେ ଭୟ ଥାଏ, ଆଜି ଏ ତରକାରୀ ପୁଣି ପୂର୍ବପରି ଲୁଣିଆ ହୋଇଯାଇ ନଥିବ ତ ?

ମାତ୍ର ଆଶ୍ଚର୍ଯ୍ୟର କଥା, ସେଦିନ ମାଂସ ତରକାରୀ ସମ୍ପୂର୍ଣ୍ଣ ଠିକ୍ ଥିଲା । ଆଦୌ ଲୁଣିଆ ହୋଇନଥିଲା । ଆମ ସମସ୍ତଙ୍କର ମନ ଖୁସିରେ ଉଚ୍ଛନ୍ନ ହୋଇଉଠିଲା । ମୁଁ ବଡ଼ପାଟିରେ କହିଲି- ବାପା, ବାପା, ଗାନ୍ଧିଜୀଙ୍କ ଆଦର୍ଶ ମାନିବାରୁ ଆମର ସମସ୍ୟା ଏବେ ଦୂର ହୋଇଗଲା ।

❐

ପାଷାଣୀ ଅହଲ୍ୟା



ସୁଧାକର ନନ୍ଦ

ମୋ. ୯୪୩୮୩ ୯୫୪୦୨

“ ସମୟ ତ ହୋଇ ଯାଇଛି । ଆମକୁ ମିଥିଳା ରାଜ୍ୟରେ ସଂଧ୍ୟା ପୂର୍ବରୁ ପ୍ରବେଶ କରିବାକୁ ପଡ଼ିବ । ଗୌତମ ଋଷି ମଧ୍ୟ ଆସିଗଲେଣି । ମହାସତୀ ଅହଲ୍ୟାଙ୍କ ଅଭିଶାପ ସତ୍ୟ ହେଲା । ଶଙ୍କରଙ୍କ କୃପାରୁ ଅଞ୍ଜନାଙ୍କ ଗର୍ଭରୁ ଜନ୍ମ ନେଇଛନ୍ତି, ଏକାଦଶ ରୁଦ୍ର “ ମହାବୀର ହନୁମାନ ।”

“ହେ ପରମବ୍ରହ୍ମ ଶ୍ରୀରାମ । ଯେଉଁ କନ୍ୟାକୁ ତୁମେ ପୁର୍ନଜନ୍ମ ଦେଇଛ, ତାଙ୍କୁ ଗୌତମଙ୍କୁ ସମ୍ପ୍ରଦାନ କରି ଏ ଜଗତକୁ ଧନ୍ୟ କର । ଧୀବର ! ତୁମର ନୌକା ଫିଟାଇ ଆମକୁ ଏ ଗଙ୍ଗା ନଦୀ ପାର କରାଅ । ”

ଗଙ୍ଗାନଦୀ କୂଳେ କୂଳେ ଥିବା ଧୀବର ପଲ୍ଲୀରେ ଜଣେ ଧୀବରର ଦ୍ୱାରରେ ଖଣ୍ଡିଏ ଅଦ୍ଭୁତ ଅଥଚ ଆକର୍ଷଣୀୟ ପଥର ପଡ଼ିଥାଏ । ତା’ ଉପରେ ଧୀବରଟି ପ୍ରତିଦିନ ପରି ଜାଲକୁ କାଚିସାରି ଗଙ୍ଗା ଜଳରେ ଧୋଇଲା ଓ ନୌକା ଫିଟାଇ ଆରପାରିକୁ ଚାଲିଲା । ଗୁରୁଦେବ ତାକୁ ନ ଅଟକାଇ, ଗଙ୍ଗାରୁ ପାଣିଆଣି ପଥରଟିକୁ ଧୋଇ ପରିଷ୍କାର କରିବାକୁ ଲକ୍ଷ୍ମଣଙ୍କୁ ଆଦେଶ ଦେଲେ ।

ଆଦେଶ ପାଳିତ ହେବା ପରେ ଶ୍ରୀରାମଙ୍କୁ ଚାହିଁ ମହର୍ଷି ବିଶ୍ୱାମିତ୍ର ଉକ୍ତ ପଥରକୁ ନିଜ ପାଦରେ ସ୍ପର୍ଶ କରିବାକୁ କହିଲେ । ଶ୍ରୀରାମ ସେ ପଥର ଉପରେ ପାଦ ରଖିଲା ମାତ୍ରେ ତାହା ଆସ୍ତେଆସ୍ତେ ହଲିବାକୁ ଲାଗିଲା । ପଥରଟି ହଠାତ୍ ଉଭେଇଯାଇ ଶ୍ରୀରାମଙ୍କ ପାଦତଳୁ ଏକ ଅପୂର୍ବ ସୁନ୍ଦରୀ ନାରୀ ବାହାରି, ଶ୍ରୀରାମଙ୍କ ପାଦସ୍ପର୍ଶ କରି ପ୍ରଣାମ କଲା ।

ୟା’ ଭିତରେ ଆରପାରିରୁ ମାଛନେଇ ଫେରୁଥିବା ଧୀବର ତା’ ଦୁଆରେ ପଡ଼ିଥିବା ପଥରଟି, ଅନିନ୍ଦ୍ୟ ସୁନ୍ଦରୀ ସ୍ତ୍ରୀ ହୋଇଥିବା ଦେଖି କୂଳରେ ଡ଼ଙ୍ଗା ଲାଗିବା

ପୂର୍ବରୁ ଡେଇଁ ପଡ଼ିଲା ଓ ବିଶ୍ୱାମିତ୍ରଙ୍କ ପାଦଧରି କହିଲା, " ତୁମ ଦୟାରୁ କେଉଁ କାଳରୁ ପଡ଼ିରହିଥିବା ମୋ ପଥରଟି ସ୍ତ୍ରୀ ହୋଇଛି ଏବେ ମୋ ଦୁଃଖଗଲା ।" ସେ ଉକ୍ତ ସ୍ତ୍ରୀକୁ ଧରିବାକୁ ହାତ ବଢ଼ାନ୍ତେ, ବହୁ ସମୟ ଧରି ଏ ଅଘଟଣକୁ ଲକ୍ଷ୍ୟ କରୁଥିବା ଧୀବରର ସ୍ତ୍ରୀ କୁଡ଼ିଆରୁ ବାହାରି ଆସି ଧୀବର ହାତକୁ ଛାଟିଦେଇ କହିଲା, "ନିଆଁଲଗା, ବାଡ଼ିପଡ଼ା,ଯୋଗଣୀଖିଆ, ସବୁବେଳେ ମୁଁ ଖଟିଖଟି ତୋ ସଂସାର ଚଳାଉଛି । ଆଜି ଯାକୁ ଦେଖି ଲାଳ ବହୁଛି କାହିଁକି ? କ'ଣ ମୋତେ ସଉତୁଣୀ ଦେବୁ, ଛୁଉଁତ ଦେଖି ତାକୁ । ଏହି ମୁଣ୍ଡି ଛାଞ୍ଚୁଣୀରେ ତୁମ ଦୁହିଁଙ୍କୁ ମୁଁ ଯଦି ସାବାଡ଼ ନ କରିଛି ତେବେ ମୋ ନାଁ ପାର ନୁହେଁ । ଛୁଉଁ ନୁଁ ନିଲଠା, ଯା, ଛୁଁ' ।"

ନିଜ ସ୍ତ୍ରୀର ବିଶ୍ୱ ମୂର୍ତ୍ତି ଦେଖି ଧୀବରର ମୁହଁ କଳା ପଡ଼ିଗଲା । ତା' ପାଖକୁ ଯାଇ କହିଲା, "ଆଲୋ ଏକା କାମ କରି କରି ମରୁଛୁ । ତୋ' ଭଲ ପାଇଁ ସିନା ମୁଁ କହୁଥିଲି । ନ ହେଲା ଏବେ ସଉତୁଣୀ ନ ହେଉ, ତାକୁ ପୋଇଲି କରି ରଖ । ବାପ ଗୋସାପ ସାତ ପୁରୁଷ ଅମଳରୁ ପଥରଟା ଆମ ଦୁଆରେ ପଡ଼ିଥିଲା । ଆଲୋ । ସେଟା ଆମ ସଂପତ୍ତି ନା ନାହିଁ ?

ପଥର ଥିଲାବେଳେ ଆମର ଥିଲା, ଏବେ ସ୍ତ୍ରୀ ହେଲା । ସ୍ତ୍ରୀ ନ ହୋଇ ପୁରୁଷ ହୋଇଥିଲେ ବି ସେ ମୋ ଭାଇ ହୋଇ ମୋ ସାଙ୍ଗରେ ମାଛ ଧରିଥାଆନ୍ତା । ନ ହେଲେ ଡ଼ଙ୍ଗା ବାହିଥାଆନ୍ତା । ସ୍ତ୍ରୀ ହୋଇଗଲା ବେଳକୁ ତୋ ଦେହରେ ନିଆଁ ଲାଗିଯାଉଛି କାହିଁକି ?"

ନିଆଁରେ ଘିଅ ଢ଼ାଳିଲେ ଯେମିତି ହୁତ୍ ହୁତ୍ ହୋଇ ଜଳେ ଏକଥା ଶୁଣି ତା' ସ୍ତ୍ରୀ ରାଗରେ ପାଚି ଲାଲ ହୋଇ କହିଲା, " ଆରେ ରଇଜଳା, ତୋ ମୁହଁକୁ କ'ଣ ସରମ ଅଛି ? ଗୋଟାକୁ ତ ପୋଷି ପାରୁନୁ ଯେ ଅଧଦିନେ ଚୁଲିକି ହାଣ୍ଡି ଯାଉନି, ପୁଣି ଆଉ ଗୋଟେ ମାଇକିନା ଆଣି ଘରେ ପୂରେଇବୁ ? ଆଜି..." କହୁ କହୁ ଅଟକିଯାଇ ବିଶ୍ୱାମିତ୍ରଙ୍କୁ ଅନାଇ କହିଲା, " ନା ତୋର ଦୋଷ କଣ, ଏଇ ବୁଢ଼ା ବାବାଜି ହଉଛି ଅସଲ ପାଜି । ସବୁ ହୁନ୍ଦର ସେଇ ଲଗେଇଛି । ତାକୁ ଏଇ ମୁଣ୍ଡି ଛାଞ୍ଚୁଣୀ... "ଆଉ କହି ନପାରି କଇଁ କଇଁ ହୋଇ କାନ୍ଦି ଉଠିଲା ।

ପଥରରୁ ସ୍ତ୍ରୀ ପାଲଟି ଥିବା ନାରୀ ଧୀବରାଣୀର ହାତ ଧରି ଏବେ ତୁଣ୍ଡ ଖୋଲିଲେ, "ଶୁଣ ଭଉଣୀ ଏ ପଥର କାହାରି ସଂପତ୍ତି ନୁହେଁ । ମୁଁ ଗୋଟିଏ ହତଭାଗିନୀ । ମୋର ସ୍ୱାମୀ ଓ ପୁଅ ଝିଅ ଅଛନ୍ତି । ମୋତେ ତାଙ୍କରି ପାଖକୁ ଫେରିଯିବାକୁ ହେବ ।"

ନିଆଁରେ ପାଣି ପଡ଼ିବା ପରି ସ୍ୱାମୀ ସ୍ତ୍ରୀ ଦୁହେଁ ତା ମୁହଁକୁ ଚାହିଁ ରହିଲେ । ନାରୀ ଜଣକ ମହର୍ଷୀ ବିଶ୍ୱାମିତ୍ରଙ୍କୁ ପ୍ରଣାମ କରି କହିଲା, "ଆପଣ ସବୁ ଜାଣନ୍ତି ବ୍ରହ୍ମର୍ଷି ! କୁହନ୍ତୁ, ସତ୍ୟ ପ୍ରକାଶ କରନ୍ତୁ, ଆପଣ ହିଁ ମୋତେ ପରମବ୍ରହ୍ମଙ୍କ ସ୍ୱର୍ଶରେ ମୁକ୍ତି ଦେଲେ । ତେଣୁ ସମସ୍ତ ବୃତ୍ତାନ୍ତ ଆପଣ ହିଁ କହିବେ । ଯାହାଙ୍କ ପାଦ ସ୍ୱର୍ଶରେ ମୋର ମୁକ୍ତି ହେଲା, ଜାଣେ, ସେ ତୁଣ୍ଡ ଖୋଲିବେ ନାହିଁ । ସବୁ ଜାଣି କିଛି ନ ଜାଣିଲା ପରି ମଉନ ରହିବେ । ବ୍ରହ୍ମର୍ଷି ଲକ୍ଷ୍ମଣଙ୍କୁ ଆଦେଶ ଦେଲେ, " ତୁମେ ଯାଅ ସୌମିତ୍ରୀ । ଗୌତମ ଋଷିଙ୍କୁ ତାଙ୍କ ଆଶ୍ରମରୁ ଏଠାକୁ ଡ଼ାକି ଆଣ । ତାଙ୍କର ପତ୍ନୀ ଅହଲ୍ୟା, ନିଜର ଘୋର ତପସ୍ୟା ହେତୁ ପରମବ୍ରହ୍ମଙ୍କ ସ୍ୱର୍ଶରେ ଶାପମୁକ୍ତା ହୋଇଛନ୍ତି ବୋଲି ତାଙ୍କୁ ସମ୍ବାଦ ଦିଅ ।"

"ତେବେ ଇଏ ଆଉ ଜଣେ ବାବାଜୀଙ୍କ ସ୍ତ୍ରୀ ?" ଧୀବରାଣୀ ଆଶ୍ଚର୍ଯ୍ୟ ହୋଇ ପଚାରିଲା ।

" ଗପ ଶୁଣି ମନ ଖାଲି ଆନନ୍ଦରେ କୁରୁଳି ଉଠୁଥିବ । ମାଇକିନା ଜାତିଟା ସତରେ ଏଇଆ । ନିଜେ ପଡ଼ିଉଠି ଖଟି ଖଟି ମରୁଥିବେ ପଛେ, ଆଉ ଜଣେ ଯଦି ଆଇଲା ତ ଦେହରେ ନିଆଁ ଲାଗିଯିବ । ହଁ ଋଷି, ପଥର ଖଣ୍ଡକ ଗଲା ଗଲା, ସେତ ରକ୍ଷା ପାଇଲା । ଆମେ ଦିଟା ତୁଚ୍ଛାରେ ଏ ବୟସରେ ବାଡ଼ିଆବାଡ଼ି ହୋଇ ମରିଥାନ୍ତୁ । ସେଥିରୁ ରକ୍ଷା ପାଇଲୁ । ଛାଡ଼, ତୁମେ କହିଲ ଏ କିଏ ? ୟା'ର ଏ ଅବସ୍ଥା କାହିଁକି ହେଲା ? କିଲୋ ହାଁ କରି ଅନେଇଁ ଠିଆ ହୋଇଛୁ କଣ ? ଆସନ ତିନି ଖଣ୍ଡ ଆଣ । ତୁ କଣ ତାଙ୍କୁ ସାଦା ବାବାଜୀ ଭାବିଛୁ କି ? ମୋ ବୋପାଠୁଁ ଶୁଣିଛି " ଇଏ ଥିଲେ ରାଜା ପୁଅ । ସମସ୍ତେ କହନ୍ତି, ଧନରତ୍ନ ରାଜଗାଦି ଛାଡ଼ି ଇଏ ବାବାଜି ହେଲେ । ୟା'ଙ୍କ ନା ପରା ବିଶ୍ୱାମିତ୍ର ।"

ଧୀବରାଣୀ ତିନିଖଣ୍ଡ ଚଟେଇ ପାରିଦେଲା । ପାଣି ଆଣି ସମସ୍ତଙ୍କ ପାଦ ଧୋଇଦେଲା । ଧୀବର ନିଜ କାନ୍ଧରୁ ଗାମୁଛା କାଢ଼ି ଗୋଡ଼ ପୋଛିଲା ପୂର୍ବରୁ ଗୋଡ଼ଧୁଆ ପାଣି ନେଇ ନିଜ ପାଟିରେ ଦେବା ଆଗରୁ ମୁଣ୍ଡରେ ଲଗାଇଲା । ଜାମୁଡ଼ାଳ ଦୁଇଖଣ୍ଡ ଭାଙ୍ଗିଆଣି ଖଣ୍ଡେ ସ୍ତ୍ରୀକୁଦେଇ, ଅନ୍ୟ ଖଣ୍ଡକରେ ସେ ରାମ ଲକ୍ଷ୍ମଣଙ୍କୁ ବିଞ୍ଚିବା ଆରମ୍ଭ କଲା ।

ଧୀବରାଣୀ ତାଙ୍କୁ ଡାଳରେ ବିଞ୍ଚୁଥିବା ବେଳେ ବିଶ୍ୱାମିତ୍ର ଆରମ୍ଭ କଲେ, " ସେ ଗୋଟିଏ ଯୁଗତଳର କଥା । ଗୌତମ ଋଷି ତାଙ୍କର ଏହି ପତ୍ନୀ ଅହଲ୍ୟାଙ୍କୁ ପ୍ରାଣଠୁଁ ବି ଅଧିକ ସ୍ନେହ କରୁଥିଲେ । ୟେ' ଥିଲେ ଅସମାନ୍ୟା ସୁନ୍ଦରୀ, ଗୁଣବତୀ ଓ ସତୀ । ତାଙ୍କର ଅଞ୍ଜନା ନାମରେ ଗୋଟିଏ ଗୁଣବତୀ ଓ ଦିବ୍ୟଦୃଷ୍ଟିସଂପନ୍ନା କନ୍ୟା ଥିଲା ।

ଦିନେ ମହର୍ଷି ଗୌତମ ଗଙ୍ଗାନଦୀକୁ ସ୍ନାନ କରିବାକୁ ଯାଉଯାଉ ହଠାତ୍ ଫେରିଆସି ଅହଲ୍ୟାଙ୍କ ପ୍ରୀତି ଭିକ୍ଷାକଲେ । ସତୀ ଅହଲ୍ୟା, ଜୀବନରେ କେବେ ବି ସ୍ୱାମୀ କଥାରେ ପ୍ରତିବାଦ କରି ନ ଥିଲେ । ସେ ଦିନ ବି ସମ୍ମତି ପ୍ରଦାନ କଲେ । ଗୌତମ ନିଜପତ୍ନୀଙ୍କ ସହିତ ରତିକ୍ରୀଡ଼ା ଶେଷକରି, ସ୍ନାନ ନିମିତ୍ତ ନଦୀକୁ ଗଲେ ଓ ବାଟରୁ ଫେରିଆସି ତାଙ୍କୁ ପୂର୍ଣ୍ଣ ସନ୍ତୋଷ ମିଳି ନ ଥିବାରୁ ପୁଣି ଥରେ ରତି ନିବେଦନ କଲେ । ସ୍ୱାମୀଙ୍କ ଆଚରଣରେ ଚରମ ବ୍ୟତିକ୍ରମ ଲକ୍ଷ୍ୟ କରି ମଧ୍ୟ ବିନା ପ୍ରତିବାଦରେ ରତିକ୍ରୀଡ଼ା ସାରି ନିଜକୁ ଅବଶ ମନେକଲେ ଅହଲ୍ୟା । ଗୌତମ କିନ୍ତୁ ସ୍ନାନ ପାଇଁ ବାହାରିଗଲେ । ସ୍ନାନ ସାରି ଫେରିଲା ବେଳକୁ ପ୍ରତିଦିନ ପରି ସୂର୍ଯ୍ୟୋଦୟ ହେଲା । ମହର୍ଷି ପୂଜାର୍ଚ୍ଚନା ପରେ ଅହଲ୍ୟାଙ୍କ ମୁହଁକୁ ଚାହାଁନ୍ତେ, ମୁହଁ ତାଙ୍କର ଲଜ୍ଜାରେ ପାଣ୍ଡୁର ହୋଇଗଲା । ଗୌତମଙ୍କୁ ସିଧା ଚାହିଁ ପାରିଲେ ନାହିଁ । କାରଣ ଏପରି କାମୁକତା ସେ ନିଜ ସ୍ୱାମୀ ଠାରେ କେବେ ବି ଲକ୍ଷ୍ୟ କରି ନ ଥିଲେ ।

ସମୟ ଗଡ଼ି ଚାଲିଲା, ଅହଲ୍ୟାଙ୍କ ଗର୍ଭରୁ ଦେବ ପ୍ରତିମ ଅସାଧାରଣ ତେଜସ୍ୱୀ ଦୁଇଟି ଜମଜପୁତ୍ର ଜନ୍ମହେଲେ । ଗୌତମ ପିଲା ଦୁଇଟିଙ୍କୁ ଏତେ ସ୍ନେହ କଲେ ଯେ ଝିଅ ଅଞ୍ଜନାକୁ ଆସ୍ତେ ଆସ୍ତେ ଅବହେଳା କରିବାକୁ ଲାଗିଲେ । ପୁଅ ଦୁଇଟି ଚନ୍ଦ୍ରକଳା ପରି

ବଢ଼ିବାକୁ ଲାଗିଲେ । ଅଞ୍ଜନା କିନ୍ତୁ ଭାଇ ଦୁହିଁଙ୍କୁ ଖୁବ୍ ଆଦର ଯତ୍ନ କରୁଥିଲେ । ପିତା ତାଙ୍କ ପ୍ରତି ଅବହେଳା କରୁଥିବାର ଲକ୍ଷ୍ୟ କରି ଆସ୍ତେ ଆସ୍ତେ ଅଞ୍ଜନାଙ୍କ ଦୁଃଖ ଈର୍ଷାରେ ପରିଣତ ହେଲା । ଦିନେ ଗୌତମ ଦୁଇପୁଅକୁ ଦୁଇ କାନ୍ଧରେ ବସାଇ ବିଳମ୍ବରେ ସ୍ନାନ କରିବାକୁ ଗଲେ । ସୂର୍ଯ୍ୟଙ୍କ କିରଣରେ ଗଙ୍ଗାନଦୀର ବାଲି ତାତି ଉଠୁଥାଏ । ଅଞ୍ଜନା ଗୌତମଙ୍କ ପଛେପଛେ ଚାଲୁଥିଲେ । ତତଲା ବାଲି ତାଙ୍କ କଅଁଳପାଦକୁ ବହୁତ କଷ୍ଟଦେଲା । ଅଜାଣତରେ ତାଙ୍କ ପାଟିରୁ ପ୍ରତିବାଦର ସ୍ୱର ବାହାରି ଆସିଲା, "ପିତା ! ନିଜ ଔରସ ଜାତ କନ୍ୟାକୁ ଦଣ୍ଡିତା କରି ଅନ୍ୟମାନଙ୍କ ସନ୍ତାନକୁ ଆପଣ କାନ୍ଧରେ ବସାଉଥିବା ଦେଖି ପ୍ରକୃତରେ ମୋତେ ଆଶ୍ଚର୍ଯ୍ୟ ଲାଗୁଛି ।"

ଗୌତମ ସ୍ତବ୍ଧ ହୋଇ ଅଞ୍ଜନାଙ୍କୁ ପଚାରିଲେ, " ତୁ କ'ଣ କହିବାକୁ ଚାହୁଁ ?"

ଅଞ୍ଜନା ପ୍ରକୃତିସ୍ଥ ହୋଇ ନିଜକୁ ପାପିନୀ ମଣିଲେ । ସାମାନ୍ୟ କ୍ରୋଧ ଓ ଈର୍ଷାର ବଶବର୍ତ୍ତିନୀ ହୋଇ ସେ ସର୍ବନାଶକୁ ଡ଼ାକି ଆଣିଲେ ଜାଣି ମୁହଁ ତଳକୁ କଲେ ।

ଗୌତମଙ୍କୁ ଏହା ଆହୁରି ଆଶ୍ଚର୍ଯ୍ୟ ଲାଗିଲା । ନିଜର ଶପଥ ଦେଇ ସତ୍ୟ ପ୍ରକାଶ କରିବାକୁ ସେ ଆଦେଶ ଦିଅନ୍ତେ, ବାଧ୍ୟ ହୋଇ ଅଞ୍ଜନା ସତ୍ୟ ପ୍ରକାଶ କଲେ, "ନ'କହିଲେ ପିତୃ ଦ୍ରୋହିଣୀ, କହିଲେ ମାତୃ ଦ୍ରୋହିଣୀ ହେବି । ସାରାଜୀବନ ନିରିମାଖୀ ମା' ମୋର ଜଳିବ । ! ନ ହେଲେ ପିତୃଦ୍ରୋହ ଅପରାଧରେ ମୁଁ ଜଳୁଥିବି । ଆପଣଙ୍କ କନ୍ୟା ହିସାବରେ ସତ୍ୟ କହିବା ମୋର ପରମବ୍ରତ । ତେଣୁ ହେ ପିତା ! ଆଜକୁ ଚାରିବର୍ଷ ତଳେ ଦିନେ ସୂର୍ଯ୍ୟୋଦୟ ପୂର୍ବରୁ ଆପଣ ଗଙ୍ଗାନଦୀକୁ ସ୍ନାନ କରିବାକୁ ଯାଇଥିବାବେଳେ, ପ୍ରଥମେ ଦେବରାଜ ଇନ୍ଦ୍ର ଓ ପରେ ସୂର୍ଯ୍ୟଦେବ ଅବିକଳ ଆପଣଙ୍କ ରୂପଧରି ମା'ଙ୍କ ସହିତ ରତିକ୍ରୀଡ଼ା କରୁଥିବାର ଆପଣଙ୍କଠାରୁ ପ୍ରାପ୍ତ ମୋର ଦିବ୍ୟଦୃଷ୍ଟିରେ ମୁଁ ଦେଖିପାରିଥିଲି । ଯାହାର ଫଳ ଏଇ ଦୁଇ ଜମଜ ସନ୍ତାନ । ଏ ଦୁହିଁଙ୍କୁ ମା' ଓ ଆପଣ ନିଜର ପୁଅ ଭାବି ସ୍ନେହ ଶ୍ରଦ୍ଧା କରି ଆସିଛନ୍ତି । କିନ୍ତୁ ପ୍ରକୃତରେ ଏମାନେ ଇନ୍ଦ୍ର ଓ ସୂର୍ଯ୍ୟଦେବଙ୍କ ସନ୍ତାନ ।" କଥା ଶେଷ ହେବା ବେଳକୁ ଗଙ୍ଗାନଦୀ କୂଳରେ ସମସ୍ତେ ପହଞ୍ଚି ସାରିଥିଲେ ।

କ୍ରୋଧରେ ଅଗ୍ନିଶର୍ମା ହୋଇ ଗୌତମ ନିଜର ମାନସିକ ଭାରସାମ୍ୟ ହରାଇ ବସିଲେ ଓ ପିଲା ଦୁଇଟିକୁ ଦୁଇ ହାତରେ ଧରି ଗଙ୍ଗାନଦୀର ଅଥଳ ଜଳକୁ ଫିଙ୍ଗି ଦେଇ କହିଲେ, "ଯଦି ପ୍ରକୃତରେ ତୁମେ ଦୁହେଁ ମୋର ଔରସ ଜାତ ସନ୍ତାନ ହୋଇଥାଅ, ତେବେ ନିର୍ବିଘ୍ନରେ ନିଜ ରୂପରେ ନଦୀଜଳରୁ ବାହାରି ଆସ । ନଚେତ୍ ବାନର ରୂପ ଧରି ନଦୀର ଅପରପାର୍ଶ୍ୱରେ ଥିବା ଜଙ୍ଗଲକୁ ଚାଲିଯାଅ ।"

ଗୌତମ ଏହା ଉଚ୍ଚାରଣ କରିବାର ମାତ୍ର କେତୋଟି ମୁହୂର୍ତ୍ତ ମଧ୍ୟରେ ଦୁହେଁ ବାନର ରୂପ ଧରି ନଦୀର ଅପର ପାର୍ଶ୍ୱରେ ଥିବା ଜଙ୍ଗଲରେ ଅନ୍ତର୍ଦ୍ଧାନ ହୋଇଗଲେ । ଅବଶ୍ୟ ସେମାନେ ଯୁବକତ୍ୱ ପ୍ରାୟ ହୋଇ ଏବେ ଇନ୍ଦ୍ରପୁତ୍ର ମହାଶକ୍ତିଶାଳୀ ବାଳୀ ଓ ତାର ଭାଇ ସୂର୍ଯ୍ୟପୁତ୍ର ସୁଗ୍ରୀବ ଭାବେ କିସ୍କନ୍ଧ୍ୟା ରାଜ୍ୟକୁ ଶାସନ କରୁଛନ୍ତି ।" ମହର୍ଷି ବିଶ୍ୱାମିତ୍ରଙ୍କ ଠାରୁ ଏ କାହାଣୀ ଶୁଣୁଥିବାବେଳେ ଅହଲ୍ୟାଙ୍କ ଚକ୍ଷୁରୁ ଧାରଧାର ଲୁହ ବୋହି ଯାଉଥିଲା ।

"ତୁମେ ଦୁଃଖିତା ହୁଅନା ମା' । ତୁମେ ସତୀ । ତେଣୁ ସେ ଦିନ ତୁମେ କନ୍ୟା

ଅଞ୍ଜନାକୁ ଦେଇଥିବା ଅଭିଶାପ ବିଶ୍ୱପ୍ରତି ଆଶୀର୍ବାଦରେ ପରିଣତ ହୋଇଛି । ଗୌତମଙ୍କ ଅଭିଶାପରେ ଠିକ୍ ଏହି ସ୍ଥାନରେ ତୁମେ ପଥର ହେଲ । ସୂର୍ଯ୍ୟ କେତୁ ଗ୍ରସ୍ତ ହେଲେ । କିନ୍ତୁ ବିଧିର ବିଚିତ୍ର ବିଡ଼ମ୍ବନାରେ ତୁମେ ନିର୍ଦ୍ଦୋଷ ଅଞ୍ଜନାଙ୍କୁ ଅଭିଶାପ ହୋଇ ସେ ଦିନ କହିଥିଲ, " ଦଣ୍ଡିତା ହେବାରେ ମୋର ସାମାନ୍ୟତମ ଚିନ୍ତା ନାହିଁ । ମୋ' କନ୍ୟା ହୋଇ ତୁ ଯେତେବେଳେ ପିତାଙ୍କ ଠାରୁ ପ୍ରାପ୍ତ ଦିବ୍ୟଦୃଷ୍ଟିରେ ଇନ୍ଦ୍ର ଓ ସୂର୍ଯ୍ୟଙ୍କୁ ଚିହ୍ନି ପାରିଲୁ, ସେତେବେଳେ ପ୍ରତିବାଦ କଲୁନାହିଁ କାହିଁକି ? ପରେ ମୋ ନିକଟରେ ସତ୍ୟ ପ୍ରକାଶ କରିଥିଲେ, ମୁଁ ହୁଏତ ଆତ୍ମହତ୍ୟା କରି ଏ ପାପର ପ୍ରାୟଶ୍ଚିତ୍ତ କରିଥାଆନ୍ତି । ଫଳରେ ପିଲା ଦୁଇଟିଙ୍କର ଜନ୍ମ ହେବାର ପ୍ରଶ୍ନ ଉଠି ନ ଥାଆନ୍ତା । ଈର୍ଷାର ବଶବର୍ତ୍ତୀ ହୋଇ ତୋରି ପାଇଁ ଋଷିଙ୍କ ଅଭିଶାପରେ ନିର୍ଦ୍ଦୋଷ ନିଷ୍ପାପ ଶିଶୁ ଦୁଇଟି ଯଦି ବାନର ରୂପ ଧରି ଅରଣ୍ୟକୁ ଚାଲିଗଲେ,ତେବେ ମୁଁ ତୋତେ ଅଭିଶାପ ଦେଉଛି ଅଞ୍ଜନା, ତୋ ଠାରୁ ଯେଉଁ ପୁତ୍ର ଜନ୍ମ ହେବ, ସେ ବି ବାନର ରୂପଧରି ଜନ୍ମ ହେଉ । ଅଞ୍ଜନାକୁ ଅଭିଶାପ ଦେଇ ତୁମେ ପାଷାଣ ପାଲଟିଗଲ । ସେ କିନ୍ତୁ ବିବାହ ନ କରିବାକୁ ପ୍ରତିଜ୍ଞା କଲେ ଓ ଗିରିରାଜ କୁମାରୀଙ୍କ ପରି କଠୋର ତପସ୍ୟାରେ ବସିଲେ ସେହିଦିନ ଠାରୁ ।

ସମୟ ତ ହୋଇ ଯାଇଛି । ଆମକୁ ମିଥିଳା ରାଜ୍ୟରେ ସଂଧ୍ୟା ପୂର୍ବରୁ ପ୍ରବେଶ କରିବାକୁ ପଡ଼ିବ । ଗୌତମ ଋଷି ମଧ୍ୟ ଆସିଗଲେଣି । ମହାସତୀ ଅହଲ୍ୟାଙ୍କ ଅଭିଶାପ ସତ୍ୟ ହେଲା । ଶଙ୍କରଙ୍କ କୃପାରୁ ଅଞ୍ଜନାଙ୍କ ଗର୍ଭରୁ ଜନ୍ମ ନେଇଛନ୍ତି, ଏକାଦଶ ରୁଦ୍ର " ମହାବୀର ହନୁମାନ ।"

"ହେ ପରମବ୍ରହ୍ମ ଶ୍ରୀରାମ ! ଯେଉଁ କନ୍ୟାକୁ ତୁମେ ପୁନର୍ଜନ୍ମ ଦେଇଛ, ତାଙ୍କୁ ଗୌତମଙ୍କୁ ସମ୍ପ୍ରଦାନ କରି ଏ ଜଗତକୁ ଧନ୍ୟ କର । ଧୀବର ! ତୁମର ନୌକା ଫିଟାଇ ଆମକୁ ଏ ଗଙ୍ଗା ନଦୀ ପାର କରାଅ ।

କହୁଥିଲ ନା ଧୀବର ତୁମେ ମୋର ଜନ୍ମ ବୃତ୍ତାନ୍ତ ଜାଣିଛ ।

ବିଶ୍ୱାମିତ୍ରଙ୍କ କଥାଶୁଣି ଗଦ୍ ଗଦ୍ ହୋଇ ଧୀବର କହିଲା । "ହେ ବ୍ରହ୍ମର୍ଷି ଗାଧିସୁତ ବିଶ୍ୱାମିତ୍ର ! ମୋତେ ଯେତେବେଳେ ପରମବ୍ରହ୍ମଙ୍କ ର ପାଦ ଧୋଇବାର ସୁଯୋଗ ଦେଇଛ, ମୁଁ ତୁମର କଥାରକ୍ଷା କରିବାକୁ ଅଙ୍ଗୀକାର କରୁଛି ।

ଧୀବରାଣୀ ଅହଲ୍ୟାଙ୍କ ହାତ ଧରି ଗୌତମଙ୍କ ନିକଟକୁ ନେଇଗଲେ ଓ ରଘୁନାଥଙ୍କୁ ଅହଲ୍ୟାଙ୍କ ହାତକୁ ଧରାଇଦେଇ କହିଲେ, "ହେ ଶ୍ରୀରାମ ଆଉ ବିଳମ୍ବ କରନ୍ତୁ ନାହିଁ ।"

ପରମବ୍ରହ୍ମ ଶ୍ରୀରାମ ଅହଲ୍ୟାଙ୍କ ହାତ ସହିତ ଗୌତମଙ୍କ ହାତକୁ ମିଳାଇ ଦେଲାବେଳେ ଗଙ୍ଗା ନଦୀ ବି ଉଦ୍‌ବେଳିତ ହୋଇ ସମସ୍ତଙ୍କର ପାଦ ଧୋଇଦେଲେ । ବିଶ୍ୱାମିତ୍ର କଣ୍ଠରୁ ଝରି ପଡୁଥିଲା ପୂତ ଦେବମନ୍ତ୍ର ।

❐

ସ୍ମୃତି ଦୁଇ କପ ଚା'



ପୂର୍ଣ୍ଣଚନ୍ଦ୍ର ବହଳୀ

ମୋ. ୯୮୬୧୪ ୪୪୨୦୦

"ଯେତେବେଳେ ଶ୍ୟାମଳୀର ଜନ୍ମ ହୋଇଥିଲା ତାହା ପରିବାରରେ ଖୁସି ଆଣିବା ପରିବର୍ତ୍ତେ ଆଶଙ୍କା ଓ ଚିନ୍ତା ବଢ଼ାଇ ଦେଇଥିଲା । ଜନ୍ମ ହେବା ମାତ୍ରେ ତାହାର ପଛପଟେ ଏକ ଅହେତୁକ ମାଂସ ପିଣ୍ଡୁଳା ସେ ଜିଇଁବା ମରିବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । ତେଣୁ ତାକୁ ବଞ୍ଚାଇ ରଖିବା ପାଇଁ ଚେଷ୍ଟା କରାଯାଇଥିଲା । କଟକର ଏକ ପ୍ରାଇଭେଟ ନର୍ସିଙ୍ଗ ହୋମରେ ଡାକ୍ତରଙ୍କ ପରାମର୍ଶ କ୍ରମେ ଅପରେସନ ହୋଇଥିଲା । କିନ୍ତୁ ଅପରେସନ ସ୍ଥଳରେ ପୁଣି ବୃଦ୍ଧି ହେବ କି ନାହିଁ ତାହାର ପ୍ରତିଶ୍ରୁତି ମିଳି ନଥିଲା ।"

ଚା' କପ ଅମ୍ଳୀୟତା ସୃଷ୍ଟି କରିପାରେ, ଝଡ଼ ସୃଷ୍ଟି କରିପାରେ । ଚା' କପ ନିଦ ହଜାଇ ଦେଇପାରେ ତ ବେଳେବେଳେ ସ୍ମୃତି ହୋଇ ହୋଇ ରହିଯାଏ ; ଅନୁଭବ ଅନୁଭୂତିକୁ ଆତ୍ମସମୀକ୍ଷା ପାଇଁ, ମୋହ ମାୟାର ସଂସାରରେ ନିୟତିର ଉପହାସକୁ ପରଖିବା ପାଇଁ । ମଣିଷ ପ୍ରକୃତିର ଦାସ । ତାର ଇଚ୍ଛା ଶକ୍ତି ପାଖରେ ସେ ହାର ମାନିଯାଏ ।

ରାଘବବାବୁଙ୍କ ଚା' କପର କାହାଣୀ ଅନେକ ଥିଲେ ମଧ୍ୟ ଦୁଇଟି ଚା' କପର ସ୍ମୃତି ଆଜି ବି ତାଙ୍କ ମାନସପଟରେ ଉଜ୍ଜୀବିତ । ଗୋଟିଏ ଘଟଣା ଆତ୍ମତୃପ୍ତି ଦେଉଥିବାବେଳେ ଅନ୍ୟଟି ବିଷାଦରେ ଭରା । ସେ ଦିନେ ଗପୁ ଗପୁ କହିଲେ- ତ୍ରିଲୋଚନ ବାବୁ ଜୀବନରେ ଅତୀତର ସ୍ମୃତି ବହୁତ ଥିଲେ ମଧ୍ୟ ଦୁଇଟି ଚା' କପର ସ୍ମୃତି ଚାହିଁ କରି ବି ଭୁଲିହେବ ନାହିଁ । ମୁଁ କହିଲି

ଚା' କପ ବି ଆପଣଙ୍କ ପାଇଁ କିଭଳି ସ୍ମୃତି ହେଲା । ସେ କହିଲେ ଧୈର୍ଯ୍ୟ ଅଛି ଶୁଣିବାକୁ । ମୁଁ କହିଲି କୁହନ୍ତୁ ।

ରାଘବ ବାବୁ କହିଲେ , ହେଉ ଶୁଣନ୍ତୁ... ଥରେ ଜଣେ ଅତିଥିଙ୍କୁ ସଭା ଶେଷରେ ସଙ୍ଗରେ ନେଇ ଫେରିବା ବେଳକୁ ବହୁ ରାତି ହୋଇଗଲା । ମୁଁ ତାଙ୍କୁ କହିଲି ସାର କିଛି ନ ଭାବିବେ ଯଦି ଆମ ଘରେ ରହିଯିବେ । ମୁଁ ଏକା କେହି ନାହାନ୍ତି, ଅସୁବିଧା କିଛି ହେବ ନାହିଁ । ସେ ମୋ କଥାକୁ ସମ୍ମାନର ସହ ଗ୍ରହଣ କରି ରାତ୍ରି ଯାପନ କଲେ ।

ସକାଳୁ ଉଠୁ ଉଠୁ ଯିବାକୁ ବାହାରିଲେ । ମୁଁ କହିଲି ,ସାର ଚା' ଟିକେ କରିବା, ପିଇ କରି ଯିବେ । ସେ କହିଲେ ଆପଣ ଏକା ଲୋକ କାହିଁକି ବ୍ୟସ୍ତ ହେଉଛନ୍ତି । ନାଇଁ ସାର ସାଙ୍ଗେ ସାଙ୍ଗେ ହୋଇଯିବ କହିଦେଇ ପାଖ ଦୋକାନରୁ ଓମ୍‌ଫେଡଟିଏ ଆଣି ଚା' କଲି ।

ସେଥିରେ ଅଦା, ଗୁଜରାତି ମସଲା ଇତ୍ୟାଦି ପକାଇଲି । ସବୁଦିନେ ସେହିଭଳି ଚା' ହୁଏ କିନ୍ତୁ ସେଦିନ ଚାହାର ସ୍ୱାଦ ଏତେ ଭଲ ହୋଇଥିଲା ଯେ ସେ ନିଜ ଆଡୁ କହିଲେ ରାଘବ ବାବୁ ଆଜି ପର୍ଯ୍ୟନ୍ତ ମୁଁ ଏପରି ଚା' ପିଇ ନାହିଁ । ଏହା ମନେ ରହିବ । ଏବେ ବି ମୁଁ ଆଦିକନ୍ଦ ସାରଙ୍କ ସହ କେତେବେଳେ କଥା ହେଲେ ବା ଦେଖା ହେଲେ କୁହନ୍ତି ରାଘବ ବାବୁ ଆପଣଙ୍କ ତିଆରି ଚାହାର ସ୍ୱାଦ ଆଜି ବି ମନେ ପଡୁଛି । ଏ କଥା ବହୁ ସମୟରେ ଭାବିଲେ ଦୁଃଖ ଭିତରେ ମୋତେ ଆତ୍ମତୃପ୍ତି ମିଳେ ।

ଆଉ ଏକା ଚା' କପ କାହାଣୀ ରାଘବ ବାବୁଙ୍କ ଦୁଃଖଭରା ଅଲିଭା ସ୍ମୃତି... ମୁଁ କହିଲି ଥାଉ ରାଘବ ବାବୁ ସ୍ମୃତି ଯଦି ଦୁଃଖ କାହିଁକି ତାକୁ ଉଖାଡ଼ିବେ । ସେ କହିଲେ ବେଳେବେଳେ କହିଦେଲେ ମନ ହାଲକା ହୋଇଯାଏ । ବହୁ କଥା ମନରେ ରଖି ଦୁଃଖ ଅର୍ଜନ କରିଛି, ଏବେ ମନସ୍ତାପ ହେଉଛି କିନ୍ତୁ ସେ ସମୟରେ ଯୁଗ୍ମ ପରିବାର ପାଇଁ ତାହାର ଆବଶ୍ୟକତା ଥିଲା । ଆଜି ବି ଅଳ୍ପ ବହୁତ ତାହା କରିବାକୁ ପଡୁଛି । ମୁଁ କହିଲି ହେଉ କୁହନ୍ତୁ ଶୁଣିବା... ରାଘବ ବାବୁଙ୍କ ଚା' କପ କାହାଣୀ ଥିଲା ଏହିପରି ।

ଶ୍ୟାମଳୀ ରାଘବ ବାବୁଙ୍କର ଏକମାତ୍ର ଝିଅ । ଆଜିକାଲି ଝିଅ ଜନମକୁ କେହି କେହି ନାପସନ୍ଦ କରୁଥିଲେ ମଧ୍ୟ ରାଘବ ବାବୁ ଏଥିରେ ବ୍ୟତିକ୍ରମ ଥିଲେ । ଘରେ ଝିଅଟିଏ ନ ଥିଲେ ତାହା କ'ଣ ଘରଭଳି ଲାଗେ ବୋଲି ପ୍ରାୟ ବନ୍ଧୁବାନ୍ଧବଙ୍କ ସହ ଆଲୋଚନାବେଳେ ସେ କୁହନ୍ତି । ରାଘବ ବାବୁ ଥିଲେ ଯୁଗ୍ମ ପରିବାରର ବଡ଼ପୁଅ । ସହଧର୍ମିଣୀ ମୀନାରାଣୀ ଶିକ୍ଷୟିତ୍ରୀ ଓ ସମୁଦାୟ ପରିବାର କହିଲେ ତିନି ଭାଇ, ତିନି ଭଉଣୀ ଓ ବାପା ମା' । ଯୁଗ୍ମ ପରିବାରରେ ରହିବାକୁ ହେଲେ ଜୀବନ ସହିତ ଯେ ବହୁକ୍ଷେତ୍ରରେ ବୁଝାମଣା କରିବାକୁ ପଡ଼େ ତାହା ରାଘବ ବାବୁ ଭଲ ଭାବେ ଜାଣିଥିଲେ । ତେଣୁ ବହୁ ଅକୁହା କଥାକୁ ହୃଦୟରେ ରଖି ଆଗେଇ ଚାଲିଥିଲେ ସଭିଙ୍କୁ ସାଥରେ

ନେଇ । କାରଣ ତାଙ୍କର ଗର୍ବ ଥିଲା ପିଲାମାନଙ୍କୁ ନେଇ । ବହୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ମାତା ମୀନାରାଣୀ ସେମାନଙ୍କୁ ଓ ଘରେ ଅନ୍ୟ ପିଲାମାନଙ୍କୁ ଉଚିତ ଶିକ୍ଷା ଦେବାରେ ହେଳା କରି ନଥିଲେ । ଝିଅ ଶ୍ୟାମଳୀ ମଧ୍ୟ ହାଇସ୍କୁଲରେ ଶିକ୍ଷୟିତ୍ରୀ ରୂପେ ନିଯୁକ୍ତି ପାଇଥିଲା ।

ଯେତେବେଳେ ଶ୍ୟାମଳୀର ଜନ୍ମ ହୋଇଥିଲା ତାହା ପରିବାରରେ ଖୁସି ଆଣିବା ପରିବର୍ତ୍ତେ ଆଶଙ୍କା ଓ ଚିନ୍ତା ବଢ଼ାଇ ଦେଇଥିଲା । ଜନ୍ମ ହେବା ମାତ୍ରେ ତାହାର ପଛପଟେ ଏକ ଅହେତୁକ ମାଂସ ପିଣ୍ଡୁଳା ସେ ଜିଇଁବା ମରିବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । ତେଣୁ ତାକୁ ବଞ୍ଚାଇ ରଖିବା ପାଇଁ ଚେଷ୍ଟା କରାଯାଇଥିଲା । କଟକର ଏକ ପ୍ରାଇଭେଟ ନର୍ସିଂ ହୋମରେ ଡାକ୍ତରଙ୍କ ପରାମର୍ଶ କ୍ରମେ ଅପରେସନ ହୋଇଥିଲା । କିନ୍ତୁ ଅପରେସନ ସ୍ଥଳ ପୁଣି ବୃଦ୍ଧି ହେବ କି ନାହିଁ ତାହାର ପ୍ରତିଶ୍ରୁତି ମିଳି ନ ଥିଲା । ରାଘବବାବୁଙ୍କ ମନରେ ଚିନ୍ତା ଥିଲା ବିଭାଘର ପରେ ଉକ୍ତ ସ୍ଥାନର ଅସମତାରେ ସ୍ୱାମୀ ଦ୍ୱାରା ଘୃଣିତ ହେବ ନାହିଁ ତ ।

କିନ୍ତୁ ଶ୍ୟାମଳୀ ସବୁ ଗୁଣରେ ପରିପୂର୍ଣ୍ଣ ଥିଲା । ସେ ନିଜର ଆଚାର ବ୍ୟବହାରରେ ସମସ୍ତଙ୍କୁ ସନ୍ତୁଷ୍ଟ କରିପାରୁଥିଲା । ବି.ଏଡ. ପାସ୍ ପରେ ହାଇସ୍କୁଲରେ ଶିକ୍ଷୟିତ୍ରୀ ରୂପେ ନିଯୁକ୍ତି ପାଇଗଲା । କିଛି ମାସ ପରେ ପରେ ଶ୍ୟାମଳୀ ବିବାହ ବନ୍ଧନରେ ବାନ୍ଧି ହୋଇଯାଇଥିଲା । ଶ୍ୟାମଳୀ ଯେତେବେଳେ ଗର୍ଭଧାରଣ କଲା ରାଘବ ବାବୁ ଓ ମୀନାରାଣୀ ବଡ଼ ଚିନ୍ତାରେ ପଡ଼ିଯାଇଥିଲେ । କାରଣ ଜନ୍ମ ହେବା ଠାରୁ ପୁଣି ବିବାହ ପର୍ଯ୍ୟନ୍ତ ଏକ ଅସହଜ ଘରୋଇ ପରିବେଶରେ ଶ୍ୟାମଳୀ ଜୀବନ ଅତିବାହିତ କରିବା ସହ ଶାରୀରିକ ଭାବେ ଏତେ ସୁଦୃଢ଼ ନ ଥିଲା । ଗର୍ଭଧାରଣ ପରେ ବହୁଦୂରରେ ଥିବା ସ୍କୁଲକୁ ପ୍ରତ୍ୟହ ଚାକିରୀ ପାଇଁ ଯିବାଆସିବାରେ ମୀନାରାଣୀ ଓ ରାଘବବାବୁ ମନେ ମନେ ଚିନ୍ତିତ ରହୁଥିଲେ ।

ରାଘବ ବାବୁ ମନକୁ ମନ ବୁଝାନ୍ତି ପିଲାଟି ଦିନରୁ କଷ୍ଟ ପାଇଥିବା ଶ୍ୟାମଳୀ କୌଣସି ଅସୁବିଧାର ସମ୍ମୁଖୀନ ନ ହୋଇ ଭଲରେ ପିଲାଟିଏ ଜନ୍ମ ଦେବ । ରାଘବ ବାବୁ ନିଜ କର୍ମ ସଂସ୍ଥାନରେ ଥିବା ସମୟରେ ଖବର ପାଇଲେ ଯେ ଶ୍ୟାମଳୀ ମେଡିକାଲରେ ଭର୍ତ୍ତି ହୋଇଛି । ସେ ତୁରନ୍ତ ଟ୍ରେନରେ ଘର ଅଭିମୁଖେ ବାହାରିଲେ । ବାଟରେ ପୁଣି ଖବର ପାଇଲେ ପୁତ୍ର ସନ୍ତାନଟିଏ ହୋଇଛି ।

ରାଘବବାବୁଙ୍କ ଖୁସିର ସୀମା ନ ଥିଲା । ସେ ଏ ଖୁସି କିଛି ବନ୍ଧୁବାନ୍ଧବଙ୍କୁ ବାଣ୍ଟିବା ଆରମ୍ଭ କରିଦେଲେ ଓ ଓଡ଼ିଶା ବାହାରେ ଚାକିରୀ କରୁଥିବା ପୁଅକୁ ଜଣାଇଲେ । କିନ୍ତୁ ଏତେ ଖୁସି ହେବା ଠିକ୍ ନୁହେଁ ବୋଲି ରାଘବ ବାବୁଙ୍କ ମନରେ କାହିଁକି କେଜାଣି ଏକ ଆଶଙ୍କା ଜନ୍ମ ନେଲା । କାରଣ ସ୍ୱଳ୍ପ ସମୟର ପରିଧିରେ ବିଭିନ୍ନ ସଫଳତା ଅର୍ଥାତ୍ ଝିଅ ଓ.ଟି.ଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ, ବିଏଡ଼ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ହାଇସ୍କୁଲ

ଓ ପ୍ରାଇମେରୀ ଉଭୟରୁ ନିଯୁକ୍ତି ପାଇଁ ଅଫର ଆସିବା ସହ ହାଇସ୍କୁଲ ଶିକ୍ଷୟିତ୍ରୀ ରୂପେ ନିଯୁକ୍ତି ପାଇବା ଓ ପୁତ୍ର ସନ୍ତାନ ଜନ୍ମ ଦେବା ଭଳି ଖୁସି ରାଘବ ବାବୁଙ୍କ ମନରେ ଭୟ ସୃଷ୍ଟି କରିଥିଲା । କାରଣ ରାଘବ ବାବୁ କୁହନ୍ତି କୌଣସି କ୍ଷେତ୍ରରେ ପୂର୍ଣ୍ଣ ସଫଳତା ତାଙ୍କ ଭାଗ୍ୟରେ ଘଟି ନାହିଁ । ତେଣୁ ଶ୍ୟାମଳୀର ସଫଳତା ଶୀର୍ଷ ଛୁଇଁବା ନେଇ ତାଙ୍କର ଚିନ୍ତା ଦୁଇଗୁଣ ବଢ଼ିଯାଇଥିଲା । ତେଣୁ ଅନ୍ୟ କାହାରି ସହିତ ଖୁସି ବାଣ୍ଟିବାରେ ହଠାତ ବ୍ରେକ୍ ଲାଗିଥିଲା । ତେବେ ମନେ ମନେ ନିଜକୁ ନିଜେ ସେ ବୁଝାଉଥିଲେ ଯେ ବହୁ କଷ୍ଟ ଦେଇ ଶ୍ୟାମଳୀ ଗତି କରିଅଛି ଓ ଏ ଖୁସି ନିଶ୍ଚୟ ଈଶ୍ୱରଙ୍କ ଆଶୀର୍ବାଦ । କେତେବେଳେ ସ୍ୱପ୍ନରେ କୃଷ୍ଣଙ୍କ କାଳୀୟ ଦର୍ଶନ ପ୍ରତିଛବି ଶ୍ୟାମଳୀ ସ୍ୱପ୍ନରେ ଦେଖେ ବୋଲି କହୁଥିଲା । ଏଣୁ ଶ୍ରୀକୃଷ୍ଣ ନିଶ୍ଚୟ ତାକୁ ରକ୍ଷା କରିବେ ବାଟ ସାରା ଭାବି ଭାବି ଆଶା ଓ ଆଶଙ୍କା ମଧ୍ୟରେ ରାଘବବାବୁ ଡାକ୍ତରଖାନାରେ ପହଁଚିଲେ ।

ସେଠାରେ ଦେଖିଲେ ଝିଅ ଶ୍ୟାମଳୀ ସୁସ୍ଥ ଅଛି । କିନ୍ତୁ ରାଘବବାବୁ ନିଜକୁ ସହଜ ମନେ କରୁ ନ ଥିଲେ । ଦୁଇ ତିନିମାସ ଗଲେ ହିଁ ଝିଅ ସୁସ୍ଥ ହେଲା ବୋଲି ଖୁସି ହେବେ ଏହି ଚିନ୍ତାରେ ସେ ଉଦାସ ଚେହେରା ନେଇ ବସିଥିଲେ । ଝିଅ ଏହା ଲକ୍ଷ୍ୟ କରି ପଚାରିଲା ବାପା କ'ଣ ହୋଇଛି । ଝିଅର ଏପରି ପଚାରିବାରେ ସେ ଖୁସି ହୋଇପାରୁ ନ ଥିଲେ । ମନେ ମନେ ଚିନ୍ତିତ ଥିଲେ କିଭଳି ୩/୪ ଦିନ ଆଗ ଭଲରେ ଝିଅର କଟିଯାଉ... ନା କିଛି ନୁହେଁ... । କିନ୍ତୁ ରାଘବବାବୁ ଅନୁଭବ କଲେ ଶ୍ୟାମଳୀ ଭିତରେ ଭିତରେ ଖୁସି ଅଛି । ବାହାରେ ଆଡ଼େ ଟିକେ ଉଠିଯାଇ ଭଗବାନଙ୍କୁ କହିଲେ ପ୍ରଭୁ ତା' ଖୁସି ବଜାୟ ରଖିବ । ରାଘବବାବୁ ଟହଲ ମାରୁଥିଲେ । କିଛି ସମୟ ପରେ ଶ୍ୟାମଳୀ ଟିକେ ଦୂରରେ ଥିବା ପୁଅକୁ ଆଣିବାକୁ ତା'ର ମା'କୁ ଡାକି କହିଲା । ମା' ଜନ୍ମିତ ଶିଶୁ ପୁତ୍ରକୁ ତା' ପାଖକୁ ଆଣିଲା ପରେ ଶ୍ୟାମଳୀ ଟିକେ ଆଉଁସି ଦେଇ ଗେଲକଲା । ତାର କିଛି ସମୟ ପରେ ଶ୍ୟାମଳୀ ଝାଡ଼ା ଯିବାକୁ କହିଲା । ଝାଡ଼ା ଆସିବା ପରେ ପାଣି ପିଇବାକୁ କହିଲା । ସେଠାରେ ସମସ୍ତେ ପାଣି ଟିକେ ଦେବାକୁ କହିଲେ । ପାଣି ପାଟିରେ ଦେଲା ପରେ ସେ ଆଉ କିଛି କହିଲା ନାହିଁ । ସମସ୍ତେ ବ୍ୟସ୍ତ ହୋଇ ଡାକ୍ତରଙ୍କୁ ଖୋଜି ଆଣି ପହଁଚିଲେ । ରାଘବ ବାବୁ ବ୍ୟସ୍ତ ହୋଇ କିଛି ଔଷଧ କିଣି ଫେରିଲା ବେଳକୁ ଶ୍ୟାମଳୀ ପାଖରେ କରୁଣ କ୍ରନ୍ଦନର ଚିତ୍କାର ରାଘବ ବାବୁଙ୍କ ପାଇଁ ଆଉ କିଛି ବୁଝିବାର ଆବଶ୍ୟକତା ନ ଥିଲା ଓ ସେ ମଧ୍ୟ ଛାତିଫଟା କ୍ରନ୍ଦନ କରି ତଳେ ଲୋଟି ଯାଇଥିଲେ । ପ୍ରଭୁ ତାଙ୍କୁ ବି ନେଇଯାଆନ୍ତୁ ବୋଲି ପାଗଳ ପ୍ରାୟ ହେଉଥିଲେ । ସମସ୍ତେ ତ କ୍ରନ୍ଦନରେ ବ୍ୟସ୍ତ ଶୁଣିବ କିଏ । କାନ୍ଦି କାନ୍ଦି ଲୁହ ରୂପକ ଲହୁ ଯେତେବେଳେ ଶକ୍ତିହୀନ ହୋଇଗଲା ରଘୁବାବୁଙ୍କୁ ସମସ୍ତେ ବାହାରକୁ ନେଇ ଆସିଲେ ।

ରାଘବ ବାବୁଙ୍କ ଲୁହ ଶେଷ ହେବା ପରେ ନିଜ ପୁଅକୁ ଏ ବିଷୟ କିପରି

କହିବେ ତାହା ଭାବି ପାରୁନଥିଲେ । ପୁଅ ପହଞ୍ଚିବା ପର୍ଯ୍ୟନ୍ତ ସେ ତାକୁ ବ୍ୟସ୍ତ ବିବ୍ରତରୁ ଦୂରେଇ ରଖିବା ପାଇଁ ସତ କହି ନଥିଲେ ଓ ନିଜେ ମଧ୍ୟ ସେମିତି କିଛି ହୋଇନାହିଁ ଅଭିନୟ କରିଥିଲେ । କ୍ରମଶଃ ରାତ୍ରିର ଅନ୍ଧକାର ମଧ୍ୟରେ ଡାକ୍ତରଖାନାର କୋଳାହଳ କମିଯାଇଥିଲା ।

ରାଘବ ବାବୁ ବ୍ୟସ୍ତ ବିବ୍ରତ ଅବସ୍ଥାରେ କେତେବେଳେ ଛାତିରେ ହାତ ବାଡ଼ଉଥିଲେ ତ କେତେବେଳେ ଝିଅ ପାଖକୁ ଧାଉଁଥିଲେ । ଏହି ସମୟ ମଧ୍ୟରେ ଜଣେ ସମ୍ପର୍କୀୟ ଚା' ଟିଏ ଦେଇଥିଲା ଓ ରାଘବ ବାବୁ ଅନ୍ୟମାନଙ୍କ ନିକଟରେ ନିଜର ଧୈର୍ଯ୍ୟ ଥିବା ଜଣାଇବା ପାଇଁ ତାହା ପିଇ ଦେଇଥିଲେ ।

ରାଘବ ବାବୁ କୁହନ୍ତି ସେ ତାଙ୍କର ପ୍ରିୟ ସୃଷ୍ଟିକୁ ହରାଇ କିଭଳି ସେ ସମୟରେ ଚାହା ପିଇ ପାରିଲେ ବିଶ୍ୱାସ ହୁଏ ନାହିଁ ଓ ଆଜି ବି ସେ କଥା ଭାବି ନିଜକୁ ଧିକ୍କାରନ୍ତି ଓ ନିରୋଳାରେ କାନ୍ଦନ୍ତି । ଏ ସବୁ ରାଘବବାବୁ କହିଲାବେଳେ ନିଜ କୋହକୁ କିଭଳି ଚାପି ଧରିଥିଲେ ମୁଁ ତାହା ଅନୁଭବ କରିଛି । ଏହି ଚା କପର ଦୁଇଟି କାହାଣୀ ଶେଷ ହୋଇଆସିବା ମାତ୍ରେ ରାଘବ ବାବୁ ଆଉ ନିଜକୁ ସମ୍ଭାଳି ପାରିନଥିଲେ ଓ ଭୋ ଭୋ ହୋଇ କାନ୍ଦି ପକାଇଥିଲେ ।

ରାଘବବାବୁ କୁହନ୍ତି ତାଙ୍କ ଜୀବନ ଏକ ଅସରନ୍ତି ଉପନ୍ୟାସ... ସେ କୁହନ୍ତି ତ୍ରିଲୋଚନ ବାବୁ ସତରେ ଏ ସଂସାର ତୁଚ୍ଛ କିନ୍ତୁ କିଭଳି ଆମେ ମୋହ ମାୟାରେ ପଡ଼ିଯାଉଛନ୍ତି ତାହା ନିୟତିର ଖେଳ କିମ୍ବା ମାନବ ଜନ୍ମ ପ୍ରତି ଉପହାସ କିଏ କହିବ...

ମୁଁ ରାଘବବାବୁଙ୍କୁ ସାନ୍ତ୍ୱନା ଦେଇ କହିଥିଲି ସେଇଥି ପାଇଁ ତ ଆମେ ଭାବନ୍ତି କେହି ଜଣେ ଅଛି ଯେ କି ଖେଳା ଲୀଳା କରୁଛି, ଯିଏ ତୁମକୁ ଜିଇବା ପାଇଁ ଶକ୍ତି ଦେଉଛି । ସବୁ କିଛି ମୋହ ମାୟାର ଖେଳ ଓ ଆମେ ବି ସେଇ ବନ୍ଧନରେ ବନ୍ଧା ।

❐

ଅପସରି ଗଲେ



ବାସୁଦେବ ବାରିକ

ମୋ. ୯୪୩୭୧ ୪୭୮୧୮

“ ସେମାନେ ଥିଲେ ନଈକୂଳିଆ ଓ ନଈର ଧାର ସିଧା ସମୁଦ୍ରକୁ ଛୁଇଁ ଥିଲା । ସମୁଦ୍ରର ଆଁ’ରେ ସମସ୍ତେ ପଶିଗଲେ ପରା ! ଦୁଃଖ, ବିଷାଦ ଓ ମନସ୍ତାପରେ ଜୀବନ କଟିଗଲା ଗୋଟିଏ ବର୍ଷ । ଏହା ପରେ ଦିନେ ସରକାରଙ୍କ ତରଫରୁ ସମ୍ବାଦପତ୍ରରେ ପ୍ରକାଶ ପାଇଲା ନିଷ୍କିହ୍ନ ଜମିର ମାଲିକାନାର ଚିହ୍ନଟ ପ୍ରକ୍ରିୟା । ଶରତ ଓ ବସନ୍ତଙ୍କ ସମସ୍ତ ଘରବାଡ଼ି ଓ ଚାଷଜମିର ପଟ୍ଟା ସେମାନଙ୍କୁ ମିଳିଗଲା । ସ୍ଥାନୀୟ ବିଧାୟକଙ୍କ ଉଦ୍ୟମକୁ ସମସ୍ତେ ତାରିଫ କରିଥିଲେ । ”

-୧-

ମଇ ମାସ ମଧ୍ୟାହ୍ନର ତାତିରେ ସିଜୁଛି ଜୀବନ । ଡହଳ ବିକଳ ଅବସ୍ଥାରେ ପ୍ରତୀକ୍ଷା କରିଛି ପ୍ରୀତି -ସ୍ନାତା ରମଣୀ । ଅଭିମାନ ନୁହେଁ, ଅପମାନର ଗନ୍ଧରେ ଫୁଲିଛି ନାକପୁଡ଼ା, ପୁଣି ଆଖି ପତାରେ ଜଳୁଛି କ୍ରୋଧ-ବୀଜ । ମନେମନେ କହୁଛି, ‘ବହୁତ ହେଇଗଲା, ଆଉ ନୁହେଁ । ମିଛ ନାଟକର ବି ସୀମା ଅଛି ।’

ଦୀର୍ଘ ସମୟ ଅପେକ୍ଷା । ବିରକ୍ତି ପରେ ମନୋଭାବର କୌଣସି ପରିବର୍ତ୍ତନ ନାହିଁ ଯଦିଓ ମନେହୁଏ ସବୁକିଛିର ଇତି ହେଇଯାଇଛି ବୋଲି । ଏପରି କାରଣ ସେ ଖୋଜୁଛି ନିଜେ କିନ୍ତୁ ଏହାର ମୂଳ ପାଇବା

ସହଜ ହେଉନାହିଁ। କାହିଁକି ଏପରି ହେଉଛି, କାହିଁକି ସେ ଅତିଷ୍ଠ ହେଲା ପରେ ବି ଅନ୍ୟତ୍ର ଯାଇପାରୁନାହିଁ। ଏହାକୁ କ'ଣ ଆକର୍ଷଣ କୁହାଯିବ ଅବା ଆସକ୍ତି ଜଡ଼ିତ ଭୂଇଁଟିଏ ପାଲିଟି ଯିବାର ବାହାନା କରାଯାଇପାରିବ ?

ଯିଏ ଯାହା ଭାବୁ ପଛେ, ସେ ଅପେକ୍ଷା କରିବ। ଏଇ ଅପେକ୍ଷାରେ ଯେପରି ସେ ଅସନ୍ତୋଷ ଲାଭ କରିଛି ୟା ଭିତରେ।

ହ୍ୟାଲୋ, କ'ଣ କରୁଛ ?

କ'ଣ ଆଉ କରିବି। କେବଳ ଅନେଇ ରହିଛି ତମକୁ।

ଏବେ ମୁଁ ତମ ପାଖରେ, ଯାହା କହିବାର କୁହ। ସହିବାର ଶକ୍ତି ମୋ ପାଖରେ ଅଛି।

ଏହା ଅଲାଜୁକର ଭାଷା। ଏକଥା କହିବ ବୋଲି ମୁଁ ଜାଣିଥିଲି।

ପହଞ୍ଚୁ ପହଞ୍ଚୁ ଏତେ କଥା କହୁଚ, କ'ଣ ହେଇଚି ?

ଲିସା କହିଲା, ହବ ଆଉ କ'ଣ। ଆଜି ହିଁ ଏହାର ଫଏସଲା ହବ।

ଫଏସଲା ?

ହଁ। କେତେଦିନ ତମେ ଏପରି କରିବ, କାହିଁକି ?

ଆରେ, କ'ଣ ହେଇଚି କହୁନ। ବସନ୍ତର ପ୍ରଶ୍ନରେ ଲିସା କହିଲା, ସତରେ ତମେ କିଛି ଜାଣିପାରୁନ, ନା ଜାଣି ଛଳନା କରୁଚ !

ହଉ ଘରକୁ ଚାଲ, ମୁଁ ସବୁ କହିବି। ତମେ ଯାହା ନିର୍ଦ୍ଦେଶ ଦବ ପାଳନ କରିବି।

ରାଗ ତମ ତମ ହେଇ ଲିସା କହିଲା, ଏଇଠି ସବୁର ସମାଧାନ ହବ।

ଅନେକ କଷ୍ଟ କରି ବସନ୍ତ ଲିସାକୁ ଘରକୁ ଆଣିଲା ଏବଂ ପ୍ରତିଶ୍ରୁତି ଦେଲା ସବୁ କହିବ ଗୋଟି ଗୋଟି କରି । ସ୍ୱାମୀ ସ୍ତ୍ରୀର ସଂପର୍କକୁ ବ୍ୟାହତ କରିବ ନାହିଁ।

- 9 -

କ'ଣ କହିବ ଲିସାକୁ ସେ। କେମିତି ପରିସ୍ଥିତିକୁ ହାଲ୍‌କା କରିବ। ଲିସାର ମନରେ ସନ୍ଦେହର ବିସ୍ଫୋରଣ ସୃଷ୍ଟି ହେଇସାରିଚି। ସତେ କ'ଣ ସେ ନିଜ ଦାମ୍ପତ୍ୟ ଜୀବନର ଧାରାକୁ ଅତୁଟ ରଖିପାରିବ !

ଦ୍ୱନ୍ଦ୍ୱ ବଳୟରେ ରହି ଛଟପଟ ହେଉଚି ବସନ୍ତ। ଦୀର୍ଘଦିନ ହେବ ସୁଖ ନୁହେଁ, ଦୁଃଖର ଛାଇ ତା'ମନ ଓ ହୃଦୟକୁ ପ୍ରଭାବିତ କରିସାରିଚି। କ'ଣ କରିବ, କେମିତି ଲିସାକୁ ବୁଝେଇବ ଯେ ସେ ଭାବୁଥିବା ବିଷୟ କେବେ ସତ ନୁହେଁ। କିନ୍ତୁ ବୁଝେଇଲେ ଲିସା କ'ଣ ବୁଝିବ। ଯାହାର ମନ ସନ୍ଦେହଯୁକ୍ତ ହେଇସାରିଚି, ତାକୁ ବଦଳେଇବା କେତେ କଷ୍ଟ !

ବସନ୍ତର ସମସ୍ତ ପ୍ରକ୍ରିୟା ନିରବି ଯାଇଛି ଏବଂ ଅତୀତ ପୃଷ୍ଠା ଓଲଟେଇବାରେ

ଆଗ୍ରହ ବଢୁଛି ।

ପିଲାବେଳର ସ୍ମୃତି ସାମ୍ନାରେ । ଦୁଇ ସାଙ୍ଗ ଶରତ ଓ ସେ । ଏକା ଶ୍ରେଣୀରେ ପଢୁଥିଲେ । ଶରତ ଥିଲା ଧନୀ ଘରର ପିଲା କିନ୍ତୁ ସରଳ ଓ ସ୍ୱାଭାବିକ । ସ୍କୁଲରେ ସମସ୍ତଙ୍କ ସହ ମିଶି ପାଠପଢ଼େ । ଭାରି ଶୃଙ୍ଖଳିତ ଓ ପଢ଼ା ପଢ଼ିରେ ବେଶ୍ ଆଗରେ । ତା' ସହ ସେ ପଢ଼େ, ଗରିବ ଘରର ପିଲା । ଚାଷ ଓ ମୂଲକୁ ଆଶ୍ରାକରି ତା ଜୀବନ ଗଢ଼ିଉଠେ । କିନ୍ତୁ ଭଲ ପଢ଼େ । ତେଣୁ ଶରତ ସହ ତା'ର ଏକ ଅନାବିଳ ସଂପର୍କ ଗଢ଼ିଉଠେ । ଯେଉଁଥର କ୍ଲାସରେ ସେ ଫାଷ୍ଟ ହେଲା, ସମସ୍ତଙ୍କ ନଜର ପଡ଼ିଲା ତା' ଉପରେ । ବିଶେଷ କରି ଶରତର ବାପା, ଖୁବ୍ ଖୁସି ହେଇ ତାଙ୍କ ସ୍ତ୍ରୀଙ୍କୁ କହିଲେ, 'ପିଲାଟାର କିଛି ନାହିଁ କିନ୍ତୁ ପାଠଅଛି ।'

ସେଇଦିନ ଠୁଁ ସେ ରହିଲା ଶରତଙ୍କ ଘରେ । ତାଙ୍କ ବାପା ମା' ତାକୁ ପୁଅ କରିନେଲେ । ତା' ବାପା ମାଙ୍କୁ ବୁଝେଇ ତାଙ୍କୁ ଶରତ ପାଖରେ ରଖିଲେ । ସେମାନେ ଉଭୟ ଭାଇ ପରି ଜୀବନ କାଟିଲେ । ମାଉସୀ କହୁଥିଲେ, ଆଜି ସାଂଗରେ ଅଛ, ସବୁ କରୁଚ, ଏଇ ଭାବ ସବୁଦିନ ଯେପରି ରହେ । ତାଙ୍କ ପାଦ ଛୁଇଁ ସେ ଶପଥ ନେଲା । କୌଣସି ପରିସ୍ଥିତିରେ ସେମାନେ ବାଟ ହୁଡ଼ିବେ ନାହିଁ ।

ସେଇଆ ହିଁ ହେଲା । ଗୋହିରି ଦାଣ୍ଡ, ନଈକୂଳ, ଠାକୁରାଣୀ ବଗିଚା ଓ ଅନ୍ୟ ସବୁଠି ଦିହେଁ ଥିଲୁ । ଭଲ ପିଲା ପାଠରେ, ଚଳଣିରେ ଓ ମିଳାମିଶାରେ । କିଛି ବି ବ୍ୟତିକ୍ରମ ନାହିଁ । ସେମାନଙ୍କୁ ଦେଖି ଲୋକ କହୁଥିଲେ, ଦିହେଁ ଗାଁର ମଣି ।

ସହରକୁ ଗଲୁ ଉଚ୍ଚଶିକ୍ଷା ପାଇଁ । ହଷ୍ଟେଲରେ ରହିଲୁ । ଜୀବନ ପାଲଟିଗଲା ବିଦ୍ୟାଳୟଟିଏ, ସାଧନାର ପୀଠ । ସବୁ କ୍ଷେତ୍ରରେ ଆମର ଖ୍ୟାତି ବଢିଗଲା । ପାଠରେ, ଡ଼ିବେଟ୍‌ରେ ଓ ଲେଖାଲେଖିରେ । ସତରେ ସହରର ମାୟାରେ ଆମେ ବାନ୍ଧି ହେଇଗଲୁ ସିନା କିନ୍ତୁ ବାୟା ହେଇ ନାହୁଁ । କିଛି ଗୋଟାଏ ଭୁଲ ଦିଗରେ ପାଦ ଦେବା ବେଳେ ମୋତେ ସତର୍କ ହେବାକୁ ନିର୍ଦ୍ଦେଶଟିଏ ଆସେ । ଶରତର ବାପା ମାଙ୍କ ମହାନ ରୂପ ଓ ବ୍ୟକ୍ତିତ୍ୱ ମୋ ସମଗ୍ର ପ୍ରାଣକୁ ଚେତନଶୀଳ କରିଦିଏ । ଆମେ ଗୋଡ଼ ଖସେଇ ଦେଲୁକି ? ଅନୁଶାସନ ନୁହେଁ, ଅନୁପାଳନର ପବିତ୍ର ଧାରାରେ ଆମେ ଆଉ ପଛକୁ ଫେରି ଚାହିଁ ନାହୁଁ । ତେଣୁ ଗୋଡ଼ ଖସି ନାହିଁ, ଏଥିପାଇଁ ଆମେ କଳ୍ପନା କରିନାହୁଁ ।

ବଡ଼ଙ୍କ ଆଶୀର୍ବାଦ ଆମର ସମ୍ବଳ ଥିଲା । ତାକୁ ଆଶ୍ରାକରି ଆମେ ଆଗେଇବାର ଶେଷ ପାହାଚରେ ପହଞ୍ଚିଗଲୁ । ପାଠଶେଷ ପରେ ଚାକିରି, ଅଫିସର ପାହ୍ୟା ଉଚ୍ଚ ପଦବୀରେ ଉଭୟଙ୍କର କାମ । ଚାକିରିରେ ଜଏନ୍ କରି ଇଚ୍ଛା କଲୁ ଗାଁକୁ ଯଥାଶୀଘ୍ର ଯାଇ ସମସ୍ତଙ୍କ ଆଶୀର୍ବାଦ ନେବା । କିନ୍ତୁ .... ଗୋଟାଏ ବିରାଟ 'କିନ୍ତୁ' ଆମ ପଥ ସବୁଦିନ ପାଇଁ ଓଗାଳି ଦେଲା । ଏହାକୁ ବୋଧେ ବିଧିର ନିୟମ ବୋଲି ସ୍ୱୀକାର କରିବାକୁ ପଡ଼ିଲା ।

ଅଭାବି ବାପା ମାଙ୍କ ଦୁଃଖ, ମଉସା ମାଉସୀଙ୍କ ସ୍ନେହ ଏବଂ ଗାଁ ମାଟି ପାଣି ପବନ ଓ ଅସଂଖ୍ୟ କୁଳୁକୁଳୁ ନାଦ ଓ ଶବ୍ଦରେ ଗଢା ଦିହଟି ଥରିଉଠିଲା । ପାଦତଳେ ମାଟି ନଥିଲା, ଆଖି ଲୁହ ଶୁଖି ସାରିଥିଲା ଏବଂ ଶରତକୁ କୁଣ୍ଢେଇ ଧରି ରହିଲି ଦୀର୍ଘ ସମୟ । ଏକା ଶ୍ରେଣୀରେ ପଢିଥିଲେ ବି ଶରତ ଠାରୁ ମୁଁ ବର୍ଷେଯିଏ ବଡ଼ଥିଲି ଏବଂ ସେଇ ସୂତ୍ରରେ ସେ ମୋତେ ଭାଇ ବୋଲି ଡ଼ାକୁଥିଲା । ତାକୁ କୋଳେଇ ଧରିବା ବେଳେ ସେ ଭୋ ଭୋ ହେଇ କାନ୍ଦୁଥିଲା । ଥୟ ଧରିବା ମୋ ପକ୍ଷେ ସମ୍ଭବ ନଥିଲା, ତାକୁ କ'ଣ ବୁଝେଇବି । ବୁଝେଇଲେ ସେ କେଉଁ ବୁଝିବ ଯେ ! ବରଂ ଅବୁଝା ହେଇ ରହୁ, ଭୋ ଭୋ କାନ୍ଦି ନିରବି ଯାଉ ଓ ଆଖି ଲୁହ ଶୁଖିଯାଉ । ସରିଯାଉ ସବୁକିଛି, ସରିଯାଉ ଆମ ଧନ ମାନ ମହତ । କିଏ ଅଛି ଯେ ଆମ ପାଇଁ ଝୁରିହବ, ଆଉ କ'ଣ ବାକି ରହିଚି ।

ନଈ ଉଛୁଳିଚି, ପ୍ରବଳ ବର୍ଷା ଲାଗି ରହିଚି ଦିନ ତମାମ । ତା ପୂର୍ବଦିନ ବର୍ଷା ଲାଗି ରହିଥିଲା । ଭୟଙ୍କର ସ୍ଥିତି ଉପୁଜେ ରାତି ହେଲେ । ସେ ଦିନ ରାତି ବାରଟା ପରେ ଘୋ ଘୋ ଗର୍ଜନ ଶୁଭୁଥିଲା ନଈଖଣ୍ଡି ବନ୍ଧରୁ, ଅଚାନକ ଘଳିଆ ସୃଷ୍ଟି ହେଇଛି ଓ କ୍ଷଣକରେ ବଢି ଚାଲିଚି ଘାଇ, ମାଡ଼ି ଚାଲିଚି ନଈର ଉଛୁଳା ଜଳ । କେହି କିଛି କରିପାରିଲେ ନାହିଁ, ପ୍ରାୟ ଦଶ କି ପନ୍ଦର ଖଣ୍ଡ ଗାଁ ଜଳ ସୁଅରେ ନିଶ୍ଚିହ୍ନ ହେଇଗଲା । ରାତି ପାହିଲା, ଦେଖାଗଲା ଅଞ୍ଚଳ ଜଳମଗ୍ନ, କୌଣସିର ଚିହ୍ନବର୍ତ୍ତ ନାହିଁ । ମଣିଷ, ଘରଦ୍ୱାର, ଜୀବଜନ୍ତୁ ଓ ଗଛଲତା କିଛି ନାହିଁ, ଜଳ ହିଁ ଜଳ । ସେମାନେ ନିଜର କାହାକୁ ପାଇଲେ ନାହିଁ ।

ପ୍ରାୟ ମାସକ ପରେ ଶରତର ଜିଦ୍‌ରେ ସେମାନେ ଗାଁକୁ ଗଲେ, କିଛି ଠଉରେଇ ପାରିଲେ ନାହିଁ । ବିସ୍ତୀର୍ଣ୍ଣ ଅଞ୍ଚଳରେ ବାଲି ଚରିଚି, ଖାଲ ଢିପ ସୃଷ୍ଟି ହେଇଛି ଓ ସ୍ଥାନେ ସ୍ଥାନେ ପାଣି ଜମିରହିଛି । ସେମାନଙ୍କ ଭଳି ଅନ୍ୟମାନେ ଦେଖୁଥିଲେ ନିଜ ନିଜ ଭିଟାମାଟିକୁ ବିକଳ ହେଇ । ନିଜ ନିଜର ଲୋକଙ୍କୁ ମନେ ପକାଉଥିଲେ । ସେମାନେ ଥିଲେ ନଈକୂଳିଆ ଓ ନଈର ଧାର ସିଧା ସମୁଦ୍ରକୁ ଛୁଇଁ ଥିଲା । ସମୁଦ୍ରର ଆଁ'ରେ ସମସ୍ତେ ପଶିଗଲେ ପରା ! ଦୁଃଖ, ବିଷାଦ ଓ ମନସ୍ତାପରେ ଜୀବନ କଟିଗଲା ଗୋଟିଏ ବର୍ଷ । ଏହା ପରେ ଦିନେ ସରକାରଙ୍କ ତରଫରୁ ସମ୍ବାଦପତ୍ରରେ ପ୍ରକାଶ ପାଇଲା ନିଶ୍ଚିହ୍ନ ଜମିର ମାଲିକାନାର ଚିହ୍ନଟ ପ୍ରକ୍ରିୟା । ଶରତ ଓ ବସନ୍ତଙ୍କ ସମସ୍ତ ଘରବାଡ଼ି ଓ ଚାଷଜମିର ପଟ୍ଟା ସେମାନଙ୍କୁ ମିଳିଗଲା । ସ୍ଥାନୀୟ ବିଧାୟକଙ୍କ ଉଦ୍ୟମକୁ ସମସ୍ତେ ତାରିଫ କରିଥିଲେ ।

ଏହାର କିଛି ବର୍ଷ ପରେ ଶରତର ବାପା ମାଙ୍କ ଅଚଳାଚଳ ସଂପତ୍ତିରେ ସରକାରଙ୍କ ତରଫରୁ ଆଦର୍ଶ ମହାବିଦ୍ୟାଳୟ ଗଢ଼ାଗଲା । ଶରତ ଦାନ କରିଥିଲା ସରକାରଙ୍କୁ ଏ ଜାଗା । ହଷ୍ଟେଲ କରିବା ପାଇଁ ବାପା ମାଙ୍କ ଭିଟାମାଟିକୁ ଓ ଚାଷଜମି ଦାନ କରିଥିଲା ବସନ୍ତ । ଆଉ କିଛି କାର୍ଯ୍ୟ ନଥିଲା । ତାପରେ ଦିହେଁ ନିଜ ନିଜ କର୍ମ କ୍ଷେତ୍ରରେ ରହିଛନ୍ତି ।

ସହରର ଅଲଗା ଅଲଗା ସ୍ଥାନରେ ଦି' ଜଣଙ୍କର କୋଠା ଠିଆ ହେଇଚି । ଗୋଟିଏ ଜାଗାରେ ଘର କରିବା ସମ୍ଭବ ହେଇନି ।

ମନପଡୁଛି ବସନ୍ତର ସବୁକଥା, କୋହ ଉଠୁଚି । କିଛି ଲାଗନ୍ତା ନାହିଁ ଯଦି ପାଖରେ ଶରତ ଥା'ନ୍ତା । ତାକୁ ଏକା କରି ଏବଂ ସ୍ତ୍ରୀ ଓ ସାନ ଝିଅକୁ ଅସହାୟ କରି ସେ ଚାଲିଯାଇଚି । ଅସ୍ଥିର ହଉଚି ବସନ୍ତର ମନ, ନିଜକୁ ଦୋଷୀ ମନେ କରୁଛି । କ'ଣ ହେଇଗଲା ସତେ । ସାନ ଭାଇ ଶରତକୁ ହରେଇ ସେ ନିସ୍ୱ ହେଇଯାଇଚି । ରେବାର ବୈଧବ୍ୟକୁ ସହିବା ତା' ପକ୍ଷେ ସମ୍ଭବ ହେଉନାହିଁ । ପୁଣି ସାନ ଝିଅ ହୁବ୍‌ଲି, ବାପାକୁ ଭଲ ଭାବେ ଜାଣିବାର ସୁଯୋଗ ପାଇଲା ନାହିଁ । ଦୁଃଖର ପାହାଡ଼ଟିଏ ଠିଆ ହେଇଚି ତା' ଆଗରେ । ସେ ଦିନ ଘଟିଥିଲା ସେଇ ବିକଳ ଦୃଶ୍ୟ ।

ରେବା ଓ ଜୁବ୍‌ଲିକୁ ଧରି ନିଜ ଗାଡ଼ିରେ ଫେରୁଥିଲା ଶରତ ହାଇୱେରେ । ପ୍ରବଳ ବର୍ଷାରେ ସ୍ଲିପ୍ କରୁଥିଲା ରାସ୍ତା । ଅନ୍ୟ ଏକ ଗାଡ଼ିକୁ ସାଇଡ୍ ଦବାବେଳେ ହାଇୱେର ତଳକୁ ଖସିଗଲା ଗାଡ଼ି ଏବଂ ସାମ୍ନାରେ ବିରାଟ ପଥର ଖଣ୍ଡରେ ପିଟି ହେଲା ଗାଡ଼ିର ସାମ୍ନା ଯେଉଁଠି ଶରତ ବସିଥିଲା । ଶରତର ସ୍ପଟ୍ ଡେଥ୍ । ରେବାର ପିଠି ହାଡ଼ରେ ପାହାର ଓ ଝିଅ ଜୁବ୍‌ଲି ଛିଟ୍‌କି ପଡ଼ିଥିଲା ଗାଡ଼ିର ଖୋଲା କାଚ ଦେଇ ।

ଡାକ୍ତରଖାନାକୁ ବୋହି ନେଇଥିଲା ବସନ୍ତ ।

-୩-

ଏବେ କ'ଣ ହବ ଭାଇ, ଆମେ କ'ଣ କରିବୁ ?

ରେବା ପ୍ରଶ୍ନ କଲା ବସନ୍ତକୁ ହସ୍‌ପିଟାଲ ବେଡ଼ରେ ଶୋଇରହି । ପାଖରେ ଥିଲା ଜୁବ୍‌ଲି । ତୋ' ଭାଇ ଅଛି ତୋ' ସହିତ । କିଛି ଚିନ୍ତା କରିବୁ ନାହିଁ । ଜୁବ୍‌ଲି ମୋ' ଝିଅ ।

ଭାଇ !

ହଁ, କିଛି ଭାବିବା ଦରକାର ନାହିଁ । ଯାହା ଘଟି ଯାଇଚି, ତାକୁ ଭୁଲିବାକୁ ଚେଷ୍ଟାକର, ନହେଲେ ତୋ' ଭାଇ କଷ୍ଟ ପାଇବ ।

ଯେତେ ଚେଷ୍ଟାକଲେ ବି କିଛି ବି ଭୁଲିପାରୁନି ଭାଇ ।

ସେ କଥା ମୁଁ ଜାଣେ । ତୋ' ଭାଇ ଶରତକୁ କ'ର ଭୁଲିପାରିବ । ପ୍ରତି ମୁହୂର୍ତ୍ତରେ ତା'ଚେହେରା ଦିଶିଯାଉଚି । ହେଲେ ଆଉ କ'ଣ କରିବା, ଯାହା ଆମ ହାତରେ ନାହିଁ, ସେଇ ଭାଗ୍ୟ କଥା କହୁଚି । ହୁଏତ ଏହା ଆମର ପ୍ରାରବ୍ଧ କର୍ମ । ତାକୁ ଆମେ ଫାକି ପାରିବା ନାଇଁ ।

ହେଲେ, ତମ କଷ୍ଟ ମୁଁ ସହିପାରୁନି ଜମା ଭାଇ । ମନେ ହଉଚି, ମୁଁ ଯେପରି ମୋ'

ଭାଇର କ୍ଷତି କରିଚାଲିଚି ।
ପାଗିଳୀଟା, କ'ଣ ସବୁ ଇଆଡୁ ସିଆଡୁ ବକୁଚୁ ।
ରେବା କହୁଚି, ଭାଇ, ମୁଁ ସତ କଥା କହୁଚି । ମୋ'ର ଅବସ୍ଥା ଯାହା, ମୁଁ ଆଉ ବଂଚିବି ନାଇଁ, ମୋ ଜୁବ୍‌ଲିର କ'ଣ ହବ ?
ବସନ୍ତ ଚୁପ୍ ହେଇଗଲା । କ'ଣ କହିବ ତାକୁ, ତା' ଉଜୁଡ଼ା ସଂସାର ଆଉ ଫେରିଆସିବ ନାହିଁ । ବସନ୍ତ ବୟସରେ ବଡ଼ ହେଲେ ବି ଶରତ ଓ ରେବାଙ୍କ ପ୍ରେମ ବିବାହକୁ ଆଗେ ସାରିଥିଲା । କହିଥିଲା, ଝିଅ ଘର କେତେ ଅପେକ୍ଷା କରିବେ । ଆସନ୍ତା ଦୁଇମାସରେ ତୋ'ବିବାହ ହେବ ବୋଲି ମୁଁ ସେମାନଙ୍କୁ କହି ସାରିଚି ।
ଭାଇ ! ତମେ ଥାଉଁ ଥାଉଁ ....
ଆରେ ମୋ କଥା ଏବେ ଭାବନାଇ । ଆଗେ ତୋ' କାମ ସାରିବି ।

ଏଠି ପର କିଏ ଆପଣାର କିଏ । ରକ୍ତର ସଂପର୍କ ଆଳରେ ବାସ୍ତବତାକୁ ଗୌଣ ବୋଲି ବିଚାର କରିବା ନିର୍ବୋଧତା । ହେଲେ ଏବେ ଯାହା ଘଟି ଯାଇଚି, ସେ କ୍ଷତର ଉପଶମ ନାହିଁ । ତେଣୁ ମନର କୋହକୁ ଚାପି ରଖି କହିଲା, ତୋ'ର କିଛି ହେଉନି । ଡାକ୍ତରଙ୍କ ମନରେ ତୁ କ୍ରମଶଃ ଭଲ ହେଇ ଆସୁଛୁ । ସମୟ ନିଶ୍ଚୟ ଲାଗିବ । ପୁଣି ଜୁବ୍‌ଲିକୁ ଛାଡ଼ି ତୁ ଚାଲିଯିବୁ, ଏହାର ଅନୁମତି ତୋତେ କିଏ ଦବ ?

ଏକବାରେ ଚୁପ୍ ହେଇଗଲା ରେବା । ସେ ଭାଇଙ୍କର ପ୍ରକୃତି ସହ ପରିଚିତ । ଯେତେ ବାଧା ଉପୁଜିଲେ ବି ସେ ଧୈର୍ଯ୍ୟ ହରେଇ ନଥାନ୍ତି । ଦୁର୍ଘଟନା ପରେ ଏ ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟକଳାପ ସେଇଆ ହିଁ ସୂଚଉଚି । ଏକ ଦମ୍ଭିଲା ମଣିଷ, ସ୍ନେହ ମମତାର ଅବାରିତ ଧାରା । ସବୁ ଦୁଃଖରେ ସେ ଆଶା ହରେଇ ନାହାନ୍ତି । ଅଫିସ କାମକୁ ଛାଡ଼ିଦେଲେ ସେ ତା' ପାଖରେ ବସି ରହନ୍ତି ।

ତାଙ୍କୁ ସବୁ କଥାରେ ସାହସ ଦେଇଥାନ୍ତି । ଏବେ ହସ୍‌ପିଟାଲର ଏକ କ୍ୟାବିନରେ ରହି ଚିକିତ୍ସିତ ହେଉଛି ରେବା । ସେମାନଙ୍କ ପାଖରେ ରହି ରାତି ଉଜାଗର ରହୁଚି । କାନ୍ଦୁଚି ରେବା, ଆକୁଳରେ ହାତ ବଢ଼ଉଚି । ଅନୁନୟ କରି କହୁଚି, ମୋତେ ଟିକେ ଛୁଅଁ ଭାଇ । ତମ ହାତ ମୋ ହାତରେ ରଖ ।

ବସନ୍ତ ରେବାର ହାତ ଧରୁଚି । ତା'ହାତକୁ ଟାଣି ନେଇ ମୁଣ୍ଡରେ ଥାପୁଚି ରେବା । ଆଖି ଲୁହ ବୋଲ ମାନୁନାହିଁ ।

ଦୁଇଟି ମାସ ବିତି ସାରିଚି ହସ୍‌ପିଟାଲରେ । ରେବା ସୁସ୍ଥ ହେଇ ଘରକୁ ଫେରିଆସିଛି । ବସନ୍ତ ନିଜ କାମରେ ସ୍ୱଭାବିକ ଭାବେ ଯୋଗ ଦେଇଛି । ରେବାର ସମସ୍ତ କାମ ପାଇଁ ବସନ୍ତ ଖଂଜି ଦେଇଛି ଝିଅଟିଏ । ରେବାର ସୁସ୍ଥତା ପାଇଁ ଅନେକ ଖୁସି ସେ ।

ବସନ୍ତ ଭାବେ ସବୁ ବିଧି ନିର୍ଦ୍ଦିଷ୍ଟ । କେତେବେଳେ କିଏ କେଉଁ ଅବସ୍ଥାରେ ରହିବ, ଆଗରୁ ସ୍ଥିରୀକୃତ ହେଇଛି । ରେବା ଉଚ୍ଚଶିକ୍ଷିତା , ଇଂରାଜୀ ସାହିତ୍ୟରେ ଦକ୍ଷତା ରହିଛି । ତେଣୁ ଜୁବ୍‌ଲି ପଢୁଥିବା ଇଂଲିଶ୍ ମିଡ଼ିୟମ ସ୍କୁଲରେ ତାକୁ ଚାକିରି କରି ଦେବାକୁ ଭାବିଛି ବସନ୍ତ । ଟଙ୍କା ନୁହେଁ, ମନର ପରିବର୍ତ୍ତନ ଲୋଡ଼ା । ହେଲେ ସଂପୂର୍ଣ୍ଣ ସୁସ୍ଥ ହବାକୁ ରେବାକୁ ଆଉରି ଛ'ମାସ ଆବଶ୍ୟକ । ବର୍ତ୍ତମାନ କିଛି କରିପାରିବ ନାହିଁ । ଭଙ୍ଗାମନକୁ ସଜାଡ଼ିବା ସତରେ କେତେ କଷ୍ଟ !

ଥରେ ଏକାନ୍ତରେ ରେବା କହିଲା, କଥାଟିଏ ରଖିବ ଭାଇ ?

ତୋ'କଥାକୁ ମୁଁ କେବେ ମନା କରିଚି , କହ ।

ନା, ମୋ ମୁଣ୍ଡରେ ହାତ ଦେଇ ନିୟମ କର ।

କହୁନୁ ?

ନା, ନିୟମ କରିବାକୁ ହବ ।

କଲି, କହ ।

ଆସନ୍ତା ମାସରେ ତମ ବାହାଘର ହେଇଗଲେ ଭଲ ହୁଅନ୍ତା । ମୋ'ପାଇଁ ଆଉ ଡ଼େରି ହବା କଥା ନୁହେଁ ।

ତୋ' ମୁଣ୍ଡ କ'ଣ ଖରାପ ହେଇଗଲାଣି ?

ତମେ ପ୍ରମିଜ୍ କରିଚ ଭାଇ ।

ନିରବି ଗଲା ବସନ୍ତ । ଦୁର୍ଘଟନା ପୂର୍ବରୁ ତା' ବିବାହ ସ୍ଥିର ହୋଇଥିଲା । ଝିଅକୁ ସିଏ ପସନ୍ଦ କରିଚି । ହେଲେ ଶରତ ଚାଲିଯିବା ପରେ ମାନସିକ ସ୍ତରରେ ଆଘାତ ପାଇବା ଠାରୁ ମୁକୁଳି ପାରିନାହିଁ ସେ ଏ ଯାଏଁ । କେଉଁ ସୁଖକୁ ଆଧାର କରି ସେ ଆଗେଇବ ।

ରେବାର ପ୍ରସ୍ତାବରେ ସେ ରାଜି ହୋଇଗଲା ଏବଂ ବିବାହ ମଧ୍ୟ ନିରଡ଼ମ୍ବର ଭାବେ ସମାହିତ ହେଇଗଲା । ଏବଂ ତା'ପରେ ....

କ'ଣ ହେଇଚି ତମର, ଏତେ ଅନ୍ୟମନସ୍କ ଯେ ! ମୋତେ ନେଇ କିଛି ସମସ୍ୟା ? ସ୍ତ୍ରୀ ଲିସାର ସମସ୍ତ ପ୍ରଶ୍ନର ଉତ୍ତରରେ ବସନ୍ତ କହୁଥିଲା, ସେ କିଛି ନୁହଁ ।

ଲିସା କହିଲା, କିଛି ତ ଅଛି । କାରଣ ବିବାହର ମାସକ ପରେ ବି ତମେ ମୋ ସହ ଭଲରେ କଥା ହେଉନ । ସବୁବେଳେ ଚିନ୍ତିତ ରହୁଚ, ପୁଣି ଅଧିକାଂଶ ସମୟ ବାହାରେ ରହୁଚ ।

କୌଣସି ଯୁକ୍ତି ନକରି ବସନ୍ତ ଚାଲିଗଲା । ଆହତ ହେଲା ଲିସା । ମନରେ ସୃଷ୍ଟି ହେଲା ଅନେକ ଅପଚିନ୍ତା । ସନ୍ଦେହର ପକ୍ଷମାନ ତାକୁ ବିଦାରି ପକାଇଲେ । ସେ କ'ଣ ଏଇଆ ଚାହିଁଥିଲା, ଆରମ୍ଭରୁ ବିରୋଧାଭାସ ? ସବୁ ନୂଆ ବିବାହିତା ସ୍ତ୍ରୀ ଭଳି

ତା'ର ମଧ୍ୟ ସ୍ୱପ୍ନ ଥିଲା । ସ୍ୱପ୍ନ କ'ଣ ସ୍ୱପ୍ନ ହେଇ ରହିଯିବ । କାହାକୁ କହିବ ଏକଥା । କ'ଣ ଲୁଚେଇବାକୁ ଚେଷ୍ଟା କରୁଛନ୍ତି ବସନ୍ତ । ନିରବ ରହୁଛନ୍ତି ପ୍ରାୟ ସମୟ ।

ସେଦିନ ଚା' ପର୍ବରେ ଲିସା କହିଲା, ମୁଁ କିଛିଜାଣି ନାହିଁ ତମ ନିରବତା ସଂପର୍କରେ । ତେବେ ଏହା ସ୍ପଷ୍ଟ ଯେ ମୋତେ ପାଇ ତମେ ସୁଖୀ ନୁହଁ ଅବା ତମ ଜୀବନରେ କେହି ଜଣେ ତମକୁ ପ୍ରତୀକ୍ଷା କରିଚି । ତେଣୁ ସତ କଥା କହିଦେବା ଉଚିତ ହେବ । ମୁଁ ଜଣେ ଶିକ୍ଷିତା ସ୍ତ୍ରୀ , ସବୁକଥା ଜାଣିବାର ଅଧିକାର ମୋ'ର ରହିଚି ।

ବସନ୍ତର ସେଇ ନିରବତା । ତାକୁ ଅନେଇ ଲିସା ଚମକି ପଡ଼ିଲା, ତାଙ୍କ ଆଖିରୁ ବୁନ୍ଦା ବୁନ୍ଦା ଲୁହ ତଳେ ପଡୁଥିଲା । ସେ ଚଟ୍‌କରି ଉଠିଆସି ବସନ୍ତ ଆଖିରୁ ଲୁହ ପୋଛିଲା, କାନ୍ଦୁଚ କାହିଁକି ?

ରେବା ସିରିୟସ୍, ସେ ଆଉ ବଂଚିବ ନାହିଁ । ଡାକ୍ତର କହି ଦେଲେଣି ତା'ର ଆଉ ଛ'ମାସ ଆୟୁଷ ।

ରେବା , ସେ କିଏ ?

ସମସ୍ତ କଥା କହିଲା ବସନ୍ତ ଲିସାକୁ । ସ୍ତମ୍ଭୀଭୂତ ଲିସା । ନିଜକୁ ଦୋଷୀ ମନେକଲା । ଏବେ ଚାଲ ହସ୍‌ପିଟାଲକୁ, ଲିସା କହିଲା । ସେମାନେ ହସ୍‌ପିଟାଲକୁ ଗଲେ । ଭିତରକୁ ଯିବା ପୂର୍ବରୁ ଲିସା କହିଲା, ତମେ ୱେଟିଙ୍ଗ ରୁମ୍‌ରେ ବସିଥାଅ । ମୁଁ ରେବା ପାଖକୁ ଯାଉଛି ।

ମୁଁ କଲ୍ କଲେ ତମେ ଯିବ, ଆଗରୁ ନୁହେଁ ।

ରେବା ଶୋଇଥିଲା ଓ ଜୁବ୍‌ଲି କଣ୍ଢେଇ ଖେଳୁଥିଲା । କଅଁଳ କଣ୍ଠରେ କହିଲା ଲିସା, ରେ...ବା

ରେବା ଆଖି ଖୋଲିଲା, ନୂଆ ସ୍ତ୍ରୀ ଲୋକଟି ତା' ନାଁ ଧରି ଡାକୁଚି ଯାହାକୁ ସେ ଜାଣିନାଇଁ । ଅପେକ୍ଷା ନକରି ଲିସା ଜୁବ୍‌ଲିକୁ କାଖକରି ସାରିଥିଲା । ତା'ହାତରେ ଦାମୀ ଚକୋଲେଟ୍, ଇଏ ମୋ ଝିଅ ଜୁବଲି ।

ଜୁବ୍‌ଲି ହସୁଥିଲା କିନ୍ତୁ ଆଶ୍ଚର୍ଯ୍ୟ ହେଇ ଚାହିଁ ରହିଥିଲା ରେବା ତାଙ୍କ ଆଡ଼େ ।

କ୍ଷମା କରିବେ, ଆପଣଙ୍କୁ ମୁଁ ଜାଣିପାରୁ ନାହିଁ ।

ତୋ' ଅପା ।

ଅପା ?


ହଁ, ବଡ଼ ଭଉଣୀକୁ ତୁ ଅପା ଡ଼ାକୁ ନା ନାହିଁ ।

ହେଲେ ?

ହେଲେ କ'ଣ ଲୋ, ରେବାର ପାଖରେ ବସି ଲିସା କହିଲା, ତମେ ଭାଇ ଭଉଣୀ ଦି'ଜଣ ଯାକ ବଦ୍‌ମାସ ।

ମୋତେ ସବୁକଥା ଲୁଚେଇ ରଖିଥିଲ ଏ ଯାଏଁ । ରହ, ତୋ ଭାଇକୁ ଡ଼ାକୁଚି ।
ବସନ୍ତ ପହଞ୍ଚି ସାରିଥିଲା । କହିଲା, ଇଏ ତୋ ଭାଉଜ ରେବା ।
ଭାଉଜ !
ମୋତେ କେବଳ ଅପା ବୋଲି ଡ଼ାକିବୁ । ଲିସା ରେବାକୁ କୋଳେଇ ନେଲା । ଦିହେଁ କାନ୍ଦୁଥିଲେ ।
କାଠଟି ପରି ଠିଆ ହେଇ ରହିଥିଲା ବସନ୍ତ । ଦି' ଜଣ ତାଙ୍କୁ ଚାହିଁଲେ । ରହସ୍ୟ କରି ଲିସା କହୁଚି, ବୁଝିଲୁ ରେବା, ମୁଁ ଭାବିଥିଲି ଆମ ସ୍ତ୍ରୀ ଲୋକଙ୍କ ଭିତରେ ଲୁଚେଇବା ହୀନମନ୍ୟତା ଥାଏ ବୋଲି, ଏବେ ଜାଣୁଚି ପୁରୁଷମାନେ ଏ କ୍ଷେତ୍ରରେ ସବା ଆଗରେ ।
ପରିବେଶରେ ହଠାତ୍ ପରିବର୍ତ୍ତନ । ତିନିଜଣଙ୍କ ମୁହଁରେ ହସର ଛାପ ଉକୁଟି ଉଠୁଚି ।
ବସନ୍ତ କହୁଚି, ସବୁ ଭୁଲ୍ ମୋ'ର । ଭୟ ଓ ଆଶଙ୍କାରେ ବୁଡ଼ି ରହିଥିବା ମୋ' ମନ ଏବେ ମୁକ୍ତହେଇ ଯାଇଚି ।
କିଏ ଆଉ ବନ୍ଧନରେ ଅଛି କି ? ଉଭୟଙ୍କ ମନ୍ତବ୍ୟରେ ହସୁଚି ରେବା । କହୁଚି ଏହା ହଁ ମୋ'ର ଆଶୀର୍ବାଦ ।

❐



ପ୍ରକାଶ ପାଇଛି
କସ୍ତୁରୀ ମଞ୍ଜରୀ ବାରିକ୍‌ଙ୍କ
ପୁସ୍ତକ
ଚେତନାର ସ୍ୱର

କାଠପେଡ଼ି



ପ୍ରଜ୍ଞା ପରିମିତା ଆଚାର୍ଯ୍ୟ ଦ୍ୱିବେଦୀ
ମୋ-୮୨୪୯୫୧୪୮୨୦

“ ଆଈ ଖୁସିରେ ନାଚିବାକୁ ଲାଗିଥିଲା ମୋର ବି କୁଣ୍ଢେଇ ପେଡ଼ି ହେବ କହି । ସତକୁ ସତ ଦୁଇ ତିନି ଭିତରେ ଭାଇନା ତା' ପାଇଁ ସେ କାଠ ପେଡିଟି ତିଆରି କରିଦେଲେ, ଆଉ କହିଲେ, ଆର ଥରକୁ ଛୁଟିରେ ଆସିଲେ ସ୍କିରିଟ ଓ ବ୍ରସ ଆଣି ପଲିସ କରିଦେବି ଓ ତା' ଉପରେ ତୋ ନାଁ ଲେଖିଦେବି ଯେ ତୋ ପେଡିକୁ କେହି ନେଇ ପାରିବେନି । ଏଇଟା ଥିଲା କାଠପେଡ଼ିର ଇତିହାସ । କିନ୍ତୁ ସେ ଖୁସିଟା ବେଶି ଦିନ ତିଷ୍ଠି ନଥିଲା । ”

ପିଲାଦିନେ ଯେବେ ବି ଆଈଘରକୁ ଆସେ, ଚପଲ ଖୋଲୁ ଖୋଲୁ ଆଈ ତା କାଠପେଡ଼ି ଖୋଲି ହାତରେ କୋଡିଏ ପଇସା କି ପଚିଶ ପଇସା ଧରାଇ ଦିଏ । ଆମେ ଭାଇ ଭଉଣୀ ସ୍ୱର୍ଗରୁ ଚେନାଏ ଉପଲବ୍ଧିର ଆହ୍ଲାଦରେ ଦୌଡୁ ଘରପାଖ ଜୟମଙ୍ଗଳ ବୁଢ଼ା ଦୋକାନକୁ । ସେ ପଇସାରେ କିଏ ରାଗଲୁଣି ଚକୋଲେଟ ତ କିଏ, ପିପରମେଣ୍ଟଚକଲେଟ, କିଏ କମଳା ଚକଲେଟ ତ କିଏ ଆମଚୁର କିମ୍ବା ଖଟା ପ୍ୟାକେଟ କିଣୁ । ସେ ସବୁ ମୁହୂର୍ତ୍ତକ ମଧ୍ୟରେ ଚର୍ବଣ କରିବା ପରେ ଦାଣ୍ଡ ପିଣ୍ଡାରେ ଗୋଡ଼ ଝୁଲାଇ ବସିପଡୁ । ସେଇଠୁ ଆରମ୍ଭ ହୁଏ ତାଳ ବେତାଳିଆ ଗୀତ, ସ୍କୁଲ ବହିର ଖସାଇ ରାତିର କଳା ପରଦାଠୁ ଆରମ୍ଭ କରି ହେ ଆନନ୍ଦମୟ କୋଟି ପ୍ରାର୍ଥନା ପର୍ଯ୍ୟନ୍ତ ।

ରାସ୍ତାରେ ଯାଉଥିବା ବିକାଳୀମାନେ ସମୟ ଅନ୍ତରାଳରେ ମତି ଭ୍ରଷ୍ଟ କରେ । ଆଇ ପାଖକୁ ଦୌଡ଼ିଯାଉ ଆଇ ! ଆଇ ! ଡାକ ଛାଡି । ଆଇଲୋ ! ବିସ୍କୁଟ ଗାଡ଼ି ଆସିଛି । ଆଇ କହିବ ଯା କାଠପେଡ଼ିରୁ ଦି'ଟଙ୍କା ନେଇ ଯାହା ଖାଇବ କିଣିବ, ହେଲେ ଏବେ ଖାଇବନି, ଚାରିଟା ବେଳେ ଖାଇବାକୁ ଡବାରେ ପୁରାଇ ରଖିଦେବ । ଏବେ ଖାଇଲେ ଗରମ ଭାତ ଖାଇ ହେବନି । ଆମେ ପୁଣି ଛୁଟିଯାଉ ନଳୀ, ମୁଡ଼କି, ନିମିକି, କେକ, ବିସ୍କୁଟ କିଣିବାକୁ । ସେତେବେଳେ ଦି 'ଟଙ୍କାର ମୂଲ୍ୟ ସତରେ ଏବେକାର ଦୁଇଲକ୍ଷରୁ କାହିଁ କେତେ ଅଧିକ ଥିଲା ସତେ ! ଏମିତି ଖରାବେଳେ ସାରା ଯାହା ବୁଲା ବିକାଳୀ ଦେଖି ଆଇ ଡାକ ଛାଡି ସେଇ କାଠପେଡ଼ି ପାଖକୁ ଧାଇଁଯାଉ, ସେଠାରୁ ଏଠେଣା ଟଙ୍କାଏ ଯାହା ବି ପାଉ ଦାଣ୍ଡ ଦୁଆରକୁ ଦୌଡୁଥାଉ । ମା' ଗାଳିଦେଲେ ଆଇର ଅଭୟ ଆଶ୍ରା ପାଇ ଭୂକ୍ଷେପ କରୁନୁ । ଏହି ପ୍ରକ୍ରିୟାଟା ସଞ୍ଜ ସମୟର ଠେଲା ବାରମଜା ଗାଡିଠୁ, ଦହିବରା ଆଳୁଦମ ହୋଇ ରାତି ୯ଟା ସମୟରେ ଭାରରେ ଧରି ବରା, ପିଆଜି, ଆଳୁଚପ, ସିଙ୍ଗଡ଼ା, ଜିଲାପି, ପେଡା ବିକାଳୀ ପାଖରେ ସରେ ।

ପିଲାଦିନେ ସବୁବେଳେ ମୁଁ ଭାବେ ଏ କାଠପେଡ଼ିଟା ଏତେ ଉଚ୍ଚ ଥାକରେ ନରହି ମୋ ହାତ ପାହାନ୍ତରେ ଥାନ୍ତା କି ମୁଁ ତା' ଭିତରୁ ସହଜରେ ପଇସା ବାହାର କରିପାରନ୍ତି, ମୋତେ ଆଉ ଗୋଡ଼ ଟେକି ବା ପିଢା ପକାଇବାକୁ ହୁଅନ୍ତାନି । ଖାଲି ଯେ ପଇସାଟା ସେ ପେଡିର ଆକର୍ଷଣ ଥିଲା ତା' ନୁହେଁ, ମୋର ମନ ହୁଏ ମୁଁ ତା' ଭିତରେ ଥିବା ସବୁ ଜିନିଷକୁ ଘାଣ୍ଟନ୍ତି, ମୋ ଖେଳନା ବାକ୍ସକୁ ଘିନି ଆଣନ୍ତି । ଆଇ ସେସବୁ ଛୁଆଇଁ ଦିଏନି । କିଛି ହାତ ବାଜିଗଲେ କହିବ, ସେଇଟା ରଖିଦେ ମୋ ନନାଙ୍କ ଲେଖନୀ, ସେଇଟା ମୋ ବୋଉର କଜଳପାତି, ମୋ ଶାଶୁଙ୍କ ତମ୍ବା ମୁଦି ଏମିତି ସବୁ ସମ୍ପର୍କୀୟ ଯେମିତି ଭରି ରହିଥିଲେ ସେ ପେଡ଼ି ଭିତରେ । ବେଳେ ବେଳେ ଖୁବ ଚିଡ଼ା ଲାଗେ, ଏ ଛୋଟ ଜିନିଷରେ କଣ ଆଇର ସବୁ ସ୍ମୃତି ରହିଛି, ମୁଁ କ'ଣ ତା'ର ନାତୁଣୀ ନୁହେଁ, ଏସବୁ ମୋତେ ଦେଉନି, ମୁଁ ବି କହିବି ଏଇଟା ମୋ ଆଇର ।

ଥରେ ଗାଁରେ ଥିବାବେଳେ ଶୁଣିବାକୁ ପାଇଲି ଆଇଘରେ ଚୋର ପଶିଥିଲା । ଆଇ ନିଦ ଭାଙ୍ଗିବା ବେଳକୁ ଦୌଡ଼ି ପଳାଇଲା । ଗଲାବେଳେ କାନ୍ଥକୁରାରେ ଥୁଆ ହୋଇଥିବା ରେଡ଼ିଓଟିକୁ ନେଇ ଯାଉଥିଲା, ହେଲେ ଆଇ ହୋ ହୋ କଲାରୁ ସେଇଟାକୁ ବାଡ଼ି ପାଚେରୀ ଉପରେ ଥୋଇ ଚାଲିଗଲା । ଏତେ ଗପ ସପ ଭିତରେ ବି ମୁଁ ଅଶ୍ୱସ୍ତ ହୋଉଥିଲି ଯାହାହେଉ ସେ ଚୋରଟା କାଠପେଡିଟା ନେଇନି । ଆଇ ନିଦ ନଭାଙ୍ଗିଥିଲେ କ'ଣ ଯେ ହୋଇନଥାନ୍ତା ଭାବିକି ମୁଁ ବ୍ୟସ୍ତ ହୋଇଯାଉଥିଲି । ଏଣୁ ତା'ପରେ ଆଇ ଘରକୁ ଯିବା ପରେ ଆଗେ କାଠପେଡ଼ି ଆଡ଼କୁ ଧାଇଁଗଲି ଆଉ କହିଲି, ଆଇ ଏଥିରେ

ତାଲାଟିଏ ପକଉନୁ କାହିଁକି ? ଆଈ ହସିଦେଇ କହିଲା ତା' ଦେହରେ କ'ଣ ଅଛି ଯେ ଚୋର ନେବ, ଦିଟା ରେଜା ପଇସା ନେବାକୁ କ'ଣ ଚୋର ଘରେ ପଶେ ?

ସମୟ ତା' ବାଟରେ ବହିଯାଇଛି, କାଠପେଡ଼ି ଏବେ ହାତ ପାଉଛି, ଆଈ ଘରକୁ ଗଲେ ଏବେ ଘନଘନ ବୁଲା ବିକାଳୀଙ୍କ ଠାରୁ କିଣା ଯାଉନି । ଆଈ ସମୟ ପାଇଲେ ବସି ତା' ପୁରୁଣା କଥାର ପେଡ଼ି ଖୋଲେ । ତା' ପିଲାଦିନ, ତା' ନନା, ବୋଉ, ଭାଇନା ଓ ଭଉଣୀମାନଙ୍କ କଥା । ଆଈଘର ଗାଁ ଦାଣ୍ଡ, କଇଁଆ ବାଡ଼ି, ବିଲ ତୋଟା ସବୁ ଯେମିତି ଆପଣାର ଲାଗେ, ତା' କଥା ଶୁଣି ଶୁଣି ।

କାଠପେଡ଼ି କଥା କହିଲେ ସେ ନିହାତି ଆଖି ପୋଛିବ । ପିଲାବେଳେ କଣ୍ଢେଇ ପେଡ଼ି କରିବାକୁ ଖୁଡିର କଜଳ ସିନ୍ଦୂର ପେଡିର ଜିନିଷ ପତ୍ର କାଢି ନେଇ ଆସିଥିବାରୁ ବୋଉ କନମୋଡି ଦେଇଥିଲା । ସେଥିପାଇଁ ରୁଷିକି ସେ ଖିଆ ପିଆ ନକରି ବାଡ଼ିପଟେ ବସିଥିଲା, କାନ୍ଦି କାନ୍ଦି ଆଖି ଫୁଲି ଯାଇଥିଲା । ସେଦିନ ତା' ଭାଇନା ସହରରୁ ଆସିଥିଲେ, ଭାଇନା ସହରରର ସଂସ୍କୃତ ଟୋଲୀରେ ପାଠ ପଢ଼ନ୍ତି ଓ ଯଜମାନ କାମ ବି କରନ୍ତି । ସେ ଆଈ ପାଖକୁ ଆସି ଯେମିତି ପଚାରିଦେଇଛନ୍ତି ମୋ ଫୁଲର କଣ ହେଇଛି କି ? ଆଈ ଏକାଥରକେ ଭେଁ ଭେଁ ହୋଇ ରଡି ଛାଡିଥିଲା । ଭାଇନା କହିଲେ ହଉଲୋ ଫୁଲ ମୁଁ ଦିନା କକାଙ୍କ ଦୋକାନରୁ କଣ୍ଢା, କିଳିଣି, ରଙ୍ଗା କାଗଜ, ଅଠା ଆଣି ଏ ଯେଉଁ କାଠ ଖଣ୍ଡ ଦେଖୁଛୁ ସେଥିରେ ତୋପାଇଁ କୁଣ୍ଢେଇ ପେଡ଼ି କରିଦେବି । ଆଈ ଖୁସିରେ ନାଚିବାକୁ ଲାଗିଥିଲା ମୋର ବି କୁଣ୍ଢେଇ ପେଡ଼ି ହେବ କହି । ସତକୁ ସତ ଦୁଇ ତିନି ଭିତରେ ଭାଇନା ତା' ପାଇଁ ସେ କାଠ ପେଡିଟି ତିଆରି କରିଦେଲେ, ଆଉ କହିଲେ, ଆର ଥରକୁ ଛୁଟିରେ ଆସିଲେ ସ୍ପିରିଟ ଓ ବ୍ରସ ଆଣି ପଲିସ କରିଦେବି ଓ ତା' ଉପରେ ତୋ ନାଁ ଲେଖିଦେବି ଯେ ତୋ ପେଡିକୁ କେହି ନେଇ ପାରିବେନି । ଏଇଟା ଥିଲା କାଠପେଡ଼ିର ଇତିହାସ । କିନ୍ତୁ ସେ ଖୁସିଟା ବେଶି ଦିନ ତିଷ୍ଠି ନଥିଲା ।

ଦିନେ ସକାଳୁ ଆଈ ଶେଜରୁ ଉଠୁ ଉଠୁ ଘରେ ବହୁତ ଭିଡ଼, ବୋଉ କାନ୍ଦି କାନ୍ଦି ଅଚେତ ହୋଇଯାଉଥାଏ । ଅଗଣାରେ ସପ ଉପରେ ଲମ୍ବା ହୋଇ ଶୋଇଥାନ୍ତି ଭାଇନା । ଆଈ ଆନନ୍ଦରେ ଧାଉଁଥିଲା ସେ ଆଡ଼କୁ, କେହି ଅଟକାଇ ଦେଲେ ତାକୁ । ସେ କିଛି ବୁଝିପାରୁନଥିଲା କ'ଣ ସବୁ ଘଟିଯାଉଛି, ସମସ୍ତେ କାନ୍ଦୁଛନ୍ତି କାହିଁକି, ଭାଇନାଙ୍କ ପାଖରେ ଧୂପ ଲାଗିଛି, ତୁଳସୀ ଗଛ ରଖାଯାଇଛି ଓ ଦିନୁ କକେଇ ବସି ଗୀତା ପଢୁଛନ୍ତି କାହିଁକି । ବଡ଼ ପିଉସୀ କହିଲେ ଫୁଲ ଲୋ ! ତୋ ଭାଇନାକୁ ଯା ମୁଣ୍ଡିଆ ମାରି ଆ । ତାକୁ ଆଉ ଦେଖିପାରିବୁନି, ସେ ଭଗବାନଙ୍କ ପାଖକୁ ଚାଲିଗଲା, ଏବେ ତାକୁ ନେଇଯିବେ । କିଛି ବୁଝି ପାରୁନଥିଲା ଆଈ, ସମସ୍ତେ କାନ୍ଦୁଥିଲେ । ତାକୁ ଭେଦ କରି 'ରାମ ନାମ ସତ୍ୟ ହେ । ହରି ନାମ ସତ୍ୟ ହେ' ସ୍ୱର ଶୁଭୁଥିଲା । ତା' ଭାଇନାଙ୍କ କାହାଣୀ ସେଇଠୁ

ସରିଯାଇଥିଲା । ପରେ ଜନ୍ମ ମୃତ୍ୟୁର ରହସ୍ୟ କଥା ଜାଣିବା ପରେ ସେ ତା' ଭାଇନାଙ୍କୁ ବହୁତ ମନେପକାଇଥିଲା, କାନ୍ଦିଥିଲା ଆଉ କାଠପେଡ଼ିଟାକୁ ଭାଇନାଙ୍କ ଆଶୀର୍ବାଦ ମଣି ସବୁବେଳେ ପାଖରେ ରଖିବ ବୋଲି ସ୍ଥିର କରିଥିଲା । ସେଦିନଠୁ କାଠପେଡ଼ିଟା ତା' ସହ ଶାଶୂ ଘରକୁ ଆସିଛି, ସେଠୁ ଏତେଦୂର ଏଇ ସହରକୁ ।


ମୁଁ ବଡ଼ ହେବା ପରେ କାଠପେଡ଼ିର ମୋହ ମୋ ମନରୁ ଧୀରେ ଧୀରେ ଫିକା ହୋଇଯାଇଥିଲା । କହିବାକୁ ଗଲେ ଜୀବନ ଜଞ୍ଜାଳ ମଧ୍ୟରେ ସେଇଟା ମୋ ପାଖରେ ଗୌଣ ହୋଇଯାଇଥିଲା, ତଥାପି ଆଇଘରକୁ ଯେବେ ବି ଯାଏ, ଦିନେ ହେଉ ବା ଓଳିଏ ସେ ପେଡ଼ି ଆଡ଼କୁ ଚାହେଁ । ତା' ଭିତରେ ଆଇର ତମାମ ଜୀବନ, ସ୍ୱପ୍ନ ସବୁ ଭାସୁଥିବା ଭଳି ଦିଶେ ।

ତା'ପରେ ସମୟ ସାଥିରେ ମୋ ଜୀବନର ଗତିପଥ ବଦଳିଛି, ମୁଁ ଚାକିରି କରି, ବାହାହୋଇ ଆଇ ଘର ସହରରୁ ବହୁତ ଦୂରରେ । ଦିନେ ସକାଳେ ମା' ଫୋନ କରି କହିଲା, ଶୁଣୁଛୁ ବୁଢ଼ୀ ଆଇର ଦେହ ଜମାରୁ ଭଲନାହିଁ । ସବୁବେଳେ ତୋ କଥା ପଚାରୁଛି । ଟିକେ ସମୟ ବାହାରକରି ଆସେ । ଡ଼ାକ୍ତର କହୁଛନ୍ତି ଆଉ ନୁହେଁ । ମା'ର କଥା ଶୁଣି ମନଟା ଘାଣ୍ଟିଚକଟି ହେଲା । ପିଲାଙ୍କ ସ୍କୁଲ ଚାଲିଛି କେମିତି ଯିବି ? ଅଫିସ କଥା ହେଇଥାନ୍ତା ଛୁଟି ନେଇ ଯାଇଥାନ୍ତି । ମୋ ମିଷ୍ଟରଙ୍କୁ ଏ କଥା କହିବାରୁ ସେ ଦୁଇଦିନ ପିଲାଙ୍କ କଥା ବୁଝିବେ କହିଲେ । ମୁଁ ପରଦିନ ସକାଳୁ ଆଇଘରକୁ ବାହାରିଲି ।

ଆଇ ଆହୁରି ଖୀଣ ହୋଇଯାଇଥିଲା । ଦୁଇ ତିନି ଦିନ ହେବ ଖାଉ ନଥିଲା । ମୋତେ ଦେଖିବା ପରେ ତା' ପାଖରେ ବସାଇ ତା' ନରମ ହାତରେ ମୋ ପାପୁଲିକୁ ଜାବୁଡି ଧରିଲା । ମୋ ଆଖିରେ ଲୁହ ଭର୍ତ୍ତି ହୋଇଗଲା । ନିଜ ଭାବନାକୁ ନିୟନ୍ତ୍ରଣ କରି ମୁଁ କହିଲି ତୁ ଖାଉନୁ କାହିଁକି ? ମା' ହରଲିକ୍ସ ଗୋଳାଇ ଆଣେ ଆଇ ପିଇବ । ଆଇକୁ ଆଉଜାଇ ବସାଇ ଦୁଇ ତିନି ଚାମୁଚ ପିଆଇଲି, ସେ ତାର ସିର୍ଣ୍ଣ ମୁଁହରୁ ଚେନାଏ ହସ ବିଛାଡି କହିଲା ଖାଦ୍ୟ ହେଉଛି ମାୟା, ତାକୁ ଛାଡି ମୁଁ ମାୟାରୁ ମୁକ୍ତ ହେବାକୁ ଚାଁହୁଛି । ମକର ସଂକ୍ରାନ୍ତି ପରେ ଭଲ ଦିନ ଦେଖି ଦେହ ଛାଡିଲେ ଆଉ ପୁନରଜନ୍ମ ହେବନି । ଏହିଦିନ ପାଇଁ ଭୀଷ୍ମ ଶରଶଯ୍ୟାରେ ରହି ଅପେକ୍ଷା କରିଥିଲେ ପରା । ଏକଥା କହି ଗୀତାର ଶ୍ଲୋକଟିଏ ପଢିଲା ଖ ମୁଁ କହିଲି ତୁ ତ ପଣ୍ଡିତ ଘର ଝିଅ, ପଣ୍ଡିତ ଘର ବୋହୂ ଆଉ ପଣ୍ଡିତଙ୍କୁ ବାହା ବି ହୋଇଥିଲୁ । ଏଥିପାଇଁ ମୃତ୍ୟୁକୁ ବି ଶାସ୍ତ୍ରରେ ହିସାବ କରୁଛୁ । ଏବେ ଶାସ୍ତ୍ର ନୁହେଁ ଖାଇବା ଖାଇ ଔଷଧ ଖା । ମୁଁ ଉଠୁ ଉଠୁ ସେ ମୋ ହାତଟିକୁ ଧରି କହିଲା, ବୁଝିଲୁ ବୁଢ଼ୀ ଖାଇବା ତ ଛାଡିଦେଲି ନିର୍ମାୟା ହେବାକୁ ହେଲେ ଆଉ ଗୋଟିଏ ମାୟା ଅଟକି ଯାଇଛି, ଏ କାଠପେଡ଼ିଟା । ତୁ ସେଇଟାକୁ ନେଇଯା । ଆଇର ଏ କଥା ଶୁଣି ମା କହିଲା ସେ ଏଇଟା ନେଇ କଣ କରିବ ? କାଠ ନୁହେଁ ତ ଲୁହାର ପେଡ଼ିଟା । ନେବ

କେମିତି ? ମା'କୁ ଅଟକାଇ କହିଲି, ହଁ ଆଈ ମୁଁ ନେଇଯିବି ସେଇଟା, ଖାଇ ସେଇଟା ନୁହେଁ, ତୋ ପୁରାଣ ବହି, ପୋଥିପଟା ସବୁ ମୋର, ହେଲେ ତୁ ଆଗେ ଭଲ ହୋଇଯା । ଆଈ କହିଲା ମୋ ପାଖରେ ତ ଦାମୀ ଜିନିଷ କିଛି ନାହିଁ ତୁ ନେବୁ କଣ ? ଗୋଟେ ବନ୍ଧନରୁ ମୁକ୍ତି ପାଇଁ ତୋତେ ଏମିତି କହିଲି । ଆଈ ପାଖରେ ଦୁଇଦିନ ରହିଲି ଆସିଲା ବେଳକୁ ମା'କୁ କହି ସେ ପେଡିକୁ ବଡ଼ ବ୍ୟାଗରେ ଭରି ବସରେ ନେଇ ଆସିଲି । ଘରେ ଓହ୍ଲାଇ ଜିନିଷ ପତ୍ର ରଖି କାମ ସାରି ଅଫିସ ପଳାଇଲି । ସେଠୁ ଫେରି ବ୍ୟାଗ ଖୋଲି ଲୁଗାପଟା ରଖି କାଠ ପେଡିଟିକୁ ଟେବୁଲ ଉପରେ ରଖିବା ବେଳକୁ ଫୋନଟି ରିଂ ହେଲା, ମା'ର ଫୋନ ଦେଖି ଭାବିଲି ଭଲରେ ପହଁଚିଲି ବୋଲି କହିବାକୁ ଭୁଲି ଯାଇଛି, ସେ ରାଗିବ । କିନ୍ତୁ ସେପଟୁ ମା' କାନ୍ଦୁଥିଲା । ବୁଢ଼ୀ ଲୋ ଆଈ ଆଉ ନାହିଁ ଲୋ... ମୋ ହାତରେ ଆଈର ଜୀବନର ମାୟା ଭର୍ତ୍ତି ପେଡିଟି ଆଉ ଆର ପଟେ ଆଈ ସବୁ ମାୟା ବନ୍ଧନକୁ ଏଡାଇ ମୁକ୍ତି ସନ୍ଧାନୀ ସୂକ୍ଷ୍ମ ସତ୍ତାଟିଏ ହୋଇ ଶୂନ୍ୟରୁ ମହାଶୂନ୍ୟ ଯାଏଁ ମହାଯାତ୍ରାର ପଥିକଟିଏ ହୋଇଯାଇଥିଲା । ନିର୍ବାକ ହୋଇ ରହିଯାଇଥିଲି ସେ ପେଡିଟିକୁ ଚାହିଁ ।

❐



ପ୍ରକାଶ ପାଇଛି

ଚନ୍ଦ୍ର ମୋହନ ମହାପାତ୍ରଙ୍କ

ପୁସ୍ତକ

ବାଲେଶ୍ୱର ଜିଲ୍ଲା

ସାଂସ୍କୃତିକ ଇତିହାସ

ନଦୀର ଦୁଇଟି ପାର୍ଶ୍ୱ



ନିମାଇଁ ମିଶ୍ର

ମୋ. ୯୪୩୮୨ ୭୩୩୪୦

“ରାଜନୀତି ଏପରି ଏକ ରୋଗ, ସେ ରୋଗ ଜଣକୁ ଧରିଲେ ସେଥିରୁ ମୁକ୍ତ ହେବାଟା ଭାରି କଷ୍ଟ । ହେଲେ ଆଜ୍ଞା ଏ ସମୟରେ ନିଜର ସ୍ତ୍ରୀ, ସନ୍ତାନ କିମ୍ବା ପରିବାର ଆତ୍ମୀୟ ଲୋକର ପାଖରେ ରହିବା କଥା । ଏହି ଅସହାୟତା ସମୟରେ ନିଜର ପିଲାମାନେ ପାଖରେ ଥିଲେ ଡାକ୍ତର କିମ୍ବା ଚାକର ବାକରଙ୍କ ତୁଳନାରେ ମନରେ ଅଧିକ ଦମ୍ଭ ଓ ସାହସ ଭରି ହୋଇଯାଏ । ଯାହା ରୋଗୀକୁ ଅଧିକ ବଳ ଓ ଶକ୍ତି ସଂଚାର କରିବାରେ ସହାୟକ ହୋଇଥାଏ ।”

ବଡ଼ ମେଡ଼ିକାଲ । ରାଇଜ ଯାକର ରୋଗୀଙ୍କ ଗହଳି ଏହି କଟକ ସହରେ । ଏଠାରେ ସବୁ ପ୍ରକାର ଯନ୍ତ୍ରପାତି ତଥା ବିଶେଷ ଅଭିଜ୍ଞତାସଂପନ୍ନ ଡାକ୍ତରଙ୍କ ଦ୍ୱାରା ବିଭିନ୍ନ ରୋଗର ସହଜ ସୁବିଧା ତଥା ମାଗଣାରେ ସବୁ ପ୍ରକାର ଚିକିତ୍ସା ଉପଲବ୍ଧ ପାଇଁ ଏହି ସହର ସବୁବେଳେ ଚଳଚଞ୍ଚଳ । ସେହି ମେଡ଼ିକାଲର ବେଡ଼ ନଂ-୫୫ରେ ସର୍ଜିକାଲ୍ ୱାର୍ଡ଼ରେ ଶୋଇଛି ବିଶୁନିଆ । ଛୁଟି ଆସିଛି ସୁଦୂର ବାଲେଶ୍ୱରର ଏକ ଅଖ୍ୟାତ ପଲ୍ଲୀ ଗାଁରୁ । ସଂଗରେ ଅଛନ୍ତି ସ୍ତ୍ରୀ ରେଣୁକା, ପୁଅ ବିକାଶ । ସେ ଭାବିଥିଲା ଦିନେ ଦୁଇଦିନରେ ଡାକ୍ତରଙ୍କୁ ଦେଖାଇ ଔଷଧପତ୍ର ଧରି ଗାଁକୁ ଫେରିଯିବ, ହେଲେ ଫଳ ହେଲା ଓଲଟା । ଡାକ୍ତର କହୁଛନ୍ତି

ଅପରେସନ୍ ହେବ । ଆଜକୁ ପାଞ୍ଚଦିନ ହେବ ପରୀକ୍ଷା ନିରୀକ୍ଷା ଚାଲିଛି । ପୁଅ ବିକାଶ ଦୌଡ଼ଧାପଡ଼ କରି ଏଠୁ ସେଠୁ ପରୀକ୍ଷା ରିପୋର୍ଟ ହାସଲ କରିବାରେ ବ୍ୟସ୍ତ । ଅବଶ୍ୟ ସବୁ ପରୀକ୍ଷାଗୁଡ଼ିକ ଏହି ଡାକ୍ତରଖାନା ପରିସର ମଧ୍ୟରେ, ପୁଣି ମାଗଣା ଔଷଧ ଇଂଜେକ୍‌ସନ୍ ମଧ୍ୟ ଚାଲିଛି । ଜୀବନର ଅନ୍ୟ ନାମ ଯନ୍ତ୍ରଣା । ସେହି ଯନ୍ତ୍ରଣାସିକ୍ତ ମଣିଷର ଆର୍ତ୍ତଚିତ୍କାର ଓ କୋଳାହଳ କେଉଁଠି କ୍ରନ୍ଦନର ରୋଳ ତ କେଉଁଠି ପରିବାରର ପ୍ରିୟ ଲୋକକୁ ହରାଇ ଆତ୍ମୀୟ ସ୍ୱଜନଙ୍କର କୋହଭରା ମୁଖ । ପ୍ରଥମେ ପ୍ରଥମେ ବିଶୁନିଆ ଧୈର୍ଯ୍ୟହରା ହୋଇ ପଡୁଥିଲା ଏବେ କିନ୍ତୁ ଦେହସୁଆ ହୋଇଗଲାଣି । ପାଖରେ ରେଣୁକା ବସି ଦେହହାତ ଆଉଁଷା ଆଉଁଷି ବେଳେ ସେ ବି ଅବାକ୍ ହୋଇ ଚାହିଁ ରହିବା ଛଡ଼ା ଅନ୍ୟ ଉପାୟ ତା' ପାଖରେ କିଛି ନାହିଁ । ବୟସର ଅପରାହ୍ଣରେ ଦୁହେଁ ଉପନୀତ ହେଲେ ମଧ୍ୟ ରେଣୁକାଙ୍କ ଧୈର୍ଯ୍ୟ ଟିକେ ଅଧିକ । ବେଳେବେଳେ ବିଶୁନିଆ ମ୍ରିୟମାଣ ହୋଇପଡ଼ିଲେ ବି ରେଣୁକା ତାଙ୍କୁ ଧୈର୍ଯ୍ୟ ଦିଅନ୍ତି । ବାମ ପଟରେ ନଂ-୫୪ ବେଡ୍‌ଟିରେ ଧନାଢ୍ୟ ମଧ୍ୟମ ବୟସ୍କ ଲୋକଟି କାଲି ରାତି ୧୧ ଟା ବେଳେ ଇହଧାମ ସମ୍ବରଣ କଲେ । ସେ ବେଡ୍‌ଟି ଖାଲି ପଡ଼ିଅଛି । ଏ ପାଖରେ ବେଡ୍ ନଂ-୫୬ରେ ଜଣେ ମଧ୍ୟମ ବୟସ୍କ ପ୍ରାୟ ୫୦ ବର୍ଷ ମଧ୍ୟରେ । ଜଣଙ୍କ ହାତଗୋଡ଼ରେ ମେସିନ୍ ଆଚ୍ଛାଦିତ, ସାଲାଇନ୍ ଚାଲିଥିବା ରୋଗୀ । ନିସ୍ତେଜ ଅବସ୍ଥାରେ ଶୟନରତ । ପାଖରେ ତାଙ୍କ ସହଧର୍ମିଣୀ ବନିତା ଲୋତକପୂର୍ଣ୍ଣ ନୟନରେ ପାଦସେବାରେ ମଗ୍ନ । ରହଣୀ ମଧ୍ୟରେ ରେଣୁକାଙ୍କର ବନୀତାଙ୍କ ସହିତ ଟିକେ ଆତ୍ମୀୟତା ବଢ଼ିଗଲାଣି । ଅଳ୍ପଶିକ୍ଷିତା ବନୀତାର ରୂପ ଯେମିତି ଗୁଣ ବି ସେମିତି । ଅଳ୍ପଭାଷୀ, ମନକିଣା କଥା, ଧୈର୍ଯ୍ୟଶୀଳା ତଥା ପରୋପକାରୀ । ବନୀତା, ୟାଙ୍କୁ ମଉସା ସମ୍ବୋଧନ କରେ । ବେଳେବେଳେ ତାଙ୍କ ସ୍ୱାମୀଙ୍କ ସେବା କରୁ କରୁ ୟାଙ୍କର ମଧ୍ୟ ସେବା ଶୁଶ୍ରୂଷା କରିବାକୁ ପଛାଏ ନାହିଁ ସିଏ । ଗାଁରୁ ଆସିଥିବା ଅପା, ଦେଢ଼ଶୂରଙ୍କର ସବୁ ପ୍ରକାର ଅନୁରୋଧକୁ ବନୀତା

ପ୍ରତ୍ୟାଖ୍ୟାନ କଲା ଯେ ସିଏ ବିଜୟଙ୍କୁ ଛାଡ଼ି ଗୋଟିଏ ମୁହୂର୍ତ୍ତ ବି କେଉଁଆଡ଼େ ଯାଇପାରିବ ନାହିଁ । ଆଜକୁ ଅପରେସନ୍ ଦୁଇଦିନ ହେଲା ପୁଣି ଛାତି ଅପରେସନ୍ । ଡାକ୍ତରଙ୍କର ଘନ ଘନ ତାଗିଦ୍ ରୋଗୀଙ୍କୁ ଏକା ଛାଡ଼ି କୁଆଡ଼େ ଯିବନି, ଏପରିକି ସେ ଖାଇବା ପିଇବା ବି ଭୁଲିଗଲାଣି । ଦେଢ଼ଶୂରଙ୍କୁ ହାତଯୋଡ଼ି ନେହୁରା ହୋଇ ଅନୁନୟ ବାଣୀରେ କହିଲା ବନୀତା । ଅପାଙ୍କୁ ବୁଝାଇ ସୁଝାଇ ଘରକୁ ଫେରାଇଦେଲା । ଘରୁ ବନିତାର ବାପା, ମାଆ ମଧ୍ୟ ଜ୍ୱାଇଁଙ୍କୁ ଦେଖିବାକୁ ଆସିଥିଲେ । ତାଙ୍କୁ ମଧ୍ୟ ସେଇ କଥା କହି ଫେରାଇଦେଲା ବନୀତା । ମା'ଙ୍କର ଅନୁରୋଧ ଆରେ ମା' ବନୀ, ଆଜକୁ ୧୨ ଦିନ ହେଲାଣି ତୁ ନଖାଇ ନପିଇ ଏଇ ବେଡ୍‌ରେ ବସି ବସି ନ ଶୋଇ ତୋ' ଦେହ କଳାକାଠ ପଡ଼ିଗଲାଣି । ତୁ ଟିକେ ବିଶ୍ରାମ ନ ନେଲେ ଏ ଦେହ ରୂପକ ମେସିନ୍ ତୋର ଚାଲିବ କିପରି, ତାକୁ

ଟିକେ ବିଶ୍ରାମ ଦିଏ ତୁ ଯା' ଘରକୁ ଦିନେ ଦୁଇଦିନ ବିଶ୍ରାମ ନେଇ ତୋ ଛୋଟ ଛୋଟ ପିଲାଙ୍କୁ ଟିକେ ଦେଖା କରି ଆସିବୁ । ଆମେ ତୋ ବାପା ମାଆ ଜ୍ୱାଇଁ ପାଖରେ ଥିବୁ... । ହେଲେ ବନୀତାର ସେହି ଗୋଟିଏ କଥା ମୁଁ ତାଙ୍କୁ ଛାଡ଼ି ଗୋଟିଏ କ୍ଷଣ ବି ନିଃଶ୍ୱାସ ମାରିପାରିବି ନାହିଁ । ଶେଷରେ ନିରାଶା ହୋଇ ବାପା ମାଆ କାନ୍ଦି କାନ୍ଦି ଫେରିଗଲେ । ବିଶୁନିଆ ରେଣୁକାକୁ କହୁଥିଲେ ଏଇ ! ଦେଖୁଛ କେତେ ଭାଗ୍ୟବାନ ଏଇ ବିଜୟ । ବନୀତା ଭଳିଆ ସ୍ତ୍ରୀ ଟିଏ ମିଳିବା ଆଜିକାଲି ଦୁନିଆରେ ଭାରି କଷ୍ଟ । ଦୁଇ ଦୁଇଟା ପିଲାଙ୍କୁ ଦେଢ଼ଶୂର ଯାଆଙ୍କ ପାଖରେ ଛାଡ଼ି କି ସେବା ସେ କରିଚାଲିଛି ବିଜୟଙ୍କର । ମନରେ ଟିକେ ବି ତା'ର ଆବିଳତା ନାହିଁ । ଏତେ କଷ୍ଟ ସ୍ୱୀକାର କରି ରାତିଦିନ ଅଖିଆ ଅପିଆ ଅନିଦ୍ରା ରହି ସ୍ୱାମୀର ପଦସେବାରେ ନିୟୋଜିତ ହୋଇ ମଧ୍ୟ ସେ କେବେ କ୍ଲାନ୍ତି ଅନୁଭବ କରୁନାହିଁ । ମୁଁ ଭାବୁଛି ଏବେବି ସତୀ, ସାଧ୍ୱୀ, ସୀତା, ସାବିତ୍ରୀ, ଅନୁସୟାଙ୍କ ଭଳି ନାରୀ ଏ ମାଟିରେ ଅଛନ୍ତି । ଆଜିକାଲି ସ୍ତ୍ରୀ ମାନଙ୍କର ସ୍ୱାମୀ ପ୍ରତି ଥିବା ହତାଦାରର ବିପରୀତାତ୍ମକ ପ୍ରତିଚ୍ଛବି ଏହି ବନୀତା । ଅନ୍ୟ ପାଖରେ ଦେଖ ୫୪ ନମ୍ବର ବେଡ୍‌ରେ ଚିକିତ୍ସିତ ହେଉଥିବା ସେ ଧନାଢ୍ୟ ବ୍ୟକ୍ତିଟି ଯକୃତ ଅପରେସନ୍ ହୋଇ ଚିକିତ୍ସିତ ହେଉଥିଲେ । ସେ କି ଦୟନୀୟ ଅବସ୍ଥାରେ ମେଡ଼ିକାଲ ବେଡ୍‌ରେ ପଡ଼ି ପଡ଼ି ଇହଧାମ ତ୍ୟାଗ କଲେ । ତମେ ଶୁଣିଛ ପରା ତାଙ୍କ ପାଖରେ ଯେଉଁ ଦୁଇଜଣ ଲୋକ ଜଗି କରି ରାତି ଦିନ ବସୁଥିଲେ, ସେମାନେ ଦୁଇଜଣ ଗୁମାସ୍ତା ତାଙ୍କର । ବାବୁ ଅସୁସ୍ଥ ତେଣୁ ତାଙ୍କ ଦେଖାଶୁଣା କରିବା ପାଇଁ ତାଙ୍କୁ ନିୟୋଜିତ କରାଯାଇଛି । ସେ କି ସେବା କରିବେ, ଖାଲି ବସି ବସି ସମୟକୁ ଚାହିଁ ଯିବା କଥା । ପଇସା ବିନିମୟରେ କେବେ ସେବା କିଣା ଯାଇପାରେ ନାହିଁ । ଏଥିପାଇଁ ଦରକାର ଆନ୍ତରିକତା ଯାହା ସବୁ ଲୋକଙ୍କ ପାଖରେ ଦେଖାଯାଏ ନାହିଁ । ବାବୁଙ୍କର ପିଲା ଦୁଇଜଣ ବଡ଼ ବଡ଼ ସଂସ୍ଥାରେ ଚାକିରି କରନ୍ତି । ସକାଳେ ଗଲେ ସନ୍ଧ୍ୟାରେ ଆସନ୍ତି । ଗୁମାସ୍ତାଙ୍କ ଠାରୁ ବାପାଙ୍କ ଭଲମନ୍ଦ ଟିକେ ବୁଝି ଗୋଡ଼ରେ ହାତରେ ଟିକେ ହାତ ମାରି


ସେବାର ପରାକାଷ୍ଠା ପ୍ରତିପାଦନ କରି ସେ ତାଙ୍କ କର୍ତ୍ତବ୍ୟ ସଂପାଦନ କରିବାର ଆତ୍ମସନ୍ତୋଷ ଲାଭ କରି ଫେରିଯାଆନ୍ତି । ଡାକ୍ତରଙ୍କର ଷ୍ଟାଫନର୍ସ ବ୍ୟତୀତ ପିଲାମାନଙ୍କ ଦ୍ୱାରା ଜଣେ ଅଧିକା ଷ୍ଟାଫ୍‌ନର୍ସ ଅର୍ଥ ବିନିଯୋଗରେ ନିୟୋଜିତ କରାଯାଇଛି, ସେ ବି ଦେଖାଶୁଣା କରିବାକୁ ଆସନ୍ତି । ଡାକ୍ତର ପ୍ରଦତ୍ତ ଔଷଧ ଠିକ୍ ଭାବରେ ବିନିଯୋଗ ହେଉଛି କି ନା ତଦାରଖ କରି ତାଙ୍କ କର୍ତ୍ତବ୍ୟ ସଂପାଦନ ହେଲା ଭାବି ଚାଲିଯାଆନ୍ତି । ଆଚ୍ଛା ରେଣୁକା ତମେ ଦେଖିଛନା ? ଜଣେ ମହିଳା ଆଧୁନିକ ପରିପାଟୀରେ ସୁସଜ୍ଜିତ ହୋଇ ଆସନ୍ତି କାନ୍ଧରେ ଏକ ଦାମି ଭ୍ୟାନିଟ୍ ଝୁଲୁଥାଏ । ହଁ ସେ ପରା ତାଙ୍କ ସ୍ତ୍ରୀ, କହିଲେ ରେଣୁକା ସେ କୁଆଡ଼େ ରାଇଜର ନେତ୍ରୀ ଅଟନ୍ତି । ଆମ ଆସିବା ଭିତରେ ସେ ବୋଧେ ଦୁଇ ତିନିଥର

ଆସିଥିବେ । ତାଙ୍କର ଗୁମାସ୍ତା କହୁଥିଲେ ତାଙ୍କର ରାଇଜ ଯାକର କାମ । ସକାଳ ଆଠଟା ନଅଟାରେ ବାହାରିଯିବେ ଯେ ଫେରିବେ ରାତି ୧୦ କିମ୍ବା ୧୧ଟାରେ । ବେଳେ ବେଳେ ତ ରାତି ପାହିଲାବେଳକୁ ଘରକୁ ଫେରନ୍ତି ହେଲେ ବାବୁଙ୍କ କଥା ପଚାରି ବୁଝନ୍ତି । ବାବୁଙ୍କର ଏହି ବେଡ଼୍‌ରେ ନିସ୍ତେଜ ଅବସ୍ଥାରେ ଶୋଇ ରହିବା ୨୦/୨୫ ଦିନ ହୋଇଗଲାଣି । ଡାକ୍ତର କହୁଛନ୍ତି ଏ ରୋଗୀଙ୍କୁ କେବଳ ଭଗବାନ ଭରସା ନଚେତ୍ ତାଙ୍କ ହାତରେ କିଛି ନାହିଁ । ଔଷଧ ତ ଦିଆ ଚାଲିଛି ଯାହା ସେହି ପରମେଶ୍ୱରଙ୍କ ଇଚ୍ଛା । ରେଣୁକା ଖାଲି କହିଚାଲିଥିଲେ ବିଶୁନିଆଙ୍କୁ । ଯେ ରାଇଜ ଯାକର ଗରିବ ରୋଗୀ, ଭୋଗୀଙ୍କ କଥା ବୁଝୁଛନ୍ତି ତାଙ୍କୁ ସ୍ୱାମୀଙ୍କ ସେବା କରିବାକୁ ବେଳ କାହିଁ ? ଗୋପବନ୍ଧୁ ତ ଦୁଃଖିରଙ୍କି ସେବା କରିବା ପାଇଁ ପୁଅକୁ ରୋଗଶଯ୍ୟାରେ ମଧ୍ୟ ଛାଡ଼ି ଚାଲିଯାଇଥିଲେ ତାଙ୍କୁ ସାହାଯ୍ୟ କରିବା ପାଇଁ ସେହି ବନ୍ୟା ପ୍ରପୀଡ଼ିତ ଅନାଥଙ୍କ ପାଖକୁ । ଆହା... ତମେ ଏ କଅଣ କହୁଛ ରେଣୁକା କାହା ସଂଗରେ ନେଇ କାହାକୁ ଯୋଡୁଛ ? କାହିଁ ରାମଚନ୍ଦର କାହିଁ ରାମିଆ ଭଣ୍ଡାରି !!! ସେ ଥିଲେ ସଚ୍ଚା ସେବକ । ଏମାନେ ସେବକ ନାମରେ ଶୋଷକ ସାଜିଛନ୍ତି । କାହିଁ ରାଇଜର ସେହି ରମାଦେବୀ, ମାଳତୀ ଦେବୀ, ସରୋଜିନୀ ନାଇଡୁଙ୍କ ଭଳି ନାରୀନେତ୍ରୀ । ଯାହାଙ୍କ ଭୂମିକା ସାରା ଜଗତ ଘୋଷୁଛି । ଯେ ଯେଉଁ ଭଦ୍ର ମହିଳାଙ୍କ କଥା କହୁନା ତାଙ୍କ ଗୁମାସ୍ତା ଗଗନ କହୁଥିଲା ସେ ୟା' ପୂର୍ବରୁ ତାଙ୍କ ବ୍ଲକ୍‌ର ଅଧକ୍ଷା ଥିଲେ । ସେହି ସମୟରେ ସେ ଢେର୍ ଉନ୍ନତି କରିଯାଇଛନ୍ତି । ଟ୍ରକ୍, ବସ୍, ବୋଲର ସହିତ ବେକାର ଥିବା ଦୁଇ ପୁଅଙ୍କୁ ବହୁ ଅର୍ଥ ବିନିମୟରେ ସରକାରୀ ଚାକିରିରେ ଭର୍ତ୍ତି କରିବା ଓ ସ୍ୱାମୀଙ୍କ ବ୍ୟବସାୟର ଅଭିବୃଦ୍ଧି ପରି ଅନେକ କିଛି ସେ କରିଥିଲେ, ହେଲେ କଅଣ ହେଲା ଜେଲ୍ ଯିବାକୁ ପଡ଼ିଲା । ଏବେ ପୁନଃ ଠିଆ ହୋଇଥିଲେ ଯେ ଅନେକ ପଇସା ସାରିଲେ ହେଲେ ହାରିବାକୁ ପଡ଼ିଲା । ବାବୁ ଅନେକ ସମୟରେ ଚେତା ଆସିଲେ ମା'ଙ୍କୁ ଖୋଜୁଛନ୍ତି, ପୁଅମାନଙ୍କୁ ବି ପଚାରୁଛନ୍ତି । ଡାକ୍ତର ବାବୁ କହୁଥିଲେ ଏ ସମୟରେ ତାଙ୍କ ଆତ୍ମୀୟମାନଙ୍କର ଉପସ୍ଥିତି ଟିକେ ଜରୁରୀ । ସ୍ନାୟୁଗୁଡ଼ିକ ସତେଜ କରିବା ପାଇଁ ଶରୀରରେ ମୃଦୁ କରଚାଳନା ବି ନିତାନ୍ତ ଆବଶ୍ୟକ । ମୁଁ ବି ମା'ଙ୍କୁ ସେକଥା କହିଲି । ସେ ରୋକଠୋକ୍ କହିଲେ

ରାଜନୀତି ଏପରି ଏକ ରୋଗ, ସେ ରୋଗ ଜଣକୁ ଧରିଲେ ସେଥିରୁ ମୁକ୍ତ ହେବାଟା ଭାରି କଷ୍ଟ । ହେଲେ ଆଜ୍ଞା ଏ ସମୟରେ ନିଜର ସ୍ତ୍ରୀ, ସନ୍ତାନ କିମ୍ବା ପରିବାର ଆତ୍ମୀୟ ଲୋକର ପାଖରେ ରହିବା କଥା । ଏହି ଅସହାୟତା ସମୟରେ ନିଜର ପିଲାମାନେ ପାଖରେ ଥିଲେ ଡାକ୍ତର କିମ୍ବା ଚାକର ବାକରଙ୍କ ତୁଳନାରେ ମନରେ ଅଧିକ ଦମ୍ଭ ଓ ସାହସ ଭରି ହୋଇଯାଏ । ଯାହା ରୋଗୀକୁ ଅଧିକ ବଳ ଓ ଶକ୍ତି ସଂଚାର କରିବାରେ ସହାୟକ ହୋଇଥାଏ । ଆନ୍ତରିକତା ନଥାଇ ସେବା କେବେ ଅର୍ଥ ବିନିଯୋଗରେ ଜୋର

ଜବରଦସ୍ତ କିଣାଯାଇପାରେ ନାହିଁ । ହେଲେ ମାନବିକ ଓ ପାରିବାରିକ ମୂଲ୍ୟବୋଧର ଅର୍ଥ ବୁଝିବା ଏମାନଙ୍କ ପାଇଁ କଷ୍ଟ । ଏପରିକି ଧନମନସ୍କ ଲୋକଙ୍କ ପାଖରେ ସମୟ ଓ ସଚେତନତାର ଘୋର ଅଭାବ । ସମାଜରେ ଏହିଭଳି ଶିକ୍ଷା ଓ ସଂସ୍କୃତି ସଂପନ୍ନହୀନ ପରିବାର ଅନେକ ପରିଦୃଷ୍ଟ ହେଉଛି । ବୁଝିଲ ରେଣୁକା ଏହିପରି କଥା ଅନର୍ଗଳ ବକି ଚାଲିଥାଏ ତାଙ୍କ ଗୁମାସ୍ତା ଟୋକା ଗଗନ । ଏଇଥିରୁ ଭାବିନିଅ ଏ କିପରି ନାରୀ ନେତ୍ରୀ ? ଏଭଳି ସ୍ୱାର୍ଥନ୍ୱେଷୀ ମହିଳାମାନେ ଏ ସମାଜରେ ବହୁତ ପରିଦୃଷ୍ଟ । ଏମାନେ କିଛି ନା କିଛି ବାହାନା ଦେଖାଇ ମେଡ଼ିକଲ ଭଳି ଏକ ଯନ୍ତ୍ରଣାକ୍ଲିଷ୍ଟ ପରିବେଶରୁ ନିଜକୁ ଦୂରେଇ ରହିବାକୁ ଶ୍ରେୟ ମନେ କରନ୍ତି । ଖାଲି ବାହାନା । ଏହି ସ୍ୱାର୍ଥନ୍ୱେଷୀ ମହିଳାଙ୍କ ପାଖରେ ସ୍ୱାମୀ ହେଉ ବା ଅନ୍ୟ କେହି ହେଉ । ରେଣୁକା ଅବାକ୍ ହୋଇ ଚାହିଁଥିଲେ ବିଶୁନିଆଙ୍କ ମୁହଁକୁ । ଆଉ ଗୋଟିଏ କଥା ତମେ ଉପଲବ୍ଧି କର ଗୋଟିଏ ପାଖରେ ବନୀତା ଆଉ ଅନ୍ୟ ପାଖରେ ଏହି ଭଦ୍ର ମୁଖା ପିନ୍ଧିଥିବା ମହିଳା । କି ଆକାଶ ପାତାଳ ପ୍ରଭେଦ । ନଦୀର ଦୁଇ ପାର୍ଶ୍ୱ ଭଳି, ଗୋଟିଏ ପାଖରେ ପଟୁମାଟି ପଡ଼ି ଉର୍ବରା ଶସ୍ୟ ଶ୍ୟାମଳା ଭରା ସବୁଜିମା କ୍ଷେତର ଫସଲ, ଅନ୍ୟ ପାଖରେ ଧୂ..ଧୂ.. ଅତଡ଼ା ଖସି ସେଇ ନଦୀ ଗର୍ଭରେ ଲୀନ ହୋଇଯାଉଥିବା ପୁରାତନ ବସତିର ଦୟନୀୟ ପ୍ରଳଙ୍କରୀ ଦୃଶ୍ୟ । ଏ ତ ଗୋଟିଏ ନଦୀର ଦୁଇଟି ପାର୍ଶ୍ୱ । ଏଥିରେ ଆଚମ୍ବିତ ହେବାର କଅଣ ଅଛି । ଏଇ ତ ସେହି ସ୍ରଷ୍ଟାର ସୃଷ୍ଟି । ହାତରେ ଇଂଜେକ୍‌ସନ୍ ଧରି ବେଡ୍ ପାଖରେ ପହଞ୍ଚିଲେ ଷ୍ଟାଫ୍‌ନର୍ସ । 'ମଉସା ଇଂଜେକ୍‌ସନ୍ ବେଳ ହୋଇଗଲାଣି ହାତ ଦେଖାନ୍ତୁ' ।

❐



ପ୍ରକାଶ ପାଇଛି

ବଳରାମ ସେନାପତିଙ୍କ

ପୁସ୍ତକ

ମା' ଶହାଡ଼ାଶୁଣୀଙ୍କ ମହିମା

ରୂପ ସୃଷ୍ଟିରେ ଭାଷାର ଭୂମିକା



ଡ. ଦାଶରଥି ଦାସ

ମୋ.୯୪୩୭୫ ୯୫୮୫୫

“ ଏଣେ ପରୀକ୍ଷା ଖାତାରେ ଭଲ ପିଲାଏ କବିତାରେ କବି ଯାହା କହିଥାନ୍ତି ତାକୁ ନିଜ ଭାଷାରେ ପ୍ରକାଶ କରି ଦେଇପାରନ୍ତି । ଅବିକଳ କବିଙ୍କ କଥା ବଡ଼ ବିଶ୍ୱସ୍ତ ଭାବରେ ଗଦ୍ୟରେ ଲିପିବଦ୍ଧ କରାଯାଇପାରେ । କିନ୍ତୁ ଗଦ୍ୟରୂପ ଘେନିବାକୁ ଯାଇ କବିତାର ମାଧୁର୍ଯ୍ୟ ଆଉ ଅବଶେଷ ଥାଏକି ? ତେଣୁ ବୁଝିବାକୁ ହେବ କବିତା ଲେଖିଲାବେଳେ କବି କେବଳ କିଛି କହିବାକୁ ଚାହିଁ ନଥାନ୍ତି- ବରଂ କହିବା କଥାକୁ ଏକ ବିଶିଷ୍ଟ ତଥା ସ୍ୱତନ୍ତ୍ର ଭଙ୍ଗିରେ କହିବାକୁ ଚାହିଁଥାନ୍ତି- କବିତା ପ୍ରାୟ ନୂଆକଥା କିଛି କହେ ନାହିଁ- ପୁରୁଣା କଥାକୁ ନୂଆ ରୂପ ଦିଏ ମାତ୍ର । ”

କବିତା ଏକ ସୃଷ୍ଟି । କବି ସ୍ରଷ୍ଟା । ବିଶ୍ୱସ୍ରଷ୍ଟା ଭଗବାନଙ୍କ ପରି ତାଙ୍କର ସମସ୍ତ କର୍ମ ସୃଷ୍ଟିକର୍ମରେ ହିଁ ସମାପ୍ତ । ଦୁହେଁ ସୃଷ୍ଟି ଅତିରିକ୍ତ ଅଧିକ କିଛି କହିବାକୁ କେବେ ବାଧ ନୁହନ୍ତି । ମଣିଷକୁ ନିଜର ଜ୍ଞାନ, କଳ୍ପନା ଓ ବୁଦ୍ଧିବଳରେ ସେହି ସୃଷ୍ଟି ରହସ୍ୟ ବୁଝିନେବାକୁ ହୁଏ । ଉଭୟ କାବ୍ୟସୃଷ୍ଟି ଓ ବିଶ୍ୱସୃଷ୍ଟିକୁ ତେଣୁ ବହୁ ପ୍ରକାରେ ବ୍ୟାଖ୍ୟା ଓ ବିଶ୍ଳେଷଣ କରାଯାଇପାରେ । ତେବେ କାବ୍ୟ ସୃଷ୍ଟି , ବିଶ୍ୱସୃଷ୍ଟିର ଏକ ପ୍ରକାର ବ୍ୟାଖ୍ୟା । ବୈଜ୍ଞାନିକ ଓ ଦାର୍ଶନିକଙ୍କ ପରି କବି ମଧ୍ୟ ସୃଷ୍ଟିର ଅନ୍ୟତମ ବ୍ୟାଖ୍ୟାକାର । ସେ ସୃଷ୍ଟିର ରସରୂପ ମଣିଷର ଗୋଚର କରାନ୍ତି । ତାଙ୍କର ବ୍ୟାଖ୍ୟା ଅପୂର୍ବ ଓ ଅନନ୍ୟ- ଅନ୍ୟ ଏକ ସ୍ୱତନ୍ତ୍ର ସୃଷ୍ଟି ମାଧ୍ୟମରେ ସେ ମୂଳସୃଷ୍ଟିର ବ୍ୟାଖ୍ୟା କରନ୍ତି । ତେଣୁ ତାଙ୍କ ସୃଷ୍ଟିର ବ୍ୟାଖ୍ୟା କରିବାକୁ ଲୋଡ଼ା ହୁଅନ୍ତି ସାହିତ୍ୟ ସମାଲୋଚକଗଣ । ଦାର୍ଶନିକ ଓ ବୈଜ୍ଞାନିକଙ୍କ ଠାରୁ କବିଙ୍କର ପାର୍ଥକ୍ୟ

ବୁଝାଇବାକୁ ମ୍ୟାକଲିସ କହିଛନ୍ତି, ଦର୍ଶନ ଯେଉଁଠି ବିଶ୍ୱସୃଷ୍ଟିକୁ ଅର୍ଥାନ୍ୱିତ କରେ, ବିଜ୍ଞାନ ଯେଉଁଠି ସେଥିରୁ ନିଜେ ଅର୍ଥାନୁସନ୍ଧାନ କରେ, ସେ ସେଠାରେ କବିତା ତାହାର ମର୍ମ ଓ ରହସ୍ୟ ଅଭିବ୍ୟକ୍ତି ପାଇଁ ମାଧ୍ୟମଟିଏ ଭଳି କାର୍ଯ୍ୟ କରେ । ତାହା ସ୍ୱୟଂ ଅର୍ଥ ନୁହେଁ, ଅର୍ଥ ମଧ୍ୟ ଖୋଜେ ନାହିଁ, କେବଳ ଅର୍ଥର ମାଧ୍ୟମ ରୂପେ କାର୍ଯ୍ୟ କରେ । "The poet's art is a means to meaning a means by which the world can be made to mean. (Poerty and Experience)" କାବ୍ୟ ମାଧ୍ୟମରେ ସୃଷ୍ଟି ଅର୍ଥବାନ ହୋଇଉଠେ । ଦର୍ଶନ ସୃଷ୍ଟିର ଏକ ବିଶେଷ ସାଧନା- ସବୁକଥା ତାହା ଗୁଣାତ୍ମକ ଭାଷାରେ କହେ । ବିଜ୍ଞାନ ଅର୍ଥ ଆବିଷ୍କାର କରେ । ପତ୍ର, ପଥର, ଗ୍ରହ, ନକ୍ଷତ୍ରର ଅର୍ଥ ନୁହେଁ; ଯେଉଁ ନିୟମ ଏଗୁଡ଼ିକର ସ୍ଥିତି ଓ ଅସ୍ତିତ୍ୱର ହେତୁ ବିଜ୍ଞାନ ତାହାରି ଅର୍ଥ ଖୋଜେ । କବିତା ଏ ମଧ୍ୟରୁ କୌଣସିଟି କାର୍ଯ୍ୟ କରେ ନାହିଁ । ବିଶ୍ୱ ସୃଷ୍ଟିର ସମଗ୍ରତା ତାହାର ଧ୍ୟେୟ । "It cages the world with all its complexities upon it. It takes experience as experience stands there. It closes the cage of form on heaven and earth and makes them mean not in other terms but in their own." (Poetry and Experience) । ଭଗବାନଙ୍କ ପରେ କବି ହେଉଛନ୍ତି ଦ୍ୱିତୀୟ ସ୍ରଷ୍ଟା ।

କବିତା ଶବ୍ଦକଳା । କିନ୍ତୁ ଶବ୍ଦ କି ଭାଷାରେ ଯାହାସବୁ ରଚିତ ହୁଏ ତାହା ସାହିତ୍ୟ ନୁହେଁ କି କବିତା ନୁହେଁ । କବିତାର ଭାଷା ସୃଷ୍ଟିକ୍ଷମ । ସାଧାରଣରେ ଧାରଣା ରହିଛି ଯେ କବି ଭାଷାର ପ୍ରବୋଧନମୂଳକ ବ୍ୟବହାର (Evocative use) କରିଥାନ୍ତି; ତାଙ୍କର ଭାଷା ଜ୍ଞାନ ଓ ମନନର ନୁହେଁ, ହୃଦୟାବେଗର । ଏହି ଭାଷା ସାହାଯ୍ୟରେ ସେ କବିତାର ବିଷୟବସ୍ତୁ ମଧ୍ୟରେ ନିଜର ଭାବାନୁଭୂତିକୁ ଅଭିନିବିଷ୍ଟ କରାଇ ପାରନ୍ତି, ତାଙ୍କର ଉଦ୍ଦେଶ୍ୟ ସେହି ଭାବାନୁଭୂତିରେ ସେ ପାଠକକୁ ଅଭିଭୂତ କରିବେ । ଏହି ସୂତ୍ରରେ ସେ ପାଠକ ଠାରୁ ସହାନୁଭୂତି ଖୋଜନ୍ତି । ଇନ୍ଦ୍ରିୟୋତ୍ତର ଅନୁଭବ ବ୍ୟକ୍ତ କରନ୍ତି ଓ ଧର୍ମାଦର୍ଶ ପ୍ରଚାର କରନ୍ତି । ସାଧନ ତାଙ୍କର ହୃଦୟାବେଗର ଭାଷା । ଏଠି ଆମେ ଯେବେ ଏହି ଧାରଣାର ବଶବର୍ତ୍ତୀ ହେବା ତେବେ କବିତାର ଭାଷାକୁ ସୃଷ୍ଟିକ୍ଷମ କହିବା କିପରି ? କବିତା ଯେବେ ସୃଷ୍ଟି ହୁଏ, ସେଥିରେ ସୃଷ୍ଟି ହୋଇଥାଏ କ'ଣ ? କବିତା କେବେ ବକ୍ତୃତା କି କଥୋପକଥନ ନୁହେଁ, ନୁହେଁ ମଧ୍ୟ ବୁଦ୍ଧି ପ୍ରଣୋଦିତ ତତ୍ତ୍ୱବିଚାର । ଯେଉଁ ସବୁ ରଚନାରେ ସୃଷ୍ଟିର ବସ୍ତୁ ଘଟିତ ବ୍ୟାଖ୍ୟା ଓ ବିଶ୍ଳେଷଣ ରହିଛି ତାକୁ ସୃଷ୍ଟି କହିବାକୁ ଯଥେଷ୍ଟ ଆପତ୍ତି ଅଛି । ସେ ସବୁଥିରେ କେହି ବିଦ୍ୟାବୁଦ୍ଧିର ଅନୁଶୀଳନ ବା ଜିଜ୍ଞାସା କି ମୀମାଂସା କରି ପାରନ୍ତି- କିନ୍ତୁ କାବ୍ୟ ଏକ ସୃଷ୍ଟି । ଭାଷା ତାହାର ଉପାଦାନ । ଅଥଚ ତାହା କିଛି କାହାକୁ ଜ୍ଞାପନ ବା ନିର୍ଦ୍ଦେଶ କରେ ନାହିଁ । ତାହା କେବଳ ରୂପକୁ ପ୍ରକାଶ କରେ, ମୂର୍ତ୍ତି ନିର୍ମାଣ କରେ । ଭାସ୍କର ଓ ଚିତ୍ରକର ଭିନ୍ନ ଉପାଦାନରେ ଯେପରି ମୂର୍ତ୍ତି ଓ ଚିତ୍ର ରଚନା କରି ଆମର ଇନ୍ଦ୍ରିୟଗୋଚର କରାଇଥାନ୍ତି ଅନେକାଂଶରେ ଠିକ୍ ସେପରି କବି ଭାଷାରେ ମୂର୍ତ୍ତି

ଗଢ଼ନ୍ତି । ତେଣୁ ସେ ସ୍ରଷ୍ଟା । ପ୍ରାତ୍ୟହିକ ଜୀବନର ଭାଷା ସାହାଯ୍ୟରେ ବଡ଼ ଆଶ୍ଚର୍ଯ୍ୟ ଉପାୟରେ କିଛି ଗୋଟାଏ ଗଢ଼ି ଆମ ଇନ୍ଦ୍ରିୟର ପ୍ରତ୍ୟକ୍ଷ ଗୋଚର କରାଇଥାନ୍ତି ସେ । ସେହି ଶବ୍ଦ ଅଛି, ସେହି ଭାଷା ଅଛି- ଅଥଚ ପ୍ରତି ଥର କବିଙ୍କ ପ୍ରୟୋଗ କୌଶଳରେ ତାହା ନୂଆ ନୂଆ ରୂପ ଗଢ଼ି ନୂଆ ହୋଇ ଉଠେ । ଉପାଦାନ ପୁରୁଣା- ସୃଷ୍ଟି ନୂଆ ।

ରଙ୍ଗରୁ ଚିତ୍ର ପ୍ରକଟିଲା ପରି ଭାଷାରୁ ଫୁଲ ଫୁଟେ । ଏଠାରେ ସ୍ମରଣ ରଖିବାକୁ ହେବ ଯେ, କାବ୍ୟ- ଫୁଟିଲା ଫୁଲର ଏ ଯେଉଁ ବାଙ୍ମୟୀ ରଚନା ତାହା କୌଣସି ତଥ୍ୟ, ଭାବ ବା ଚିନ୍ତାର ବ୍ୟାଖ୍ୟା, ବିବୃତ୍ତି ବା ନିର୍ଦ୍ଦେଶ ନୁହେଁ ତହିଁରେ ନ ଥାଏ ବି ତର୍କ କି ଯୁକ୍ତିର ପ୍ରୟୋଗ । ଅନ୍ୟପକ୍ଷରେ ତାହା ଅନିର୍ବଚନୀୟ, କୌଣସି ଅନୁଭୂତିର ଆଧାର ନୁହେଁ । ଅନ୍ୟପକ୍ଷରେ ତାହା ଅନିର୍ବଚନୀୟ କୌଣସି ଅନୁଭୂତିର ଆଧାର ନୁହେଁ । ବ୍ରହ୍ମାସାଦ ସହୋଦର ରସଚେତନାର ଉଦ୍ରେକ ମଧ୍ୟ ତାହାର ଅନ୍ତର୍ନିହିତ ଉଦ୍ଦେଶ୍ୟ ନୁହେଁ । ଅର୍ଥାତ୍ କବିତାର ଭାବ ଓ ଭାଷା ଅପାର୍ଥିବ କି ଅତୀନ୍ଦ୍ରିୟ ନିରୁପାଧି କାହାର ଇଙ୍ଗିତ କି ଉଦ୍‌ବୋଧନ କରନ୍ତି ନାହିଁ । ଶ୍ରୀ ମୋହିତଲାଲ ମଜୁମଦାର ଏହି ସୂତ୍ରରେ ଘୋଷଣା କରିଛନ୍ତି, 'ଭଗବାନଙ୍କ ସୃଷ୍ଟି ଏହି ବିଶ୍ୱ ଯେପରି ବସ୍ତୁ ମାଧ୍ୟମରେ ପ୍ରକାଶମାନ, ଭାବ ଯେପରି ସର୍ବତ୍ର ରୂପ ପାଇଅଛି, (ଏବଂ ସେହି ରୂପକୁ ଆମେ ସୃଷ୍ଟି ବୋଲି କହିଥାଉ) ଠିକ୍ ସେପରି ସାହିତ୍ୟର ସୃଷ୍ଟି ମଧ୍ୟ ରୂପମୟ; ବାକ୍ୟରେ ରୂପ ଦେବାକୁହିଁ ଆମେ ରଚନା ବୋଲି କହିବୁ । ଏତଦଭିନ୍ନ ଆଉ ଯାହାସବୁ ବାକ୍ୟରଚିତ, ତାହାର ରୂପ ନଥାଏ, ଥାଏ କେବଳ କଥା । କଥାର ଥାଏ ଅର୍ଥ । ସେଠାରେ ସବୁ ପରୋକ୍ଷ ଚିନ୍ତାର ବ୍ୟବଧାନ ଥିବାରୁ କିଛି ରୂପରେ ପ୍ରକାଶ ପାଇ ନଥାଏ । ତେଣୁ ସାହିତ୍ୟ ସମାଲୋଚକଗଣ ସାହିତ୍ୟକୁ ବା କାବ୍ୟକୁ ଭାଷାଗତ ରଚନା ବୋଲି କହିଲାବେଳେ ସବୁବେଳେ ଉପରୋକ୍ତ ବିଶେଷ ଅର୍ଥକୁ ସ୍ମରଣ ରଖିଥାନ୍ତି । ସେହି ବିଶେଷ ଅର୍ଥରେ କବିତା ଏକ ରୂପମୟ ସୃଷ୍ଟି ।

କ'ଣ ତେବେ କବିତାରେ ସୃଷ୍ଟି ହୁଏ ? କାବ୍ୟ ପାଠକାଳରେ ପାଠକଙ୍କର ଭାବାନୁଭୂତି ଆଲୋଡ଼ିତ ହୁଏ । ସେ ଜଗତ ଓ ଜୀବନ ସମ୍ପର୍କରେ ନାନା ଦୃଷ୍ଟିଭଙ୍ଗି ଖେଳାଇ ପାରନ୍ତି । ତେଣୁ ଭାବାନୁଭୂତି (feeling) ସୃଷ୍ଟି ହୁଏ କି ? ସାଧାରଣ ଭାବପ୍ରକାଶ କ୍ଷେତ୍ରରେ ଯାହା ସତ୍ୟ କବିତା ପକ୍ଷରେ ତାହା ମିଥ୍ୟା ନୁହେଁ । ସବୁଠି ଭାବାନୁଭୂତି ଉଦ୍ରିତ ହୋଇଥାଏ, ସୃଷ୍ଟି ହୋଇନଥାଏ । ଭାବାନୁଭୂତିର ଅଭିବ୍ୟକ୍ତି ଅଛି ସିନା ସୃଷ୍ଟି କାହିଁ ? ତେବେ ଜୀବନ ଓ ଜଗତର ତଥ୍ୟ ସତ୍ୟ ଓ ଆଲୋଚିତ ହୁଏ ସୃଷ୍ଟି ହୁଏ ନାହିଁ । ତେଣୁ ଭାଷା ସାହାଯ୍ୟରେ ରଚିତ ଯେକୌଣସି ରଚନାକୁ ସୃଷ୍ଟି କହିହୁଏ ନାହିଁ । ଏବେ ସେହି ମୂଳ ପ୍ରଶ୍ନରେ ପୁଣି ପହଞ୍ଚିବାକୁ ହେବ, କବିତାରେ ସୃଷ୍ଟି ହୁଏ କ'ଣ ? ଏହି ପ୍ରଶ୍ନଟିର ଉତ୍ତର ପାଇବାକୁ ହେଲେ ସମଗ୍ର କଳାସୃଷ୍ଟିର ଗତି ପ୍ରକୃତି ବୁଝିବାକୁ ହେବ ।

ଚିତ୍ର (art of space) ପ୍ରତ୍ୟକ୍ଷ ରୂପସୃଷ୍ଟି । ରଙ୍ଗତୂଳି ଆଦି ସବୁ ଉପାଦାନ

ଉପସ୍ଥିତ ଥାଏ- କିନ୍ତୁ ଶିଳ୍ପୀଙ୍କ ଉଦ୍ୟମରୁ ଯେଉଁ ଦୃଶ୍ୟମାନ ଛବିଟି ଫୁଟି ଉଠେ ତାକୁ ଆମେ ସୃଷ୍ଟି ବୋଲି ଅଭିହିତ କରୁ । ସେପରି ସଂଗୀତ କାଳର କଳା (art of time) ସ୍ୱରଧ୍ୱନି, ତାଳଲୟ ମିଶ୍ର ଏକ ଅଦ୍ଭୁତ ପ୍ରକ୍ରିୟାରେ ହଠାତ୍ ସଂଗୀତ ରୂପେ ଆତ୍ମପ୍ରକାଶ କରନ୍ତି । ସେହିପରି କବିତା ଶବ୍ଦଶିଳ୍ପ (art of words) ଶବ୍ଦ କୌଣସି କବିଙ୍କର ନିଜସ୍ୱ ସୃଷ୍ଟି ନୁହେଁ । ତାହା ସମସ୍ତଙ୍କର ଉତ୍ତରାଧିକାରୀ ସୂତ୍ରରେ ପ୍ରାପ୍ତ ସମ୍ପଦ । ସେହି ଶବ୍ଦ ଉପାଦାନ । ସେହି ଉପାଦାନର ପ୍ରୟୋଗ କୌଶଳରୁ କବିତା ଜନ୍ମ ଘେନେ । ତେବେ କବି କିପରି ଶବ୍ଦ ପ୍ରୟୋଗ କରନ୍ତି ? ଚିଠି ଲେଖିଲା ବେଳେ, କଥାବାର୍ତ୍ତା କଲାବେଳେ କୌଣସି କିଛି ବସ୍ତୁ କି ଚରିତ୍ର ନିର୍ଦ୍ଦେଶ କଲାବେଳେ, ପ୍ରଶ୍ନ ପଚାରିଲାବେଳେ କି କୌଣସି ବସ୍ତୁ ବା ଘଟଣାର ପ୍ରତିକ୍ରିୟା ଦେଖାଇଲାବେଳେ ସାଧାରଣ ଲୋକେ ଯେପରି ଭାଷା ପ୍ରୟୋଗ କରିଥାନ୍ତି କବି ସେପରି କେବେ ଭାଷା ପ୍ରୟୋଗ କରନ୍ତି ନାହିଁ । ତଥାପି କବିତା କୌଣସି ଏକ ବିଷୟରେ ସନ୍ଦର୍ଭ କି ଭାଷ୍ୟ ଲେଖିଲା ଭଳି ମନେ ହୋଇଥାଏ । କବି ମଧ୍ୟ ପରିଚିତ ବାକ୍ୟ ବିନ୍ୟାସର ଅଧିକାଂଶ ବ୍ୟାକରଣଗତ ବିଧିନିଷେଧ ମାନି ନେଇଥାନ୍ତି । ତେଣୁ ଅନେକେ ମନେ କରି ନେଇଥାନ୍ତି ଯେ, କବି କବିତାରେ କିଛି କହିବାକୁ ଚାହିଁଥାନ୍ତି । ମାନବ ସମାଜ ଉଦ୍ଦେଶ୍ୟରେ ତାଙ୍କର ସନ୍ଦେଶ କିଛି ଥାଏ । ଏହି ଭ୍ରାନ୍ତ ଧାରଣାଟିକୁ ନିରସନ କରିଛନ୍ତି ଅଡେନ (W.H. Auden) ତାଙ୍କ 'Poerty as a game of knowledge' ପ୍ରବନ୍ଧରେ । ସେ କବିଙ୍କୁ ପଚାରିବାକୁ ଚାହିଁଛନ୍ତି, "Why do you want to write poerty?" ଯେବେ କେହି କହନ୍ତି, "I have important things I want to say" ତେବେ ତାଙ୍କୁ ଅଡ଼େନ କବି ତାଲିକାରୁ ବିଦାୟ ଦିଅନ୍ତି । କବି ହୋଇଥିଲେ ସେ କହିଥାନ୍ତେ, "I like hanging around the words listening to what they say." ଏଥିରୁ ଜଣାପଡୁଛି କବିତା ସମ୍ପର୍କରେ ସାଧାରଣ ଲୋକଙ୍କ ବିଶ୍ୱାସ ସତ୍ୟର ବିଶେଷ ନିକଟବର୍ତ୍ତୀ ନୁହେଁ । ଏଣେ ପରୀକ୍ଷା ଖାତାରେ ଭଲ ପିଲାଏ କବିତାରେ କବି ଯାହା କହିଥାନ୍ତି ତାକୁ ନିଜ ଭାଷାରେ ପ୍ରକାଶ କରି ଦେଇପାରନ୍ତି । ଅବିକଳ କବିଙ୍କ କଥା ବଡ଼ ବିଶ୍ୱସ୍ତ ଭାବରେ ଗଦ୍ୟରେ ଲିପିବଦ୍ଧ କରାଯାଇପାରେ । କିନ୍ତୁ ଗଦ୍ୟରୂପ ଘେନିବାକୁ ଯାଇ କବିତାର ମାଧୁର୍ଯ୍ୟ ଆଉ ଅବଶେଷ ଥାଏକି ? ତେଣୁ ବୁଝିବାକୁ ହେବ କବିତା ଲେଖିଲାବେଳେ କବି କେବଳ କିଛି କହିବାକୁ ଚାହିଁ ନଥାନ୍ତି- ବରଂ କହିବା କଥାକୁ ଏକ ବିଶିଷ୍ଟ ତଥା ସ୍ୱତନ୍ତ୍ର ଭଙ୍ଗିରେ କହିବାକୁ ଚାହିଁଥାନ୍ତି- କବିତା ପ୍ରାୟ ନୂଆକଥା କିଛି କହେ ନାହିଁ- ପୁରୁଣା କଥାକୁ ନୂଆ ରୂପ ଦିଏ ମାତ୍ର ।

ଶବ୍ଦର ଭୂମିକା କବିତାରେ ବଡ଼ ଗୁରୁତ୍ୱପୂର୍ଣ୍ଣ । ଚିତ୍ରକଳ୍ପ ଉପସ୍ଥାପନା ଓ ଭାବାନୁଭୂତି ଉଦ୍‌ବୋଧନ ଆଦି ନାନା କାର୍ଯ୍ୟ ଶବ୍ଦର । ତାର ଧ୍ୱନିରୁ ଜନ୍ମ ଘେନେ ଛନ୍ଦ ଓ ଯତିପାତ, ଉଭୟ ଅର୍ଥ ଓ ଧ୍ୱନିରୁ ଚିତ୍ରକଳ୍ପ । ଏସବୁର ସାମଗ୍ରିକ ଆବେଦନ ଅନ୍ୟାନ୍ୟ ଭାଷା

ରଚନାଠାରୁ କବିତାକୁ ସ୍ୱତନ୍ତ୍ର କରି ରଖେ । କହିବା କଥାକୁ କବିତା ନୂତନ ଭଙ୍ଗି ବୈଚିତ୍ର୍ୟରେ ପରିଭୂଷିତ କରେ । ଶବ୍ଦରେ ସମସ୍ତେ ଭାବପ୍ରକାଶ କରନ୍ତି । କୌଣସି ଭାବ ଅଭିବ୍ୟକ୍ତ ହେଲେ ତାହା ଏକ ପକ୍ଷରେ ଯେପରି ଲୋକ ସମର୍ଥନ ଲଭିପାରେ ଠିକ୍ ସେପରି ଅନ୍ୟ ପକ୍ଷରେ ଲୋକଙ୍କର ବିରକ୍ତି କି ଜୁଗୁପ୍ସା ଉପୁଜାଇ ପାରେ । ଗୋଟିଏ ଉକ୍ତି ମଧ୍ୟ ଦୁଇ ବିଭିନ୍ନ ବ୍ୟକ୍ତିଙ୍କ ଠାରେ ଦୁଇ ବିଭିନ୍ନ ପ୍ରତିକ୍ରିୟା ସୃଷ୍ଟି କରିପାରେ । ଉପସ୍ଥାପିତ ଗୋଟିଏ ଦେଶର ଆଦର୍ଶ ଅନ୍ୟ ଦେଶରେ ଅଶ୍ଳୀଳ କି ଅଶାଳୀନ ବିବେଚିତ ହୋଇପାରେ । ଅଧିକନ୍ତୁ କିପରି ଭାବ ବ୍ୟକ୍ତି ହୋଇଛି ତାହା ଉପରେ ତାର ଆବେଦନ ଶକ୍ତି ନିର୍ଭର କରେ । ତେଣୁ ବୁଝିବାକୁ ହେବ ଯେ, ଶବ୍ଦର ଶକ୍ତି ଓ ପ୍ରୟୋଗ କୌଶଳ ସନ୍ଦର୍ଭର ବିଷୟବସ୍ତୁକୁ ଯେକୌଣସି ଅଭିପ୍ରେତ ଅର୍ଥ ଓ ଆବେଦନ ଦାନ କରିପାରେ । ପ୍ରଚାର ଓ ବିଜ୍ଞାପନର ମାଧ୍ୟମ ମଧ୍ୟ ଏହି ଭାଷା- ଶବ୍ଦ ଶକ୍ତିର ସୁଯୋଗ ନେଇଥାନ୍ତି ରାଜନୈତିକ ନେତାବୃନ୍ଦ ଓ ବ୍ୟବସାୟୀଗଣ । ସେମାନେ ବିଷୟ ବସ୍ତୁକୁ ଏପରି ଉପସ୍ଥାପନ କରିଥାନ୍ତି ଯେ ଲୋକଚିତ୍ତରେ ତାଙ୍କ ଭାଷା କେବେ କ୍ରୋଧ, କେବେ ଜୁଗୁପ୍ସା କେବେ ଉତ୍ସାହ କେବେ ଔଦାସୀନ୍ୟ ବି ସୃଷ୍ଟି କରିପାରେ । ଶବ୍ଦର ପ୍ରୟୋଗ କୌଶଳ ଅନୁସାରେ ଭାବାନୁଭୂତ ଉଦ୍ରେକ କ୍ଷେତ୍ରରେ ତାରତମ୍ୟ ରହେ । କବିତା ମଧ୍ୟ ପାଠକର ଭାବାନୁଭୂତ ଉଦ୍ରେକ କରିବାକୁ ଅଭିପ୍ରେତ । ଏଥିପାଇଁ ଅନେକେ କବିତାକୁ ପାଠକର ହୃଦୟାବେଗର ଅଭିବ୍ୟକ୍ତି ପାଇଁ ଏକ ନିବେଦନ ବୋଲି ମନେ କରିଥାନ୍ତି- କବିଙ୍କ ଭାବାନୁଭୂତ ପାଠକ ହୃଦୟରେ ସହାନୁଭୂତି ଜାଗ୍ରତ କରେ- ତେଣୁ ଏହି ମତରେ କାବ୍ୟ ଏକ ସମ୍ବୋଧନ- An act of communication ତେବେ କବିତା ଘଟଣା ବା factର ସମ୍ଭାଷଣ ନୁହେଁ, ସେହି ଘଟଣାରୋପିତ ମୂଲ୍ୟବୋଧର ସମ୍ଭାଷଣ ମାତ୍ର । ଜନ୍ମ, ମୃତ୍ୟୁ, ସ୍ନେହ, ଘୃଣା ଓ ଛଳନାର ଘଟଣା ହୁଏତ କବିଙ୍କର କହିବାର କଥା- କିନ୍ତୁ କହିବାର ଭଙ୍ଗିରେ ସେ ଏଗୁଡ଼ିକୁ ନୂତନ ମୂଲ୍ୟବୋଧ ଅର୍ପଣ କରିଥାନ୍ତି । ଏହି ଦୃଷ୍ଟିରୁ ପରିଚିତ ଜଗତ ଓ ଜୀବନ ସମ୍ପର୍କତ କବିଙ୍କ ଅନୁଭୂତି ସହିତ ସହାନୁଭୂତି ସମ୍ପନ୍ନ ହେବାକୁ କବି ପାଠକକୁ ପ୍ରବର୍ତ୍ତାଇ ପାରିଥାନ୍ତି । କିନ୍ତୁ ଏଥିରୁ ଆମ ପ୍ରଶ୍ନର ଉତ୍ତର ମିଳୁନାହିଁ । କବି ସୃଷ୍ଟି କରନ୍ତି କ'ଣ ? କେତେକ କହିବେ ଶବ୍ଦରେ ବିଷୟବସ୍ତୁକୁ କବି ଯେଉଁ ରୂପ ଦିଅନ୍ତି ତାହାହିଁ ତାଙ୍କର ସୃଷ୍ଟି । କବି, ଚିତ୍ରକର, ନୃତ୍ୟଶିଳ୍ପୀ- ସମସ୍ତେ ସବୁବେଳେ ଗୋଟିଏ ଗୋଟିଏ ରୂପ ସୃଷ୍ଟି କରିଥାନ୍ତି । କବିତାର ରୂପସୃଷ୍ଟି ଶବ୍ଦ ପ୍ରୟୋଗ କୌଶଳ ଉପରେ ନିର୍ଭର କରେ- ଏହାପରେ ଉପରୋକ୍ତ ଉତ୍ତରଦାତାମାନଙ୍କୁ ଆଉ ସମର୍ଥନ କରି ହେବ ନାହିଁ । ବାଗ୍ମୀ କିମ୍ବା ବିଜ୍ଞାପନଦାତାଙ୍କ ପରି ବାସ୍ତବ ଜଗତ ଓ ଜୀବନର ଯେଉଁସବୁ ବିଷୟରେ କବି ଆମକୁ କହିବାକୁ ଚାହାନ୍ତି ସେ ସବୁ ବିଷୟରେ ସେ ରୂପସୃଷ୍ଟି କରନ୍ତି ବୋଲି ମାନିନେବାକୁ ହେବ ନାହିଁ । ସାଧାରଣଜ୍ଞାନ ଆମକୁ ଏ କ୍ଷେତ୍ରରେ କିଛି ସାହାଯ୍ୟ କରିପାରିବ ନାହିଁ ।

କବି କିଛି ଘୋଷଣା କରିବାକୁ ଚାହୁଁଥିଲେ ଆମ ପରି ସେ ସିଦ୍ଧାନ୍ତ ଉପସ୍ଥାପନ କରନ୍ତି ନାହିଁ। କିଛି ପ୍ରଶ୍ନ ପଚାରିବାକୁ ଚାହୁଁଥିଲେ ଆମପରି ପ୍ରଶ୍ନସୂଚକ ବାକ୍ୟଟିଏ ପ୍ରୟୋଗ କରନ୍ତି ନାହିଁ। କବିତାର ଶବ୍ଦ ପ୍ରୟୋଗ କେବେ ଠିକ୍ communicative ନୁହେଁ କି ନିବେଦନାତ୍ମକ ନୁହେଁ। ସୁଜାନ କେ. ଲାଙ୍ଗର (S.K. Langer) ଆମକୁ ସତର୍କ କରାଇ ଦେଇଛନ୍ତି, "The poetic use of words is not essentially communicative. Language is the material of poerty, but what is done with the material is not what we do with language in actual life; for poetry is not a kind of discourse at all." (Problem of Art) ଶବ୍ଦରେ କବି କିଛି ଆବିର୍ଭୂତ କରାନ୍ତି- ଅର୍ଥାତ୍ କବିତାରେ ଘଟନା, ଚରିତ୍ର ଓ ଭାବାନୁଭୂତିର ଆବିର୍ଭାବ ଘଟେ। ଏହିସବୁ ଆବିର୍ଭାବ କବିତାର ଉପାଦାନ। ଏହି ଉପାଦାନ କବିତାର ରୂପ ବିଧାନ କରନ୍ତି। ଏଠି ଚିତ୍ରକଳ୍ପ ସବୁବେଳେ ପ୍ରତ୍ୟକ୍ଷ ଦୃଶ୍ୟମାନ ହେବ ବୋଲି କୌଣସି କାରଣ ନାହିଁ। Image ଶବ୍ଦଟି ଅନିବାର୍ଯ୍ୟ ଭାବରେ ଦୃଶ୍ୟଚିନ୍ତାକୁ ଉଦ୍‌ବୋଧନ କରୁଥିବାରୁ ଓ ସବୁବେଳେ ଚିତ୍ରକଳ୍ପ ଏକକ (Image - unit) ଠାରୁ ସ୍ୱତନ୍ତ୍ର ରହିପାରୁ ନ ଥିବାରୁ ମୀସ୍‌ଲାଙ୍ଗର କାବ୍ୟ ରୂପର ନାମ ରଖିଛନ୍ତି Semblance ଆଭାସ।

କାବ୍ୟର Semblance ମଧ୍ୟ ପ୍ରକୃତ ଚିତ୍ର, ଚରିତ୍ର, ଘଟନା ଓ ଅନୁଭୂତିର ଠିକ୍ ଅନୁରୂପ ହେବାକୁ ବାଧ୍ୟ ନୁହେଁ। ଏହା ଏକ ରୂପ, ନିଛକ ଏକ କାଳ୍ପନିକ ରୂପ- ନାମମାତ୍ର ବସ୍ତୁ (virtual object)। ଏହି ନାମମାତ୍ର ବସ୍ତୁ ହିଁ କାବ୍ୟକଳା। ଏହା ସମ୍ପୂର୍ଣ୍ଣ ନୂତନ ଏକ ସୃଷ୍ଟି। ତାହାର ମୂଳ ଉପାଦାନ ଭାଷା। ସାଧାରଣ କଥୋପକଥନର ଭାଷାର ସବୁ ଲକ୍ଷ୍ୟ, ଲକ୍ଷଣ ଓ ଆଦର୍ଶ ତହିଁରେ ବର୍ତ୍ତମାନ- ଅଥଚ ତାହା ଦ୍ୱାରା ଯାହା ସୃଷ୍ଟି ହୁଏ ତାହା ଆଦୌ ସମ୍ବାଦ ପରିବେଷଣ ନୁହେଁ କି ଭାଷାଭାଷ୍ୟ ନୁହେଁ। ଯାହା ସୃଷ୍ଟି ହୁଏ ତାହା ମାନବାନୁଭୂତିର ନୂଆ ମୂର୍ତ୍ତିରୂପ।

ସଂଗୀତ ରଚନା, ମୂର୍ତ୍ତିଗଠନ ଓ ଚିତ୍ରାଙ୍କନ ପରି କାବ୍ୟରୂପ ନିର୍ମାଣର ଏକ ନିର୍ଦ୍ଦିଷ୍ଟ ଗଠନ ସୁଷମା (structure) ଅଛି। ଆମେ ଦେଖିଲେ କାବ୍ୟ ରିପୋର୍ଟ ମାତ୍ର ନୁହେଁ କି ମନ୍ତବ୍ୟ ପ୍ରକାଶ ନୁହେଁ। ସବୁବେଳେ ଏକ ସ୍ପଷ୍ଟ ରୂପ। ଉତ୍କୃଷ୍ଟ କବିତାର ଏହି ଅଭିଧାୟକ ରୂପ (expressive form) ଅନେକାଂଶରେ ଲଳିତକଳାର ଅଭିଧାୟକ ରୂପ ପରି। କାବ୍ୟ ତେଣୁ କେବେ ଭାବ ପ୍ରକାଶ କରେ ନାହିଁ- ଚିରକାଳ ଭାବ ଉଦ୍ରେକ କରେ। ଉପାଦାନ ସବୁର ସୁସଙ୍ଗତ ବିନ୍ୟାସଲୀଳାରେ ଏହା ଏକ ଜୀବନ୍ତ ରୂପରେ ଆବିର୍ଭୂତ ହୁଏ- ସେ ରୂପ ଜ୍ୱଳନ୍ତ ଓ ଇନ୍ଦ୍ରିୟଗ୍ରାହ୍ୟ।

❐

କାନ୍ତକବି ଲକ୍ଷ୍ମୀକାନ୍ତ ଓ ‘ଫତୁରାନନ୍ଦ : ସାରସ୍ୱତ ସଂପର୍କ



ପ୍ରଫେସର ବିଜୟାନନ୍ଦ ସିଂହ

ମୋ. ୮୨୪୯୦ ୫୮୩୧୮

“ କବି ଓ କବି-ପତ୍ନୀଙ୍କୁ ଭକ୍ତିର ସହ ନମସ୍କାର କଲି । ଦୁହେଁ ହସି ହସି ମୋତେ ଆଶୀର୍ବାଦ କଲେ । ଅନ୍ୟ କିଛି କଥାବାର୍ତ୍ତା ଆରମ୍ଭ ନ କରି ମୁଁ ପ୍ରଥମେ କହିଲି – ମଉସା ! ଏଇଠି କଣାମାମୁ ଲେଖା ସାରିବାକୁ ହେବ । ସେ ମୋତେ କହିଲେ- ତୁମର ପ୍ରଥମ କଥା ସେଇଆ ହେବ ବୋଲି ମୁଁ ଆଗରୁ ଜାଣିଥିଲି । ତା ସଙ୍ଗେ ସଙ୍ଗେ ସେ ପୁଣି କହିଲେ- ଆଚ୍ଛା ଜିଉ ! (ମୋତେ ଜିଉ ଡାକିବାର କାରଣ ମୁଁ ଆଜିଯାଏ ଜାଣିନାହିଁ । ତାହା ଏକ ବାତ୍ସଲ୍ୟ ଡାକ ବୋଲି ଧରିନେଇଥିଲି) ସତ କହିଲ ତୁମକୁ ସେ କଣାମାମୁର ଅଂଶତକ ପ୍ରକୃତରେ ଭଲ ଲାଗଛି ନା ମୋତେ ତେଲେଇବାକୁ ବହୁ ଚିଠି ଲେଖିଛ ଏବଂ ଏବେ ମୁଁ ଆସୁ ଆସୁ ମୋତେ କହୁଛ ? ”

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓଡିଆ ସାହିତ୍ୟକୁ ଯେପରି ସମୃଦ୍ଧ କରିଛନ୍ତି ତା’ର ପଟାନ୍ତର ନାହିଁ । ବିଶେଷ ଭାବରେ ଓଡିଆ ହାସ୍ୟ ସାହିତ୍ୟକୁ ଦିଗ ନିର୍ଦ୍ଦେଶ କରିବାରେ କାନ୍ତକବି ଅଗ୍ରଗଣ୍ୟ ଭୂମିକା ଗ୍ରହଣ କରିଥିଲେ । ବାସ୍ତବରେ ତାଙ୍କ ସାହିତ୍ୟର ମୁଗ୍ଧ ଉପାସକ ଥିଲେ ବିଶିଷ୍ଟ ହାସ୍ୟରସ ସ୍ରଷ୍ଟା ଫତୁରାନନ୍ଦ । ଫତୁରାନନ୍ଦ ଓଡିଆ ହାସ୍ୟ ସାହିତ୍ୟର ଅଭିବୃଦ୍ଧି ପାଇଁ ନିଜର ସମଗ୍ର ଜୀବନକୁ ନିୟୋଜିତ କରିଥିଲେ । କାନ୍ତକବିଙ୍କ ସହ ତାଙ୍କର ସଂପର୍କ ଥିଲା ଗୁରୁଶିଷ୍ୟର ସଂପର୍କ । ଫତୁରାନନ୍ଦଙ୍କୁ ସାହିତ୍ୟ ଜଗତରେ ପ୍ରତିଷ୍ଠିତ କରେଇବାରେ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଅବଦାନ ଅବିସ୍ମରଣୀୟ । କାନ୍ତକବିଙ୍କ ପ୍ରତିଷ୍ଠିତ ‘ଡଗର’ରେ ଫତୁରାନନ୍ଦଙ୍କର ଲେଖକ ଜୀବନର ମୂଳଦୁଆ

ପଡିଥିଲା । ଫତୁରାନନ୍ଦଙ୍କ ପ୍ରଥମଲେଖା 'କବି ଲଢେଇ', 'ଡଗର'ରେ ପ୍ରକାଶିତ ହୋଇଥିଲା । ଫତୁରାନନ୍ଦଙ୍କ ପ୍ରକୃତ ନାମ ଥିଲା ରାମଚନ୍ଦ୍ର ମିଶ୍ର । ତାଙ୍କ ସାହିତ୍ୟିକ ଜୀବନ ଆରମ୍ଭ କଲାବେଳେ ସେ ରାମଚନ୍ଦ୍ରରୁ ହେଲେ ଫତୁରାନନ୍ଦ । ଫତୁରାନନ୍ଦଙ୍କ ଭାଷାରେ - "ଗୋଟିଏ ଗୋଟିଏ ଲେଖା 'ଡଗର'କୁ ପଠାଇଦେବି । ସେଠାରେ ଗୋଟିଏ ଗୋଟିଏ କମ୍ପ୍ଲିମେଣ୍ଟାରୀ କପି ଆସିଯିବ । ଆଉ ଚିନ୍ତା କ'ଣ ? ତରତର ହୋଇ 'ଡଗର' ପାଇଁ ଲେଖା ପଠାଇବାଲାଗି ଉଠିବସିଲି । 'କବି ଲଢେଇ' ନାମରେ ଗୋଟିଏ ପଦ୍ୟ ମୁଁ ଆଗରୁ ଲେଖିଥିଲି । 'ସହକାର' ପତ୍ରିକାକୁ ଯାଇ ଅମନୋନୀତ ହୋଇ ତାହା ଫେରି ଆସିଥିଲା । ତହିଁରେ ଆଉ କିଛି ଯୋଗ କରି 'ଡଗର'କୁ ପଠାଇଦେଲି । ସେତେବେଳେ ଲେଖକର ନାଆଁ ଦେବାରେ ମୋର ଗୋଟିଏ ସମସ୍ୟା ଉପୁଜିଲା । ଭାବିଲି ଲେଖାଟି ବାହାରିବା ପରେ ଯଦି ପାଠକମାନଙ୍କର ପସନ୍ଦ ହୁଏ, ତେବେ ତ ଭଲ କଥା । ଯଦି ନହୁଏ ତେବେ ମତେ ସମସ୍ତେ ଗାଳିଗୁଲଜ କରିବେ । ସେତେବେଳେ ଆଉ ପଦାରେ ମୁହଁଦେଖାଇ ପାରିବିନି । ସମସ୍ତେ ଟିଟିକାରି ମାରିବେ । ମେଡିକାଲରେ ପଢିଲାବେଳେ ଯେଉଁ ଫତୁରାନନ୍ଦ ନାଆଁଟି ଜଣେ ବନ୍ଧୁ ମୋତେ ଦେଇଥିଲେ ଲେଖକ ସ୍ଥାନରେ ସେହି ଗୋଟିକ ବ୍ୟବହାର କଲି । ଯଦି ପାଠକମାନେ ଗାଳିଗୁଲଜ କରିବେ ତେବେ ମୁଁ ବି ଫତୁରାନନ୍ଦକୁ ଦୁଇପଦ ଗାଳିଦେଇ କହିବି-ମେଚଡ଼ଟା କାହିଁକି କଲମ ଧରିଥିଲା କେଜାଣି ? ଯଦି ସମସ୍ତେ ବାହାବା କରିବେ ତେବେ ସମସ୍ତଙ୍କ ଆଗରେ ଛାତିଫୁଲାଇ କହିବି- ମୁଁ ପରା ସେହି ଫତୁରାନନ୍ଦ ! କିଛିଦିନ ପରେ 'ଡଗର'ର ପରିଚାଳନା ସମ୍ପାଦକ ଶ୍ରୀଯୁକ୍ତ ରାଇମୋହନ ଦାସଙ୍କଠାରୁ ଗୋଟିଏ ବଢିଆ ପ୍ରଶଂସା ପତ୍ର ସେହି 'କବି ଲଢେଇ' ଲାଗି ପାଇଲି । 'ଡଗର' ରେ ତାହା ଧାରାବାହିକଭାବେ ପ୍ରକାଶ ପାଇଲା ଏବଂ ଖଣ୍ଡେ ଖଣ୍ଡେ 'ଡଗର' ମୋ ପାଖକୁ ଆସିଲା ।"(ମୋ ଫୁଟାଡଙ୍ଗାର କାହାଣୀ, ପୃଷ୍ଠା-୨୫୧/୨୫୨)

ଫତୁରାନନ୍ଦଙ୍କୁ ପ୍ରସିଦ୍ଧି ଆଣିଦେଇଥିଲା 'ନାକଟା ଚିତ୍ରକର' । ତାଙ୍କର ରଚିତ ପ୍ରଥମ ଉପନ୍ୟାସଟି କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଉତ୍ସାହରେ ପ୍ରକାଶିତ ହୋଇଥିଲା । କାନ୍ତକବିଙ୍କ ନିର୍ଦ୍ଦେଶରେ ଡଗର ପ୍ରେସ୍‌ରେ 'ନାକଟା ଚିତ୍ରକର' ମୁଦ୍ରିତ ହୋଇଥିଲା । କୃତଜ୍ଞତା ସ୍ୱରୂପ ଫତୁରାନନ୍ଦ ଏହି ଉପନ୍ୟାସଟିକୁ କାନ୍ତକବିଙ୍କୁ ଉତ୍ସର୍ଗ କରିଛନ୍ତି- "ମଉସା, ହାସ୍ୟସମ୍ରାଟ୍ ଫକୀରମୋହନଙ୍କ ମହାପ୍ରୟାଣ ପରେ ଓଡିଶାର ହସସାମ୍ରାଜ୍ୟ ଏକପ୍ରକାର ଅରକ୍ଷ ହୋଇ ପଡ଼ିରହିଥିଲା । ଉତ୍କଳଭାରତୀ, ତାଙ୍କର ସୁଯୋଗ୍ୟ ଦାୟାଦରୂପେ ଏହି ସାମ୍ରାଜ୍ୟରେ ଆପଣଙ୍କୁ ଅଧିଷ୍ଠିତ କରାଇଅଛନ୍ତି । ଆପଣ ମଧ୍ୟ ଦୁଃଖୀ ଜନସାଧାରଣଙ୍କୁ ହାସ୍ୟରସାମୃତ ନିରବଚ୍ଛିନ୍ନ ଭାବରେ ପରିବେଷଣ କରିଆସୁଅଛନ୍ତି । ମୋର ଏଇ ପ୍ରଥମ ପୁସ୍ତକର ପାଣ୍ଡୁଲିପିକୁ ପାଠକରି ମୋତେ ସୀମାତୀତ ଉତ୍ସାହଦାନପୂର୍ବକ ପୁସ୍ତକଟିର ପ୍ରକାଶନ କରାଇଦେଇ ଆପଣଙ୍କ ନିକଟରେ ମୋତେ ଆଜୀବନ ଋଣୀ କରାଇ ଦେଇଛନ୍ତି । ଏଣୁ

ଆପଣଙ୍କ ହସ୍ତରେ ଏହାକୁ ଅପର୍ଣ କରି ନିଜକୁ ଭାଗ୍ୟବାନ୍ ମନେ କରୁଛି ।" (ନାକଟା ଚିତ୍ରକର, ୧୯୫୩) କାନ୍ତକବି ଓ ତାଙ୍କର ପୁତ୍ର ବିଶିଷ୍ଟ ସାହିତ୍ୟିକ ନିତ୍ୟାନନ୍ଦ ମହାପାତ୍ରଙ୍କ ସହ ଫତୁରାନନ୍ଦଙ୍କ ଘନିଷ୍ଠତା ହେତୁ 'ଡଗର' ପତ୍ରିକାଟି ଭଦ୍ରକ ଗୋପୀନାଥ ପ୍ରେସ୍‌ରୁ କଟକକୁ ଆସିଥିଲା । 'ଡଗର'ରେ ଫତୁରାନନ୍ଦଙ୍କର ନିୟମିତ ଲେଖା ଏହା ପୂର୍ବରୁ ପ୍ରକାଶ ପାଉଥାଏ । ନିତ୍ୟାନନ୍ଦ ମହାପାତ୍ରଙ୍କ ଅନୁରୋଧ କ୍ରମେ 'ଡଗର' ପ୍ରେସ୍‌ଟି ଫତୁରାନନ୍ଦଙ୍କ ପିଠାପୁର, କଟକ ଘରେ ୧୯୪୯ ରେ ପ୍ରତିଷ୍ଠା ହେଲା ଓ ଏହିଠାରେ ମଧ୍ୟ 'ଡଗର' ପତ୍ରିକାଟି ପ୍ରକାଶିତ ହେଲା । ଘଟଣାକ୍ରମରେ 'ଡଗର' ପ୍ରେସ୍‌ରେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ସପରିବାର ଅବସ୍ଥାନ କଲେ ଫତୁରାନନ୍ଦଙ୍କ ସହ କାନ୍ତକବିଙ୍କ ସଂପର୍କ ଏତେ ଘନିଷ୍ଠତା ଥିଲା ତଥା ଫତୁରାନନ୍ଦ ନିଜେ ବର୍ଣ୍ଣନା କରିଛନ୍ତି । - "ଶେଷରେ କାନ୍ତକବି ସଦଳବଳ ଆସି ଡଗର ପ୍ରେସ୍‌ରେ ପହଞ୍ଚିଲେ । କାନ୍ତକବିଙ୍କ ସାଙ୍ଗରେ ଆସିଥିଲେ ତାଙ୍କ ସ୍ତ୍ରୀ ଲବଙ୍ଗଲତା ଦେବୀ, ସାନପୁଅ ଗୌର, ଜଣେ ଗୁମାସ୍ତା ଓ ଜଣେ ଖଟଣିଆ ଚାକର । ସେ 'ଡଗର' ପ୍ରେସ୍‌ରେ ପହଞ୍ଚିଲାବେଳେ ମୁଁ 'ଡଗର' ପ୍ରେସ୍ ରେ ନ ଥିଲି । ଆମ ଘରକୁ ସଙ୍ଗେ ସଙ୍ଗେ ଖବର ଆସିଲା । ମୁଁ ସବୁ କାମ ଛାଡିଦେଇ ତାଙ୍କ ପାଖରେ ଯାଇ ପହଞ୍ଚିଲି । କବି ଓ କବି-ପତ୍ନୀଙ୍କୁ ଭକ୍ତିର ସହ ନମସ୍କାର କଲି । ଦୁହେଁ ହସି ହସି ମୋତେ ଆଶୀର୍ବାଦ କଲେ । ଅନ୍ୟ କିଛି କଥାବାର୍ତ୍ତା ଆରମ୍ଭ ନ କରି ମୁଁ ପ୍ରଥମେ କହିଲି – ମଉସା ! ଏଇଠି କଣାମାମୁ ଲେଖା ସାରିବାକୁ ହେବ । ସେ ମୋତେ କହିଲେ- ତୁମର ପ୍ରଥମ କଥା ସେଇଆ ହେବ ବୋଲି ମୁଁ ଆଗରୁ ଜାଣିଥିଲି । ତା ସଙ୍ଗେ ସଙ୍ଗେ ସେ ପୁଣି କହିଲେ- ଆଚ୍ଛା ଜିଉ ! (ମୋତେ ଜିଉ ଡାକିବାର କାରଣ ମୁଁ ଆଜିଯାଏ ଜାଣିନାହିଁ । ତାହା ଏକ ବାତ୍ସଲ୍ୟ ଡାକ ବୋଲି ଧରିନେଇଥିଲି) ସତ କହିଲ ତୁମକୁ ସେ କଣାମାମୁର ଅଂଶତକ ପ୍ରକୃତରେ ଭଲ ଲାଗଛି ନା ମୋତେ ତେଲେଇବାକୁ ବହୁ ଚିଠି ଲେଖିଛ ଏବଂ ଏବେ ମୁଁ ଆସୁ ଆସୁ ମୋତେ କହୁଛ ?

ମୁଁ ଗଦ୍‌ଗଦ ହୋଇ କହିଉଠିଲି – "କ'ଣ କହୁଛନ୍ତି ମଉସା ? ମୋତେ ଯେ ତାହା କେତେ ଆନନ୍ଦ ଦେଇଛି ତାହା ମୁଁ କଥାରେ କହି ପାରିବିନି । ଆପଣ ଯେ କେଡ଼େ ଅମୂଲ୍ୟ ରତ୍ନଟିଏ ସୃଷ୍ଟି କରିଛନ୍ତି ତାହା ଆପଣ ବୋଧହୁଏ ନିଜେ ଜାଣିପାରୁନାହାନ୍ତି । ଉଚ୍ଚକୋଟୀର ଲେଖକମାନେ ନମ୍ରତାବଶତଃ ନିଜ ଲେଖାର ତାରିଫ୍ କରନ୍ତି ନାହିଁ ।" (ମୋ ଫୁଟାଡଙ୍ଗାର କାହାଣୀ, ପୃଷ୍ଠା-୨୫୯/୨୬୦) ।

ଫତୁରାନନ୍ଦଙ୍କ ଆତ୍ମଜୀବନୀ କାନ୍ତକବିଙ୍କ ସ୍ମୃତିରେ ମୁଖରିତ । କାନ୍ତକବିଙ୍କ ପ୍ରସିଦ୍ଧ ଉପନ୍ୟାସ କଣାମାମୁ ର ପରିସମାପ୍ତିରେ ଫତୁରାନନ୍ଦଙ୍କ ସହଯୋଗ ସ୍ମରଣୀୟ । 'ଡଗର' ପ୍ରେସ୍ ହୋଇଯାଇଥିଲା ସାହିତ୍ୟର ମନ୍ଦିର । ସେତେବେଳେ ବହୁ ସାହିତ୍ୟିକ 'ଡଗର' ପ୍ରେସ୍ ଆସି କାନ୍ତକବିଙ୍କୁ ଦେଖା କରୁଥିଲେ । କାନ୍ତିକବିଙ୍କୁ ସମୟ ମିଳୁନଥିଲା ଲେଖାଲେଖି କରିବା ପାଇଁ - ଫତୁରାନନ୍ଦ ଏହି ସଂପର୍କରେ ଲେଖିଛନ୍ତି - "ତାଙ୍କର ଆସିବା କଥା

କଟକ ସହରରେ ଚାରିଆଡେ ରାଷ୍ଟ୍ର ହୋଇଗଲା । କାଳିଚରଣ ପଟ୍ଟନାୟକ ପ୍ରତିଦିନ ଆସି କାନ୍ତକବିଙ୍କ ପାଦଧୂଳି ନେଇ ମୁଣ୍ଡରେ ମାରିବା ଏକ ନିତ୍ୟନୈମିତ୍ତିକ କ୍ରିୟା ହୋଇଗଲା । ନୀଲକଣ୍ଠ ଦାସ, ଗୋପୀନାଥ ମହାନ୍ତି, କାଳିନ୍ଦୀ ପାଣିଗ୍ରାହୀ, ବୈକୁଣ୍ଠ ପଟ୍ଟନାୟକ, ବିଚିତ୍ରନନ୍ଦ ମହାନ୍ତି ପ୍ରଭୃତି ଶୀର୍ଷସ୍ଥାନୀୟ ବ୍ୟକ୍ତିମାନେ କାନ୍ତକବିଙ୍କ ପାଖକୁ ଆସୁଥିଲେ । କାନ୍ତକବିଙ୍କୁ ଲେଖିବାଲାଗି ମୁହୂର୍ତ୍ତେ ହେଲେ ଫୁରସତ୍ ମିଳୁନଥିଲା । ସେ ସମୟରେ କେନ୍ଦୁଝରର ଅବସରପ୍ରାପ୍ତ ଏସ୍.ପି ବୈକୁଣ୍ଠବାବୁ ଆସି ଡଗର ପ୍ରେସ୍‌ରେ ଅବସ୍ଥାନ କରୁଥିଲେ । ଦୁଇ ପ୍ରହର ସମୟଟି କାନ୍ତକବିଙ୍କ ସଙ୍ଗେ ସମସ୍ତଙ୍କ ସାକ୍ଷାତ୍‌କାର ବନ୍ଦ କରାଇଦେଲୁ । କାନ୍ତକବି ଶୋଇଛନ୍ତି ବୋଲି କହି ସମସ୍ତଙ୍କୁ ଫେରାଇ ଦେଉଥିଲୁ । ସେହି ଦୁଇପ୍ରହର ସମୟରେ ନିରୋଳାରେ ଥାଇ କାନ୍ତକବି କଣାମାମୁ ଲେଖିବା ଆରମ୍ଭ କରିଦେଲେ । ମୁଁ ନିଜେ ମଧ୍ୟ ଦ୍ୱିପ୍ରହରବେଳା କାନ୍ତକବିଙ୍କ ପାଖରେ ନ ରହି ଘରେ ଚୁପ୍‌ଚାପ ରହିଲି । ଅପରାହ୍ଣରେ ତାଙ୍କ ପାଖରେ ଆସି ସେ ଲେଖିଥିବା ଅଂଶତକ ପଢନ୍ତି । ମୁଁ ତନ୍ମୟ ହୋଇ ସେତକ ଶୁଣେ । ଏହିପରି ଭାବରେ ଲେଖି କାନ୍ତକବି ଦୁଇମାସ ଭିତରେ କଣାମାମୁ ସାରିଦେଲେ । କାନ୍ତକବି ବାଧ୍ୟ ହୋଇ କଣାମାମୁ ଲେଖାଟିକୁ ଶେଷ କରିଥିଲେ । ସେ ଦିନେ ଖେଦ ପ୍ରକାଶ କରି କହିଲେ – ମାଲିମକଦ୍ଦମା ଆଦିର ବିରକ୍ତିଜନକ ପରିସ୍ଥିତିରୁ ରକ୍ଷା ପାଇବାପାଇଁ ମୁଁ କିଛିଦିନ ପାଇଁ ଏଠାକୁ ପଳାଇ ଆସିଲି; କିନ୍ତୁ ମାଲିମକଦ୍ଦମାଗୁଡିକ ଭଦ୍ରକରୁ ମୋତେ ଗୋଡ଼ାଇ ଗୋଡ଼ାଇ ଆସି ଏଠାରେ ପହଞ୍ଚିଲେ । ଗୁମାସ୍ତାମାନେ ମକଦ୍ଦମାର ନଥିପତ୍ର ଧରି ଭଦ୍ରକରୁ ଏଠାକୁ ବାରମ୍ବାର ଆସିଲେ । ସେସବୁ ବିରକ୍ତିକର ଜିନିଷର ଆଲୋଚନା ଦ୍ୱାରା ବ୍ୟଥିତ ହୋଇ କାନ୍ତକବି ‘କଣାମାମୁ’ କୁ ତରତର ହୋଇ ଶେଷ କରିଦେଲେ । (ମୋ ଫୁଟାଡଙ୍ଗାର କାହାଣୀ, ପୃଷ୍ଠା-୨୬୦/୨୬୧)

କାନ୍ତକବି ଲକ୍ଷ୍ମୀକାନ୍ତ ସହ ଫତୁରାନନ୍ଦଙ୍କ ସଂପର୍କ ପାରିବାରିକ ହୋଇଯାଇଥିଲା । କାନ୍ତକବି ଫତୁରାନନ୍ଦଙ୍କୁ ‘ଜିଉ’ ବୋଲି ସମ୍ବୋଧନ କରୁଥିଲେ ଏବଂ ଫତୁରାନନ୍ଦ ତାଙ୍କୁ ମଉସା ବୋଲି ଡାକୁଥିଲେ । ଏକ ଘଟଣାରୁ ଫତୁରାନନ୍ଦଙ୍କର ଆତ୍ମୀୟତା ଜଣାପଡେ । ଫତୁରାନନ୍ଦ ଏହି ସଂପର୍କରେ ଲେଖିଛନ୍ତି । – “ କାନ୍ତକବିଙ୍କର କନିଷ୍ଠପୁତ୍ର ଗୌରଚନ୍ଦ୍ର ଭଦ୍ରକରେ ଥିଲେ । ତାଙ୍କ ଶ୍ୱଶୁରଘରେ ଜଣେ କିଏ ମରିଯିବାରୁ ସେମାନେ ଗୌରଚନ୍ଦ୍ରଙ୍କର ପତ୍ନୀଙ୍କୁ ନେବାକୁ ଆସିଥିଲେ । ଗୌରଚନ୍ଦ୍ର ନିଜ ସ୍ତ୍ରୀକୁ ବାପଘରକୁ ପଠାଇବାର ଦାୟିତ୍ୱ ନିଜେ ବହନ କଲେ ନାହିଁ । ସେ ଶ୍ୱଶୁରଘର ଲୋକଙ୍କୁ କଟକରେ ଥିବା ତାଙ୍କର ବାପା ଓ ବୋଉଙ୍କ ପାଖକୁ ପଠାଇଦେଲେ । ସେମାନେ ଆସି ଡଗର ପ୍ରେସ୍‌ରେ ତାଙ୍କ ପାଖରେ ପହଞ୍ଚିଲେ । ସେତିକିବେଳେ କାନ୍ତକବିଙ୍କ ସ୍ତ୍ରୀ ଲବଙ୍ଗଲତା ଦେବୀ ଡଗର ପ୍ରେସ୍‌ରେ ଅନୁପସ୍ଥିତ ଥିଲେ । କଟକସ୍ଥ ଜଣେ କାନ୍ତକବିଙ୍କ ବନ୍ଧୁ ଲବଙ୍ଗଲତା ଦେବୀଙ୍କୁ ତାଙ୍କ ଘରକୁ ନିମନ୍ତ୍ରଣ କରି ନେଇଯାଇଥିଲେ । କାନ୍ତକବି ସମୁଦୀଘରୁ ଆସିଥିବା ଲୋକଙ୍କୁ ସାଫ୍‌ସାଫ୍ କହିଦେଲେ ଯେ ସେ ତାହା କରିପାରିବେ ନାହିଁ । ସେ କାମ ଲବଙ୍ଗଲତା ଦେବୀ କରିବେ । କିନ୍ତୁ ସେ ସଙ୍ଗେ ସଙ୍ଗେ ନେବାଲାଗି ବିକଳ ହୋଇ ପ୍ରାର୍ଥନା କଲେ ।


ଲବଙ୍ଗଲତା ଦେବୀ ବନ୍ଧୁ ଘରୁ ଫେରୁ ଫେରୁ ରାତି ହୋଇଯିବାର ଜଣାଥିଲା । ତେଣୁ ଝିଅକୁ ନେବାକୁ ଆସିଥିବା ଆଗନ୍ତୁକ କନ୍ଦାକଟା କରିବାରୁ କାନ୍ତକବିଙ୍କ ହୃଦୟ ବିଗଳିତ ହୋଇଗଲା । ସେ ମୋତେ କହିଲେ ଯେ ତାଙ୍କ ଝିଅ ପ୍ରଥମଥର ପାଇଁ ବାପଘରକୁ ଯିବ । ଅଶୌଚ କାର୍ଯ୍ୟରେ ପ୍ରଥମେ ଝିଅ ବାପଘରକୁ ଯିବା ମନା ତମ ମାଉସୀ ଆସିଲେ ସେ ଯଦି ଜାଣିବେ ମୁଁ ଝିଅକୁ ପଠାଇ ଦେଇଛି ତେବେ ମୋ ଅବସ୍ଥା ଗାଆଣ ଗାଇବନି । ତୁମେ କ'ଣ ଭାବୁଛ ? ମୋ ପଠାଇବାଟା ଠିକ୍ ହେବନି ? ସେମାନେ ଆସି କାନ୍ଦ କାନ୍ଦ ହୋଇ ମୋତେ ମଧ୍ୟ ଅନୁରୋଧ କଲେ । ମୁଁ ଏଥିରେ ବିଗଳିତ ହୋଇପଡ଼ି କହିଲି – ମଉସା, ଏପରି ଅଯଥା କୁସଂସ୍କାରର ଦାସ ହେବା ଉଚିତ ନୁହେଁ । ଆପଣ ପଠାଇ ଦିଅନ୍ତୁ । ସେ ସାଙ୍ଗେ ସାଙ୍ଗେ ମୋତେ କହିଲେ – ତମ ମାଉସୀଙ୍କୁ ତୁମେ ସମ୍ଭାଳି ପାରିବ ତ ? ମୁଁ ତାଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଲି ଯେ ମୁଁ ତାଙ୍କୁ ବୁଝାଇଦେବି । ତହୁଁ କାନ୍ତକବି ତାଙ୍କ ଝିଅକୁ ନେବା ଲାଗି ତାଙ୍କୁ ଅନୁମତି ଦେଇଦେଲେ ଓ ଚିଠିଖଣ୍ଡେ ଲେଖି ଗୌରବାବୁଙ୍କୁ ପାଖକୁ ପଠାଇଦେଲେ । ସେମାନେ ଛାଟିପିଟି ହୋଇ ଭଦ୍ରକ ପକାଇଗଲେ । ସେମାନଙ୍କ ଯିବା ପରେ କାନ୍ତକବି ମୋତେ କହିଲେ – ଜିଉ ! ତୁମ କଥାରେ କେବଳ ମୁଁ ପଠାଇଦେଲି । ତୁମ ମାଉସୀ ଯେ କେଡ଼େ ରାଗୀ ତୁମେ ଜାଣିନ । ସେ ଏଠି ଆସିବା ମାତ୍ରେ ଏକ ଭୂମିକମ୍ପ ସୃଷ୍ଟି କରିବେ । ମୁଁ କିଛିମାତ୍ର କହିବି ନାହିଁ । ତୁମେ ସବୁକିଛି ତୁଲେଇବ । ମୁଁ ସେଥିପାଇଁ ପ୍ରସ୍ତୁତ ବୋଲି କହି ତାଙ୍କୁ ପ୍ରବୋଧ ଦେଲି । ସନ୍ଧ୍ୟାବେଳକୁ ସେ ଆସିଲେ । ମୋ ଛାତି ଟିକେ ଧୁଡ୍‌ଧୁଡ୍ ହେଲା । ମୁଁ ବାହାର ଅଫିସ୍ ଘରେ ଯାଇ ବସିଲି । ସେ ଆସିବାମାତ୍ରେ କାନ୍ତକବିଙ୍କ ସହିତ ତାଙ୍କର କଥୋପକଥନ ମୋତେ ପ୍ରଥମେ କିଛି ଶୁଭିଲା ନାହିଁ । ତା ପରେ ମାଉସୀଙ୍କର ପ୍ରଚଣ୍ଡ କ୍ରୋଧ ଓ ଗାଳିଗୁଲଜ ଶୁଣି ମୁଁ ଛାନିଆରେ ଘରକୁ ପଳାଇଗଲି । ମାଉସୀ ଏଡ଼େ ରାଗୀ ବୋଲି ମୁଁ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲି । ପ୍ରାୟ ଘଣ୍ଟାକ ପରେ ପୁଣି ଆସି କାନ୍ତିକବିଙ୍କ ପାଖରେ ପଡ଼ିଥିବା ଖଟରେ ଯାଇ ବସିଲି । ସେତେବେଳକୁ ସବୁ ଚୁପ୍‌ଚାପ ହୋଇଯାଇଥିଲା । ଲବଙ୍ଗଲତା ଦେବୀ କାନ୍ତକବିଙ୍କ ପିଠିକୁ ବସି ଆଉଁଶୁଥିଲେ । ମୁଁ ବାଲୁବାଲୁ କରି ଚାହିଁବା ଦେଖି କାନ୍ତକବି ଟିକେ ମୁରୁକିହସା ଦେଇ କହିଲେ – "ବୁଝିଲ, ତୁମର ପାଟି ଶୁଣି ଜିଉ ବୋଧହୁଏ ଭାବିଥିଲା ଯେ ତମର ଆଉ ମୋର ଭିତରେ ଛାଡ଼ପତ୍ର ଯାଏ କଥା ଉଠିଯାଇଛି । ଏବେ ଆମେ ଏକାଠି ବସିଥିବା ଦେଖି ସେ ବାଲୁବାଲୁ କରି ଚାହିଁଛି ।" ମୁଁ ହୋ – ହୋ ହୋଇ ହସିଉଠିଲି । ମାଉସୀ ମୋତେ ସମ୍ବୋଧନ କରି କହିଲେ – ତୁମେ ତ ଘରକରଣା କଥା ଜାଣିନା । ତେଣୁ ଏଡ଼େବଡ଼ କାମଟା କରିଦେଲ । ଏମିତିଆ ଭୁଲ୍ କାମ ଆଉ କେବେ କରିବନି । ମୁଁ ମେଣ୍ଢାଛୁଆଟା ପରି କହିଲି- ପ୍ରକୃତରେ ମୁଁ ଏତେ ନଟଖଟ କଥା କୁଆଡୁ ଜାଣିବି । ଯାହାହେଉ ମୁଁ ଗୋଟାଏ ଜ୍ଞାନ ପାଇଲି । ଏମିତିଆ ଭୁଲ୍ ଆଉ କେବେ କରିବିନି । ଦୁହେଁ ମୁରୁକିହସା ଦେଲେ । ମୋର କୋତରା ହସଟା ତାଙ୍କର ମୁରୁକିହସା

ସଙ୍ଗେ ସମାନ ଥିଲା ।" (ମୋ ଫୁଟାଡଙ୍ଗାର କାହାଣୀ, ପୃଷ୍ଠା-୨୬୨/୨୬୪) ଫତୁରାନନ୍ଦଙ୍କ ସାହିତ୍ୟ ଓ ବ୍ୟକ୍ତିଗତ ଜୀବନ କାନ୍ତକବି ଲକ୍ଷ୍ମୀକାନ୍ତ ଦ୍ୱାରା ପ୍ରଭାବିତ ହୋଇଛି । ଫତୁରାନନ୍ଦ ଓଡ଼ିଶାର ଏକ ମାତ୍ର ଲେଖକ ଯେ ଜୀବନସାରା କେବଳ ହାସ୍ୟରସ ଲେଖା ଲେଖିଛନ୍ତି । କାନ୍ତିକବି ଫତୁରାନନ୍ଦଙ୍କୁ ମଧ୍ୟ ପୁତ୍ରବତ ସ୍ନେହ କରୁଥିଲେ । ଫତୁରାନନ୍ଦ କାନ୍ତକବିଙ୍କ ଗ୍ରନ୍ଥବଳୀ 'କାନ୍ତସାହିତ୍ୟ ମାଳା' ର ସଂପାଦନା କରି ଉଲ୍ଲେଖ ଯୋଗ୍ୟ କର୍ତ୍ତବ୍ୟ କରିଯାଇଛନ୍ତି । କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ସାହିତ୍ୟ ଧାରାର ଅନବଦ୍ୟ ଲେଖକ ଦେଉଛନ୍ତି ଫତୁରାନନ୍ଦ । ଲକ୍ଷ୍ମୀକାନ୍ତଙ୍କ ହାସ୍ୟରସ ଓ ବ୍ୟଙ୍ଗ ରଚନାରେ ଫତୁରାନନ୍ଦ ଅନୁପ୍ରାଣିତ । କଥାସାହିତ୍ୟ ଅପେକ୍ଷା "ପ୍ୟାରୋଡ଼ି' କାବ୍ୟକବିତା ରଚନାରେ ସେ ଲକ୍ଷ୍ମୀକାନ୍ତଙ୍କ ଦ୍ୱାରା ପ୍ରଭାବିତ ହୋଇଛନ୍ତି । ଅଧ୍ୟାପକ ଡକ୍ଟର ଶ୍ୟାମସୁନ୍ଦର ମିଶ୍ରଙ୍କ ଭାଷାରେ – "ସ୍ୱାଭାବିକ ଭାବରେ ଫତୁରାନନ୍ଦଙ୍କ ଲେଖା ସମାଜଧର୍ମୀ ହୋଇଥିଲେ ମଧ୍ୟ ସେ ପରବର୍ତ୍ତୀ ସମୟରେ 'ଝାଡୁଦାର' ଛଦ୍ମନାମରେ ଯେଉଁ କେତୋଟି 'ପ୍ୟାରୋଡି' ରଚନା କରିଛନ୍ତି, ସେଥିରେ ସମସାମୟିକ ରାଜନୀତିକ ବ୍ୟକ୍ତିବିଶେଷଙ୍କୁ ବ୍ୟଙ୍ଗ କରାଯାଇଛି । ଲକ୍ଷ୍ମୀକାନ୍ତଙ୍କ ରାଜନୀତିକ ରଚନାର ପ୍ରଭାବକୁ ଏ କ୍ଷେତ୍ରରେ ସମ୍ଭାବନା କରାଯାଇପାରେ । 'ନବରାମାୟଣ', 'ଭବିଷ୍ୟ ଭାରତ', ବା 'ହନୁମାନ ବସ୍ତ୍ରହରଣ' ପରି ପୁରାଣ ଅବଲମ୍ବନରେ ସମସାମୟିକ ଅବସ୍ଥାର ବ୍ୟଙ୍ଗ ଚିତ୍ର ଦେବାରେ ଅନୁପ୍ରାଣିତ ହୋଇ ଫତୁରାନନ୍ଦ ଲେଖିଥିଲେ 'ଗୋଜ ଭାଗବତ' ଓ 'ସାହି ମହାଭାରତ' ପ୍ରଭୃତି ରଚନା ଲେଖିବାର ପ୍ରାଥମିକ ପ୍ରେରଣା ଲକ୍ଷ୍ମୀକାନ୍ତଙ୍କଠାରୁ ଲାଭ କରିଥିଲେ ମଧ୍ୟ ଏ କ୍ଷେତ୍ରରେ ଫତୁରାନନ୍ଦଙ୍କ କୃତି ତାଙ୍କଠାରୁ ଅଧିକ ମୌଳିକ ଓ ମାର୍ଜିତ, ଏହା ସ୍ୱୀକାର କରାଯାଏ । (ଓଡିଆ ସାହିତ୍ୟକୁ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଦାନ)

ଫତୁରାନନ୍ଦ କାନ୍ତକବିଙ୍କ ଆଦର୍ଶରେ କେବଳ ଅନୁପ୍ରାଣିତ ହୋଇଥିଲେ ତାହା ନୁହେଁ, ବରଂ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ ନିଜର ଆଦର୍ଶ ଭାବରେ ଗ୍ରହଣ କରିଥିଲେ । କାନ୍ତକବିଙ୍କ ଭାବଧାରାକୁ ରୂପାୟିତ କରିବାରେ ଫତୁରାନନ୍ଦଙ୍କ ଉଦ୍ୟମ ଶତପ୍ରଶଂସନୀୟ । ଫତୁରାନନ୍ଦଙ୍କ ସ୍ମୃତିରକ୍ଷାକରିବା ପାଇଁ ହାସ୍ୟବିକାଶ କେନ୍ଦ୍ର 'କାନ୍ତକବି ପୁରସ୍କାର' ପ୍ରବର୍ତ୍ତନ କରିଛନ୍ତି । ଉତ୍କର୍ଷ ଓଡିଆ ହାସ୍ୟସାହିତ୍ୟ ପାଇଁ ଜଣେ ଲେଖକଙ୍କୁ କାନ୍ତକବି ପୁରସ୍କାର ସ୍ୱରୂପ ଦଶ ହଜାର ଟଙ୍କା, ମାନପତ୍ର ଓ ଉପଢୌକନ ୧୯୯୫ ମସିହାଠାରୁ ପ୍ରଦାନ କରାଯାଉଅଛି । ଏହି ପୁରସ୍କାର ମହାପାତ୍ର ନୀଳମଣି ସାହୁ, ପଦ୍ମଭୂଷଣ ମନୋଜ ଦାସ , ଚୌଧୁରୀ ହେମକାନ୍ତ ମିଶ୍ର, ଚନ୍ଦ୍ରଭାନୁ ଶତପଥୀ ପ୍ରମୁଖ ବହୁ ବିଶିଷ୍ଟ ହାସ୍ୟ ଲେଖକଙ୍କୁ ପ୍ରଦାନ କରାଯାଇଅଛି । କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ସାହିତ୍ୟର ପ୍ରସାର ପାଇଁ ଫତୁରାନନ୍ଦଙ୍କ ନିଷ୍ଠାପର ପ୍ରଚେଷ୍ଟା ଅବିସ୍ମରଣୀୟ ।

❐

ଓଡ଼ିଆ ଜାତୀୟବାଦୀ କାବ୍ୟଧାରା : ଏକ ସଂକ୍ଷିପ୍ତ ଆଲୋଚନା



ଡ. ଶଶଧର ଦାସ
ମୋ. ୯୪୩୭୧ ୭୮୨୮୪

"ସତ୍ୟବାଦୀର ଉଗ୍ର ଜାତୀୟଚେତନାର ତୀବ୍ର ସ୍ୱର୍ଶ କାବ୍ୟସାଧକ କାନ୍ତକବିଙ୍କ ଲେଖନୀରେ ଜୀବନ୍ତ ରୂପରେଖ ଗ୍ରହଣ କଲା । ସତ୍ୟବାଦୀ ସାହିତ୍ୟର ଜାତୀୟତାବାଦ ଭାରତୀୟ ମୁକ୍ତି ସଂଗ୍ରାମର ଆକୃତି ଭିତରେ କ୍ରମଶଃ ଶିଥିଳ ହେବାକୁ ବସିଥିବାବେଳେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଅଭ୍ୟୁଦୟ ହିଁ ଜାତୀୟବାଦୀ କାବ୍ୟ ସୃଷ ିର ଧାରାରେ ଏକ ବଳିଷ୍ଠ ଅଧ୍ୟାୟ । ହାସ୍ୟ, ଲାସ୍ୟ ଓ କରୁଣାର ଏହି କାବ୍ୟସାଧକ ଜୀବନର ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ସଳିତା ଭଳି ଜଳି ଜଳି ଜାତୀୟତାର ଆଲୋକରେ ଓଡ଼ିଆ ସାହିତ୍ୟ ଓ ଓଡ଼ିଶାରେ ଜନଜୀବନକୁ ଆଲୋକିତ କରି ଏକ ପରମ ବିସ୍ମୟ ହୋଇ ରହିଯାଇଛନ୍ତି ।"

ଓଡ଼ିଆ ସାହିତ୍ୟର ଇତିହାସକୁ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ ଜାତୀୟ ଚେତନା ଓ ଜାତୀୟ ଚରିତ୍ର ହିଁ ବାରମ୍ବାର ଆମ କାବ୍ୟ ସାହିତ୍ୟରେ ପ୍ରତିଫଳିତ ହୋଇ ଆସିଛି । ପ୍ରାଚୀନ ଓଡ଼ିଆ ସାହିତ୍ୟ ଐତିହ୍ୟଗତ ଅତୀତ ଜାତିପ୍ରୀତିର ଏକ ଜ୍ୱଳନ୍ତ ନମୁନା । ଆମ ଦେଶର ନଦନଦୀ, ପର୍ବତ, ଝରଣା ଆଦି ପରିଦୃଶ୍ୟମାନ ଜଗତର ପବିତ୍ରତାକୁ ଧାରଣ କରି ପ୍ରାଚୀନ କବି ମୁଖରେ ଜାତୀୟ ଚେତନା ହିଁ ବାରମ୍ବାର ଝଙ୍କୃତ ହୋଇଛି । ପଣ୍ଡିତ ନୀଳକଣ୍ଠ ଦାଶ ତାଙ୍କ "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ"ରେ ଲେଖିଛନ୍ତି - "ସାରଳା ଦାସଙ୍କ ରାଷ୍ଟ୍ରପ୍ରୀତି ଓ ଦେଶାତ୍ମକତାକୁ ମଧ୍ୟ ଦେଖିବାର କଥା । ଓଡ଼ିଶା ରାଷ୍ଟ୍ର ହିଁ ତାଙ୍କର ଉପାସ୍ୟ, ତାଙ୍କର ସବୁ । ଏଇ ଭୂମିରେ ପୁଣି ସବୁ ଦେବତା, ଏଇ ଭୂମିରେ ପୁଣି ସବୁ ତୀର୍ଥ । ଏଇ ଭୂମିର

ଗ୍ରାମ, ବଣ, ଏପରିକି ମାଟି, ବାଲି ପର୍ଯ୍ୟନ୍ତ ତାଙ୍କ ପାଖେ ପବିତ୍ର ଓ ସ୍ମରଣୀୟ ।” ଅତଏବ ସାରଳା ଦାସଙ୍କ ‘ମହାଭାରତ’ ଜାତୀୟତା ଓ ସ୍ୱଦେଶପ୍ରୀତିର ନିଦର୍ଶନ ରୂପେ ଚିର ଭାସ୍ୱର । ସାରଳା ଦାସ ଅନୁଭବ କରିଥିଲେ ଯେ ଅତୀତ ପରମ୍ପରା ମାନବଗୋଷ୍ଠୀର ଆଦର୍ଶ ଓ ବିଶ୍ୱାସର ସେତୁବନ୍ଧ । ସେହି ଦୃଷ୍ଟିରୁ ପ୍ରାଚୀନ ଓଡ଼ିଆ କାବ୍ୟ କବିତାରେ ଜାତୀୟତାରର ଅବିଚ୍ଛିନ୍ନ ସଂକେତ ବହନ କରି ମାଟିର ମହାକବି ସାରଳାଦାସ, ପଞ୍ଚସଖାର ଅନ୍ୟତମ ପୁରୋଧା ବଳରାମ ଦାସ ମହାକାବ୍ୟ ଓ ମହାପୁରାଣମାନ ସୃଷ୍ଟି କରିଯାଇଛନ୍ତି । ମନୁଷ୍ୟ ସମାଜ ପାଇଁ ଧର୍ମଧାରଣା ଓ ଆଧାତ୍ମିକ ପରମ୍ପରା ବିଜଡିତ ଏକ ବିଶ୍ୱାସର ବିଶ୍ୱ ରଚନା କରିବା ପାଇଁ ଏହି କାଳଜୟୀ କବିଗଣ ଚେଷ୍ଟିତ ଥିଲେ । ନିଜର ଜନ୍ମଭୂମି ବା ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡ ପ୍ରତି ଆକର୍ଷଣ ସୃଷ୍ଟି କରିବାରେ ଏହି ଧାରଣା ହିଁ ମୁଖ୍ୟତଃ ଦାୟୀ । ପରବର୍ତ୍ତୀ କାଳରେ ୧୮ଶ ଶତାବ୍ଦୀରେ କବି ବ୍ରଜନାଥ ବଡଜେନା ସ୍ୱଦେଶ ପ୍ରୀତି ଓ ଜାତୀୟଚେତନାର ରୂପକାର ଭାବରେ ଆମ ସାହିତ୍ୟରେ ଆତ୍ମପ୍ରକାଶ କଲେ । ତାଙ୍କ ‘ସମର ତରଙ୍ଗ’ କାବ୍ୟ ଓଡ଼ିଆ ସେନାଙ୍କ ଗୌରବାବହ କୃତିତ୍ୱ ବର୍ଣ୍ଣନାରେ ଶତମୁଖର ।

ଆଧୁନିକ ଓଡ଼ିଆ କାବ୍ୟଧାରାର ଅନ୍ୟତମ ମୁଖ୍ୟ ବିଭବ ହେଉଛି ଐତିହ୍ୟ ପ୍ରୀତି । ଦୀର୍ଘଦିନର ପରାଧୀନତା, ଅଶିକ୍ଷା ଓ ଦୁର୍ଗତି ଯେତେବେଳେ ଭାରତୀୟ ଜନ ଜୀବନକୁ ଅବସାଦଗ୍ରସ୍ତ ଓ ନିଷ୍ପେସିତ କଲା, ସେତେବେଳେ ତା’ର ପ୍ରଥମ ଆଲୋଡନ ସୃଷ୍ଟି ହେଲା ଭାରତର ସମସ୍ତ ପ୍ରାନ୍ତୀୟ ସାହିତ୍ୟରେ । ଭାରତୀୟ ମୁକ୍ତି ସଂଗ୍ରାମର ଅନ୍ୟତମ ସେନାନୀ, ଯୋଗୀ ଶ୍ରୀଅରବିନ୍ଦ ଏହି ପରିପ୍ରେକ୍ଷୀରେ କହିଥିଲେ ଯେ କବିତା କେବଳ କବିଙ୍କ ଉପରେ ନିର୍ଭର କରେ ନାହିଁ । ଜାତୀୟ ମାନସ ଓ ଏହି ଜାତୀୟମାନସ ସୃଷ୍ଟ ଆଧାତ୍ମିକ, ବୌଦ୍ଧିକ ତଥା ନନ୍ଦନ ତାତ୍ତ୍ୱିକ ପରମ୍ପରା ଓ ପରିବେଶ ଉପରେ ନିର୍ଭର କରେ । ସେହି ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ ଦେଶର ପରାଧୀନତା ଜନିତ ଗ୍ଲାନି ଓ ଆଲୋଡନ ହିଁ ଦେଶର ପ୍ରତ୍ୟେକ ଭାଷାର କବିମାନଙ୍କୁ ଅତୀତମୁଖୀ କରାଇଥିଲା । ଅତୀତକୁ ଜୀବନ୍ୟାସ ଦେବାପାଇଁ ଐତିହାସିକ ସଚେତନତାକୁ କବିଗଣ ଗ୍ରହଣ କରିନେଲେ । କବି ପ୍ରାଣ ତା’ର ଶ୍ରେୟ ଓ ପ୍ରିୟକୁ ଫେରି ପାଇବା ପାଇଁ ଅତୀତକୁ ବ୍ୟାକୁଳ ଭାବରେ ଖୋଜି ବସିଲା । ସମକାଳୀନ ପରାଧୀନ ଦେଶର ଦୁଃଖ ଦୁର୍ଦ୍ଦଶାଗ୍ରସ୍ତ ସମାଜ ତୁଳନାରେ ଅତୀତର ଆଦର୍ଶବୋଧ ଦେଶର ଭବିତବ୍ୟ ବୋଲି ଗ୍ରହଣ କରିନିଆଗଲା । ଏହିପରି ଏକ ଜାତୀୟମାନସ ଭୂମିରୁ ଜନ୍ମନେଲା ଜାତୀୟବାଦୀ କାବ୍ୟଧାରା । ସେହି ପରିପ୍ରେକ୍ଷୀରେ ଆଧୁନିକ ଓଡ଼ିଆ କାବ୍ୟଧାରାର ଉନ୍ମେଷ ପର୍ବକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ଜାତୀୟ ଚେତନା ହିଁ ଥିଲା ଏହାର ମୁଖ୍ୟ ଉପଜୀବ୍ୟ ।

ଊନବିଂଶ ଶତାବ୍ଦୀର ଶେଷ ଭାଗ ହିଁ ଓଡ଼ିଆ ସାହିତ୍ୟକୁ ‘ଦେଶାତ୍ମବୋଧ’ ଭଳି ଏକ ସର୍ବଶ୍ରେଷ୍ଠ ଉପହାର ପ୍ରଦାନ କରିଥିଲା । ପରାଧୀନ ଭାରତରେ ସେତେବେଳେ ସ୍ୱାଧୀନତା ଆନ୍ଦୋଳନ ସାଙ୍ଗକୁ ସାଂସ୍କୃତିକ ଜାଗରଣର ପର୍ବ । ଓଡ଼ିଆ ସମେତ ସମସ୍ତ

ପ୍ରାନ୍ତୀୟ ସାହିତ୍ୟ, ଦେଶପ୍ରୀତି ଓ ଜାତୀୟ ଚେତନାର ମହାମନ୍ତ୍ରରେ ଅଭିମନ୍ତ୍ରିତ । ସ୍ୱଦେଶର ମହିମା, ଅତୀତର ଗୌରବ ଓ ପୂର୍ବପୁରୁଷଙ୍କ ମହିମା ପ୍ରଖ୍ୟାପନ କରି ଅବସାଦଗ୍ରସ୍ତ, ସ୍ୱପ୍ନାତୁର ଜନତାଙ୍କ ମଧ୍ୟରେ ଏକତା, ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି କରିବା ଥିଲା 'ଦେଶାତ୍ମବୋଧ' ସାହିତ୍ୟର ମୂଳ ଲକ୍ଷ୍ୟ ।

ଜାତୀୟ ଚେତନାରେ ଉଦ୍‌ବୁଦ୍ଧ ଓଡ଼ିଆ କବିଗଣ ପରାଧୀନ ଉତ୍କଳର ଦୁର୍ଦ୍ଦଶା, ପ୍ରାଚୀନ ଉତ୍କଳର ଗୌରବମୟ କାହାଣୀ ଓ ସ୍ୱଦେଶ ପ୍ରୀତି କମନୀୟତାକୁ ଆଧାର କରି ବହୁ ଜାତୀୟ କାବ୍ୟ - କବିତା ରଚନା କରିଯାଇଛନ୍ତି । ଏହି ଚେତନାର ଆଦ୍ୟ ଝଙ୍କାର ପ୍ରାୟତଃ କବିବର ରାଧାନାଥ ରାୟଙ୍କ କାବ୍ୟ-ସାଧନାରେ ଅନୁରଣିତ ହୋଇଥିଲା । ଏହି ସମୟରେ ଦେଶମିଶ୍ରଣ ଆନ୍ଦୋଳନର ପ୍ରଭାବରେ ଅନୁପ୍ରାଣିତ ହୋଇ ରାଧାନାଥଙ୍କ ସମସାମୟିକ ବହୁ ସାରସ୍ୱତ ସାଧକ ଦେଶାତ୍ମବୋଧ ଓ ଜାତୀୟତାର ଉଦ୍ଦାତ୍ତ ସଂଗୀତ ଶୁଣାଇ ଯାଇଛନ୍ତି । ଫକୀରମୋହନ ସେନାପତି, ମଧୁସୂଦନ ରାଓ, ଗୋପବନ୍ଧୁ ଦାଶ, ନନ୍ଦ କିଶୋର ବଳ, ପଦ୍ମଚରଣ ପଟ୍ଟନାୟକ, ଚନ୍ଦ୍ରମୋହନ ମହାରଣା, ଲକ୍ଷ୍ମୀକାନ୍ତ ମହାପାତ୍ର, ଗୋଦାବରୀଶ ଇତ୍ୟାଦି ବହୁ କବି ଜାତୀୟ ଚେତନାରେ ଉଦ୍‌ବୁଦ୍ଧ ହୋଇ ଉତ୍କଳବ୍ୟାପୀ ଏକତା ଓ ଭ୍ରାତୃଭାବ ପ୍ରତିଷ୍ଠା ତଥା ଜାଗରଣ ଭିତ୍ତିକ କାବ୍ୟ-କବିତା ରଚନା କରିଛନ୍ତି । "ସ୍ୱାଧୀନତା ଭାରତର ଜନ୍ମଗତ ଅଧିକାର" ମନ୍ତ୍ରରେ ଅଭିମନ୍ତ୍ରିତ ଗୋପବନ୍ଧୁ, ଗୋଦାବରୀଶ, କୁନ୍ତଳାକୁମାରୀ, ବାଞ୍ଛାନିଧି, ବୀରକିଶୋର ପ୍ରଭୃତି କବି ବହୁ ଆବେଗପୂର୍ଣ୍ଣ ତଥା ଲୋକପ୍ରିୟ କବିତା ରଚନା କରି ଜାତୀୟ ଗୌରବର ପ୍ରଚାର କରିଯାଇଛନ୍ତି । ଉପରୋକ୍ତ କାରଣରୁ ଜାତୀୟଚେତନା ବା ଦେଶାତ୍ମବୋଧକୁ ଆଧୁନିକ ଓଡ଼ିଆ ପଦ୍ୟ ସାହିତ୍ୟର ଅନ୍ୟତମ ମୁଖ୍ୟ ବିଭବ ବୋଲି ବିବେଚନା କରାଯାଇଥାଏ ।

ଭାରତ ତଥା ଉତ୍କଳର ବିପର୍ଯ୍ୟସ୍ତ ଅବସ୍ଥା, ଭଗ୍ନ ଦେବାଳୟ, ଦୁର୍ଗ ଓ ଧ୍ୱଂସ ସ୍ତୂପ ଦେଖିବା ପରେ ବ୍ୟଥିତ ପ୍ରାଣ ଭକ୍ତକବି ମଧୁସୂଦନ ରାଓ ଇତିହାସର ଆଦର୍ଶ, ଆତ୍ମାର ମହିମା ଓ ଅତୀତର ସୁମହାନ ଗୌରବ ଇତ୍ୟାଦିକୁ ମୁକ୍ତ କଣ୍ଠରେ ପ୍ରକାଶ କରିଛନ୍ତି । ଉତ୍କଳପ୍ରୀତିରେ ପରିପୂର୍ଣ୍ଣ ତାଙ୍କ 'ଉତ୍କଳ ଗାଥା' କବିଙ୍କ ଜାତୀୟ ଚେତନାର ଏକ ମୁଗ୍ଧ ଗାୟତ୍ରୀ । ଏହି 'ଉତ୍କଳବନ୍ଦନା' କବିତା ମାଧ୍ୟମରେ ଶିଶୁକଣ୍ଠରେ ଜାତୀୟତାର ପୁଲକ ସୃଷ୍ଟି କରାଇ ସମକାଳୀନ ସମାଜକୁ ଉତ୍କଳଜନନୀର ଉଦାରତା ସମ୍ପର୍କରେ ସଚେତନ କରାଇପାରିଛନ୍ତି -

"ଜୟ ମା ଜନମଭୂମି ଉଦାର ଉତ୍କଳଭୂମି
ତୋର ସ୍ନେହ କୋଳେ ମାଗୋ ଜନ୍ମ ଆମର,
କୋଟି ସୁତ ଘେନିକୋଳେ ପାଳୁଅଛୁ ସ୍ନେହଭୋଳେ
ତୁହି ମା କରୁଣାମୟୀ କରି ଆଦର
ତୋ ବକ୍ଷର ଅମୃତରସ
ସୁଖୀ କରୁଛି ମା, କୋଟି କୋଟି ମାନସ ।" (ଉତ୍କଳଜନନୀ)

ଠିକ୍ ସେହିପରି ପ୍ରାଚୀନ ଭାରତବର୍ଷର ଗରିୟସୀ ପରମ୍ପରା, ସାଧନା ଓ ସିଦ୍ଧିର କାହାଣୀ ତାଙ୍କର ଅନେକ କାବ୍ୟ-କବିତାରେ ପ୍ରତିଫଳିତ । ଭଗବତପ୍ରୀତି ଓ ଜାତିପ୍ରୀତିକୁ ଏକ ଓ ଅଭିନ୍ନ ଭାବରେ ଗ୍ରହଣ କରି ଜାତିର ଅମୃତ ସୋପାନ ଆରୋହଣର ପଥଦ୍ରଷ୍ଟା ଥିଲେ କବି ମଧୁସୂଦନ । ସେ ଥିଲେ ଯଥାର୍ଥରେ ଆଧ୍ୟାତ୍ମିକ ଜାତୀୟ ଚେତନାର ରୂପକାର । ତାଙ୍କ ବିଚାରରେ ଭାରତ ତୀର୍ଥର ଦେଶ, ମାତ୍ର ଉତ୍କଳ ମହାତୀର୍ଥର ପୁଣ୍ୟଭୂମି । ସମଗ୍ର ଭାରତର ଇତିହାସରେ ଉତ୍କଳର ସଂସ୍କୃତି ଓ ଇତିହାସର ସ୍ୱତନ୍ତ୍ରତା ଓ ମହାନତା ହିଁ ମଧୁସୂଦନଙ୍କ କାବ୍ୟ ସମ୍ଭାରର ପ୍ରାଣ ପ୍ରାଚୁର୍ଯ୍ୟ । ଭାରତ ଶିଳାଶିଳ୍ପର ଦେଶ ମାତ୍ର ଉତ୍କଳ ଶିଳାଶିଳ୍ପର ଏନ୍ତୁଡିଶାଳ । ଭାରତ ବହୁ ମହାମାନବଙ୍କର ଲୀଳାଭୂମି ମାତ୍ର ଉତ୍କଳ ସେମାନଙ୍କ ସାଧନାର ପବିତ୍ର ପୀଠ । ଏଇ ଭୂମିର ପ୍ରତିଟି ଧୂଳିକଣା କୀର୍ତ୍ତିଭାସ୍ୱର । ଧ୍ୱଂସର ସ୍ତୂପ, କୀର୍ତ୍ତିର ସମାଧି, ହୃତଗୌରବ, ମ୍ରିୟମାଣ ଚତୁଃପାର୍ଶ୍ୱ ଭିତରୁ ଜାତୀୟବାଦୀ କବି ମଧୁସୂଦନ ଜାତିର ଗୌରବଗାଥା ହିଁ ଅନ୍ୱେଷଣ କରିଛନ୍ତି ।

ତେବେ ପ୍ରାଚୀନ ଓଡ଼ିଆ ସାହିତ୍ୟର ଜାତୀୟତାର ସ୍ୱରୂପ ପରବର୍ତ୍ତୀ କାଳରେ ଆଧୁନିକ ଓଡ଼ିଆ ସାହିତ୍ୟରେ ନୂତନ ରୂପରେଖ ଗ୍ରହଣ କଲା । ପ୍ରାଚୀନ ଓ ଆଧୁନିକ ଜାତୀୟତା ମଧ୍ୟରେ ବିରାଟ ପ୍ରଭେଦ ଦେଖାଦେଲା । ଆଧୁନିକକାଳରେ ଜାତୀୟତା ପ୍ରାୟତଃ ପାଶ୍ଚାତ୍ୟ ଜଗତକୁ ଦୃଷ୍ଟିରେ ରଖି ନିଜର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା କରିବାକୁ ଚେଷ୍ଟାକଲା, ଫଳରେ ମଧ୍ୟଯୁଗୀୟ ଜାତୀୟ ଚେତନାର ସ୍ୱର କ୍ରମଶଃ ନିଷ୍ପ୍ରଭ ହେବାକୁ ଲାଗିଲା । ଏହି ପାଶ୍ଚାତ୍ୟ ମୁଖୀ ଜାତୀୟତା ଆଧୁନିକ କାବ୍ୟଧାରାର ପ୍ରେରଣାଦାୟିନୀ ହେଲା । ଫକୀରମୋହନ ସେନାପତି ଓ ମଧୁସୂଦନ ରାଓ ପ୍ରଭୃତି ଓଡ଼ିଆ କବିଗଣ ଅତୀତର ଗୌରବ ଗାନକରି ଯେଉଁ ଜାତୀୟବାଦୀ କାବ୍ୟ ଧାରା ସୃଷ୍ଟି କଲେ ତାହା ଥିଲା ମୁଖ୍ୟତଃ ଅଖଣ୍ଡ ଭାରତ ଜାତୀୟତାର ବିକାଶ ଲାଗି ଏକ ପ୍ରସ୍ତୁତିପର୍ବ । ଏହି ସମୟର ବିଶିଷ୍ଟ ଯୁଗସ୍ରଷ୍ଟା କବି ରାଧାନାଥ ରାୟ ତାଙ୍କ 'ଶିବାଜୀଙ୍କ ଉତ୍ସାହବାଣୀ' କବିତାରେ ଲେଖିଛନ୍ତି :-

"ଏ ଦେଶ କୀରତି ଏ ଦେଶ ଗୌରବ
ଏ ଦେଶ ବିଭବ ଏ ରବି ତଳେ
ଆଉ କାହିଁ ନାହିଁ ସମସ୍ତ ନିଷ୍ପ୍ରଭ
ହେଲାଟି ମନୁଷ୍ୟ କରମ ଫଳେ ।"

ଠିକ୍ ସେହିପରି ଏକ ମୃତକଳ୍ପ ଜାତିକୁ ଜାଗ୍ରତ କରାଇବା ପାଇଁ ପରୋକ୍ଷରେ ରାଧାନାଥ ହିଁ ତୀବ୍ର କଟାକ୍ଷପାତ କରିଛନ୍ତି । ଉତ୍କଳ ଜାତୀୟତାର ପ୍ରତୀକ ରୂପେ ମଧୁସୂଦନଙ୍କ 'ଉତ୍କଳଗାଥା' ଆଧୁନିକ ଓଡ଼ିଆ କାବ୍ୟଧାରାକୁ ସର୍ବଶ୍ରେଷ୍ଠ ଅବଦାନ । ତାଙ୍କ ବିଚାରରେ ଜାତୀୟତା ଏକ ସ୍ୱୟଂସଂପୂର୍ଣ୍ଣ ଚିନ୍ତା ଓ ଚେତନା । ଏହା କୌଣସି ଖଣ୍ଡିତ ଆକାଂକ୍ଷା ବା ଅନୁଭୂତିରେ ବିକ୍ଷିପ୍ତ ପ୍ରକାଶ ନୁହେଁ । ଜାତୀୟ ଚେତନା ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ସଂଲଗ୍ନ ସେତୁଟିଏ ଭଳି ଗୋଟିଏ ଜାତିର ଭାଷା, ସଂସ୍କୃତି, ସାମାଜିକ ଚଳଣି ଓ ଆର୍ଥିକ ସ୍ଥିତିକୁ ଏକତାର ସୂତ୍ରରେ ଧରି ରଖିବାର ସାମର୍ଥ୍ୟ ପ୍ରଦାନ କରେ । ଏହି ପୃଷ୍ଠଭୂମିରେ

ଓଡ଼ିଶା ମାଟିରେ ଜନ୍ମନେଲା, ଜାତୀୟତାର ପବିତ୍ର ବେଦୀ 'ଉତ୍କଳ ସମ୍ମିଳନୀ' ଯାହା ଉତ୍କଳୀୟ ଏକତା ଓ ଜାତୀୟ ଚେତନା ସୃଷ୍ଟି କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଦେଶବାସୀଙ୍କ ସମ୍ମୁଖରେ ଓଡ଼ିଶାର ସ୍ୱାତନ୍ତ୍ର୍ୟ ଓ ସମ୍ମାନ ଉପସ୍ଥାପନ କରି ଏହି ସମ୍ମିଳନୀ ସର୍ବଭାରତୀୟ ଜାତୀୟତାର ଏକ ଅଙ୍ଗରୂପେ ଉତ୍କଳ ଜାତୀୟତାକୁ ପ୍ରାଧାନ୍ୟ ଦେଇଥିଲା । ଉତ୍କଳର ଅପ୍ରତିଦ୍ୱନ୍ଦ୍ୱୀ ଜାତୀୟ ଚିନ୍ତାନାୟକ କୁଳବୃଦ୍ଧ ମଧୁସୂଦନ ଦାସ ଓ ଭକ୍ତକବି ମଧୁସୂଦନ ରାଓଙ୍କ ଚିନ୍ତା ଓ ଚେତନାରେ ଅଖଣ୍ଡ ଓଡ଼ିଶା ପ୍ରଦେଶର ଜାତୀୟତା ସହିତ ସର୍ବଭାରତୀୟ ସୌଭାତ୍ର ପ୍ରତିଷ୍ଠାର ଚିତ୍ର ପ୍ରତିଫଳିତ ହେବାକୁ ଲାଗିଲା । ନିଜ ରାଜ୍ୟର ସମସ୍ତ ବିଚ୍ଛିନ୍ନାଞ୍ଚଳକୁ ଏକତ୍ର କରି ସଂହତି ହୀନ, ଦୈନ୍ୟପୀଡିତ ଜାତିର ଆତ୍ମାକୁ ଆହତ ନକରାଇ ବଳିଷ୍ଠ ଐକ୍ୟ ଓ ନିଚ୍ଛକ ଜାତୀୟ ଚେତନା ସୃଷ୍ଟି କରିବାର ସ୍ୱପ୍ନରେ 'ଉତ୍କଳ ସମ୍ମିଳନୀ'ର ଚିନ୍ତାନାୟକ ଓ କବିମାନେ ଲେଖନୀଚାଳନା କରିଥିଲେ ।

ଜାତୀୟ ଚେତନାର ପରୀକ୍ଷାଭିତ୍ତିକ ବିଶ୍ଳେଷଣ କଥାସମ୍ରାଟ ବ୍ୟାସକବି ଫକୀରମୋହନଙ୍କ କାବ୍ୟସମ୍ଭାରରେ ପରିଲକ୍ଷିତ । ତାଙ୍କର ସମଗ୍ର କାବ୍ୟକୃତିରେ ଓଡ଼ିଆ ଭାଷାର ଉନ୍ନତି ମାଧ୍ୟମରେ ଅବଲୁପ୍ତ ଜାତୀୟ ଚେତନାର ବିକାଶ ପାଇଁ ସେ ସ୍ୱପ୍ନ ଦେଖୁଥିଲେ । ମାତୃଭୂମି ଓ ମାତୃଭାଷାର ଉନ୍ନତି ପାଇଁ ଜଣେ ସମାଜ ସଂସ୍କାରକ ଓ ଜନଜୀବନର ହିତୈଷୀ ଭାବରେ ସାହିତ୍ୟର କଳାପକ୍ଷ ଅପେକ୍ଷା ସାହିତ୍ୟରେ ଜାତୀୟ ଉନ୍ମେଷର ସରସ ଓ କମନୀୟ ରୂପରେଖ ପରିକଳ୍ପନା କରିଥିଲେ । ଜାତୀୟଭାଷା ଜାତୀୟଚରିତ୍ର ଗଠନରେ ସହାୟକ ହୋଇଥାଏ ବୋଲି ସେ ମନେ ମନେ ଅନୁଭବ କରିଥିଲେ । ସେ ତାଙ୍କ କାବ୍ୟ କୃତିରେ ପ୍ରମାଣିତ କରିଯାଇଛନ୍ତି ଯେ ଜାତୀୟ ଭାଷାରୁ ଜନ୍ମ ନେଇଥିବା ସାହିତ୍ୟ ହିଁ ଜାତୀୟ ଜୀବନର ରକ୍ଷାକବଚ ହୋଇପାରେ । ତେଣୁ ଭାଷା ହିଁ ଜାତିର ଜୀବନ, ଜାତିର ବଳ ଓ ଜାତିର ପ୍ରତିଷ୍ଠା ରଖିବାର ଏକମାତ୍ର ଅବଲମ୍ବନ ।

ଉତ୍କଳୀୟ ପ୍ରକୃତିର ଦୃଶ୍ୟରାଜି, ବିଭିନ୍ନ ସ୍ଥାନର ବୈଶିଷ୍ଟ୍ୟ, ଭୌଗୋଳିକ ବିବରଣୀ, ବୃକ୍ଷଲତା, ପଶୁପକ୍ଷୀ, ପାହାଡ଼-ପର୍ବତ, ନଦ-ନଦୀ-ହ୍ରଦ-ସରୋବର, କଳା ଓ ସ୍ଥାପତ୍ୟ ସାଙ୍ଗକୁ କିମ୍ବଦନ୍ତୀ ଓ ଇତିହାସରୁ ଜାତୀୟତାର ରସ ନିଗାଡ଼ି ସେ ସବୁକୁ କାବ୍ୟ ସମ୍ଭାରରେ ପରିବେଷଣ କରିବାରେ କବିବର ରାଧାନାଥ ଥିଲେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ସ୍ରଷ୍ଟା । ପ୍ରକୃତି ଭିତରୁ ଜାତୀୟ ଚେତନାର ପ୍ରବାହ ହିଁ ରାଧାନାଥ କାବ୍ୟ ସମ୍ଭାରର ପ୍ରାଣ ପ୍ରାଚୁର୍ଯ୍ୟ । ଜାତୀୟ ଜୀବନର ଶୌର୍ଯ୍ୟ, ବୀର୍ଯ୍ୟ ଓ ସୌନ୍ଦର୍ଯ୍ୟର ଚିତ୍ର ସମାରୋହରେ ତାଙ୍କ କାବ୍ୟଜଗତର ପ୍ରାଣପ୍ରତିଷ୍ଠା ହୋଇଥିଲା । 'ଦରବାର' ଓ 'ମହାଯାତ୍ରା' ଇତ୍ୟାଦି କାବ୍ୟରେ ଜାତୀୟତାର ଚିତ୍ର ପରିଲକ୍ଷିତ । ଉତ୍କଳର ଗତିକ୍ଲାନ୍ତ ଜାତୀୟ ଜୀବନରେ ଜାତୀୟବାଦୀ ଚେତନା ଓ ନୂତନ ତରଙ୍ଗ ସୃଷ୍ଟି କରିବାରେ ରାଧାନାଥଙ୍କ କାବ୍ୟକୃତିର ଏକ ଉଲ୍ଲେଖନୀୟ ଭୂମିକା ଥିଲା । ତେଣୁ ତାଙ୍କ 'ମହାଯାତ୍ରା' ମହାକାବ୍ୟକୁ ଏକ ପ୍ରଚ୍ଛନ୍ନ ଜାତୀୟଧର୍ମୀ ସାହିତ୍ୟ ଭାବରେ ବିବେଚନା କରାଯାଏ । ପୁରାଣ ପଣ୍ଡିତ ଏହି ମହାକାବ୍ୟରେ ପୌରାଣିକ ଚରିତ୍ର ଓ ଘଟଣା ପ୍ରବାହର ଆଡୁଆଳରେ ରାଧାନାଥ ମୁଖ୍ୟତଃ ଜାତୀୟତାର ମନ୍ତ୍ରଧ୍ୱନି ହିଁ

ଶୁଣାଇଛନ୍ତି । ଉନବିଂଶ ଶତାବ୍ଦୀର ମଧ୍ୟଭାଗରେ ସୃଷ୍ଟ ନବ୍ୟ ଜାତୀୟ ଚେତନାର ଏକ କାବ୍ୟିକ ପ୍ରତିଲିପି ହେଉଛି 'ମହାଯାତ୍ରା' ମହାକାବ୍ୟ । ସେହିପରି କବିଙ୍କ 'ଚିଲିକା' କାବ୍ୟ ମଧ୍ୟ ଜାତୀୟଚେତନାର ଏକ ପ୍ରମୂର୍ତ୍ତ ପ୍ରତୀକ । 'ଉତ୍କଳ-କମଳା-ବିଳାସ-ଦୀର୍ଘିକା, ମରାଳମାଳିନୀ ନୀଳାମ୍ବୁ ଚିଲିକା' ହିଁ ଓଡ଼ିଶାର ଜାତୀୟ ଜୀବନର ଯଜ୍ଞବେଦୀରେ ଦେଦୀପ୍ୟମାନ ।

ଓଡ଼ିଆ ସାହିତ୍ୟ ଇତିହାସରେ ସତ୍ୟବାଦୀ ଯୁଗ ଉଗ୍ର ଜାତୀୟବାଦର ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟ । ଗୋପବନ୍ଧୁ, ଗୋଦାବରୀଶ, ନୀଳକଣ୍ଠ ପ୍ରଭୃତିଙ୍କ କାବ୍ୟକୃତିରେ କୀର୍ତ୍ତି କୀରିଟି ଧାରିଣୀ ଜନ୍ମଭୂମିର ଜୟଗୀତି ହିଁ ପ୍ରତିଫଳିତ । ସ୍ୱଦେଶ-ସ୍ୱପ୍ନବିଭୋର ଏହି ଉଚ୍ଚଶିକ୍ଷିତ ସମାଜ ସଂସ୍କାରକଗଣ ନିଜ ନିଜର ସାହିତ୍ୟ କୃତିରେ ଉଚ୍ଚକୋଟୀର ପ୍ରଜ୍ଞାଶୀଳ ସ୍ରଷ୍ଟାର ପରିଚୟ ପ୍ରତିଷ୍ଠା କରିଯାଇଛନ୍ତି । ଫଳରେ ସତ୍ୟବାଦୀ ସାହିତ୍ୟ ହୋଇଛି ଜାତୀୟ ଚେତନା ଓ ଜାତିପ୍ରେମର ଏକ ଅମ୍ଳାନ ସ୍ୱାକ୍ଷର । ସତ୍ୟବାଦୀ ଜାତୀୟ ବିଦ୍ୟାଳୟ ଭଳି ଏକ ନୂତନ ରକ୍ତତୀର୍ଥରୁ ଜନ୍ମନେଲା ସାର୍ବଜନନୀ ବିଶ୍ୱପ୍ରାଣତା, ଅଖଣ୍ଡ ଭାରତୀୟତା ଏବଂ ଉଗ୍ର ଉତ୍କଳୀୟତା । ଖଣ୍ଡିତ ଓଡ଼ିଶାର ଜଡତା, ବିଷାଦ ଓ ନୈରାଶ୍ୟପୂର୍ଣ୍ଣ ସ୍ଥିତି ସତ୍ୟବାଦୀର ସାହିତ୍ୟ ସାଧକମାନଙ୍କୁ ଉତ୍କଟ ଜାତୀୟତା ତଥା ଉତ୍କଳୀୟମାନଙ୍କ ପ୍ରତି ଗଭୀର ସହାନୁଭୂତି ପ୍ରଦର୍ଶନ କରିବାକୁ ଏକ ପ୍ରକାର ବାଧ କରିଥିଲା । ତେଣୁ ସେମାନଙ୍କ ଜାତୀୟବାଦୀ କାବ୍ୟ ଦୃଷ୍ଟିରେ କୋଣାର୍କ, କାଳିଜାଇ ଇତ୍ୟାଦିର ପୁନଃ ବିନ୍ୟାସ ହୋଇଥିଲା ।

ପରବର୍ତ୍ତୀ କାଳରେ ଓଡ଼ିଶାର ଜାତୀୟ ଦୁର୍ଗତିକୁ ଆଧାର କରି ଏ ଜାତିର ଚିନ୍ତା ଚେତନାରେ ଜୀବନ୍ତ ପ୍ରତ୍ୟୟ ସୃଷ୍ଟି ଦିଗରେ ଯେଉଁ କବିଗଣ ବ୍ରତୀ ଥିଲେ ସେମାନଙ୍କ ମଧ୍ୟରେ ନାରୀକବି କୁନ୍ତଳା କୁମାରୀ ସାବତ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଗୋଦାବରୀଶ ମହାପାତ୍ର ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ । କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କବିତ୍ୱରେ ଜାତୀୟବୋଧ ଶାଣିତ ରୂପ ଧାରଣ କରିଥିଲା । 'ଜାତୀୟ ସଂଗୀତ' ତାଙ୍କ ଜାତୀୟବାଦୀ କାବ୍ୟଦୃଷ୍ଟିର ଏକ ଜ୍ୱଳନ୍ତ ନମୁନା । 'ବନ୍ଦେ ଉତ୍କଳଜନନୀ, ଋତୁହାସ୍ୟମୟୀ, ଋତୁଭାଷମୟୀ ଜନନୀ, ଜନନୀ, ଜନନୀ' ଅଥବା 'କୋଟି କୋଟି କଣ୍ଠେ ଆଜି ଉଠୁରେ ଗମ୍ଭୀରେ ବାଜି, ଉତ୍କଳର ଜୟଗୀତି ଉନ୍ମାଦନା ଭରା, କମ୍ପିଉଠୁ ଶୈଳରାଶି ସସାଗରାଧରା" ଇତ୍ୟାଦି କବିତା ମଧ୍ୟ ଦେଇ କାନ୍ତକବିଙ୍କ ଉତ୍କଳୀୟ ଜାତୀୟବୋଧର ପରିପ୍ରକାଶ ଘଟିଛି । ସତ୍ୟବାଦୀର ଉଗ୍ର ଜାତୀୟଚେତନାର ତୀବ୍ର ସ୍ୱର୍ଶ କାବ୍ୟସାଧକ କାନ୍ତକବିଙ୍କ ଲେଖନୀରେ ଜୀବନ୍ତ ରୂପରେଖ ଗ୍ରହଣ କଲା । ସତ୍ୟବାଦୀ ସାହିତ୍ୟର ଜାତୀୟତାବାଦ ଭାରତୀୟ ମୁକ୍ତି ସଂଗ୍ରାମର ଆକୃତି ଭିତରେ କ୍ରମଶଃ ଶିଥିଳ ହେବାକୁ ବସିଥିବାବେଳେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଅଭ୍ୟୁଦୟ ହିଁ ଜାତୀୟବାଦୀ କାବ୍ୟ ସୃଷ୍ଟିର ଧାରାରେ ଏକ ବଳିଷ୍ଠ ଅଧ୍ୟାୟ । ହାସ୍ୟ, ଲାସ୍ୟ ଓ କରୁଣାର ଏହି କାବ୍ୟସାଧକ ଜୀବନର ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ସଳିତା ଭଳି ଜଳି ଜଳି ଜାତୀୟତାର ଆଲୋକରେ ଓଡ଼ିଆ ସାହିତ୍ୟ ଓ ଓଡ଼ିଶାରେ ଜନଜୀବନକୁ ଆଲୋକିତ କରି ଏକ ପରମ ବିସ୍ମୟ ହୋଇ ରହିଯାଇଛନ୍ତି ।

ଜାତୀୟ ଜୀବନ ସ୍ରୋତରେ ଆଜୀବନ ସାରସ୍ୱତ ସାଧିକା ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ଏକ କ୍ରାନ୍ତିକାରୀ ବ୍ୟକ୍ତିତ୍ୱ । ସଂଗ୍ରାମ ଓ ସଂଘର୍ଷ ତାଙ୍କ କଳାସୃଷ୍ଟିକୁ କ୍ଷୀଣ କରିପାରିନାହିଁ । ନିର୍ଭୀକତା ଓ ଏକାକୀତ୍ୱର ମନ୍ତ୍ରଧ୍ୱନି ଦେଇ ତାଙ୍କ କାବ୍ୟକୃତି ସଫଳତାର ଶୀର୍ଷରେ ଉପନୀତ ହୋଇପାରିଛି । କୁନ୍ତଳା କୁମାରୀଙ୍କ ଜାତୀୟବାଦୀ ଆଶାର ସଂଗୀତ ମୁମୂର୍ଷୁ ଉତ୍କଳୀୟଙ୍କ ଧମନୀରେ ନୂତନ ସ୍ପନ୍ଦନ ସୃଷ୍ଟି କରିପାରିଥିଲା । ପୂର୍ବ ଗୌରବର ଅନୁଚିନ୍ତା ଓ ଦେଶାତ୍ମବୋଧ ହିଁ ତାଙ୍କ ଜାତୀୟବାଦୀ କାବ୍ୟଦୃଷ୍ଟିର ମୁଖ୍ୟ ସ୍ୱର । ଦେଶମାତୃକା ପ୍ରତି ଗଭୀର ଆନୁଗତ୍ୟ ହିଁ ତାଙ୍କ କାବ୍ୟର ଅନ୍ତଃସ୍ୱର । 'ଆହ୍ୱାନ', 'ଅର୍ଚ୍ଚନା', 'ସ୍କୁଲିଙ୍ଗ', 'ମଣିଷଭାଇ' ଇତ୍ୟାଦି କବିତାରାଜିରେ ତାଙ୍କ ଜାତୀୟବାଦୀ ଆଭିମୁଖ୍ୟ ବେଶ ସ୍ପଷ୍ଟ ଓ ପ୍ରାଞ୍ଜଳ ।

ଉତ୍କଳମଣି ଗୋପବନ୍ଧୁଙ୍କ ଆଦର୍ଶ ଓ ଆହ୍ୱାନକୁ ବଳିଷ୍ଠ ରୂପ ଦେବାପାଇଁ ଓଡ଼ିଶାର ଯେଉଁ କେତେଜଣ ସ୍ୱାଧୀନ ଚେତା କର୍ମବୀର ଜାତୀୟତାର ଆଗ୍ନେୟ ଶପଥ ନେଇ ଭାରତୀୟ ମୁକ୍ତି ସଂଗ୍ରାମରେ ଝାସ ଦେଇଥିଲେ ସେମାନଙ୍କ ମଧ୍ୟରୁ ଜାତୀୟକବି ବାଞ୍ଛାନିଧି ମହାନ୍ତି ଅନ୍ୟତମ । ବାଞ୍ଛାନିଧିଙ୍କ ନିଷ୍କପଟ ହୃଦୟ, ସରଳ ସ୍ୱଭାବ, ସଂଗୀତ ରଚନା, ଗାନ କୁଶଳତା ତଥା ସ୍ୱଦେଶପ୍ରୀତି ଉତ୍କଳମଣି ଗୋପବନ୍ଧୁଙ୍କୁ ଆକୃଷ୍ଟ କରିଥିଲା । ସତ୍ୟବାଦୀର ଜାତୀୟବାଦୀ କବି ଗୋଷ୍ଠୀଙ୍କ ସହ ବାଞ୍ଛାନିଧି ମେଦିନୀପୁର, ଫୁଲଝର, ସିଂହଭୂମି ଆଦି ଅଞ୍ଚଳରେ ସଭାମାନ ଅନୁଷ୍ଠିତ କରାଇ ନିଜର ଉଦାତ୍ତ ସଂଗୀତରେ ସୁପ୍ତ ଓଡ଼ିଆ ଜାତିକୁ ଜାଗ୍ରତ କରାଇଥିଲେ -

"କି ହେବ ଏ ମୁଣ୍ଡକଟା ଦେଶକୁ ଘେନି
ମୁଣ୍ଡକଟା, ଗୋଡକଟା ପଙ୍ଗୁକୁ ଘେନି
ମୋ ଜନନୀ କି ସୁନ୍ଦର-ସିଂହଭୂମି ତା'ର ଶିର
ମେଦିନୀପୁର, ମଞ୍ଜୁଷା ପୟର ବେନି ।
ଟିକାଲି ତା' ଅଙ୍ଗଟୀକା
ସମ୍ବର ଝରୁ ଛିଟିକା
ଫୁଲଝର ଫୁଲଝରା ସୁଷମା ବେଶୀ ।"

ବାଞ୍ଛାନିଧିଙ୍କ ବ୍ୟକ୍ତିତ୍ୱ ଓ ସାଧନାମୟ ଜୀବନ ସମ୍ପର୍କରେ ଗୋପବନ୍ଧୁ ଶ୍ରଦ୍ଧା ଓ ଭକ୍ତି ଜଣାଇ କହିଥିଲେ -

"ଭଦରଖ କର୍ମୀ ଧନ୍ୟ ତୁମ୍ଭ ବଳ
ଏପରି ସାଧକ ଲୋଡଇ ଉତ୍କଳ ।" (ସ୍ୱଦେଶ ଚିନ୍ତା)

ସମସାମୟିକ ଜାତୀୟକବିମାନଙ୍କ ମଧ୍ୟରେ ବୀର କିଶୋର ଜାତୀୟ ଚିନ୍ତା ଓ ଚେତନାରେ ଅଧିକ ଶାଣିତ ଓ ସମାହିତ ବୋଲି ମନେହୁଅନ୍ତି । ବ୍ୟକ୍ତିପୂଜା ଅପେକ୍ଷା ନୀତିପୂଜାକୁ ଅଧିକ ପ୍ରାଧାନ୍ୟ ଦେଇ ଜାତୀୟ କବି ବୀରକିଶୋର ତାଙ୍କ 'ମୋହନବଂଶୀ', 'ବିଦ୍ରୋହବୀଣା', 'ରଣଭେରୀ' ଓ 'ଦୁନ୍ଦୁଭି' କାବ୍ୟକୃତି ମାଧ୍ୟମରେ ଓଡ଼ିଶାର ଜାତୀୟ

ଜୀବନକୁ ଭାରତୀୟ ମୁକ୍ତି ସଂଗ୍ରାମର ପଟ୍ଟଭୂମି ଆଡକୁ ଆକର୍ଷିତ କରାଇ ପାରିଛନ୍ତି । ମହାଭାରତୀୟ ଜାତୀୟତା ବୋଧ ସହ ପ୍ରାଦେଶିକ ଜାତୀୟଚେତନାର ପରିପ୍ରକାଶ ହିଁ ତାଙ୍କ କାବ୍ୟକୃତିର ଅନ୍ତରୀଣ ସ୍ୱର ଓ ଚିରନ୍ତନ ପ୍ରବାହ ।

ସ୍ୱାଧୀନତା ସଂଗ୍ରାମର ବହୁ ଜାତୀୟ ସ୍ମୃତିକୁ ପାଥେୟ କରି ବଳିଷ୍ଠ ଜାତୀୟ ଚେତନା ପ୍ରକାଶ କରିବାରେ ଅନ୍ୟ ଜଣେ ଧୂରୀଣ କବି ହେଉଛନ୍ତି ନିତ୍ୟାନନ୍ଦ ମହାପାତ୍ର । କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ଏହି ସୁଯୋଗ୍ୟ ସାହିତ୍ୟିକ ପୁତ୍ର ତାଙ୍କ 'ପାଞ୍ଚଜନ୍ୟ', 'କାଳରଡି' ଇତ୍ୟାଦି କାବ୍ୟରାଜିରେ ପ୍ରାକ୍-ସ୍ୱାଧୀନତା ସଂଗ୍ରାମର ଆଶା, ଆଶଙ୍କା, ଆକାଂକ୍ଷା ଓ ଜୟ ପରାଜୟର ସ୍ମରଣୀୟ ଚିତ୍ର ସହ ସ୍ୱାଧୀନତା ପରବର୍ତ୍ତୀ ବିଫଳତା, ଜାତୀୟ ଦୁଃସ୍ଥିତି, ଶୋଷଣ ଇତ୍ୟାଦିର ବିମର୍ଷ ଓ କରୁଣ ଆଲେଖ୍ୟ ପ୍ରଦାନ କରିଛନ୍ତି । ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କର ସତୀର୍ଥ ଭାବରେ କବି ବାଞ୍ଛାନିଧି ଦାସ ମଧ୍ୟ ଓଡ଼ିଆ ଜାତୀୟବାଦୀ କାବ୍ୟଧାରାକୁ ବଳିଷ୍ଠ ଅବଦାନ ରଖିଯାଇଛନ୍ତି । ଜାତୀୟ ଅନୁପ୍ରେରଣା ହିଁ ତାଙ୍କ କାବ୍ୟକଳାର ମୁଖ୍ୟ ସ୍ୱରୂପ ଯାହା ତାଙ୍କ ଚରିତ 'ପଲ୍ଲୀଛବି', 'ପ୍ରାୟଶ୍ଚିତ କା'ର', 'ଜୟଭେରୀ' ଇତ୍ୟାଦିରେ ପ୍ରତିଫଳିତ ।

ରାଜନୀତିର ଉତ୍ଥାନ ପତନ ତଥା କୁଟିଳ ସଂଗ୍ରାମ ଭିତରେ ସୁକୁମାର ସାହିତ୍ୟକଳାକୁ ବଞ୍ଚାଇ ରଖି ଡଃ ହରେକୃଷ୍ଣ ମହତାବ ତାଙ୍କ ରଚିତ 'ଋଚିଚକ୍ଷୁ', 'ପଳାସୀ ଅବସାନେ', 'ନନ୍ଦିକା' ଇତ୍ୟାଦିରେ ଜାତୀୟବାଦୀ ଚେତନାର ନବ ମୂଲ୍ୟାୟନ କରିଛନ୍ତି । ଜାତି ପାଇଁ କବିର ଗୌରବାବହ ଦୃଷ୍ଟିଭଙ୍ଗୀ ସମସ୍ତ କାବ୍ୟରେ ଉପଲବ୍ଧ । ଜାତୀୟ ଭାବବନ୍ୟାରେ ଉଦ୍‌ବେଳିତ କବି ମହତାବଙ୍କ ସହିତ ସମସାମୟିକ ବହୁ ମୁକ୍ତିସଂଗ୍ରାମୀ ଓ କବି ସାହିତ୍ୟ ସେବା ମାଧ୍ୟମରେ ଜାତୀୟବାଦର ଉନ୍ମେଷ ଓ ବିକାଶ ପ୍ରତି ଯଥେଷ୍ଟ ଧ୍ୟାନ ଦେଇଛନ୍ତି । ଫଳରେ ଓଡ଼ିଆ କାବ୍ୟଧାରାରେ ଜାତୀୟବାଦ ଏକ ବଳିଷ୍ଠ ପ୍ରସଙ୍ଗ ଭାବରେ ଆମ କାବ୍ୟ ସାହିତ୍ୟକୁ ସମୃଦ୍ଧ କରିପାରିଛି ।

ସହାୟକ ଗ୍ରନ୍ଥସୂଚୀ

୧. ଆଧୁନିକ ଭାରତୀୟ ସାହିତ୍ୟ - ଡ. ଜାନକୀ ବଲ୍ଲଭ ମହାନ୍ତି
୨. ଆଧୁନିକ ଓଡ଼ିଆ ସାହିତ୍ୟର ଭିତ୍ତିଭୂମି - ଡ. ନଟବର ସାମନ୍ତରାୟ
୩. ଆଧୁନିକ ଓଡ଼ିଆ ସାହିତ୍ୟ (ଚିନ୍ତା ଓ ଚେତନା)- ଡ. ନିତ୍ୟାନନ୍ଦ ଶତପଥୀ
୪. ସବୁଜରୁ ସାଂପ୍ରତିକ - ଡ. ନିତ୍ୟାନନ୍ଦ ଶତପଥୀ
୫. ବିଭିନ୍ନ ଜାତୀୟବାଦୀ କବିଙ୍କ କାବ୍ୟକୃତି / କବିତା ସଂକଳନ
୬. ଓଡ଼ିଆ ସାହିତ୍ୟର କ୍ରମ ପରିଣାମ - ନୀଳକଣ୍ଠ ଦାଶ

❐

ମୂଳଟି ଅଟଇ ବିଶ୍ୱାସ



ଜ୍ଞାନରଞ୍ଜନ ନାୟକ
ମୋ: ୯୬୬୮୫୪୦୪୬୧

"ଆପଣ ପଢିକରି ବୁଝନ୍ତି ନା ବୁଝିକରି ପଢନ୍ତି । ପ୍ରଶ୍ନ ରଖିଲେ କବୀର । ଏ ପ୍ରଶ୍ନରେ ହଡ଼ବଡେଇ ଗଲେ ବିଦ୍ୱାନ ପଦ୍ମନାଭ । ଶେଷରେ ଉତ୍ତର ଦେଇ ନ ପାରି କବୀରଙ୍କ ଶିଷ୍ୟତ୍ୱ ଗ୍ରହଣ କରିବାକୁ ପ୍ରସ୍ତାବ ରଖିଲେ । କବୀରଙ୍କ ପ୍ରଥମ ସର୍ତ୍ତ ଥିଲା ତୁମକୁ ପ୍ରଥମେ ଜ୍ଞାନ ଅଭିମାନ ତ୍ୟାଗ କରିବାକୁ ପଡ଼ିବ । ଅଭିମାନ କ'ଣ ଏତେ ସହଜରେ ଯାଏ ? ବିଶ୍ୱନାଥଙ୍କ ଶରଣରେ ପଶିଲେ, କୃପା ପ୍ରାପ୍ତ ହେଲେ ବିଭିନ୍ନ ଘଟଣା କ୍ରମରେ ଅଭିମାନ ଦୂରେଇ ଗଲା ।"

ଡାକ୍ତର ମହାଶୟ ସକାଳୁ ସକାଳୁ ପ୍ରାତଃ ଭ୍ରମଣ ଉଦ୍ଦେଶ୍ୟରେ ଫାଟକ ଖୋଲୁ ଖୋଲୁ ଜଣେ ଗାଉଁଲି ବୃଦ୍ଧ ଲୋକର କୃତଜ୍ଞତା ଭରା ନମସ୍କାର ଗ୍ରହଣ କରି ପ୍ରତି ନମସ୍କାରଟିଏ ଜଣାଇଲେ । ଲୋକଟିର ବେଶଭୁଷା, ଚାଲିଚଳନରୁ ତାର ଦାରିଦ୍ର୍ୟ, ନିରକ୍ଷରତା ଓ ସରଳପଣ ବେଶ ବାରି ହୋଇପଡୁଥାଏ । ଆଖିରେ ଆଖିଏ ଥାଏ ବିଶ୍ୱାସର ଝଲକ । ଆସିବାର କାରଣ ପୁଛନ୍ତେ ଲୋକଟି ଭାବ ଗଦଗଦ କଣ୍ଠରେ କହିଲା, ଆଜ୍ଞା ! ମୁଁ ଆଠଦିନ ତଳେ ମୋର ପେଟ ବେମାର ଚିକିତ୍ସା ନିମନ୍ତେ ଆପଣଙ୍କୁ ପାଖକୁ ଆସିଥିଲି । ମୋର ଏହି ସାଂଘାତିକ ରୋଗର ନିଦାନ ନିମନ୍ତେ ମୋତେ ଅସ୍ତ୍ରୋପଚାର ପାଇଁ ଉପଦେଶ ଦେଇଥିଲେ । ଅସ୍ତ୍ରୋପଚାର ଯେ ମୋ ସାଧ ବାହାରେ ତାହା ଜାଣି ଖଣ୍ଡେ କାଗଜରେ ଔଷଧର ନା ଲେଖି

ଦେଇଥିଲେ ଏବଂ ମୋତେ ସାତଦିନ ଖାଇ ସାରିବା ପରେ ଭେଟିବାକୁ କହିଥିଲେ । ସାତଦିନ ଖାଇବା ପରେ ମୋର ରୋଗଟି ସଂପୂର୍ଣ୍ଣ ଭଲ ହୋଇଯାଇଛି । ଡାକ୍ତର ଆଶ୍ଚର୍ଯ୍ୟଭରା ଚାହାଣୀରେ ଚିଠାକୁ ଦେଖାଇବା ପାଇଁ କୁହନ୍ତେ, ଲୋକଟି କହିଲା ଚିଠାଟିକୁ ତ ମୁଁ ସାତଖଣ୍ଡ କରି, ସାତଦିନରେ ପାଣିରେ ପକାଇ ଖାଇଦେଇଛି । ଲୋକଟିର କଥାଶୁଣି ଡାକ୍ତର ମହାଶୟ ତଟସ୍ଥ ହେବା ସଙ୍ଗେ ସଙ୍ଗେ ହଠାତ୍ ତାଙ୍କ ପାଟିରୁ ବାହାରିଗଲା ପ୍ଲେସିବୋ ଇଫେକ୍ଟ । ଡାକ୍ତର ଥିଲେ ଜ୍ଞାନୀ, ଗୁଣୀ ଓ ଅଭିଜ୍ଞ ।

ପ୍ଲେସିବୋ ଇଫେକ୍ଟର ଆକ୍ଷରିକ ଅର୍ଥ ହେଲା ଚିକିତ୍ସା ବିଜ୍ଞାନରେ ବିଶ୍ୱାସର ପ୍ରଭାବ । ଅଭିଜ୍ଞ ଡାକ୍ତରମାନେ ପ୍ରଥମେ ରୋଗୀର ବିଶ୍ୱାସ ଜିତିବାକୁ ଚେଷ୍ଟା କରନ୍ତି ତତ୍‌ପରେ ଚିକିତ୍ସା ଆରମ୍ଭ କରନ୍ତି । ଗବେଷଣାରୁ ଜଣାଯାଇଛି ଯେ ଔଷଧ ସହିତ ବିଶ୍ୱାସ ମିଶିଲେ ରୋଗୀ ଶୀଘ୍ର ଆରୋଗ୍ୟ ଲାଭ କରେ । ବିଶ୍ୱାସରେ ବିଷ ମଧ୍ୟ ପାଣି ହୋଇଯାଏ । ବିଶ୍ୱାସ ଠାରୁ ବଳି ଆଉ କିଛି ବଡ ନାହିଁ । ଥରେ ବିଶ୍ୱାସ ପକ୍‌କା ହୋଇଗଲେ କଥା ସରିଲା । ଯାହାର ବିଶ୍ୱାସ ଯେତେ ବଡ ତାର ପ୍ରଭୁ ସେତେ ବଡ । ରାମାୟଣରେ ବର୍ଣ୍ଣିତ ହୋଇ ଅଛି ଯେ, ଭକ୍ତ ହନୁମାନ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଉପରେ ବିଶ୍ୱାସ ରଖି ଏକା ଲମ୍ଫରେ ସମୁଦ୍ର ଲଙ୍ଘିଥିଲେ । କିନ୍ତୁ ସ୍ୱୟଂ ପରଂବ୍ରହ୍ମ ରାମଚନ୍ଦ୍ରଙ୍କୁ ଲଙ୍କା ଯିବା ନିମନ୍ତେ ସେତୁ ବାନ୍ଧିବାକୁ ପଡିଲା । ବିଶ୍ୱାସର ସାମାନ୍ୟତମ ସଂଶୟ ମଣିଷକୁ ଡୁବାଇ ଦେଇଥାଏ । ଲଙ୍କାର ଜଣେ ରାକ୍ଷାସକୁ ସମୁଦ୍ର ପାର ହୋଇ ଯିବାକୁ ହେବ । ବିଭୀଷଣଙ୍କୁ ସାହାଯ୍ୟ କରିବାକୁ ଅନୁରୋଧ କଲା । ବିଭୀଷଣ ଗୋଟିଏ ପତ୍ରରେ କିଛି ଲେଖିଦେଇ ତାର ଗାମୁଛାରେ ବାନ୍ଧିଦେଇ ସମୁଦ୍ର ଉପରେ ଚାଲିଚାଲି ଯିବାକୁ କହିଲେ । ବାଟରେ ଲୋକଟି ଆରାମରେ ପାଣି ଉପରେ ଯାଉଥିବା ବେଳେ ହଠାତ୍ ପତ୍ରରେ କ'ଣ ଲେଖାଯାଇଛି ଜାଣିବାକୁ ଆଗ୍ରହ ପ୍ରକାଶ କଲା । ଗଣ୍ଠିଲି ଖୋଲି ପତ୍ରରେ ଜୟ ଶ୍ରୀରାମ ଲେଖା ହୋଇଥିବାର ଦେଖିଲା । ଲେଖା ପଢି ମନକୁ ମନ କହିଲା, ଓଃ, ଏହିକଥା ! ଏକଥା ତ ମୁଁ ପୂର୍ବରୁ ଜାଣିଛି । ତା ମନରେ ସଂଶୟ ଜାତ ହେଲା ଏବଂ ସେଇଠାରେ ହିଁ ଡୁବିଗଲା ।

ତେଣୁ ତ ଶାସ୍ତ୍ରରେ କୁହାଯାଇଛି ବିଶ୍ୱାସେ ମିଳଇ ହରି, ତର୍କେ ବହୁଦୂର । ବିଶ୍ୱାସ ଦୃଢ ହେଲେ ଶ୍ରଦ୍ଧା, ନିଷ୍ଠା, ଭକ୍ତି ଓ ପ୍ରେମ ଜାଗ୍ରତ ହୁଏ । ଶ୍ରଦ୍ଧା ଓ ନିଷ୍ଠା ଦୃଢ ହେଲେ ଆସ୍ଥାଭାବ ସୁଦୃଢ ହୁଏ । ଆସ୍ଥା ଦୃଢହେଲେ ଚମତ୍କାର ଘଟେ । ଚମତ୍କାରକୁ ନେଇ ସୁନ୍ଦର କାହାଣୀଟିଏ ଆସନ୍ତୁ ଜାଣିବା । ବାପା ମାଆ, ପୁଅ - ଝିଅକୁ ନେଇ ଗୋଟିଏ ଛୋଟ ସଂସାର ହସଖୁସିରେ ଚାଲୁଥାଏ । ହଠାତ୍ ପରିବାରକୁ ଏକ ବିପତ୍ତିର ଝଡ ମାଡ ଆସିଲା । ପୁଅଟି ଏକ ଜଟିଳ ସ୍ନାୟୁରୋଗରେ ପୀଡ଼ିତ ହେଲା । ବହୁ ଚେଷ୍ଟା ସତ୍ତ୍ୱେ ପୁଅଟି ଭଲହେବା ପରିବର୍ତ୍ତେ ଭୀଷଣରୁ ଭୀଷଣରେ ରୋଗାକ୍ରାନ୍ତ ହୋଇଯାଉଥାଏ । ଇତି ମଧ୍ୟରେ ପନ୍ଦର ଦିନ ବିତିଯାଇଥାଏ । ବାପାଙ୍କର ସମସ୍ତ ସଞ୍ଚିତ ଅର୍ଥ ସରିଯାଇଥାଏ । ବଞ୍ଚିବାର ଆଶା ଧିରେ ଧିରେ ମଉଳି ଯାଉଥାଏ । ଡାକ୍ତର କହିଲେ ଏ ରୋଗୀକୁ କୌଣସି

'ଚମତ୍କାର' ଭଲ କରିପାରିବ । ଏକଥା ତାର ଛୋଟ ଭଉଣୀଟି ଶୁଣି, ଚମତ୍କାର ଯେ, କୌଣସି ଏକ ଔଷଧ ଜାତୀୟ ଦ୍ରବ୍ୟ ବୋଲି ଭାବିନେଲା । ତାର ବିଶ୍ୱାସ ହେଲା ଯେ, ସେ 'ଚମତ୍କାର'କୁ ଯେକୌଣସି ମତେ ଯୋଗାଡ଼ କରିପାରିବ । ତାପରେ ସେ ତାର ସଞ୍ଚୟ କରିଥିବା କୁଣ୍ଢିଟିକୁ ଧରି ଔଷଧ ଦୋକାନକୁ ଦୌଡିଲା । ଦୋକାନ ଆଗରେ ମାଟି କୁଣ୍ଢିଟିକୁ କଚାଡି ଭାଙ୍ଗିଦେଲା । କୁଣ୍ଢିରୁ ବାହାରିଥିବା ସବୁ ମୁଦ୍ରାକୁ ଏକଜୁଟ କରି ଗଣିବାରୁ କୋଡିଏ ଟଙ୍କା ହେଲା । ଏ କୋଡିଏ ଟଙ୍କା ଔଷଧ ଦୋକାନୀଟିକୁ ବଢାଇଦେଇ କହିଲା– ମୋତେ ଗୋଟିଏ 'ଚମତ୍କାର' ଔଷଧ ଦିଅନ୍ତୁ । ଝିଅଟିର ବ୍ୟବହାରରେ ଔଷଧ ଦୋକାନୀ ବିରକ୍ତି ପ୍ରକାଶ କରି ତାକୁ ତଡିଦେବାକୁ ଲାଗିଲା । ପରନ୍ତୁ ଏ ସମସ୍ତ ଘଟଣା ଜଣେ ଭଦ୍ରଲୋକ ଆଗ୍ରହ ସହକାରେ ନିରୀକ୍ଷଣ କରୁଥାନ୍ତି । ଝିଅଟିକୁ ପାଖକୁ ଡାକି ସମସ୍ତ ବୃତ୍ତାନ୍ତ ଶୁଣିବା ପରେ, ତା ବାପାଙ୍କୁ ସାକ୍ଷାତ୍ କଲେ ଏବଂ ପରଦିନ ତା ଭାଇକୁ ଯାଇ ଡାକ୍ତରଖାନାରେ ଭେଟି ସମସ୍ତ ପରୀକ୍ଷା ନିରୀକ୍ଷା କଲେ । ସୂଚନାଯୋଗ୍ୟ ଏହିକି ଯେ, ଭଦ୍ରଲୋକ ଜଣକ ଥିଲେ ସ୍ନାୟୁବିଭାଗର ବରିଷ୍ଠ ଡାକ୍ତର । ଡାକ୍ତରଙ୍କ ପରାମର୍ଶ କ୍ରମେ ରୋଗୀର ଅସ୍ତ୍ରୋପଚାର ହେଲା ଏବଂ ତାହା ମଧ୍ୟ ସଫଳ ହେଲା । ଗଭୀର ବିଶ୍ୱାସଭରା ଆସ୍ଥାର ଚମତ୍କାର ଘଟିଲା । ପ୍ରତ୍ୟେକ ଅଞ୍ଚଳର ସ୍ଥାୟୀ ଅଧିଷ୍ଠାତ୍ରୀ ଦେବୀ ବିଶ୍ୱାସ ପ୍ରତୀକ ଭାବରେ ଲୋକମାନଙ୍କର ଆସ୍ଥାଭାଜନ ହୋଇ ପୂଜା ପାଇଥାନ୍ତି । ବିପଦ ଆପଦ ବେଳେ ଜନସାଧାରଣ ଦେବୀଙ୍କୁ ଗୁହାରି ଜଣାନ୍ତି, ମାନସିକ କରନ୍ତି । ସେହିଭଳି ଜଣେ ଜଣେ ଅଖଣ୍ଡ ଈଶ୍ୱର ବିଶ୍ୱାସୀ ମଣିଷ ଗୋଟିଏ ଅଞ୍ଚଳରେ ମେରୁ ଖମ୍ଭ ହୋଇ, ଅଜ୍ଞାତରେ ବାସ କରନ୍ତି । ସେମାନଙ୍କ ଅତୁଟ ବିଶ୍ୱାସ ଗୋଟିଏ ଅଞ୍ଚଳକୁ ବହୁ ଦୁର୍ବିପାକରୁ ରକ୍ଷାକରେ ।

ଉଦାହରଣ ଦେଲେ କଥାଟି ସହଜରେ ବୁଝାପଡିବ । ଗୋଟିଏ ଗାଁରେ ବହୁଦିନ ଧରି ବର୍ଷା ହେଲା ନାହିଁ । ଲୋକମାନେ ତ୍ରାହି ତ୍ରାହି ଡାକିଲେ । ବୟସ୍କ ବୁଦ୍ଧିଜିବୀ ଏକଜୁଟ ହୋଇ ଜଣେ ସିଦ୍ଧ ସାଧୁଙ୍କ ପାଖରେ ପହଞ୍ଚି ସେମାନଙ୍କର ଦୁର୍ଦ୍ଦଶା ଜଣାଇଲେ । ସାଧୁ ସେମାନଙ୍କୁ ଏକ ଯଜ୍ଞର ଆୟୋଜନ କରିବା ପାଇଁ କହିଲେ । ଦିନ, ଧାର୍ଯ୍ୟ ଠିକ୍ ହେଲା । ସାଧୁ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ହୋଇ ଯଜ୍ଞକାର୍ଯ୍ୟ ସମାପାନକଲେ । ପୂର୍ଣ୍ଣାହୁତି ସମୟ ପାଖେଇ ଆସିଲା । ଲୋକମାନଙ୍କ ମନରେ ପ୍ରବଳ ଉତ୍ସାହ । ବହୁ ସଂଖ୍ୟାରେ ଯଜ୍ଞ ସ୍ଥଳରେ ପହଞ୍ଚିଲେ । ସେମାନଙ୍କ ମଧ୍ୟରେ ଜଣେ ବୟସ୍କ ବୃଦ୍ଧ ବ୍ୟକ୍ତି ହାତରେ ଛତାଟିଏ ଧରି ଆସିଥିଲେ । ଯଜ୍ଞ ସରୁ ସରୁ ଆକାଶରେ କଳା ହାଣ୍ଡିଆ ମେଘ ଘୋଟି ଆସିଲା । ବିଜୁଳି, ଘଡଘଡି ସହିତ ପ୍ରବଳ ବର୍ଷା ହେଲା । ହରିବୋଲ, ଓ ହୁଲୁହୁଳି ଶବ୍ଦରେ ଯଜ୍ଞସ୍ଥଳ ପ୍ରକମ୍ପିତ ହେବା ସଙ୍ଗେ ସଙ୍ଗେ ସାଧୁଙ୍କର ଜୟଗାନ କରାଗଲା । ବର୍ଷା ଛାଡିବା ପରେ ସାଧୁଜଣଙ୍କ ଏକ ପ୍ରବଚନ ସଭାର ଆୟୋଜନ କଲେ ଏବଂ ବର୍ଷା ହେବାର ଶ୍ରେୟ ସେହି ବୃଦ୍ଧ ଲୋକଙ୍କୁ ଦେଲେ ଯିଏ ହାତରେ ଛତାଟିଏ ଧରି ଆସିଥିଲେ । ଯଜ୍ଞ ଓ ସାଧୁଙ୍କ ଉପରେ ଲୋକଟିର ଶତ ପ୍ରତିଶତ ବିଶ୍ୱାସ ଥିଲା ।

ସରଳତା ଓ ବିଶ୍ୱାସ ପରସ୍ପର ଅନୁପୂରକ । ବାଳକମାନେ ବହୁତ ସରଳ ତେଣୁ ସେମାନଙ୍କର ବିଶ୍ୱାସ ଅଧିକ । କିମ୍ବଦନ୍ତୀ ଅନୁସାରେ କବିସୂର୍ଯ୍ୟ ବଳଦେବ ରଥ, ବାଳକ ଅବସ୍ଥାରେ ନିଜ କୂଳଦେବୀଙ୍କୁ ଭୋଗ ଲଗାଇ ବିଶ୍ୱାସର ସହ ଆଖି ବୁଜି ବସିପଡୁଥିଲେ । ଆଖି ଖୋଲିବା ପରେ ତାଙ୍କ ସବୁତକ ଭୋଗ ଦେବୀ ଗ୍ରହଣ କରିନେଉଥିଲେ । ସଂଶୟ, ତର୍କ, ପ୍ରମାଣ, ଅଭିମାନ ଓ ଅହଂକାର ବିଶ୍ୱାସର ପରିପନ୍ଥି । ଆକାଶରେ କଳାହାଣ୍ଡିଆ ମେଘପରି । ବିଶ୍ୱାସ ରୂପକ ସୂର୍ଯ୍ୟଙ୍କୁ ଆଚ୍ଛାଦିତ କରିଦିଅନ୍ତି ।

ଏକଦା ଦକ୍ଷିଣ ଭାରତର ପ୍ରଚଣ୍ଡ ବିଦ୍ୱାନ ପଦ୍ମନାଭ ଆଚାର୍ଯ୍ୟ ତାଙ୍କ ଜ୍ଞାନଦ୍ୱାରା ଭାରତବର୍ଷର ବହୁ ପଣ୍ଡିତ ଓ ବ୍ରାହ୍ମଣଙ୍କୁ ହରାଇ ସାରିବା ପରେ କାଶୀ ଅଭିଯାନରେ ବାହାରିଲେ । କାଶୀ ବିଦ୍ୟାର ନଗରୀ । କାଶୀ ପଣ୍ଡିତମାନେ ଏକଥା ଜାଣି ପ୍ରମାଦ ଗଣିଲେ । ନିଜ ଆରାଧ୍ୟ ଦେବତା କାଶୀ ବିଶ୍ୱନାଥଙ୍କ ପାଖରେ ଅଧିଆ ପଡିଲେ । ପ୍ରଭୁଙ୍କ ନିର୍ଦ୍ଦେଶ କ୍ରମେ ତର୍କ ନିମନ୍ତେ ନିରକ୍ଷର ସନ୍ଥ କବୀର ଦାସଙ୍କୁ ବଛାଗଲା । ଜ୍ଞାନ ଅଭିଯାନ ଜର୍ଜରିତ ପଦ୍ମନାଭ ନିରକ୍ଷର କବୀରଙ୍କୁ ତାଚ୍ଛଲ୍ୟଅକରି କହିଲେ - ସନ୍ଥ ମହାଶୟ ! ମୋତେ କ'ଣ ପଚାରିବେ ପଚାରନ୍ତୁ ?

ଆପଣ ପଢିକରି ବୁଝନ୍ତି ନା ବୁଝିକରି ପଢନ୍ତି । ପ୍ରଶ୍ନ ରଖିଲେ କବୀର । ଏ ପ୍ରଶ୍ନରେ ହଡ଼ବଡେଇ ଗଲେ ବିଦ୍ୱାନ ପଦ୍ମନାଭ । ଶେଷରେ ଉତ୍ତର ଦେଇ ନ ପାରି କବୀରଙ୍କ ଶିଷ୍ୟତ୍ୱ ଗ୍ରହଣ କରିବାକୁ ପ୍ରସ୍ତାବ ରଖିଲେ । କବୀରଙ୍କ ପ୍ରଥମ ସର୍ତ୍ତ ଥିଲା ତୁମକୁ ପ୍ରଥମେ ଜ୍ଞାନ ଅଭିମାନ ତ୍ୟାଗ କରିବାକୁ ପଡ଼ିବ । ଅଭିମାନ କ'ଣ ଏତେ ସହଜରେ ଯାଏ ? ବିଶ୍ୱନାଥଙ୍କ ଶରଣରେ ପଶିଲେ, କୃପା ପ୍ରାପ୍ତ ହେଲେ ବିଭିନ୍ନ ଘଟଣା କ୍ରମରେ ଅଭିମାନ ଦୂରେଇ ଗଲା । ତତ୍‌ପରେ ସଦଗୁରୁ କବୀରଙ୍କ ଶିଷ୍ୟତ୍ୱ ଗ୍ରହଣ କରି ଗୁରୁମନ୍ତ୍ର ପାଇ ସାଧନାରେ ମଗ୍ନ ହେଲେ । ସେତେବେଳେ ସେ ବୁଝିପାରିଲେ ଗାଦି ଗାଦି ପୁସ୍ତକ ପଢି ବିଦ୍ୱାନ ଓ ପଣ୍ଡିତମାନଙ୍କର ଯଦି ଈଶ୍ୱର ଉପଲବ୍ଧି ନ ହୁଏ ସେଥିରେ କିଛି ମୂଲ୍ୟ ନାହିଁ । କେବଳ ଦୁଇ ଅକ୍ଷର ବିଶିଷ୍ଟ ରାମ ନାମ ଶ୍ରଦ୍ଧା ଓ ବିଶ୍ୱାସର ସହ ଜପ କଲେ ତାହା ଈଶ୍ୱର ପ୍ରାପ୍ତି ପାଇଁ ଯଥେଷ୍ଟ ହୋଇଥାଏ ।

ବିଶ୍ୱାସ ଏମିତି ଏକ ଶବ୍ଦ ତାହା ଶୁଣିବା ପାଇଁ ଏକ ସେକେଣ୍ଡ ଲାଗେ, ଚିନ୍ତା କରିବାକୁ କେଇଦିନ ଲାଗିଯାଏ, ବୁଝିବାକୁ କେତେ ବର୍ଷ ଲାଗିଯାଏ । କିନ୍ତୁ ବୁଝେଇବାକୁ ଗୋଟାଏ ଜୀବନ କାଳ ବି ନିଅଣ୍ଟ ପଡ଼ିଯାଏ । ଅନ୍ୟ ମନରେ ଈଶ୍ୱର ବିଶ୍ୱାସ ସୃଷ୍ଟି କରାଇବାକୁ ତ ସାଧାରଣ ମାନବ ପକ୍ଷେ ଅସମ୍ଭବ । କେବଳ ଈଶ୍ୱର କୃପା ପ୍ରାପ୍ତ ଆତ୍ମା ସାକ୍ଷାତକାରୀ, ବ୍ରହ୍ମଦର୍ଶୀ ଅତିମାନବମାନେ ସେମାନଙ୍କର ଅଲୌକତା ଓ ଚମତ୍କାରିତା ଦ୍ୱାରା ଅନ୍ୟମାନଙ୍କ ମନରେ ଈଶ୍ୱର ବିଶ୍ୱାସ ସୃଷ୍ଟି କରାଇବାର ସକ୍ଷମ ହୋଇଥାନ୍ତି ।


ନିଜ ବିଶ୍ୱାସ ସହ ଈଶ୍ୱରଙ୍କ ଆଶୀର୍ବାଦ ମିଶିଗଲେ ତାହା ଆତ୍ମବିଶ୍ୱାସରେ ପରିଣତ ହୁଏ । ରାଜା ପୁରୁଷୋତ୍ତମ ଦେବ ପ୍ରଥମ ଥର କାଞ୍ଚିରାଜାଙ୍କ ଠାରୁ ହାରିବା ପରେ ଜଗନ୍ନାଥଙ୍କ

ଶରଣାଗତି ହୋଇଥିଲେ । ୨ୟ ବାର କାଞ୍ଚି ଅଭିଯାନ କଲାବେଳେ ବାଟରେ ମାଣିକ ଗଉଡୁଣୀଙ୍କ ଠାରୁ ଜାଣିବାକୁ ପାଇଲେ ଯେ ସ୍ୱୟଂ ଜଗନ୍ନାଥ ଓ ବଳଭଦ୍ର, କଳାଘୋଡା ଓ ଧଳାଘୋଡାରେ ବସି ସୈନିକ ବେଶରେ କାଞ୍ଚି ଅଭିଯାନ କରିଛନ୍ତି । ତା' ଠାରୁ ଦହି ପିଇ ପାଉଣା ବାବଦକୁ ଜଗନ୍ନାଥଙ୍କ ହସ୍ତ ମୁଦି ଦେଇଯାଇଛନ୍ତି । ତାଙ୍କ ବିଶ୍ୱାସ ବହୁଗୁଣରେ ବୃଦ୍ଧି ହୋଇ ଆତ୍ମ ବିଶ୍ୱାସରେ ରୂପାନ୍ତରୀତ ହେଲା । ଫଳସ୍ୱରୂପ କାଞ୍ଚିଯୁଦ୍ଧରେ ବିଜୟପ୍ରାପ୍ତ ହେଲେ ।

ବହୁ ପରିଶ୍ରମ ପରେ 'ଜଗନ୍ନାଥ ଦାସ' ନବାକ୍ଷରୀ ଛନ୍ଦ ବିଶିଷ୍ଟ ଭକ୍ତି ଓ ପ୍ରେମ ରସରେ ଭରା 'ଓଡ଼ିଆ ଭାଗବତ' ରଚନା ଶେଷ କଲେ । ପାଣ୍ଡୁଲିପିଟିକୁ ସମୀକ୍ଷା ପାଇଁ ପୁରୀର ଜଣେ ପଣ୍ଡିତଙ୍କୁ ଅନୁରୋଧ କରିଥିଲେ । ପଣ୍ଡିତ ଜଣକ ପାଣ୍ଡୁଲିପିଟିକୁ ତନ୍ନତନ୍ନ କରି ପଢିସାରିବା ପରେ 'ଜଗନ୍ନାଥ ଦାସ'ଙ୍କୁ ପାଖକୁ ଡାକି ଉପଦେଶ ଛଳରେ କହିଲେ, ଯେତେ ସାବଧନତା ଓ ସତର୍କତାର ସହ ବ୍ୟଞ୍ଜନ ପ୍ରସ୍ତୁତ କଲେ ମଧ୍ୟ ସେଥିରେ ଯଦି ଆବଶ୍ୟକ ମୁତାବକ ଲୁଣ ପଡ଼ି ନଥାଏ, ବ୍ୟଞ୍ଜନ ସ୍ୱାଦହୀନ ହୋଇଥାଏ । ଠିକ୍ ସେହିପରି ଏହି ତ୍ରୟୋଦଶ ସ୍କନ୍ଦ ବିଶିଷ୍ଟ ଭାଗବତ ମୋତେ ଟିକେ ଅଲଣା ଲାଗୁଛି । ତୁମେ ଏଥିରେ ବିଶ୍ୱାସ ରୂପକ ଲୁଣ ଟିକେ ଛିଞ୍ଚି ଦିଅ । ଜଗନ୍ନାଥ ଦାସ ଏ କଥାର ମର୍ମ ବୁଝିପାରି ସର୍ବଶେଷରେ ଏହି ପଦଟିକୁ ଯୋଗକଲେ ।

"କହଇ ଜଗନ୍ନାଥ ଦାସ
ମୂଳଟି ଅଟଇ ବିଶ୍ୱାସ"

❐



ପ୍ରକାଶ ପାଇଛି

ଡ. କାଳୀପଦ ପଣ୍ଡାଙ୍କ

ପୁସ୍ତକ

ବିଶ୍ୱାସର ଚାରା

କାଠଗଡ଼ାର ଉର୍ଦ୍ଧ୍ୱରେ ସାହିତ୍ୟ



ଡ. କାଳୀପଦ ପଣ୍ଡା
ମୋ.୯୪୩୭୦୮୯୨୪୧

“ ଲେଖକୀୟ ସ୍ୱାଧୀନତାର କୁଠାରଘାତ କେବେ ବି ଗ୍ରହଣୀୟ ହୋଇନାହିଁ । କଲମକୁ ଖଣ୍ଡାଠାରୁ ଅଧିକ ଶକ୍ତିଶାଳୀ କୁହାଯାଇଥାଏ । ଯେଭଳି କି ପରିହାସ ଛଳରେ କୁହାଯାଏ “ଉପରିସ୍ଥ ହାକିମଙ୍କ କଲମ ହିଁ ଶକ୍ତିଶାଳୀ, ଯାହା ଅନ୍ନବସ୍ତ୍ର ଦେବାକୁ ସମର୍ଥ । ଯାହାର ଗୋଟିଏ ଗାରରେ ବ୍ୟକ୍ତିର ଭାଗ୍ୟ ବଦଳି ଯାଏ ।” ଯେଭଳି କି ବିଶ୍ୱସ୍ତରରେ ‘ଟମକକାଙ୍କ କୁଟୀର’ । ”

ଦେଶର ନାଗରିକର ବାକ୍‌ସ୍ୱାଧୀନତା ଏକ ମୌଳିକ ଅଧିକାର । ଯାହାକୁ ଇଂରାଜୀରେ ଫ୍ରିଡ଼ମ୍ ଅଫ୍ ସ୍ପିଚ୍ କୁହାଯାଏ । ଜଣେ ସଚେତନ ନାଗରିକ ତା’ର ସ୍ୱାଧୀନ ମତପୋଷଣ କରିବାର ଯେଉଁ ଫାଣ୍ଡାମେଣ୍ଟାଲ୍ ରାଇଟସ୍ ବା ମୌଳିକ ଅଧିକାର ପାଇଛି, ତାହାକୁ ସୁନିଶ୍ଚିତ କରିବା ସବୁସ୍ତରର ଅଗ୍ରାଧିକାର ବିଷୟ । ଏହାର ବିଚ୍ୟୁତି କେବେ ଗ୍ରହଣୀୟ ନୁହେଁ । ଦେଶର ଶାସନକଳ ଓ ପ୍ରଶାସନରେ ଅସଙ୍ଗତି ଅନୁଭବ ହେଲେ ତାହାର ଗଠନମୂଳକ ଆଲୋଚନା ବା ସମାଲୋଚନା ନାଗରିକଟିଏ ନିଜର ଲେଖାରେ ପ୍ରକାଶ କରୁଥିଲେ ତହିଁରେ ବାଧା ସୃଷ୍ଟି କରାଯାଇପାରିବ ନାହିଁ । ବିଶେଷ ଭାବେ ସାହିତ୍ୟରେ, କବିତା, ନାଟକ, ଗଳ୍ପ, ଉପନ୍ୟାସ, କଳାରେ ବ୍ୟଙ୍ଗ ମାଧ୍ୟମରେ ଯାହା କୁହାଯାଏ ତାହା ଜୀବନକୁ ସମୃଦ୍ଧ କରିଥାଏ । ଏହା ଚିନ୍ତାଧାରା ଓ ମତର ମୁକ୍ତ ଅଭିବ୍ୟକ୍ତି ।

ସୁସ୍ଥ ଓ ସଭ୍ୟ ସମାଜଗଠନର ଅବିଚ୍ଛେଦ୍ୟ ଅଙ୍ଗ ସଦୃଶ । ସମ୍ବିଧାନର ଧାରା ୨୧ ଅନୁଯାୟୀ ସମ୍ମାନଜନକ ଜୀବନଯାପନ କରିବାରେ ପ୍ରମୁଖଦିଗ । "ଅଭିବ୍ୟକ୍ତିର ସ୍ୱାଧୀନତା ଏକ ସୁସ୍ଥ ଓ ସଭ୍ୟସମାଜର ଅବିଚ୍ଛେଦ୍ୟ ଅଙ୍ଗ" ବୋଲି ଏକ ମାମଲାର ଶୁଣାଣିରେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ଟିପ୍ପଣି ଦେଇଛନ୍ତି । ଜଷ୍ଟିସ ଏ ଏସ୍ ଓକା ଏବଂ ଜଷ୍ଟିସ ଉଜ୍ଜଳ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ସମ୍ବେଦନଶୀଳ ପ୍ରସଙ୍ଗର ବିଚାର ପରେ ନିଜର ରାୟରେ କହିଛନ୍ତି- ସ୍ୱାଧୀନତାର ୭୫ ବର୍ଷ ପରେ ଆମେ କେବଳ କବିତା ପାଠ କରିବା କିମ୍ବା ଷ୍ଟାଣ୍ଡଅପ୍ କମେଡ଼ି ଭଳି କଳା ଅଥବା ମନୋରଞ୍ଜନର କୌଣସି ରୂପ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା କିମ୍ବା ଘୃଣା ସୃଷ୍ଟି କରିଥାଏ ବୋଲି ବିଚାର କରିବା ଠିକ୍ ନୁହେଁ ।

କେତେଦିନ ପୂର୍ବେ ମହାରାଷ୍ଟ୍ରର ଶିବସେନା ମୁଖ୍ୟ ଏକନାଥ ସିନ୍ଦେଙ୍କୁ ଦେଶଦ୍ରୋହୀ କହି ମାନହାନି ମାମଲାରେ ସମ୍ମୁଖୀନ ହୋଇଥିବା ହାସ୍ୟାଭିନେତା କୁନାଲ କାମ୍ରାଙ୍କ ବିରୁଦ୍ଧରେ ଚାଲିଥିବା ବିବାଦ ପରିପ୍ରେକ୍ଷୀରେ ଏହି ରାୟ ଏଣିକି ଯଥେଷ୍ଟ ଗୁରୁତ୍ୱ ରଖିଛି ।

ଯେଉଁ ମାମଲାର ଶୁଣାଣି କରି ଦେଶର ସର୍ବୋଚ୍ଚ ଅଦାଲତର ଏକ ଖଣ୍ଡପୀଠ ଉପରୋକ୍ତ ରାୟ ଶୁଣାଇଛନ୍ତି, ତାହାହେଲା - ଗୁଜୁରାଟ ପ୍ରଦେଶର କଂଗ୍ରେସ ସାଂସଦ ଇମ୍ରାନ ପ୍ରତାପଗଢ଼ୀ ସୋସିଆଲ ମିଡ଼ିଆରେ ଏକ କବିତାକୁ ସେୟାର କରିଥିଲେ । ଯେଉଁ ପୃଷ୍ଠଭୂମିରେ 'ଏ ଖୁନ୍ କେ ପ୍ୟାସେ ବାତ୍ ସୁନୋ' ଗୀତ ପ୍ରସାରିତ ହୋଇଥିଲା । ଯାହା ବିଜେପି ଶାସିତ ସରକାରଙ୍କୁ କଡ଼ା ସମାଲୋଚନା ବୋଲି କୁହାଯାଇଥିଲା ।

ଏବାବଦରେ ଯେଉଁ ଏଫ୍ ଆଇ ଆର୍ ହୋଇଥିଲା, ଏହାକୁ ରଦ୍ଦ କରିବା ମନା କରିଦେଇଥିଲେ ଗୁଜୁରାଟ ହାଇକୋର୍ଟ ଗତ ଜାନୁଆରୀ ମାସର ୧୭ ତାରିଖରେ । ଏହି ମାମଲା ଯେତେବେଳେ ସୁପ୍ରିମକୋର୍ଟରେ ପହଂଚିଲା, ମାନ୍ୟବର ସୁପ୍ରିମକୋର୍ଟ ଶୁଣାଣି କରି ରାୟକୁ ସଂରକ୍ଷିତ ରଖିଥିଲେ । ଚଳିତ ମାର୍ଚ୍ଚ ୨୮ ତାରିଖରେ ରାୟ ଶୁଣାଇଲା ବେଳେ ସୋସିଆଲ ମିଡ଼ିଆରେ ଅପ୍‌ଲୋଡ୍ ହୋଇଥିବା କବିତାକୁ ନେଇ ଗୁଜୁରାଟର କଂଗ୍ରେସ ସାଂସଦ ଇମ୍ରାନ ପ୍ରତାପଗଢ଼ୀଙ୍କ ବିରୁଦ୍ଧରେ ଦାଏର ହୋଇଥିବା ଏଫ୍ ଆଇ ଆର୍‌କୁ ରଦ୍ଦ କରିଦେଇ କହିଥିଲେ ଯେ - "ଅଭିବ୍ୟକ୍ତିର ସ୍ୱାଧୀନତା ଏକ ସୁସ୍ଥ ସଭ୍ୟ ସମାଜର ଅବିଚ୍ଛେଦ୍ୟ ଅଙ୍ଗ" । ମାନ୍ୟବର ବିଚାରପତି ଦ୍ୱୟ ଆହୁରି କହିଥିଲେ ଯେ - "କବିତା ଧର୍ମବିରୋଧୀ କିମ୍ବା ଦେଶବିରୋଧୀ ନୁହେଁ, ପୁଲିସ୍ ବାକ୍ ଓ ଅଭିବ୍ୟକ୍ତିର ସ୍ୱାଧୀନତା ଅର୍ଥ ବୁଝିବା ଉଚିତ" ।

ବାସ୍ତବରେ ଏହି ସମ୍ବେଦନଶୀଳ ପ୍ରସଙ୍ଗ କ୍ରମରେ କୋଟିକୋଟି ଭାରତୀୟଙ୍କ ମତ ପ୍ରକାଶ କରିବାର ଯେଉଁ ମୌଳିକ ବାକ୍‌ସ୍ୱାଧୀନତାକୁ ଚିର ଅକ୍ଷୁର୍ଣ୍ଣ ରଖିବା ଦିଗରେ

ଚେତାବନୀ ସୃଷ୍ଟି ହୋଇଛି । ସାହିତ୍ୟ ସବୁକାଳେ ମଣିଷର ଚେତନାକୁ ଶାଣିତ ଓ ସୁସଂଯତ କରାଏ । ଜୀବନ ଗଢ଼ିବାରେ ପ୍ରତିଷେଧକ ଟିକା ସଦୃଶ କାର୍ଯ୍ୟ କରେ । ସେ ଅତୀତ ଓ ଭବିଷ୍ୟତର ସଂଯୋଗୀକରଣ କରାଏ । କବିତା ହେଉଛି ଜୀବନର ସମାଲୋଚନା । ଯାହାକୁ ଇଂରାଜୀରେ କୁହାଯାଏ - Poetry is the criticism on life. ସମାଲୋଚନା ବ୍ୟକ୍ତି ଓ ବ୍ୟବସ୍ଥାକୁ ଅଧିକ ପରିମାର୍ଜିତ କରାଏ । ସମାଲୋଚନାକୁ ସକାରମ୍ଭକ ଦିଗରୁ ଗ୍ରହଣକଲେ ସମାଜଜୀବନରେ ସଂସ୍କାର ଆସେ । ସାହିତ୍ୟ ସବୁକାଳେ ବ୍ୟକ୍ତିଠୁଁ ସମାଜ ଯାଏଁ, ସଭିଙ୍କୁ ସଜାଗ ଓ ସକ୍ରିୟକରି ସଂଶୋଧନର ଆହ୍ୱାନରେ ସମ୍ମୁଖୀନ ହେବାକୁ ପ୍ରରେ୍ଦିତ କରିଥାଏ । ଶାସକ ପ୍ରଶାସକଙ୍କୁ ଅଧିକ କ୍ରିୟାଶୀଳ ଓ ଯତ୍ନଶୀଳ ହେବାରେ ଏବଂ ନୂତନ ସଂସ୍କାରର ଭୂମିରେ ଅବତୀର୍ଣ୍ଣ ହେବାକୁ ପ୍ରଚ୍ଛନ୍ନ ସହାୟତା ଯୋଗାଇଥାଏ । ବିକ୍ରାମଦିତ୍ୟଙ୍କ ରାଜସଭାରେ ହେଉ କିମ୍ବା ବିରବଲଙ୍କ ସମୟରେ ହେଉ ଅଥବା ସୋମଦେବଙ୍କ 'କଥା ସରିତ ସାଗର' ଠୁଁ ଅଧାମ୍ିକ ପୋଥିପୁରାଣର କାହାଣୀ ପର୍ଯ୍ୟନ୍ତ ସବୁଥିରେ ଚେତନାର ସ୍ଫୁରଣ ପାଇଁ ସାହିତ୍ୟ ହୋଇଛି ଅଭିପ୍ରେତ । ଲେଖକୀୟ ସ୍ୱାଧୀନତାର କୁଠାରଘାତ କେବେ ବି ଗ୍ରହଣୀୟ ହୋଇନାହିଁ । କଲମକୁ ଖଣ୍ଡାଠାରୁ ଅଧିକ ଶକ୍ତିଶାଳୀ କୁହାଯାଇଥାଏ । ଯେଭଳି କି ପରିହାସ ଛଳରେ କୁହାଯାଏ "ଉପରିସ୍ଥ ହାକିମଙ୍କ କଲମ ହିଁ ଶକ୍ତିଶାଳୀ, ଯାହା ଅନ୍ନବସ୍ତ୍ର ଦେବାକୁ ସମର୍ଥ । ଯାହାର ଗୋଟିଏ ଗାରରେ ବ୍ୟକ୍ତିର ଭାଗ୍ୟ ବଦଳି ଯାଏ ।" ଯେଭଳି କି ବିଶ୍ୱସ୍ତରରେ 'ଟମକକାଙ୍କ କୁଟୀର' । ଯେଉଁ ରଚନା ପାଇଁ ଦାସତ୍ୱ ଭଳି ଘୃଣ୍ୟପ୍ରଥା ବିଲୋପ ହୋଇପାରିଥିଲା । ଭାରତୀୟ ଓ ଆମ ପ୍ରାନ୍ତୀୟ ସାହିତ୍ୟରେ ମଧ୍ୟ ସେଭଳି ସୃଷ୍ଟି ବି କିଛି କମ୍ ନାହିଁ । ମଣିଷର ଦୁଃଖ ସୁଖ, ଆଶା ନିରାଶା ଓ ଉତ୍ତରଣ ସାହିତ୍ୟରୁ ହିଁ ଘଟିଥାଏ ।

ସାହିତ୍ୟିକ ଯେଉଁ ସମୟରେ ରଚନା କରେ ସେ ତା' ଚାରିପାଖର ସମସ୍ୟାକୁ ଅବଲୋକନ କରିଥାଏ । କେବଳ ଅବଲୋକନ କରେ ନାହିଁ ବରଂ ତାହାକୁ ସ୍ୱଉପଲବଧିରେ ଆଣି ବ୍ୟକ୍ତି ଓ ସମାଜର ମନସ୍ତତ୍ତ୍ୱକୁ ବୁଝି ତା' ଭିତରେ ସ୍ୱକୀୟ ଚିନ୍ତାଚେତନାକୁ ପ୍ରକାଶ କରାଏ । ସେ ନିଜର ଇଚ୍ଛା ଓ ଆଗ୍ରହରେ କିଛିକିଛି ସମାଜିକ ଦାୟିତ୍ୱକୁ ତା'ର ଲେଖନୀରେ ପ୍ରତିଫଳିତ କରାଏ । ମଣିଷର ଜୀବନ ହେଉଛି ତା'ର ଉତ୍କୃଷ୍ଟ କ*ାମାଲ୍ । ସେ ସମାଜର ସଜ୍ଞାନ ସଚେତନ ବିନ୍ଦୁ ଟିଏ । ସେ ଯାହା ସୃଷ୍ଟିକରେ ତାହା ପରଦିନମାନଙ୍କରେ ତା'ର ଗଭୀର ପ୍ରତିଫଳନ ପରିଲକ୍ଷିତ ହୁଏ । ସେ ଜଣେ ଜାଣେ ସତେଚନ ନାଗରିକ ଭାବେ ଯେଉଁ ଅନୁଭବ, ଅନୁଭୂତି ବା ଅବସାଦକୁ ସାଉଁଟି ଥାଏ, ତାହାକୁ ହିଁ ସେ ଚିତ୍ରିତ କରାଏ ସମସ୍ତଙ୍କ ନିକଟରେ ଏକ ଦାୟବଦ୍ଧତାର ପରିମାପରେ । ସେ ସବୁ ସମୟରେ ଏକ ସୁନ୍ଦର ସମାଜର ଚିତ୍ର ଆଙ୍କିବାକୁ ପ୍ରୟାସ କରିଥାଏ ।

❐

ଯେବେ ଗୋବିନ୍ଦେ କରେ ଭାବ



ହରମୋହନ କୁଅଁର

ମୋ. ୮୦୯୩୧୩୦୪୪୯

“ସତ୍ୟ ଶିବ ସୁନ୍ଦର - ପରଂବ୍ରହ୍ମ- ସତ୍ୟ ସବୁବେଳେ ସତ୍ୟ। ଜନ୍ମ ମୃତ୍ୟୁ ଅସତ୍ୟ ହୁଅନ୍ତା କାହିଁକି ? ବସ୍ତୁତଃ ଯାହା ସତ୍ୟ, ତାହା ସବୁ ମଣିଷଙ୍କ ପାଇଁ ଉଦ୍ଦିଷ୍ଟ। ସବୁକାଳ ବା ସବୁ ଯୁଗ ପାଇଁ ଜନ୍ମ ଓ ମୃତ୍ୟୁ ମଧ୍ୟ ସେହିଭଳି ମହାସତ୍ୟ। ଯାହାକୁ ଜାଗତିକ ଶକ୍ତି ବା ବୈଶ୍ୱିକ ଚେତନା ଭାବରେ ଗ୍ରହଣ କରିବା ପ୍ରଣିଧାନ ଯୋଗ୍ୟ। ଏହି ବିପରୀତ ମୁଖୀ ଦୁଇଶକ୍ତି (ଜନ୍ମ ମୃତ୍ୟୁ)ରୁ ତୃତୀୟ ମହାସତ୍ୟଟିଏ ଜନ୍ମ ଲାଭ କରେ, ତାହା ହିଁ ଜୀବନ।”

ଜନ୍ମ-ମୃତ୍ୟୁ ଏକ ଅବଧାରିତ ଧ୍ରୁବ ସତ୍ୟ - ଏ କଥାରେ ଦ୍ୱିମତ ହେବ କିଏ ? ପଞ୍ଜୁରୀ ଭିତରେ ପକ୍ଷୀଟିଏ ଆବଦ୍ଧ ଥିବା ପରି ଜନ୍ମମୃତ୍ୟୁର ପରିଧି ଭିତରେ ଜୀବନଟା ବନ୍ଧା ପଡ଼ି ରହିଯାଇଥାଏ। ଜନ୍ମପରେ ମୃତ୍ୟୁ ପର୍ଯ୍ୟନ୍ତ ସଂସାର ରଙ୍ଗମଞ୍ଚରେ ଅଭିନୟ କରିଚାଲେ ମଣିଷ ବିଭିନ୍ନ ଭୂମିକାରେ। ଯେତେବେଳେ ମୃତ୍ୟୁ ଆସି ପହଞ୍ଚିଯାଏ ଦେହଟା ସିନା ନିଶ୍ଚଳ ହୋଇଯାଏ କିନ୍ତୁ ଅଟକି ଯାଏନି ଜୀବନ। ଡେଣାଲଗା ବିହଙ୍ଗ ପରି ଉଡ଼ିଯାଏ ପ୍ରାଣପକ୍ଷୀ। ଚଢ଼େଇଟିର ପୁରୁଣା ବସାଟି ଝଡ଼ ବତାସରେ ଭାଙ୍ଗିଯିବା ପରେ ଆଉ ଗୋଟିଏ ଗଛକୁ ଉଡ଼ିଯାଇ ନୂଆ ନୀଡ଼ ତିଆରି କରିବା ପରି ନୂଆ ଶରୀରରେ ପ୍ରାଣପକ୍ଷୀଟି ନୂଆ ଅଭିନୟ କରିବା ପାଇଁ ସଜବାଜ ହୁଏ। ତେଣୁ ପ୍ରକୃତ ପକ୍ଷେ କହିବାକୁ ଗଲେ ଜୀବନଟା ହେଉଛି ବହୁ ବିରୋଧାତ୍ମକ ଇତିବୃତ୍ତର ସମାହାର।

କେତେବେଳେ ଏ ଜୀବନ ଦୟା, କ୍ଷମା, ସେବା, ତିତିକ୍ଷାର ପ୍ରତିଭୂ ତ ଅନ୍ୟ କେତେବେଳେ ଶୁଦ୍ଧ ପବିତ୍ର ତପସ୍ୱୀ ରୂପରେ ମହିମାମଣ୍ଡିତ । ମନେହୁଏ, ଏ ସବୁ ଯେମିତି ଜନ୍ମ ଜନ୍ମାନ୍ତରର କର୍ମଫଳ । ଇହକାଳ ଓ ପରକାଳର ସମାହାରରେ ଗଢ଼ିଚାଲେ ସମୟର ଚକ ଆଗକୁ ଆଗକୁ ଅନନ୍ତ ମହାକାଳକୁ ।

ଜନ୍ମ ହେବାବେଳେ ଈଶ୍ୱର ଆମକୁ ଏକ ସ୍ୱଚ୍ଛ ଓ କୋମଳ ମନ ଦେଇଥିଲେ । ହେଲେ କାଳକ୍ରମେ ପରିବେଶ ଓ ପରିସ୍ଥିତି ସେଥିରେ ନିଜର ପ୍ରଭାବ ଏତେ ଜମାଇ ବସିଲେ ଯେ ତାହା ପାଲଟି ଗଲା ଆମ ସ୍ୱଭାବରେ । ଆଉ ଆମେ ବି ସେହି ସ୍ୱଭାବକୁ ଏପରି ଆଦରି ନେଇଗଲୁ ଯେ ତାହା ଆମକୁ ବେଶ୍ ଆପଣାର ମନେହେଲା । ମାଳୀକୁ ସୁଗନ୍ଧିତ ଫୁଲର ବାସ ଖୁସି ଦେଉଥିବାବେଳେ ମାଝୀକୁ ଆଇଁଷ ଗନ୍ଧ କରେ ଆମୋଦିତ । ବନ୍ଧୁତାର ନିମନ୍ତ୍ରଣ କ୍ରମେ କେହି କାହା ଘରେ ରାତିଟିଏ ବି କଟେଇ ପାରନ୍ତି ନାହିଁ, କାରଣ ଆପଣାର ଜାଗାହିଁ ନିଜକୁ ସବୁବେଳେ ଲାଗିଥାଏ ପ୍ରୀତିପଦ । ମାଛବାଲୀକୁ ତା' ପଚା ଚିଙ୍ଗୁଡ଼ିର ଗନ୍ଧ ମଲ୍ଲୀଫୁଲପରି ବାସୁଥାଏ । ପାଣିକାଦୁଅପୂର୍ଣ୍ଣ ନିପଟ ମଫସଲରେ ଆମ ଘର ଅର୍ଥାତ୍ ଜନ୍ମସ୍ଥାନ ହୋଇଥିଲେ ବି ତାହା ହିଁ ଆମ ପାଇଁ ସ୍ୱର୍ଗ ।

ଆଶ୍ଚର୍ଯ୍ୟ ଲାଗେ ସେତେବେଳେ, ଯେତେବେଳେ ଆମ ବୟସ ସହିତ ମନ ଓ ସମୟ ସହିତ କର୍ମର କିଛି ପରିବର୍ତ୍ତନ ହୁଏ ନାହିଁ । ବୟସ ତ ବଢ଼ିବଢ଼ି ଯାଏ, ସମୟ ବି ଚାଲୁଥାଏ ଗଡ଼ିଗଡ଼ି । ମାତ୍ର ମଣିଷର ବୁଦ୍ଧିମତ୍ତା, ତା' ପ୍ରକୃତିର କିଛି ନକାରାତ୍ମକ ଦିଗ ଉପରେ କାର୍ଯ୍ୟକରି ତାକୁ ସକାରାତ୍ମକ ମନୋଭାବରେ ପରିବର୍ତ୍ତିତ କରିବା ପରିବର୍ତ୍ତେ ତାକୁ ଅଧିକ ନକାରାତ୍ମକ କରିଦେଲେ । ସତ୍ୟ ଆଧାରିତ ନିୟମଟିକୁ କ'ଣ ଭୁଲିଗଲେ ଚଳିବ ? ପାର୍ଥିବ ମଣିଷର ଗୋଟିଏ ଗୋଡ଼ ମଶାଣିରେ ତ ଅନ୍ୟ ଗୋଡ଼ଟି ବନ୍ଧା ହୋଇଚି ତୁଳୀତଳ୍ପ ଶେଯର ଖଟ ଗୋଡ଼ରେ । ଏକଥା ଜାଣି ମଧ୍ୟ ଲୋଭୀ ମଣିଷଟି ଆହୁରି ଲୋଭ କରୁଥାଏ । ପେଟକୁ ଗଣ୍ଡେ ଦାନା, ପିନ୍ଧିବାକୁ ଖଣ୍ଡେ କନା ଓ ମୁଣ୍ଡ ଗୁଂଜିବାକୁ ବାସ ଥିବା ସତ୍ତ୍ୱେ ବି ଅଧିକରୁ ଅଧିକ ସାଉଁଟି ଆଣିବାକୁ ଚେଷ୍ଟା ଜାରି ରହିଥାଏ, ହୋଇପାରେ ଏହା ସତ୍ ବା ଅସତ୍ ଉପାୟରେ । ଯିବା ବେଳକୁ ସାଙ୍ଗରେ ଛୁଞ୍ଚିଟିଏ ନେବାକୁ ସାମର୍ଥ୍ୟ ନଥିଲେ ବି, ଏହା ଜାଣିଶୁଣି ମଧ୍ୟ, କାମନାର ମୁଣିଟା ଯଦି ପୂରିନାହିଁ ତାକୁ ଅପୂର୍ଣ୍ଣ ରଖିଦେଲେ ଜୀବନର ଅବସୋସ ରହି ଯାଉଥାଏ ।

କଥା କଥାକେ ଆମେ ରାଗି ଯାଉଁ ଘରେ ସ୍ତ୍ରୀ ପିଲାଛୁଆଙ୍କ ଉପରେ ତ କାର୍ଯ୍ୟାଳୟରେ ସହକର୍ମୀମାନଙ୍କ ଉପରେ । ଅନେକ ସମୟରେ ପଡ଼ୋଶୀମାନଙ୍କ ସାଙ୍ଗରେ ମତାନ୍ତରରୁ ଘଟେ ମନାନ୍ତର । କାମ କ୍ରୋଧ ଆଦି ପଞ୍ଚ ଅବିଗୁଣ ଭିତରେ କ୍ରୋଧ ବ୍ରହ୍ମଚଣ୍ଡାଳ ବୋଲି ସମସ୍ତଙ୍କୁ ଜଣାଥିଲେ ବି ନିଜର ବଡ଼ପଣ ଜାହିର କରିବା ସକାଶେ କ୍ରୋଧରେ ଜର୍ଜରିତ ହୋଇ କନିଷ୍ଠବର୍ଗଙ୍କ ଉପରେ ହୁକୁମ୍ ଜାହିର କରିବା କିଛି ନୂଆକଥା ନୁହେଁ । ସେଇ ବର୍ଗର ଲୋକେ ନିଜର ଗର୍ବ, ଅହଂକାର ଓ ଆଳସ୍ୟକୁ ଶତ ପ୍ରତିଶତ ଭଲପାଇବା

ଦେଇ ଥାଆନ୍ତି । ଏମିତି ଆଚରଣଗୁଡ଼ିକୁ ପୋଷ୍ୟ ସନ୍ତାନ ପରି ଆଦରକରି ରଖିବା ପୂର୍ବରୁ ସେମାନେ ଭୁଲି ଯାଆନ୍ତି ଯେ ଏହି ବୃଥା ଆସ୍ଫାଳନଭରା ଅଭିମାନଗୁଡ଼ିକ କିଛି ମୁହୂର୍ତ୍ତରେ ପାଉଁଶ ହୋଇ ଭସ୍ମ ହୋଇଯିବ । କାରଣ ଯେକୌଣସି ସମୟରେ ମୃତ୍ୟୁ ଆସି ଦୁଆରେ ଠକ୍‌ଠକ୍ କରିପାରେ, କିମ୍ବା ବିନା ନୋଟିସ୍‌ରେ ପହଞ୍ଚିଯାଇପାରେ । ପ୍ରାଣପକ୍ଷୀ ଉଡ଼ିଯିବା ପରେ ଦେହର ଉତ୍ତେଜନା ଶିଥିଳ ପଡ଼ିଯାଇଥିଲେ ବି ଉକ୍ତ ଦୁର୍ଗୁଣଗୁଡ଼ିକ ମଣିଷମନକୁ ଶୀତଳ ହେବାକୁ ଦିଏ ନାହିଁ । ଏଗୁଡ଼ିକ ଏଭଳି କୁସଂସ୍କାରପୂର୍ଣ୍ଣ ଯେ ଦେଖାଶିଖାରେ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ଉତ୍ତରିତ ହୋଇଯିବା ଅସମ୍ଭବ ନୁହେଁ । କାରଣ ଉତ୍ତମଗୁଣ ଅପେକ୍ଷା ମନ୍ଦଗୁଣଗୁଡ଼ିକର ସଂକ୍ରମଣ ପ୍ରଭାବ କ୍ଷିପ୍ରତର । ଭୁଲିଯିବା ଉଚିତ ନୁହେଁ ଯେ ଗାଆଁ ମୁର୍ଖପିଲାଙ୍କ ସାଙ୍ଗରେ ମିଶି ଡେଇଁବା ଖେଳିବା କିମ୍ବା କାହା ବାଡ଼ିରେ ପଶି ଫଳମୂଳ ଚୋରି କରିବା ଯେତେ ସହଜ ଜଣେ ପାଠୁଆ ଲୋକପାଖରେ ବସି ପାଣ୍ଡିତ୍ୟ ଆଦାୟ କରିବା କ'ଣ ସେତେ ସହଜ କି ?

ସୁଖଦୁଃଖର ପରିସର ମଧ୍ୟରେ ହର୍ଷବିମର୍ଷ କିମ୍ବା ଅଶ୍ରୁ ଆନନ୍ଦକୁ ଏକକରି ମନକୁ ଆଶ୍ୱାସନା ଦେବାକୁ ହୋଇଥାଏ । ବିଶ୍ୱାସର ବିଶ୍ୱରେ ସେ ବେଳେବେଳେ ନିଜକୁ ନିସ୍ୱ ମନେକରେ । କେତେବେଳେ ସେ ସୁଅ ମୁହଁର ପତର ତ ଆଉ କେତେବେଳେ ଅଚଳ ପ୍ରବଳ ଶଇଳ । ସମୟର ଚୋରାବାଲିରେ ଏଭଳି ବହୁତ ସ୍ୱାଦ ଅସ୍ୱାଦର ଅନୁଭୂତି ସହିତ ସଂଯୋଜିତ ହୋଇଯାଏ ମଣିଷ । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ସମ୍ଭାବନା ଓ ଆଶ୍ୱାସନାରେ ଗଢ଼ିଚାଲେ ଜୀବନ ଗାଡ଼ି । ସତମିଛର ଦୋଛକି ରାସ୍ତାରେ ବାଟବଣା ହୋଇ ଉଦ୍‌ଭ୍ରାନ୍ତ ହୋଇଯାଏ ମଣିଷ । ବାସ୍ତବରେ କହିବାକୁ ଗଲେ ସତ ମିଛର ପ୍ରହେଳିକା ଭିତରେ ସନ୍ତୁଳିତ ମଣିଷଟି ବୁଝିପାରେ ନାହିଁ ଯେ ସେ ପରମାତ୍ମାଙ୍କର ଏକ ଅଂଶ ବିଶେଷ ।

ଜୀବାତ୍ମା ସର୍ବଦା ପରମାତ୍ମା ସହିତ ମିଳିତହେବା ଲକ୍ଷ୍ୟରଖି କାଳ ଅତିବାହିତ କରେ ଠିକ୍ ନଦୀଟିଏ ସାଗରରେ ମିଶିବାକୁ ଇଚ୍ଛା କରିବା ପରି । କିନ୍ତୁ କାଳ ହାତରେ ସମସ୍ତେ ଖେଳନା ମାତ୍ର । ତାହାର ନିର୍ଦ୍ଦେଶରେ ହିଁ ଘଟିଥାଏ ସମକାଳ ତଥା କାଳକାଳର ଘଟଣା । କାରଣ ଏ ଧରାବକ୍ଷରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯାତ୍ରା କେବଳ ଜୀବନ ନୁହେଁ । ଶ୍ରୀ ଜଗନ୍ନାଥଙ୍କର ନବ କଳେବର ପରି ମୃତ୍ୟୁ ହେଉଛି ନବଜନ୍ମର ପ୍ରବେଶ ଦ୍ୱାର । ମଣିଷ ବାରମ୍ବାର ଜନ୍ମ ନେବା ଭିତରେ ଅସରନ୍ତି ମୋହ ଓ କୋହକୁ ନେଇ ସନ୍ତୁଳିତ । ଅମର ଆତ୍ମାଟି ଅବିରତ ଖୋଜିଚାଲିଥାଏ ପରମାତ୍ମାଙ୍କର ଅମୃତ ସ୍ପର୍ଶ । କାରଣଟି ହୋଇପାରେ ମରଣଶୀଳ ମର୍ତ୍ତ୍ୟଧାମରେ ପ୍ରତ୍ୟେକ ମଣିଷ ସଚେତନ ଆପଣାର ଅନ୍ତିମ ପରିଣତି ସଂପର୍କରେ ।

ମଣିଷ ଜାଣି ବି ହୁଏ ଅଜଣା - ସବୁ ବୁଝି ହୁଏ ଅବୁଝା । ପାଦେ ପାଦେ ଜୀବନର ଗୋଟିଏ ଗୋଟିଏ ପାହାଚ ଅତିକ୍ରମ କଲାବେଳେ ଅନୁଭବ କରିହୁଏ ଯେ

ରକ୍ତମାଂସର ଏହି ପଞ୍ଜୁରୀ ଘେରା ମରଶରୀରକୁ ତ୍ୟାଗ କରିବାକୁ ପଡ଼ିବ । ସତ୍ୟ ଶିବ ସୁନ୍ଦର - ପରଂବ୍ରହ୍ମ- ସତ୍ୟ ସବୁବେଳେ ସତ୍ୟ । ଜନ୍ମ ମୃତ୍ୟୁ ଅସତ୍ୟ ହୁଅନ୍ତା କାହିଁକି ? ବସ୍ତୁତଃ ଯାହା ସତ୍ୟ, ତାହା ସବୁ ମଣିଷଙ୍କ ପାଇଁ ଉଦ୍ଦିଷ୍ଟ । ସବୁକାଳ ବା ସବୁ ଯୁଗ ପାଇଁ ଜନ୍ମ ଓ ମୃତ୍ୟୁ ମଧ୍ୟ ସେହିଭଳି ମହାସତ୍ୟ । ଯାହାକୁ ଜାଗତିକ ଶକ୍ତି ବା ବୈଶ୍ୱିକ ଚେତନା ଭାବରେ ଗ୍ରହଣ କରିବା ପ୍ରଣିଧାନ ଯୋଗ୍ୟ । ଏହି ବିପରୀତ ମୁଖୀ ଦୁଇଶକ୍ତି (ଜନ୍ମ ମୃତ୍ୟୁ)ରୁ ତୃତୀୟ ମହାସତ୍ୟଟିଏ ଜନ୍ମ ଲାଭ କରେ, ତାହା ହିଁ ଜୀବନ ।

ଯେତେ ଯାହା ଆଲୋଚନା କଲେ ମଧ୍ୟ ସତ୍ୟ ଅବଧାରିତ ମହାସତ୍ୟ ରୂପରେ ଉପଭୋଗ ହେଉଥିବା ଜୀବନ ସଂପର୍କରେ ତଥ୍ୟ ନିଅଣ୍ଟପଡ଼ିବ । ମନ ଏମିତି ଗୋଟିଏ ଜିନିଷ, ଯାହା ଜୀବନ ଯାନର ଚାଳକ ଭାବରେ ଅଭିହିତ । ମନେ କରାଯାଉ, ଖାଇବା ଥାଳିପାଖରୁ ମାଛ ମାଂସ ପ୍ଲେଟ୍ କୌଣସି କାରଣରୁ ଅପସାରଣ କରାଯାଇପାରେ, କିନ୍ତୁ ଯେଉଁ ମନକଥା କୁହା ଯାଉଛି ତାହାଠାରେ ଆତ୍ମଗୋପନ କରିଥିବା ଲାଳସାକୁ ଦୂରେଇ ଦେବା କଣ ସହଜ କି ? ସଫାସୁତୁରା ହୋଇ ଆମେ ରହିବାକୁ ଭଲ ପାଉଁ । ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ କଥା ବିଚାରକୁ ନିଆଯାଏ ତେବେ ଜଣେ ସାଧାରଣ ଚଣ୍ଡାଳୁଣୀର ଘରେ ପରିଚ୍ଛନ୍ନତା ପାଇଁ ଲକ୍ଷ୍ମୀମାତା ଅଟକି ଯାଇଥିଲେ ପୂଜାରାଧନା ପାଇବା ପାଇଁ ।

ଆମ ଘରକୁ ପରିଷ୍କାର କରିବା ଅତି ସହଜ ହୋଇଥିବାବେଳେ ମନର ଅଗଣାକୁ ପରିଷ୍କାର ନକଲେ ଜୀବନ ଯାନ ଦୁର୍ଘଟଣାର ସମ୍ମୁଖୀନ ହୋଇପାରେ, ଠିକ୍ ଯେପରି ହୋଇଥିଲା ଜୁନ୍ ୨ ତାରିଖ ଦିନ (ତା ୨.୦୬.୨୦୨୩ ଶୁକ୍ରବାର ଦିନ ରାତି ସାତଟାରେ ବାହାନଗାଠାରେ କରମଣ୍ଡଳ ଟ୍ରେନ୍ ଦୁର୍ଘଠଣାର ସମ୍ମୁଖୀନ ହୋଇଥିଲା ଗୋଟିଏ ମାଲଗାଡ଼ି ଓ ଯଶୋବନ୍ତପୁର ହାଓଡ଼ା ଏକ୍ସପ୍ରେସ ସହିତ ଏବଂ ଅସଂଖ୍ୟ ଯାତ୍ରୀ ହୋଇଥିଲେ ମୃତାହତ) । ପ୍ରତିଦିନ ସକାଳେ ମଇଳା ଗାଡ଼ି ଆସି ମନୋଲୋଭା ଗୀତ ବଜେଇ ଓଦା ଓ ଶୁଖିଲା ମଇଳାସବୁ ଅଲଗା ଅଲଗା ଡ୍ରମରେ ନେଇଯାଏ । ଫଳରେ ଘର, ଅଗଣା ଓ ଘର ସମ୍ମୁଖ ରାସ୍ତା ସଫାରହେ । ସେହି ପ୍ରକ୍ରିୟାକୁ ଧ୍ୟାନର ସହିତ ଅନୁଧ୍ୟାନ କରି, ସକାଳୁ ସ୍ନାନାଦି ଶୌଚ ହୋଇ, ପବିତ୍ର ମନନେଇ ଇଷ୍ଟ ଦେବଙ୍କୁ ସ୍ମରଣ କଲେ ପରିଷ୍କୃତ ଘର ଅଗଣା ପରି ମନର ଅଗଣା କଣ ସଫା ରହନ୍ତା ନାହିଁ କି ! ସେମିତି ହେଲେ କାମ, କ୍ରୋଧ, ମୋହ, ମାୟା ଓ ଅହଂକାରର ଅଳନ୍ଧୁ ଲାଗି ରହିବାକୁ ସୁବିଧା ପାଆନ୍ତେ କୁଆଡୁ ? ଘର ଓ ଗାଧୁଆ ଘରକୁ ସିନା ଫିନାଇଲ୍ ଦେଇ ସଫା ରଖିବା, କିନ୍ତୁ ମନର ମଇଳାକୁ ସଫା କରିବାକୁ କିଛି ଫିନାଇଲ୍ ଆବିଷ୍କାର ହୋଇନି । ଭାଗବତର ମହତବାଣୀ - "ମନୁଷ୍ୟ ଜନ୍ମର ଏ ଲାଭ, ଯେବେ ଗୋବିନ୍ଦେ କରେ ଭାବ ।" ଗୋବିନ୍ଦ କହିଲେ ଦୟା କ୍ଷମା କରୁଣା ପରି ତ୍ରିସତ୍ୟକୁ ବୁଝାଏ । ଏହା ହିଁ ମନକୁ ପରିଷ୍କୃତ କରିପାରେ ଓ ଜୀବନ ଧନ୍ୟ ହୁଏ ।

❐

ସମନ୍ୱିତ ସଂସ୍କୃତିର ସ୍ଥଳୀ: ଭଦ୍ରକ



ଶେଖ୍ ମହମ୍ମଦ ଫାରୁକ୍

ମୋ : ୯୪୩୭୨ ୬୬୪୯୨

“ ଭଦ୍ରକରେ ଆଉ ଗୋଟିଏ ସମନ୍ୱିତ ସଂସ୍କୃତିର ପ୍ରତୀକ ହେଲା କୁଆଁସ ଗ୍ରାମରେ ୧୫୦୦ ଶତାବ୍ଦୀରେ ପ୍ରତିଷ୍ଠିତ ହୋଇଥିବା ଗୋପାଳଜୀଉ ମନ୍ଦିର ଏବଂ ତତ୍‌ସଂଲଗ୍ନ ଇଦ୍‌ଗା ମସଜିଦ୍ । ମନ୍ଦିର ପ୍ରତିଷ୍ଠାତାଙ୍କ ଦାୟାଦମାନଙ୍କ କହିବାନୁସାରେ ତାଙ୍କ ପୂର୍ବପୁରୁଷ (ସାମନ୍ତରାୟ ପରିବାର) ଇଦ୍‌ଗା ପାଇଁ ଜମି ଦାନ କରିଥିଲେ । ସେହିପରି ବଡ଼ ଶଙ୍କରପୁର ମୌଜାର ଚନ୍ଦନବଜାର ମାରୁଆଡ଼ି ପଟ୍ଟିକୁ ଲାଗି ମୁସଲମାନମାନଙ୍କ କବରସ୍ଥାନ ପାଇଁ ବିରାଟ ମଇଦାନକୁ କାଉପୁର “ମହାଶୟ” ଜମିଦାର ଦାନ କରିଥିଲେ, ଆଜି ଯାହାର ମୂଲ୍ୟ କୋଟି କୋଟି ଟଙ୍କା ହେବ । ”

ଭଦ୍ରକ ଏକ ସଂସ୍କୃତି ପ୍ରାଚୀନ ଭୂଖଣ୍ଡ । ଅପେକ୍ଷାକୃତ ଏହା ଏକ କ୍ଷୁଦ୍ର ଜିଲ୍ଲା ହୋଇଥିଲେ ମଧ୍ୟ ଏହାର ଐତିହ୍ୟ ପୁରାତନ ଏବଂ ସମୃଦ୍ଧ । ବିଦେଶୀ ବଣିକ ଓ ପରିବ୍ରାଜକମାନେ ଏହି ବାଟ ଦେଇ ଶ୍ରୀକ୍ଷେତ୍ର ପୁରୀକୁ ଯାଉଥିଲେ । ଭଦ୍ରକ ଥିଲା ଉତ୍ତର ଭାରତରୁ ଓଡ଼ିଶାକୁ “ପ୍ରବେଶ ଦ୍ୱାରା” । ପୁରୀ ଅଭିମୁଖେ ଯାଉଥିବା ଅଗଣିତ ଉକ୍ତ ଭଦ୍ରକରେ କିଛି କାଳ ବିଶ୍ରାମ କରି ଆଗକୁ ବଢୁଥିଲେ । ସେମାନଙ୍କ ଆତିଥ୍ୟ ପାଇଁ ଭଦ୍ରକ ପୁରୁଣାବଜାର ସଦାବର୍ତ୍ତ ମଠ ସଦା ଉନ୍ମୁକ୍ତ ଥିଲା । ଏକଦା ଏହି ମଠ ଆତିଥ୍ୟତା ପାଇଁ ସାରା ଓଡ଼ିଶାରେ ପ୍ରସିଦ୍ଧିଲାଭ କରିଥିଲା । ଏହି ମଠ ମୋଗଲ ଶାସନ କାଳରେ ରାମାୟଣ ଦାସଙ୍କ ଦ୍ୱାରା ଶ୍ରୀ ଗୋପାଳ ଜୀଉ ସଦାବର୍ତ୍ତ ମଠ ନାମରେ ୧୭ଶ ଶତାବ୍ଦୀରେ ପ୍ରତିଷ୍ଠା କରାଯାଇଥିଲା । ସେହି ସମୟରେ ଭଦ୍ରକର ପ୍ରସିଦ୍ଧ ଜୁମା ମସଜିଦ୍ ଏବଂ ମୁଲନାସାହିର ମସଜିଦ୍ ମଧ୍ୟ ପ୍ରତିଷ୍ଠା ହୋଇଥିଲା ବୋଲି ବିଶ୍ୱାସ କରାଯାଏ ।

ଓଡ଼ିଶା ସହିତ ମୁସଲମାନ ଶାସନର ସଂପର୍କ ଗଙ୍ଗ ବଂଶ ରାଜା ୩ୟ (୧୧୯୮ ଖ୍ରୀ:ଅ: ରୁ ୧୨୧୧ ଖ୍ରୀ:ଅ:)ଙ୍କ ସମୟରୁ ଆରମ୍ଭ ହୋଇ ୧୭୧୧ ଖ୍ରୀ:ଅ: (ମରହଟ୍ଟାମାନଙ୍କ ହାତକୁ ଶାସନଭାର ଯିବା ପର୍ଯ୍ୟନ୍ତ) ଅକ୍ଷୁର୍ଣ୍ଣ ରହିଥିଲା । ସେ ସମୟରେ ଉଭୟ ସଂପ୍ରଦାୟର ଲୋକେ ସୌହାର୍ଦ୍ଦ୍ୟ ଓ ମୈତ୍ରୀର ବାତାବରଣରେ ବସବାସ କରୁଥିଲେ । ଯୁଗ ଯୁଗ ଧରି ଦୁଇ ପ୍ରମୁଖ ସଂପ୍ରଦାୟ ଭାଇ ଭାଇ ଭଳି ଚଳି ଆସୁଛନ୍ତି । ମାନବିକତାର ଏଇ ଶୁଭ୍ର ରୂପ ଭଦ୍ରକ ପରି ଖୁବ୍ କମ୍ ସ୍ଥାନରେ ପରିଲକ୍ଷିତ ହୁଏ । ଗୋଟିଏ ଦିଗରେ ହିନ୍ଦୁ ବସତି, ଆଉ ଗୋଟିଏ ଦିଗରେ ମୁସଲମାନ ବସତି ଏପରି ନାହିଁ; ଯେଉଁଠି ହିନ୍ଦୁ ବସତି ଭିତରେ ମୁସଲମାନ ବସତି, ପୁଣି ମୁସଲମାନ ବସତି ଭିତରେ ହିନ୍ଦୁ ବସତି ଅବସ୍ଥିତ । ଏ ପ୍ରକାର ସହାବସ୍ଥାନ ପାଇଁ କୌଣସି ଆଧୁନିକ ରାଜନୈତିକ ଦର୍ଶନ ଦାୟୀ ନୁହେଁ । ଦାୟୀ ହେଉଛି ପରିପୂର୍ଣ୍ଣ ହୃଦୟ; ଯାହାର ଅନ୍ୟ ନାମ ଉଦାର ମାନବିକତା । ଏଇ କଥା ମଧ୍ୟ ଫକୀରମୋହନଙ୍କ "ଭଦରଖିଆ ଟୋକା" ଉକ୍ତିକୁ ପ୍ରମାଣ କରିଦିଏ ।

ଭଦ୍ରକର ସଂସ୍କୃତିକୁ ତଥା କଥିତ ଧର୍ମରୁ ଟିକିଏ ଅଲଗା କରି ଦେଖିଲେ, ଏହାର ସମନ୍ୱିତ ରୂପ ଅନୁଭବ କରି ହୁଏ । ଏହି ଐତିହାସିକ ସମନ୍ୱିତ ସଂସ୍କୃତିକୁ ପରିପୁଷ୍ଟ ତଥା ସମୃଦ୍ଧ କରିବାରେ ବହୁ ମନିଷୀଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ । ଭଦ୍ରକ, ସମନ୍ୱିତ ସଂସ୍କୃତିର ଏପରି ଏକ କେନ୍ଦ୍ରସ୍ଥଳୀ ଯେଉଁଠି ଶ୍ରୀ ଶ୍ରୀ ଚୈତନ୍ୟ ଦେବଙ୍କଠାରୁ ଆରମ୍ଭ କରି ନାନକଜୀଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ମିଳନୀ ସଂସ୍କୃତିକୁ ସମୃଦ୍ଧ କରିବାରେ ଅବଦାନ ଦେଇଯାଇଛନ୍ତି ।

ଏହାର ସଂସ୍କୃତିକୁ ସମୃଦ୍ଧ ତଥା ବୁଦ୍ଧିମନ୍ତ କରିବାରେ ଇସ୍‌ଲାମ୍ ଧର୍ମର ଭୂମିକା ମଧ୍ୟ କମ୍ ନୁହେଁ । ଏହି ଜିଲ୍ଲାର ବିଭିନ୍ନ ସ୍ଥାନମାନଙ୍କରେ ବିଶେଷ କରି ଭଦ୍ରକ ମ୍ୟୁନିସିପାଲିଟି ଅଞ୍ଚଳରେ ଅବସ୍ଥିତ ଥିବା ସୁଫି ସନ୍ଥମାନଙ୍କ ଦରଗା ଏହା ପ୍ରମାଣିତ କରେ । ଏହି ଦରଗାମାନଙ୍କ ମଧ୍ୟରେ ଧନାଟୋଲାଠାରେ ଅବସ୍ଥିତ ପହେଲୱାନ ବାବାଙ୍କ ଦରଗା ଏବଂ ବରଦା ପଞ୍ଚାୟତରେ ଥିବା ମନସୁର ବାବାଙ୍କ ଦରଗା, ହିନ୍ଦୁ ଓ ମୁସଲମାନ ସଂସ୍କୃତିର ମିଳନସ୍ଥଳୀ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ମୁସଲମାନମାନଙ୍କ ବିବାହ, ବ୍ରତ ଇତ୍ୟାଦି ପର୍ବପର୍ବାଣୀମାନଙ୍କରେ ପାଳିତ ହେଉଥିବା କେତେକ ବିଧାନକୁ ଲକ୍ଷ୍ୟ କଲେ ଜଣାପଡ଼େ ଯେ ସ୍ଥାନୀୟ ହିନ୍ଦୁ ଅଧିବାସୀମାନଙ୍କ ଦ୍ୱାରା ପାଳିତ ହେଉଥିବା କେତେକ ବିଧିବିଧାନ ସହିତ ସମାନ । ଉଦାହରଣ ସ୍ୱରୂପ - ବିବାହର ତିଥି ପୂର୍ବରୁ ବର ଓ କନ୍ୟାର ଔପଚାରିକ ଭାବରେ ଲଗ୍ନ ପ୍ରଥା ପାଳନ କରାଯିବା, ହଳଦି ଲଗାଇବା, ଅରୁଆ ଚାଉଳ

ଇତ୍ୟାଦି ହଳଦିଆ କନାରେ ହାତରେ ବାନ୍ଧିବା, ବିଭାଘର ସମ୍ପନ୍ନ ନ ହେବା ଯାଏଁ ବର ଗୁଆ କାତି ବା "କଟାର" ପ୍ରଭୃତି ରଖିବା ଇତ୍ୟାଦି । ଏହା ବ୍ୟତୀତ ବିଭାଘର ଦିନ ହିନ୍ଦୁ ଭଣ୍ଡାରି ଆସି ବରକୁ ଗାଧୋଇ ଦେବାର ପ୍ରଥା ଏବେ ମଧ୍ୟ ଗାଁରେ ପ୍ରଚଳିତ ରହିଛି ।

ଏଠାକାର ମୁସଲମାନ ଓ ହିନ୍ଦୁ ସଂପ୍ରଦାୟର ଅଧିକାଂଶ ଲୋକେ ପ୍ରାୟ ଚାଷ ଉପରେ ନିର୍ଭର କରନ୍ତି । ହିନ୍ଦୁ ଚାଷୀ ଭାଇମାନଙ୍କ ଭଳି ମୁସଲମାନ ଚାଷୀ ଭାଇମାନେ ମଧ୍ୟ ରଜ ସଂକ୍ରାନ୍ତି, ପୂର୍ଣ୍ଣିମା ଆଦି ପର୍ବପର୍ବାଣୀମାନଙ୍କରେ ହଳ କରନ୍ତି ନାହିଁ । ଧାନ ଅମଳ କରିବା ପୂର୍ବରୁ ଖଳାକୁ ଗୋବର ଲେପ ଦେଇ ଲିପା ପୋଛା କରାଯାଏ । ଯେଉଁଦିନ ଧାନ କଟା ଶେଷ ହୁଏ, ବିଲରେ ଏକ ସ୍ୱତନ୍ତ୍ର ପୂଜା ହୁଏ । ଏହାକୁ 'କ୍ଷେତବଢ଼ା ପୂଜା' କହନ୍ତି । କ୍ଷେତ ପୂଜାର ପ୍ରଥା ଘରେ ଘରେ ପ୍ରଚଳିତ ଥିଲା । ମୁଁ ମଧ୍ୟ ପିଲାଦିନେ ମୋ ବଡ଼ ବାପାଙ୍କ ସହ ମିଶି ଏ ପୂଜାରେ ଅଂଶଗ୍ରହଣ କରିଥିଲି । ଖଳାରେ ଧାନ ଅମଳ ଶେଷ ହେବା ପରେ "ଖଳାପୂଜା" ହେବା ସଙ୍ଗେ ସଙ୍ଗେ କ୍ଷୀରି ତିଆରି କରାଯାଇ ପିଲାମାନଙ୍କୁ ବଣ୍ଟାଯାଏ । ଦଶହରା ଦିନ ମୁସଲମାନ ଚାଷୀ ଭାଇମାନେ ବଳଦମାନଙ୍କୁ ଗାଧୋଇ ଦେଇ ନାନା ପ୍ରକାର ରଙ୍ଗ ଲଗାଇ ସଜାଇବାର ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳୁଥିଲା । ଏବେ ବି ଗାଁ ଗଣ୍ଡାରେ ଏହା ପ୍ରଚଳିତ ରହିଛି ।

ମକର ସଂକ୍ରାନ୍ତିରେ ଉତ୍ତରବାହିନୀ ମନ୍ଦିର ପ୍ରାଙ୍ଗଣରେ ବହୁତ ଦିନରୁ ଏକ ମେଳା ହୋଇ ଆସୁଅଛି । ମୋ ପିଲାଦିନେ ମେଳା ଦେଖିଯିବା ପାଇଁ ମୋ ଆଈଙ୍କ ଘରୁ ପଇସା ଆସୁଥିଲା । ଏପରି ଦୃଷ୍ଟାନ୍ତ ପ୍ରାୟ ଅନେକ ପରିବାରରେ ଦେଖିବାକୁ ମିଳୁଥିଲା । ସେ ମେଳାକୁ ଦେଖିଲେ ଜଣାପଡ଼େ ନାହିଁ ଏହା କେଉଁ ଧର୍ମର ପର୍ବ । ଉଭୟ ହିନ୍ଦୁ ଓ ମୁସଲମାନ ଭାଇଭଉଣୀମାନେ ଖୁବ୍ ଆନନ୍ଦ ଉଲ୍ଲାସ ସହ ଉକ୍ତ ମେଳାରେ ଭାଗ ନିଅନ୍ତି । ଏ ସମୟରେ ଗୁଡ଼ରେ ତିଆରି ଏକ ପ୍ରକାର ମିଠା 'ତିଲୁଆ' ମୁସଲମାନ ସଂପ୍ରଦାୟର ଝିଅ ଘରମାନଙ୍କୁ ପଠାଯିବାର ପ୍ରଥା ମଧ୍ୟ ଏବେ ପ୍ରଚଳିତ ।

ଆମ ସମୟରେ ଭଦ୍ରକ ଜିଲ୍ଲାରେ କେତେକ ଉର୍ଦ୍ଦୁ ପ୍ରାଇମେରୀ ସ୍କୁଲ ଥିଲା; ଏବେ ବି ଅଛି । ନାମକୁ ମାତ୍ର ଉର୍ଦ୍ଦୁ ସ୍କୁଲ କିନ୍ତୁ ଉର୍ଦ୍ଦୁ ଏମ.ଆଇ.ଏଲ କୁ ଛାଡ଼ି ଆଉ ସବୁ ବିଷୟ ସାଧାରଣ ସ୍କୁଲ ଭଳିଆ ଓଡ଼ିଆରେ ପଢ଼ା ହୁଏ । ମୁଁ ଏମିତି ଏକ ଉର୍ଦ୍ଦୁ ପ୍ରାଥମିକ ସ୍କୁଲରେ ଶିଶୁ ଶ୍ରେଣୀଠାରୁ ୩ୟ ଶ୍ରେଣୀ ପର୍ଯ୍ୟନ୍ତ ୪ ବର୍ଷ ପାଠ ପଢ଼ିଛି । ମୋ ସହିତ ଦୀନବନ୍ଧୁ, ରାମ, ରାହାସ ଓ ଯଶୋଦା ମଧ୍ୟ ସେହି ସ୍କୁଲରେ ପାଠ ପଢୁଥିଲେ । ଆମ ସ୍କୁଲରେ ତଥା ସ୍ଥାନୀୟ ଉର୍ଦ୍ଦୁ ପ୍ରାଥମିକ ସ୍କୁଲରେ ସେତେବେଳେ ଗଣେଶ ପୂଜା ଓ ସରସ୍ୱତୀ ପୂଜା ପାଳନ

କରାଯାଉଥିଲା । ପୂଜାଦିନ ଆମେ ପିଲାମାନେ ଗାଧୁଆ ପାଧୁଆ ସାରି ନିଜ ନିଜ ଘରୁ ପୂଜା ସାମଗ୍ରୀ ଯଥା - ଅରୁଆ ଚାଉଳ, ଫୁଲ, ନଡ଼ିଆ, କଦଳୀ ଇତ୍ୟାଦି ଗୋଟିଏ ଥାଳିରେ ସଜାଇ (ଆମ ମା' ମାନେ ସଜାଇ ଦେଉଥିଲେ) ସକାଳେ ସକାଳେ ସ୍କୁଲକୁ ଯାଉଥିଲୁ । ସ୍କୁଲରେ ଚୂଡ଼ା, ଗୁଡ଼, କଦଳୀ ଓ ନଡ଼ିଆ ଚକଟି ପ୍ରସାଦ ତିଆରି ହେଉଥିଲା ଏବଂ ସେହି ପ୍ରସାଦକୁ ନେଇ ଆମେ ଘରକୁ ଫେରୁଥିଲୁ । ସରସ୍ୱତୀ ପୂଜା ପରେ ଆମ ସାହିରେ ବିଭିନ୍ନ ବଚ୍ଛାବଚ୍ଛା ଘରକୁ (ଉଭୟ ସଂପ୍ରଦାୟର) ବିଶେଷତଃ ସ୍କୁଲରେ ପାଠ ପଢୁଥିବା ସାଙ୍ଗସାଥିମାନଙ୍କ ଘରକୁ "ସରସ୍ୱତୀ ବନ୍ଦନା" ଗାଇବା ପାଇଁ ଦଳଦଳ ହୋଇ ଯାଉଥିଲୁ । ସେହି ବନ୍ଦନାରେ ଆମେ ଉର୍ଦ୍ଦୁରେ ଏବଂ ଓଡ଼ିଆରେ କିଛି ଗୀତ ଗାନ କରୁଥିଲୁ ।

ସ୍କୁଲରେ ଆଜି ଏସବୁ କାର୍ଯ୍ୟକ୍ରମ କରିବା ତ ଦୂରେ ଥାଉ ଚିନ୍ତା ବି କରାଯାଇ ନ ପାରେ । ସେ ସମୟରେ ସାମାଜିକ ସଂପର୍କ ଆଜିକାଲି ଭଳିଆ ଧାର୍ମିକ ସଂକୀର୍ଣ୍ଣତାର ଶିକାର ହୋଇ ନ ଥିଲା ।

ଭଦ୍ରକରେ ଆଉ ଗୋଟିଏ ସମନ୍ୱିତ ସଂସ୍କୃତିର ପ୍ରତୀକ ହେଲା କୁଆଁସ ଗ୍ରାମରେ ୧୫୦୦ ଶତାବ୍ଦୀରେ ପ୍ରତିଷ୍ଠିତ ହୋଇଥିବା ଗୋପାଳଜୀଉ ମନ୍ଦିର ଏବଂ ତତ୍‌ସଂଲଗ୍ନ ଇଦ୍‌ଗା ମସଜିଦ୍ । ମଝିରେ ଗୋଟିଏ ପାଚେରୀ । ମନ୍ଦିର ପ୍ରତିଷ୍ଠାତାଙ୍କ ଦାୟାଦମାନଙ୍କ କହିବାନୁସାରେ ତାଙ୍କ ପୂର୍ବପୁରୁଷ (ସାମନ୍ତରାୟ ପରିବାର) ଇଦ୍‌ଗା ପାଇଁ ଜମି ଦାନ କରିଥିଲେ । ସେହିପରି ବଡ଼ ଶଙ୍କରପୁର ମୌଜାର ଚନ୍ଦନବଜାର ମାରୁଆଡ଼ି ପଟିକୁ ଲାଗି ମୁସଲମାନମାନଙ୍କ କବରସ୍ଥାନ ପାଇଁ ବିରାଟ ମଇଦାନକୁ କାଉପୁର "ମହାଶୟ" ଜମିଦାର ଦାନ କରିଥିଲେ, ଆଜି ଯାହାର ମୂଲ୍ୟ କୋଟି କୋଟି ଟଙ୍କା ହେବ ।

ଭଦ୍ରକର ମୋଗଲ ତାମ୍‌ସା ଭଦ୍ରକ ସମନ୍ୱିତ ସଂସ୍କୃତିର ଆଉ ଏକ ବଳିଷ୍ଠ ନିଦର୍ଶନ । ଏହାର ଲେଖକ ବଂଶୀବଲ୍ଲଭ ଗୋସ୍ୱାମୀ ୧୭୨୮ ଖ୍ରୀ:ଅ:ରେ ଭଦ୍ରକ ସହରାଞ୍ଚଳର ସଙ୍ଗତ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ ଓଡ଼ିଆ ଓ ବଙ୍ଗଳା ଏବଂ ହିନ୍ଦୀ ସାଙ୍ଗକୁ ପାର୍ଶୀ ଭାଷାରେ ମଧ୍ୟ ପାଣ୍ଡିତ୍ୟ ଲାଭ କରିଥିଲେ । ଉକ୍ତ ମୋଗଲ ତାମ୍‌ସାକୁ ସେ ପାର୍ଶୀ, ହିନ୍ଦ, ଉର୍ଦ୍ଦୁର ମିଶ୍ରିତ ଭାଷାରେ ଲେଖିଥିଲେ । ସେ ସମୟରେ ମହମ୍ମଦ ଶାହ ଭାରତରେ ଶାସନ କରୁଥିଲେ । ସେ ସମୟରେ ମୋଗଲ ଶାସକମାନଙ୍କ ତରଫରୁ ଯେଉଁ ସୁବେଦାରମାନେ ଭଦ୍ରକରେ ରହି ଶାସନ କରୁଥିଲେ ବିଶେଷତଃ ଖଜଣା ଆଦାୟ କରୁଥିଲେ, ସେମାନଙ୍କ ବିଳାସପୂର୍ଣ୍ଣ ଜୀବନ ଶୈଳୀକୁ ବଂଶୀବଲ୍ଲଭ ନିଖୁଣ ଭାବରେ ନାଟକ ମାଧ୍ୟମରେ ପ୍ରତିପାଦିତ କରାଇଥିଲେ । ଏହା ଏକ ବ୍ୟଙ୍ଗାତ୍ମକ ନାଟକ ଯାହା ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେଉଥିଲା । ଏଥିରେ ଉଭୟ ହିନ୍ଦୁ ଓ

ମୁସଲମାନ ସ୍ଥାନୀୟ ବାସିନ୍ଦାମାନେ ବିଭିନ୍ନ ଭୂମିକାରେ ଅଭିନୟ କରୁଥିଲେ । ସେ ସମୟରେ ଏହି ନାଟକ ଏତେ ଲୋକପ୍ରିୟ ହୋଇଥିଲା ଯେ ଶାହା ଆଲାମ (ଦିଲ୍ଲୀରେ ଅବସ୍ଥିତ ମୋଗଲମାନଙ୍କ ସର୍ବୋଚ୍ଚ ପ୍ରଶାସକ) ପ୍ରଶାସନର ସମାଲୋଚନକୁ ଭ୍ରୁକ୍ଷେପ ନ କରି ଲେଖକଙ୍କୁ ବିଭିନ୍ନ ଉପହାର ଯଥା - ମୋଗଲଡିହ, ରତ୍ନ ଖଞ୍ଚିତ ଲାଠି, ଶିରୋପା ଏବଂ ମାନପତ୍ର ଦେଇ ସମ୍ମାନିତ କରିଥିଲେ ଯାହା ଏବେକାର କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ସହିତ ସମାନ ବୋଲି ବିଶ୍ୱାସ କରାଯାଏ ।

ପ୍ରସିଦ୍ଧ ଶ୍ରୀ ଶ୍ରୀ ବୁଢ଼ା ଗଣେଶଙ୍କ ପୂଜା ୫୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଭଦ୍ରକର ପୁରୁଣାବଜାର ଠାରେ ଅନୁଷ୍ଠିତ ହୋଇ ଆସୁଅଛି । ପୁରୁଣାବଜାର ଏକ ମୁସଲମାନ ବହୁଳ ଅଞ୍ଚଳ । ବାବା ବୁଢ଼ା ଗଣେଶଙ୍କ ଭସାଣି ଉତ୍ସବରେ ଉଭୟ ସଂପ୍ରଦାୟର ଲୋକେ ଅଂଶଗ୍ରହଣ କରିଥାନ୍ତି । ଭସାଣି ଉତ୍ସବ ପୂର୍ବରୁ ପୂଜା କମିଟି ଆନୁକୂଲ୍ୟରେ ସଦାବର୍ତ୍ତ ମଠ ପ୍ରାଙ୍ଗଣରେ "ବନ୍ଧୁମିଳନ" ଆୟୋଜନ କରାଯାଇଥାଏ । ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ପୋଲିସ ପ୍ରଶାସନର ଉଚ୍ଚ କର୍ମକର୍ତ୍ତାଙ୍କ ଠାରୁ ଆରମ୍ଭ କରି ଉଭୟ ସମ୍ପ୍ରଦାୟର ବହୁତ ମାନ୍ୟଗଣ୍ୟ ବ୍ୟକ୍ତି ଉଭୟ ସ୍ତ୍ରୀ ଏବଂ ପୁରୁଷ ଏହି ବନ୍ଧୁ ମିଳନରେ ଯୋଗଦାନ କରି ଏକ ସାଙ୍ଗରେ ବସି ପଂକ୍ତି ଭୋଜନ କରିଥାନ୍ତି । ଶ୍ରୀ ଶ୍ରୀ ବାବା ବୁଢ଼ା ଗଣେଶ କମିଟି ତରଫରୁ ପ୍ରତିବର୍ଷ କିଛି ବ୍ୟକ୍ତି ବିଶେଷଙ୍କୁ ସମାଜରେ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥାଏ । ଉକ୍ତ କମିଟି ଦ୍ୱାରା କେତେକ ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତି ଯଥା - ଭଦ୍ରକ ମୁସଲିମ ଜମାତ୍‌ର ସଭାପତି ୱମହମ୍ମଦ ଅବଦୁଲ ବାରି, ସୁପ୍ରସିଦ୍ଧ ଉର୍ଦ୍ଦୁ କବି ସମନ ନସିମି, ପରିବେଶବିତ୍ ମୀର୍ଜା ଆରିଫ ବେଗ ଏବଂ ସ୍ୱୟଂ ଲେଖକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଅଛି ।

ଏହିପରି ଏକ ସମନ୍ୱିତ ମହାନ୍ ସଂସ୍କୃତି ଏବେ ଧର୍ମାନ୍ଧତାର ଶୀକାର ହୋଇଥିବାର ମନେ ହୁଏ । ଯେଉଁ ସଂସ୍କୃତି ଦୁଇ ସମ୍ପ୍ରଦାୟକୁ ଗୋଟିଏ ସୂତା ଖିଅରେ ବାନ୍ଧି ରଖିଥିଲା, ଆଜି ତାହା ଦୁର୍ବଳ ପ୍ରତୀୟମାନ ହୁଏ । ଯଦି ଏହି ସଂସ୍କୃତିକୁ ପୁନରୁଦ୍ଧାର କରାଯାଇପାରିବ, ତେବେ ଏହା ସମଗ୍ର ଭାରତବାସୀଙ୍କ ପାଇଁ ଦିଗ୍‌ଦର୍ଶକ ହୋଇପାରନ୍ତା । ଆସନ୍ତୁ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଆମ ସୁନ୍ଦର ସମନ୍ୱିତ ସଂସ୍କୃତିକୁ ସୁରକ୍ଷା ଦେବା ଏବଂ ଆମ ଆଗାମୀ ପିଢ଼ିକୁ ଏଥିପାଇଁ ଉଦ୍‌ବୁଦ୍ଧ କରିବା ।

❐

ସନାତନ ଓ ସନାତନୀ

ବସନ୍ତ କୁମାର ରାଉତ



ମୋ. ୭୦୦୮୦୨୦୧୭୭

ଜୀବନର ମୂଲ୍ୟବୋଧକୁ ଜାଗୃତ କରାଇବା, ଜୀବନର ମୂଲ୍ୟକୁ ନିର୍ବାହ କରାଇବା ଓ ଜୀବନର ତତ୍ତ୍ୱକୁ ସମାଜରେ ପ୍ରକାଶ କରାଇବା ହିଁ ସନାତନ ବା ହିନ୍ଦୁ ଧର୍ମ ବୋଲି ଅଭିହିତ ହୋଇଆସିଛି ।

ସନାତନ / ହିନ୍ଦୁ ଧର୍ମ ଏକ ଚିରନ୍ତନ ଓ ଶାଶ୍ୱତ ଦର୍ଶନ କୌଣସି ମତ, ପନ୍ଥ, ସମାଜ ଓ ପରମ୍ପରାକୁ ନେଇ ସୃଷ୍ଟି ହୋଇନାହିଁ, କିମ୍ବା କୌଣସି ବ୍ୟକ୍ତି ବିଶେଷ ଏହାର ଆଦ୍ୟ ନୁହଁ ।

ସମାଜ ଓ ବ୍ୟକ୍ତିବିଶେଷ ଦ୍ୱାରା ଯାହା ସୃଷ୍ଟି ହୋଇଥାଏ, ତାହାର ଅନ୍ତ / ବିଲୁପ୍ତ ସୁନିଶ୍ଚିତ । ଉଦାହରଣ ସ୍ୱରୂପ ଏକ ବାସଗୃହର ଭିତ୍ତିଭୂମି ଯେତେ ସୁଦୃଢ଼ ହେଲେ ମଧ୍ୟ ଏକ ନିର୍ଦ୍ଧାରିତ ସମୟପରେ ତାହା ଧ୍ୱଂସାଭିମୁଖି ହୋଇଥାଏ ।

ସମୟ ସମୟରେ ପ୍ରଶ୍ନ ଉଠେ, ସନାତନ ଧର୍ମ ବର୍ତ୍ତମାନ ସଂକଟରେ; ଯାହା ସତ୍ୟ, ଚିରନ୍ତନ ଓ ଅବିନାଶୀ ତାହା କ'ଣ କେବେ ସଂକଟରେ ଆସିପାରେ ? ଯେଉଁ ବିଦ୍ୱାନ ସାଧୁସନ୍ଥମାନେ ଏହା ପରିପ୍ରକାଶ କରିଥାନ୍ତି ତାହାର ଯଥାର୍ଥତା ଓ ବାସ୍ତବତା ହିଁ ସନାତନୀ ହିନ୍ଦୁମାନଙ୍କ ହୃଦୟରେ ହିନ୍ଦୁତ୍ୱ ଜାଗୃତ କରାଇବା ପାଇଁ, ଜୀବନର ନୈତିକ ମୂଲ୍ୟବୋଧକୁ ଜାଗୃତ କରାଇବା ପାଇଁ ଏହା ଏକ ପ୍ରୟାସ ମାତ୍ର । ଆମର ଇତିହାସ ପୃଷ୍ଠା ଉନ୍ମୋଚନ କଲେ ଆମ ମାନସପଟରେ ଉଙ୍କିମାରେ ବୀର ବୀରାଙ୍ଗନାମାନଙ୍କର ଅଲିଭା କାହାଣୀ । ଛତ୍ରପତି ଶିବାଜୀ ମହାରାଜଙ୍କୁ ସଂଘର୍ଷମୟ ଜୀବନ ସ୍ୱୀକାର ଥିଲା । ହେଲେ ଔରଙ୍ଗଜେବ୍ ସାମ୍ନାରେ ନତମସ୍ତକତା ସ୍ୱୀକାର ନଥିଲା, ମହାରଣା ପ୍ରତାପଙ୍କୁ ଘାସର ରୁଟି ଖାଇବା ସ୍ୱୀକାରଥିଲା ହେଲେ ଆକବରଙ୍କ ସାମ୍ନାରେ ପରାସ୍ତତା ସ୍ୱୀକାର କରି ନଥିଲା । ତେବେ ହିଁ ଜାଗ୍ରତ ହୋଇଥିଲା ସନାତନ ଧର୍ମର ଆଦର୍ଶ ।

ଯେତେବେଳେ ସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦ ଚିକାଗୋରେ ବିଶ୍ୱବନ୍ଧୁତ୍ୱର ବାର୍ତ୍ତା ପ୍ରଦାନ କରିଥିଲେ ତେବେ ଜାଗୃତି ହୋଇଥିଲା ସନାତନ ।

ଗୁରୁଗୋବିନ୍ଦ ସିଂହ ନିଜ ପିଲାମାନଙ୍କୁ ବନ୍ଦକୋଠରୀରେ ଜଳିବାକୁ ସ୍ୱୀକାର କରିଥିଲେ, ହେଲେ ସନାତନ ଉପରେ ଅଙ୍କୁଶ ଆଣିବାକୁ ଦେଇନଥିଲେ, ତେବେ ଜାଗୃତି ହୁଏ ସନାତନ ।

ଚିତ୍ତୋରଗଡ଼ର ରାଣୀ ପଦ୍ମିନୀ, ହଜାର ହଜାର ବୀରାଙ୍ଗନାଙ୍କ ସହ ନିଜ ଜୀବନକୁ ଆହୁତି ଦେବାକୁ ସ୍ୱୀକାର କଲେ ହେଲେ ଆଲାଉଦ୍ଦିନ୍ ଖିଲଜି ଦ୍ୱାରା ତାଙ୍କ ନୈତିକ ଓ

ଚାରିତ୍ରିକ ଶୁଦ୍ଧତାକୁ କଳୁଷିତ ହେବାକୁ ଦେଇନଥିଲେ ।

ଦୀର୍ଘ ୫୦୦ ବର୍ଷର ସଂଘର୍ଷ ପରେ ରାମ ମନ୍ଦିର ପୁନଃ ନିର୍ମାଣ ହୋଇଛି ମୁକସାକ୍ଷୀ ଅବିନାଶୀ ସନାତନର ।

ଏହି ସନାତନ କେବଳ ଆମ ଧର୍ମର ପରିଭାଷା ନୁହଁ ବରଂ ଚିରନ୍ତନ ଆଦର୍ଶର ମୂର୍ତ୍ତିଭାବ, ଶାଶ୍ୱତ ସତ୍ୟର ଅଭିବ୍ୟକ୍ତି ଓ ଅବିନାଶୀ ଜ୍ଞାନର ପ୍ରକାଶ । ଏହା ସୀମିତ ପରିଚ୍ଛେଦରେ ବନ୍ଦୀ ହୋଇପାରେନି କାରଣ ସନାତନ ଧର୍ମ ହେଉଛି ବ୍ରହ୍ମାଣ୍ଡର ନିୟମ, ପ୍ରକୃତିର ସଂହିତା ଓ ମାନବତାର ଶିରୋମଣି ।

ଯଦି ଆମେ ସନାତନ ଧର୍ମର ପରମ ଆଦର୍ଶ ଓ ଉପଦେଶକୁ ଦେଖିବା, ତେବେ ଏହା ପରିପ୍ରକାଶ କରେ "ବସୁଧୈବ କୁଟୁମ୍ବକମ୍"- ସମଗ୍ର ବିଶ୍ୱ ଏକ ପରିବାର । ଏହାର ସନ୍ଦେଶ ସମୟ ଓ ସୀମାର ସମସ୍ତ ବାର୍ତ୍ତାକୁ ଉଲଙ୍ଘି ମନୁଷ୍ୟତାକୁ ଏକାତ୍ମତାର ଆଲୋକରେ ଆବୃତ କରେ । ସନାତନ ଧର୍ମର ପ୍ରାଥମିକ ଧ୍ୟେୟ ହେଉଛି-

ଆତ୍ମଜ୍ଞାନର ସାଧନା

ସର୍ବଜୀବ ଓ ସମାନତାର ସ୍ଥାପନା

ପାର୍ଥିବ ଓ ପରମାର୍ଥିକ ଉନ୍ନତିର ସମନ୍ୱୟ

ସନାତନ ଧର୍ମ ମନୁଷ୍ୟକୁ କେବଳ ଧାର୍ମିକ ଆଚର ବିଚାରରେ ନୁହେଁ ବରଂ ଜୀବନର ସମଗ୍ରତାରେ ପଥପ୍ରଦର୍ଶନ କରେ ।

ମଣ୍ଡୁକ ଉପନିଷଦରେ ସନ୍ନିହିତ "ସତ୍ୟମେବ ଜୟତେ"ର ବାର୍ତ୍ତା ହେଉଛି ସନାତନ ଧର୍ମର ଏକ ପ୍ରମୁଖ ଆଦର୍ଶ । ଯାହା ସମାଜକୁ ସମନ୍ୱୟ, ସହିଷ୍ଣୁତା ଓ ସମ୍ଭାବନାର ମାର୍ଗ ଦେଇଛି ।

ଋଗ୍‌ବେଦରେ ମଧ୍ୟ ଏହି ପରିପ୍ରେକ୍ଷୀରେ କୁହାଯାଇଛି "ଏକୋଂ ସଦ୍ ବିପ୍ରାଃ ବହୁଧା ବଦନ୍ତି" ଅର୍ଥାତ ସତ୍ୟ ଏକ କିନ୍ତୁ ମୁନି ମହାମୁନିମାନେ ତାହାକୁ ବିଭିନ୍ନ ନାମରେ କୁହନ୍ତି ।


ବର୍ତ୍ତମାନ ସମୟରେ ସନାତନ ଧର୍ମର ମର୍ଯ୍ୟାଦାକୁ ସୁଦୃଢ଼ କରିବା ଓ ପ୍ରତ୍ୟେକ ସନାତନୀର ହୃଦୟରେ ସତ୍ୟ, ଅହିଂସା, ଦୟା, କରୁଣା, ସେବା, ସମତା ଓ ସହିଷ୍ଣୁତାର ଭାବକୁ ପ୍ରତିରୋପଣ କରିବା ହେଉଛି ଆମର ପରମ କର୍ତ୍ତବ୍ୟ ।

ଅନ୍ତରେ ବାଜ୍‌ପେୟୀଙ୍କର ଦୁଇ ଛନ୍ଦ ମନପଡ଼େ "ହିନ୍ଦୁ ତନମନ ହିନ୍ଦୁ ଜୀବନ, ରଗ୍ ରଗ୍ ହିନ୍ଦୁ ମେରା ପରିଚୟ" ଯାହା ମନରେ ଏକ ସନାତନୀ ହିନ୍ଦୁର ଭାବକୁ ଜାଗୃତ କରେ ଆଉ ପରିଶେଷରେ ଏଇ ମାନସପଟରେ ସନାତନ ଏକ ଶାଶ୍ୱତ ଆଦର୍ଶର ଦୀପଶିଖା ହୋଇ ଏହାର ଗୌରିକ ରଙ୍ଗକୁ ବିଚ୍ଛୁରିତ କରିଯାଏ ଓ ଆଭାଷ ଦିଏ - "ହେ ସନାତନୀ !"

ଜାଗ୍ରତ ହୁଅ ଚିର ଶାଶ୍ୱତ ହୁଅ...

ସତ୍ୟ ସନାତନରେ ପ୍ରେରିତ ହୁଅ... ।

❐





'ମୁଁ ନିଃସ୍ୱ ମାଟିର ସ୍ୱର,
କବିତା ରୂପୀ ରକ୍ତ ମାଂସଧାରୀ ମଣିଷ'

ବିଭୂତି ଭୂଷଣ ସେନାପତି



ମୋ.୯୪୩୭୫୭୪୪୬୨

ଅତୀତରୁ ବର୍ତ୍ତମାନ ଓ ବର୍ତ୍ତମାନରୁ ଭବିଷ୍ୟତ ଏହାରି ଭିତରେ ରହିଛି କବିତାର ପ୍ରଶସ୍ତି । ସଂସାର ସାଗରରୁ ମୁକ୍ତି ଲାଭ ପାଇଁ କବିତା ଏକ ଆଶ୍ରୟ । ବୈଷ୍ଣବ କବି ଅଭିମନ୍ୟୁ ସାମନ୍ତ ସିଂହାର କହିଥିଲେ "ସ୍ୱାଦ ଆସ୍ୱାଦନ

କଲେ ଚିତ୍ତ ମଗ୍ନ ହେବ/ ସଂସାର ସାଗର ବୁଡ଼ାବାଧ ବ୍ୟାଧି ଯିବ ।" ସୁତରାଂ ସଂସାର ସାଗରରୁ ମୁକ୍ତି ଲାଭ ପାଇଁ କବିତା ଆଶ୍ରୟ ସ୍ଥଳ । କବିତା ମାଧ୍ୟମରେ ମାନବର ମୂର୍ତ୍ତି ଓ ଭାବର ପରିବର୍ତ୍ତନ ଘଟେ । ଏଜରା ପାଉଣ୍ଡ କିନ୍ତୁ ଭିନ୍ନ ମତ ପୋଷଣ କଲେ । ସେ କହିଲେ - "କବିତା ହେଉଛି ମାନବତ୍ୱକୁ ସଭ୍ୟତା ଭୂମିରେ ବଂଚାଇ ରଖିବାର ଏକ ଶକ୍ତି" । ସେହି ଦୃଷ୍ଟିକୋଣରୁ ବିଚାର କଲେ ମାଟିମନସ୍କ କବି ବିଷ୍ଣୁ ସେଠୀ କବିତା ମାଧ୍ୟମରେ ମାନବବାଦର ଜୟ ଗାନକରି ସମାଜକୁ ବାର୍ତ୍ତା ଦେଇଛନ୍ତି 'ମୋର କବିତା ନିଃସ୍ୱ ମାଟିର ସ୍ୱର' , ସେ ମାଟି, ପାଣି, ପବନର କଥା କହି ପଂଚଭୂତକୁ ବାର୍ତ୍ତା ଦିଏ ।

ନିଃସ୍ୱ ମାଟିର ସ୍ୱରରେ ମୁକୁଳା ଛାତିର ଢଳ ଢଳ ପର୍ବତ ଉପରେ ସାଉଁଟି ଆଣିଥିବା ମାଟିକୁ ଦେଖୁ ଦେଖୁ କବି ଆପଣେଇ ନେଇଛନ୍ତି କବିତାକୁ ।(କବି କବିତା ପୃ-୭) ମଣିଷ ଜୀବନ ଚର୍ଯ୍ୟାରେ ରୁଚି ଓ ସୌନ୍ଦର୍ଯ୍ୟ ଫୁଟିଲେ ଆପେ ଆପେ କବି ଚଳ ଚଂଚଳ ହୋଇଉଠେ । ବାସ୍ତବବାଦ ଓ ଆନନ୍ଦବାଦର ପତ୍ରାଳଳପ ଦ୍ୱାରା କବିର କବିତା ରୋମାଂଚିତ ହୁଏ । ୨୦୧୫ ମସିହାରେ ସ୍ୱର୍ଗତ କବିଙ୍କର ଦ୍ୱିତୀୟ ସଙ୍କଳନ 'ନିଃସ୍ୱ ମାଟିର ସ୍ୱର' ପ୍ରକାଶିତ ହୋଇଥିଲା । ସମୁଦାୟ ୭୨ଟି କବିତା ମାଧ୍ୟମରେ ମାଟି ମଗ୍ନା କବିଙ୍କ ମା', ମାଟି, ମଣିଷ ଓ ରାଜନୀତିର ପଶାପାଲିରେ ସଂସ୍କୃତି ଓ ଆଧ୍ୟାତ୍ମିତାକୁ ଆଧାର କରି କବିତା ଗୁଡ଼ିକ ମିଥ୍ ଓ ଆର୍କିଟାଇପର ଯୁଗଳବନ୍ଦୀରେ ପ୍ରକାଶ ପାଇଥିଲା । ସେତେବେଳେ ଶବ୍ଦମାନେ ଦ୍ୱିତୀୟ ଈଶ୍ୱର ଓ ଏକାଦଶ ଅବତାରର ରୂପନେଇଥିଲେ । " ଜନ୍ମ ମୃତ୍ୟୁର ଅନ୍ତ ନାହିଁ କାଳ କାଳକୁ କାରଣ ଶବ୍ଦମାନେ ଈଶ୍ୱରଙ୍କ ଦ୍ୱିତୀୟ ଅବତାର ।"(ପୃ-୮)

ସମୟ କୁଆଡେ ଏକଲା ରାସ୍ତାର ବାର୍ଦ୍ଧକ୍ୟ ମଣିଷ , ମୃଣ୍ମୟ ଛାତିର ଅକ୍ଷାଂଶ ଓ ଦ୍ରାଘିମା । ଜହ୍ନ ଆଲୁଅରେ ସେ ବାଗଦାଦ ସହର ପୁଣି ଶୂନ୍ ଶାନ୍ ଛାତ ଉପରେ ଆକାଶର ଛାତି ଓ ତାତି । ଆଉ କେତେବେଳେ ଫତେ ସିନ୍ଦୂର ପିନ୍ଧି ଅଙ୍ଗନବାଡ଼ି କେନ୍ଦ୍ରର ଭଙ୍ଗା ଛାତ ତଳେ ଶିଶୁର ମା' ହୋଇ ବିଳାପ କରୁଛି । ଏସବୁ ମାୟା ନା ସରଳ ଭଗ୍ନାଂଶ ଏହି କଥାକୁ ବିଚାର କରିବେ କବିତା ପଢୁଥିବା ପାଠକମଣ୍ଡଳୀ । କବି ଗୁରୁ ରବୀନ୍ଦ୍ର ନାଥ କହିଥିଲେ , 'ଜୀବନ ହିଁ ଶିକ୍ଷ' । ମାନବ ଚରିତ୍ରକୁ ମୂର୍ତ୍ତିମାନ କରିବାରେ କବିତା ହିଁ ଏକମାତ୍ର ମାଧ୍ୟମ । କବିତା ମାଧ୍ୟମରେ ମାନବର ମୂର୍ତ୍ତି ଓ ଭାବର ଆକୃତିର ବିକାଶ ଘଟେ । ସେଥିପାଇଁ 'ପରଦା' କବିତାରେ ବିଷ୍ଣୁ ସେଠୀ କହନ୍ତି - "ତୁମ ପାପର ପାଡ଼ିତା ପାଲଟେ ପତିତା ପତିତ ପାବନ ଦର୍ଶନରେ ପବିତ୍ର ହୁଏ ପାମର ଶରୀର ଓ ମନ । ଘିଅ, ଝୁଣା, ଦୀପର କଲ୍ଲୋଳେ ଧୋଇଯାଏ ସବୁ ପୂଜ -ରକ୍ତ ଆସ୍ତେ ଆସ୍ତ ନିଶ୍ଚିହ୍ନ ହୁଏ ଗଛରୁ ମୂଳରୁ ଗହନ ସତ୍ୟର ଗଜାଟିଏ କାଳ-କାଳ ।"

ସମାଜରେ ସବୁବେଳେ ଦୁର୍ବଳ ଉପରେ ସବଳର ଅତ୍ୟାଚାର ବଢିଚାଲେ ।

ସାଂପ୍ରତିକ ପରିସ୍ଥିରେ ବିଶ୍ୱ ଯେଉଁ ବିପଦର ସମ୍ମୁଖୀନ ହେଉଛି ସେତେବେଳେ ଅଭିମନ୍ୟୁ ପରି ଯୋଦ୍ଧା ଚକ୍ରବ୍ୟୁହରେ ପଡି ହନ୍ତସନ୍ତ ହେଉଛନ୍ତି । ଏହାର କାରଣ ହେଲା ଜୀବନକୁ ନେଇ ମାନବ ମନରେ ଥିବା ବିଶ୍ୱାସ ବୋଧ କମି ଯାଉଛି । ତଳକୁ ତଳ ମାଟି ଖସି ଯାଉଛି , ଦୋହଲିଯାଉଛି ସାମାଜିକ ସ୍ଥିତି, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭିତ୍ତିଭୂମି ଦୋହଲି ଯାଉଛି । ଏହାରି ମୂଳରେ ଗୋଟିଏ କଥା ଲୁକ୍‌କାୟିତ ହୋଇ ରହିଛି ତାହା ହେଛି ମାନବବାଦ । ‘କୁଆଡେ ଯିବା ? ଦେଖନା ଚାରି ପାଖରେ କେମିତି ମୃଗ ମାରଣର ଫିସାଦୀ ।” କବିଙ୍କ ଦୃଷ୍ଟିରେ ଜୀବନ ରହସ୍ୟମୟ, କିନ୍ତୁ ତା’ ଭିତରେ ଅମାପ ସୌନ୍ଦର୍ଯ୍ୟ ଅଛି । କବିର କବିତାରେ ଯେଉଁ ସକରାତ୍ମକ ରହସ୍ୟ ଉନ୍ମୋଚିତ ହୁଏ ତାହା ମାଟିର ଅକର୍ଷଣରେ ନୂଆ ରୂପ ନିଏ । କବି ବା ଲେଖକ ସମସ୍ତେ ସାମାଜିକ ଦାୟିତ୍ୱବୋଧରେ କଲମ ଚାଳନା କରନ୍ତି । ବ୍ରୁଟ ହନ୍‌ସଙ୍କର ‘ପ୍ୟାନ ପୁସ୍ତକ’ ଆଶ୍ଚର୍ଯ୍ୟଜନକ ପ୍ରେମ ଗଳ୍ପରେ ଭରା , ବିଶ୍ୱ ସାହିତ୍ୟ ସହିତ ତା’ର ଏତେବଡ଼ ପରିଚୟ ଅଛି । ରବୀନ୍ଦ୍ରନାଥ ଓ ସତୀନାଥ ଭାଦୁଡିଙ୍କ କବିତାର ପ୍ରଭାବ ସମାଜ ଆଖିରେ ଯୁକ୍ତିସିଦ୍ଧ ଇସାରାକୁ ମାନି ନିଏ କାରଣ ଅନ୍ନ ଓ ଆନନ୍ଦର ବିଶ୍ଳେଷଣ ଭାବ ଓ ଜ୍ଞାନର କଥା ହିଁ କହିଥାଏ । ସବୁବେଳେ ନିଃସ୍ୱ ମାଟିର ସ୍ୱର କବିତାର କବି ଉପଲବ୍ଧି କରିଛନ୍ତି କବିତା ଭାତ ପାଇଁ ନୁହେଁ, ମନ୍ଦିର ପାଇଁ ନୁହେଁ, ସାମ୍ରାଜ୍ୟ ପାଇଁ ନୁହେଁ, ଋତୁ ପାଇଁ ନୁହେଁ କି ଆଭିଜାତ୍ୟ ପାଇଁ ନୁହେଁ । ଏହା କୁଳୀନ ଅଭିଜାତ ଏବଂ ନିଜେ ହିଁ ନିଜ ସାମ୍ରାଜ୍ୟର ସ୍ରଷ୍ଟା । ଜୀବନର ଉତ୍ତୁଙ୍ଗ ଆବେଗରୁ କବିତା ଝରି ପଡେ ।

ଶବ୍ଦ ଯୋଡି କବିତା ଲେଖିବା ପୂର୍ବରୁ କବିର ଅନ୍ତଃସ୍ଥଳ କବିତାମନସ୍କ ହୋଇଯାଏ । ପ୍ରେମ ଓ ସୌନ୍ଦର୍ଯ୍ୟ ପରି କବିତା ଶୁଦ୍ଧ ଅନୁଭବ । ପ୍ରେମ ଆମକୁ ଜୀବନପ୍ରିୟତା ଶିଖାଇଛି, ରୋମାଂରୋଲାଙ୍କ ଭାଷାରେ ‘ଆମ ବ୍ୟକ୍ତିଗତ ସଂସ୍କାର , ଶ୍ରଦ୍ଧାଶୀଳତା ତଥା କଳାନୁରାଗକୁ ପ୍ରେମ ଓ ସୌନ୍ଦର୍ଯ୍ୟବୋଧ ପରିପୁଷ୍ଟ କରିଥାଏ ।’ ଯାହା ହିଁ ନିଃସ୍ୱ ମାଟିର ସ୍ୱର କବିତାପୁସ୍ତକର ସାମଗ୍ରିକ ପୃଷ୍ଠଭୂମି । “ ଆଉ ଜିଦ୍ କରି ହେଉନି ମାଟି କାମୁଡି ଜୀଇଁବାକୁ ଲାଗୁଛି ମାଟି, ପାଣି, ପବନ, ଆକାଶ ଓ ଆଲୁଅ ସଭିଏଁ ଜିଦ୍ କରି ମୋତେ ପଠେଇ ଦେଇଛନ୍ତି କେଉଁ ଅଚିହ୍ନା ଇଲାକାକୁ ଯେଉଁଠି ଅପେକ୍ଷାରତ ମୋ ପୂର୍ବଜମାନେ କେଉଁ ଅନନ୍ତ କାଳରୁ ।”(ଗଛରେ ଗଛ ପୃ-୨୩)

ସବୁ ମଣିଷକୁ ଭଲ ପାଇବା ହେଲା ମଣିଷର ସଂସ୍କାର । ତା’ଠାରୁ ଆହୁରି ବଡ ହେଲା ମନୁଷ୍ୟର ଆତ୍ମାକୁ ଅନ୍ତର ଦେଇ ଭଲ ପାଇବା । ପ୍ରାଣରେ ତଲ୍ଲୀନତା ବଢିବା ପାଇଁ ନିଜ ପ୍ରତି ଅନାସକ୍ତ ରହି ଅନ୍ୟପ୍ରତି ଆସକ୍ତ ହେବା । ଦୂର ଦିଗ୍ୱଳୟ ନୁହେଁ, ମହାସମୁଦ୍ର ନୁହେଁ କିମ୍ବା ପରି ରାଇଜର ଆକର୍ଷଣ ନୁହେଁ ମାଟି ମଣିଷକୁ ଆକର୍ଷଣ କରେ ଦାଣ୍ଡ ଅଗନାର ମେଞ୍ଚୁଆତି ଓ ଘର ପଛପଟରେଥିବା ଟୁବ ଗଡିଆ । ଶିଳ୍ପୀର ସୃଜନ

ଅନୁଭବ ମାନବିକତାଠାରୁ ବହୁ ଉର୍ଦ୍ଧ୍ୱରେ ଏବଂ ସୃଜନ ଦର୍ଶନ ପ୍ରତିଟି କବିତା ପଂକ୍ତିରେ ଆଲୋଡନ ସୃଷ୍ଟିକରେ । "ହେ ସମସ୍ତ ଆର୍ଯ୍ୟପୁତ୍ର !କାନଡେରି ଶୁଣ ତୁମ ଦ୍ରୌପଦୀ ଅହଲ୍ୟାମାନଙ୍କ ପାଇଁ ନିଃଶବ୍ଦରେ ଅଛ୍ରବମାନେ ଲୁହ ଢାଳି ଚାଲିଛନ୍ତି ତାଙ୍କ ଶତାବ୍ଦି ପୁରୁଷ ପାଖରୁ ଆଜିଯାଏଁ ଅବିରତ କ୍ରନ୍ଦନରତ ।"(ପୃ-୨୪ ନିଃସ୍ୱ ମାଟିର ସ୍ୱର)

କବିତା ବିପ୍ଳବ ଅଥବା କ୍ରାନ୍ତିର ପ୍ରେରକ । ତେଣୁ ଆଶା ଓ ଆକାଂକ୍ଷାର ଆଲୋକ ଶିଖା ଜାଳି ପାରୁଥିବା କବିତା ପଂକ୍ତି ପାଠକର ଅବବୋଧକୁ ବଦଳାଇଦିଏ । ସୋଭିଏତ୍ କାବ୍ୟତତ୍ତ୍ୱରେ ଏହାକୁ କହନ୍ତି ସାମାଜିକ ମୂଲ୍ୟବୋଧ । ଯେତେବେଳେ କବିତା ବିବର୍ତ୍ତନର ରୂପ ନିଏ ସେତେବେଳେ ସାମାଜିକ ବିବର୍ତ୍ତନ । ଶ୍ରମିକର ଆବେଗ କ୍ରିୟା ସହିତ ସମତାଳ ରଖେ । ହୁଏତ ତାହା ଗୋଟିଏ ବିନ୍ଦୁରେ ମିଳିତ ହେଲେ ତାହା ଏକତ୍ର ଅବସ୍ଥାନ କବିତା କହନ୍ତି । ମନର ମାଳ ଅଂଚଳରେ କବିତାର ଫୁଲ ଫୁଟେ । କବିଟିର ଆନନ୍ଦର ସୀମା ରହେନାହିଁ । ସେଥିପାଇଁ ବିପ୍ଳବୀ କବି କୃଷ୍ଣଚନ୍ଦ୍ର ତ୍ରିପାଠୀ କହନ୍ତି- "କବିତା ମୋ ପ୍ରତିଶୋଣିତର ରକ୍ତ ସ୍ରୋତା ,କବିତା ଭିତରେ ବଂଚି ରହିଛି ମୁଁ ଅବିରତ କବିତା ରଚନାରେ, ଯିବି କେଉଁ ଆଡେ ? କେତେ ଜନମରୁ ବାଛି ମୁଁ ନେଇଛି ସେଇ ସୁନ୍ଦର ସ୍ୱର୍ଣ୍ଣ ପ୍ରଥା / ମୁଁ କିନ୍ତୁ କବିତା ଭିତରେ ବଂଚି ରହିଛି ଅବିରତ ।" ବିଦଗ୍ଧ କବି ବିଷ୍ଣୁ ସେଠୀ ସେହି ପଥର ପଥିକ । କବିତାରେ ମାନବବାଦ ଏକ ନୈସର୍ଗିକ ଚିନ୍ତାଧାରା ।

କବିଟିଏ ଜିଜ୍ଞାସୁ ଚିରକାଳ । ସେ ଶବ୍ଦ ବ୍ରହ୍ମ ସାହାଯ୍ୟ ନେଇ ପଲ୍ଲୀ ଭୂଇଁରେ ଗତିଶୀଳ ଝରଣାକୁ ବେଗମତି କରାଏ । କିନ୍ତୁ ସମାଜ ଜୀବନରେ ପ୍ରତିଦିନ ଘଟୁଥିବା ସାଂପ୍ରଦାୟିକତାକୁ ଦୂରେଇ ଦେଇ କୁନି କୁନି ଶିଶୁଙ୍କୁ ବିବାହ ବେଦୀରେ ଫୁଲ ହାର ପିନ୍ଧେଇ ଦେଇଥାଏ । "କୁବେର ସଂପତ୍ତି ପରି ରାଷ୍ଟ୍ରୀୟ ମର୍ଯ୍ୟାଦା ତୁମପରି ଚଷା ପୁଅ ପାଇଁ କେତେ ମହର୍ଗ, ତୁମେ ଦେଖିଲନି ମୋ ପରି ଭାରତ ବର୍ଷରେ ଆଜି ବୈଧବ୍ୟ ଯନ୍ତ୍ରଣା ତୁମେ ଦେଖିଥାନ୍ତ ସେ ଦିନର ଦୁଇ କୁନି କୁନି ଶିଶୁ କନ୍ୟାଙ୍କର ବିବାହ ବେଦୀରେ ଫୁଲନୋଳ ହେଲେ ଚିହ୍ନିପାରିଥାନ୍ତା କି ସେମାନଙ୍କୁ ତୁମ ଆଖିର ଆଲୋକେ ।"(ସରଦଜିତ୍-ପୃ-୨୬)

କବିତା କ'ଣ ସାରା ଜୀବନ? କୋକିଳା ଦେଇ ଠାରୁ ଉତ୍ତର ଖୋଜିଛନ୍ତି କବି ରାଜେନ୍ଦ୍ର କିଶୋର ପଂଡା । ଶେଷରେ ସେ ଉତ୍ତର ପାଇଛନ୍ତି -କବିଟିଏ ଅନୁଭବି ନ ହେଲେ କବିତା ରଚନା କରିପାରିବନାହିଁ । କାରଣ କବିତା ଲେଖା ଯାଏ ନାହିଁ ସୃଷ୍ଟିହୁଏ । ଏକ ବାସନାର ବ୍ୟାପ୍ତି ହିଁ ଆମ ଜୀବନର ଶେଷ କଥା, ଆମ ପ୍ରଗତିର ମୂଳ ସ୍ୱର ଓ ଆମ ସଂସ୍କୃତିର ଆଧାର । ଏଥିପାଇଁ କବି ବିଷ୍ଣୁ ସେଠୀ କହନ୍ତି - "ଭଲ କବିତା କେବେ ମୋ ମା' ତ କେବେ ମୋ ପ୍ରେମିକା ପରି ଚିରକାଳ ନୀରବରେ ଗୁମୁରୁ ଗୁମୁରି ଉହ୍ଲେଇ ପଡେ ମୋ ଭିତରେ ଭିତରେ ।" ଜୀବନ ସହିତ କାବ୍ୟର ସଂପର୍କ ଅତି ଗଭୀର । କିନ୍ତୁ କବିତାର

ସଂପର୍କ ଦେହ, ପ୍ରାଣ, ମନ, ଆତ୍ମା ଓ ଜୀବନଶକ୍ତିକୁ ନେଇ । କିନ୍ତୁ କବିତା ଅନୁଭୂତି ଓ କଳ୍ପନାର ବ୍ୟାପାର ।


ଶେଷରେ କବି କହନ୍ତି- " ଜୀବନର ନିଃସ୍ୱ ପଣ ହିଁ ସମସ୍ତଙ୍କୁ ସ୍ରଷ୍ଟା ଭାବେ ସୃଷ୍ଟି କରେ । ଅସରାଏ ବର୍ଷା ଯଦି ବର୍ଷି ବର୍ଷି ଯାଏ , ମାଟିରୁ ଫୁଟି ଉଠେ ଏକ ନିରୁତା ବାସ୍ନା । ଠିକ୍ ସେହିପରି ନିଃସ୍ୱ ହୃଦୟରେ ସ୍ରଷ୍ଟାଟିଏ ଅପେକ୍ଷାରେ ଥାଏ କେବେ ବର୍ଷି ଯିବ ସେହି ଅସରାଏ ବର୍ଷା ତା'ର କଲିଜା ମୂଳରେ ଏବଂ ସେ ମାଟି ପରି ଭିଜି ଯିବ ଏକ ସଂସାର ହୀନ ଭାବନାରେ, ଏକ ବାତୁଳ ଅନ୍ୟମନସ୍କତାରେ । କବିତା ଠିକ୍ ସେହିପରି ଏକ ଅନାହୂତ ପ୍ରକ୍ରିୟା । ନିରୋଳା, ନିସ୍ତବବ୍ଧ ରାତିରେ କବିଟିଏ ମାଟିର ଛାତିରେ କାନ ଦେଇ ଶୁଣେ ଅନନ୍ତ ଓ ଅନ୍ତର ପ୍ରସାରୀ କବିତାର ସ୍ୱର , ତାହା ପାଲଟି ଯାଏ...." ନିଃସ୍ୱ ମାଟିର ସ୍ୱର ।"ମଣିଷ ସମାଜରୁ ବିଚ୍ଛିନ୍ନ ନୁହେଁ କି ସ୍ୱତନ୍ତ୍ର ନୁହେଁ । ସମାଜର ସ୍ଥିତି ହିଁ ମଣିଷକୁ ପରିଚାଳିତ କରେ ତାହା ପୁଣି କବି ବିଷ୍ଣୁ ସେଠୀଙ୍କ ନିସ୍ୱ ମାଟିର ସ୍ୱରହୋଇ ।

ସଭାପତି, ନାରାୟଣ ସ୍ମୃତି ସେବା ଓ ସାହିତ୍ୟ ଗବେଷଣା ପରିଷଦ,
କୋହ୍ନ, ତିହିଡ଼ି, ଭଦ୍ରକ ୭୫୬୧୩୦

❐

‘ଘାସଫୁଲ’ର ବି ବାସ୍ନା ଅଛି

ପବିତ୍ର ପାଣିଗ୍ରାହୀ





ମୋ. ୯୯୩୮୦ ୪୨୪୬୮

ସମ୍ପାଦିକା ଏବଂ ସୃଜନୀ ସମ୍ପାଦକ ‘ଘାସଫୁଲ’ ସମ୍ମାନ ଗ୍ରହଣ କରିବେ । ପତ୍ରିକାର ପ୍ରତିଷ୍ଠାତା ସଂପାଦକ ବନ୍ଧୁ କବି ବିଷ୍ଣୁ ସେଠୀଙ୍କ ମାନସ ସନ୍ତାନ ‘ଘାସଫୁଲ’ର ପାର୍ବଣ ସଂଖ୍ୟା - ୨୦୨୪ ପାଠ କଲା ପରେ ମୁଗ୍ଧ ହେଲି ଏହାର ପରିଚ୍ଛନ୍ନ ପରିପାଟି ପାଇଁ । ପ୍ରଚ୍ଛଦ ପ୍ରତୀକାତ୍ମକ ଓ ଆକର୍ଷଣୀୟ । ମୁଦ୍ରଣ ତ୍ରୁଟି ଖୁବ୍ କମ୍ । ଏ ସଂଖ୍ୟାକୁ ସମୃଦ୍ଧ କରିଛି ଶୁଭ୍ରପ୍ରକାଶ ଦାସଙ୍କ ଶରତ ଚନ୍ଦ୍ରଙ୍କ ଅନୁଦିତ ଉପନ୍ୟାସ ‘ପରିଣୀତା’ ଓ ଡ଼. ରଂଜନ ପ୍ରଧାନଙ୍କ ମୌଳିକ ଉପନ୍ୟାସ ‘ଗୋବରା ନଈର ଗୀତ’ । ସୁନ୍ଦର ଦୁଇଟି ଯାକ ଉପନ୍ୟାସ । ଏହାଛଡ଼ା ପତ୍ରିକାର ସବୁଠୁ ଶକ୍ତିଶାଳୀ ବିଭାଗଟି ହେଲା ୧୧ଟି ଚମତ୍କାର ଫିଚର ବିଭାଗ । ଖୁବ୍ କମ୍ ପତ୍ରିକା ଏହି ବିଭାଗଟିକୁ ଗୁରୁତ୍ୱ ଦେଉଥିଲାବେଳେ ଆପଣଙ୍କର ଉଦ୍ୟମ ପ୍ରଶଂସନୀୟ । ମନୋଜ ଦାସ, ଡ. ବ୍ରଜମୋହନ ମିଶ୍ର, ବିଜୟ ନାୟକଙ୍କଠୁ

ଅଭୟ ଦ୍ୱିବେଦୀ ଓ ଶ୍ରୀ ଗୋବିନ୍ଦଙ୍କ ଯାଏ ଅଧିକାଂଶ ଫିଚର ଉଚ୍ଚକୋଟୀର ।

ପ୍ରାରମ୍ଭରେ ସଂଯୋଜିତ ପ୍ରତିଷ୍ଠାତାଙ୍କ ପୃଷ୍ଠାର କବିତା 'ଘାସଫୁଲ' ମନଛୁଆଁ । ଉର୍ମିଳା ପାଣିଗ୍ରାହୀଙ୍କ ସଂପାଦକୀୟ 'ଘାସଫୁଲର ପସରା'ର ବକ୍ତବ୍ୟ ସାବଲୀଳ ଓ ହୃଦୟସ୍ପର୍ଶୀ । ସୃଜନୀ ସମ୍ପାଦକ ଶ୍ରୀ ଦ୍ୱିବେଦୀଙ୍କ ପୃଷ୍ଠା '୧୮୫୭ ସଂଗ୍ରାମ ଓ ନ'ଅଙ୍କ ଦୁର୍ଭିକ୍ଷ' ବେଶ୍ ଚିନ୍ତା ଉଦ୍ରେକକାରୀ । ପୁସ୍ତକ ସମୀକ୍ଷାରେ କବି ବିଷ୍ଣୁ ସେଠୀଙ୍କ 'ନଈପାଣି ନଈକୁ ଯା'ର ସମୀକ୍ଷା ଭଲ ଲାଗିଲା ।

ପାର୍ବଣ ସ୍ୱତନ୍ତ୍ରରେ ପ୍ରକାଶିତ ଶକ୍ତି ଉପାସନା ଆଧାରିତ ଆଲେଖ୍ୟ ତିନୋଟି ସୁଖପାଠ୍ୟ । ଗଳ୍ପ ବିଭାଗରେ ଭଲଲାଗିଲା ଡ. ଅରବିନ୍ଦ ରାୟ, ଡ. ରାଧାବିନୋଦ ନାୟକ, ଡ. କବିତା ବାରିକ ଓ ଡ. ପଦ୍ମକାନ୍ତ ଧଳଙ୍କ ଗଳ୍ପ । କବିତା ବିଭାଗରେ ଭଲ ଲାଗିଲେ ବନଜ ଦେବୀ, ଡ. ଅପର୍ଣ୍ଣା ମହାନ୍ତି, ମଧୁସୂଦନ ଦାଶ, କୃଷ୍ଣ କୁମାର ମହାନ୍ତି, ବସନ୍ତ ମୁଦୁଲି, ସୁଚିତ୍ରା ପାଣିଗ୍ରାହୀ, ଧନଞ୍ଜୟ ସ୍ୱାଇଁ, ସୌଭାଗ୍ୟବନ୍ତ ମହାରଣା, ସଞ୍ଜିତ କୁମାର ବଳ, ଡ. ମମତା ସାହୁ, ସମରେନ୍ଦ୍ରନାଥ ମହାପାତ୍ର, ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ, ବିଜୟ ମହାପାତ୍ର ଓ ଚିନ୍ତାମଣି ମହାଳିକ ପ୍ରମୁଖ । ପ୍ରବନ୍ଧ ବିଭାଗକୁ ଶକ୍ତିଶାଳୀ କରିଛି ଡ. ଦାଶରଥି ଦାସ, ଅଧ୍ୟାପକ ବିଶ୍ୱରଞ୍ଜନ, ଡ. ମିହିର ସାହୁ ଓ ଅକ୍ଷୟ ଜେନାଙ୍କ ପ୍ରବନ୍ଧ । ତେବେ ଆଗାମୀ ସଂଖ୍ୟାସବୁରେ ଗଳ୍ପ, ପ୍ରବନ୍ଧ ଓ କବିତା ବିଭାଗ ପ୍ରତି ଟିକେ ବିଶେଷ ଧ୍ୟାନ ଦେଲେ ପତ୍ରିକାଟି ଅଧିକ ସମୃଦ୍ଧ ହୋଇପାରିବ । ଆଗାମୀ ସଂଖ୍ୟା ଠାରୁ ଅଧ୍ୟୟନରତ ନବପ୍ରତିଭାମାନଙ୍କୁ ଏଥିରେ ସ୍ଥାନିତ କରିବା ପାଇଁ ସଂପାଦିକାଙ୍କ ଘୋଷଣା ଏକ ସାହସିକ ଓ ସ୍ୱାଗତଯୋଗ୍ୟ ପଦକ୍ଷେପ । ଯଦି ସମ୍ଭବ ହୁଏ ଗୋଟିଏ, ଦୁଇଟି ଭଲ ଶିଶୁ ଶିଳ୍ପ, ଐତିହାସିକ ଗଳ୍ପ ବା ଫିଚର, ରହସ୍ୟ ଗଳ୍ପ ବା ଧାରାବାହିକ ରହସ୍ୟ ଉପନ୍ୟାସ ଏବଂ କେତୋଟି କମ୍ ଚର୍ଚ୍ଚିତ ଅଥଚ ଭଲ ଗଳ୍ପ (ଆଗରୁ ପ୍ରକାଶିତ ହୋଇଥିଲେ ବି) ଆପଣ ସ୍ଥାନିତ କରିପାରିବେ ।

ମନେପଡୁଛି ଜଣେ ବିଶିଷ୍ଟ ଲେଖକଙ୍କ ଉକ୍ତି, "ଘାସଫୁଲର ବାସ୍ନା ଅଛି । ପବନ ବି ବେଦପାଠ କରେ । ଶୁକ୍ରୁଜାନି ବି ଜଣେ ଦାର୍ଶନିକ ।" ଆଶା ରଖୁଚି, 'ଘାସଫୁଲ' ସ୍ଥୂଳ ଭାବରେ ନ ହେଉ ପଛେ, ସୂକ୍ଷ୍ମ ଭାବେ ସୃଜନଶୀଳତାର ବାର୍ତ୍ତାବହ ହେବ ଏବଂ ସାଧାରଣ ମଣିଷ ବା କମନ୍‌ମ୍ୟାନ୍‌ର ଅକୁହା କଥାକୁ ତୋଳି ଧରିବ, ଯାହା ଥିଲା ପ୍ରତିଷ୍ଠାତା ସଂପାଦକଙ୍କ ଅଭିପ୍ସା ଓ ସ୍ୱପ୍ନ । ଶେଷରେ ଆପଣମାନଙ୍କ ଦୁଃସାହିକ ନିଷ୍ଠାପର ଉଦ୍ୟମକୁ ଆନ୍ତରିକ ବଧେଇ ଜଣାଉଛି ।

❐

ମୃତ୍ୟୁ ଏକ ସତର ମିଛ, ମିଛର ସତ - 'ଗୋଧୂଳି ଗପ'



ସମୀକ୍ଷା: **କିଶୋର ପାଣିଗ୍ରାହୀ**



ମୋ. ୭୦୦୮୧ ୧୭୯୬୪

ଓଡ଼ିଆ ସାହିତ୍ୟରେ ମୃତ୍ୟୁଚେତନାକୁ ନେଇ ସୁନିର୍ବାଚିତ ଗଳ୍ପର ପ୍ରଥମ ସଂକଳନ

'ଗୋଧୂଳି ଗପ'

ଯୁଗ୍ମ ସଂପାଦନା: **ଦେବବ୍ରତ ମଦନରାୟ ଓ ପବିତ୍ର ପାଣିଗ୍ରାହୀ**
ପ୍ରକାଶକ: **ଟାଇମ୍ ପାଶ୍,** ଭୁବନେଶ୍ୱର
ପ୍ରକାଶ କାଳ: ୨୦୨୩
ପ୍ରଚ୍ଛଦାଙ୍କନ: **ସରୋଜ ବଳ**
ପୃଷ୍ଠା ସଂଖ୍ୟା: ୪୧୬
ମୂଲ୍ୟ: ଟ **୪୪୫** ଙ୍କା

ଜୀବନ ହିଁ ପ୍ରଥମ ଶିଳ୍ପ । ଅନ୍ୟ ସମସ୍ତ ଶିଳ୍ପ ତାର ପ୍ରସ୍ତୁତି ମାତ୍ର । ତେଣୁ ଜୀବନକୁ ଡକାପଡ଼େ ପ୍ରଥମେ; ଖୋଜାଯାଏ, ବୁଝାଯାଏ, ଜଗାଯାଏ, ଭୋଗାଯାଏ ପ୍ରଥମେ । ଜୀବନ ଭୋଗିବାର ଅବଧିଟି ଅସଲରେ ଏକ ସତ୍ୟାଗ୍ରହ । ଏ ସତ୍ୟାଗ୍ରହର ନିର୍ଦ୍ଧାରିତ ଭାଗ୍ୟଟି କ'ଣ ମୃତ୍ୟୁ? ବୋଧହୁଏ- ନା । ଜୀବନ ଓ ମୃତ୍ୟୁ ଏ ସତ୍ୟାଗ୍ରହର ଏକ

ଚିରନ୍ତନ ଯାତ୍ରା- ଆରମ୍ଭ ଏବଂ ଶେଷ ନ ଥିବା ଗୋଟିଏ ଅଖଣ୍ଡ-ମଣ୍ଡଳ । ଜୀବନ ଓ ମୃତ୍ୟୁର ସହାବସ୍ଥାନ ହିଁ ଜିଇ ରହିବାର ସମତୁଲ ସମନ୍ୱୟ । ଅର୍ଥାତ୍ ମୃତ୍ୟୁ ବିନା ଜୀବନରେ ସୁଆଦ ନ ଥାଏ । ଜୀବନ ଭୋଗିବାର ଶ୍ରେୟ ଓ ଶୈଳୀ ମୃତ୍ୟୁର ହାତଟେକା, ହାତ ଉଧାରି । ଜୀବନ ଜିଇବାର କଳାରେ ମୃତ୍ୟୁ ମହିମ୍ନ ଏବଂ ଅନ୍ୟ ପକ୍ଷରେ ମୃତ୍ୟୁର ସନ୍ନିଧାନରେ ଜୀବନର ଆବାହନ, ସଂସ୍ଥାପନ । ଖୋଦ୍ ଜୀବନ ପରି ମୃତ୍ୟୁ ସତ୍ୟ ଆଉ ମୃତ୍ୟୁ ପରି ଜୀବନ ଅନିବାର୍ଯ୍ୟ । ଜିଇବାର କଳା ପରି ମରିବା ବି ଏକ କଳା ଯେଉଁଥିପାଇଁ ଆମେରିକୀ କବୀ ସିଲ୍‌ଭିଆ ପ୍ଲାଥ୍ କହିଥିଲେ, 'Dying is an art." ଜୀବନକୁ କିଛି କ୍ଷଣ ଫାଙ୍କି ଦିଆଯାଇପାରେ; ମୃତ୍ୟୁକୁ ନୁହେଁ । ଜୀବନକୁ ଭୋଗିବା ଯେତିକି ଦାୟିତ୍ୱପୂର୍ଣ୍ଣ; ମୃତ୍ୟୁକୁ ସ୍ୱୀକାର କରିବା ସେତିକି ଗୁରୁତ୍ୱପୂର୍ଣ୍ଣ ଏବଂ ପୁରୁଷାର୍ଥର ବ୍ୟାପାର । କାରଣ ଜୀବନ ଜିଇବାର ଦାୟିତ୍ୱବୋଧ ମୃତ୍ୟୁକୁ ବୁଝିବାର ଗୁରୁତ୍ୱକୁ ଭରା ଦେଇଥାଏ । ମୃତ୍ୟୁ ଜୀବନକୁ ପୂର୍ଣ୍ଣତା ଦିଏ; ଜୀବନ ମୃତ୍ୟୁକୁ ଅର୍ଥପୂର୍ଣ୍ଣ କରେ । ତେଣୁ ସାହିତ୍ୟରେ ଜୀବନ ପରି ମୃତ୍ୟୁ ରହସ୍ୟ ଓ ସତ୍ୟ । ମୃତ୍ୟୁକୁ ଡକାଯାଇପାରେ ଜୀବନ ପରି, ସଜାଯାଇ ପାରେ ଚୁଆଚନ୍ଦନରେ, ବାଟବରଣରେ ସଂଖୋଳି ବସାଯାଇପାରେ ଜୀବନହୋତ୍ର ଭାବରେ । ରବୀନ୍ଦ୍ରଙ୍କ ଭାଷାରେ ତେଶୁ ମୃତ୍ୟୁ "ଶ୍ୟାମ ସମାନ" ("ମରନ ହେ, ତୁ ମମ ଶ୍ୟାମ ସମାନ") ଯେମିତି କାନ୍ତ କବିଙ୍କ ଭାଷାରେ 'ପ୍ରିୟତମ'("ଆସ ପ୍ରିୟତମ ମରଣ ମୋହର") । ଏଠି 'ଶ୍ୟାମ', 'ପ୍ରିୟତମ' ଓ ମୃତ୍ୟୁ ସମାନ । କେବଳ ଅବବୋଧର ଅଭାବ ବା ଅପରିପକ୍ୱତା ହେତୁ ମୃତ୍ୟୁ ଏକ କାଳ୍ପନିକ ଆତଙ୍କ ହୋଇ ରହିଯାଉଥାଏ ବୋଲି କୁହାଯାଇପାରେ ।

ଜୀବନରେ ଯାହା ଅବଧାରିତ ତାହା ସତ୍ୟ । ମୃତ୍ୟୁ ଚିରନ୍ତନ ଜୀବନର/ ଜୀବନଚକ୍ରର ବା ଚରାଚର ବ୍ୟାପ୍ତ ଅଖଣ୍ଡମଣ୍ଡଳର ଏକ ପର୍ଯ୍ୟାୟ; ଜୀବନ ମୃତ୍ୟୁର ପ୍ରସ୍ତୁତି ଓ ଆନୁଷଙ୍ଗିକ ।

ତେବେ ଏତେଗୁଡ଼ିଏ କଥା କହିବା ପଛରେ ରହିଛି ଏବେଏବେ ପଢ଼ିଥିବା ଖଣ୍ଡିଏ ବହିର ପ୍ରେରଣା । ଏଇଥିପାଇଁ ଯେ ଏ ବହି ଖଣ୍ଡିକ ଜିଇବା ସରିସରି ଆସୁଥିବା, ବିଭିନ୍ନ ପରିସ୍ଥିତି ଓ ପରିବେଶରେ ବିଭିନ୍ନ ଚରିତ୍ରମାନଙ୍କର ଭାବାବେଗ, ଅନୁଭବ, ଜୀବନ ଓ ମୃତ୍ୟୁ ପ୍ରତି ସେମାନଙ୍କର ପ୍ରତିକ୍ରିୟା ତଥା ଦର୍ଶନ ବେଶ୍ ମାର୍ମିକ । ପୁଣି ବିଭିନ୍ନ ଲେଖକଙ୍କର ଦୃଷ୍ଟିଭଂଗୀ କାହାଣୀ ବିନ୍ୟାସ, କାହାଣୀର ଅଗ୍ରଗତି ଓ ପରିଣତି ପର୍ଯ୍ୟନ୍ତ ଯେମମିତି ଉତ୍କଣ୍ଠାପୂର୍ଣ୍ଣ, ଚରିତ୍ରମାନଙ୍କର ଭାବ, ଆବେଗ ଓ ଚେତନାର ଉତ୍ତରଣ ସେମିତି ଲକ୍ଷ୍ୟଣୀୟ, ହୃଦ୍ୟ । ସାହିତ୍ୟ କିମ୍ବା ଦର୍ଶନରେ ଜୀବନ କେବଳ ଜିଇବାର ଅବଧି ନୁହେଁ । ସେଠି ଜୀବନ+ମୃତ୍ୟୁ= ଜୀବନ; ଉଭୟ ଅଭିନ୍ନ; ଏକ ବିନା ଆନ ଅପୂର୍ଣ୍ଣ ।

ଉପରୋକ୍ତ ଭାବ ଓ ଦର୍ଶନକୁ ପ୍ରତିପାଦିତ କରୁଥିବା ଶ୍ରେଷ୍ଠ ଗାଳ୍ପିକମାନଙ୍କର

ନିର୍ବାଚିତ ଶ୍ରେଷ୍ଠ ଗଳ୍ପମାନଙ୍କୁ ନେଇ ସଂକଳିତ ଏହି ବିଶେଷ ଗଳ୍ପ ପୁସ୍ତକ । ଯାହାର ପରିକଳ୍ପନା ଓ ପରିପ୍ରକାଶ କରିଛନ୍ତି ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଆମ ସମୟର ଦୁଇଜଣ ବିଶିଷ୍ଟ କଥାକାର ଦେବବ୍ରତ ମଦନରାୟ ଓ ପବିତ୍ର ପାଣିଗ୍ରାହୀ ।

ଜୀବନର ଗୋଧୂଳି ଲଗ୍ନର ଚିତ୍ର, ଚରିତ୍ର ଓ ଭାବଭୂମିର ସଂସ୍ଥିତି, ସଂଶ୍ଳେଷଣ ଓ ସଂତୁଳିତ ଶିଳ୍ପରଚନାର ଏହି କାହାଣୀମାନେ ଓଡ଼ିଶାର ବଛାବଛା ଲେଖକଙ୍କର ବଛାବଛା ଗପର ପେଡ଼ିଟିଏ । ଚାଳିଶିରୁ ଉର୍ଦ୍ଧ୍ୱ କଥାକାର: ଫକୀରମୋହନ, ଗୋଦାବରୀଶ ମହାପାତ୍ର, କାହ୍ନୁଚରଣ, ଗୋପୀନାଥ, ସଚ୍ଚି ରାଉତରାୟ, ସୁରେନ୍ଦ୍ର ମହାନ୍ତିଙ୍କଠାରୁ ଆରମ୍ଭକରି ସରୋଜବଳ ଓ ଆଶିଷ ଗଡ଼ନାୟକଙ୍କ ପର୍ଯ୍ୟନ୍ତ ନବ୍ୟ କଥାକାରଙ୍କର ଗଳ୍ପ ଏଥିରେ ଗ୍ରଥିତ ।

ପୂର୍ବଭାଷରେ ଦେବବ୍ରତ କହନ୍ତି, 'ଏକାଏକା କେଉଁଆଡ଼େ ଯାଉଥିବାବେଳେ, ହଠାତ୍, ସମସ୍ତେ ଭାବିଥିବେ ମୁଁ ଏଇଠି କୁଆଡ଼େ ଯାଉଛି । ମୋ ଟେବୁଲ୍ ଉପରେ ଖାତା ଥିବ । ଫେରି ଆସିଲେ ଅଧାଲେଖା ଗପଟିକୁ ସାରିବି । ଆଉ ମୁଁ ଫେରୁନଥିବି । ଆଉ ନଥିବି । ××××××× ଥିବି ଦୂରରେ, ଅନେକ ଦୂରରେ । ସେଥିପାଇଁ ମୋତେ ଡରମାଡ଼େ । ମୃତ୍ୟୁକୁ ନୁହେଁ ବରଂ ଲୁହବୁନ୍ଦା ପରି ପ୍ରେମକୁ । ତେଣୁ ମୋର ସବୁବେଳେ ମନେପଡ଼େ ଓ୍ୱାଲ୍ଟ ହ୍ୱିଟ୍ ମ୍ୟାନ୍‌ଙ୍କ ଉକ୍ତି, 'Nothing can happen more beautiful than death.'

'ପୂର୍ବରାଗରେ ପବିତ୍ରଙ୍କ ଭାଷାରେ, "ଅବଲୁପ୍ତିର ଅନ୍ଧକାରମୟ ସୁଡ଼ଙ୍ଗ ମଧ୍ୟରେ ଭିନ୍ନ ଏକ ସୂର୍ଯ୍ୟୋଦୟ ନୁହେଁ; ବରଂ ଗୋଟେ ପରିବ୍ୟାପ୍ତ ନିର୍ବାଣ; ମହାନିର୍ବାଣର ଏକ ବାସ୍ନାମୟ ମୌନତା । ମୃତ୍ୟୁ ଶୂନ୍ୟତା ନୁହେଁ; ବରଂ ପୂର୍ଣ୍ଣତାର ଏକ ନିର୍ବିକଳ୍ପ ପରିପ୍ରକାଶ, ଏକ ବିଭାନ୍ୱିତ ପରିପୂର୍ଣ୍ଣତା । ××××××× ମୃତ୍ୟୁ ହିଁ ମଣିଷର ଅବଧାରିତ ଭାଗ୍ୟ, ଏକମାତ୍ର ଅନତିକ୍ରମ୍ୟ ନିୟତି । ଧ୍ରୁବ ସତ୍ୟ ମୃତ୍ୟୁ କେବେ ବି ଅନ୍ଧାର ନୁହେଁ; ବରଂ ଦେଦୀପ୍ୟମାନ ଦିବ୍ୟ ଆଲୋକ ଉତ୍ସର ଧାରା ଯାହା କାଳୋତ୍ତୀର୍ଣ୍ଣ, ଚିରନ୍ତନ ଓ ଶାଶ୍ୱତ ଯେଉଁଠି ସବୁ ଜୀବନଜ୍ୱାଳା, ବେଦନା, ଆତଙ୍କ ଓ ଯନ୍ତ୍ରଣାର ପରିସମାପ୍ତି । ମୃତ୍ୟୁରେ ହିଁ ମୁକ୍ତି । ମୃତ୍ୟୁ ହିଁ ଶାନ୍ତି । ××××××× ମୃତ୍ୟୁ ଗୋଟେ ନିରବତା । ଏହା ଜୀବନର ପରିସମାପ୍ତି ନୁହେଁ; ପରିପୂର୍ଣ୍ଣତା ବି ନୁହେଁ, ବରଂ ଗୋଟେ ଉତ୍ତରଣ ।

'ଗୋଧୂଳି ଗପ'ରେ ସ୍ଥାନିତ ୪୪ ଗୋଟି ଗଳ୍ପ ଭିନ୍ନଭିନ୍ନ ଶୈଳୀ ଓ ଢଂଗରେ ଉପରୋକ୍ତ ସତ୍ୟର ଉଦ୍ଘୋଷଣା କରନ୍ତି । ବହୁଚର୍ଚ୍ଚିତ ଗପମାନେ ଯଥା ଗୋଦାବରୀଶ ମିଶ୍ରଙ୍କ 'ସେବତୀର ଶବ', ଲକ୍ଷ୍ମୀକାନ୍ତ ମହାପ୍ରତ୍ରଙ୍କ 'ବୁଢ଼ା ଶଂଖାରି', ଗୋଦାବରୀଶ ମହାପାତ୍ରଙ୍କ 'ମାଗୁଣିର ଶଗଡ଼', କାହ୍ନୁ ଚରଣ ମହାନ୍ତିଙ୍କ 'ସେ ଆଜି ସାତସପନ', ଗୋପୀନାଥ ମହାନ୍ତିଙ୍କ 'ଚଢ଼େଇ', ପ୍ରାଣବନ୍ଧୁ କରଙ୍କ 'ସୁମିତ୍ରାର ମୃତ୍ୟୁ', ସଚ୍ଚିଦାନନ୍ଦ

ରାଉତରାୟଙ୍କ 'ଅନ୍ଧାରୁଆ', ସୁରେନ୍ଦ୍ର ମହାନ୍ତିଙ୍କ 'ବାସିମଡ଼ା', ମହାପାତ୍ର ନୀଳମଣି ସାହୁଙ୍କ 'ଶବଯାତ୍ରାର ଶେଷ ଦୃଶ୍ୟ', ଅଖିଳମୋହନ ପଟ୍ଟନାୟକଙ୍କ 'ଡିମରିଫୁଲ', ଚନ୍ଦ୍ରଶେଖର ରଥଙ୍କ 'ଯଯାତି', କୃଷ୍ଣପ୍ରସାଦ ମିଶ୍ରଙ୍କ 'ଚିତ୍ରିତ ଚାଦର', ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ଲକ୍ଷେରେ ଗୋଟିଏ ଥର', ମନୋଜ ଦାସଙ୍କ 'ଶେଷ ବସନ୍ତର ଚିଠି', ରାମଚନ୍ଦ୍ର ବେହେରାଙ୍କ 'ଦ୍ୱିତୀୟ ଶ୍ମଶାନ', କହ୍ନେଇଲାଲ୍‌ଙ୍କ 'ଅସମ୍ଭବ ମୃତ୍ୟୁ', ବା ବୀଣାପାଣି ମହାନ୍ତିଙ୍କ 'ଜନ୍ମାନ୍ତର' ବିଷୟରେ କିଛି ଲେଖିବା ନିଷ୍ପ୍ରୟୋଜନ । ବଡ଼ କଥା ହେଲା ସେଥିରୁ ମୃତ୍ୟୁଚେତନାର ମଂଜ ଖୋଜି ସଂପାଦକ ଦ୍ୱୟ ଏହି ଅନନ୍ୟ ସଂକଳନରେ ସେସବୁକୁ ସ୍ଥାନିତ କରିବା ।

'ରାଣ୍ଡିପୁଅ ଅନନ୍ତା'ରେ ଅନନ୍ତା ଯେତେବେଳେ କହେ, "ପକାଅ ମାଟି ପକାଅ ମାଟି ... ... ହରିବୋଲ ଦିଅ, ମାଟି ପକାଅ....," ତା'ପରେ କୋଳାହଳ ଭିତରେ ନିରବିଯାଏ ତା'ର ସ୍ୱର, ସେତେବେଳେ ଗୋଟେ ଅଜଣା ଶୂନ୍ୟତାରେ ରୁନ୍ଧିହେଇଯାଏ ପାଠକର ଛାତି । ଠିକ୍ ସେମିତି ଏକ ମର୍ମଥରା ଅନୁଭବ ଆସେ ଯେତେବେଳେ କିଶୋରୀ ଚରଣ ଦାସଙ୍କ 'ମଣିହରା' ଗପ ଶେଷରେ ଗଳ୍ପ ନାୟିକା ନିର୍ମଳା ଦେବୀ ଜାଣିବା ପାଇଁ ବ୍ୟସ୍ତ ହୁଅନ୍ତି, "ସେମାନେ ମୋ ପୁଅକୁ ପୋଡ଼ିଦେଲେ ନା ପୋତିଦେଲେ ? ତା'ର ଛୋଟିଆ ଜାମାର ଛାତି ପକେଟ୍‌ରେ ଗୋଟିଏ ଲଜେନ୍ସ ଥିଲା । ଦରଚୁଚୁମା ଲଜେନ୍ସ ପକେଟ୍‌ର ଗୋଟିଏ କଣରେ ଲାଗିଯାଇଥିବ ।" ଏହା ପାଠକର ମନ ଓ ହୃଦୟକୁ ଭିଜେଇ ଦେବ ନିଶ୍ଚୟ । ଗୋଟେ କୁଷ୍ଠ ରୋଗୀର ଜୀବନର ଶେଷ କଥାକୁ ନେଇ ଅକ୍ଷୟ ମହାନ୍ତିଙ୍କର ଭିନ୍ନ ସ୍ୱାଦର ଗପ 'ଯଦି ତୁମେ ମୃତ୍ୟୁର ଅପେକ୍ଷାରେ ଶୁଣ ତେବେ ଏଇ ଗପ'ର ଶେଷ ଧାଡ଼ି ଏମିତି, "ଆତ୍ମହତ୍ୟା କାହିଁକି ? ମରଣକୁ ତ ଗୋଟେ ଗୋଲାପ ବଣରେ ମଧ୍ୟ ଅପେକ୍ଷା କରାଯାଇପାରେ ।" ସେମିତି ତରୁଣକାନ୍ତି ମିଶ୍ରଙ୍କ 'ତନୟ' ଗଳ୍ପର ନାୟିକା ଗପ ଶେଷରେ ସମୁଦ୍ର ବାଲିରେ ଆଣଣ୍ଠୁମାଡ଼ି ବସି ମନ୍ତ୍ରପାଠ କଲାପରି ଧିର ଉଚ୍ଚାରଣରେ କହନ୍ତି, "ଭଗବାନ ମୁଁ ବୁବୁନକୁ ଆଉ ଖୋଜିବି ନାହିଁ । ତା' ବଂଚିବା ବି ମୋର ଆଉ ଲୋଡ଼ା ନାହିଁ । ତୁମେ ଥରଟିଏ, ଖାଲି ଥରଟିଏ, ମୋ ପୁଅର ଶବ ମୋତେ ଦେଖାଇଦିଅ । ××××××× ମୋର ସବୁ ସୁଖ ବଦଳରେ, ମୋର ସର୍ବସ୍ୱ ବଦଳରେ ଦୟା କରି ମତେ ଖାଲି ଏତିକି ହିଁ ଦେଖାଇଦିଅ; ମାତ୍ର ଥରଟିଏ ।" ଜଗଦୀଶ ମହାନ୍ତିଙ୍କ 'ଜୀବନ ଯେମିତି' ଗଳ୍ପର ଆରମ୍ଭ ଏମିତି, "ଚାଲିଗଲେ । ଭୋର ପାଂଚଟାବେଳେ ବି ଥିଲେ । କାଲି ରାତିରେ ସିମେଇ ଖାଇବା ପାଇଁ ମନ ଡାକୁଚି ବୋଲି ବଡ଼ ପୁଅକୁ କହୁଥିଲେ । ରାତି ଅ'ଧରେ ଶୀତ ଲାଗୁଚି କହିବାରୁ ତାଙ୍କ ସ୍ତ୍ରୀ ଚାଦର ଘୋଡ଼େଇ ଦେଇଥିଲେ । ସକାଳେ ଉଠି ସାନ ଝିଅ ଗୀତା ସ୍କୁଲକୁ ନିୟମିତ ଯାଉଚି ନା ପଚାରି ବୁଝୁଥିଲେ । କିନ୍ତୁ ତଥାପି ସେ ଚାଲିଗଲେ ।"

ଜଗନ୍ନାଥ ପ୍ରସାଦ ଦାସଙ୍କ 'ଦୁଃସ୍ୱପ୍ନ', ବିଭୂତି ପଟ୍ଟନାୟକଙ୍କ 'ଜୀବନ ସଂଗୀତ', ପ୍ରତିଭା ରାୟଙ୍କ 'ମୁଦି', ପୂର୍ଣ୍ଣାନନ୍ଦ ଦାନୀଙ୍କ 'ମୋର ଶବ', ନୃସିଂହ ତ୍ରିପାଠୀଙ୍କ 'ମଝିନଈରେ ଢେଉ', ପଦ୍ମଜ ପାଳଙ୍କ 'ଅନତିକ୍ରମ', କମଳାକାନ୍ତ ମହାପାତ୍ରଙ୍କ 'ଶବସତ୍କାର', ସତ୍ୟ ମିଶ୍ରଙ୍କ 'ଜୀବନୋତ୍ତର', ଗୌରହରି ସାସଙ୍କ 'ଅନ୍ତ୍ୟେଷ୍ଟି', ସରୋଜିନୀ ସାହୁଙ୍କ 'ପ୍ରାରବ୍ଧ', ବିଜୟ ନାୟକଙ୍କ 'କାନ୍ଧ' ଓ ଅଭୟ ବାରିକଙ୍କ 'ଦ୍ୱାଦଶ ବସାଣ' ମୃତ୍ୟୁଚେତନାର ବିଭିନ୍ନ ଦିଗ ଓ ଦିଗନ୍ତ ଉନ୍ମୋଷଣା କରନ୍ତି । ବିଷ୍ଣୁ ସାହୁ, ଦେବବ୍ରତ ମଦନରାୟ, ରଶ୍ମୀ ରାଉଳ, ବିଜୟାନନ୍ଦ ସିଂହ, ପବିତ୍ର ପାଣଗ୍ରାହୀ ଓ କ୍ଷୀରୋଦ ଦାସ ମଧ୍ୟ ସେମାନଙ୍କ ଗଳ୍ପରେ ଆଙ୍କିଛନ୍ତି ମୃତ୍ୟୁର ଅନ୍ତରଂଗ ଚିତ୍ରପଟ ।

ମୋଟାମୋଟି ମୃତ୍ୟୁଚେତନାକୁ ନେଇ ଚମତ୍କାର ସଂକଳନଟିଏ 'ଗୋଧୂଳି ଗପ' । ଜୀବନଟା ସତରେ ଏକ ମନମତାଣିଆ ଗୋଧୂଳି ଗପ ନୁହେଁ କି ? ପୁସ୍ତକଟିର ମେଟାଫରିକ୍ ନାମକରଣ ଯଥାର୍ଥ ଓ ସୁନ୍ଦର । ମୃତ୍ୟୁଚେତନାକୁ ନେଇ ଅନେକ ଅଦ୍ଭୂତ ଓ ଚମତ୍କାର ଗଳ୍ପ ଲେଖାଯାଇଚି ଓଡ଼ିଆ ସାହିତ୍ୟରେ ଏବଂ ମୃତ୍ୟୁ ଯେ ଏତେ କଳାତ୍ମକ ହୋଇପାରେ; ମୃତ୍ୟୁର କାହାଣୀ ଉପଭୋଗ୍ୟ ହୋଇପାରେ- ଏହା ପ୍ରମାଣିତ ହୋଇଛି ଏହି ସବୁ ଗଳ୍ପମାନଙ୍କରେ । ତେଣୁ ସୂଚିପତ୍ର- 'ଏଇସବୁ ଗପ' ପୂର୍ବରୁ ଉଲେଖ ରହିଚି କଥାକାର କିଶୋରୀ ଚରଣ ଦାସଙ୍କ ଦି'ଧାଡ଼ି ଉକ୍ତି, "ଆମର ସଂଦେହ ହେଉଛି ଯେ ତୁମେ ମୃତ୍ୟୁ ନୁହେଁ ! ଜୀବନ ପରି ଆଉ ଗୋଟାଏ ଛଳନା; ସତର ମିଛ । ତୁମକୁ ନେଇ ମଧ୍ୟ ଗପ ଲେଖିହେବ ।" କେଡ଼େ ନିଛକ ନୁହେଁ ସତରେ ଏଇ ଦୁଇଧାଡ଼ି କଥା ! ଏ ଗପମାନଙ୍କୁ ପଢ଼ିଲେ ଜୀବନକୁ ବୁଝିହୁଏ, ଯେତେବେଳେ ଆଉ ମୃତ୍ୟୁ ଏକ ଆତଙ୍କ ହୋଇ ରହିନଥାଏ । ମୃତ୍ୟୁକୁ ବୁଝିଲେ ଜୀବନ ଭୋଗିବା ଅର୍ଥପୂର୍ଣ୍ଣ ହୋଇଯାଉଥାଏ ।

କେବଳ ଯେ ପଠନପାଇଁ ସଂଗ୍ରହଣୀୟ ତାହା ନୁହଁ, ବ୍ୟାପକ ଗବେଷଣା ଏବଂ ସମୟକ୍ରମରେ ଓଡ଼ିଆ ଗଳ୍ପରେ ଜୀବନଚେତନା ଓ ମୃତ୍ୟୁଚେତନା- ତାର ଧରା ଓ ଧାରାର ନାଭିନାଡ଼ ଖୋଜିବାରେ ଏ ବହିଖଣ୍ଡିକ ଅପରିହାର୍ଯ୍ୟ ମନେହୁଏ । ଉଭୟ ସଂପାଦକ, ଦେବବ୍ରତ ମଦନରାୟ, ପବିତ୍ର ପାଣିଗ୍ରାହୀ ଏବଂ ପ୍ରକାଶକ ସରୋଜ ବଳଙ୍କର କଷ୍ଟସାଧ୍ୟ ଉଦ୍ୟମ ଫଳପ୍ରସୂ ହେବ, ଆଶା । ମୃତ୍ୟୁଚେତନାକୁ ନେଇ ଓଡ଼ିଆ ସାହିତ୍ୟରେ ଏପରି ପ୍ରଥମ ସାହସିକ, ଦୁଃସାଧ୍ୟ ଉଦ୍ୟମ ପାଇଁ ଗୋଧୂଳି ଗପର ସଂପାଦକ ଦେବବ୍ରତ ମଦନରାୟ ଓ ପବିତ୍ର ପାଣିଗ୍ରାହୀଙ୍କୁ ତଥା ପ୍ରକାଶନ ସଂସ୍ଥା ଟାଇମପାଶ୍‌କୁ ଆନ୍ତରିକ ବଧେଇ । ପାଠକମାନେ ସାଇତି ରଖିବା ପାଇଁ ବହି ଭଳି ବହ ଖଣ୍ଡିଏ ଏହି ।

❐

କବିତା ପାର୍ବଣ

ତୁମେ ତ ଜାଣିଲ ନାହିଁ



ଗୋଦାବରୀଶ ମହାପାତ୍ର

ତୁମେ ତ ଜାଣିଲ ନାହିଁ କିଏ ଦେଲା ଗଳେ ଫୁଲମାଳା,
ତୁମେ ତ ଦେଖିଲ ନାହିଁ କିଏ ତୁମ ପଛେ ପଛେ ଗଲା ?
ଚରଣ ପରଶି କିଏ ମଥା ନୋଇଁ ଦେଲା ଅଶ୍ରୁ ଢାଳି,
କେ କରିଲା ସଂକୀର୍ତ୍ତନ ତୁମ ନାମେ ଦେଇ କରତାଳି ।
ତୁମେ ତ ଚାହିଁଲ ନାହିଁ ଆଖି ମେଲି କିଏ ହେଲେ ଉଭା,
ତୁମ ଶୁଭ୍ର ତନୁ ପାଖେ କର ଯୋଡ଼ି ବାଳ ବୃଦ୍ଧ ଯୁବା ।
ତୁମେ ତ ହସିଲ ନାହିଁ, ତୁମ ଯିବା ପଥ ଧାରେ ଧାରେ,
କାତରେ ଡାକିଲା ଜାତି ନିରାଶାର ଘୋର ଅନ୍ଧକାରେ ।
ତୁମେ ଗଲାବେଳେ ଦେବ ପ୍ରଭଞ୍ଜନ ହେଲା କି ପାଗଳ,
ଆକାଶେ ଘୋଟିଲା ମେଘ, ବରଷିଲା ଜଳ ଅନର୍ଗଳ ।
ଶୁଭିଲା ଚୌଦିଗେ ଡାକ, ଚକ୍ରପାଣି ରଖ ଏ ଜାତିରେ,
ଜାତିର ଏ ଇତିହାସ, ହୃତପିଣ୍ଡ ଏ ଜାତିର ଛାତିରେ ।
ତୁମେ ମାନିଥିଲ ସାକ୍ଷୀ ସେ ଦିନ ସେ ସାକ୍ଷୀ ଗୋପୀନାଥେ,
ତୁମେ ଆଜି ସାକ୍ଷୀ ହେଲ ଏ ଜାତିର ଅଗ୍ରଗତି ପଥେ ।
ତୁମକୁ ଡ଼ାକନ୍ତି ଆଜି ଏ ଧରିଣୀ ବିଲ ବନ ଗିରି
ଦରିଦ୍ର ଏ ଓଡ଼ିଶାର ଆହେ ତୀର୍ଥ ପୁଣ୍ୟ ଗୋଦାବରୀ ।

❐

ହୃଦୟ କ'ଣ କାନ୍‌ଭାସ

ପଦ୍ମଶ୍ରୀ ପ୍ରତିଭା ଶତପଥୀ



ମୋ. ୯୪୩୮୩ ୦୫୨୨୪

ହୃଦୟ କ'ଣ ଚଳଚ୍ଚିତ୍ରର କାନ୍‌ଭାସ୍ ?
ଦୃଶ୍ୟ ପରେ ଦୃଶ୍ୟ, ବ୍ୟକ୍ତି, ପ୍ରକୃତି ଦିଶିଯାନ୍ତି
ଲୁଚିଯାନ୍ତି - ଆଖି ଭିତରେ ସଜାଡ଼ି
ଥାକ ଥାକ ରଖିଥାଏ କିଏ ?

ଏମିତି ଆସେ, ଯାଏ କେତେ ଦୂରର ପୁଣି ନିକଟର
ପୁରୁଣା କେତେ, କେତେ ନୂଆ ଆଜିକାର
ମନରେ ବି ଭରିଯାଏ ପ୍ରିୟତା, ଉଲ୍ଲାସ, କେବେ ବିଷାଦ
କେବେ ଆପଣାପଣ ତ କେବେ ବିଚ୍ଛେଦ -
ବେଶିଭାଗ ସୁଖର, ସ୍ମୃତିର ଅଲିଭା ଚିତ୍ର -
ହାତପାଏନି କେଉଁଠିକୁ କିନ୍ତୁ,
ଦିଶେ, ଭାବ ଖେଳିଯାଏ ସ୍ନାୟୁରେ, ରକ୍ତରେ
କେବେ ହାହାକକାର ତ କେବେ ବିହ୍ୱଳ
ଏଇ ଚଳଚ୍ଚିତ୍ର ଦେଖି ବଞ୍ଚିରହେ ମଣିଷ ।

ଚିତ୍ର ପାଖକୁ ମନକହେ ଉଡ଼ିଯିବାକୁ ତ
ଦେହ ଅଶକ୍ତ - କେବେ ଧିକ୍କାରରେ ମନମରେ
ଲୁହ କୋହ ହନ୍ତସନ୍ତ ।

ମାଟି ମୁଠାକରେ ରତ୍ନପଥର ତ
କେବେ ଭଙ୍ଗା ଖପୁରିର ହାଡ଼,
କେବେ ନିଘଞ୍ଚ ନିଜର, କେବେ ଖୁବ୍ ଦୂରର
କାହାର ଶତ୍ରୁତାରେ ମନ କୋରି ହୋଇଯାଏ ତ,
ଅମ୍ଳଜାନ ଭରିଦିଏ ଛାତିରେ ଅନ୍ତରଙ୍ଗ ନିରବତା ମିତ୍ରପଣର ।
ଏତିକିବେଳେ ତୁମର ଡାକରାକୁ
କାନ ପାତିଥାଏ,
ଅନାଇବସେ ତୁମ ସ୍ୱରକୁ ତ
ସ୍ୱାର୍ଥର ହିସାବ ଝୁଣିଦିଏ ଆତ୍ମାଫୁଲକୁ ।

ହଜାଇଦେଇଛି ଯାହାଙ୍କୁ, ସେଇ ଅଫେରାଙ୍କ
କୋଳ ଖୋଜେ ମୁଁ, ବର ଓହଳରେ ଦୋଳିଖେଳ
ମଣିଷର ଅଦଉତିରେ ପ୍ରକୃତିର ପ୍ରତିଶୋଧ
ସ୍ୱପ୍ନ ସବୁ ଚୂରମାର୍, କିଏ କାନ ଡେରିବ
ଶବ୍ଦ ସବୁ ବିଭଙ୍ଗ -
ଗୋଟିଏ ଆଙ୍ଗୁଠିରେ ତୋଳିଧରେ ମୁଁ
ଖଣ୍ଡ ଖଣ୍ଡ ଶବ୍ଦଙ୍କୁ - ବାରବାର ଆଉଁଶେ, ଚୁମାଦିଏ -
"ତୁ ଗଢ଼ିପାରୁ, ଭାଙ୍ଗିପାରୁ, ଥକିଯାଆନା
ମୁଁ ସିନା ଦି' ଦିନର,
ତୁ ତ ପୃଥ୍ୱୀର ଦୀର୍ଘାୟୁ ସ୍ୱର !"

❐

ମନ : କଳ୍ପବଟ

ନିତ୍ୟାନନ୍ଦ ନାୟକ



ମୋ. ୯୨୩୮୬୯୬୩୪୯

ବାଟହୁଡ଼ା ପକ୍ଷୀ ଏବଂ ଅସୁମାରି
ବାଟବଣା ସ୍ୱପ୍ନ ଓ ଆଶାର ନୂଆ ନୂଆ ଖୋସା
ଯେମିତିକି ବାଇଚଢ଼େଇ ବସା
ଝୁଲୁଥାଏ ମନ-କଳ୍ପବଟର ଚିରସବୁଜ
ଡାଳ ଆଉ ପତ୍ର ଗହଳରେ ।
ଶୂନ୍ୟଭେଳା ବନ୍ଧନରୁ ମୁକୁଳିଆସି ମନ
ମୁହୂର୍ତ୍ତକେ ଛାଇଦିଏ ସାରା ଆକାଶକୁ
ତା' ଅଦୃଶ୍ୟ ଡେଣାର ସ୍ୱପ୍ନ - ଲହରରେ ।
ବୃନ୍ଦାବନର ନିତ୍ୟଦୋଳି ପାଖରେ
ଟିକିଏ ଅଟକିଯାଏ ଯାହା ଖାଲି ।
ସଙ୍ଗେ ସଙ୍ଗେ ଆସି ମାତିଯାଏ ଆମ ଗାଁ ପାଟବିଲ
ନ ହେଲେ ନଈ ପଠାରେ ଗୁଡ଼ି ଉଡ଼ାଉଥିବା
ପିଲାଙ୍କ ମେଳରେ ।
ବଡ଼ ଦେଉଳର ପାରା ହେଇ ଘୁମୁରିବାକୁ ମନ
ନିସ୍ତରଙ୍ଗ ପୋଖରୀରେ ହଂସ ପରି
ଭଉଁରିକାଟି ଖେଳିବାକୁ ମନ
ଶରଧାବାଲିରେ ମନଇଚ୍ଛା ଗଡ଼ିବା
ନୀଳକନ୍ଦରରେ ଚକ୍‌କର କାଟି ଉଡ଼ିବା
ପୁଣି ନିଜକୁ ବାନ୍ଧି ପକାଇ ସୁନା ପଞ୍ଜୁରିରେ
ଧ୍ୟାନମଗ୍ନ ରହିବାକୁ ମନ ।
କେତେବେଳେ ଚହଲାପାଣିର ଛାଇ ତ
ପୁଣି କେବେ ଅଥଳ ଦରିଆ
କେମିତି ଠଉରାଇବା ତା' ମତିଗତି, ରୂପରେଖ
ଯାହାକୁ ଠିକ୍ ଭାବେ ନା ଆଙ୍କିପାରେ ଚିତ୍ରକର
ନା କଏଦ କରିପାରେ ଫଟୋଗ୍ରାଫର !
ଏତେ ଅମାନିଆ, ଫୁଲାଫାଙ୍କିଆ ଏ ମନ !
କାହିଁକିନା ସେ ସ୍ପଷ୍ଟ ଦେଖିପାରୁଥାଏ
ବାଞ୍ଛାକଳ୍ପତରୁର ବହଳିଆ ଛାଇ
ଅହରହ ଘୂରୁଚି ଚକ୍ରପରି
ତା' ମୁଣ୍ଡ ଉପରେ ।

❐

ଦୃଶ୍ୟଟିଏ : ମହା ନାଟକର

ଅଶ୍ୱିନୀ କୁମାର ମିଶ୍ର



ମୋ. ୯୪୩୮୬୧୫୭୪୨

ସହରୀ ଲୋକଙ୍କର ଡେଣା ଅଛି
କାହାର ସାନ, ଆଉ କାହାର ବଡ଼
ସେମାନେ ଉଡ଼ିପାରନ୍ତି, ନିଜ ବଳରେ
ପାଖ ବା ଦୂର ଆକାଶ ଦେହରେ
ଓହ୍ଲେଇ ପାରନ୍ତି ଅଲଗା ସହରରେ
ଆରେକ ଦେଶରେ ଅବା
ମହାଦେଶରେ ।

କେତେ ହୁଏତ
ପାଲଟିଯାନ୍ତି ସାଗରୀୟ ମାଛ
ଅବା ଜୀବଟିଏ, ପହଞ୍ଚିବାକୁ
ଏ ସମୁଦ୍ର ଛାଡ଼ି
ଆରେକ ସମୁଦ୍ରରେ ।

ଗାଆଁ ଲୋକଙ୍କର ଡେଣା ଅଛି
ବେଶ୍ ଛୋଟ
ସେମାନେ ଦିଅନ୍ତି ଖଣ୍ଡିଉଡ଼ା
ଏ ଖେତରୁ ସେ ଖେତକୁ
ଏ ଗୋହିରିରୁ ସେ ଗୋହିରିକୁ
ଆଉ କେବେ
ଏ ଗାଆଁରୁ ସେ ଗାଆଁକୁ ।

ସହରୀ ଲୋକଙ୍କର ସଉକ ଅଛି
ସେମାନେ ବସିପାରନ୍ତି
ଚଉବନ ଇଞ୍ଚ ଟିଭି ସାମ୍ନାରେ
ସଜେଇ ପାରନ୍ତି ନିଜକୁ

ନୂଆ ଶୈଳୀର
ବେଶ ପୋଷାକରେ
ସାମିଲ୍ ହୋଇପାରନ୍ତି
ନବ ନବ ଅଭିସନ୍ଧାନରେ ।

ଗାଆଁ ଲୋକଙ୍କର ବି ସଉକ୍ ଅଛି
ସେମାନେ ଖେପିଯାଇ ପାରନ୍ତି
ଦୂର ଗାଆଁକୁ, ରାତି ଅଧରେ
ଦେଖିବାକୁ ବୈଷ୍ଣବ ପାଣିଙ୍କ
ସୁଆଙ୍ଗ, ନଚେତ୍ କେଉଁ
ଶିବ ପାର୍ବତୀଙ୍କ ଦଣ୍ଡନାଟ୍ୟ ।

ସହରୀ ମଣିଷ, ସଉକିରେ
କାହିଁ କ'ଣ ?
ସିଞ୍ଚିପାରେ ଦେହସାରା
ଫରାସୀ ଖୁସ୍‌ବୁ
ନୂଆ, ପୁରୁଣା ବ୍ରାଣ୍ଡ୍ ସବୁ
ଗାଉଁଲି ମଣିଷ
ଧାର ଧରେନି ସେଭଳି ବିପଣନରୁ
ପୂରେଇଦିଏ ନିଜକୁ
ଝାଲୁଆ ଦେହ ଆଉ ମୁଣ୍ଡଙ୍କ
ମଝି ସୁଡ଼ଙ୍ଗରେ ।

ଏମିତି ପୋଥିଖୋଲାରେ
ଯାତାୟାତ ପୃଷ୍ଠାମାନେ
ଅଧ୍ୟାୟ ପରେ ଅଧ୍ୟାୟ
ସରନ୍ତିନି ଗାଆଁ, ସହରଙ୍କ
କାହାଣୀମାଳା
ଶେଷବେଳକୁ

ସଉକଥାଏ କାହାରି
ହାତଧରି ଝିଙ୍କୁଥିବା
ସେ ପାତାଳପୁରୀର
ରଜାଉଆସ ଅବା
ଯମପୁରରେ ଲାଗିଥିବା
କବାଟର କାରୁକାର୍ଯ୍ୟକୁ
ନିରେଖିବାରେ, ଫେରାଇ ଆଣନ୍ତି ଦୃଷ୍ଟି
କବି, ଲେଖକ, ଚିତ୍ରକର
ଆଦୌ ନ ମଜ୍ଜି
କଳାବିଦ୍ୟାର ତାତ୍ତ୍ୱିକତାରେ ।

ଏସବୁ ବାହାରେ
ଟୋକେଇ ହାତରେ ଧଇଁସଇଁ
କଉଡ଼ି ଅଣ୍ଡାଳୁଥିବା ଲୋକଟିକୁ
ଆଉ କିଛି ଦିଶେ କି କଉଡ଼ି ଛଡ଼ା
ସେଇମିତି ଗୋଟାଉଥାଏ କଉଡ଼ି
ରାତିଦିନ, ଜଣାପଡ଼େନି ସୂର୍ଯ୍ୟୋଦୟ
ଅବା ସୂର୍ଯ୍ୟାସ୍ତ, ସହର ଅବା ମଫସଲ
ଯେମିତି ଭୀମାଭୋଇଙ୍କ କିଳିଣୀ
କବାଟ କଞ୍ଚରେ, କଉଡ଼ିଟିରେ
ଜୀବନ ଛାଡ଼ିବା ଯାକେ ।

❐

ନିଃସର୍ତ୍ତ

ଫନୀ ମହାନ୍ତି



ମୋ. ୯୯୩୭୯୬୧୮୭୮

ଯାହା ନେବାର କଥା ନିର୍ଲୋଭରେ ନିଅ
କୌଣସି ସର୍ତ୍ତ ନ ରଖ
ଈର୍ଷାର ଟ୍ୟୁବ୍‌ରେ ଶିରାପ୍ରଶିରାରୁ ମୋର
ପୋଷ ପୋଷ ତାଜା ରକ୍ତ
ନିଅ ତମ ଆଲୁଳାୟିତ କେଶଗୁଚ୍ଛର
ମର୍ଦ୍ଦନ ପାଇଁ ।

ଝଡ଼ ଝଞ୍ଜାରେ ଧନୁ ପରି ନଇଁ ପଡ଼ିଥିବା
କାକୁସ୍ଥ ଶରୀରରୁ
ପଳପଳ ମେଦମାଂସ କାଟିକୁଟି ନିଅ
ମହୋଲ୍ଲାସରେ ମହୋତ୍ସବ,
ଆତ୍ମରତି ପାଇଁ

ଦଧୀଚିର ଅସ୍ଥି ପରି ମୋ ଶୀର୍ଷ ଅସ୍ଥିରେ
ଶାଣିତ ଶସ୍ତ୍ର ବନାଅ
ଧ୍ୱଂସର ବିଭୀଷିକା ପାଇଁ
ନିସ୍ତେଜ ଶ୍ୱାସପ୍ରଶ୍ୱାସରେ ଭୈରବୀ ରାଗର
ଝଙ୍କାର ତୋଳ
ଚକ୍ରବ୍ୟୂହରେ ମତେ ସଙ୍ଗରୋଧ କର
ନିଃଶସ୍ତ୍ର କର ।

ନହନହକା ମୋ ଅଦଢ଼ କଙ୍କାଳ ତମ
କାମନା ଯଜ୍ଞର ସମିଧ
ହେଉ, ବିଜୟର ଜୟମାଲ୍ୟ ପିନ୍ଧି ତାଣ୍ଡବ
ନୃତ୍ୟ କର ସ୍ପର୍ଦ୍ଧାରେ ।
ଯାହା ନେବାର କଥା ନିଃସର୍ତ୍ତରେ ନିଅ
ନିଅ, ମୋ ଉଦଣ୍ଡ ପୁରୁଷକାରର ସୁରମ୍ୟ ହର୍ମ୍ୟ

ନିଅ, ମୋ ଅଖଣ୍ଡ ଆତ୍ମବିଶ୍ୱାସର ନୀଳ ଆକାଶ
ନିଅ, ମୋ ସ୍ୱପ୍ନ ଓ କଳ୍ପନାର ଶାଶ୍ୱତ କଳ୍ପଲୋକ
ପାରିଜାତ ବନ
ଛଳନାର ପଶାପାଲିରେ ମତେ ପରାଜିତ କର
ବେଦଖଲ କର ମୋ
ଆସ୍ଥା ଓ ଅସ୍ମିତା ପ୍ରବାଳ ମଞ୍ଜରୁ ।

ନେବାର ଯାହା ନିଅ
ନିଡ଼ର ନିର୍ଭୟରେ ନିଅ
ଥୁଣ୍ଟା ଗଛର ଶିଖରରେ ଲଟକିଥିବା ମୁଁ
ଗୋଟେ ମୃତାହତ ପ୍ରବାସୀ ପକ୍ଷୀ
ଏଇ ଅଛି
ଏଇ ନାହିଁ
ଯାହା ନେବାର କଥା ନିଅ
କୌଣସି ସର୍ତ୍ତ ନ ରଖ ।

❐

ମରଣରେ ତୋତେ ଜୁହାର ଫେରି ଯା' !

ଧନଞ୍ଜୟ ସ୍ୱାଇଁ



ନିଶା ଅବସାନ ହୋଇନି ଏଯାଏଁ ଏବେ ତ ମଧ୍ୟରାତ୍ରୀ
ମରଣରେ ତୋତେ ଜୁହାର ଫେରିଯା' ଜଣାନି ତାରିଖ, ତିଥି
ଏଯାଏ ଲିଭିନି ମୋ' ଦୁଇ ଅଧରୁ ପ୍ରେମର ପାଖୁଡ଼େ ହସ
ଏ ବେଳରେ ସେହି ହସକୁ କିଆଁ ମୋ' କର ତୁମେ ଉପହାସ ।

ଏବେ ବି ମହିନି ଜୋଛନା ଉତ୍ତଳା ରାତିର ପାହାନ୍ତି ଶୋଷ
ସଞ୍ଜୁଆଗଭାରେ କି ସୁନ୍ଦର ଦିଶେ ନୀଳିମାରେ ଏ ଆକାଶ
ମଉଳିନି ପ୍ରିୟା ଗଜରା, ଅଧରୁ ରକ୍ତଜବାର ହସ
ମରଣରେ କିଆଁ ଏ ବେଳେ ଦେଖାଅ ରୁକ୍ଷଚକ୍ଷୁର ରୋଷ ?

ଆସିବାକୁ ଅଛି ଅଭିସାର ରଚି ପ୍ରିୟା ମୋ' ଅନ୍ତଃପୁର
ଦେବାକୁ ଏଇ ମୋ' ତୃଷିତ ଅଧରେ ଚୁମ୍ବନ ଉପହାର
କୁଙ୍କୁମ, କସ୍ତୁରୀ ଗନ୍ଧେ ଯେବେ ସେ ଛୁଇଁବ ମୋ' ଅପଘନ
ତପ୍ତତନୁ ତା' ମହକିବ ପାଇ ଭଷ୍ମ ମୋ' ଆଲିଙ୍ଗନ ।
ମୋ' ହୃଦୟ କେଉଁ ନିଭୃତ କୋଣେ ଆଶା ଟିକେ ଅଛି ଜୀଇଁ
ମରଣରେ କିଆଁ ବ୍ୟଗ୍ର ଏ ବେଳେ ସଂଜ ତ ଆସିନି ନଇଁ ?

ପ୍ରାକ୍ତନ ସ୍ୱତନ୍ତ୍ର ଶାସନ ସଚିବ, ଓଡ଼ିଶା,
ମଙ୍ଗଳାନୟ, ପ୍ଲଟ ନଂ୩୪୮୭
ରାଜେନ୍ଦ୍ରନଗର, ମଙ୍ଗଳାମନ୍ଦିର ରାସ୍ତା
କଟକ-୭୫୩୦୧୦, ଓଡ଼ିଶା
ମୋ : ୯୪୩୭୦ ୦୦୬୩୬

❐

ମା'

ଡ. ଶୁଭେନ୍ଦୁ ମେହେର

ଗୋଟିଏ ଅକ୍ଷରରେ ସମାହିତ
ବିରାଟ ଶବ୍ଦଟିଏ ।
ନା ତା'ର କଳନା ଅଛି , ନା ବର୍ଣ୍ଣନା.....
ବିରାଟ ଶବ୍ଦକୋଷ ବି ଶବ୍ଦ ଦେବାରେ
ଅସମର୍ଥ ହେବ ନିଶ୍ଚୟ
ସେ ଭୂମିରୁ ଭୂମା, ସର୍ବବ୍ୟାପି ସକଳ ଶକ୍ତିର ଆଧାର ।
ସୃଷ୍ଟିର ଶ୍ରେଷ୍ଠ ହିଁ ସିଏ...
ଅସୁସ୍ଥ ଥାଇ ଓଷା କରେ
ନିଦରୁ ଉଠେ, ଦିନ ତମାମ ଖଟେ
ରାତିରେ ବଳକା ତୋରାଣି ପିଇ
ଶୋଇଯାଏ ନିଶ୍ଚିନ୍ତରେ
ସାକ୍ଷାତ ଈଶ୍ୱରୀଟିଏ ସେ,
ନିସ୍ୱାର୍ଥ ସେବା ଓ ସମର୍ପଣରେ
ପଣତକାନିର ଶୀତଳତା ଦେଇ
ନାନା ବାୟା ଗୀତ ଓ ଗଜଲ ଶୁଣାଏ ।
ନା ତା'ର ଆକାର ଅଛି
ନା ବିକାର....
ଏନ୍ତୁଡ଼ିରୁ ମଶାଣୀ ଯାଏ
ସେ ଏକ ସୁଦୃଢ ବିସ୍ତୃତ ଭୂଇଁ
ଆଉ କେବେ ଚିରସ୍ରୋତା ନଈ
ସିଏ ତ ମୋ' ପାଇଁ
ଝଙ୍କାଳିଆ ବରଗଛ ଛାଇ ।
ତା' ସ୍ନେହ ମମତାର ଓହଳରେ
ଝୁଲୁଛି ଆଉ ଝୁଲିବି ତମାମ ଜୀବନ ।
ତାକୁ ଡାକିଲେ
ମୁଁ ପାଏ ଅମୃତର ଉପଲବ୍ଧି
ସେ' ତ ମୋ'ର ଅନନ୍ତ ମହୋଦଧି ।

ସେ ମୋର ମମତାର ମନ୍ଦାକିନୀ
ପ୍ରେରଣାର ମେରୁ ହିମାଳୟ
ନିବିଡ଼ତାର ଆବେଗ ଆଉ ସ୍ନେହ ସୁରକ୍ଷାର
ନିବୁଜ ବଳୟ ।
ତା' ଆଖିରେ ଆଖିଏ ପ୍ରେମ ଥାଏ
ମୋ' ପାଇଁ ।
ହାତଧରି ଲେଖିବା, କହିବା, ବୁଲିବା
ଖେଳିବା ବି ସିଏ ଶିଖାଇଛି,
ତା' ପାଇଁ ଦୁନିଆଁ ଦେଖିଛି
କବିତା ଲେଖିଛି ।
ତ୍ୟାଗ ଓ ତପସ୍ୟାର ତପସ୍ୱିନୀ ସିଏ
ରାମାୟଣ ଠାରୁ ଅଧିକ ରସମୟ
ଭାଗବତ ଠାରୁ ଅଧିକ ଭାବମୟ ।
ସିଦ୍ଧି ଓ ସାଧନାର ସୁଗମ ମାର୍ଗ
ସ୍ନେହ ଓ ମମତାର ମଧୁର ସ୍ୱର୍ଗ ।
ବାରମ୍ବାର ପଚାରେ ନିଜକୁ ନିଜେ
କିନ୍ତୁ ପାଏନା ଉତ୍ତର ।
ଏତେ ପରିସ୍ଥିତି ଦେଇ
ପରିଶ୍ରମ କରି
ସେ କ'ଣ ପାଏ ?
ଶେଷରେ ଏତିକି ଜାଣେ....
ଦେବାରେ ଆନନ୍ଦ ପାଏ ବୋଲି
ସେ' ଦେବୀ ।
ତେଣୁ ଭକ୍ତି ଗଦଗଦ ହୋଇ
ଭକ୍ତ ଗାଏ....
ସର୍ବ ମାଙ୍ଗଲ୍ୟ ମାଙ୍ଗଲ୍ୟେର ଆବାହନୀ ମନ୍ତ୍ର ॥

ଯାଜୋଏ, ସୁବର୍ଣ୍ଣପୁର

❐

ମୁଁ ନିଜକୁ ଶିଖେଇ ଦେଲି

ଅନୁବାଦ : ଡ. ରାମଚନ୍ଦ୍ର ପଲାଇ



ମୁଁ ନିଜକୁ ଶିଖେଇ ଦେଲି
କିପରି ସରଳ ଓ ସହଜ ଭାବରେ ଜୀଇଁ ହେବ,
କିପରି ଆକାଶକୁ ଚାହିଁ ଧ୍ୟାନ କରିହେବ ।
ମୁଁ ନିଜକୁ ଶିଖେଇ ଦେଲି
କିପରି ସଞ୍ଜ ନଇଁବା ଆଗରୁ
କରିବାକୁ ହୁଏ ସୁଦୀର୍ଘ ଭ୍ରମଣ
ଲିଭେଇ ଦେବା ପାଇଁ
ନିରର୍ଥକ କ୍ଲେଶ ।
ଯେବେ ନାଳ କୂଳରେ
କୁଥ ଗଛଟି ଖସ୍ ଖସ୍ କରେ
ଯେବେ ପେଟ୍ଟା ପେଟ୍ଟା ନାଲି-ହଳଦୀ କୋଳି
ତଳକୁ ନଇଁପଡ଼େ
ମୁଁ ଖୁସିର କବିତା ଲେଖେ
ଜୀବନର କ୍ଷୟ ଓ ସୌନ୍ଦର୍ଯ୍ୟ ସମ୍ବନ୍ଧରେ ।
ମୁଁ ଫେରିଆସେ ।
ଫୁଲୁକା ବିଲେଇଟି
ମୋ ପାପୁଲିକୁ ଚାଟିବାକୁ ଲାଗେ
ଓ ମଧୁର ଶବ୍ଦ କରେ ।
ହୃଦ କୂଳ କରତକଳର ଶିଖରରେ
ଉଜ୍ଜ୍ୱଳ ଆଲୋକ ଜଳିଉଠେ;
କେବେ କେବେ ଛାତ ଉପରେ ବସିଥିବା
ସାରସ ପକ୍ଷୀର ଗୀତ
ନୀରବତା ଭାଙ୍ଗି ଦିଏ ।
ଏତିକିବେଳେ
ତୁମେ ଯଦି ମୋ କବାଟରେ
ଠକ୍ ଠକ୍ କର
ମୁଁ କେବେ ବି ଶୁଣି ନ ପାରେ ।

ଭାରତ ଭିଲ୍ଲା, ରୁଦ୍ରପୁର,
ଭୁବନେଶ୍ୱର - ୭୫୨୧୦୧
ମୋ : ୭୯୭୮୮୯୮୪୫୭

ଦେବୀ

ବସନ୍ତ ମୁଦୁଲି



ମଂଗଳାଚରଣ କି ପାଦ ବନ୍ଦନାର
ଆବଶ୍ୟକତା ନ ଥାଏ
ଆପଣା ଲୋକ ପାଖରେ
ଚିହ୍ନା ବ୍ରାହ୍ମଣର ପଇତା ନ ଥାଏ ।
ମୁଁ କାଳିଦାସ ନୁହେଁ ଯେ ପ୍ରଥମେ
ବନ୍ଦିବି ସ୍ତନଯୁଗଳରୁ
ଓ ପରାଜୟ ବରଣ କରିବି କେଉଟୁଣୀ ଠାରୁ ।
କିମ୍ବା ମୁଁ କେଉଁ ଭାଟ କବି ନୁହେଁ ଯେ
ପାଦ୍ୟ, ଅର୍ଘ୍ୟରେ ତୁଷ୍ଟ କରି ଶ୍ଲୋକ ଆରଂଭିବି ପାଦରୁ ।
କବିର ପରିଚୟ ନ ଥାଏ
ଚିହ୍ନା ବ୍ରାହ୍ମଣର ପଇତା ନ ଥାଏ ।
ତେଣୁ ମୁଁ ମନସ୍ଥ କଲି
ସଂବୋଧିବି ପ୍ରିୟତମା ବୋଲି ଆଦ୍ୟ କବିତାରେ ।
ତାଲୁରୁ ତଳିପା ଯାଏ
ନଖରୁ ଶିଖ ଯାଏ, ଅଣ୍ଡରୁ ବ୍ରହ୍ମାଣ୍ଡ ଯାଏ
ସବୁଠି ତମର ସ୍ଥିତି ମୋର ନଖ ଦର୍ପଣରେ ।
କି.. ଅଦ୍ଭୁତ ଦିଶୁଛି ତୋର ରୂପ
ହଳଦିଆ ଦେହ ... କାମଳ ରୋଗୀର ।
କି ବେଢ଼ଂଗିଆ ଦିଶୁଛି ତୋର ଅବୟବ
ମଡ଼େଲର ନଗ୍ନ ଛବି, ନଗ୍ନ ସଭ୍ୟତାର ।
ଜାତି କ'ଣ ଅଜାତି କ'ଣ
ଧର୍ମ କ'ଣ ଅଧର୍ମ କ'ଣ ମୁଁ ଜାଣେନା
କେବଳ ଏତିକି ଜାଣେ ଯେ
ମୁଁ ରକ୍ତ ମାଂସର ମଣିଷଟିଏ
ତୋ ନିଃସୀମ ପ୍ରେମର ଆବର୍ତ୍ତ ଭିତରେ

ସଦା ନଡ଼ବଡ଼ ।

ମାଈ ସଂଜରେ
ନଈତୁଠରୁ ଫେରୁଥିବାବେଳେ
ଧର୍ଷିତା ଅନୁଢ଼ା କିଶୋରୀ କି
ଗର୍ଭପାତ କରିବାକୁ ଆସିଥିବା
ଅବିବାହିତା ନାରୀ,
ସମସ୍ତଙ୍କୁ ପଚାରିଲି;
କେମିତି ଲାଗୁଛି ଜୀବନ ?
ସବୁଠି ଗୋଟିଏ ଉତ୍ତର:
ଭଲ ମନ୍ଦର ବିଚାର କଲେ
ରାସ୍ତା ଚାଲିହୁଏନି,
ପାପ ପୁଣ୍ୟର ବିଚାର କଲେ
ଜୀଇଁ ହୁଏନି ।
ଜୀଇଁବାର
ସରଳ ସୂତ୍ରଟି ହେଉଛି
ସବୁକିଛି ଭୁଲିଯିବା
ଯେମିତି ଘରଦ୍ୱାର,
ବନ୍ଧୁବାନ୍ଧବ, ପୁତ୍ର କନ୍ୟା
ସ୍ତ୍ରୀ ଓ ପ୍ରେମିକା ।
ଏଇ ହସପିଟାଲ୍
ସବୁ ଜାଣି ନ ଜାଣିବାର
ଛଳନା କରୁଥାଏ
ପ୍ରତି ମୁହୂର୍ତ୍ତରେ
ଅଥଚ ସବୁକିଛି ଲିପିବଦ୍ଧ
ତା'ର ଅଦୃଶ୍ୟ ସିରସ୍ତାର
ଧଳା କାଗଜରେ ।

ମାର୍ଫତ: ଅରୁଣ ଖିଲାର, ଆଦମ୍‌ପୁର, ନଳାଙ୍ଗ, ଭଦ୍ରକ

ପତ୍ରଟିଏ ଖସିଲେ

ସୁଚିତ୍ରା ପାଣିଗ୍ରାହୀ



ମୋ. ୮୯୧୭୨ ୭୭୦୩୩

ଗଛରୁ ଗୋଟେ ଯୋଡ଼େ ପତ୍ର ଯେବେ ଖସେ
କିଛି ଯାଏ ଆସେ ନାହିଁ
ଖସିଖସି ଯେବେ
ସାରା ଗଛଟା ଥୁଂଟା ହେଇଯାଏ-
ସେମାନେ କହନ୍ତି କାଳେ
ଗଛଟା ମରିଗଲା-
ବୁଢ଼ା ହେଇଯାଇଥିଲା
ଯେତେ ରସ ଥିଲା ଜୀବନ ଯାକର
ସବୁ ତ ସେ ଦେଇସାରିଥିଲା
ଏଥର ଖାଲି ଖସିପଡ଼ିବାର ବେଳ
ଶୁଖିଶୁଖି ଝରି ପଡ଼ିବା ଯାହା ।

କେଜାଣି କେମିତି କେହି ଦେଖିପାରନ୍ତିନି
ଗୋଟିଏ ମଲା ଗଛର ଚେରରୁ
ପୁଣି ଥରେ ଅଙ୍କୁରି ଆସେ
ଦୁଇଟି କଅଁଳ ପାଖୁଡ଼ା ପରି
ନାଲିନାଲି ପତ୍ର ଯୋଡ଼ାଏ ! !
ମରିସାରିଥିବା ଗଛ ବି ଏମିତି ଦିଏ ଜୀବନ୍ୟାସ ! !
ଯେମିତି ଶୋକସଭାର ଦୀର୍ଘଶ୍ୱାସ ଭିତରୁ
ଆସ୍ତେ କଡ଼ଲେଉଟାଏ ଗୋଟେ
କଅଁଳ ପ୍ରେମର ଉଷୁମ ନିଃଶ୍ୱାସ
ଧିରେ.. .. ଖୁବ୍ ଧିରେ
ଆଖିପତା ଖୋଲିଯାଏ ବର୍ଷା ଆଡ଼କୁ
ବର୍ଷା ବି ଆଙ୍କିଦେଇଯାଏ
ମାଟିର ଛାତି ଉପରେ

ପ୍ରେମର ସବୁଜିମା ଭରା
ଦୁଇଟି କଅଁଳ ଚାରା
ଆଶାର.. .. ଆଶ୍ୱାସନାର
ଭାବର.. .. ଅଭାବର
ସ୍ୱପ୍ନର .. .. ଜୀବନର
ସବୁଜ ସତେଜ
ଦୁଇଟି କଅଁଳ ଚାରା ।।

ଯେବେଯେବେ ପତ୍ରଟିଏ ଖସେ
ନୂଆ ଜୀବନଟେ ଗଢ଼ାହୁଏ
ସେଇଠି ଜୀବନ ସରେନା
ବରଂ ସେଇଥୁ ନୂଆ କରି
ଆଉଥରେ ଜୀବନଟେ କଢ଼ଲେଉଟାଏ
ଲୁହଲହୁର ଫୁଲ ଫୁଟେ
ବର୍ଷା ଛିଟାରେ ଚିରିଯାଏ,
ଯେତେସବୁ ପ୍ରେମ ଚିଠି
କିନ୍ତୁ ତଥାପି ସରେନା ପ୍ରେମ.. .. ..
କି ପ୍ରେମ ବି ମରେନା
ଯେମିତି ମଲାଗଛର ଚେରରୁ ଗଜୁରି ଆସେ
କଅଁଳ ଚାରାଟେ
ଠିକ୍ ସେମିତି.. .. ସେମିତି
ଜୀବନ ଆଉଥରେ ରଙ୍ଗ ବଦଳାଇ
ଲେଉଟି ଆସେ,
ଯେତେବେଳେ ଗଛରୁ ପତ୍ରଟିଏ ଖସେ ।

❐

ଆଜି ପାଇଁ ଅବସୋସ ନାହିଁ

ସୁକାନ୍ତି ମହାପାତ୍ର



କାଲିର ବିତିଥିବା ସମୟର ପାଉଁଶରୁ
ଆଜି ପାଇଁ ଝୁଲ କିଛି ଅବଶିଷ୍ଟ ନାହିଁ
ଅନେକ କାଳରୁ ବନ୍ଦ ହୋଇ ଯାଇଥିବା ଅର୍କେଷ୍ଟ୍ରା ଭିତରୁ
କେମିତି କେଉଁ ରାଗିଣୀ କେବେ କେବେ
ହୃଦତନ୍ତ୍ରୀରେ ବାଜି ଉଠେ ସିନା
ତାର କାରୁଣ୍ୟ ଅସ୍ଥିର କରେନି ଜାଗ୍ରତ ସମୟକୁ
ଭେଦି ପାରେନି ମୁହୂର୍ତ୍ତ ମୁହୂର୍ତ୍ତ ଧରି ଅନୁରଣିତ ହେଉଥିବା
ଜୀବନର ପ୍ରୀତି -ମୂର୍ଚ୍ଛନାକୁ ।

ସ୍ମୃତିର ସାତତାଳ ପଂକ ଭିତରେ ହଜିସାରିଥିବା
ସେଦିନର ସନ୍ତକ ଅଂଗୁରୀୟକୁ
ଆଜି ଆଉ ଖୋଜିବାକୁ ପଡ଼େନା
ତାଡ଼ନା ବି ନାହିଁ ପ୍ରମାଣ ଦେବାକୁ
ଉଜୁଡି ଯାଇଥିବା ପରିଚୟପତ୍ର
ଯାହା କେବେ ଏକାନ୍ତ 'ମୋର' ଥିଲା ।
ଆଉ ତ ମିଳେନା
ଅନାହତ ମମତାର ସୁର ଧାରେ
ଶାରଦ ସପନ, ଅନୁରାଗର ସ୍ତବ
ଯାହାକୁ ମୁଁ ରୋପିଥିଲି
ଚେତନା ଭୂମିରେ !

ଆଜି ପାଇଁ ତେଣୁ
ଅବସୋସ କିଛି ନାହିଁ
ଅଛି ଖାଲି ଅନନ୍ତ ପ୍ରତ୍ୟୟ
ଚଳମାନ ଜୀବନର ରଶ୍ମି
ଯିଏ କ୍ଷଣ କ୍ଷଣ ଆକାଶର
ରଂଗ ବଦଳାଏ
କଳାବାଦଲର ଛାଇ ପରେ
ବିଂଚିଦିଏ ଆଶାର କିରଣ
ଯିଏ ନୂଆ ନୂଆ
ପାଠକ ଶିଖେଇଦିଏ
ହାତଧରି, ଅବା କାନ ରଗଡାଇ ।

ମୋର ଆଜିଟି ତେଣୁ
କାଲିର ଅସ୍ଥିରେ ଗଢ଼ା
ଦୃଢ଼ ଇମାରତ୍ ଟିଏ
ଚିରି ଚିରି ମହାକାଳ
ଛୁଇଁବାକୁ ବ୍ୟଗ୍ର ଯାହା
ଆକାଶର ନୀଳ ।

ଅଧ୍ୟାପିକା
ଚରମ୍ପା ମହାବିଦ୍ୟାଳୟ, ଭଦ୍ରକ
ମୋ. ୯୪୩୮୬ ୭୨୬୫୪

❐

ପ୍ରତିଶୋଧ

ଅଧ୍ୟାପିକା ଡ. ମମତା ସାହୁ



ତୁମ ଉପରେ ପ୍ରତିଶୋଧ ନେବି
ଚରମ ପ୍ରତିଶୋଧ ।
ଯଦି ମୋ ଭାଗବଣ୍ଟୁରାର
ସୁଖ ଟିକକ ଲୁଟିନିଅ
ମୁଁ କଣ ? ତୁମ ଚରଣେ ପଡ଼ିବି
ବରଂ କୁସ୍ପାରଟନା କରି
ତୁମର ଶାନ୍ତି ନଷ୍ଟ କରିବି ।
ମଜା ଲାଗୁଛି ନା ! ଉଖାରିବାକୁ
ମୋ ସ୍ୱପ୍ନମାନଙ୍କ ପୋଡା ଅଙ୍ଗାର ଦେହ
ପ୍ରଜାପତିଆ ମନର ରଙ୍ଗିଲା ଡେଣା
ଆଖିଭର୍ତ୍ତି ଅନୁରାଗର କୁହୁଳାପଣ ।
ଭାବିଛକି ? ମୋ ତକିଆ ତଳର
ଦି ବୋତଲ ଲୁହ,
ପାଣି ଗିଲାସରେ ଝାଉଁଳି ପଡୁଥିବା
ନିଆଁ ନଗା ଭୋକ ,
କିଛି ଅବ୍ୟକ୍ତ ବେଦନାର କୋହ ତୁମକୁ ଦେବି
ଯାହାକୁ ନେଇ ତୁମେ ରଚିବ
ଆଉ ଗୋଟେ ଜୀବନ
ଆଉ ଗୋଟେ ଗପ
ଭାବୁଛକି ? ମୁଁ ଗୋଟେ ପାଗଳ -
ବୁଝିପାରିବିନି, ପ୍ରେମ ଗୋଟେ ଗଭୀର କ୍ଷତ
ସେ କ୍ଷତର ତୁମେ ଭିଲିଆନ୍
ତୁମେହିଁ, ନାୟକ ।
କଥା ଅଛି ତୁମେ କାଳେ ପୂର୍ଣ୍ଣବ୍ରହ୍ମ
ମୁଁ ତୁମରି ଅଂଶବିଶେଷ
ସବୁ ଆବେଗକୁ ସଞ୍ଚି
ତୁମ ଆସିବାଟା
ମୋ ଚାହିଁବାର ଚରମ ବୋଲି ଭାବିଲା ବେଳକୁ
ତୁମେ ପଲଟିକ୍ସ କଲ
ନିଜେ ନଆସି
ଦୂତ ପଠେଇଲ ।
ଆରେ , ଥରେ ଆସ ଦେଖିଯାଅ
ନିରିମାଖିଆ ଜୀବନର
ସବୁଆଡେ ନାହିଁ ନାହିଁ
ଥିଲେ ତ ଭାତ ଫୁଟିବ,ଭୋକ ମରିବ
ନହେଲେ ତୁମର କୁଣ୍ଠିଆ ହବ
ମୋ କଥା କିଆଁ ଭାବିବ
ତୁମେ ଦୁଃଖହାରୀ
ସୁଖ ସମ୍ରାଟ
ମୁଁ ତୁଚ୍ଛ ଭିକାରୀ ।
ହେଇଟି ଶୁଣ !
ମୁଁ ଲେଖୁଛି ଦରଖାସ୍ତ
ମୋତେ ମୁକ୍ତି ଦିଅ --- ମୁକ୍ତି
ନହେଲେ ତୁମ ଦିଆ ଆୟୁଷକୁ
ବାସି ରୁଟି ପରି ଫିଙ୍ଗି
ମୋର ଏ ଆତ୍ମାକୁ ହତ୍ୟା କରି
ତୁମକୁ ଦୋଷୀ ସଜାଇବି ।
ସାଆନ୍ତେ, ହୋ ସାଆନ୍ତେ !
ଏତକ ନିଶ୍ଚୟ ପାରିବି ।।।

କରୁଣା ମାର୍ଗ ବାଇପାସ୍ ଭଦ୍ରକ
ମୋ-୯୮୬୧୧୫୩୩୬୪

ଆଶ୍ଚର୍ଯ୍ୟ ଅଭିସାର

ଭାଗ୍ୟଲିପି ମଲ୍ଲ



ଗୋଟେ ରାତି
ସାତରାତି ହେଲା ପରେ ବି
ଘଟିଲାନି କିଛି ।
ରାଜଜେମା ଜଂଘର କଳାଜାଇ
ମାଗୁଥିବା ଚିତ୍ରକର ....
ପ୍ଲାଟଫର୍ମର କୁଷ୍ଠରୋଗୀ
ବେହେଲା ଗାଉଥିବା ସଂଗୀତ
ସେମିତି ବ୍ୟସ୍ତରହିଲେ
ଯେଝା କାମରେ ....
ରାତି ପାହିଲାନି ବୋଲି
କେଜାଣି କେମିତି ଜାଣିପାରିଲେନି ।
ଶେଯରେ ମଉଳିଗଲା
ମଲ୍ଲୀଫୁଲ
ଯାମିନୀର ଶେଷଜହ୍ନ
ଗାୟକର କଣ୍ଠରେ ଅସ୍ତ ହେଇଗଲା,
ଈଶ୍ୱର, ତାଙ୍କ କଳ୍ପିତ ସ୍ୱର୍ଗରେ
ବ୍ୟସ୍ତ ରହିଲେ ପଶାଖେଳରେ ....
କୁଂଜବନରେ ନୀବିବଂଧରୁ

ଖସିଲାନି ଶ୍ୟାମଳ ପାଟଲୁଗା
ସରିଗଲା
ଆଉ ଏକ ବିଫଳ ରାତି ।

କାକରମଖା ଘାସଫୁଲ
ଛିଣ୍ଡିପଡ଼ିଥିବା ଚନ୍ଦ୍ରହାର
ଆଉ ଗୁଡ୍ଡାହେଲାନି ନିଃଶ୍ୱାସରେ ....
ଚୁଂବନର ଦାଗ ଦିଶିଲାନି ଗଣ୍ଡରେ
କି ପାଦଚିହ୍ନ ବାଲୁବନ୍ତର ।

କେହି ଜାଣିଲେନି,
ଅଭିସାରିକାକୁ ....
ଯିଏ ଚଂଦନ, କୁଂକୁମ, ଅଳତା
ଅଂଗରାଗ ଓ ‘ୁଲହାର
ଭସେଇଦେଲା ନଈରେ ....
ସକାଳକୁ ସବୁ ଅଭିସାର, ଅଭିମାନ
ଡୁବି ସାରିଥିଲା
ଗଣ୍ଡରେ ..... ପାଣି ଭଉଁରୀରେ ।

ଓଡ଼ିଶା ରାଜ୍ୟ ସଂଗ୍ରହାଳୟ
ମୋ. ୯୪୩୯୨୮୧୫୬୧

ଅନେକ ନଦୀର ସୁଅ

ସେନାପତି ପ୍ରଦ୍ୟୁମ୍ନ କେଶରୀ



ରାତିରେ ନିଦ ଭାଙ୍ଗିଲେ ଶୁଭେ
ଛାତିର ପଞ୍ଜରା ତଳେ କଳକଳ ନାଦ କରୁଛି
ଅନେକ ନଦୀର ସୁଅ ।

କାହିଁକି କେଜାଣି ପିଲାଦିନରୁ
ନଦୀଟିଏ ହେବାର ଇଚ୍ଛା ବ୍ୟାକୁଳ କରିଛି ମୋତେ
ଅନେକ ଥର ଶୋଇଥିଲା ବେଳେ
ସେଇ ଏକା ସ୍ୱପ୍ନ ଦେଖେ
ନଦୀଟିଏ ପରି ବହି ଯାଉଛି ମୁଁ, ଛୁଉଁଛି ମୁହାଣ
ମହାସଂଗମର ମିଠା ଆଶ୍ଳେଷରେ ମନୋମୟ ଲାଗୁଛି ମୋର ଚେତନା, ଚୈତନ୍ୟ ।

ଆଜି ବି ମୋର ନିଦ୍ରାରେ ଉଦ୍ଭାସିତ ହୁଏ ସେଇ ସ୍ୱପ୍ନ
ଗୋଟେ ଚିର ସୁନାବ୍ୟା ସ୍ରୋତସ୍ୱିନୀ ସହ କାହିଁକି ମୋର ସାକ୍ଷାତ ହୁଏ ?
କାହିଁକି କାନରେ ପଡେ ବହନ୍ତା ନଦୀର କଳକଳ ନାଦ
ଯାହା ଲାଗେ , ଗୋଟେ ତୀର୍ଥ ସ୍ଥଳ ।


ବାଟ ଚାଲୁ ଚାଲୁ କେବେ ମୁଁ ଥକି ପଡିନି
କୋଉଠି ବସି ପଡିନି, ଅଧା ବାଟରେ
ପାଦ ମୋର ଅଟକି ଯାଇନି
ସବୁବେଳେ ଗୋଟାଏ ଲକ୍ଷ୍ୟ ନେଇ ବଢିଛି ଆଗକୁ
ବାରମ୍ବାର ଅନୁଭବ କରିଛି, ସତେ କି ସେଇ ମହାସଂଗମ
ମୋତେ କୋଳେଇ ନେବାକୁ ଡାକୁଛି ।

ଯେମିତି ମୁଁ ତୁଚ୍ଛା ଶୂନ୍ୟତା ନୁହେଁ,
ଯୁଗ ଯୁଗରୁ ମୋ ରକ୍ତରେ
ଅନେକ ନଦୀର ସୁଅ ଏକତ୍ର ମିଶିଛି ।

ସାଇ ସର୍ଜନା, ଜଗନ୍ନାଥ କଲୋନୀ
ବାଲିକୁଦା, ଗୋପାଳପୁର କଟକ - ୧୧
ମୋ. ୬୩୭୧୫୨୩୫୯୮

ତାରାଫୁଲ

ଶଚୀକାନ୍ତ ପଣ୍ଡା



ଆକାଶରେ ଫୁଟେ ତାରାଫୁଲ କେତେ
ମାଟିରେ ଫୁଟଇ ଘାସଫୁଲ
ସମୁଦ୍ରେ ଫୁଟଇ ଲହଡ଼ିର ଫୁଲ
ପାହାଡେ ଫୁଟଇ ବନଫୁଲ । ॥ ୧ ॥

ଜୀବନ ଜଞ୍ଜାଳ ଯେତେ ବଢିଚାଲେ
ଆଖିରୁ ଝରେ ମୋ ଲୁହ
ଅସଫଳ କେବେ ହୁଏନି ଯନ୍ତ୍ରଣା
ସହିନିଏ ସବୁ ଦୁଃଖଭାର । ॥ ୨ ॥

କେତେ ଜନମର ବେଦନା ନେଇ ମୁଁ
ମେଘପରି ଭାସି ବୁଲୁଥିବି
ଅପହଞ୍ଚ କେଉଁ ଶୂନ୍ୟ ସେପାରେ
ଲୁହ ଖାଲି ଢାଳୁଥିବି । ॥ ୩ ॥

ସବୁ ଜନମରେ ପାଖେ ପାଖେ ତୁମେ
ଗୋପନରେ ରହିଥିବ
ଆସିବା ଯିବାତ ଲାଗି ରହିଅଛି
ଆର ଜନମରେ ଦେଖାହେବ । ॥ ୪ ॥

ମାଟିରୁ ଫୁଟିନି କେତେ ଦୂରେ ଆଉ
ଆର ପାରେ ତାରାଫୁଲ
ମହକିବ ନାହିଁ ପାଖୁଡା ଫିଟାଇ
କିଏ ମୋତେ ଆଉ ଦେବ । ॥ ୫ ॥

ସାଧାରଣ ସମ୍ପାଦକ , କାନ୍ତସାହିତ୍ୟ ପରିଷଦ
ଧାମନଗର
ମୋ. ୯୪୩୯୨୧୯୧୩୬

ମୁଠାଏ ମୂର୍ଚ୍ଛନା

ଦେବାଶିଷ ଚକ୍ରବର୍ତ୍ତୀ



ମୌନ

ଆମେ ଚାହୁଁଥିବା କଥାଟିକୁ କଣ
କହିକି ପାରନ୍ତି ସବୁବେଳରେ
ବୁଝେଇ ଦିଅଇ ନାହିଁ କି ସେ କଥା
ନୀରବତା କିନ୍ତୁ ଅନାୟାସରେ ?

ଝଡ଼

ଝଡ ଆସି ସିନା ତାଣ୍ଡବ ରଚି
ଦଣ୍ଡକ ପରେ ଯାଅଇ ଚାଲି
ସନ୍ଦେହର ଝଡ ମନରେ ଉଠିଲେ
ସହଜେ କି ତାକୁ ହୁଅଇ ଟାଳି ?

ପାଉଁଶ

ସଦାବେଳେ ଯଦି ଆମ ଚଉପାଶେ
ରହିଥିବେ କିଛି ଭଲ ମଣିଷ
ହୀନସ୍ୱାର୍ଥ ରେ ମଣିଷପଣ ତା
ହୋଇକି ପାରିବ କେଭେଁ ପାଉଁଶ ?

ଆଙ୍ଗୁଳି

ବେଦନା ବତୁରା ଆଖିର ଲୁହକୁ
ପୋଛି ଦେଇଥାଏ ଯେଉଁ ଆଙ୍ଗୁଳି
ତାଳି ମାରୁଥିବା ଲକ୍ଷେ ହାତ ବି
ହୋଇକି ପାରିବ କାଣିଚେ ସରି ?

ରଫ୍ ଖାତା

ଗଣିତ, ସାହିତ୍ୟ ସବୁ ବିଷୟ କୁ
ଛାତିରେ ତା ରଖିଥାଏ ସମ୍ଭାଳି
ନିମ୍ନ ମଧ୍ୟବିତ୍ତ ଗୃହୀ ର ଜୀବନ
ଅବିକଳ ନୁହଁଇ କି ତା ପରି ?

ମଣ୍ଡୁଆ,କେନ୍ଦୁଝର ଗଡ଼
ମୋ ୯୪୩୭୭୫୨୩୯୫

ତୋ ପାଇଁ ଦୁଇଟି କବିତା

ବିପ୍ଲବ ରଂଜନ ପତି



ମୋ. ୭୦୦୮୦ ୫୯୬୦୧

୧. ବାଲୁକା କଳା


ସେ ପଚାରିଲା
କେତେ ଭାଙ୍ଗିପଡିଛ
କୁହ ଯୋଡ଼େଇ ଦେବି
ମୋର ସବୁତକ ଚେଷ୍ଟାରେ
କଣ କହିବି ତାକୁ ?
ମୁଁ ତ ଖାଲି ଭାଙ୍ଗିନି
ବରଂ ଚୁନା ହୋଇ ସାରିଛି ନିଜେ
ନିଜ ଭିତରେ
ଓଃ
ଡେର ଦିନ ପରେ
ତା ସହ ଭେଟ ହେଲା ଥରେ ବେଳାଭୂମିରେ
ଆଙ୍ଗୁଳିରେ ଚଟାପଟ ରେଖା ଚିତ୍ରଟେ
ଆଙ୍କିଦେଲା ଆଉ ପଚାରିଲା
'ଏ ଦେଖୁନ !
ଇଏ କଣ ତୁମେ ନୁହଁ ??'
ମୁଁ ବଲ ବଲ ଚାହିଁଲି ତାକୁ
ତା ଆଖିରେ ଲୁହ
ପୋଛିଦେବାକୁ ହାତ ବଢ଼େଇବା ବେଳକୁ
ତା ହାତ ଧରି ନେଇଗଲା
ଆଉ କୋଉ ଗୋଟେ ପୁଅ
ମୁଁ ଏବେ ବାଲୁକା କଳା ଶିଖୁଛି
ବାଲି ପରି ଚୁନା ହୋଇଯାଇଥିବା
ତାକୁ ଗଢ଼ିବି
ସେ ଦିନେ ଦେଖିବାକୁ ଆସିବ
ସେ ପୁଅ ସାଙ୍ଗରେ

୨. ନ ବୁଝିଲେ ନାଇଁ

ଦେଖାହେଲାବେଳେ
ଖୋଲିକି କାନ୍ଦି ପାରିଲିନି ତୋ ଆଗେ
କାହିଁକିନା ନିଜକୁ ଖୁସି ଦେଖେଇବାର
ଚାପ ଯୋଉ ଥିଲା ମୋ ଉପରେ
ମନେଅଛି
ଏମିତି ଦିନେ ମିଳିଥିଲୁ ମୋତେ
ଯେମିତି କେବେବି ଛାଡ଼ିକି ଯିବୁନି
ହେଲେ ଏମିତି ଗଲୁ ଯେ
ଯେମିତି ମିଳି ହିଁ ନଥିଲୁ କେବେବି
ସେଦିନ
ତୁ ଏମିତି ବୁଝେଇଦେଲୁ ଯେ
ସବୁ ବୁଝିଗଲି
ହେଲେ ଏଯାଏ ବୁଝିପାରିନି
ଏବେ ସମସ୍ତଙ୍କ ଆଗେ
କେମିତି କହିପାରୁଛୁ
ମୁଁ ବଦଳିଗଲି ବୋଲି
ବୁଝିଯିବା ମାନେ କଣ ବଦଳିଯିବା ???

ଫୁଲ

ଡ. ଭରତ ଚନ୍ଦ୍ର ଦାଶ



ଫୁଲଟି
ମୋ ପ୍ରୀତି ପରି
ସ୍ନିଗ୍ଧ, କୋମଳ
ତା'ର ହୃଦୟଟିଏ ଅଛି
ଦେଖିଲେ ହସେ
ମୁଁ ହସିଲେ ସେ ମୁଣ୍ଡ ହଲାଏ
ନଇଁଯାଏ ନମ୍ରତା ହିଁ ତା'ର ଭୂଷଣ
ଆପଣାର କରେ
ଭଲପାଏ
ସୁଗନ୍ଧରେ ହିଁ ସେ ବାର୍ତ୍ତା ପଠାଏ
ତାର ରୂପ ରଙ୍ଗ ଗୁଣ
ଯୌବନରେ ହିଁ ତ ମୋତେ ବାନ୍ଧିରଖିଛି
ଚିରକାଳ, କାଳରୁ କାଳାତୀତ ଯାଏ ।
ଅନନ୍ତର ପ୍ରତୀକ୍ଷା ତା' ପାଇଁ
ସିଏ ହସୁଥିଲେ ମୋ ଛାତି ଫୁଲିଉଠେ
ତା' ପତ୍ରର ସବୁଜିମା
ମୋ ପ୍ରାଣର ସୃଜନ ସ୍ୱପ୍ନ
ଟିକିଏ ଝାଉଁଳି ପଡିଲେ
ମୋ ମୁହଁ ଶୁଖିଯାଏ
ଏକ ଅନାକାଂକ୍ଷିତ ଆଶଙ୍କାରେ
ତାର ନବ ପଲ୍ଲବ ଉଦିତ ସୂର୍ଯ୍ୟର
ଅରୁଣିମାକୁ ନିନ୍ଦାକରେ
ଆକର୍ଷଣର ଏକ
ସମ୍ମୋହନର ପ୍ରାଣକେନ୍ଦ୍ର
ଚାରାରୋପଣର ପ୍ରାୟ

ଦୁଇଟି ବସନ୍ତ ପରେ
ଆଜି ତାର ଏ ମନଲୋଭା
ପ୍ରସ୍ଫୁଟିତ ରୂପ ।
ଫୁଲ ଫୁଟିଲେ
ସ୍ୱପ୍ନମାନେ ଉଙ୍କିମାରନ୍ତି
ମନରେ ପ୍ରାଣରେ ସୃଜନରେ
ଶବ୍ଦମାନେ ଉଉରି ଆସନ୍ତି
ଚେତନାର ସରହଦ ଡେଇଁ
କବିତା ରୂପରେ
ପ୍ରୀତି ରୂପ ରୂପକଳ୍ପ, ଚିତ୍ରକଳ୍ପ
ପ୍ରାଣର ସ୍ପନ୍ଦନ
ଚେତନାର ଅମୃତ ସ୍ପର୍ଶ
ମିଳନର ଦିବ୍ୟ ଉଚ୍ଚାରଣ ।

ସଚିବ, ସୃଜନ ଶ୍ରୀକ୍ଷେତ୍ର, ମାର୍କୋଣା
ସିମୁଳିଆ, ବାଲେଶ୍ୱର
ମୋ. ୮୯୮୪୪୩୯୧୬୬

ସେ ଆସନ୍ତି

ମନୋରଞ୍ଜନ ମହାନ୍ତି



ଦୟାରେ ପରିପୂର୍ଣ୍ଣା ଦିଗ୍‌ବଧୂ ଐଶ୍ୱରିକତାର ମନ୍ତ୍ରଦାତ୍ରୀ
ବତ୍ସଳତାର ବସୁନ୍ଧରା ଇହଲୋକ, ଇହକାଳର ଈଶ୍ୱରୀ
ସେ ଦେବୀ, ଦିଗମ୍ବରୀ ॥

ମମତାର ମୁଗ୍ଧ ସ୍ୱର ଆଶ୍ୱସ୍ତିର ମଧୁଝର
ଆଶିଷର ଆହ୍ଲାଦିନୀ ସ୍ରୋତ ଆକର୍ଷର ମୁକ୍ତ ହସ୍ତ
ସେ ମାଆ, ମାହେଶ୍ୱରୀ ॥

ମଣିଷର ଜନ୍ମଲଗ୍ନରେ ସେ ଲଲାଟରେ ଥାପିଦିଅନ୍ତି ଗୋଟେ ଲଲାମ
ଅନ୍ତହୀନ ଅମୃତରେ ଭରିଦିଅନ୍ତି ତା'ର ମନନ ଓ ମରମ ॥

ଧୃଷଣାର ଧୂପ ମହକରେ ମହାଭାବର ଦୀପ ଆଲୋକରେ
କର୍ମଯୋଗର ନୈବେଦ୍ୟରେ ନରଲୋକର ମଧୁର ପ୍ରାର୍ଥନାରେ
ସେ ଆସନ୍ତି
ଶରତର ଅଭ୍ୟାଗତ ରୂପରେ ନୁହଁ ଅବିରତ ଅବ୍ୟୟ ସତ୍ତା ରୂପରେ ॥

ସେ ଆସନ୍ତି ଭୂମିର ଭୂଗୋଳରେ , ଭୂମାର ଭୂତିରେ
ପଞ୍ଚଭୂତର ପ୍ରସାଦରେ ପ୍ରଶାନ୍ତିର ପ୍ରସାରଣରେ ॥


ସେ ଆସନ୍ତି, ଆସୁଥାଆନ୍ତି 'ସତ୍ତ୍ୱ'ର ସ୍ତୋତ୍ର ଗାଇଗାଇ
ମଧୁସ୍ରାବୀ ସମୟର ପ୍ରତି ମୁହୂର୍ତ୍ତରେ
ଜୀବନ ଓ ଜଗତ୍‌ରେ ଜାଗୃତିର ଜାହ୍ନବୀ ବୁହାଇ ।

ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ମାଧିଆରୁ ମାଧବାବୁ

ଅଶୋକ କୁମାର ନାୟକ

ଦିଲ୍ଲୀରୁ ଫେରିଛି ଗାଁକୁ ମାଧିଆ, କେତେ କଥା ବଖାଣୁଛି
କଥାକଥା କରେ ପାରୁବା ନ ପାରୁ, ହିନ୍ଦି, ବଙ୍ଗଳା କହୁଛି ।
କେତେବେଳେ ପିନ୍ଧେ କୁର୍ତ୍ତା ପଞ୍ଜାବୀ, କେତେବେଳେ ଜିନ କୁର୍ତ୍ତା
ଗାଁରୁ ବଜାର ଗଲାବେଳେ ପିନ୍ଧେ, ଦଶ ହଜାରିଆ ଯୋତା
ଆଖିରେ ଦେଉଛି କଳାର ଚଷମା, ମୁହଁରେ ବହଳ ଦାଢି,
ପୋଲିସ ଦେଖିଲେ ଆଡ ହୋଇଯାଏ, ଯାଏ ସେ ବଜାର ଛାଡି ।
ମହାଜନ ଘରୁ ଚୋରି କରି ମାଧ, ଛାଡିଦେଇଥିଲା ଗାଁ
ମହାଜନ ବୁଢ଼ା ଦୟାବନ୍ତ ଅତି, ଧରିଲେନି ତାର ନାଁ ।
ମହାଜନ ବୁଢ଼ା ମରିବାର ଏବେ, ପାଞ୍ଚ ବରଷ ଚାଲିଛି
ଖବର ପାଇଲା ପରେ ଏବେ ମାଧ ଗାଁକୁ ଫେରି ଆସିଛି ।
ଗାଁର ପଖାଳ, ଗାଁ ଶାଗମାଛ, ମାଧକୁ ଭଲ ଲାଗୁନି
ଗାଁ ଝିଅମାନେ ମଫସଲି ଅତି, ମାଧ, ପସନ୍ଦ କରୁନି ।
ବହୁ ଟଙ୍କା ମାଧ ଆଣିଛି ଦିଲ୍ଲୀରୁ, ପାଆଁଶ ହଜାରେ କାଡେ
ପଲ୍ଲୀ ଜୀବନ ଅତି ହୀନିମାନ କେତେ ଯୁକ୍ତିତର୍କ କରେ ।
ସନ୍ଧ୍ୟାପରେ ଚାଲେ ମଦିରା ସେବନ ଗ୍ରାମ୍ୟ ଯୁବକଙ୍କୁ ଧରି
ପ୍ରତିଦିନ ହୁଏ ଭୋଜି ଆୟୋଜନ, ଟଙ୍କାକୁ ନାହିଁ ଖାତିରି ।
ମା' ମରିଗଲା ଦୁଇବର୍ଷ ଆଗେ, ଭୋକ ଉପାସରେ ଥିଲା,
ବାରଘର କାମ ପେଟ ପୂରିଲାନି, ବିନା ଚିକିତ୍ସାରେ ମଲା ।
ଝାଟିମାଟି ଘର ମାଟିରେ ମିଶିଲା, ଘରଡିହ ହେଲା ଠିଅ,
ଫେରିଆସି ମାଧ, ସେଠାରେ କରିଛି, କୋଠାଘରଟିଏ ନୂଆ ।
ମାଧ ଫେରିବାର ବରଷେ ହେଲାଣି, ମାଧିଆରୁ ମାଧବାବୁ,
ପ୍ରସ୍ତାବ ଆସୁଛି ଜ୍ୱାଇଁ କରିବାକୁ, ଆସୁଛନ୍ତି କେତେ ବାବୁ ।
ଏପରି ସମୟେ ହଠାତ୍ ପୋଲିସ, ମାଧଘର ଘେରିଗଲେ ।
ସ୍ଥାନୀୟ ପୋଲିସ, ଦିଲ୍ଲୀର ପୋଲିସ ମାଧକୁ ଗିରଫ କଲେ
ଦିଲ୍ଲୀରେ ମାଧିଆ ମଣିଷ ମାରିଛି, ତିନିଜଣ ଏକାସାଙ୍ଗ,
ମାଲିକର ସବୁ ଲୁଣ୍ଠନ କରିକି, ଫେରାର ସେ ରାତା ରାତେ ।
ଏକା ମାଧ ନୁହେଁ ବହୁ ମାଧିଆଙ୍କ ଏହି ପରକାରେ କାର୍ଯ୍ୟ
ଓଡ଼ିଆ ପୁଅଙ୍କ ଲଜ୍ଜାହୀନ କୀର୍ତ୍ତି, ଲେଖିବାକୁ ନାହିଁ ଧୈର୍ଯ୍ୟ ।
କେହି ପଚାରେନା କହକହ ମାଧ ଆଣିଲୁ କେଉଁଠୁ ସବୁ
ଆମ ନିରବତା କରିଦେଲା ତାକୁ ମାଧିଆରୁ ମାଧବାବୁ ।



ରାଜଘାଟଛକ, ଭଦ୍ରକ, ମୋ : ୯୯୩୭୮୨୨୭୮୫

ଯୁଦ୍ଧରୁ ଫେରିବା ପରେ

ଡ. ଅନିଲ୍ ନନ୍ଦ



କେବେଠାରୁ ନବଜାତ ହାତରେ
ଖଞ୍ଜି ଦିଆଗଲାଣି ପିସ୍ତଲ୍ ଖେଳନା
ମଥା ତଳେ ଅଙ୍କାବଙ୍କା ରାସ୍ତାର ନକ୍ସା
ଆଖି ଡୋଳାରେ ଜୀବନ ଯୁଦ୍ଧର
ହରେକ୍ ରଙ୍ଗର ଛବି ।
ଆଦିମ ଅଭ୍ୟାସ ବୋଲି ଲଢେଇ
ଏ ସଂସାରକୁ ବାଧ୍ୟ କରାଗଲା-
ବାଛିବାକୁ ରଣକ୍ଷେତ୍ରର ନାଆଁ
ବିଜ୍ଞାନ ମନ୍ତ୍ରରେ ବଶୀଭୂତ ପୃଥିବୀ
ଦେଖିଲା ହୃଦୟ ଛିନ୍ନର କ୍ଷେପଣାସ୍ତ୍ର
ଦେଖିଲା ଲୁହବୁହା ବାଷ୍ପ ।
ଛାଡି ଦିଆଗଲା ଲଢେଇର ବାଟ,
ଯିଏ ଯେମିତି ପାରୁଛି ଲଢୁ
ଖାନ୍ଦା, ପାନିପଥ, ବକ୍ସାର
ପେଟ ପାଇଁ, ଜାତି ପାଇଁ, ସ୍ୱାର୍ଥ ପାଇଁ
କିମ୍ବା ଅହଙ୍କାରକୁ ରକ୍ତପେଇ
ବଞ୍ଚାଇ ରଖିବାକୁ ସାରଦିନ ।
ଯୁଦ୍ଧ ବିଷୟରେ ସେମିତି କିଛି
କହିବାଟା ବିଡମ୍ବନା ଯେ
ସୂର୍ଯ୍ୟ ମଉଳି ଗଲେ
ନଇଁ ଆସିବ ଯବନିକା
ଦିନ ଥାଉଥାଉ ଥମିଯିବ
ଦର୍ପିତର ରେରେ କାର ।
ଯେଉଁମାନେ ଅଭ୍ୟାସ ସାରି
ବାହାରି ଗଲେ ସମର ଭୂମିକୁ
ସମସ୍ତେ ଧରି ନାହାନ୍ତି
ହାତରେ ଚିକ୍ ଚିକ୍ ଖଣ୍ଡା

କେହି କେହି ଆପଣାର କରିଛନ୍ତି
ନିଜନିଜ ବିଷାକ୍ତ ଦୃଷ୍ଟି
କେହିକେହି କରି ସାରିଛନ୍ତି
ରସନାକୁ ନିୟନ୍ତ୍ରଣ ବିହୀନ,
କେତେଦିନ ଧରି
ଚାଲୁ ରହିବ କି ଯୁଦ୍ଧ !
ଯେଉଁ ବୀରମାନେ ସମରରେ ବ୍ୟସ୍ତ
ଦିନେ ତ ଫେରି ଆସିବେ ବାଧ୍ୟରେ
ଅର୍ଥହୀନ ବିଜୟ ବା ପରାଜୟ ବୋହି
କଣ କହିବେ ସେଦିନ
ସର୍ବଂସହା ପୃଥିବୀ କାନରେ
କଣ ଅବା ଲେଖିବାକୁ ବାକିଥିବ
ନିଜ ଇଚ୍ଛାରେ ବଦଳୁଥିବା
ପୃଥିବୀ ଛାତିରେ ?
ଖାଲି ଅସ୍ତ୍ର ଚାଳନାରେ
ଶେଷ ହୁଏନି ବୋଲି ଯୁଦ୍ଧ ।

କ୍ୟାମ୍ପସ୍- ୯, କିଟ୍
ଭୁବନେଶ୍ୱର
ମୋ - ୯୯୩୭୮୪୩୩୬୮

ସେ କିଏ

ଚିନ୍ତାମଣି ମିଶ୍ର



ମୋ. ୮୮୯୫୪ ୧୯୦୪୦

'ସୂର୍ଯ୍ୟ-ନୁହେଁ ତା'ର ସମୁଜ୍ଜ୍ୱଳ ଜ୍ୟୋତି
ଦୂରେ ଠେଲି ଦେଲା ମସି
ସୈନିକ - ନୁହଁ, ସେ କରିଅଛି ରଣ
ନ ଧରି କରେ ଅସି ।
ଧର୍ମ - ପ୍ରଚାରକ ନୁହେଁ ପ୍ରଚାରିଛି
ମହାନ ମାନବ ଧର୍ମ
ପକ୍ଷୀ ନୁହେଁ ସେ ତ ପିଞ୍ଜରାବଦ୍ଧ
ହୋଇଅଛି ପକ୍ଷୀ ସମ ।
ପରିବ୍ରାଜକ ସେ ନୁହେଁ
ବୁଲିଅଛି ବହୁ ଗ୍ରାମ
ଦେବତା ନୁହଁଇ ସେ ତ
ପୂଜା ପାଏ ଦେବୋପମ ।
ବୁଢ଼ିଆଣୀ ନୁହେଁ ବୁଢ଼ିଆଣୀ ପରି
ସୂତ୍ର କେତେ କାଟୁଥିଲା
ସନ୍ନ୍ୟାସୀ ନୁହେଁ ସେ ଅଗଣିତ ତା'ର
ଛନ୍ତି ରାଜ୍ୟେ ରାଜେ ଚେଲା ।
'ଭଗୀରଥ' ନୁହେଁ, ସ୍ୱର୍ଗଧାମୁଁ ସେ ତ
ଆଣିଅଛି ମନ୍ଦାକିନୀ
ନୁହେଁ ମେଘମାଳା, ନୀରଧାରା ସିଞ୍ଚି
ଲିଭାଇଛି କେତେ ଅଗ୍ନି ।
ସାହୁକାର ନୁହେଁ, ଗ୍ରାମ ଗ୍ରାମାନ୍ତରେ
କେତେ ଯେ ଖାତକ ତା'ର
ନୁହେଁ ସର୍ବ ଇଷ୍ଟ 'ପିତା' ବୋଲି ଡାକ
ଦେଉଛନ୍ତି କୋଟି ନର ॥

ଶାଳପଡ଼ା ଶାସନ
ଆନନ୍ଦପୁର, କେଉଁଝର

କୋଟି କୈବଲ୍ୟନାଥ



ସୁରଭି ଦ୍ୱିବେଦୀ

ମୋ. ୯୩୪୮୭ ୮୫୬୯୬

ପ୍ରଭୁ ଜଗନ୍ନାଥ ଅଛ ବିଜେ ନୀଳାଚଳେ, ପୂଜା ପାଅ ଦାରୁବ୍ରହ୍ମ ରୂପେ ମହୀତଳେ ।
ଭାବର ଠାକୁର ତୁମେ ଆହେ ଭାବଗ୍ରାହୀ, ଭକ୍ତ ଦୁଃଖ ଶୁଣିଥାଅ ନ ପାରଇ ରହି ।
ଚଳନ୍ତି ଠାକୁର ତୁମେ ଦେଖାଅ ଯେ ଲୀଳା , ଚଉଷଠି କଳା ମଧ୍ୟେ ତୁମେ ନନ୍ଦ ବାଳା ।
ସାରା ଜଗତର ତୁମେ ଅଟ ଯେଣୁ ନାଥ, ନାମ ବହିଅଛ ତେଣୁ ଶ୍ରୀଜଗନ୍ନାଥ ।
ସାରା ବିଶ୍ୱେ ପୂଜା ପାନ୍ତି ପଥର ମୂର୍ତ୍ତିରେ, ଏଠି ପୂଜା ପାଅ ତୁମେ ଦାରୁ ସ୍ୱରୂପରେ ।
ଭକ୍ତ ଯାଏ ଦରଶନେ ମନ୍ଦିରେ ସବୁଠି, ଦେଉଳୁ ବାହାର ତୁମେ ଭକ୍ତ ପାଇଁ ଏଠି ।
ଦରଶନ ଦିଅ ତୁମେ ଭକ୍ତ ମେଳେ ପରା, ରଥଯାତ୍ରା ତୁମ ଅଟେ ସବୁଠୁ ନିଆରା ।
ଲକ୍ଷ ଲକ୍ଷ ଭକ୍ତଙ୍କର ଜନ ସମାଗମେ, ବିନା ନିମନ୍ତ୍ରଣେ ଆସିଥାନ୍ତି ଆକର୍ଷଣେ ।
ନାହିଁ ତୁମ ମଧ୍ୟେ ଛୋଟ ବଡ଼ ଜାତି ବର୍ଣ୍ଣ, ରଥରେ ଦର୍ଶନ ଦିଅ ଆହେ ଚକାନୟନ ।
ଭକ୍ତ ସହ ମିଶି ତୁମେ କରିଥାଅ ଖେଳା, ଏହାହିଁ ତୁମର ଅଟେ ମାନବୀୟ ଲୀଳା ।
ଭକ୍ତ ପାଇଁ ଏହା ତୁମ ବଡ଼ ବ୍ୟତିକ୍ରମ, କି ଗୁଣ ଗାଇବି ମୁହିଁ ଅଟେ ନରାଧମ ।
ତୁମ ଦୟା ବଳେ ପଙ୍ଗୁ ଲଙ୍ଘିଥାଏ ଗିରି, ଅଜ୍ଞାନକୁ ଜ୍ଞାନ ବାଣ୍ଟ ତୁମେ ଶ୍ରୀହରି ।
ତୁମ ମଧ୍ୟେ ରହିଥାଏ ବିଶ୍ୱର ଚେତନା, ମନ ମଧ୍ୟେ ଦେଇଥାଅ ଉନ୍ନତ ଭାବନା ।
ମାନବୀୟ ଲୀଳା ପାଇଁ ରୁହ ଚର୍ଚ୍ଚାରେ, ଭକ୍ତ ତୁମ ଡାକୁଥାନ୍ତି ଦେଶ ବିଦେଶରେ ।
ଅଟ ପରା ତୁମେ କୋଟି କୈବଲ୍ୟ ନାଥ, ତୁମ ସାନ୍ନିଧରେ ଭକ୍ତ ହୁଏ ଉଲ୍ଲସିତ ।
ପ୍ରଭୁ ମହାବାହୁ ତୁମ କରୁଣା ଅପାର, ଭାବକୁ ନିକଟ ପୁଣି ଅଭାବକୁ ଦୂର ।
କି ଗୁଣ ଗାଇବି ଗାଥା ପୁରାଣେ ବର୍ଣ୍ଣିତ, ତୁମ ପାଇଁ ଆଜି ଆମ ଭାଗ୍ୟ ଯେ ଉଦିତ ।
ମହାପ୍ରଭୁଙ୍କ ପାଇଁ ଆମ ଓଡ଼ିଶା ବିଖ୍ୟାତ, ବିଶ୍ୱ ଦରବାରେ ଆଜି ଓଡ଼ିଆ ବିଦିତ ।
ବିଶ୍ୱ ଶାନ୍ତି ପାଇଁ ରହୁ ଅବଦାନ, ମିଳିମିଶି ସର୍ବେ କରନ୍ତୁ ସହାବସ୍ଥାନ ।
ନ ରହୁ ଏଠି ଜମା ଯୁଦ୍ଧ ବିଭୀଷିକା, ଦୁନିଆ ପାଇଁ ତୁମେ ହୁଅ ଆଲୋକ ବର୍ତ୍ତିକା ।
ଏହି ତ ଅଟେ ତୁମ ବଡ଼ ପଣିଆ ଭାବ, ପୂରଣ କର ସର୍ବ ଆଶା ରଖନା ଅଭାବ ।
ତୁମେ ସର୍ବ ଜ୍ଞାତବାନ ସର୍ବ ବିଦ୍ୟମାନ, ଜଗତୁଁ ଦୁଃଖ ଦୂର କର ଏ ଆମ ଜଣାଣ ।

ସେକ୍ଟର- ୯, ସିଡିଏ କଟକ ।

ମା' ଦୁର୍ଗତିନାଶିନୀ

ଶୁଭବ୍ରତ ମହାପାତ୍ର



ପ୍ରତି ପ୍ରଭାତରେ ସ୍ମରଣ କରିଲେ ଦୁର୍ଗାକ୍ଷର ନାମ ଦ୍ୱୟ
ବିପଦରୁ ରକ୍ଷା କରିଥାଅ ମାଆ ଅଧର୍ମୀ ଜନର କ୍ଷୟ ।
ସଂସାରରେ ଯେତେ ଅସତ୍ୟ, ଅନ୍ୟାୟ ସବୁକୁ କରୁଥା ଦୂର
ବ୍ୟଭିଚାର, ହିଂସା, ଈର୍ଷା (ପରଶ୍ରୀ) କାତରତା ତା ସଙ୍ଗେ ଅତ୍ୟାଚାର ।
ତୁମ ପାଇଁ ଆଜି ସଂସାର ଚାଲଇ ସବୁ ନୀତି ନିୟମରେ
ପୂଜା ପାଅ ତୁମେ ସର୍ବଦା ସବୁଠି ତା ସହିତ ଦଶରାରେ ।
ମହିଷାସୁରକୁ ନାଶ କରି ତୁମେ ବୋଲାଇଲ ସର୍ବ ଶକ୍ତିମାନ
ଧରାବତରଣ କରି ତୁମେ ଆସି ବନ୍ଦ କଲ ତା'ର ଉତ୍ପୀଡ଼ନ ।
ମହିଷାସୁରର ଅତ୍ୟାଚାର ପାଇଁ ହାହାକାର ଯେବେ ପଡ଼ିଥିଲା
ସମସ୍ତ ଦୁର୍ଗତି ଦୂର କଲ ବୋଲି ମହିଷାମର୍ଦ୍ଦିନୀ ନାମ ହେଲା ।
କାଳରାତ୍ରି ନାମ ବୋଲାଇଲ ଦେବାନଲୁ ତୁମେ ହେଲ ସୃଷ୍ଟି
ଧରାପୃଷ୍ଠ ଆମ ଶାନ୍ତି ପଡ଼ିଲା, ହୋଇଗଲା ତବାଶିଷ ବୃଷ୍ଟି ।
ସବୁ ଦେବତାଙ୍କ ଅସ୍ତ୍ର ଶସ୍ତ୍ର ବଳେ ଭରିଗଲା ତୁମ ଦଶଭୁଜ
ବଜ୍ର ଖଡ୍ଗ ହସ୍ତା, ମୁଣ୍ଡମାଳଯୁକ୍ତା ହୋଇ ତୁମେ ପୂଜା ପାଅ ଆଜ ।
ଜଗତ ଜନନୀ, ମହିଷା ମର୍ଦ୍ଦିନୀ ଭକତ ମନ ମୋହିନୀ
କାତ୍ୟାୟନ ଋଷିଙ୍କର କନ୍ୟା ଭାବେ ନାମ ତବ କାତ୍ୟାୟନୀ ।
ଅଧର୍ମ ଉପରେ ଧର୍ମର ଜୟ ମା' ତୁମେ ଅଟ ମହାଗୌରୀ
ସତ୍ୟ ଓ ନ୍ୟାୟର ପ୍ରତିଷ୍ଠା ପାଇଁ ଯେ ତୁମର ପ୍ରଚେଷ୍ଟା ଜାରି ।
କରୁଣା ସାଗର ବୋହି ଯାଉ ମାଆ ଜଗତରୁ ଦୁଃଖ ଦୂର କର
ସୁଖ ଶାନ୍ତି ମୈତ୍ରୀ ଖେଳିଯାଉ ମାଆ, ଏତିକି ମାଗୁଣି ଅଟେ ମୋର ।

ପି.ଏମ୍ .ଏକାଡେମୀ , କଟକ
ମୋ : ୭୦୦୮୭୫୪୩୨୫

ପାର୍ବଣ ମହିମା

ପୁଷ୍ପାଞ୍ଜଳି ପଣ୍ଡା



ପାର୍ବଣ ରେ ପୁଲକିତ ଶରତ ର ନ୍ୟ ଭାବରସ
ବିଭୋର ପଣରେ ପୃଥ୍ୱୀ ଆଚ୍ଛାଦିତ ଦିବ୍ୟତା ର ବାସ ।
ଦୁର୍ଗତି ନାଶିନୀ ଦୁର୍ଗା ଶକ୍ତିମୟୀ ମାଆ ମହାମାୟା
ଅବତରୀ ଆସୁଛନ୍ତି ମରତକୁ ଋତୁ ଶାରଦୀୟା।।।

କଇଁ ଫୁଲ, କାଶତଣ୍ଡୀ, ଗଙ୍ଗ ଶିଉଳୀ ରେ
ସଜାହୋଇ ଚଉଦିଗ ଚମକୁଛି ମାତୃ ସ୍ୱାଗତରେ ।
ଦୁସ୍ଥ, କାକୁସ୍ଥ ପଣରେ ଘେରିଅଛି ମାୟାର ଜଡତା
ତ୍ରିତାପେ ତାତିପ ଜୀବ ଶକ୍ତିହୀନ ଦେଖ ଜଗନ୍ମାତା ।

ଅଦେଖା ଆୟୁଷ ଗାରେ ଅସହାୟ ନିଃସ୍ୱ ଦୁର୍ବଳ
ତଥାପି ସାଉଁଟେ ବସି ଆଶୁମାରୀ ଆଶୀର୍ବାଦ ଫଳା।
ମା ଗୋ ତବ ଆଗମନେ ମରତରେ ସରଗ ସୁଷମା
ଦୁର୍ଗା ନାମ ଗୁଞ୍ଜରିତ ଚଉଦିଗେ ପାର୍ବଣ ମହିମା।।।

ମହାସନ୍ଧି ମହା ସଂଯୋଗ ର ବେଳ ଏବେ ଉପସ୍ଥିତ
ମାତୃ କରୁଣାରେ ଜଡରେ ଚେତନା ପ୍ରଜ୍ଞା ହେବ ଉଦ୍ଭାସିତ।

ଜିଲ୍ଲା ପରିଷଦ
କେନ୍ଦ୍ରାପଡ଼ା
ମୋ. ୯୮୬୧୪ ୫୭୫୬୩

ଦୁର୍ଗତି ନାଶିନୀ ମହିଷା ମର୍ଦ୍ଦିନୀ ....

ପ୍ରମୋଦ ରାୟ



ଦୁର୍ଗତି ନାଶିନୀ ମହିଷା ମର୍ଦ୍ଦିନୀ ମା' ତୁ ମମତାମୟୀ
ଆଜି ତୋର ଭକ୍ତ ଡାକୁଛି ଆତୁରେ ଦେଖା ଦେ' କରୁଣାମୟୀ
କୋଟିଏ ମହିଷା ଆଜି ରକ୍ତମୁଖା ସମାଜକୁ ଦିଏ ଦଳି
ହିଂସା କ୍ରୁରତାର ଶୁଭୁଛି ହୁଂକାର କେ ପାରିବ ତାକୁ କଳି
ଥରୁଟିଏ ଆ' ଶୁଭୁ ମୁଖେ ଆହାଃ ତୁ ପରା ପ୍ରେରଣାଦାୟୀ,
ଦୁର୍ଗତି ନାଶିନୀ ମହିଷା ମର୍ଦ୍ଦିନୀ ମା' ତୁ ମମତାମୟୀ
ଆଜି ତୋର ଭକ୍ତ ଡାକୁଛି ଆତୁରେ ଦେଖା ଦେ' କରୁଣାମୟୀ ॥

ଗୋଟିଏ ମହିଷା ସଂହାରିଥିଲୁ ତୁ ଦେବତା ପାଇଲେ ରାହା
ଏ ବିଶ୍ୱ ବ୍ରହ୍ମାଣ୍ଡ ଆଶ୍ୱାସନା ପାଇ କରିଥିଲା ବାହା ବାହା
ଆଜି ପରା ଆମ ହୃଦୟରେ ଭରା ଭେଦ ଭାବନାର ଛାଇ
ଦୁର୍ଗତି ନାଶିନୀ ମହିଷା ମର୍ଦ୍ଦିନୀ ମା' ତୁ ମମତାମୟୀ
ଆଜି ତୋର ଭକ୍ତ ଡାକୁଛି ଆତୁରେ ଦେଖା ଦେ' କରୁଣାମୟୀ ॥

କେତେ ଯେ ଦୁହିତା ହୁଏ ମା' ଧର୍ଷିତା ତୋ ପଣତ ଉହାଡରେ
ଧରି ରୁଦ୍ର ରୂପ ଦେଖା ତୋ ପ୍ରକୋପ ଉଡୁ ବାନା ତ୍ରିଭୁବନରେ
ଆ' ଥରେ ମା' ଏହି ଧରାଧାମେ ତୁ ପରା କୃପାମୟୀ
ଦୁର୍ଗତି ନାଶିନୀ ମହିଷା ମର୍ଦ୍ଦିନୀ ମା' ତୁ ମମତାମୟୀ
ଆଜି ତୋର ଭକ୍ତ ଡାକୁଛି ଆତୁରେ ଦେଖା ଦେ' କରୁଣାମୟୀ ॥

'କନ୍ୟା ଏଠି ରତ୍ନ, କର ତାକୁ ଯତ୍ନ' 'ନାରା ସିନା ପ୍ରକମ୍ପିତ'
ଶହ ଶହ ଭ୍ରୂଣ କରେ ଯେ ହନନ ସୁନା ପୁଅ ଏଠି ସତ
କରୁଛୁ କାମନା କର ବାରେ ଘେନା ତୁ ପରା ଜୀବନଦାୟୀ
ଦୁର୍ଗତି ନାଶିନୀ ମହିଷା ମର୍ଦ୍ଦିନୀ ମା' ତୁ ମମତାମୟୀ
ଆଜି ତୋର ଭକ୍ତ ଡାକୁଛି ଆତୁରେ ଦେଖା ଦେ' କରୁଣାମୟୀ ॥

ଆଜି ବଡ ଥାଟେ କେତେ ଯେ ମଣ୍ଡପେ ତୁ ସିନା ପାଉ ଶୋଭା
ତୋ ପୂଜା ପାର୍ବଣେ ଉଦଣ୍ଡ କୀର୍ତନେ ହୁଏ ମିଛ ମନୋଲୋଭା
ଖୋଲି ଜ୍ଞାନଚକ୍ଷୁ ଏ ଅନ୍ଧ ମାନବେ ଦେ ଭକ୍ତି ଶକ୍ତିମୟୀ
ଦୁର୍ଗତି ନାଶିନୀ ମହିଷା ମର୍ଦ୍ଦିନୀ ମା' ତୁ ମମତାମୟୀ
ଆଜି ତୋର ଭକ୍ତ ଡାକୁଛି ଆତୁରେ ଦେଖା ଦେ' କରୁଣାମୟୀ ॥

ତୁ ସମର୍ପିତ ଚିର ବନ୍ଦିତ ସଂସାରର ରକ୍ଷା ଲାଗି
ରାବଣରାଜର ଶାସନରେ ଆଜି ରାମ ରାଜ୍ୟ ପଡେ ଭାଙ୍ଗି
ଡାକଇ ଦୁର୍ମୁଖ ମାନ ଆମ ରଖ ତୁ ପରା ବରଦାୟୀ
ଦୁର୍ଗତି ନାଶିନୀ ମହିଷା ମର୍ଦ୍ଦିନୀ ମା' ତୁ ମମତାମୟୀ
ଆଜି ତୋର ଭକ୍ତ ଡାକୁଛି ଆତୁରେ ଦେଖା ଦେ' କରୁଣାମୟୀ ॥

ତୋ ଆଶିଷ ପାଇଁ ଅଛୁ ଆମେ ଚାହିଁ ବରଷକେ ଆସୁ ଥରେ
ବାଣ ଟମକରେ ମେଦିନୀ ଫଟାଇ ମେଲାଣି ନେଉ ତୁ ମା' ରେ
ତେବେ ବି ବନ୍ଦିତ ଯୁଗେ ଯୁଗେ ଖ୍ୟାତ ତୁ ପରା ବିଶ୍ୱ ଜୟୀ
ଦୁର୍ଗତି ନାଶିନୀ ମହିଷା ମର୍ଦ୍ଦିନୀ ମା' ତୁ ମମତାମୟୀ
ଆଜି ତୋର ଭକ୍ତ ଡାକୁଛି ଆତୁରେ ଦେଖା ଦେ କରୁଣାମୟୀ । ୦ଷ

କଂସ ରୂପି ଏଇ ମାନବଟା ଆଜି ଭୁଲିଛି ତା ପୂର୍ବ ରୂପ
ଅମୃତ ସନ୍ତାନ ସେ ଯେ ପରିପୂର୍ଣ୍ଣ ଦେଖାଏ ନକଲି ରୂପ
ଦେଖା ତୋର ମାୟା ହେ ସର୍ବଂ ସହା ତୁ ପରା ଜୀବନ ଦାୟୀ
ଦୁର୍ଗତି ନାଶିନୀ ମହିଷା ମର୍ଦ୍ଦିନୀ ମା' ତୁ ମମତାମୟୀ
ଆଜି ତୋର ଭକ୍ତ ଡାକୁଛି ଆତୁରେ ଦେଖା ଦେ କରୁଣାମୟୀ ।

"ପୂର୍ବାଶା", ସାମରାଇପୁର, ଭଦ୍ରକ
ମୋ. ନଂ- ୯୪୩୭୦୬୦୧୭୪

ପାର୍ବଣର ଋତୁ ଶରତ

ରମାକାନ୍ତ ପାଳ



ବରଷା ଋତୁର ତୁହାତୁହା ବର୍ଷା ଘଡ଼ଘଡ଼ିର ଶବଦ
ସ୍ୱାଭାବିକ ହୋଇଥାଏ ଜଳବାୟୁ ଧରଣୀର ଶାନ୍ତଭାବ ।
ଆସଇ ଶରତ ପାର୍ବଣର ଋତୁ ଦେବାଦେବୀ ଅବତରୀ
ଧରଣୀର ଶୋଭା ଶାନ୍ତି ସମୃଦ୍ଧି ଉତ୍ସାହ ଦିଅନ୍ତି ଭରି ।
କି ସୁନ୍ଦର ଦିଶେ ମଣ୍ଡପେ ତୋରଣ ନମନୀୟ ମାଟିମୂର୍ତ୍ତି
ନାଲିଆ, ନେଳିଆ ବିଜୁଳି ଆଲୋକ ସୂକ୍ଷ୍ମକାରିଗରୀ କୃତୀ ।
ଗାଆଁରେ ଗାଆଁରେ ନଗର ବାସରେ ପିଲାଠାରୁ ବୁଢ଼ା ଖୁସି
ନବବସ୍ତ୍ରେ ନବଯୁବକ ଯୁବତୀ ଆନନ୍ଦ ମନାନ୍ତି ମିଶି ।
ମହୁରୀ ତାନରେ ଢୋଲର ଶବଦ ପୂଜାପର ଦୁଲୁକଇ
ଶୁଣାଯାଏ ଚଣ୍ଡି ବେଦମନ୍ତ୍ର ଧ୍ୱନି ଭକ୍ତିଭାବ ଉଠେ ଚେଇଁ ।
ଜାଳିଦେଇଥାନ୍ତି ଭକ୍ତ ଧୂପଦୀପ ଯୋଡ଼ି ଦେଇ ଦୁଇ କର
ଦେବତା ଦେବୀଙ୍କୁ ବନ୍ଦନା କରନ୍ତି ଶୁଭ ମନାସି ମନର ।
ନବଭୂଷଣରେ ଭୂଷିତ ହୋଇଣ ଘରର ଘରଣୀମାନେ
ସ୍ୱଚ୍ଛ କରି ଘରେ ଝୋଟି ଆଉ ଚିତା ପକାନ୍ତି ଅତି ଯତନେ ।
ସ୍ୱଚ୍ଛଦିଶଇ ପୋଖରୀର ଜଳ ନଦନଦୀ ଜଳଧାର
ଶରତ ଋତୁରେ ସ୍ୱଚ୍ଛ ଦିଶଇ କିରଣ ଜହ୍ନ ମାମୁଁର ।
ଦୂର ନଈ କୂଳେ କାଶତଣ୍ଡି ଫୁଲ ପବନେ ଦୋହଲୁ ଥାଏ
ନାନା ଜାତି ଫୁଲ ବନେ ଉପବନେ ଫୁଟିବାସ ମହକାଏ ।
ନୀଳ ଗଗନରେ ଧବଳ ବଉଦ ଭାସମାନ ପବନରେ
ଧାନ୍ୟକ୍ଷେତରେ ସବୁଜିମା ପତ୍ର ଲହଡି ମନକୁ ହରେ ।
ପୂର୍ଣ୍ଣ ପୁଷ୍କରିଣୀ ପଦ୍ମର ସମ୍ଭାର କୋଟି ଲାବଣ୍ୟ ପସରା
ଭ୍ରମର ଗୁଞ୍ଜନ କେତେ ସୁମଧୁର ଆହାକି ସୁନ୍ଦର ଧରା ।
ଭେଦାଭେଦ ଭୁଲି ଆସ ଏକହୋଇ ପାଳିବା ସକଳ ପର୍ବ
ଭାଇଭାଇ ଆମେ ଗୋଟିଏ ମାଆର ଭାଇଚାରା ଦୃଢ ହେବ ।

ସା : ପଦ୍ମପୁର, ଗଞ୍ଜେଇବାଡ଼ି, ଭଦ୍ରକ
ମୋ : ୯୪୩୯୧୮୮୫୧୧

ଦଶଭୂଜା ମା ଆସିଛି

ଶଶିକାନ୍ତ ବେହେରା



ନଦୀପଠା ଧାରେ ଗହୀର ପାଟରେ କାଶତଣ୍ଡି ଫୁଲ ଫୁଟିଛି ।
ତଡାଗ ସଲିଳେ କୁମୁଦୁନୀ କଢି ପାଖୁଡା ଓଢଣୀ ଖୋଜୁଛି,
ସଜସ୍ନାନସିକ୍ତା ନିହାର ମୁକୁତା ଝଲମଲ ଶୋଭା ପାଉଛି ।
ଦଶଭୁଜା ମା' ଆସିଛି...।୧।

ଅଙ୍ଗରାଗ ମାଖି ଜହ୍ନିଫୁଲ ଗୋରୀ ସଜ୍ଜାରେ କନିଆଁ ସାଜିଛି,
ଲାଜକୁଳୀ ଗଙ୍ଗଶିଉଳି ସକାଳେ ସରମରେ ଝୁଲି ଝରୁଛି ।
ବଉଦ ସାଥିରେ ଅଷ୍ଟମୀର ଜହ୍ନ ଲୁଚକାଳି ଖେଳ ଖେଳୁଛି,
ଶ୍ୟାମଳିମା ଭରା ଶସ୍ୟ କେଦାରରେ ଧାନକେଣ୍ଡା ଦୋଳି ଝୁଲୁଛି ।
ଦଶଭୁଜା ମା' ଆସିଛି...।୨।

ନଦୀ ପୁଷ୍କରିଣୀ ନିର୍ଝରିଣୀ ଜଳ ସ୍ୱଚ୍ଛ ନିରିମଳ ଦିଶୁଛି,
ବଣବୁଦା ମୂଳେ ଡାହୁକଟା ରହି ଆବାହନୀ ଗୀତ ଗାଉଛି ।
ଭଳିଭଳି ରଙ୍ଗେ କାରୁକାର୍ଯ୍ୟ ଭରା ସୁଉଚ୍ଚ ତୋରଣ ସାଜିଛି,
ଗାଆଁରୁ ସହର ରଙ୍ଗିନ୍ ଆଲୋକ ଝଲମଲ ଶୋଭା ପାଉଛି ।
ଦଶଭୁଜା ମା' ଆସିଛି...।୩।

ମଣ୍ଡପରେ ମା' ମୃଣ୍ମୟୀ ମୂର୍ତ୍ତିରେ କେଡେ ମନଲୋଭା ଦିଶୁଛି,
ସିଂହ ବାହାନରେ ତ୍ରିଶୂଳ ମୂନରେ ମହିଷାକୁ ବଦ୍ଧ କରୁଛି ।
ପୁରୋହିତ ମନ୍ତ୍ର ଚଣ୍ଡିପାଠ ସ୍ତୋତ୍ର ପୂଜା ଆରାଧନା ହେଉଛି,
ଘଣ୍ଟଘଣ୍ଟା ଖୋଳ କାହାଳୀ ଶବଦ ଶଙ୍ଖ ହୁଳହୁଳି ପଡୁଛି ।
ଦଶଭୁଜା ମା' ଆସିଛି...।୪।

ଚନ୍ଦନ କର୍ପୂର ଧୂପଦୀପ ଫୁଲେ ଫଳମୂଳେ ଡାଲା ଭରିଛି,
ଭକତି ଅନ୍ତରେ ଦରଶନ ପାଇଁ ଭକତ ଆକୁଳେ ଧାଉଁଛି ।
ଦୁଷ୍ଟବିନାଶିନୀ ଶଙ୍କଟ ହାରିଣୀ ଆଶିଷ ବରଷି ଦେଉଛି,
ଦୁଃଖ ହରିନେଇ ଭକ୍ତଜନଙ୍କର ସୁଖର ପସରା ଭରୁଛି ।
ଦଶଭୁଜା ମା' ଆସିଛି...।୫।

ଗ୍ରା.ପ-ନୀର୍ବାହୀ ଅଧିକାରୀ(ସେବାନିବୃତ)
ପରମାନନ୍ଦପୁର, ବାହାବଳପୁର, ତିହିଡି, ଭଦ୍ରକ
ମୋ. ୮୨୬୦୮୩୫୨୦୫

"ଶକ୍ତିମୟୀ "ମା"

ସଞ୍ଜୁକ୍ତା ଶରଣ



ଶରତ ଆସିଲେ
ତୁମ ସ୍ମୃତି ରୋମନ୍ଥନ କରେ
ପାର୍ବଣ ଋତୁକୁ ଅପେକ୍ଷାକରେ
ସମ୍ପର୍କର ଯୋଗସୂତ୍ର ଖୋଜେ
ବାରମ୍ବାର ମନେପଡ଼େ
ତୁମ ଆଗମନୀ ବାର୍ତ୍ତା
କାଶତଣ୍ଡି ପ୍ରଚାର କରେ
ପୋଖରୀ ତୁଠରେ, ନଈଘାଟ
ଶ୍ୟାମଳ କ୍ଷେତରେ ।

ମାତା ମହାମାୟା ଶକ୍ତି ସ୍ୱରୂପିଣୀ
ଦୁର୍ଗା, ଲକ୍ଷୀ, କାଳୀ ଦୁଷ୍ଟନାଶିନୀ
କ୍ଷୁଧା ତୃଷା ସୁଖଶାନ୍ତି ପ୍ରଦାୟିନୀ
ଅନ୍ନଦାତ୍ରୀ ଅନ୍ନପୂର୍ଣ୍ଣା
ଅଭୟଦାୟିନୀ ।

ତୋ ନାମର ଜୟ ଜୟ କାରେ
ଫାଟି ପଡ଼େ ଅନନ୍ତ ଅଙ୍ଗନ
ମା' ଅନେକ ପ୍ରଶ୍ନ, ଯୋଡ଼ହସ୍ତେ
କରୁଛି ଆହ୍ୱାନ,
ଦେଖାଇ ଦେ ତୋର ଶକ୍ତି ।

ଅନେକ ଅସମାହିତ ପ୍ରଶ୍ନର
ହେବ ସମାଧାନ ।

ଢେଙ୍କାନାଳ
ମୋ : ୯୮୬୧୦୬୧୭୩୫

ଦେବୀ ମା'

ସଂଯୁକ୍ତା ବଳ



ପାର୍ବତୀ ମନ୍ଦିରେ କହିଲି ମା'ଙ୍କୁ
ଆସ ମୋ ଘରକୁ ଥରେ,
ଦେଖିଯିବ ତମେ କେମିତି ଜିଇଛି
ସ୍ୱପ୍ନ ଭାଙ୍ଗିଗଲା ପରେ ।

ବେଶି ପ୍ରଜ୍ୱଳିତ ମୁହଁରେ ଆଲୋକ
ହସୁଥିଲେ ନିରବରେ,
କହୁଥିଲେ ମୋତେ, ତୋ ମା' ରୂପରେ
ଅଛି ମୁଁ ତୋହରି ଘରେ ।

ରହି ପାରିବିନି ସବୁ ଘରେ ବୋଲି
ମୋ ଅଂଶ ଦେଇ ମା' ଗଢ଼ିଛି,
ପଣତଟା ସାରା ସ୍ନେହର ଅତର
ନିଜ ହାତେ ଛିଞ୍ଚି ଦେଇଛି ।

ଘରେ ପହିଲି ବୋଉକୁ ଦେଖିଲି
ମିଶୁଥିଲା ସେହି ମୁହଁ,
ତା ଝରିପାଖରେ ଝୁଣା ଧୂପଗନ୍ଧ
ବାସୁଥିଲା ମହ ମହ ।

ମୋ ଅଜାଣତେ ତା' ଦୁଇ ପାଦରେ
ମୁଣ୍ଡ ମୋର ନଇଁ ଯାଇଛି,
ନାଲି ମନ୍ଦାରର ନରମ ଶେଯଟେ
ଆପେ ଗଢ଼ି ହୋଇ ଯାଇଛି ।

ଥରିଲା ହାତଟା ମୁଣ୍ଡ ଉପରେ ମୋ
କେତେ ଆଶୀର୍ବାଦ ଢାଳୁଥିଲା,
ଜୀବନରେ ମୋର ଭଙ୍ଗା ସ୍ୱପ୍ନକୁ
ସେ ସ୍ୱର୍ଗ ଯୋଡ଼ି ଦେଉଥିଲା ।

ବୁଝିବାକୁ ଆଉ ବାକି ତ ନଥିଲା
ବୋଉ ଅଦ୍ୱିତୀୟ ଈଶ୍ୱରୀ,
ଖୋଜି ବୁଲୁଛି ମୁଁ ମନ୍ଦିରଟା ସାରା
ଫୁଲ, ଦୀପ ଧୂପ ଧରି ।

ଏହି ଜୀବନକୁ ଉପହାର ମୋତେ
ପାରିଛି ଯିଏ ତ ଦେଇ,
ମନ୍ଦିର ଦେବୀ ଠୁ ନିଶ୍ଚୟ ସେ ବଡ଼
ମନ୍ତ୍ର ତା ପାଇଁ ନାହିଁ ।

ଆଜି ମୁଁ ଡରୁଛି ସେହି ଦେବୀକୁ
ପାରୁନି ସେ ପାଦ ଧରି,
ତା' ଋଣ ଭାର ଏତେ ଯେ ଅଧିକ
ଋପି ହୋଇଯିବି ବୋଲି ।

ନିରବେ କହୁଛି ତୁ ମୋ ପାର୍ବତୀ
ତୁ ମୋ ଗୌରୀ ଦୁର୍ଗା,
ତୁ ସାରା ସୃଷ୍ଟି ପବିତ୍ର ଗାୟତ୍ରୀ
ସୃଷ୍ଟିର ପ୍ରଥମ ପୂଜା ।

ରାନ୍ଦିଆ, ଭଦ୍ରକ
ମୋ. ୯୬୯୨୪୬୧୫୨୪

ଜୟ ଦେବୀ ମା' ଦୁର୍ଗା

ବେଣୁଧର ସେଠ୍




ଶରତ କାଳ ନିର୍ମଳ ଆକାଶ
ମଝିରେ ମଝିରେ ମାଳମାଳ ଜଳଦ
ନଦୀ ଧାରେ ମେଞ୍ଚ ମେଞ୍ଚା
କାଶତଣ୍ଡି ଗୁଚ୍ଛର ସମ୍ଭାର,
ବଗୁଲିଟି ଉଡ଼ି ବୁଲେ ପଂଖଝାଡ଼ି
ଚହଲା ପାଣି ଉପରେ
ଭଅଁରଟି ବସିପଡ଼େ ମଧୁର ସନ୍ଧାନେ
କଅଁଳିଆ ଫୁଲର ସୁଗନ୍ଧରେ
ଭଁ ଭଁ ଶବ୍ଦରେ କହେ ନିଜର ଭାଷା
ପରିବେଶ ବେଶ ସ୍ୱଚ୍ଛ ପସରା,
ଆହା ! ପାର୍ବଣର ସ୍ପର୍ଶ, ମା'ଙ୍କର
ଧରାପୃଷ୍ଠେ ଆବିର୍ଭାବ ମା' ତାରାଣୀ ରୂପେ
ମା' ଦୁର୍ଗା କରୁଣାମୟୀ, ଦେହରେ
ସୁନେଲି ରଙ୍ଗର ଚାଦର ଓଡ଼ଣୀ ॥
କି ସୁନ୍ଦର ଦିଶଇ ତାଙ୍କ ରୂପ
ସାକ୍ଷାତ ଜଗତ ଜନନୀ ଦୁର୍ଗତୀନାଶିନୀ
ମା' ନାରୀ ନୁହଁ ଦେବୀ, ମହାମାୟ,
ଭକ୍ତ ଏ ସମାଜର ଶତ୍ରୁକୁ ବିନାଶ ପାଇଁ
ତମକୁ ଆବାହନ କରନ୍ତି ନିଜକୁ
ସର୍ମପିତ କରି ତୁମ ଚରଣେ ମା
ଫଳ ପୁଷ୍ପ ଚାଙ୍ଗୁଡ଼ି ଧରି ॥
କିଏ ନ ଜାଣେ ମା' ତୁମ ଆଗମନରେ
ଏ ମର୍ତ୍ତ୍ୟ ପୃଷ୍ଠେ ଆଜି କି ଆନନ୍ଦ
ଉଲ୍ଲାସ ଫାଟି ପଡୁଛି,
ସମସ୍ତଙ୍କ ମନରେ ତୁମେ ଆଦ୍ୟାଶକ୍ତି
ପ୍ରେମମୟୀ ସଂକଟ ତାରିଣୀ ମା',
ତୁମର ଆବିର୍ଭାବ ଏକ ବିଚିତ୍ର ବର୍ଣ୍ଣ
ଲୀଳାର ରହସ୍ୟ ଶରତ କାଳେ
ମା' ଦୁର୍ଗା ବସନ୍ତ କାଳେ ବାସନ୍ତୀ

ପୂଜାର ନିୟମ ଏ ସମାଜ ଦ୍ୱାରା ରହିଚି ॥
ତୁମର ନାମରେ ବି ଭିନ୍ନ ରୂପ
ଗୌରୀ, ଶଚି, ପଦ୍ମା, ବିଜୟା, ଜୟା
ଆହୁରି ଅନେକ ତା' କେବେ ଲୁଚି
ରହିବ ନି ତା ପୁରାଣରେ ବର୍ଣ୍ଣିତ ॥
ତୁମେ ଯେ' ଜଗତ ଜନଙ୍କୁ
ଅଭୟ, ଯଶ, ଜ୍ଞାନ, ସଂପଦ, ଶକ୍ତି
ପ୍ରଦାନ କରି ସନ୍ତୁଷ୍ଟ କରିଥାଅ ମା'
ସେଥିପାଇଁ ନବରାତ୍ରି ପୂଜାର
ବେଶି ଗୁରୁତ୍ୱ ॥
ରାମାୟଣରେ ରାମଚନ୍ଦ୍ର, ମହାଭାରତରେ
ଯୁଧିଷ୍ଠିର, ତୁମର ସ୍ମରଣେ ଆଶୀର୍ବାଦ
ପାଇ ଯୁଦ୍ଧକୁ ଅଗ୍ରସର ହେଇ ଥିଲେ,
ତାହା କେତେ ଯେ ସାଫଲ୍ୟ ମଣ୍ଡିତ ॥
ଶେଷରେ ଏ ଶାରଦୀୟ ଦିବସରେ
ଏ ସମାଜରେ ଅସୁର ଶକ୍ତିର ବିନାଶ
ଧର୍ମର ଜୟ, ପ୍ରତିଷ୍ଠା ହେଉ
ଆଶା ନେଇ ସବୁ ବର୍ଷ ତମକୁ
ଆରାଧ୍ୟ ଦେବୀ ରୂପେ ପୂଜାର ସୃଷ୍ଟି ॥
ଆଜିର ଅମୃତ ବେଳାରେ
ମା ! ତୁମ ପାଦ ତଳେ
ନିଜକୁ ସମର୍ପଣ କରୁଛୁ । ବୁଣିଦିଅ
ତବ ଆଶୀର୍ବାଦର ମୁରୁଜ' ଏ ଧରା ପୃଷ୍ଠରେ ।
ଆସ ଭାଇ ଏକ ମନ ହେଇ
ମା'ଙ୍କ ସ୍ତୁତି ଗାନ କରିବା ।
ଏଇ ଶାରଦୀୟ ପୂଜାରେ
ଦୁର୍ଗାଙ୍କ ଶରଣାପନ୍ନ ଆମର ଏକାନ୍ତ କାମ୍ୟ
ଜୟ ଦେବୀ ମା' ଦୁର୍ଗା ।

(ଅବସରପ୍ରାପ୍ତ ଶିକ୍ଷକ କେନ୍ଦ୍ରୀୟ ବିଦ୍ୟାଳୟ)
କୁଆଁସ, ଭଦ୍ରକ
ମୋ. ୯୯୩୭୪୨୦୮୬୯

ଭାରତର ହାତ

ଶ୍ରୀକାନ୍ତ ଜେନା



ତମେ କି ପାରନା ଦେଖି ଗାଜା ପଟ୍ଟି,
ୟୁକ୍ରେନର ପାଉଁଶ ତଳର ନିଆଁ
ଦିକ୍ ଦିକ୍ ନିରବରେ ଜଳୁଛି କେମିତି ?
ସେ' ଆଡେ ବୁଲେଇ ମୁହଁ
କାନଡ଼େରି ପାରନାକି ଶୁଣି ? ?
ଗଣତନ୍ତ୍ରର ଯଉଘରେ
କେଉଁମିତି ଆକାଶେ କୁଣ୍ଡଳି କାଟି
ଉଠୁଅଛି ଧୂଆଁ କୁହୁଳି କୁହୁଳି !
ସେ ନିଆଁ ନିଭେଇବାକୁ
ସାତ ସାଗରର ପାଣି ପଡ଼ିବ ନିଅଣ୍ଟ ।
ସେ ନିଆଁର ଲେଲିହାନ ଚୋଟେ
ଆଜି ବିଶ୍ୱବାସୀ ଅନ୍ତରାତ୍ମା ହୁଏ ଛଟପଟ ।
କେବେଠାରୁ ନେଲେଣି ବିଦାୟ
ଲୁମ୍ବିନୀର ରାଜପୁତ୍ର
କେବେଠୁଁ ଗଲେଣି ଗାନ୍ଧି,
ଗୋପବନ୍ଧୁ ସବୁ ଦିବଂଗତ !
ତଥାପି ସେ ସ୍ମୃତିରେ ଜୀବନ୍ତ !
ଭାରତାତ୍ମା ଚିନ୍ତା ଚେତନାରେ
ଆଜି ବି ସେ ସଦା ପ୍ରାଣବନ୍ତ ! !
ଛ'ଶ ପଚାଶ କୋଟି ମଣିଷଙ୍କ
ଥଇଥାନ ପାଇଁ ବିଶ୍ୱଶାନ୍ତି ଲାଗି
କାହାର ନାହିଁ ଦକ ତିଳେ ଅନୁଚିନ୍ତା ।
ଲୁଣ୍ଠନ ଓ ସାମ୍ରାଜ୍ୟ ବିସ୍ତାରେ
ସବୁଆଜି ମତ ନରହନ୍ତା ।
ପୃଥିବୀ ପୃଷ୍ଠରେ-
ଛ'ଶ ପଚାଶ କୋଟି ହାତ ଆଜି
ନିଷ୍ପନ୍ଦ ଅଚଳ ।

କାହାରି ଗୋଟିଏ ହାତ
ଲମ୍ବିଯାଇ ପାରିଲାନି
ଶୀତଳେଇ ଦେବାପାଇଁ ୟୁକ୍ରେନ ରଣାଙ୍ଗନେ
ସେ' ପୋଡ଼ା ମାଟିର ଦଗ୍ଧିଭୂତ ସହସ୍ର କଙ୍କାଳ
କୋଟିକରେ ଗୋଟିଏ ଥିଲା ସେ' ହାତ.....
ଭାରତର ଯେଉଁ ହାତ
ହାହତୋସ୍ଫି ୟେଲେନସ୍କିର କାନ୍ଧପରେ ଥାଇ
ବିଶ୍ୱରେ ଛଳନା ମୁଖୋଟା ପିନ୍ଧା ରାଷ୍ଟ୍ରଧ୍ୟକ୍ଷଙ୍କୁ
ହେଉଥିଲା ନିରବେ ଖଣ୍ଡେଇ !!
ଗଭୀର ସମବେଦନାର ଭରସାର
ସେ କୋମଳ ହାତର ପରଶ
ସାରା ବିଶ୍ୱ ହୋଇଛି ଚକିତ !
ଧନ୍ୟ ସେ' ଭାରତାତ୍ମା ସାରା ବିଶ୍ୱ ଗର୍ବ ଓ ଗୌରବ
ଧନ୍ୟ ସେଇ ଶତାବ୍ଦୀ ପୁରୁଷ ଧରିତ୍ରୀକୁ ଧ୍ୱଂସ ମୁଖରୁ
ରକ୍ଷା କରିବା ଲାଗି ଯେ' ବଚନବଦ୍ଧ !!
ସେ' ହାତ କଥାର ନୁହେଁ,
ସେ' ହାତ କାମର !
ସିଏ ଏକ ଝଡ଼ର ଇଗଲ !
ସପ୍ତସିନ୍ଧୁ ପାରି ହୋଇ ଉଡ଼ି ଉଡ଼ି ସହସ୍ର ମାଇଲ
ବିଦେଶୀ ଭୂଇଁରେ ସିଏ ସୃଜିପାରେ ଘଡ଼ିକେ କମାଲ୍ !!

ବି.ଦ୍ର.: *ବିଗତ ୨୩.୦୮.୨୦୨୪ରିଖରେ କ୍ରିଭ୍‌ରେ ୟୁକ୍ରେନ ଯୁବ ରାଷ୍ଟ୍ରପତି ୟେଲେନସ୍କି ଭାରତର ପ୍ରଧାନମନ୍ତ୍ରୀଙ୍କୁ ହାର୍ଦ୍ଦିକ ସମ୍ବର୍ଦ୍ଧନା ପୂର୍ବକ ରାଜ ପ୍ରାସାଦକୁ ପାଛୋଟି ନେବାବେଳେ ୟେଲେନସ୍କିଙ୍କ କାନ୍ଧ ଉପରେ ହାତ ରଖି ବନ୍ଧୁତ୍ୱ ଓ ବିଶ୍ୱାସର ଯେଉଁ ମହାନ ବାର୍ତ୍ତା ବିଶ୍ୱଶାନ୍ତି ପାଇଁ ଦେଇଛନ୍ତି, ତାରି ଉପଲକ୍ଷକୁ ନେଇ ।*

'ପୁଣ୍ୟତୋୟା'
ଧରିତ୍ରୀନଗର, ଭଦ୍ରକ, ପିନ୍-୭୫୬୧୮୧
ମୋ. ୯୯୩୮୬୬୧୬୬

ତାରୁଣ୍ୟର ଆଦ୍ୟ ପାଦେ

ଜ୍ୟୋତି ପ୍ରକାଶ କର



ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱ
ମିଟି ମିଟି କରୁଥିବା
ପାଉଁଶ ତଳର ସ୍ମୃତିଟିଏ ।
ରଙ୍ଗିନ ଲଫାପାରୁ ଝରି ପଡୁଥିବା
ହସହସ ପୁରୁଣା ପ୍ରେମ ପତ୍ରଟିଏ ।
ପ୍ରଥମ ସ୍ମାରକୀ ସେ ପୁଲକିତ ପ୍ରୀତି ପତ୍ର
ପୁରୁଣା ହେଲେ ବି ସଜନୀ ସର୍ଜିଣ
ସତତ ସତେଜ ସରସତା ଭରା
ସଯତ୍ନେ ସାଇତା ସୁରକ୍ଷିତ ସ୍ଥିରଚିତ୍ରଟିଏ
ଅନନ୍ୟ ଆତ୍ମୀୟତାରେ
ପ୍ରୀତିର କମନୀୟତା,
ନିଃସଙ୍ଗତାର ଅନ୍ତର୍ଦାହ ଭିତରେ ବି
ମୁହୁର୍ମୁହୁ ମେଘ ମହ୍ଲାରର ରାଗିଣୀ ।
ଜଡ଼ୀଭୂତ ଜୀବନ୍ୟାସରେ
ନିଷ୍ପ୍ରଭ ହୁଏ ଶିଥିଳତା ନିସ୍ତେଜତା
ଗୁମୁରି ଉଠେ ସମ୍ପର୍କର ନିବିଡ଼ତା ।
ପରସ୍ତ ପରସ୍ତ ପରଶରେ
ଫୁଲି ଫୁଲି ଉଠୁଥିବା ଫୁଲ ଶର
ବଉଳିଲା ବୟସର ବାସ
ତାରୁଣ୍ୟର ଆଦ୍ୟ ପାଦର ପ୍ରୀତି ପର୍ବ
ଆତ୍ମଗତ ଆତ୍ମଲିପିର
ସ୍ମରଣୀୟ ଅବଚ୍ଛେଦଟିଏ ।
ଚାରି ଚଉତା କାଗଜରେ
ଚଅଁରି ଯାଏ ଚୋରା ଚଉପଦିର ଚମକ
ସେଇ ଚିତ୍ତ ଚିତ୍ର ଓ ଚରିତ୍ର
ଅର୍ଦ୍ଧ ଶତାବ୍ଦୀର ସ୍ପନ୍ଦନରେ
ବିଭୋର ହୁଏ, ବିମୁଗ୍ଧ ହୁଏ ।
ହସକୁରୀ ପରୀତ ଏବେ ପରିଣୀତା
ପରାୟତ୍ତ- ପରିଣତର ଫାଶରେ
କେଉଁ ଦୂର ଦିଗନ୍ତରେ ।
ମୁହଁ ଫେରେଇ ନେଇଥିବା ମନଟିର
ଅଲିଭା ଅଦେଖା ପରଶର ଶିହରଣରେ
ବେପଥୁ - ବେଦନା ବିଧୂର ବାର୍ଦ୍ଧକ୍ୟ
ଆକ୍ତାମାକ୍ତା ଆବେଶରେ ।।
ନିରନ୍ତର ଜଳି ହାରିବାର କୋହରେ
ତାରୁଣ୍ୟର ଆଦ୍ୟ ପାଦର ସେ ଆଦିମତା
ପୁରୁଣା ପ୍ରେମ ପତ୍ରର ନିଶ୍ୱାସରେ
ଉକୁଟେଇ ଉଠେ
ବୟସର ଶେଷ ପାଦରେ ।

ପ୍ଲଟ ନଂ-୪୯/ସି, ଶକ୍ତିନଗର
ଅରୁଣୋଦୟ ମାର୍କେଟ୍
ଲିଙ୍କରୋଡ଼, କଟକ-୭୫୩୦୧୨
ମୋ. ୯୪୩୮୫୩୨୪୫୭

ବୟସ ବଢିଲେ

ସୁରଞ୍ଜନ ପାତ୍ର



ବୟସ ବଢିଲେ ବୁଢ଼ା ବରଗଛ
ଅଲୋଡ଼ା ସବୁରି ପାଇଁ
କିଏ ମନେ ରଖେ ନାଉରି କି ସତେ
ପାରି ହେଲା ପରେ ନଈ।।

କିଏ ଝୁରିହୁଏ ଘନତମସାକୁ
ଯେଉଁ ଦ୍ୱୀପ ନାଶି ଥାଏ
ଶବଦାହ ପରେ ଯୂପକାଠ ଦୁଃଖ
କିଏ ସେ ପରଖେ ହାୟେ ।

ସଉଦା ସରିଲେ ନୀରବତା କୋଳେ
ସହର ପଡ଼ଇ ଶୋଇ
ବୟସ ବଢିଲେ ବୁଢ଼ା ବରଗଛ
ଅଲୋଡ଼ା ସବୁରି ପାଇଁ।।

କିଏ ମାପେ ବସି ଅତୀତ ପକ୍ଷୀର
ଦରଜକୁ କୁହ ଏଠି
ରାତି ପାହିଗଲେ ସପନ ମୁହାଣେ
ଜହ୍ନ ତ ପଡ଼ଇ ଲୋଟି ।

ବେଉଷଣପରେ କ୍ଷେତର ଜଖମ
କାହାରିକୁ ଦିଶେ ନାହିଁ
ବୟସ ବଢିଲେ ବୁଢ଼ା ବରଗଛ
ଅଲୋଡ଼ା ସବୁରି ପାଇଁ।।

ସଂପାଦକ-ନୀହାରକନ୍ୟା ସାହିତ୍ୟ ସଂସଦ
ନୂଆଗାଁ,ଶିଙ୍ଗାଖୁଣ୍ଟା,ସୋର, ବାଲେଶ୍ୱର-୭୫୬୦୪୫
ମୋ -୮୧୭୮୦୫୯୫୯

ବାପା ଏକ ବରଗଛ

ସନ୍ତୋଷିନୀ ଦାଶ



ତାଙ୍କ ଠାରୁ ଜନ୍ମ ନେଇଥିବା ସନ୍ତାନ
ଯେ କେତେବେଳେ ବଡ଼ ହେଇଯାଏ
ସତରେ ବାପାମାନେ ଜମା
ଜାଣି ପାରନ୍ତିନି..
ତାଙ୍କ ହାତ ଧରି ବାଟ ଚାଲିଥିବା
ପିଲାମାନେ ଯେତେବେଳେ
ଜୀବନର ଶେଷ ପାହାଚରେ
ହାତ ଛାଡ଼ି ଦିଅନ୍ତି ନା
ଛାତି ଭିତରଟା କୋରି
ହେଇଯାଏ ...
ଲୁହ ଆଉ ଲହୁ ଦେଇ ତିଆରି
କରିଥିବା ଘରଟିରେ
ସେମାନେ ପାଲଟି ଯାଆନ୍ତି
ଅଳିଆ, ଆବର୍ଜନା ଠାରୁ
ଆହୁରି ଅଦରକାରୀ ..
ସେଇଥିପାଇଁ ତ ସେମାନଙ୍କ
ଶେଷ ଠିକଣା ପାଲଟି ଯାଏ
ଜରାଶ୍ରମ .!
ସେ ବାପା ମାଆଙ୍କୁ ପଚାର
ସେ ଦୁଃଖ ଆଉ ହତାଶପଣ

ଯେତେବେଳେ ସବୁଥାଇ
ମଧ୍ୟ ସେମାନେ ନିଃସ୍ୱ
ବାପା ଏକ ବରଗଛ ଯିଏ
କେବଳ ଛାଇ ଦେଇ ଚାଲନ୍ତି
କେବେ କିଛି ଆଶା କି ପ୍ରାପ୍ୟ
ନ ଥାଏ ତାଙ୍କର
ବାସ, ଟିକିଏ ସ୍ନେହ ଆଦର
ପାଇଁ ତରସି ଯାଆନ୍ତି ସେମାନେ ...
ଆଜି ଯାହା ତାଙ୍କ ସହ ଘଟୁଛି
କାଲି ଆମ ସହ ଘଟିବ
ପାପ ପୁଣ୍ୟର ହିସାବ କିତାବ
ଏଇଠି ହିଁ ହେବ ...
କାରଣ ସ୍ୱର୍ଗ ଆଉ ନର୍କ
ସବୁ ଏଇଠି ।

ଗୋପାଳପୁର, ବଡ଼ପଶି, କେନ୍ଦୁଝର
ମୋ: ୬୩୭୦୫୬୦୫୫୪

ପହଲଗାମ

ଆଶୁତୋଷ କରଣ



ନିରସ୍ତ୍ର ପରିବ୍ରାଜକ ମାନଙ୍କୁ
ଆରପାରି ପଠାଇଲ
ମାଟିରେ ମିଶାଇ
କିଏ ହରାଇଲା ସ୍ୱାମୀ
କାହାର ବାତ୍ସଲ୍ୟ ହୋଇଲା ଅକାମୀ,
ଭିନେ ଭାଇ ହେଲ ବୋଲି
ସର୍ବନାସ କରି ଭିଟାମାଟି
ସ୍ୱଜନରେ ରକ୍ତ ବୁହାଇଲ,
ହୋଇହେ କେଉଁମାନେ ଜନ୍ମନେଲ
ମୂଷା ଚୁଚୁନ୍ଦ୍ରା ଅଲୋଡ଼ା ଜୀବନ
ଛାର ପୋକ ପରି ରକ୍ତ ପି
ଲୁଚିଛ ଘର କୋଣେ ଯାଇ
ବନ୍ଧୁର ବନ ପାହାଡ଼ ଘେରା
ଚାଖଣ୍ଡ ଭୂଇଁରେ ଠିଆ ରହି
ଅକସ୍ମାତ ଆକାଶେ ବହପ
କହି ହେଉନି କି ସହି ହେଉନି
ଧର୍ମ ଭୀରୁ ଅମାନିଆ ପଣ
ଜାଣିଛ ନା ନିଜ କଥା
ଭିକ୍ଷାରେ ବଞ୍ଚୁଛ ଦେଶ ମହଦେଶ,
ଛାଡ଼ ଯାଉନି ମୁହଁ ଫୁଟାଣ
କାହା ନିର୍ଦ୍ଦେଶରେ ହୋଇ ଉତ୍ସାହିତ
ସମୟର ସାୟାହରେ ଜାଣିବ
ଯେତେ କୁକର୍ମର ଫଳ
ଭୋଗା ଭୋଗ ଏତ ସୁନିଶ୍ଚିତ,
ସାବାସ ସଇତାନ ଗଣ
ସାମନାକୁ ଥରଟିଏ ଆସ
ତାନର ମାନ ଭାଙ୍ଗିବ
ଜଣେ ହେଉ ପଣେ,
ମାଟିରେ ଆଙ୍କି ଦେଇ ମୂରୁଜ
ବିଶ୍ୱାସର ବିଷ ବାତାୟନେ
କାଲି କଥା ଆଜି
ନ କହିଲେ ଭଲ,
ସୁତରାଂ ନିରସ୍ତ୍ରଙ୍କୁ
ଅସ୍ତ୍ର ଚିହ୍ନାଇଲ.....!

ବିଦ୍ୟାନ, କମାରିଆ ବଜାର,
ଚିହିଡ଼ି, ଭଦ୍ରକ
ମୋ. ୭୩୭୭୫୯୬୦୬୧

ମଲା ନଈର ଗୀତ

ଶ୍ରୀମତୀ ବସନ୍ତ ମିଶ୍ର



ଯାଇଛି ପାଲଟି ସମୟ ଖେଳରେ
ମଲା ନଈଟିଏ ମୁହିଁ
ବହେ ମନ ତଳେ ସରୁ ଧାରଟିଏ
କୁଳୁକୁଳୁ ଗୀତ ଗାଇ ।୦।

ଶିଶୁବେଳୁ ଆଜିଯାଏ ଚାଲିଛି ମୁଁ
ଅଙ୍କାବଙ୍କା ପଥ କେତେ
ଝୁଣ୍ଟିଛି ପଡିଛି ଉଠିକି ଚାଲିଛି
ହସିଛିକାନ୍ଦିଛି ଯେତେ
ଲେଖି ବସିଲେ ସେ କାହାଣୀକୁ ସବୁ
ପୁରାଣଟେ ଯିବ ହୋଇ
ଯାଇଛି ପାଲଟି ସମୟ ଖେଳରେ
ମଲା ନଈଟିଏ ମୁହିଁ ।୧।


ବୁକୁ ମଲାଟରେ ସ୍ମୃତି ଫଳକରେ
ରହିଛି ସେ ସବୁ ଗାଥା
ବେଳ ଅବେଳରେ ପଢିଲେ ତାହାକୁ
ଭିଜିଯାଏ ଆଖିପତା
ଶେଷ ଆଶା ମୋର ମିଶି ପାରନ୍ତି କି
ପରମ ସାଗରେ ଯାଇ
ଯାଇଛି ପାଲଟି ସମୟ ଖେଳରେ
ମଲା ନଈଟିଏ ମୁହିଁ ।୨।

ସମ୍ପାଦକ, 'ଆମ ବ୍ୟଙ୍ଗ ପସରା'
ମଣିସାହି, ମାଧବନଗର, ଭଦ୍ରକ
ମୋ. ୯୪୩୯୫୫୪୯୬୪

❐

ଅନୁଭବ

ରଘୁନାଥ ପାତ୍ର



ପାପ ଅନ୍ଧାରକୁ
ନା ଅନ୍ଧାରକୁ ପାପ
କିଏ କାହାକୁ କୋଳେଇ ଧରେ ? ?
ଧର୍ମ ସବୁ ଦେଖୁଥାଏ ବୋଲି
ସବୁ ଅପବିତ୍ରତାକୁ ଧରି ରଖିଥିବା
ପବିତ୍ର ଗଙ୍ଗାମାତାର ଦୁଃଖ
କିଏ ଦେଖେ ନା ବୁଝେ ?
ମୋହଗ୍ରସ୍ତ ମଣିଷମାନେ
ଅନ୍ଧ ଧୃତରାଷ୍ଟ୍ରଙ୍କ ପରି
ସମୟକୁ ଭରସା କରି
ବାଜି ଲଗାନ୍ତି ଭବିଷ୍ୟତ
କିଛି ମିଳେନି ଏଠି
ହଜିଯାଏ ଅନେକ କିଛି
ଜହ୍ନ ଆଲୁଅରେ ସକାଳର ସନ୍ଧାନରେ
ଦୋହଲି ଯାଏ ସ୍ଥିତି
ଚାଲାକିରେ ବାଟବଣା ମଣିଷ
ଅପରାହ୍ନରେ ହଜିଯାଏ
ଲମ୍ବିଥିବା ଛାଇର ବିନ୍ଦୁପରେ

କଅଁଳ ନିଦରେ ସକାଳ ଶୁଏ
ଭିଡ଼ଲାଗେ ସ୍ୱପ୍ନମାନଙ୍କର
ସତରେ କ'ଣ ନିଜର ବୋଲି କିଏ ଥାଏ ?
କିଏ ଛୁଇଁଦେଲା ପରି
ଚାଉଁକିନା ଭାଙ୍ଗିଯାଏ ନିଦ
ଆଖିସାମ୍ନାରେ ଇଏ କ'ଣ ଈଶ୍ୱର !
ପବନ କାନ ପାଖେ ଗାଉଥାଏ
ଶ୍ରୀକୃଷ୍ଣ ଗୋବିନ୍ଦ ହରେମୂରାରେ
ହେ ନାଥ ନାରାୟଣ ବାସୁଦେବ ।

ତିହିଡ଼ି, ଭଦ୍ରକ ପିନ୍ - ୭୫୬୧୩୦
ମୋ. ୮୨୪୯୫ ୦୨୧୭୫

❐

କବିର ନିଦ

ରବି କୁମାର ମହାନ୍ତି



କବି ଶୁଏ ?
ତା ଆଖି ଯୋଡ଼ିକରେ ତ ମେସୋପଟାମିଆର
ଆର୍ଦ୍ର ଶୀତଳତା
ଏକାକିନୀ କୃଷକ କନ୍ୟାର
ମୁକୁଳା ଛାତିର ଛନକା ପରି
ଛାଇ ଯାଇଥାଏ ।

ସେଠି କେମିତି
ଥାଟ ସଜେଇ ପାରିବ ନିଦ ?
ପୁଣି ଭାଦ୍ର ଆକାଶର ମେଘ ହୋଇ
ବର୍ଷି ପାରିବ
ତା ପଲକର ପୁଲକିତ
ଭିଜା ମାଟି ପରେ ?

କବିର ଆଖି,
ଚାରିବେଦ ଚଉବର୍ଗ ଫଳ ଭାରରେ ଆନତ /
ଦିଗନ୍ତର ନିର୍ଲିପ୍ତ ନୀଳିମା ପରି
ସେ ଆଖି କେଉଁ କଲମର ମୁନ,
ଏବଂ ଫଟାମାଟିର ଉଷାର ଅଗଣାରେ
ସୃଜନର ସାନ୍ନିଧ ନେଇ ସିଏ
ଚିର ଆୟୁଷ୍ମାନ୍ ।

କବି କେମିତି ଶୋଇପାରିବ କୁହ ତ ?
ସୀମାନ୍ତରୁ ଫେରି ଆସୁଥିବା ଶହୀଦର
କଫିନରେ
କେହି ମୁଣ୍ଡପିଟି କାନ୍ଦୁଥିବା ସେ ଦେଖି... ?

ଶୋଇ ପାରିବ କି ସେ ?
ଯେବେ ସାହୁକାର ବାନ୍ଧି ନେଉଥିବ
କାହା ଅର୍ଜିତ କର୍ମଫଳ, ଭିଟାମାଟି,
ଘରଡିହ ନିଲାମ ହେଉଥିବ
କେଉଁ ମାମଲତିରେ
ଗାଆଁ ନିଶାପରେ
କବି ଶୁଏକି ନା ସେ ଜାଣିଛି ।

ଜାଣିଛି ବୋଲି ବୋଧେ
ସମସ୍ତେ ଶୋଇଗଲା ପରେ
ନିଜେ ବ୍ୟାଧ ସାଜି ତୀରରେ
ନିଶାଣ ଯୋଖେ,
ଧାର ପରଖେ,
ପକ୍ଷୀ ହୋଇ ବିଳାପ କରେ,
ନହେଲେ ଉଇହୁଙ୍କା ଭିତରେ
ସମସ୍ତଙ୍କ ଅଲକ୍ଷ୍ୟରେ
ତପ ଆଚରେ

କବି
ରେବତୀର ଭଙ୍ଗା ସିଲଟରେ
ମୁଣ୍ଡୁଳା କାଟି
ବାସୁ ମାଷ୍ଟ୍ରଙ୍କ ବାଟକୁ
ଜଗି ବସିଥିବାର ଦେଖି
ବିଭୋର ହୁଏ,
ପୁଣି ନିଜେ
କୋଟି ଲାବଣ୍ୟ ନିଧିର
ନିଛୁଣା ପଲକରେ
ମାହାରା କରି
ଲୁହର ପାଣି ମଡ଼ାଏ ।

ନିଦରେ ଶୋଇଲେ କି
ସାରା ରାତି ପୁହେଇଲେ କାଉଁରିଆ କାଠି
ଜଳେଇ
କବି ବେଶ୍ ସ୍ୱପ୍ନ ଦେଖିପାରେ
ସ୍ୱପ୍ନରେ ଜୀଇଁ
ବାବନାଭୂତ ହୋଇ
ଇତିହାସର ଉଷ୍ମ ବାହୁ ବନ୍ଧନରେ
କେତେ ବାନପ୍ରସ୍ଥର
ଗପ ରଚିପାରେ
ପୁଣି
ଜଙ୍ଗଲ କାଟି, ପାହାଡ଼ ଫଟେଇ
ସାତ ସମୁଦ୍ରକୁ ଚଲୁ କରି
ନିର୍ବାଣର ମୋହରେ
କେତେ ମାଗୁଣୀର ଶଗଡ଼ ଚକ ତଳେ
ଉଦାରତାର ଗୁଳା କାଟି ପାରେ ।

କବି ଶୋଇଲେ, ବେଳଗଡ଼େ
ସଂଜ ବୁଡ଼େ
ସଭ୍ୟତାର ଭଗ୍ନ କୁଟୀରରେ
ଅଦିନିଆ ଝଡ଼ ଉଠି
ପ୍ରଳୟର ହାତ ଧରି
ଜୀବନ ବି
ଅନ୍ଧାରରେ ଆପେ ବାଟ ହୁଡ଼େ ।
କବିକୁ ନିଦ ମାଡିଲେ
ତାକୁ କବିତା ମାଡ଼େ,
କବିତାରେ କବିତାରେ
ଲବଙ୍ଗ ଦ୍ୱୀପରେ ନାଆ ଖଟେଇ
ଆକାଶରୁ ଜହ୍ନ ଆଣି
ମାଲ୍ୟାଣୀର କୁଡ଼ିଆରେ
ବସନ୍ତର ଯାଦୁ ରଚିପାରେ ।

ମାତୃନୀଡ଼
କମାରିଆ, ଭଦ୍ରକ
ମୋ :୭୦୬୪୭୭୮୨୪୭

❐

କାହା ସ୍ୱାର୍ଥରେ ପୁରୁଷ

ଦୀନବଂଧୁ ବେଜ



ବାପା ଓ ମାଆ ବରଗଛ ଛାଇ
ଅବା ଟପଟପ ପାଣି
ବନ୍ଧ ବାନ୍ଧିବାକୁ ଅବିରତ ଚେଷ୍ଟା ଚାଲେ
ତଥାପି ଚିର ସହଚର ହୋଇଥାଏ
ମରୁଡ଼ି ଅବା ବତୀକୁ ଅଟକ ଜାଣି, ଜାଣି
ସବୁ ସମତୁଲ କରିବାକୁ ଯାଇ
ବେଳେବେଳେ ଶୁଣିବାକୁ ପଡ଼େ
ପୁଅ ମୋର କାନକୁହା କଥା ଶୁଣିଲାଣି ।
ସେମିତି କର୍ତ୍ତବ୍ୟ ପାଳନପରେ ବି
ସବୁବେଳେ ଭଲ ସ୍ୱାମୀ ହେବାକୁ
ଶତ ବ୍ୟାକୁଳତା ସତ୍ତ୍ୱେ
ମନ ରଖିବାକୁ ଅବିରତ ଚେଷ୍ଟା
ବୋଲହାକ ଶୁଣା ଅବା ଉପହାର ପ୍ରଦାନ
ବିନା ପରାମର୍ଶରେ ନ ଉଠାଇବି କୁଟା
ଶୁଣିବାକୁ ପଡ଼ିଥାଏ ପୁରୁଷକୁ
ତମେ ଭଲ ସ୍ୱାମୀ ନୁହଁଇ ଗଞ୍ଜାଣା ।
ଛୋଟରୁ ବଡ଼ ହେବା ଯାଏଁ
ବଡ଼ରୁ ପ୍ରୌଢ଼ ହେବା ପର୍ଯ୍ୟନ୍ତ
ପ୍ରୌଢ଼ରୁ ବୃଦ୍ଧତ୍ୱ ଯାଏ ଭାଇଟିଏ
ଭଉଣୀକୁ ଛାଡ଼ିପାରେ ନାହିଁ ...
ବୁଟ ପୁଟୁଳା ହେଉ କି ବାଡ଼ି ବରକୋଳି
ନେଇଥାଏ ଘରୁ ଭଉଣୀ ପାଇଁ
ତଥାପି ପାନରୁ ଖସିଗଲେ ଚୁନ
ହୁଏ ଭାଇର ଭଲ ଘର ସବୁ ଛକି ଶୂନ ।
ଜୀବନକୁ ତିଳ ତିଳ କରି ଜାଳି
ମୁଣ୍ଡର ଝାଳ ହାତରେ ଛିଆଁଡ଼ି
ପିଲାଙ୍କ ଅର୍ଦ୍ଧଳୀ ପୂରଣ କରୁକରୁ
ମହମବତୀ ପରି ସରିଯାଇଥାଏ ପୁରୁଷ
ଏମିତି ବି ଶୁଣିବାକୁ ପଡ଼େ ....
ବାପା ତୁମେ ଆମ ପାଇଁ କିଛି କରି ନାହଁ
ତୁମେ ବିଲକୁଲ ନୁହେଁ ଭଲ ବାପ ।
ଭଲ କରିବା ଚେଷ୍ଟାରେ ଥାଏ ପୁରୁଷ
ଭଲ କରୁ କରୁ ନିଜ ପାଇଁ
ଭଲ ହୋଇ ଯାଇଥାଏ ଶେଷ
ସବୁ କାର୍ଯ୍ୟପରେ ହୁଏ ସେ କାକୁସ୍ଥ
ସଂସାରରୁ ବଡ଼ ପୁରସ୍କାର ପାଇ
ମନୋରଥ ହୁଏ ତାର ହୃଦୟରୁ ବିରସ ।

ସଂପାଦକ
ଜାତୀୟ କବି ଲେଖକ ସଂଗଠନ
ବାସୁଦେବପୁର, ଭଦ୍ରକ, ଓଡ଼ିଶା
ମୋ. ୭୬୮୩୯୨୦୨୨୧

ପଶାପାଲି

ପ୍ରିୟନାଥ ପାଣି



ସେଦିନର ସଞ୍ଜୟ
ସମୟର ବାତାୟନ ପାଶେ
ପୃଷ୍ଠା ଓଲଟଉଛି ମହାଭାରତର
ଦେଖୁଛି ବିଦୁରର ସତ୍ୟ ସାଧୁତା
ଧୃତରାଷ୍ଟ୍ରର ପକ୍ଷପାତିତା
ଗାନ୍ଧାରୀର ନିରୁତା ମମତା ।

ଶୁଣୁଛି ରୁଦ୍ଧଦ୍ୱାରେ ଭୂପତିତା ଦ୍ରୌପଦୀର
କେତେ ଲମ୍ବ ଲାଜ
କୋହ ମୋହର ସାନ୍ଦ୍ରତା
କ୍ରୋଧ ପ୍ରତିଶୋଧର
ଦୈର୍ଘ୍ୟ ପ୍ରସ୍ଥ ଉଚ୍ଚତା ।

ରଥି ଆଗେ ସାରଥିଙ୍କ ବିଶ୍ୱରୂପ
ଅଶ୍ୱଯୋଖା ରଥଟଣା ପଞ୍ଚଜନ୍ୟ ନାଦ
ପାପର ରାତି ପାହି
ଧର୍ମର ସକାଳ
ଇତସ୍ତତଃ ପଡିଥିବା ମୃତକମାନଙ୍କୁ
ଜୀବନ ଆଉଥରେ ଭେଟିଦେବ ସଞ୍ଜୟ
ଖୁବ୍ ଅନ୍ତରରୁ
ଖୁବ୍ ଅନୁଭବରୁ
ଖୁବ୍ ଅନୁତାପରୁ ।

ଦୁଇ ଚାରି ପାଞ୍ଚ ଛଅ
ଶକୁନିର ଡାକ
ଦୁର୍ଯ୍ୟୋଧନ ଦୁଃଶାସନର ଲଜ୍ଜାହୀନ ଲମ୍ଫ
ସବୁ ମନେ ଅଛି ସଞ୍ଜୟର
ଅନ୍ୟାୟର ପଶାପାଲି ପର୍ବ ।


ଅବଶ ଅଙ୍ଗରେ ପରାଜିତ ଆଶା ନେଇ
ସଞ୍ଜୟ ବୁଝୁଛି
ଶୂନ୍ୟ ପଶାପାଲି,
ରକ୍ତାକ୍ତ ତରବାରୀ
ଧରିବାକୁ ଯୋଦ୍ଧା କେହି ନାହିଁ ।

କଦଳିଆ, ବୈଶିଙ୍ଗା, ମୟୂରଭଞ୍ଜ
ପିନ୍ - ୭୫୭୦୨୮
ମୋ: ୯୯୩୭୧୨୫୧୫୧

❐

ଓଡ଼ିଆର ସ୍ୱାଭିମାନ

ରମାକାନ୍ତ ବେହେରା



ମର୍ଯ୍ୟାଦା ପୁରୁଷ ଅଯୋଧ୍ୟା ନରେଶ
ରାମଚନ୍ଦ୍ର ତୁମେ ତ୍ରେତୟାରେ
ପିତୃ ସତ୍ୟ ପାଳି ବନଚାରୀ ହେଲ
ସଙ୍ଗେ ଥିଲେ ଜାୟା, ସହୋଦରେ ॥

ସ୍ୱର୍ଣ୍ଣପୁରୀ ଲଙ୍କା ଛାରଖାର କରି
ମାତା ଜାନକୀଙ୍କୁ ଉଦ୍ଧାରିଲ
ସଖା ବିଭୀଷଣ ସୁଗ୍ରୀବ, ପାବନୀ
ଆଉ ଯେତେ ଧନ୍ୟ କରାଇଲ ॥

ମୟୂର ଚୁଳିଆ ବାଙ୍କ ଅଧରିଆ
ଦ୍ୱାପର ଯୁଗର ନନ୍ଦସୁତ
ବକା, ଧେନୁକାର କଳିଜା ଚିରିଲ
କଂସ ମାମୁକୁ ବି କଲ ହତ ॥

ଧର୍ମ ଯୁଦ୍ଧେ ତୁମେ ସାରଥି ସାଜିଲ
ହାତରେ ନଥିଲା ଖଣ୍ଡେ ଅସ୍ତ୍ର
କୁରୁ ସଭାସ୍ଥଳେ ପାଞ୍ଚାଳିଙ୍କୁ ତୁମେ
ଦେଇଥିଲ ପରା କୋଟି ବସ୍ତ୍ର ॥

ଏକଲି ଯୁଗରେ ପୁଣ୍ୟ ନୀଳାଚଳେ
ରତନ ବେଦୀରେ ଦାରୁଭୂତ
କୋଟି ବ୍ରହ୍ମାଣ୍ଡର ଠାକୁର ବୋଲାଅ
ଅନାଥର ନାଥ ଜଗନ୍ନାଥ ॥

ଓଡ଼ିଆ ଜାତିର ପ୍ରାଣକର୍ତ୍ତା ତୁମେ
ଓଡ଼ିଆର ପୁଣି ସ୍ୱାଭିମାନ
ଆକାଶକୁ ଛୁଇଁ ଫରଫର ଉଡ଼େ
ତୁମ ନେତ ପତିତପାବନ ।।

ବାରମାସେ ତେର ଯାତରେ ଉଚ୍ଛୁଳେ
ପ୍ରଭୁ ତୁମ ପୁଣ୍ୟ ଶଂଖ କ୍ଷେତ୍ର
ବିଶ୍ୱରେ ଚହଳ ଆଷାଢର ଶୁକ୍ଳ
ଦ୍ୱିତୀୟା ତିଥିର ରଥଯାତ ।।

ଯୋଡ଼ା ଆଷାଢରେ ନବକଳେବର
ହୋଇଥାଅ ତୁମେ ଦାରୁଦିଅଁ
ଭକତ ରଙ୍କୁଣା ଭାବ ବିନୋଦିଆ
ତୁମ ସମ ଦିଅଁ କିଏ କୁହ ।।

ତୁଣ୍ଡ ମୋର ସଦା ଜୟ ଜଗନ୍ନାଥ
ହେଉଥାଉ ପ୍ରଭୁ ଗୁଣୁ ଗୁଣୁ
ତୁମେ ଶୋଇଯାଅ ନିଘୋଡ଼ ନିଦରେ
ଶ୍ରୀଗୀତ ଗୋବିନ୍ଦ ଶୁଣୁ ଶୁଣୁ ।।

ଭଣ୍ଡାରିପୋଖରୀ, ଭଦ୍ରକ-୭୫୬୧୨୦
ମୋ. ୯୫୮୩୮୦୦୩୧୩

ଯାଆଲୋ ମାଧବୀ ଶାଶୁଘର ତୋର

ପ୍ରଶାନ୍ତ କୁମାର ଦାଶ



ମନର ମଣିଷ ବେଶି ଖୋଜିଲାଣି
ଓଠତଳେ ହସ ଚାପି
ଓଢଣା ଟାଣିତୁ ଯାଆଲୋ ମାଧବୀ
ଥିରି ଥିରି ପାଦ ଥାପି ॥

ବାପଘର ଲୋକ ହେବେ ସାତପର
ସରିତ ଯାଉଚି ଦିନ
ହୃଦୟ ଭିତରେ ପିଲାବେଳ ଛବି
ହେଇଯିବ ସ୍ମୃତିଚିହ୍ନ ॥

ପାରିବୁନି ହସି କହିପାରିବୁନି
ବଡ଼ପାଟିରେ ତୁ କଥା
ସୁନାବୋହୁ ସାଜି ସଭିଁଙ୍କ ଆଗରେ
ନୋଇଁ ଚାଲୁଥିବୁ ମଥା ॥

କାନନ କେଦାର ପାଟ ନଈଧାର
କୁଆଁରପୁନେଇଁ ରାତି
ଭାବିନେବୁ ତୋର ବାଡୁଅବେଳର
ସୁଖ ହେଇଗଲା ଇତି ॥

ମଥାରେ ସିନ୍ଦୂର ହାତେ ଚୁଡ଼ି ନାଇ
ହେବୁ ଜୀବନରେ ସୁଖୀ
ସଞ୍ଜରେ ଦୀପାଳି ଚଉରାରେ ଦେବୁ
ମନରେ ଭକତି ରଖି ॥

ମନଜାଣି ଭଲ ଚିଜ ରାନ୍ଧିଦେବୁ
ଖାଇବେ ମହତଜନ
ଭଲବୋହୁ ବୋଲି କହିବେ ସଭିଏଁ
ଦେଖି ହସୁଥିବ ଜହ୍ନ ॥

ଯାଆଲୋ ମାଧବୀ ଶାଶୁଘରେ ତୋର
ମନର ମଣିଷ ସାଥେ
ବିଦାୟ ଦଉଚି କୋହ ଲୁହ ଢାଳି
ଜନମଦାୟିନୀ ତତେ ॥

କୁଞ୍ଜର - ସଙ୍ଗଳାଇ
ପିପିଲି - ପୁରୀ
ମୋ : ୯୬୬୮୮୨୨୧୯୦

ମୃତ୍ୟୁ ମନ୍ତ୍ର

ମାତୃପ୍ରସାଦ ଶତୁଜିତ୍



ହେ କବି ! ଅଗ୍ରସର ହୁଅ,
ସୁପ୍ତ ଏ ଜାତିକୁ ଜାଗ୍ରତ କର
କାତର ପ୍ରାର୍ଥନାରେ ନୁହେଁ
ବିପ୍ଳବର ପୁଞ୍ଜିଭୂତ ଆହ୍ୱାନରେ
ଗାଇବାକୁ ହେବ ମୃତ୍ୟୁର ମନ୍ତ୍ର ।

ତୁମେ ଶୁଣାଇବ ଏ ଜାତିକୁ ଅମୃତର ବାଣୀ
ହିଂସା ଅସୂୟାର ପ୍ରାଚୀରକୁ ଭାଙ୍ଗି
ପୋଛିବାକୁ ହେବ ମାଟି ମାଆର ଲୁହ ।

ପୁଞ୍ଜିବାଦୀ ମାନଙ୍କ ଦକ୍ଷିଣା ପବନରେ
ଦ୍ୱିତୀୟ ପୃଥିବୀର କ୍ଷୁଧାମାନେ ନିର୍ବାସିତ
କେଉଁ ପୂତିଗନ୍ଧମୟ ଅନ୍ଧକାର ଘରେ,
କେତେଦିନ ଆଉ ଅତୃପ୍ତ ଆତ୍ମାରେ
ହେଉଥିବେ ଜର୍ଜରିତ ?

କେତେଦିନ ସାମ୍ୟବାଦର ଗୀତ ଲେଖୁଥିବ
ଦରକାର ନାହିଁ ଆଉ ସେ ଚାଟୁକାର
ଗାଅ ତୁମେ କବି ମୃତ୍ୟୁର ମନ୍ତ୍ର
ଭାଗ୍ୟ ଯଦି ଭବିତବ୍ୟ
ତେବେ ସମସ୍ତଙ୍କର ଅଛି ବଂଚିବାର
ଜୀବନ ସଂଗ୍ରାମରେ କ୍ଷୁଧା ସହ ଲଢିବା
ହିଁ ହେଉ ଶ୍ରେୟସ୍କର ।

ତାରିଣୀ ନିଳୟମ୍, ମହିଳା
ଜଗତସିଂହପୁର -୭୫୪୧୦୭
୮୩୨୮୯୦୪୮୭୩

ଅତିକ୍ରମିତ : ଅତଏବ

ବଳରାମ ପୂଜାରୀ



ଅତର୍କିତ ଆବର୍ତ୍ତନ'ର
ଭିନ୍ନ ଏକ ଭାରାକ୍ରାନ୍ତ ବିଷୁବରେଖା,
ଯେଉଁଠି ନିର୍ଭୟରେ ଆଉଜେଇ ହୋଇ
ଠିଆ ହୋଇଥିଲେ,
ମୁଁ ଓ ମୋ' ପ୍ରାରବ୍ଧ,
ଦିହ'ମାପର ବହଳେଛାଇ,
ଭାରି ଭଲଲାଗେ'
ସେଇ'ଖରାପିଠିଆ କଣ୍ଟାବାଡରେ,
ଝୁଲି ରହିଥିବା ଶୁଲା' ପାଚିଲା,
ଭଙ୍ଗାରୁଜା ମୂହୁର୍ତ୍ତ ମାନଙ୍କ ସହ,
ମୂହୁର୍ତ୍ତେ ମୂହୁର୍ତ୍ତେ, ଛଦ୍ମ: ସହବାସ ।
ନୈବେଦ୍ୟ'ରେ ସମର୍ପୁ ଥିଲି,
ମୋ'ଅର୍ଜିତ ନିଅଣ୍ଟିଆ'ନିର୍ବାଣର ନିର୍ମାଲ୍ୟ,
ପାହାଡ଼ ସନ୍ଧି'ର ଧୂଳିଆ:ଈଶ୍ୱର ମାନଙ୍କୁ,
କୋଳେଇ ନେଉଥିଲେ
ମୋ'ଛାୟା ପ୍ରଚ୍ଛାୟା ର ଐଶାନ୍ୟ:ଇନ୍ଦ୍ରିୟ
ସବୁ ଅଣାୟର ଆକ୍ରୋଶମାନଙ୍କୁ ଶୁଆଉଥିଲି
ନିଘୋଡ଼ ନିଦରେ,
ଫେରୁଥିଲେ' ସବୁତକ ତଥାସ୍ତୁ
ପ୍ରସ୍ତାବିତ:ପାରିଧିରୁ,
ସନ୍ଧି କରୁଥିଲେ ସ୍କନ୍ଧଚ୍ୟୁତ'କବନ୍ଧ'
ଅପହରଣ ନିମନ୍ତେ,
ମୋ'ସଂକ୍ରମିତ ସ୍ନାୟୁମାନଙ୍କ
ବୈଧାନିକ ବୌଦ୍ଧିତ୍ୱ ।
ଧ୍ୟାନସ୍ଥ ହେଉଥିଲେ ?
ଅନ୍ଧ ଉତ୍କଳିତ ଅରଣ୍ୟ:ଈଶ୍ୱର
ଗାଁ'ମୁଣ୍ଡ କାଲିଆ'କୁପୁଲିର

ଅଦ୍ଧମୃତ ପଥର'ଦେଉଳ'ରେ,
ଭଡାନ୍'ଭରୁଥିଲେ ?
ଅରଣ୍ୟ ସନ୍ଧିରେ ବସାବାନ୍ଧିବା
ଜଙ୍ଗଲ'ଫେରନ୍ତା ଅନେକ ଅଶିଣ, ବାଜୁଥିଲା,
ଅନାହତ: ଓଁକାର ର ପଞ୍ଚଜୌନ୍ୟ,
ଅପହୃତ: ଅତୀତ'ମାନେ ଫେରୁଥିଲେ
ପ୍ରାରମ୍ଭିକ ପାରିଧିରୁ
ମୁଁ !! ବିମୁକ୍ତ ହେଉଥିଲି ?
ଅଣସର ର ଅନ୍ଧାର'ରୁ,
ସାତତାଳିଆ ସାତଭଁଉରୀ'ର
ସତିଚଉରା'ର ସିନ୍ଥିଏ' ସନ୍ଧିରୁ ।
ନୈରୁତ ନିଦରେ ଘୂମାଁଉଥିଲେ'
କାନ୍ଥଘଣ୍ଟାରେ ଖୋଦେଇ ହୋଇଥିବା
ମହାକାଳ'ର ମହଣେ ମହଣେ,ଅବକ୍ଷୟମୁଖୀ' କ୍ଷୀପ୍ରତା, ସେଇ'ଅତିକ୍ରମିତ
ଝାଲୁଆ ମୂହୁର୍ତ୍ତ ମାନଙ୍କଠାରୁ
ଉଦ୍ଧାର ଆଣିଥିବା ମୁଠା ମୁଠା ଜୀବନାୟନ,
ପରସ୍ତେ,ପରସ୍ତେ, ପୁରୁଷାର୍ଥ ରପରମାୟୁ ମାନଙ୍କ ସହ
ବସାଉଠା କରି ବିତିଯାଏ' ଆଗନ୍ତୁକ:ଆୟୁଷ ମାନଙ୍କ
ତହକ ବିହକ ଜଞ୍ଜାଳୁଆ:ଜୀବନ ।
ସତରେ' ? କେମିତି କେଜାଣି,
ଭାରି ନିଜର ନିଜର ଲଗନ୍ତି,
ଏଇ,ଅନଭିଜ୍ଞ ଅଭିଷିକ୍ତ ଅଭିଷ୍ଟ
ନିରୀହ ନିଷ୍ପାପ
ନିର୍ବାଣ'ମୁହାଁ ପରମାୟୁ ମାନଙ୍କ
ଧାଡି ଧାଡି ଅନବଦ୍ୟ ଅତିକ୍ରମିତ ଅତଏବ ।

କୁଡୁମୁଲୁଗୁମ୍ଫା, ମାଲକାନଗିରି
ମୋ. ୯୬୬୮୬୮୮୪୭୪

❐

ଉତ୍କଳିକା

ସୁବାସ ଚନ୍ଦ୍ର ସାହାଣୀ




ତମେ ଯେଉଁ ଧରଣୀର ଧ୍ରୁପଦ ଦୀପ୍ତି
କୋଟି କୋଟି ସମ୍ପଦଶାଳୀରେ ଧନ୍ୟ !
ସେଇ ପୃଥିବୀରେ କହ ମୁଁ କାହିଁକି ନିତି-
ମଣେ ଏତେ ଅସହାୟ, ହିନୀମାନ୍ୟ ?
ଗୋଟିଏ ଆକାଶ, ସୂର୍ଯ୍ୟ ଆଲୋକ ଧାରା
ମରୁତ ମାୟା ଅମୃତ ସ୍ୱର୍ଣ୍ଣ ସ୍ୱାଦ...
ମେଘର ମେଖଳା ବର୍ଷେ ଅମୀୟ ଲୀଳା
ତମ ମୋ ପାଇଁ ରଖେ କି ରେ ପ୍ରଭେଦ ??
ଏବେ ରେ ମଣିଷ ଭାଇ,ମୋତେ କହ ? ମୋତେ କହ ?
ତମ ମୋ ଭିତରେ କିଆଁ ?
ଏମିତି ଆକାଶ ପାତାଳ ଭେଦାଭେଦ !!
ତମେ ବି ମଣିଷ, ମୁଁ ବି ମଣିଷ ମାନ...
ମହତ ପଣ ଗୌରବର ଆଭିଜାତ,
ତମ ସୁଖପଣ କି ଭାଗ୍ୟ ବିଧି ଯୋଖା ?
ଅସହ୍ୟ ଦୁଃଖ କି ମୋ'ରି କପାଳେ ଲେଖା !
ତମେ ରୁହ ନିତି ହର୍ମ ଦ୍ୟୁତଳ ଘରେ
ମୁଁ ରୁହେ କିଆଁ ରାସ୍ତା କେରପାଳ ତଳେ ?
ତମ ପାଖେ ସବୁ ସୁଖ ସମୃଦ୍ଧି ଭରା...
ଶାସନ କଳ ସବୁ ଶକ୍ତିର ତମେ ଉତ୍ସ
ମୁଁ କିଆଁ କାଙ୍ଗାଳ ବାସ, ଅନ୍ନ ବସ୍ତ୍ରର ??
ଏ କି ଗଣତନ୍ତ୍ରି ?ସାମ୍ୟ ବଣ୍ଟନ ଧାରା ?
କେଉଁ ମାନବ ବାଦର ଏ ମହା କଳା ?

ଶ୍ରୀହରି ଆଳୟ,ବାଂମୟ ନିଳୟ,
ସାହିତ୍ୟ ଚିରକାଳ, ସା-ବୋଇତାଳୁ ପାଟଣା, ପୋଷ୍ଟ-ମୋହନପୁର,
ଭା ଭାୟା-ବିଞ୍ଝାରପୁର-୭୫୫୦୦୪, ଜିଲ୍ଲା-ଯାଜପୁର,
ଭ୍ରାମ୍ୟ-୭୩ ୮୪୨୫୧୧୪୭ ।

ବନ୍ଧୁ ପାଇଁ କବିତା ଟିଏ ...

ଡା. ମନୋରଞ୍ଜନ ଦାଶ



ହେ ବନ୍ଧୁ ! ତୁମେ ମନ ଦୁଃଖ କରନି ।
ଏଇ ଜୀବନରେ ସବୁ ଅବସ୍ଥାକୁ ଆଦରି ନେଲେ ହିଁ
ଜୀବନଟା ମଧୁମୟ ।
ତୁମେ ସୁଖରେ ବିହ୍ୱଳିତ ଆଉ ଦୁଃଖରେ ବିଚଳିତ ।
ନା ନା ବନ୍ଧୁ ! ଦୁଃଖକୁ ଛାତି ପତେଇ ଦିଅ,
ଦେଖିବ ଦୁଃଖ ବାଟ ଭାଙ୍ଗି ଚାଲିଯିବ ।
ଦୁଃଖ ଭିତରେବି ଛାତିରେ ଯନ୍ତ୍ରଣାକୁ
ଚାପି ଦେଇ ହସିଦିଅ ଟିକିଏ ।
ଏଇ ସ୍ୱାର୍ଥପର ଦୁନିଆରେ
ସମସ୍ତେ ସୁଖରେ ସାଥୀ,
ଦୁଃଖ ର କେଇ ନୁହେଁ ।
ମୁଁ କିନ୍ତୁ ତୁମ ପାଖେ ପାଖେ ରହିଚି ।
ଆସ ! ଆତ୍ମୀୟତାର ଆବେଗରେ
କଥା ଦିଆନିଆ ହେବା ।
ନିଟୋଳ ବନ୍ଧୁତାର ରଜ୍ଜୁରେ
ଜୀବନ ଜୀଇଁବା ଓ ଭାବର
ନଦୀକୂଳରେ ହଜିଯିବା .....

ପ୍ରଭାବତୀ ନିଳୟମ୍
ବେଲଡଳ, ପଙ୍ଗାମୁଣ୍ଡାଇ, କେନ୍ଦ୍ରାପଡ଼ା
ମୋ - ୯୪୩୭୩୧୭୭୨୨

ଗାଆଁ

ସୁଜିତ କୁମାର ମିଶ୍ର



ଗାଆଁଟି ଆମର ଅତି ନିଜର
ତା ପରି ଆଉ କାହିଁ,
ଜନମ ନେଇଛୁ ତାର କୋଳରେ
ସଭିଏଁ ଭଉଣୀ ଭାଇ ।

ପହିଲି ସକାଳ ସୁନେଲୀ ଖରା
ଗାଆଁକୁ ଛୁଅଁଇ ନିତି,
ନୂଆ ପୋଷାକରେ ଦିଶେ ସୁନ୍ଦର
ଗାଏ ସେ ସପନ ଗୀତି ।

ଗାଆଁ ଦାଣ୍ଡ ଧୂଳି ଅତି ନିଜର
ଖେଳୁଥାଉ ବୋଳିହୋଇ,
କୋଳେଇ ନିଏ ମାଆ ପରିକା
ସେ ପରା ସରଗ ଭୂଇଁ ।

ପୁଣ୍ୟ ତୀର୍ଥ ଆମ ଗାଆଁ ମନ୍ଦିର
ତା ପାଶେ ନିଇତି ଯାଉ,
ଦିଅଁଙ୍କ ଚରଣେ ପ୍ରାର୍ଥନା କରି
ଆଶିଷ ଯେ ମାଗୁଥାଉ ।

ଭଜନ କୀର୍ତ୍ତନ ପାଲା ପୁନେଇଁ
ଆମରି ଗାଆଁରେ ହୁଏ,
କଳା ସଂସ୍କୃତିର ମହା ପରବ
ସବୁରି ପରାଣ ଛୁଏଁ ।

ପିତାମାତା ପରି ଯେତେ ଅଛନ୍ତି
ଗାଆଁ ଗୁରୁଜନ ମାନ,
ସବୁ ଜଣେ ଜଣେ ମୋତି ମାଣିକ
ତାଙ୍କରି ଅମୂଲ୍ୟ ଦାନ ।

ଗାଆଁ ପୋଖରୀ ସେ ପଦୁଅଁ ଫୁଲ
ଆହା କି ଦିଶେ ସୁନ୍ଦର,
ସବୁଜ କ୍ଷେତ ଓ ବଣ ପାହାଡ଼
ଆମରି ପ୍ରକୃତି ଘର ।

ଗାଆଁ ଅଛି ବୋଲି ସାରା ସଂସାରେ
ଆମ ପରିଚୟ ଜଣା,
ତା କୋଳ ମମତା ପୁଣ୍ୟ ଚନ୍ଦନ
କରେନାହିଁ ବାଟବଣା ।

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
୭୬୮୩୮୬୭୭୪୨

ମୋ ଗାଆଁ

ଦେବେନ୍ଦ୍ରନାଥ ମହାଳିକ



ମନ୍ତେଇ ନଈ ଯାଇଛି ବହି ତା'କୂଳେ ଆମ ଗାଆଁ
ଭୂଗୋଳ ପୋଥି ପତରେ ପରା ନ ଥାଉ ତା'ର ନାଆଁ ।

ଘରଟି ଆମ ନଡ଼ାଛପର ଆହା କି ଶାନ୍ତିଦିଏ
ମାଆ ହାତରୁ ବାସୀ ତୋରାଣି ସୁଧା ଠୁଁ ବଳି ଯାଏ ।

ସକାଳ ହେଲେ ସୂରୁଜ ଉଏଁ କୋଇଲି ଗୀତ ଗାଏ,
ନଈ କୂଳିଆ ଶୀତଳ ବାଆ ଦେହକୁ ଛୁଇଁ ଯାଏ ।

ନଈ କୂଳରେ ବଗିଚା ଆମ ଫୁଟିଛି ନାନା ଫୁଲ
ପରଜା ପତି ହରଷ ମନେ ଫୁଲକୁ କରେ ଗେଲ ।

ସେନେହ ବୋଳ ପଣତ ତା'ର ଘୋଡେଇ ଅଛି ମୋତେ,
ଆମ ଗାଆଁ ପରି ଗାଁ ଟେ ନାହିଁ ପୀରତି କରେ କେତେ ।

ସଂଜ ନଇଁଲେ ଆମ ଗାଁ ହସେ ଜହ୍ନ ଜୋଛନା ପାଇ,
ବୋହୂ ବୋହୂ କା ଖେଳ ଖେଳନ୍ତି ପିଲାଏ ମେଳ ହୋଇ ।

ସାଙ୍ଗ ସାଥିରେ ଖେଳିଛି କେତେ ଦେହରେ ବୋଳି ମାଟି,
ତା' ପାଣି ପିଇ ମଣିଷ ଆଜି ପଡ଼ିଛି କେବେ ଝୁଣ୍ଟି ।

ଗାଆଁ ମୁଣ୍ଡରେ ମାଆ ମଙ୍ଗଳା ସଦା ସବୁରି ସାହା,
ତାଙ୍କ କରୁଣା ଜଗତେ ଆଉ ଜୀବନେ ଭରି ରାହା ।

ସା / ପୋ : ମଙ୍ଗଳପୁର
ଥାନା : ପୀରହାଟ, ଜିଲ୍ଲା : ଭଦ୍ରକ
ମୋ : ୬୩୮୦୭୦୭୧୯

ଆମ ଗାଁ ରାସ୍ତା

ଉମାକାନ୍ତ ରାଉତ(ଅରୂପ)



ଭୋଦେଇ ଖରାରେ
ମୁହଁ ମାଡ଼ି ଶୋଇଛି
ଆମ ଗାଁ ରାସ୍ତା ।

ଡାଳମାଙ୍କୁଡ଼ି ଖେଳ
ଗାଁ ଟୋକାଙ୍କର ମେଳି
ଆମ୍ବ ତୋଟା
ଚିଁ ଚାଁ ପାତିଙ୍କର ସ୍ୱର
ଆକାଶର ନାନାବାୟା
ପକ୍ଷୀଙ୍କ କାକଳୀ ।

ନଗଦା ଲଘୁଚାପରେ
ଚବ ଚବ କିଆରି ପାଣିରେ
ଛମଛମ ନାଚୁଥିବା
ରିଣାଝିଣା ବର୍ଷାର ନୂପୁର
କିଛି ବଦଳିନି ।

ଖାଲି ଯାହା.....
ଗାଁ ମୁଣ୍ଡ ଠାକୁରାଣୀ ପିଣ୍ଡିପାଖ
ଭାଗବତ ଘରେ ଏବେ
ବିରାଟ ତାଲାଟେ
ତା କାନ୍ଥରେ
ଏକ ବିରାଟ ପୋଷ୍ଟର ।

ଏଠି ମିଳେ
ବିଶୁଦ୍ଧ ବିୟର୍
ଫରେନ୍ ଲିକର୍ ।

ସେଠୁ ପେଟେ ମାଲ୍ ପିଇ
ମାତାଲ ପ୍ରେମିକ ଭଳି
ମସ୍ତ ଆମ ଗାଆଁ,
ରୁନୁ ଅପା
ବିହାରି ଟ୍ରକ୍ ତାଲାରେ ଝଲିଗଲା ପରି
ବାଟ କାଟି ଝଲିଯାଏ
ଗାଆଁରୁ ସହର..... ।

ଉଦୟାଚଳ
ଡି-୩୫, ଗ୍ରୀନ୍ ଗାର୍ଡେନ୍
କଳିଙ୍ଗ ବିହାର, ଭୁବନେଶ୍ୱର -୧୯
ମୋ : ୮୨୪୯୧୦୮୪୫୨

ଖାଲି ଯୁଦ୍ଧ

ଶାନ୍ତନୁ କୁମାର ରାଉତ



ସାରା ପୃଥିବୀ ଆଜି ଦେଖୁଛି ଯୁଦ୍ଧର ଭୟଙ୍କର ରୂପ,
ଖାଲି ଯୁଦ୍ଧ ଓ ଯୁଦ୍ଧ, ଅଗଣିତ ଲୋକଙ୍କର
ମୃତ୍ୟୁ ଓ ମୃତ୍ୟୁ
ମାନସିକ ଯୁଦ୍ଧ, ହୃଦୟ କନ୍ଦରରେ ଯୁଦ୍ଧ,
ଶରୀର ଶରୀର ମଧ୍ୟରେ ଯୁଦ୍ଧ
ଖୋଲା ଆକାଶ ତଳେ ଯୁଦ୍ଧର ତାଣ୍ଡବ ଲୀଳା,
କ୍ଷତ ବିକ୍ଷତ ଯନ୍ତ୍ରଣାଦାୟକ ସେ ଯୁଦ୍ଧ
ଦରିଦ୍ର ଅସହାୟ ବେସାହାରା ମଣିଷ,
ଖାଦ୍ୟପାଇଁ ହା ହୁତାଶ ଆର୍ତ୍ତ ଚିତ୍କାର,
କି ଡ଼ହଳ ବିକଳ ଜଳ ଓ ଔଷଧ ପାଇଁ
ଅବର୍ଣ୍ଣନୀୟ ସେ ହୃଦୟ ବିଦାରକ ଦୃଶ୍ୟ
ପାଲେଷ୍ଟାଇନ୍ ଇଉକ୍ରେନ ଓ ଅନ୍ୟ କିଛି
ଦେଶମାନଙ୍କର ହୃଦୟ ବିଦାରକ ଦୃଶ୍ୟ
ଧ୍ୱଂସପ୍ରାପ୍ତ କୋଠାଘର କାର୍ଯ୍ୟାଳୟ
ଗରୀବ ଓ ଦରିଦ୍ର ଲୋକଙ୍କର କଷ୍ଟାର୍ଜିତ ଗୃହମାନ,
ମାନବିକତା, ବିବେକ ପଣିଆ ଲୁଚି ଯାଇଛି
ବଡ଼ବଡ଼ ରାଷ୍ଟ୍ରନୀତିଜ୍ଞମାନଙ୍କ ବିଛଣା ତଳେ
ବଡବଡ ଉନ୍ନତି ଓ ଅତି ଉନ୍ନତ ଦେଶମାନଙ୍କର
ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀମାନଙ୍କର କି ଗର୍ବ ଅହଙ୍କାର
ପରିପ୍ରକାଶର ଫଳା ଫଳ ।
ସେମାନଙ୍କ ଅମାନବୀୟ ଚିନ୍ତା ଓ କର୍ମ ପାଇଁ
ପୃଥିବୀ ପୃଷ୍ଠରେ ଦୃଶ୍ୟମାନ ଭୟଙ୍କର ଘଟଣାମାନ,
ଠିକ୍ ମହାଭାରତ ଯୁଦ୍ଧର ଘଟଣା ଓ ପରିଣତି ପରି
କେବେ ପୃଥିବୀକୁ ଫେରିବ ଶାନ୍ତି, ସ୍ନେହ, ମାନବିକତା
ସୁସ୍ଥ ବାତାବରଣ ଭଲ ପାଇବାର ପରିବେଶ ।

ଜୀବନ

ସୁଶାନ୍ତ କୁମାର ନାୟକ



ତମ ଆଖିରେ
ମୁଁ ନିଜକୁ ଖୋଜେ
ଆଉ ମୋ ଆଖିରେ ତମକୁ
ଅଥଚ, କେଉଁଠି ବି
ମୁଁ ତୁମକୁ ପାଏନି
କିମ୍ବା ମୋ ନିଜକୁ ।
ସମୟର ଲୁଚକାଳି ଖେଳରେ
ବିଚ୍ଛେଦର ଶେଷ ମୁହୂର୍ତ୍ତରେ ଜନ୍ମନିଏ
ମିଳନର ପ୍ରଥମ ପର୍ବ ।
ଛାତି ଭିତରେ ଅକୁହା କଥାରେ
ଅମାନିଆ ସମୁଦ୍ରରେ ଜଳି ଉଠେ
ଆତ୍ମଦହନର ନିଆଁ ।
ସାପ ଫଣାର ଛାଇତଳେ
ନିଘୋଡ଼ ନିଦରେ ଶୋଇପଡ଼େ
ଅସରନ୍ତି ସ୍ୱପ୍ନର ସହର ।
ଅନ୍ଧାର ସରିଆସିଲାବେଳକୁ
ଦେହକୁ ମାଡ଼ିବସେ
ଆଲୋକର କଟାଦାଗ ।

ଜଗତର ଉଦ୍ଧାର ପାଇଁ
ମନ୍ଦିରରେ ଚାଲିଥାଏ ପ୍ରାର୍ଥନା
ଅନାଗତ ସ୍ୱପ୍ନମାନଙ୍କର ।
ଭଲ ପାଇବାର ଫୁଲ ପାଖୁଡ଼ାରେ
ଇନ୍ଦ୍ରଧନୁର ରଙ୍ଗବୋଳି ଗଢ଼ାହୁଏ
ଦେହ ଦାହର ସମ୍ପର୍କ ।
ମାଟି କଣ୍ଢେଇର ଆଖିରେ
ଆଖିଏ ସ୍ୱପ୍ନକୁ ନେଇ
ଅଖଞ୍ଜା ଦେହରେ ଅଟକି ରହେ
ହାତଲେଖା ଚିଠିର ଉତ୍ତର ।
ଭଙ୍ଗା ଦର୍ପଣର ତାରକସି କାମରେ
ଚିକ୍‌ଚିକ୍ ମାରେ ଅତୀତର ଧଳାଫର୍ଦ୍ଦ
କେଉଟର ଜାଲରେ ଧରାଦିଏ
ଅବାଟରେ ବାଟ ଖୋଜୁଥିବା ଭବିଷ୍ୟତ ।
ବିଟପୀ ନାରୀର
ପ୍ରତାରଣାର ନଖ ଦାଢ଼ରେ
କ୍ଷତାକ୍ତ ଛାତିରୁ ନିଗିଡ଼ି ପଡ଼େ
ଧାର ଧାର ଅବିଶ୍ୱାସର ରକ୍ତ ।
ଅଦିନିଆ ବର୍ଷାରେ
ମନରୁ ଧୋଇଯାଏ
ମଲା ଛାଇଙ୍କ ସମ୍ପର୍କରେ ଗଢ଼ାଚିତ୍ର ।
ସମୟର ଲମ୍ବାଧାଡ଼ିରେ ଠିଆ ହୋଇ
ପ୍ରାରବ୍ଧର କର୍ମଫଳ ଭୋଗୁଥାଏ
ଅମରତ୍ୱର ସ୍ୱପ୍ନରେ ଗଢ଼ା
ପ୍ରେମ ପ୍ରତାରଣାର ଜୀବନ ।

ପଞ୍ଚବଟୀ ନଗର, ୨ୟ ଲେନ୍
ରାୟଗଡ଼, ପିନ୍-୭୬୫୦୦୧
ମୋ. ୯୪୩୭୧୧୮୮୨୨

ରିମ୍‌ଝିମ୍ ଭିଜା ବର୍ଷା

ରୁବିଲତା ଦାସ



ଭିଜା ଭିଜା ବର୍ଷା ରିମ୍ ଝିମ୍ ବର୍ଷା
କିଏ ପିନ୍ଧିଲା ପାଦରେ ନୂପୁର,
କଳାମେଘ ଦେଖି ନାଚଇ ମୟୂର
ଓଳିରୁ ବରଷା ପଡ଼େ ଝରଝର
ବାଦଲ ଉହାଡ଼େ
ବୈଶାଖୀର ଈର୍ଷା ।।
ରିମ୍ ଝିମ୍ ବର୍ଷା.....।।
ଗାଁ ଦାଣ୍ଡ ଭିଜିଛି, ମାଟି କାଦୁଅରେ
ନଈ, ନାଳ ପୂରି ଜଳ ସୁଅ ଧାରେ,
ଆକାଶ ପଥ ଛତା
ଗାଇଆଳ ଗୀତ ମିଠା
କାନନ, କେଦାରେ
ବେଉଷଣେ ମଜି ଚଷା ।
ରିମ୍ ଝିମ୍ ବର୍ଷା.....।।
ସରୋବରେ ନୀଳ କଇଁ,
ଜହ୍ନକୁ ହୁଏ ଫୁଲେଇ
କଦମ୍ବ, ମାଳତୀ, ଫୁଲ ଫୁଟେ ନିତି
ମାଡ଼ିଯାଏ ଘର, ବାଡ଼, ଲଟା, ନାଡ଼ି
ଶ୍ରାବଣର ଧାରା ଝରେ ଆକାଶରୁ,
ବୋଲବମ୍ ଭାର ଶ୍ରାବଣୀ ମନାସି
ଜଟାଧାରି ଶିବେ, ରଖନ୍ତି ଭରସା ।
ରିମ୍ ଝିମ୍ ବର୍ଷା.....।।
ବିଦେଶେ ରହିଛି, ରୋଜଗାରୀ ପୁଅ
ନବବଧୂ ଦିନ ଗଣି,
ଝରାଏ ତା' ଲୁହ,
ଅବୁଝା ହୃଦୟ ବେଦନା
ମନର ବିରହ
ଅଭିମାନୀ ବାଟ ଚାହିଁ ଚାତକୀ ପ୍ରାଣରେ
ପଠାଇ ଦିଏ ମନ ଅକୁହା ଦୂରଭାଷା ।।

ଭିଜା ଭିଜା ବର୍ଷା..... ।।
ଜନ୍ମାଷ୍ଟମୀ ଭାଗବତ
କୁମାର ପୂନେଇ ଗୀତ
ସେନେଇ ରାକ୍ଷୀବନ୍ଧନ
ଜ୍ଞାନଦାତା ଗଜାନନ
କାଶତଣ୍ଡୀ ଫୁଲରେ
ମର୍ତ୍ତ୍ୟେ ଆସନ୍ତି ଦଶଭୁଜା,
ପ୍ରତିଘରେ ପାଉଥାନ୍ତି
ଦେବାଦେବୀ ଯେତେ ପୂଜା
ଜାତୀୟ ପରବ ପଡ଼େ
ଯେତେ ବାର ଓଷା ।।
ରିମ୍ ଝିମ୍ ବର୍ଷା.....।।
ଭିଜି ଭିଜି ବର୍ଷାରେ ଚରାଚର ପକ୍ଷୀ
ଗେଣ୍ଡାଳିଆ ପରଝାଡ଼େ ଝାଉଁବଣ ଦେଖି
ତାଳ, ତମାଳ, ଫଳ, ଜାମୁକୋଳି ଝରେ
ରାମଚନ୍ଦ୍ର ବନବାସ କଥା ମନେପଡ଼େ
ଚାତକୀ ଝରନ୍ତା ବର୍ଷାରୁ ପରଶେ ତୃଷା ।।
ରିମ୍ ଝିମ୍ ବର୍ଷା.....।।

କାଁପଡ଼ା, ତିହିଡ଼ି, ଭଦ୍ରକ
ମୋ. ୮୪୮୦୬୨୧୪୪୩

❐

ସାବିତ୍ରୀ - ଲୁହବିନ୍ଦୁରେ ସିନ୍ଦୂର

କାମଦେବ ମହାରଣା



ପାଦ ଅଳତା ମୋ ଶୁଖିଗଲାଣି
ରେ ପବନ, ଅଡୁଆ ସିନ୍ଥିରୁ
ଝଡ଼ିଗଲାଣି ସିନ୍ଦୂର
ଫଳ କିଣି ମଲ୍ ଯାଇଛି
ଆଡ଼ବାଇଆ ସତ୍ୟବାନ
କିଏ ଜାଣେ, ଚଢ଼ିଯାଇନି ତ
ନର୍ଦ୍ଦମା କଡ଼ ବସ୍ତିର ସଇପ ଗଛରେ
କି ବାଟ ହୁଡ଼ିଲା, କେଉଁ ପଣତ ଡାକରେ ।
ପୁଣି ଆହୁରି ଡର ମୋର
ତା ଧାରୁଆ କଟୁରୀ
ଯେଉଁଠି ଦେଖିବ ବନସ୍ତ
ଟାଣିନେବ ଏକ ଯାନ୍ତ୍ରିକ ଆକର୍ଷଣ
ତିନି ଖେପାରେ ଗଛ ଚଢ଼ି
ବସିବ ଡାଳ ହାଣିବ ।
ଏଣେ ଝରକା ଆରପଟ
ବଉଳ ଡାଳରୁ ଡାକୁଛି
କାଦୁଆ ଅତୀତ
ପାଦ ବଢ଼େଇ ଆଗକୁ ଚାହିଁଲେ
ଦିଶୁଛି ରାସ୍ତା ଆରପଟ ଗାଆଁ
ପାଣି ଧଣ୍ଡିଆ ନଈ ଅଲରା ମୁଣ୍ଡି ବଣ ।
କେଉଁଠି ଥାଏ କି ମୁଁ
ଏ ନିର୍ଜୀବ ସହରର
ଅମୁହାଁ ଦେଉଳରେ ।

ନାରେ ପବନ ନା
ମୁଁ ତ ଚିରକାଳ ଭ୍ରମୁଥାଏ
ପତରବାୟାଣୀ
ନଈକୂଳଳେ, ବନସ୍ତ ଗହଳେ
ଫଟାମାଟିର ଆଁରୁ
ତୋଳୁଥାଏ ଶୋଷ
ପାଣିରେ ଉଜେଇଦେଇ କୁହୁଳା ଆୟୁଷ ।
ମୁଁ ଥାଏ ଏଇଠି ପଥର ଦେହରେ
ପୁଣି ନ ଥାଏ ରକ୍ତ ମାଂସରେ
ପାଣି ଫୋଟକା ପରି
ଫୁଲି ଫାଟି ନିମିଷେ ମିଳେଇଯାଏ
ନଈ ହୋଇ ବହିଯାଏ ।
ବଉଳ ଡାଳରୁ ଡାକୁଛି
କାଦୁଆ ଅତୀତ
ପାଦ ବଢ଼େଇ ଆଗକୁ ଚାହିଁଲେ
ଦିଶୁଛି ରାସ୍ତା ଆରପଟ ଗାଆଁ
ପାଣି ଧଣ୍ଡିଆ ନଈ ଅଲରା ମୁଣ୍ଡି ବଣ ।
କେଉଁଠି ଥାଏ କି ମୁଁ
ଏ ନିର୍ଜୀବ ଦେଉଳରେ ।
ଅମୁହାଁ ଦେଉଳରେ ।
ନାରେ ପବନ ନା
ମୁଁ ତ ଚିରକାଳ ଭ୍ରମୁଥାଏ
ପତରବାୟାଣୀ
ନଈକୂଳେ, ବନସ୍ତ ଗହଳେ
ଫଟାମାଟିର ଆଁରୁ
ତୋଳୁଥାଏ ଶୋଷ
ପାଣିରେ ଉଜେଇ ଦେଇ
କୁହୁଳା ଆୟୁଷ ।

ମୁଁ ଥାଏ ଏଇଠି ପଥର ଦେହରେ
ପୁଣି ନ ଥାଏ ରକ୍ତ ମାଂସରେ
ପାଣି ଫୋଟକା ପରି
ଫୁଲି ଫାଟି ନିମିଷେ ମିଳେଇଯାଏ
ରକ୍ତ ହୋଇ ବହିଯାଏ
ବସନ୍ତେ ବାସେ
ବୈଶାଖୀ ବନ୍ଦୀକରେ
ଦୀର୍ଘଶ୍ୱାସରେ ।
ଭୁଲିଯାଏ ମୁଁ
କିଏ ପର୍ବତ କିଏ ପବନ
କିଏ ଶିମିଳି କିଏ ଚନ୍ଦନ
କାହାକୁ ନେଇ ମୋର
ପୁଷ ିତ ପରିବାର
କାହା ଠୁ ଦୂରେ ମୁଁ
କାହା ପାଖରେ ।

ଅନିଳାଞ୍ଚଳ, ମାରୁତି ନଗର,
ପୁରୀ-୧
ମୋ: ୯୬୫୮୦୨୬୬୧୨

❐

ଆହ୍ୱାନ

ରସାନନ୍ଦ ମହାପାତ୍ର



ମୁଁ କାହାର ମର୍ଜିରେ ଜୀଇଁବାକୁ ଘୃଣା କରେ,
ମୋତେ ଏଲର୍ଜି ହୁଏ ଦୋବଲା କଥାରେ,
ମୋର ମତ,
ସମର କରିବାକୁ ଚାହଁ ତ ସାମ୍ନା ହୁଅ ।
କିଏ ଜିତୁ, କିଏ ହାରୁ, ପରବାୟ ନାହିଁ ।
କପଟତା ଠାରୁ ଦୂରେଇ ଯାଇ
ସତ୍ୟକୁ ସାଲିସ୍ କରିବାରେ ଅଛି ଆନନ୍ଦ ।
କିଛି ସତ୍ୟବାସୀ ଅଛନ୍ତି ବୋଲି
ସୂର୍ଯ୍ୟ ଆତଯାତ ହେଉଛନ୍ତି,
ଚନ୍ଦ୍ର ମଧ୍ୟ ତାରାଙ୍କ ମେଳରେ
ଅର୍କେଷ୍ଟ୍ରା ରଚୁଛି ଆକାଶରେ !

ଏବେ ସମୟ ବଦଳି ଯାଇଛି,
ମଣିଷପଣିଆ ଧୀରେ ଧୀରେ
ଲୋପ ପାଇଯାଇଛି ଇହଲୋକରୁ,
ବିଶ୍ୱାସରେ ବିଷ ମିଶାଯାଉଛି ବକ୍ର ଦୃଷ୍ଟିରେ,
ଲୁହର ମୂଲ୍ୟ ଲହୁ ଠାରୁ ଓଜନଦାର,
ଏକଥା ଭୁଲିଯାଉଛି ମଣିଷ ।

ମନେରଖ,
ବନ୍ଧୁକ ମୂନରେ ହାର୍ ମାନୁଥିବା ସର୍ତ୍ତ
ସାଲିସ ହୁଏ ସହମତିରେ ।
ପାରୁଛ ଯଦି ପାଟି ଚୁପ୍‌କର,
ପରଖି ନିଅ,
କ'ଣ ସବୁ ଘଟିବାକୁ ଯାଉଛି
ଏ ଦ୍ୟାବା ପୃଥିବୀରେ ।

ଏଠି ମଣିଷ ଦିନକୁ ଦିନ
ସ୍ୱାର୍ଥପର ହୋଇ ଇପ୍ସିତ ଇଚ୍ଛାକୁ
ସଫଳ କରିବା ପାଇଁ ତତ୍ପର,
ସେ ଭୁଲି ଯାଉଛି ଭବିତବ୍ୟ,
ସେ ଭୁଲି ଯାଉଛି
ତା' ଠାରୁ ଅନେକ
ମାହୋଲ୍ ଅଛନ୍ତି ଚରାଚରରେ ।

ତମେ ଟିକେ ନୀରବି ଯାଅ,
ଦେଖ,
କିପରି ସାଂଘାତିକ ସମର
ଆରମ୍ଭ ହେବାକୁ ଯାଉଛି
ଯୁଦ୍ଧକ୍ଷେତ୍ରରେ ।

ଜାଣିରଖ,
କବି ରଚିପାରେ ସଂଗ୍ରାମ ଇତିହାସର,
ବେଳେବେଳେ ସେ ନିଜେ ମଧ୍ୟ
ସାରଥୀରୁ ରଥୀ ହୁଏ,
ଅଦୃଶ୍ୟରେ ଆସୀ ଚାଳନା କରେ
ଗୁଳି ଫୁଟାଏ,
ଯୁଝୁ ଯୁଝୁ ମୃତ୍ୟୁକୁ ସାମନା କରିନିଏ,
ହେଲେ
କେବେ ବି ସାଲିସ୍ କରେ ନାହିଁ
ବାଧ୍ୟବାଧକତାରେ,
ବେଲାଳସେନର କଟାମୁଣ୍ଡ ପରି
ସେ ପରଖୁ ଥାଏ ଆତୁଆଳରେ ।

କବି ନିଜ ପାଇଁ
ବ୍ୟୁହ ରଚନା କରିପାରେ,
ମରିପାରେ,
ପୁନର୍ଜନ୍ମ ବି ନେଇପାରେ
ଅନ୍ୟାୟାସରେ ।

ସଭାପତି
କାନ୍ତ ସାହିତ୍ୟ ପରିଷଦ
ଧାମନଗର, ଭଦ୍ରକ
ମୋ : ୯୯୩୭୮୪୮୦୬୦

ଅତୀତ ହେବା ଆଗରୁ

ସୁରେଶ କୁମାର ନାୟକ



ସ୍ୱପ୍ନର ଶାୟକମାନଙ୍କୁ ଶବ୍ଦର ତୂଣୀରରେ
ଆଉ ସାଇତି ରଖନା ଅନୁପ୍ରିୟା ,
ଓଠର କୋଦଣ୍ଡରେ ଚୁମ୍ବନର ଗୁଣଚଢେଇ
ଫୁଲଶର ପରି ବରଂ ନିକ୍ଷେପ କର
ମୋ ଅପନ୍ତରା ଛାତିର କୋଣ ଅନୁକୋଣ
ସେଠି ଗଢିଉଠୁ ପ୍ରେମର ଗୋଟେ ଅଭୟାରଣ୍ୟ ।
ଅନୁରାଗର ବର୍ଷାବାହୀ ବଉଦମାନେ
କ୍ରମଶଃ ଘନୀଭୂତ ହୋଇ
ଅବପାତର ରୂପ ନେଇସାରିଛନ୍ତି ତମ ଚେତନାର
ନୀଳ ସମୁଦ୍ରରେ,ଏବେ ତମ ଛାତିରେ ଝଡ଼,
ହୃଦୟରେ ଘୂର୍ଣ୍ଣି , ଆଖିରେ ବିଜୁଳି ଚମକ ,
ନିଶ୍ୱାସରେ ପ୍ରଭଞ୍ଜନ ଦେଖି
ତମ ମନର ପାଣିପାଗ ସୂଚନା ଦେଇସାରିଛି ଯେ
ପ୍ରୀତ୍‌ ନାମକ ଗୋଲାପି ବାତ୍ୟାଟେ ଅବିଳମ୍ବେ ଛୁଇଁଯିବ
ତମ ଶରୀରର ସ୍ଥଳଭାଗ ।
ତମେ ଅକାରଣେ କାଇଁକି
ଲାଜର ଫୁଟା ପଲିଥିନଟିଏ ଢାଙ୍କୁଚ
ଝୋଟିଅଙ୍କା ତମ ନିତିପଡ଼ ଦେହରେ ?
ବେଳଥାଇ ବରଂ ଚାଲିଆସ
ମୋ ଛାତିର ଭରସାଯୋଗ୍ୟ ନିରାପଦ ଆଶ୍ରୟସ୍ଥଳ ,
ତାହା ପାଲଟିଯାଉ ପ୍ରେମ-ପ୍ରଣୟର
ଗୋଟେ ବିରଳ ସଂଗ୍ରହାଳୟ ।

ସମୟକୁ ବା କି ଭରସା ?
ଆଜି ହୁଏତ ପାଦରେ ପାଦ ମିଳେଇ
ଆତ୍ମୀୟଟେ ପରି ଚାଲୁଛି ,
ଆସନ୍ତାକାଲି ବନିଯାଇପାରେ ଆତତାୟୀ ।

ଭରପୂର ସୁଷମାର ଏ ଶ୍ୟାମଳ ପୃଥିବୀ
କାଲିକି ଦିଶିପାରେ ହୁତୁହୁତୁ ଖାଣ୍ଡବବନ ,
ଆଜିର ସୁନାବ୍ୟା ନଦୀମାନେ
ଲକ୍ଷ୍ମଣକୁମାରମାନଙ୍କ ଶବ ବୋହି
ହୁଏତ କାଲି ପାଲଟିଯିବେ ରକ୍ତନଦୀ ,
ମମତାମୟୀ ମା' ପରି ଅମ୍ଳଜାନ ବା୍ଥିବା ପବନପୂତନା ପରି
କାଲିକି ପ୍ରଶ୍ୱାସରେ ଭରିଦେଇପାରେ
ରାସାୟନିକ ବିଷ ,
ନିଷ୍ପଳ୍ପ ନିଷ୍କପଟ ଲାଗୁଥିବା ରତ୍ନଗର୍ଭା ସମୁଦ୍ରଆସନ୍ତାକାଲି
ରଚିପାରେ ସୁନାମୀର ତାଣ୍ଡବ
ଉଜୁଡିଯାଇପାରେ ଏ ବର୍ଣ୍ଣିଳ ବିଶ୍ୱ ।

ତମେ କ'ଣ ଜାଣିନ ଅନୁ ??
କ୍ଷୀର ଯେତେ ବିଶୁଦ୍ଧ ହେଲେ ବି
ପାକ ନହୋଇ ଘଡିରେ ରହିଗଲେ ଦୁର୍ଗନ୍ଧ ହିଁ ହୁଏ ,
ସେଇଥିଲାଗି ତ କ୍ଷୀର ରୂପରୂପାନ୍ତରିତହେଉଥାଏ
ଅଭିମାନର ମହିରେ ଛିଡିଗଲେ, ଦହି ,
ପ୍ରୀତିର ଧୀମା ଆ*ରେ ଶିଝିଶିଝି , ରାବିଡି
ମାନଭଞ୍ଜନ ହୋଇଗଲେ ,ନରମୀ ସରମୀ ଛେନା
ସମର୍ପଣର ବିହ୍ୱଳତାରେ ଭିନ୍ନ ଭିନ୍ନ ସ୍ୱାଦିଷ୍ଟ ମିଷ୍ଠାନ ।

ବୀଜ ଦି'ଫାଳ ନହେଲେ ସମ୍ଭବ ହୁଏନା ଅଙ୍କୁରୋଦ୍ଗମ
ତଳିଚାରା ସ୍ଥାନାନ୍ତର ନହେଲେ
ଗର୍ଭାଳଷୀ ହୋଇ ହୁଏନା ଉତ୍ପାଦନକ୍ଷମ ।
ଆଜିର ଏ ଅମୃତଲଗ୍ନ ଅତୀତ ହେବାଆଗରୁ
ତମେ ବରଂ ଅଙ୍କୁରୋଦ୍ଗମେଇଯାଅ
ମୋ ଚେତନାର ଭାବଭୂମିରେ
ସେଠି ନିତ୍ୟରାସର ତମାଳକୁଞ୍ଜଟିଏ କମ୍ପିତ ହେଉଥାଉ
ଆମ ପ୍ରେମର ଅନାହତ ବଂଶୀସ୍ୱନରେ ।

ପ୍ଲଟ ନଂ-୯୧ ଶତାବ୍ଦୀ ବିହାର, କୃଷକ ବଜାର ଅଭିନବ ବିଡାନାସୀ, କଟକ
ମୋ - ୬୩୭୨୭ ୯୪୫୦୬

ଘୁଙ୍ଗୁର

ଐଶ୍ୱର୍ଯ୍ୟା ପ୍ରଧାନ

କାହାପାଦରେ ବନ୍ଧା ହେଲେ ବି
କେବେ ଭାବିନି, ନିଜକୁ ନ୍ୟୁନ !
ଜୀବନଟା ସମର୍ପିଛି ନିଜ ଇଚ୍ଛାରେ
ହୁଏତ, କାହା ଓଠରେ ଟିକିଏ ହସପାଇଁ
ଚଲାବାଟରେ ଦୁଃଖ ବାଟ ଓଗାଳିଲା ବେଳେ
ମନକୁ ଶାନ୍ତି ଟିକକ ଦେବାପାଇଁ
ମୁଁ ଛିଣ୍ଡିଯାଏ, ଭାଙ୍ଗିଯାଏ
ତଥାପି ଥିବି ସେଇ ପାଦଯୋଡ଼ି କରେ !
ନିରେଖି ଦେଖିଲେ ଜାଣିଯିବ
ମୋ ଦରଦୀ ଓଠରେ ବି
ଲାଖି ରହିଥାଏ ସ୍ମିତହାସ୍ୟ !
ସତରେ କେବେ ଜାଣିପାର
ମୋ ହୃଦୟର ବ୍ୟଥା ?
ଠିକ୍ ଗୋଟେ ସମୟ ଥାଏ
ତୁମେ ମୋତେ ପିନ୍ଧି
ପୁଣି ଓହ୍ଲେଇ ଦିଅ ଅନାୟାସରେ !
ରାତିରେ ତୁମେ ପାଲଟି ଯାଅ
କୁମ୍ଭାରଶାଳର ଉତ୍ତପ୍ତ ଭାଟି
ଆଉ ମୁଁ ମାଟି ସୁରେଇ
ତୁମ ଦେହର ସବୁତକ ଉଷ୍ଣତା ଶୋଷିନେଇ
ବଦଳିଯାଏ ମୋ ରୂପରଙ୍ଗ ।
ତା'ପରେ ମୁଁ କେତେ ଟୁକରାରେ ପରିଣତ ହୁଏ
ତୁମର ନିଘା ନ ଥାଏ !
ଯେବେ ଝୁରେ ତୁମ କୋମଳସ୍ପର୍ଶ,
ବାଜିବାକୁ ଦେଇନ, କେବେ ଦେହରେ
ଯେଉଁଟା ମୁଁ ଖୋଜି ହେଉଥାଏ...
ତୁମଠୁ ଶୋଷିଥିବା ସବୁତକ ଉଷ୍ଣତା
ଆଖିରୁ ପାଣିହୋଇ ଝରେ
କେବଳ, ସାରାରାତିର ଖାଁଖାଁ ନିରବତା
ମୋ ଭାଗରେ !
ତୁମେ ବାସ୍ନା ବାରିପାରୁନ
ମୋ କବରୀରେ ବନ୍ଧା ଗଜରାର
କିନ୍ତୁ ଠିକ୍ ଜାଣିପାର
ମୋ ଶାଢ଼ୀରେ କେତେ ଦାଗ
ତେଲ ମସଲାର....
ଝର୍କାର ପରଦା ବଦଳେଇଲା ପରି
ଖୁବ୍ ଝାଡ଼ିଝୁଡ଼ି ହୁଏ
କାଳେ ପଡ଼ିଯିବ କି ତୁମ ନଜର ।
ହେଲେ ନା' ସେଇ ରୁକ୍ଷ ଚେହେରା
ତାଗିଦ୍‌ର କଟାକ୍ଷ
ପ୍ରତିକ୍ଷଣ ଅଭିଯୋଗର ଲମ୍ବା ଚିଠା
ଆଃ ! କେଜାଣି
କେଉଁ କୁହୁକ ଡଷ୍ଟର୍
କେବେ ଲିଭେଇଦେବ,
ମୋ ଭାଗ୍ୟର,
ଏ ମାଗିନଥିବା ରେଖାଗୁଡ଼ିକ
କେଜାଣି ?
ମୁଁ ଗୁଡ଼ି ହୋଇଛି ଘୁଙ୍ଗୁରପରି ଯେ,
ଅଣନିଃଶ୍ୱାସୀ ହୋଇପଡୁଛି
ନା ସେ ସୂତାଖିଅକୁ ଛିଣ୍ଡେଇ
ମୁକୁଳି ପାରୁଛି ନା ସହିପାରୁଛି...
ଆବୋରି ନେଇଛି ଅବହେଳିତ
ମୋର ଜୀବନକୁ... !
ମୋତେ ପାଦରେ ବାନ୍ଧି
ତୁମେ ଚଢ଼ିଯାଅ ଉଚ୍ଚ..
ପାହାଚ ପରେ ପାହାଚ
ମୁଁ ଛିଣ୍ଡିଯାଏ ତୁମର ପାଦତଳକୁ..
ତା'ପରେ ବି ନିଜକୁ ସାଉଁଟି
ପୁଣିଥରେ ସମର୍ପି ଦିଏ ତୁମକୁ !

ପୋଷ୍ଟାଲ୍ କଲୋନୀ, ଭବାନୀପାଟଣା
ମୋ. ୭୦୦୮୯୩୧୫୯୧

ବର୍ଷା

ଦମୟନ୍ତୀ ରାଉତ



ସରଗୁ ଝରିଲେ ପାଣି ଟୋପା କେବେ
ନାମ ତାର ହୁଏ ବରଷା,
ଜୀବ ଜଗତର ହସ ତ ଫୁଟଇ
ମିଳିଯାଏ ତାଙ୍କୁ ଭରସା ।
ଘାସ ଓ ଫୁଲରେ ପାଣି ଟୋପେ ଥିଲେ
ନାମ ତାର ହୁଏ କାକର,
କଅଁଳ ଖରାରେ ଝିଙ୍କିକା ପାଦରେ
ଲାଗି ଦିଶେ କେଡ଼େ ସୁନ୍ଦର ।
ଆକାଶକୁ କେବେ ପାଣି ଚାଲିଗଲେ
ନାମ ତା'ର ହୁଏ ବାଷ୍ପ,
ପବନ ସହିତ ଲୁଚି ଚାଲିଯାଏ
ଭେଦି କେତେ ଜନ ପାଦପ ।
ପାଣି ଜମିଯାଇ ପଥର ହୋଇଲେ
ନାମ ତାର ହୁଏ ବରଫ,
ଉତ୍ତାପ ପାଇଲେ ତରଳି ଯାଇ ସେ
ହୋଇଯାଏ ପୁଣି ଅମାପ ।
ପାଣି ଯଦି କେବେ ବହି ଚାଲିଯାଏ
ନାମ ତା'ର ହୁଏ ନଦୀ,
ସାଗର ମିଳନେ ଆନନ୍ଦ ପାଏ ସେ
ମାନେନା କାହାର ବନ୍ଦୀ ।

ଜଗନ୍ନାଥପୁର, ନିଯୁ କଲୋନୀ, ଭଦ୍ରକ
ମୋ : ୬୩୭୦୨୫୫୯୫୧

ବର୍ଷା ନା ବର୍ଷା ପରି !

ରାଜେଶ ପୂଜାରୀ



ବୁଝିଥିଲେ ବର୍ଷା ମହାଦାନୀପଣରେ
ଅଜାଡ଼ିଦିଏ ଏତେ ସ୍ନେହ ଶ୍ରଦ୍ଧା ଯେ
ଅବିଶ୍ୱାସ୍ୟ ଅସମ୍ଭାଳ
ପୁଣି ଉଦଣ୍ଡୀ ସାଜି କରେ କଳବଳ
ତୁମର ବି ଠିକ୍ ସେମିତି
କ୍ଷଣେ ପ୍ରେମ ନିର୍ଝର
କ୍ଷଣେ ଧୋକାର ସ୍ୱାକ୍ଷର ।
କେବେ ପୋଷଣ କରିହୁଏ
ନୂତନ ଅଭିରୁଚି
ଆଉ କେବେ ବର୍ଷାରୁ ସୃଷ୍ଟି
ଅକଳିତ ଅନ୍ତରାୟମାନ
ସବୁ ସ୍ୱପ୍ନରେ ଧୂଳି ଦିଅନ୍ତି ବିଛି
ତୁମେ ସେହିପରି
କେବେ ମିଳନ ମାଧୁରୀ
କେବେ ବିରହର ତୁରୀ ।
ତଥାପି ବର୍ଷା ଭରସା ବଞ୍ଚିବାର
ଦେଖାଏ ମହାନ ଦିଗ
ଦୁଃଖ ପିଠିରେ ଲାଉ ହେଇ ଓହ୍ଲାଏ ସୁଖ
ବୋଧେ ତୁମେ ବି ସେମିତି କରୁଥାଅ
ଯିଏ ଦିଏ ନେଇପାରେ ବୋଲି କହି
ନେଇ ନେଇ ନିଃସ୍ୱ କରିଯାଅ ।
କେମିତି କେଜାଣି
ତୁମକୁ ଖୁବ୍ ଈର୍ଷା କରେ
ଆଦୌ ଗ୍ରହଣି ପାରେନା
ତୁମେ ବି ସେମିତି ବ୍ୟବହାର କର
ଯାହା ଯାହା ବର୍ଷା କରେ,
ମୋ ସାଙ୍ଗରେ ।
ସେଇଥିପାଇଁ ଅସହ୍ୟ ହେଲେ ବି
ମୋ ଛାତିରେ ଚାପି
କେତେ ଦରଦୀ ପର୍ବତ
ସୁଯୋଗ ଦିଏ ତୁମକୁ
ବାଟଭୁଲା ଭ୍ରମରମାନଙ୍କ ସାଥେ
ମନଭରି ଗୀତ ଗାଇ
ଲଟର ପଟର ହେବାକୁ ।
କିନ୍ତୁ ମୁଁ ଯାହା ଚାହେଁ
ସବୁବେଳେ ଓଲଟା ବାଟ ତୁମର
ଆଶା ସମୁଦ୍ର ପାଲଟେ ମରୁଭୂମି
ମୁଁ ବର୍ଷା ମୁଁ ହିଁ ବର୍ଷା ବୋଲି ଯେବେ
ନିର୍ଦ୍ୱନ୍ଦେ ଘୋଷଣା କରେ !
ମୁଁ ଅଭାଗା ବାଜି ହାରେ ସବୁଥର
ବିଜନ ବର୍ଷାରାତିରେ
ଭୂତ ପ୍ରେତ ପ୍ରାୟ ଭ୍ରମୁଥାଏ
ଅହରହ ବୃଥା ତର୍ଜମା କରି
ଧୀରେ ଧୀରେ ଯାଯାବର
ମେଘ ପାଲଟୁଥାଏ !

କୁଶମେଲ, କପିଲାପୁର
ପଞ୍ଚଗାଁ, ଝାରସୁଗୁଡ଼ା
ମୋ :୮୧୪୪୭୭୯୦୭୧

ବିଚିତ୍ର ବର୍ଣ୍ଣ।

ସୁଧାକର ଧନୀ




ଦୁଇଟି ବାପର ପୁଅରେ କାଳିଆ
ଦୁଇଟି ମାଆର ପୁଅ
ଜନମ ଲଭିଲୁ କଂସ ବଂଦୀ ଘରେ
ଲୀଳାକଲୁ ଆସି ଗୋପନଗରରେ
ମନ ଜିଣିହେଲୁ ପ୍ରିୟ
ଏବେ ଆସି ନିଜେ ଶ୍ରୀକ୍ଷେତ୍ର ଧାମରେ
ଉଡାଉଛୁ ଧ୍ୱଜବର,
ବାରମାସେ ତାର ଯାତରା ଖଞ୍ଜିଛୁ
କହି ନ ହୁଏ ଚାତର ॥
ଦୋଳ ଯେ ସ୍ନାହନ ପରେ ପରେ
ରଥ ଭକ୍ତଙ୍କ ଟଶାଓଟରା,
ରଥପରେ ବସି ଚାତର ଦେଖାଉ
ବିଶ୍ୱବାସୀ ହୋନ୍ତି ତୋରା ॥
ତୋର ରଥ ନାମ ନିଜେ ତୁ ଦେଇଛୁ
ନନ୍ଦିଘୋଷ ବୋଲି ହୁରି,
ଭଉଣୀ ରଥର ନାମ ରଖିଅଛୁ
ଦର୍ପ ଦଳନ ସଂଘାରି ॥
ବଡ଼ ଭାଇରଥ ବିଶ୍ୱର ବିଖ୍ୟାତ
ତାଳଧ୍ୱଜରେ ସମ୍ଭୁତ,
ତିନିରଥେ ତିନି ଦିଅଁ ଶୋଭାପାଅ
ପାପିଙ୍କ ପାପ ନିପାତ ॥
ବାର ଚଉଦ ଷୋଳ ଚକା ଧାଏଁ
ବଡ଼ ଦାଣ୍ଡକୁ ରଗଡ଼ି,
ଭକ୍ତମାନେ ରଥ ନେଉଥାନ୍ତି ଭିଡ଼ି
ଯେସନେ ସର୍ପ ଦଉଡ଼ି ॥
ଦଉଡ଼ିର ନାମ ଭୂବନ ବିଖ୍ୟାତ
ସ୍ୱର୍ଣ୍ଣ ଚୁଡ ଶଂଖଚୁଡ,
ତାଳଧ୍ୱଜ ରଥ ବାସୁକି ରୂପେଣ
ରହସ୍ୟ ଅତିବ ଗୁଢ଼ ॥
ଏ ସାରା ବିଶ୍ୱର ଚାରିବର୍ଣ୍ଣ ଜାତି
ଚାରି ଦିଅଁରେ ଶୋଭିତ,
ଚାରି ରଙ୍ଗେ ଚାରି ବର୍ଣ୍ଣ ଶୋଭାପାନ୍ତି
ସାରା ବିଶ୍ୱର ଜନ ତ ॥
ଶ୍ରୀ ସୁଦର୍ଶନଙ୍କ ରୂପ ନେଇଥାନ୍ତି
ଲୋହିତ ଭାରତବାସୀ,
ଶ୍ରୀ ସୁଭଦ୍ରାଙ୍କ ରୂପେ ବିରାଜନ୍ତି
ଚାଇନା ତିଈତ ପାର୍ସୀ ॥
ପାଶ୍ଚାତ୍ୟ ଦେଶର ବର୍ଣ୍ଣର ଶୁଭ୍ରତା
ବଳଭଦ୍ରଙ୍କୁ ପ୍ରଶଂସୀ,
ଶ୍ରୀ ଜଗନ୍ନାଥଙ୍କ ରୂପରେ ଶୋଭିତ
ଆମେ ଯେ ଭାରତବାସୀ ॥
ଭେଦ ଭାବ ନାହିଁ ଆମର କାଳିଆ
ତୁ ପରା ମଥାର ମଣି,
ତୋତେ ଭଜି ତୋର ନାମକୁ ଗାଇଣ
ମରଣ ପାରୁଛୁ ଜିଣି ॥

ଘଣ୍ଟେଶ୍ୱର, ନଚ୍ଛିବିନ୍ଧା
ମୋ : ୯୧୭୮୪୩୯୦୨୩

ଇସ୍ତାହାର

ବିଶ୍ୱଜିତ ଦାସ

ମୁଁ ବି ମେନିଫେଷ୍ଟୋ ଜାରି କଲି
ପାଞ୍ଚଶହ ରେ ଜୀବନ
ପାଞ୍ଚ କିଲୋ ରେ ଭୋକ
ପାଞ୍ଚ ବର୍ଷ ରେ ସୁନ୍ଦର ଭବିଷ୍ୟତର
ପାହାଡ଼ ଖୋଲ ରୁ ଦେଖାଇଲି ବିକାଶ ର ପିରାମିଡ଼
ପଖାଳ କଂସାରେ ଦେଖାଇଲି ପ୍ୟାରିସ ପେଟିସ ର ଚିତ୍ର
ଫରେନ୍ ର ରାସ୍ତା ମାନଙ୍କୁ କାଦୁଅ କାନ୍ଥ ରେ ଛପାଇଲି
ମୁଁ ବି ମେନିଫେଷ୍ଟୋ ଜାରି କଲି




ସ୍କୁଲ ପାଚେରୀ ରେ ଆଙ୍କିଲି ସ୍ୱ କୃତିତ୍ୱ ର ରାମାୟଣ
ହଜାରେ କୋଶ ଦେଶରୁ ଆଣିଲି ଶତ୍ରୁଭୟ ର ପ୍ରକରଣ
ନାସିଦେବି ଯଦି ମୁଁ ଜିତିଲି
ମୁଁ ବି ମେନିଫେଷ୍ଟୋ ଜାରିକଲି
ମୋ ଦେଶ ସାଧୁ ସନ୍ଥ ଙ୍କର
ଏଠି ଧର୍ମ ଆଗ ଆଉ ସବୁ ପଛର
ସବ୍ବା ସେକ୍ ଜମିରେ ମନ୍ଦିର ଟେ ତୋଳିଲି
ମୁଁ ବି ମେନିଫେଷ୍ଟୋ ଜାରିକଲି
ରହିବେନି ବେକାର କେହି ମୋ ଇଲାକାରେ
ପଞ୍ଚମପାସ୍ ବି କରିବେ ଚାକିରୀ କଲକ୍ଟରେଟ୍‌ରେ
ଏ ସବୁ ଜନତା ଙ୍କୁ ମୋ ଅଧିଆରୀ କଲି
ମୁଁ ବି ମେନିଫେଷ୍ଟୋ ଜାରିକାଲି
ଏବେ ପ୍ରତିଦିନ କରିବି ମୁଁ ଲୋକଙ୍କର ଶୁଣାଣି
କାହା ଘରେ ନାହିଁ ଭାତ କାହା ଘରେ ତୋରାଣି
ମୋ ଥିବା ଯାଏଁ ଭୋକେ, କେହି ନଯିବେ ଯେ ଚାଲି
ମୁଁ ବି ମେନିଫେଷ୍ଟୋ ଜାରିକଲି
ତେଲ, ପିଆଜ, ଲୁଣ ଏସବୁ ମୋ ହାତରେ ନାସ୍ତି
ତଥାପି ହେ ଭୋଟର ମୋତେ ଦିଅ ନାହିଁ ଶାସ୍ତି
ଶେଷ ଥର ଜିତେଇ ବାକୁ ଗୁହାରି କରିଲି
ମୁଁ ବି ମେନିଫେଷ୍ଟୋ ଜାରିକଲି।।

ଠିକଣା :-ଥାଳକୁଡି, ମଙ୍ଗଳପୁର, ଯାଜପୁର
ମୋ :-୭୦୬୭୮୬୬୨୪୦

'ହୃଦୟେଶ୍ୱର'

ସତ୍ୟବ୍ରତ ସାହୁ



ତମକୁ ଭଲ ପାଏ ବୋଲି ତ
କରିପାରେନା ପାପ, ଟପିପାରେନା ସୀମା
କାଳେ ତମେ ଭୁଲ ବୁଝିବ ମୋତେ
ଦେଇ ଦେବ ଅଭିଶାପ ।
ହସି ହସି ସହିନିଏ ତମ ଦିଆ ଦୁଃଖ ସବୁ
ଢକ ଢକ କରି ପିଇଯାଏ ଯନ୍ତ୍ରଣା
ସହିଯାଏ ମୋ' ଭାବାବେଗ ସହ
ତମର ଦୁଷ୍ଟାମୀ ଖେଳ
ତମକୁ ବିଶ୍ୱାସ କରି
ଅମୃତ ଭାବି ପିଇଯାଏ ବିଷ
ଯେହେତୁ ସମର୍ପି ଦିଅ ତମେ ।
ତମ ଖୁସି ପାଇଁ
ନିଜେ ସହିଯାଏ ଭୋକ, ଶୋଷ
ଭୁଲିଯାଏ ଯଶ, ପ୍ରଭୁତ୍ୱ....
ଦହନର ଜ୍ୱାଳା
ମାରିଦିଏ କାମ, କ୍ରୋଧ
ମୋ' ନିଜ ଭିତରେ
ତମ ଭାବନରେ
କାଟିଦିଏ ଦିନ, ରାତି
ତମ ଗୁଣ ମନେମନେ ଗୁଣି ହୁଏ
ଶାନ୍ତି ପାଏ ତମ ପ୍ରଶସ୍ତି ଗାନରେ ।
ତମ ଦର୍ଶନରେ ମିଳିଯାଏ ତୃପ୍ତି
ସ୍ୱର୍ଗରେ ଅପୂର୍ବ ଆନନ୍ଦ....
ଅପ୍ରକାଶ୍ୟ ଶିହରଣ
ଆହାଃ... କି ଆକର୍ଷଣ
ସତରେ ସେ ହସରେ
ମନ୍ତ୍ରମୁଗ୍ଧ କରିଦିଏ
ତମ ମୁଖ ଦର୍ଶନ
ସେଥିପାଇଁ ତ
ମନରେ ହଜାରେ ଉତ୍କଣ୍ଠା
ତମ ଦର୍ଶନ ପାଇଁ
କି ଯାଦୁ ଥାଏ
ତମ ରୂପରେ କେଜାଣି
ମୁଁ ବାରମ୍ବାର ଆକର୍ଷିତ ହୁଏ ।
ଭଲ ପାଏ ବୋଲି ତ
ତମକୁ ଖୁଜୁଥାଏ... ଖୋଜୁଥାଏ
ଏ ଦେହ, ମନ, ପ୍ରାଣ ।
ହେ ହୃଦୟେଶ୍ୱର...
ମୁଁ ତମକୁ ଯେତିକି ଭଲପାଏ
ତମେ କ'ଣ
ସେତିକି ଭଲ ପାଅ ମୋତେ !!

ପଲ୍ଲାସାହି, କାମାଳପୁର
ଅହିଯାସ, ଯାଜପୁର

ଅଭିମାନ

ଆଶିଷ ମହାପାତ୍ର



ଜିଦ୍ ର ପଥର ତଳେ ପୁଲକହୀନ ଅକୁହା ଶବ୍ଦ
ନୀରବରେ ଲୁଚିଯାନ୍ତି ମୁହୂର୍ତ୍ତେ ଦିନଟେ
ଅବା କାଳ କାଳ ଲାଗି ।
ଆପଣାର ବୋଲି ଚିହ୍ନି ହୁଏନା
ଝୁଲୁଥାଏ ନଥିବା ଡାଳରେ ମୁହଁ ଥମଥମ ମହୁଫେଣା ।
ଆକାଶର ଅଗଣାରେ ଦିନେ ଦିନେ ହାରମୋନିୟମ୍ ବଜାନ୍ତି ବହଳ ମେଘ
ଶୁଭେନା ବର୍ଷାର ରିମଝିମ୍ ସ୍ୱର ଅଥଚ ଦିନ ତମାମ୍ ମୁହଁ ଦିଶେନା ସୂର୍ଯ୍ୟର ।
ମୂଳ ନଈର ଅଗଣା ଭୁଲି ଯୁଗ ଯୁଗ ଧରି ବାଟ ଭାଙ୍ଗି ଧାଇଁଛି ସୁଅ
ଧାରେ ଧାରେ ଭିନ୍ନ ନାଆଁ ଲେଖି ଚିହ୍ନା ବେଳାର ସାଗର ଲାଗେ ଅଜଣା
ଭିତରୁ ଡାକିଆଣି ସୁନାମୀ ।
ବୁଝିହୁଏନି ଦୀର୍ଘଶ୍ୱାସ ବର୍ଷ ବର୍ଷ ପଡ଼ିରହେ
ମୁଦା ଅପଢା ଚିଠି ଏମିତି ବି ଜହ୍ନ ନଥିଲା
ବାକି ଯେତେ ନକ୍ଷତ୍ର ତାରା ବାହାରି ଯାଇଥିଲେ ବୁଲି
ଏକା ଏକା ଆକାଶ ରାତି ବିତେଇଲା କାଲି ।
ସେଦିନ ଚାହିଁବାପଣ ବସିଥିଲା ଆଖି ଲଟକେଇ
ଅଥଚ ପ୍ରତିଥର ପରି ଫେରି ଚାହିଁଲେନି ଦୁଇ ସଜଳ ଆଖି
ଖିଆଲରେ ଯାଇଛି ସେଦିନୁ ନୀଡକୁ ବାହୁଡିନି ପକ୍ଷୀ ।
ମନକୁ ଅବୁଝା କରି କେବେ କେବେ ତିଆରେ ପ୍ରଶ୍ନବାଚୀ
ଯେମିତି ବୁଝିପାରିଲେନି ଗଛ ଓ ମୁଁ ସାଥେ ବଢୁଥିଲେ ପାଖାପାଖି
ଭିନ୍ନ ଡାଳେ ଫୁଟିଲାରୁ ପହିଲି ଫୁଲଟି
ମଝି ଡାଳରୁ କାହିଁକି ଶୁଖି ଝଡିଗଲା କଢି !!

'ପ୍ରଶାନ୍ତି ନିଳୟ', ପଶାୟତ କଲୋନୀ,
ହରିପୁର-ପିଠାପୁର ରୋଡ୍, କଟକ-୧

ଆ ଯିବା....

ନିରୁପମା ବେହେରା



କେବେ ଦିନେ ଛୁଟି ନେଇ
ଆ ଯିବା ପୁରୁଣା ସହର
ଖୋଜିବା ହଜିଯାଇଥିବା ଠିକଣା
ସେ ଠିକଣାରେ ପଳାଶଫୁଲର ବଣ
ସେ ଛାଇକୁ ମୁଁ ବାନ୍ଧିବି ପଣତରେ
ତୁ ସାଇତିକୁ ତା ଚଉଡା ପତ୍ର
ତୋ ଛାତି ପକେଟ୍‌ରେ
ଫୁଲ ସବୁ କଅଁଳି ଉଠିବେ ଦେଖିବୁ
ଅଚାନକ ଅଦିନରେ ।
ଆ ଛୁଟି ନେଇ ଯିବା ଦିନେ ଶେଷବେଞ୍ଚ୍
ପାଖାପାଖି ବସିବା
ମୁଁ ଗପ କହିବି, ତୁ ଚିତ୍ର ଆଙ୍କିବୁ
ଆମ କଥା ସବୁ ପାଲଟିବ
ଭାବର କବିତା ।
ଆ ଯିବା ଥରୁଟେ
ନଈପଠା ଆଡେ
ସଂଜ ଦେଖିବା,
ନଈପାଣିକୁ ପାଦରେ
ଚବଚବ କରିବା
ବାଲିରେ ତୋଳିବା
ଛୋଟ ଗୋଟେ ଘର
ସେଇ ଘର ଆଗେ
ତୋ ମୋ ନାଁ ଲେଖିବା ।
ଚାଲ ଯିବା ଆଉଥରେ
ସେ ଟୀଣ ଘେରା ଟିଷ୍ଟଲ
କାଚ କପରେ ଓଠ ବୁଡେଇ
ଉଷ୍ମତା ଭୋଗିବା
ଯେତେ ଗାଢ ହେଉଥାଉ ବର୍ଷା
ଟପଟପ ପାଣିରେ ନିଆଁ ଲଗେଇବା ।
ଯିବା ଆ ଜଂଗଲ ଉପକଣ୍ଠର
ସେ କୁଂଚି ପାହାଡ
ପାଦଦେଶରେ ଜାଗା ଖଣ୍ଡେ
ନବାର ସ୍ୱପ୍ନ ଦେଖିବା
ରକମ ରକମ ଫୁଲଙ୍କୁ ଠକିଣା ଦବା
ସେ ଝରଣା ପାଖେ
ହାତରେ ହାତ ଛନ୍ଦି
ଗୁଣୁଗୁଣୁ ଗୀତ ଗାଇବା ।
ଛୁଟିନେଇ ଆ ଯିବା ଥରୁଟେ
ମନ୍ଦିର ମସଜିଦ ଗୁରୁଦ୍ୱାରା
ଭେଟହେଲେ ପଚାରିବା ଈଶ୍ୱରଙ୍କୁ
କେଉଁଠି ଅଟକିଲା ସେ କଥା ଆମ
କେବେ ଦିନେ ଏକ୍ ହବା ବୋଲି
ହାତପାତି ମାଗିଥିଲେ ପରା ? ? ?

ଏଲ.ଆଇ.ସି. ଅଫିସ
ସେକ୍ଟର -୬, କଟକ
ମୋ : ୭୮୪୮୮୦୦୩୦୦

ବିଷାଦ ବେପଥୁ

ଅନୀତା ପାଣି



ଜୀବନ ଅଛି, ଲକ୍ଷ୍ୟ ଅଛି ; ଲକ୍ଷ୍ୟ ଅଛି ତ ଅଛି ଅନ୍ୱେଷଣ ।
ଖଣ୍ଡିଉଡ଼ା ଶିଖେ ଶାବକ କଅଁଳ ଡେଣାରେ ବଳ ଭରେ
ଉଡାଣ ଶିଖେ, ଦୂର ଦିଗନ୍ତକୁ ଲକ୍ଷ୍ୟ ରଖେ ।
ସନ୍ଧାନୀ ଆଖି ଦିଟା ସାତ ଦରିଆ ତେର ନଈ ପାରିହୁଏ
ମାଆର ପଣତ, ବାପାର ନାଲି ଗାମୁଛାରେ
ଲୁଚେଇ ଲୁଚେଇ ଲୁହ ପୋଛେ,
ମାଟିର ମମତା ଛାତିରେ ରଖେ ।
ପୂର୍ବଜ ଦେଖି ନ ଥିବା ଇଲାକାରେ ପାଦ ଥାପେ
ଅଗ୍ରଜ ଦେଖି ନ ଥିବା ସ୍ୱପ୍ନ ସାଉଁଟି ଆଣେ
ହାତ ପାହାନ୍ତାରୁ ଅଚାନକ ଖସିଯାଏ
ବିଦେଶ ମାଟି , ଦୁଲୁକି ପଡ଼େ
କମ୍ପିଉଟେ ଅହଂକାରୀର
ନିର୍ଦ୍ଦୟ ମିଶାଇଲ୍ ମାଡ଼ରେ ।
ଶାନ୍ତିର କୋପତ ଗୁମୁରିବା ଭୁଲିଯାଏ
ଭୁଲିଯାଏ ତାର ଲକ୍ଷ୍ୟ, ଅନ୍ୱେଷଣ
ତା ପାରିବାପଣ ।
ଯୁଦ୍ଧ କେବେ ମଙ୍ଗଳ କରିଛି କି ?
ବିଦ୍ରୁପରେ ଗୋଟେ ସଭ୍ୟତାର ବିଲୟ ହୁଏ !
ରକ୍ତନଦୀ କେବେ ତୃପ୍ତି ଦେଇଚି ?
ଅଭିମାନୀ ମସ୍ତକ ନଇଁପଡ଼ିଚି
ବିଧବା ସନ୍ତାନହୀନ ମାଆର ପାଦରେ ।
ଦେଇଛି ଭୋକ, ଉଜୁଡ଼ା ସଂସାର
ଢଳଢଳ ଆଖିରେ ନିରାଶାର ନଗ୍ନତା
ବେସାହାରା ଜୀବନ, ସ୍ୱପ୍ନ ଶତଭଙ୍ଗ
ଧୂଳି, ନିଆଁ, ବାରୁଦର ଗନ୍ଧରେ
ଶ୍ୱାସରୁଦ୍ଧ ପ୍ରାଣପକ୍ଷୀ ।

ଶାନ୍ତି ଅବିରରେ ମୋକ୍ଷ ଅଛି ;
ରକ୍ତର ଛିଟାରେ ଦୁର୍ଗନ୍ଧ,
ଫଗୁଣର ଫୁଲମନା ବନେ,
ହଠାତ ଏ ଅଶାନ୍ତ ଝଡ ?
ଝଡ ଥମିଯାଉ,
କଅଁଳ ଡେଣା ଆହୁରି
ମଜବୁତ ହେଉ
ବାହୁଡି ଆସୁ ବାଇଚଢେଇ,
ସ୍ୱାଭିମାନରେ ବସାମୁହାଁ ହୋଇ
ପୂରିଉଠୁ ମାଆର କୋଳ;
ବାପା ମୁହଁରେ ହସ ଫେରୁ
ଚୁଲିରେ ପୁଣି ଆନନ୍ଦର ଭାତ
ଖେଳୁଥାଉ ତତଲା ପାଣିରେ ।

ସଂପାଦିକା ଶ୍ୱେତପଦ୍ମ
ପଦ୍ମେଶୟ, ସୌଭାଗ୍ୟ ନଗର
ଅନୁଗୋଳ, ପିନ୍ - ୭୫୯୧୨୨
ଫୋନ୍ : ୮୩୨୭୭୦୫୯୭୦

ସ୍ମୃତି

ରବି ଶତପଥୀ



ସେମାନେ ଫେରି ଆସିବା ସତ
ହେଲେ ଦିଶୁନାହିଁ ପାଦ, ଦେହ କି ମୁହଁ
ଖାଲି ଯାହା ପାଦଚିହ୍ନ ।
ଆମେ ନଲୋଡ଼ିଲା ବେଳେ ସେମାନେ ଏମିତି ଆସନ୍ତି
ଆଉ ଖୋଜିଲା ବେଳେ କୁଆଡେ ଯାଆନ୍ତି କେଜାଣି
କିଏ କହିପାରିବ
ସେତେବେଳେ ସେମାନଙ୍କ ଠିକଣା ।

ଦୁଇପଦ କଥାରେ ସେମାନଙ୍କ ସହ ଗଢିଉଠିଥିଲା
କୋଣାର୍କର କାରୁକାର୍ଯ୍ୟ ପରି ଗୋଟେ ସୁନ୍ଦର ସମ୍ପର୍କ ।
ପରେ ପରେ ବୁଝିହେଲା ସମ୍ପର୍କ ଗଢ଼ାହୁଏ
ଭଙ୍ଗା ଯାଇପାରେନା ।
କେଉଁ ଭଲପାଇବାର ମନ୍ତ୍ରରେ
ଅଭିମନ୍ତ୍ରିତ ହେଲେ ଯେ, ଭୁଲିପାରିଲେନି ଆମକୁ ।

ନହେଲେ ସେମାନେ କ'ଣ
ଏମିତି ଗୋଟେ ଅ ଡକରାରେ
ଫେରି ଆସୁଥାନ୍ତେ ବାରମ୍ବାର ॥

ଅଧ୍ୟାପକ ଓଡ଼ିଆ ବିଭାଗ
ନନ୍ଦପୁର କଲେଜ, କୋରାପୁଟ
ସମ୍ପର୍କ - ୯୪୩୭୭୮୪୮୫୯

ହେଲେ ମୁଁ ନାଚାର

ପବନ କୁମାର ନାୟକ



ହେ ମୋର ପ୍ରିୟ ଆତ୍ମୀୟ
ତୁମେ ମୋତେ ମନେରଖିଛ
ପ୍ରତିବର୍ଷ ମୋତେ ଆହ୍ୱାନ କରୁଛ
ମୋଟାମୋଟି ତୁମ ହୃଦମନ୍ଦିରରେ ମୁଁ
ଏଥୁ ଅଧିକବା ମୋ ପାଇଁ କଣ ହୋଇପାରେ !
ଅନ୍ତରର ଅନେକ ବେଦନା
ପୁଞ୍ଜିଭୂତହୋଇ ରହିଛି
ନକହିଲେ କାଳେ ଦୋଷୀ ହୋଇଯିବି
ସେଲାଗି କହିଦେବି
ପ୍ରକାଶ କଲେ ଦୁଃଖ ଲାଘବ ହୁଏ
ବୋଲି କ୍ଷ
ଆରାଧନାରୁ ଅଧିକ ଚାକଚକ୍ୟ
ଅର୍ଚ୍ଚନାରୁ ଅଧିକ ଅହମିକା
ପ୍ରସାଦରୁ ଅଧିକ ପ୍ରସାଧାନ
ସ୍ତୁତିରୁ ଅଧିକ ଶବ୍ଦ ପ୍ରଦୂଷଣ
ଅସହ୍ୟ ମୁଁ ଅଥୟ ମୁଁ କ୍ଷ
କାନତରା କୁହାଟ
ବୁକୁଥରା ଉଚ୍ଚାଟ
ଭାରି ଭାରି ଲାଗିଲାଣି ମୋତେ
କେବେ ଯଦି କ୍ରୋଧରେ
ଶୂଳଟାକୁ ଭୂଷି ଦେବି
ତୋହରି ଛାତିରେ
କୀର୍ତ୍ତିରେ ମୋ କଳଙ୍କ ଲାଗିବ କ୍ଷ
ମାତୃତ୍ୱ ମୋ ହେବ ଛାରଖାର
ହେଲେ ମୁଁ ନାଚାର କ୍ଷ

ସମ୍ପାଦକ
ଭଣ୍ଡାରିପୋଖରୀ ସାହିତ୍ୟସଂସଦ
ମୋ. ୬୩୭୨୦୯୧୩୧୩

ଶିକ୍ଷକ

ସ୍ମିତିପ୍ରଜ୍ଞା ସ୍ୱାଇଁ



ହଳେ ଫିକା ଆଉ ଗାଢ଼ ନୀଳ ପୋଷାକରେ
କେଇ ବର୍ଷର ପୁରୁଣା ଗାଡ଼ିଟାକୁ ଧରି
ନିଇତି ସ୍କୁଲକୁ ଆସେ ଜଣେ ଲୋକଟିଏ,
କାହିଁକି ଆସୁଛ ?
ପଚାରିଲେ କୁହେ
ଅଜ୍ଞାନତାର ଅନ୍ଧକାରକୁ ହଟେଇ
ମୁଁ ଜାଳିବି ଜ୍ଞାନର ଦୀପଟିଏ ।
କେବେ ହସି ଉଠେ ସିଏ ପିଲାଙ୍କ ହସରେ
କେବେ ଲୁହ ଦେଖି ସିଏ କାନ୍ଦେ,
ପର ରକତର ହେଲେ ବି' ଲୋକଟା
ଏଠି ରକ୍ତର ସମ୍ପର୍କ ବାନ୍ଧେ ।
ଦେଖିକି ମୁଁ କେବେ ପଚାରିନି ତାଙ୍କୁ
ଦରମା ତୁମର କେତେ ?
ହେଲେ ! ଏତିକି ଜାଣିଛି ମନଟା ମୋହର
ତାଙ୍କ ହୃଦୟଟା ଆକାଶର କ୍ଷେତ୍ରଫଳ ଯେତେ
ସେ ବଞ୍ଚିଥିବା ଯାଏଁ ସମାଜ ସୁଧାରୁଥିବେ
ଶେଷ ରକ୍ତବିନ୍ଦୁ ଦେଇ
ମରିଲା ପରେ ବି' ଡ଼ାକ ଛାଡୁଥିବେ
ସ୍ୱାଭିମାନୀ ହେବାପାଇଁ ।
ନାଁ ଟା ମାଟିରେ ମିଶିବା ଆଗରୁ
ଲୋକେ କୁହନ୍ତି:
ସେ ଥିଲେ କୁଆଡ଼େ ନ୍ୟାୟ ଓ ଆଦର୍ଶର ଭୀଷ୍ମ
ହେଲେ ମୁଁ ଜାଣେ,
ଅନ୍ୟାୟ ପାଖରେ ମୁଣ୍ଡ ନ ନୁଆଇଁଥିବା
ସେ ମହୀୟାନ ଦେବତାଙ୍କ ନାଁ ଶିକ୍ଷକ ।

କଟକ
ଯୋଗାଯୋଗ : ୭୭୩୫୭୨୩୦୫୪

ଜହ୍ନ ଜଳୁଛି

ସତ୍ୟବ୍ରତ ସ୍ୱାଇଁ



ଆରେ ଦେଖ୍ ସେ ଜହ୍ନକୁ
କେମିତି ଦାଉ ଦାଉ ହେଇ ଜଳୁଛି ।
ମୁହଁରେ ଦାଗ ଯେମିତି ଶୋଇନି ବହୁରାତି,
ପଚାରିକି ବୁଝ ତ ଟିକିଏ ତା'ର ଦେହପା କଥା ।
ନିରୁତ୍ତର ନିଶବ୍ଦ ଓଠରେ ହସି ଭିତରେ ପାଉଁଶ;
ନିଆଁର ସନ୍ଧାନ ଖୋଜୁ ଖୋଜୁ
ପହଞ୍ଚିଲି ଜାଳେଣୀ ପାଖରେ ।
ବିରାଟ ଗୋଟିଏ ଗଛ ଭୂଇଁରୁ ଉପୁଡ଼ି ପଡ଼ିଛି
ଏକଦା ବଞ୍ଚିଥିଲା ଫୁଲ ଫଳ ପତ୍ରରେ ବୋଝେଇ ହୋଇଥିଲା ।
ଦୀନନାଥର ଦାରୁଣାଗ୍ନିରୁ ବାଟୋଇକୁ ବଞ୍ଚାଇବା ପାଇଁ
ପଣତକୁ ସାତ ଘେରା କରି ପାରିଦେଉଥିଲା ।
କେତେ କ'ଣ ବୋହି ନେଲେ ଶେଷରେ କାଉ ଶାଗୁଣା ସାଜି
ଗଛର ଗଣ୍ଠିଟା ପାଖରେ ବସିଛନ୍ତି, ଆଶା ଆହୁରି ମିଳିବ ।
ଏତିକିବେଳୁ କାଗଜପତ୍ର କାମ ସାରିଦେବାକୁ ତାଗିଦ୍ ।
ପ୍ରଶ୍ୱାସର ପ୍ରବେଶ ସରୁ ସରୁ ବିଶ୍ୱାସ ବୁଡ଼ି ମରେ
ବଳିଦାନ ଅର୍ଥହୀନ; ଏଇ ନିୟତି ।
କେତେ ରାତି ଅନିଦ୍ରା ହିସାବ ନାହିଁ ଆଲୁଅର ବତିକା ଓଦା ଶେଯ ଅରୁଣା କେଶ
ଅଧା ଲୁଗା ଓଦା କେଉଁ କୋଣରେ ଆଉଜି ପଡ଼ିଥିଲା ।
ଏଇ ସେ ଜହ୍ନ ଆଜି ସେ ଜଳୁଛି ଓ ଆଲୋକ ବାଣ୍ଟୁଛି
ଅନ୍ଧାର ଆକାଶରେ ନୁହେଁ , ମାଟିହାଣ୍ଡି ଚିରାକନା ଚାଞ୍ଚୁଡ଼ି ପଡ଼ିଥିବା ଅପରିତ୍ୟକ୍ତ ଭୂଇଁରେ ।
ତାର ଆଲୋକ ସମାଜକୁ ଚାପୁଡ଼ା ମାରି ହସି ହସି ପଚାରେ
କେତେ ନବ; ନିଜେ ହିଁ ତା'ର ଉତ୍ତର ଦିଏ ।
ଏତିକିବେଳେ ପାଟି ଶୁଭିଲା ସିନ୍ଧୁକ ଚାବି ମିଳିଲା ।

ଜଗତସିଂହପୁର
ମୋ. ୬୩୭୨୪୩୩୮୦୨

ଗୀତରେ ଗଣିତ

ଅମର ନାଥ ବାରିକ୍



ଗଛେ ରହୁଥିଲେ ପକ୍ଷୀ ଯେତିକି
ଅଧା ଉଡ଼ିଗଲେ ଖାଦ୍ୟ ପାଇଁକି ।
ବାକି ବସିଛନ୍ତି ଅଧା ଛ ଗୋଟି
ତେବେ କୁହ ପକ୍ଷୀ ଥିଲେ କେତୋଟି ?

ଜଙ୍ଗଲରେ ହାତୀ ଦଶଟି ଥିଲେ
ପ୍ରାଣୀ ଉଦ୍ୟାନକୁ ଦୁଇଟି ଗଲେ ।
ଗାଆଁ ବୁଲିବାକୁ ଗୋଟିଏ ଗଲା
ଜଙ୍ଗଲରେ ଆଉ କେତେ ରହିଲା ?

ଆଇ ରଖିଥିଲେ ତେରଟି ଗାଈ
ଅଜା ନିଅନ୍ତି ଚରାଇବା ପାଇଁ ।
ନ ଯାଇ ଗୁହାଳେ ତିନି ରହିଲେ
ଚରିବାକୁ ତେବେ କେତୋଟି ଗଲେ ?

ଗାତରେ ଢମଣା ଗୋଟିଏ ଥିଲା
କେଳା ଆସି ତାକୁ ଧରିଣ ଦେଲା ।
କୁହ ପିଲେ ଏବେ ସେହି ଗାତରେ
ରହିଛି ଢମଣା କେତେ ଗୋଟିରେ ?

କୁନା ଯାଇଥିଲା ମାମୁଁ ଘରକୁ
ମାଇଁ ପାଞ୍ଚ ଟଙ୍କା ଦେଲେ କୁନାକୁ ।
ଟଙ୍କାକରେ କୁନା ଚୁଚୁମା ନେଲା
କୁନା ପାଖେ ଆଉ କେତେ ରହିଲା ?

ଗ୍ରାମ/ପୋ : କୟାଁ, ଥାନା : ମଙ୍ଗଳପୁର, ଜିଲ୍ଲା : ଯାଜପୁର
ଓଡ଼ିଶା, ପିନ୍ : ୭୫୫୦୧୧
ମୋ.୯୫୪୦୩୦୮୦୯୫

ସତ୍ୟପାଠ

ବ୍ରଜ ନାୟକ



କବି ବା ଲେଖକ ବୋଲି
ମୁଁ ଖୋଜୁଛି ପୁରସ୍କାର
ଦେଶରୁ ବିଦେଶ
ବୁଦ୍ଧିଜୀବୀ ମହାଜ୍ଞାନୀ
ବାଗ୍‌ଦେବୀଙ୍କ ବରପୁତ୍ର ବୋଲି
ଦେଉଛି ସଂଦେଶ
କିନ୍ତୁ ଏ ଦେଶର କୋଟି କୋଟି ନର-ନାରୀ
ଖାଦ୍ୟ - ବସ୍ତ୍ର - ବାସହୀନ
ଅକାଳ ବାର୍ଦ୍ଧକ୍ୟଗ୍ରସ୍ତ
ଅଳ୍ପାୟୁଷ ।
କେତେ ଧର୍ମଗ୍ରନ୍ଥ, କାବ୍ୟ - ମହାକାବ୍ୟ
ହଜାର ହଜାର ବର୍ଷଧରି
ଯେତେ ଯା' ଲେଖିଛି
ବିଭେଦର ମଞ୍ଜି ବୁଣି
ଧର୍ମନାମେ ମଣିଷକୁ ତଫାତ୍ କରିଛି ।
ଖାଦ୍ୟବିନା ଅପମୃତ୍ୟୁ ରୋକିବାକୁ
ନ ହେଲି ସକ୍ଷମ
ଧର୍ମଯୁଦ୍ଧ ନାମେ ରକ୍ତପାତ
କବି ନାମେ ଶ୍ରେଷ୍ଠ ନରାଧମ ।
ଏବେ ସୁଦ୍ଧା ମୁଁ ଶାସକର ଦାସ
ଦାସ କବି, ଚେତନା ସୀମିତ
ସୁନ୍ଦରୀର ଝିନ ବସ୍ତ୍ର ତଳେ
ସ୍ୱପ୍ନ ବୁଣୁଥିବା ସ୍ୱପ୍ନ ସୌଦାଗର
ପାଣ୍ଡିତ୍ୟରେ ସ୍ଥିତ ଅପ୍ରମିତ ।

ଏକ ବିଶ୍ୱ, ଏକ ଧର୍ମ, ଏକ ଭଗବାନ
ଭିତରେ ସୃଜି ବିଭେଦ ଧର୍ମ ଗୁରୁଗଣ
ଏ ବିଶ୍ୱକୁ ରୁଧିରାକ୍ତ କରିଥିବାବେଳେ
ମୁଁ ଲେଖିଛି ସେମାନଙ୍କ ବର୍ଣ୍ଣନା
ତଫାତ୍ ଈଶ୍ୱରଙ୍କର ତଫାତ୍ ପ୍ରାର୍ଥନା ।
ଏଣୁ ଧିକ୍ ମୋତେ
ମୋ ସାହିତ୍ୟକୁ ଧିକ୍
ଯୌନବାଦୀ, ଆତ୍ମବାଦୀ, ଗୁରୁବାଦୀ
ଭିନ୍ନ ଭିନ୍ନ ଧର୍ମବାଦୀ ଚେତନାରେ
ଜଡ଼ମଡ଼ ଯେତେ ଯାହା ଧିକ !
ଶତଧିକ୍ !

ମୋଟେଲଛକ, ଭଦ୍ରକ

କର୍ମବୀର

ବସନ୍ତ କୁମାର ପାତ୍ର



କର୍ମବୀର ତୁମେ କର୍ମ କରିଯାଅ
ଫଳ ଆଶା ତୁମେ ଭୁଲି
ସଫଳତା ଦିନେ ଚରଣ ଛୁଇଁବ
ଆଜି ନ ହେଲେ ବି କାଲି ।
ଯେଉଁ ସମୟଟି ଯାଉଅଛି ଚାଲି
ତୁମ ପାଇଁ ମୂଲ୍ୟବାନ
ତାକୁ ଜଗି ଯିଏ କର୍ମ କରିଯାଏ
ଜୀବନେ ହୁଏ ସେ ଧନ୍ୟ ।
ଆଜି ଯେଉଁ କାମ କରିବାକୁ ଅଛି
ଏବେ ସେ କାମକୁ କର
କାଲିର କାମକୁ ଆଜି କରିନେବା
ସବୁଠୁ ଅଟଇ ଭଲ ।
କର୍ମପଥେ ଯିଏ ଜାଗ୍ରତ ରହଇ
ଭାଗ୍ୟ ଦିଏ ତାର ସାଥେ
ଆଳସ୍ୟ ଜୀବନ ଭାଗ୍ୟକୁ ଆଦରି
ଦୁଃଖରେ ଜୀବନ କାଟେ ।
ଉଦ୍‌ଯୋଗ ବଳରେ ସବୁତ ସମ୍ଭବ
ଅସାଧ୍ୟ କିଛି ତ ନାହିଁ
ଆଶାବର୍ତ୍ତୀ ଫଳ ନ ହେଉ ପଛକେ
କିଛି ତ ପାରିବା ହୋଇ ।
ଜାଗ୍ରତ ଯିଏରେ ସେଇତ ପାଏରେ
ସ୍ମୃତିଶାସ୍ତ୍ରର ଏ ମତ
ଶୋଇପଡ଼େ ଯିଏ ହରାଇବ ସିଏ
ଏ କଥା ନିରାଟ ସତ୍ୟ ।

ବଙ୍କସାହି, ଭଦ୍ରକ
ମୋ - ୯୮୫୩୯୫୪୦୭୯

ହୀରାଖଣ୍ଡର ଦ୍ୱିତୀୟ ପୃଷ୍ଠା

ହରେଶ ନାଏକ



ସକାଳ-ମୁହାଁ ଉଡ଼ି ଯାଉଥିବା ପକ୍ଷୀକୁ ଜଣା ନ ଥିଲା
ହୀରାଖଣ୍ଡରେ ଜଳବନ୍ଧ ନିର୍ମାଣ ହେବ ।
ଜାଣିଥାଆନ୍ତା ତେବେ, ଗଛ କୋରଡ଼ରେ କାଲି ଜନ୍ମିଥିବା
ଶାବକ ଛୁଆକୁ ନେଇ ଆକାଶରେ ଉଡ଼ି ଚାଲି ଯାଇଥାନ୍ତା ।
ପକ୍ଷୀ ଦେଖିଥିଲା ଗଲା ରାତିରେ
ପୁରୁଷ ପୁରୁଷ ରଢ଼ି-ରବି ଥିଲେ ।
ଜାଣିଥାନ୍ତା ତାହା ରଢ଼ି ନୁହେଁ କ୍ରନ୍ଦନ
ଥଇଥାନ ପାଇ ଯାଉଥିବା ଲୋକଙ୍କ କୋହ ।
ତେବେ ସେ ନିଶ୍ଚୟ ଶାବକ ଛୁଆଁକୁ
ନେଇ ଉଡ଼ିଚାଲି ଯାଇଥାନ୍ତା ଆକାଶକୁ ।
ଜଳବନ୍ଧ ନିର୍ମାଣ ହେବ
ସହ ସହ ଲୋକଙ୍କ ଲୋତକ ଝରେଇ ।
ପୂର୍ବ ପିଢ଼ି- ସମ୍ପତ୍ତି ଆଦି ଇତ୍ୟାଦି
ପ୍ରତି ବଦଳରେ କିଛି ଟଙ୍କା ଓ ଖାଦ୍ୟର ସାମଗ୍ରୀ ଦେଇ ।
କିଏ ବିକ୍ରି ହୋଇସାରିଛି ପୂର୍ବ ପୁରୁଷଙ୍କ ପାଖରେ
ଆଉ କିଏ ପୁଣି ବିକ୍ରି ହୋଇଛି ଗୌତିଆ ପାଖରେ ।
ଅନ୍ତସତ୍ତ୍ୱା ସ୍ତ୍ରୀ କାନ୍ଦିପାରେ ନାହିଁ
କିଏ ଜାଣେ ଦୁଃଖ ପାଖରେ ସୁଖ ହଜି ଯାଇପାରେ ?
ବୃଦ୍ଧ ଅଜା ଖଟରୁ ଉଠି କହିବସେ ସମାଧି ଦେଇ ଦିଅ ।
ପୁଣି କହିବ ସେ ମା' ପିତା ପାଖକୁ ନେଇ ଯାଅ ।
ପିତା ପାଇଁ ପୁତ୍ର ଏଠି ସମାଧିରେ ଯିବ
ଆଜିକାର ସତ୍ୟ ଆଉ ଛିଣ୍ଡାଇ ନ ପାରିବ ।

ସାଳେକେଲା, ନୂଆପଡ଼ା, ମୋ. ୯୬୬୮୭୪୧୮୫୮

କାନ୍ତକବି ଜୟଗାନ

ସୁବ୍ରତ ମିଶ୍ର



କାନ୍ତକବି, ଜ୍ୱଳନ୍ତ ତୁମ ନାମ,
କଲମରେ ଗଢ଼ିଲ, ଆମ ମାଟିର ଗାନ ।
ଶବ୍ଦରେ ସଜାଇଲ ଜୀବନର ଚିତ୍ର,
ସତ୍ୟ ଓ ସଂସ୍କୃତିର ତୁମେ ଶ୍ରେଷ୍ଠ ଦୂତ ।

ମାଟିର କଷ୍ଟରେ ଖୋଜିଲ ଅମୃତ,
ପ୍ରାଣ ଦେଲ କବିତାରେ ଖୋଲିଲା ନୂଆ ପ୍ରଥା ।
ତୁମେ ହେଲ ବାଣୀର ଦୀପଶିଖା,
ତମ କଥାରେ ପ୍ରତିଘୋଷିତ ହୁଏ ଜୀବନର ପ୍ରତିଟି କଥା ।

ତୁମରି ଶବ୍ଦ, ଆଜି ମଧୁର ଗୀତ ପରି,
ଆନନ୍ଦ ଓ ଅଭିମାନ ରେଖା ହୋଇଯାଇ ।
କାନ୍ତକବି, ତୁମ ଚିନ୍ତା ଏଠି ଜୀବନର ଆଲୋକ,
ଆମ ହୃଦୟରେ ସଦା ହିଁ ରହିବ ତୁମ ପ୍ରଭୋକ ।

ତୁମ ଗାନରେ ଜୀବନ ହୋଇଲା ସଫଳ,
ତୁମ ଉପଦେଶରେ ଆଜି ଓଡ଼ିଆ ମାଟି ସଫଳ ।
କାନ୍ତକବି, ତୁମ ମହିମା ଅସୀମିତ ସର୍ବଦା,
ତୁମ ଉଦ୍ଦେଶ୍ୟରେ ଆମ ଅର୍ପଣ ନିତ୍ୟ ।

ତିହିଡ଼ି
ମୋ. ୮୨୪୯୨୫୯୯୦୫

ଏମିତି କିଛି କଥା ନାହିଁ

ପ୍ରତିଭା ପରିଡ଼ା



ଏମିତି କିଛି କଥା ନାହିଁ ଯେ,
ସବୁ ସ୍ୱପ୍ନ ମାଟି ଛୁଉଁଥିବ...
ସବୁ ଫୁଲର ବାସ୍ନା ମହକୁଥିବ ରଙ୍ଗ ମାଖି,
ତୃଣୀର ସବୁତକ ତୀର ନିଜ ନିଜ ଲକ୍ଷ୍ୟ ଭେଦୁଥିବ....
ଏମିତି କିଛି କଥା ନାହିଁ ଯେ,
ସବୁ ବାଜି ଖେଳିବାକୁ ହେବ...
ସବୁ ଜିତିବାରେ ଅଭିମାନ ଆଉ ମରିବାରେ
ସବୁଥର ଅବସାଦ ଭୋଗିବାକୁ ହେବ...
କିଏ ଜାଣେ କେତେବେଳେ କାହା ପାଳି ପଡ଼ିଯିବ
ଅବା ଆଉ କେଉଁ ସର୍ତ୍ତର ଭାଷା ସାମ୍ନାରେ ପଢ଼ିବାକୁ ହେବ...
ଗୋଟିଏ କଥା ହିଁ ଲେଖାଥାଏ ମହାକାଳ ଅଇନାରେ,
ଏଠି ଜିଇଁବାକୁ ହେବ...
ସକଳ ବିଶ୍ୱାସଘାତ ଅନ୍ଧଗଳି ଓ ନିଆଁର ବୃତ୍ତରେ ରହି
କେବଳ ଜିଇଁବାକୁ ହିଁ ହେବ...
ହାତମୁଠା ରେ ସାଉଁଟି ନେବାକୁ ହେବ
ଚିକ୍ ଚିକ୍ ଆଶ୍ୱାସନା ଡାଳପତ୍ର,
ଉଙ୍କିମାରୁଥିବା ଶିହରଣ ସବୁକୁ
ଛାତି ତଳେ ସଜାଡି ରଖିବାକୁ ହେବ....
କୋଳେଇ ନେବାକୁ ହେବ ବିଷାଦ ଯୋଗର ମୁହୂର୍ତ୍ତକୁ
ଏକ କୋମଳ ଅଭିମାନରେ,
କପାଳରେ ଜିଇଁବାର ଚିତ୍ର ଆଙ୍କୁ ଆଙ୍କୁ
ଆପଣା ଯାତ୍ରାର ଲଗ୍ନ ଆପେ ଆପେ ଲେଖା ସରିଥିବ....

ପାର୍କ ପାରାଡାଇଜ କଲୋନୀ, ରଘୁନାଥପୁର,
ନନ୍ଦନକାନରୋଡ଼, କିଟ୍ ଛକ, ଭୁବନେଶ୍ୱର
ମୋ. ୮୯୧୭୬୦୩୪୪୨

ଘାସଫୁଲ ...

ନୀଳମଣି ଚାନ୍ଦ



ଦୂର୍ବାଦଳ ଶିରେ ହୋଇଛି ଶୋଭିତ ଶାୟିତ ଭୂମିର ପରେ
'ଘାସଫୁଲ' ନାମ ଏମିତି ସୁମନ ପଡ଼େ କେବେ ନଜରରେ ।

ଧରାପରେ ଥାଇ ଯିଏରେ ଦେଖେଇ ନୀଳ ନଭ ରୂପକାନ୍ତି
କାକର, ମୁରୁଜ ପରଶେ ଲଭଇ ସିଏରେ ସ୍ୱର୍ଗୀୟ ଶାନ୍ତି
ହୋଇନି ବୋଲିରେ ରଜନୀଗନ୍ଧା ସେ ଦୁଃଖ କରେନି ତ ଥରେ ।


ଦେବାଳୟ ଯିବା ସଉଭାଗ୍ୟ ଯା'ର ଜୀବନରେ ଜୁଟେ ନାହିଁ
କୁସୁମ ହାରି କି ପୁଷ୍ପଗୁଚ୍ଛଟିରେ ଭୂମିକା ତାହାର ନାହିଁ
ହେଉ ପଛେ କ୍ଷୁଦ୍ର ସ୍ରଷ୍ଟାର ସୃଷ୍ଟି ଭାବି ମନେ ତୋଷ ଭରେ ।

ନ ଥାଉ ତା ପାଖେ ପଙ୍କଜ ପାଖୁଡ଼ା, ଚନ୍ଦ୍ରମଲ୍ଲୀର ବାସ
କ୍ଷୁଦ୍ର ବୋଲିରେ ନ ଲଭୁ ସିଏ ତ ମାନବର ପରିହାସ
'ସୁନ୍ଦର ଦିଶୁ' ସମ୍ବୋଧନରେ ସତେ ତା' ଦୁଃଖ ତ ସରେ ।

୨୭, ମନ୍ତ୍ରମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯,
ମୋ. ୯୫୮୩୨୦୨୩୫୭

ବିଷ୍ଣୁ ସେଠୀଙ୍କ ସ୍ମରଣେ

ବିଜୟ କୁମାର ଜେନା





ହେ' ବନ୍ଧୁ
କିଏ କହୁଛି ତୁମେ ଦୂରରେ ?
ତୁମେ ତ ପାଖରେ ବସି କଥା ପୂଉଁଛ ।

ନଖ ଅଗରେ ତମେ
ଜଳରେ ପ୍ରତିବିମ୍ବ ତମେ
ଅଇନାରେ ପ୍ରତିଛବି ଦୁଃଖ ଜଳ ଜଳ
ପୁଣି ଦୂରନ୍ତ ଦୃଷ୍ଟିର ମରୁ-ମାଳଝରେ ତମେ ।

ବୟାଅଶି, ତୁମେ ଅଜ୍ଞାତ ବାସରେ,
ରବିକର ମେସ୍
ଅଫେରନ୍ତା କୋଠରୀ ବରସେ କାଳ ।
ସଂଜ ନଏଁ,
ହାତ ଧରାଧରି ଚିତ୍ ସାଳନ୍ଦୀ ବାଲିରେ
ଦିଆନିଆ ଅନ୍ତର୍ବେଦନାର ଦୀର୍ଘଶ୍ୱାସ
ହୁଏତ୍ ଏବେ ତାହା ସ୍ମୃତି ହସେ ।

ସଂଜରେ ଭୋକ
ବାହାରେ ଦି, ଗଉଣିଆ ଗାଙ୍ଗୁଲା
ମୁଡ଼ି, ଚୁଡ଼ା ସାଙ୍ଗକୁ ଗୋଡ଼ି ପିଆଜ,
ଲଙ୍କାଲୁଣ,
ଜୀବନ ଧାଏଁ, ଜୀବନ ଧାଏଁ,
ଧାଏଁ...ଧାଏଁ...ଧାଏଁ...
ଆମ ସରୁ ବାଙ୍କିଆ କପାଳୀ
ବଣ ବଣୁଆ ତଟ
ଅବା ମଙ୍ଗଳାପଦାର ଘାସଫୁଲର
ମୃଦୁ ବାସ୍ନାରେ
ଶିଶିର, ବିଜୟ, ବସଂତ, ବିଦ୍ୟାଧର
ଛାତିକୁ-ଛାତି, ମୁଠାକୁ-ମୁଠା
ଲଣୁନ ଆଲୁଅରେ
ଚାଲିଯାଆନ୍ତି ଜଗନ୍ନାଥ, ବିଶ୍ୱଗୁରୁ
ଜୀବନାନନ୍ଦ, ରମାକାନ୍ତ, ସୀତାକାନ୍ତ
ଏମିତି ପୃଷ୍ଠା ବନ୍ଦ ହୋଇଯାଏ
ଅଧ ହୁଏ....
ହୃଦୟରେ ଜାକି ରଖେ ।
ହେ ବନ୍ଧୁ.....

ଚୁନିଦା, ଭଦ୍ରକ
୯୬୬୮୭୧୨୩୪୧

ଅପରେସନ୍ "ସିନ୍ଦୂର"

ଆଦିକନ୍ଦ ରାମ

ପତିହରା ପତ୍ନୀ ତମେ
କାନ୍ଦ ଆହୁରି କାନ୍ଦ ତମେ
ଏ ତ କାନ୍ଦିବାର ବେଳ
କନ୍ଦେଇ ଦେଲା କାଶ୍ମୀର ଆତଙ୍କ
ଏ ଆର୍ତ୍ତ ଚିତ୍କାରକୁ ଶୁଣନ୍ତୁ ସିନ୍ଦୂରାମୁଖୀ ଓ
ଦେଖନ୍ତୁ ପାର୍ବତ୍ୟ ଇଲାକା ପୁଣି ଦେଖ
ପୋଛି ଦେଲା ସିନ୍ଦୂର
ଭାଙ୍ଗି ଦେଲା ଶଙ୍ଖା ।
ଏ ରକ୍ତ ସିନ୍ଦୂର ପ୍ରବାହିତ ଶୀରା ପ୍ରଶରାରେ
ଆତଙ୍କି କଣ ବୁଝିପାରିବ
ଏ ସିନ୍ଦୂରର ମହତ୍ତ୍ୱ ମହାନତାକୁ ?
ଏ ହିନ୍ଦୁ ନାରୀ ସାବିତ୍ରୀକୁ ପଚାର
ସେ କହିବ ଏ ସିନ୍ଦୂର ବିନ୍ଦୁ ମଥାରେ
ପୂର୍ଣ୍ଣିମା ଇନ୍ଦୁର ଉଜ୍ଜ୍ୱଳତା
ତେଣୁ ଏ ଅପରେସନ୍ ସିନ୍ଦୂରର ସୃଷ୍ଟି
ପେହେଲ ଗାଓଁ ର ପ୍ରତିଶୋଧ
ଦେଖକି ଭାବ ପ୍ରବଣତା ଓ
କ୍ରୋଧର ଉଦ୍ଦାମତ ।
ଯେଉଁ ଦେଶ ଆତଙ୍କିଙ୍କୁ ପୋଷେ
ସେ କି ବୁଝିବ
କ୍ରାନ୍ତି କବିତା ।
ବୁଝେଇ ଦିଏ ସିନ୍ଦୂର ବିନ୍ଦୁ ସିନ୍ଧୁଚୁକ୍ତିର
କେତେ ଶୋଷ କେତେ ଉଲଟତା
ହାତରେ ନ ମାରି ଭାତରେ ମାରି
ମୁହଁ ତୋଡ଼ ଜବାବ ଦିଏ
ଭାରତୀୟ ସେନା
ଗୁଳିଗୋଳାର କେତେ ପ୍ରଖରତା ।
କୁହହେ କାଶ୍ମୀର ।

ତମେ ଭାରତର ଭୂସ୍ୱର୍ଗ ନା ଯମପୁର
ତମେ ନର୍କ ବଣ ନା ନିର୍ବାଣ
ତମେ ଜହ୍ଲାଦଙ୍କ ଭୋକିଲା ପେଟ
ଆତଙ୍କି ଙ୍କ ନାଟ
ସତେ କିବା ତମେ ମୃତ୍ୟୁଘାଟ ?
ଯଦିଓ ପ୍ରକୃତିର ଅନିନ୍ଦ୍ୟ ସୁନ୍ଦରୀ ତମେ
ବରଫର ଚାଦର ତଳେ
ରହିଥିବ ଆଉ କେତେ ଦିନ ଏ ରକ୍ତମୁଖ
ଛଦ୍ମବେଶୀ ହୋଇ ?
ବାରମ୍ବାର ବିଫଳଏ ଶାନ୍ତିରବାର୍ତ୍ତା
ବିବାଦ ନାମରେ ବିସ୍ଫୋରଣ ସାଜି
ଲେଖିଚାଲ କଳଙ୍କିତ ଇତିହାସ
ଯୁଦ୍ଧଠାରୁ ଭୟାନକ
ଏ ଘୋଷିତ ଯୁଦ୍ଧର ଦର୍ପ ଓ ଦହନ
ତେଣୁ ଏ ଦେଶର ଦୌପଦୀ ଚାହେଁ
ଶତ୍ରୁଙ୍କ ରକ୍ତରେ ବେଣୀ ସଂହାର ।
ବୁଲେ ସୁଦର୍ଶନ ରୋକେ ପାକ୍‌ଅସ୍ତ୍ର
ମିଶାଇଲ, ଡ୍ରୋନ, ଜେଟ୍, ରାଫେଲ
ଭାରତର ବହ୍ମସ୍ ଅସ୍ତ୍ର ପ୍ରୟୋଗରେ
ଦେଖାଏ ଯୁଦ୍ଧର ପାରଦର୍ଶିତା ।
ଧର୍ମ କଣ ରକ୍ତର ସୂତ୍ରପାତ
ଧର୍ମ କଣ ଆତଙ୍କୀଙ୍କ ଅଭ୍ୟୁଦୟ
ଅଧର୍ମ ଉପରେ ଧର୍ମର ବିଜୟ
ପାକ୍‌କୁ କରେ ପରାସ୍ତ
ଏବେ ଗଣକି ପ୍ରମାଦ ନଇଁଯାଏ ମାଥ
କହନ୍ତୁ ସେମାଧିକାରୀ ସୋଫିଆ
ନାରୀ ଖୁସିର ଫୁଲ
ରାଗିଲେ ପନିକି
ତେଣୁ ଚାହେଁ ଭାରତମାତା
ଶାନ୍ତି ଓ ସୁରକ୍ଷା
ଜୟ ତ୍ରିରଙ୍ଗା ଜୟ ସିନ୍ଦୂର
ଏ ମାଟିରେ ଫୁଟଉଠେ
ରକ୍ତର ଗୋଲାପ
ସେନା ଦିଏ ସହୀଦଙ୍କୁ
ଗାର୍ଡ ଅଫଅନର
ଏହା ହିଁ ଦେଶର ଶ୍ରଦ୍ଧାଞ୍ଜଳି
ଚାହେଁ ମାନରକ୍ଷା ।

ଫକୀରପୁର, କେନ୍ଦୁଝର



ଆର୍ଯ୍ୟ ଦାସର ଆତ୍ମଲିପି

ସୂର୍ଯ୍ୟବଂଶୀ ସୂରଜ

ଦେବୀତ୍ୱ ପ୍ରାପ୍ତ ହୁଅନ୍ତୁ ଦେବୀମାନେ

ଶୂନ୍ୟତାର ଅପରିସୀମ ଶକ୍ତିରୁ ଦେବୀ ସମ୍ଭୂତା । ସେ ଆଦ୍ୟସୃଷ୍ଟିର ପ୍ରଣବ ଧ୍ୱନି । ତାଙ୍କର ଛାୟାରୁ ମାୟା ଓ ଶିବଙ୍କ ଉତ୍ପତ୍ତି । ଆଦିକବି ସାରଳାଙ୍କ ଭାଷାରେ "ଆଦି ସମ୍ଭୂତ ହୋ ଶୂନ୍ୟ ନିରଂଜନ / ନିରଂଜନରୁ ଶକ୍ତି ହେଲା ଉତପତ" । ଏହି ଆଦିଶକ୍ତି ସର୍ବଶକ୍ତିର ଆଧାରଭୂତା । ସୃଷ୍ଟି, ସ୍ଥିତି, ବିନାଶର ପ୍ରତୀକ ଓ ପ୍ରତ୍ୟୟ ଆଦ୍ୟାଶକ୍ତି । ବେଦ, ଉପନିଷଦ୍, ପୁରାଣ, ଦେବୀ ଭାଗବତ ଆଦି ଗ୍ରନ୍ଥ ତାଙ୍କର ସ୍ତବଗାନ କଲାବେଳେ ନିର୍ବାକ୍ ଓ ନିଃସ୍ପନ୍ଦ ହୁଅନ୍ତି । ସନାତନୀ ପରମ ଆରାଧ୍ୟା ମା' ଦୁର୍ଗା ଶାସ୍ତ୍ର ଓ ଲୌକିକତାର ମନୋମୟ ସମ୍ମିଶ୍ରଣ । ଆଗମ, ନିଗମର ସେ ବିବେକାନୁମୋଦିତ ଉପାସନାର ଅସରନ୍ତି ଆସ୍ଥାପୀଠ । ବେଦ ଓ ଉପନିଷଦ୍‌ରେ ତାଙ୍କର ରୂପ ଧାତ୍ରୀ ଭାବରେ ଓ ସୂର୍ଯ୍ୟଙ୍କୁ ପ୍ରକାଶିତ କରୁଥିବା ଅନନ୍ତ ଶକ୍ତି ରୂପେ ଚିତ୍ରିତ କରାଯାଇଛି । ଦେବୀ ପ୍ରକାଶର ପ୍ରାଣପିଣ୍ଡ ।

ମା' ଜଗତ୍‌ଜନନୀଙ୍କର ଉପାସନାର ଭିତ୍ତି ଭିନ୍ନ ଓ ଅନନ୍ୟ । ତାଙ୍କର ଅଚିନ୍ତ୍ୟ ଚିନ୍ମୟ ସ୍ୱରୂପ ସଦା ଆନନ୍ଦମୟୀ । ସେ ଦଶଭୂଜା, ଅଷ୍ଟଭୂଜା, ଷଡ଼ଭୂଜା ପରି ବିଭିନ୍ନ ରୂପରେ ଅବତରିତା । ମା' ଦୁର୍ଗା ପ୍ରେମମୟୀ, କରୁଣାମୟୀ, ଶକ୍ତିମୟୀ ଓ ପରମ ଆହ୍ଲାଦମୟୀ । ପ୍ରକୃତି ଓ ପରମର ମହାମିଳନର ସେ କର୍ତ୍ତ୍ରୀ । ଶରଦ ଋତୁରେ ତାଙ୍କ ମହିଷାମର୍ଦ୍ଦିନୀ ରୂପ ହୃଦୟକୁ ଦ୍ରବୀଭୂତ କରେ । ତାଙ୍କ ଆଗମନୀର ପଦଧ୍ୱନିରେ ମୁଖରିତ ହୁଏ ଜନମନ । ଗୋଟିଏ ପଟେ ପ୍ରକୃତିର ବର୍ହିଆକାଶରେ ଶୁଭ୍ର ମେଘମାଳା, କାଶକୁସୁମ କାଶତଣ୍ଡୀର ବିଭୋରତା, ନିର୍ମଳ ଚନ୍ଦ୍ରରଜନୀର ମଧୁରତା; ଅନ୍ୟପଟେ ଅର୍ନ୍ତପ୍ରକୃତିରେ ଅସୁମାରୀ ରାଗ, ରସ, ରୂପ ଓ ଛନ୍ଦର ପସରା । ଦେବୀ ଆଗମନୀର ଆଲୋକ ବାର୍ତ୍ତା ।

ସେ ଅନନ୍ତ ଶ୍ରୀ ବିଭୂଷିତା, ଜ୍ୟୋତିସ୍ୱରୂପାଙ୍କ ଅର୍ଚ୍ଚନାରେ ତନ୍ମୟ ତଲ୍ଲୀନ ହେବାର ବାର୍ତ୍ତା । ଏହି ବାହ୍ୟ ଓ ଅନ୍ତଃଚେତନାର ମିଶ୍ରଣରେ ଶ୍ରେଷ୍ଠ ପୁରୁଷିଙ୍କ ଆବାହନ । ଜଡ଼ତ୍ୱକୁ ପରିହାର କରି ଚୈତନ୍ୟର ବ୍ୟାପ୍ତି ପାଇଁ ଦେବୀ ଅବତୀର୍ଣ୍ଣ ଧରାପୃଷ୍ଠରେ । କେବଳ ମହିଷାସୁରର ବଧ ପାଇଁ ନୁହଁ, ମହୀର କଲ୍ୟାଣ ତାଙ୍କର କାମ୍ୟ । ପରମ କଲ୍ୟାଣମୟୀ, କରୁଣାର ଅବାରିତ ବାରିଧାର ମା' ଦେବୀଙ୍କ ପାଇଁ ସବୁଠି ଆନନ୍ଦର ହିଲ୍ଲୋଳ । ସେ ହିଁ ସୃଷ୍ଟିର ନିୟମ, ନିୟାମକ । ଶକ୍ତିଙ୍କ ବିନା ଶିବ ବି ତ ଶବପରି । ଶାକ୍ତ ଦର୍ଶନ ଅନୁସାରେ ସଂସାରର ସର୍ବୋଚ୍ଚ ଶକ୍ତି ତାଙ୍କଠାରେ ଠୁଳ । ମା' ଦୁର୍ଗା ବୁଦ୍ଧି, ସିଦ୍ଧି, ସଂଗ୍ରାମ ଓ ବିଜୟର ଅଧିଶ୍ୱରୀ । ମା' ଦୁର୍ଗା ସବୁ ବିକାରର ଉର୍ଦ୍ଧ୍ୱରେ । ସେ ସତ୍, ଚିତ୍, ଆନନ୍ଦର ସମୁଜ୍ଜଳ ଜ୍ୟୋତିପୁଞ୍ଜ ।

ସବୁ ନାରୀ ଶକ୍ତିମୟୀ, ଜ୍ୟୋର୍ତିମୟୀ ଓ କରୁଣାମୟୀ : ଦେବୀ ଦୁର୍ଗାଙ୍କ ଗୁଣର ପ୍ରତିନିଧି । ତାଙ୍କୁ କିଏ କେଉଁ ନାମରେ ଡାକିଲେ ବି ସେ ଗୋଟିଏ ନାମ ଯଥେଷ୍ଟ; ମା' । ଦଶମହାବିଦ୍ୟା, ତନ୍ତ୍ରର ତାରା, ଭୈରବୀ, କାଳୀ ଆଦି ସୁବିସ୍ତୃତ ଦେବୀ ପରଂପରାରେ ମାତୃତତ୍ତ୍ୱ ଓ ସୃଜନତତ୍ତ୍ୱ ଅନ୍ତର୍ନିହିତ । 'ଏକୋହଂ ବହୁସ୍ୟାମ୍'ର ସେ ପ୍ରାଣବନ୍ତ ଉଚ୍ଚାରଣ । ସେ କେବଳ ପୂଜାବିଧି ଓ ଉପାସନାରେ ସୀମିତ ରହୁଥିବା ଦେବୀ ନୁହଁନ୍ତି; ଜୀବନଦାୟିନୀ, ପ୍ରାଣଦାୟିନୀ ଓ ପ୍ରେରଣାଦାୟିନୀ ମଧ୍ୟ । ଶାରଦୀୟ ନବଦିନାତ୍ମକ ପୂଜାରେ ତାଙ୍କର ନବଦୁର୍ଗା ରୂପ ବେଶ୍ ପ୍ରଣିଧାନଯୋଗ୍ୟ । ନବଦୁର୍ଗା କେବଳ ଆରାଧନାର ବିଷୟ ନୁହଁନ୍ତି, ବଂଚିବାର ଅଲଂଘ୍ୟ ଆକର୍ଷଣ । ତାଙ୍କରି ପ୍ରେରଣା, ଦର୍ଶନ, ଆଚରଣ, ବିଚାର ସାଂପ୍ରତିକ ସମାଜ ଓ ବ୍ୟକ୍ତିଙ୍କ ପାଇଁ ମାର୍ଗ ଦେଖାଉଥିବା ଆଲୋକସ୍ତମ୍ଭ । ଶୈଳପୁତ୍ରୀ ଭାବରେ ମା' ସ୍ଥିରତା, ଦୃଢ଼ତାର ପ୍ରତୀକ; ମୌଳିକ ଶକ୍ତିର ମୂଳାଧାର । ବ୍ରହ୍ମଚାରିଣୀ ରୂପରେ ସେ ଶୁଦ୍ଧ, ପୂତ, ଜପ, ଜ୍ଞାନ ପ୍ରବୀଣା, ମହାବିଦୂଷୀ, ଆତ୍ମସଂଯମତାର ପ୍ରତୀୟରୂପା । ଚନ୍ଦ୍ରଘଣ୍ଟା ରୂପେ ସେ ଶାନ୍ତ, ଶୀଳ ଓ ସାହସର ପରିଚାୟକ । କୁଷ୍ମାଣ୍ଡା ରୂପେ ରଚନା ଓ ସର୍ଜନାର ପ୍ରାଣପିଣ୍ଡ । ସ୍କନ୍ଦମାତା ଭାବରେ ମାତୃତ୍ୱ, ସନ୍ତାନ ବତ୍ସଳତା ଓ ଅମୃତ ପ୍ରଦାୟିନୀ ଭାବେ ଖ୍ୟାତ । କାତ୍ୟାୟନୀ ରୂପେ ଦେବୀ ଯୁଦ୍ଧରେ ବିଜୟା ଓ ଶତ୍ରୁସଂହାରକାରିଣୀ, ନ୍ୟାୟ ପ୍ରଦାୟିନୀ ରୂପେ ପରିଚିତା । କାଳରାତ୍ରି ରୂପେ କାଳ, ସମୟ ସବୁ ଦେବୀଙ୍କ ଅଧିନ । ମହାଗୌରୀ ରୂପେ ଦେବୀ ଶୁଦ୍ଧତା ଓ ସମାବେଶୀ ଚିନ୍ତନର ଜନନୀ । ଶିବପ୍ରାପ୍ତିର ସେ ମହତ୍ତର ଉଚ୍ଚାରଣ; ଅନିର୍ବାଣ ଦୀପଶିଖା । ଶେଷରେ ସେ ଚଉବର୍ଗ ଫଳ ପ୍ରଦାନ କରୁଥିବା, କରୁଣାର କମନୀୟ ଆଶ୍ଳେଷ ମା' ସିଦ୍ଧିଦାତ୍ରୀ । ଦେବୀଙ୍କ ନବଦୁର୍ଗା ରୂପ କେବଳ ସାଂକେତିକ ନୁହେଁ, ବରଂ ଜୀବନଚକ୍ରକୁ ଦର୍ଶାଉଥିବା, ମୂଲ୍ୟବୋଧ ଆଡ଼କୁ ବାଟ କଢ଼ଉଥିବା ଦୃଷ୍ଟି କହିଲେ ଠିକ୍ ହେବ । ଏସବୁ ଆଚରଣରେ ଓ ଉଚ୍ଚାରଣରେ ଉତାରିବାର ଆବଶ୍ୟକତା ରହିଛି । ଶକ୍ତିର ସନ୍ତୁଳନରେ ଜୀବନ ମହୀୟାନ ହୁଏ, ଦେବୀଙ୍କ ରୂପ ଗୁଣରୁ ତା'ର ସୂଚନା ମିଳେ ।

କେବଳ ପୌରାଣିକ ବିଷୟରେ ସୀମିତ ନୁହେଁ ଦେବୀଙ୍କ ମହିମା, ବ୍ୟାପ୍ତି । ଏହାର ବାସ୍ତବ୍, ପ୍ରୟୋଗାତ୍ମକ ଦିଗ ସାଂପ୍ରତିକ ସମୟରେ ବେଶ୍ ଉପଯୋଗୀ । ମାତୃଶକ୍ତିର ବନ୍ଦନ, ଅର୍ଚ୍ଚନ, ଶ୍ରଦ୍ଧା ଓ ଅଭିନନ୍ଦନ ଯୁଗେ ଯୁଗେ ସଭ୍ୟ ସମାଜର ଇପ୍ସିତ କାର୍ଯ୍ୟଧାରା ଭିତରୁ ଅନ୍ୟତମ । ଦେବୀଙ୍କ ସାହସ, ଶୌର୍ଯ୍ୟ, ଅତୁଳିତ ପରାକ୍ରମ ଓ ଅଦମନୀୟ ବଳ ଆଧୁନିକ ସମାଜର ପୁରୁଷ ଓ ନାରୀଙ୍କ ପ୍ରତି ପ୍ରେରଣା । 'ଅପରେସନ୍ ସିନ୍ଦୂର' ଏହି ବିଚାରକୁ ସର୍ବାଗ୍ରେ ରଖିବାରେ ସଫଳ ହୋଇଛି । ପଡ଼ୋଶୀ ଦେଶର ଆତଙ୍କବାଦୀ ଆକ୍ରମଣରେ ଶହୀଦ୍ ହୋଇଥିବା ମା', ଭଉଣୀଙ୍କ ସିନ୍ଦୂର, ସୋହାଗର ରକ୍ଷା ପାଇଁ ଏ ଅପରେସନ୍ ଓ ପ୍ରତିଶୋଧକୁ ପ୍ରବଳ କରିବାର ଅଭିଯାନ ଏହାର ଲକ୍ଷ୍ୟ । ସିନ୍ଦୂର ଏଠି ଅସହାୟ ନୁହେଁ- ଆତ୍ମୀୟତାର ଅନ୍ତରଙ୍ଗ ଉଚ୍ଚାରଣ । ସେଦିନ ମା' ସୀତାଙ୍କର ମଥାରେ ସିନ୍ଦୂର ଦେଖି ଆଶ୍ରମର ପରିଚାରିଣୀ, ଅନୁକମ୍ପା ମାତା ଆଦି ବିହ୍ୱଳିତ ହୋଇଉଠିଥିଲେ । ସ୍ୱଭାବକବିଙ୍କ ଭାଷାରେ-

'ଲଳିତ ଦିଶୁଛି ଲଲାଟେ ତା'ର ସିନ୍ଦୂର ବିନ୍ଦୁ
ମୁଖ କମଳକୁ ହୋଇଛି ଯେହ୍ନେ ପୂର୍ଣ୍ଣିମା ଇନ୍ଦୁ ॥'

ସିନ୍ଦୂର ଏଠି ଭାରତୀୟତାର, ମାତୃତ୍ୱର, ସଂସ୍କୃତିର, ପ୍ରେମର ଓ ମାତୃସତ୍ତାର ମହନୀୟ ମହାମନ୍ତ୍ର । ନାରୀର ସିନ୍ଦୂର ଦେଶ ପାଇଁ ଅମୂଲ୍ୟ । ବୈବାହିକ ଜୀବନର ସଂକେତ ଭିତରେ ତାହା ଆବଦ୍ଧ ନୁହେଁ, ଏହା ସନାତନୀ ସଂସ୍କୃତିର ସୁମଧୁର ସୁରତାନ । ଅପରେସନ୍ ସିନ୍ଦୂର ମାଧ୍ୟମରେ ଭାରତୀୟ ସେନା କେବଳ ବଳିଦାନ ଦେଇଥିବା ମା' / ଭଉଣୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇନାହାଁନ୍ତି ବରଂ ମାତୃଶକ୍ତିର ସମର୍ପଣକୁ ସାର୍ବଜନୀନ କରିଛନ୍ତି । ଆନନ୍ଦର ବିଷୟ, ଏ ଅପରେସନରେ ଦୁଇ ନାରୀ ଅପ୍ରତିମ ସାହସିକ ପରାକାଷ୍ଠାର ପ୍ରଦର୍ଶନ କରିଛନ୍ତି । ନାରୀ ଅବଳା ନୁହେଁ, ଦୁର୍ବଳା ନୁହେଁ କି ଲତାପରି ନୁହେଁ, ସେ କାଳୀ, ଦୁର୍ଗାର ଉତ୍ତରାଧିକାରିଣୀ । ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂ ଓ କର୍ଣ୍ଣେଲ ସୋଫିୟା କୁରେସୀ ଏହି ଅବିନାଶି ଅନନ୍ତ ବଳ ବିକ୍ରମର ସମର୍ଥ, ସାର୍ଥକ ପ୍ରତିନିଧି । ସେମାନେ ପରାକ୍ରମର ପୁରୁଷାନୁକ୍ରମିକ ଧାରାକୁ ଭାଙ୍ଗିଛନ୍ତି । ଲିଙ୍ଗଗତ ବୈଷମ୍ୟକୁ ଅସ୍ୱୀକାର କରି ସେନାର ନେତୃତ୍ୱ ନେଇ ପ୍ରତ୍ୟକ୍ଷ ଯୁଦ୍ଧରେ ସାମିଲ୍ ହୋଇଛନ୍ତି । ସମର୍ପଣ, ସାହସ, ଦେଶପ୍ରେମର ଅବିକଳ୍ପ ବିକଳ୍ପ ଭାବେ ଦଣ୍ଡାୟମାନ ହୋଇଛନ୍ତି । ଏହି ଉର୍ଜ୍ଜା, ସାହସ କେବଳ ଭାରତୀୟ ଦୁର୍ଗାମାନେ ହିଁ କରିପାରନ୍ତି । କେବେ ଅହଲ୍ୟାବାଇ ରୂପରେ ତ କେବେ ଲକ୍ଷ୍ମୀବାଇ ଭାବରେ ସେମାନେ ଦେଖାଇ ଦିଅନ୍ତି ନାରୀଶକ୍ତିର ଅସୀମତାର ରୂପ ବୈଚିତ୍ର୍ୟ । ଭାରତର ରକ୍ଷାରେ ସେମାନେ ହୁଅନ୍ତି ବଦ୍ଧପରିକର । ରାଷ୍ଟ୍ରୀୟ ପ୍ରତିରକ୍ଷା, ସାମରିକ କୁଶଳତା, ସାହସିକ ଯୁଯୁତ୍ସୁ ପଣ ଓ ମାନସିକ ଦୃର୍ଦ୍ଦଶତା ଯେ ନାରୀଙ୍କ ଅଗମ୍ୟ ଇଲାକା ନୁହେଁ, ଏହା ସେମାନେ ପ୍ରମାଣିତ କରିଛନ୍ତି ।

ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂ ୨୦୦୪ରେ ଯୋଗଦେଇଥିବା ବାୟୁସେନା ଅଧିକାରୀ । ଭାରତୀୟ ବାୟୁସେନାର ଏଲିଟ୍ ମାଷ୍ଟର ଗ୍ରୀନ୍‌କାର୍ଡ଼ ପାଇବାରେ ପ୍ରଥମ ମହିଳା । ଲଢୁଆ ବିମାନର ଗତିକୁ ନଭରୁ ପୃଥିବୀ ଯାଏ କ୍ଷିପ୍ରଗତିରେ ନିୟନ୍ତ୍ରଣ କରୁଥିବା ଅଧିକାରୀ ବ୍ୟୋମିକା ସିଂ । ତାଙ୍କର କର୍ମ ଓ କୃତି ଅନ୍ୟମାନଙ୍କ ପାଇଁ ଉଡ଼ିବାର ଡେଣା; ବାଧାବିଘ୍ନକୁ ଅତିକ୍ରମି ଅଲଂଘ୍ୟ ଲଂଘିବାର ଅଭିଯାନ । ଠିକ୍ ସେହିପରି କର୍ଣ୍ଣେଲ୍ କୁରେସୀ ବିଶ୍ୱବ୍ୟାପୀ ସାମରିକ ଅଭ୍ୟାସରେ ପୁରୁଷ ସେନାର ନେତୃତ୍ୱ ନେଉଥିବା ପ୍ରଥମ ଭାରତୀୟ ମହିଳା । ଏଠି ହାର୍ ମାନିଛି ଜାତି, ଧର୍ମ, ବର୍ଣ୍ଣ, ବୟସ ଓ ଲିଙ୍ଗଗତ ବୈଷମ୍ୟ । ଏ ଦୁଇ ନାରୀ କେବଳ ସାମରିକ ପୋଷାକରେ ଯୋଦ୍ଧା ନୁହଁନ୍ତି ବରଂ ପ୍ରକୃତ ବୀରାଙ୍ଗନା । ରାଷ୍ଟ୍ରର ସୁରକ୍ଷା ତାଙ୍କ ପାଖରେ ସୁରକ୍ଷିତ ।

ପୌରାଣିକ ଶକ୍ତିର ଅବତାରଣାରୁ ଆରମ୍ଭ କରି ଅପରେସନ୍ ସିନ୍ଦୂର ଯାଏଁ : ନାରୀ ସଶକ୍ତିକରଣ କେବଳ ଏକ ସ୍ଲୋଗାନ୍‌ରେ ପରିଣତ ନ ହୋଇ ନୂତନ ଦିଗ ଓ ଦିଶା ଲାଭ କରିଛି । ଏହା ଆମ ସମାଜ ପାଇଁ ଗର୍ବ କରିବାର ବିଷୟ । ଯେମିତି ମା' ଦୁର୍ଗା ସମସ୍ତ ଦେବଦେବୀଙ୍କ ଶକ୍ତି, ଅସ୍ତ୍ର, ଶସ୍ତ୍ର ଓ ପୁଂଜିଭୂତ ଶକ୍ତିର ଆଧାର ନେଇ ଆବିର୍ଭୂତା ଠିକ୍ ସେମିତି ଆଜିର ନାରୀ ଦକ୍ଷତା, ଦୃଢ଼ତା, ସାହସ, ସଂକଳ୍ପ, ଶିକ୍ଷା ଓ ସମର୍ପଣକୁ ପାଥେୟ କରି ଅଗ୍ରସର ହେଉଛି । ସେ ସବୁକ୍ଷେତ୍ରରେ ହେଉ ଅପରାଜିତା । ନେତୃତ୍ୱ ନେଉ । ଅନ୍ୟାୟ, ଅତ୍ୟାଚାରର ବିନାଶ କରୁ । ଦେବୀ ଯେମିତି କଠିନ ସମୟରେ ଅବତୀର୍ଣ୍ଣ ହୋଇ ଦୁଃସ୍କୃତିର ସଂହାର କରିଥିଲେ, ଶାନ୍ତି ପ୍ରତିଷ୍ଠା କରିଥିଲେ; ଆଜିର ନାରୀ ତାହା କରିବାରେ ସକ୍ଷମ ହେଉ । ଦୁଷ୍ଟର ଦମନ ଓ ଅତ୍ୟାଚାରର ପ୍ରତିବାଦ କରୁ ଆଜିର ଦୁର୍ଗା । ସମାବେଶୀ, ସହଭାଗୀ ଚିନ୍ତନର ପରିଚାୟକ ଭାବେ ଆଜିର ନାରୀ ସବୁ କଷ୍ଟ, ଯାତନାକୁ ଲଂଘନ କରି ନିଜେ ଶକ୍ତିମୟୀ ହୋଇଉଠୁ ।

'ଘାସଫୁଲ'ର ଶାରଦୀୟ ସଂଖ୍ୟା ଏହି ଧ୍ୱନିରେ ପ୍ରକମ୍ପିତ ହେଉ - ନାରୀ ରକ୍ଷାକର୍ତ୍ତୀ ପାଲଟୁ - ସମାଜର କବଚ ହେଉ । ଯୋଦ୍ଧା ହେଉ, ସିନ୍ଦୂର ଖେଳରେ ମଗ୍ନ ରହି ଆନନ୍ଦ ମନାସୁ । ଏ ସୃଷ୍ଟି ତା'ର ଅସୀମତା ଭିତରେ ଅସରନ୍ତି ଉର୍ଜାକୁ ଖୋଜୁ । ଦୁର୍ଗାପୂଜା ପରି ଉତ୍ସବ , ବିଚାରରେ ଶୁଦ୍ଧତା ଆଣୁ ଓ ସାଧନାର ସ୍ୱାକ୍ଷରକୁ ସୁଦୂରପ୍ରସାରୀ କରୁ । ଦେବୀ ଯେମିତି ପ୍ରେରଣା, ପ୍ରୋତ୍ସାହନ, ଶକ୍ତି ଓ ପୁଲକର ଉଦାହରଣ ଠିକ୍ ସେମିତି ଆମ ଗାଁର, ସମାଜର ଦେବୀମାନେ ଅନ୍ତର୍ନିହିତ ଦେବୀତ୍ୱ ଖୋଜନ୍ତୁ, ପାଆନ୍ତୁ । ସାହିତ୍ୟ ଏହି ଦେବୀତ୍ୱକୁ, ଶକ୍ତିତତ୍ତ୍ୱକୁ ଖୋଜିବାରେ ସହାୟକ ହେଉ । 'ଘାସଫୁଲ'ର ଏହି ପାର୍ବଣ ସଂଖ୍ୟା ସେହି ସଂଗ୍ରାମର, ଜୟଯାତ୍ରାର, ଉର୍ଦ୍ଧ୍ୱାୟନର ଓ ଉତ୍ତରଣର ଧ୍ୱଜା ଉଡ଼ାଉ ।

❐